ଉତ୍କଳ-ସାହିତ୍ୟ ।

—:o:—

ସପ୍ତମ ଭାଗ ।

୧୩୧୦—୧୩୧୧ ସାଲ ।

ଶ୍ରୀ ବିଶ୍ୱନାଥ କର କର୍ତ୍ତୃକ ସମ୍ପାଦିତ ।



PRINTED AT THE UTKAL SAHITYA PRESS.

Cuttack.

1904.

ବାର୍ଷିକ ମୂଲ୍ୟ ଡାକମାସୁଲ ସହିତ ୪ ୵ ୧



ସ୍ୱର୍ଗୀୟ ଡବ୍ଲିଉ ସ୍ପ୍ରୋଷ୍ଟନ୍ କେଇନ୍ ।

ଜନ୍ମ—୧୮୪୨ ଖ୍ରୀଃ ମାର୍ଚ୍ଚ ୨୬ ତାରିଖ । ମୃତ୍ୟୁ—୧୯୦୩ ଖ୍ରୀଃ ମାର୍ଚ୍ଚ ୧୭ ତାରିଖ ।

ଉକ୍ତ ମହୋଦୟ ଅମାୟିକ, ସଦାଳାପୀ, ଦୟାର୍ଦ୍ର ହୃଦୟ, ପର-ଦୁଃଖକାତର ଓ ପରହିତବ୍ରତରେ ଅକ୍ଳାନ୍ତ ପରିଶ୍ରମୀ ଥିଲେ । ତାଙ୍କର ଅଦମ୍ୟ ଚେଷ୍ଟାରେ ପୃଥିବୀର ଲକ୍ଷ ଲକ୍ଷ ନର ନାରୀ ସୁରାପାନ ତ୍ୟାଗକରି ନବଜୀବନ ଲାଭ କରି ଅଛନ୍ତି । ସେ ଭାରତର ଜଣେ ଅକୃତ୍ରିମ ବନ୍ଧୁ ଥିଲେ । ଈଶ୍ୱର ତାଙ୍କ ଆତ୍ମାର କଲ୍ୟାଣ କରନ୍ତୁ ।

Kallikote Estate Press, Kambha.



ଖଲ୍ଲିକୋଟ ଏବଂ ଅଷ୍ଟଦୁର୍ଗାଧୀଶ୍ୱର

ମହାରାଜା ଶ୍ରୀ ହରିହର ମର୍ଦ୍ଦରାଜ ଦେବ ।

ମହାରାଜା ମହୋଦୟ ବ୍ରହ୍ମପୁର କଲେଜର ରକ୍ଷାକଳ୍ପେ ଏକକାଳୀନ ଏକଲକ୍ଷ ଟଙ୍କା ଦାନକରି ଉତ୍କଳରେ ଅସାମାନ୍ୟ ଦାନଶୀଳତାର ଦୃଷ୍ଟାନ୍ତ ସ୍ଥଳ ହୋଇଅଛନ୍ତି । ଏତଦ୍ଭିନ୍ନ କଲେଜର ଉନ୍ନତି କଳ୍ପେ ମଧ୍ୟେ ମଧ୍ୟେ ଅନେକ ଟଙ୍କା ବ୍ୟୟ କରିଥାନ୍ତି । ତାଙ୍କର ଦାନଶୀଳତା ଏବଂ ଉଦ୍ୟୋଗିତା ହେତୁ ଗଞ୍ଜାମ ଜାତୀୟ ସମିତିର ଅଧିବେଶନ ସୁଗୁରୁରୂପେ ସମ୍ପାଦିତ ହୋଇ ଉତ୍କଳର ହିତସାଧନର ସୂତ୍ରପାତ ହୋଇଅଛି । ଉକ୍ତ ମହୋଦୟ ଉତ୍କଳର ମଙ୍ଗଳ କାମନାରେ ପ୍ରେସ୍ ସ୍ଥାପନ କରି ଦୁଇଖଣ୍ଡି ପତ୍ରିକା ଏବଂ ନାନାବିଧ ଓଡ଼ିଆ ପୁସ୍ତକ ପ୍ରକାଶର ସୁବିଧା କରି ଦେଇଅଛନ୍ତି ଏବଂ ସେ ବ୍ରହ୍ମପୁର ଟାଉନହଲର ପ୍ରତିଷ୍ଠାତା ଏବଂ "ଉତ୍କଳ ସାହିତ୍ୟ"ର ଜଣେ ପ୍ରଧାନ ପୃଷ୍ଠପୋଷକ ।

Kallikote Estate Press, Rambha.

ଉତ୍କଳ-ସାହିତ୍ୟ

ଆମ କଥା ।

'ଉତ୍କଳ ସାହିତ୍ୟ' ଅଷ୍ଟ ତ୍ରିଂଶତ୍ ଅନେକ ବର୍ଷ ବର୍ଷରେ ପଦାର୍ପଣ କଲା । ଗୋଟିଏ ଗୋଟିଏ ବର୍ଷ ଆମ୍ଭମାନଙ୍କ ପକ୍ଷରେ ଗୋଟିଏ ଗୋଟିଏ ଯୁଗ। ଆମ୍ଭମାନଙ୍କର ଏ ଉକ୍ତି ସାଧାରଣ-ଅନୁଭୂତ ନୋହିପାରେ; ଯାହା ସାଧାରଣ ଚକ୍ଷୁରେ ଅତି ସାମାନ୍ୟ, ଅତି ହେୟ, ଆମ୍ଭମାନଙ୍କ ନିକଟରେ ତାହା ଅତି ଗୁରୁତର, ଅତି ପବିତ୍ର । ଲେଖକର କାର୍ଯ୍ୟ କେତେ କଠିନ, କେତେ ଗୁରୁଦାୟିତ୍ୱପୂର୍ଣ୍ଣ, ଏହା ସମ୍ୟକ୍‌ରୂପେ ଅନୁଭବ କଲେ ଅନେକ ସମୟରେ ଲେଖାଲେଖି ଅସମ୍ଭବ ହୋଇ ପଡ଼େ । ହୃଦୟର ପ୍ରତ୍ୟେକ ଭାବ ଓ ପ୍ରତ୍ୟେକ ନିଜକୁ ପୁଙ୍ଖାନୁପୁଙ୍ଖରୂପେ ଅନ୍ୱେଷଣା ନ କରି, ତାହାର ପ୍ରତ୍ୟେକ କଥାକୁ ତୁଳାଦଣ୍ଡରେ ପକାଇ ତାହାର ମୂଲ୍ୟ ନିରୂପଣ ନ କରି କୌଣସି ବିଷୟ ଲେଖିବାକୁ ଗଲେ ଘୋର ପ୍ରତ୍ୟବାୟଭାଗୀ ହେବାକୁ ପଡ଼େ । ଅନ୍ୟ ସାଧନର ଅଗଣ୍ୟ ଦୂରେ ଥାଉ, ପାଠକର ବହୁମୂଲ୍ୟ ସମୟକୁ ନଷ୍ଟ କରିଦେଲେ ଅପବ୍ୟୟ କରାଇବାରେ ତୁମ୍ଭର ବା ମୋହର କି ଅଧିକାର ଅଛି ? ଯଦି ସହସ୍ର ସହସ୍ର ବ୍ୟକ୍ତିଙ୍କ ମଧ୍ୟରୁ ଅନ୍ତତଃ କେତେଜଣଙ୍କୁ ଟିକିଏ ହେଲେ ଉନ୍ନତି ମାର୍ଗକୁ ଉଠାଇବାର ସମ୍ଭାବନା ନ ଥାଏ, ତେବେ ଲେଖକର ଅସାର ପ୍ରଳାପ ଗ୍ରହଣ କରିବା କି ଘୋର ବିଡ଼ମ୍ବନା ନୁହେଁ ? କିନ୍ତୁ ଗୋଟାଏ କିଛି ଉଦ୍ଦେଶ୍ୟ ସାଧନ କରିବା ଅଥବା ସାଧାରଣଙ୍କୁ ଟିକିଏ ଆମୋଦ ପ୍ରଦାନ କରିବା ଲେଖକର କାର୍ଯ୍ୟ ନୁହେ — ଏହା ଅତି ଅଳ୍ପ ଆୟାସରେ ସାଧିତ ହୋଇପାରେ ଏବଂ ଏଥିରେ ଦାୟିତ୍ୱ ମଧ୍ୟ କିଛି ନାହିଁ । ପ୍ରକୃତ ଲେଖକ, ଯେ ସେ ସାଧାରଣଙ୍କ ନିକଟରେ ନିଜକୁ ଆଦର୍ଶ ସ୍ଥାପନ କରିବେ — ସମାଜର ଉନ୍ନତିର ପଥ ପରିଷ୍କାର କରିବେ — ସାହିତ୍ୟ ଭିତରେ ହେଉ ବା ଅନ୍ୟ ଭିତରେ ହେଉ ସମାଜକୁ ଲକ୍ଷ୍ୟ ପଥରେ କ୍ରମାଗତ ଅଗ୍ରଗାମୀ କରାଇବେ । ସାହିତ୍ୟର ଶ୍ରେଷ୍ଠତମ ପ୍ରକାଶରେ ଏହି ଭାବ ଜାଗ୍ରତ ଓ ବଦ୍ଧମୂଳ ନ ହେଲେ, ମାନବୋନ୍ନତିର ସର୍ବୋଚ୍ଚ ଆଦର୍ଶ ସର୍ବଦା ସମ୍ମୁଖରେ ନ ରଖିଲେ, ସମାଜକୁ ସେହି ଆଦର୍ଶର ଅନୁଗାମୀ କରିବାକୁ ପ୍ରାଣପଣ ଯତ୍ନ ନ ଥିଲେ, କେହି ଯଥାର୍ଥ ଲେଖକ ହୋଇ ନ ପାରେ । ଯେ ଏହି ଆଦର୍ଶକୁ ବର୍ଜିତ ସେ ଲେଖକ-ପଦବାଚ୍ୟ ନୁହେ ଏବଂ ଯାହା ଏହି ଆଦର୍ଶାନୁଯାୟୀ ଗଠିତ ନୁହେ ତାହା ଯଥାର୍ଥ ସାହିତ୍ୟରୂପେ ପରିଗଣିତ ହୋଇ ନ ପାରେ । ଏଥିପାଇଁ ସର୍ବାଦୌ ପ୍ରୟୋଜନୀୟ; ତେଣିକି କାର୍ଯ୍ୟକ୍ଷେତ୍ରରେ ସଫଳତାର ପରିମାଣ ଶକ୍ତି ଓ ସାଧନା ଉପରେ ନିର୍ଭର କରେ । ଶକ୍ତି ଥାଇ ହେବା ଉପଯୁକ୍ତ ସାଧନ ଅଭାବରୁ ତାହା ସମ୍ୟକ୍ ଫଳବତୀ ହୋଇ ପାରେ ନାହିଁ । ସୁତରାଂ ଭାବି ଦେଖନ୍ତୁ, ଲେଖକ ହେବା କି କଠିନ କାର୍ଯ୍ୟ । ଏହି ପ୍ରତିନିୟତ ସଂଘାତକ୍ଷେତ୍ରରେ ଚତୁର୍ଦ୍ଦିଗର କ୍ଷୁଦ୍ର କ୍ଷୁଦ୍ର ଆଦର୍ଶ ଓ ସାମାଜିକତା ମଧ୍ୟରେ ଲକ୍ଷ୍ୟ ସ୍ଥିର ରଖି ଲେଖକର କର୍ତ୍ତବ୍ୟ ସାଧନ କରିବା ବଡ଼ ବିଷମ ବ୍ୟାପାର । ଏହିତ ବ୍ୟକ୍ତିଗତ ଲେଖକଙ୍କ ଦାୟିତ୍ୱରେ, ଏହି ଉପରେ ପୁଣି ସମ୍ପାଦକଙ୍କ ଦାୟିତ୍ୱ ! ବିଭିନ୍ନରୁଚିବାଦୀ ଏବଂ ବିଭିନ୍ନରୁଚିବିଶିଷ୍ଟ ବହୁ ବ୍ୟକ୍ତିଙ୍କ ଲେଖା ସଂଗ୍ରହ କରି ତନ୍ମଧ୍ୟରୁ ଭଲ ମନ୍ଦ ବାଛି ସାଧାରଣ ପାଠକବର୍ଗଙ୍କ ନିକଟରେ ଉପସ୍ଥିତ କରିବା

ଜାତିର କେତେ ଦୂର ଚେତନାର ପ୍ରୟୋଜନ, ତାହା ବୁଦ୍ଧିମାନ୍ ପାଠକ ମାତ୍ରକେ ଅନୁମାନ କରି ପାରୁଥିବେ । ଏଠାରେ ମଧ୍ୟ ପୂର୍ବୋକ୍ତ ଆଦର୍ଶ ନିରନ୍ତର ସମ୍ମୁଖରେ ଥିବା ଏକାନ୍ତ ଆବଶ୍ୟକ; ଏଠାରେ ମଧ୍ୟ କଠୋର ଶକ୍ତି-ସାଧନାର ଏକାନ୍ତ ପ୍ରୟୋଜନ ! ବର୍ତ୍ତମାନ ଏହି ଆଦର୍ଶ ଏବଂ ଶକ୍ତି-ସାଧନାର ଦିଗ ସମ୍ମୁଖରେ ରଖି ଯଦି ଉତ୍କଳ-ଭୂମି ଏବଂ ଉତ୍କଳୀୟ ଲେଖକମାନଙ୍କ ପ୍ରକୃତ ଅବସ୍ଥା ସୂକ୍ଷ୍ମରୂପେ ଆଲୋଚନା କରି ଦେଖିଲେ ଗଭୀର ନିରାଶା ଆସି ପ୍ରାଣକୁ ଗ୍ରାସ କରେ । ଏହି ଚିନ୍ତାରେ ଆମ୍ଭମାନଙ୍କ ହୃଦୟ ମନ ସର୍ବଦା ଅବସନ୍ନ । ସକଳ ବିଭାଗରେ ଆମ୍ଭମାନଙ୍କର ଯାହା କିଛି ଉଦ୍ୟମ ବା ଚେଷ୍ଟା ଲକ୍ଷିତ ହେଉଅଛି, ତାହା ପ୍ରଧାନତଃ ଅନୁକରଣ ମାତ୍ର—ପ୍ରେରଣାର ଲକ୍ଷଣ ସେଥିରେ ପ୍ରାୟ ଦୃଷ୍ଟ ହେଉ ନାହିଁ । ଜାତୀୟ ଜୀବନର କୌଣସି ଆଦର୍ଶ ସମ୍ମୁଖରେ ନାହିଁ, ପ୍ରେରଣା ଆସିବ କାହୁଁ ? ଉତ୍କଳଭୂମି ଜାତୀୟତାର ସର୍ବପ୍ରକାର ଉପାଦାନ ହରାଇ ନିତାନ୍ତ ନିଃସମ୍ବଳ ହୋଇ ରହିଅଛି । ଇତିହାସରୁ ଏବଂ ଲୋକମୁଖରୁ ଯେଉଁ ପୂର୍ବ-ଗୌରବର ବୃତ୍ତାନ୍ତ ଆମ୍ଭେମାନେ ପାଉଅଛୁ ତାହା ସହିତ ଆମ୍ଭମାନଙ୍କର ସମ୍ବନ୍ଧ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇ ଯାଇଅଛି । ବିଦୂର ଯାଇଅଛି, ବିନା ଧ୍ୱଂସ ପଡ଼ିଅଛି । ବିନାଶେ ଟିକିଏ ଅଧେ ଯାହା ବାକି ରହିଥିଲା, ତାହା ମଧ୍ୟ ଚତୁର୍ଦ୍ଦିଗର ଝଞ୍ଜା-ବାୟୁଦ୍ୱାରା ଅପସାରିତ ହୋଇଅଛି । ତାକୁ ଆଉ ହଲଚଲ କଲେ ଗନ୍ଧ କାହୁଁ ମିଳିବ ? ପୂର୍ବର ସେହି ପ୍ରତାପଶାଳୀ ପ୍ରଭୁବର୍ଗ କାହାର ବଂଶଧର ଆମ୍ଭେମାନେ, ଏ ଧାରଣା ସହଜରେ ହୋଇ ପାରୁ ନାହିଁ । ଅତୀତ ସହିତ ଆମ୍ଭମାନଙ୍କର ସମ୍ବନ୍ଧ ଏହିପରି । ବର୍ତ୍ତମାନ ସହିତ ମଧ୍ୟ ସମ୍ୟକ୍ ପରିଚୟ ଘଟି ନାହିଁ । ହସ୍ତରେ ଧରିବାକୁ କିଛି ହେଲେ ବି ନାହିଁ । କେବଳ ସେପରି ଶୂନ୍ୟକୁ ଆଲିଙ୍ଗନ କରିବାକୁ ଯୋଡ଼ାଏ ଅର୍ଦ୍ଧ-ନିଦ୍ରାଭିଭୂତ ଚେଷ୍ଟାହୀନ ହସ୍ତ ପ୍ରସାରିତ ହେଉଅଛି । ଏଥିରେ କିପରି ଜାତୀୟ ଜୀବନ ଗଠନର ଆଶା କରାଯାଇ ପାରେ ? ଏହି ସମସ୍ତ ଦେଖି ଶୁଣି ଭାବି ଅନୁଭବ କରୁ ଆମ୍ଭେମାନେ ଅନେକ ସମୟରେ ନିଜ ଜୀବନର ସ୍ଥିର ଲକ୍ଷ୍ୟଭୂମି ଅବଧାରଣ କରିବାକୁ ଅକ୍ଷମ ହୋଇ ପଡ଼ୁଅଛୁ । ଗୁରୁ ଗୁରୁ ହଠାତ୍ ଚମକି ପଡ଼ି ଚତୁର୍ଦ୍ଦିଗ ନିରୀକ୍ଷଣ କରି କର୍ତ୍ତବ୍ୟ-ବିମୂଢ଼ ହୋଇ ଅଛୁଁ । ଜୀବନର କେଉଁ ଅଂଶ ସତ୍ୟ କେଉଁ ଅଂଶ ପ୍ରହେଳିକା, କେଉଁଟି କାର୍ଯ୍ୟ କେଉଁଟି ଅକାର୍ଯ୍ୟ, କେଉଁ ଅଂଶ ସ୍ୱପ୍ନ କେଉଁ ଅଂଶ ଜାଗରଣ, କେତେ ଭାଗ ଜୀବନ କେତେ ଭାଗ ମୃତ୍ୟୁ କିଛି ସ୍ଥିର କରି ପାରୁ ନାହୁଁ । ଜୀବନଟା କେବଳ ଧାର୍ଦ୍ଦିଟୋପି, କେବଳ ପାଗଳଖାନାର ଲୀଳାଭୂମି ହୋଇଅଛି ! ନିକଟରେ କେହି ନାହାଁନ୍ତି ଯେ ପଦେ ଅଧେ ଆଶାପ୍ରଦାୟୀ ଶୁଣାଇ ବ୍ୟାକୁଳ ବିହ୍ୱଳ ପ୍ରାଣଟାକୁ ସୁସ୍ଥିର କରିବ, ବା ଦୁର୍ବଳ ହସ୍ତ ଧରି ଦୁଇ ଚାରି ପଦ ଅଗ୍ରସର କରି ଦେବ । ପଦେ ଅଧେ ମନକଥା କହି ଟିକିଏ ହୃଦୟଭାର ଲଘୁ କରିବାକୁ ସ୍ଥାନ ଖୋଜି ପାଇବା ଦୁଷ୍କର । ଯେ ଯାହାର ଆପଣା ଭାବରେ ମଗ୍ନ—କିଏ କାହା ଆଡ଼କୁ ଅନାଉଅଛି—କିଏ କାହା କଥା ଶୁଣୁଅଛି ! ଦୋଷ ଦେବି କାହାକୁ ? କାହିଁକି ଏ ଦେଶଟାର ଏପରି ଅବସ୍ଥା ଘଟିଲା ? କିଏ କହି ପାରିବ ? ପ୍ରତିକାରର ମାର୍ଗ ବା କିଏ ଦେଖାଇ ଦେବ ? ସାହିତ୍ୟ ଯେଉଁ ଆମ୍ଭମାନଙ୍କର ଜାଗ-ବାର, ଲେଖକଙ୍କୁ ଯେଉଁ ଆମ୍ଭମାନଙ୍କର ପ୍ରସଙ୍ଗ ଅଗମ୍ୟ, ଆମ୍ଭେମାନେ ଏତେ କଥା ଆଉ ପାଗଳ-ପରି ବକୁଅଛୁଁ କାହିଁକି ? କାରଣ ପ୍ରଦର୍ଶନ କରିବାକୁ ଆମ୍ଭେମାନେ ଅକ୍ଷମ । ଆମ୍ଭେମାନେ ଦେଖୁଅଛୁଁ ଜାତୀୟ ଜୀବନର ସର୍ବ ପ୍ରକାର ଉପାଦାନ ଅନ୍ତର୍ହିତ ହୋଇଅଛି—ଜାତୀୟତାର ସର୍ବବିଧ ଲକ୍ଷଣ ତିରୋହିତ ହୋଇଅଛି—ଅଛି କେବଳ କେତେଗୁଡ଼ାଏ ଅସ୍ଥିପଞ୍ଜର !

ତେବେ ଏ ଅବସ୍ଥା ମଧ୍ୟରେ ଆମ୍ଭମାନଙ୍କର ଆଶା କେଉଁଠାରେ ? କଣ ଚିରଦିନ ଓଡ଼ିଆଜାତି ଅନ୍ଧ ପର୍ଯ୍ୟନ୍ତ ଓଡ଼ିଆ ରହିଅଛନ୍ତି ? ବିଚ୍ଛିନ୍ନ, ବିଭିନ୍ନ, ନାନାପ୍ରତିକୂଳ ଅବସ୍ଥାର ସଂଘର୍ଷଣରେ ନିଷ୍ପେଷିତ ଓଡ଼ିଆ କେବଳ ଗୋଟିଏ କ୍ଷୀଣ ସୂତ୍ରରେ ପ୍ରାଚୀନ ସଙ୍ଗରେ ବାନ୍ଧି ରହିଅଛି—ଗୋଟିଏ ସୂକ୍ଷ୍ମ ଆଲୋକ-ରେଖା ଯାହା ଭବିଷ୍ୟତ ଅତୀତକୁ ଅନାଗତ ଅଛି । ସେ ସୂତ୍ର, ସେ ରେଖା କେବଳ ଆମ୍ଭର ଜାତୀୟ ଭାଷା, ଜାତୀୟ ସାହିତ୍ୟ । ଏହାହିଁ ତାହାର ସ୍ୱାତନ୍ତ୍ର୍ୟର ପ୍ରଧାନ ହେତୁ—ଜାତୀୟତାର ପ୍ରଧାନ ଭିତ୍ତି । ଏହି ନ ଥିଲେ ଓଡ଼ିଆ ଆଜି ବିଭିନ୍ନ ପ୍ରବଳ ଜାତିମାନଙ୍କ ସହିତ ଏକୀଭୂତ ହୋଇ ତଥାପି ଜାତୀୟ ଜୀବନର ନିମ୍ନ ସ୍ତରରେ ଅବସ୍ଥାନ କରୁଥାନ୍ତା ଏବଂ ବର୍ତ୍ତମାନ ନାନାପ୍ରକାର ଘୃଣା ଓ ଅବଜ୍ଞା ମଧ୍ୟରେ ଯେ ବେଳେ ବେଳେ ତାହାର ଟିକିଏ ଆତ୍ମଜ୍ଞାନର ଅସ୍ପଷ୍ଟ ଆଭାସ ଲକ୍ଷିତ ହେଉଅଛି, ତାହା ସମ୍ପୂର୍ଣ୍ଣ ବିଲୁପ୍ତ ହୋଇ ଯାଇଥାନ୍ତା । ଯେବେ କୌଣସି କାଳେ ସେ ପ୍ରେରଣା ଲାଭ କରେ ତେବେ ଏହି ସୂତ୍ରରେ ଏବଂ ଏହି ଆଲୋକ-ରେଖା ଧରି ହିଁ ପାଇବ; ଏତିକି ଆମ୍ଭମାନଙ୍କର ଆଶା । ଆମ୍ଭେମାନେ ନିଜର ଶକ୍ତି ସାମର୍ଥ୍ୟ ତଥା ଭାବ ସର୍ବଦା ସଙ୍କୁଚିତ, ପ୍ରତି-କୂଳ ଅବସ୍ଥାର ସଂଘର୍ଷଣରେ ନିଷ୍ପେଷିତ; ନୀଚ ଈର୍ଷାଦ୍ୱେଷର ଅଧ୍ୟାଘାତରେ ପ୍ରପୀଡ଼ିତ, ସ୍ୱାର୍ଥର ପ୍ରବଳ ତାଡ଼ନାରେ ଜର୍ଜରିତ; ଆମ୍ଭମାନଙ୍କ ଦ୍ୱାରା ଜାତୀୟ ଜୀବନ-ସୂତ୍ର ଦୃଢ଼ତର ହେବ—ଜାତୀୟ ଅନେକ ଉଜ୍ଜ୍ୱଳତର ହେବ, ଏ ଦୁରାଶା ଆମ୍ଭେମାନେ ପ୍ରାଣରେ ପୋଷଣ କରି ନାହୁଁ । ସେଥିପାଇଁ ପ୍ରବଳ ଶକ୍ତିର ପ୍ରୟୋଜନ—[illegible] ସ୍ୱାର୍ଥତ୍ୟାଗର ପ୍ରୟୋଜନ । ସେ ଶକ୍ତି କାହିଁ ? ସେ ଦୃଷ୍ଟାନ୍ତ କେଉଁଠାରେ ? କେବେ ତାହା ପ୍ରକାଶିତ ହେବ—ଏ ବିଧାତା ପୁରୁଷଙ୍କ ଏହା ଛଡ଼ା ଜଣା । ତେବେ ସେ କ୍ଷୀଣ ସୂତ୍ର ଧରି, ସେ ଅସ୍ପଷ୍ଟ ଆଲୋକଅତୀତକୁ ଅନାଇ ପଡ଼ି ରହିବାରେ ଯେ ଗୋଟିଏ ଅନିର୍ବଚନୀୟ ସୁଖ ଅଛି ତାହାହିଁ ଆମ୍ଭମାନଙ୍କ କ୍ଷୁଦ୍ର ଜୀବନର ଲକ୍ଷ୍ୟ ଏବଂ ଆମ୍ଭେ-ମାନେ କିଛିମାତ୍ର କାର୍ଯ୍ୟ ସାଧନରେ ଅକ୍ଷମ ହେଲେହେଁ ସେ ସୁଖର ଅଧିକାରୀ । ସ୍ୱଦେଶ-ସେବା ବା ସାହିତ୍ୟସେବାର ମହୋଚ୍ଚ ଅଧିକାର ଆମ୍ଭେମାନେ କେବେ ଦାବି କରୁ ନାହୁଁ—କରିବୁ ନାହିଁ । କେବଳ ସେହି କ୍ଷୀଣ ସୂତ୍ର ଧରି ସେହି ଆଲୋକ ପ୍ରତି ସ୍ଥିର ଦୃଷ୍ଟି ରଖି ପଡ଼ି ରହିଥିବୁ, ଏତିକି ଆଶା ଓ ଆକାଂକ୍ଷା । ବିଧାତା ଆଶୀର୍ବାଦ କରନ୍ତୁ—ଆମ୍ଭମାନଙ୍କର ହିତୈଷୀ ବନ୍ଧୁବର୍ଗ ଆଶୀର୍ବାଦ କରନ୍ତୁ, ଏହି ଆଶା ଏବଂ ଆକାଂକ୍ଷା ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ପ୍ରବଳ ରହୁ । ଆଜି 'ଉତ୍କଳସାହିତ୍ୟ'ର ନବ ବର୍ଷର ପ୍ରାରମ୍ଭରେ ମଙ୍ଗଳମୟ ବିଧାତାଙ୍କ ଶ୍ରୀଚରଣ ତଳେ ହୃଦୟର ଭକ୍ତି ଓ କୃତଜ୍ଞତା ଅର୍ପଣ କରି ଏବଂ ଶ୍ରଦ୍ଧେୟ ଲେଖକ, ଗ୍ରାହକ ଓ ପାଠକଙ୍କୁ ସାଦର ଅଭିବାଦନ କରି ସ୍ୱକାର୍ଯ୍ୟରେ ପ୍ରବୃତ୍ତ ହେଉଅଛୁଁ ।

ଅପୂର୍ବ ମିଳନ ।

ଏକତ୍ରିଂଶ ପରିଚ୍ଛେଦ ।

ସନ୍ଧି ପ୍ରସ୍ତାବ—ଚତୁରେ ଚତୁର୍ଗୁଣ ।

କାଟୋୟାଠାରେ ଭାସ୍କର ପଣ୍ଡିତଙ୍କ ତମ୍ବୁ ମଧ୍ୟରେ ନବାବପ୍ରେରିତ ଦେବାନ ଜାନକୀ ରାମ ପଞ୍ଚ ହଜାରୀ ମନସବଦାର ସର୍ଦ୍ଦାର ଖାଁ ଏବଂ ସ୍ୱୟଂ ଭାସ୍କର ପଣ୍ଡିତ ତିନି ଜଣ ବସି ସନ୍ଧି ସମ୍ବନ୍ଧରେ କଥୋପକଥନ କରୁଅଛନ୍ତି । ଅନେକ ତର୍କ ବିତର୍କ ଅନେକ ବାଦାନୁବାଦ ଅନେକ କଥୋପ-କଥନ ପରେ ଜାନକୀ ରାମ କହିଲେ—ଦେଖିବା ହେଉ ପଣ୍ଡିତଜୀ, ମୁଁ ହିନ୍ଦୁ । ହିନ୍ଦୁ

ଧ୍ୱଂସ କରି ସନ୍ଧି କରିବା ଭଲ । ଯାହାହେଉ । ଆପଣଙ୍କୁ ମୁଁ ନବାବ ସାହେବଙ୍କ ବିଶ୍ୱାସଭାଜନ ଜାଣି, ଏଥିରୁ ସେମାନଙ୍କର ସ୍ୱାର୍ଥ ପ୍ରତି ଦୃଷ୍ଟି ରଖି କାର୍ଯ୍ୟ କରିବା ଯାହା ମୋ ପକ୍ଷରେ ଅବଶ୍ୟ-କର୍ତ୍ତବ୍ୟ । ବର୍ତ୍ତମାନ ମୁଁ ନିଜକୁ ପକ୍ଷର ମଙ୍ଗଳ-ସାଧନ ନିମିତ୍ତ ପ୍ରତି ଦୃଷ୍ଟି ରଖି ବୋଲୁଛି ମିଳନ ସର୍ବାଂଶରେ ଶ୍ରେୟଃପ୍ରଦ ଅଟେ । ବିଚାର କରି ଦେଖନ୍ତୁ, ଏହି ବିଷୟରେ ବରଂ ଆପଣଙ୍କ ପକ୍ଷରେ ଅଧିକତର ଲାଭର ସମ୍ଭାବନା । ସ୍ଥଳରେ ନିଷ୍ଠିତ ଲାଭ ଭାଗ୍ୟବାନ ଧର୍ମାତ୍ମାଙ୍କୁ ଅନିଶ୍ଚିତ ଲାଭ ପ୍ରୟୋଗ କରିବା ଶ୍ରୀମାନଙ୍କ ପରି ଲୋକ ପକ୍ଷରେ କଦାଚ ଅନୁମୋଦନୀୟ ନୁହେଁ । ନବାବ ସାହେବଙ୍କ ପକ୍ଷରୁ ସନ୍ଧି ପ୍ରସ୍ତାବର ଉଦ୍ଦେଶ୍ୟ ଆପଣଙ୍କ ପରି ଶ୍ରୀମାନ ଲୋକମାନେ ସଠିକ ବ୍ୟାଖ୍ୟା କରିବା ନିଷ୍ପ୍ରୟୋଜନ । ବର୍ତ୍ତମାନ ଯୁଦ୍ଧରେ ଉଭୟ ପକ୍ଷର ବଳାବଳ ଉଭୟ ପକ୍ଷରେ ଅବିଦିତ ନାହିଁ । ଏ କ୍ଷେତ୍ରରେ ଆପଣ ସହଜରେ ଅନୁଭବ କରି ପାରନ୍ତି କି ସମ୍ମାନଜନକ ସନ୍ଧି ବାଞ୍ଛନୀୟ । ଅଧିକନ୍ତୁ ପରାଜୟ କେବଳ ବଳାବଳ ପ୍ରତି ନିର୍ଭର କରେ ନାହିଁ । ଭଗବାନଙ୍କ ଇଚ୍ଛା ଉପରେ ନିର୍ଭର କରେ । ଆପଣଙ୍କ ବର୍ତ୍ତମାନ ଦେଶର ଯେ ପ୍ରକାର ଅବସ୍ଥା, ଜୟ ପରାଜୟ ଉଭୟରେ ତୁମ୍ଭ ମୁକ୍ତି ଶ୍ରୀମାନଙ୍କ ହେବ । ବଙ୍ଗଦେଶ ଆଜିକାଲି ବେଶ ପଡ଼ୁଛି, ଅଥଚ କଣ୍ଟକିତ ଯୁଦ୍ଧ କେବଳ ବନ୍ୟ ଜନ୍ତୁର ବାସୋପଯୋଗୀ ହୋଇ ପଡ଼ିବ । ବିଜିତ ବିଜୟ ଲକ୍ଷ୍ୟ ହସ୍ତଗତ ହେବା କଳ୍ପନା ମାତ୍ର । ଆପଣଙ୍କ ପରି ନବାବ ସାହେବ ମଧ୍ୟ ପ୍ରଥମରେ ସନ୍ଧିର ପକ୍ଷପାତୀ ନ ଥିଲେ । ଅନ୍ୟମାନେ ପ୍ରକୃତ ଘଟଣା ବୁଝାଇ ଦେବାରୁ ସମ୍ପ୍ରତି ବିଷୟ ତାଙ୍କର ହୃଦୟଙ୍ଗମ ହେଲା ।

ଯାହା ହେଉ, ଉପଯୁକ୍ତ ସ୍ଥାନାଭାବ ହେତୁରୁ ବର୍ଣ୍ଣା ପାଠକମାନେ ବ୍ୟାକୁଳ ହୋଇ ପଡ଼ିଲେଣି, କାଳିକାନନ୍ଦ ରୂପ ଅସ୍ତ୍ରମନ୍ଦର କାନ୍ଧରେ ଝୁଡ଼ା ହୋଇ ହୋଇ ସେମାନଙ୍କ ସୌନ୍ଦର୍ଯ୍ୟ ହେଉ ଭଞ୍ଜିବାର ସାଧ୍ୟ ପାଉନାହାନ୍ତି । ଭିଡ଼ାଡ଼ି ଏଥି ଅନୁପ୍ରବେଶ କରିବେ ସେପରି ବିଶେଷ କିଛି ଉପଯୁକ୍ତ କାରଣ ଅଛି । ଭାସ୍କରଙ୍କର ବକ୍ତୃତାକୁ ଧ୍ୟାନରୁ ଶୁଣିବେ ନା ମୋଗଲମାନଙ୍କୁ ଏହି ପ୍ରସ୍ତାବ କହିବେ ଏହି ବିଷୟ ହେଉ ଭାସ୍କର ପଣ୍ଡିତ ଅଧୀନସ୍ଥ ସେନାପତି-ମାନଙ୍କ ସହିତ ପରାମର୍ଶରେ ନିଯୁକ୍ତ ଥିଲେ, ଇତ୍ୟବସରରେ ନବାବ ପକ୍ଷରୁ ସନ୍ଧିର ପ୍ରସ୍ତାବ ଉପସ୍ଥିତ ହେବାରୁ ଅତ୍ୟନ୍ତ ଆନନ୍ଦିତ ହେଲେ । ମନ ମଧ୍ୟରେ ଚିନ୍ତା କଲେ, ଶୀଘ୍ର ସୁପ୍ରସନ୍ନ ହେଲେ ଠାକୁର ସୁଯୋଗ ଉପସ୍ଥିତ ହୁଏ । ଅସ୍ମ-ମାନଙ୍କ ପକ୍ଷରେ ଏପରି କେତେ ଦୁଃଖଜନକ ବା ସୁଖକର ବିଷୟ କାହିଁକି ଉପସ୍ଥିତ ହୁଏ, ଯାହାକୁ ଆମ୍ଭମାନେ ବାସ୍ତବ ଭାବରେ ଗ୍ରହଣ କରୁଁ; ଅର୍ଥାତ୍ ଦୁଃଖକର ବିଷୟ ସୁଖଜନକ ଏବଂ ଏବଂ ସୁଖଜନକ ବିଷୟ କଷ୍ଟକର ବୋଲି ଅସ୍ମ-ମାନଙ୍କର ପ୍ରତ୍ୟୟ ଜାତ ହୁଏ । ଭବିଷ୍ୟତର ଅନ୍ଧକାର ମଧ୍ୟରେ ନିହିତ ବିଷୟ ଦର୍ଶନରେ ମାନବ ଅକ୍ଷମ ।

ଭାସ୍କର ପଣ୍ଡିତ ଆପଣାର ଅଭିପ୍ରାୟ ଗୋପନ ଏବଂ ସନ୍ଧି ବିଷୟରେ ଈଷତ୍ ଅସମ୍ମତି ଭାବ ପ୍ରକାଶ କରି କହିଲେ—ଅବଶ୍ୟ ବିବାଦ ନାନାପ୍ରକାର ବାଞ୍ଛନୀୟ ନୁହେଁ, ତେବେ ଆପଣାର ପ୍ରାପ୍ୟାଂଶ ସହଜରେ କେହି ପରିତ୍ୟାଗ କରିବାକୁ ସମ୍ମତ ହୁଏ ନାହିଁ । ଆପଣମାନେ ଯାହା ବହୁଦର୍ଶୀ ସଜ୍ଜନଙ୍କ, ଉଭୟ ପକ୍ଷର ମଙ୍ଗଳ କାମନା କରି ସ୍ୱେଚ୍ଛାପ୍ରେରିତ ହୋଇ ଏପରି ପ୍ରସ୍ତାବ କରୁଅଛନ୍ତି । ଆଶା କରୁଁ ସର୍ବାଗ୍ରେ ଏ ବିଷୟ ମୀମାଂସା କରିବାକୁ ଯତ୍ନଶୀଳ ହେବ ।

ଜାନକୀ ରାମ—ଅବଶ୍ୟ ଆପଣଙ୍କ ପ୍ରସ୍ତାବ ଅସଙ୍ଗତ ନୁହେଁ । ଏହା ହିଁ ସନ୍ଧିର ପ୍ରଧାନ ଅଙ୍ଗ । ମାତ୍ର ପ୍ରଣୟ-ମିଳନ ସ୍ଥଳରେ ଉଭୟ ପକ୍ଷରୁ କିଛି କିଛି ସ୍ୱୀକାର କରିବାକୁ ହୁଏ ।

ଭାସ୍କର ପଣ୍ଡିତ—ମାତ୍ର ଯଥାର୍ଥ ପ୍ରାପ୍ୟ ପରିତ୍ୟାଗ କରିବା ଆମ୍ଭମାନଙ୍କ ପକ୍ଷରେ ସମ୍ଭବପର ନୁହେଁ । ବେହାରପତିଙ୍କ ପ୍ରାପ୍ୟ ଚଉଠି ନବାବ ସାହେବ ଦେବାକୁ ସ୍ୱୀକୃତ ହେଲେ ଏହିକ୍ଷଣି ସନ୍ଧି ସ୍ଥାପନରେ ସମ୍ମତ ହେବୁଁ ।

ଜାନକୀ ରାମ—ଆପଣ କେଉଁ ସର୍ତ୍ତରେ ସନ୍ଧି କରିବାକୁ ସମ୍ମତ ?

ଭାସ୍କର ପଣ୍ଡିତ—ଆପଣ ଯେ ପ୍ରକାରେ ସ୍ପଷ୍ଟରୂପେ ପ୍ରଶ୍ନ କରୁଅଛନ୍ତି, ମୁଁ ମଧ୍ୟ ସେହି ସ୍ପଷ୍ଟରୂପେ ସେଥିର ଉତ୍ତର ଦେବା ଆବଶ୍ୟକ । ବାଲେଶ୍ୱର [illegible] ବର୍ଦ୍ଧମାନ ହୁଗୁଳୀ ଏ ସମସ୍ତ ମହାରାଷ୍ଟ୍ରପତିଙ୍କ ବିଜିତ ପ୍ରଦେଶ, ଏଥି ସମ୍ବନ୍ଧରେ କୌଣସି କଥା କହିବାର ନାହିଁ । ବଙ୍ଗଳାର ଅବଶିଷ୍ଟ ପ୍ରଦେଶ ଏବଂ ବେହାର ପ୍ରଦେଶ ପାଇଁ ଚୌଠସ୍ୱରୂପ ତିନି କୋଟି ଟଙ୍କା ନବାବ ସାହେବ ଦେବାକୁ ସ୍ୱୀକୃତ ହେଲେ ସନ୍ଧି ସଂସ୍ଥାପନ ସକାଶେ ମିତ୍ରଙ୍କୁ ଅନୁରୋଧ କରିପାରୁଁ ।

ଜାନକୀରାମ—ଆପଣଙ୍କ ଦାବୀ ଅସଙ୍ଗତ ନୁହେଁ, ତେବେ ଏ ବିଷୟର ମୀମାଂସାର ଭାର ଆପଣଙ୍କ ପ୍ରଭୁ ନିର୍ଭର କରେ । ବର୍ଦ୍ଧମାନ, ହୁଗୁଳୀ କୌଣସି ଦିନ ମହାରାଷ୍ଟ୍ର-ବିଜିତ ସ୍ଥାନ ନୁହେଁ । ଅଧିକନ୍ତୁ ଦୁଇ ରାଜଶକ୍ତି ଏତେ ଅଦୂରବର୍ତ୍ତୀ ସ୍ଥାନରେ ଅବସ୍ଥାନ କଲେ ନାନା ସମୟରେ ନାନା କାରଣରେ ମନୋମାଳିନ୍ୟ ଘଟିବାର ସମ୍ଭାବନା । ଅନ୍ୟ ପ୍ରକାର ଚୌଠ ସକାଶେ ନବାବ ବାହାଦୁର ଏକ କୋଟି ଟଙ୍କା ପ୍ରଦାନ କରିଅଛନ୍ତି ।

ଭାସ୍କର ପଣ୍ଡିତ—ନବାବ ସାହେବଙ୍କ ମନ-ତୁଷ୍ଟି ସକାଶେ ଆମ୍ଭେ ହୁଗୁଳୀର ଦାବୀ ତ୍ୟାଗ କରିପାରୁଁ । ଅନ୍ୟ ବିଷୟର ଦାବୀ ସର୍ତ୍ତରେ ନ୍ୟାଯ୍ୟ ଦାବୀ ଛାଡ଼ି ପାରୁ ନ ଥିବା । ସେ ଅନୁସାରେ ଏତେ ଟଙ୍କା ଗ୍ରହଣ କରିଅଛନ୍ତି ।

ଜାନକୀ ରାମ—ସନ୍ଧି ସଂସ୍ଥାପନ ସମୟରେ ସର୍ତ୍ତ ଅସଙ୍ଗତ ବିଷୟ ସମାଲୋଚନ କରିବାର ନାହିଁ, କେବଳ ମୈତ୍ରୀ ରକ୍ଷା ନିମନ୍ତେ ମୁଁ ନିଜେ ଏ କଥା ପ୍ରସ୍ତୁତ ହୋଇଅଛି ।

ଭାସ୍କର ପଣ୍ଡିତ—ଅବଶ୍ୟ ଆପଣମାନେ କି ଶାନ୍ତିପ୍ରିୟ, ଆପଣମାନଙ୍କ ସଙ୍ଗେ ଓ ମହାରାଷ୍ଟ୍ର ଭୂପତିଙ୍କ ଓ ନବାବ ମଧ୍ୟରେ ଯେ ସନ୍ଧି ସଂସ୍ଥାପିତ ହୋଇଅଛି ସେଥିରେ ସନ୍ଦେହ ନାହିଁ । ଆଶାକରୁଁ ପ୍ରସ୍ତାବିତ ସନ୍ଧି ବିଷୟରେ ଆପଣମାନେ ନେତୃବର୍ଗଙ୍କ ସକାଶେ ଦେଖିବା ପରେ ସ୍ୱୀକାର କରିବେ । ସନ୍ଧି ସମ୍ବନ୍ଧରେ ଆମ୍ଭେ ସମ୍ପୂର୍ଣ୍ଣ ସମ୍ମତ ଅଛୁଁ, ଜାଣିବେ ।

ଜାନକୀ ରାମ—ନିଶ୍ଚୟ ଆମ୍ଭେମାନେ ପ୍ରାଣ-ପଣରେ ଚେଷ୍ଟା କରିବୁଁ । ଆମ୍ଭମାନଙ୍କର ପ୍ରଭୁ ନବାବ ସାହେବ ଏବଂ ଆପଣଙ୍କ ମଧ୍ୟରେ ଭେଟ ହେବା ମାତ୍ରେକେ ସମସ୍ତ ବିଷୟ ନିଷ୍ପତ୍ତି ହୋଇଯିବ । ଦୁଇଜଣଙ୍କ ସାକ୍ଷାତ ହେବା ସମୟରେ ଦୀର୍ଘକାଳବ୍ୟାପୀ ତର୍କ ବିତର୍କରେ ଯେଉଁ ମୀମାଂସା ହୋଇ ପାରି ନ ଥିଲା, ମାତ୍ର ଘଡ଼ିକରେ ସାକ୍ଷାତ୍ତ ମାନଙ୍କ ସମସ୍ତ ବିଷୟ ସ୍ଥିରୀକୃତ ହୋଇଗଲା । ଆମ୍ଭମାନଙ୍କ କଥାର ଯାଥାର୍ଥ୍ୟ ପଶ୍ଚାତ୍ ଅନୁଭବ କରିବେ ।

ଭାସ୍କର ପଣ୍ଡିତଙ୍କୁ ଉପହାର ଦେବା ନିମନ୍ତେ ଜାନକୀ ରାମ ଏବଂ ମଦାର ଖାଁ ନବାବଙ୍କ ଦରବାରରୁ ମଣିମାଣିକ୍ୟଜଡ଼ିତ ଅନେକ ପ୍ରକାର ସ୍ୱର୍ଣ୍ଣା-ଲଙ୍କାର ଏବଂ ବିବିଧ ପ୍ରକାର ବହୁମୂଲ୍ୟ ଦ୍ରବ୍ୟ ଆଣିଥିଲେ । ସେ ସମସ୍ତ ଦେଖି ଭାସ୍କର ପଣ୍ଡିତ ଆନନ୍ଦମନରେ କହିଲେ, ଏହା ଶାନ୍ତିଲାଭର ସୂଚନା ମାତ୍ର ।

ଅତଃପର ସମସ୍ତ କାର୍ଯ୍ୟ ବନ୍ଦୋବସ୍ତ ସହିତ କରାଗଲା, ଏଥି ସଙ୍ଗେ ସଙ୍ଗେ ଜାନକୀରାମ ଭାସ୍କର ପଣ୍ଡିତ ତୁଳ ଜଣ ଉଦ୍ଦୀପନ ଏବଂ ମଦାର ଖାଁ ଛାଉଣୀ ପରିତ୍ୟାଗ କଲେ ।

ସିଦ୍ଧାନ୍ତ ହେଲା—ନବାବ ଏବଂ ଭାସ୍କର ପଣ୍ଡିତ ଉଭୟଙ୍କ ସାକ୍ଷାତରେ ସର୍ତ୍ତ ସାବ୍ୟସ୍ତ ଏବଂ ସନ୍ଧି-ପତ୍ର ସ୍ୱାକ୍ଷରିତ ହେବ । ଉଭୟ ପକ୍ଷ ମର୍ଯ୍ୟାଦା

ରକ୍ଷା ସର୍ବାଂଶେ କେହି କାହାର ଅଧିକାରଭୁକ୍ତ ସ୍ଥାନକୁ ଯିବେ ନାହିଁ । ମୁରଶିଦାବାଦ ଏବଂ କଂଗ୍ରେସ ମଧ୍ୟବର୍ତ୍ତୀମାନଙ୍କର ନାମକ ସ୍ଥାନରେ ନବାବଙ୍କ ତେମ୍ବୁରେ ଉଭୟ ପକ୍ଷର ମିଳନ ହେବ । ତେମ୍ବୁଠାରୁ ଦୁଇ କୋଶ ଦୂରବର୍ତ୍ତୀ ସ୍ଥାନ ମଧ୍ୟରେ କୌଣସି ପକ୍ଷର କୌଣସି ପ୍ରକାର ପାଇକ ଉପସ୍ଥିତ ରହିବେ ନାହିଁ । କେବଳ ପଦଗୌରବରକ୍ଷା ଅନୁରୋଧରେ ଉଭୟ ପକ୍ଷରୁ ଏକ ଶତ ମାତ୍ର ପାଇକ ଉପସ୍ଥିତ ରହିବେ ।

ଶ୍ରାବଣ କୃଷ୍ଣ ତୃତୀୟା ଶନିବାର ପ୍ରାତଃକାଳରେ ସାକ୍ଷାତର ସମୟ ନିରୂପିତ ହେଲା ।

ଉଭୟ ପକ୍ଷ ଅନନ୍ତ ପଣ୍ଡିତର ପ୍ରେମାଳାପରେ ମେଲାଣି ହେଲେ ।

ଅମ୍ଭେମାନେ ବିଶେଷ ଅନୁସନ୍ଧାନଦ୍ୱାରା ଅବଗତ ହୋଇଅଛୁଁ ଉଭୟ ପକ୍ଷ ଯେ ଅନନ୍ଦିତ ହୋଇଥିଲେ ସେଥିରେ ସନ୍ଦେହ ମାତ୍ର ନାହିଁ । ନବାବପକ୍ଷ ଅନନ୍ଦିତ—ବଳୁଆ ତ ଫାନ୍ଦରେ ଗୋଡ଼ ଦେଲ । ଭାସ୍କର ପଣ୍ଡିତ ଅନନ୍ଦିତ—ପଚାଶ ଘର ଟଙ୍କାଟା ତ ଆଗେ ବାହାର ଆସୁ, ପଛେ ବୁଝାଶୁଝା । ହୁଲକାର ଭୁଷାଟାରେ ଏତ ମୋର ଟଙ୍କା ବାନ୍ଧି ଘେନ ଗଲା । କେଉଁଆଡ଼ି ପଚାଶ ଲକ୍ଷ ହେବ । ନକ୍ଷରେ କୋଟରେ ଟଙ୍କାରୁ ତ ଊଣା ନୁହେ ! ଭଗବାନ୍ ବାସୁଦେବ ମଧ୍ୟ ପାଣ୍ଡବ ଅର୍ଜୁନଙ୍କୁ କହିଥିଲେ "ଏକମାତ୍ର ଲୋଭରୁ ସମସ୍ତ ପ୍ରକାର ବିପଦ ଜାତ ହୁଏ, ଲୋଭ ବିନାଶର ଦ୍ୱାର ॥"

ଚତୁରତାରେ କେହି କାହାକୁ ଊଣା ନୁହନ୍ତି । ଅମ୍ଭେମାନେ ଏହା ମଧ୍ୟ ଅବଗତ ହୋଇଅଛୁଁ, ଭାସ୍କର ପଣ୍ଡିତ ଏବଂ ଜାନକୀରାମ ଦୁଇ ଜଣ ଯେଉଁ ଗଙ୍ଗାଜଳ ସ୍ପର୍ଶ କରିଥିଲେ ତାହା ପ୍ରକୃତ ଗଙ୍ଗୋଦକ ନୁହେଁ । ଉଭୟ ପକ୍ଷର ଚାତୁର୍ଯ୍ୟଦ୍ୱାରା କୌଶଳରେ ଆନୀତ କୂପୋଦକ ଅଟେ । ଅନ୍ୟ ପାଟ ନଳାରେ ଭର୍ତ୍ତି ଗୋଲେସ୍ଥାନ ତୋପରୁ ବୋମାଣ ସହିତ ହୋଇ ସର୍ଦ୍ଦାର ଖାଁ ସ୍ପର୍ଶ କରିଥିଲେ । ଆପଣା ଆପଣା ବୁଦ୍ଧିକୁ ପ୍ରଶଂସା କରି ଉଭୟ ପକ୍ଷ ନିଶ୍ଚିନ୍ତ !

ଦ୍ୱାତ୍ରିଂଶ ପରିଚ୍ଛେଦ ।

ଉତ୍କଟ ଆନନ୍ଦ ।

'ହେ ଭଗବାନ୍ ! ରକ୍ଷା କର !' ବନ୍ଧୁଘର ଗଡରେ ଦେଶସମୟ ଚହଳ ପଡ଼ିଗଲା । ନବାବ ଓ ବର୍ଗୀ ମଧ୍ୟରେ ସନ୍ଧି । ସମସ୍ତେ ଆନନ୍ଦିତ, ସମସ୍ତେ ପ୍ରଫୁଲ୍ଲ । ମହାଜନ ଆନନ୍ଦିତ—ବଣିକ କାରବାରୁ ବାଟ ଫିଟିଲା । କୃଷକ ଆନନ୍ଦିତ—ଗୃହ ଚାଳ କୁଟୁରି ପୋଡ଼ିବ । ପାଇକ ଆନନ୍ଦିତ—ବର୍ଗୀ ଘୋଡ଼ାର ମାସଟା ଘରେ ବସି ଖେଚୁଡ଼ି ଖାଇବା ଅଭିମାନଟା ମେଣ୍ଟିବ । ସେନାପତିମାନେ ଆନନ୍ଦିତ—ବର୍ଗୀ ଗହିରେ ଘରେ ବସି ନ୍ୟାପୂର୍ବକ ବିସ୍ତି ମାତ କରିବେ କିମ୍ବା ବେହାଗ ମେଘମହ୍ଲାର ରାଗିଣୀର ସମ୍ମାନ ରକ୍ଷା କରିବେ । ବର୍ଗୀ ଆନନ୍ଦିତ—ଦେଶକୁ ଯାଇ ପରିବାର ମୁଖଚନ୍ଦ୍ର ଦେଖି ଅମ୍ଳାନମର ତୃପ୍ତି ସାଧନ କରିବ । ମୁରଶିଦାବାଦରେ ଆନନ୍ଦ ଉତ୍ସବ ଲାଗିଅଛି । ସହସ୍ର ସହସ୍ର ହିନ୍ଦୁ ଲକ୍ଷ ଲୋକଙ୍କ ମୁଖ ଦୁଃଖର ଘନିଷ୍ଠ ସମ୍ବନ୍ଧ ଅଛି । ସହରର ସ୍ମୃତି ଶୁଣିବା ସର୍ବାଂଶେ ସମସ୍ତେ ଉଦ୍‌ବିଗ୍ନ । ମାତ୍ର ଏବେ ଆନନ୍ଦ ଉତ୍ସବ ମଧ୍ୟରେ ସମସ୍ତେ ନବାବ ସାହେବଙ୍କୁ ସର୍ବଦା ଉଦ୍‌ବିଗ୍ନମନା ଦେଖୁଅଛନ୍ତି । ସେ ଯେମନ୍ତ ସର୍ବଦା ଶଙ୍କା, ସଂଶୟ, ସନ୍ତ୍ରାସରେ ଦୋଳାୟମାନ ହେଉଅଛନ୍ତି । ଅଧିକାଂଶ ସମୟ ନିର୍ଜନରେ ଉପବିଷ୍ଟ, ପାଶରେ କେବଳ ବାଦଲ ସିଂହ ।

ମାନବ ଜାତିରେ ଭାଗ୍ୟ ଗୋଟାଏ ଗର୍ବ ଅଛି, ସେ ଈଶ୍ୱରଙ୍କ ସୃଷ୍ଟିରେ ସର୍ବଶ୍ରେଷ୍ଠ ପ୍ରାଣୀ । ମାତ୍ର ଭବିଷ୍ୟତର ନିବିଡ଼ ଅନ୍ଧକାରରେ ନିହିତ ବିଷୟ ଜାଣିବା ସର୍ବାଂଶେ ଅତି ପିଲାଠାରୁ ଏପର୍ଯ୍ୟନ୍ତ ଯତ୍ନ କରି ମଧ୍ୟ କେହି କୃତକାର୍ଯ୍ୟ ହୋଇ ପାରି ନାହିଁ । ହେଲେ ଆଶାରୂପ ପ୍ରଦୀପଦ୍ୱାରା ମାନବ ଭବିଷ୍ୟତ ଅନ୍ଧକାର ମଧ୍ୟରେ ଆପଣାର

ପ୍ରାୟ ଅନେକ ମୁସଲଣି ନାହିଁ ଦେଖି ପାରେ । କଷ୍ଟଦାୟକ ଦୃଶ୍ୟମାନ ଦେଖିବାକୁ ମେଳଖାନ୍ତ ଅନଭ୍ୟସ୍ତ । ଅନ୍ତ୍ୟ ମଧ୍ୟ ମାନବ ଯାହା ପ୍ରାପ୍ତ ହେବା ପାଇଁ ନୂତନଶକ୍ତି ହୋଇ ବସିଥାଏ ତାହା କାହିଁ ଶୂନ୍ୟମୟ ଆକାଶରେ ବିଲୁପ୍ତ ହୋଇଯାଏ, ଠିକ ସେହି ସମୟରେ ତୁଣି କଳ୍ପନାତୀତ ଘଟନାମାନ ଘଟିଥିଏ । ମାନବ ଜୀବନରେ ଏପରି ଅନେକ ଘଟନା ପ୍ରତ୍ୟକ୍ଷ କରି ମଧ୍ୟ ବସୁନ୍ତି ।

ଭାସ୍କର ପଣ୍ଡିତ ପାରିଷଦମାନଙ୍କ ସେନା ଆପଣା ଡେରା ମଧ୍ୟରେ ଅନେକ ରାତ୍ରି ପର୍ଯ୍ୟନ୍ତ ପରାମର୍ଶ କଲେ । କି ପ୍ରକାରେ ନବାବ ସହିତ ସନ୍ଧି କରାଯିବ, କେତେ ଟଙ୍କା ଗ୍ରହଣ କରାଯିବ, ସେହି ଟଙ୍କାରୁ କାହାର କେତେ ପ୍ରାପ୍ୟ, କେଉଁ କେଉଁ ବିଷୟରେ କେତେ ଟଙ୍କା ବ୍ୟୟ କରାଯିବ, ଏଥିର ବଜେଟ୍ ପ୍ରସ୍ତୁତ କରିବା ସମ୍ଭବ ବିଚାର୍ଯ୍ୟ ବିଷୟ ଥିଲା ।

ଆଜି ଆଉ ଦଶହରା ଏହି ବେଳୋଟି ଦିନ ମଧ୍ୟ ଗଲାଣି, ଶ୍ରାବଣ କୃଷ୍ଣ ଦ୍ୱିତୀୟା ଶୁକ୍ରବାର ଶେଷ, ତୃତୀୟା ଶନିବାର ପ୍ରାତଃକାଳ ଉପସ୍ଥିତ । ମାନକର ଗ୍ରାମର ପ୍ରଶସ୍ତ ପ୍ରାନ୍ତର ମଧ୍ୟରେ ନବାବ ସାହେବଙ୍କ ଦରବାର ବିଶାଳ ତମ୍ବୁ ପଡ଼ିଅଛି । ତମ୍ବୁ ମଧ୍ୟସ୍ଥଳରେ ସୁଚାରୁଚିତ୍ରିତ କିଂଖାପ ବସ୍ତ୍ର-ମଣ୍ଡିତ ନବାବ ସାହେବଙ୍କ ସିଂହାସନ ସଂସ୍ଥାପିତ ହୋଇଅଛି । ଭାସ୍କର ପଣ୍ଡିତ ମହାରାଜାଧିରାଜ ରେଘରଯଙ୍କ ପ୍ରତିନିଧି, ସ୍ୱୟଂ ମଧ୍ୟ ସେନାପତି, ସୁତରାଂ ଅସାଧାରଣ ଲୋକ । ନବାବ ସାହେବଙ୍କ ଆସନର ବାମ ପାର୍ଶ୍ୱରେ ତାହାଙ୍କ ଉପବେଶନ ନିମନ୍ତେ ସ୍ୱତନ୍ତ୍ର ଆସନ ନିରୂପିତ ହୋଇଅଛି । ଦରବାର ଡେରାର ଚତୁର୍ଦିଗ ବୃତ୍ତାକାରରେ ହେକାଶ ପରିଧରଣ୍ଡି ବନ୍ଧୁକ-ଧାରୀଦ୍ୱାରା ପରି-ବେଷ୍ଟିତ । ନବାବ ସାହେବ ଏକଧ୍ୟାନରେ ଭାସ୍କର ପଣ୍ଡିତଙ୍କ ଆଗମନ ପ୍ରତୀକ୍ଷା କରି ସିଂହା-ସନରେ ବସିଛନ୍ତି । ମୁସ୍ତାଫା, ଜାନକୀରାମ, ସର୍ଦ୍ଦାର ଖାଁ, ବାହାଲି ସିଂହ, ଅବଦୁଲ ଶୋଭାନ ଖାଁ, ମୀର ହବିବୁଲ୍ଲା, ଗୋଲାମ କାଦିର ପ୍ରଭୃତି ବିଶ୍ୱସ୍ତ ପ୍ରଧାନ ପ୍ରଧାନ କର୍ମଚାରୀମାନେ ନାନାବେଶ ଧାରଣ ପୂର୍ବକ ମନରେ ଇତସ୍ତତଃ ଭ୍ରମଣ କରୁଅଛନ୍ତି ।

ବର୍ଗୀ ଶିବିର ମଧ୍ୟରୁ ଦୁଇ ଜଣ ଦ୍ରୁତଗାମୀ ଅଶ୍ୱାରୋହୀ ଆସି ଉପସ୍ଥିତ ହେଲେ । ଜଣକର ନାମ ଅଲିଭାଇ କାରଗ୍ଡ଼ଗୁଲ ଅନ୍ୟ ଜଣ କମଲାଜୀ ରାଓ । ଏହି ଦୁଇ ମହାତ୍ମା ଭାସ୍କର ପଣ୍ଡିତଙ୍କ ପ୍ରଧାନ ସେନାପତି, ବିଶ୍ୱସ୍ତ ବନ୍ଧୁ, ସର୍ବ ସମୟରେ ବାମ ଦକ୍ଷିଣ ହସ୍ତସ୍ୱରୂପ ସହାୟ । ସମର-ବ୍ୟବସାୟୀମାନେ ସଚରାଚର ସନ୍ଦିଗ୍ଧମନା । ଏତେ ଶପଥ, ଏତେ ବନ୍ଧୁଭାବରେ କଥୋପକଥନ, ଏତେ ଉପହାର ଆଦାନ ପ୍ରଦାନ, ତଥାପି ଭାସ୍କର ପଣ୍ଡିତ ମନରେ ସମୟ ସମୟରେ ସନ୍ଦେହଜାଳମା-ଶ୍ରିତ ପତିତ ହୋଇ ବିଶୁଦ୍ଧ ବିଶ୍ୱାସକୁ ଆବରଣ କରୁଅଛି । କିଏ ଜାଣେ ପଠାଣ ମନରେ କଣ ଅଛି । ନବାବ ସାହେବଙ୍କ ସାମ୍ପ୍ରତିକ ଅଭିପ୍ରାୟ, ଶିବିରର ଅବସ୍ଥା, ପାରିଷଦମାନଙ୍କ ଆଚରଣ ପରୀକ୍ଷା ଉଦ୍ଦେଶ୍ୟରେ ଏହି ଦୁଇ ଦକ୍ଷ ପ୍ରଜ୍ଞା-ଶାଳୀ ପ୍ରଧାନ ଯୋଦ୍ଧୃପୁରୁଷଙ୍କ ଆଗମନ । ମାତ୍ର ଚତୁରେ ଚତୁରେ ଚଳାନ୍ତ, ଆଗନ୍ତୁକ ବୀର-ପୁରୁଷମାନେ ଆପଣାର ଅଭିପ୍ରାୟ ଗୋପନ କରି ନବାବ ସାହେବଙ୍କ ଅବକାଶ ବୁଝିବା ଆଗମନର କାରଣ ବୋଲି ପ୍ରକାଶ କଲେ । ନବାବ ଅଲିବର୍ଦ୍ଦି ଏବଂ ସେନାପତି ମୁସ୍ତାଫା କପଟତାର ଅବତାର, ମୂର୍ତ୍ତି କପଟତା ସେମାନଙ୍କର ଭୂଷଣ ଥିଲା, ସେମାନଙ୍କର ଧାରଣା କପଟତା ସର୍ବାର୍ଥ-ସାଧିକା । ଏଥିରୁ ନବାବ ଦରବାର କେବଳ କପଟତାମୟ । ବର୍ଗୀ-ଦୂତଦ୍ୱୟ ପ୍ରେମାଳାପ ଏବଂ ନବାବପ୍ରଦତ୍ତ ଉପହାରରେ ବିମୋହିତ ହୋଇ-ଗଲେ । ଶିବିରର ସନ୍ଦେହବିହୀନ ଅବସ୍ଥା, ନବାବ ସାହେବଙ୍କ ମଧୁର ପ୍ରେମାଳାପ, ପାରିଷଦ-ମାନଙ୍କ ପରସ୍ପର ପ୍ରଫୁଲ୍ଲତା ପର୍ଯ୍ୟବେକ୍ଷଣ କରିବାରୁ ସେମାନଙ୍କ ମନରେ ସନ୍ଦେହ

ମାତ୍ର ଗଡ ଦଖଲ କରିବାକୁ ଅବସର ପ୍ରାପ୍ତ ହେଲା ନାହିଁ । ଭଗ୍ନପୃଷ୍ଠ ବର୍ଗୀ ଦୃଢ଼ଦୁର୍ଗ କୌଶଳରେ ଦୁର୍ଗ ଦୃଷ୍ଟିଦ୍ୱାର ଦେଖିଲେ ଏତେବାଗ୍ର ବସନ-ଶୋଭିତ ବାୟୁପ୍ରେରିତବେଷ୍ଟିତ, ଦୃଷ୍ଟିରେ ଆବର୍ଯ୍ୟାଦି ସ୍ଥାନମାନ, ଜନଶୂନ୍ୟ । ଏତବାର ସ୍ଥାନ ସ୍ଥାନ ପ୍ରତିଧ୍ୱନିତ ପାଇବେ କାଶେଣ୍ଟେଲମ୍ୟରୁ ସ୍ଥନେବ-ବିନକ ପ୍ରାଣିବଧ୍ୱନି ।

ପ୍ରତ୍ୟାଗତ ବନ୍ଦୁକ ଦୂତମାନଙ୍କ ମୁଖରୁ ସମାଚାର ଅବଗତ ହୋଇ ବର୍ଗୀ ସେନାପତି ଭାସ୍କର ପଣ୍ଡିତ ନିଃସନ୍ଦେହ । ତହିଁ ପରଦିନ ଶନିବାର ସୂର୍ଯ୍ୟୋଦୟ ସମୟରେ ଶୁଭଯାତ୍ରା ଆରମ୍ଭ କଲେ । ସଙ୍ଗରେ ଅର୍ଦ୍ଧଶତ ଅଶ୍ୱାରୋହୀ ପାରିଷଦ, ସମସ୍ତେ ଅସ୍ତ୍ରହୀନ । ଏହି ଅସ୍ତ୍ର ସହିତ ଯାତ୍ରାର କୌଣସି ପ୍ରକୃତ କାରଣ ଥିବ । ମାତ୍ର ପ୍ରକାଶ କଲେ ସନ୍ଧି-ପତ୍ର ସ୍ୱାକ୍ଷର ସମୟରେ ସମସ୍ତଙ୍କୁ ଆପଣା ଆପଣା ଅସ୍ତ୍ର ସ୍ପର୍ଶ କରି ଶପଥ କରିବାକୁ ହେବ ।

ଅନନ୍ତର ବେଳ ଦେଢ଼ ଦଣ୍ଡ ହେଲା ଅମ୍ଭମାନଙ୍କ ସେହି ପୂର୍ବପରିଚିତ ପାଳଗଡ଼କୁ ନବାବ ଅସ୍ଥିର-ମନା, ନବାବ ବ୍ୟସ୍ତ ହୋଇଅଛନ୍ତି । ସେ ଭାସ୍କର ପଣ୍ଡିତର ଶରୀରରକ୍ଷକମାନଙ୍କ ଅନୁଗ୍ରହ ନିମନ୍ତେ ଆପଣା ବ୍ୟବହାରର ପାର୍ଶ୍ୱ ଶୂନ୍ୟ କରି ପକାଇଛନ୍ତି । ସେମାନଙ୍କ କୃପାରେ ସେ ଶୁଭ ସନ୍ଧି କାର୍ଯ୍ୟ ସମ୍ପାଦନ ନିମନ୍ତେ ଏକାସାଙ୍ଗରୂପେ ସଙ୍ଗେ ସଙ୍ଗେ ଚାଲିଛନ୍ତି । ଶିବିର ଶିବିର ମଧ୍ୟରେ ତମ୍ବୁ ପଡ଼ିଲା, ବର୍ଗୀ ଆସିଲେ ବର୍ଗୀ ଆସିଲେ । ସମସ୍ତେ ବ୍ୟସ୍ତ, ଶୀଘ୍ର ଶୀଘ୍ର କାର୍ଯ୍ୟାନୁଷ୍ଠାନରେ ତତ୍ପର । ନବାବ ସାହେବ ନିଜର ନିର୍ଜନ ଅନ୍ତଃପୁରରେ ବର୍ଗୀକୁ ଚାହିଁ ବସି ଅଛନ୍ତି । ଅତଏବ ନବାବ ଶିବିରର ନାଶର ... ସମସ୍ତେ ଶୀଘ୍ର ଶୀଘ୍ର କାର୍ଯ୍ୟକ୍ଷେତ୍ରରେ ଦଣ୍ଡାୟମାନ ଅଛନ୍ତି ଏବଂ ମନୋଗତ ଭାବଜ୍ଞାପକ ପରସ୍ପର ମୁଖାବଲୋକନ କରୁଅଛନ୍ତି । ସମସ୍ତଙ୍କ ନେତ୍ରରୁ ଯେମନ୍ତ ଏକପ୍ରକାର ବିଜାତୀୟ କ୍ରୋଧ ବହିର୍ଗତ ହେଉଅଛି ।

ଭାସ୍କର ପଣ୍ଡିତ ଅଶ୍ୱପୃଷ୍ଠରୁ ଲମ୍ଫ ପ୍ରଦାନ କରିବା ମାତ୍ରକେ ଜାନକୀରାମ ଏବଂ ସର୍ଦ୍ଦାର ଖାଁ ଦୁଇ ଜଣ ତାହାଙ୍କୁ ଧରି ତମ୍ବୁ ମଧ୍ୟରେ ପ୍ରବେଶ କଲେ । ଅଗ୍ରେ ଜାନକୀରାମ, ତତ୍ପଶ୍ଚାତ୍ ଭାସ୍କର ପଣ୍ଡିତ, ତତ୍ପଶ୍ଚାତ୍ ସର୍ଦ୍ଦାର ଖାଁ, ତତ୍ପଶ୍ଚାତ୍ ବର୍ଗୀ ଅନୁଚରବର୍ଗ । ଶାଳପାଦବିକ୍ଷେପରେ ଭାସ୍କର ପଣ୍ଡିତ ଚାଲିଅଛନ୍ତି । [illegible] ବିବିଧ ମନୋହର ଚିତ୍ରଅଙ୍କିତ [illegible], ସୁବର୍ଣ୍ଣଜଡ଼ିତ କାରୁକାର୍ଯ୍ୟବିଶିଷ୍ଟ ପରିଚ୍ଛଦ ବସନରେ ପ୍ରାତଃସୂର୍ଯ୍ୟ କିରଣ ପତିତ ହୋଇ ବହୁଧା ବର୍ଣ୍ଣବିଶିଷ୍ଟ ପ୍ରତିକିରଣମାଳା ଚତୁର୍ଦ୍ଦିଗରେ ବିକୀର୍ଣ୍ଣ ହୋଇ ପଡ଼ୁଅଛି । ସ୍ୱର୍ଣ୍ଣ ଶୃଙ୍ଖଳ-ଯୁକ୍ତ ରତ୍ନଜଡ଼ିତ କୋଷ-ମଧ୍ୟଗତ କଟିବିଲମ୍ବିତ ଖଡ୍ଗ ଭୂତଳେ ବିଲୁଣ୍ଠିତ ହୋଇ ଝମ ଝମ ଶବ୍ଦ ବିସ୍ତାର କରୁଅଛି ।

ହାଁ ହାଁ, ଖୁନ ହେଲା ଖୁନ ହେଲା, ମାର ମାର, ଧର ଧର, ପଳା ପଳା ଇତ୍ୟାକାର ବିମିଶ୍ରିତ ଆକାଶଭେଦୀ ବିକଟ ଶବ୍ଦ ନବାବଙ୍କ ଦରବାର ଭିତରୁ ବାହାରିଲା । ବାରୁଦପୂର୍ଣ୍ଣ ଅଗ୍ନିସଂଯୁକ୍ତ ତୋପରୁ ଯେପରି ହଠାତ୍ ଭୟଙ୍କର ଶବ୍ଦ ବହିର୍ଗତ ହୋଇ ଆକାଶବାୟୁକୁ ଆଲୋଡ଼ିତ କରେ, ସେହିପରି ସହସା ଶତ ଶତ ଲୋକଙ୍କ ମୁଖ ନିଃସୃତ ଭୀଷଣ ଶବ୍ଦ ନିର୍ଗତ ହେଲା । ମାର ମାର ଶବ୍ଦ କରି ଭାସ୍କର ପଣ୍ଡିତଙ୍କ ପଶ୍ଚାତରୁ [illegible] ଅନୁଚର ଧାବିତ ହେଲେ, ମାତ୍ର ମୁହୂର୍ତ୍ତ ମଧ୍ୟରେ ସେମାନଙ୍କ ଖଣ୍ଡ ବିଖଣ୍ଡ ଶରୀର ଭୂତଳରେ ବିଲୁଣ୍ଠିତ ହେଲା । ନବାବ ଏକ ସ୍ଥାନରେ ଚାହିଁ ରହି ଦେଖୁଅଛନ୍ତି । ଭାସ୍କର ପଣ୍ଡିତ ଶିବିରଦ୍ୱାର ଲଙ୍ଘନ କରିବା ମାତ୍ରକେ ଦୁଇ ଦିଗରୁ ଦୁଇ ଜଣ ଯୁବକ 'ଭଗବାନ୍ ଏକଲିଙ୍ଗ ସ୍ୱାହା' ଏହି ମନ୍ତ୍ରଉଚ୍ଚାରଣର ସମ ସ୍ୱରରେ ତରବାରି କରି ଦୁଇ ଗୋଟି ଯୁବକ-ସିଂହ ବଳିଷ୍ଠ ବଳିବର୍ଦ୍ଦ ଉପରେ [illegible] ପଡ଼ିଲା ପରି ତାହାଙ୍କ ଉପରେ ପଡ଼ିଗଲେ । ନବାବ ଚାହିଁ ଅଛନ୍ତି, ଦୁଇ ଜଣଙ୍କ ସମ୍ମିଳିତ ତରବାରି ଝଣତ୍କାରରେ ଭାସ୍କର

ପଣ୍ଡିତଙ୍କ ଜଳସେଚନ ଦୃଢ ହେବାରୁ ଅନ୍ୟାନ୍ୟ ବନ୍ଦୀ ମୋଚନ ହେଲା, [illegible] ଦୁର୍ଗରେ, [illegible] ଯାହାରେ ତତ୍କାଳୀନ [illegible] ବର୍ଗୀ ଛିନ୍ନମୂଳ କଦଳୀବୃକ୍ଷ ପରି ଭୂପତିତ ହୋଇ [illegible] ଦନ୍ତପଙ୍କ୍ତିରେ [illegible] ଗଡ଼ ଗଡ଼ ଗଲେ । [illegible] ନାମ ଉଚ୍ଚାରଣ କରିବାକୁ ମଧ୍ୟ ସମୟ ପ୍ରାପ୍ତ ହୋଇ ନାହାନ୍ତି । ନବାବ ଦେଖିଲେ, ସେହି ବର୍ଗୀମାନଙ୍କ ମଧ୍ୟରୁ ଜଣେ ବାଦଲ ସିଂହ, ଦ୍ୱିତୀୟ ଜଣେ କିଏ ? ନବାବ ମନ ମଧ୍ୟରେ ପ୍ରଶ୍ନ କଲେ, ଏହି ଅପରିଚିତ ଯୁବକ କିଏ ?

ବାଦଲ ସିଂହ ଦକ୍ଷିଣ ହସ୍ତ ଦ୍ୱାରା ଭାସ୍କର ପଣ୍ଡିତର ଗଳଦେଶରେ ଖଡ୍ଗାଘାତ ପୂର୍ବକ ବାମ ହସ୍ତରେ ସିଙ୍ଗା ଫୁଙ୍କ କଲେ । ସେହି ସିଙ୍ଗା ଶବ୍ଦ ଶ୍ରବଣ ମାତ୍ରକେ ସୈନ୍ୟ ଚତୁର୍ଦ୍ଦିଗ [illegible] ବସ୍ତ୍ର-ପ୍ରାଚୀର ଭେଦ କରି ପଞ୍ଚଶତ [illegible] ଶସ୍ତ୍ର [illegible] ବୀରପୁରୁଷ ତୀବ୍ରବେଗରେ ବାହାରି ପଡ଼ିଲେ ଏବଂ ଭାସ୍କର ପଣ୍ଡିତଙ୍କ ଅନୁଚର ପଞ୍ଚାଶତ ବର୍ଗୀଙ୍କୁ ଖଣ୍ଡ ବିଖଣ୍ଡ କରି ପକାଇଲେ । ବର୍ଗୀ ଅନୁଚରବର୍ଗ ମୁହୂର୍ତ୍ତକ ପାଇଁ ବୃଥା ଆତ୍ମରକ୍ଷା କରିବାକୁ ଚେଷ୍ଟା କରିଥିଲେ । ଦେଖାଗଲା, ନବାବ ପକ୍ଷରୁ କୌଣସି ପ୍ରକାର ଅନିଷ୍ଟ ସଂଘଟିତ ହୋଇ ନାହିଁ, କେବଳ ଦେବାନ ଜାନକୀ ରାମ ଏବଂ ମନ୍‌ସବ୍‌ଦାର ସର୍ଦ୍ଦାର [illegible] ବର୍ଗୀ [illegible] ଖଣ୍ଡ ବିଖଣ୍ଡ ହୋଇ ପଡ଼ିଅଛନ୍ତି । ମରାଠା ଲୋକମାନଙ୍କ ମୁଖରୁ ମଧ୍ୟ [illegible] ହେଲା, ଏମାନେ [illegible] ।

ଭାସ୍କର ପଣ୍ଡିତଙ୍କୁ [illegible] ଧୀରେ ଧୀରେ [illegible] ଉପରେ [illegible] ହୋଇଗଲେ । [illegible] ପ୍ରତ୍ୟେକ [illegible] ହୋଇଗଲା । [illegible] ହୋଇ ଅଛନ୍ତି । [illegible] ପଡ଼ିଲେ [illegible] ଭାସ୍କର ପଣ୍ଡିତର ଶରୀର [illegible] ହୋଇଅଛି । ଏତେ ଯେ ଗଣ୍ଡଗୋଳ, ଏତେ ଯେ ପ୍ରାଣନାଶ, ସେଥିରେ ସେହି [illegible] କାନ ନାହିଁ ।

ନାୟକହୀନ ବର୍ଗୀ ଛିନ୍ନଭିନ୍ନ ହୋଇ ବଙ୍ଗ ଦେଶରୁ ଜଙ୍ଗଲ ମହାଲ ମାର୍ଗରେ କେତେକ ସ୍ୱଦେଶକୁ ଯୋଉ ବାଲେଶ୍ୱର ବନ୍ଦରକୁ ପଳାୟନ କଲେ ।

କ୍ରମଶଃ

ଶ୍ରୀ [illegible] ।

ବାଉମାହାନ୍ତ ପାଞ୍ଜି । (୯୦)

ବାଉ ମାହାନ୍ତଙ୍କ ଉପରେ ଆମ୍ଭମାନଙ୍କର ବିରକ୍ତି ଜାତ ହୋଇଥିବାର ଆପଣମାନଙ୍କୁ ପୂର୍ବରୁ ଜଣାଇ ଅଛୁଁ । ସେ ସତ୍‌ପଥରେ [illegible] ଗ୍ରହଣ କରିବାରେ ପଟୁ । ତାଙ୍କ [illegible] ଗଲେ ସେହି [illegible] । [illegible] ଲେଖି [illegible] ଦେଲେ [illegible] ଲେଖି [illegible] । [illegible], [illegible] ସଂବର୍ଦ୍ଧନ [illegible] ମହାନ୍ତି [illegible] । କେତେ [illegible] ଗୋଟାଏ [illegible] ଖୋଜି ବୁଲୁଛୁଁ, ମିଳିଲେ ତାଙ୍କ ଦାନାପାଣି ସେହି [illegible] । ଅପାତତଃ ସେ ପର୍ଯ୍ୟନ୍ତ ସବୁ ସହି [illegible] ହେଉଅଛୁ । ଲେଖା ଯେପରି [illegible] ପାଠକମାନେ [illegible] ଉଦାହରଣ ଏକାଧିକ ଥର ପାଉଅଛନ୍ତି, ଏଣିକି ତାଙ୍କ ସହବାସ ମଧ୍ୟ ଆମ୍ଭମାନଙ୍କୁ [illegible]

ମୋଟ ହେବନି, ତେବେ ସମ୍ପ୍ରତି ଆମ୍ଭମାନଙ୍କ ଗଡ଼ ଗଡ଼ ପ୍ରଦେଶର ଅସାଧୁଆ ନିର୍ଲଜ୍ଜାଚାର କରିବାକୁ ଦେଖିବୁ ନାହାନ୍ତି । ଏଥି ମଧ୍ୟରେ ଥରେ ସାମ୍ନା ଛାତ୍ରୀୟ ଦର୍ଶନକୁ ଯାଉଥିଲୁ । ସେ ଅଳି ଭଦ୍ର କହିଲେ ଯେ ସୁଦର ସପଦଳ (ଓଡ଼ାଙ୍ଗ) ରେ ତାଙ୍କର ଛୁଟି ମହାପ୍ରସାଦ ବନ୍ଧୁ ଛନ୍ତି, ସେମାନେ ଏ ଦୃଶ୍ୟକୁ ଦେଖିଲେ ବେଳେ ଘଟାଙ୍କର ସେ ଦୋଷଟି (ଗ୍ରାମର ନାମ ବର୍ତ୍ତମାନ ଆମ୍ଭେମାନେ ବାଧ୍ୟ ହୋଇ ଗୋପନ ରଖିଲୁଁ) ବାଟରେ ଅଛିବେ ବୋଲି ଅମ୍ଭମାନଙ୍କ ଅନୁରୋଧ କରି ଗଲେ । ବିଦାୟ ହେବାବେଳେ ଅମ୍ଭେମାନେ କହିଲୁଁ ଯେ ଯଦି ଆଗାମୀ ଥର ଯାତ୍ରିରେ ଲେଶ ମାତ୍ର ବ୍ୟକ୍ତିଗତ ଅନିଷ୍ଟ ବା ପରନିନ୍ଦା ଥିବ ତେବେ ସେ ଯାତ୍ରି ଅର୍ଥୀ ଗ୍ରହଣ ହେବ ନାହିଁ । ବାଇ ମହାନ୍ତି ମୁରକି ହସି କହିଲେ 'ଦେଖିଲା ଲୋକକୁ କିଛି ନାହିଁ, ଦେଖିଲା ଲୋକକୁ ନିଜ' ଭଗତି ଅଭ୍ୟର୍ଥନା କରୁ କରୁ ଅମ୍ଭମାନଙ୍କ ନିକଟରୁ ଉଭେଇ ଗଲେ । ଅମ୍ଭେମାନେ ଦୀନାକେତେ ଦାନ ନିଜାରୁ ଚାଲି ଯାଇଲୁଁ ବୋଲି ଟିକେ ଏ ନିଶ୍ଚିନ୍ତ ହେଲୁଁ । ବାଇ ମହାନ୍ତି ଯେଉଁ ଯେଉଁ ପ୍ରାୟ ଦେଢ଼ମାସ ଲାଗିଥିଲା ସଙ୍ଗରେ ଯାତ୍ରା ଯାତ୍ରା ଯାଉଁଟି ଆଣିଥିଲେ ଅମ୍ଭେମାନେ ବଖାଣିଲୁଁ ଅବର୍ଜନା, କିନ୍ତୁ ଅମ୍ଭେମାନେ ଯେ ଅନ୍ତିମ ଏହା କଏ କହିବ । ଅବର୍ଜନା ବୋଲି କହିଲେ ତ ଚଳିବ ନାହିଁ, ଆପଣମାନେ ଦେଖନ୍ତୁ ଯେବେ ହେଉ କିନସ ଥାଏ ରଖିବା, ନଚେତ୍ ବାଇ ମହାନ୍ତିଙ୍କୁ ସମ୍ପର୍ପଣ କରିବା । ଅମ୍ଭମାନଙ୍କୁ ମଧ୍ୟ ଗୋଟାଏ ଓର ମିଳି ଯିବ ।

୧ । ସେହି ଗ୍ରାମର ଦାଣ୍ଡରେ ଯୋତା ମାଡ଼ି ଚାଲିବା ନିଷେଧ, ଏହି କଥାଟି ବାଇ ମହାନ୍ତିଙ୍କ ଜଣା ନ ଥିଲା । ଗ୍ରାମ ଦାଣ୍ଡରେ ସେ ଯୋତା ମାଡ଼ି ଯାଉ ଯାନ୍ତେ ଜଣେ ପରିଚିତ ବ୍ରାହ୍ମଣ ତାଙ୍କୁ ନିଷେଧ କଲାରୁ ବାଇ ମହାନ୍ତି ଉତ୍ତର କଲେ "ଅନ୍ୟାୟ ! ଯୋତା କି ମାଡ଼ି ହାତରେ ଧରି ଯିବାକୁ ? ତେଣୁ ହେବନାହିଁ ତେବେ ଏ କଥା ମୁଁ ଜାଣିନ ଥିଲି ।' ସେ କଥା ଯୋଗ । ଯୋତାକୁ ଗୋଡ଼ରୁ କାଢ଼ି ହାତରେ ଧରି ଗୋସାଇଁ ମହାପ୍ରଭୁଙ୍କ ପ୍ରଣିପାତ ଦଣ୍ଡବତ୍ କଲେ ଓ ଗୋସାଇଁ ମହାପ୍ରଭୁ ଯୋଗ୍ୟକାଳ ସ୍ପର୍ଶମରେ ସନ୍ତୁଷ୍ଟ ହୋଇଥିବାର ଯାତ୍ରିକୁ ପ୍ରକାଶ । (ବାଇ ମହାନ୍ତି ଥରେ ମାନ୍ତ୍ରିକ ଅର୍ଥିକୁ ଯାଇଥିଲେ ତାଙ୍କର କୂପ-ମଣ୍ଡୂକତ୍ୱ ଟିକିଏ କମି ଥାନ୍ତା । ଯୋତା ପେଷକୁନ୍ ଛଡ଼ା ଅନ୍ୟ ପୋଷାକ ପିନ୍ଧି ମାନ୍ତ୍ରିକ ଅଞ୍ଚଳରେ ବିଦ୍ୟାଳୟ ଓ କଚେରିକୁ ଯୋତା ମାଡ଼ି ଯିବାକୁ ମନା । ସେଠାରେ କିଏ ଯାଇ ପିନ୍ଧିବ କି ?)

୨ । ଗ୍ରାମର ଦେବତା ଶ୍ରୀ ଲକ୍ଷ୍ମୀନୃସିଂହ ଜୀଉଙ୍କ ଖୋଦ ଟିକେ ଖଞ୍ଜିତ ୨।୪ ଘୋଡ଼ା ରଙ୍ଗ ହୋଇଅଛି । ସେ ଘୋଡ଼ାକୁ ଠାକୁର ବ୍ୟବହାର କରନ୍ତି ବୋଲି ସେ ଗ୍ରାମରେ କେହି ଘୋଡ଼ା ବ୍ୟବହାର କରିବା ନିଷେଧ । ଠାକୁର ଅନ୍ନ ବ୍ୟଞ୍ଜନ ଭୋଗ ପାଆନ୍ତି, ଅତଏବ ଗ୍ରାମର କେହି ଲୋକ ଅନ୍ନ ବ୍ୟଞ୍ଜନ ଭୋଜନ କରିବେ ନାହିଁ ବୋଲି କେତେକ ଯୁବକଙ୍କ ମଧ୍ୟରେ ବର୍ତ୍ତମାନ ଆନ୍ଦୋଳନ ଲାଗିଅଛି; କେତେକ ଦିନ ପରେ ଗ୍ରାମରେ କେହି ସନ୍ଧ୍ୟା ପରେ ଆଲୁଅ ଜାଳି ପାରିବେ ନାହିଁ; ବେକରେ ଫୁଲ ମାଳ ପକାଇବେ ନାହିଁ ଓ ଲୁଗା ପିନ୍ଧିବେ ନାହିଁ ବୋଲି ଆଶା କରାଯାଏ । ଏ ସବୁ କଲେ ଗ୍ରାମଦେବତାଙ୍କୁ ଅବମାନନା କରାଯାଉ-ଅଛି । ଗ୍ରାମଦେବତାଙ୍କ ଯାତ୍ରାରେ ଗାମୁଛା ଜଣେ ଗୃହସ୍ଥ ଘରୁ ବାହାରିବାରୁ ସେ ଲୋକଟି ଭାରି ଏକ ଅପବାଦରୁ ରକ୍ଷା ପାଇଥିବାର ପ୍ରବାଦ ଅଛି ।

୩ । କେଏ କହେ ବ୍ରାହ୍ମଣମାନେ ଆଜି କାଲି ନ୍ୟାୟ, ଦର୍ଶନ, ବେଦ, ବେଦାନ୍ତ ପଢ଼ି ସାରିଲେଣି । ଚାର୍ବାକଙ୍କ ଦର୍ଶନର 'ଋଣଂ କୃତ୍ୱା ଘୃତଂ ପିବେତ୍' ଉକ୍ତିଟିର ସାରବତ୍ତା ଯଦି ଓଡ଼ିଶାରେ କେହି ଗ୍ରହଣ କରି ଥାଏ ତେବେ ଏହି ଶାସନର ଗୋସାଇଁମାନେ । ଆପଣ ବୋଧ ହୁଏ କଥାଟା ଅନ୍ତର ଝିଙ୍ଗାଧା କର ବୁଝାଇ ଦେବାକୁ ଚାହିଁ

କରିବ । ସେହିପରି ଶ୍ଳୋକ :—ଦେବାନ୍ତି ... ଡାକୁଛି ସ୍ମୃତି ନିତ୍ୟାଂ ... ଅନର୍ଥକ ନୁହେଁ । ... ଭାଗ୍ୟବନ୍ତ । ସେହି ... ବ୍ରାହ୍ମଣମାନଙ୍କ ଘରେ ଯାଇ ... ବୃତ୍ତି ... ପାଉଥିଲେ ସେମାନଙ୍କର ... ଏ ବେଦାନ୍ତ ... ଥିଲା । ... ଦେବାର ଦେଖାଗଲା, ବ୍ରାହ୍ମଣ-ମାନେ ସକଳ ଶାସ୍ତ୍ର ଅଧ୍ୟୟନ ଅଧ୍ୟାପନ କରିବେ, ସେମାନଙ୍କର ସମ୍ପତ୍ତି ଥିଲେ ବ୍ରହ୍ମ-କିଯ୍ୟାର ବାଧା ପଡ଼ିବ । ଅତଏବ ଯାବ ଯାଏ ... ସେ ସମ୍ପତ୍ତିଙ୍କ ... କରିବାକୁ ସ୍ଥିର କଲେ । ସେଥିର ଦୁଇଟି ଉଦାହରଣ:—ମଦନପାଣି (ଭଳ ନାମ ...), ନୃତ୍ୟାପସା, କଦଳୀ ଚକଟା, ... ଓ ...। ଏଗୁଡ଼ାକର ମାହାତ୍ମ୍ୟ ଅପ୍ରକାଶ୍ୟ । 'ଗୁରୁର୍ବ୍ରହ୍ମ ଦାତବ୍ୟ' ନ ଦେୟଂ ଯସ୍ୟ କସ୍ୟଚିତ୍ । ମଦନ ପାଣିଟି ଅନେକ ... ଭୋଜନରେ ପାଉ ନାହିଁ । ପ୍ରକୃତ ଶବ୍ଦଟି ହେଲା ମଦନଯାଦ ପାଣି । ...ଶାସ୍ତ୍ରର ପ୍ରବେଶ ଥିଲେ ଶବ୍ଦଟି ବେଶି ଅଶକ୍ତିଅ ହେବ ନାହିଁ । ଏରଣ୍ଡାଦ ତୈଳ = ଏରଣ୍ଡ ତୈଳ + ... ତେଲ ଉପକରଣ; ସେହିପରି ମଦନପାଣି = ମଦନ + ପଦ + ନାଗ-କେଶର + ଲବଙ୍ଗ + ଜାଇଫଳ ଅବସ୍ଥା ଅନୁ-ସାରେ + ଇତ୍ୟାଦ ଇତ୍ୟାଦ । ନୃତ୍ୟାପସା କଦଳୀଚକଟା ଇତ୍ୟାଦ ମଧ୍ୟ ... ନିମ୍ନାବଳୀର ... । ... ଏ କୁଆରେ ଅବକାଶ ହୁଏ ତେବେ ଥରେ ଶ୍ରୀ ମୁକ୍ତିମଣ୍ଡପକୁ ବସନ୍ତମାନ କଲେ ତସ୍ମ କୀର୍ତ୍ତି ବିବାଦ ଏହା କହିବେ ଛୁଡ ... । ଗୋଟିଏ ଶ୍ଳୋକ ଅଛି :—ଗଙ୍ଗାଜ୍ଜଂ ତ ଜଳେ ମୁକ୍ତି ବାରଣସ୍ୟାଂ ଜଳେ ସ୍ଥଳେ, ଜଳେ ସ୍ଥଳେ ଚାନ୍ତରୀକ୍ଷେ ମୁକ୍ତି ଶ୍ରୀପୁରୁଷୋତ୍ତମେ । ଜଳ ସ୍ଥଳର ଅର୍ଥ ପାଣି ଓ ଶୁଖିଲା, କିନ୍ତୁ ଅନ୍ତରୀକ୍ଷ ଅର୍ଥ ଶୂନ୍ୟ; ... ପୁରୁଷଙ୍କ ... । ... ଜଣ ନା ମୁକ୍ତିମଣ୍ଡପର ... ଫୁଲିଲେ ... ମୁକ୍ତିମଣ୍ଡପର ... ଗାଉଥିଲେ ... 'କାଳ ... ' ... ନାହିଁ, କିନ୍ତୁ ତା କହିଲେ ... ? ... ମୁକ୍ତିମଣ୍ଡପରେ ... ଅଧିକ ... ମୁକ୍ତିମଣ୍ଡପରେ ... ଦେବା ନିମନ୍ତେ ... ବାଧ । (ମଦନପାଣି ଓ ନୃତ୍ୟାପସା ସଙ୍ଗେ ମୁକ୍ତି-ମଣ୍ଡପ ବେଡ଼ାର ସମ୍ପର୍କ କେଉଁ ରହିଲା ଅନେ-ମାନେ ବୁଝି ପାରିଲେ ନାହିଁ । ଏଗୁଡ଼ିକ ପ୍ରକାଶ ଛଡ଼ା ଅଛି କଣ ଦୋଷପରେ ?)

୪ । ଡାକର ଗୋଟିଏ ପ୍ରସ୍ତାବରେ ଆମ ବାଉ ମାହାନ୍ତଙ୍କ ମଜଲିସ ... । ଜ୍ୟେଷ୍ଠ ମାସରେ ଶୀତଳଷଷ୍ଠୀ ପର୍ବ । ସେ ଦିନ ଶାସନ-ବାସୀ ଆନନ୍ଦ ଓ ମଙ୍ଗଳ । ମଙ୍ଗଳ ଅର୍ଥ ପୂର୍ବ ଦେଖିଲେ ... ପାଠକ ବୁଝି ପାରିଥିବେ । ଯେ ନ ବୁଝି ପାରିଅଛନ୍ତି ସେମାନେ ... ବୋଲି ... ଲୋକ କହୁ ... । ସମସ୍ତ ... ବାଉ ମାହାନ୍ତ ସମ୍ପ୍ରଦାୟ ... । ଶାସନରେ ଶୀତଳଷଷ୍ଠୀରେ ... ମେଳର ଧୂମ ଲାଗିଯାଏ । ଅନେକ ପ୍ରକାର ଭିଲ୍ଲ ବାଣ (ତୁବଡ଼ି, ହାଉଇ, ଚକ ଇତ୍ୟାଦ) ପ୍ରଦର୍ଶିତ ହୁଏ । ଦୁଇ ଘର ଦଳ ଦୁରରୁ ... ପୋଡ଼ାଏ ଦେଲେ ... ଅଛି ତାହାର ପ୍ରଭା ... ଦାଣ୍ଡରେ ତୁବ ବାଡ଼ଅ ଲାଗିଅଛି । ଅଳ୍ପ କାଳ କେତେକ ସ୍ଥାନରେ ବାଣ ପଡ଼ୁ ଦୁର୍ଘଟଣା ... ସରକାର ବାହାଦୁରଙ୍କର ଭଲ ଆଇନ । ଗ୍ରାମରେ ବାଣ ପ୍ରସ୍ତୁତ କରୁ

ସାହି ବାଟରେ ବର୍ମ ପ୍ରବେଶଦ୍ୱାରେ ଉପସ୍ଥିତ ହୁଏ। ତାହାର ମାଲିକ (ଭୃତ୍ୟ ହେଲେ ସେ ଗ୍ରାହକ ମାନେ (ଅଗାନ୍ତି ବଣ୍ଟନ ପରି) ଭୁକ୍ତଭୁକ୍ତ ହୁଏ ଏବଂ ସାଥିର ଦ୍ୱାରା ଘାଟି ପାଏ। ଲୋକ ମାଲିକ ହେବି ଦେଉ ନ ପାରେ, ସେ ଗ୍ରାମରେ ସେହି ଦେବାଳୟ ଠାରୁ ବରଣ ପର୍ଯ୍ୟନ୍ତ ଯୋଗ୍ୟର ପ୍ରଣ। ଏଥିରେ ମନ୍ଦିରଙ୍କ ପୂର୍ବ-ପୁରୁଷର କୌଣସି ବ୍ୟକ୍ତିଙ୍କର ଛୁଟା ଘାଟ ଥିବାରୁ ସେ ଘରେ ଅସି ପରିଚୟ ଦେଇ ସହାଯ ଦେଇ ଉଦ୍ଧାର ସାହାଯ୍ୟ କରିଥିଲେ। "ଅବାଚ୍ୟ-ବାଦାଂଶ୍ଚ ବହୂନ୍ ବଦିଷ୍ୟନ୍ତି ତବାହିତାଃ। ନିନ୍ଦନ୍ତ-ସ୍ତବ ସାମର୍ଥ୍ୟଂ ତତୋ ଦୁଃଖତରଂ ନୁ କିଂ", ଶ୍ଳୋକଟା କେଉଁଠାରେ ଦେଖିଲା ପରି ସ୍ମରଣ ହେଉଅଛି। ସେ ଯାହା ହେଉ ଶ୍ଳୋକଃ ଭାଷା-ନ୍ତରିତ ମନେ ହୁଏ ନାହିଁ। କିନ୍ତୁ ଅମ୍ଭମାନେ ବାଣ ବାତ୍ରିଆ କଥା ପକେଇ ଥିଲୁଁ। ସେତେ-ବେଳେ ସାଥନ୍ତ (ଖାମିଦ)ଙ୍କ ଘର ବାତ୍ରି ପର୍ଯ୍ୟନ୍ତ ସାଥନ୍ତଙ୍କ ଅମୋଦରେ ମନପ୍ରାଣ ଢ଼ାଳି ଦେଇଥାନ୍ତି। ବାଣ ବାତ୍ରିଆ ନମନ୍ତ୍ରେ ଶାସନରେ ବାତ୍ରିଙ୍କୁ ଖୋସାଇ ଛାଡ଼ି ଦେଇଅଛନ୍ତି। ପଣ୍ଡାଙ୍କର ମାତ୍ରାର ପାଣି ହେଲେ ଶ୍ରୋଣ [illegible] ଦିନ-ଯାକ ଏକ୍ଟିକ ହତା ଭଳି ହୁମଦାମ ଗଳିଥିବ। ନିନ୍ତୁ ଏହା ହେଲେ ବି ଶ୍ରୋଣର ମନୁଷ୍ୟ ଶରୀର, ସେ ୩୬୯ ଦିନ ସାଥନ୍ତମାନଙ୍କ ଦ୍ୱାରା ଅପଣା ହିସାବରେ ଚଳୁଥାଏ, ବରଂ ନେ ନକଟାଏ ତାକୁ ସ୍ୱାଧୀନତା ମିଳି ଯାଏ, ତା ଅଗରେ ସେ ଦିନକେ ଚନ୍ଦ୍ର ଠିକଣା ପଡ଼ନ୍ତି ନାହିଁ। ସାଥନ୍ତ (ଖାମିଦ) ମଧ୍ୟ ଶ୍ରୀନ ଭାବି, ହେଉନ୍ତି ଯେ ଖୋଇ ପୁଅର ସାହାଯ୍ୟ ବିନା ଛୁଟି ବାତ୍ରିଆ ଚଳିବା ଅସମ୍ଭବ। ତାକୁ କିଛି ସ୍ୱାଧୀନତା ନ ଦେଲେ ସେ ବାଣ ବାତ୍ରିଆବାକୁ ଅପେକ୍ଷା କର୍ଷ? ଏଥିପାଇଁ ଜୋପାଇ ମହାପ୍ରଭୁମାନେ ଦିନେ ଦ ଦିନ ପାଇଁ ଅଛି ଛୁଟି ଦିଅନ୍ତି। ବାତ୍ରିମାନେ ଦିନେ ଦ ଦିନ ପାଟିପୁଣ ମେଷାର ନିଅନ୍ତି, ହେଲେ ସଙ୍ଗେ ସାଥନ୍ତଙ୍କ [illegible] ଗୋ [illegible] ଯାଇଥାଏ। [illegible] [illegible] ସାଥନ୍ତଙ୍କ ସଙ୍ଗେ ମୌଖିକ [illegible] ବସାଇ ଦିଅନ୍ତି। ଯାତ୍ରୀ ଲକ୍ଷ ଲକ୍ଷ ଟଙ୍କା ଖାଉଚ କରି ଯେତେ ଅଧିକାର ଅଛି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣରୂପେ ପାଠ ନାହାନ୍ତି. ମୂଳରୁ ସେହି ମୂଳେ ମୂଳେ ସାଥନ୍ତଙ୍କ ଅନୁମତି କେମ ହେଉନ୍ତି ଦେଇ ଦିନ ଦପ୍ତରରେ ସେ ଅଧିକାର ହୋଇ ନ ଯାଉ (ସାଥନ୍ତଙ୍କ ସଙ୍ଗେ ମୌଖିକ ସ୍ୱାଧୀନ ସମ୍ବନ୍ଧ ସ୍ଥାପନ କରି ଦେଇ) ମୁହଁମୁଖ କରନ୍ତି। (କଥାଟା ଅନେ-ମାନେ ବି ଉତ୍ତମରୂପେ ସମଜି ପାରିଲୁ ନାହିଁ, ପାଠକରେ ଏହାର ଅର୍ଥର କୌଣସି ସୂଚନା ନାହିଁ। ଅମ୍ଭମାନଙ୍କର ଜଣେ ସମ୍ମାନନୀୟ ସଙ୍ଗୀ ଯୁବକ କଥାଟାକୁ ସାମ୍ପ୍ରତିକ ଦର ଅବହମାନ ପ୍ରଚଳିତ ନୃତ ଓ ପୁରୁଥାଇ ଦ୍ୱାହି ଦେଇ ବୁଝାଇ ଦେଇଥିଲେ। ଏଥିରେ ସଚତୁର ପାଠକେ ଦେବଦୋଭକ୍ତି, ଅଭିଭବାଗ୍ୟ ଓ ପାରମ୍ପରିକ ପ୍ରଥା-ଭକ୍ତିର ପରାକାଷ୍ଠା ଦେଖି ପାରିବେ।) ଏ ସବୁଟି କେବେଳେ ପୂର୍ବ ପୁରୁଷଙ୍କୁ ଶୁଣିକେ ହେବାରୁ ହିନ୍ଦୁ ଗ୍ରାମର ଦେଶଗଥପୁରାଥ ବନ୍ଧୁଙ୍କ ବଢ଼ିବାପେ ବାତ୍ରିଙ୍କ ସ୍ୱାଧୀନ ମୂଳରେ ଆଗ ଦେବାକୁ ବସିଲୁରୁ ଗାଁକରୁ ଗୋଟାଏ ନାଗପାଦ ବାନ୍ଧାଇ ବଡ଼ବାପଙ୍କୁ ଦଂଶନ କରିବାକୁ ଅଗ୍ର-ଥିଲା। ସେହିଦିନଠାରୁ ଗ୍ରାମର ସୋମନାଥ ଦେବଙ୍କ ବଳରେ ବାତ୍ରିମାନଙ୍କୁ ସେ ଦିନେ ହୁଇ ଦିନ ଛୁଟି।

* । କେତେକ ବ୍ରାହ୍ମଣ ଶାସନରେ ବ୍ରାହ୍ମଣ ସମାଜର ଶୀର୍ଷସ୍ଥାନୀୟ ଅତଏବ ଜନପ୍ରିୟ ସାମନ୍ତ ଶ୍ରେଣୀର ଏକ ଉପସଂପ୍ରଦାୟ ଥିବାର ପାଠକରେ ଲେଖାଅଛି। ସେମାନେ ଅନ୍ୟ ସଂପ୍ରଦାୟ ଠାରୁ ଉଚ୍ଚ ଜିଜ୍ଞାସାରେ ଅବସ୍ଥିତ। ସେମାନେ ଅନ୍ୟ ସଂପ୍ରଦାୟର ବ୍ରାହ୍ମଣମାନଙ୍କୁ ନମସ୍କାର କରିବେ ନାହିଁ। ଅନ୍ୟ ସଂପ୍ରଦାୟର କେହି ବ୍ରାହ୍ମଣ ତାଙ୍କ ଘରେ ଉପସ୍ଥିତ ହେଲେ ସାଥନ୍ତଙ୍କ ଘରେ ତାଙ୍କ

ଘୋଡ଼ା ଅଧୁଆ ରହିବ, ସାମନ୍ତଙ୍କ ଘର ବାଳକ ମଧ୍ୟ ସାଥିନ୍ତଙ୍କ ପାଖେ ଥାଇ ପାଆନ୍ତି । ଘୋଡ଼ା ଘୋଷିବାକୁ ପାଣି ଦେଲେ କିମ୍ବା ନମସ୍କାର କଲେ ଅଥବା ବସିବାକୁ ଆସନ ଦେଲେ ସାଥିନ୍ତ ଯେ ଉଚ୍ଚ ପିଣ୍ଡାରୁ ଖସି ପଡ଼ିବେ ! ସାଥିନ୍ତଙ୍କ ଘରକୁ କାଂଶସ୍ତ 'ସମିତ୍' ଉପଲକ୍ଷରେ ଉଦରକିଆ ସମ୍ପନ୍ନ କରିବାକୁ ଗଲେ ଗଡ଼ପିଡ଼ା ଯୋଗ ଦିବାର କଥା । ପୂର୍ବରୁ କଥିତ ରକ ଅନୁଥାଉ ଆପତ୍ତି ନାହିଁ, କିନ୍ତୁ ଆମ୍ଭେମାନେ ପଚାରୁଁ ସେ ମନୁଷ୍ୟ କାହାନ୍ତି ? (ବାଠମାହାନ୍ତିଙ୍କର ଏ ଦେଶ୍ଚିଙ୍କରେ ଯା ଲେଖା ଅଛି ତାହା ଗ୍ରହଣ କରିବାକୁ ଅମ୍ଭେମାନେ ଏକାନ୍ତ ନାରାଜ । ସାମନ୍ତଙ୍କ ଶୋଭିତ ଆମ୍ଭମାନଙ୍କର ୭୮ ଜଣ ଶିଷ୍ଟ ବନ୍ଧୁ ଅଛନ୍ତି. ସେମାନଙ୍କ ବ୍ୟବହାରରୁ ଅମ୍ଭେମାନେ ଭିନ୍ନ ପ୍ରକାର ଅନୁଭବ କରିଅଛୁଁ । ସେ ୨୪ ଜଣ କମ୍ଭୁଳା କି ଜାଣିଲେ, ତାହା ଅବଶ୍ୟ ଆମ୍ଭମାନଙ୍କର କହିବାର ଅଧିକାର ନାହିଁ ।) ସହାଙ୍କରେ ଗ୍ରାମ ସାଥିନ୍ତ ପ୍ରଧାନ : ୧—ଉତ୍କଳାବରପଡ଼ା ନନ୍ଦ ସାଥିନ୍ତ ୨—ଶ୍ରୀରାମନରସିଂହପୁର ବତ୍ସ ମହାପାତ୍ର ୩—ହରେକୃଷ୍ଣପୁର ଗୁଆରେଥ ରଥେ, ୪—ଜଗନ୍ନାଥପୁର ବାଜପେୟୀ । ସାଥିନ୍ତେ ବୈଲେ ପିଢ଼ିର ସବା ଉପରେ । ତାଙ୍କ ତଳ ପାହାଚ ଉତ୍ତଦିଗେ, ତାଙ୍କ ତଳେ ଦକ୍ଷିଣସାହିଆ ରଥେ, ପାଟଣାପୁରଆ ରଥେ, କେସରପୁରଆ ବସୁ, ଇତ୍ୟାଦି ଇତ୍ୟାଦି । ସାମନ୍ତଙ୍କ ଖରଡ଼ାରେ (ଆସନରେ) ଅନ୍ୟ ବ୍ରାହ୍ମଣଙ୍କର ବସିବାର ଅଧିକାର ନାହିଁ । ପ୍ରଲସଭାରେ ସାଥିନ୍ତଙ୍କ ଘରର ପିଲାଟିଏ ପୁଷ୍ପ ଫୁଲ ଚନ୍ଦନ ନ ପାଇଲେ ଉପସ୍ଥିତ ଅନ୍ୟାନ୍ୟ ବ୍ରାହ୍ମଣମାନଙ୍କୁ ଫୁଲ ଚନ୍ଦନ ଦିଆଯିବ ନାହିଁ । ସାଥିନ୍ତଙ୍କୁ ଅଉ ଦେବେଇ କପଡ଼ା ମଧ୍ୟ ଛାଡ଼ । ସାଥିନ୍ତଙ୍କ ବର୍ଷାବେଳେ ଭାବର ଅନନ୍ୟମୂଳକ 'ମହତ୍ତ୍ୱ'ରେ ଅଧିକାର ଅଛି ।—ପାଲିଙ୍କି ଉପରେ ପାଟଛତା, ଚାମର, ଲାଷ, ଅଡ଼େଣି, ଘୋଡ଼ା, ହାତୀ ସାମନ୍ତଙ୍କ ଛଡ଼ା ଆଉ କେହିଁ ବାହା-ଯାମାରେ ଗ୍ରାମମଧ୍ୟରେ ବ୍ୟବହାର କରି ପାରିବେ ନାହିଁ । ଗ୍ରାମର 'ଜଗନ୍ନ' ଜଗ୍ଧା କେଳା ବେଳେ ସାମନ୍ତଙ୍କ ନାମ ସର୍ବପ୍ରଥମ ଯାତରେ ଥାଏ । ସାମନ୍ତ ଅନ୍ୟ ବ୍ରାହ୍ମଣଙ୍କ ଘରେ ଭୋଜନ କରିବେ ନାହିଁ, କିନ୍ତୁ ସାମନ୍ତଙ୍କ ଘରେ ସବୁ ବ୍ରାହ୍ମଣେ କହ୍ନା ଆମନ୍ତ୍ରିତ ଭୋଜନ କଲେ ଦୋଷ ନାହିଁ । (ବଙ୍ଗଦେଶରେ ପ୍ରଚଳିତ କୌଳିନ୍ୟ ପ୍ରଥା ବାଠମାହାନ୍ତିଙ୍କୁ ଜଣା ନାହିଁ ପରା ? ଜଣା ଥିଲେ ଏ ଦେଶରେ ଭଲଭାବ ଛଟା କେତେକ ପଞ୍ଚାନରେ ସଂଗତି ଗତ ଧାରଣ କରିଥାନ୍ତା । ବାଠମାହାନ୍ତି କଲେ ତାଙ୍କ କରଣ ସାଥିନ୍ତମାନଙ୍କ 'ମର୍ଯ୍ୟାଦା' ଭୁଲି ଯାଇଛନ୍ତି ?) ଗୋସାଇଁ ମନପ୍ରଭୃତିମାନେ ଅନ୍ତଃକାଳ ଦେଖି କାଳ ପାରିଲୁ ଗ୍ରାହ୍ୟ ଗୋଟିଏ ଅଧିପଦର ହୋଇ ଚଳାଇ ଆସୁ ଅଛନ୍ତି । ଏଥିର କୌଣସି କଥା ନାହିଁ, କି ଯାହା ସମ୍ମତି କିନ୍ତୁ ଦୋଷମାନ ଦାଆଁକ ଘରକୁ ଦେଲେ ଚଳ ନ ଯିବ । ଅର୍ଥାତ୍ ସମାଜରେ କେହି କୌଣସି ଗର୍ହିତ ଆଚରଣ କଲେ ସେ ସମାଜରୁ ବହିଷ୍କୃତ ହେବେ, କିନ୍ତୁ ପାଞ୍ଚ ସ୍ମାର୍ତ୍ତଙ୍କୁ ବସି ଘଣ୍ଟି ମୁଣ୍ଡରେ ଗୋଟାଏ ପାର ଟାଣିଦେଲେ, ସେ ଗାରଟିକୁ ଗ୍ରହଣ ବେଳ କାଳ ଉଣ୍ଡି ଆସି ମହାଜନଙ୍କ ପାଖରେ ଶରଣ ପଶିଲେ ଅର୍ଥାତ୍ ହାଜର ହୋଇଗଲେ ସବୁକଥା ଲିଭିଯିବ, ଅପରାଧୀ 'ପୁନାପୁଅ' ହୋଇ ହେଣ୍ଡି ମାରି ବୁଲିବ । (ଏ କଥାଟା ଏହା ବ୍ରାହ୍ମଣ ସମାଜରେ କାହିଁକି, ସବୁ ସମାଜରେ ଅଳ୍ପ ବହୁତ ଅଛି । ଅନ୍ୟ ସମାଜ ପ୍ରତି ଦୃଷ୍ଟି କଲେ ବହୁ ପରାପ୍ତ ଉତ୍ତମ ମଧ୍ୟମ ପ୍ରକ୍ଷେପ୍ତଟାଏ ପାଇଯିବେ । ବ୍ରାହ୍ମଣଙ୍କର କେହି ସାହା ନାହିଁ ତେଣୁ ମାହାନ୍ତି ଅନ୍ୟର ଘିଅ ଦେଖି ରଡ଼ୁଟାଏ କସାଇ ଦେଲେ ପରା !)

୬ । ଗ୍ରାମର ଦାଣ୍ଡ ଦେଖି ବାଠମାହାନ୍ତି ଭାରି ଖୁସି ହୋଇଅଛନ୍ତି । ଦାଣ୍ଡ ଖୁବ ପ୍ରଶସ୍ତ ଓ ପାର୍ଶ୍ୱରେ ଧାଡ଼ିବେ ଠାବେ ନାରିକେଳ ବୃକ୍ଷର ବଗୁଲତା ଯୋଗୁଁ ଛପ୍ପାମସ୍ତ । ଘରଗୁଡ଼ିକ ଦାଣ୍ଡର

ତିନୋଟି ଧର୍ମଶାଳ ଆଉ ଲାଗି ରହିଅଛି । ଗ୍ରାମର ଦୁଇ ମୁଣ୍ଡରେ ପୁଷ୍କରିଣୀ ଓ ଦେବାଳୟ । ପଥର ଘରର ଧାଡ଼ିଗୁଡ଼ିକ ଲମ୍ବ ଲମ୍ବ 'ଗୋଠ' ଗ୍ରାମର ଏକମୁଣ୍ଡରୁ ଅନ୍ୟ ମୁଣ୍ଡ ପର୍ଯ୍ୟନ୍ତ ଲାଗିଅଛି । ଦାଣ୍ଡ-ଆଡ଼େ ଗୋଠରେ ସ୍ତ୍ରୀମାନଙ୍କର ବ୍ୟବହାର । ଗ୍ରାମ-ମଧ୍ୟ ପୁଷ୍କରିଣୀରେ ପୁରୁଷମାନେ ସ୍ନାନାଦି କରନ୍ତି । ଗ୍ରାମଟି ରାଜପ୍ରତିଷ୍ଠିତ, ସ୍ଥାପିତ ପୂର୍ବରୁ ରାଜା ଗ୍ରାମର ସମସ୍ତ ସୁବିଧା କରି ଦେଇ ଯାଇଅଛନ୍ତି । ଗ୍ରାମର ମାଳୀ, ପଣ୍ଡା, ଭଣ୍ଡାରି, ଧୋବା, ବାଜାଦାର ପର୍ଯ୍ୟନ୍ତ ଗ୍ରାମସେବାଜନମାନେ ରାଜପ୍ରଦତ୍ତ 'ଦେଖା' ଖାଉଅଛନ୍ତି । ବ୍ରାହ୍ମଣମାନେ କଷ୍ଟିନ୍ତି ହୋଇ କେବଳ ଗୃହକର୍ମରେ ଲୀନ ନ ହେବେ, କୌଣସି ବିଷୟରେ ତାହାଙ୍କୁ ପାଠ ସୁଦ୍ଧା ପଢ଼ାଇବେ ନାହିଁ, ରାଜା ଏହି ଉଦ୍ଦେଶ୍ୟରେ ଶ୍ରୋତିୟ ବାଟୀ ନମ୍ବର ବୃତ୍ତି ପ୍ରତି ଗ୍ରାମରେ ଦେଇ ଯାଇଥିଲେ । ତାହା ରାଜାମାନେ ଜାଣି ନ ଥିଲେ ଯେ କାଳାନ୍ତରେ ଶୀଘ୍ର ଇଂରାଜଙ୍କ ଦର୍ଶନକୁ ପାଣି କରି ପକାଇବେ ବୋଲି । ବାଉମାନାନ୍ତ ଅନେକ ସ୍ଥାନ ବୁଲିଅଛନ୍ତି, କିନ୍ତୁ ଗ୍ରାମର ଏପରି ସୁନ୍ଦର ଗଠନ ଓ ପରିଚାଳନ କେଉଁଠାରେ ଦେଖି ନାହାନ୍ତି । ଗ୍ରାମ ନିକଟରେ ଯଥାସ୍ଥାନରେ ଧୋବା, ଭଣ୍ଡାରି, କେଉଟ, ମୂଲିଆ, ପଣ୍ଡା, ମାଳିଆ ଆଦି ପ୍ରୟୋଜନୀୟ ଜାତି 'ଦେଖା' ଖାଉଅଛନ୍ତି । ଥରେ ଘଣ୍ଟାରେ ଶିବ ଦେଖି ଦେଲା, କେହି ତାହାଙ୍କୁ ପାଠ ପଢ଼ାଇବାକୁ ନାହାନ୍ତି, କିନ୍ତୁ ନିରୂପିତ ସମୟରେ ସେବାକାରୀ-ମାନେ ନିଜର କର୍ତ୍ତବ୍ୟ ସେବାକାର୍ଯ୍ୟ କରି ଚାଲି ଯାଉଅଛନ୍ତି । ଯେଉଁ ରାଜା ମନରେ ତେବେ ହିତ ଭବିଷ୍ୟତ ଯେମାନ ଅଙ୍କନ କରି ଏ ଗ୍ରାମ ପ୍ରତିଷ୍ଠା କରି ଯାଇଥିଲେ ସେ ଥରେ ଭଲା ବର୍ତ୍ତମାନ ମର୍ତ୍ତ୍ୟକୁ ଓହ୍ଲାଇ ଅଧୁନାର ଅବସ୍ଥାଟା ଦେଖିଯାନ୍ତେ କି ? ଭଜ ଦେବପ୍ରସାଦ ଲାଭଙ୍କର ମନ୍ଦିରରେ ସ୍ଥାନକୁ ଫେରିଯାନ୍ତେ । ବ୍ରାହ୍ମଣଶ୍ରେଣୀ ଅନେକ ଲକ୍ଷପତି ଗୃହସ୍ଥ ଗୃହସ୍ଥ ମହାରାଣୀ, ଅମାନ୍ତ, କଦଳୀ, ଘସା, ଚକଟାରେ ଗରଣିକ ଦେଖନ୍ତି । ସେତେବେଳେ ... ବୁଝିବେ ଯାହା ଏଠାରେ ଘଟୁଅଛି । ଗାଆଁରେ ... ଜାଣିଲି ଏଣେ କଥା :— ଆପଣ ଜାଣିମାନଙ୍କର ଅନୁରୂପେ ପ୍ରକୃତ ମନ ଜିଣିବୋ ସମଜ । ... ସ୍ଥାନରେ କାଳ ଓ ଜାଣିବେ ପ୍ରାୟ ଅଛି ।)

୨ । ଆପଣ କହୁଅଛନ୍ତି ବ୍ରାହ୍ମଣମାନେ ଜୀବନ, କିନ୍ତୁ ଆପଣମାନେ ନାହିଁ, ଏମାନଙ୍କର ପ୍ରକୃତ ... ଜାତି । ଚାରି ମଧ୍ୟ ଏକ ସମ୍ପତ୍ତି । ଆପଣଙ୍କର ମାନଙ୍କ ମନ୍ତବ୍ୟରେ ଯାହା ଥିଲେ କହିବେ, ସମ୍ପତ୍ତି ଦୁଇ ଭାଗରେ ବିଭକ୍ତ :— ସ୍ଥାବର ଓ ଅସ୍ଥାବର; ଏ କେଉଁ ଶ୍ରେଣୀର ? ବାଉମାନାନ୍ତ ମତରେ ଏହା ଏକ ମଧ୍ୟମ ଶ୍ରେଣୀର ଅର୍ଥାତ୍ ଜାତ ଏକ ତୃତୀୟ ସ୍ଥାବରାସ୍ଥାବର ସମ୍ପତ୍ତି । ଯେଉଁ ସ୍ଥାବର ସମ୍ପତ୍ତି ଅସ୍ଥାବର ସମ୍ପତ୍ତିରେ ପରିଣତ ହୋଇ ପାରେ ତାହା ସ୍ଥାବରାସ୍ଥାବର ସମ୍ପତ୍ତି । ଯେଉଁ ଜାତିପୂତାର ଜନ୍ମଜନ୍ମତା ବା କମୋଡିଟୀ ଅନୁସାରେ ମୂଲ୍ୟ ନିର୍ଦ୍ଧାରିତ ହୋଇ-ଥାଏ, ତାହା ପିତୃପିତାମହାଗତ ସମ୍ପତ୍ତି ନୁହେ, ଆଉ କଣ ? ଦକ୍ଷିଣୀଯାହୁଆ ରଥେ ବେପରୁଆ ବାବୁଙ୍କ ଘରେ ବସିଲେ (ଅର୍ଥାତ୍ କୌଣସି ବୈବାହିକ ସମ୍ବନ୍ଧ ସ୍ଥାପନ ହେଲେ) ଜରସମନ ନଗଦ ଟ ୩୫୦ ୧ ଓ ଅଳଙ୍କାର ୫ ଥାନ । କୌଳିକ ଦାଶେ ସ ବଧୂମହାପାତ୍ର ଦମ୍ପ ବାଜପେୟୀଙ୍କ ଘରେ ପଟେ ବନ୍ଧୁ ବାନ୍ଧିଲେ କିମତ୍ ଟ ୧୬୭୦୯, ଥାନ ୭ ଭରଣି ଓ ଲାଖରାଜ ବାହେଲ ଦୋଫସଲ ଜମି ମା ୩।୫୭/୨ ଗଣ୍ଡା । କଥାଟା ବୁଝିବାକୁ କଷ୍ଟ ନୁହେ । ତେବେ ଗଣ୍ଡ-ବୁଦ୍ଧିଙ୍କ ଉପକାର ପାଇଁ ଗୋଟାଏ ଅଙ୍କନ ଦଅ ଗଲା ! ମନେ କରନ୍ତୁ, ଅମେ ଆପଣଙ୍କଠାରୁ ଭଲ ପାହାଚରେ ଅବସ୍ଥିତ । ଉପର ପାହାଚକୁ ଉଠିବାକୁ ଧରନ୍ତୁ ଆମକୁ ଟ ୧୭୬୯ ପଡ଼ନ୍ତା । ଏ ଟ ୧୭୬୯ କିଛି ମାନଗଡ଼ା କିମତ୍ ନୁହେ; ପାଞ୍ଚ ଶାସନର ପାଞ୍ଚ ଜଣ ପୁରୁଖା ପୁରୁଖା ଲୋକ ବସି ହିସାବ କରି, ମନିମଣ୍ଡି ତୈଳା କରି, ଏ କିମତ୍ଟା

ହୁସ୍ତାଦ ଦେଲେ । ୧୭୬ ଟଙ୍କା ମେଳ ଅନେ ପାଖରେ ଦିଅନ୍ତି ପଞ୍ଚ, ସେଥା ମେଳ ସ୍ଥାନେ ଶାନ୍ତି ନାହିଁ ନେଲୁ, ସେହି ବଳରୁ ଉପର ପାହାଡ଼ୀ ଅମର ସ୍ଥାନସ୍ଥାନର ହସ୍ତି ନୋଠ ହେଲା । ସ୍ୱେଚ୍ଛାକରି ସମସ୍ତ ପତ୍ରିକା ଅନନ୍ତ ଭଲ ପାହାଡ଼କୁ ଗଣି ନେବାକୁ ଦେଲା, କିନ୍ତୁ ଅଛି ନାହିଁ, ପୂର୍ବର ସେ ଶାସ୍ତ୍ରାର୍ଥିଙ୍କରେ ଜମା ଟଙ୍କାରେ ଦ୍ୱାଦଶୋତ୍ତର ମେଳ ଗଲା । ଟଙ୍କା ପ୍ରଥମ ହାତରେ ପରିଣତ ହେଲା, ପୁନର୍ବାର ହାତ ଟଙ୍କାରେ ପରିଣତ ହେଲା । ବିଜ୍ଞାନ ଜଣା ଥିଲେ ଏ ସଭ୍ୟତି ଆପଣଙ୍କୁ ଅଡୁଆ ଲାଗିବ ନାହିଁ; ଜଳକୁ ଉତ୍ତପ୍ତ କଲେ ତାହା ବାଷ୍ପରେ ପରିଣତ ହୁଏ, ପୁନର୍ବାର ଉକ୍ତ ବାଷ୍ପକୁ ସଂଗ୍ରହ କରି ଶୀତଳ କଲେ ଜଳ ହୋଇଯାଏ । ଯାହା ଥିଲା 'ପୁନର୍ମୂଷିକୋ ଭବ' । ଲୋଭ ମଧ୍ୟରେ ଉତ୍ତପ୍ତ କରି ଶୀତଳ କରିବାର ପରିଶ୍ରମ । ବାଉଳମାହାନ୍ତ କେତେକ ସ୍ଥାନ ବୁଲି ଉପକରଣ ସଂଗ୍ରହ କରି ଗୋଟିଏ ହାଟଶୋପାନ-ମୂଳର ସଠୀକ ତାଲିକା ପ୍ରସ୍ତୁତ କରୁଅଛନ୍ତି । ସମସ୍ତରେ ତାହା ଆମ୍ଭମାନଙ୍କ ହସ୍ତଗତ ହେବାର ଆଶା ।

୮ । ଯେ ଯାହା କହନ୍ତୁ, କିନ୍ତୁ ବାଉଳ ମାହାନ୍ତଙ୍କର ଧ୍ରୁବ ବିଶ୍ୱାସ ଯେ ଯେତେଦିନ ଯାଏ ହନୁମାନ ପ୍ରତିଷ୍ଠିତ ଅଛି, ଯେତେ ଦିନ ଯାଏ ଜଗନ୍ନାଥଙ୍କ ଦେଉଳ ଅଛି, ଯେତେ ଦିନ ଯାଏ ମୁକ୍ତିମଣ୍ଡପ ବିଦ୍ୟମାନ ଅଛି, ସେତେ ଦିନ ଯାଏ ଶାସନ ବ୍ରାହ୍ମଣ ନିର୍ଦ୍ଧନତା ହେତୁ କଷ୍ଟ ଭୋଗ କରିବେ ନାହିଁ । ବାଉଳ ମାହାନ୍ତ ଏ ଦିନେ ଜଣେ ନିର୍ଦ୍ଧନ ବ୍ରାହ୍ମଣଙ୍କୁ ପ୍ରଶ୍ନ କରିଥିଲେ 'ଗୋସେଇଁ ମହାପ୍ରଭୁ ! ଆପଣଙ୍କର ତ ବାଡ଼ି ଗୋଟିରେ ଗୋଟେ ନାହିଁ, ଆପଣ ଚଳନ୍ତି କିପରି ?' ଗୋସାଇଁ ମହାପ୍ରଭୁ ତଳ ପଇତା ପିନ୍ଧା ଦୋହଡ଼ା ହୋଇ ହାଲୁଟି ମାରି ସଜାଡ଼ି ଘରୁ ବାହାରିଥିଲେ, ଉତ୍ତର କଲେ 'ଆମକୁ ହୁଲାଇବାକୁ ଜଗନ୍ନାଥଙ୍କ ବଡ଼ ଦେଉଳ ।' ମଠକୁ ମଠ ମହାପ୍ରଭୁ ସନ୍ଧ୍ୟା ବେଳେ ଗଲେ ସେପରି ମେଳରୁ ଅଧାରେ ଫେରିଗଲେ ଦୁଇ ମୁଠା ଓ ଅନ୍ନ ମହାପ୍ରସାଦ ଦେଉଛନ୍ତି । ବାଉଳ ମାହାନ୍ତ ମନେ ମନେ ବିଚାରିଲେ "ଏମାନେ ତ କ୍ଷତ୍ରିୟ କୁଳରେ ଜନ୍ମ କରିଥିଲେ ନିଶ୍ଚୟତ ଅନ୍ନ କଷ୍ଟ ପାଆନ୍ତା କାହିଁ ?" ଆମ୍ଭମାନଙ୍କ ମତରେ ଏହା ଛାତିର ନିର୍ଭରର ହିନ୍ଦୁ ଉଦାହରଣ । କଳିର ବ୍ୟବସ୍ଥା ଅନୁସାରେ ଯିଏ କରିଥିଲେ ଆଚାର୍ଯ୍ୟ ସୃଷ୍ଟିକର୍ତ୍ତାଙ୍କୁ ଅପମାନ କରା ହୁଏ । ଏହି କଥା ଯେତେ ଅନେ ଡାକିରୁ ଦେବେ ଜଗନ୍ନାଥେ ତାହାଙ୍କ କଣ ?

୯ । ଏହି କେତେକ ଦିନ ମଧ୍ୟରେ ବାଉଳ ମାହାନ୍ତ କେତେଗୁଡ଼ିଏ ନୂଆ ଶିକ୍ଷା ଲାଭ କରି ଅଛନ୍ତି । ସେଗୁଡ଼ିକ ତାଙ୍କରେ ଲେଖା, ଆମ୍ଭ-ମାନେ କଷ୍ଟ ସ୍ୱୀକାର କରି କେତେଗୁଡ଼ିଏ ଯଥା-ଶକ୍ତି ଉଦ୍ଧାର କଲୁଁ ।

କ—ପରଦ୍ରୋହିତା ଅପେକ୍ଷା ମହାପାପ ପୃଥିବୀରେ ନାହିଁ । ତାହା ଦ୍ୱାରା ପରୋପକାର ବ୍ରତ ସାଧିତ ହୁଏ, ଏଣେ ଅମୃତପ୍ରସାଦ ଲାଭ ହୁଏ ।

ଖ—ଅନେକୁ ଶ୍ରେଷ୍ଠବାଗ୍ମୀଙ୍କ ଇତ୍ୟାଦି ବଳେ ନୀତି ଶ୍ରେଷ୍ଠବାଗ୍ମୀଙ୍କ ଅର୍ଥ ପୋଷ ବାଉଳଗଣ । ସେ ଶବ୍ଦ ହାତବାଉଳଗଣ ବେଳେ ପ୍ରଯୁଜ୍ୟ ନୁହେ ।

ଗ—ରାଜନ୍! ସର୍ଷପମାତ୍ରାଣି ପରଛିଦ୍ରାଣି ପଶ୍ୟସି । ଆତ୍ମନୋ ବିଲ୍ୱମାତ୍ରାଣି ପଶ୍ୟନ୍ନପି ନ ପଶ୍ୟସି ।

ଘ—ସବୁ କରିବ, ଅଣ୍ଟା ହେଲେ ଛାଡ଼ିବ ନାହିଁ । ଜାଣି ଜାଣି ମୁହଁରେ ଚାଉଳ ମାରିଲ ଯେବେ, ଭଣ୍ଡିପଣିଆ ଆଉ ରହିବ କଣ ? 'ଦୁଷ୍ଟ ଲୋକ ବୃଦ୍ଧ ହେଲେ କହେ ବାଳକେ ଭଅର ବାଣୀ'—ଏ ବଡ଼ ପୁରୁଣା ଓ ସୁପରିଚିତ କଥା ।

ଙ—ଗୋଦାମ ତଳରୁ ଗୁହାରି ନାହିଁ ବମା ଦାନ୍ତୁଆ ହେବେ ତେବେ ଦର୍ପଣ ଧରନ୍ତୁ ନାହିଁ । ବାଉ

ମାହାନ୍ତ୍ର ଏ ବିଷୟ କଥା ଅନୁଭବରେ ଦେଖି ଆସିଲେ । ସାଧାରଣତଃ ଏ ଦୁଇ ଜଣ ପର ଲୋକଙ୍କୁ ଓ ବଡ ସୁଖଙ୍କୁ କରେଇ ସେମାନଙ୍କର ଭାର ପନ୍ଥୁ । ବାଇ ମାହାନ୍ତ୍ର ମଧ୍ୟ ଏହି ଅନୁଭବ-ଜନିତ ଉପଦେଶକୁ ଜୀବନର ମହାବ୍ରତ କରିବେ ବୋଲି ସ୍ଥିର କରିଅଛନ୍ତି ।

୧୦ । ଆଧୁନିକ ସଭ୍ୟତା ଭିନ୍ନ ଅନିଷ୍ଟକର । ତାହାର ଭୂରି ଭୂରି ଉଦାହରଣ ପ୍ରଦେଶ ମିଳୁ-ଅଛି । ଏପରି ସ୍ଥଳରେ ଆଧୁନିକ ଶିକ୍ଷା ଓ ସଭ୍ୟତାକୁ ଯେତେଦୂର ଏଡ଼ି ପାରିବ, ସେତେ ଦେଶର ଓ ସମାଜର ମଙ୍ଗଳ । କଳାଏ ଏ ବିଷୟରେ ଘୋର ତାଚ୍ଛଲ୍ୟରେ ଅଛନ୍ତି । ଏହା ନ ହେଲେ କି ଚଳିବ ! ହଜା ଘର ପାଞ୍ଚ ହେଲା କଳାଙ୍କର କିଛି ଭାଙ୍ଗିଛି, କଳାଏ ଉଠିଲା ବେଳକୁ 'ଘର ବୁଡ଼ ପାଣି ଅଣୁଏ ହେଲାଣି' ! ଯାହା ହେଉ ମନ ଓରମାନଟା ମେଣ୍ଟି ଯାଉ ହେଲେ । ସମ୍ପତ୍ତିର୍ଚ୍ଚା ର ପୁରୁଣା ପାଠଗୁଡ଼ାକ, ସେଗୁଡ଼ାକ ବେଳକୁ 'ଅର୍ଥକରୀ ବିଦ୍ୟା'ର ଦ୍ୱାହି । ଆଧୁନିକ ଶିକ୍ଷା ବେଳକୁ 'ଅଧ୍ୟାପକୋଽପି ଯବନୋ ଦ୍ୱିଜବାଳକାନାଂ'ର ଦ୍ୱାହି । ଅତଏବ ମଝିରେ ମଝିରେ ସିଧା ବାଟ 'ଭ୍ରଷ୍ଟୀ ଉଭୟ' ଅଡ଼କୁ ପଡ଼ୁଛି । ଯେ ଚତୁର ସେ ସେହି ବାଟ ଧରି ଗଲା । ଧର୍ମବାଜୀ ଧରି ଆପେ ନିଧୁଣ ଯିବା ସଙ୍ଗେ ସଙ୍ଗେ କେତେ ସନ୍ତୁ ଶେଠଙ୍କୁ, ସ୍ୱର୍ଗକୁ ଉଠାଇ ଦେବା ।

୧୧ । ବାଇ ମାହାନ୍ତ୍ର ସେ ଗ୍ରାମରେ ୮।୧୦ ଦିନ ରହିଲେ, କିନ୍ତୁ ଗ୍ରାମରେ ଏତେଦିନ ପର୍ଯ୍ୟନ୍ତ ବାଇଦା ଯେ ସେ ଏତେ ଦିନ ମଧ୍ୟରେ ଜଣେ ବୃଦ୍ଧାଙ୍କୁ ପୁଅ ଗ୍ରାମ ଦାଣ୍ଡକୁ ବାହାରିବାର ଦେଖି ନାହାନ୍ତି । ଏ ସମ୍ବନ୍ଧରେ କଟକ ବ୍ରାହ୍ମଣସମାଜ ପୁଣି-ସମାଜ ନିକଟରେ ପରାଭୂତ ଓ ଲଜ୍ଜିତ । ସ୍ତ୍ରୀମାନେ ସ୍ୱାଧୀନତା ନ ପାଉନ୍ତୁ, କିନ୍ତୁ ଆଧୁନିକ ପ୍ରଚଳିତ ଅର୍ଦ୍ଧ-ସ୍ୱାଧୀନତାମଧ୍ୟସ୍ଥ ବାଟ ସେମାନଙ୍କୁ ସ୍ପର୍ଶ କରି ନାହିଁ । ବାଘ ଜେଲ ହେତେ ବାଟେ ନାହିଁ, କିନ୍ତୁ ଗୋପଗଣ ସଂସାରତା ! ସାଧାରଣତଃ ଦାରିଦ୍ର୍ୟ ହେତୁରୁ ହେଉ ବା ପରାଧୀନ-ଭକ୍ତି ହେତୁରୁ ହେଉ, 'ଓଡ଼ିଆ ଲଳନା'ର ଛବି ସେମାନଙ୍କ ବ୍ରାହ୍ମଣ ଶାସନରୁ କିଛି ପାଇ ନାହାନ୍ତି । ସହରର ବ୍ରାହ୍ମଣ ସ୍ତ୍ରୀମାନେ ଆଜିର ସୌଭାଗ୍ୟବତୀର ଅନ୍ୟାନ୍ୟ ଭଗିନୀମାନଙ୍କ ଅପେକ୍ଷା ବେଶି ସଜ୍ଜିତା, ସୁରୁ-ବେଶିଷ୍ଠା ଓ ଲଜ୍ଜାଶୀଳା ଏବଂ (କହିଲେ ମଧ୍ୟ ଚଳେ) ସୁଶ୍ରୀ । (ବାଇ ମାହାନ୍ତ୍ରଙ୍କୁ ଜେରା କରି ତାଙ୍କ କଥା ବିଶ୍ୱାସ-ଯୋଗ୍ୟ ଏହା ପ୍ରତିପନ୍ନ କରିବାକୁ ଆମ୍ଭେମାନେ ଚେଷ୍ଟା କରିଥିଲୁଁ, କିନ୍ତୁ ସେ ଆଶା ଦୁରାଶାରେ ପରିଣତ ହେଲା । ଆମ୍ଭେମାନେ ପଚାରିଲୁଁ 'ତୁମେ ତ ଲେଖିଛ ଯେ ସହରରେ ଅବସ୍ଥାନକାଳ ମଧ୍ୟରେ ତୁମେ ଜଣେ ଯୁବା ବୃଦ୍ଧାଙ୍କୁ ଗ୍ରାମ ଦାଣ୍ଡରେ ଦେଖି ନାହିଁ, କିନ୍ତୁ ସେ ଆଡ଼ର ସ୍ତ୍ରୀମାନେ ଅଳଙ୍କାର ବିଷୟରେ ସୁରୁଚିବିଶିଷ୍ଟା, ପରିଚ୍ଛନ୍ନା ଓ ଶୁଭ୍ରା ବୋଲି କିପରି କହୁଛ ? ଏ କଥା ଅମେଳ ହେବାରୁ ମିଥ୍ୟା ବୋଲି ସମ୍ଭବ ।' 'ମିଥ୍ୟା' ଶବ୍ଦଟା ଶୁଣିଲେ ବାଇ ମାହାନ୍ତ୍ର ସ୍ୱଭାବତଃ ଅଗ୍ନି-ଶର୍ମା ହୋଇ ଉଠନ୍ତି, 'ଆମ୍ଭମାନଙ୍କ ଆଡ଼କୁ କଟମଟ ଭଙ୍ଗିରେ ଦୃଷ୍ଟି କରି ଉତ୍ତର କଲେ "କହିବ ନାହିଁ, କହିଲେ ଏ ଘରେ ରହିବ ନାହିଁ ! ମୁଁ ମିନା ଜଣେ ବୃଦ୍ଧାଙ୍କୁ ଗ୍ରାମ ଦାଣ୍ଡରେ ଦେଖି ନାହିଁ, କିନ୍ତୁ ଶତ ଶତ ଅବିବାହିତଙ୍କୁ 'ବଡ଼ ଦାଣ୍ଡ'ରେ ଓ 'ବଡ ଦେଉଳରେ'" ଦର୍ଶନ କରି-ଅଛି । ସେ ତ ସ୍ୱାଧୀନତା ମଧ୍ୟରେ ଗଣ୍ୟ ନୁହେ । ଦେବତା ଦର୍ଶନ କମରେ ସବୁ ବାଇଦା କଟକଣା ଶିଥିଳ ହୁଏ ଓ ହେବା ନ୍ୟାୟସଙ୍ଗତ । ଦେବତାଙ୍କ ସ୍ଥଳରେ ଅଶ୍ଳୀଳ ମୂର୍ତ୍ତିଗୁଡ଼ାକ ଦେଖି ଯେତେବେଳେ ମନରେ ସ୍ୱର୍ଗୀୟ ଓ ଆଧ୍ୟାତ୍ମିକ ଭାବ ଜାଗରିତ ହେଉଅଛି, ସେତେବେଳେ ଦେବତା ଦର୍ଶନ ଉଦ୍ଦେଶ୍ୟରେ ସ୍ୱାଧୀନତା କେବେହେଁ 'ଅଯଥା' ବା 'ବିପରୀତାମଯୁକ୍ତା' ହେବାର ସମ୍ଭବ ନୁହେ । ନିଜନିଜର ଭକ୍ତିର ପ୍ରଗାଢ଼ତା ଓ ଚରିତ୍ର-

ବିସ୍ତାର ଏତେ ଦୂର ଅଗ୍ରସର ହୋଇଅଛି ଯେ ପଲ୍ଲୀରେ କୋଟିଏ ଜନୁଆଳ ନାହିଁ । ଅଧିକାଂଶ ମନ୍ଦିରର ଅବସାନ ହୁଏ ନାହିଁ । ଅତଏବ ଦମ୍ଭଶ୍ରୀ ଏକା ମର୍ଯାଦ । ସେହି ସମୟଥିବା ଭଗ୍ନି- ମାନଃ ଅମର, କଳେବର, ହିମ୍ବାଚଳ ଓ ପରିଚ୍ଛନ୍ନତା କେଉଁ ପାରିବେ ଏତେ ଟିପି ଥାଏ ଥିଲା ।'' ଅମ୍ଭେମାନେ ଉତ୍ତର କଲୁ, ସ୍ୱାଦ ବାଟରେ ପଣ୍ଡିତମାନଙ୍କୁ ଦେଖିବ ଯେମାନଙ୍କୁ ଆଦର୍ଶ ବୋଲି କପର ତଠାରୁ ସ୍ଥିର କରି ନେବ ? ଏହା କେଉଁ ଯୁକ୍ତି ? ମହାଶୟ ଏ ଉତ୍ତର କଲେ, ଅଶିକ୍ଷିତ ବର୍ଷା ବୃଦ୍ଧାଙ୍କଠାରୁ ଆରମ୍ଭ କରି ଭାଗବତପାଠକଙ୍କ ଓ ନାମ କର୍ଣ୍ଣସୁନ୍ଦରୀ ଶିଶୁ ପର୍ଯ୍ୟନ୍ତ ଦେଖିଲେ ଖାଦ୍ ବାଂକା ଆତ୍ମ କିଏ ରହିଲେ ? ତପୂରେ ଗ୍ରାମର ଛୋଟ ଲୋକଠାରୁ ବଡ଼ଲୋକ ପର୍ଯ୍ୟନ୍ତ ସମସ୍ତଙ୍କଠାରେ ଭକ୍ତି ଅଛି । କେବଳ ଛୋଟ ଲୋକେ ଯେ ଠାକୁର ଦର୍ଶନକୁ ଯାନ୍ତି ଓ ଉଚ୍ଚଶ୍ରେଣୀସ୍ଥ ଲୋକମାନେ ଯାନ୍ତି ନାହିଁ, ଏହା ବା କପରି କହିବା ? (ଏ କଣ ? ଅଳାପ କି ବିଳାପ କିମ୍ବା ପ୍ରଳାପ ବା ।ଅପଲାପ, ଅମ୍ଭେମାନେ ବୁଝିବାକୁ ଏକାନ୍ତ ଅକ୍ଷମ । ଏଠାରେ ଲିଖିତ ଭାଷା ପାଞ୍ଜିକାରଙ୍କ ତଥ୍ୟଭାଷାରୁ ବହିର୍ଭୂତ ବିଭବ । ବହୁ ଚେଷ୍ଟା କରି ପୁଣି କେତେକ ସ୍ଥଳରେ ବୁଝିବୋଧ କରି ପାରି ନାହୁଁ । ତାଙ୍କ ମୁଖନିଃସୃତ କଥା ଓ କବିତାଗୁଡ଼ିକ ଲେଖିଥିଲେ, ପାଠକମାନେ କୃତଜ୍ଞ ଭର୍ତ୍ସନା ଗୁଡ଼ ଏ ଅମ୍ଭମାନଙ୍କୁ ଉପହାର ଦେଉଥାନ୍ତେ । ବାଚ ମହାଶୟ କଣ ପ୍ରକୃତରେ ବାଉ ? ପାଠକମାନେ ସମାଧାନ କରନ୍ତୁ । ଅଳଅ ଘାଣ୍ଟିଲେ ଲାଭ କିଛି ନାହିଁ, ବରଂ ଅଧିକ ମଳଅ ହେବାକୁ ପଡ଼େ । ପୂର୍ବରେ ସୂଚନା କରିଅଛୁଁ ଭାଉ ମହାଶୟ ଯାହା ଯାହା ଲେଖିଅଛନ୍ତି ସେଗୁଡ଼ିକ କେବେହେଁ ମିଥ୍ୟା ନୁହେଁ, କାରଣ ସେ କୌଣସି କଥା ଅସ୍ଥିରେ ନିଜେ ନ ଦେଖିଲେ କେବେହେଁ ପ୍ରକାଶ କରନ୍ତି ନାହିଁ । କିନ୍ତୁ ଏହି ମନ୍ତ୍ରବ ନିର୍ଦ୍ଦିଷ୍ଟ ଦେଖାଇନ, ଏ ବିଷୟରେ ଆମ୍ଭମାନଙ୍କ ମତରେ ଗୋଟିଏ ସନ୍ଦେହ । ସେହାଙ୍କ ଅନେକଗୁଡ଼ିଏ ପୁତ୍ର ଓ ନାତି ଓ ନାତି ବ୍ରାହ୍ମଣଙ୍କୁ ଜଳ ଦେଉଅଛନ୍ତି । ସେମାନଙ୍କ- ବାସୀ କେତେଗୁଡ଼ିଏ ପଣ୍ଡିତଙ୍କର ଓଡ଼ିଶାରେ ପ୍ରଥମ ସ୍ଥାନ । ଐତିହାସିକ ଓଡ଼ିଶାମଣ୍ଡଳରେ ସେହାଙ୍କ ବାସୀ ପଣ୍ଡିତ ଓ ସାମନ୍ତମାନେ ରାଜସଭାରେ ପୂଜା ପାଉଥିଲେ । ପୂର୍ବେ ସେମାନଙ୍କ ଓଡ଼ିଶା ମଣ୍ଡଳର ଆଦର୍ଶ ଥିଲା । ବିଦ୍ୟା, ମାନ, ମର୍ଯ୍ୟାଦା, ବଳବୃଦ୍ଧିରେ ସେମାନଙ୍କର ପଣ୍ଡିତମାନେ ଐତିହାସିକ ଓଡ଼ିଶାର ରାଜାମାନଙ୍କୁ କିଙ୍କର କରି ପାରିଥିଲେ । ଧର୍ମ୍ମ ମଧ୍ୟ ସେମାନଙ୍କ ଠାରେ ବଥର ଦେଖି ଅଛନ୍ତି ଓ ତାଙ୍କର ମଧ୍ୟ ପାଣ୍ଡିତ୍ୟର ପ୍ରତିବାଦ କରିବାକୁ ଅନେକ କଥା ଅଛି, କିନ୍ତୁ ସେ ସବୁର ସମସ୍ତ ଓ ସ୍ଥାନ ଅଛି । କେତେକ ବ୍ରାହ୍ମଣ ପଣ୍ଡିତଙ୍କ- ଠାରେ ଆମ୍ଭମାନଙ୍କର ଅଗାଧ ଭକ୍ତି । ସେମାନେ ସେହାଙ୍କର ଆଦର୍ଶ ନୁହନ୍ତି, ବାଚସ୍ପତି କେଉଁ ଯୁକ୍ତିବଳରେ ଦେଖାଇ ପାରିବେ ? ଦୋଷ ସବୁଠାରେ ଅଛି; କିନ୍ତୁ ଗୁଣମାନ ଦୋଷଠାରୁ ବେଶି ହେଲେ "ନିମଜ୍ଜତୀନ୍ଦୋଃ କିରଣେଷ୍ୱି- ବାଙ୍କଃ" । ତା ପରେ ବାଚସ୍ପତି ଅନେକଗୁଡ଼ିଏ କଥା ପ୍ରଭୃତି ଉତ୍ଥାପନ କରିଅଛନ୍ତି, ସେଥିରୁ ଅଧିକାଂଶର ମନୁଷ୍ୟପ୍ରକୃତି ସଙ୍ଗେ ଦୃଢ଼ ସମ୍ବନ୍ଧ । ପ୍ରକୃତି-ତତ୍ତ୍ୱ ଅନେକ ନ କରି ପରକୁ ବୁଝି ଦାନ୍ତ ଲେଫାଡ଼ଦେବା, 'ପରୋପଦେଶେ ପାଣ୍ଡିତ୍ୟ' କହିବା ସହଜ କଥା ।)

କ୍ରମଶଃ

ଶ୍ରୀ ନୃସିଂହ ଶର୍ମା ।

ଭାଷାରହସ୍ୟ ।

ଏ ଜଗତ୍ ପରିବର୍ତ୍ତନଶୀଳ, ଏ କଥା କାହାରିକୁ ଅବିଦିତ ନୁହେ । ନାନା କାରଣ-ବଶତଃ ଆମ୍ଭମାନଙ୍କର ଅଜ୍ଞାତସାରରେ ଏହି ପୃଥିବୀରେ ବହୁ ପରିବର୍ତ୍ତନ ଘଟୁଅଛି । କିଛିକାଳ ପୂର୍ବେ ଗୋଟିଏ ବସ୍ତୁ ଯେଉଁପରି ଅବସ୍ଥାରେ ଥିଲା, ଆଜି ତାହା ଠିକ ସେହିପରି ଅବସ୍ଥାରେ ନାହିଁ । ଆଜି ଗୋଟିକୁ ଯେଉଁପରି ଦେଖୁଥାଉଁ, ତାହା ଯେ ଭବିଷ୍ୟତରେ ସେହିପରି ଅକ୍ଷୁଣ୍ଣ ରହିବ, ଏହା ବୋଲି ଯାଇ ନ ପାରେ । ତେବେ ନିତ୍ୟ ପ୍ରତ୍ୟକ୍ଷୀଭୂତ କ୍ରିୟାକଳାପରୁ ଅନୁମିତ ହେଉଅଛି, ତାହାର ଅବଶ୍ୟ କିଛି ପରିବର୍ତ୍ତନ ଘଟିବ । ଏହି ପରିବର୍ତ୍ତନ କେବଳ ଜଡ଼ଜଗତରେ ନୁହେ, ପ୍ରାଣିଜଗତ୍, ମନୋଜଗତରେ ମଧ୍ୟ ଅଛି ।

ଭାଷା ସମ୍ବନ୍ଧରେ ଆଲୋଚନା କରିବାକୁ ଗଲେ ତହିଁରେ ମଧ୍ୟ ଉକ୍ତ ପ୍ରକାର ପରିବର୍ତ୍ତନ ଲକ୍ଷିତ ହେବ । କାଳକ୍ରମେ ଭାଷାର ପରିବର୍ତ୍ତନ ହେଉଅଛି; ତାହା ଅନିବାର୍ଯ୍ୟ । ସେ ସମ୍ବନ୍ଧରେ ପୃଥିବୀ-ସହିତ ଭାଷାର ଅନେକ ସୌସାଦୃଶ୍ୟ ଅଛି । ପୃଥିବୀ ଆମ୍ଭମାନଙ୍କର ଆବାସ ଭୂମି; ଜନନୀସ୍ୱରୂପ ସର୍ବଦା ଆମ୍ଭମାନଙ୍କୁ ଅମୃତମୟ କୋଳରେ ଧାରଣ କରିଅଛି, ଭାଷା ମଧ୍ୟ ସେହିପରି ଅଙ୍କଦେଶରେ ଆଶ୍ରୟ ଦେଇଅଛି । ତାହାକୁ ଆଶ୍ରୟ ନ କରି ଆମ୍ଭେମାନେ ମୁହୂର୍ତ୍ତେ ଚଳି ପାରିବୁ ନାହିଁ । ପୃଥିବୀ ସୌନ୍ଦର୍ଯ୍ୟସୃଷ୍ଟିର ଆଧାର ଏବଂ ନାନା ଦୃଶ୍ୟରେ ପରିପୂର୍ଣ୍ଣ । ଭାଷାରେ ମଧ୍ୟ ସୌନ୍ଦର୍ଯ୍ୟ ଏବଂ ବିବିଧ ଦୃଶ୍ୟମାନ ରହିଅଛି । ଦେଖିଲେ ଦର୍ଶକ ମୁଗ୍ଧ ନ ହୋଇ ରହି ପାରିବ ନାହିଁ । ପରନ୍ତୁ ପୃଥିବୀରେ ଯେଉଁ ଦୃଶ୍ୟ ଏକ ସମୟରେ ବିଦ୍ୟମାନ ଥିଲା, ତାହା ଭାଷାସାହିତ୍ୟରେ ଚିରକାଳ ଦୃଶ୍ୟରୂପେ ବିଦ୍ୟମାନ । ପ୍ରାଚୀନ ଭାରତ, ଗ୍ରୀସ, ମହାଭାରତବର୍ଣ୍ଣିତ କୁରୁକ୍ଷେତ୍ର, ସ୍ୱର୍ଗୀୟ ବେଦମାତା ସରସ୍ୱତୀ, ମଧ୍ୟଏସିଆ ଓ ଆମେଲେଣ୍ଟ ପ୍ରଭୃତି ଭୂଭାଗମାନ ବର୍ତ୍ତମାନ ଏବେ ପୃଥିବୀପୃଷ୍ଠରେ ନାହିଁ ; ଭାଷାସାହିତ୍ୟରେ ବର୍ଣ୍ଣନା ନ କଲେ ସେ କୌତୂହଳୋଦ୍ଦୀପକ ମନୋହର ଚିତ୍ର ଦର୍ଶନର ପ୍ରତ୍ୟକ୍ଷୀଭୂତ ହୋଇ ପାରନ୍ତା ନାହିଁ । ପୃଥିବୀପୃଷ୍ଠରେ ନାନା ନଦୀ ଜଳସ୍ରୋତ ପ୍ରବାହିତ, ଭାଷାସାହିତ୍ୟରେ ମଧ୍ୟ ସେହିପରି । ନଦୀପ୍ରବାହଦ୍ୱାରା ଯେପରି ଏକ ସ୍ଥାନର ମୃତ୍ତିକା ଆନୀତ ହୋଇ ଅନ୍ୟ ସ୍ଥାନରେ ସଞ୍ଚିତ ହୋଇ ଯାଉଅଛି ଏବଂ ବହୁ ଦୂରରୁ ଉଦ୍ଭିଦ୍ ବୀଜ ଆସି ଅନ୍ୟତ୍ର ଅଙ୍କୁରିତ ହେଉଅଛି, ଭାଷାପ୍ରବାହଦ୍ୱାରା ସେହିପରି ଏକ ଦେଶର ଭାବ ଦେଶାନ୍ତରକୁ ଆନୀତ ହୋଇ ତାହାର ପୁଷ୍ଟି-ସାଧନ କରୁଅଛି । ବର୍ତ୍ତମାନ ଇଂରାଜୀ ଭାଷା-ପ୍ରବାହଦ୍ୱାରା ଆନୀତ ଉତ୍ପତ୍ତି ସ୍ଥାନର ବୀଜ ଗମନ-ମାର୍ଗ ପାର୍ଶ୍ୱରେ ଅଙ୍କୁରିତ ହେଉଥିବାର ଦୃଷ୍ଟାନ୍ତ ଆମ୍ଭେମାନେ ନିତ୍ୟ ପ୍ରତ୍ୟକ୍ଷ କରୁଅଛୁଁ । ସମ୍ପ୍ରତି ଏ ମହାନଦୀ ସମସ୍ତ ଉଦ୍ଭିଦଦ୍ୱାରା ଦେଶ-ଦେଶାନ୍ତରକୁ ସୁଶୋଭିତ କରିବ, ଏହା ଭାଷା-ବିଜ୍ଞାନବିଦ୍‌ମାନଙ୍କର ଉଚ୍ଚତମ ଆଶା ଏବଂ ଆଦର୍ଶରେ ପରିଣତ ହୋଇଅଛି । ହେଉ, କିନ୍ତୁ ଏକ ଦେଶର ବୀଜ କାଳ ଓ ସଭ୍ୟତାପ୍ରଭାବରେ ଦେଶାନ୍ତରକୁ ଉପନୀତ ହେଲେ, ତଦୁତ୍ପନ୍ନ ଉଦ୍ଭିଦ୍ ସେଠାକାର ଦେଶର ମୃତ୍ତିକା ପ୍ରଭାବରୁ ଯେ କିଛି ପରିବର୍ତ୍ତିତ ନ ହେବ, ତାହା କିଏ କହିପାରେ ? ପ୍ରବାହାନ୍ୱିତା ନଦୀ ପୃଥିବୀପୃଷ୍ଠରେ ପାର୍ଶ୍ୱବର୍ତ୍ତୀ ଭୂମିର ଉର୍ବରତା ବର୍ଦ୍ଧନପୂର୍ବକ ବହି ଯାଇ ସମୁଦ୍ର ସହିତ ମିଳିତ ହେଉଅଛି । ଭାଷା-ସରିତ୍ ଜନସମାଜରେ ପ୍ରବାହିତ ହୋଇ ପ୍ରତ୍ୟେକ ଲୋକଙ୍କ ହୃଦୟକୁ ସରସ କରି କେଉଁ ଅକୂଳ ଅଗମ୍ୟ ମହାସମୁଦ୍ର ଅଭିମୁଖେ ଧାବମାନ ହେଉଅଛି, ତାହା ଆମ୍ଭମାନଙ୍କର ଧାରଣାତୀତ ।

ଭୂମିକମ୍ପ ଉପସ୍ଥିତ ହେଲେ ଭୂପୃଷ୍ଠରେ

ମହାକାବ୍ୟଦ୍ୱୟର ମୂଳଭିତ୍ତି ହୁଏ । ଲିପିରେ ଅନୁଶାସନ ଏବଂ ଅଶ୍ୱମେଧାଦି ଲିପିରୁ । ଲିପିବିଦ୍ୟା ସଂସ୍କୃତର ଦାସ ନୁହେଁ ଥାଏ । ହିମାଳୟ ପର୍ବତ ଦ୍ୱୀପରେ ପର୍ଯ୍ୟନ୍ତ ଶୋଭାପାଏ । ବଙ୍ଗୋପସାଗର ନିକଟ ସମସ୍ତଙ୍କୁ ସମ୍ମାନ ଦେଇ ଆସିଥିଲା କରୁଥାଏ । ଏଥିରୁ ସହଜରେ ମଧ୍ୟ ଏହି କଥା ଜଣାଯିବ । ମନୁଷ୍ୟମାନଙ୍କରେ କୌଣସି ବ୍ୟକ୍ତି ଉପସ୍ଥିତ ହେଲେ ଭାଷା ମଧ୍ୟରେ ମହାବିପର୍ଯ୍ୟୟ ସଂଘଟିତ ହୁଏ । ଏକ ଭାଷା ଅନ୍ୟକୁ ଗ୍ରାସ କରି ତାହାର ସ୍ଥାନ ଅଧିକାର କରି ପାରେ । ବୌଦ୍ଧ ଯୁଗରେ ଧର୍ମବିପ୍ଳବ ସମୟରେ ସଂସ୍କୃତ ଭାଷାଗଣଙ୍କର ଅନେକାଂଶର ପରିବର୍ତ୍ତନ ଘଟିଥିଲା । ଓଡ଼ିଶାରେ ମୁସଲମାନମାନଙ୍କ ଶାସନକାଳରେ ଟୋଡରମଲ୍ଲଙ୍କ ପ୍ରବର୍ତ୍ତନା ଦ୍ୱାରା ଓଡ଼ିଆ ଶବ୍ଦ ପରିବର୍ତ୍ତରେ ପାରସିକ ଶବ୍ଦର ପ୍ରଚଳନ ତାହାର ଅନ୍ୟତମ ଦୃଷ୍ଟାନ୍ତ । 'ଗ୍ରାମ' 'ଦଣ୍ଡପାଟ' 'ଖୁଣ୍ଟିଆ' 'ପ୍ରଧାନ' 'ବିଷୁଆଳ' (ବିଷୟପାଳ) ପ୍ରଭୃତି ସ୍ଥଳରେ 'ମୌଜା' 'ପ୍ରଗନା' 'ଜମିଦାର' 'ମୋକଦ୍ଦମ' 'ତହସିଲଦାର' ପ୍ରଭୃତି ଶବ୍ଦ ବସି ଅଛି; ବର୍ତ୍ତମାନ ଆମ୍ଭେମାନେ ଇତିହାସ ସାହାଯ୍ୟରେ ଏହା ଜାଣି ପାରୁଅଛୁଁ ସତ୍ୟ, କିନ୍ତୁ ପୂର୍ବର ସେହି 'ଗ୍ରାମ' 'ଦଣ୍ଡପାଟ' ପ୍ରଭୃତି ଆଉ କାହାର ଦୃଷ୍ଟିଗୋଚର ହେଉ ନାହିଁ । 'ମୌଜା' 'ପ୍ରଗନା' ପ୍ରଭୃତି ସେଗୁଡ଼ିକୁ ଗର୍ଭସାତ୍ କରି ପକାଇଅଛି । ବର୍ତ୍ତମାନ ସେହି ପ୍ରକୃତ ବସ୍ତୁକୁ ଉଦ୍ଧାର କରିବାକୁ ଶକ୍ତି ସାମର୍ଥ୍ୟ ନାହିଁ । ପୁଣି ଏହା ଉପରେ ଆଉ କେଉଁ ସ୍ତର ମାଡ଼ି ଯିବ ତାହା କିଏ କହି ପାରେ ?

ଜଳ, ବାୟୁ, ଭୌଗୋଳିକ ଅବସ୍ଥାନ ଓ ଶୀତୋଷ୍ଣର ପରିମାଣ ଭେଦରେ ପାର୍ଥିବ ଜୀବସମୂହ ଭିନ୍ନରୂପ ହୋଇ ଯାନ୍ତି । ଭିନ୍ନ ଭିନ୍ନ ଦେଶର ପ୍ରାଣୀ ଓ ଉଦ୍ଭିଦର ରୂପ ଓ ଗୁଣ ମଧ୍ୟରେ ଅଦ୍ଭୁତ ପାର୍ଥକ୍ୟ । ଶୀତମଣ୍ଡଳର ପ୍ରାଣୀ ଓ ଉଦ୍ଭିଦର ରୂପ ଏକ ପ୍ରକାର, ଗ୍ରୀଷ୍ମମଣ୍ଡଳରେ ତାହା ଅନ୍ୟ ପ୍ରକାର । ଏକ ଦେଶରୁ ନେଇ ଏ ଦେଶରେ ରୋପଣ କଲେ, ସେମାନଙ୍କ ସେପରି ହେବ ନାହିଁ । ପ୍ରତ୍ୟେକ ନିଶ୍ଚୟ ଦୃଶ୍ୟ ଦେଖାଯାଉଅଛି । ଲିପି ପ୍ରକୃତିର ନିୟମରେ ସୃଷ୍ଟିର ଭାଷା ଲକ୍ଷ ଲକ୍ଷ । ପ୍ରତ୍ୟେକର ରୂପ ଓ ଗୁଣ ଭିନ୍ନ ଭିନ୍ନ । କେଉଁ ଭାଷା ଓଜସ୍ୱିନୀ, କେଉଁ ଭାଷା ମାଧୁର୍ଯ୍ୟବତୀ, କାହା ବା ଲଳିତ, କାହା ବା ଗମ୍ଭୀରବଳିଷ୍ଠ । କାହାଁର କଳେବର, କାହାଁର କୋମଳତା, କାହାରେ ମାଧୁର୍ଯ୍ୟଦୃଢ଼ତା, କାହାରେ ବା ପବିତ୍ରଭାବ ଓ ଗାମ୍ଭୀର୍ଯ୍ୟ ରହିଅଛି । କାହା ସହିତ କାହାର ପୂର୍ଣ୍ଣ ସାଦୃଶ୍ୟ ନାହିଁ । କେବଳ ଏହି ନିୟମରେ ସମସ୍ତଙ୍କର ଉତ୍ପତ୍ତି, ପୁଷ୍ଟି ଓ ଲୟ । ନିଶ୍ଚିତ ପର ଏକ ଦେଶର ଭାଷା ଅନ୍ୟ ଦେଶର ଉପାଦାନରେ ସ୍ୱଚ୍ଛନ୍ଦରେ ବଢ଼ି ପାରିବ ନାହିଁ । ହୁଏତ ତାହା ମଳିନ ହେବ, ନତୁବା ବିରୂପ ଓ ବିବର୍ଣ୍ଣ ହୋଇଯିବ । ବିଳାତରେ ସଂସ୍କୃତ ଭାଷାକୁ ସ୍ୱଚ୍ଛନ୍ଦଭାବରେ ଜୀବିତ ରଖିବା ଜଣେ ଭାରତବାସୀ ପକ୍ଷରେ ଅତି କଷ୍ଟକର ହେବ ।

ଏହିସବୁ ନାନାପ୍ରକାର କାରଣ ଏବଂ ସ୍ଥାନମାହାତ୍ମ୍ୟ ଯୋଗୁଁ ଲୋକମାନଙ୍କ ଭାବ ଓ କ୍ରିୟାକଳାପରେ ଅନୈକ୍ୟ ଦେଖାଯାଏ । ଶୀତପ୍ରଧାନ ଦେଶର ଲୋକେ ଖୁବ ପରିଶ୍ରମୀ । ଶରୀରରକ୍ଷାର ଉପଯୋଗୀ ପ୍ରଚୁର ତାପ ଆବଶ୍ୟକ ହେବାରୁ ସେମାନେ ତାପଜନକ ଉଷ୍ଣ ଖାଦ୍ୟ ଭୋଜନ ଏବଂ ଅପେକ୍ଷାକୃତ ଅଧିକ ପରିଶ୍ରମ କରି ତାପ ଉତ୍ପାଦନ କରନ୍ତି । ଶୀତରେ ତାପ ଉତ୍ପାଦନ ନିମନ୍ତେ ଅଧିକ ପରିଶ୍ରମ କରିବାକୁ ପ୍ରବୃତ୍ତି ହୁଏ, ଏହା ଆମ୍ଭେମାନେ ମଧ୍ୟ ଅନୁଭବ କରିଅଛୁଁ । ପକ୍ଷାନ୍ତରେ ଗ୍ରୀଷ୍ମମଣ୍ଡଳରେ ତାପର ପ୍ରାଚୁର୍ଯ୍ୟ ଯୋଗୁଁ ଦୈହିକ ତାପର ଲାଘବରଣ ନିମିତ୍ତ ବିଶ୍ରାମ ଓ ଆମୋଦ ପ୍ରମୋଦ କରିବାକୁ ଇଚ୍ଛା ହୁଏ; ଅଧିକ ପରିଶ୍ରମ କରିବାକୁ ମନ ବଳେ ନାହିଁ । ତେଣୁକରି ଇଂରେଜମାନେ କାର୍ଯ୍ୟଶୀଳ ଏବଂ ଭାରତବାସୀ ବିଶ୍ରାମପ୍ରିୟ ।

ଦଂଶକମାନେ କହନ୍ତି, ବର୍ଷାସ୍ରୋତରେ ଭାସମାନ ହୁଅ, ତାହାହିଁ ଜୀବନ, ଅନ୍ୟଥା ମୃତ୍ୟୁ । ଏଣେ କେହି କେହି ଚିରକାଳ ଭାରବାହୀ କହୁଅଛନ୍ତି —ଟିକା ଅଭିଳାଷରେ ସଂସାରର ପ୍ରବେଶ ପଦ ପଦ ଅସୁଖପ୍ରଦ ହୋଇଥାଏ । ଗୋଟିଏ ସ୍ଥାନ ରହି ରହିଲେ ସେଠାରେ ଚଳେ ନାହିଁ । ସୁତରାଂ ସର୍ବଦା ବା ଅଧିକାଂଶ ସମୟରେ ଏକାସନରେ ବସି ଯୋଗ କରିବା ଶୁଭପ୍ରଦ ଓ ଅପୂର୍ବ । ଏହିପରି 'ନାନା ମୁନୀନାଂ ମତୟୋ ବିଭିନ୍ନାଃ'— ସେ ସବୁ ଆଲୋଚନାର ସ୍ଥାନ ଏ ନୁହେ । ଯାହା ଯୁକ୍ତାନୁମୋଦିତ ଓ ଅନୁସନ୍ଧିତ ହେବ, ତାହା ଗ୍ରହଣୀୟ । ଅନୁପ୍ରବେଶ ନ ହେଲେ ଶିଷ୍ଟ ପ୍ରବର୍ତ୍ତନା ରକ୍ଷା କରି ନ ପାରେ । ଏ ସମ୍ବନ୍ଧରେ ଏଠାରେ ଆଉ ଅଧିକ କହିବା ଅପ୍ରାସଙ୍ଗିକ ହେବ ।

ଜାତିର ଉନ୍ନତି ଅନୁସାରେ ଜାତୀୟ ଭାଷାର ଉନ୍ନତି ହୋଇଥାଏ । ଜାତି ସହିତ ଜାତୀୟ ଭାଷାର ଘନିଷ୍ଠ ସମ୍ପର୍କ ଅଛି । ଅନେକ ସଭ୍ୟ-ଜଗତରେ ବିଭିନ୍ନ ଜାତିର ଅନ୍ତର ବ୍ୟବଧାନ କ୍ରମଶଃ ଏକ ହୋଇ ଆସୁଅଛି । ସୁତରାଂ ତାହା-ଦ୍ୱାରା ଜାତୀୟତାର କୌଣସି ପରିଚୟ ମିଳିବ ନାହିଁ; ତେବେ ମିଳିବ କାହାଦ୍ୱାରା? ଜାତୀୟ ଭାଷାଦ୍ୱାରା । ଧନ, ଜନ, ଐଶ୍ୱର୍ଯ୍ୟ ସବୁ ସମୟରେ ଲୁପ୍ତ ହୋଇଯିବ, କିନ୍ତୁ ଜାତୀୟ ଭାଷା ବିଲୁପ୍ତ ହୋଇ କୁଆଡ଼େ ଯିବ ନାହିଁ । ମୃତ୍ୟୁ ପର୍ଯ୍ୟନ୍ତ ସେହିପରି ରହିବ । ଜାତିର ଭାବ ଓ ଧାରଣା ଭାଷାରୁ ଅନୁମିତ ହୋଇପାରେ । ଦଂଶକମାନେ ଯେପରି କାର୍ଯ୍ୟଶୀଳ, କାର୍ଯ୍ୟସ୍ରୋତରେ ସଦା ଭାସମାନ, ସେମାନଙ୍କ ଭାଷା ସେହିପରି ପ୍ରବାହାନ୍ୱିତ ଏବଂ ଶକ୍ତିସମ୍ପନ୍ନ । ବର୍ତ୍ତମାନ ଇଂରେଜମାନେ ଯେପରି ଉନ୍ନତ ଏବଂ ଉଚ୍ଚ ଅଧିକାର ପ୍ରାପ୍ତ ହୋଇ ଅଛନ୍ତି, ସେମାନଙ୍କ ଭାଷା ସେହିପରି ଉନ୍ନତ ଏବଂ ସମର୍ଥ । ଅନ୍ୟ କୌଣସି ଭାଷାର ସେପରି ବ୍ୟକ୍ତ-ଉଦ୍ଭାର କ୍ଷମତା ନାହିଁ । ଗଜପତିମାନଙ୍କ ଜାତୀୟ ଭାଷା ହିନ୍ଦ ସେମାନଙ୍କ କାର୍ଯ୍ୟବଶର ପରିଚୟ ଦିଏ । ଗଡ଼ଚେଳା ସମ୍ଭୂତ ଭାଷାରୁ ପ୍ରାଚୀନ ଆର୍ଯ୍ୟମାନଙ୍କର ସମ୍ପ୍ରତି ଦେବଭାବ ସ୍ପଷ୍ଟ ଜଣା ପଡ଼େ । ସମ୍ଭବ ଗ୍ରୀକ୍‌ଙ୍କର ବ୍ୟାକରଣର କଠିନ ଶାସନ ହିନ୍ଦୁ ସମାଜର ସ୍ମୃତି କୌଣ୍ଡ ବନ୍ଧନର ପରିଚୟ ଦେଉଅଛି । ଏହିପରି ଅନେକ କଥା ଅନୁମାନ କରାଯାଇପାରେ, କିନ୍ତୁ ସେ ସବୁ ଏଠାରେ ଉଲ୍ଲେଖଯୋଗ୍ୟ ନୁହେ ।

ବୃଷ୍ଟି, ନଦୀ, ବାୟୁ ଓ ଜୀବଜନ୍ତୁ ପ୍ରଭୃତି ଦ୍ୱାରା ଭୂପୃଷ୍ଠର କ୍ଷୟ ସାଧିତ ହେଉଅଛି । ବାଣିଜ୍ୟାଦିରେ ଚଞ୍ଚଳତା, ଶିକ୍ଷାବିସ୍ତାରତା, ରାଷ୍ଟ୍ରବିପ୍ଳବ ପ୍ରଭୃତିର ସଂଘର୍ଷଣଦ୍ୱାରା ଭାଷାର ମଧ୍ୟ କ୍ଷୟ ବା ଭଙ୍ଗ ହେଉ-ଅଛି । କାଳକ୍ରମେ ପ୍ରତ୍ୟେକ ଭାଷାରୁ ଏକି ଏକ ଅପଭାଷାର ସୃଷ୍ଟି ହୋଇଥାଏ । ସବୁତରୁ ବହୁକୋଣୀ ଉପଳଖଣ୍ଡ ନଦୀସ୍ରୋତରେ ଗଡ଼ି ଗଡ଼ି ଆସି ସମୟରେ ଗୋଲରୂପ ଅର୍ଥାତ୍ ଡିମ୍ବାକାର ହୋଇଯାଏ । ସେହିପରି ଅନେକ ଦୁରୁଚ୍ଚାର୍ଯ୍ୟ ଶବ୍ଦ ଗତାନୁଗତିରେ ବହି ଆସି, ବର୍ତ୍ତମାନ ଭଗ୍ନ ଆକାର ଧାରଣ କରିଅଛି ଅର୍ଥାତ୍ ସହଜୋଚ୍ଚାର୍ଯ୍ୟ ହୋଇଅଛି । 'ମୌକ୍ତିକ' ଶବ୍ଦ ଜନ୍ମସ୍ଥାନ ସମୁଦ୍ରରୁ କାଳସ୍ରୋତରେ ଭାସି ଆସି ପ୍ରଥମେ 'ମୋତିଅ' ଆକାର ଧାରଣ କଲା, ତାହା ପରେ ପୁଣି କ୍ଷୟିତ ହୋଇ ବର୍ତ୍ତମାନ 'ମୋତି' ରୂପରେ ଆମ୍ଭମାନଙ୍କ ନିକଟରେ ଉପସ୍ଥିତ । ଯେହିପରି:—

ରକ୍ଷକ—ରକ୍ଖଅ—ରଖା ।
ସର୍ପ—ସପ୍ପ—ସପ
ସେବନକ—ସେଅଣଅ—ସେଣା
ସଖୀ—ସଖ୍ଖୀ—ସଖୀ
ବୃଦ୍ଧ—ବୁଡ୍ଢ—ବୁଢ଼ା ଇତ୍ୟାଦି ।

ବିପରୀତ ବ୍ୟତ୍ୟୟ କାରଣ ଏବଂ ଦୁରୂ-ଚ୍ଚାର୍ଯ୍ୟତା ହେତୁରୁ ସମ୍ପ୍ରତି ନାନା ଅପଭାଷାର ସୃଷ୍ଟି ହୋଇଅଛି । ଏହିପରି ପରିବର୍ତ୍ତନ ଯେ ଅସ୍ୱାଭାବିକ ତାହା ନୁହେ । ଯୁଗଯୁଗାନ୍ତରରେ ସମାଜର ପରିବର୍ତ୍ତନ ସଙ୍ଗେ ସଙ୍ଗେ ଭାଷାର ପରିବର୍ତ୍ତନ ଅବଶ୍ୟ ଘଟୁଥିବ । ସହଜ ଏହି ପରିବର୍ତ୍ତନ ଏକା

ନିୟମାନୁଗ ଅଛି । କିନ୍ତୁ ସେହି ନିୟମର ଟିକିଏ ଆଭାସ ଦିଆ ଯାଉଅଛି ।

୧—ଆମ୍ଭମାନଙ୍କ ଭାଷାରେ ପ୍ରଚଳିତ ଅନେକ ଶବ୍ଦରେ କଣ୍ଠୋଚ୍ଚାରିତ 'ଅ' ସ୍ଥାନ ନେଇଅଛି । ଯେଉଁ ବର୍ଣ୍ଣ ଉଚ୍ଚାରଣ କରିବାକୁ ହେଲେ ଅନ୍ୟ ସ୍ଥାନ ସ୍ପର୍ଶ କରିବାର ସାହାଯ୍ୟ ନେବାକୁ ହୁଏ । ଅନେକ ସ୍ଥଳରେ ଏପରି ଯୁକ୍ତ ଭାବରେ ଉଚ୍ଚାରଣ ନ କରି କୋମଳ ଓ ସରଳ ହେବା ଉଦ୍ଦେଶ୍ୟରେ କେବଳ କଣ୍ଠର ଆଶ୍ରୟ ନେବାକୁ ହୋଇଅଛି । ସ୍ୱଭାବତଃ ଶିଶୁ ପ୍ରଥମେ କଣ୍ଠୋଚ୍ଚାର୍ଯ୍ୟ ସ୍ୱରହିଁ ଉଚ୍ଚାରଣ କରେ । କେଣ୍ଟ-କର 'କ' 'ଗ' 'ଦ' 'ଯ' ବ ପ୍ରଭୃତି ସ୍ଥାନରେ 'ଅ' ହୋଇଯାଏ । ଯଥା:—

ବକୁଳ—ବଉଳ; ବ୍ୟାକୁଳ—ବାଉଳ
ନଗର—ନଅର; ନଦୀ—ନଈ
ଶୃଗାଳ—ଶିଆଳ
କୂପ—କୂବ—କୂଅ
କଳସ—କଳଅ—କଳ ।
କଣ୍ଟକ—କଣ୍ଟଅ—କଣ୍ଟା ।
ଦେବର—ଦେଅର—ଦିଅର
ପୁତ୍ର—ପୁତ୍ତ—ପୁଅ

୨—'ମ' ଓ ଚନ୍ଦ୍ରବିନ୍ଦୁର ଉଚ୍ଚାରଣ ସ୍ଥାନ ନାସିକା । 'ମ' ଟିକିଏ ରୂପାନ୍ତରିତ ହୋଇ ଆମ୍ଭମାନଙ୍କ ଭାଷାରେ 'ଅଁ' ରୂପ ଧାରଣ କରିଅଛି । ଯଥା—

ଭ୍ରମର—ଭ୍ୱମର—ଭଅଁର
ଆମଳକ—ଆମଳଅ—ଅଁଳା
ଚାମର—ଚଅଁର
କୁମାର—କୁଅଁର
ଆମିଷ—ଅଇଁଷ
କୋମଳ—କଅଁଳ ଇତ୍ୟାଦି ।

୩—'ବ' ଉ ଓ ଅର ସମ୍ମିଶ୍ରଣରେ ଉତ୍ପନ୍ନ । ଏହି ଯୁକ୍ତ ବର୍ଣ୍ଣ କାଳକ୍ରମେ କ୍ଷୀଣ ହୋଇ କେଉଁଠି 'ଅ' କେଉଁଠି 'ଉ'ରେ ପରିଣତ ହୋଇଅଛି । ସେହି ନିୟମରେ 'ଅବ' ସ୍ଥାନରେ 'ଓ' ।

ଜୀବତି—ଜୀଅଇ
ପିବତି—ପିଅଇ
ବାମ—ଉଆମ
ଦେବୀ—ଦେଈ
ଲବଣ—ଲୋଣ—ଲୁଣ
ଅବଲେହ—ଓଲୋହ—ଓହଳ
ନବନୀତ—ନଉନି—ନହୁଣୀ
ଶବର—ଶଅର ଇତ୍ୟାଦି ।

୪—ହ ଓ ଅର ଉଚ୍ଚାରଣ ସ୍ଥାନ କଣ୍ଠ । ଚଳିତ ଭାଷାରେ କେଉଁଠି 'ହ' ଠାରେ 'ଅ', 'ଅ' ଠାରେ 'ହ' ହୋଇଯାଏ । ଯଥା—

ସୁହାଗ—ସୁଆଗ
ଘୋହଳ—ଘୋଳ
ଶଅ—ଶହ
ଶାଣ—ଶାହାଣ
ଅତ୍ରିଗ—ଅହ୍ନିଗ ଇତ୍ୟାଦି ।

୫—ଖ, ଘ, ଥ, ଧ, ଭ ପ୍ରଭୃତି ହୁଚ୍ଚାର୍ଯ୍ୟ ବର୍ଣ୍ଣରୁ ଅପଭ୍ରଂଶରେ କଣ୍ଠ୍ୟବର୍ଣ୍ଣ 'ହ' ହୋଇଯାଏ । କ, ଗ, ଚ ପ୍ରଭୃତି ସ୍ଥଳରେ 'ଅ' ଏବଂ ଖ, ଘ, ଧ ପ୍ରଭୃତି ସ୍ଥଳରେ 'ହ' ହେବା ସମାନୁପାତିକ । ବର୍ଣ୍ଣଗୁଡ଼ିକ ଏକବର୍ଗୀୟ ହେଲେହେଁ ଗୁରୁ ଲଘୁ ଉଚ୍ଚାରଣ ଅନୁସାରେ କଣ୍ଠ୍ୟ ସ୍ୱର ତାହାର ସ୍ଥାନ ଅଧିକାର କରେ । ମନେ କର 'କ'ର ଉଚ୍ଚାରଣ ଟିକିଏ ଲଘୁ, ସେଥିରୁ ହେଲା 'ଅ'; କିନ୍ତୁ 'ଖ'ର ଉଚ୍ଚାରଣ ଗୁରୁ ହେବାରୁ ତାହାଠାରେ 'ହ' ହେଲା । 'କ'ରୁ ଅ ଏବଂ 'ଖ'ରୁ ହ ହେବା ସ୍ୱାଭାବିକ ଓ ଏକ ନିୟମାଧୀନ । କ ଓ ଖ ଏ ଉଭୟର ବ୍ୟବଧାନରେ 'ହ' ଅଛି । ଗୋଟିଏ ଦୃଷ୍ଟାନ୍ତରେ ଏହାକୁ ଆହୁ ଟିକିଏ ସ୍ପଷ୍ଟ କରାଯାଇ ପାରେ । ଇଂରାଜୀ ଭାଷାର k ଏବଂ 'କ'ର ଉଚ୍ଚାରଣ ସମାନ । ଖ ଇଂରାଜୀରେ k+h । ଏ ଉଭୟରୁ 'କ'କୁ ସାଧାରଣ ନେଲେ 'ଖ'ରୁ h

ତା ନ ଅବଶିଷ୍ଟ ରହିବ । ଅତଏବ ହି + ମ = ଷ । ସେହିପରି ଗ, ଘ, ଭ ପ୍ରଭୃତିରୁ 'ହିଁ' ହେବ । ଗୋଟିଏ ଦଣ୍ଡିକି ଦ୍ୱିସ୍ତ୍ରାନ୍ତ ଦେଖା ଗଲା ।

ନଗ୍ନ—ନାଙ୍ଗ (ପ୍ରାଃ); ସନ୍ଧ୍ୟା—ସଞ୍ଜ; ମେଘ—ମେହ (ପ୍ରାଃ); ଯଥା ତଥା—ଯହା ତହା (ପ୍ରାଃ), ମଥିତ—ମହି; ବଧୂ—ବହୂ; ବଧିର—ବହିର—ବହିରା; ବଧୂ—ବହୁ; ମଧୁ—ମହୁ, ଗଭୀର—ଗହିର; ନାଭି—ନାହି; ସୌଭାଗ୍ୟ—ସୋହାଗ—ସୁହାଗ ଇତ୍ୟାଦି ।

୬—ଗୋଟିଏ ଯୁକ୍ତାକ୍ଷର ଉଚ୍ଚାରଣ କରିବାକୁ ହେଲେ ଏକାଧିକ ସ୍ଥାନରୁ ଯୁଗପତ୍ ଉଚ୍ଚାରଣ କରିବାକୁ କଷ୍ଟ ହୁଏ । ବରଂ ଗୋଟିଏ ବର୍ଣ୍ଣର ଦ୍ୱିତ୍ୱ ଉଚ୍ଚାରଣ ଅପେକ୍ଷାକୃତ ସହଜ । ସେଥିପାଇଁ ଅପଭ୍ରଂଶରେ ଯୁକ୍ତାକ୍ଷର ବର୍ଣ୍ଣବିଶେଷର ଦ୍ୱିତ୍ୱ ଦେଖାଯାଏ । ଯଥା—କର୍ମ—କମ୍ମ, କାର୍ଯ୍ୟ—କଜ୍ଜ, ସପ୍ତ—ସତ୍ତ, ଶର୍କରା—ଶକ୍କର । କାଳକ୍ରମେ ଏହି 'କମ୍ମ', କଜ୍ଜ, ସତ୍ତ, ଶକ୍କର ପ୍ରଭୃତି ପୁଣି ଆଉଥରେ ରୂପାନ୍ତରିତ ହୋଇ ବର୍ତ୍ତମାନ କାମ, କାଜ, ସାତ, ସାକର ପ୍ରଭୃତି ସରଳ ଆକାରରେ ପରିଣତ ହୋଇଅଛି । ନିମ୍ନରେ ଏହାର ସ୍ପଷ୍ଟୀକରଣ ନିମିତ୍ତ କେତେକ ଉଦାହରଣ ପ୍ରଦତ୍ତ ହେଲା । ଯଥା—

ସପ୍ତ—ସତ୍ତ—ସାତ
ପକ୍ଷ—ପକ୍ଖ—ପାଖ
କସ୍ୟ—କସ୍ସ—କାସ
ଅଗ୍ର—ଅଗ୍ଗ—ଆଗ
ପାର୍ଶ୍ୱ—ପାସ୍ସ—ପାଶ
କାଷ୍ଠ—କାଟ୍ଠ—କାଠ
ମତ୍ସ୍ୟ—ମଚ୍ଛ—ମାଛ
ମଧ୍ୟ—ମଜ୍ଝ—ମଝି
ଗର୍ତ୍ତ—ଗତ୍ତ—ଗାତ ଇତ୍ୟାଦି ।

ଉପରେ ଅପଭ୍ରଂଶର ନିୟମ ସମ୍ବନ୍ଧରେ ଯାହା କିଛି ଲେଖା ଗଲା ତାହା ଯଥେଷ୍ଟ । ସମସ୍ତ ନିୟମ ଏଠାରେ ଉଲ୍ଲେଖଯୋଗ୍ୟ ନୁହେଁ । ତେବେ ଯେଉଁ ନିୟମଗୁଡ଼ିକ ପ୍ରଦର୍ଶିତ ହୋଇଅଛି, ତାହା ଯେ ସର୍ବତ୍ର ଖଟିଅଛି ଏହା ନୁହେଁ । ଅନେକ ସ୍ଥଳରେ ତାହାର ବ୍ୟତିକ୍ରମ ଲକ୍ଷିତ ହୁଏ । ଏହା କେବଳ ସାଧାରଣ ବିଧି । ଯେଉଁଠି ସାଧାରଣ ବିଧି ଅଛି, ସେଠାରେ ବିଶେଷ ବିଧି ନିଶ୍ଚୟ ଥିବ । ଯେଉଁ ଦେଶରେ 'ମା ହିଂସ୍ୟାତ୍ ସର୍ବା ଭୂତାନି' ଏହି ବିଧି ପ୍ରଚଳିତ, ସେହି ଦେଶରେ ପୁଣି 'ଶ୍ୟାମାଲଭେତ' 'ଅଗ୍ନିଷୋମୀୟଂ ପଶୁମାଲଭେତ' ଏହି ବିଶେଷ ବିଧି ଅଛି । ବିଶେଷ ବିଧି ସାଧାରଣ ବିଧିର ବାଧକ ହେଲେ ମଧ୍ୟ ସାଧାରଣ ବିଧିକୁହିଁ ଅଗ୍ରେ ଗ୍ରହଣ କରିବାକୁ ହୁଏ ।

ଭାଷା ବିଷୟରେ ଯେଉଁ ବିଧିସବୁ ଉଲ୍ଲିଖିତ ହେଲା ତାହା କେବଳ ଆକାର ସମ୍ବନ୍ଧରେ—ଭାବ ବା ଅର୍ଥ ସମ୍ବନ୍ଧରେ ନିମ୍ନରେ କିଛି ଲେଖା ଯାଉଅଛି । ଏପର୍ଯ୍ୟନ୍ତ ନଦୀପ୍ରବାହ ସହିତ ଭାଷାର ତୁଳନା ହୋଇ ଆସୁଅଛି । ପର୍ବତରୁ ଉପଲଖଣ୍ଡ ସ୍ରୋତରେ ତଡ଼ି ଆସିଲାବେଳେ ତାହାର କେବଳ ଆକୃତିର ପରିବର୍ତ୍ତନ ହୁଏ ନାହିଁ, ଗୁଣର ମଧ୍ୟ ପରିବର୍ତ୍ତନ ଘଟିଥାଏ । ଯୋଡ଼ିଏ ପଦାର୍ଥ ଏକ ହୋଇ ବହୁକାଳ ରହିଲେ ପରସ୍ପରର ସମ୍ପୃକ୍ତି ଗୁଣ ପ୍ରାପ୍ତ ନହ ପାରେ ନାହିଁ । ଅନେକ ପରିମାଣରେ ନିଷ୍ପ ହୋଇଯାଏ । ଏପରି ବସ୍ତୁ ମଧ୍ୟ ଅଛି ଯାହା ଅନ୍ୟର ଗୁଣ ବା ଦୋଷକୁ ବହୁ ପରିମାଣରେ ହରଣ କରି ନେଇ ପାରେ । ଭାଷାପ୍ରବାହ ମଧ୍ୟରେ ସେହିପରି କାଳସଂଘର୍ଷଣବଶତଃ ଅନେକ ଶବ୍ଦ ପ୍ରକୃତ ଅର୍ଥରୁ ଭ୍ରଷ୍ଟ ହୋଇଥିବାର ଦେଖାଯାଏ । କେଉଁଠି ଅର୍ଥ ଭିନ୍ନ, କେଉଁଠି ବା ସମ୍ପୂର୍ଣ୍ଣ ବିପରୀତ । ସହଜର ପୂର୍ବ ଅର୍ଥ ସ୍ୱତଃସିଦ୍ଧ, ସ୍ୱାଭାବିକ ଥିଲା; କ୍ରମେ ପରିବର୍ତ୍ତିତ ହୋଇ ବର୍ତ୍ତମାନ ଅନାୟାସ ବା ଅକ୍ଲେଶ ଅର୍ଥରେ ବ୍ୟବହୃତ ହେଉଅଛି । 'ହନ୍ତ୍ରୀ' ସ୍ନାନାବସ୍ଥାର ଅପଶବ୍ଦ ହେଲେହେଁ, ତାହାର ପୂର୍ବ ଅର୍ଥ ପରିବର୍ତ୍ତିତ ହୋଇ ଯାଇଅଛି ।

ପୂର୍ବେ ଯେଉଁ ସମସ୍ତ ଶବ୍ଦର ଅର୍ଥ ଥିଲା ସମ୍ପ୍ରତି ତା ସମ୍ପ୍ରତି ବର୍ତ୍ତମାନ ତାହାର ଅର୍ଥ ଭିନ୍ନ ବା ମାନ୍ୟ । ଅନେକ ସ୍ଥଳରେ ଦୋଷାବହ ଅର୍ଥଟି ବର୍ତ୍ତମାନ ପ୍ରକୃତଅର୍ଥରୁ ବିଚ୍ୟୁତ ହୋଇଅଛି । ଏତ ଯାହାକି ପୂର୍ବ ଓ ବର୍ତ୍ତମାନ ଅର୍ଥ ସମ୍ପୂର୍ଣ୍ଣ ବିପରୀତ ।

ପୃଥିବୀରେ ନଦୀ, ଉଦ୍ଭିଦ୍ ପ୍ରଭୃତି ବହୁ ଶାଖା-ପ୍ରଶାଖାବିଶିଷ୍ଟ । ନଦୀର ଶାଖା ପ୍ରଶାଖା ବହୁ ଦୂର ବିସ୍ତୃତ ହୋଇ ବହୁ ଭୂଖଣ୍ଡର ମଙ୍ଗଳ ସମ୍ପାଦନ କରୁଅଛି । ବୃକ୍ଷ ଏକ ସ୍ଥାନରେ ଥାଇ ନିଜ ଶାଖା ପ୍ରଶାଖାଦ୍ୱାରା ବହୁଦୂରପର୍ଯ୍ୟନ୍ତ ଛାୟା ପ୍ରଦାନ କରି ପାର୍ଶ୍ୱବର୍ତ୍ତୀ ପ୍ରାଣିବର୍ଗର ହିତ ସାଧନ କରୁଅଛି । ଭାଷାଜଗତରେ ମଧ୍ୟ ସେହିପରି ଶାଖାପ୍ରଶାଖାବାନ୍ ଶବ୍ଦ ଅଛି । ପ୍ରକୃତିଭୂତ ଏକ ଶବ୍ଦରୁ ବହୁ ଶବ୍ଦ ଉତ୍ପନ୍ନ ହୋଇ ବିଭିନ୍ନ ଭାବ ପ୍ରକାଶ କରି ଜନସମାଜର ପ୍ରଭୂତ କଲ୍ୟାଣ ସାଧନ କରୁଅଛି । ଜଡ଼ଜଗତ ଓ ପ୍ରାଣିଜଗତର ସୃଷ୍ଟିପ୍ରକ୍ରିୟା ସହିତ ଭାଷାଜଗତର ଏହି ସୃଷ୍ଟିପ୍ରକ୍ରିୟାର ସାମଞ୍ଜସ୍ୟ ଅଛି । ବହିର୍ଜଗତପରି ଏହି ଭାଷା-ଜଗତରେ ମଧ୍ୟ କେତେ ସ୍ଥଳରେ ଅବଶ୍ୟ ଏକ ଶକ୍ତି ପ୍ରଚ୍ଛନ୍ନ ରହିଅଛି । ଶକ୍ତି ବିନା କ୍ରିୟା ହେବା ଅସମ୍ଭବ । ହୃଦୟାକାଶରେ ପ୍ରତିମୁହୂର୍ତ୍ତ ନାନା ଭାବର ଉଦୟ ଓ ଅସ୍ତ ହେଉଅଛି । ଉକ୍ତ ଶକ୍ତି-ଦ୍ୱାରା ଭାବନିଚୟ ପରିଚାଳିତ ହୋଇ ଭାଷାରେ ପ୍ରକାଶମାନ ହେଉଅଛି । ତାହାଦ୍ୱାରା ଆମ୍ଭେମାନେ ପରସ୍ପରର ଭାବ ବିନିମୟ କରୁଅଛୁଁ । ଭାଷା ସମାଜର ଚିରସହଚର । ସମାଜର ଗତି ଅନୁସାରେ ଭାଷାର ଗତି । ସମାଜର ଛାୟା ଭାଷା ଉପରେ ପଡ଼େ । ସମାଜରୁ କୁସଂସ୍କାର ବା ସଙ୍କୀର୍ଣ୍ଣତା ଦୂର ହେବା ସଙ୍ଗେ ସଙ୍ଗେ ଭାଷାର ମଧ୍ୟ ଅନେକ ସଂସ୍କାର ଅପସାରିତ ହୋଇ ଯାଉଅଛି । ପୂର୍ବେ ଯେଉଁ ଶବ୍ଦ ଗୋଟିଏ ସଙ୍କୀର୍ଣ୍ଣ ସୀମାରେ ଅବଦ୍ଧ ଥିଲା, ଆଜି ତାହା ନାନାସ୍ଥାନରେ ପ୍ରଯୁକ୍ତ ହୋଇ ପ୍ରଶସ୍ତ ହୋଇଅଛି । ବର୍ତ୍ତମାନ 'ଶାଖା' ଶବ୍ଦ କେବଳ ବୃକ୍ଷଠାରେ ପ୍ରଯୁକ୍ତ ହେଉ ନାହିଁ, ନଦୀର ଶାଖା, ପର୍ବତର ଶାଖା, ସମାଜର ଶାଖା, ଧର୍ମର ଶାଖା ଇତ୍ୟାଦି ନାନା ପ୍ରୟୋଗ ହେଉଅଛି । କିନ୍ତୁ କହିଲେ ଯେ କେବଳ ଶାଖାମାନଙ୍କଠାରେ ନିବଦ୍ଧ କିମ୍ବା ବୋଲି ବୁଝିବା ଭୁଲ ନୁହେ । ଯେ କୌଣସି ଭାଷା ବାହ୍ୟ ଅଙ୍ଗରୁ କିନ୍ତୁ ଥିଲେ ସେଠାରେ ଭିନ୍ନ ଶବ୍ଦ ପ୍ରସ୍ତୁତ ହୋଇ ଥାଇବ । ଯେଉଁଭଳି କେବଳ ଜଳଠାରେ ଅବଦ୍ଧ ନ ରହି ପର ବହୁ ପୂର୍ବର ଜାଲ, ସଦନା, ଭାଷା, ଧର୍ମାଦି ପ୍ରଭୃତି ସଙ୍ଗେ ମିଶ୍ରିତ ହେଉଛି । ଏହା-ଦ୍ୱାରା ତାହାର ପୁଷ୍ଟି ଏବଂ ପ୍ରକାର ବୃଦ୍ଧି ହେଉ-ଅଛି । ଏହିପରି ଭାଷା ଯେତେ ବଳିଷ୍ଠ ଓ ପୁଷ୍ଟ ହେଉଥିବ, ସେତେ ସେ ନିଜର ପ୍ରଶସ୍ତ ମାର୍ଗ ଗଠନରେ ସମର୍ଥ ହେଉଥିବ । ଯେଉଁ ଭାଷାରେ ଉକ୍ତ ପ୍ରକାର ସାମଞ୍ଜସ୍ୟରେ ପ୍ରତିବନ୍ଧକ ଅଛି, ତାହାର ବହୁଳ ପ୍ରଚାର ସମ୍ଭବପର ନୁହେ ।

ପଦାର୍ଥରେ ତାପ ପ୍ରୟୋଗ କଲେ ତାହାର ତିନୋଟି ପରିବର୍ତ୍ତନ ଘଟିବାର ଦେଖାଯାଏ । ୧—ଆୟତନ ବୃଦ୍ଧି, ୨—ଉତ୍ତାପ ବୃଦ୍ଧି, ୩—ଅବସ୍ଥାନ୍ତରପ୍ରାପ୍ତି । ସମାଜରେ କୌଣସି ମହା ସଂଘର୍ଷଣ ଉପସ୍ଥିତ ହେଲେ ତଜ୍ଜନିତ ତାପଦ୍ୱାରା ଭାଷା ଅଧିକ ପ୍ରସାରିତ ହୁଏ । ସେହି ସମୟରେ ଭାଷାର ଦ୍ରୁତଗାମୀ ପ୍ରବାହ ଦେଖାଯାଏ ଏବଂ ତତ୍କାଳ ଉକ୍ତ ତାପ ପ୍ରଚୁର ପରିମାଣରେ ପ୍ରାପ୍ତ ହେଲେ ତାହାର ରୂପାନ୍ତର ବା ଭାବାନ୍ତର ହେବା ଅସମ୍ଭବ ନୁହେ । ଗୋଟିଏ ଶୀତୋଷ୍ଣ ପଦାର୍ଥ ପରସ୍ପର ସନ୍ନିହିତ ହେଲେ ଉଷ୍ଣ ପଦାର୍ଥର ତାପ ଶୀତଳ ପଦାର୍ଥ ଦେହକୁ ଧୀରେ ଧୀରେ ଚାଲି ଯାଏ । ଏପରି ସଂକ୍ରମଣର ଭୂରି ଭୂରି ଦୃଷ୍ଟାନ୍ତ ଅଛି । ଦୁଇଟି ଭାଷା ପରସ୍ପରର ସନ୍ନିହିତ ହେଲେ ଗୋଟିକର ଭାବ ଅନ୍ୟ ଅଙ୍ଗକୁ ଧୀରେ ଧୀରେ ସଂକ୍ରମଣ କରେ । ଗୋଟିଏ ସାମାନ୍ୟ ଭାଷା ଉନ୍ନତ ଭାଷାର ସଂସର୍ଗରେ ପୁଷ୍ଟ ହୋଇଯାଏ । ଉନ୍ନତ ଭାଷାର ଧକ୍କା ତାହା ଉପରେ ପଡୁଥିଲେ ପଡୁଥାଏ ।

ବୈଜ୍ଞାନିକ ଓ ଜ୍ୟୋତିଷ ପଣ୍ଡିତମାନେ ବହୁ ଗବେଷଣା ଦ୍ୱାରା ସ୍ଥିର କରିଅଛନ୍ତି ଯେ ସୂର୍ଯ୍ୟ ନିଜେ ଜ୍ୟୋତିର୍ମୟ ନୁହେଁ, ଶୀତମୟ କୃଷ୍ଣ ଗୋଲକମାତ୍ର । ଏହି ଜ୍ୟୋତିର୍ମୟ ବାଷ୍ପୀୟ ଆବରଣ କେବଳ ଜ୍ୟୋତିଷ୍ମାନ୍ ହୋଇଅଛି । ସୁତରାଂ ଏହି ବାଷ୍ପୀୟ ଆବରଣ ସୂର୍ଯ୍ୟର ଦେହାବରଣ । ସେହିପରି ଭାଷା ମନୋଜଗତର ପ୍ରକାଶକ । ଭାଷା ନ ଥିଲେ ସେ ଜଗତ ପ୍ରକାଶିତ ହୋଇ ପାରନ୍ତା ନାହିଁ । ପକ୍ଷାନ୍ତରେ ମନର ଭାବ ନ ଥିଲେ ଭାଷାର ଅସ୍ତିତ୍ୱ ଉପଲବ୍ଧି ହେବ ନାହିଁ । ବିଜ୍ଞାନ କ୍ରମେ ନାନା ଅଦ୍ଭୁତ ଆବିଷ୍କ୍ରିୟା କରୁଅଛି, କିନ୍ତୁ ବିଜ୍ଞାନର ଅଗାଧ, ଧ୍ୟାନ ଓ କଳ୍ପନା-ଜଗତରେ ଏମ ଆଧାରେ ବିଦ୍ୟମାନ ।

ଭାଷାର ପ୍ରତ୍ୟେକ ସୂକ୍ଷ୍ମତତ୍ତ୍ୱ ଯଥାଯଥ ଆଲୋଚନା କରିବା ସମୟସାପେକ୍ଷ ଏବଂ ସ୍ଥାନସାପେକ୍ଷ । ଭାଷା ସମ୍ବନ୍ଧରେ ଦୁଇଚାରି କଥା କହିବା ଏହି ପ୍ରବନ୍ଧର ଉଦ୍ଦେଶ୍ୟ । ଅଧିକ କହିବା ମାଦୃଶ ଅଦୂରଦର୍ଶୀ ବ୍ୟକ୍ତି ପକ୍ଷରେ ଏକାନ୍ତ ଅସମ୍ଭବ । ପ୍ରବୀଣ ବ୍ୟକ୍ତିମାନେ ଏ ବିଷୟରେ ନବ ନବ ତତ୍ତ୍ୱ ପ୍ରକାଶ କଲେ ଆମ୍ଭେମାନେ ନୂତନ ଜ୍ଞାନ ଲାଭ କରିପାରନ୍ତୁ ।

ଶ୍ରୀ ମୃତ୍ୟୁଞ୍ଜୟ ରଥ ।

ନାରୀମର୍ଯ୍ୟାଦା ।

ପ୍ରକୃତି ପୁରୁଷ ଏତଦୁଭୟର ସମ୍ମିଳନରେ ସମଗ୍ର ଈଶ୍ୱରସୃଷ୍ଟି ଅପୂର୍ବ ଶୋଭା ଧାରଣ କରି ବିରାଜମାନ କରୁଅଛି । 'ଆବ୍ରହ୍ମକୀଟାନ୍ତମିଦଂ ନିବଦ୍ଧଂ ପୁଂସ୍ତ୍ରୀପ୍ରୟୋଗେଣ ଜଗତ୍ସମସ୍ତଂ'— ବ୍ରହ୍ମଠାରୁ ଆରମ୍ଭ କରି କୀଟାନୁକୀଟ ପର୍ଯ୍ୟନ୍ତ ସମସ୍ତେ ସ୍ତ୍ରୀ ଓ ପୁରୁଷ ଉଭୟର ସମାବେଶରେ ଅବସ୍ଥାନ କରୁଅଛନ୍ତି । ଏକର ଅଭାବରେ ଅନ୍ୟର ଅବସ୍ଥାନ ଅସମ୍ଭବପର । ପ୍ରକୃତିର ଅଭାବରେ ପୁରୁଷ କେହି ନୁହେ । ପୁରୁଷର ଅଭାବରେ ପ୍ରକୃତିର ସତ୍ତା ନିଷ୍ପ୍ରୟୋଜନ । ମାନବସମାଜ ଏହି ସ୍ତ୍ରୀ ପୁରୁଷ ଉଭୟଙ୍କୁ ନେଇ ଗଠିତ, ରମଣୀର ଅଭାବରେ ସଂସାରର ଅଭାବ, ସୃଷ୍ଟିର ଲୋପ ଅବଶ୍ୟମ୍ଭାବୀ; ଏହି ଜଗଦ୍ଧାତ୍ରୀ, ବିଶ୍ୱଜନନୀ, ପୁଣ୍ୟମୟୀ ରମଣୀମାନଙ୍କ ପ୍ରତି ଅମର୍ଯ୍ୟାଦା ସୃଷ୍ଟିନାଶର ପ୍ରକୃଷ୍ଟ ଲକ୍ଷଣ ବୋଲିଲେ ଅତ୍ୟୁକ୍ତି ହେବ ନାହିଁ । ଯେଉଁ ସମାଜରେ ପୁରୁଷ ରମଣୀମାନଙ୍କ ପ୍ରତି ଉଚିତ ସମ୍ମାନ ପ୍ରୟୋଗ ନ କରେ, ସେ ସମାଜର ଅଧଃପତନ ନିକଟବର୍ତ୍ତୀ ।

ପାଶ୍ଚାତ୍ୟ ସଭ୍ୟ ଜଗତରେ ରମଣୀମାନଙ୍କ ପ୍ରତି ଯଥୋଚିତ ଆଦର ପ୍ରଦାନ କରାଯାଇଥାଏ । ଆମ୍ଭମାନଙ୍କ ଦେଶର କେହି କେହି ତୀବ୍ର ଏଥିପ୍ରତି କଣ୍ଠରୁ କଟାକ୍ଷପାତ କରିଥାନ୍ତି । କିନ୍ତୁ ସେମାନଙ୍କର ଏହା ସର୍ବଦା ସ୍ମରଣ ରଖିବା ଉଚିତ ଯେ ରମଣୀକୁଳ ଗୃହସଂସାରର ସମସ୍ତ ସୁଖ ଓ ଶାନ୍ତିର ମୂଳାଧାର ସ୍ୱରୂପ । ବର୍ତ୍ତମାନ ଦେବାତ୍ମା ପୂଜ୍ୟପାଦ, ପୁଣ୍ୟଶ୍ଳୋକ, ପୁଗଣ ମହର୍ଷିମାନେ କିପରି ଉଚ୍ଚ ଓ ବିଶୁଦ୍ଧ ଚକ୍ଷୁରେ ନାରୀମାନଙ୍କୁ ଦେଖୁଥିଲେ ।

'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ' ପରି ହିତୋକ୍ତିମାନ ଯେଉଁ ଦେଶରେ ପ୍ରଚଳିତ, ଯେଉଁ ଦେଶରେ ରମଣୀମାନଙ୍କୁ 'ଗୃହଲକ୍ଷ୍ମୀ' ପ୍ରଭୃତି ବିଶିଷ୍ଟ ବାକ୍ୟମାନଙ୍କଦ୍ୱାରା ସମ୍ମାନିତ କରାଯାଇଥିଲା, ଯେଉଁ ଦେଶରେ ମହର୍ଷିମାନେ 'ସସ୍ତ୍ରୀକୋ ଧର୍ମମାଚରେତ୍' ଏହିପରି ଅନୁଶାସନ ପ୍ରଚାର କରି ଯାଇଅଛନ୍ତି, ସେହି ଦେଶର ପୁରୁଷସମାଜ ଏତେଦୂର ଦୁର୍ବଳ ଓ ଅଧଃପତିତ ? ଟିକିଏ ଦୃଷ୍ଟିପାତ କଲେ ଦେଖାଯିବ ଯେ ଭୀଷଣ ଅମାନୁଷିକ ବ୍ୟବହାର ଓ ଅଶ୍ରାବ୍ୟ କଟୂବାକ୍ୟବାଣଦ୍ୱାରା ଅନେକ ସ୍ଥଳରେ ଅନ୍ତଃପୁରସ୍ଥା ରମଣୀକୁଳ ଜର୍ଜରିତ ହୋଇ ଗୃହ, ସମାଜ ଓ ସଂସାରକୁ ଅଶାନ୍ତିମୟ ଓ ଅନ୍ଧକାରପୂର୍ଣ୍ଣ କରି ରଖି ଅଛନ୍ତି ।

ବର୍ତ୍ତମାନ ବେଦ, ପ୍ରାଚୀନ ଅନ୍ୟ ସ୍ମୃତି-ମାନଙ୍କରେ ରମଣୀମାନଙ୍କ ପ୍ରତି କେତେ ଉତ୍କୃଷ୍ଟ ଆଦରସମ୍ମାନର ଉଲ୍ଲେଖ ଓ ଉପଦେଶ ଦିଆହୋଇ ଅଛି ।

ରମଣୀମାନେ ପ୍ରକୃତିର ଅଂଶସମ୍ଭୂତା ଏବଂ ପୁରୁଷମାନେ ପ୍ରକୃତିରୁ ସମ୍ଭୂତ; ସେହି ହେତୁରୁ ପ୍ରକୃତିର ଅବମାନନା କରିବା ସ୍ତ୍ରୀମାନଙ୍କର ଉଚିତ ନୁହେଁ ।

'ଯୋ ଭବେତ୍ ପଣ୍ଡିତଃ ସୋଽପି
ପ୍ରକୃତିଂ ନାବମନ୍ୟତେ ।
ସର୍ବାଃ ପ୍ରକୃତେଃ ପୁଂସଃ
କାମିନ୍ୟଃ ପ୍ରକୃତେଃ କଳା ।

ବ୍ରହ୍ମବୈବର୍ତ୍ତ ପୁରାଣ ।

ସନ୍ତାନୋତ୍ପାଦନର ମୂଳାଧାରସ୍ୱରୂପା ନାରୀ ଗୃହର ଶୋଭାବର୍ଦ୍ଧିନୀ ସୁତରାଂ ଆଦରଣୀୟା । ଫଳତଃପକ୍ଷରେ ଶ୍ରୀ ଓ ସ୍ତ୍ରୀ ମଧ୍ୟରେ କିଛି ପାର୍ଥକ୍ୟ ନାହିଁ, ଯଥାଃ—

'ସ୍ତ୍ରିୟଃ ଶ୍ରିୟଶ୍ଚ ଗେହେଷୁ ନ ବିଶେଷୋଽସ୍ତି କଶ୍ଚନ'

ମନୁ ।

ସ୍ତ୍ରୀମାନଙ୍କ ପ୍ରତି କଟୁବାକ୍ୟ ପ୍ରୟୋଗ କରିବା ପୁରୁଷର ଏକାନ୍ତ ଅକର୍ତ୍ତବ୍ୟ, ସର୍ବଦା ସେମାନଙ୍କୁ ମିଷ୍ଟ ବାକ୍ୟଦ୍ୱାରା ସନ୍ତୁଷ୍ଟ କରି ଧନ, ବସ୍ତ୍ର, ପ୍ରେମ, ଓ ଶ୍ରଦ୍ଧାଦ୍ୱାରା ଆପ୍ୟାୟିତ କରି ନିତ୍ୟ ଗୃହର ଶାନ୍ତି ଓ ଶୋଭା ବର୍ଦ୍ଧନ କରିବା ଗୃହୀର ଏକାନ୍ତ କର୍ତ୍ତବ୍ୟ, ଯଥା—

'ଧନେନ ବାସସା ପ୍ରେମ୍ଣା ଶ୍ରଦ୍ଧୟାମୃତଭାଷଣୈଃ ସତତଂ ତୋଷୟେଦ୍ଦାରାନ୍ ନାପ୍ରିୟଂ କ୍ୱଚିଦା-ଚରେତ୍'

ମହାନିର୍ବାଣତନ୍ତ୍ର ।

ସଂସାରର ଧର୍ମ, ଅର୍ଥ, କାମ, ମୋକ୍ଷ, ପୁତ୍ରମୁଖ ଓ ସମସ୍ତ ବିଷୟସୁଖର ମୂଳୀଭୂତ କାରଣ, ଲକ୍ଷ୍ମୀ ସ୍ୱରୂପା ରମଣୀରତ୍ନମାନଙ୍କର ପ୍ରକୃତ ସମ୍ମାନଦ୍ୱାରା ସନ୍ତୋଷ ବିଧାନ ପୁରୁଷର ଏକାନ୍ତ କର୍ତ୍ତବ୍ୟ । ସଂସାରକୁ ନିତ୍ୟ ବିମଳ ଶାନ୍ତିମୂର୍ତ୍ତି ଓ ପବିତ୍ର କରିବାକୁ ହେଲେ ପିତା, ଭ୍ରାତା, ସ୍ୱାମୀ, ଦେବର ପ୍ରଭୃତି ପୁରୁଷଗଣଙ୍କର କୁଳସ୍ତ୍ରୀମାନଙ୍କୁ ଆଦର ଓ ସମ୍ମାନ କରିବା କର୍ତ୍ତବ୍ୟ । ଯେଉଁ ପରିବାର ମଧ୍ୟରେ କୁଳସ୍ତ୍ରୀମାନେ ସର୍ବଦା ଅନାଦୃତ, ଲାଞ୍ଛିତ, ପୀଡ଼ିତ, ଅପମାନିତ ହୁଅନ୍ତି, ସେ କୁଳର ଅମଙ୍ଗଳ ଅବଶ୍ୟମ୍ଭାବୀ । ପକ୍ଷାନ୍ତରରେ ଯେଉଁ ଗୃହରେ ସେମାନେ ସର୍ବଦା ସୁଖ ଶାନ୍ତି ଭୋଗ କରି ନିତ୍ୟ ଆନନ୍ଦରେ କାଳଯାପନ କରନ୍ତି ସେ ପରିବାରର ଉନ୍ନତି ଅବଶ୍ୟମ୍ଭାବୀ ।

ସୂକ୍ଷ୍ମଭାବରେ ଅବଲୋକନ କଲେ ଦେଖାଯିବ ଯେ ଅବିଚଳିତ ଧର୍ମବିଶ୍ୱାସ, ଦୃଢ଼ତା, ଆତ୍ମସଂଯମ, ଭକ୍ତି, ସ୍ନେହ, କ୍ଷମା ପ୍ରଭୃତି ସଦ୍‌ଗୁଣରେ ରମଣୀକୁଳ ପୁରୁଷ ଅପେକ୍ଷା ଉଚ୍ଚତର ଆସନଯୋଗ୍ୟା । ମନୁସଂହିତାରେ ଲିଖିତ ଅଛି—

ପିତୃଭିର୍ଭ୍ରାତୃଭିଶ୍ଚୈତାଃ ପତିଭିର୍ଦେବରୈସ୍ତଥା ।
ପୂଜ୍ୟା ଭୂଷୟିତବ୍ୟାଶ୍ଚ ବହୁକଲ୍ୟାଣମୀପ୍ସୁଭିଃ ।୧।
ଶୋଚନ୍ତି ଜାମୟୋ ଯତ୍ର ବିନଶ୍ୟତ୍ୟାଶୁ ତତ୍କୁଳଂ
ନ ଶୋଚନ୍ତି ତୁ ଯତ୍ରୈତା ବର୍ଦ୍ଧତେ ତଦ୍ଧି ସର୍ବଦା ॥
ଜାମୟୋ ଯାନି ଗେହାନି ଶପନ୍ତ୍ୟପ୍ରତିପୂଜିତାଃ ।
ତାନି କୃତ୍ୟାହତାନୀବ ବିନଶ୍ୟନ୍ତି ସମନ୍ତତଃ ।୩।
ତସ୍ମାଦେତାଃ ସଦା ପୂଜ୍ୟା ଭୂଷଣାଚ୍ଛାଦନାଶନୈଃ ।
ଭୂତିକାମୈର୍ନରୈର୍ନିତ୍ୟଂ ସତ୍କାରେଷୂତ୍ସବେଷୁ ଚ ॥
ସନ୍ତୁଷ୍ଟୋ ଭାର୍ଯ୍ୟୟା ଭର୍ତ୍ତା ଭର୍ତ୍ତ୍ରା ଭାର୍ଯ୍ୟା ତଥୈବ ଚ ।
ଯସ୍ମିନ୍ନେବ କୁଲେ ନିତ୍ୟଂ କଲ୍ୟାଣଂ ତତ୍ର

ବୈ ଧ୍ରୁବଂ ।୫।

ଅତଏବ ମାନବଧର୍ମର ପ୍ରଧାନ ଅଙ୍ଗସ୍ୱରୂପ ରମଣୀମାନଙ୍କର ଶିକ୍ଷା ଓ ପାଳନପ୍ରତି ବିଶେଷ ଭାବରେ ମନୋଯୋଗୀ ହେବା ସମାଜୋନ୍ନତି ଓ ପାରିବାରିକ ସୁଖସାଧନର ପ୍ରଧାନ ଉପାୟ । ଯେଉଁ ଜାତି ବା ସମାଜ ଏହି ମହୋଚ୍ଚ କର୍ତ୍ତବ୍ୟ ପାଳନରେ ଏକାନ୍ତ ଉଦାସୀନ, ତାହାର ଦିନକୁ ଦିନ ଅଧୋଗତି ଅନିବାର୍ଯ୍ୟ ।

ଶ୍ରୀ—

ୱାଲଟେୟାର ଦର୍ଶନ ।

ୱାଲଟେୟାର ନାମ ବହୁ ଦିନରୁ ଶୁଣି ଆସୁଥିଲୁଁ । ୱାଲଟେୟାର ଇଂରେଜମନୋମୋହନ ସାଗର କୂଳବର୍ତ୍ତୀ ସୁନ୍ଦର ନଗର । ୱାଲଟେୟାର ସ୍ୱାସ୍ଥ୍ୟକର ସ୍ଥାନ ହୋଇ ଅନେକ ବିଖ୍ୟାତ କବିରାଜ ଏବଂ ଡାକ୍ତରଙ୍କର ଅଭିମତ । ସ୍ୱାସ୍ଥ୍ୟଲାଭ ଉଦ୍ଦେଶ୍ୟରେ ବଙ୍ଗଦେଶୀୟ ଅନେକ ଭଦ୍ରଲୋକ ଏ ସ୍ଥାନରେ ବାସ କରୁଅଛନ୍ତି । ୱାଲଟେୟାର ବଙ୍ଗାଳା-ନାଗପୁର ରେଲୱେର ଗୋଟିଏ ପ୍ରଧାନ ଷ୍ଟେସନ । ପ୍ରାତଃକାଳରେ କଟକଠାରୁ ଯେଉଁ ମେଲ ଟ୍ରେନ୍ ଯାଏ, ଠିକ ସନ୍ଧ୍ୟା ସମୟରେ ୱାଲଟେୟାରରେ ପହଞ୍ଚେ । ଏହି ୱାଲଟେୟାର ଦେଖିବା ସକାଶେ ବହୁକାଳରୁ ମନରେ ଆଶା ପୋଷଣ କରି ଆସୁଥିଲୁଁ ।

ଉତ୍କଳର ଶିକ୍ଷିତ ସ୍ୱଦେଶବତ୍ସଳ ଯୁବକମାନେ ଗତ ଏପ୍ରେଲ ମାସ ୧୧।୧୨ ତାରିଖରେ ବ୍ରହ୍ମପୁରଠାରେ ମାତୃସେବା ସମାପ୍ତ କରି ସ୍ୱ ସ୍ୱ ଗନ୍ତବ୍ୟ ସ୍ଥାନକୁ ଯାତ୍ରା କଲା ଉତ୍ତାରେ ଆମ୍ଭେମାନେ ସେମାନଙ୍କଠାରୁ ବିଦାୟ ଗ୍ରହଣ କରି ଦେ ତିନି ଦିନ ସେହିଠାରେ ଅବସ୍ଥାନ କରି ଏପ୍ରେଲ ମାସ ୧୪ ତାରିଖ ଦିବା ୧୨ ଘଣ୍ଟା ସମୟରେ ବ୍ରହ୍ମପୁର ଷ୍ଟେସନରୁ ଟିକଟ କ୍ରୟ କରି ମାନ୍ଦ୍ରାଜଗାମୀ ଟ୍ରେନରେ ଯାତ୍ରା କଲୁଁ । ସନ୍ଧ୍ୟା ୭ ଘଟିକା ସମୟରେ ଟ୍ରେନ୍ ୱାଲଟେୟାରରେ ଉପସ୍ଥିତ ହେଲା । ବ୍ରହ୍ମପୁର ନର୍ମାଲ ସ୍କୁଲର ଶିକ୍ଷକ ବାବୁ ଗୋପୀନାଥ ଦାସଙ୍କଠାରୁ ପତ୍ର ପାଇ ପ୍ରିନ୍ସ ବିକ୍ରମ ଦେଓ ବର୍ମାଙ୍କ ପ୍ରେରିତ ବାବୁ ବଡ଼ନନା ଦେଓ ଆମ୍ଭମାନଙ୍କ ଅପେକ୍ଷାରେ ପ୍ଲାଟଫାରମରେ ଦଣ୍ଡାୟମାନ ଥିଲେ । ଟ୍ରେନରୁ ଅବତରଣ କଲାମାତ୍ରେ ତାଙ୍କ ସହିତ ସାକ୍ଷାତ ହେଲା । ବାବୁ ନନା ଦେଓ ଆମ୍ଭମାନଙ୍କୁ ଅତି ଯତ୍ନ ଏବଂ ଆଦର ସହିତ ଜୟପୁର ଅଣଣକଟରେ ନେଇ ଗଲେ । ଆମ୍ଭମାନଙ୍କ ବାସ ନିମନ୍ତେ ବିଶାଖାପତ୍ତନ ସହର ମଧ୍ୟଭାଗରେ ଗୋଟିଏ ସୁନ୍ଦର ଦ୍ୱିତଳ ଗୃହ ନିରୂପିତ ଥିଲା । ପ୍ରିନ୍ସ ବିକ୍ରମ ଦେଓଙ୍କ କର୍ମଚାରୀମାନେ ଆମ୍ଭମାନଙ୍କ ପ୍ରୟୋଜନର ଅପେକ୍ଷା ଦ୍ରବ୍ୟ ଆୟୋଜନ କରି ଦେଲେ । ଆହାରାଦି କରି ପରମାନନ୍ଦରେ ରାତ୍ରିଯାପନ କଲୁଁ ।

ଆମ୍ଭେମାନେ ପ୍ରିନ୍ସ ବିକ୍ରମ ଦେଓଙ୍କ ସହିତ କଥୋପକଥନଦ୍ୱାରା ତାଙ୍କର ସ୍ୱ-ଦେଶବାସୀଙ୍କ, ମାତୃଭାଷା ପ୍ରତି ଅନୁରାଗ, ସରଳତା ଏବଂ ସହୃଦୟତାର ପରିଚୟ ପାଇ ଅତ୍ୟନ୍ତ ପ୍ରୀତି ଲାଭ କରିଅଛୁ । ତାଙ୍କର ଯତ୍ନ ଏବଂ ଆତିଥ୍ୟ ଚିରଜୀବନ ବିସ୍ମୃତ ହୋଇ ପାରିବୁଁ ନାହିଁ ।

୧୫ ତାରିଖ ଅପରାହ୍ନ ସମୟରେ ବାବୁ ବଡ଼ନନା ଦେଓ ଆମ୍ଭମାନଙ୍କ ସଙ୍ଗରେ ଯାଇ ସହର ଦେଖାଇବାକୁ ଲାଗିଲେ । ବିଶାଖାପତ୍ତନ ସହରକୁ ଇଂରେଜମାନେ ସହଜ ଉଚ୍ଚାରଣ ନିମନ୍ତେ ବିଜାଗ ନାମ ଦେଇଅଛନ୍ତି ।

ବିଜାଗ ସହରଟି ସମୁଦ୍ର କୂଳରେ ଉତ୍ତର ଦକ୍ଷିଣ ବିସ୍ତୃତ; ସିନ୍ଧୁର ଲହରୀମାଳା ନିରନ୍ତର ସହରର ପାଦଦେଶ ଧୌତ କରୁଅଛି । ସହରର ମଧ୍ୟଭାଗରେ ସଡ଼କଟି ପ୍ରଶସ୍ତ, ଅତି ସରଳ ଏବଂ ପରିଷ୍କାର ପରିଚ୍ଛନ୍ନ । ସହର ମଧ୍ୟରେ ଆଡ଼ମ୍ବରପୂର୍ଣ୍ଣ ତାଦୃଶ ବୃହତ୍ ଅଟ୍ଟାଳିକା ନାହିଁ, ମାତ୍ର ମଧ୍ୟବିତ୍ତ ଏବଂ କ୍ଷୁଦ୍ର କ୍ଷୁଦ୍ର ଅଟ୍ଟାଳିକାସମୂହ ନିର୍ମଳ, ସୁଗଠିତ ଏବଂ ସୁନ୍ଦର । ନଗରବାସୀମାନଙ୍କର ସାଧାରଣ ଭାଷା ତେଲୁଗୁ, ମାତ୍ର ନାନା ଦେଶୀୟ ଲୋକମାନଙ୍କ ସଂସ୍ରବରେ କେହି କେହି ହିନ୍ଦୀ ଭାଷା ଜାଣିଥିବାର ଦେଖିଲୁଁ । ଆମ୍ଭେମାନେ ଭାରତବର୍ଷର ଅନେକ ସ୍ଥାନ ଭ୍ରମଣ କରି ଦେଖିଅଛୁଁ, ସ୍ୱଦେଶରେ ସ୍ୱଜାତି ଭାଷା ପରି ଭାରତରେ ହିନ୍ଦୀ ଭାଷା ସର୍ବତ୍ର ପ୍ରଚଳିତ ।

ନଗରର ଦକ୍ଷିଣ ଭାଗରେ ପୋଲିସ ଷ୍ଟେସନ ଏବଂ ଜୟପୁର କାର୍ଯ୍ୟାଳୟମାନ ଅବସ୍ଥିତ । ୱାଲଟେୟାର ଷ୍ଟେସନଠାରୁ ବିଜାଗ ଶାଖା

କୋଳେ ନିର୍ଜନ ଘାଟ ମନ୍ଦିର ଦେଖିଲା
ନୟନସ୍ତ ଯାତ୍ରୀ ଛବିକୁ ମନେ କରାଉଅଛି । ଏହି ସ୍ଥାନ ନିର୍ଜନରେ ସମୁଦ୍ରର ଦକ୍ଷିଣ ଦିଗକୁ ଯେଉଁ ସମୁଦ୍ରଶାଖା ଅଛି ଉତ୍ତର ଦକ୍ଷିଣ ପ୍ରାନ୍ତରୁ ଗୋଟିଏ ଅଦ୍ଭୁତ ପର୍ବତ ଭେଦ କରି ମାର୍ଗ ପ୍ରସ୍ତୁତ ହୋଇଥିଲା । ବ୍ରିଟିଶମାନଙ୍କର ରେଲ ଗମନାଗମନ କାଳ-ରେ ପର୍ବତ ଦୁଇ ପାର୍ଶ୍ୱରୁ ପ୍ରସ୍ତରଖଣ୍ଡ ଖସି ପଡ଼ି ଗମନାଗମନରେ ବିଘ୍ନ ଜନ୍ମ କରିବାର ସମ୍ଭବ; ରାସ୍ତା ପ୍ରସ୍ତୁତ ହେବା ଦିନଠାରେ ଇଞ୍ଜିନିୟରମାନେ ଏପ୍ରକାର ଆଶଙ୍କା କରିବାରୁ ଏହି କଟନର ପାର୍ଶ୍ୱ ମାର୍ଗ ପଡ଼ିଯାଇ ହୋଇଅଛି । ଏଥିରେ ପ୍ରାୟ ଲକ୍ଷାଧିକ ଟଙ୍କା ବ୍ୟୟ ହୋଇଥିଲା ।

ରେଲ ଧାରରେ ଦୁଇ ଗୋଟି ଜେଟିପଥ ଥିବାର ଦେଖିଲୁଁ । ଏହି ଘାଟ ସାହାଯ୍ୟରେ ଷ୍ଟିମାର ଏବଂ ରେଲର ମାଲ ଅଦାନ ପ୍ରଦାନ ହୁଏ । ମାଲବାହୀ ଗୋଟିଏ ବୃହତ୍ ଷ୍ଟିମର ଏବଂ ଜେଟିଗୁଡ଼ାଏ ଦେଶୀ କ୍ଷୁଦ୍ର କ୍ଷୁଦ୍ର ପୋତ ଜେଟି ସନ୍ନିକଟ ସମୁଦ୍ର ଜଳରେ ଭାସମାନ ଥିବାର ଦେଖିଲୁଁ । ଏହା ଗୋଟିଏ ପ୍ରଧାନ ବନ୍ଦର ହେଲେ ମଧ୍ୟ ଆମ୍ଭମାନେ ଆଶାନୁରୂପ ବାଣିଜ୍ୟ-କୋଳାହଳ ଦେଖିଲୁଁ ନାହିଁ । ବଣିକମଣ୍ଡଳୀର ଶିଳ୍ପକାରଙ୍କ ଉଚ୍ଚସାହ ଉଦ୍ୟମ କାର୍ଯ୍ୟ-ତତ୍ପରତା ଦେଖା ଯାଉ ନ ଥିଲା ଦେଖା ନାହିଁ, ସମସ୍ତେ ସେପରି ଧୀର ସ୍ଥିର ଶାନ୍ତଭାବରେ ସ୍ୱ ସ୍ୱ କାର୍ଯ୍ୟରେ ନିଯୁକ୍ତ ଅଛନ୍ତି । ରେଲ ଲାଇନ ନିକଟସ୍ଥ ସମୁଦ୍ର କୂଳରେ କ୍ଷୁଦ୍ର କ୍ଷୁଦ୍ର ପ୍ରସ୍ତର ଖଣ୍ଡ ରାଶୀକୃତ ହୋଇ ପଡ଼ିଥିବାର ଦେଖିଲୁଁ । ଏ ସମସ୍ତ ଷ୍ଟିମାର ବେଲଷ୍ଟ ବୋଲି ପ୍ରଥମତଃ ଆମ୍ଭ-ମାନଙ୍କର ଧାରଣା ଜନ୍ମିଥିଲା, ମାତ୍ର ଜଣାଗଲା ବାବୁ ବୁଝାଇ ଦେଲେ, ଏ ସମସ୍ତ ଟିନ-ପ୍ରସ୍ତର । ଟିନ ପ୍ରସ୍ତୁତ ହେବା ନିମନ୍ତେ ବିଲାତ ଯିବ । ଷ୍ଟିମାର ଗଳାଯାଇ ଇଂରାଜ ଏବଂ ବଙ୍ଗଳା କାରିଗର-ମାନଙ୍କ ହାତରେ ହୋଇ ଆମ୍ଭମାନଙ୍କ ଦେଶକୁ ଆସି ଟିନ ବ୍ୟବହାର କରିବୁ । ହାୟ ! ଆମ୍ଭମାନଙ୍କ ଏହି ଦୁର୍ଭାଗ୍ୟ କେବେ ଅପନୀତ ହେବ ?

ସ୍ଥଳ ସୀମାରେ କୋଣାର୍କ ସ୍ଥାନ ଅପେକ୍ଷାକୃତ ଯଳ ସ୍ଥାନକୁ ବନ୍ଦରକୁ ନିଆ ହୋଇଥାଏ ।

ମାଲୟ ଜାତିର ଏକ ଅଂଶ ବୈଶାଖ ସହରର ଦେଶ ଦକ୍ଷିଣ ସୀମା ବାହୁ ମନ୍ଦିରରେ ପ୍ରଦେଶ ଜାଗ ନଗରର ପର୍ଯ୍ୟନ୍ତ ପ୍ରାନ୍ତରେ ଅନାରେ ଦୃଷ୍ଟ ହୋଇଅଛି । ତୁଳନା ବୋଧ ହୁଏ ନାହିଁ । ଏହି ବନ୍ଦର ଏବଂ ସାଗର ନିକଟବର୍ତ୍ତୀ ସ୍ଥାନରେ ମନୁଷ୍ୟମାନଙ୍କ ଯିବା ଆସିବା ନିମନ୍ତେ ଗୋଟିଏ ଖୋଲାଜାଗା ଲୋହାପୋଲ ପ୍ରସ୍ତୁତ ହୋଇଅଛି ।

ସହରର ଦକ୍ଷିଣପ୍ରାନ୍ତ ପର୍ବତ ନିକଟରେ ଶ୍ରୀ ସ୍ଥାନ-ମାନଙ୍କର ଉଦ୍ୟାନ ସହିତ ଉନ୍ନତ ସ୍ଥଗିତ ରଜାନାଳ (ଟିକା) ନଗରର ମୂଲ୍ୟବାନ ରୂପ ଦୃଷ୍ଟିର ପର୍ଯ୍ୟନ୍ତ ସୁନ୍ଦର । ସେ ଟିକାର ଉଚ୍ଚ ଦକ୍ଷିଣପୂର୍ବ ଭାଗ ସହର ମଧ୍ୟରୁ ଶୃଙ୍ଗଶୈଳ ଉପରେ ମୁସଲମାନମାନଙ୍କର ମଧ୍ୟ ଗୋଟିଏ ମସଜିଦ୍ ନିର୍ମିତ ହୋଇଅଛି । ବୈଶାଖ ସହରରେ ଦକ୍ଷିଣ ପ୍ରାନ୍ତରେ ଉପକୂଳବର୍ତ୍ତୀ ଅଧିବାସୀମାନଙ୍କ ବାସ-ଗ୍ରାମଟି କ୍ଷୁଦ୍ର କ୍ଷୁଦ୍ର ପର୍ଣ୍ଣକୁଟୀର ପଡ଼ିଲୁ ଲମ୍ବାଳ-ମ୍ପରେ ପଡ଼ିଥିଲା । ଏହି ଗ୍ରାମ ପ୍ରାନ୍ତ ପୂର୍ବଭାଗ ସମୁଦ୍ରକୂଳରେ ନଗରବାସୀମାନେ ବସି ସାନ୍ଧ୍ୟ ସମୀରଣ ସେବନ କରିବା ନିମନ୍ତେ ଗୋଟିଏ ଉଚ୍ଚ ସ୍ଥାନରେ ଇଷ୍ଟକନିର୍ମିତ ସ୍ଥାୟୀ ଆସନ ପ୍ରସ୍ତୁତ ହୋଇଅଛି । ସ୍ଥାନଟି ଆମ୍ଭମାନଙ୍କୁ ଅତିବ ମନୋହର ବୋଧ ହେଲା । କେତେଗୁଡ଼ାଏ ଇଂରେଜ ପୁରୁଷ ଏବଂ ମହିଳା ଏବଂ କେତେ ଜଣ ସ୍ଥାନୀୟ ଭଦ୍ରଲୋକ ବିଶ୍ରାନ୍ତ ମନରେ ଏ ସ୍ଥାନରେ ବସି ସାଗରର ଲହରୀଲୀଳା ଦର୍ଶନ କରୁଥିବାର ଦେଖିଲୁଁ । ସପ୍ତାହରେ ଦୁଇ ଦିନ ସାନ୍ଧ୍ୟ ସମୟରେ ବାଦ୍ୟଦେବ ନର୍ତ୍ତକମାନଙ୍କ ଚିତ୍ତ-ବିନୋଦନ ନିମନ୍ତେ ଏ ସ୍ଥାନରେ ବେଣ୍ଡ ବାଜେ । ଏ ସ୍ଥାନର ଗୋଟିଏ ବୃହଦାକାର ତୋପ ଅଛି, ପ୍ରତିଦିନ ରାତ୍ରି ୯ ଘଡ଼ି ସମୟରେ ଧ୍ୱନିତ ହୋଇଥାଏ ।

ଏହି ବନ୍ଦରସ୍ଥାନ ନିକଟରେ ସାଗରଗାମୀ ପୋତର ଯାତାୟାତ ଅନେକନ୍ତୁର୍ଣ୍ଣ ଅଛି । ସେଥିନିମନ୍ତେ, ପୁରୁଣା ଆଲୋକସ୍ତମ୍ଭଟି ଭାଙ୍ଗି ଦିଆଯାଇ ଗୋଟିଏ ନୂତନ ଆଲୋକସ୍ତମ୍ଭ ନିର୍ମିତ ହେଉଅଛି ।

ଏହି ସ୍ଥାନର କିଞ୍ଚିତ୍ ଦକ୍ଷିଣ ଅଂଶ ସମୁଦ୍ର କୂଳରେ ସମ୍ଭ୍ରାନ୍ତ ଲୋକମାନଙ୍କର ଗ୍ରାମ ଥିଲା । କେତେକ ବର୍ଷ ପୂର୍ବେ ମାନ୍ଦ୍ରାଜ ଗବର୍ଣ୍ଣର ଷ୍ଟିମର ଯୋଗେ ବିଜାଗ ଆସିଥିଲେ । ଷ୍ଟିମର ଉପରରୁ ଏହି ଗ୍ରାମଟି ଅସୁନ୍ଦର ଦିଶିବାରୁ ଲୋକମାନଙ୍କୁ ଖର୍ଚ୍ଚ ଦିଆଯାଇ ଗ୍ରାମ ଉଠାଇ ଦିଆ ଯାଇଅଛି । ସେଥିର କେତେକ ଅଂଶ ବର୍ତ୍ତମାନ ମ୍ୟୁନିସିପାଲିଟି ଅଧୀନରେ ପଡ଼ିଆ ଅବସ୍ଥାରେ ଅଛି । ସମୟରେ ଏହି ସ୍ଥାନ ସହରର ଯେ ସୁନ୍ଦର ଶୋଭାବର୍ଦ୍ଧନର ସୁଯୋଗିତ ହେବ, ଏହା ସହଜରେ ଅନୁମାନ କରାଯାଇ ପାରେ ।

ଏହି ସ୍ଥାନର କିଞ୍ଚିତ୍ ଉତ୍ତରାଂଶରେ ଉଚ୍ଚ ପାହାଡ଼ ଶିର ଉପରେ ସୁନ୍ଦର ହସ୍ପିଟାଲ ନିର୍ମିତ ହୋଇଅଛି । ମହାରାଜ ଜଗା ରାଓ ସେହି ହସ୍ପିଟାଲର କେତେକ ଅଂଶ ସ୍ୱବ୍ୟୟରେ ନିର୍ମାଣ କରାଇ ଦେଇଥିବାରୁ ତାହା ଉପରେ ତାଙ୍କ ନାମ ଅଙ୍କିତ ହୋଇଅଛି ।

ସହରର ଦକ୍ଷିଣ ପ୍ରାନ୍ତ ରେଲ ଷ୍ଟେସନଠାରୁ ଓ୍ୱାଲଟେୟାରର ପ୍ରାୟ ଶେଷ ସୀମା ପର୍ଯ୍ୟନ୍ତ ସମୁଦ୍ର କୂଳେ କୂଳେ ଉତ୍ତର ଦକ୍ଷିଣ ବିସ୍ତୃତ ବାଲି ଉପରେ ଗୋଟିଏ ସୁନ୍ଦର ସଡ଼କ ପ୍ରସ୍ତୁତ ହୋଇଅଛି । ଅନେକ ସ୍ଥାନରେ ସାଗର-ଲହରୀ ଆସି ସେହି ସଡ଼କକୁ ସ୍ପର୍ଶ କରୁଅଛି । ପ୍ରଭାତ ଏବଂ ସନ୍ଧ୍ୟା ସମୟରେ ଏହି ମାର୍ଗରେ ଭ୍ରମଣ କରିବା ଅତ୍ୟନ୍ତ ସୁଖକର ଅଟେ । ନିଜ ଦେଶୀ ବାବୁଙ୍କଠାରୁ ଶୁଣିଲୁଁ, ମହାରାଜ ଗଜପତି ରାଓ ପଚିଶ ହଜାର ଟଙ୍କା ବ୍ୟୟ କରି ଏହି ମାର୍ଗ ନିର୍ମାଣ କରାଇ ଦେଇଅଛନ୍ତି । ନିଶ୍ଚୟ ତାଙ୍କର ଅର୍ଥ ବ୍ୟୟ ସାର୍ଥକ ହୋଇଅଛି ।

ମାନ୍ଦ୍ରାଜ ସମୀପବର୍ତ୍ତୀ ସମୁଦ୍ର ମଧ୍ୟରେ ଥିବା ହାରବର ପରି ଏଠାରେ ସମୁଦ୍ର ମଧ୍ୟରେ ହାରବର ନିର୍ମାଣ ହେବା ସମ୍ବନ୍ଧେ ଗବର୍ଣ୍ଣମେଣ୍ଟ ମନସ୍ଥ କରିଥିବାର ଶ୍ରବଣ କଲୁଁ ।

ବିଜାଗ ସହର ମଧ୍ୟରେ ଗୋଟିଏ ସ୍ଥାୟୀ ନାଟ୍ୟଶାଳା ପ୍ରସ୍ତୁତ ହୋଇଅଛି । ପ୍ରିନ୍ସ ବିକ୍ରମ ଦେଉଙ୍କର ସେଥିରେ ବିଶେଷ ଯତ୍ନ ଥିବାର ଦେଖିଲୁଁ । ମଧ୍ୟ ସେ ସ୍ଥାନରେ ଅଭିନୟ ନିମନ୍ତେ ଉକ୍ତ ମହାତ୍ମା ଅନ୍ୟ ଭାଷାରେ ଶତ୍ରିଏ ନାଟକ ରଚନା କରୁଅଛନ୍ତି । ଆମ୍ଭେମାନେ ସଙ୍ଗୀତ ସଭାମାୟବ ନାଟକ ପାଠ କରି ଦେଖିଅଛୁଁ, ତାଙ୍କର ନାଟକ ରଚନା କରିବାର ଶକ୍ତିର ଅଭାବ ନାହିଁ । ଉତ୍କଳଭାଷାରେ ଅଧିକ କେତେ ନାଟକ ତାଙ୍କ ହସ୍ତରୁ ପାଇବାକୁ ଆଶା କରୁଁ ।

ବିଦେଶୀୟ ଲୋକମାନଙ୍କ ସୁବିଧା ନିମନ୍ତେ ବିଜାଗ ସହରର ଉତ୍ତର ପ୍ରାନ୍ତରେ ଟରନାଲ ଚୌଲ୍ଟ୍ରି ନାମକ ଗୋଟିଏ ସୁନ୍ଦର ପ୍ରଶସ୍ତ ପାନ୍ଥନିବାସ ପ୍ରସ୍ତୁତ ହୋଇଅଛି । ଆମ୍ଭେମାନେ ସେହି ଚୌଲ୍ଟ୍ରି ମଧ୍ୟରେ ଭ୍ରମଣ କରି ଦେଖିଅଛୁଁ, ବାସ କରିବା ନିମନ୍ତେ ସର୍ବଶ୍ରେଣୀର ଲୋକମାନଙ୍କ ପକ୍ଷରେ ତାହା ଉପଯୋଗୀ ଅଟେ । ଚୌଲ୍ଟ୍ରି ଚତୁର୍ଦ୍ଦିଗରେ ନାରକେଳ ବୃକ୍ଷମାନ ଅଳ୍ପ ଦିବସ ପୂର୍ବେ ରୋପିତ ହୋଇଅଛି । ବୃକ୍ଷଗୁଡ଼ିକ ବୃଦ୍ଧି ପ୍ରାପ୍ତ ହେଲେ ପରମ ରମଣୀୟ ରୂପ ଧାରଣ କରିବ । ନଗର ମଧ୍ୟରେ ଅନ୍ୟତ୍ର ମଧ୍ୟ ଗୋଟିଏ ପାନ୍ଥନିବାସ ଅଛି । ପାନ୍ଥନିବାସକୁ ତେଲଙ୍ଗୀ ଭାଷାରେ ଛତ୍ରମ୍ ବୋଲି ଯାଏ । ଟରନାଲ ଚୌଲ୍ଟ୍ରି ନିର୍ମାଣରେ ପ୍ରାୟ ୩୦ ସହସ୍ର ଟଙ୍କା ବ୍ୟୟ ହୋଇଥିବ । ଚାନ୍ଦାଦ୍ୱାରା ଏହି ଟଙ୍କା ସଂଗୃହୀତ ହୋଇଅଛି । ପ୍ରଧାନ ଦାତାମାନଙ୍କ ନାମ ଏବଂ ଦତ୍ତ ମୁଦ୍ରାର ସଂଖ୍ୟା ପ୍ରସ୍ତର ଫଳକରେ ଖୋଦିତ ହୋଇ ଚୌଲ୍ଟ୍ରି ପ୍ରବେଶଦ୍ୱାର ସମୀପସ୍ଥ ଭିତ୍ତିରେ ସଂଲଗ୍ନ କରାଯାଇଅଛି । ଟରନାଲ ଚୌଲ୍ଟ୍ରିରେ ପାନ୍ଥମାନେ

ତାହା ଭଡ଼ାରେ ତିନି ଦିବସ ରହି ପାରିବେ । ଅନେକ ଦିନ ରହିବାକୁ ହେଲେ ଦୈନିକ ଦୁଇ ଅଣା ହିସାବରେ ଭଡ଼ା ଦେବାକୁ ହେବ । ଯେପରି ସ୍ଥାନରେ ପ୍ରବାସୀମାନଙ୍କ ବାସସ୍ଥାନ, ସେଥିରେ ଦୈନିକ ଦୁଇ ଅଣା ଭଡ଼ା ଅତ୍ୟଧିକ ଅଟେ । ଟେରବାଲ ନାମରେ ଜଣେ ଲୋକପ୍ରିୟ କଲେକ୍ଟର ସାହେବ ଭିଜିଗାପଟ୍ଟଣରେ ଥିଲେ, ତାଙ୍କ ସ୍ମୃତିହେତୁ ସକାଶେ ଏହି ହୋଟେଲ ନିର୍ମିତ ହୋଇଅଛି ।

ପାନ୍ଥନିବାସର ପୂର୍ବ ପାର୍ଶ୍ୱରେ ଗୋଟିଏ ଗଣ୍ଡଶୈଳ ଅଛି । କନା ଦେଓ ବାବୁଙ୍କ ପ୍ରମୁଖାତ୍ ଅବଗତ ହେଲୁଁ, ସେହି ଶୈଳ କଟା ଯାଇ ତାହାର ପ୍ରସ୍ତରରାଶିରେ ନଗରର ପଶ୍ଚିମ ପ୍ରାନ୍ତସ୍ଥ ହ୍ରଦ ପୋତାଇ ଦିଆ ଯିବାର ପ୍ରସ୍ତାବ ହେଉଅଛି । ତାହା ହେଲେ ନଗରବୃଦ୍ଧି ସକାଶେ ଅନେକ ସ୍ଥାନ ମିଳିବ । ଇଂରେଜଙ୍କ ଅସାଧ୍ୟ କିଛି ନାହିଁ ।

ହୋଟେଲର କିଛି ଉତ୍ତର ଭାଗରେ ସୁନ୍ଦର ସୁସଜ୍ଜିତ ଅଟ୍ଟାଳିକାବେଷ୍ଟିତ ମହାରାଜ ଗଜପତି ରାଓଙ୍କର ରାଜଭବନ । ଆମ୍ଭେମାନେ ଉଦ୍ୟାନ ମଧ୍ୟକୁ ଯାଇ ତାହା ଦେଖିବା ସକାଶେ ସମୟ ଏବଂ ସୁଯୋଗ ପାଇ ନାହୁଁ । ମାତ୍ର ବାହାରରୁ ଆମ୍ଭମାନଙ୍କୁ ଉଦ୍ୟାନଟି ଅଶୋକକାନନ ପରି ବୋଧ ହେଲା ।

ଏଠାରେ ଯେ ଗୋଟିଏ ମାନମନ୍ଦିର ଅଛି, ଏହା ଆମ୍ଭମାନଙ୍କୁ ପୂର୍ବରୁ ଜଣା ନ ଥିଲା । ଏହି ମାନମନ୍ଦିରଟି କାଶି ବା ଜୟପୁର ମାନମନ୍ଦିରର ସମାନ କି ନାହିଁ, କହି ନ ପାରୁଁ । କନାଦେଓ ବାବୁ ଦୂରରୁ ହାତ ବଢ଼ାଇ ଗୃହଟି ମାତ୍ର ଦେଖାଇ ଦେଲେ ।

ଦକ୍ଷିଣ ଦେଶସ୍ଥ ଅନ୍ୟାନ୍ୟ ସହରପରି ଆମ୍ଭେମାନେ ଭିଜାଗ ସହରରେ ମଧ୍ୟ ଉପଯୁକ୍ତ ମିଷ୍ଟାନ୍ନଦୋକାନ ଦେଖିଲୁଁ ନାହିଁ । ଯେ ସମସ୍ତ ଦୋକାନ ଅଛି, ତାହା ନେତ୍ରତୃପ୍ତିକର ଓ ରୁଚିକର ବୋଲି ବୋଧ ହେଲା ନାହିଁ । ବୋଧ ହୁଏ ଅନ୍ଧ୍ରଲୋକେ ମିଷ୍ଟାନ୍ନକୁ ତାଦୃଶ ପସନ୍ଦ କରନ୍ତି ନାହିଁ । ଆମ୍ଭେମାନେ ଏଠାରେ ପ୍ରଚୁର ପରିମାଣରେ ଉତ୍କୃଷ୍ଟ ରସଗୋଲା, କଦଳୀ, ଦୁଗ୍ଧ ପାଇ ଆଶ୍ଚର୍ଯ୍ୟ ବୋଧ କଲୁଁ । ସେସବୁ ପ୍ରିୟ ବିକ୍ରମ ଦେଓଙ୍କ ସହୃଦୟତା ।

ଛ ଜଣ ଉତ୍କଳୀୟ ଯୁବକଙ୍କ ସହିତ ଏ ସ୍ଥାନରେ ସାକ୍ଷାତ ହେଲା । ସେମାନେ କଟକ, ବ୍ରହ୍ମପୁର, ଦାସପର ପ୍ରଭୃତି ସ୍ଥାନରୁ ଯାଇ ଇଂରାଜୀ ଶିକ୍ଷା ନିମନ୍ତେ ଏ ସ୍ଥାନରେ ବାସ କରୁଅଛନ୍ତି । ସ୍ୱଜାତି ସ୍ୱଦେଶବାସୀମାନଙ୍କୁ ଭଗବାନ କରୁଣ ଏକ ସାମ୍ୟମନରେ ଗ୍ରନ୍ଥନ କରି ରଖିଅଛନ୍ତି । ଏହି ଯୁବକଗୁଡ଼ିକ ଭିନ୍ନଶ୍ରେଣୀୟ ହେଲେ ମଧ୍ୟ ଆମ୍ଭେମାନେ ବିଦେଶରେ ଏମାନଙ୍କୁ ଦେଖି ଅତ୍ୟନ୍ତ ଆନନ୍ଦିତ ହେଲୁଁ । ଯୁବକଗୁଡ଼ିକ ମଧ୍ୟ ଆମ୍ଭମାନଙ୍କ ଆଗମନ ସମ୍ବାଦ ପାଇ ଆନନ୍ଦପୂର୍ବକ ଆମ୍ଭମାନଙ୍କ ସହିତ ସାକ୍ଷାତ କରିବାକୁ ପୁନଃପୁନଃ ଆସିଥିଲେ ଏବଂ ଆମ୍ଭମାନଙ୍କୁ ବିଶେଷ ଆଦର ସମ୍ମାନ କରିଥିଲେ । ଯୁବକଗୁଡ଼ିକଙ୍କ ବିଶ୍ୱାସ, ସରଳତା, ସାଧୁବ୍ୟବହାର, ଉଦ୍ୟୋଗଶୀଳତା ପ୍ରଭୃତିର ନିଦର୍ଶନ ପାଇ ଅତ୍ୟନ୍ତ ଆନନ୍ଦିତ ହେଲୁଁ । ଏହି ଯୁବକଗୁଡ଼ିକ ପ୍ରିୟ ବିକ୍ରମ ଦେଓଙ୍କଠାରୁ ବିଶେଷ ସାହାଯ୍ୟ ପାଉଥିବାର ଜଣାଗଲା । ଦୁଃଖର ବିଷୟ, ଅନ୍ୟ ଶିକ୍ଷକମାନଙ୍କଠାରୁ ତାଦୃଶ ସହାନୁଭୂତି ସୁବିଧା ପାଉଥିବାର କଥୋପକଥନ ଦ୍ୱାରା ଜଣାଗଲା ନାହିଁ । ବିଶେଷ ଉତ୍କଳ ଖଣ୍ଡ ଏକତ୍ର ହେଲେ ଶିକ୍ଷାର୍ଥୀ ଯୁବକମାନଙ୍କୁ ଏପରି ଅନାଥ ଭାବରେ ବିଦେଶରେ ଭ୍ରମଣ କରିବାକୁ ହେବ ନାହିଁ ।

ଓ୍ୱାଲଟେୟାର ଗୋଟିଏ ସ୍ୱତନ୍ତ୍ର ନଗର ନୁହେ, ଭିଜାଗର ଉତ୍ତର ଅଂଶର ନାମ ଓ୍ୱାଲଟେୟାର । କେତେକ ବର୍ଷ ପୂର୍ବେ ଏହା ଜଙ୍ଗଲମୟ ଥିଲା, ଭିଜାଗ ନଗରବାସିମାନେ ଏଠାରେ ପାରିଧି କରୁଥିଲେ । ଅଧୁନା ଇଂରେଜମାନେ ଜଙ୍ଗଲ ପରିଷ୍କାର କରି ଓ୍ୱାଲ-

ନେଗ୍ରୋର ନାମ ଦେଇଅଛନ୍ତି । ୱାଲଟେୟାର ଗାଳିବାସପୂର୍ଣ୍ଣ ନୂତନ, ଏ ଦେଶରେ ଇଂରେଜ ଭଦ୍ର ଲୋକ ରହିଥାଏ ସେହିପରି । ଗୋଟିଏ ଗୋଟିଏ ଅଗ୍ନିଶୈଳ ନିଦରେ, କଦାଚିତ୍ ପ୍ରାନ୍ତର ମଧ୍ୟରେ ଗୋଟିଏ ଗୋଟିଏ ବଙ୍ଗଳା । ଏହି ବଙ୍ଗଳାଗୁଡ଼ିକ ପରିଷ୍କାର ଦୂରବର୍ତ୍ତୀ, ସମ୍ପନ୍ନ-ଶାଳୀ, କଦାଚିତ୍ ଫଳ ପୁଷ୍ପର ଉଦ୍ୟାନରେ ବେଷ୍ଟିତ । ପ୍ରତ୍ୟେକ ବଙ୍ଗଳା ଭିନ୍ନ ଭିନ୍ନ ଆକାରରେ ଗଠିତ । ଶୈଳଶିଖରସ୍ଥ ବଙ୍ଗଳାକୁ ଯିବା ସଙ୍କୀର୍ଣ୍ଣ ପର୍ବତ ପାଦଦେଶରୁ ସୋପାନାବଳୀ ନିର୍ମିତ । ପ୍ରତ୍ୟେକ ବଙ୍ଗଳାର ଅଳିନ୍ଦରୁ ସାଗର ଲହରୀ ସୁନ୍ଦର ଦୃଶ୍ୟ ହୁଏ । ସେଠାରେ ଦିବାରାତ୍ର ପ୍ରବଳ ବେଗରେ ସଜଳ ପବନ ପ୍ରବାହିତ ହେଉ ଅଛି, ଧୂଳିର ସମ୍ପର୍କ ମାତ୍ର ନାହିଁ । କୌଣସି କୌଣସି ବଙ୍ଗଳାର ଚତୁର୍ଦ୍ଦିଗରେ ବାରଲ ନେକୋଲୁଙ୍କ ସୁଶୋଭିତ ।

ସମୁଦ୍ର କୂଳ ଏବଂ କୂଳସ୍ଥ ପ୍ରାନ୍ତର ନାରିକେଳ ଓ ତାଳ ବୃକ୍ଷରେ ପରିପୂର୍ଣ୍ଣ ।

ମହାକବି କାଳିଦାସ ବୋଧହୁଏ ଏହିପରି ସ୍ଥାନ ଦେଖି ଲେଖିଅଛନ୍ତି—

ଦୂରାଦୟଶ୍ଚକ୍ରନିଭସ୍ୟ ତନ୍ୱୀ
ତମାଳତାଳୀବନରାଜିନୀଳା ।
ଆଭାତି ବେଳା ଲବଣାମ୍ବୁରାଶେ-
ର୍ଧାରାନିବଦ୍ଧେବ କଳଙ୍କରେଖା ।

ୱାଲଟେୟାରର ଉତ୍ତରାଂଶରେ ଘନ ବସତି-ବିଶିଷ୍ଟ ଗୋଟିଏ ଗ୍ରାମ ଅଛି । ଏ ସ୍ଥାନରେ ନାନା ପ୍ରକାର ନିତ୍ୟପ୍ରୟୋଜନୀୟ ଦ୍ରବ୍ୟମାନ ସହଜରେ ବିକ୍ରୟ ହୁଏ । ବହୁଵା ଚାଞ୍ଚଲ୍ୟ ଏହା ଦେଶୀୟ ଲୋକମାନଙ୍କ ବାସର ଉପଯୋଗୀ ଗ୍ରାମ ଅଟେ । ସାଧାରଣ ମଧ୍ୟବିତ୍ତମାନଙ୍କ ବାସର ଉପଯୋଗୀ ଅନେକ ଗୃହ ଏଠାରେ ଭଡ଼ା ସଂକାଶେ ରହିଅଛି । ସ୍ୱାସ୍ଥ୍ୟଲାଭ ଉଦ୍ଦେଶ୍ୟରେ ଅନେକଗୁଡ଼ିଏ ବଙ୍ଗଦେଶୀୟ ଲୋକ ଏ ସ୍ଥାନରେ ବାସ କରୁଅଛନ୍ତି । କେତେକ ଜଣେ ବଙ୍ଗବାସୀ ଭଦ୍ରଲୋକଙ୍କ ସହିତ ସାକ୍ଷାତ ହୋଇଥିଲା ।

୨୮ ତାରିଖ ପ୍ରାତଃକାଳରେ ମିଷ୍ଟର ବିକ୍ରମ ଦେଓ ବର୍ମା ତଥା ବୈଜାଗଠାରୁ ବିଦାୟ ଗ୍ରହଣ କଲୁଁ । ସେହି ଈଷତ୍ ଅନ୍ଧକାରରେ ବାବୁ ବନ୍ତ୍ର କନା ଦେଓଙ୍କ ମୂର୍ତ୍ତି ବଡ଼ ନିକଟରେ ଦେଖିବାକୁ ପାଇଲୁଁ । ପୁନଃ ପୁନଃ ନିଷେଧ କଲେ ମଧ୍ୟ ଉକ୍ତ ମହାଶୟ ପ୍ରାପ୍ତ ହୁଅ ମାତ୍ର ବାଟ ରେଳ ଷ୍ଟେସନଠାକୁ ସଙ୍ଗେ ସଙ୍ଗେ ଆସିଲେ । ଟ୍ରେନ୍ ଛାଡ଼ିବାକୁ ବିଳମ୍ବ ଥିଲା । କନା ଦେଓ ବାବୁ ଆମ୍ଭମାନଙ୍କୁ ଷ୍ଟେସନର ଭିନ୍ନ ଭିନ୍ନ ସ୍ଥାନ ଦେଖାଇ ଏହାର ପୂର୍ବ ଇତିହାସ କହିବାକୁ ଲାଗିଲେ ।

ପୂର୍ବାହ୍ନ ୭ ଘଣ୍ଟା ସମୟରେ କନା ଦେଓ ବାବୁ ଆପେ ଟିକେଟ କିଣି ଦେଇ ଆମ୍ଭମାନଙ୍କୁ ରେଳରେ ବସାଇ ଦେଇ ବିଦାୟ ଗ୍ରହଣ କଲେ । ବୈଜାଗର ପ୍ରାକୃତିକ ଦୃଶ୍ୟ, ମିଷ୍ଟର ବିକ୍ରମ ଦେଓଙ୍କର ଅତିଥେୟତା, ଏବଂ କନା ଦେଓ ବାବୁଙ୍କର ଯତ୍ନ ଏବଂ ବନ୍ଧୁତା ଚିରକାଳ ହୃଦୟ-ପଟରେ ଅଙ୍କିତ ଥିବ ।

ବଂଶୀ ଧ୍ୱନି କରି ରେଳ ଗାଡ଼ି ଚଳିଲା, ଆମ୍ଭେମାନେ ଶକୁନ୍ତଳାର ଏହି ଶ୍ଳୋକଟି ସ୍ମରଣ କରୁ କରୁ ଯାତ୍ରା କଲୁଁ ।

"ଗଚ୍ଛତି ପୁରଃ ଶରୀରଂ
ଧାବତି ପଶ୍ଚାଦସଂସ୍ଥିତଂ ଚେତଃ ।
ଚୀନାଂଶୁକମିବ କେତୋଃ
ପ୍ରତିବାତଂ ନୀୟମାନସ୍ୟ ।

ବେଳା ୧୨ ଘଣ୍ଟା ସମୟରେ ଟ୍ରେନ ଛତ୍ରପୁରରେ ପହଞ୍ଚିଲା । ଦୂରରୁ ଦେଖିଲୁଁ, ବାବୁ ଗଗନଚନ୍ଦ୍ର ପାଲ ବି. ଏ. ଆମ୍ଭମାନଙ୍କ ଅପେକ୍ଷାରେ ପ୍ରଫୁଲ୍ଲ ଚିତ୍ତରେ ପ୍ଲାଟଫାରମରେ ଛିଡ଼ା ହୋଇଅଛନ୍ତି । ରେଳରୁ ଅବତରଣ କରି ତାଙ୍କ ଘରେ ଉପସ୍ଥିତ ହେଲୁଁ ।

ଛତ୍ରପୁର ସାଗରକୂଳବର୍ତ୍ତୀ ଗୋଟିଏ କ୍ଷୁଦ୍ର ସହର ବା ବୃହତ୍ ଗ୍ରାମ । ନଗରର ଶୀତଳ

ପବନ ପ୍ରବଳବେଗରେ ପ୍ରବାହିତ ହେଉଅଛି । ଗ୍ରାମ୍ୟର ସମ୍ପର୍କ ନାହିଁ । ଏଠାର ଏକା ସମୁଦ୍ର ତୀରବର୍ତ୍ତୀ ସ୍ଥାନ, ମାତ୍ର ଟୋକିଏ ଖାଲ ଓ ବେଙ୍ଗଓ ଅନ୍ତରଦ୍ୱୀପ ସାଗରଜଳ ଗ୍ରାମକୁ ବଢ଼ିଯାଏ । ଏଠାରେ ଗଞ୍ଜାମ ଜିଲ୍ଲାର କଲେକ୍ଟରଙ୍କ କଚେରୀ ଅଛି । କଚେରୀର ଆମଲା ସଂଖ୍ୟା ପ୍ରାୟ ୧୨୦ ଜଣ, ସେଥିମଧ୍ୟରୁ ୧୦୨ ଜଣ ମାନ୍ଦ୍ରାଜୀ ! ଛତ୍ରପୁର ମାନ୍ଦ୍ରାଜୀମାନଙ୍କର ବସବାସ କରିବାର ଉପଯୋଗୀ ସ୍ଥାନ ଅଟେ ।

ଶ୍ରୀ ଫକୀରମୋହନ ସେନାପତି ।

କ୍ଷୁଦ୍ର କ୍ଷୁଦ୍ର କବିତା ।

ଶୁଭଯୋଗ ।

ଫୁଟିଛି ଉତ୍କଳ- ହୃଦୟ-କନ୍ଦରେ
 ଦେଖ ପ୍ରାଣ-ପାରିଜାତ-ପ୍ରସୂନ,
ଶୁଭୁଛି ଉତ୍କଳ- ଦାରୁଣ-ଶ୍ମଶାନେ
 ମଙ୍ଗଳ ବାଜଣା ଶୁଣ ହେ ଶୁଣ ।
ଯାଉଛି ସୁଦୀର୍ଘ ବିଷାଦ-ରଜନୀ,
 ଉଇଁଛି ରେ ଆଜ ସୌଭାଗ୍ୟ-ରବି,
ଯାଉଛି ପ୍ରାଚୀନ ନିବିଡ଼ ଅନ୍ଧାର,
 ଦେଖ ଜନନୀଙ୍କ ବିମଳ ଛବି ।
ଶତ ଶତ ବର୍ଷ- ଅବସାଦ ଅନ୍ତେ
 ଜାଗି ବସିଛନ୍ତି ଦୁଃଖିନୀ ମାତା,
ଅବହେଳା ତେଜି ମାତୃମୁଖ ହେରି
 ଭ୍ରାତାହସ୍ତ ଆଜ ଧରେ ରେ ଭ୍ରାତା ।
ଚହୁଦିଗେ ଜାଗେ ନବୀନ-ଜୀବନ
 ଚଉଦିଗେ ଶୁଭେ ଆଶାର-ବାଣୀ,
ଜାତୀୟ ଜୀବନ ଉଠିଛି ଅଙ୍କୁର
 ପଡୁଅଛି ମନେ ପୂର୍ବକାହାଣୀ ।
କି ଥିଲା ! କି ହେଲା ! କି ହେବ ! ବୋଲିଣ,
 ଶୁଭୁଅଛି ଏକ ଅସ୍ପଷ୍ଟ ସ୍ୱନ,
ଘୋର ଘନଘୋଷ ଜାତୀୟ ଗଗନେ
 କମ୍ପାଇ ଧରା ସେ ଉଠୁ ବଚନ ।
ହୋଇଅଛି କେନେ ନେତ୍ରେ ଭେଟାଭେଟି,
 ଦୃଶଭସ୍ମ ପ୍ରାନ୍ତେ ପୀରତିମେଳ,
ବରକଣ୍ଠେ କନ୍ୟା ବରଣମାଳିକା
 ଲମ୍ବାଇବ, ଝରେ ଆଉଛି ବେଳ ।
ଏହା କି ସ୍ୱପନ, କବି-କଳପନା,
 ସତ୍ୟ କି ଏଥିରେ କିଛିହିଁ ନାହିଁ ?
କେମନ୍ତେ ଏ କଥା କହିବ ସ୍ୱଗତ,
 ଏବେ ବିଳାପ କି ଉଚିତ ଭାଇ ?
ଦିନେ ନିଶ୍ଚୟ ହେବ କାହିଁ ଉଚ୍ଛି,
 କେତେ ଜନକ ମୁଁ କରଣି ନଦେ,
ଏହା ପ୍ରୀତି-ବାଳା ଦୁହେଁ ଫଳବତୀ,
 ବର୍ଷ ପରେ ବର୍ଷ ଯାଏ ରେ ବହି ।
କବି-କଳପନା କର୍ମେ ପରିଣତ
 କର ଯାଉ କି ଏ ଜାତୀୟ ଜୀବ,
ଅସ ସୁପୁରୁଷ ! ପଶ କର୍ମକ୍ଷେତ୍ରେ,
 ମର ଅମରତା ଲଭ ସମ୍ଭାର ।
ଏ ନବୀନ ଯୁଗେ ଏହି ଶୁଭଯୋଗେ
 ସ୍ୱାର୍ଥତ୍ୟାଗ ସଙ୍ଗେ ସ୍ୱଦେଶପ୍ରୀତି,
ଶୁଭ ବିବାହରେ କର ସମ୍ମିଳନ,
 ଗାଉ କବି ତବ ଗୌରବ-ଗୀତ ।

ଶ୍ରୀ ନନ୍ଦକିଶୋର ବଳ ।

ଝୁଲ୍ ହାତୀ ଝୁଲ୍ ।

"ହାତୀ ଝୁଲୁଥାଏ ରଜା ବଗିଚାରେ
 "କଅଁ ଘନା ଖାଇବାକୁ,
"କଦଳୀ ଝୁଲଇ ମୋହର କୋଳରେ
 "ଦୁଧ କଦଳୀ ପିଇବାକୁ" ।୧।
ଝୁଲୁ ଝୁଲୁ ହାତି ! ଧୂଳାଇ ପଡ଼ୁଛି,
 ଧୂଳିରେ ଧୂସର ଦେହ,
ବାଆପାଣି ପିଇ ପଦ୍ମେ ମୋଟି ହୋଇ
 ଫୁଲୁଛି କପର ଶୁଣ୍ଢ ।୨।
ହାତୀ ବନସ୍ତରେ ଥିଲେ ରଜାଙ୍କର
 ନାହିଁ କ ରେ ଭରେ ଜଣା,
ଭୁଇଁ ଭୋଳ ହୋଇ ଯାଉଁଅଛୁ କାହିଁ
 ଦେବୁ ପଦ ବାଟବଣା ।୩।
ହାତୀ ଝୁଲୁଥାଉ ଲୁଲୁର ଲୁହର
 ହାଉଡ଼ି ନ ମାଉଡ଼ି ଭର,

ହାତ ଭିତରକୁ   ମାତୃକୁ ବସିଲେ
ହାତ ଚାହୁଁଥାଏ ଧୀର । ୪ ।
ହାତ ଖୋଜୁଥିଲେ   ଧିମୃତ ନ ମରେ
ପାଣ୍ଡୁଣ୍ଡ ପକାଏ ଧୀର,
ହାତ ଗଳିଯାଏ   ଧିମୃତ ନ ଗଲେ
ଶୁଣିବ କେ ଆସ ଡୋର । ୫ ।

ଝୁଲୁ ଝୁଲୁ ବାଟ !   ଝୁଲୁଥା ଝୁଲୁଥା,
ପିନ୍ଧିଥାଅ ବାଥପାଣି,
ମାତୃକୁ ଅଥିଲେ   ଲଦୁନ ପକାଇ
ଯିବୁ ବନଭାଲ ଅଣି । ୬ ।
ରଜା ବଜେ କଲେ   ଯାଟହାଟ ଗଲେ
ଦେଖିବ କେ ଦେଖ ଗଲ,
ଘଣ୍ଟି ଝୁଣ ଝୁଣୁ   ବାଜଇ ଦାଣ୍ଡରେ
ଗଲୁଥାଏ ଛଲ ଛଲ । ୭ ।
ଘଉଜଯାତରେ   ରଜା ନ ମିଳଲେ
ବାଜଇ ତେଲଙ୍ଗି ବାଜା,
ସୁବର୍ଣ୍ଣ କଳସ   ଢାଳୁ ଯାହା ମୁଣ୍ଡେ
ସେହି ତ ହୁଅଇ ରଜା । ୮ ।
ମନ ହେଲାବେଳେ   ବାପୁ ହେଉଛୁ
ଦେଖିଲେ ମାତ୍ରଇ ଡ଼ର,
ପଳାଇଲା ବେଳେ   ପାଣ୍ଡୁଣ୍ଡରେ କୋଣେ
ଗଲୁଥାଉ ଚରଚର । ୯ ।
ହାଡପର ଜୀବ   ସ୍ଥିର ମାତୃକୁ
ଦୁଲେ କ ଡରନ୍ତି ସେହି,
ମନ ମାନଅଛୁ   ବୋଲୁ ସେ ରହିଛୁ
ଅଙ୍କୁଶ ଶିକୁଳ ସହି । ୧୦ ।

ଗୋପାଳଚନ୍ଦ୍ର ପହରାଜ ।

ମର୍ମଗାଥା

(୧)

ନିରାଶା-ଜଡ଼ିତ ମୋର ଅଶାନ୍ତ ଜୀବନ,
ଖୋଜୁଅଛି ଚିରଦିନ ବ୍ୟଥିତ ହୃଦୟେ
ସଂସାର-ମରୁର ମଧ୍ୟେ ଶାନ୍ତି-ନିକେତନ ।
ଅତର୍କେ କମ୍ପିତ ପ୍ରାଣେ ଦେଖିଛି ସଭୟେ—
ମର୍ମଭେଦୀ ଅନ୍ଧକାର ମହାଭୟଙ୍କର !!
ବିସ୍ତାରି ବିରାଟ ଧୂମ ଘୃଣା ଅପମାନେ,
ଗ୍ରାସିବାକୁ ଆସେ ମୋର ହୃଦୟ-ଅମ୍ବର !
ବ୍ୟାକୁଳେ ଡାକିଲି ପ୍ରଭୁ ! ସଜଳ ନୟନେ ।
ଅପାର ଆଶାରେ ପୂର୍ଣ୍ଣ,—ଅମୃତ ଝଙ୍କାରେ
ଦେଇଲେ ଅଜାଣେ ତାଙ୍କ ଅଭୟ ବଚନ,
କହିଲେ ସେ ଦେଖ ବତ୍ସ ! ମହା ଅନ୍ଧକାରେ
ଚିର ଅଭୀପ୍ସିତ ତୋର ଶାନ୍ତି-ନିକେତନ ।

(୨)

ଅସ୍ଥିର ପରାଣ ମୋର ସଂସାର ଗହନେ,
ସୁଖର ସନ୍ଧାନ ମଧ୍ୟେ ବେଡ଼ାଇଲୁ ଧାଇଁ,
ହୋଇଲା ବିଚ୍ଛୁରଣୀକୃତ ଆଶା-ପ୍ରଲୋଭନେ,
ସମ୍ମୁଖେ ଦେଖିଲା ଚାହିଁ ହୋଇ ସେ ବିସ୍ମିତ ।—
ଅପାର ମାନ୍ଦ୍ୟେ ଗାଢ଼ ଘନ କୁଜ୍ଝଟିକା,—
ପ୍ରଲୟର ମହାସ୍ରୋତେ କରଇ ପ୍ଲାବିତ,
ବ୍ୟାପିଣ ଜୀବନଶେଷ ମହାବିଭୀଷିକା ।
ବିପନ୍ନ ବିଷାଦଭରେ ଅବଶ ତା ଚିତ୍ତ ।
କାତରେ ବ୍ୟଥିତ ପ୍ରାଣ ନିରାଶା-ତିମିରେ,
ମହିମାର ଦୀପ୍ତାଲୋକେ ମହାସୁମଙ୍ଗଳ—
ଅଭୟ ସଙ୍ଗୀତ କାର ଶୁଣିଲା ସୁଧୀରେ;
ହସିଲେ ସାନନ୍ଦେ ଅହା ପୋଛି ଅଶ୍ରୁଜଳ ।

ଶ୍ରୀମତୀ ରେବା ରାୟ ।

ବିବିଧ ପ୍ରସଙ୍ଗ ।

୧ । ଗଞ୍ଜାମ ଜାତୀୟ ସମିତି—ଯଥାସମୟରେ ଗଞ୍ଜାମ ଓଡ଼ିଆ ଜାତୀୟ ସମିତିର ପ୍ରଥମ ଅଧିବେଶନ ହୋଇ ଯାଇଅଛି ଏବଂ ତାହାର କାର୍ଯ୍ୟ ବିବରଣ ମଧ୍ୟ ସମ୍ପାଦକମାନଙ୍କ ଦ୍ୱାରା ପ୍ରକାଶିତ ହୋଇଅଛି । ସମିତିର ଉଦ୍‌ଯୋଗିମାନଙ୍କ ସାଦର ନିମନ୍ତ୍ରଣରେ ଆମ୍ଭେମାନେ କତିପୟ ବନ୍ଧୁଙ୍କ ସମଭିବ୍ୟାହାରରେ ଉକ୍ତ ଅଧିବେଶନରେ ଉପସ୍ଥିତ ହୋଇ ଏବଂ ନିଜ କ୍ଷୁଦ୍ର ଶକ୍ତି ଅନୁସାରେ ସମିତିର କାର୍ଯ୍ୟରେ ସହଯୋଗିତା କରି ପ୍ରଭୂତ ଆନନ୍ଦ ଓ ଆଶା ପ୍ରାପ୍ତ ହୋଇଅଛୁଁ ଏବଂ

ନାହିଁକି ଏତେ ମରିଅଛୁ । ଯଥାର୍ଥ କହିବାକୁ ଗଲେ ଉତ୍କଳୀୟମାନଙ୍କ ମଧ୍ୟରେ ଜାତୀୟ ଜୀବନ ଗଠନର ସୂତ୍ରପାତ ହେବା ଏପର୍ଯ୍ୟନ୍ତ ହୋଇ ନାହିଁ । ଜାତୀୟଗତି ହୋଇ ଥିବାରୁ ଅମ୍ଭେମାନେ ବହୁ ଦୂରରେ ପଡ଼ିଅଛୁ । ଆମ୍ଭମାନଙ୍କର ସକଳ ଚେଷ୍ଟା ସକଳ କାର୍ଯ୍ୟ କେବଳ ମୂର୍ତ୍ତି ଶିଶୁର ଅଙ୍ଗସଞ୍ଚାଳନ ଥିଲା । ତେବେ ପ୍ରାଥମିକ ଲକ୍ଷଣମାନ ଅଙ୍ଗସଞ୍ଚାଳନମାନଙ୍କରେ ଶିଶୁର ଭବିଷ୍ୟତ୍ କାର୍ଯ୍ୟକାରିତା ନିହିତ ଥାଏ । ସ୍ୱାଭାବିକ ଦଶରେ ଅଙ୍ଗସଞ୍ଚାଳନର ଅଭାବହିଁ ରୋଗର ଲକ୍ଷଣ । ଅମ୍ଭେମାନେ ସମିତିର କାର୍ଯ୍ୟକଳାପ ମଧ୍ୟରେ ଏହି ସ୍ୱାଭାବିକତାର କିଛିହିଁ ଅଭାବ ପାଉଅଛୁ । ଏହାହିଁ ଅମ୍ଭମାନଙ୍କର ଆଶା ଓ ଆନନ୍ଦର କାରଣ । ଲାଳନ ପାଳନର ଉଚିତ ବ୍ୟବସ୍ଥା ହୋଇ ପାରିଲେ ଏ ଶିଶୁର ଭବିଷ୍ୟତ ବଡ଼ ଆଶାଜନକ—କାଳକ୍ରମେ ଏହା ବଳିଷ୍ଠ ଓ ବର୍ଦ୍ଧିତ ହୋଇ ଉତ୍କଳସନ୍ତାନଙ୍କ ଜଡ଼ପିଣ୍ଡରେ ଜୀବନ ସଞ୍ଚାର କରି ପାରିବ । ମାତ୍ର ଦେଶର ଜଳ ବାୟୁର ଅବସ୍ଥା ବଡ଼ ଶୋଚନୀୟ—ଏହି ଜଳ ବାୟୁର ଅବସ୍ଥା ଭାବି ଭାବି ଅମ୍ଭମାନଙ୍କ ପ୍ରାଣ ସର୍ବଦା ସଶଙ୍କ । କୌଣସି ଜାତୀୟ ଶିଶୁର ଦେହାନ୍ତ ଶୁଣିଲେ ଆନନ୍ଦ ସଙ୍ଗେ ସଙ୍ଗେ ଘୋର ଆଶଙ୍କା ଆସି ଅମ୍ଭମାନଙ୍କ ପ୍ରାଣକୁ ଗ୍ରାସ କରିଥାଏ । ଜଳ ବାୟୁ ଦୋଷରୁ କେତେ ଶିଶୁ ଅକାଳରେ କାଳଗ୍ରାସରେ ପତିତ ହୋଇଅଛନ୍ତି, ତାହାର ସଂଖ୍ୟା କିଏ କରିବ ? ଏହି ଶିଶୁ ସମିତିର ରକ୍ଷା ଓ ପାଳନର ଭାର ଯେଉଁମାନଙ୍କ ହସ୍ତରେ ନ୍ୟସ୍ତ ହୋଇଅଛି, ସେମାନେ ନିଜ ନିଜ କର୍ତ୍ତବ୍ୟର ଗୁରୁତ୍ୱ ସମ୍ୟକ୍ରୂପେ ଉପଲବ୍ଧି କରି ସମ୍ମିଳିତ ସତର୍କତା ଅବଲମ୍ବନପୂର୍ବକ ଯଥେଷ୍ଟ ଶ୍ରମ ସ୍ୱୀକାର ନ କଲେ କେବଳ କ୍ଷଣିକ ଆନନ୍ଦ ଓ ଆଶାର ସ୍ମରଣ ମାତ୍ର ସାର ହେବ । ଯଥାର୍ଥ କହିବାକୁ ଗଲେ ଏହି ଅଧିବେଶନ ବ୍ୟାପାରରେ ଲଜ୍ଜାମଗ୍ନ ଅନେକଗୁଡ଼ାଏ ପ୍ରୌଢ଼ ଓ ଯୁବକ ବନ୍ଧୁ ଏବଂ ଚୁକ୍ତିଭୋଗୀ ଜମିଦାର ଏମାନେ ଯୋଗ ଅନ୍ୟାନ୍ୟ ଜିଲ୍ଲାରୁ, ଅନ୍ୟାନ୍ୟ ସହର, ଗ୍ରାମ ନଗରାଦି ପ୍ରେମ ଏବଂ ଅଦେଶପ୍ରେମ ଆଦି ଦୃଷ୍ଟାନ୍ତ ଦେଖାଇ ଅଛନ୍ତି, ତାହା ନିନ୍ଦନୀୟ ହେଲେ ଅଭୂତପୂର୍ବ । ଅମ୍ଭେମାନେ ଯେପରି ସେ ଦୃଶ୍ୟ ଦେଖିଲୁ ବାସ୍ତବ ଜାତୀୟ ଭକ୍ତି କୌଣସି କାର୍ଯ୍ୟକ୍ଷେତ୍ରରେ ବିତରଣ କରୁଥିଲୁ । ସମିତି ଅଧିବେଶନରେ ସେଠା ସକଳ ଶ୍ରେଣୀର ବ୍ୟକ୍ତିମାନଙ୍କର ଯଥେଷ୍ଟ ଉତ୍ସାହ ଏବଂ ଅନୁରାଗ ପରିଲକ୍ଷିତ ହେଲା । ପରନ୍ତୁ ଅନେକ ବିଷୟରେ ଅମ୍ଭମାନଙ୍କୁ ଅତ୍ୟନ୍ତ ନିରାଶ ହେବାକୁ ବୋଧ ହୋଇଅଛି । ମାତୃଭାଷାରେ କଥୋପକଥନ ଓ ସମ୍ବାଦ ଲେଖନ, ସ୍ୱଜାତୀୟମାନଙ୍କର ବଡ଼ାଇବାର ଚେଷ୍ଟା, ଜାତୀୟ ସାହିତ୍ୟର ଉନ୍ନତି, ଜାତୀୟ ହିତଚିନ୍ତାକାରୀ ବ୍ୟକ୍ତିମାନଙ୍କର ସମାଦର ଓ ପୁରସ୍କାର, ଶୁଭାଶୁଭ କାର୍ଯ୍ୟରେ ବ୍ୟୟ ସଙ୍କୋଚ, ବିଦ୍ୟାଳୟମାନଙ୍କରେ ଉପଯୁକ୍ତ ପାଠ୍ୟ ପୁସ୍ତକ ନିର୍ବାଚନ ଇତ୍ୟାଦି ବିଷୟଗୁଡ଼ିକ ଜାତିର ଅଭ୍ୟନ୍ତରୀଣ ଉନ୍ନତି ଓ ଜୀବନ ଗଠନର ଶ୍ରେଷ୍ଠ ଉପାୟ; ସୁତରାଂ ସର୍ବାଗ୍ରେ ଏହି ସମସ୍ତ ବିଷୟ ପ୍ରତି ଦୃଷ୍ଟି ଦେବା ଏକାନ୍ତ କର୍ତ୍ତବ୍ୟ । ବର୍ତ୍ତମାନ ଏରୂପ କାର୍ଯ୍ୟରେ ପରିଣତ କରିବା ନିମିତ୍ତ ଦେଶବ୍ୟାପୀ ଆନ୍ଦୋଳନ ଓ ସର୍ବବ୍ୟାପୀ ସାଧନାର ପ୍ରୟୋଜନ । ତାହା ନ ହେଲେ ଗତ ଅଧିବେଶନର ସାର୍ଥକତା ବା ଭବିଷ୍ୟତ ଅଧିବେଶନର ପ୍ରୟୋଜନୀୟତା କିଛି ଦେଖି ପାରୁନାହୁଁ । ସ୍ଥାୟୀ କାର୍ଯ୍ୟନିର୍ବାହକ ସମିତିର ସଭ୍ୟଗଣ ସମସ୍ତେ ବିଦ୍ୱାନ୍, ସ୍ୱଜାତିପ୍ରିୟ ଏବଂ ସୁବିବେଚକ, ବିଶେଷତଃ ଗତ ଅଧିବେଶନର ସଭାପତି ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ରାଜଗୁରୁ ମହାଶୟ ସୁବିଦ୍ୱାନ୍, ବିଚକ୍ଷଣ ଏବଂ ଦୂରଦର୍ଶୀ—ପ୍ରକୃତପକ୍ଷରେ ସେ ନବ୍ୟ ଶିକ୍ଷିତ ଯୁବକମାନଙ୍କର ନେତୃସ୍ଥାନୀୟ । ସେ ଏହି ଜାତୀୟ ସମସ୍ୟା ସମାଧାନରେ ଅଗ୍ରଣୀସ୍ୱରୂପ ସହଯୋଗୀମାନଙ୍କ ସହିତ ଏକ ପ୍ରାଣରେ କାର୍ଯ୍ୟ

ଗଲେ ଏପରି ଭବିଷ୍ୟତ ଅତି ଉଜ୍ଜ୍ୱଳ ହେବ ଏବଂ ଅଳ୍ପ କାଳ ମଧ୍ୟରେ ଏହାର ପ୍ରଭାବ ଦେଶ ମଧ୍ୟରେ ପରିବ୍ୟାପ୍ତ ହେବ । ଅମ୍ଭେମାନେ ଆଶାନ୍ୱିତ ପ୍ରାଣରେ ସମିତିର ଭବିଷ୍ୟତ ଅଡ଼କୁ ଅନାଇ ରହିଲୁଁ ।

୬ ।—ଉତ୍କଳଖଣ୍ଡର ସମ୍ମିଶ୍ରଣ—କେତେକାଳ ହେଲା ଏହି ଦେଶମିଶ୍ରଣବିଷୟକ ଆନ୍ଦୋଳନ ସମଗ୍ର ଓଡ଼ିଆଭାଷୀ ପ୍ରଦେଶ ମଧ୍ୟରେ ଅଳ୍ପାଧିକ ପରିମାଣରେ ଚାଲିଅଛି । ଅଙ୍ଗବିଚ୍ଛେଦ ସମସ୍ତେ ଅନୁଭବ କରୁଅଛନ୍ତି, ଯେମନ୍ତ କି ଏହି ସମ୍ମିଶ୍ରଣ ଉପରେ ଓଡ଼ିଆମାନଙ୍କର ଭବିଷ୍ୟତ ଜାତୀୟ ଜୀବନର ଗୁରୁତର ସମସ୍ୟା ନିର୍ଭର କରୁଅଛି । ଏହା ଅତି ସତ୍ୟ କଥା । ଏକୀକରଣ ବର୍ତ୍ତମାନ ଯୁଗର ବିଶେଷ ଲକ୍ଷଣ । ପୃଥିବୀରେ ନାନା ବିରୋଧ, ବିଚ୍ଛେଦ ସତ୍ତ୍ୱେ ସମଗ୍ର ମାନବଜାତି ମଧ୍ୟରୁ ଦୂରତ୍ୱ କ୍ରମଶଃ ହ୍ରାସପ୍ରାପ୍ତ ହେଉଅଛି, କ୍ଷୁଦ୍ର ସଙ୍କୀର୍ଣ୍ଣ ଭେଦାଭେଦ କ୍ରମଶଃ ବିଲୁପ୍ତ ହୋଇ ଯାଉଅଛି, ସମଗ୍ର ମାନବଜାତି ଯେମନ୍ତ ଏକ ମହାମିଳନ-ଭୂମି ଆଡ଼କୁ ଧୀରେ ଧୀରେ ଅଲକ୍ଷିତ ଭାବରେ ଅଗ୍ରସର ହେଉଅଛି । ସେ କଥା ଥାଉ, ଆମ୍ଭମାନଙ୍କର ଆବାସଭୂମି ଏହି ଭାରତବର୍ଷ ବହୁ ଯୁଗବ୍ୟାପୀ ବିଚ୍ଛିନ୍ନତା ପରିହାର କରି ଏକ ଅଖଣ୍ଡ ଜାତିରୂପରେ ପରିଣତ ହେବାକୁ ବସିଅଛି, ଏହା ଆମ୍ଭେମାନେ ପ୍ରତ୍ୟକ୍ଷ କରୁଅଛୁଁ । ଏହି ମହାଜାତୀୟତା ମଧ୍ୟରେ କ୍ଷୁଦ୍ର ଜାତୀୟତା ବା ପ୍ରାଦେଶିକତାର ସ୍ଥାନ କେଉଁଠାରେ ? ଆପାତତଃ ଏହି ପ୍ରାଦେଶିକ ମିଳନଚେଷ୍ଟା କାହାର କାହାର ନିକଟରେ ବିସଦୃଶ ପ୍ରତୀୟମାନ ହୋଇପାରେ । ମାତ୍ର ସ୍ଥିର ଚିତ୍ତରେ ଭାବି ଦେଖିଲେ ସ୍ପଷ୍ଟରୂପେ ବୁଝାଯିବ ଯେ, ଏହିପ୍ରକାର କ୍ଷୁଦ୍ର ଜାତୀୟତା ବା ପ୍ରାଦେଶିକ ସମ୍ମିଳନ ଓ ଉନ୍ନତିଚେଷ୍ଟା ବ୍ୟତୀତ ମହାଜାତୀୟତା ବା ସାର୍ବଜନିକ ସମ୍ମିଳନ ଅସମ୍ଭବ । ବ୍ୟକ୍ତିର ବ୍ୟକ୍ତିତ୍ୱ-ଜ୍ଞାନ ଏବଂ ବ୍ୟକ୍ତିଗତ ଉନ୍ନତି-ଚେଷ୍ଟା ନ ଥିଲେ ସମାଜରେ ତାହାର ସ୍ଥାନ ନାହିଁ । କ୍ଷୁଦ୍ର କ୍ଷୁଦ୍ର ଜାତିସମୂହରେ ଠିକ ସେହିପରି । ସୁତରାଂ କ୍ଷୁଦ୍ର ଜାତୀୟ ବା ପ୍ରାଦେଶିକ ସମ୍ମିଳନ ଏବଂ ଉନ୍ନତିଚେଷ୍ଟା ମହାଜାତୀୟ ସମ୍ମିଳନର ପ୍ରଥମ ସୋପାନ । ଏହାର ଅଭାବରୁ ଭାରତବ୍ୟାପୀ ମହାଜାତୀୟତା ମଧ୍ୟରେ ଓଡ଼ିଆର ସ୍ଥାନ ନାହିଁ କହିଲେ ଚଳେ । ଖଣ୍ଡବିଖଣ୍ଡ ଉତ୍କଳଭୂମିର ସଂଯୋଗ ଏବଂ ବିଚ୍ଛିନ୍ନ ବିଚ୍ଛିନ୍ନ ଉତ୍କଳସନ୍ତାନଙ୍କର ସମ୍ମିଳନ ଓଡ଼ିଆମାନଙ୍କ ପ୍ରାଣରେ ଶକ୍ତି ସଞ୍ଚାର କରିବ ଏବଂ ଉତ୍କଳ-ଖଣ୍ଡରେ ଜାତୀୟ ଜୀବନର ଭିତ୍ତି ସଂସ୍ଥାପନ କରିବ, ଏହାହିଁ ଆମ୍ଭମାନଙ୍କର ଆଶା ଏବଂ ବିଶ୍ୱାସ । ଏଥିରେ ଯେଉଁମାନେ ସଙ୍କୀର୍ଣ୍ଣତା ବା ବିଦ୍ୱେଷବୁଦ୍ଧି ଆରୋପ କରିବାକୁ ଚେଷ୍ଟିତ, ସେମାନେ ଘୋର ଭ୍ରମରେ ପଡ଼ିଛନ୍ତି—ପ୍ରକୃତ ଜାତୀୟତାର ଅର୍ଥ ସେମାନଙ୍କୁ ଅପରିଜ୍ଞାତ । ପକ୍ଷାନ୍ତରରେ ଆମ୍ଭମାନଙ୍କ ମଧ୍ୟରେ ଯଦି କେହି ଏହିପ୍ରକାର ପ୍ରାଦେଶିକ ମିଳନକୁ ଚରମ ଲକ୍ଷ୍ୟ ବୋଲି ସ୍ଥିର କରି ବସିଥାନ୍ତି ଏବଂ କ୍ଷୁଦ୍ର ସ୍ୱାର୍ଥ ଉପରେ ସଙ୍କୀର୍ଣ୍ଣ ଦୃଷ୍ଟି ସ୍ଥାପନ କରିଥାନ୍ତି, ତାହା ହେଲେ ତାଙ୍କର ବୁଦ୍ଧି ବିବେଚନାକୁ ମଧ୍ୟ ପ୍ରଶଂସା କରି ନ ପାରୁଁ । ସୋପାନକୁ ସୋପାନ ଜ୍ଞାନ ନ କଲେ, ଲକ୍ଷ୍ୟସ୍ଥଳରେ ଦୃଷ୍ଟି ସ୍ଥାପନ କରି ନ ପାରିଲେ ଅଗ୍ରଗତି ଅସମ୍ଭବ । ଏହି ଉଭୟ ଭାବ ପରିଣାମରେ ଅନିଷ୍ଟଜନକ, ସୁତରାଂ ପରିହାର୍ଯ୍ୟ । ରାଜନୈତିକ ବିଭାଗ ଯୋଗୁଁ ଓଡ଼ିଆମାନଙ୍କର ଯେପରି ଦୁର୍ଦ୍ଦଶା ଘଟିଅଛି, ନାନା ଭାବରେ ନାନା ସ୍ଥାନରେ ସେମାନେ ଯେପରି ଲାଞ୍ଛିତ ଓ ଅପଦସ୍ଥ ହେଉଅଛନ୍ତି, ପଦେ ପଦେ ସେମାନଙ୍କ ଶକ୍ତି ଯେପରି ପ୍ରତିହତ ଓ ସଙ୍କୁଚିତ ହେଉଅଛି, ତାହାର ବର୍ଣ୍ଣନା ନିଷ୍ପ୍ରୟୋଜନ । ସେମାନଙ୍କର ଜାତୀୟତାର ମୂଳଭିତ୍ତି ପର୍ଯ୍ୟନ୍ତ ଆଲୋଡ଼ିତ ହୋଇ ଯାଉଅଛି—ଆତ୍ମଜ୍ଞାନ ଓ ଆତ୍ମାଭିମାନ ବିଲୁପ୍ତ ହୋଇଅଛି—ଦାସବଦ୍


ଲିକା ଦେଶମୁକ୍ତ ହୋଇଅଛି । ସେମାନେ କେଉଁ ମୁହଁରେ ଅନ୍ୟ ଜାତି ନିକଟରେ ଛିଡ଼ା ହେବେ ? କି ଗୁଣରେ ଅନ୍ୟର ସମ୍ମାନ ଆକର୍ଷଣ କରିବେ ? ପରର ଦ୍ରବ୍ୟକୁ ଯେ ଆଦର କରି ଶିଖି ନାହିଁ, ଆପଣାର ଭଲଠାରେ ଯାହାର ଭକ୍ତିଜ୍ଞାନ ଜନ୍ମି ନାହିଁ, ଆପଣା ଗୋଡ଼ରେ ଛିଡ଼ା ହେବାକୁ ଯେ ସମର୍ଥ ହୋଇ ନାହିଁ, ତାହାରେ ସେ ପଦେ ପଦେ ବିଡ଼ମ୍ବିତ ନ ହୋଇ ଆଉ କଣ ହେବ ? ଜାତୀୟ ସମସ୍ୟା ସାଧନ କରିବାକୁ ହେଲେ, ଜାତୀୟତାର ସୋପାନରେ ଆରୋହଣ କରିବାକୁ ହେଲେ ଏ ଅବସ୍ଥାର ପରିହାରଚେଷ୍ଟା ଏକାନ୍ତ କର୍ତ୍ତବ୍ୟ। ଉତ୍କଳଖଣ୍ଡର ସମ୍ମିଳନଚେଷ୍ଟା ତାହାର ପ୍ରାରମ୍ଭିକ କାର୍ଯ୍ୟ ମାତ୍ର । ଏହାଦ୍ୱାରା ସମଗ୍ର ଜାତୀୟ ଅମ୍ଳାନ ଜାଗରିତ ହେଲେ କାର୍ଯ୍ୟକରୀ ଶକ୍ତିର ଅଭ୍ୟୁତ୍ଥାନ ଆଶା କରାଯାଇ ପାରେ । ଇତଃପୂର୍ବରୁ ଗଞ୍ଜାମବାସିଙ୍କର ଆବେଦନପତ୍ର ବଡ଼ଲାଟଙ୍କ ନିକଟକୁ ପ୍ରେରିତ ହୋଇଅଛି । ସମ୍ବଲପୁରବାସିମାନେ ମଧ୍ୟ ଭାଷାସଂରକ୍ଷଣ ଚେଷ୍ଟାରେ ଏହି ମିଳନର ଆକାଂକ୍ଷା ସ୍ପଷ୍ଟରୂପେ ବ୍ୟକ୍ତ କରି ଅଛନ୍ତି । ରାଜନୈତିକ ଉତ୍କଳରୁ ଏପର୍ଯ୍ୟନ୍ତ ସମବେତଭାବରେ କୌଣସି ଚେଷ୍ଟା ହୋଇଁ ନ ଥିଲା । ମାନନୀୟ ରାଜା ବୈକୁଣ୍ଠନାଥ ଦେ ବାହାଦୁର ମହୋଦୟ ଏ ବିଷୟରେ ଖଣ୍ଡିଏ ସ୍ୱତନ୍ତ୍ର ଆବେଦନପତ୍ର ପଠାଇଅଛନ୍ତି । ମୂଳ ଅଭିପ୍ରାୟ ସଙ୍ଗରେ ମତଭେଦ କାହାରି ନ ଥିଲେହେଁ ତାଙ୍କର ପ୍ରାର୍ଥନା ସମ୍ବନ୍ଧରେ ଆପତ୍ତି ଉଠିଅଛି । ବର୍ତ୍ତମାନ ସେ ସମସ୍ତର ବିସ୍ତୃତ ଆଲୋଚନା ନିଷ୍ପ୍ରୟୋଜନ । ଆମ୍ଭେମାନେ ଏତିକି କହି ପାରୁଁ ଯେ ମୂଳ ଅଭିପ୍ରାୟ ଏକ ଥିବା ସ୍ଥଳରେ ସମସ୍ତ ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କର ଏକଯୋଗରେ କାର୍ଯ୍ୟ କରିବା ବାଞ୍ଛନୀୟ। ଜାତୀୟ ସ୍ୱାର୍ଥପ୍ରତି ଲକ୍ଷ ରଖି କାର୍ଯ୍ୟ କଲେ କୌଣସି ମନୋମାଳିନ୍ୟ ରହିବାର ସମ୍ଭାବନା ନ ଥାଏ । ମିଳନ ସମ୍ବନ୍ଧରେ ଆମ୍ଭମାନଙ୍କର ମତି ଗତ ସଂଖ୍ୟାରେ ବ୍ୟକ୍ତ କରିଅଛୁଁ । ବର୍ତ୍ତମାନ ଏ ଜାତିର ଉନ୍ନତିମାର୍ଗର ଗୋଟିଏ ପ୍ରାଚୀନ ଅନ୍ତ-ରାୟ ଏ ସମ୍ବନ୍ଧରେ ବିସ୍ତୃତ ଆଲୋଚନା ଓ ନିର୍ଦ୍ଧାରଣ ହୋଇ ଯାଇଅଛି । ସମଗ୍ର ଉତ୍କଳ-ଭାଷୀ ଖଣ୍ଡମାନଙ୍କୁ ବଙ୍ଗପ୍ରଦେଶ ସହିତ ସଂଯୁକ୍ତ କରିବା ଅଥବା ଉତ୍କଳର ବିଚ୍ଛିନ୍ନ ଖଣ୍ଡମାନଙ୍କୁ ଏକତ୍ର କରି ଗୋଟିଏ ସ୍ୱତନ୍ତ୍ର ଶାସନବିଭାଗ ସ୍ଥାପନ କରିବା ଏ ଦୁଇଟିରୁ ଯେଉଁଟି ଗଭର୍ଣ୍ଣମେଣ୍ଟଙ୍କ ବିବେଚନାରେ ସୁସଙ୍ଗତ ଓ ମଙ୍ଗଳକର ବୋଧ ହେବ, ତାହାହିଁ ପ୍ରାର୍ଥନୀୟ ବୋଲି ସଭା ସ୍ଥିର କରିଅଛନ୍ତି ଏବଂ ତଦନୁଯାୟୀ ଆବେଦନପତ୍ର ପ୍ରେରିତ ହେବ । ଆମ୍ଭମାନଙ୍କ ବିବେଚନାରେ ସଭା ଅତ୍ୟନ୍ତ ସୁବିବେଚନାସହକାରେ ବିଷୟଟିର ସମସ୍ତ ବିଭାଗ ଆଲୋଚନା କରି ଉକ୍ତ ପ୍ରକାର ନିର୍ଦ୍ଧାରଣ କରିଅଛନ୍ତି ଏବଂ ଏଥିରେ ମତଭେଦର କୌଣସି କାରଣ ଦେଖୁ ନାହୁଁ । ବର୍ତ୍ତମାନ ସମ୍ବଲପୁର ଅଞ୍ଚଳରୁ ମଧ୍ୟ ଏହିପ୍ରକାର ସ୍ୱତନ୍ତ୍ର ଆବେଦନପତ୍ର ପ୍ରେରିତ ହେବା ବାଞ୍ଛନୀୟ । ଆଶା କରୁଁ ତତ୍ରତ୍ୟ ନେତୃବର୍ଗ ଏ ବିଷୟରେ ସତ୍ୱର ଉଦ୍‌ଯୋଗୀ ହେବେ ।

୧ । ଉତ୍କଳସାହିତ୍ୟ-ସମାଜ—କଟକର ଆଲୋଚନା ସଭା ଉତ୍କଳସାହିତ୍ୟର ପାଠକବର୍ଗଙ୍କ ନିକଟରେ ଅପରିଚିତ ନୁହେ । ପ୍ରାୟ ୯ ବର୍ଷ ହେଲା ଏହି ସଭାଟି ଆପଣାର କ୍ଷୁଦ୍ର ସୀମା ମଧ୍ୟରେ କାର୍ଯ୍ୟ କରି ଆସୁଥିଲା । ବର୍ତ୍ତମାନ ଉତ୍କଳ ସାହିତ୍ୟର ଚର୍ଚ୍ଚା ଓ ଶ୍ରୀବୃଦ୍ଧିଦାୟକ ବିଷୟରେ ପ୍ରାୟ ସର୍ବତ୍ର ଅଳ୍ପାଧିକ ଜାଗରଣର ଲକ୍ଷଣ ପ୍ରକାଶ ପାଉଅଛି । ସୁତରାଂ ଏବେବେଳେ ସମଗ୍ର ଉତ୍କଳସ୍ପର୍ଶୀ ଗୋଟିଏ ସାହିତ୍ୟିକ ସଭା ସଂସ୍ଥାପନ କରାନ୍ତା ଅସଙ୍ଗତ ନୁହେ—ବରଂ ଜାଗରଣର ମାତ୍ରାବୃଦ୍ଧି ଓ କାର୍ଯ୍ୟକ୍ଷେତ୍ରର ଦ୍ୱାରୋଦ୍‌ଘାଟନ ନିମିତ୍ତ ଏପ୍ରକାର ଗୋଟିଏ ସଭା ନିତାନ୍ତ ପ୍ରୟୋଜନୀୟ ବୋଲି ବୋଧ ହେଉଅଛି । ଅଧିକନ୍ତୁ ବର୍ତ୍ତମାନ ଜାତୀୟ ସମ୍ମିଳନ

ବିଷୟରେ ଗୁରୁ ଅଂଶ ତର୍କ ଲାଗିଅଛି । ସକଳ-କେହି ମିଳନ ପର ହସ୍ତରେ ଏବଂ ସମ୍ପ୍ରସାରେଇ । ସାହିତ୍ୟ-ସଙ୍ଗ ପର ମିଳନର ପ୍ରଶସ୍ତ ଭୂମି ଦ୍ୱିତୀୟ ନାହିଁ ଏବଂ ଏହା ଜାତୀୟ ଜୀବନର ସର୍ବ ପ୍ରଧାନ ଭିତ୍ତି । କୌଣସି ପ୍ରକାର ବାଧ୍ୟ ସହାନୁଭୂତି ବ୍ୟତିରେକେ ସମସ୍ତ ଉତ୍କଳ ସନ୍ତାନ ଏ କ୍ଷେତ୍ରରେ ସମ୍ମିଳିତ ହୋଇ ଅମ୍ଭୋନିଧିର ମାର୍ଗ ପରିଷ୍କାର କରି ପାରନ୍ତି । ଏହି ସମସ୍ତ ବିଷୟ ଆଲୋଚନା କରି ଆଲୋଚନା ସଭାକୁ 'ଉତ୍କଳ ସାହିତ୍ୟ ସମାଜ' ନାମ ଦେଇ ତାହାକୁ ପ୍ରଶସ୍ତତର ଭିତ୍ତି ଉପରେ ପ୍ରତିଷ୍ଠିତ କରିବାର ଆୟୋଜନ ହୋଇଅଛି । ଏହି ଉଦ୍ଦେଶ୍ୟରେ ଗତ ମସି ମାସ ୭ ତାରିଖ ଦିନ ଶ୍ରୀଯୁକ୍ତ ବାବୁ ମଧୁସୂଦନ ରାଓଙ୍କ ସଭାପତିତ୍ୱରେ ଗୋଟିଏ ସାଧାରଣ ସଭା ହୋଇ ଯାଇଅଛି । ଉକ୍ତ ସଭାର କାର୍ଯ୍ୟବିବରଣ ଶୀଘ୍ର ସମଗ୍ର ଉତ୍କଳଭାଷୀ ପ୍ରଦେଶର ସାହିତ୍ୟାନୁରାଗୀ ବନ୍ଧୁମାନଙ୍କ ନିକଟକୁ ପ୍ରେରିତ ହେବ । ଆମ୍ଭେମାନେ ବର୍ତ୍ତମାନ ସେ ସମ୍ବନ୍ଧରେ ଅଧିକ କିଛି କହିବାକୁ ପ୍ରସ୍ତୁତ ନୋହୁଁ । ଏତିକି କହି ପାରୁଁ ସଭା ଉତ୍ସାହସହକାରେ କାର୍ଯ୍ୟକ୍ଷେତ୍ରରେ ଅବତୀର୍ଣ୍ଣ ହେଲେ ଏବଂ ବିଭିନ୍ନ ସ୍ଥାନର ବନ୍ଧୁମାନେ ଯଥେଷ୍ଟ ସହଯୋଗିତା କଲେ ଅବଶ୍ୟ ବହୁ ସୁଫଳ ଆଶା କରାଯାଇ ପାରେ । ସଭାର ପ୍ରସ୍ତାବଗୁଡିକ ସ୍ଥାନ ଅଭାବରେ ମୁଦ୍ରିତ ହୋଇ ଏହି ସଂଖ୍ୟା ସହିତ ପ୍ରଦତ୍ତ ହେଲା ।

୪ । ରେଭେନ୍ସା ହିନ୍ଦୁ ବାଳିକାବିଦ୍ୟାଳୟ—ଉତ୍କଳଭୂମିରେ ନାରୀଶିକ୍ଷା ଇଂରେଜୀଶିକ୍ଷା ପ୍ରଚଳନର ବହୁପୂର୍ବରୁ ପ୍ରଚଳିତ ଥିଲା । ଭଦ୍ରବଂଶୀୟା ଉତ୍କଳ ରମଣୀଗଣ ପ୍ରାଚୀନ କାଳରେ ଯଥେଷ୍ଟ ଶିକ୍ଷା ଲାଭ କରି ଅବସରବିନୋଦନର ଗୋଟିଏ ସୁଯୋଗ ପାଉଥିଲେ । ଆଜି ମଧ୍ୟ ଅନେକ ସ୍ଥଳରେ ଏହାର ଅଭ୍ୟାସ ମିଳେ । ମାତ୍ର ଆଉ ସେ ଦିନ ନାହିଁ ବା ସେ ଅବସ୍ଥା ନାହିଁ । ବର୍ତ୍ତମାନ ରମଣୀମାନଙ୍କୁ କାଳୋଚିତ ଏବଂ ଅବସ୍ଥାନୁରୂପ ଶିକ୍ଷା ପ୍ରଦାନ କରି ସୁଗୃହିଣୀ ଏବଂ ସୁମାତା ପଦରେ ପ୍ରତିଷ୍ଠିତ କରି ନ ପାରିଲେ ଜାତୀୟ ଜୀବନ ଗଠନ ଅସମ୍ଭବ ହୋଇ ଉଠିବ । ଦୁଃଖର ବିଷୟ ଉତ୍କଳରେ ଏ ପ୍ରକାର ଶିକ୍ଷାପଦ୍ଧତି ସମ୍ବନ୍ଧରେ ଆସ୍ଥା ଏପର୍ଯ୍ୟନ୍ତ ଅଦୌ ପ୍ରଦର୍ଶିତ ହୋଇ ନାହିଁ । ଉତ୍କଳ ସନ୍ତାନ ଏ ବିଷୟରେ ସର୍ବାପେକ୍ଷା ଅଧିକ ଉଦାସୀନ । ଉତ୍କଳରେ ବାଳିକାବିଦ୍ୟାଳୟର ସଂଖ୍ୟା ଓ ସେଗୁଡ଼ିକର ଅବସ୍ଥା ଏହାର ଯଥେଷ୍ଟ ପ୍ରମାଣ । ଏ ନଗରର ରେଭେନ୍ସା ହିନ୍ଦୁ ବାଳିକାବିଦ୍ୟାଳୟଟି ନଗରବାସୀ ଭଦ୍ର ଗୃହସ୍ଥକନ୍ୟାମାନଙ୍କ ଶିକ୍ଷାର ପ୍ରଧାନ ସ୍ଥାନ । ମାତ୍ର ଉପଯୁକ୍ତ ବ୍ୟବସ୍ଥା ଅଭାବରୁ ଏଠାରେ ଆଶାନୁରୂପ ଶିକ୍ଷା ହୋଇ ପାରୁ ନାହିଁ । ସମ୍ପ୍ରତି ଉତ୍କଳର ସୁଯୋଗ୍ୟ କମିଶନର ମାନନୀୟ ଗୁପ୍ତ ସାହେବଙ୍କର ଦୃଷ୍ଟି ଏଥିପ୍ରତି ଆକୃଷ୍ଟ ହୋଇଅଛି । ସେ ବିଦ୍ୟାଳୟଟିକୁ ସୁଦୃଢ଼ ଭିତ୍ତି ଉପରେ ସ୍ଥାପିତ କରି ଶିକ୍ଷାର ପ୍ରଧାନତଃ ଉପଯୁକ୍ତ ରମଣୀ-ଶିକ୍ଷକଙ୍କ ହସ୍ତରେ ନ୍ୟସ୍ତ କରିବାକୁ ଉଦ୍ୟତ ହୋଇଅଛନ୍ତି । ନୂତନ ବ୍ୟବସ୍ଥାରେ ବାଳିକାମାନଙ୍କୁ ଇଂରେଜୀ ଭାଷା ମଧ୍ୟ ଶିକ୍ଷା ଦିଆଯିବ । ଆମ୍ଭେମାନେ ଏହି ସମ୍ବାଦରେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ । ଗୁପ୍ତ ମହୋଦୟ ଯେତେବେଳେ ଏହାର ପ୍ରଧାନ ଉଦ୍ୟୋଗୀ, ପ୍ରସ୍ତାବ ଶୀଘ୍ର କାର୍ଯ୍ୟରେ ପରିଣତ ହେବାର ସମ୍ପୂର୍ଣ୍ଣ ଆଶା କରାଯାଇପାରେ । କେବଳ ଉତ୍କଳସନ୍ତାନମାନେ ବାଳିକାଶିକ୍ଷାର ପ୍ରୟୋଜନୀୟତା ଟିକିଏ ଭଲ କରି ଉପଲବ୍ଧି କଲେ ଆମ୍ଭେମାନେ ଅଧିକତର ଆନନ୍ଦିତ ହେବୁଁ ।

୫ । ପୁରସ୍କାରଘୋଷଣା—ଗଞ୍ଜାମବାସୀ ଆମ୍ଭମାନଙ୍କ ଶ୍ରଦ୍ଧେୟ ବନ୍ଧୁ ଶ୍ରୀଯୁକ୍ତ ପର୍ଶୁରାମ ଦାସ ପାତ୍ର ବି. ଏ. ବି. ଏଲ. ଓଡ଼ିଆ ସାହିତ୍ୟର ଛନ୍ଦୋଦୋଷବିଷୟକ ସର୍ବୋତ୍କୃଷ୍ଟ ପ୍ରବନ୍ଧ ନିମିତ୍ତ ଟ ୧୦୦୯ ପୁରସ୍କାର ଦେବାର ଅଭିପ୍ରାୟ ପ୍ରକାଶ କରିଅଛନ୍ତି । ବିଷୟଟି ଅତ୍ୟନ୍ତ ଗୁରୁତର ଏବଂ ଏହାର ଉପଯୁକ୍ତ ସମୀକ୍ଷା ହୋଇଅଛି କି ନାହିଁ, ସନ୍ଦେହର ବିଷୟ । ତେବେ ଏହି ସୂତ୍ରରେ ଭବିଷ୍ୟତ ଛନ୍ଦୋଦୋଷଲେଖକଙ୍କ ପାଇଁ ଅନେକଗୁଡ଼ିଏ ଉପକରଣ ସଂଗୃହୀତ ହୋଇ ପାରିବ । ପର୍ଶୁରାମ ବାବୁ ଏହି ପୁରସ୍କାର ଘୋଷଣାଦ୍ୱାରା ଛନ୍ଦୋଦୋଷ ଲକ୍ଷଣର ଦ୍ୱାର ଉଦ୍ଘାଟନ କରି ଅଶେଷ ଧନ୍ୟବାଦର ପାତ୍ର ହୋଇଅଛନ୍ତି । ଏ ସମ୍ବନ୍ଧରେ ବିଜ୍ଞ ବ୍ୟକ୍ତିମାନଙ୍କ ଅଭିମତ ପ୍ରାର୍ଥନୀୟ । ସବିଶେଷ ବିବରଣ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶିତ ହେବ ।



HIS HIGHNESS THE MAHARAJAH

Sree Ram Chundra Bhanj Deo

OF

Maurbhanj

ଉତ୍କଳ-ସାହିତ୍ୟ ।

ଅନୁଶୀଳନ ।

ନବବିଂଶତି ପରିଚ୍ଛେଦ ।

ଉମେଦୁଆରର ପ୍ରାର୍ଥନା ।

ବର୍ଗୀ ବଧ ସାଧନ ଗଣ୍ଡଗୋଳ ନିବୃତ୍ତ ହେଲା ପରେ ନବାବ ଅଲିବର୍ଦ୍ଦି ଖାଁ ଲକ୍ଷ୍ୟ ପ୍ରଦାନ ପୂର୍ବକ ସିଂହାସନରୁ ଓହ୍ଲାଇ ଆସି ସପ୍ରେମରେ ହାବିଲଦାର ବାଦଲ ସିଂହଙ୍କୁ ଆଲିଙ୍ଗନ କଲେ । ଦ୍ୱିତୀୟ ଯୁବକକୁ ଆଲିଙ୍ଗନ କରିବାକୁ ଯାଉ-ଥିଲେ, ମାତ୍ର ସେ ଲୋକ ସଲଜ୍ଜଭାବରେ କୁର୍ନିଶ କରି ଅପସୃତ ହୋଇଗଲା ।

ନବାବ କେତେକ କ୍ଷଣପର୍ଯ୍ୟନ୍ତ ତାହାକୁ ଆପାଦମସ୍ତକ ନିରୀକ୍ଷଣ କରି ସସ୍ନେହଭାବରେ ପ୍ରଶ୍ନ କଲେ, ଅରେ ପିଲା ତୁ କିଏ ?

ଏହି ଯୁବକ ଆମ୍ଭମାନଙ୍କ ପୂର୍ବପରିଚିତ ପାଗଳ ଅଟେ ।

ନବାବଙ୍କ ପ୍ରଶ୍ନ ଶୁଣି ସେହି ପାଗଳ ବିନୀତ ଭାବରେ କୁର୍ନିଶ କଲା, କି ଉତ୍ତର ଦେବ କିଛି ସ୍ଥିର କରି ପାରିଲା ନାହିଁ । ତଥାପି କହି ପକାଇଲା, ହଜୁର ! ମୁଁ ଉମେଦୁଆର ।

ନବାବଙ୍କ ମନରେ ବିଷମ ବିସ୍ମୟ ଜାତ ହେଲା । ଉମେଦୁଆର ? ଅବଶ୍ୟ ସୈନ୍ୟପଦ-ପ୍ରାର୍ଥୀ ହେବ । ମାତ୍ର ଏପରି ଭୟଙ୍କର ସଙ୍କଟପୂର୍ଣ୍ଣ କର୍ମରେ କି ସକାଶେ ପ୍ରବୃତ୍ତ ହେଲା ? ଏହା ଯେ ପ୍ରାଣବିନାଶକ କାର୍ଯ୍ୟ ? ଏ ଲୋକର କି ଆତ୍ମ-ଜୀବନପ୍ରତି ମମତା ନାହିଁ ? ପୁଣି ଏହା ଯେ ଅମ୍ଭର ପ୍ରୀତିକର କାର୍ଯ୍ୟ, ତାହା କିପରି ଜାଣିଲା ? ସାଧାରଣଙ୍କ ଅଗମ୍ୟ ଏ ସ୍ଥାନକୁ କିପରି ଆସିଲା ? ଅଚ୍ଛା, ଜଣା ଯିବ ।

ଏହି ଅବସରରେ ସମସ୍ତ ପାରିଷଦ ପ୍ରମୁଖ ମନରେ ନବାବ ସାହେବଙ୍କୁ ବେଷ୍ଟନ କରି ଠିଆ ହୋଇଥିଲେ । ନବାବ ଆମୋଦ କରିବା ଅଭିପ୍ରାୟରେ କୃତ୍ରିମ କୋପ ପ୍ରକାଶ କରି କହିଲେ, ଅରେ ଖୋକନ୍ ! ତୁ ବର୍ଗୀ ସେନାପତିକୁ ହତ୍ୟା କରିଅଛି, ଏ ଅପରାଧର କି ଦଣ୍ଡ, ତାହା ଜାଣୁ ?

ଆମ୍ଭମାନଙ୍କ ପାଗଳ ବହୁ ବିପଦ ସହିତ ସଂଗ୍ରାମ କରି ବହୁ ସୈନିକ ପୁରୁଷଙ୍କ ସହିତ ସର୍ବଦା ବ୍ୟବହାର କରି ଖୁବ ସାହସୀ ହୋଇଗଲାଣି । ବିଶେଷରେ ଯାହାର ଜୀବନପ୍ରତି ମାୟା ନାହିଁ, ସେ ସର୍ବଦା ନିର୍ଭୀକ । ପାଗଳ ନିର୍ଭୟରେ ସେହି ସପାରିଷଦ ନବାବଙ୍କ ସମ୍ମୁଖରେ କୁର୍ନିଶ କରି ଉତ୍ତର ଦେଲା— ହଜୁର ! ଜାହାପନା ! ଯେବେ ଦୋଷୀ ହୁଏ, ଦଣ୍ଡ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛି । ହେଲେ ମୁଁ ହଜୁରଙ୍କ ଦୁସମନକୁ ମାରିଅଛି ।

ନବାବ—ହଁ, ବର୍ଗୀ ଆମର ଦୋସ୍ତ ।

ପାଗଳ—ବର୍ଗୀ ଦୁନିଆର ଦୁସମନ । ଯେ ଦୁନିଆର ଦୁସମନ, ସେ ଦୁନିଆର ବାଦସାହାଙ୍କ ଦୁସମନ, ସେ ବଧ୍ୟ ।

ନବାବ—ଅଚ୍ଛା, ତୁ କି ସକାଶେ ତାକୁ ମାରିଲୁ ?

ପାଗଳ—ସେ ଦୁନିଆର ଦୁସମନ ।

ନବାବ—ପୁନର୍ବାର ସେହି କଥା—ସେ ଦୁନିଆର ଦୁସମନ, ତୋର କଣ ଗଲା ? ତୋର କି ଦୁସମନ ?

ପାଗଳ—ସେ ହୁଜୁରଙ୍କ ଦୁଶମନ, ମୁଁ ହୁଜୁରଙ୍କର ସନ୍ତାନ ।

ନବାବ ଅଲିବର୍ଦ୍ଦି ଖାଁ ଜଣେ ଗୁଣଗ୍ରାହୀ ଲୋକ, ପ୍ରଥମରେ ପାଗଳ କାର୍ଯ୍ୟରେ ଅତ୍ୟନ୍ତ ସନ୍ତୁଷ୍ଟ ଥିଲେ, ବର୍ତ୍ତମାନ ତାହାର ବାକ୍ୟବିନ୍ୟାସ, ବଚନସମ୍ପ୍ରୀତି ଶକ୍ତି ଏବଂ ରୂପଲାବଣ୍ୟ ଦେଖି ବିମୋହିତ ହୋଇ ଗଲେ । କାପଟ୍ୟ ବିଦ୍ରୂପ ପରିତ୍ୟାଗ କରି ସସ୍ନେହ ଭାବରେ କହିଲେ— ଆଚ୍ଛା, ତୁ ହୁଜୁରଙ୍କ ଦୁଶମନକୁ ହତ୍ୟା କରିଅଛି, ବକସିସ୍ ପାଇବାର ଯୋଗ୍ୟ ।

ପାଗଳ—ପୁନର୍ବାର କୁର୍ନିସ କରି ହାବିଲଦାର ବାଦଲ ସିଂହ ଆଡ଼କୁ ସଲଜ୍ଜ ଭାବରେ ହାତ ବଢ଼ାଇ କହିଲା, ହଜୁରଙ୍କ ଏହି ସାହସୀ ସିପାହୀ ବକସିସ୍ ପାଇବାର ଯୋଗ୍ୟ ।

ନବାବ—ଅବଶ୍ୟ ସେ ତ ପାଇବ, ତୁ ମଧ୍ୟ ପାଇବୁ ।

ପାଗଳ—ହଜୁର ମାଲିକ ।

—:*:—

ଚତୁସ୍ତ୍ରିଂଶତ୍ତମ ପରିଚ୍ଛେଦ ।

ସାକ୍ଷାତ୍—ସଶଙ୍କ ।

ଦିଗ୍‌ଦର୍ଶନ ଶଳାକା ଯେପରି ପ୍ରତି ନିୟତ ଉତ୍ତରାଭିମୁଖୀନ, ବିପରୀତମୁଖ ବଳରେ ଅନ୍ୟ ଦିଗକୁ ଚାଳିତ ହେଲେ ମଧ୍ୟ ଯେପରି ଅବସର ପ୍ରାପ୍ତି ମାତ୍ରକେ ଉତ୍ତର ଦିଗକୁ ଧାବିତ ହୁଏ, ସେହିପରି ଅମ୍ଭମାନଙ୍କ ପାଠକର ଦୃଷ୍ଟିରେଖା ବାଦଲ ସିଂହ ଉପରେ ପଡ଼ିଅଛି । ବାଦଲ ସିଂହ ପ୍ରତିମୂର୍ତ୍ତି ଦର୍ଶନ ମାତ୍ରକେ ଯେମନ୍ତ ତାହାର ଜୀବନୀ ଶକ୍ତି, ତାହାର ଧୈର୍ଯ୍ୟ, ତାହାର ଅନଳ, ତାହାର ସାମର୍ଥ୍ୟ ବିଦ୍ୟୁତ୍ପ୍ରବାହ ପରି ଶତ ସହସ୍ର ଗୁଣରେ ବର୍ଦ୍ଧିତ ହୋଇ ଦେହର ଶୋଣିତ-ବାହିନୀ ପ୍ରତି ଶିରରେ ବ୍ୟାପ୍ତ ହୋଇ ଯାଉଅଛି । ଏଣେ ବାଦଲ ସିଂହ ମଧ୍ୟ ଏକ ଧ୍ୟାନରେ ପାଗଳକୁ ଚାହିଁ ରହିଅଛି ଏବଂ ମନୋଯୋଗପୂର୍ବକ ତାହାର ପ୍ରତ୍ୟେକ କଥା ଶ୍ରବଣ କରୁଅଛି । ପାଗଳ କଥାରୁ ଜଣାଗଲା, ନବାବ ସାହେବଙ୍କ ସମ୍ମୁଖରେ ସେ ଯେଉଁ ସ୍ୱରରେ କଥୋପକଥନ କରୁଅଛି ଏହା ତାହାର ପ୍ରକୃତ ସ୍ୱର ନୁହେଁ, କଦାଚିତ୍ ଅସାବଧାନତାରେ ଏକ ପ୍ରକାର ସ୍ୱର ବାହାରି ପଡ଼ୁଅଛି । ସେହି ସ୍ୱର ଶ୍ରୁତି ଓ ରୂପ ଦେଖି ବାଦଲ ସିଂହ ସ୍ତମ୍ଭୀଭୂତ ହୋଇ ଗଲାଣି ଏବଂ ତାହାର ବସ୍ତୁ ଛିନ୍ନପ୍ରାୟ ବିଗତ ବିଷାଦ ଜାଗରୂକ ହୋଇ ତାହାକୁ ବାହ୍ୟଜ୍ଞାନ-ଶୂନ୍ୟ କରି ପକାଉଅଛି । ବାଦଲ ସିଂହ ମନ ମଧ୍ୟରେ ଚିନ୍ତା କରୁଅଛି, ଲକ୍ଷ୍ମୀର ଭଉଣୀ ଥିଲେ ତାହାର ତଦ୍ରୂପ ରୂପ ତଦ୍ରୂପ ସ୍ୱର ହେବାର ସମ୍ଭାବନା ଥିଲା । ପୃଥିବୀ ମଧ୍ୟରେ ଦୁଇ ଜଣଙ୍କର କି ଏକ ପ୍ରକାର ରୂପ ହୋଇ ପାରେ ? କେବଳ ରୂପ ନୁହେଁ, ତାହା ସହିତ ସ୍ୱର, ଆଶ୍ଚର୍ଯ୍ୟ ! ପୁଣି ଲିଙ୍ଗ ଭେଦ । ନାହିଁ ନାହିଁ, ମୋହର ଭ୍ରମ । ଲକ୍ଷ୍ମୀର କି ଏହିପରି ରୂପ ? ସେ ଲାବଣ୍ୟ କାହିଁ ? ସେ କୋମଳ କଥା କାହିଁ ? ସେ ସଲଜ୍ଜ କଟାକ୍ଷପାତ କାହିଁ ? ସେ ଓଷ୍ଠପ୍ରକାଶୀ ମଧୁର ହାସ୍ୟ କାହିଁ ? ହା ଭଗବନ୍ ! ବାଲ୍ୟକାଳରୁ ପିତୃହୀନ ଥିଲ, ପିତା ଦେଇଥିଲ, ବିପୁଳ ବିତ୍ତ ଦେଇଥିଲ, ଦେବଦୁର୍ଲ୍ଲଭ ପତିବ୍ରତା ପ୍ରଣୟିନୀ ଦେଇଥିଲ, ବର୍ତ୍ତମାନ ମୋ ପକ୍ଷରେ ସେ ସମସ୍ତ ସ୍ୱପ୍ନବତ୍ ପ୍ରତୀୟମାନ ହେଉଅଛି । ଲକ୍ଷ୍ମୀର ପରିଣାମ ବାଦଲ ସିଂହ ଚିନ୍ତା କଲା । ସେହି ପ୍ରାଣପ୍ରତିମା କି ଯବନହାତରେ ଲକ୍ଷ୍ମୀ ପରଲୋକଗତା ଅଥବା ବର୍ଗୀ ଶିବିର ମଧ୍ୟରେ ଅବସ୍ଥିତା ! ବାଦଲ ସହ୍ୟ କରି ପାରିଲା ନାହିଁ, କୃପାଣମୁଷ୍ଟି ଦୃଢ଼ କରି ଭାସ୍କରର ଶବ ପ୍ରତି ସକ୍ରୋଧରେ ଚାହାଁଇଲା ।

ନବାବ ସାହେବ ବାଦଲ ସିଂହର ପ୍ରକୃତ ଅବସ୍ଥା ଅନବଗତ, ହସି ହସି ତାହା ହାତ ଧରି ଶିବିରକୁ ଘେନି ଗଲେ ।

ପଞ୍ଚତ୍ରିଂଶତ୍ତମ ପରିଚ୍ଛେଦ ।

ବଡ଼େ ବକସିସ୍ ବାସନା ।

ବର୍ଗୀ ବିଚକ୍ଷଣ ବୟୋବୃଦ୍ଧ ବଶିଷ୍ଠ ଲୋକ-

ମାନଙ୍କର ବିଦାୟ, ବିଜୟ ସ୍ଥାନରେ ବିଶ୍ରାମ ହେଉଥିବ ନାହିଁ । ମୁର୍ଶିଦାବାଦ ରାଜଧାନୀରେ ନବାବ ସାହେବଙ୍କ ଆଦେଶ ପ୍ରଚାରିତ ହେଲା ।

ସାଗରଗାମିନୀ ଶରତ୍‌ମୂର୍ତ୍ତି ସର୍ବଦା ବାଧା ବିଘ୍ନ ଅତିକ୍ରମପୂର୍ବକ ସାଗରସଙ୍ଗ ଲାଭ ମନୋରଥ ପ୍ରତ୍ୟେକର ଥାଏନାହିଁ । ଆମ୍ଭେମାନେ ଦେଖୁଅଛୁଁ, ପାଠକ ବାଦଲ ସିଂହ ସଙ୍କଳ୍ପ ସାଧନରେ ଦୃଢ଼ପ୍ର-ତ୍ୟୟ ହୋଇ ପଡ଼ିଲେ । ମାତ୍ର ମାନସ ସଫଳ କରିବାର ସୁଯୋଗ ଓ ଅବକାଶର ଉପସ୍ଥିତ ଅଭାବ । ଆଜକୁ କେତେ ଦିନ ହେଲା ମୁର୍ଶିଦା-ବାଦରେ ଆନନ୍ଦ ଲହରୀ ଲାଗିଥିଲା, ସେହି ଆନନ୍ଦ ଅନେକ ଗୁଣରେ ବର୍ଦ୍ଧିତ ହୋଇ ପଡ଼ିଅଛି । ବର୍ତ୍ତମାନ ଆନନ୍ଦ ଅନନ୍ୟରୂପ । ଶତ୍ରୁ ବିନଷ୍ଟ ହୋଇଅଛି, ଦେବାଳୟରେ ଦେଶ ଶାନ୍ତି ଲାଭ କରିବ । ସକଳ ସମ୍ପ୍ରଦାୟ, ବାଣିଜ୍ୟବ୍ୟବସାୟୀ ସୈନିକ, ନାଗରିକ ଓ ଜନପଦବାସୀ ଯାବତୀୟ ଲୋକେ ଦରବାରରେ ନବାବ ସାହେବଙ୍କୁ ଅଭିନନ୍ଦନ କରିବା ସକାଶେ ଧାବିତ । ନବାବ ସାହେବ ପ୍ରେମାଳାପଦ୍ୱାରା ସମସ୍ତଙ୍କୁ ଆପ୍ୟାୟିତ କରୁଅଛନ୍ତି । ଏ ସମୟରେ ଖିଲତ ବିତରଣ— ସେନାପତିମାନଙ୍କୁ ଖିଲତ ବିତରଣ କରସାରି ବର୍ଗୀଦଳବିଜୟୀ ସୈନିକମାନଙ୍କ ସହିତ ବାଦଲ ସିଂହଙ୍କୁ ଆହ୍ୱାନ କରାଗଲା । ନବାବ ସାହେବ ଆନନ୍ଦ ମନରେ କହିଲେ—ବାଦଲ, ସାବାସ ବାଦଲ ! ତୁମ୍ଭ ପରାମର୍ଶ ତୁମ୍ଭ ସାହସିକତା ତୁମ୍ଭ କାର୍ଯ୍ୟରେ ଆମ୍ଭେ ନିଷ୍କଣ୍ଟକ ହୋଇଅଛୁଁ । ତୁମ୍ଭଙ୍କୁ ଖିଲତ ଦେବାକୁ ଇଚ୍ଛା କରୁଁ । ଉତ୍କଳପ୍ରାନ୍ତସ୍ଥ ମେଦିନୀପୁର ଜିଲ୍ଲା ଅନ୍ତର୍ଗତ ବଣବିଷ୍ଣୁପୁର ପରଗଣା ଜାଗିରରୂପେ ତୁମ୍ଭଙ୍କୁ ଇନାମ ପ୍ରଦତ୍ତ ହେଲା । ଅନ୍ୟ ଯେବେ କିଛି ପ୍ରାର୍ଥନା ଥାଏ, ପ୍ରକାଶ କର ।

ପାଠକଙ୍କୁ ଦେଖିବା ସମୟଠାରୁ ବାଦଲର ବସ୍ତୁତଃ ପ୍ରାୟ ବିଷାଦଗମ୍ଭୀର ହୋଇ ପଡ଼ିଅଛି । ତାହାର ବର୍ତ୍ତମାନ ପାର୍ଥିବ କୌଣସି ପଦାର୍ଥର ଆକାଂକ୍ଷା ନାହିଁ । ଆପଣାର ପ୍ରତିଜ୍ଞା ଅଂଶିକ ପ୍ରତିପାଳନ କରିଅଛି । ଏକପ୍ରକାର ନିଶ୍ଚିନ୍ତ ।

ବାଦଲ ସିଂହ କହିଲେ—ହଜୁର ! ମୋର ଆଉ କିଛି ପ୍ରାର୍ଥନା ନାହିଁ ।

ବାଦଲ ସିଂହର ଭାବ ଦର୍ଶନ କରି ଦର୍ଶକ-ମଣ୍ଡଳୀ ଆଶ୍ଚର୍ଯ୍ୟାନ୍ୱିତ ହେଲେ ।

ଏ ସମୟରେ କେହି ଡାକିଲା, ଉମେଦୁଅର ହାଜିର—ଉମେଦୁଅର ହାଜିର ।

ଦରବାରରେ ଜନତା ହେବାରୁ ଆମ୍ଭମାନଙ୍କ ପାଠକ ଅଦୃଶ୍ୟ ହୋଇଯାଇ ଏକ ନିଭୃତ ସ୍ଥାନରେ ଠିଆ ହୋଇ ବାଦଲ ସିଂହଙ୍କୁ ଏକ-ଧ୍ୟାନରେ ଚାହିଁଥାଏ । କେବଳ ଡାକର ଶୁଣି ଧୀରେ ଧୀରେ ଅଗ୍ରସର ହେଲା । ଲୋକମାନେ ଆଶ୍ଚର୍ଯ୍ୟ ହୋଇ ଯାଇ ତାହାର ମାର୍ଗ ପରିଷ୍କାର କରିଦେଲେ । ଆମ୍ଭେମାନେ ବର୍ତ୍ତମାନ ପାଠକର ଭାବାନ୍ତର ଦେଖୁଅଛୁଁ । ଯେ ବ୍ୟକ୍ତି ଶତ ଶତ ବୀର ମଧ୍ୟରେ ନିର୍ଭୟ ଚିତ୍ତରେ ଆପଣା ଜୀବନର ମାୟା ପରିତ୍ୟାଗପୂର୍ବକ ଗୋଟିଏ ଜଗଦ୍‌ବିଖ୍ୟାତ ବୀରକୁ ହତ୍ୟା କରିଥିଲା, ବର୍ତ୍ତମାନ ସେ ସେସନ୍ତ ସାହସ ସହକାରେ ନବାବ ସାହେବଙ୍କ ସମ୍ମୁଖକୁ ଅଗ୍ରସର ହୋଇ ପାରୁ ନାହିଁ । ଲଜ୍ଜା, ଭୟ, ସଙ୍କୋଚ ଯେସନ୍ତ ଯୁଗପତ୍ ମିଳିତ ହୋଇ ତାହାର ପାଦକୁ ବନ୍ଦ କରି ପକାଉଅଛି । ନବାବ ସାହେବଙ୍କ ପୁନଃ ପୁନଃ ଆହ୍ୱାନରେ ଅନାବୃତ ହୋଇ ବାଦଲ ସିଂହ ପ୍ରତି ତୀବ୍ର ଦୃଷ୍ଟିପାତପୂର୍ବକ ଅଗ୍ରସର ହେଲା । ମୁହୂର୍ତ୍ତକେ ନବାବ ସାହେବ ସ୍ନେହ ଆଦରପୂର୍ବକ କହିଲେ, ଅରେ ଛୋକରା ! ତୁ ଖିଲତ ପାଇବାର ଯୋଗ୍ୟ । କଣ ତୋର ଇଚ୍ଛା ? ନବାବ ସାହେବଙ୍କ ଉକ୍ତି ଶୁଣି ପାଠକ କି ଉତ୍ତର ଦେବ, କିଛି ସ୍ଥିର କରି ପାରିଲା ନାହିଁ । ଅଧୋବଦନ ହୋଇ ଦକ୍ଷିଣ ପଦ ବୃଦ୍ଧାଙ୍ଗୁଳିରେ ମୃତ୍ତିକା ଖନନ କରୁଥାଏ । ଦରବାରର ଯାବତୀୟ ଲୋକେ ତାହା ଅଡ଼କୁ ଚାହିଁ ରହିଅଛନ୍ତି । ଏଥିରୁ ସେ ଆହୁରି ମନ ସଙ୍କୁଚିତ ହୋଇ ଯାଉଅଛି । ନବାବ ସାହେବଙ୍କ ପୁନଃ ପୁନଃ ପ୍ରଶ୍ନର ଉତ୍ତର ଦେବାକୁ ଅସ୍ତୁତ

ନାହିଁ । କେତେ ଥର ତାହା ମୁହାକୁ ଦୋହାଇ ଦେଇ, ମୋ ଆଗରେ ସତ୍ୟ ଏହି ହାବିଲଦାରଙ୍କ କବାବ ଦେଇ ନାହିଁ । କବାବ ସାହେବ ମନରେ ଭାବୁଥିଲେ, ଏ ବ୍ୟକ୍ତି ଉନ୍ମତ୍ତ ହୋଇଅଛି, ହାବିଲଦାର, ଜମାଦାର-ମାନେ, କେଉଁ ଅନ୍ୟ କୌଣସି ପ୍ରକାର ... ଦୋହାଇ-ବାକ୍ୟ ପ୍ରାର୍ଥନା କରିବ । ... କରିବ ବନ୍ଦୀଗଣ ତାହା ଦେଖି ବିସ୍ମିତ ହେଲେ । ଅନ୍ୟ ଲୋକେ ପରସ୍ପର ମୁଖାବଲୋକନ କଲେ । ... କାହାର ... ସାହସ କରି ପାରିଲେ ନାହିଁ । ଅଥ ବାଦଲ ସିଂହ ? ସେ ତ ଦାରୁଭୂତୋ ମୂର୍ତ୍ତି ହୋଇ ରହିଛି । ପାଠକଙ୍କୁ ଥରେ ଅମନୋଯୋଗପୂର୍ବକ ଅନାଇ ଭାବିଲା, ଲୋକଟା କଣ ପାଗଳ !

ନବାବ ସାହେବ ବାଦଲ ପ୍ରତି ଦୃଷ୍ଟିପାତ କରି କହିଲେ, ଦେଖ ହାବିଲଦାର ! ଅଲ୍ଲା-ତାଲାଙ୍କର ତୁମ୍ଭ ପ୍ରତି ଭାରି ମେହେରବାନ; ସଙ୍ଗା-ହେଲ, ଜମିଦାରୀ ପାଇଲ, ପୁଣି ଏବେ ନପ୍ଟ ଭବ ପ୍ରାପ୍ତ ହେବ । ବାଦଲ ସ୍ଥିର ଭାବରେ ଉଭା ହୋଇଅଛି । ନବାବ ସାହେବଙ୍କ ପୁନଃପୁନଃ ପ୍ରଶ୍ନରେ ଉତ୍ତର ଦେଲା, ହଜୁର ! ମୋ ପ୍ରତି ଆପଣନ୍ତ, ତୁମ୍ଭେ ହୋଇଥିଲେ ମୋହର ପ୍ରୟୋଜନ ନାହିଁ । ଶାସ୍ତ୍ର କ୍ଷେତ୍ରରେ ପିଣ୍ଡଦର୍ପଣ ଦ୍ୱାରା ପିତୃଋଣ ଶୁଝିବ, ମୋହର ଅନ୍ତର ଗୋଟିଏ କର୍ତ୍ତବ୍ୟ ବାକି ରହିଅଛି । ହଜୁର ! ମୋ କସୁର ମାଫ ହେଉ, ମୁଁ ମୋ ସ୍ତ୍ରୀ ଆଗରେ ପ୍ରତିଜ୍ଞା କରି ଏକପତ୍ନୀବ୍ରତ ଗ୍ରହଣ କରିଅଛି, ଅନ୍ୟ ସ୍ତ୍ରୀ ମୁଖାବଲୋକନ କରିବି ନାହିଁ, ଯାବଜ୍ଜୀବନ ମୋ ସ୍ତ୍ରୀକୁ ଧ୍ୟାନ କରିବ ।

ନବାବ ସାହେବ ମୁନ୍ତାଯା ପ୍ରତି ଦୃଷ୍ଟିପାତ କଲେ, ଅଭିପ୍ରାୟ—ସେ ବାଦଲ ସିଂହକୁ ବୁଝାଇ କହୁ । ମୁନ୍ତାଯା ଓ ବାଦଲ ସିଂହ ମଧ୍ୟରେ ବିଶେଷ ସମ୍ପ୍ରୀତି ଥିଲା । ମୁନ୍ତାଯା ଖାଁ ନବାବ ସାହେବଙ୍କ ଅଭିପ୍ରାୟ ଜାଣି କହିଲେ, ଦେଖ ଦୋସ୍ତ ବାଦଲ! ତୁମ୍ଭେ ଯବାବ ଦେଉ, ହୁଜୁରଙ୍କର କଥା କର, ଏ କି ଅବସ୍ଥା ... କଥା କହୁଅଛ ... ଗୋଟାଏ ... ହୋଇଥିଲ, ମୋ ତ ... ହୋଇଅଛି । ... ଛୋଟ ଛୋଟ ... ମଧ୍ୟ ହୁକୁମ କରୁଅଛନ୍ତି, ଆମ୍ଭମାନଙ୍କରେ ଯେତେ ଥାଅ, ସେତେ ତା କାଳ କରି ପାରିବ ।

ମୁନ୍ତାଯାଙ୍କ ବ୍ୟବସ୍ଥା ବାଦଲ ସିଂହ ହୃଦୟଙ୍ଗମ କରି ପାରିଲା କି ନାହିଁ ବୋଲି ଯାଇ ନ ପାରେ । କାରଣ ମୁସଲମାନ ଆକାଶରେ ଆଜିଯାଏ ତାର ବସନ୍ତ, ମାତ୍ର ବାଦଲ ଆକାଶରୁ ଗୋଟିଏ ଚନ୍ଦ୍ର ଅସ୍ତ ଯାଇଅଛନ୍ତି, ଏଥିରୁ ତାହାର ହୃଦୟାକାଶ ନିବିଡ଼ ନୈରାଶ୍ୟ-ଅନ୍ଧକାରମୟ । ସେ ସ୍ଥିର ହୋଇ ଦିଶୁ ହୋଇଅଛି, ତାହାର ନେତ୍ରଦ୍ୱୟ ଅଶ୍ରୁପୂର୍ଣ୍ଣ । ତାହାର ମନ ସ୍ଥିର ହୋଇଅଛି, ବର୍ତ୍ତମାନ ଅନ୍ୟ ଭାବନା ନାହିଁ । ତାହା ମନ ଜ୍ଞାନ ପ୍ରାଣ ପ୍ରିୟତମା ଭାର୍ଯ୍ୟା ଲକ୍ଷ୍ମୀମୟୀ । ଜୀବନରେ କିଛି କର୍ତ୍ତବ୍ୟ ଅଛି ବୋଲି ଜ୍ଞାନ କରି ପାରୁ ନାହିଁ । ଅଥ ଜମିଦାର —ଜମିଦାରୀ ? ତାହାରୁ ଯେଉଁ ସମ୍ପତ୍ତି ଅପଚୟ ହୋଇଅଛି ଶତ ସହସ୍ର ପଦ-ଶୀତେ ବ, ଶତ ସହସ୍ର ଗଜରୁ ସେ ଛିଦ୍ର ପୂରଣ କରି ପାରିବ ନାହିଁ । ପୁଣି ପାର୍ଥିବ ସୁଖସମ୍ପତ୍ତି ଭୋଗର ଭାଗୀ ପତ୍ନୀର ଅଭାବରେ ସୁଖଦାୟ ସମ୍ପତ୍ତି ଲାଭ ଦୁଃଖର କାରଣ ହୋଇପଡ଼େ ।

ବାଦଲ ସିଂହ ଏବଂ ମୁନ୍ତାଯାଙ୍କ ଉକ୍ତ ବ୍ୟବସ୍ଥାର ପ୍ରତ୍ୟେକ କଥା ଅନ୍ୟମାନେ ସାବଧାନ ମନୋଯୋଗ-ପୂର୍ବକ ଶୁଣୁଥିଲେ । ତାହା ନେତ୍ରରୁ ଅଶ୍ରୁଧାରା ପ୍ରବାହିତ ହେଉଅଛି; ସେ ଯେମନ୍ତ ମନର ଭାବ ଗୋପନ କରିବାକୁ ବିଶେଷ ଚେଷ୍ଟା କରି ମଧ୍ୟ କୃତକାର୍ଯ୍ୟ ହୋଇ ପାରୁ ନାହିଁ । ବାଦଲର ପତ୍ନୀ-ପ୍ରେମ ପତ୍ନୀ-ମମତା ଶୁଣି ସେ ଯେମନ୍ତ ସହ୍ୟ କରି ପାରୁ ନାହିଁ । ପୁଣି ବାଦଲ ମନଃକଷ୍ଟ ଭୋଗ କରୁଅଛି, ଏହା ମଧ୍ୟ ତାହା ପକ୍ଷରେ ଅସହ୍ୟ

ମୁସ୍ତାଫା ଦୁଃଖ ଜାଣିକୁ ଲକ୍ଷ କରି କହିଲେ— ବେଲୁବ ! ନବାବ ସାହେବ ମନ ମଧ୍ୟରେ ସ୍ଥିର କଲେ—ବାଦଲ ଯାହା ପିତା ମାତା ସମାନଣି କହୁଅଛି । ହିମେନ୍ଦ୍ରୀର ଭଗିନିକୁ ବାଦଲ ବିବାହ କରିବାକୁ ଅସ୍ୱୀକାର କରିବାରୁ ସେ ରାଜୁଅଛି । ଅଚ୍ଛା, ଅଚ୍ଚିଠାର ବିଚାର କର ମିଛ । ନିତିବୋଲି ଭଲାଇ ... ନାଗର ଗାଜିଲା । ନବାବ ସାହେବଙ୍କ ଆଦେଶ ଅନୁସାରେ ମାଜିର ଓ ତେଜନ୍ଦୁଅଲୁ ... ଦେଲେ ।

କ୍ରମଶଃ—

ଶ୍ରୀ ... ।

ମହାତ୍ମା ଚନ୍ଦ୍ରଶେଖର ।

ଆଜ ଉତ୍କଳଭାଷୀ ପ୍ରଦେଶରେ ଚନ୍ଦ୍ରଶେଖର ସୁପରିଚିତ । ଏହାଙ୍କର ବର୍ତ୍ତମାନ ନାମ ମହାମହୋପାଧ୍ୟାୟ ଶ୍ରୀ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଏହାଙ୍କୁ ଲୋକେ 'ପଠାଣି ସାମନ୍ତ' ବୋଲି ଡାକନ୍ତି । ଏ ମହାତ୍ମାଙ୍କ ପିତାଙ୍କର ବହୁଟି ସନ୍ତାନ ନଷ୍ଟ ହୋଇ ଥିବାରୁ ଏହାଙ୍କ ନାମ ପଠାଣି ସାମନ୍ତ ଦିଆ ହୋଇ ଥିଲା । ଓଡ଼ିଶାରେ ନଷ୍ଟାପତ୍ୟ ଶିଶୁ 'ଅପତ୍ତି ଅଣି' ମାନଙ୍କୁ ବାଉଟିଆ, କାଣ୍ଡୁରିଆ, ପାଣୁଆ, ହାଡ଼ିଆ, ଢେଲା ଇତ୍ୟାଦି ହୀନ ନାମରେ ଅଭିହିତ କରିବାର ରୀତି ଅଛି । ଏ ମହାତ୍ମା ୧୮୩୫ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ । ଓଡ଼ିଶା ଗଡ଼ଜାତର ଖଣ୍ଡପଡ଼ା ରାଜପରିବାରରେ ଏହାଙ୍କର ଜନ୍ମ । ସାମନ୍ତ ବାଲ୍ୟକାଳରେ ସଂସ୍କୃତ ବ୍ୟାକରଣ, କାବ୍ୟ, ନାଟକ, ଅଳଙ୍କାର ଓ ଧର୍ମଶାସ୍ତ୍ର ଚର୍ଚ୍ଚା କରିଥିଲେ । ସେହି ସମୟରୁ ଜ୍ୟୋତିଷ ଶାସ୍ତ୍ର ଅଧ୍ୟୟନ ବାସନାର ବୀଜ ଏହାଙ୍କ ହୃଦୟରେ ଅଙ୍କୁରିତ ହୋଇଥିଲା । ତାହାଙ୍କର କେତେକ ପିତୃବ୍ୟଙ୍କର ଉକ୍ତ ଶାସ୍ତ୍ରରେ କିଛି ପ୍ରବେଶ ଥିଲା, ସେହି ପିତୃବ୍ୟ ଭ୍ରାତୃଷ୍ପୁତ୍ରଙ୍କୁ ତାହା ଶିକ୍ଷା ଦେଇ ସେ ବାସନା ଉପରେ ଅଶା-ବାରି ସେଚନ କଲେ । ସେହି ସମୟରେ ପାଟିଗଣିତ, ଲୀଳାବତୀ, ଜାତକାଳଙ୍କାର (ଫଳିତ ଜ୍ୟୋତିଷ), ଶ୍ରୀପତି, ସିଦ୍ଧାନ୍ତଶିରୋମଣି, ସୂର୍ଯ୍ୟସିଦ୍ଧାନ୍ତ (ଗଣିତ ଜ୍ୟୋତିଷ) ସେ ଅଧ୍ୟୟନ କଲେ । ପଞ୍ଚଦଶବର୍ଷ ବୟସରେ ପଦାର୍ପଣ ନ କରୁଣୁ ଅନୁସନ୍ଧିତ୍ସା ବଳବତୀ ହେବାରୁ ସେ ସିଦ୍ଧାନ୍ତଶିରୋମଣି ଓ ସୂର୍ଯ୍ୟସିଦ୍ଧାନ୍ତରେ ବର୍ଣ୍ଣିତ କେତେଗୁଡ଼ିଏ ଗଣିତ ଗ୍ରନ୍ଥରେ ପ୍ରସ୍ତୁତ କରି ସିଦ୍ଧାନ୍ତସିଦ୍ଧ ଗଣନା ଦୃକ୍‌ସିଦ୍ଧ ହେବ କି ନାହିଁ ଏ ପ୍ରଶ୍ନର ଜଟିଳ ଗବେଷଣାରେ ମନ ପ୍ରାଣ ଢାଳି ଦେଲେ, ଅର୍ଥାତ୍ ପ୍ରଚଳିତ ଶାସ୍ତ୍ରମାନଙ୍କରେ ଜ୍ୟୋତିଷ୍କମାନଙ୍କ ଗତି ସ୍ଥିତି ଇତ୍ୟାଦି ଯାହା ଲିପିବଦ୍ଧ ହୋଇଅଛି ତାହା ନିର୍ମିତ ଯନ୍ତ୍ରଦ୍ୱାରା ପରୀକ୍ଷା କରିବାରେ ପ୍ରବୃତ୍ତ ହେଲେ ଏବଂ ପରିଶେଷରେ ଭୂୟୋଦର୍ଶନଦ୍ୱାରା ଏହା ସ୍ଥିର କଲେ ଯେ ଉକ୍ତ ଶାସ୍ତ୍ରନିର୍ଦ୍ଦିଷ୍ଟ ଗ୍ରହସ୍ଥିତି ନିରୂପଣ କାଳର ପରିବର୍ତ୍ତନ ଅନୁସାରେ କେତେକ ସ୍ଥଳରେ ସଂସ୍କୃତ ହେବାର ଏକାନ୍ତ ଆବଶ୍ୟକ । ଏହି ମୀମାଂସାରେ ଉପନୀତ ହେବାକୁ ଶଳାକାନିର୍ମିତ ଯନ୍ତ୍ର ସାହାଯ୍ୟରେ ବୈଚିତ୍ର୍ୟପୂର୍ଣ୍ଣ ଆକାଶ ମାର୍ଗକୁ ଅନୁସରଣ କରୁ କରୁ ସେ ଅନେକ ରଜନୀରେ ସୁଷୁପ୍ତି କେଂଭୁଲ ବସ୍ତୁ ତାହା ପ୍ରତ୍ୟକ୍ଷୀଭୂତ କରି ନାହାନ୍ତି । ସୁଦୀର୍ଘକାଳବ୍ୟାପୀ ପର୍ଯ୍ୟବେକ୍ଷଣାର ଫଳକୁ ସେ ତାଳପତ୍ରରେ ଅତ୍ୟୁତ୍ସ ଲେଖନଦ୍ୱାରା ଚିତ୍ରଣ କରିବାକୁ ଲାଗିଲେ । ସମୁଦାୟ ଗଣିତ ମୂଳାଙ୍କ ପର୍ଯ୍ୟବେକ୍ଷିତ ହୋଇ ଲିପିବଦ୍ଧ ହେଲା ଓ ମହନୀୟପରା ଗୋଟିଏ ଜ୍ୟୋତିଷ ଶାସ୍ତ୍ର ରଚନା କରି ତହିଁରେ ଏମାନ ସନ୍ନିବେଶିତ କରିବେ ଏହି ଲାଳସା ସିଦ୍ଧାନ୍ତଦର୍ପଣର ମୂଳ ଭିତ୍ତିରୂପେ ଗୁରଯଣରେ ପ୍ରତିଷ୍ଠିତ ହେଲା । ବନଗିରିପୂର୍ଣ୍ଣ କର୍କରମୟ ଜନପଦରୁ ନିର୍ଗତ ଶୁଭ-ଅଭିଗାରମ୍ଭୂତ ଉଦ୍‌ଭିଦ

‘ସିଦ୍ଧାନ୍ତଦର୍ପଣ’-ରତ୍ନର ଆଜି ସେ ଦୀପ୍ତି ଉତ୍କଳୀୟ-ମାନଙ୍କ ହୃଦୟରେ ସଞ୍ଜୀବନୀ ସୁଧା ସିଞ୍ଚନ କରି ଭାରତଭୂମିକୁ ପ୍ଲାବିତ ଓ ସୁଶୀତଳ କରୁଅଛି ଏବଂ ସେହି ଦର୍ପଣର ହୃଦୟୋନ୍ମାଦକ ପ୍ରଭାପୁଞ୍ଜ କଷ୍ଟାଳ-ବାଦ ଅଜ୍ଞ ପାଶ୍ଚାତ୍ୟଜଗତର ମହାମହୋପାଧ୍ୟାୟ ଅଧ୍ୟାପକମାନଙ୍କର ଦୃଷ୍ଟି ଓ ବିସ୍ମୟ ଯୁଗପତ୍ ସମାକୃଷ୍ଟ କରିଅଛି । ସାମନ୍ତ ମହୋଦୟ ବିଂଶତି ବର୍ଷରେ ପଦାର୍ପଣ ନ କରୁଣୁ ସିଦ୍ଧାନ୍ତଦର୍ପଣ ପୂର୍ଣ୍ଣାବୟବ ପ୍ରାପ୍ତ ହୋଇଥିଲା । ତଦବଧି ପ୍ରତ୍ୟକ୍ଷୀଭୂତ ଓ ଭୂୟୋଭୂୟ ତୁଳନା ନିରୂପଣ-ଦ୍ୱାରା ତାହାଙ୍କର ଲିପିବଦ୍ଧ ଗଣନାକୁ ସେ ଦୃଢ଼ତର କରିବାକୁ ଲାଗିଲେ ।

ବର୍ତ୍ତମାନ ଚନ୍ଦ୍ରଶେଖରଙ୍କ ବୟଃକ୍ରମ ପ୍ରାୟ ସପ୍ତତିତମ ବର୍ଷ । ବାଲ୍ୟକାଳରେ ନିରତିଶୟ ପରିଶ୍ରମ ଓ ରାତ୍ରିଜାଗରଣର ଅଜୀର୍ଣ୍ଣ ଉଦାବର୍ତ୍ତ ଅନିଦ୍ରା ଇତ୍ୟାଦି କ୍ଷୟମୟ ଅବଶ୍ୟମ୍ଭାବୀ ପରିଣାମ ଏବଂ ଇନ୍ଦ୍ରିୟବଳ ସାମନ୍ତ ଅତିଶୟ କ୍ଷୀଣକାୟ ଓ ଦୁର୍ବଳ । କଟିଦେଶ ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥାରେ ସପ୍ତତି ବର୍ଷ ଅତିକ୍ରମ କରିବା ଅବଶ୍ୟ ଗ୍ରହମାନଙ୍କ ସୁଦୃଷ୍ଟିର ପରିଚାୟକ । ଅଜୀର୍ଣ୍ଣରୋଗପ୍ରପୀଡ଼ିତ ହୋଇ ତାହାଙ୍କର ଜୀବନର ଅଧିକାଂଶ ଦିନ ଅନଶନ ବା ଅଳ୍ପାଶନରେ ଅତିବାହିତ ହୋଇଅଛି । ସାମନ୍ତ ଜଣେ ସ୍ୱଧର୍ମନିରତ, ଭକ୍ତିପରାୟଣ ମନୁଷ୍ୟ, ଧର୍ମଚର୍ଯ୍ୟା ଓ ପୂଜା ବନ୍ଦନାଦିରେ ସେ ଅଧିକାଂଶ ସମୟ ଅତିବାହିତ କରିଥାନ୍ତି ।

ସାମନ୍ତ ଖଣ୍ଡପଡ଼ା (ଖଣ୍ଡପଡ଼ିଆ) ରାଜ-ପରିବାରର ଜନ୍ମଗ୍ରହଣ କରିଥିବାର ପୂର୍ବରୁ ସୂଚିତ ହୋଇଅଛି । ବର୍ତ୍ତମାନ ରାଜାଙ୍କ ସଙ୍ଗେ ଏହାଙ୍କର କିପରି ନିକଟ ସମ୍ପର୍କ, ତାହା ନିମ୍ନ-ପ୍ରଦର୍ଶିତ କୁଳିକାରୁ ପାଠକମାନେ ଅବଗତ ହେବେ ।

ରାଜା ଶ୍ରୀ ନୃସିଂହ ମର୍ଦ୍ଦରାଜ ଭ୍ରମରବର ରାୟ ।

- ରାଜା ପୁରୁଷୋତ୍ତମ
  - ରାଜା କୃଷ୍ଣଚନ୍ଦ୍ର
    - ରାଜା ନଟବର (ବର୍ତ୍ତମାନ ରାଜା)
- ଶ୍ୟାମବନ୍ଧୁ
  - ଚନ୍ଦ୍ରଶେଖର

ଏ ରାଜାଙ୍କର ପିତୃବ୍ୟ ଅଟନ୍ତି । ପ୍ରତ୍ୟେକ ରାଜପରିବାରସମ୍ଭୂତ ବ୍ୟକ୍ତିମାନଙ୍କ ପରିବାର ପୋଷଣ ନିମନ୍ତେ ରାଜସରକାରରୁ ବାର୍ଷିକ ବୃତ୍ତି ଜାଗିରରୂପେ ପ୍ରଦତ୍ତ ହୋଇଥାଏ । ଚନ୍ଦ୍ର-ଶେଖରଙ୍କ ଭାଗ୍ୟରେ ଯାହା ପଡ଼ିଅଛି ତହିଁରେ ଦୈନନ୍ଦିନ ପାରିବାରିକ ବ୍ୟୟ ସ୍ୱଚ୍ଛନ୍ଦରୂପେ ଚଳାଇ ସନ୍ତାନ ସନ୍ତତିମାନଙ୍କର ଅବଶ୍ୟକର୍ତ୍ତବ୍ୟ ସଂସ୍କାରାଦିରେ ରାଜପରିବାରୋଚିତ ବ୍ୟୟ ନିର୍ବାହିତ ହେବା ଅସମ୍ଭବ । ଉକ୍ତ ବୃତ୍ତି ବ୍ୟତୀତ ଅଧିକ କିଛି ଉପସ୍ଥିତ ରାଜାଙ୍କଠାରୁ ଆଶା କରିବା ଚନ୍ଦ୍ରଶେଖରଙ୍କ ପକ୍ଷରେ ଦୁରାଶା ବୋଲି କହିଲେ ଚଳେ । କ ଜାଣି କି ଅନୁଭବୀ କବି ଜନୈକ ରାଜାଙ୍କୁ ସମ୍ବୋଧନ କରି ହୃଦୟର ଆବେଗ ଢାଳି ଦେଇଥିଲେ ।—(ବୃଦ୍ଧି ପ୍ରସନ୍ନେ ସମଂ ପୁଣେନ, ଦ୍ୱୟପ୍ରସନ୍ନେ ସମଂ ଗୁଣେନ । ଉକ୍ତେ ବଚକ୍ତେ ଚ ଯଦେ ବଧୂନାଂ, ନିରର୍ଥକଃ କୁଙ୍କୁମପଙ୍କଭଙ୍ଗଃ ।) ରାଜା ଓ ସାମନ୍ତଙ୍କ ମଧ୍ୟରେ ମାନସିକ ସମ୍ବନ୍ଧ ପ୍ରୀତିକର ନୁହେ । ଉଭୟ ପକ୍ଷଙ୍କ ମୁଖରୁ ତହିଁର ଗୂଢ଼ କାରଣ ନିରୂପଣ କରିବାର ଆଶ୍ୱାସ ମଧ୍ୟ ଅପ୍ରୀତିକର ଓ ବିଶୃଙ୍ଖଳାମୟ ବୋଲି ପ୍ରତୀୟମାନ ହୁଏ । ବର୍ତ୍ତମାନତାବଶତଃ ଚନ୍ଦ୍ରଶେଖରଙ୍କ ପାଣ୍ଡିତ୍ୟ ମର୍ଯ୍ୟାଦା ତୁଲ୍ୟ ଅପମାନିତ ହେବା ଏବଂ ରାଜାଙ୍କ ବଦାନ୍ୟତା ଓ ସ୍ୱଜନପ୍ରେମ କୃପଣତା ଏବଂ ନିଷ୍ଠୁରତାରେ ପରିଣତ ହେବା ଆଶ୍ଚର୍ଯ୍ୟଜନକ ବିଷୟ ନୁହେ । ଏହା କୁହେଳିକାମୟୀ ଅମାବସ୍ୟା ।

ବ୍ୟକ୍ତିଗତ ଆଳାପ ଓ ସଂଘର୍ଷଣ ବ୍ୟତିରେକେ ପଠାଣି ସାମନ୍ତଙ୍କର ଅମାୟିକତା, ଶିଷ୍ଟାଚାର ଓ ପାଣ୍ଡିତ୍ୟର କଳନା କରିବା ବୃଥା ଶ୍ରମ ବୋଲି ଶୁଣିଅଛୁଁ । ଉତ୍ତରକାଳରେ ଶତ୍ରୁ ଓ ଦୃଷ୍ଟିର ବିବାଦ କେବେ ଯେ ଭଞ୍ଜନ ହେବ ତାହା ଅଧମର୍ଣ୍ଣଙ୍କ ଗୋଚର । ଆମ୍ଭେମାନେ ଏତାଦୃଶ ଅଦୃଷ୍ଟବାଦୀ, ଅଦୃଷ୍ଟ ଅର୍ଥ ଦ୍ରାଗ୍‌ଭଞ୍ଜନ ହୋଇ ପାରେ, କିନ୍ତୁ

ଅନୁଷ୍ଠାନ ଅବୋଧଗମ୍ୟ ଧର୍ମ-କେତୁ, ଏ ବିଷୟରେ ମତଦ୍ୱୈଧ ହୋଇ ନ ପାରେ । ବଙ୍ଗଦେଶୀୟ ମହାମହୋପାଧ୍ୟାୟ ମହେଶଚନ୍ଦ୍ର ନ୍ୟାୟରତ୍ନ ଓ ବିଶେଷତଃ କଟକ କଲେଜର ବିଜ୍ଞାନାଧ୍ୟାପକ ଶ୍ରୀଯୁକ୍ତ ଯୋଗେଶଚନ୍ଦ୍ର ରାୟ M. A. F. R. A. S. ଙ୍କ ଠାରେ ଉତ୍କଳ ଋଣୀ । ସେ ଋଣ ପରିଶୋଧ ହେବାର ନୁହେ ବା ହୋଇ ପାରିବ ନାହିଁ, ଏହା ନିଶ୍ଚିତ । ଯଶସ୍ୱୀ ଶ୍ରୀଯୁକ୍ତ ଯୋଗେଶ ବାବୁ ସାମନ୍ତଙ୍କର ଜଣେ ଗୁଣଗ୍ରାହୀ ଭକ୍ତ । ଉତ୍କଳରେ ଥାଇ ସୁଦ୍ଧା ଅମେଧ୍ୟରୁ କାଞ୍ଚନ ଗୋଟାଇବାର ଭାଗ୍ୟ କେତେକେ ଗୋଟିକୁ ଭଗବାନ୍ ଦେଇଥାନ୍ତି । ମହାପଣ୍ଡିତ ମାକ୍ସମୁଲର, ସ୍ୱନାମଧନ୍ୟ ରମେଶଚନ୍ଦ୍ର ଦତ୍ତ ଏବଂ ଭାରତ-ଖଣ୍ଡର ଓ ଶ୍ୱେତ ମହାଦେଶର ଅନେକାନେକ ମହାପୁରୁଷ ଯୋଗେଶଚନ୍ଦ୍ରଙ୍କ ନିଃସ୍ୱାର୍ଥ ମହାପୁରୁଷ-ପୂଜାର ଜୀବନ୍ତ ଛବି ଦର୍ଶନ କରି ମୋହିତ ହୋଇଅଛନ୍ତି ଓ ଯୋଗେଶଚନ୍ଦ୍ରଙ୍କୁ ଭାଗ୍ୟବାନ୍ ଆଖ୍ୟା ଦେଇ ଅଛନ୍ତି । ଓଡ଼ିଶାରେ 'ଏସା କରେଙ୍ଗା ତେସା କରେଙ୍ଗା, କାମ୍ ପଡ଼ଲେ ଯୋଇ ପଡ଼େଙ୍ଗା' ନୀତି ଚଳୁଅଛି । କିନ୍ତୁ ଚନ୍ଦ୍ରଶେଖର ଏ କ୍ଷେତ୍ରରେ ହେ ବାଗାଡ଼ମ୍ବର-ପୂର୍ଣ୍ଣ ସମାଜରୁ ସୁଦ୍ଧା ବଞ୍ଚିତ ହୋଇଅଛନ୍ତି । ବାର୍ଦ୍ଧକ୍ୟରେ ରୋଗାକ୍ରାନ୍ତ, ଶଯ୍ୟାଶାୟୀ, ରୁଣ-କାଳବଳିତ ହୋଇ ସୁଦ୍ଧା ମହାମହୋପାଧ୍ୟାୟ ତାହାଙ୍କର ଜ୍ଞାନଲାଳସା ଓ ବିଜ୍ଞାନାନୁଶୀଳନକୁ ଜଳାଞ୍ଜଳି ଦେଇ ନାହାନ୍ତି, ଏଥିରୁ ବଳି ପୂଜାର ବିଷୟ କଣ ହୋଇ ପାରେ ? ଷୋଡ଼ଶୋ-ପଚାର ପୂଜା ଦୂରେ ଥାଉ, ସେ ଅଦ୍ୟପର୍ଯ୍ୟନ୍ତ ଓଡ଼ିଶାର ଜଙ୍ଗଲମୟ ପ୍ରାନ୍ତରେ 'ଅପୂଜା-ଦେବତା' ମଧ୍ୟରେ ସୁଦ୍ଧା ଗଣ୍ୟ ହେଲେ ନାହିଁ । ସେ ଯେତେବେଳେ ମହାମହୋପାଧ୍ୟାୟ ମହେଶ-ଚନ୍ଦ୍ରଙ୍କ ଆମନ୍ତ୍ରଣକ୍ରମେ କଟକ-ନଗରୀକୁ ଶୁଭା-ଗମନ କରିଥିଲେ, ତତ୍ପୂର୍ବରୁ ଜୀବନରେ ସେ କୁମାପେ ଦୂରବୀକ୍ଷଣ ଯନ୍ତ୍ରର ସାକ୍ଷାତ୍କାର ଲାଭ କରି ନ ଥିଲେ, କିନ୍ତୁ ସ୍ୱାଧ୍ୟାୟ ଯୋଗେଶଚନ୍ଦ୍ର ତାହାଙ୍କୁ କଟକ କଲେଜର ବିଜ୍ଞାନାଗାରସ୍ଥ ଦୂରବୀକ୍ଷଣ ଯନ୍ତ୍ର ଦେଖାଇଲେ ଓ ତାହା ସଂଯୋଗ ଦ୍ୱାରା ଗ୍ରହ ଆଦିଙ୍କୁ ପ୍ରଦର୍ଶନ କରିବାରେ ସାମନ୍ତ କୃତକାର୍ଯ୍ୟ ହେବାର ଦେଖି ପାଶ୍ଚାତ୍ୟ ବିଜ୍ଞାନବେତ୍ତା ଯୋଗେଶଚନ୍ଦ୍ର ବିସ୍ମିତ ହୋଇ ଥିବାର ସ୍ୱୀକାର କରି ଅଛନ୍ତି । ପାଶ୍ଚାତ୍ୟ ବିଜ୍ଞାନ କଥା ଦୂରେ ଥାଉ, ଯେ ପାଶ୍ଚାତ୍ୟ ଶିକ୍ଷାର ଗନ୍ଧ ପର୍ଯ୍ୟନ୍ତ ସ୍ୱପ୍ନରେ ଆଘ୍ରାଣ କରି ନାହାନ୍ତି ତାହାଙ୍କର ଏପରି ଯନ୍ତ୍ରଚାଳନ-ପଟୁତାକୁ ଈଶ୍ୱରଦତ୍ତ ନ କହି ଆଉ କଣ କହିବାକୁ ହେବ ? ସେ ଯନ୍ତ୍ର ସାହାଯ୍ୟ ବିନା ସ୍ଥୂଳ ଚକ୍ଷୁରେ ଗ୍ରହ ନକ୍ଷତ୍ରାଦିର ପରସ୍ପର ଅନ୍ତର ପରିମାଣ ଓ ଦୂରବର୍ତ୍ତୀ ଉଚ୍ଚ-ବସ୍ତୁମାନଙ୍କର ଅଂଶାନୁକ୍ରମ ଉଚ୍ଚତା ଯାହା ଅନୁମାନ କରନ୍ତି ତାହା ପାଶ୍ଚାତ୍ୟ ସୂକ୍ଷ୍ମ ଯନ୍ତ୍ର ସାହାଯ୍ୟରେ ପରିମାଣିତ ଅଂଶାନୁକ୍ରମ ଅପେକ୍ଷା କଦାପି ଏକ ଅଂଶରେ ସୁଦ୍ଧା ଭିନ୍ନ ହୁଏ ନାହିଁ; ଏହା ଗଭୀର ଅଭିଜ୍ଞତା ଓ ସାଧନାର ପରାଗପୂର୍ଣ୍ଣ, ସାଧନା ଥିଲେ ବିଘ୍ନଗଣ ଅନାୟାସରେ ଅତିକ୍ରମ କରି ମାନବ ସିଦ୍ଧି ଲାଭ କରେ, ଏଥିର ପ୍ରତ୍ୟକ୍ଷ ଉଦାହରଣ ଚନ୍ଦ୍ରଶେଖରଙ୍କର ଆଡ଼ମ୍ବରଶୂନ୍ୟ ଓ ଅଧ୍ୟବସାୟପୂର୍ଣ୍ଣ ଜୀବନ । ଯେ ଜୀବନରେ କଦାପି ପାଶ୍ଚାତ୍ୟ ଯନ୍ତ୍ର ଦର୍ଶନ କରି ନାହାନ୍ତି ତାହାଙ୍କ ପକ୍ଷରେ ଅନୁମାନଦ୍ୱାରା ଦୂରବୀକ୍ଷଣର ବିପୁଳ କ୍ଷମତା ନିରୂପଣ କରିବା ସାମାନ୍ୟ ଆଶ୍ଚର୍ଯ୍ୟର ବିଷୟ ନୁହେ । ଗଣନା ସଙ୍ଗେ ଫଳର ସାମ୍ୟ ନ ଘଟିବାରୁ ସାମନ୍ତ ଫଳିତ ଜ୍ୟୋତିଷର ପ୍ରମାଦଶୂନ୍ୟତା ବିଷୟରେ ସନ୍ଦିହାନ । ସାମନ୍ତଙ୍କ ବୁଦ୍ଧି, ବିଦ୍ୟା, ଦୂରଦର୍ଶିତା, ସ୍ୱାଧୀନ ଚିନ୍ତା ଓ ଉଦ୍ଭାବନୀ ଶକ୍ତିର ପରିଚୟ ପାଇବା ନିମନ୍ତେ ମହାତ୍ମା ଯୋଗେଶଚନ୍ଦ୍ର ଯେତେ ସୁଯୋଗ ପାଇ ଅଛନ୍ତି ଓ ସେହି ସୁଯୋଗମାନଙ୍କର ସେ ଯେପରି ସଦ୍ବ୍ୟବହାର କରିଅଛନ୍ତି ଏହା ଅନ୍ୟ କୌଣସି ଲୋକର ଭାଗ୍ୟରେ ଘଟି ନାହିଁ, ଘଟିବ ନାହିଁ

ବୋଲି ସେଥି ଆମ୍ଭମାନଙ୍କ ପ୍ରଣତି । ଅପରନ୍ତୁ ସାହାଯ୍ୟ ଓ ଉପଦେଶ ଏବଂ ଉତ୍ସାହରୂପ ମୁଦ୍ରା ନ ପାଇ ମଧ୍ୟ ସ୍ୱକୀୟ ଅଧ୍ୟବସାୟ ଓ ଅଦମ୍ୟ ଚିନ୍ତା ଦ୍ୱାରା ମନୁଷ୍ୟ ପୃଥିବୀକୁ, ଏମନ୍ତ କି ଆକାଶମଣ୍ଡଳକୁ ମଧ୍ୟ ଅବଲୀଳାକ୍ରମେ ଜୟ କରିପାରେ, ଚନ୍ଦ୍ରଶେଖରଙ୍କ ଜୀବନରୁ ଆମ୍ଭେମାନେ ଏତିକି ମାତ୍ର ଏ କ୍ଷୁଦ୍ର ଜୀବନରେ ଶିକ୍ଷା ଲାଭ କରୁଁ । ଏ ଆମ୍ଭମାନଙ୍କର ମନଗଢ଼ା କଥା ନୁହେଁ, ପାଶ୍ଚାତ୍ୟ ବିଜ୍ଞାନବିତ୍‌ମାନଙ୍କର ଶୀର୍ଷସ୍ଥାନୀୟ ଆଚାର୍ଯ୍ୟ ମଣ୍ଡର୍ ସାହେବଙ୍କ ଉକ୍ତି ।

ସିଦ୍ଧାନ୍ତଦର୍ପଣ ଗଣନାକ୍ରମେ ରଚିତ ପଞ୍ଜିକା ବର୍ତ୍ତମାନ ଉତ୍କଳରେ ପ୍ରଚଳିତ । ତ୍ରିଂଶତ୍ ବର୍ଷ ପୂର୍ବରୁ ପୁରୁଷୋତ୍ତମ ତୀର୍ଥର ଜଗନ୍ନାଥ ଦେବଙ୍କ ମୁକ୍ତିମଣ୍ଡପରେ ପଣ୍ଡିତମାନଙ୍କ ବିଚାରକ୍ରମେ ଚନ୍ଦ୍ରଶେଖରଙ୍କ ଗଣିତ ପଞ୍ଜିକା ଅନୁସାରେ ଜଗନ୍ନାଥ ଦେବଙ୍କର ସମୁଦାୟ କାର୍ଯ୍ୟ ସମ୍ପାଦିତ ହୋଇ ଆସୁଅଛି । ଓଡ଼ିଶାର ନଗର ଜନପଦ ସବୁଠାରେ 'ପଠାଣିସାମନ୍ତ' ତାଙ୍କର ପଞ୍ଜିକା ଯୋଗୁଁ ସୁପରିଚିତ ଓ ପୂଜିତ ହେଉଅଛନ୍ତି । ସିଦ୍ଧାନ୍ତଦର୍ପଣକାର ଜଣେ ପ୍ରଧାନ ଜ୍ୟୋତିଷିକ ଓ କବି । ନାନାବିଧ ଛନ୍ଦୋବଦ୍ଧ ୨୫୦୦ ଶ୍ଲୋକରେ ସିଦ୍ଧାନ୍ତଦର୍ପଣ ପୂର୍ଣ୍ଣ । ଏଥିମଧ୍ୟରୁ ୨୨୮୪ ଶ୍ଲୋକ ସ୍ୱରଚିତ ଓ ୨୧୬ ଗୋଟି ଗ୍ରନ୍ଥାନ୍ତରୋଦ୍ଧୃତ । ଏ ଗ୍ରନ୍ଥରେ ଜ୍ୟୋତିଷର ଯାବତୀୟ ଜ୍ଞାତବ୍ୟ ବିଷୟ ସନ୍ନିବେଶିତ ହୋଇଅଛି । ସ୍ଥାନେ ସ୍ଥାନେ ଶ୍ଲୋକଗୁଡ଼ିକ କ୍ଲିଷ୍ଟତା ଦୋଷରେ ଦୂଷିତ । ଗଣିତ ଜ୍ୟୋତିଷରେ ଆମ୍ଭେମାନେ ଦଗ୍ଧକପଣ୍ଡିତ ବହୁଲେ ଚଳେ । ସାମନ୍ତଙ୍କ ବିଷୟରେ ଯାହା ଲେଖିବାକୁ ପ୍ରୟାସୀ ହୋଇଅଛୁଁ ତାହା କେବଳ ଅଧ୍ୟାପକ ଶ୍ରୀ ଯୋଗେଶଚନ୍ଦ୍ରଙ୍କ ଅନୁଗ୍ରହରୁ । ପ୍ରତ୍ନ[illegible] ସେ କର୍ବିଦାର ତତ୍ତ୍ୱରେ ସିଦ୍ଧାନ୍ତଦର୍ପଣସଂଯୁକ୍ତ ବହୁତ ଇଂରାଜୀ ଭାଷାର ଭୂମିକା ଓ ବଙ୍ଗୀୟ ସମ୍ବାଦପତ୍ରରେ ବହୁତ ପ୍ରବନ୍ଧାଦିର ସାରାଂଶ ଗ୍ରହଣ କରି ଲେଖିବାର ଅନୁମତି ପ୍ରଦାନ କରି ଆମ୍ଭମାନଙ୍କୁ ଅନୁଗୃହୀତ କରିଅଛନ୍ତି । 'ସିଦ୍ଧାନ୍ତଦର୍ପଣ ଗ୍ରନ୍ଥ ପ୍ରାଚୀନ ହିନ୍ଦୁ ଜ୍ୟୋତିଷ ଶାସ୍ତ୍ର ଉପଯୁକ୍ତପରିମାଣ ସଂସ୍କାର ସମ୍ପାଦନ କରି ହିନ୍ଦୁ ଜ୍ୟୋତିଷର ମୌଳିକତା ଓ ଶ୍ରେଷ୍ଠତା ରକ୍ଷା କରିଅଛି ।' ଅଷ୍ଟମଲ୍ଲିକର ପୂର୍ବତନ ଅଧୀଶ୍ୱର ମହାରାଜ ମହେନ୍ଦ୍ର ଦେବଙ୍କ ସାହାଯ୍ୟ ଓ ଶ୍ରୀ ଯୋଗେଶଚନ୍ଦ୍ର ବାବୁଙ୍କର ନିଃସ୍ୱାର୍ଥ ପରିଶ୍ରମ ଯୋଗୁଁ ଆଜି ଓଡ଼ିଆ ସିଦ୍ଧାନ୍ତଦର୍ପଣ ଗ୍ରନ୍ଥ ପାଇଅଛୁ, ତାହା ନ ହୋଇଥିଲେ ସାମନ୍ତଙ୍କ ସଙ୍ଗେ କେତେକ ବର୍ଷ ପରେ ତାଳପତ୍ର ପୋଥି ଖଣ୍ଡିକ ବାଲ୍ମୀକାଶ୍ରମରେ ପରିଣତ ହୋଇ ଓଡ଼ିଶାର ଗୋଟିଏ ଉଜ୍ଜ୍ୱଳ ଅମୂଲ୍ୟ ରତ୍ନମଣି କାଳ-ସମୁଦ୍ରଗର୍ଭରେ ନିକ୍ଷିପ୍ତ ହୋଇଥାନ୍ତା । ଗୁଣଗ୍ରାହୀ ଦୟାପର ଗଭର୍ଣ୍ଣମେଣ୍ଟ ସାମନ୍ତଙ୍କୁ ସମ୍ମାନସ୍ୱରୂପ 'ମହାମହୋପାଧ୍ୟାୟ' ଉପାଧିଦ୍ୱାରା ଭୂଷିତ କରି ପ୍ରତିଭା-ପୂଜାର ଉଦାହରଣ ଓଡ଼ିଶାକୁ ଦେଖାଇ ଅଛନ୍ତି । ସାମନ୍ତ ଅନେକ ସମୟରେ ଓଡ଼ିଶାର କେତେକ ରଜା ଜମିଦାରଙ୍କଠାରୁ (ଆହା ! ସେମାନଙ୍କ ସଂଖ୍ୟା ଜଣେ ପାଞ୍ଚ ବର୍ଷର ଶିଶୁ ଗଣନା କରି ପାରିବ) କିଛି ସାହାଯ୍ୟ ପାଇଅଛନ୍ତି । କିନ୍ତୁ ପରଲୋକଗତ ମହାରାଜ ମହେନ୍ଦ୍ର ଦେବଙ୍କ ଦାନ ସାମନ୍ତଙ୍କ ଅବସ୍ଥା ତୁଳନାରେ ଅଦ୍ୱିତୀୟ । ଗଞ୍ଜାମ ଅଞ୍ଚଳର ପ୍ରଜାବନ୍ଧୁର ସମ୍ପାଦକ ପଣ୍ଡିତ ଶ୍ରୀ ନୀଳମଣି ବିଦ୍ୟାରତ୍ନଙ୍କର ସାମନ୍ତଙ୍କୁ ସାହାଯ୍ୟ କରିବାର ବିଶିଷ୍ଟ ଚେଷ୍ଟା ଓ ଅଂଶତଃ ଫଳବାନ୍ ଉଦ୍ୟମ ଅବଶ୍ୟ ପ୍ରଶଂସାଯୋଗ୍ୟ, କିନ୍ତୁ ଜଣେ ଲୋକର ଚେଷ୍ଟାରେ ଯାହା ହେବାର ତାହା ହେବ ! କିନ୍ତୁ ଧନ-କୁବେରମାନଙ୍କର ନିଦ୍ରା ଭାଙ୍ଗିଥିଲେ ସବୁ ବିଷୟରେ ଓଡ଼ିଶାର ଆଜି ଏ ଶୋଚନୀୟ ଅବସ୍ଥା ହୋଇ ନ ଥାନ୍ତା । ଦେଶର ଅଧଃପତନ ସମ୍ବନ୍ଧରେ ସୁଖନିଦ୍ରା ତ ଭାଙ୍ଗେ ନାହିଁ, ଆଜି ଚନ୍ଦ୍ରଶେଖରଙ୍କ ପାଇଁ ଭାଙ୍ଗି ଗଲେ ଅବଦାନ

ଜାତିପ୍ରକୃତି ସହରେ ସେମାନେ ନାହାନ୍ତି । ଓଡ଼ିଶାର ଅଧିକାଂଶ ଜନସାଧାରଣ ମାନ୍ୟବର ଗୁରୁ ମହୋଦୟଙ୍କ ସାମନ୍ତ ଗୀତବିତରେ ଅବଗତ ନୁହନ୍ତି । ଗ୍ରନ୍ଥକୋଷରୁ ସେମାନଙ୍କ ପାଇଁ କିଛି ବିଭୂତି ଶ୍ରଦ୍ଧା ହେବା ନିମନ୍ତେ ଗବେଷଣାମାନଙ୍କୁ ଜଣାଇଅଛନ୍ତି ଶ୍ରୀ ଅନ୍ୟମାନେ ଅଛନ୍ତି ଗୋଲଅଛି, କିନ୍ତୁ ଭକ୍ତି ମନ୍ତ୍ର ହେବା ପୂର୍ବରୁ ସାମନ୍ତ ମହୋଦୟ ସାଙ୍ଗ ନ କରନ୍ତୁ, ଏହିକ କରୁଣ ନାମ ବନ୍ଧୁମାନଙ୍କ ନିକଟରେ ସପ୍ରଣାମ ଅନୁରୋଧ ପ୍ରାର୍ଥନା । ସିଦ୍ଧାନ୍ତ-ଦର୍ପଣ ନାଗରାକ୍ଷର ଓ ସଂସ୍କୃତଭାଷାରେ ମୁଦ୍ରିତ ଗ୍ରନ୍ଥ । ଭାଷାରେ ଅନୁବାଦିତ ନ ହେବାପର୍ଯ୍ୟନ୍ତ ତାହା ଓଡ଼ିଆ ଛାତ୍ରମାନଙ୍କର ବୋଧଗମ୍ୟ ହେବା ଦୁରୂହ । ଭବିଷ୍ୟତରେ ଯେ ଉପଯୁକ୍ତ ଅନୁବାଦକ କେହି ଭୂମିଷ୍ଠ ନ ହେବେ ଅମ୍ଭେମାନେ ଏହା କହୁ ନାହୁଁ, କିନ୍ତୁ ସାମନ୍ତ ଜୀବିତ ଥାଉଁ ଥାଉଁ ତାଙ୍କ ତତ୍ତ୍ୱାବଧାନରେ ତାଙ୍କର କୌଣସି ଯୋଗ୍ୟ ଶିଷ୍ୟଙ୍କଦ୍ୱାରା ତାହା ଅନୁବାଦିତ ହେବା ବାଞ୍ଛନୀୟ । ଏହିକାର୍ଯ୍ୟ ସମ୍ପାଦନ କରିବାକୁ ହିଉସ୍ଙ୍କୁ ବର୍ଷବ୍ୟାପୀ ଶ୍ରମ କରିବାକୁ ହେବ ଏହା ସାମନ୍ତ ମହାଶୟ କରିଅଛନ୍ତି । ଏହି ଭାବ ଅର୍ଥଗୌରବ । ଓଡ଼ିଆରେ ଏପରି ଉତ୍କୃଷ୍ଟ ଗ୍ରନ୍ଥ ନିଃସ୍ୱାର୍ଥ ଭାବ ଉପାସନା କରିବାକୁ ଆଉ କିଏ କହିଲେ ଚଳେ । ସମସ୍ତଙ୍କର ନିଜ ନିଜ ମାନଙ୍କ ଜୀବନରେ ଯାହା ସ୍ୱୀୟ, ଲୋକମାନଙ୍କ ଉନ୍ନତି ଅର୍ଥ ତାହାର ଉପଯୁକ୍ତ ଯତ୍ନ କରିପାରେ ନାହିଁ । ସେହିଠାରୁ ପ୍ରକୃତ ଦେଖାଯିବ । ଓଡ଼ିଶାର ସମ୍ପ୍ରତି ଯୁବକଙ୍କ ସଂଖ୍ୟା ଓ ଯୋଗ୍ୟତା ଅସ୍ଥାୟୀ । ସେମାନେ ଯେ ନିତାନ୍ତ ନିଶ୍ଚେଷ୍ଟ, ତାହା ଅନ୍ୟମାନେ ସ୍ୱୀୟ ଅନୁଭବରୁ ସ୍ୱୀକାର କରିବେ ନାହିଁ । ଅନେକ-ଗୁଡ଼ିଏ ସମ୍ପନ୍ନ ବୃତ୍ତି ସାମନ୍ତଙ୍କ ଅନ୍ତରରୁ ତଥା ସିଦ୍ଧାନ୍ତଦର୍ପଣ ପ୍ରତି ଅନୁଷ୍ଠ ଦେଇଅଛି ଏହା ଅମ୍ଭେମାନେ ହୃଦୟଙ୍ଗମ କରୁଛୁ 'ଅନ୍ୟାନ୍ୟ ବିଦ୍ୱାନଙ୍କ ତେ-ଗଣିତ ଜ୍ୟୋତିଷ ଶାସ୍ତ୍ରର' ଜାଣିଅଛୁ । ଫଳ ଲାଭ ଅଦୃଷ୍ଟ ଉପରେ ନିର୍ଭର କରେ । କିନ୍ତୁ ଚେଷ୍ଟା ତ ମନୁଷ୍ୟ ହାତରେ ।

ଗୋପାଳଚନ୍ଦ୍ର ପ୍ରହରାଜ ।

ବୁଢ଼ାବୁଢ଼ୀ ପାଟି ।

ଓଡ଼ିଶାର କଟକ ମାଇଲର ଅନ୍ତର୍ଗତ ନରସିଂହପୁର ରାଜପ୍ରାସାଦରୁ ଉତ୍ତରଦିଗକୁ ଚାହିଁଲେ ଦକ୍ଷିଣପୂର୍ବାଭିମୁଖୀ କେତେଗୁଡ଼ାଏ ପର୍ବତ-ଶ୍ରେଣୀ ଦେଖାଯାଏ । ସେଗୁଡ଼ାକ ଉକ୍ତ ରାଜ୍ୟସ୍ଥ ଭୂଗୋଳପ୍ରସିଦ୍ଧ ହିମଜାନ୍ତ ବୁଢ଼ାବୁଢ଼ୀ ପାଟି ପାହାଡ଼ଶ୍ରେଣୀର ଅନ୍ତର୍ଗତ । ବୁଢ଼ାବୁଢ଼ୀ ଦାଣ୍ଡୁଘଣ୍ଟୀଙ୍କ ନାମାନୁସାରେ ପାଟିର ନାମକରଣ ହୋଇଅଛି । ନରସିଂହପୁର ଗଡ଼ଥାନାଠାରୁ ପାହାଡ଼ଶ୍ରେଣୀର ପାଦଦେଶ ପ୍ରାପ୍ତ ସାଢ଼େ ମାଇଲ, ଶିଖରଭାଗ ପ୍ରାପ୍ତ ଦଶ ମାଇଲ ଅନ୍ତର । ଦୂରରୁ ପାହାଡ଼ ଦେହରେ କଟକର ଲାଲ ସଡ଼କପରି ଲମ୍ବବର୍ତ୍ତି ସୋପାନମାନ ଦେଖାଯାଏ । ଯଥା ହୋଇଥିଲେ କଦବ ଏଗୁଡ଼ାକୁ ପାହାଡ଼ର ସ୍ୱାଭାବିକ ବୋଲି କଳ୍ପନା କରିଥାନ୍ତେ, ଅନ୍ୟ ଟିକିଏ ଦୂରସ୍ଥ ହୋଇଥିଲେ 'ନାସିକାଗ୍ରରୁ କେଶ ପର୍ଯ୍ୟନ୍ତ' କଟା ସିନ୍ଦୂର ଟିକା ହୋଇଥାନ୍ତା । ଉପଯୁକ୍ତ ଉପମାଟିଏ ତ ମିଳୁ ନାହିଁ, କବିଙ୍କ ନ୍ୟାୟ୍ୟ ଅଧିକାରରେ ହସ୍ତକ୍ଷେପ କରିବା ଅନଧିକାରଚର୍ଚ୍ଚା ଓ ଅନୁଚିତ ଅଟେ, ଏହି ଆପତ୍ତି ଅଣ୍ଡା କରି ଖସିଗଲେ ହେଲା । ପୂର୍ବେ ପାହାଡ଼ଉପରୁ ଏହିସବୁବାଟେ ବଡ଼ ବଡ଼ ମୂର୍ତ୍ତି କାଠମାନ ଗଡ଼ାଇ ଦେଉଥିଲେ, ଏହା ଛଡ଼ା ପାହାଡ଼ଉପରୁ କାଠ ଆଣିବାର ଅନ୍ୟ ଉପାୟ ନ ଥିଲା । ଉପରୁ ଧର୍ମସାକ୍ଷୀ କରି ଢଳ ଛାଡ଼ ଦେଇ

କାଠ ବେଡ଼େଇ ଦିଅନ୍ତି, କାଠ ଗୁଡ଼ାକ ଘାଉଣ୍ଡ ଫୁଟ ଦୂରରୁ ପାହାଡ଼ ଶୃଙ୍ଗରେ ପାଏ ମାତ୍ର ଚାରି ସ୍ଥାନ ଉପରେ ଜୋରେ ପଡ଼େ । ଆଉ ଏକ କଥା ଏହି ପଥରେ, ଅନେକ ସମୟରେ ଏହାପରି ପଶ୍ଚି ହୋଇ ଯୋଗୁଁ ମହିଷ, ଏପରିକି ମନୁଷ୍ୟ ପର୍ଯ୍ୟନ୍ତ ଚାଲୁଥିବାବେଳେ ପଡ଼ି ଯାଆନ୍ତି । ପର୍ଯ୍ୟନ୍ତ ଜନ ପାଦଦ୍ୱାରା ସମସ୍ତେ ଅଟକାନ୍ତି ଶିକାରଙ୍କ ଦ୍ୱାରରେ ଓ ଜନସାଧାରଣରେ ପ୍ରାଣି-ହତ୍ୟାପାପରୁ ମୁକ୍ତ ହେଉଅଛନ୍ତି । କାଠ ଗୋଟାଳରେ ଅଂଶ ବାହା ନୁହେଁ, କୌଣସି କାଠ ଖଣ୍ଡ ଖଣ୍ଡ ହୋଇଯାଏ, କିମ୍ବା ମାଟିରେ ଅଟକି ଯାଏ ।

ଏହି ଘାଟି ଅତିକ୍ରମ କରି ଅନୁକୋଳ ଓ ହିନ୍ଦୋଳକୁ ଯିବାକୁ ହୁଏ; ଉକ୍ତ ପଥର ପଥ କେଉଁଠାରେ ବସି କେଉଁଠାରେ ଦାମୁଡ଼ି ପ୍ରାୟ ଏକ ମାଇଲ ପଥ ଉଠିବା ଓ ଖସିବା କିପରି କଷ୍ଟକର ତାହା ସହଜରେ ଅନୁମେୟ । ଅତି ସାବଧାନତାରେ ପ୍ରତି ପଦ ନିକ୍ଷେପ କରିବାକୁ ହେବ, ନଚେତ୍ ଯେଉଁ ପଥର ଉପରେ ଗୋଡ଼ ଦିଆ ହୋଇଅଛି, ସେ ଗଡ଼ି ପଡ଼ିଲେ ଏକାବେଳକେ 'ପତନ ଓ ମରଣ ଚ' । ପ୍ରାୟ ପାଞ୍ଚ ମାଇଲ ଭିତରେ ଗ୍ରୀଷ୍ମକାଳରେ ଏକବିନ୍ଦୁ ଜଳ ମିଳେ ନାହିଁ, ସାଙ୍ଗରେ ରଖି ନ ଥିଲେ ପାଣି ବିନା ପ୍ରାଣ ଯିବ । ଏ ଦୁର୍ଗମ ପଥରେ ପଥିକମାନଙ୍କ ପିଅର ଲାଗି ଏକମାତ୍ର ପରମ ସହାୟ । ଉଠି ନ ପାରୁଛ, ଅଛା କରି ଉଠ, ପିପାସା ହେଲା, ଲତା ଜୀବନ ଦେଇ ଅନ୍ୟଙ୍କ ଜୀବନ ରକ୍ଷା କରିବାକୁ ସଦା ପ୍ରସ୍ତୁତ । ପ୍ରଚଣ୍ଡ ଗ୍ରୀଷ୍ମ କାଳରେ ଲତାଟାଏ କାଟି ଦେଲେ ସେଥିରୁ ସ୍ୱଚ୍ଛ, ଶୀତଳ, ଅଳ୍ପ କଷାୟ ପ୍ରଚୁର ଜଳ ବାହାରେ, ତାହା ପିଇ ପଥିକେ ପ୍ରାଣ ରକ୍ଷା କରନ୍ତି । ଖାଲି ମନୁଷ୍ୟର ତ ଦଶା ଏପରି, ଯେଉଁମାନେ ଗୋରୁ ଛେଳି ନେଇ ବା ଚାଲାଣ ପ୍ରଭୃତି ନେଇ ଯାନ୍ତି, ସେମାନଙ୍କ ଦଶା କହିଲେ ନ ସରେ । ସ୍ତମ୍ଭନପଦ ବାନ୍ଧିବା ବିସ୍ତୀର୍ଣ୍ଣ ଓ ଦନ୍ତୁରାର ପଥର ସାମ୍ନା ... ପଡ଼ନ୍ତି । କାଉ କାଳ ଶବଦାରୁଣ ମୂଳକ କରୁ କରୁ କି ଯାତାଯାତର ବିପଦକୁ ବିଚାର ନ କରିଲୁ ବୈଷ୍ଣବ, ତାହା ନ ଦେଖିଲେ ବୁଝି ହେବ ନାହିଁ । ପାଶାନ୍ତରିକ ସରକାର ପ୍ରଚୁର ଅର୍ଥବ୍ୟୟ ଓ ଲୁହାର ଇଞ୍ଜିନିୟର ସାହାଯ୍ୟ ଚକ୍ରିମ ରାସ୍ତା କୌଶଳ ଓ କାରିଗରୀ ବଳରେ ପ୍ରସ୍ତୁତ କରିଥିବାରୁ ଚେଷ୍ଟିତ ହୋଇଅଛି । ପାହାଡ଼ କାଟି କାଟି ସାପବାଙ୍କ ବଙ୍କିମ (Zigzag) ପଥ କରା ହୋଇଅଛି, ଏହିଦ୍ୱାରା ମନୁଷ୍ୟରେ ଗୋରୁଗାଡ଼ି ଯିବା ଆସିବା କରୁଛନ୍ତି, ଅବଶ୍ୟକ ହେଲେ ମୋଟରଗାଡ଼ି ମଧ୍ୟ ଯାଉଛି । ଦୁର୍ଗମ ପଥକୁ ଏପରି ସୁଗମ କରିବା ଅଳ୍ପ ପ୍ରଶଂସାର କଥା ନୁହେ । ଏହି ପଥର ସଂସ୍କାର କାର୍ଯ୍ୟ ପ୍ରାୟ ଅନବରତ ଲାଗିଥାଏ, ଯେହେତୁ ବର୍ଷାକାଳର ସ୍ରୋତରେ ଅନେକ ସ୍ଥାନ ଧୋଇଯାଏ, କେତେକ ସ୍ଥାନରେ ଧସା ପଡ଼େ; ଏଥିପ୍ରତି ଶୈଥିଲ୍ୟ ଦେଖାଇଲେ ଯେଉଁ କଥାକୁ ସେହି କଥା ହେବ, ପ୍ରଚୁର ଅର୍ଥବ୍ୟୟହିଁ ସାର ହେବ ।

ଘାଟିଟିକୁ ପ୍ରାପ୍ତ ଚାରି ମାଇଲ ବା ପାଞ୍ଚ ମାଇଲ ଭିତରେ ଲୋକବସତି ନାହିଁ, ଯେଉଁ ଆଡ଼କୁ ଚାହିଁ, କେବଳ ଅରଣ୍ୟାନୀ, ସମ୍ମୁଖରେ ଯୋଜନ-ବିସ୍ତୃତ ଗିରିବର୍ତ୍ତ ଦଣ୍ଡାୟମାନ । ନାନା ଜାତି ବୃକ୍ଷ, ଲତା, ଗୁଳ୍ମ, ତୃଣରେ ବନ ପରିପୂର୍ଣ୍ଣ, ବୃକ୍ଷ ପତ୍ରଯୁକ୍ତ ଗୁଳ୍ମ ଘନ ସନ୍ନିବଦ୍ଧ କଲେ କେତେ ଜାତିର ଗୁଳ୍ମ ବା ଲତାର ଭାଣ୍ଡାର ସଂଖ୍ୟା ନାହିଁ । ଋତୁଭେଦରେ ନାନା ବର୍ଣ୍ଣର ଫୁଲ ଫଳରେ ବନର କମନୀୟତା ବଢ଼ି ଉଠେ । କେଉଁଠାରେ ମୟୂର ବୃକ୍ଷ ଉପରେ ବର୍ହ ତୋଳି ଆନନ୍ଦରେ ନାଚୁଛି, କେକା ଶବ୍ଦରେ ବନସ୍ଥଳ ମୁଖରିତ ହୋଇଅଛି, କେଉଁଠାରେ ବନ୍ୟ କୁକ୍କୁଟ କଣ୍ଟିକ ମନରେ ଖାଦ୍ୟ ଅନ୍ୱେଷଣ କରୁ କରୁ ସମୟୋଚିତ ଶବ୍ଦ କରୁଅଛି । ନାନା ଜାତି କ୍ଷୁଦ୍ର ପକ୍ଷୀମାନେ ଏଣେ ତେଣେ ବୁଲୁଅଛନ୍ତି, କେଉଁଠାରେ ମୃଗର

ଜଣ, କେଉଁ ଠାରେ ମାଟି ମାଡ଼ି ପଡ଼ିଅଛନ୍ତି, ଏହିପରି ନାନା ଭଗ୍ନାବଶେଷରୁ ମିଳାଇ କରୁଛି, ସେଥି ମଧ୍ୟ ମୂଳର କାରୁକାର୍ଯ୍ୟ ଶିଳ୍ପ ପରିଚୟ ପର୍ଯ୍ୟନ୍ତ ଅଦ୍ଭୁତ ବିବରଣ କରୁଅଛି । ଏହିସବୁ ଗୁମ୍ଫା ପୁରାଣର ନାହିଁ, କେବଳ ଐତିହାସିକ ଦୃଷ୍ଟି-କୋଣରେ ଦୃଷ୍ଟି ଦେଉଥିଲେ ଏ ସ୍ଥାନ ଛାଡ଼ି ଯିବାକୁ ଗୋଡ଼ ଚଳନ୍ତା ନାହିଁ । ଯେତେ ଦୂର, ସେତେ ଦୃଶ୍ୟ; ଜଙ୍ଗଲ ପ୍ରାଣୀ ଯେତେ, ଯାହା ମଧ୍ୟ ସେତେ; ବାଟରେ ଯାଉଁ ଯାଉଁ ହଠାତ କେଉଁଠି କାଠବୁଡ଼ା, ଶାଗୁଆଁ ଶିଶୁ ପଡ଼ିଛି, ଅନୁସନ୍ଧାନରେ ଜାଣିବ ବାଘ ମନୁଷ୍ୟ ବା ଗୋରୁକୁ ନେଇଗଲା, କାଠଗଡ଼ ଯାଇ ନ ପରି ପଡ଼ି ରହିଛି, କେଉଁଠାରେ ଅବା ରକ୍ତରଞ୍ଜିତ ଶାର୍ଦ୍ଦୁଳର ଅଣୁ ବିକଟର ନିଦର୍ଶନ ହୋଇ ରହିଛି; ଆଉ କେତେଦୂର ଗଲେ, ହଠାତ କୌଣସି ପାଦଯାତ୍ରୀ ବ୍ୟାଘ୍ରକବଳିତ ହିମ୍ପୃକର ନିର୍ଜନ ସ୍ଥାନ ଦେଖାଇ ଦେଖାଇ ଲୋକରେ ଅସ୍ଥିର କରିବ; ଏହିପରି ଯୁଗପତ୍ ହର୍ଷବିଷାଦ ଭୋଗ କରୁ କରୁ ପଡ଼ିବ ପାଦଦେଶରେ ପହଞ୍ଚିବାକୁ ହେବ । ଅତ୍ୟନ୍ତ ଜଳାଭାବ, ପୂର୍ବେ ପାଣ୍ଡବଙ୍କ ଗୋଟିଏ କୂପ ଥିଲା, ଜଣେ ବୈଷ୍ଣବ ସେ କୂପଟି ଖୋଳାଇ ଦେଇଥିଲା, ତାହାର ଶାନ୍ତ କ୍ଳାନ୍ତ ପଥିକମାନଙ୍କର କେତେ ଉପକାର ହେଉଥିଲା. ତାହା କଥାରେ କହିବାର ନୁହେଁ । ପାହାଡ଼ ଉଠିବା ପାଇଁ ପ୍ରଭୂତ ବଳ ଓ ଉତ୍ସାହ ପରେ ଶାନ୍ତ ଅପନୋଦନ କରିବା ଜଳହିଁ ଏକମାତ୍ର ଉପାୟ, ଏଥିଲାଗି ସିନା ଜଳର ନାମ ଜୀବନ ହୋଇଅଛି । ଏହିବାଟେ ଅଗଣିତ ପଥିକ, ବ୍ୟବସାୟୀ, ଭାରବାହୀ ଗୋରୁ ମହିଷ ନିତ୍ୟ ଚାଲୁଛନ୍ତି, ସମସ୍ତେ ଅଳ୍ପାୟିକ ଜଳର ଅଭାବ ଭୋଗୁଛନ୍ତି, କଷ୍ଟ ଭୋଗିବା ବା ଦେଖିବା ଦଣ୍ଡକ ଅମ୍ଭମାନଙ୍କର ଜନହିତୈଷଣା ବୃତ୍ତି ଜାଗ୍ରତ ହୋଇଥାଏ, କିନ୍ତୁ ସବୁ କଥା ସେହି ଦଣ୍ଡକପାଇଁ, ସେ ମୁହୂର୍ତ୍ତ ବିତିଗଲେ କିଏ କାହା ଆଡ଼କୁ ଚାହେଁ ? ଦୃଷ୍ଟି ନ ଥିଲେ କେ କାହାକୁ ପଚାରେ ? ସମ୍ପ୍ରତି ଡିଷ୍ଟ୍ରିକ୍ଟବୋର୍ଡ଼ ଅଧି-କାରୀମାନେ ମନୋଯୋଗୀ ହୋଇ ଜଳପାଇଁ ପାହି-ଖିଲା କୋଠା ଘାଟ ନିର୍ମାଣର ଅପେକ୍ଷା କରୁଛନ୍ତି, ଏଥିରେ କି ଜଳ ପାଇ ତତ୍ତ୍ୱ ପ୍ରକା ଶିତ କରିବାପାଇଁ ସ୍ଥଳ ଦେଖି ଜଳ ପଡ଼ିବାର ଜଣି ନୂଆ ପୋଖରୀ ଖୋଳିବା ଯାହା ନିର୍ଦ୍ଦେଶ ଅପେକ୍ଷା କରୁଥିଲେ । ଏମାନେ ଯୁବକ ସବୁ ଆଦରିବ ଓ ଶ୍ରୀ ମେକେଞ୍ଜିର ସାହେବଙ୍କର ମଧ୍ୟ ଉତ୍ସାହ ଥିଲା, କେତେଦୂର କଣ ହେଲା କହିଯାଇ ନ ପାରେ । ବିଶେଷ ଜ୍ଞାନ ଓ ସୁବିଧା ନ ପାଇଲେ ହିଂସ୍ର ପଶୁଙ୍କୁଳ ନିର୍ଜନ ସ୍ଥାନରେ ବେହଡ଼ ଚେଷ୍ଟିବା ଦୁଷ୍କର । ଏହା କେବଳ ପ୍ରଥମ ଚେଷ୍ଟା ନୁହେଁ । ବ୍ୟାଘ୍ର ମୃଗାଦି ବନ୍ୟ ପଶୁମାନେ ଶାନ୍ତ ରହିବେ ନାହିଁ, କହିବାର ସହାୟ ଜେତାକୁ ଜନବଳ ଧନବଳ ଆବଶ୍ୟକ । ଏ ସବୁ ସରକାରୀ ବିଶେଷ ସାହାଯ୍ୟ-ସାପେକ୍ଷ । ସମବେତ ଚେଷ୍ଟା, ଉତ୍ସାହ, ଉଦ୍ୟମ, ସୁବିଧା ଅଭାବରୁ ବହୁପ୍ରକୂ କେତେ ସ୍ଥାନ ଯେ ଅନ୍ଧକାର ଓ ହିଂସ୍ରପଶୁର ଆବାସ ହୋଇ ରହିଅଛି, କହିହୋଇ ନ ପାରେ ।

ଅନୁନ୍ନତଶୀଳ ସ୍ଥାନମାନଙ୍କର ପାଶ୍ଚାତ୍ୟ ନାମ-କରଣ ଗୋଟିଏ ବାଧ, କେଉଁର ପ୍ରାଚ୍ୟ ଭୂଖଣ୍ଡରେ ଏହା ଯେ କେମିତ ନମାନାବ ହୁଏ, ତାହା ଇଂରେଜ ମନକୁ ଆସନ୍ତି ନାହିଁ, ଦେବତା ଉଦ୍ଧୃତ ବାହର ହୋଇଯାଏ, ଏହା ତ ସନାତନ ନପୁମ । ଏ ଦେଶୀୟ ନାମ କଣ୍ଠ ସାହେବମାନେ ଯଥାଯଥ ଉଚ୍ଚାରଣ କରିପାରନ୍ତି ନାହିଁ । ଦେଶର କାହିଁକି, ପ୍ରଦେଶଭେଦରେ ଉଚ୍ଚାରଣର ପ୍ରଭେଦ । ଏବେ ଘନିଷ୍ଠ ସଂମିଶ୍ରଣରେ ଅନେକ ବଙ୍ଗାଳିଙ୍କର ଓଡ଼ିଆ ଉଚ୍ଚାରଣ, ଓଡ଼ିଅଙ୍କର ବଙ୍ଗଳା ଉଚ୍ଚାରଣ ଶୁଣିଲେ ସମ୍ପୂ ସମୟରେ ନ ହସି ରହି ହୁଏ ନାହିଁ । ଅଭିପ୍ରେତବୋଧକ ଉଦ୍ଦେଶ୍ୟରେ କଳ୍ପିତ ଗ୍ରାମର ନାମକରଣ ହୋଇ ଥିବ ତାହାର

ଉଦ୍ଦେଶ୍ୟ ହୋଇଥିଲା; ପ୍ରାୟତଃ ନାମକରଣ ଏହିଅର୍ଥରେ କରିବା ସ୍ଥିର ହୋଇଥିଲା । ସମସ୍ତଙ୍କୁ ବେଶି ଚେଷ୍ଟା କଲେହେଁ ଲୋକେ ନାମଟିର ବିଶୁଦ୍ଧ ଉଚ୍ଚାରଣ କରିପାରିଲେ ନାହିଁ. ସାହେବଙ୍କ ଚେଷ୍ଟାର ଫଳ ହେଲା, ଅତ୍ର—ହିଦାର—ଷ୍ଟୁଲ ! ତହୁଁପରେ ହଂସଲେଷଙ୍କର ନାମକରଣ କରିବା ଚେଷ୍ଟା ହୋଇଥିଲା, ତାହା ମଧ୍ୟ ବିଫଳ ହେଲା, ଶେଷରେ ସମ୍ରାଟପୁର (ସାମଗଞ୍ଜପୁର) ନାମକରଣ ସ୍ଥିର ହେଲା । କରଞ୍ଜିଆପୁରରେ ଭୂତପୂର୍ବ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ମେଟକାଫ୍ ସାହେବଙ୍କ ନାମାନୁସାରେ ମେଟକାଫପୁର ବୋଲି ଗୋଟିଏ ଗ୍ରାମ ଅଛି, ଗ୍ରାମର ନାମ ବର୍ତ୍ତମାନ ମିଟକାପୁରରେ ରହିଲାଣି, ପରେ କଣ ହେବ କିଏ ଜାଣେ ! ସମ୍ପ୍ରତି ଭାରତୀୟମାନେ ମୂଳ ଖୋଜି ଖୋଜି କେଉଁଠି ପହଞ୍ଚିବେ ତାହାର ଠିକଣା ନାହିଁ । ସମ୍ବାଦପତ୍ରରେ ପଢ଼ିଥିଲି, ବଙ୍ଗଦେଶର କୌଣସି ଜିଲ୍ଲା ବୋର୍ଡ ଗୋଟିଏ ପଥର ନାମ 'ମଂଟଫୋର୍ଡ ରୋଡ଼' ରଖିବା ସ୍ଥିର କରିଥିଲେ, ମଣ୍ଟେଗୁ ସଭାପତି କହିଲେ, ନାମଟି ଯଦି କଟମଟିଆ, ସହଜରେ ଉଚ୍ଚାରିତ ହେବ ନାହିଁ, ଅନ୍ୟ କୌଣସି ସହଜ ନାମକରଣ କରିବା ଉଚିତ । ତହିଁ ଅଧିକାଂଶ ସଭ୍ୟଙ୍କ ମତରେ ଭୂତପୂର୍ବ ମାଜିଷ୍ଟ୍ରେଟଙ୍କ ନାମାନୁସାରେ ପଥଟିର ପୁନର୍ବାର ନାମକରଣ 'କକରେଲ' ହେଲା ।

ବର୍ତ୍ତମାନ ଘାଟି ପାର ହେବାକୁ ଦୁଇଟି ପଥ, ଯାନବାହନ ଓ ସଡ଼କବାଟେ ଯିବା କଥା; ପାଦଚାରୀମାନଙ୍କ ମଧ୍ୟରୁ ଅନେକେ ସୁଗମ କଣ୍ଟକିତ ପଥ ଅଗ୍ରାହ୍ୟ କରନ୍ତି, ଅନେକେ ଅଣ୍ଟାର ବଳ ଓ ସାହସ ପ୍ରଦର୍ଶନାର୍ଥେ ହିଁ ସରଳ ଦୁର୍ଗମ ପଥରେ ଯାନ୍ତି; ସୁଗମ ପଥ ସାହେବଙ୍କ ସଡ଼କଦ୍ୱାରା ସମ୍ପନ୍ନ ହୋଇଅଛି. କେତେ ଲୋକ ବାହାଦୁରୀ ଦେଖାଇବା ପାଇଁ ଦୁର୍ଗମ ପଥରେ ଯାଇ ଗୋଡ଼ାଏ ଝାଳ ବୁହାଇ ଉଠି ପୁଣି ସଡ଼କରେ ଯାନ୍ତି । ଘାଟି ଦିଗରୁ ପ୍ରାକୃତିକ ଦୃଶ୍ୟ ଅତିଶୟ ସୁନ୍ଦର, ଯାହା ବର୍ଣ୍ଣନା କରିବା ପାଇଁ କବି ହିଁ ସମର୍ଥ, ଆମ୍ଭମାନଙ୍କ ଲେଖନୀ ସେଥିପ୍ରତି ସମ୍ପୂର୍ଣ୍ଣ ଅନୁପଯୋଗୀ । ସକଳ ସମୟ ପ୍ରକୃତିର ଅରଣ୍ୟ ସାମାନ୍ୟ ବର୍ଷଣଶୀଳ ମେଘଅଭ୍ର ଦେଖାଯାଏ, ଘାଟି ସଡ଼କଟି ହୋଇଥିବା ସେତେ ବର୍ଣ୍ଣିତର ଗୋଲମ୍ବଦୃଶ୍ୟ । ଟାହାର ପଶ୍ଚାତ୍ ଜନ୍ୟ ମହିମା କୋଟିଗୁଣେ । ଉପତ୍ୟକା ପର୍ଯ୍ୟନ୍ତ ସର୍ବଦେବ ଦର୍ପଣ । ବିଶାଳକାୟ ମହାନଦୀ 'ହରି ଦର୍ଶ ସମ୍ମୁଖରେ ଆପଣ ରହିଛି'; ମୌକ୍ତିକଚୂର୍ଣ୍ଣପୂର୍ଣ୍ଣ ଶେଷରେ ଶୁଭ୍ରରଞ୍ଜିତ ହାରଟିଏ ପଡ଼ିଛି କି ? ପାହାଡ଼ଗୁଡ଼ିକ ଶତ୍ରୁ ଆକ୍ରମଣରୁ ଦେଶ ରକ୍ଷା କରିବା ଲାଗି ଘାଟି ଜଗି ବସିଛନ୍ତି କି ? ଦୂରସ୍ଥିତ ଗ୍ରାମମାନଙ୍କର ହେମନ୍ତହିଁ ସତ, ପର୍ବତ ଯୋଗ ସେଗୁଡ଼ିକୁ ଉପହାସ କରୁଛି ! ମନୁଷ୍ୟ ଏଥିଲାଗି ପୁଣି ଏତେ ବଡ଼ାଇ କରେ ! ଘାଟି ପାହାଡ଼ ନାନାବିଧ ବୃକ୍ଷବଲ୍ଲୀ ତରୁଲତାରେ ପୂର୍ଣ୍ଣ, ତାହା କେଉଁଠାରେ ସୂର୍ଯ୍ୟକିରଣୋଦ୍ଭାସିତ ଗୌରବଦ୍ୟୁତିକ, କେଉଁଠାରେ ବା ଛାୟାଚ୍ଛାଦିତ ଗମ୍ଭୀର । ଏକପାଖକୁ ଚାହିଁଲେ ମୁଣ୍ଡ ବୁଲିଯିବ, କୌଣସି କ୍ରମରେ ଦେହରୁ ଗୋଡ଼ ଖସିଲେ ହାଡ଼ପାଟଳରେ ଯାଇ ପଡ଼ିବ । ପୂର୍ବ-କଟକରେ ଘାଟି ପାହାଡ଼ ଦ ଦ୍ରୁ ନୂଚ୍ଚ; ବାଉଁଶବଣ ଅସଂଖ୍ୟ କହିଲେ ହୁଏ । ଶାଳ, ପିଆଶାଳ, ଶିଶୁ ପ୍ରଭୃତି ବହୁମୂଲ୍ୟ ବୃକ୍ଷ ସବୁ ଆକାଶ ଛୁଇଁବାକୁ ଯୋଗ ନେଇ ଯେପରି ଉଠୁଛନ୍ତି । ଅଧିକାର ସୁବିଧା ନ ଥିବାରୁ, କେତେ ଯୋଗ ହେବାର ଆଶା ନ ଥିବାରୁ କେତେ କେତେ କାଠ ବାଉଁଶ ବଣରେ ପଡ଼ି ସଢ଼ୁଛି, ପଞ୍ଚଭୂତ ପଞ୍ଚଭୂତରେ ବିଲୀନ ହେଉଛି । ଏସବୁ ପାହାଡ଼ରେ ନିଆଁ ଲାଗିଥିବା ସମୟରେ ମହାନଦୀର ଅନ୍ୟ ପାର୍ଶ୍ୱର ପାହାଡ଼ଗୁଡ଼ିକର ଦୀପ୍ତକାଳୀନ ଦୃଶ୍ୟ ଅତି ବିଚିତ୍ର । କେତେ ପଇସା ଖରଚ କଲେ ଏତେ ସୁନ୍ଦର ରୋଷଣୀ ହେବ ? କେଉଁ ଜିଲ୍ଲା ଏ ଖାଜନା ବସି ଦେଖିଛନ୍ତି ?

ଘାଟିର ଶିଖରଦେଶରେ ବୃକ୍ଷ ମୂଳେ ବୁଢ଼ା-ବୁଢ଼ୀ ଠାକୁରାଣୀଙ୍କ ପୀଠ । ଶିଳ୍ପିର ଶିଳ୍ପଚାତୁର୍ଯ୍ୟ ନାହିଁ, କନ୍ଦର୍ପକାନ୍ତି ଖୋଦିତ ପାଷାଣର ଦେଉଳ ନାହିଁ । ଶିଳ୍ପିର ଚାତୁର୍ଯ୍ୟ ରହିବ କାହିଁ କି ଖୋଦିତ ମନ୍ଦିର ରହିବ କାହିଁ, ସବୁ ଦିନେ କାଳର କରାଳ କବଳରେ ଚୂର୍ଣ୍ଣ ବିଚୂର୍ଣ୍ଣ ହେବ, ଯେଉଁ ମାଟି ପଥରକୁ ସେହି ମାଟି ପଥରହିଁ ରହିବ । ତେବେ ଏତେ ଆଡ଼ମ୍ବରରେ ଲାଭ କଣ ? କଥାରେ କହନ୍ତି 'ମାନିଲେ ଠାକୁର, ନ ମାନିଲେ ପଥର' । ହୃଦୟରେ ଭକ୍ତି ଥିଲେ ଦେବ ପ୍ରସନ୍ନ, "ଅଗ୍ନୌ ଦେବୋ ଯଜ୍ଞ ବିପ୍ରସ୍ୟ ଭବେତ୍ କମ୍, ନାସ୍ତ୍ରେ ଦେବୋ ଯବ ବିନ୍ଦୁପସ୍ୟ ଭବେତ୍ କମ୍ । ଅନ୍ତର୍ଦେବୋ ବିଚିତ୍ରସ୍ୟ ଭବେତ୍ ଦେବ ଚାନ୍ତର୍ବହିର୍ଗତ ବିଦ୍ୱତ୍ତପସ୍ୟ ଭବେତ୍ କମ୍ ।" ତେବେ ଏଣିକି ନୈସର୍ଗିକ ଦୃଶ୍ୟରେ ଦେବୀଙ୍କର ଅବର୍ଣ୍ଣନ କଳ୍ପିତ ହୋଇ ଅଛି; ବିଳାସର ଗନ୍ଧ ନାହିଁ, ଘୃଣା ଭେଦ ଭ୍ରାନ୍ତିର ସମ୍ପର୍କ ନାହିଁ, ପୂଜାର ଆଡ଼ମ୍ବର ନାହିଁ; କିନ୍ତୁ ଆର୍ଯ୍ୟ ଅନାର୍ଯ୍ୟ ସମସ୍ତଙ୍କର ଠାକୁରାଣୀଙ୍କଠାରେ ଅଚଳା ଭକ୍ତି । ଲୋକଙ୍କର ବିଶ୍ୱାସ, ପୂଜା ନ ଦେଲେ ଶିକାର ବ୍ୟର୍ଥ ହୁଏ । ଗଜପତିଙ୍କ ଆଜ୍ଞାରୁ ଏଥିପାଇଁ ଖଞ୍ଜା ଅଛି, ଦେହୁରି ପୂଜାଦି କରେ, ଲୋକେ ମାନସିକ କରି ମାଟିଘୋଡ଼ା, କାଠ ଛତା ପ୍ରଭୃତି ଉପହାର ଦିଅନ୍ତି । ତାଳପତ୍ର ଛତା ଅଭାବରେ କାଠି ଖଞ୍ଜି ଦୁଇ ଖିଅ ସୂତା ଗୁଡ଼ାଇ ଦେଲେ ଛତା ହେଲା, ମାଟି ପିଣ୍ଡୁଳାରୁ ଚାରିଟା ଗୋଡ଼, ମୁଣ୍ଡ, ଲାଞ୍ଜ, କାନ ଦୁଇଟା ବାହାର କରି ପୋଡି ଦେଲେ ଘୋଡ଼ା ହେଲା । ଯାହା ଦେଖିବ ସବୁ ଆଡ଼ମ୍ବରଶୂନ୍ୟ ।

ଘାଟି ଉପରେ ଅଧିତ୍ୟକାର ଜଳବାୟୁ ଅତି ଶୀତଳ; ବୈଶାଖ, ଜ୍ୟେଷ୍ଠରେ ରାତିରେ କଅଁ ଘୋଡ଼ାଇବାକୁ ହୁଏ, ଅନ୍ତତଃ ଦେହରେ ଲୁଗା ନ ଦେଲେ ନ ଚଳେ । ସମତଳ ଅପେକ୍ଷା ଋତୁବଦଳ ପ୍ରାୟ ମାସେ ବିଳମ୍ବ, ଶୀତ ଆଦି ଶେଷ ହେବା ବେଳକୁ ଘାଟି ଉପର ଆମ୍ବ ପାଚିବାକୁ ଆରମ୍ଭ ହୁଏ, ସମସ୍ତ ତଳି ଖାଲି ଆମ୍ବ ଶେଷ ହୋଇଣ । ଘାଟି ଉପରେ ଆରୁଆ ମାଟିର ଲୋଡ଼ା ନିମନ୍ତେ ପ୍ରଶଂସା ହେଉଅଛି । ସମ୍ଭବତଃ କଳିର ଅନ୍ତ୍ୟ ଶୀତଳତାରୁ ଏପରି ନାମକରଣ ହୋଇଅଛି । ଜଳ ଦେଖିବାକୁ ଅତ୍ୟନ୍ତ ସ୍ୱଚ୍ଛ, ନିର୍ମଳ, ଶୀତଳ, ଯେଉଁମାନେ ବ୍ୟବହାର କରିଅଛନ୍ତି ସେମାନେ ମିଷ୍ଟ ବୋଲି କହନ୍ତି, କିନ୍ତୁ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର, ବ୍ୟବହାରି କଲେ ପ୍ଲୀହାଯୁକ୍ତ ଜ୍ୱର ଅନିବାର୍ଯ୍ୟ, କିଛି ଦିନ ବଞ୍ଚିଣ ଥିବାକୁ ହୁଏ । ଏ ପାଣିରେ ଡାଲି ଭାତ ରାନ୍ଧି ପର୍ଯ୍ୟନ୍ତ ଭଲ ସିଝି ହୁଏ ନାହିଁ, ଚୂନ ଏ ଲଙ୍କାମରିଚ ପକାଇଲେ ସୁଦ୍ଧା ସେଥିର ସ୍ୱାଦ ହୁଏ ନାହିଁ । ନିବିଡ଼ ଜଙ୍ଗଲ ମଧ୍ୟରେ ଯାଇଥିବାରୁ ଓ ଅନେକ ପଦାର୍ଥର ସମ୍ପର୍କରୁ ଏପରି ଦୋଷବିଶିଷ୍ଟ ହୋଇଥିବାର ସମ୍ଭବ । ଏ ଗିରିନଦୀଦ୍ୱାରା ନରସିଂହପୁରର ବେଶି କିଛି ଉପକାର ହେଉ ନାହିଁ, ନରସିଂହପୁରରୁ ବାହାରି ବଡ଼ାମ୍ବା ହୋଇ ମହାନଦୀରେ ମିଳିତ ହୋଇଅଛି, ବଡ଼ାମ୍ବାର ଅଧିକାଂଶ ଶସ୍ୟକ୍ଷେତ୍ର ଏହି ଗିରିନଦୀ ପ୍ରସାଦରୁ । ସମତଳରେ ଲୋକେ ତ ଏହାର ଜଳ ବ୍ୟବହାର କରନ୍ତି, ପୀଡ଼ା ତ ହୁଏ ନାହିଁ ? ଘାଟି ଉପରର ଅସ୍ୱାସ୍ଥ୍ୟକର, ଶୀତ ଦିନ ବିଶେଷତଃ । ଅନ୍ୟ ସ୍ଥାନର ଲୋକେ ସେଠାରେ ରହିବାକୁ ସହଜରେ ସ୍ୱୀକୃତ ହୁଅନ୍ତି ନାହିଁ, ରହିଲେ ଜ୍ୱର କଷ୍ଟପ୍ରଦ ହେବ, ସମସ୍ତ ସମୟରେ ଜ୍ୱର ଆସିବାକୁ ମଧ୍ୟ ହୁଏ । ଜଳ ଉଷୁମ କରି ବ୍ୟବହାର କଲେ, ଭୁଇଁରେ ନ ଶୋଇଲେ, ଦୁଇ ଚାରି ଦିନ ରହି ବାହାରି ଆସିଲେ, ସେଠି ଭାର କରି ନ ଖାଇଲେ ତେବେ ଆଶଙ୍କା ନାହିଁ । ରହିବା ପାଇଁ ଭଲ ବାସଗୃହ ନ ଥିଲା, ବର୍ତ୍ତମାନ ଗୋଟିଏ ବଙ୍ଗଳା ଖୋଲା ହେଉଛି, କୂଅ ଖୋଳା ହେଉଛି, ନିକଟର ଜଙ୍ଗଲ ପରିଷ୍କାର ହେଉଛି; ସ୍ୱାସ୍ଥ୍ୟକର ଉପାୟ ପ୍ରଚଳନଦ୍ୱାରା ଦିନେ ପ୍ରକୃତିର ପରିବର୍ତ୍ତନ ହୋଇ ସୁନ୍ଦର ସ୍ୱାସ୍ଥ୍ୟାବାସ ହୋଇ

ପାରେ । ଲେମ୍ବୁ ଏଠି ପୁଣି ଏ ପ୍ରକୃତି ଅନୁକୂଳ, ଏ ଅଞ୍ଚଳର ଜମ୍ବୀରଲେମ୍ବୁ ପିଂଲିଟି ଲେମ୍ବୁ ପରି ପୁଷ୍ଟ ନୁହେଁ, ଟିକେ ପର୍ଯ୍ୟନ୍ତ ରହେ, କାଗଜିଲେମ୍ବୁ ମଧ୍ୟ ଭଲ ଓ ସରସ । ପୂର୍ବର ଜମ୍ବୀରଲେମ୍ବୁ ଗଛ କେତୋଟି ବର୍ତ୍ତମାନ ସଜ୍ଜିଅଛି, ସ୍ବତନ୍ତ୍ର ଭାବରେ ଲେମ୍ବୁ ବଗିଚା କରିବାର ଆବଶ୍ୟକ ହୋଇ ଅଛି, ତାହା ଲାଭଜନକ ହେବାର ସମ୍ପୂର୍ଣ୍ଣ ଆଶା । ସନ୍ତ୍ରା, କଖାରୁ, କାକୁଡ଼ି ମଧ୍ୟ ଭଲ ହେବ ।

ସର୍ବଦା ବନ୍ୟ ଜନ୍ତୁର ଭୟ, ହାତୀ, ବାଘ, ହରିଣ, ନାନାଦି ପକ୍ଷୀ ଶସ୍ୟର ଅତ୍ୟନ୍ତ କ୍ଷତି କରନ୍ତି । ଗଛରେ ପଣସ ହୋଇଅଛି, ଗୃହସ୍ଥ ଆଶା କରିଛି ଖାଇବ, ସକାଳୁ ଦେଖିବା ବେଳକୁ ହାତୀ ଆସି ସବୁ ଖାଇ ଯାଇଛି । କୃଷକମାନଙ୍କୁ ଭଡ଼ ବାନ୍ଧି ୬ ମାସ ଖେତ ଜଗିବାକୁ ହୁଏ, ପରିଲୁ ଶସ୍ୟ ନ ଆସିବା ଯାଏଁ ନିଶ୍ଚିନ୍ତ ନାହିଁ । ଏମାନଙ୍କ ସାପ ମଧ୍ୟ କମ ନୁହେଁ, ସୀମନ୍ତ ପର୍ଯ୍ୟନ୍ତ ହେଲା ଲୋକ ହାତେ ପଡ଼ିରେ ଯାଆନ୍ତି । ବଣ ହାତୀ ଏଡ଼ା ଉଚ୍ଚରେ ପାରିଲା ଯାକଯାକ ଖାଇ ନଷ୍ଟ କରି ଚାଲିଯାନ୍ତି, ଉଷା ମୁଣ୍ଡରେ ହାତ ଦେଇ ବସେ । ଆଗେ ଖୋଳ ଖୋଳି ହାତୀ ଧରୁଥିଲେ, ଖୋଳ ପ୍ରଥା ଅତି ନିଷ୍ଠୁର, ସରକାରୀ ଅଦେଶ-ହେତୁ ତାହା ବର୍ତ୍ତମାନ ଉଠିଯାଇଅଛି । ସାତ ଆଠ ହାତ ଲମ୍ବ, ତିନି ଚାରି ହାତ ଓସାର, ସାତ ଆଠ ହାତ ଗଭୀର ଗାତ ଖୋଳି ତାକୁ ଲତା ପତ୍ରଦ୍ୱାରା ଘୋଡ଼ାଇ ଦିଅନ୍ତି, ନିରାପଦ ସ୍ଥାନ ମନେ କରି ନିଶ୍ଚିନ୍ତ ମନରେ ଆସୁ ଆସୁ ହାତୀ ତା ଭିତରେ ଗଳି ପଡ଼େ । ପ୍ରାୟ ଗୋଟାଏ ହାତୀ ଖୋଳରେ ପଡ଼େ, ମଝପୁ ସମ୍ମୁଖରେ ମା ପିଲା ହୋଇ ଦୁଇ ତିନୋଟି ପଡ଼ିଯାନ୍ତି । ସାଧାରଣତଃ, ଗୋଟିଏ ବାଛି ରଖି ଅନ୍ୟମାନଙ୍କୁ ଛାଡ଼ି ଦିଅନ୍ତି ବା ଜଙ୍ଗଲରେ ବା ଦଳାଦଳି ହୋଇ ସେମାନେ ମରି ଯାଉଥାନ୍ତି । ଖୋଳରେ ପଡ଼ିବା ପରେ ଭୁ-ଭୁଲ୍ଲା ଓ ଅନାହାରରେ ଏବଂ ଉଦ୍ଧାର ଚେଷ୍ଟାରେ ବାହାରର କ୍ଷତ ହୋଇ ହାତୀ ଫୁଟିଲା ଲୋଥ ପଡ଼େ, ଉଚ୍ଚସ୍ଥଳର ନାହିଁ, ଗଛ ଡାଳ ଉପରେ କୌଣସିଠାରେ ବାନ୍ଧି ରଖନ୍ତି । ଖୋଳ ହାତୀ ପ୍ରଥମ ପଡ଼ିବା ଅବସ୍ଥାରେ ମରିଯାଏ, ଯେ ବଞ୍ଚିଯାଏ ସେ ଅଳ୍ପଦିନ ଭିତରେ ରହେ ନାହିଁ, ତାହା ଦେହରେ ପ୍ରକାଣ୍ଡ ଘା ହୁଏ, ସେହି ଘାର ଦାରୁଣ ଯନ୍ତ୍ରଣାରେ ତାହାର ଉଦଳୀନା ସ୍ଥାଙ୍କ ହୁଏ, କେହି କେମନ୍ତ ହୁଏ, ତାହାର ଶୋଚ ଅବର୍ଣ୍ଣନୀୟ ହୋଇଯାଏ । ସଦୟ ଶୀଳର ଏହିପରି ଖୋଳଦ୍ୱାରା ଅନେକ ସମ୍ପୂର୍ଣ୍ଣ ହୁଏ । ଏହି ଅଞ୍ଚଳରେ ଅନେକ ବଣ ହାତୀ ଅଛନ୍ତି, ଅଠମଲିକ, ଅନୁଗୋଳ, ହିନ୍ଦୋଳ, ନରସିଂହପୁରର ବଣ ଲାଗିଥିବାରୁ ସୁବିଧାରେ ରହିବାର ସୁବିଧା ହୋଇଅଛି, କେତେକ ବର୍ଷ ତଳେ ଅନୁଗୋଳରେ, ଗତ ବର୍ଷ ହିନ୍ଦୋଳରେ ଖେଦାଦ୍ୱାରା ଅନେକ ହାତୀ ଧରା ହୋଇଥିଲେ । ନରସିଂହପୁରରେ ଆଜି କାଲି ଗୋଟାଏ ବଡ଼ ବଣହାତୀ ଗୋଟାଏ ଖାଲୁଅ କାଠ ଦେଇ ସର୍ବଦା ବୁଲୁଛି, ଚାଲିବା ବେଳେ ଅଚଣା ସ୍ଥାନରେ ଅଳ୍ପ ବାଡ଼ି ମାରି ଚାଲିବା ପରି ସେ କାଠଟିକୁ ଆଗରେ ବାଡ଼ି ମାରି ଚାଲେ, ମନୁଷ୍ୟ ଦେଖିଲେ ତାକୁ ପୋପାଡ଼ି ଅନୁସରଣ ମଧ୍ୟ କରେ । ସମ୍ଭବତଃ ସେ ଖୋଳରେ ପଡ଼ିଥିଲା, ଉଦ୍ଧାର ପାଇଛି, ସ୍ଥାନ ନିରାପଦ କି ନା ଦେଖିବା ପାଇଁ ଏ ଉପାୟ କରୁଛି । 'ଶିଖିଲୁ କେଉଁଠି, ନା ଠିକିଲି ଯେଉଁଠି' । ସାଙ୍ଗରେ ପାଳିତ ହାତୀ ଥିଲେ ତାହିଁ ଉପରେ ସାବଧାନ ଭାବରେ ରାତିଯାପନ କରିବାକୁ ହୁଏ, ପୋଷା ହାତୀଙ୍କ ଶବ୍ଦ ଶୁଣି, ଗନ୍ଧ ପାଇ, ଏମାନଙ୍କୁ ଉଦ୍ଧାର କରିବାପାଇଁ ବଣହାତୀଙ୍କର ଆସିବାର ବିଶେଷ ଆଶଙ୍କା । ପୋଷା ହାତୀ ଭାଷା ଓ ବଣ ହାତୀ ଭାଷା ସମ୍ପୂର୍ଣ୍ଣ ଭିନ୍ନ, ମାତଲେ ଦୂର ମଣ୍ଡଳ ଅନ୍ତରରେ ବଣ ହାତୀଙ୍କ ଭାଷା ଶୁଣିବା ମାତ୍ରକେ ପୋଷା ହାତୀ ଚଞ୍ଚଳ ଓ ଉଚ୍ଛୃଙ୍ଖଳ ହୁଅନ୍ତି, ସେମାନଙ୍କ ସହିତ ମିଶିବାକୁ ଚେଷ୍ଟା କରି ଗର୍ଜନ ଛାଡ଼ନ୍ତି, ବଣ ହାତୀ ମଧ୍ୟ

ପୁଷ୍ପିତ ଦାନ୍ତ । ଏଣୁ ତାକି, ବାନ୍ଧ ସା- ସାବଧାନ ରହିବାକୁ ହେବ । ପାହାଡ ନାଳୀଆ ଅତ୍ୟନ୍ତ ଭୟ । ତାହା ଆଗରୁ ଜଣାଇ ଦେବା ଆବଶ୍ୟକ ହେବ ।

ଏ ଅଞ୍ଚଳର ଲୋକେ ଅପର୍ଣ୍ଣାକୁ, ଦେବତାଙ୍କୁ ଦେଇ ନ ଦେବା ପର୍ଯ୍ୟନ୍ତ କୌଣସି ଫଳ ମୂଳ ବ୍ୟବହାର କରନ୍ତି ନାହିଁ, ଦେବତା ଅସନ୍ତୁଷ୍ଟ ହେବା ଭୟରେ କେହି ତାହାର ବାଡ଼ିରୁ ଅଙ୍ଗୀକାରପୂର୍ବରେ ଫଳ ମୂଳ ଧରିବା କେବେ ନାହିଁ । ପୂର୍ବେ ବସନ୍ତ ଭିନ୍ନ ଅନ୍ୟ ସଂକ୍ରାମକ ରୋଗ ନ ଥିଲା, ବର୍ତ୍ତମାନ ବସନ୍ତ ସ୍ଥାନେ ସ୍ଥାନେ ଅଧିକ ବ୍ୟାପ୍ତ କଲାଣି । ଲୋକଙ୍କର ଅବସ୍ଥା ଭଲ ନୁହେଁ, ସାଧାରଣ ଲୋକଙ୍କର ଅରଣ୍ୟଜାତ ଫଳ ମୂଳ କଇଁଚ, ଟୁଙ୍ଗା, ମଞ୍ଜି, ଜଡ଼ିବା ପ୍ରଧାନ ଖାଦ୍ୟ; କୃଷିଜାତ ଶସ୍ୟଦ୍ୱାରା ଗୁଜୁରାଣ ଚଳାନ୍ତି, ଲୁଗାପଟା କରନ୍ତି, ଯାହା କିଛି ଶସ୍ୟ ବାକି ରହେ, ତାହା ନିପାଦେୟ ବନାସ-ଖାଦ୍ୟ ପରି ବ୍ୟବହୃତ ହୁଏ । ବଣ ଫଳ ମୂଳ ବିକି ଲୁଣ ତେଲ କରନ୍ତି ।

ହିନ୍ଦୋଳ ଯିବା ପଥରେ ଏବ୍ରାଛଡ଼ା ପିଙ୍ଗଳୀ ଘାଟି ନାମରେ ଆଉ ଗୋଟିଏ ଦୁର୍ଗମ ଘାଟି ଅଛି । ମାନନୀୟ ଶ୍ରୀଯୁକ୍ତ ଗୁପ୍ତ ସାହେବଙ୍କ ବିଶେଷ ଚେଷ୍ଟାରେ ସେଥିରେ ସଡ଼କ ନିର୍ମାଣ ହେଉଅଛି । ନରସିଂହପୁର ଅଂଶର କାର୍ଯ୍ୟ ପ୍ରାୟ ଶେଷ ହେଲାଣି, ହିନ୍ଦୋଳ ଅଂଶର କାର୍ଯ୍ୟ ଶେଷ ହେଲେ ସେଥିରେ ମଧ୍ୟ ଗାଡ଼ି ଗୋଡ଼ାଇବା ପର୍ଯ୍ୟନ୍ତ ଯାଇ ପାରିବ । ଏପର୍ଯ୍ୟନ୍ତ ଘୋଡ଼ା ନାଲି ବାଟ ବୁଲି ନ ଗଲେ ହିନ୍ଦୋଳକୁ ଗାଡ଼ି ଯିବାର ସୁବିଧା ନାହିଁ, ଯାହା କେବଳ ଗାଈ ବୋଝରେ । ଏ ଘାଟିର କାର୍ଯ୍ୟ ଶେଷ ହେଲେ ଜଗନ୍ନାଥପୁରଙ୍କର ବିଶେଷତଃ ବ୍ୟବସାୟୀଙ୍କର ଗୋଟିଏ ଗୁରୁତର ଅଭାବ ମୋଚନ ହେବ । ଭଲ ବାଟର ଉପକାର, ମନ୍ଦ ବାଟର ଅସୁବିଧା ଭୁକ୍ତଭୋଗୀ ଭିନ୍ନ ଅନ୍ୟମାନେ ସହଜରେ ବୁଝି ପାରିବେ ନାହିଁ । ପ୍ରୟୋଜନ ନ ପଡ଼ିଲେ ତାହାର ମର୍ଯ୍ୟାଦା ବୁଝି ହୁଏ ନାହିଁ । ଘାଟିକଥା ଲେଖୁ ଲେଖୁ ନାନାଦି ଅବାନ୍ତର କଥା ଲେଖି ପକାଇଲି । ପାଠକେ କହିବେ, ଉଦବେଗାଗୀର ଜାହାଜ ଖବର କାହିଁକି ? ଭାରର ସଂଖ୍ୟା ବଢ଼ାଇବାପାଇଁ ନୂଆ ପୁସ୍ତା ମିଶାଇ ବୋଝେ କାଗଜପତ୍ର ଦେଇ ସଜାଡ଼ିବା କଥା ସିନା ।

ଶ୍ରୀ ଶ୍ୟାମସୁନ୍ଦର ନନ୍ଦ ।

ସାହିତ୍ୟ ଓ ଜୀବନ ।

"Look into thine own heart & write"
Sir Philip sidney.

ସକଳ ଜାତିରେ ସାହିତ୍ୟକୁ ତିନି ପ୍ରକାର ଅବସ୍ଥା ଭୋଗ କରିବାକୁ ହୋଇଅଛି । ପ୍ରଥମତଃ, ଆଦିମ ଅବସ୍ଥାରେ ସାହିତ୍ୟ ମନୁଷ୍ୟର କଣ୍ଠ-ନିଃସୃତ ବାଣୀରୂପେ ଅବସ୍ଥିତ ଥିଲା । ଦ୍ୱିତୀୟତଃ, ସଭ୍ୟତାର କ୍ରମିକ ବିକାଶ ହେବାରୁ ସାହିତ୍ୟ ଲିଖିତାବସ୍ଥାକୁ ପ୍ରାପ୍ତ ହୋଇ କ୍ରମେ ପରିପୁଷ୍ଟ ହେବାକୁ ଲାଗିଲା ।

ଋଗ୍ବେଦ ପୃଥିବୀର ଅତି ପ୍ରାଚୀନତମ ଗ୍ରନ୍ଥ- ମଧ୍ୟ ଗ୍ରନ୍ଥ । ଏହା ବହୁକାଳପର୍ଯ୍ୟନ୍ତ ମାନବ କଣ୍ଠରେ ବିରାଜମାନ କରିଥିଲା ଯୋଗୁଁ ଏ ଗ୍ରନ୍ଥ କରିବାର ବିଶେଷ ସୁବିଧା ହେବାରୁ ସକଳ ଆଦିମ ସାହିତ୍ୟ ଏହିପରି ଗୀତିମୟ ଆକାର ଧାରଣ କରିଥିଲା ।

ଅନ୍ତତଃ ମଧ୍ୟ ଋଷିମାନଙ୍କର ପ୍ରାଥମିକ ଶିଷ୍ୟଗଣ ଅକ୍ଷର ଲେଖାରେ ନିପୁଣ ନ ଥିଲେ । ଋଷିମାନଙ୍କର ଅମୂଲ୍ୟ ଉପଦେଶାବଳୀ ନିଜେ ଗୋଟିଏ ଅକ୍ଷର ହେବା ଲେଖି ଯାଇ ନ ଥିଲେ । ସେସବୁ ହୃଦ୍‌ଭଣ୍ଡାରରେ ଶିଷ୍ୟମାନଙ୍କ କଣ୍ଠକୁ

ଗୀତିକାରମାନଙ୍କ ଦ୍ୱାରା ପ୍ରଥମେ ଯଥାକ୍ରମେ ଲିପିବଦ୍ଧ ହେଲା ।

ବର୍ଣ୍ଣମାଳା ଲେଖନୀର ସଙ୍କେତ ଅବସ୍ଥାର ଶେଷ ହେଲା। ପରେ ଲିଖିତ ସାହିତ୍ୟର ସୃଷ୍ଟି ହେଲା। ଲୋକ ସୃଷ୍ଟିର ପ୍ରଥମ ଯୁଗରେ ଓ ତତ୍ପରବର୍ତ୍ତୀ ବହୁକାଳପର୍ଯ୍ୟନ୍ତ ସାହିତ୍ୟ ଗୀତିମୟ ଅବସ୍ଥାରେ ଥିଲା । କାରଣ ମାନବ ହୃଦୟର ଉଚ୍ଛ୍ୱାସ ଓ ଶିଶୁର ପ୍ରଥମ ସ୍ଫୁରିତ ଭାଷା ଗୀତିମୟ । ମାନବ ହୃଦୟର କୋମଳତାର ହ୍ରାସ ଓ କଠୋରତାର ବିକାଶ ସଙ୍ଗେ ସଙ୍ଗେ ଗୀତିମୟ ସାହିତ୍ୟର ହ୍ରାସ ଆରମ୍ଭ ହୋଇଥିଲା । ପ୍ରାଚୀନ ସଂସ୍କୃତ ସାହିତ୍ୟ ପର୍ଯ୍ୟାଲୋଚନା କଲେ ଜଣାଯିବ ଯେ ସେଥିରେ ଗଦ୍ୟ-ରଚନାମୟ ପୁସ୍ତକ ଦୁର୍ଲଭ । କାଦମ୍ବରୀ, ଦଶକୁମାରଚରିତ, ପଞ୍ଚତନ୍ତ୍ର ପ୍ରଭୃତି ଛଡ଼ା ଆଉ ବିଶିଷ୍ଟ ଗଦ୍ୟଗ୍ରନ୍ଥ ନାହିଁ । ପ୍ରାଚୀନ ଭାରତର ଦର୍ଶନ, ବିଜ୍ଞାନ, ବ୍ୟାକରଣ, ପ୍ରଭୃତି ଏକପ୍ରକାର ଛନ୍ଦୋବଦ୍ଧ ଆକାରରେ ରଚିତ । ଗୀତ ଭାବଜଗତର ଗଙ୍ଗା, ଗୀତ ପ୍ରେମପୂର୍ଣ୍ଣ ହୃଦୟର ସୁଧାନିଃସ୍ରାବିଣୀ ଭାଗୀରଥୀ । ଗୀତିମୟ ସାହିତ୍ୟର ପ୍ରଧାନ ସ୍ତମ୍ଭ ସ୍ୱରୂପ ମହାକାବ୍ୟ ରାମାୟଣ ଓ ମହାଭାରତ ଭାରତବର୍ଷରେ ସାମାଜିକ ଯୁଗାନ୍ତର ପ୍ରବର୍ତ୍ତନ କରିଅଛନ୍ତି ।

ସାଧାରଣତଃ ଗୀତିମୟ ସାହିତ୍ୟକୁ କାବ୍ୟ ବା କବିତା ବୋଲିଯାଏ । କବିତ୍ୱ ସହିତରେ ଜୀବନର ଘନିଷ୍ଠ ସମ୍ବନ୍ଧ ଅଛି । ଯାହାର ଜୀବନ ବୈଚିତ୍ର୍ୟମୟ ନୁହେଁ, ଯାହାର ଜୀବନରେ ଉତ୍ଥାନ, ପତନ ନାହିଁ, ସେ ଉତ୍କୃଷ୍ଟ କବି ହୋଇ ପାରିବ ନାହିଁ ।

କବିଜଗତର ସର୍ବଶ୍ରେଷ୍ଠ ନାଟ୍ୟକାର କବି ସେକ୍ସପିୟରଙ୍କର ନାମିକ ସତ୍ 'Documents written all over with facts about Shakespeare' ଅର୍ଥାତ୍— ଏହିପରି ଉକ୍ତି ମଧ୍ୟ କେତେକ ପରିମାଣରେ କବି କାଳିଦାସ ଓ ମିଲ୍ଟନଙ୍କ ସମ୍ବନ୍ଧରେ ପ୍ରଯୁଜ୍ୟ । ପଣ୍ଡିତମାନେ କହନ୍ତି କାଳିଦାସଙ୍କର ଶକୁନ୍ତଳା ତାହାଙ୍କର ଦାମ୍ପତ୍ୟ ମଧୁର ପ୍ରତିବିମ୍ବ ।

ଶ୍ରେଷ୍ଠ କବିମାନେ ନିଜ ନିଜ ହୃଦୟସମୁଦ୍ରରେ ନିମଗ୍ନ ହୋଇ କଠୋର ଚିନ୍ତା ପରେ ଶ୍ରେଷ୍ଠ ରତ୍ନ ଓ ଉନ୍ନତ ଭାବରାଜି ଆହରଣ କରନ୍ତି । କବିମାନଙ୍କର ହୃଦୟର ଅନ୍ତସ୍ତଳରେ ଉନ୍ନତ ଗୀତିମୟ ଭାବର ଉତ୍ସ ନିତ୍ୟ ବିରାଜ କରୁଅଛି; ସେହି ଉତ୍ତେଜନା ସମୟରେ ତହିଁରୁ ଧର୍ମ ତରଙ୍ଗମାନ ଉତ୍ଥିତ ହୋଇ ସଂସାରକୁ ମୁଗ୍ଧ କରୁଅଛି ।

ଯାହାର ହୃଦୟର ସେହି ପୂର୍ଣ୍ଣସତ୍ୟସ୍ୱରୂପ ଭାବମୟ ଉତ୍ସ ବିଶୁଷ୍କ ପ୍ରାୟ ତାହାର କବିତ୍ୱ, ତାହାର କାବ୍ୟ ନୀରସ, 'ଶୁଷ୍କଂ କାଷ୍ଠଂ ତିଷ୍ଠତ୍ୟଗ୍ରେ' ପରି ଶୁଷ୍କ, କପଟତାପୂର୍ଣ୍ଣ, ସେ ଛଦ୍ମବେଶୀ କବି ।

ହାୟ ! ଆମ୍ଭେମାନେ ସମସ୍ତେ କବି ହେବାକୁ ବ୍ୟାକୁଳ, କିନ୍ତୁ ଆମ୍ଭମାନଙ୍କର ସେ ହୃଦୟ କାହିଁ? ସେ ଆଦର୍ଶ ଜୀବନ କାହିଁ ? ସେ ମହତ୍ତ୍ୱ କାହିଁ ? ଯାହା ନିକଟରେ ଶତ ଶତ ମାନବ ଅଜ୍ଞାତରେ ଅବନତମସ୍ତକ ହେବେ ।

କବି Wordsworth ଙ୍କର କବିତାନିଚୟ ଅପୂର୍ବ ଶାନ୍ତିମୟ; ଉତ୍କୃଷ୍ଟ ନୀତିରେ ପରିପୂର୍ଣ୍ଣ । ତାଙ୍କର ଜୀବନ ପର୍ଯ୍ୟାଲୋଚନା କଲେ ଜଣାଯିବ, ସେଥିରେ ଉଚ୍ଛୃଙ୍ଖଳତାର ଲେଶ ନାହିଁ, ସୁଦୀର୍ଘ ଜୀବନ ସୁପରିଚାଳିତ, ସୁସମ୍ବଦ୍ଧ । ସାଧାରଣ ଘଟନା ଉପରେ ଅଦ୍ଭୁତ ଆଧିପତ୍ୟ । ଆଦର୍ଶ ଜୀବନ !

ପକ୍ଷାନ୍ତରରେ Scotland ର ପ୍ରସିଦ୍ଧ କବି Robert Burnsଙ୍କ କବିତାମାନଙ୍କରେ ଆଦର୍ଶ ନୀତିର ଅଭାବ ନାହିଁ। ତାହାଙ୍କ ପରି ପ୍ରତିଭାଶାଳୀ ଲେଖକ ନିଜ ଜୀବନରେ ଯେ କେତେ ଉଚ୍ଛୃଙ୍ଖଳତାର ପରିଚୟ ଦେଇ ଯାଇଅଛନ୍ତି, ତାହା ତାଙ୍କର କାବ୍ୟଲିଖିତ ଉତ୍କୃଷ୍ଟ ନୀତି ସହିତ ତୁଳନା କରିଯାଇ ନ ପାରେ । ତାଙ୍କର ପ୍ରତିଭା ଦୁର୍ନୀତିପରିପୂର୍ଣ୍ଣ । କବି-ପ୍ରତିଭା ଆଦରଣୀୟ

ହେଲେ ପୃଥ୍ୱୀ ନୈତିକ ଜୀବନ କେବେହେଁ ପ୍ରଶଂସନୀୟ ନୁହେଁ । ବାର୍ନସ୍ ପ୍ରତିଭା ସହିତ୍ ଧୃତି ଅନ୍ତଃସଂଯମର ସଂଯୋଗ ମଣିକାଞ୍ଚନର ମିଳନ ସ୍ୱରୂପ ହୋଇଥାନ୍ତା, କିନ୍ତୁ ତାଙ୍କ ଜୀବନରେ ତାହା ଘଟି ନ ଥିଲା । ସେ ପରବର୍ତ୍ତୀ କାଳରେ ନିଜ ଜୀବନ ସମ୍ବନ୍ଧରେ ଲେଖି ଯାଇଅଛନ୍ତି ।—

"But thoughtless follies laid him low,
And stained his name."

ହ ହୋଇ ଅନୈପ ! ଆହା ଜୀବନ-ନଦୀ ଓ କାବ୍ୟ-ନଦୀ ପରସ୍ପର ବିରୁଦ୍ଧଗାମୀ !

କାବ୍ୟ-ଜଗତରେ ସ୍ୱାତନ୍ତ୍ର୍ୟର ଲକ୍ଷଣ ସର୍ବଥା ହେୟ । କବି-ହୃଦୟର ମହତ୍ତ୍ୱ, କବି-ଜୀବନର ପବିତ୍ର ଗଠନ ଓ କାବ୍ୟପ୍ରକାଶିତ-ପୁଣ୍ୟ ସମସ୍ତେ ଏକମୁଖୀ ହେବା ସର୍ବତୋଭାବେ ବିଧେୟ ।

କି ଗଦ୍ୟ, କି ପଦ୍ୟ, କି ଲିଖିତ, କି କଥିତ, ସକଳପ୍ରକାର ସାହିତ୍ୟ ସହିତ ଜୀବନର ପବିତ୍ର ସମ୍ବନ୍ଧ ସର୍ବଥା ରକ୍ଷଣୀୟ ।

ଯାହା ବ୍ୟକ୍ତିବିଶେଷରେ ସତ୍ୟ, ତାହା ବ୍ୟକ୍ତିର ସମଷ୍ଟି ସମଗ୍ର ଜାତିବିଷୟରେ ସମ୍ପୂର୍ଣ୍ଣରୂପେ ସତ୍ୟ । ମାନବ ଶୈଶବକାଳରୁ ଜାତୀୟ ଭାଷାରେ ଭାବ ବ୍ୟକ୍ତ କରିଥାଏ । ତାହାର ପ୍ରୟୋଜନାନୁସାରେ ଜାତୀୟ ଭାଷା ଗଠିତ ହୋଇଥାଏ । ଜାତିର ଚିନ୍ତାଶୀଳତା, ଧୀମତ୍ତା, ସ୍ୱାଧୀନଚିତ୍ତତା, ସମାଜନୀତି, ଧର୍ମନୀତି ସମସ୍ତ ସେହି ଜାତିର ଲିଖିତ ସାହିତ୍ୟରୁ ବିଶେଷରୂପେ ଅବଗତ ହେଉଁ । ଜାତୀୟ ସାହିତ୍ୟ ଜାତିର ସାଧାରଣ ସମ୍ପତ୍ତି । ଏକଯୁଗର ଜାତୀୟ ଭାଷାର ଅସ୍ଥିମାଂସଦ୍ୱାରା ଅପର ଯୁଗର ଜାତୀୟ ଭାଷାର ଦେହ ଗଠିତ ହୋଇଥାଏ । ମାତୃଭାଷାରେ ଜ୍ଞାନଗର୍ଭକ ଓ ନୀତିପରିପୂର୍ଣ୍ଣ ଗ୍ରନ୍ଥ ପ୍ରକାଶିତ ହେଲେ ଜାତୀୟ ଚରିତ୍ର ନିର୍ମ୍ମିତ ହେବ, ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ ।

ସାହିତ୍ୟସେବା ଏକ ମହାଯୋଗସାଧନା, ସାହିତ୍ୟସେବୀମାନଙ୍କର ନିନ୍ଦା, ପ୍ରଶଂସା, ଅଟ୍ଟାଳିକାପ୍ରତି ଦୃଷ୍ଟିପାତ କରିବା ଅନୁଚିତ । ହାତ-ଲେଖାକୁ ମୁଦ୍ରିତ କରି ଶତ ସହସ୍ର ଲୋକଙ୍କ ସମକ୍ଷରେ ସ୍ଥାପନ କରିବା ଗୁରୁତର ଦାୟିତ୍ୱର କାର୍ଯ୍ୟ, ସନ୍ଦେହ ନାହିଁ । ସାହିତ୍ୟ ସମାଜର ସଞ୍ଜୀବନ ମନ୍ତ୍ର, ମୃତ ପ୍ରାଣରେ ଜୀବନୀଶକ୍ତି ସଞ୍ଚାର କରିବାରେ ସମର୍ଥ ।

ଜାତିର ଅଶେଷବିଧ କଲ୍ୟାଣର ମୂଳୀଭୂତ ନିଦାନସ୍ୱରୂପ ଜାତୀୟ ସାହିତ୍ୟ ସହିତରେ ଜାତୀୟ ଜୀବନର ସମ୍ବନ୍ଧ ଅବିଚ୍ଛେଦ୍ୟ ହେବା ପ୍ରୟୋଜନୀୟ । ବିଶୁଦ୍ଧ ଓ ପବିତ୍ର ଜାତୀୟଜୀବନ ଏକା ଉନ୍ନତ ଉଦାର ଜାତୀୟ ସାହିତ୍ୟ ପ୍ରସବ କରିପାରେ, ସନ୍ଦେହ ନାହିଁ । ହୃଦୟ ନିର୍ମ୍ମଳ ଓ ପ୍ରେମପରିପୂର୍ଣ୍ଣ ହେଉ, ଜୀବନ ସଂଯତ ହେଉ, ମୈତ୍ରୀ ବନ୍ଧନରେ ଗ୍ରଥିତ ହେଉ, ସାହିତ୍ୟ ଉନ୍ନତ ହେବ, ଏହା ନିଶ୍ଚିତ କଥା ।

ଶ୍ରୀ ଚନ୍ଦ୍ରଶେଖର ନନ୍ଦ ।

ବାଇମହାନ୍ତି ପାଞ୍ଜି । (୧୦)

ଯେପରି ବସନ୍ତ ବୋହିଲେ ଆମ୍ବଗଛ ବଉଳିଲେ ଓ ବଢ଼ିଲେ, କୋଇଲର କଣ୍ଠ ଫିଟେ, ରସିକମାନଙ୍କ ରସିକତା ଉଚ୍ଛୁଳି ପଡ଼େ, କାମିନୀମାନେ ମଦାଲସା ହୁଅନ୍ତି, ମାନିନୀମାନେ ନଖରେ ଭୂମି ଉପରେ ଗାର କାଟି ବସିଯାନ୍ତି, ବିରହୀମାନେ ଉନ୍ମୁଳ ଖାଇଲା ଭଳି ମୁହଁ କରନ୍ତି, ଇତ୍ୟାଦି ଇତ୍ୟାଦି (ଏଗୁଡ଼ାକର ସଙ୍ଗୀତ ସଂବାଦ ନମନ୍ତେ କାଳିଦାସଙ୍କ ଋତୁସଂହାର ମହାପିସ୍-ଖାନାର ଭଲ ବସ୍ତାନିଏକ ଘାଣ୍ଟି ଜଲସି ଫିସ୍ ଓ ଅଙ୍ଗରକ୍ତ ଫିସ୍ ଦାଖଲ କରି କନ୍ଦ୍ରବର୍ତ୍ତନା ଦଲିଲମାନ ହାସଲ କରିବାକୁ ହେବ । ବାଇମହାନ୍ତିଙ୍କ ମତରେ ଏଗୁଡ଼ାକ ମହଦ୍‌ଭାବ

ଶାରଦ ସମୟରେ ଶୋଷ ହେବ ନାହିଁ।) ସେରୂପେ ପ୍ରତ୍ୟେକ ମନୁଷ୍ୟର ଉତ୍କୃଷ୍ଟତାର କାଳ ଅଛି। ସମସ୍ତ ନ ପଢ଼ିବା ପର୍ଯ୍ୟନ୍ତ ତୁମେ ବାହୋଡ଼ ହୁଅ କମ୍ପିତ ହୁଅ, ଅଧିକ ଟେଁକା ଟେଁକା ଧକାଅ, ଶାଟଫିଲ୍ଡରେ ଗଡ଼, ସ୍କୁଲରୁ ଫ୍ଲାଗ ସୋରାମିଶା ଏକ୍ସା ଖାଦ୍ୟ କର, ପୋଡ଼ିଶୀ ଦୁଃଶୀଳ୍ପି ଛବିଗାପା ହଣ୍ଡାକଟିଦାର ବୃଦ୍ଧା କନାଭଳି ଶାଢ଼ୀ ପିନ୍ଧାଇ ଅଗରେ ଠିଆ କରାଅ, କହିଁରେ କଷ୍ଟ ହେବ ନାହିଁ, ଏଗୁଡ଼ିକ କଥା ଉଦ୍ୟମରେ ପରିଣତ ହେବ! କିନ୍ତୁ ବେଳ ଅଣ୍ଟିଯାଉ, ଭ୍ରମର ଚେଷ୍ଟା କରିବାର ଦରକାର ନାହିଁ। ଅଗମ ଛନ୍ଦରେ ପଢ଼ୁଥାଅ ଅବା ହେଁସ କାନରେ ଚେଉଥାଅ, ଝିଲିମିଲି ହାଜିଆ ଖାଉଥାଅ ଅବା ବାଡ଼ିବାଟେ ସୁଲୁସୁଲୁଆ ବାଅ ପାଉଥାଅ, ଅଧିକ ଜ୍ଞାନର ଚେଉ, ଭବ ଉପରେ ଭବ, ଭାବ ଉପରେ ଭାବ, ତା ପଛକୁ ଭବ। ସମ୍ଭାଳିବା କଥା ମୁସ୍କିଲ ହେବ। ବେଳକାଳ ହେଣ୍ଡି ଧର କାଗଜ କଲମ ନଚେତ୍ ଲେଖନୀଚକ, କବି ହୁଅ, ଲେଖକ ହୁଅ, ଦେଶହିତୈଷୀ ହୁଅ, ବେନାମି ପତ୍ରଲେଖକ ହୁଅ, ଯାହା କହିବ ତାହା ହେବ। ଏ କଥାଗୁଡ଼ିକ ସ୍ୱପ୍ନରେ ଉଡ଼ାଇ ଦେବାର ଯୋ ନାହିଁ। ଗୃହଁ ଗୃହଁ ବାଡ଼ିଶ କଣିଖଣ୍ଡ ଗଜଦନ୍ତ ହୋଇଯିବ, ଚନ୍ଦ୍ରବାଣୀ ଘଣ୍ଟୀରୂପରେ ତୁମ ଅଗରେ ଠିଆ ହୋଇଯିବେ। ଏ ସବୁ ଅନୁଭବ କଥା। କାଲି ଯେଉଁ ମନୁଷ୍ୟ, ଯେଉଁ ବିଦ୍ୟାବୁଦ୍ଧି, ଯେଉଁ ମନ, ଯେଉଁ ରୁଚି, ଯେଉଁ ଅନୁଭବ, ଯେଉଁ ଅଙ୍ଗପ୍ରତ୍ୟଙ୍ଗ ଥିଲା ସେ ସବୁ ତ ଆଜି ଅଛି; କାଲି କାନ କାଟିଲେ ରକ୍ତ ବାହାରୁ ନ ଥିଲା କାହିଁ? ଆଜି କାଲିକା ସଗଡ଼ରେ ହାତ ପୁରଉଁବାକୁ ମନ ହେଲା କାହିଁ? ତା! କାଲି ମଳୟପବନ ବସନ୍ତ ବୋହି ନ ଥିଲା, ଆଜି ବୋହୁଛି। [illegible] ପାଇଁ କହୁଁ, ମନୁଷ୍ୟର ଉତ୍କୃଷ୍ଟତାର କାଳ ଅଛି। ଦିନକର ଘଟଣା ଶୁଣନ୍ତୁ। ବାଇମାହାନ୍ତଙ୍କ ଘରଣୀ ହଳେ ସଜ ହୋଇଛନ୍ତି ବାପଘରକୁ ଯିବାକୁ, ଅଳଙ୍କାରମାନ ବଣିଆଘରୁ ଫେରି ହୋଇ ଆସୁଛି, କପଡ଼ାଚକ୍ର ପେଡ଼ି ସଜା ଲାଗିଛି, ଏପରିଆଣ ସେପରିଆଣ ଚାଲିଛି, ବାଇମାହାନ୍ତ ଦଶ୍ତନ ସ୍ୱର୍ଗକୁ ନତି ଯା ଛନ୍ତି [illegible] ମନ ମାରୁଛନ୍ତି! ଅବ୍ୟବସ୍ଥିତଚିତ୍ତ [illegible] ଉପୁକିଛି କଥା କହିବେ, ନାହିଁର। ଗୋରୁ ମାରିଲେ ମଲି, ଗୋରୁକୁ ମାରିଲେ ମଲି। [illegible], ଏହି ସମୟରେ ବସନ୍ତ ବୋହିଲା, ବାଇମାହାନ୍ତଙ୍କ ମନ-ନିକୁଞ୍ଜର କଳକଣ୍ଠ ବୋବାଇ ଉଠିଲେ, ଆଉ ଉପାୟ ନାହିଁ, ଏବେ ଜୁଆରିଆ ଅସ୍ରାଭଳ [illegible] ଉପରେ [illegible] ଅଭିମାନ ଉଠୁଛି, ବାଇମାହାନ୍ତ କାଣ୍ଡ ପିଣ୍ଡାରେ ଲେଖନପତ୍ର ଧରି ବସିଗଲେ, [illegible] ସାରିଲା! କଣ୍ଠରେ ବସି ଲଗାଇଲେ ଖେଳା, ଗୃହଁ ଗୃହଁ ନାନାବାଦ୍ୟ, ତଥା ଛନ୍ଦ, ନାଚିପିଲା, ପ୍ରେମସଙ୍ଗୀତ, ମିଶ୍ରାଗର ଅଭିସା-ଗର ସବୁ ଏକାଥରକେ ଅକାଡ଼ି ହୋଇ ପଡ଼ିଲା। ଝଟ୍ପଟ୍ ଖାଲପତ୍ର ୫।୭ ଖଣ୍ଡ ରଙ୍ଗି ହୋଇଗଲା। ଆଜି ସେହିଗୁଡ଼ିକ ଆମ ପାଖରେ ଉପସ୍ଥିତ। ଆମେ ପ୍ରଥମ ଖୁବ୍ ପାଟିକୁଳି କରି ନେଲୁଁ। ଫେର୍ ବିଗୃହଲୁଁ, ଅଧିକ ଅଦାଲତ ଯେବେ କ୍ରୋଧିତ୍ବ [illegible] ହେବେ ସର୍ବନାଶ। [illegible] ଏ ପ୍ରବନ୍ଧ ଦେଖାକୁ ନଥିଭୁକ୍ତ ରେକର୍ଡରେ ଦାଖଲ କରି ରଖିଲୁଁ ଓ ବର୍ତ୍ତମାନ ସେଗୁଡ଼ିକ ଅଦାଲତ ସମ୍ମୁଖରେ ପେଶ୍ କରିବାକୁ ଆଣି ଉପସ୍ଥିତ। ଯଦି ବାହାଲ ହେଲେ ସମ୍ମାନଟା ବଜାୟ ରହିବ, ନଚେତ୍ ବଦନାମୀ ଘରୁଆନା ସଙ୍ଗେ ସଙ୍ଗେ ଥିଆ।

୧ ନମ୍ବର—ହାତ କଣ୍ଢେଇ।

ବାପା ହେଉଥିଲେ ମଣ୍ଡ ଧୀରଚ-ପିତୁଳା
ଦଣ୍ଡଥିଲା [illegible] ଗୋର, [illegible] ଗଲା।
ପୂଜା କରୁଥିଲି ନିତ ସ୍ନେହ-ନଇବେଦ୍ୟ,
ଆଦର-ପ୍ରସାଦେ, ପୁଣି ଅନୁରାଗ-ଚନ୍ଦନ।
ବନପୁରି ଧୂପ ଦେଇ ପ୍ରଣୟ-ଲୁମେ

ଘୁଞ୍ଚୁଥିଲା ନାହିଁ, ଦିନେ ପଡ଼ି ନିଦ୍ରା ।
ପ୍ରେମର ଶିକୁଳି ନାହିଁ ନିଜ ସ୍ଥାନ ଛାଡ଼ି
ରହୁଥିଲା ଲୁବଧ ଛୁଟି-ସଙ୍ଗିନୀ ।
ଦିନେ ନେଲା ଥିଲା ଯାଚ, ଜନକ-ବାଳି
ପଶିଲା ମନରେ, ମୁଖା-ଗ୍ରୀବାକ ଯାଉଛି ।
ସେତ ମୁଖା ହୁଏ ପିଞ୍ଜୁରା ଦ୍ୱାରରେ
ପଡ଼ିଗଲେ, ପିଞ୍ଜୁରାଟି ପଡ଼ିଗଲା ଭଲେ ।
ଯେବେ ବନ୍ଧି ଯେଉଁ ସ୍ନେହ-ଯାଚ ଦେଇ
ଭାଙ୍ଗିଲେ ନାହିଁ ଜଗତେ, ସେତ କି ସ୍ନେହ ?

୨ ଜାନୁ—ଚାଷା ଭାଇ ।

ଅରେ ଚଷାଭାଇ ମୋ ବୋଲ ଶୁଣ
ବେଳ ଥାଉ୍ ଥାଉ୍ ବୁଝିବୁ ଯାଜ ।
ଗାଁର ଯୋଉଁଠି ଯୋଖଣ୍ଡି ନଈ
ଯାଳୁ ଦେଉଥିବୁ ଅଗାଡ଼ି କରି ।
ମୂଳିଆ ଖଟିଲେ, ଖଟିଡ଼ି ଦବୁ ସେ
ଚଷା ଖଟିଥିଲେ, ଖଟିବେ ବରଷେ ।
ବଣିଜ ଭାଙ୍ଗିଲେ ମିଳଇ ମୂଳ
ଗୃହ ଭାଙ୍ଗିଗଲେ ଯାଏ ଦାଙ୍କୁଳ ।
ମଣିଷ ଧୂଳିର ଖାଇଲେ ଭାତ
ଶୈଳ ଫୁଟୁଥାଏ ଘଣ୍ଟିଲେ ଖାତ ।
କେବେ ନ କରିବୁ ଠିକଣା ଗୃହ
ହର ଦେବୁ, ନାହିଁ ଲାଗିବରେ ଅଗ ।
ଛଇ ଢଳ ଦେଖି ଵଳେ ବେଉଡ଼ା
ହେବଟି ରେ ଭାଇ ଯଷଟି ଯଷା ।

—:୦:—

୨୫ ଜାନୁ—ଆଉ ଗୋଟିଏ ପଦ୍ୟ ଲେଖି-ବାକୁ ବସିଥିଲି, ଏହି ସମୟରେ କୌଣସି କାରଣରୁ ହାତରୁ ଲେଖନ ପତ୍ର ଖସି ପଡ଼ିଲା । ବାବୁମାନଙ୍କ ଦାଣ୍ଡ ପିଣ୍ଡାରୁ ହଟାହୁ ହଠି ଗାଁ ମୁଣ୍ଡକୁ ବାହାର ଅସିଲି । ସେ ପଦ୍ୟଟିର ଉପକରଣମାନ ଟିପା ଥିଲା । ଯଦ୍ଧେ ଆଉ ଯେତେ ହସ୍ତରତ୍ନ ହେଲେ କଣ୍ଟ ହେଲା ନାହିଁ । ତେବେ ସେ ଉପକରଣଗୁଡ଼ାକ ଦେଖିଲେ ଅବା ପାଠକ-ମାନଙ୍କ ମଧ୍ୟରେ କେହି 'ଛାନ୍ଦକ' ଥିବେ ଦଣ୍ଡେ

[illegible]—ଏହି ଉପାଦାନ ନାମ
ଟି । ୨୨ ଡିସ—ଝଡ଼ି ରାତି,
[illegible] ଘର କଣରେ ମିଞ୍ଚି ଜଳୁଛି,
[illegible] ଗୋଟିଏ ପୁଅ ଶୋଇ ଶୋଇ-ଅଛି, ବଢ଼ିଲା ଝିଅଟିଏ ପାଖ କଣରେ ବସି ଶୋଇ ଲୁଆ ଲୁଆ କାନ୍ଦୁଛି, ମାଆ କାନ୍ଦୁ, ପଛିଅଡ଼େ ପାଣି ଭରି ଆଖିରେ ଅଶ୍ରୁ ଲିଭାଉଛି, ଘରେ ୧୦୮ ଟି ଝରଣୀ ହର୍ଷ ମୁହଁରେ ପିଅ ।

୨୭ ଡିସ—ଘର ଦାଣ୍ଡର, ପାଥ ଶୋଭିଆ ଠୁକିଆ ଘର, ଘର କଣରେ ଏକ ପଥର ଉପରେ ଯୋଡ଼ି ବଡ଼ ପଡ଼ି ଖାଇ ବେଳରେ ଜଳୁଛି, ଘର ମଝିରେ ଗୋଟିଏ ବଡ଼ ପଲଙ୍କ, ସେଥିରେ ଏ ଯୁବତୀ ଓ ବର କଣରେ ଶୋଇଛନ୍ତି । ଘର ବାହାରେ ଦାମାଲ ମଣ୍ଡି ଓ ବଉଳ ଫୁଲ ଫୁଟୁଛି, କହିଲା ପୁଅଟି କଦ ବାଉଳାରେ ମାତୃସ୍ତନ୍ୟ ପାନ କରୁ-ଅଛି । ଯୁବକ ପିଲା ଖଟ ବାଡ଼ିକୁ ଆଉଜି 'କାଳା ମାଣିକରେ' ଧ୍ୟାନ ଅବୃତ୍ତି କରୁଅଛନ୍ତି । ଦମ୍ପତିଙ୍କ ମୁଖ ପ୍ରଫୁଲ୍ଲ ।

୩୧ ଡିସ—ଘର ପଡ଼ିଏ ଅଛି, ନାଥଗ୍ରନ୍ଥ ଘରଂ ହାଇଅଙ୍ଗ ବାଟେ ପ୍ରବଳ ପବନ ନାଲି ଅଳୁଅ ଘଷା ହୋଇ ପଡ଼ୁଛି, ଘର ମଝିରେ ଗୋଟିଏ ବଡ଼ ଦେହଂଯ ପଡ଼ୁଛି, ବୃଦ୍ଧଟିଏ ଶଯ୍ୟାରେ ଶୋଇ ହର୍ଷମୁଖରେ ଉପରକୁ ଚାହିଁଛି । ହଇଣା ପାଖରେ ବୈଦ୍ୟରାଜ ବସିଥିଆ ଛାତି ନାଡ଼ି ଦେଖୁଅଛନ୍ତି । ଯୁବକ ଯୁବତୀଗୃହଟିଏ ଅଚାନକ ଆଉଁସି ଲାଗିଛନ୍ତି । ବୃଦ୍ଧଙ୍କ ଛାତି ସମସ୍ତଙ୍କ ମୁଖ ମ୍ଳାନ । ବୃଦ୍ଧାଙ୍କ କୋଳରେ ବୃଦ୍ଧଙ୍କ ମସ୍ତକ ରହିଅଛି, ବୃଦ୍ଧଙ୍କ ହସ୍ତରେ ଗୋଟିଏ ମାଳ । ଏହିତେବେଳେ ବାଣୁପୂର୍ଣ୍ଣ ଓ କୋଳାହଳ !

ପଦ୍ୟ ମଧ୍ୟରେ ଶେଷ ଏହି ୨୫ଟି, ଅର୍ଥାତ୍ ଦଶଟି ପୂର୍ଣ୍ଣ ଓ ଖଣ୍ଡେ ଦରଗଢ଼ା । ଏହା ଛଡ଼ା ଅନ୍ୟ କେତେଗୁଡ଼ାଏ କାର୍ଯ୍ୟ ମଧ୍ୟ ହୋଇଅଛି । ଖଣ୍ଡିଏ ଅଦର୍ଶ ଉପନ୍ୟାସ ବାଇମାହାନ୍ତି ତାଙ୍କ ପାଣ୍ଡି ଅଧ୍ୟାୟରେ ଦେବ ବୋଲି ଚଟା କରି ଲେଖି-

ଅଛନ୍ତି । କିନ୍ତୁ ଦୁର୍ଭାଗ୍ୟରୁ ମହାପୁରୁଷଙ୍କର ନାମଟି ଲେଖା ନାହିଁ । ଅନୁସନ୍ଧାନ କଲେ କେତେ ଗୋଟି ଉତ୍ସର୍ଗପତ୍ର ଲେଖିଅଛନ୍ତି ଓ ଦେଖି-ଅଛନ୍ତି, କେତେ ଲୋକଙ୍କୁ ଶିଖାଇ ଅଛନ୍ତି ଓ କେତେ ଲୋକଙ୍କଠାରୁ ଶିଖିଅଛନ୍ତି, କିନ୍ତୁ ଏପରି ଗୋଟିଏ ସାର୍ବଭୌମିକ, ସାର୍ବଜନିକ, ସାର୍ବ-କାଳୀନ ପତ୍ର ଦେଖି ନାହୁଁ । ଏ ଶ୍ରେଣୀର ଉତ୍ସର୍ଗ ପତ୍ରର ଅର୍ଥ ଓ ଉଦ୍ଦେଶ୍ୟ ଏକ ପ୍ରକାର । ଗୋଟିଏ ମଦ ପିଇଲେ ମହୁଆ, ପାଞ୍ଚୋଟି ପିଇଲେ ମଧ୍ୟ ସେହିପରି । ଯେବେ ବୋତଲମଦ କେତେଟାକୁ ହେଲା, ତେବେ ଅଧାଅଧି କାହିଁକି ? ନାଚ ତ ଗଲାଣି, ଆଉ ପେଟ ପୂରା କରି ନ ଖାଇବା କାହିଁ ? ଯେ ଅଫିମ ଘସାକୁ ଭଲ ପାଆନ୍ତି ତାଙ୍କୁ ତ ଟିକିଏ ଅଚ୍ଛା କରି ଅଫିମ ଦେଲେ ଚାଟ ଛୁଟିଯିବ । ପଦାରେ ପୁଅ ବୋଇ ତାହାଣୀଙ୍କି ଉଠିବା ବାଇମାହାନ୍ତଙ୍କ ମାଡ଼ ବେଳୁଁକ ବୋଲି ସେ ଏପରି ଗୋଟିଏ ତଥା ପାଞ୍ଚି ସଂଲଗ୍ନ କରିବେ ବୋଲି ମନସ୍ଥ କରିଅଛନ୍ତି, ଫଳ ପରେ ଜଣାଇବୁଁ ।—

୩ୟ ନମ୍ବର—

ଆଦର୍ଶ ଉତ୍ସର୍ଗପତ୍ର

(କଉପମନ ଟ ୪୫ୟ, କମିଶନ୍ ବଦ ।
ଏ ସମ୍ବାଦ ଗୁପ୍ତ ଅଟେ ।)

ଶୀଳ ଶ୍ରୀଯୁକ୍ତ ଶ୍ରୀ ଶ୍ରୀ ପ୍ରବଳ ପ୍ରତାପ, ଦାନେ କର୍ଣ୍ଣ, ମାନେ ଦୁର୍ଯ୍ୟୋଧନ, କୋପେ ଯମ, ପ୍ରତାପେ ଚନ୍ଦ୍ର, ତେଜେ ତପନ, ଧନେ କୁବେର, ଧର୍ମେ ଯୁଧିଷ୍ଠିର, ସହନେ ପୃଥ୍ୱୀ ଇତ୍ୟାଦି—

ଏବଂ ତ ପରାକ୍ରମେ ଗର୍ଦ୍ଦଭ, ଶମ୍ବୁକେ ଶ୍ୱାନ, ସାଦରୂଆନେ କୁକ୍କୁଟ, ବଳରେ ବିଲୁଆ, ଅଧ୍ୟ-ବସାୟେ ଜୋକ, ରାତ୍ରିଜାଗରଣେ ପେଚକ, ଅଭେଦଜ୍ଞାନେ କାକ, ଶାସ୍ତ୍ରଜ୍ଞେ ଭଟ୍ଟ, ଇତ୍ୟାଦି—

ଏବଂ ପୂର୍ବୋକ୍ତ ଗୁଣବିଶିଷ୍ଟ, ମହତ୍ତମଗୁଣାନ୍ୱିତ, ମାନଧାରୀ, [illegible], ଅଗ୍ନିହୋତ୍ରୀ, ପ୍ରଜ୍ଞା-ଚାରୀ, ସଦାଳାପୀ, ଶୁଦ୍ଧମୁଖୀ, ଶ୍ରଦ୍ଧାଳୁ, ସଚ୍ଚ-ରିତ୍ର, ଅଦର୍ଶନମନ, ସଦାରଜାନ, ସାମ୍ୟବାଦୀ, ପ୍ରଶାନ୍ତ, ସାହିତ୍ୟୋପାଦକଦ୍ୱାରରାଜ, ଦେଶା-ନୁକୂଳ, ମାତାର ଯୋଗ୍ୟ ସନ୍ତାନ, ଆଦର୍ଶ ପିତା, ଭ୍ରାତା, ସ୍ୱାମୀ ପୁତ୍ର, ଗୌରି, ପିତାମହ, ସଦ୍‌ଗୁଣ-ବିଶିଷ୍ଟ ମହାଲକ୍ଷ୍ମୀ ମହେଶ୍ୱର ଶିଳ ଶ୍ରୀଯୁକ୍ତ ଶ୍ରୀମନ୍ତୁ ଦାରଜୋପମ; ରଜୋପାଧିକ; ଲୂଣ୍ଠାନ୍ୟବସ୍ତୁ ଏମ୍. ଏମ୍. ଏସ୍. ଶ୍ରୀ ଶ୍ରୀ ସ୍ୱାମୀଙ୍କ ଶ୍ରୀ କର-କମଳରେ—

ଶ୍ରଦ୍ଧା, ଭକ୍ତି, ସ୍ନେହ, ଅନୁରାଗ, ସଦାନୁଭୂତିର ଚୂଡ଼ାନ୍ତ ଅନନ୍ତକ ନିଦର୍ଶନ ସ୍ୱରୂପ ଏହି ମୁଦ୍ରିତ ପୁସ୍ତିକା ଖଣ୍ଡି ଅର୍ପିତ ହେଲା । ଶ୍ରୀମୁଖ ଅନୁକମ୍ପା ପ୍ରଦର୍ଶନ କରନ୍ତୁ ଗ୍ରହଣ କଲେ ଆପ୍ୟାୟିତ, ଉପକୃତ, ଚିରବାଧିତ, କୃତକୃତ୍ୟ, ଧନ୍ୟ, ଧନ୍ୟ, ପୁରସ୍କୃତ, ପରିତର୍ପିତ, ସଂସ୍କୃତ ହେବ ଓ ଅପଣାର କ୍ଷୁଦ୍ରଜୀବନକୁ ସାର୍ଥକ ମଣିବ—

ଯେଉଁ ବଂଶରେ ମହାରାଜ ରାମଚନ୍ଦ୍ର, ଯେଉଁ କୁଳରେ ମହାରାଜ ଭରତ, ଯେଉଁ ପରିବାରରେ ମହାରାଜ ଗର୍ଲିଙ୍ଗ; ଯେଉଁ ଗୋତ୍ରରେ ମହାରାଜ କେଶରୀ; ଯେଉଁ ପ୍ରବରରେ ଉତ୍କଳକେଳି ମହାରାଜା; ଯେଉଁ ଦେଶରେ ଖାମା ଶବର, ଯେଉଁ କୁଳରେ ଜରଣ୍ଡା କେଶବ, ଯେଉଁ ଜାତିରେ ରାମା ଚନ୍ଦ୍ର, ଯେଉଁ ଡ଼ିଗୁଁଡ଼େ ରାଣ୍ଡିପୁଅ ଅନନ୍ତା, ଯେଉଁ ବ୍ରହ୍ମାଣ୍ଡରେ ସିପିଓ, ହିଜର, ଗାରିବାଲ୍ଡି, ଦାନ୍ତେ, ଅଦାମ, ସେକ୍ସପିଅର, କାଳିଦାସ, ରୁଷ୍ଣୋ, ନାଠନ୍, ପରମହଂସ ପରିବ୍ରାଜକାଚାର୍ଯ୍ୟ ଶିବାନନ, ଦ୍ୱିପେନ୍ଦ୍ର ଭଞ୍ଜ, ଗେଟେ, ଲଙ୍ଗଫେଲୋ, ବାଇରନ, ହୋମର, ଦାନ୍ତେ, ତାସୋ, ବାଲ୍ମୀକି, ବଳରାମ ଇତ୍ୟାଦି ମହାପୁରୁଷମାନେ ଜନ୍ମଗ୍ରହଣ କରି ଜଗତକୁ ଧନ୍ୟ କରିଅଛନ୍ତି ସେହି ବିଶ୍ୱ-ବ୍ରହ୍ମାଣ୍ଡର ଜୀବ ବଂଶରେ ମନୁଷ୍ୟ ଜାତିରେ ଆପଣ ଜନ୍ମଗ୍ରହଣ କରିଅଛନ୍ତି । ମୋର ସଦାନୁଭୂତିର ନିଦର୍ଶନ ସ୍ୱରୂପ ଶ୍ରୀମୁଖଙ୍କ ଛବି ମସ୍ତ କାମରେ ଏ

ସୁନ୍ଦର ଖଣ୍ଡି ସାର୍ଥକରୂପେ ନିର୍ମିତ ହେଲା । କୃଷିତ ହେଲେ ମୋର ପର୍ମପୂର୍ତ୍ତି ହେବ ଧନଧାନ୍ୟ ସମ୍ପଲ, ସମୃଦ୍ଧି, ମଙ୍ଗଳ ହେବ ।

୪୬ ନମ୍ବର—ବାଠମାହାନ୍ତଙ୍କର ଜଣେ ବନ୍ଧୁ ଜଣେ ଖ୍ୟାତନାମା ଉକୀଲଙ୍କୁ ଦେଖି ବାଠମାହାନ୍ତଙ୍କୁ କହିଥିଲେ 'ମେ ଏକ୍ ହାତେଗମ୍' । ଅନ୍ତ ସେ କଥା ମନେ ପଡ଼ିବାରୁ ବାଠମାହାନ୍ତ ତହିଁର ଅର୍ଥ କରି ବସିଲେ—

(କ) ହାତୀଙ୍କର ପେଟଟି ବଡ଼, ଏ ମହାଶୟଙ୍କ ପେଟଟି ମଧ୍ୟ ବଡ଼ମାପିଥ ।

(ଖ) ହାତୀ ପେଟରୁ ଗଜଭୁକ୍ତ କପିତ୍ଥବତ୍ ଏ ମହାଶୟଙ୍କ ପାଖରୁ ମକ୍କେଲମାନେ (ଯଜମାନ) ବାହାରନ୍ତି ।

(ଗ) ହାତୀ ଗଣେଶଙ୍କ ବାହନ ବୋଲି ହାତୀ ପେଟ କହିଲେ ଏହାଙ୍କର ଭାରି ବିଦ୍ୟା ବୁଦ୍ଧି ଅଛି ବୋଲି ଅର୍ଥ ହୋଇପାରେ ।

(ଘ) ହାତୀଙ୍କ ଉପରକୁ ମାହୁନ୍ତ ଯୋଗତ, ଉକୀଲଙ୍କ ଉପରକୁ ହାକିମ ଯୋଗ ।

(ଙ) ହାତୀ ଯାହା ବଣରେ ଘଳବାନ୍ଧି ଚରନ୍ତି, ଉକିଲମାନେ ଅଦାଲତଙ୍କ ସମ୍ମୁଖରୁ ଆସି ଉକିଲଖାନାରେ ଦଳ ବାନ୍ଧି ବସନ୍ତି ।

(ଚ) ନୂଆଯାଗ ହାତୀଙ୍କୁ ପୁରୁଣା ହାତୀ ମଣି କଲା କଥା ଏ ପେଶାରେ ନୂଆଙ୍କୁ ପୁରୁଣାମାନେ ମଣି କରନ୍ତି ପରା ।

(ଛ) ହାତୀଙ୍କ ମଧ୍ୟରେ ଏକଦନ୍ତା ବଳର ଗଣା, ଏମାନଙ୍କ ମଧ୍ୟରେ ସେପରି କିଏ ?

ନୋଟ୍—ତେବେ ଗୋଟିଏ କଥା, ହାତୀମାନେ ଜଙ୍ଗଲରୁ ଧରା ଯାନ୍ତି, କିନ୍ତୁ ଉକିଲମାନେ ଜଙ୍ଗଲରୁ ଧରା ଯିବାର ତ ଆମ୍ଭେମାନେ କୌଣସି ସମ୍ବାଦପତ୍ରରେ ଦେଖି ନାହୁଁ । ତା ପରେ ବାଠମାହାନ୍ତ ଯେ ଗଜଭୁକ୍ତ କପିତ୍ଥର ଉପମା ଦେଇ ଅଛନ୍ତି ସେଥିରୁ ତାଙ୍କ ଅନୁଭବ କେବଳ ପୁସ୍ତକଗତ ବିଦ୍ୟାରେ ସନ୍ନିବେଶିତ ଥିବାର ସ୍ପଷ୍ଟ ପ୍ରକାଶିତ ହେଉଅଛି । କାରଣ ଅମ୍ଭେମାନେ ନିଜେ କେବେ ହାତୀ ଖାଇବାରୁ ଦେଖିନାହୁଁ ହାତୀଙ୍କୁ କପିତ୍ଥ ଖାଇବାର ଦେଖିଅଛୁଁ ଓ ଏପରିଭାବେ ବୁଝିଅଛୁଁ ଯେ ଏ ପ୍ରବାଦଟି ମିଥ୍ୟା । ଆହୁରି ବଡ଼ ଉକୀଲ ଯେ ହାତେଗମ୍ ଏହା ଆମ୍ଭେମାନେ କହି ନ ପାରୁ । ଅନେକଙ୍କର ଅଭାବ 'ଦକ୍ଷିଣା'ଙ୍କ ଦୋଷ ଶାନ୍ତିରେ ଥିବାର ଅମ୍ଭେମାନେ ସାହସ କରି କହି ପାରୁ । ଅତଏବ ଏଗୁଡ଼ିକ ମାହାନ୍ତଙ୍କର ବ୍ୟକ୍ତିବିଶେଷ ଉପରେ ଅଦାଜିଦ କରି ଲେଖା ହେବା ପରି ବୋଧ ହେଉଅଛୁ । କେତେକ ଉକିଲ ହାକିମଙ୍କ ଉପରେ ମାହୁନ୍ତ, ବରଞ୍ଚ ଏ ସମ୍ବନ୍ଧରେ ମାହାନ୍ତଙ୍କ ଉପମାଟା ବିପରୀତାର୍ଥବୋଧକ ହେଲା ପରି ଜଣାଯାଏ । ଉକିଲମାନଙ୍କ ବ୍ୟବସାୟ 'ଅଦାଳତ'ର ଅନର୍ଥରୁ ଓ ଅବିଚାରରୁ ନିର୍ଦୋଷ ବ୍ୟକ୍ତିମାନଙ୍କୁ ରକ୍ଷା କରିବା । ବାଠମାହାନ୍ତ 'ଟରଣୀ'ମାନଙ୍କ ସଙ୍ଗେ ଉକୀଲଙ୍କର ବିଶେଷ ଯୋଗ ଉଲ୍ଲେଖ କରି ନାହାନ୍ତି ।

୫୬ ନମ୍ବର—ଏତକ ଲେଖି ସାରି ପୁନର୍ବାର ପଦ୍ୟ ପ୍ରତି ଦୃଷ୍ଟି ପଡ଼ିଗଲା—

ଘଟଣା—ଆଜି ବାଠମାହାନ୍ତଙ୍କ ନୂଆ ଗୁଞ୍ଜିଆ ବସ୍ତୃତ କଥା ମନେ ପଡ଼ିଗଲା । ସେ ସମ୍ପୂର୍ଣ୍ଣ କଥାଳି ଏ ସମୟର ନୂଆ ଆସମାନ୍ ଫଲକ୍ । ପିଲାବେଳେ ସେ ଜଣଙ୍କ ସଙ୍ଗେ କୁମାରପୂର୍ଣ୍ଣିମା ଦିନ 'ଗୁଞ୍ଜ' ଚଢ଼ିଥିଲେ । ଦୁହେଁଯାକ ଯୁବା ହେଲେ ଓ ବିଭା ହେଲେ । ସେ ସ୍ମର ଆଜି ମଧ୍ୟ ଜୀବନ୍ତ । ଦୁହେଁ ବୁଢ଼ା ହେଲେ । ପର୍ଯ୍ୟନ୍ତ 'ଜଡ଼ାତେଲ ପେଣ୍ଡୋଲ' ହୋଇ କଟାଇ ଆସିଲେ । ଏ ପଦ୍ୟଟି ସେହି ଗୁଞ୍ଜଙ୍କ ସ୍ତ୍ରୀଙ୍କୁ ଲକ୍ଷ କରି ଲିଖିତ ।

ବିଲ୍ଲାପ୍ରେମୀ—ଗୁଞ୍ଜ !

ଲୁଣ ଲୁଣ ଲୁଣ ନାଦେ ଅନ୍ତରାଳେ ଥାଇ
ମୋହିଥିଲୁ ଜଗତକୁ ପ୍ରେମରେ ସଦାଇ ।
କେତେଥର ପାଦଜନ୍ଧ ଗୁହଁଛି ନିରେଖି
ଥରେ ସେହି ଦେବୀରୂପେ ପଡ଼ିବାକୁ ଆଖି ।
କିନ୍ତୁ ଧନ ! କେତେ ଚେଷ୍ଟା ଅନ୍ତା କରି ମୁହିଁ
ଜଗତେ ପେଟାଛି ତୋର ଦର୍ଶନ ନ ପାଇ ।

ପଶିଥିଲି ସ୍ୱପ୍ନେ ନିଜକୁ ଅସାର,
ହାୟ ନାଥ ! ଛିଣ୍ଡିଗଲା ଏବେ ସେ ଭରସା ।
ଆଉ ଦିନେ ନ ମିଳିବ ତୋର ଦରଶନ
ଛାଡ଼ି ଦେଇ ଯାଉଛି ରୂପ ଅନୁପମ ।
ସେହି ଗଢ଼ା ପିରୁଜାକୁ ହୃଦୟ-ମନ୍ଦିରେ
ରଖି ନିତ ପୂଜୁଅଛୁ ଅତି ଯତନରେ ।
ଏବେ ମାଗୁଅଛି ମୁହିଁ ଭିକ୍ଷା ତୋ ଚରଣେ
ଦୂରେ ଥାଅ ନ ଆସ ମୋ ପାଖକୁ ଗୋ କ୍ଷଣେ ।
ଯେତେବେଳେ ଦୁର୍ଯୋଗରୁ ପଡ଼ନ୍ତି ସମ୍ମୁଖେ
ନ ଚାହିଁବ ତୋ ବଦନ, ବସ୍ତ୍ର ଦେବ ମୁଖେ ।
ଜାଣିଲଣି ଏବେ ମୋର ଦୃଢ଼ ଅନୁଭବେ
ପଡ଼ିଛି ନେତ୍ର ତୋର ଯେଉଁ ପଥେ ଯେବେ,
ଭାଙ୍ଗି ଚୂନା ହୋଇଯିବ ପୀରତି-ପିରୁଜା
ଝୁରି ସେହି ପ୍ରେମକୁ ହେବ ମୁଁ ପାଗୁଳା ।
ପରଶପ୍ରେମ ମୋର ହୋଇଗଲେ ଚୂନା
ପୂଜି ମୁଁ କାହାକୁ ଆଉ ବଞ୍ଚିବ ବା କିନା ।
ଦଣ୍ଡକେ ସେ ଚୂନା ହେଲେ, ସେ ଠାବ ପୂରଣ
କରିବାକୁ ନାହିଁ ତୋର ପ୍ରକୃତ ଗୁଣ ।
ମନେ ମନେ ପୂଜୁଅଛି ମୁଁ ଯାହାକୁ ନାଥ
ଲାଗେ ଭୟ ଲାଗେ ତାର ନାହିଁ ତୋର ହାତ ।
ଏଥିପାଇଁ ମାଗୁଅଛି ନାଥପଦେ ଭିକ୍ଷା
ଦୂରେ ଥାଅ ମୋ ଆଗରୁ, କର ମନେ ରକ୍ଷା ।
ଅନ୍ତଃସ୍ଥ ମନରେ ମୋର ଅଛି ଯେତେ ଲୋଡ଼ା
କି କହିବ ଦେଖି ତୋର ରୂପ ମଣିଗଡ଼ା !
ଜଗତରେ ଯେତେ ରୂପ ଗୁଣ ଅଛି ଯହିଁ
ତାହା ସବୁ ଠୁଳ କରି ଗଢ଼ିଅଛି ମୁହିଁ ।
ଥରେ ଚାହିଁଦେଲେ ତତେ, କଳ୍ପନାର ସ୍ୱପ୍ନ
ଲିଭିଯିବ କ୍ଷଣେ, ହୋଇଯିବ ମୁହିଁ ବାଷ୍ପ ।
ଏଥିପାଇଁ ମାଗୁଅଛି ତୋଠାରୁ ମେଲାଣି
ଦୂରେ ଥାଅ ନ ଆସ ଗୋ ମୋ ପାଖେ ମିଳଣି ।

ଯେଉଁ ବନ୍ଧୁଙ୍କ ସ୍ତ୍ରୀଙ୍କୁ ଏ ପଦ୍ୟଟି ଉଦ୍ଦିଷ୍ଟ; ସେ [illegible] ଏହା ପଢ଼ି ବାଲମାତାଙ୍କୁ ଜଣା ଦେଲା ପର [illegible] ବୋଧ ହେଉ ନାହିଁ । ବାଲମାତାଙ୍କର ବୃଦ୍ଧାବସ୍ଥାରେ ଏବେ ଲାଗିବଟା ଠିକ୍ କି ପଢ଼ନ୍ତୁ କେଉଁ ଭାଷାକୁ ? ପାଠକମାନେ ମଧ୍ୟ ମାତାଙ୍କ ଭାବନା ଭାବନ୍ତେ ଗୋଟିଏ ଜୋଡ଼ିଏ ପଦ୍ୟମଧ୍ୟ ବଙ୍ଗଳା ଦେବାର ଅଭ୍ୟାସ ପାଇବେ—

ନ ୬୯ ନିର—

ନନ୍ଦନ-ପିରୁଜା ।

ଦିନେ ପଡ଼ିଥିଲା ଯୋଗ, ଦେଲି ଯେବେ ଚାହିଁ
ଦିଶିଗଲା ତୋ ବଦନ ଅଲୋ ସ୍ୱପ୍ନ ନୁହିଁ ।
ଦେଖା ଦେଇ ଦଣ୍ଡେ, ଗଲୁ ହିଜାବରେ ବାଳା
ଝଟକ ବଜୁଳିଠାରୁ ହୋଇଣି ଚଞ୍ଚଳା ।
ନିମିଷକେ ଚାହିଁଅଛି ହୋଇ ଭଲ ଯନ୍ତ୍ରି
ନାହିଁ ଭୁଲିଗଲୁ ମୁଖ, କରେଣି ନ ଚାହିଁ ।
ସଂସାରର ଗହଳରେ କେଣେ ଗଲୁ ବୁଡ଼ି
ଜୀବନର ଆଶାଦୀପ ରହିଲି ମୁଁ ଝୁରି ।
ଜୀବନେ ଘଟିଛି ଦିନେ ପ୍ରେମର ସ୍ୱପନ
ସେହି ଦିନ ଯୋଗୁଁ ଏବେ ମୋ ଜୀବନ ଧନ୍ୟ ।
ଲୁଚିଲା ତୋ ରୂପ ଲୁଚିଗଲା ତୋ ମାୟା
ସେହି ଦିନଠାରୁ ହେଲି ଏବେ ହତଶିରି ।
ଯେଉଁ ପ୍ରେମ ବୀଜ ମନେ ଦେଇଥିଲୁ କପାଳେ
ସେହି ମନ୍ତ୍ର ଜପୁଅଛି ଜାଗ୍ରତେ ସ୍ୱପନେ ।
କି ଉଦ୍ଦେଶ ସେଦିନ ଆସିଥିଲୁ ମୋର ନିକଟ
ତାହା ତୁହି ଜାଣୁ ଏକା ଜାଣେ ବିଶ୍ୱପତି ।
କି ଲୋଡ଼ିଲୁଁ ମୋର ପାପନପୂର ଉପର
ଉଡ଼ିଗଲୁ ଅନ୍ଧାରେ କରି ସମ୍ପର୍କ ।
ତୋ ଲାଗି ହେଲି ଯୋଗୀ ବୁଲି ଘର ଘର
ନଦୀ, ବନ, ପରବତ, ନିର୍ଜନ ପ୍ରାନ୍ତର ।
କୁବେରର ଭଣ୍ଡାରୁ ରାଜାଙ୍କ ମୁକୁଟ
ଖୋଜି ଖୋଜି ଗଲି ଥକି ନ ପାଇଲି ଭେଟ ।
ବଜାଇ କେନ୍ଦରା କାନ୍ଧେ ଯେଉଁ ଛନ୍ଦ ତାଳ
ତୋହ ନାମେ ଗୀତ ବୋଲି କଲି ମୁଁ ବଟାଳ ।
ଯାଇ ଯାଇ ବୁଲି ଶେଷେ ଆସିଲି ନଗରେ
'ନନ୍ଦନ-ପିରୁଜା ମୋର ଅଛି କାହା ଘରେ' ।
ଏହି ପ୍ରେମ-ଗୀତ ବୋଲି ବୁଲେଁ ଭିକ୍ଷା ଦଇ
'ନନ୍ଦନ-ପିରୁଜା ମୋର କେଉଁ କାଏ ଦଇ' ।

ମୁଠି ଭଙ୍ଗା ହେଲ ଯୌବନ, ନ ନାଶେଁ ମୁଁ ଆଶା
'କେବେ ଯାଇ ଦେବ ମୋର ମନେ ଅଛି ଆଶା' ।
ପଚ୍ଛରେ ଯାହାକୁ ଯେତେ କି ଧାଇଁ ଭଉଁର
'ନପୂନ-ଝାଞ୍ଜକୁ କେ ଦେଖିଛ କି ମୋର' ।
ଏହିପରି ବୁଲୁଁ ବୁଲୁଁ ଫାଟିଗଲାଣି କେଶ
ଛେବେ ଧବା ଭ୍ରମୁଅଛି ଯୋଗି ଦେଶ ଦେଶ ।
ପୁଷ୍ପବାରେ ଯାମିନୀ ଯାହା ଦିଶନ୍ତି ସୁନ୍ଦର
ସବୁ ଗଡ଼ା ହୋଇଛନ୍ତି ନୂପାହାକେ ଧାର ।
ନିପୂନ-ଝିଞ୍ଜିକ ! ମଠେ ଭରୁନ୍ତି ପଣ୍ଡା
ଏ ଜୀବନେ ବଉମନେ, ଦେବୁ ଦନେ ଦେଖା ।
ଛତେ ନ ଦେଖିଲା ଯାଏ ନ ଫେରିବ କେଶେ
ଏ ଜନମେ ହେଉ ଅବା ଅପର ଜନମେ ।
ଯେ ଦେଖଇ ମତେ କହେ ବାଉଳା ପାମର
ଯଉଗର ଗ୍ରାନ ଖୋଜି ବୁଲୁ ଘର ଘର ।
ମୁହିଁ ଜାଣେଁ, ଜାଣୁ ତୁହି, କହେ ମୁଁ ବାଉଳା
ଖୋଜି ଖୋଜି ବୁଲୁଅଛୁ ନପୂନ-ପିଉଳା ।

ନୋଟ୍—ପାଠକ ମହୋଦୟ—ଆଜକାଲି ଫେସନ୍‌ର ପିନ୍ଟ୍ ବାବୁ ଉପ୍ଲନ୍ଥ ଟୋକାଙ୍କ ଆଖିରେ ଚଷମା ଦେଖି ମନରେ ଯେଉଁପରି ଭାବର ଉଦୟ ହୁଏ, ବାଉମାହାନ୍ତଙ୍କର ପ୍ରେମ-ସଙ୍ଗୀତମାନ ଦେଖି ମନରେ ଠିକ୍ ସେହିପରି ଭାବର ଉଦୟ ହେଉ ନାହିଁ କି ? ବୁଢ଼ାହକେ ଏସବୁ ସାଜୁଛି କି ? ଏସବୁ love-song ସିନା ଭୁମ ଆମଭଳ ଟୋକାଙ୍କୁ ମାନନ୍ତା । ବୁଢ଼ାଙ୍କ ପାଟିରୁ ଏହା ଶୁଣିବାକୁ ମଧ୍ୟ କେମିତି କେମିତି ମାଉ ପଡ଼େ ! ବୁଢ଼ାହକେ ପାସ୍ଫ୍ଲଥ ମାଣିଥବାର ଯୋଗିଙ୍କର ଏ ପ୍ରେମ-ଗୀତ ଅଛି । ସେ ହେଉ ଏବେ ଲୁଚା ଦୋଷ, କିମ୍ବା ଉପଦେଶ, ଏବଂ ସେମାନେ ସେ ସବୁ ବାହାର କି ଏ ସଂଖ୍ୟା ପାଇଁ ଉକ୍ତ ମାତ୍ର ଅମ୍ଭେମାନେ ବାଉମାହାନ୍ତଙ୍କୁ ଅନେକ ଥର ଆଉ ପୁଣି ଥରେ କଥା କହି ବାରି ଦେଇଥିଲୁ । ବାଉମାହାନ୍ତଙ୍କ ପଦ୍ୟ ଏତିକି ଆଉ ଅମ୍ଭେମାନେ ଗ୍ରହଣ କରିବୁ ନାହିଁ । ବାଉମାହାନ୍ତ କହିଲେ ମୋତେ ୬୦ ବର୍ଷ ମଧ୍ୟରେ ସେହି ଧନକ ନେକଲ ପଦ୍ୟ ଲେଖିଥିଲି, ଆଉ ଲେଖିବାର ଆଶା ନାହିଁ, କି ଭୟ ନାହିଁ । ସେ ପଦ୍ୟ ଅମ୍ଭମାନଙ୍କୁ ଠିକ୍ ଏ ଭାବ୍ ଦେଖାଇ କହିଲେ, ତୁମ୍ଭେ ଏ ପଦ୍ୟଟିକ ଗ୍ରହଣ ନ କଲେ ମୁଁ ଜଣେ 'ଗ୍ରାହକ' ଦେଖି ଉତ୍ସର୍ଗ କରି ଦେଲେ ତ ପାଠ ସରିଯିବ । ଆଉ ଉପାୟ କଣ ? ପଦ୍ୟ ଉତ୍ସର୍ଗ ହେବାର ଗୁଜବ ପାଇଲେ ହେବେ ଲୋକ ନାଲିମ ଭାବ ବସିବେ ଯେ । ଅତଏବ ଅମ୍ଭେମାନେ ବାଧ ହୋଇ [illegible] ହେଲୁଁ । ପାଠକମାନେ, ପଦ୍ୟର ନମୁନା ତ ଦେଖିଲେ, ଉତ୍ସର୍ଗପାଇଁ ଆପଣମାନଙ୍କ ମଧ୍ୟରେ କେହି ଗ୍ରାହକ ଅଛନ୍ତି କି ? ଏବେ ବାଉ-ମାହାନ୍ତ ଆପଣା ସ୍ୱରୂପ ଲୁଚାଇଥିଲେ, ଆଜି ଧରା ପଡ଼ିଅଛନ୍ତି । ବାଉମାହାନ୍ତ କେଉଁ ଶ୍ରେଣୀର 'ବାଉ', ବିଚକ୍ଷଣ ପାଠକଙ୍କ ଆଉ ନୂଆକରି ଏ କଥା ଆଉ ଅଛପା ରହିବ ନାହିଁ ।

ଶ୍ରୀ ଦୁର୍ମୁଖ ଶର୍ମା

ଗ୍ରାମ୍ୟଭାଷା । ※

(କଟକ ଆଲୋଚନା ସଭାରେ ପଠିତ ।)

ଗ୍ରାମ୍ୟ ଧର୍ମ, ଗ୍ରାମ୍ୟ ଭାବ, ଗ୍ରାମ୍ୟ ଆଚାର ବ୍ୟବହାର ଓ ଗ୍ରାମ୍ୟ ଭାଷାକୁ ସମସ୍ତେ ନିକୃଷ୍ଟ ବୋଲି କହନ୍ତି । ସେଥିରେ ଦେଶୀପ୍ରଥା ବା ମୌଳିକତା ଅଧିକ ଥାଏ ସତ୍ୟ; କିନ୍ତୁ ଶିକ୍ଷା ଓ ଉଚ୍ଚାଦର୍ଶର ଅଭାବରୁ ଅନେକ ସହ କଥା କ୍ରମେ ଦୂଷ୍ୟ ହୋଇଯାଏ । ଭାଷାର ଶବ୍ଦ ଗ୍ରାମ୍ୟତାରୁ ମିଳେ । ନାଗରିକ ଭାଷା କଷ୍ଟ ଆଉ ପ୍ରୟୋଗ ଦ୍ୱାରା କଳୁଷିତ ହୋଇ ପାରେ, କିନ୍ତୁ ଗ୍ରାମ୍ୟ ଭା-

※ କେତେକ ଅଂଶ ଉଠାଇ ଦିଆ ଯାଇଅଛି ।

ପକ୍ଷରେ ସେପରି କୌଣସି ଅନ୍ତରାୟ ନ ଥିବାରୁ ଦେଶୀୟ ସ୍ୱର ଓ ଭାବ ସେଥିରେ ଅଟଳ ରହିଥାଏ । ଗ୍ରାମ୍ୟ ଭାଷା ଯଦ୍ୟପି କଳୁଷିତ, ତାହାର କେତେକ ଅଂଶ କିନ୍ତୁ ଉତ୍କର୍ଷବିଶିଷ୍ଟ । ତତ୍-ସମ୍ବନ୍ଧରେ କିଞ୍ଚିତ୍ ଆଲୋଚନା କରିବା ଏହି କ୍ଷୁଦ୍ର ପ୍ରବନ୍ଧର ଉଦ୍ଦେଶ୍ୟ ।

ଓଡ଼ିଆ ଭାଷା ପ୍ରାକୃତ, ସଂସ୍କୃତ ଓ ଦେଶର ଅନାର୍ଯ୍ୟ ଭାଷାର ସମିଶ୍ରଣରେ ଗଠିତ । ସଂସ୍କୃତ ପରିବର୍ତ୍ତିତ ହୋଇ ପ୍ରାକୃତ ଏବଂ ପ୍ରାକୃତ ପରିବର୍ତ୍ତିତ ହୋଇ ଓଡ଼ିଆ । ଏଥିରେ କେବଳ ଯେ ଆକାରର ପରିବର୍ତ୍ତନ ଘଟିଅଛି, ତାହା ନୁହେ, ସମ୍ବନ୍ଧ ନିୟମର ମଧ୍ୟ ପରିବର୍ତ୍ତନ ହୋଇଅଛି । ସଂସ୍କୃତର ଲିଙ୍ଗାଦି ପ୍ରାକୃତରେ ସମାନ ନୁହେ । "ପ୍ରାକୃତେ ଲିଙ୍ଗବ୍ୟଭିଚାରଃ", ସେହିପରି ପ୍ରାକୃତରେ ଯାହା ଥିଲା ତାହା ଓଡ଼ିଆରେ ବ୍ୟଭିଚାରୀ ହୋଇ ଯାଇଅଛି । ଭାଷାର ପରିବର୍ତ୍ତନ ନିଯୁକ୍ତ ଘଟୁଅଛି । ଘଟନାକ୍ରମେ ଅନେକ ସାଧୁ କଥାରେ ଦୋଷାବେଶ ହୋଇ-ଅଛି । ଦୃଷ୍ଟାନ୍ତ ନିମ୍ନରେ ପ୍ରଦତ୍ତ ହେବ ।

ସଂସ୍କୃତର ଯୁଷ୍ମଦ୍ ଶବ୍ଦର ବହୁବଚନାନ୍ତ 'ଯୂୟଂ', ପ୍ରାକୃତରେ 'ତୁହ୍ମେ'; ଆମ୍ଭମାନଙ୍କ ଭାଷାରେ 'ତୁମେ' 'ତୁମ୍ଭେ' । ଅନେକ ଗ୍ରାମବାସୀ 'ତୁହ୍ମେ' ମଧ୍ୟ କହନ୍ତି । ସେହିପରି ଅସ୍ମଦ୍ ଶବ୍ଦର ବହୁବଚନାନ୍ତ 'ବୟଂ' ପ୍ରାକୃତରେ 'ଅହ୍ମେ', ଭାଷାରେ 'ଆମ୍ଭେ' 'ଆମେ'; ଓଡ଼ିଶାର କେତେକ ଅଞ୍ଚଳର (ବିଶେଷତଃ ଉତ୍ତରାଞ୍ଚଳର) ଲୋକେ 'ଆହ୍ମେ' ବୋଲି ମଧ୍ୟ କହନ୍ତି । ମୂଳ ଅନୁସରଣ କରି ବୁଝିବା ପରେ 'ଆମ୍ଭେ' 'ତୁମ୍ଭେ' ବହୁବଚନାନ୍ତ ପଦ । ମାତ୍ର ଆମ୍ଭମାନଙ୍କ ମାତୃଭାଷାରେ ତାହା ଏକ-ବଚନସ୍ୱରୂପ । ବହୁବଚନ ସ୍ଥଳରେ ଲେଖାରେ 'ଆମ୍ଭେମାନେ' 'ତୁମ୍ଭେମାନେ' ବ୍ୟବହୃତ ହୁଏ । ବୋଧ ହୁଏ ଗୌରବାର୍ଥରେ ବହୁବଚନ ହୁଏ ବୋଲି ଏକ ବ୍ୟକ୍ତିଠାରେ 'ଆମ୍ଭେ' 'ତୁମ୍ଭେ' ବ୍ୟବହାର କରୁ କରୁ ଘଟନାକ୍ରମେ ତାହା ପ୍ରୟୋଗମୂଳ ଅନୁସାରେ ଏକବଚନାର୍ଥରୂପ ଗ୍ରାହ୍ୟ ହୋଇଅଛି । କିନ୍ତୁ ଭଲ କରି ପରୀକ୍ଷା କରି ଦେଖନ୍ତୁ, ଗ୍ରାମ୍ୟଭାଷାରେ 'ଆମେ' 'ତୁମେ' ବହୁ-ବଚନରେ ବ୍ୟବହୃତ ହୁଏ । ହୁଏତ ଜନସାଧାରଣ-ବର୍ଗଙ୍କୁ ଏହା ଅସଙ୍ଗତ ବା ଅସାମ୍ପ୍ରତ ବୋଧ ହେବ, କିନ୍ତୁ ପ୍ରକୃତରେ ଜନତା ସ୍ଥଳରେ କହା-ଯାଏ ତୁମେ (ତୁହ୍ମେ) ଯାଅ, ଆମେ ଯିବୁ, ଏକ-ବଚନ ସ୍ଥଳରେ 'ତୁ' 'ମୁଁ' । ସୁତରାଂ 'ତୁ'ର ବହୁ-ବଚନ ତୁମେ । ପ୍ରାଚୀନ ଓ ଆଧୁନିକ ପଦ୍ୟ ଲେଖାରେ ମଧ୍ୟ ଏହା ବହୁବଚନସ୍ୱରୂପ ପ୍ରଯୁକ୍ତ ହୋଇଅଛି । ପ୍ରାଚୀନ କବିମାନେ 'ଆମ୍ଭମାନେ' 'ତୁମ୍ଭେମାନେ' ବ୍ୟବହାର କରିଥିବାର ପ୍ରାପ୍ତ ଦେଖା ଯାଏ ନାହିଁ । ସମ୍ଭବତଃ ଅଳ୍ପ କାଳ ହେଲା ଉକ୍ତ ସ୍ଥଳରେ ବହୁବଚନର ବିଭକ୍ତି ଯୁକ୍ତ ହୋଇଅଛି । କେବଳ ଏହି ଦୁଇଟି ଶବ୍ଦର ଯେ ବହୁବଚନ ପ୍ରୟୋଗ ଅକ୍ଷୁଣ୍ଣ ରକ୍ଷିତ ହୋଇଅଛି, ତାହା ନୁହେ । ସଂସ୍କୃତର ଯଦ୍ ଶବ୍ଦର ବହୁ-ବଚନାନ୍ତ 'ଯେ', ଗ୍ରାମ୍ୟ ଓଡ଼ିଆ ଭାଷାରେ ମଧ୍ୟ ସେହି ସ୍ଥଳରେ 'ଯେ' । କିନ୍ତୁ ଲିଖିତ ଭାଷାରେ 'ଯେଉଁମାନେ' । ସେହିପରି 'ଏମାନେ' 'ସେମାନେ' ସ୍ଥଳରେ ଗ୍ରାମବାସିମାନେ 'ଏ' 'ସେ' ଏବଂ ଷଷ୍ଠୀ ବିଭକ୍ତିର ବହୁବଚନରେ 'ଯାଙ୍କର' 'ତାଙ୍କର' ବ୍ୟବହାର କରଥାନ୍ତି । ଉଲ୍ଲିଖିତ ଦୃଷ୍ଟାନ୍ତରୁ ପ୍ରତିପନ୍ନ ହେଉଅଛି—ଗ୍ରାମ୍ୟଭାଷାରେ ମୌଳିକତା କିପରି ରକ୍ଷା ପାଇଅଛି । ଏ ସ୍ଥାନରେ ଗ୍ରାମ୍ୟଭାଷା ଆମ୍ଭମାନଙ୍କର ଆଦରର ବସ୍ତୁ କି ନାହିଁ ? ଅମୂଳକ ବିଚାରି ବ୍ୟବହାରରେ ଲାଭ କଣ ? ସଂସ୍କୃତର 'ଏତଦ୍' 'ତଦ୍' ଶବ୍ଦ ପ୍ରାକୃତରେ 'ଏଥା' 'ତା' ଆମ୍ଭମାନଙ୍କର ଲିଖିତ ଭାଷାରେ 'ଏହା' 'ତାହା' । କିନ୍ତୁ ଇତର ଲୋକମାନଙ୍କ ମୁଖରୁ କଣ ଶୁଣାଯାଏ ? ଏତା, ଯା, ତା,—ଅନେକେ 'ଏତା'କୁ ଯେଉଁ ଭାବରେ ନୀଚଭାଷା ବୋଲି ମନେ କରନ୍ତି, ତାହା ସେପରି ନୁହେ । ଏଥିରୁ ଏଥ ଏବଂ ତହିଁରୁ ପୁଣି 'ଏହା'

ହୋଇଅଛି । ଅ ଓ ସ୍ୱର ବିକାରର ସ୍ଥାନ ନାହିଁ । ଭାଷାରେ 'ଅ' ସ୍ଥଳରେ ଅନେକତ୍ର 'ଏ' ହୋଇଥାଏ ।

ଯଥା:—ଶଅ=ଶହ, ଅତିଶ=ଅଧିକ, ଶାଣ=ଶାହାଣ ଇତ୍ୟାଦି । ଓଡ଼ିଆରେ ଷଷ୍ଠୀ ବିଭକ୍ତିରେ 'ମାନ' ଲାଗେ । କିନ୍ତୁ ଗ୍ରାମ୍ୟ ଭାଷାରେ ତାହାର ବ୍ୟବହାର ପ୍ରାୟ ଦେଖାଯାଏ ନାହିଁ; କ୍ୱଚିତ୍ ଦେଖାଯିବ । 'ମାନ' ସ୍ଥଳରେ 'ଦେହି(ର)' ବ୍ୟବହୃତ ହୁଏ । ସଂସ୍କୃତର ଷଷ୍ଠୀ ବିଭକ୍ତ୍ୟନ୍ତ 'ଅସ୍ମାକଂ' 'ଯୁଷ୍ମାକଂ' ପ୍ରାକୃତରେ 'ଅମ୍ହେହି' 'ତୁମ୍ହେହି'; ଗ୍ରାମ୍ୟଭାଷାରେ 'ଆମ୍ଭଦେହି' 'ତୁମ୍ଭଦେହି'; ଯଥା:—'ଆମ୍ଭଦେହି ସେ କଥା ହେବ ନାହିଁ' । ପଞ୍ଚମୀ ବିଭକ୍ତିରେ 'ଠୁଁ' 'ଠାରୁ' ଓ 'ଠେଇଁକି' ବିଭକ୍ତି ଚଳେ । ଯଥା:—'ମୁଁ ଠେଇଁକି ସେ ବଡ଼' ।

କ୍ରିୟା ପ୍ରକରଣରେ ସେହିପରି ପ୍ରାକୃତ ସଙ୍ଗେ ଗ୍ରାମ୍ୟଭାଷାର ସାଦୃଶ୍ୟ ଅଧିକ ଅଛି । ଗ୍ରାମ୍ୟଭାଷାର ପ୍ରଥମପୁରୁଷ କ୍ରିୟାରେ 'ମି' ବିଭକ୍ତି ବ୍ୟବହୃତ ଥାଏ । ଯଥା:—ନେମି, ଦେମି, ଯିମି, ଶୁଣିମୁଁ ଶୁଣିମା ହେଉ, ଖାଇମୁଁ ଇତ୍ୟାଦି । ଦେବ, ନେବ, ଖାଇବ, ଯିବ ପ୍ରଭୃତି ଚର ଲୋକମାନଙ୍କ ମୁଖରୁ ପ୍ରାୟ ବାହାର ନ ଥାଏ । ତଳେ ଦେଖନ୍ତୁ, ପ୍ରାକୃତ ସହିତ ଗ୍ରାମ୍ୟଭାଷାର କପରି ସାମ୍ୟ ଅଛି । ସଂସ୍କୃତରେ 'ନୟାମି' 'ନୟାମଃ' ପ୍ରାକୃତ ଭାଷାରେ 'ଣେମି' 'ଣେମ୍ହ' ଗ୍ରାମ୍ୟଭାଷାରେ 'ନେମି' 'ନେମୁଁ' ।

ସେହିପରି:—

ସଂସ୍କୃତ	ପ୍ରାକୃତ	ଗ୍ରାମ୍ୟ-ଓଡ଼ିଆ
ଶୃଣୋମି	ଶୁଣେମି	ଶୁଣିମି
ଦୃକ୍ଷ୍ମି	ଦେକ୍ଖାମି	ଦେଖମି
ହନ୍ମି	ହଣାମି	ହାଣେମି
ଗାୟାମି	ଗାଏମି	ଗାଉମି
ଜୀବାମଃ	ଜୀଅମୋ	ଜୀଉମୁଁ
ଭବତୁ	ହୋଦୁ	ହୋଉ, ହଉ
		ଇତ୍ୟାଦି ଇତ୍ୟାଦି ।

ଦ୍ୱିତୀୟତଃ ମଧ୍ୟ ଦେଖାଯାଉଅଛି ଯେ ଗ୍ରାମ୍ୟ ଭାଷାରେ ପ୍ରାକୃତର ମେଳ ଅତିମାତ୍ରାରେ ଅଛି । ଏଥିରୁ କଣ ଏମନ୍ତ ଅନୁମାନ ହେଉ ନାହିଁ ଯେ ପୂର୍ବେ ଏ ଦେଶରେ ପ୍ରାକୃତ ସାଧାରଣ କଥିତ ଭାଷା ଥିଲା । ଅନନ୍ତର ପ୍ରଚଳିତ ଓଡ଼ିଆ ଭାଷା ପ୍ରାକୃତମିଶ୍ରିତ ଗ୍ରାମ୍ୟଭାଷା ଅପେକ୍ଷାକୃତ ଅତ୍ୟନ୍ତ ପରିବର୍ତ୍ତିତ ହୋଇଅଛି । ସେଥିରେ ଯେଉଁ 'ନେମି' 'ଯିମି' ପ୍ରଭୃତି ରୂପ କ୍ରିୟା ଚଳେ ତାହା ପୂର୍ବେ ଚଳୁଥିବା ଅସମ୍ଭବ ନୁହେ । କେବେ 'ନେବ' 'ଯିବ' କପରି ଭାଷାରେ ପ୍ରଚଳିତ ହୋଇଅଛି ? ଭାଷାପ୍ରବାହ ବହୁମୂଳ ଅତିକ୍ରମ କରି ଅଜ୍ଞାତ ଚାଲିଅଛି, କେଉଁଠି କପରି ପରିବର୍ତ୍ତନ ହୋଇ ଯାଇଅଛି, ତାହା କିଏ କହି ପାରେ ? ଓଡ଼ିଆ ଭାଷାର ଅବିର୍ଭାବ ପୂର୍ବରୁ ହିନ୍ଦି, ଗୁଜରାଟୀ ପ୍ରଭୃତି ଦେଶୀୟ ଭାଷା ବିଦ୍ୟମାନ ଥିଲା । ଆମ୍ଭମାନଙ୍କ ଭାଷାର ଭବିଷ୍ୟତ କାଳ ପ୍ରଯୁକ୍ତ 'ବ' 'ବୁଁ' ପ୍ରଭୃତି ବିଭକ୍ତି ଗୁଜରାଟୀର 'ବୁଁ' ବିଭକ୍ତିର ଅନୁକରଣରେ ଗଠିତ ହୋଇଥିବ ?

ଗ୍ରାମ୍ୟ ଭାଷାର ବିଭକ୍ତି ଅପେକ୍ଷାକୃତ ସଂସ୍କୃତ ବା ପ୍ରାକୃତର ନିକଟବର୍ତ୍ତୀ । ଯଥା;— ଘରରୁ =ଘରୁ, ହାତରେ=ହାତେ, ବାଟରେ= ବାଟେ, ଏହିପରି ପାଣିରୁ, ଭିତରେ, ବାହାରେ, ବେଳେ ଇତ୍ୟାଦି ।

ଆମ୍ଭମାନଙ୍କ ଏହି ଭାଷାର ଶବ୍ଦ ସବୁ ପ୍ରାକୃତର କପରି ନିକଟବର୍ତ୍ତୀ ତାହାର ଗୋଟିଏ ଦୁଇଟି ଉଦାହରଣ ଦେଖନ୍ତୁ;—

ପ୍ରାକୃତ—ଜେ ମେ ପିଅଣଂ ଣ ସହନ୍ତି,
ଓଡ଼ିଆ—ଯେ ମୋ ଶିଅ ନ ସହନ୍ତି,
ପ୍ରା—ମିଅସ୍ସ ତା ଜାବ ଣ ସୁଣେମି;
ଓ—ମିତର ତା ଯାଏ ନ ଶୁଣିମି;
ପ୍ରା—ବହିଂ ତୁମି—ଓ କାହିଁ ଯିମି ।

ପ୍ରାକୃତ	ଓଡ଼ିଆ
ଅଦ୍ଧଘର	ଅର୍ଦ୍ଧ ଘର
ସୁମରଣ	ସୁମରଣା

ସନ୍ଧ୍ୟ	ସଞ୍ଜ, ସଜ
ନିଦ୍ରାଳ	ନିଦ୍ରାଳ —ନିଦ୍ରାଳ
ଏକତ୍ର, ଏକତ୍ରିତ	ଏକଠି, ଏକଠେ, ଏଠେ
ପଣ୍ଡା	ପଣ୍ଡା (ଦୋଷାର 'ପଣ୍ଡା' ମିଶିଲା ନାହିଁ)
ଯୁକ୍ତି	ଯୁଗତି
ସନ୍ଧି	ସନ୍ଧି
ସଗ୍ରୀ	ସଗ୍ରୀ
କେଳି	ଟେକେଲି
ସାଧ୍ୟବେ	ସଡିମା ? (ଅର୍ଥ)
କଷ୍ଟ	କେତେ
ଉଚ୍ଚିଷ୍ଟ	ଉଛଠ
ସମ୍ଭବ	ସମ୍ଭବ
ପିଣ୍ଡ	ପିଣ୍ଡ (?)
ପିଣ୍ଡୁଅ	ପିଣ୍ଡୁଅ (ଜାତି)
ଛୁଟେକ	ଛୁଟେକ
ଛୁଙ୍କ	ଛୁଙ୍କେ
କାର୍ଯ୍ୟ	କାର୍ଯ୍ୟ ଇତ୍ୟାଦି ।

ବୈଷ୍ଣବ, ସନ୍ନ୍ୟାସ, ଯେତ୍ସାମରେ, ଶୟାଗତ, ଏବେଦିଅଳା (ଛଣ୍ଡିବା), ଉଦ୍‌ବାଟ ପ୍ରଭୃତି ଶବ୍ଦ ସେମାନଙ୍କ ମୁଖରେ ଯଥେଷ୍ଟ ।

ଅସ୍ଥା, ଜଣ୍ଡ, ବୋଲା, ଭର୍ତ୍ତି, ବୈଳା, ପାଚିକ, ବେଦନା, ପକ୍ଷ, ଗୋବର, ଫେଣ, ଘଣ୍ଟି, ଗାଳି, ବହଳ, ଜୁଣ୍ଟି, ଦାନ୍ତ, ଛୁରି, କାଠି, କବାଟ, ଦାନ ପ୍ରଭୃତି ସମସ୍ତ ଶବ୍ଦ ଏଥିରେ ବିରଳ ନାହିଁ ।

ଅନ୍ୟ କେତେଗୁଡ଼ିଏ ଏପରି ଶବ୍ଦ ବ୍ୟବହୃତ ହୁଏ ଯାହା ସଂସ୍କାର ଅଭାବରୁ ବଦଳି ଏବଂ ବିକୃତ ହୋଇଅଛି । ଯଥା—ଉଚିତ=ଉଚିତ, ନିଷ୍ଫଳ=ନିଫଳ, ନେତ୍ରକୁ=ନେତ୍ର, ଅନ୍ତର୍ଦ୍ଧାନ=ଅନ୍ତର୍ଧ୍ୟାନ, ରୁଗ୍ଣ=ରୋଗିଣୀ, ଅବଶ୍ୟକ=ଅବଶେଷ, ଦୁହିତା=ଦୋହିତା, ଶାପ=ଶାପ୍ୟ ଅପଭ୍ରଂଶ=ଅସ୍ତ୍ରଭ୍ରଷ୍ଟ ଇତ୍ୟାଦି ।

ଗ୍ରାମବାସୀ ଲୋକମାନଙ୍କ ଉଚ୍ଚାରଣ ଅନେକ ସ୍ଥଳରେ ମୂଳାନୁଯାୟୀ ହୁଏ । ଯେମିତେ ଅନୁସ୍ୱାରର 'ଲ' ସ୍ଥାନରେ 'ନ' ବା 'ଳ' ରୁ ବିକୃତ କରି 'ଲ' ଲିଖିତ କରନ୍ତି । ଯଥା,— ଲୁଣି=ନୁଣି, ଲାଭ=ନାମ, ଲଙ୍ଗଳ=ନାଙ୍ଗଳ, ଲୋକ=ନୋକ, ଲୀ=ନୀ, ଏବଂ ନେଳ=ବେଳ, ବାଦଲ=ବାଦର, କାଳ=କାଳର ବା କାଳେ; ନାଟକ=ଗାଡ଼ି, ନେଳନ—ନେଉଳ ଇତ୍ୟାଦି । ଉ ସ୍ଥାନରେ ଲ ବା ନ ଏବଂ ଲ ସ୍ଥାନରେ ଦ ବା ର ହେବା ବହୁଳ ଦେଖାଯାଏ । କାରଣ ଏହା ଦୋଷ ନୁହେଁ । ଭ ଓ ଉ ଉଚ୍ଚାରଣ ସ୍ଥାନ ଏକ । ସେମାନେ ଲିଖିତ ଲେଖେ 'କୁକୁର' 'ପତର' 'ଲଡ଼ଦ' ସ୍ଥଳରେ କୁକୁର ପତ୍ରର ଲଡ଼ୁଇ ଇତ୍ୟାଦି କହନ୍ତି ।

ସଂଯୁକ୍ତ ବର୍ଣ୍ଣାଦି ସମ୍ପୂର୍ଣ୍ଣ ଭାବରେ ଉଚ୍ଚାରଣ କରିବା ଅଶିକ୍ଷିତ ଲୋକମାନଙ୍କ ପକ୍ଷରେ ସହଜ ନୁହେଁ । ସମ୍ପ୍ରତି ସମ୍ମିଳିତ ସ୍ୱର ପ୍ରାକୃତରେ ବିଶ୍ଳେଷିତ । ଗ୍ରାମ୍ୟଭାଷା ବା ସାଧାରଣ ପ୍ରାକୃତରେ ତାହାର ମଧ୍ୟ ଯୋଗ । ଇତର ଲୋକମାନେ ଯୁକ୍ତବର୍ଣ୍ଣରେ ଅସମର୍ଥ ହୋଇ ବିଶ୍ଳିଷ୍ଟ ଉଚ୍ଚାରଣ ଧରି ବିଶ୍ଳେଷଣ ପୂର୍ବକ ଉଚ୍ଚାରଣ କରିଥାନ୍ତି । ଯଥା; ଚକ୍ର=ଚକର, କ୍ଳେଶ=କେଳେଶ, ସ୍ନାନ=ସିନାନ, ତର୍କ=ତରକ, ପର୍ବ=ପରବ, ପୂର୍ବ=ପୂରୁବ, ଦର୍ପ=ଦରପ, ହୃଦ=ହୃରୁଦ, ଦ୍ୱାର=ଦୁଆର, ବାର୍ଷି=ଉଆସ, ପ୍ରଶଂସା=ପରଶଂସା, ପ୍ରମାଣ=ପରମାଣ, ମୌନ=ମଉନ ଇତ୍ୟାଦି ।

ଉପମା ବଷ୍ଟଦଶରୂପେ ଭାବ ପ୍ରକାଶ କରିବାର ଗୋଟିଏ ଉପାୟ । ଉପମାଦ୍ୱାରା ମନର ଭାବ ପ୍ରକାଶ କରିବା ମାନବର ସ୍ୱାଭାବିକ ଅଭିରୁଚି । ସେଥିପାଇଁ ସାଧାରଣ ଶବ୍ଦରେ ପୁରା ଉପମାର ବ୍ୟବହାର ଦେଖାଯାଏ । ଗ୍ରାମ୍ୟଭାଷାରେ ଯେ ଉପମା ନାହିଁ ଏମନ୍ତ ନୁହେଁ । ଲୋକେ ମନର ଭାବ ବ୍ୟକ୍ତ କଲା ବେଳେ ଲୌକିକ ରୂପର ଅଧୀନ ହୋଇ ଉପମାର ଅଶ୍ରୟ ନେଇଥାନ୍ତି । ମୂର୍ତ୍ତିବି ସ୍ଥଳରେ 'ମାଟିପିଣ୍ଡୁଳା'କୁ ଉପମା ନିଅଯାଏ । ଯଥା—'ଖାଇ ବସିବି ମାଟିପିଣ୍ଡୁଳା ପରି' ।

[illegible] ଶୋଭା(?) [illegible], [illegible] ମାଳିକେ ଦେବ କବାଟ [illegible] ସେଥିରେ କୌଣସି ପ୍ରବେଶ [illegible] ସେହିପରି ସେ [illegible] ଦୃଷ୍ଟି [illegible] ଅନ୍ୟମନସ୍କଙ୍କୁ ପ୍ରବେଶ କରି [illegible] ନାହିଁ [illegible] ଭାଷାର ଅଭାବ [illegible] କୋଠ [illegible] ପାରେ ଗାଁ 'ମାଳତୀଗୁଳ୍ମ' [illegible] ମହାଜନ କାଳିଦାସ ମଧ୍ୟ 'ମୁକ୍ତାବିନ୍ଦୁ' 'କୁସୁମବିନ୍ଦୁ' ଏପରି ପ୍ରୟୋଗ କରିଅଛନ୍ତି । [illegible] ପରିଚୟ ଦେବାକୁ ହେଲେ କେତେ ଧନ ଦରକାର ? ଭକ୍ଷ୍ୟ ପର କଥା । ସେ ଚମ୍ପା ଫୁଲ ପରି ଗୋରୀ । ସେହିପରି 'କୋଇଲି କଳା' 'ବାଳିଗରୁ' ମାଛ ମଞ୍ଜି ପରି ଗୋଲ, କୋଚିଲା ପିଠା, ଖଇ ଖୋଜ, ତାଳଗଛ ପରି ଢେଙ୍ଗା ଇତ୍ୟାଦି ।

ସର୍ବଦେଶରେ ପ୍ରଚଳନ ଅଛି; କାରଣ 'ମହାଜନୋ ଯେନ ଗତଃ ସ ପନ୍ଥାଃ ।' ସୁତରାଂ ମହାଜନଙ୍କର ଅନୁସରଣ କରି ନିଜ ନିଜ ଜୀବନ ଗଠନ କରନ୍ତି । ସେଥିପାଇଁ ବଡ଼ମାନଙ୍କ କଥାକୁ ସମସ୍ତେ ସମ୍ମାନ ଓ ବିଶ୍ୱାସ କରି ଗ୍ରହଣ କରନ୍ତି । ସୁତରାଂ ପ୍ରତ୍ୟେକ ଭାଷାରେ ଶିଷ୍ଟ ପ୍ରୟୋଗର ପ୍ରଚଳନ ଅବଶ୍ୟ ହେବ । ଓଡ଼ିଆ ଭାଷାରେ ବହୁତ ପ୍ରବାଦବାକ୍ୟ ଅଛି । ଆମ୍ଭମାନଙ୍କ ଗ୍ରାମ୍ୟଭାଷାରେ ଅନେକ ପ୍ରକାର ପ୍ରବାଦବାକ୍ୟ ସବୁ ଅଛି ।

ଏହି ଗୋଟିଏ ଦେଖନ୍ତୁ, 'ଯାହାର ମନ ଯେତେ ତାହାର ପ୍ରଭୁ ସେତେ', ଯାହାର ହୃଦୟ ଯେତେ ପ୍ରଶସ୍ତ ବା ଉଦାର ସେ ସେତେ ଶ୍ରେଷ୍ଠ ବା ମହାମୂଲ୍ୟ ବସ୍ତୁର ଉପଭୋଗରେ ଅଧିକାରୀ ହୁଏ । 'ମନ ଫୁଲିଲା ଗୀତ ଗାଏ', ଏହା କହିବା ଯେ ମନ ପ୍ରସନ୍ନ ନ ଥିଲେ କେହି ସ୍ୱତଃପ୍ରବୃତ୍ତ ହୋଇ କଦାପି ଗୀତ ଗାଇବାକୁ ଯାଏ ନାହିଁ । ଗାନ ଚିତ୍ତପ୍ରସନ୍ନତାର ଗୋଟିଏ ଲକ୍ଷଣ । ଉଦାହରଣସ୍ୱରୂପ ଆଉ କେତୋଟି ପ୍ରବାଦବାକ୍ୟ ନିମ୍ନରେ [illegible] ହେଲା । ଥିଲେ ଦେଶ କଳା ଦିଶେ [illegible] [illegible] ହୋଇଲା [illegible] [illegible] ଲୋକ ଛାଡ଼ି; [illegible], [illegible] ଲୋଡ଼ା; [illegible] [illegible] ଯାଉନ୍ତି କାହିଁକି, ଆଉ ଯୋଗାଇଲି ଦେଖି ନ ଜାଣନ୍ତି; [illegible] ଜାଣିବା [illegible] [illegible] 'ମୁଣ୍ଡକୁ ଆଣିଲେ [illegible]' କଥାକୁ ଆଣିଲେ [illegible]; [illegible] ନାହିଁ; ଯାଉନ ପ୍ରାପ୍ତିରେ [illegible]; [illegible] ପଥର ନାଇଁ; ଇତ୍ୟାଦି ।

[illegible] ଓଡ଼ିଆ ଭାଷାରେ ସେହି [illegible] ଅଗର । ଗ୍ରାମ୍ୟଭାଷାରେ ସେହିପରି କେତେକ ଶବ୍ଦ ପ୍ରଚଳିତ ଥିବାରୁ ଅଶ୍ଳୀଳ ଭଳି ଲାଗେ । ଅଳ୍ପ କାଳ ପ୍ରଚଳିତ ଭାଷାରେ ଚଳୁଅଛି— ଛିଡ଼ିବାର ସେ [illegible]; କିନ୍ତୁ ଗ୍ରାମ୍ୟଭାଷାରେ ତାହା ଚଳେ ନାହିଁ । ଛୁଇଁବାକୁ ଯୋଗ୍ୟ, କହିବାକୁ ଯୋଗ୍ୟ; କେଉଁଠି ଗୋଳକ ? ସଂସ୍କୃତରେ ସ୍ପୃଷ୍ଟଂ ଶକ୍ୟମ୍, ବକ୍ତୁଂ ଯୋଗ୍ୟମ୍ ଇତ୍ୟାଦି । ସୁତରାଂ ଗ୍ରାମ୍ୟଭାଷାର ଏତେ ବହୁଳ । ସେହିପରି ଦେବାର ନାହିଁ = ଦେବାକୁ ନାହିଁ; ଖାଇବାକୁ କିଛି ନଗୁ ନାହିଁ (କିଂ [illegible]); ସେ ଦାଣ୍ଡକୁ ଖାଉଛି; ତା କଥା ଗଛରୁ ବାହାର; ମୋତେ ଜଣା ନାହିଁ; ଖାଲୁ ବଳ ଅଛି କି ଏ; ପଛକୁ [illegible] ତାଙ୍କୁ ବଳ ଅଛି କି ଏ ? ସେଠିକୁ ଦାନା ନାହିଁ (ନିମିତ୍ତାର୍ଥରେ ଚତୁର୍ଥୀ) ତାଙ୍କୁ ମରଣ ନାହିଁ; ମୋତେ ଜଣ କରନ୍ତି । ଇତ୍ୟାଦି ।

ବର୍ତ୍ତମାନ ଭାଷା ସମ୍ବନ୍ଧରେ ସଂକ୍ଷେପରେ ଆଲୋଚିତ ହୋଇଗଲା । ସର୍ବସାଧାରଣ ବର୍ତ୍ତନ କରିବାକୁ ଅଧିକ ସମୟ ଓ ପରିଶ୍ରମ ଆବଶ୍ୟକ । ଏବେ ଗ୍ରାମ୍ୟଭାଷା ଦୁଇ ପ୍ରକାର । ଗ୍ରାମବାସୀ ଅପେକ୍ଷାକୃତ ଭଦ୍ରମାନଙ୍କର ଭାଷା ଏବଂ ଇତର ଲୋକମାନଙ୍କର କଥିତ ଭାଷା । ଏହି ଗ୍ରାମ୍ୟଭାଷା ଯେ ସର୍ବତ୍ର ଏକ, ତାହା ନୁହେଁ । ଭିନ୍ନ ଭିନ୍ନ

ଅଞ୍ଚଳରେ ସେହିପରି ପ୍ରକାର । ଏହିପରି ବା ନଦୀର ଏ ପାର୍ଶ୍ୱରେ ଏକ ପ୍ରକାର ଶୁଣିଲେ ଅପର ପାର୍ଶ୍ୱରେ ଅନ୍ୟ ପ୍ରକାର ।* ସୁତରାଂ ଏ ସମ୍ବନ୍ଧରେ ବିଶେଷ କିଛି କହିବା ଆମ୍ଭର ଅଳ୍ପଦର୍ଶୀ ପକ୍ଷରେ ଏକାନ୍ତ ଅସମ୍ଭବ । କେବଳ ଗୋଟିଏ ଦୁଇଟି ସ୍ଥଳ ଦେଖାଇବାପାଇଁ ପ୍ରବନ୍ଧ ଲେଖା ଆରମ୍ଭ କରାଯାଇଅଛି । ବର୍ତ୍ତମାନ ଗ୍ରାମ୍ୟ-ପ୍ରଚଳିତ କେତେଗୁଡ଼ିଏ ଶବ୍ଦ ନମୁନାରେ ଦେଖାଇ ଏହି ପ୍ରବନ୍ଧର ଉପସଂହାର କରାଯିବ । ସେଗୁଡ଼ିକ ସଂସ୍କୃତମୂଳକ କି ନାହିଁ ତାହା ବର୍ତ୍ତମାନ ସ୍ଥିର କରିବା କଠିନ । ତେବେ ଅଧିକାଂଶ ଦେଶଜ ଶବ୍ଦ ବୋଧ ହୁଏ ।

ପଦିଅର—ବିଶାଳ
ମଥାଦ୍ୱ } ତେଲି
ମାଲେଗା }
ନସାଡ—ନିବୃତ୍ତି ବା ମୀମାଂସା
ସିଅଣା—ଚତୁର
ବଉଁଥ—ଚେନ୍ଲ ଫଳ, ପିତ୍ତର ପାଠ
ଖୋହର—ସଙ୍କୀର୍ଣ୍ଣ ପଥ
ଚୁଆଁର—ନିର୍ବୋଧ
ଢାବା—ଢାଉର
ବଢ଼ୋଉ—ଚର୍ବି ଅନ୍ଧକାର
ଯୋଗଡ଼—ପ୍ରକାର
ଶୋଦଭା—ସୁନ୍ଦର
ଚକ୍ରୀ—ଭଙ୍ଗ
ଦେବକ୍ରୁଆ—ଚଗଲ
ଜେଦ୍ଧଣ—ଜନ୍ତୁ
ହୁଣ୍ଡା—ନିର୍ବୋଧ
ଦମା—ଅଳ୍ପ

ହିଲ୍ଲିକ—ବରୁଆଗଣ [ଚିକ୍ଲିକଣଦିଣ
ମଣିଆ—ମକଳ
ଗଡ଼ଅ } —ଶ୍ରଦ୍ଧମର
ଟୋପ }
କଦଡ—ନିର୍ଦ୍ଦୟ
ଖୋଳ—ଗୋଡ଼ା
ଖୋଳ—ପାଦ, ସ୍ୱଭାବ
ଖୋଦ—ପ୍ରକୃତ
ନିଲଠା—ନିର୍ଦ୍ଧନ
ଆନ୍ଦ—ଶାସନ
ଢେଡ଼ା—ପ୍ରବେଶକ, ଅବୋଧ୍ୟ
ଛନ୍ଦର—ସାମାନ୍ୟ
ବୃକ୍ଷ—ଯାଇଁଲି
ଭତିଯୁକ୍ତ—ମହାତ୍ମା
ଦରଭ୍ର—ନୈଷ୍ଣଗୋଗୀ
ପାଣ୍ଟୋଚ—ଯୋଡ଼ା ଉବାଦ ।

ଗ୍ରାମ୍ୟ-ପ୍ରଚଳିତ ସମାର୍ଥବାଚକ ଶବ୍ଦ—ଖିଲି-ମିଳି, ଯଳା-ଜୋଳା, ରାଉଳ-ପାଟ, ଲାଠି-ଗଳ୍ପ, ଝାଳ-ଡେଇଁ, ଅନ୍ନ-ମୂଳ, ବାଡ଼ି-ଗୁଆ, ଇତ୍ୟାଦି ।

ଅନୁକରଣ ଶବ୍ଦ—ସୁନାରୁପା ... ଲୁ । ଏହା କଥାବାର୍ତ୍ତା ... ସେମାନଙ୍କ ... ଭୋଜନ ... ଇତ୍ୟାଦି ।

ସମ୍ଭବତଃ ଉଚ୍ଚ ବ୍ୟବହାର ପ୍ରବୃତ୍ତି ଯେ ଗ୍ରାମ୍ୟ-ଭାଷାରେ ନାହିଁ ଏହା ସମୀଚୀନ ନୁହେ । କେତେକେର ପ୍ରଶସ୍ତ ଅଭାବ ଦେଖିବାରେ ରହିଅଛି । ସମୂହରେ ଗୋଟିଏ ଶବ୍ଦ ଏହି ଯେ ଛୋଟବଡ଼ ବା ମାନ୍ୟ ବ୍ୟକ୍ତିଙ୍କ ନିକଟରେ ନମସ୍କାର । ... ଲୋକ 'ନମ୍ବୁ ନମ୍ବୁ ଅର୍ଘ୍ୟ' ବୋଲି ଯଥାବିଧି ସମ୍ମାନ ପ୍ରଦର୍ଶନ କରେ । ଆମ୍ଭମାନଙ୍କ ଭାଷାରେ କଣ ସେପରି କିଛି ନାହିଁ ? ମାନ୍ୟ ବ୍ୟକ୍ତିଙ୍କୁ ଦେଖିଲେ ଲୋକେ କଣ କହନ୍ତି ? ଆପଣମାନେ ଶୁଣିଥିବେ ଅନେକେ (ଗ୍ରାମରେ) ମାନ୍ୟ ବ୍ୟକ୍ତିଙ୍କୁ ଦେଖିଲେ ନେ ନେ (ନମୁ) କହି ଅଭିବାଦନ କରନ୍ତି । ଦେବତାଙ୍କ ନିକଟରେ ମଧ୍ୟ ଏହି କଥାର ବ୍ୟବହାର ହୋଇଥାଏ । ଏହି ନେ' ନେ'ର ଉତ୍ପତ୍ତି କେଉଁଠାରୁ ? ଏହା ସେହି ନମ୍ବୁ ନମ୍ବୁ ଅର୍ଘ୍ୟ ବା ନମ୍ବୁ ନମ୍ବୁ ଦେବାର୍ଥ† ସ୍ଥଳରେ ବ୍ୟବହୃତ ହୁଏ ନାହିଁ କି ? ପ୍ରାକୃତରେ ଏହା ନେମୁ ନେମୁ । ନେମୁ ନେମୁର ଲୋପ ... ନେଉ ନେଉ, ଏହି ନେଉ ନେଉ ବା ନେଇ ନେଇ ଟିକିଏ ପରିବର୍ତ୍ତିତ ବା ସଂକ୍ଷିପ୍ତ ହୋଇ ଆମ୍ଭମାନଙ୍କ ଭାଷାରେ ବର୍ତ୍ତମାନ ନେ' ନେ ହୋଇଅଛି, କୌଣସି ସମ୍ମାନୀୟ ବ୍ୟକ୍ତିଙ୍କି ସମ୍ବୋଧନ କଲା ବେଳେ ସଂସ୍କୃତରେ ଏକ-ବଚନ ସ୍ଥଳରେ ବହୁବଚନର ଅବୋଧ କରାଯାଏ । ଆମ୍ଭମାନଙ୍କ ଭାଷାରେ ଅବଶ୍ୟ ତାହା "ଏବ

* ଗିରିଜନଦ୍ୟନ୍ତରଂ ଯଥ ଭାଷାଗ୍ରନ୍ଥ ମୂଳ୍ୟରେ ।
† ନମ୍ବୃଦ ନମ୍ବୃଦ ଅର୍ଘ୍ୟ ହୁଏ । ପ୍ରାକୃତରେ ନେଦ ନେଦ ।

ଲାଞ୍ଛୁ ମଞ୍ଜୁ, ଅଜାଗ୍ରୁ ଶୁଣିଲୁ, ଗାଛପତ୍ର । ଯେତେଶେଷ—ମିଶେ ! ଅସିବା ଦେଖିଲୁ, ଧଣ୍ଡି ଦା, ଆପଣେ ଶ୍ରମନକରଣେ ଠିଆଦି । ଏହିପରି ଅନେକ କୌତୂହଳୋଦୀପକ କଥା ଅଛି । ତୋହ୍ମାଲୋକ ସାକଲ୍ଲ ବାସ୍ପ ପରିବର୍ତ୍ତନୀୟ ଓ ଯଦି ଜାଣିଥାଅ ।

ଶ୍ରୀ ବୃନ୍ଦାବନ ରଥ ।

ନକ୍‌ସଲବାଡ଼ୀ ।

ଏହି ବଙ୍ଗଳାଦେଶ ମଧ୍ୟରେ (ବଙ୍ଗ-ବିହାର-ଓଡ଼ିଶା) ନେଭେରୁତଏ ସ୍ୱନାମପ୍ରସିଦ୍ଧ ସ୍ଥାନ ଅଛି । ସେଥିରୁ କେହି ବା ତୀର୍ଥ ସ୍ଥାନ ବୋଲି ପ୍ରସିଦ୍ଧ, କେହି ଅବା ଗନ୍ଧଧାମ ବୋଲି ପ୍ରସିଦ୍ଧ, କୌଣସି କୌଣସି ସ୍ଥାନ ପ୍ରଧାନ ପ୍ରଧାନ ଦ୍ରବ୍ୟ ନାମରେ ପ୍ରସିଦ୍ଧ, କେହି କେହି ସ୍ୱାସ୍ଥ୍ୟକର ସ୍ଥାନ ବୋଲି ପ୍ରସିଦ୍ଧ ପୁଣି କେହି ଅବା ଅସ୍ୱାସ୍ଥ୍ୟକର ସ୍ଥାନ ବୋଲି ପ୍ରସିଦ୍ଧ ଅଟେ । ମୋର ଏହି ଶେଷ କଥାଟି ସହିତ ସମ୍ପର୍କ । ଅସ୍ୱାସ୍ଥ୍ୟକର ସ୍ଥାନ ମଧ୍ୟରେ ଆମ୍ଭମାନଙ୍କ ଓଡ଼ିଶାରେ "ଜନମାଲ୍" ପ୍ରଭୃତି କେତେଗୁଡ଼ିଏ ସ୍ଥାନ ଅଛି, ବଙ୍ଗଦେଶରେ ସେହିପରି ଅନେକ ସ୍ଥାନ ଅଛି । ସେଥିରୁ ଦାର୍ଜିଲିଂ ଜିଲ୍ଲାର ତରାଇ ଏବଂ ଜଲପାଇଗୁଡ଼ି ଜିଲ୍ଲାର "ଦୁଆର" (Doars) ପ୍ରଧାନ ଅଟେ । ବିଶେଷତଃ ମୁଁ ଯେତେଦୂର ଜାଣେ ଏହି ତରାଇପରି ଅସ୍ୱାସ୍ଥ୍ୟକର ସ୍ଥାନ ଆଉ କେଉଁଠାରେ ଅଛି କି ନାହିଁ, ସନ୍ଦେହ । ଓଡ଼ିଶା ଯେପରି ଗଡ଼ଜାତ ଓ ମୋଗଲବନ୍ଦୀ ଏହି ଦୁଇ ଭାଗରେ ବିଭକ୍ତ ହୋଇଅଛି, ଦାର୍ଜିଲିଂ ଜିଲ୍ଲା ସେହିପରି ପାର୍ବତ୍ୟ ପ୍ରଦେଶ (Hill tract) ଏବଂ ପର୍ବତନିମ୍ନପ୍ରଦେଶ (Terai) ଏହି ଦୁଇ ଭାଗରେ ବିଭକ୍ତ ଅଟେ । ପ୍ରଥମ ବିଭାଗଟି ଯେପରି ଉତ୍ତମ ସ୍ୱାସ୍ଥ୍ୟକର, ଦ୍ୱିତୀୟ ବିଭାଗଟି ସେହିପରି ତାହାର ସମ୍ପୂର୍ଣ୍ଣ ବିପରୀତ ଅଟେ । ଏହି ତରାଇ ମଧ୍ୟରେ ମୁଁ ଯେଉଁଠାରେ ଥିଲି ତାହାର ନାମ "ନକ୍‌ସଲ୍‌ବାଡ଼ୀ" । ଏହି ସ୍ଥାନଟି ତରାଇ ମଧ୍ୟରେ ପ୍ରଧାନ ସ୍ଥାନ ଅଟେ । ଏହାକୁ ନକ୍ସଲ୍‌ବାଡ଼ୀ ନ କହି "ଯମଙ୍କବାଡ଼ୀ" ବା "ମେଲେରିଅର ଅନ୍ତଃପୁରଶାଳ" ବୋଲି ନାମ ଦେବା ଉଚିତ ଅଟେ । ସ୍ଥାନଟି ଇ, ବି, ଏସ, ଆର୍. (E. B. S. Ry.) ରେଲ ଶିଲିଗୁଡ଼ି ଷ୍ଟେସନରୁ ୮ କୋଶ ଦୂରରେ ଅବସ୍ଥିତ । ଏଠାକୁ ମନୁଷ୍ୟ କଥା ଦୂରେ ଥାଉ, କୁକୁର ବିଲେଇଗୁଡ଼ାକ ମଧ୍ୟ ଯେବେ ସ୍ୱଚ୍ଛନ୍ଦ ଆସିଲେ ତାଙ୍କୁ ୨,୩ ଥର ଜ୍ୱର ନ ହୋଇ ଛାଡ଼ିବ ନାହିଁ ଏବଂ ସେ ଅତ ଜନ୍ମରେ ଅର୍ଦ୍ଧଗୋଲା ପର୍ଯ୍ୟନ୍ତ "କୁଇନାଇନ" ନ ଖାଇ ଏଠାରୁ ଯାଇ ପାରିବେ ନାହିଁ । ଏହି ଜ୍ୱରର ନିୟମ ଏହି ଯେ ଏହା ପ୍ରାୟ ପ୍ରତି ପକ୍ଷର ଦ୍ୱାଦଶୀ ବା ତ୍ରୟୋଦଶୀଠାରୁ ଆରମ୍ଭ ହୋଇ ୩।୪ ଦିନ ରହି ଦ୍ୱିତୀୟା ବା ତୃତୀୟାରେ ଅସ୍ତ ଅବସ୍ଥା ଘଟେ । ଏହି ସମୟରେ କୁଇନାଇନ ଖାଇଲେ କେତେଦିନ ଦେହ ଭଲ ଥାଏ, ପୁଣି ପରବର୍ତ୍ତୀ ଦ୍ୱାଦଶୀ ବା ତ୍ରୟୋଦଶୀରେ ଜ୍ୱର ଆସେ । ଏହିପରି କାହାକୁ ୧୫ ଦିନକୁ ୧୫ ଦିନ କାହାକୁ ୮ ଦିନକୁ ୮ ଦିନ କାହାକୁ ବା ୪ ଦିନକୁ ୪ ଦିନ ଜ୍ୱର ହୁଏ । ସେଠାରେ ଅନେକ ଦିନ ରହିଲେ ୧ ମାସରେ ଥରେ ବା ୨ ମାସରେ ଥରେ ଜ୍ୱର ହୁଏ । ସେଠାର ପାଣି ସହ୍ୟ ହୋଇଗଲେ ବର୍ଷରେ ୩,୪ ଥର ଜ୍ୱର ହୁଏ । କେଉଁ ଅମ୍ଭ ଦେଶୀ ଲୋକଙ୍କ ଦେହରେ ଏଠାର ପାଣି ସହିବ ନାହିଁ । ସେହି ହେତୁରୁ ଏଠାରେ ଓଡ଼ିଆ ନାହାନ୍ତି । କେହି କେହି କ୍ୱଚିତ୍ ଦେଖେ ଅଛନ୍ତି । ମୁଁ ଏଠାରେ ପ୍ରାୟ ୧ ବର୍ଷ ଥିଲି, ଏହି ବର୍ଷକରେ ମୁଁ ଜଣେ ଦୁଇ ଜଣଙ୍କୁ ଦେଖିଅଛି । ସେମାନେ ପୁଣି ମୋ ପରି

ଧନ୍ଧାମି ପ୍ରବାସୁ ଝାଣ ହୋଇ ଅଣ୍ଟସ୍ତନ୍ତି । ଏଠାର ଜ୍ୱରର ପ୍ରଧାନ ଲକ୍ଷଣ ଏହି ଯେ ଏହା ହେଉଛି କମ୍ପ ହୋଇ ଆରମ୍ଭ ହୁଏ, ୬।୭ ଟା କାଳରେ ଶୀତ ମାନେ ନାହିଁ (ଯାହାକୁ ଆମ୍ଭ ଦେଶରେ 'ଶୀତୁଆର' କହନ୍ତି ?) ତାପର ଡିଗ୍ରୀ ୧୦୫ ବା ୧୦୬ କେବେ କେବେ ୧୦୭ ବା ୧୦୮ ପର୍ଯ୍ୟନ୍ତ ହୁଏ । ୬।୭ ଘଣ୍ଟାରେ ଅତ୍ୟନ୍ତ ଘର୍ମ ନିର୍ଗତ ହୋଇ ଜ୍ୱର ଛାଡିଯାଏ । ଜ୍ୱର ଛାଡିଲେ Quinine ଖାଇବାକୁ ହୁଏ । ୬।୭ ଦିନ କୁଇନାଇନ ଖାଇଲେ ଜ୍ୱର ସମ୍ପୂର୍ଣ୍ଣ ଛାଡିଯାଏ । ଏଠାରେ କିଛିଦିନ ରହିଲେ ପ୍ଲୀହା ଯକୃତ ବଢ଼ି ଉଦର ପୂର୍ଣ୍ଣ କରିଦିଏ । ସେହିହେତୁରୁ ପେଟରେ ସ୍ଥାନ ନ ଥାଏ ଏବଂ କିଛି ଖାଇବାକୁ ମନ ନ ଥାଏ । ଏଠାରେ ରହିଲେ ଗରମ ପାଣି ସବୁବେଳେ ବ୍ୟବହାର କରିବାକୁ ପଡ଼େ, ଏଠାର ଲୋକ ଗରମ ପାଣିରେ ଗୋଡ଼ହାତ ଧୁଅ, ଗରମ ପାଣିରେ ଗାଧୁଅ, ଗରମ ପାଣି ପିଅ, ସବୁ କାର୍ଯ୍ୟରେ ଗରମ ପାଣି ବ୍ୟବହାର କରିବାକୁ ପଡ଼େ ଏବଂ ମୁଢ଼ିଗୁଣ୍ଡ଼ ପରି କୁଇନାଇନ ଖାଇବାକୁ ପଡ଼େ । ତାହାହେଲେ ଜ୍ୱର ଅଳ୍ପ ହୁଏ ।

ଆଗରୁ କହିଅଛି ଯେ ଏହି ସ୍ଥାନଟି ବଙ୍ଗଦେଶ ଭିତରେ ଥାଏ, ଏଠାର ଅଧିବାସିଙ୍କୁ ମଧ୍ୟ ବଙ୍ଗାଳୀ କହନ୍ତି । କିନ୍ତୁ ଯେଉଁମାନେ କେବଳ କଲିକତା ଓ ତେହାର୍ଣ୍ଣବର୍ତ୍ତୀ ୬।୭ କୋଶ-ବ୍ୟାପୀ ସ୍ଥାନକୁ ବଙ୍ଗଦେଶ ବୋଲି ମନେ କରନ୍ତି, ସେମାନେ ଅବଶ୍ୟ ଏହାକୁ ବଙ୍ଗଦେଶରୁ କାଟି ଦେବେ; କାହିଁକି ନା ଏମାନଙ୍କରି ବେଶଭୂଷା ସେମାନଙ୍କଠାରୁ ଭିନ୍ନ ଅଟେ । ସେ ଯାହା ହେଉ ଏଠାର ବଡ଼ ବଡ଼ ଠିକାଏ ଜାଣି ରଖିବାରେ କିଛି କ୍ଷତି ନାହିଁ । ଏହି ସ୍ଥାନର ଅଧିବାସିଙ୍କୁ "ବାହେ" ବୋଲି କହନ୍ତି । ଆମ୍ଭ ଦେଶରେ କୌଣସି ଅପରିଚିତ ଲୋକକୁ ଡାକିବାକୁ ହେଲେ ଯେପରି ଅଗୋ ବା ବାବା ହେ ବୋଲି ଅହ୍ୱାନ କରନ୍ତି । ଏମାନେ ସେହିପରି ଅପରାପର ମନୁଷ୍ୟଙ୍କୁ 'ବାହେ' ବୋଲି ଆହ୍ୱାନ କରନ୍ତି । ସମ୍ଭବତଃ ଏହି କାରଣରୁ ଏମାନଙ୍କୁ 'ବାହେ' ବୋଲି ନାମ ଦିଆ ହୋଇଅଛି । ଏମାନଙ୍କର ବ୍ୟବସାୟ କୃଷି ଓ କୃଷିକର୍ମ ଜୀବିକା ଅଟେ । ଏଠାରେ ଅନେକ ଗାଈ ଗୋରୁ ଅଛନ୍ତି । ଏଠାରେ କୌଣସି କୌଣସି ଲୋକ ୨୦୦।୩୦୦ ପର୍ଯ୍ୟନ୍ତ ଗୋରୁ ରଖିଅଛନ୍ତି । ଏଠାର ଲୋକେ ଏଦେଶକୁ ଉଜାନଦେଶ୍ୟ ଏବଂ ଏଠାରୁ ୮।୧୦ କୋଶ ଦୂରରେ ଦକ୍ଷିଣ ଦିଗର କେତେକ ଅଂଶକୁ ଭାଟିଦେଶ୍ୟ ବୋଲି କହନ୍ତି । ବୋଧ ହୁଏ ସେହିହେତୁରୁ ଏଠାରେ ଗୋରୁ ବେଶି ଅଛନ୍ତି । ଏଠାର ଜମିର ମାଣ ଗୁଣ୍ଠ ପ୍ରଭୃତି କୌଣସି ନିର୍ଦ୍ଦିଷ୍ଟ ମାପ ନାହିଁ । କେବଳ ମୋଟା-ମୋଟି ଗୋଟିଏ ମାପ ଅଛି ଯାହାକୁ ହାଲ କହନ୍ତି, ଅର୍ଥାତ୍ ଏକହଳ ବଳଦରେ ଯେତେ ଭୂଇଁ ଚଷ ଯାଇପାରେ ତାହାକୁ ୧ ହଳ କହନ୍ତି । ଏଠାର ପ୍ରଧାନ ଶସ୍ୟ ଧାନ ଏବଂ ଝୋଟ ଅଟେ, ଅନ୍ୟାନ୍ୟ ଶସ୍ୟ ମଧ୍ୟ ହୁଏ । ଏଠାର ଲୋକେ ଯେତେ ଧନୀ ହୁଅନ୍ତୁ ପଛକେ ପୁରୁଷମାନେ ଲେଙ୍ଗୁଟି ପିନ୍ଧନ୍ତି । ବଜାର ହାଟକୁ ଆସିଲେ କେହି କେହି ଖୋଳ ଗାମୁଛା ପିନ୍ଧି ଆସନ୍ତି, କେହି କେହି ବା ଲେଙ୍ଗୁଟି ପିନ୍ଧି ତା ଉପରେ ଜାମା ବା ଚାଦର ଗୋଡ଼େଇ ହୋଇ ଆସନ୍ତି । କିନ୍ତୁ ଘରେ ପ୍ରାୟ ସମସ୍ତେ ଲେଙ୍ଗୁଟିଆ ଅଟନ୍ତି । ସ୍ତ୍ରୀମାନଙ୍କର ଲୁଗାପିନ୍ଧା ଦେଖିଲେ କବି କପୂରଦେବଙ୍କର ମୂଳାଙ୍କଦୃଷ୍ଟସ୍ତନ କଥା ମନେ ପଡ଼େ । ଏମାନଙ୍କର ବେଶଭୂଷା କେତେକ ଅଂଶରେ ଆମ୍ଭ ଦେଶର ତେଲୁଙ୍ଗୀ ସଦୃଶ ଅଟେ । ତେବେ ଭିନ୍ନ ଏହି ଯେ ଏମାନେ ଲୁଗାକୁ (ଯାହାକ ୪।୫ ହାତରୁ ବେଶି ନୁହେ) କମରରେ ନ ପିନ୍ଧି ଛାତିପରୁ ବେଢ଼େଇ ପିନ୍ଧନ୍ତି । ମସ୍ତକ ଅନାବୃତ ଥାଏ । ହାଟ ବଜାର ବା ଯାତ୍ରା ପର୍ବକୁ ଗଲେ ଆଉ ଖଣ୍ଡେ ଲୁଗାକୁ ତିଭୁଜ ପରି କାନ୍ଧରେ ପକାଇ ଯାନ୍ତି । ଗହଣାମଧ୍ୟରେ ଟଙ୍କା ମୁଦ

ଅସ୍ଥିର ମାଳ ଏବଂ ଚିତ୍ରାମାଳି [illegible] ପ୍ରଭୃତି ପ୍ରଧାନ । ସ୍ତ୍ରୀମାନେ ଅଙ୍ଗରେ ଅଳ୍ପ [illegible] ପିନ୍ଧନ୍ତି । ଏମାନେ ଗୋଡ଼ ହାତରେ କାଚ ବା ଅନ୍ୟଧାତୁନିର୍ମିତ ଚୁଡ଼ି ଓ ଗଳା ହାତରେ ରୁପା କିମ୍ବା ଅନ୍ୟକିଛି ମୂଲ୍ୟବାନ ଚୁଡ଼ି ପିନ୍ଧନ୍ତି । ଯେଉଁ ହାତରେ ରୁପା ବା ଅନ୍ୟ ମୂଲ୍ୟବାନ ଚୁଡ଼ି ପିନ୍ଧା ହୁଏ ସେ ହାତ ପ୍ରାୟ ଲମ୍ବା ଥାଏ । ପଣ୍ଡିତଲୋକ କହନ୍ତି ଯେ ଏ ହାତରେ ସର୍ବଦା କାମ ଦାମ କରିବାକୁ ପଡ଼େ, ସେହି ହେତୁରୁ ଚୁଡ଼ି ଓହ୍ଲାଇ ରଖି ଦେଇଛନ୍ତି । ଏଥିରୁ ଜଣାଯାଏ ଯେ ଏଠାରେ ସ୍ତ୍ରୀମାନଙ୍କ ହାତରେ ଶଙ୍ଖା ବା ଚୁଡ଼ି ଥିବା ନ ଥିବା ସମାନ ଅଟେ । ଏମାନେ ମଧ୍ୟ ହାଟ ବଜାରକୁ ଆସନ୍ତି; ଏଥିରେ କିଛି ମନା ନାହିଁ ।

ଏଠାରେ ଲୋକେ ସମସ୍ତେ ସବୁ ପଦାର୍ଥ କିଣି ପାରନ୍ତି—ମାଂସ, ତେଲ, ଲୁଣ ଯେ ଇଚ୍ଛା କରେ ସେ କିଣେ । ତେବେ ଆଜି କାଲି ଏମାନେ ସଭା ସମିତି କରି ଆପଣାର ସମାଜର ଦୋଷଗୁଡ଼ିକ ଏବଂ ପ୍ରଥାକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରୁଅଛନ୍ତି । ଏଠାରେ ବ୍ରାହ୍ମଣ କ୍ଷତ୍ରିୟ ଖୁବ୍ ଅଳ୍ପ ଅଛନ୍ତି । ଦେଶର ଅଧିକାଂଶ ଲୋକ କେବଳ "ରାଜବଂଶୀ" ବୋଲି ବିଖ୍ୟାତ ଅଟନ୍ତି । ଏମାନେ ଆମ୍ଭ ଦେଶର ଚଷା ଜାତିଠାରୁ ହୀନ । ଏଠାରେ ଗରିବ ଲୋକମାନେ କେହି କେହି ପଖାଳ ଖାନ୍ତି । ଯେଉଁ ଦେଶରେ ଯେତେ ଅଧିକ ଗରିବ ସେ ଦେଶରେ ସେତେ ବେଶି ପଖାଳର ବ୍ୟବହାର ।

ଏ ଦେଶର ଲୋକେ ଅତ୍ୟନ୍ତ ଚୁଡ଼ାଦହିପ୍ରିୟ । ବିବାହାଦିରେ ବନ୍ଧୁବାନ୍ଧବମାନଙ୍କ ପାଇଁ ଚୁଡ଼ାଦହି ପ୍ରସ୍ତୁତ କରି ରଖିବାକୁ ହୁଏ । ବିଶେଷତଃ ଏଠାରେ ଦହି ଅତି ଉତ୍କୃଷ୍ଟ ଅଟେ । [illegible] ଏମାନଙ୍କର [illegible] ଅଳ୍ପ ଲୋକ [illegible] ଅଛନ୍ତି । ସେଥିପାଇଁ ରଜକଗଣ [illegible] ସେମାନଙ୍କୁ [illegible] କରାଇ ଦିଅନ୍ତି । ଏଠାରେ ମକଦ୍ଦମା [illegible] ହୁଏ ନାହିଁ । ଏଠାରେ ଘରୋଇ ମାମଲା [illegible] ମକଦ୍ଦମା ବେଶି ହୁଏ । କିନ୍ତୁ ଅଧିକାଂଶ ମକଦ୍ଦମା ଗ୍ରାମର ପଞ୍ଚାୟତମାନେ ଭାଙ୍ଗି ଦିଅନ୍ତି ।

ଏ ଦେଶର ମାଟିରେ ପାଣି ଜମି ରହେ ନାହିଁ, ସେହି ହେତୁରୁ ସମସ୍ତଙ୍କର ଛାଡ଼ି ଦିଆ ଘର, କାହାର କାହାର କାଠଘର ଅଛି । ମାଟି ସବୁବେଳେ ଓଦାଓଦା ଥାଏ, ସେଥିପାଇଁ ଲୋକେ ମଞ୍ଚା କରି ଶୋଇ ରହନ୍ତି । ଅଧିକାଂଶ ଲୋକଙ୍କ ଘରେ କବାଟ ନାହିଁ, କାଠଘରେ କାହାରି କାହାରି କବାଟ ଥାଏ, କିନ୍ତୁ ଚାଳି ଘରେ କାହାର ଛାଟି, କାହାର ବା [illegible] କାହାର ବା କିଛି ନାହିଁ ।

ଏଠାରୁ ନେପାଳର ସୀମା ପ୍ରାୟ ଏକ କୋଶ ଏବଂ ହିମାଳୟ ପର୍ବତ ୩୨ କୋଶ ଦୂର ଅଟେ । ଏଠାରେ ଅନେକ ନେପାଳୀ ଅଛନ୍ତି । ନେପାଳୀମାନେ ମହିଷ ମାଂସ ଏବଂ ଘୁଷୁରି ମାଂସ ଖାନ୍ତି (ବ୍ରାହ୍ମଣ ଓ କ୍ଷତ୍ରିୟ ଛଡ଼ା) । ଏଠାରେ ଗୋଟିଏ ବଡ଼ ହାଟ ହୁଏ, ସେଥିରେ ମହିଷ ଘୁଷୁରି ଏବଂ ଛେଳି ପ୍ରଭୃତି ଅନେକ ବିକି ହେବାକୁ ଆସନ୍ତି ।

ଏଠାରେ ବର୍ଷା ଏବଂ ଶୀତ ଏହି ଦୁଇ ଋତୁ ପ୍ରଧାନ । ଅନ୍ୟାନ୍ୟ ଋତୁ ଅଳ୍ପ ଭୋଗ ହୁଏ । ଅଧିକ ଲେଖିଲେ କାଳେ ଗ୍ଲାନିଯୁକ୍ତ ହେବ, ଏହି ଭୟରେ ଲେଖିଲି ନାହିଁ ।

ଶ୍ରୀ କେଶବାନନ୍ଦ ପଣ୍ଡା

ଲକ୍ଷ୍ମୀ-ସରସ୍ୱତୀ-ସମ୍ବାଦ ।

(ପ୍ରଥମ ଦୃଶ୍ୟ)

ସମ୍ପାଦକ ମହାଶୟ,

ଆପଣମାନେ ମର୍ତ୍ତ୍ୟବାସୀ, ମର୍ତ୍ତ୍ୟର ଧନ ମାନ ତେଣୁ ଆପଣମାନଙ୍କର କାରବାର । ଆପଣମାନଙ୍କ ଅବସ୍ଥା ଦେଖି ମୋର ବଡ଼ କଷ୍ଟ ହୁଏ । ସେଥିପାଇଁ ଆପଣମାନଙ୍କ ନିକଟକୁ ସ୍ୱର୍ଗର ସମ୍ବାଦ କିଛି କିଛି ପ୍ରେରଣ କରିବାକୁ ମନସ୍ଥ କରିଅଛି । କିନ୍ତୁ ଏପର୍ଯ୍ୟନ୍ତ କୌଣସି ସୁବିଧା ପାଇ ନ ଥିଲି । ଆଜି ଏହି ସମ୍ବାଦଟି ପଠାଇଲି, କିନ୍ତୁ ସାବଧାନ ! ପାର୍ଥିବ ଜଞ୍ଜାଳ ସଙ୍ଗରେ ଏହାକୁ ମିଶାଇବେ ନାହିଁ । ଆଉ ଏହି ଗୋପନୀୟ ସମ୍ବାଦଟି କେବଳ 'ଉତ୍କଳ-ସାହିତ୍ୟ'ରେ ପ୍ରକାଶ କରିବା ପାଇଁ ପଠାଗଲା । ଅତି ସାବଧାନରେ ଏହା ପ୍ରକାଶ କରିବେ, ଯେପରି ଆଉ କେହି ଜାଣି ନ ପାରନ୍ତି । କାଳେ ଧରା ପଡ଼ିବ ସେଥିପାଇଁ ସମ୍ବାଦ ମଧ୍ୟରେ ପତ୍ରପ୍ରେରକ ଗୁପ୍ତ ରହିଲେ । ଇତି ।

ବୈକୁଣ୍ଠର ଦ୍ୱାରୀ ଶ୍ରୀ ଗରୁଡ଼ ।

ସ୍ଥାନ ବୈକୁଣ୍ଠ—ଲକ୍ଷ୍ମୀଙ୍କ କକ୍ଷ । ଲକ୍ଷ୍ମୀ ଗଣ୍ଡରେ ହସ୍ତ ସ୍ଥାପନପୂର୍ବକ ଆସୀନା, ଚିନ୍ତାରେ ନିମଗ୍ନା, ଏକ ପ୍ରକାର ବାହ୍ୟଜ୍ଞାନଶୂନ୍ୟା ।

ଲକ୍ଷ୍ମୀଙ୍କର ଆଜି ଏହି ଭାବାନ୍ତର କାହିଁକି ? ବିଷ୍ଣୁ କିଛି ଦିନ ହେଲା ମର୍ତ୍ତ୍ୟକୁ ଯାଇ ଅଛନ୍ତି, ଅଦ୍ୟାପି ଫେରିଲେ ନାହିଁ, ସେଥିପାଇଁ କି ? ଜାଣେ ନାହିଁ, ଦେବତାଙ୍କ ମନର ଭାବ କିପରି ବୁଝିବି ?

ଏହିପରି ସମୟରେ ବହିର୍ଦ୍ୱାରରେ ହଂସରଥ ଆସି ଠିଆ ହେଲା, ଗରୁଡ଼ ଆସି ସମ୍ବାଦ ଦେଲେ ଯେ ସରସ୍ୱତୀ ଦେଖା କରିବାକୁ ଆସିଅଛନ୍ତି । ତ୍ୱରିତ ଭାବରେ ଲକ୍ଷ୍ମୀଙ୍କର ଚୈତନ୍ୟୋଦୟ ହେଲା । ସେ ଶଶବ୍ୟସ୍ତ ଭାବରେ ଅଗ୍ରବର୍ତ୍ତୀ ହୋଇ ସରସ୍ୱତୀଙ୍କୁ ଅଭ୍ୟର୍ଥନା କରି ନେଇ ଆସିଲେ । ଉଭୟେ ଉପବିଷ୍ଟ ହେଲେ, ଲକ୍ଷ୍ମୀଙ୍କର ଭାବାନ୍ତର ଲକ୍ଷ କରି ସରସ୍ୱତୀ କହିଲେ—ଭଗିନି ! ତୁମ୍ଭେ ଆଜି ଏପରି ବିମନା ଦିଶୁଛ କାହିଁକି ?

ଲକ୍ଷ୍ମୀ—ଭଗିନି ! ଆଜକୁ କେତେ ଦିନ ହେଲା ମନଟା ବଡ଼ ଖରାପ ହୋଇଅଛି । ମୋର ଉତ୍କଳର ସୁପୁତ୍ରଗଣ ଚେଷ୍ଟା କରୁଅଛନ୍ତି, ଯେପରି ଉତ୍କଳବାସୀସମସ୍ତେ ଏକ ହୋଇ ଏକ ଜାତିରେ ପରିଣତ ହୋଇ ପାରିବେ । କିନ୍ତୁ ଚର ମୁଖରୁ ଶୁଣିଲି ଯେ ରାଜା ଗୋଟିଏ ବିଷମ ସଙ୍କଳ୍ପ ମନେ ମନେ କରିଅଛନ୍ତି । ଦୁଃଖର ବିଷୟ ମୋର ପୁତ୍ର-ଗଣଙ୍କ ମଧ୍ୟରୁ କେହି କେହି ଏହି ସଙ୍କଳ୍ପର ପୋଷକତା କରୁଅଛନ୍ତି । ସେଥିପାଇଁ ଉତ୍କଳର ଭବିଷ୍ୟତ ଭାବି ମନଟା ବଡ଼ ଖରାପ ହୋଇଅଛି ।

ସ—(ଟିକିଏ ବ୍ୟଙ୍ଗ ଭାବରେ) ତୁମ୍ଭେ ଯେପରି, ତୁମ୍ଭର ଉପଯୁକ୍ତ ପୁତ୍ରଗୁଡ଼ିକ ମଧ୍ୟ ସେହିପରି । ତୁମ୍ଭେ ଚଞ୍ଚଳା, ସର୍ବଦା ବାଟ ଖୋଜୁଥାଅ, କିପରି ପରିତ୍ୟାଗ କରିବ, ତୁମ୍ଭର ପୁତ୍ରଗଣ ମଧ୍ୟ ସୁବିଧା ପାଇଲା ମାତ୍ରକେ ତୁମ୍ଭ ପ୍ରତି ଅନୁରୂପ ବ୍ୟବସ୍ଥା କରନ୍ତି । (ପାଠକ ମନେ ରଖିବେ, ବାଗ୍‌ଦେବୀ ମୁଖରା, ତାଙ୍କ ମୁହଁରେ କିଛି ଅଟକେ ନାହିଁ)

ଲ—(ଗମ୍ଭୀର ଭାବ ଧାରଣ କରି) ହଁ, ଲୋକେ ମତେ ଅପବାଦ ଦିଅନ୍ତି, ମୁଁ ଚଞ୍ଚଳା । କିନ୍ତୁ ଗୋଟିଏ ସୁଦ୍ଧା ଦୃଷ୍ଟାନ୍ତ ଦେଖାଇ ପାରିବ କି, ମତେ ବାହାର କରି ନ ଦେଲେ ମୁଁ କାହାକୁ ପରିତ୍ୟାଗ କରିଅଛି ? ମୁଁ ଉଦ୍ୟମର ସହଚରୀ । ମନୁଷ୍ୟ ଯେଉଁ ସ୍ଥାନରେ ଉଦ୍ୟମକୁ ପଦାଘାତ କରି ହିଂସା ଦ୍ୱେଷର ବଶବର୍ତ୍ତୀ ହୋଇ ପରସ୍ପରକୁ ଆଘାତ କରନ୍ତି, ସେତେବେଳେ ମୁଁ ସଜଳ ନୟନରେ ସେହି ସ୍ଥାନ ପରିତ୍ୟାଗ କରିବାକୁ ବାଧ୍ୟ ହୁଏଁ । ରମଣୀ ହୋଇ ଆପଣା ସ୍ୱାମୀର ଅପମାନ କିପରି ସହ୍ୟ କରିବି ? ତଥାପି ଏହି ପୁତ୍ରମାନଙ୍କର ମଙ୍ଗଳ କାମନାରୁ ବିରତ ହୋଇ ପାରେ ନାହିଁ ।

ଧନ ଲୁଣ୍ଠନେ ଲାଗି ପାରେ, ମାତା ନିଜେ ଲକ୍ଷ୍ମୀ ହୋଇ ପାରିବ ନାହିଁ ।

ସ—(ସେହିପରି ବ୍ୟଙ୍ଗ ଭାବରେ) ବାଃ ! ବେଶ ଯୁକ୍ତିଟିଏ ତ କରୁଅଛ ! ମା ଭଳି ହେଲେ କି ପୁତ୍ରମାନେ ଏପରି ମନ୍ଦ ହୁଅନ୍ତି ? ମୋ ପୁତ୍ରମାନଙ୍କୁ ଥରେ ଦେଖ ତ । ତୁମ୍ଭ ଯେତେବେଳେ ତୁମ୍ଭ ପୁତ୍ରମାନଙ୍କ ଭକ୍ତିହୀନ ଭାବ ଅନୁଭବ କରୁଅଛ, ସେତେବେଳେ ମୋର ପୁତ୍ରଗଣ କିପରି ନିଷ୍କାମ ଭକ୍ତିଯୁକ୍ତ ମନ୍ଦିରରେ ଭକ୍ତି ଅର୍ପଣ କରୁଅଛନ୍ତି । ସମାନ ଅନିଚ୍ଛାରେ ସଭାକୁ ଦେଖ, ସାହିତ୍ୟ-ସମାଜରେ ପଣ୍ଡିତ ଜନ ମୋର କି ମହୋତ୍ସବର ଆୟୋଜନ କରୁଅଛନ୍ତି, ଭାବିଲେ ମନ ଆନନ୍ଦରେ ଆପ୍ଲୁତ ହୋଇଯାଏ । ତାହା ଛଡ଼ା ମୋର ପଦ-ତଳେ ସେମାନେ କେତେ ଉପହାର, କେତେ ନିର୍ମାଲ୍ୟ, କେତେ ନୈବେଦ୍ୟ ନିତ୍ୟ ନିତ୍ୟ ସ୍ଥାପନ କରୁଅଛନ୍ତି, କିଏ ତାହା କଳନା କରିବ ? ମୋର ପୁତ୍ରମାନଙ୍କର ଭକ୍ତିଯୁକ୍ତ ଭାବ ମୋର ମନ ଆନନ୍ଦ-ରସରେ ଆପ୍ଲୁତ ହେଉଅଛି । ଏହିପରି ପୁତ୍ରର ମା ହେଲେ କାହାର ମନରେ ଗର୍ବ ନ ହେବ ? (ଏହିଠାରେ ସରସ୍ୱତୀ ଲକ୍ଷ୍ମୀଙ୍କ ପ୍ରତି ବ୍ୟଙ୍ଗ-କଟାକ୍ଷପାତ କଲେ)

ଲ—(ତାହା ଉପେକ୍ଷା କରି) ସେହି କଥା ହେଉ, ତୁମ୍ଭର ପୁତ୍ରମାନଙ୍କୁ ଭଗବାନ୍ ସୁମତି ପ୍ରଦାନ କରନ୍ତୁ । ତୁମ୍ଭର ହେଉନ୍ତୁ ଅବା ମୋର ହେଉନ୍ତୁ, ଉପଯୁକ୍ତ ଭାବରେ ପୂଜା କରି ପାରିଲେ ମାନବ ଜୀବନ କଦାପି ଅବଲମ୍ବନହୀନ ହୋଇ ରହିବ ନାହିଁ । କିନ୍ତୁ ଆମ୍ଭ ଦୁହିଁଙ୍କର ପୂଜା ଏକସଙ୍ଗରେ କରି ନ ପାରିଲେ ମାନବ ଜୀବନ କଦାପି ସୁଖ ଲାଭ କରି ପାରେ ନାହିଁ । ସେ ଯାହାହେଉ, ତୁମ୍ଭେ ଯେ ତୁମ୍ଭର ପୁତ୍ର-ମାନଙ୍କ ସମ୍ବନ୍ଧରେ ଏତେ ଉଚ୍ଚ ମତ ପ୍ରକାଶ କଲ, ତାହା କି ଠିକ ? ସେଥିରେ କୌଣସି ଭ୍ରମ ନାହିଁ ତ ?

ସ—(ତୀବ୍ର ଅସନ୍ତୁଷ୍ଟ ହୋଇ) ମୋର ପୁତ୍ରମାନଙ୍କ ପ୍ରତି ତୁମ୍ଭର ଏପରି କଟାକ୍ଷ କରିବା ଉଚିତ ନୁହେଁ ! ସେମାନଙ୍କୁ ତୁମ୍ଭେ କେବଳ ଦୋଷୀ ଭାବ ନାହିଁ, ସେଥିପାଇଁ ଏପରି କହୁଅଛ । ତୁମ୍ଭେ ତ ସେମାନଙ୍କ ପ୍ରକୃତ ଅବସ୍ଥା ଜାଣ ନାହିଁ, କପରି ସେମାନଙ୍କ ବିଷୟ ଜାଣିବ ? ଏହି ସାହିତ୍ୟ-ସମାଜ ପ୍ରତ୍ୟେକ ଦିନ ଯାଇ ଦେଖିଥାନ୍ତ ମୋର ପୂଜାରେ ମୋର ପୁତ୍ରମାନଙ୍କର କି ଆହ୍ଲାଦ, କି ଉଦ୍ୟମ । ସେ ଦିନର କଥା ମନେ ହେଲେ ଆଜି ମଧ୍ୟ ଶରୀର କଣ୍ଟକିତ ହୁଏ ।

ଲ—ମୋର ତାହାଠାରେ ପ୍ରତି ବିଦ୍ୱେଷ ନାହିଁ, ମୋର ଇଚ୍ଛା ସମସ୍ତେ ସୁଖରେ ଥାନ୍ତୁ । ତେବେ ଯେ ତୁମ୍ଭେ କହିଲ ମୁଁ ତୁମ୍ଭର ପୁତ୍ରମାନଙ୍କର ସମ୍ବାଦ ବୁଝେ ନାହିଁ ତାହା ଠିକ ନୁହେଁ । ମତେ ଛାଡ଼ି ପୃଥିବୀର କୌଣସି କାର୍ଯ୍ୟ ସମ୍ପନ୍ନ ହୋଇ ପାରେ ? ତୁମ୍ଭେ ଯଦି ବୃଥା ଗର୍ବରେ ଅନ୍ଧ ହୋଇ ନ ଥାନ୍ତ ତେବେ ଦେଖି ପାରିଥାନ୍ତ ଯେ, ସେହି ସଭାରେ ଅଭିଭାବକରୂପେ ମୋର ଆସନ ସର୍ବାଗ୍ରେ ନିର୍ଦ୍ଦିଷ୍ଟ ହୋଇଥିଲା । ଅଭିଭାବକ-ରୂପେ ଉପସ୍ଥିତ ଥାଇ ସେ ସଭାର କାର୍ଯ୍ୟ-ପ୍ରଣାଳୀ ସବୁ ପର୍ଯ୍ୟବେକ୍ଷଣ କରିଅଛି ।

ସ—ତେବେ ମତେ କଣ ପଚାରୁଛ ?

ଲ—ପଚାରୁଛି, ତୁମ୍ଭ ପୁତ୍ରଗଣ କଣ କରୁଅଛନ୍ତି ? କାର୍ଯ୍ୟର ଶ୍ରାଦ୍ଧ ଛଡ଼ା ଏପର୍ଯ୍ୟନ୍ତ ଆଉ କିଛି ହୋଇଅଛି କି ? ସେମାନଙ୍କ କଥାବାର୍ତ୍ତାରୁ ତ ସେମାନେ କଣ କରିବେ କିଛି ବୁଝାଗଲା ନାହିଁ । ସଭାପତି ମହାଶୟଙ୍କ କଥାରେ ଟିକିଏ ସାର ଥିଲା, ଆଉ ଯାହା ସବୁ ଶୁଣିଲି ତାହାର ଅର୍ଥ କଣ ? କାର୍ଯ୍ୟର କଥା ତ କିଛି ହେଲା ନାହିଁ । ସେହି ସଭାରେ କାର୍ଯ୍ୟପ୍ରଣାଳୀର ଟିକିଏ ଆଭାସ ଦେବା କର୍ତ୍ତବ୍ୟ ଥିଲା । ସେ ତ ଦୂର କଥା; ମାସାଧିକ ହେଲା ଆଉ କୌଣସି ଖୋଜଖବର ନାହିଁ । ପ୍ରକାଣ୍ଡ କାର୍ଯ୍ୟନିର୍ବାହକ ସଭା ସେହି ବର୍ଷ ଅଧିବେଶନ ପରେ ସୁପ୍ତ କି ଲୁପ୍ତ, ତାହାର

ଶ୍ରେଷ୍ଠ ଜାତି । ସେହି ଲୋକେ [illegible] ଅତୀତରେ ଧନୀ ଥିଲା କିମ୍ବା ଅନେକ ବିଦେଶୀ ଜାତିଙ୍କ ଏହି ଦେଶମାନଙ୍କ ଭାଷା ବା ଲିପି ଶିଖି । ଏପରି ବାହାରେ ଅନେକଙ୍କ ମିଶ୍ରଣରେ ଏକେକ ଦେଶ ଗଢ଼ିଅଛି । ତୁମ୍ଭେ ବାଙ୍ଗଦେଶୀ, ବାକି ଦେଶ ସମ୍ପୂର୍ଣ୍ଣ ଜଣାପଡ଼ୁଥାଏ । ମୁଁ କହୁ ନାହିଁ କିଛି ଅନ୍ୟ କୌଣସିସୂତ୍ରରେ ସମ୍ପୃକ୍ତ ହୋଇ ରହିବ କାହିଁ । କଥାରେ କି ଲୁଚା ହେଲ ?

ସ—ନାହିଁ ଅବଶ୍ୟ ହୋଇ ନାହିଁ, ହେବ ।

ଲ—ତେବେ ଅନ୍ୟ ଅନୁଷ୍ଠାନମାନଙ୍କ ପ୍ରଶଂସା ଧ୍ୱନିରେ ବୈକୁଣ୍ଠର ଛବି ଫୁଟାଉଅଛ କାହିଁକି ? ଅତୀତ ଦେଖ, କଣ ହେଉଅଛି । ଶେଷରେ ନ ଚଳିଲା କାହିଁ ! ତୁମ୍ଭେ ଯେ ତୁମ୍ଭର ପୁତ୍ରମାନଙ୍କର ପ୍ରୀତି ଆଗ୍ରହ ଜଣାଇ କଥା କହିଲ, ସେମାନଙ୍କର ଭାବଗତ ଦେଖି ତ ମନେ ହେଲା ନାହିଁ ଯେ ତୁମ୍ଭର ପ୍ରତି ସେମାନଙ୍କର ବିଶେଷ ମନୋଯୋଗ ଅଛି । ସେମାନେ କେବଳ ଆମ୍ଭମାନଙ୍କ ଭାଷା, ଆମ୍ଭମାନଙ୍କ ସାହିତ୍ୟ, ଭାଷାହିଁ ଆମ୍ଭମାନଙ୍କର ଜାତୀୟ ଜୀବନର ଏକମାତ୍ର ଅବଲମ୍ବନ, ସାହିତ୍ୟହିଁ ଆମ୍ଭମାନଙ୍କ ଜାତୀୟ ସ୍ୱାତନ୍ତ୍ର୍ୟର ଏକମାତ୍ର ଉପାୟ. ଏହିପରି ବାଗ୍‌ଜାଲ ବିସ୍ତାର କରି ଆକାଶ ମେଦିନୀ କମ୍ପିତ କଲେ । କିନ୍ତୁ କାର୍ଯ୍ୟ ବେଳକୁ ଦେଖାଗଲା, ସାହିତ୍ୟର ସେବାପାଇଁ ଗୋଟିଏ ଛୁଟି ଦିନ ତ୍ୟାଗ କରିବାକୁ ସମ୍ମତ ନୁହନ୍ତି । ଅହା ! ଏ ସ୍ୱାର୍ଥ ମାତୃବତ୍ସଲତା ! ଉପଲ କାର୍ଯ୍ୟର କଥା କିଛି ହେଲା ନାହିଁ, ସଭାର ସମସ୍ତ ଶକ୍ତି ନିଯୁକ୍ତ ହେଲା ଗୋଟିଏ ବିରାଟ ଭୋଜିରେ, ସରସ୍ୱତୀପୂଜା ଦିନ ଆମୋଦ ପ୍ରମୋଦ ଉପଯୋଗ କରି ସରସ୍ୱତୀଙ୍କର ବରପୁତ୍ରଗଣ ନିଜନିଜ କର୍ତ୍ତବ୍ୟରେ ନିଯୁକ୍ତ ହୋଇ ପାରିବେ କି ନାହିଁ । ଭଗିନୀ ! ତୁମ୍ଭର ପୁତ୍ରମାନଙ୍କର ଏହି ମାତୃଭକ୍ତି ଦେଖି ମୁଁ ଅଶ୍ରୁ ସମ୍ବରଣ କରିପାରି ନାହିଁ । ଅହା ! ଏପରି ସୁପୁତ୍ର ଥାଇଁ ତୁମ୍ଭେ ଗର୍ବ ନ କରି ତ ରହି ପାର ? ବାସ୍ତବିକ ତୁମ୍ଭର ପୁତ୍ରଗଣ ସେ ଦିନ [illegible] ସଭାର ଅନେକ [illegible] ଏବଂ, ଯାହା ଖାଇ ପେଟିକାର [illegible] ନାହାନ୍ତି, ଏଣେ ଏହି [illegible] ସେବାର ଭିକାରୀଙ୍କର କାର୍ଯ୍ୟ [illegible] ହେଲେ । ସଭାରେ [illegible] ପଡ଼ିଅଛି; କଟକରେ ସେବାସମିତି [illegible] ନାରେ ପ୍ରସ୍ତୁତ ଏକାଠି ହୋଇ ଯିବ [illegible] ଥାନ୍ତି, ସାହିତ୍ୟ ମେଳରେ [illegible] ମେଳରେ ଦୁର୍ଭିକ୍ଷସ୍ଥାନକୁ ଯିବାକୁ ହେବ ଏବଂ ସେହିଥିରେ ଯଦି ସେମାନଙ୍କର ସମସ୍ତ କାର୍ଯ୍ୟ ଶେଷ ହୁଏ, ଅଥବା ଦୁର୍ଭିକ୍ଷସ୍ଥାନକୁ ଯାଇ ସେଠାର ଦୁର୍ଭିକ୍ଷପୀଡ଼ିତ ବ୍ୟକ୍ତିମାନଙ୍କର ସେବା କରିବେ, କି ପ୍ରଣାଳୀରେ ସେମାନଙ୍କୁ ସାହାଯ୍ୟ କରିବେ, କେଉଁ ଭଳି ସଂଗ୍ରହ କରିବେ, ଏ ବିଷୟରେ କୌଣସି କଥା ଯଦି ନ ହୁଏ, ତେବେ ଏମାନଙ୍କ ପରଦୁଃଖକାତରତା ସମ୍ବନ୍ଧରେ କି ସନ୍ଦେହ ହେବ ନାହିଁ ? ସେଥିପାଇଁ କହୁଅଛି, ଟିକିଏ ଅପେକ୍ଷା କର, ସାହିତ୍ୟ-ସମାଜ ସମ୍ବନ୍ଧରେ ମତ ପ୍ରକାଶ କରିବାର ସମୟ ହୋଇ ନାହିଁ—ବିଭୁ ବରେ କୁଆଡ଼େ, କି ଘଟଣା ଘଟେ ।

ସରସ୍ୱତୀ ଏଥର ଏକାବେଳକେ ନିରୁତ୍ତର ହେଲେ । କିଛିକ୍ଷଣ ନୀରବ ରହି [illegible]ଭାବରେ କହିଲେ—ତୁମ୍ଭେ ଯେ କହିଲ ଏହି ସଭାରେ ତୁମ୍ଭର ସ୍ଥାନ ସର୍ବାଗ୍ରେ ହୋଇଥିଲା, ତାହା କି ଅର୍ଥରେ କହୁଅଛ ?

ଲ—ସବୁ ଅର୍ଥରେ । କେବଳ ଏହି ସଭାରେ କାହିଁକି ? ସବୁଠାରେ ଆଜି ତୁମ୍ଭର ଅଗ୍ରରେ—କେବଳ ମୋର ପୁତ୍ରମାନଙ୍କଦ୍ୱାରା ନୁହେଁ, ତୁମ୍ଭର ସୁପୁତ୍ରଙ୍କଦ୍ୱାରା ମଧ୍ୟ ସ୍ଥାପିତ ହୋଇଅଛି । କେବଳ ଗୋଟାଏ ଘନ ମେଘରେ ତୁମ୍ଭର ଚକ୍ଷୁ ଆବୃତ, ସେଥିପାଇଁ ଦେଖି ପାରୁ ନାହଁ । ଥରେ ଚକ୍ଷୁ ଫିଟାଇ ଦେଖ, ନିଜେ ସବୁ ବୁଝି ପାରିବ ।

ଲକ୍ଷ୍ମୀଙ୍କ କଥାର ଅର୍ଥ ପରିଗ୍ରହ କରିବାକୁ ଅକ୍ଷମ ହୋଇ ସରସ୍ୱତୀ ତାଙ୍କ ମୁହଁ ଅନାଇଲେ

[illegible]

ସ—ତୁମେ ଯାହା କହୁଅଛ, ତାହାର ପ୍ରମାଣ କଣ ?

ଲ—ସମ୍ପ୍ରତି ପ୍ରାରମ୍ଭରେ ଯେଉଁ ନିଷ୍କର୍ଷପତ୍ର ଥାଏ, ତାହାହିଁ ଯଥେଷ୍ଟ ପ୍ରମାଣ । ସେ ନିଷ୍କର୍ଷପତ୍ର ପାଠ କଲେ ଜଣାଯାଏ ଯେ ସମ୍ପାଦକ ପ୍ରଭୃତି ତୁମ୍ଭଙ୍କୁ ମୋର ଦାସୀ କରିବାପାଇଁ ସମ୍ପୂର୍ଣ୍ଣ ପ୍ରଣୟୀ କରନ୍ତି । ଅଥଚ ଯଦି ମୋର ପୁତ୍ରମାନେ ସମ୍ପୂର୍ଣ୍ଣ ସଙ୍କୁଚିତ କରନ୍ତୁ ତେବେ ତୁମର କେତୋଟି ପୁତ୍ର ଅବଶିଷ୍ଟ ରହିବେ ତାହା ଭାବିବାର କଥା । ଯାହା ହେଉ, କେତେ ଗୋଟିଏ ନିଷ୍କର୍ଷପତ୍ର ଯୁକ୍ତ କଲା ମାତ୍ରକେ କିଛି ଲାଭ । ସେଥିପାଇଁ ନୈବେଦ୍ୟରେ ଏତିକି ଅନ୍ତର । ତୁମ୍ଭେ ତ ବିଦେଶୀ ନୃପ, ବିଦାପ୍ତ ମାନ । ମୁଁ ମୂଳ ବିଦେଶୀ । କେହି ଥାଉ ବିଜ୍ଞାନର ବ୍ୟବସାୟ କରନ୍ତି, କେହି ବା ନିଷ୍କର୍ଷପତ୍ରରୂପ ଔଷଧ-ମର୍ଦ୍ଦନର ବ୍ୟବସାୟ କରନ୍ତି । ବିଦେଶୀ ସମସ୍ତଙ୍କର ଏକ, ସେହି ଗୋଲାକାର ପଦାର୍ଥ । ତେବେ ଟିକିଏ ଅନ୍ତର ଏତିକି—'ମାତୃଭାଷା ସେବା' । ସେ ଦିନ ତୁମର ବରପୁତ୍ରଗଣ କଣ କଲେ ? ପୂଜାର ଉପହାର ଘେନି ଆସିଥିଲେ, ପରୀକ୍ଷା କରିବାପାଇଁ ମୋର ଟିକିଏ ସମୟ ଦେଲି, ଅଞ୍ଜଳି ପ୍ରତ୍ୟାହାର କଲେ । ବର୍ତ୍ତମାନ [illegible] ନିକଟ ଘୁଞ୍ଚିଯାଇ ବସି ଯାଉଛି, ଅଥଚ ସେ ପୂଜାର ଗନ୍ଧ ଓ ସୌନ୍ଦର୍ଯ୍ୟର ବିଷୟ ପଚାରି ନାହିଁ । କିନ୍ତୁ ଅନ୍ୟ ଜାତି ତୁମ ପୂଜାପାଇଁ ଯେଉଁ ସବୁ ପୁଷ୍ପ ଚୟନ କରନ୍ତି, ତାହାର ଗନ୍ଧ ପାରିଜାତ ଅପେକ୍ଷା କମ ଯାଏ ନାହିଁ । ତୁମକୁ କହୁଅଛି, ତୁମର ପୂଜା ଭିନ୍ନ ହେଉ । ତୁମେ ଯେଉଁ ନିର୍ମାଲ୍ୟ ନୈବେଦ୍ୟ କଥା କହୁଅଛ, ସେସବୁ ଭଲ ବିଶ୍ଳେଷଣ କରି ଦେଖିଲେ ସୌନ୍ଦର୍ଯ୍ୟ ଓ ଗନ୍ଧ ଅତି ଅଳ୍ପ ମିଳିବ । ଅଧିକ ସମୟ ନାହିଁ, ଆଉ ଦିନେ ଦେଖାଇବି ।

ଉତ୍କଳ-ସରସ୍ୱତୀଙ୍କର ବାକ୍ୟସ୍ରୋତ ଥମିଲା, ତୃଷ୍ଣାର୍ତ୍ତ ଲକ୍ଷ୍ମୀଙ୍କର ମଧ୍ୟ ବାକ୍ୟ ବନ୍ଦ ହୋଇଗଲା ।

ସରସ୍ୱତୀ ଅଦୃଶ୍ୟ ଯୋଗ କଲେ ଏବଂ ଲକ୍ଷ୍ମୀଦେବୀଙ୍କୁ ବିଦାୟ ନେଇ ପ୍ରସ୍ଥାନ କଲେ । ସେ ଆନନ୍ଦିତ ହୃଦୟ, କାରଣ ମୋହ ଟିକିଏ ଭାଙ୍ଗିଲା । ଟିକିଏ ବ୍ୟଥିତ ମଧ୍ୟ, କାରଣ ହୃଦୟୋଦିତ ସଂସ୍କାରରେ ଆଘାତ ଲାଗିଲା । ମାନବ-ମନର ସ୍ୱଭାବ ଏହି ଯେ ଅନାସ୍ଥାବାନ ହେଲେ ମଧ୍ୟ ସଂସ୍କାର ପରିତ୍ୟାଗ କରିବାକୁ ତାହାର ହୃଦୟରେ ଆଘାତ ଲାଗେ । ଦେବତାମାନେ ମଧ୍ୟ କଣ ଏହି ସାଧାରଣ ନିୟମର ଅଧୀନ ନୁହନ୍ତି ?

ତୋତଲ ଝିଅ ।

ଏକ ରାଜ୍ୟରେ ଏକ ସାଧବପୁଅ ଥିଲା ସେ ତା ଝିଅଟି ଭାରି ସୁନ୍ଦର, ରୂପରେ କେ ତୁଳନା ଥାଉ ନ ଥାଏ । ଦିନେ ସେ ଝରକା ପାଖେ ବସିଛି, ରଜାପୁଅ ଘୋଡ଼ାରେ ଯାଉଥିଲା ଯେ ତା ଉପରେ ରଜାପୁଅର ଆଖି ପଡ଼ିଗଲା । ରଜାପୁଅ ମନ ହେଲା ଏ ଝିଅକୁ ବାହା ହେବ ବୋଲି । କିନ୍ତୁ ସେ ସାଧବଘର ଝିଅଟି ତୋତଲୀ । ସାଧବ ଏ କଥା ଜାଣି ପାରିଲେ ଝିଅକୁ ମନା

ହେଲା । ଅବ ଲୋକେ ଆଖୁଆଳ ଦେଖୁଁ ନାହାନ୍ତି । ସେଣେ ରଜାପୁଅ ସାଙ୍ଗ ଭାଇଙ୍କ ଆଣ୍ଟି ନେଲା ଖୋଳରେ ଖଟିଆ ପଡ଼ିଥାଏ, ଅପେ ବନାଇ ସକାଳୁଥାଏ, ଗଉଡ଼ଙ୍କୁ ଲାହୁଥାଏ ସେ ମାଛକଣ୍ଠ ଖାଉଥାଉ ଅଉଡେଲେ ମୁଁ ଥାଉ ଦେବ ଯେ ଭୂମେ ଗାଙ୍କୁ ଖଟିଆରେ ଥୁଅଛ ନାଉଲୁ ନେଇ ଗଲିଯିବ । ସାଥବ ବୋଝୁ ଅଲଗା ବାଲୁ ପଦାକୁ ବାହାରେ ନାହିଁ । ରଜାପୁଅ ଛକି ଛନି ଥାଏ । ଦିନାକେବେ ଗଳିରୁ ସାଥବ ବଣିକ ବେପାରକୁ ଯିବ ବୋଲି ବୋଝଭ ବନ୍ଧା ହେଲା । ତା ଭଉଣୀଟି ନାଁ ଗଉଡ଼ୀ । ଘାଟରେ ଚୋଖାଳା ଖୋଲେଇଲା, ଘର ଗୃହପାଖ ଦେଉଳାଦ ପାହଚ ବୁଲେଇଲା, ପାଣିଘଡ଼ରେ ଖଡ଼ିକା, ଚୋବା, କାଚଗ, ବଣିଆ, ତେଲ. ପାଟଗ, ହିଙ୍ଗୁଳ, ମାଳ, କେଉଡ଼ି, ସବୁ ପାଟକରୁ ଜଣେ ଜଣେ ଅଣି ରଖେଇଲା, ଯିମିତି ଭୁଟା ଖାଡ଼ିଏ ପାଇଁ ଭାଣ୍ଡୋ ପଦାକୁ ନ ବାହାରେ । ସବୁ ନେଇ ଚଢ଼ି ଗାଡ଼ି ଚଳିଲା, ମାଉଟକୁ କହିଲା ଦେଖି କେମାନେ ପଦାକୁ ବାହାରିବ ନାହିଁଟି ? ରଜା-ପୁଅ ଝରି ଉଣ୍ଡୁଛି ସବୁ ନେବ ବୋଲି । ଭଉଣୀକି ଡାକିଲା, ଭଉଣୀ ପାଖରେ ଭଣ୍ଡୋକୁ ସମର୍ପି ଦେଲା, କହିଲା 'ଦେବେ ମୁଁ ବୋଲଇ ଗଉଡ଼ି', ଗଉଡ଼ି ବୋଲେ 'ହୁଁ ଟି' ।

ଅଣି ଦେବ କୁଣ୍ଡ ଡାଳି— ବୋଲେ ହୁଁ ଟି
ରଜାପୁଅ ଭାରି ହଟିଆ ବୋଲେ ହୁଁ ଟି
ବାଟରେ ଯୋଡ଼ଛି ଖଟିଆ ବୋଲେ ହୁଁ ଟି
ଲୀଳାବତୀ ଦେବେ ଲାଗିଲା ବୋଲେ ହୁଁ ଟି
ଧୁଳାଇ ବସି ଉଡ଼ିଛି ବୋଲେ ହୁଁ ଟି
ମିଛେ ମିଛ ମାଛ ଧରୁଛି ବୋଲେ ହୁଁ ଟି
ଝୁଙ୍କ ଘାଟେଇ ନ ଯିବ ବୋଲେ ହୁଁ ଟି
ବାଡ଼ିରେ ମୂଳିଆ ବସିଛି ବୋଲେ ହୁଁ ଟି
ମନ ହେଲେ ମୁଣ୍ଡ ପିଟିବ ବୋଲେ ହୁଁ ଟି
ବାଡ଼ରେ ଖଣ୍ଡା ରଖିଛି ବୋଲେ ହୁଁ ଟି
ମନ ହେଲେ ଖଣ୍ଡା ପିଟିବ ବୋଲେ ହୁଁ ଟି
ବାଡ଼ିରେ ମାଙ୍କଡ଼ । ରଖିଛି ବୋଲେ ହୁଁ
ବାଡ଼ିରେ ଯୋଗୀଣୀ ରଖିଛି ବୋଲେ ହୁଁ
ବାଡ଼ିରେ ବଣିଆ ରଖିଛି ବୋଲେ ହୁଁ
ବାଡ଼ରେ କୁକୁର ରଖିଛି ବୋଲେ ହୁଁ ଟି
ବାଡ଼ରେ ଯୋଗୀଙ୍କ ଖୋଳିଛି ବୋଲେ ହୁଁ

ସାଥବ ସବୁ କଥା କହିଗଲା, ଗଉଡ଼ି ହୁଁ ହୁଁ କଲା । ଦିଗନ ଭାଉଜ ରହିଲେ, ଏ ଗଲା ବଣିଜକୁ । ଯାଉ ଯାଉ ବାଟରେ କଦଳୀ ଗଛଟି ଏ ଲିଖେଇଲା, କଦଳୀ ଗଛକୁ କହିଲା, ତୁ ଯେବେ ସତ୍ୟଯୁଗର କଦଳୀ ଗଛ ହେଉଥିବୁ, ମୁଁ ବାହୁଡ଼ିଲା ବେଳକୁ ମୋ ଭଉଣୀକୁ ଯେବେ ରଜାପୁଅ ହର ନେଇଥିବ ତେବେ ତୁ ମରିଥିବୁ, ମୋ ଭଉଣୀ ଘରେ ଥିଲେ ତୁ ଜୀଇଥିବୁ । କଦଳୀ-ଗଛ ପୋତେଇ, ଏ ଚାଲିଗଲା ବୋଝଭରେ, ଜଳା । ଜଣକ ଭାଉଜ ଦଉଡ଼ିଯାଇ ଥାଆନ୍ତି ଆପଣା ପୁଅକୁ ସେ ତାଙ୍କର ଖିଆଲରେ । ରଜାପୁଅ ସେ ଭଣ୍ଡାରୁଣୀକୁ ଡାକି ଦେଖେଇଲା, ଆଲୋ ! ମୁଁ ତତେ ଅନ୍ତଲାଏ ଅପିଙ୍ଗି ଦେବି, ଛଡ଼େଇ ଦେଇ ନୂଆର ଟୋକେଇ ଦେବି, ତୁ ସାଥବ ଭଉଣୀକୁ ଫୁଲେଇ ଡର ନେଇକି ଆଣ । ଭଣ୍ଡାରୁଣୀ ନାଏ ଉଇଁ ଢାଟିବ ବୋଲି ସାଥବ ଘରକୁ ଗଲା, ନଖ କାଟିଲା, ଅଲଟା ଲାଇ ଦେଲା ବେଳକୁ କହିଲା, ସାଥଭାଉଣୀ, ଏମିତି ମଇଳା ଚେଲେଇଛୁ କେଉଁଠି କିଆଁ ମ ? ଦେହରୁ ତ ମଇଳା ବୋହୁଛି ମଳି ବାହାରିବ, ଏ ସୁନା ଦେହକୁ ଯାହା ତୁମେ ଲାଗିଥାଉ ଦେହୁଣ । ଏମିତି ହେଲେ ଦାଗ ଯିବ ଯେ ! ସାଆନ୍ତ ଅଇଲା ବେଳକୁ ପନ୍ତରା ଦୋଷ ଯିବ ଯେ ! ଏ କହିଲା, ରଜାପୁଅ ପଗ ଦର୍ଶ ଲଗେଇଛି ! ଭଣ୍ଡାରୁଣୀ କହିଲା ଏଇ ଉଡ଼ା କଥାଟାକୁ ଡରି କରି ବସିଛ ? ପନ୍ଦର କାହିଁକି ପାଣିରେ ଲୋଟି ଲୋଟି ଏ ସୁନା ଦେହକୁ କଳା କରି ପକଉଛ ! ଏ ଭ ଏବେ ଛଅନ ଜାଣେ ! ଭଣ୍ଡାରୁଣୀ କଥାରେ ଭୁଲି ଗଲା, ଗଲା ବାହାରି ନଈବ ଘାଟେଇ । ରଜାପୁଅ ଭ ଜଗିଛି, ସାଥବ

ନୋଷ୍ଟୁ ନଈରୁ ଆସିଥିଲା କରି ଚିନ୍ତା କରିଲା ମୁଁ ଛୁ ମିଛେ ରଜାପୁଅ ଆସି ଡାକିଲା ଶୁଣି, କହିଲି,—

ଛାଡ଼ ମୁଁ ବୋଲଉ ନାଳାଲୋ ବୋଲେଣ୍ଟି କି
ପାଟ ମୂଳ ଦେଉ ସାଥିଲୋ

ସାଧବବୋହୂ କହିଲା 'ବେକର କଣ୍ଠି ତୁ ନେ—ରେ' ରଜାପୁଅ କହିଲା 'ପାଣିକି ପକେଇ ଦେ—ଲୋ'; ସାଧବବୋହୂ କହିଲା 'ହାତର ଖଡ଼ୁ ତୁ ନେ—ରେ' ରଜାପୁଅ କହିଲା 'ପାଣିକି ପକେଇ ଦେ—ଲୋ'; ସାଧବବୋହୂ କହିଲା 'ସୁବର୍ଣ୍ଣ ଚୂଡ଼ି ତୁ ନେ—ରେ' ରଜାପୁଅ କହିଲା 'ପାଣିକି ପକେଇ ଦେ—ଲୋ'।

ସାଧବ ଭାରିଯା ଗୋଡ଼ଠାରୁ ମୁଣ୍ଡଯାଏ ଯେତେ ଅଳଙ୍କାର ଭର ଥିଲା, ସବୁ ରଜାପୁଅକୁ ଯାଚିଲା, ରଜାପୁଅ କହିଲା ପାଣିକି ପକେଇ ଦେ—ଲୋ। ପଛକୁ ଏ କହିଲା 'ଆଉ ତୁ କଣ ନବୁ ରେ?' ରଜାପୁଅ କହିଲା 'ତୋର ପିରୁଲି ନେବି ଲୋ'। ଯିମିତି ସେ କହିଛି ସିମିତି ପାଉ ଦେଲା ଯେ ଗଡ଼ୁଡ଼ିବାଡ଼ିଯାକ ଏ ମାଉକିନଅଳୁ ଷାଠିଏରେ ପୂରେଇଲେ, ମୁଣ୍ଡରେ ଅନ୍ଧପୋଟଳି ବାନ୍ଧି ଦେଇ, ନେଇ ଗଲେ। ଏ ପହିଲି ପହିଲି ଦଦାଙ୍କେତେ କାନ୍ଦିଲା ବୋବେଇଲା, ରହିଲା। ରଜା ତାକୁ ନୂଆ ରାଣୀ କଲେ, ରଖିଲେ। ଏମିତି ଗଲା ଭିତରେ ପାଞ୍ଚ ଛ ବରଷ। ସାଧବ ବେପାର ସାରି ଘରକୁ ଫେରି ଆଇଲା ବେଳକୁ ଦେଖିଲା ଯେ ସେ କହିଲା ଗଛଟି ମଲାଣି। ଏ ଆଉ ଘରକୁ ଯିବ କଣ, ଯାହା ଟଙ୍କାପଇସାର ଥରକ ଆଣିଥିଲା ତାକୁ ସବୁ ପାଣିରେ ଅଜାଡ଼ି ଦେଲା, ନାଆକୁ ଓଲଟେଇ ଦେଲା, କଉପୁନି ଖଣ୍ଡିଏ ମାରିଲା, ଗଲା। ଦଦାଙ୍କେତେ ଗୋଡ଼ରୁ ଜଟା ବଢ଼ିଲା, ପାଉଁଶଗୁଡ଼ାଏ ବୋଳି ଦେଲା, ବୁଢ଼ାଯୋଗୀ ହୋଇଥାଉଁ [illegible]। ଯାଉଁ ଭିକ ମାଗୁଥାଏ ବୁଲିବୁଲିକା। ରଜାଙ୍କ ନଅରରେ ଯାଇଁ ଭିକ ମାଗିଲା। କେଳଣଟିଏ ବଜାଉଁ ଥାଏ, ଗୋଟିଏ ଗୀତ—ନେଁ ନେଁ [illegible] ମୁଁ [illegible] ନିଜାଇଲି, ଏଡ଼ା ନୀଳା ଲାଗି ମୁହିଁ ଯୋଗୀ ହୋଇଲି। ରାଣୀଙ୍କ ଦେଖିବାରେ ଚିହ୍ନିପାରିଲା, ଯେ ଏହି ତାର ଦାରା ଥିଲେ [illegible]। କହିଲା ନୂଆ ରାଣୀ ହାତରୁ ଭିକ ନେବି, ଆଉ କାହା ହାତରୁ ନେବି ନାହିଁ। ରାଜନଅରକୁ ଖବର ପଡ଼ିଲା ଯୋଗୀ ଅଛନ୍ତି ଯେ କାହାରି ହାତରୁ ଭିକ ନବାକୁ ନାହିଁ, କହୁ ଅଛନ୍ତି, ଯେବେ ନୂଆ ରାଣୀ ଭିକ ଦେବେ ସେ ନବ, ନଇଲେ [illegible] ଖାଲି ଥାଇ ଫେରିବ। ପଛକୁ ରଜା କହିଲେ ନିଜେ ରାଣୀ ସେ ଯୋଗୀବାବାଙ୍କ ପାଖକୁ ଯାଆନ୍ତୁ [illegible] ଗଲେଇ ଭିକ ଦଅନ୍ତୁ। ସେ କହିଲାରୁ ରାଣୀ ଭିକ ମୁଠାଏ ନେଇ ପକ୍ତକୁ ବାଢ଼ି ଦେଲା ବେଳକୁ ବୁଢ଼ାଯୋଗୀ ଝୁଲିମୁଣ୍ଡି ଭିତରୁ ଦାଉରା ଖଣ୍ଡିଏ ବାହାର କଲା, ଅପଣା ବେକରେ ଚେଟେ ପକେଇଲା, ମଲା। ମଲା ବେଳେ କହିଲା 'ଯୋଉ ନୀଳା ଲାଗି ମୁହିଁ ଯୋଗୀ ହୋଇଲି, ସେହି ନୀଳା ଲାଗି ଏବେ ହାଣ୍ଡି ହୋଇ ମଲି'। ରାଣୀ ଏକଥା ସେ କଥା ବୁଝିଲେ, ତୁନି ହୋଇ ରହିଲେ, ରଜା ପରୀକ୍ଷାରୁ କହିଲେ କେତେକି ବୁଢ଼ାଯୋଗୀ କାହିଁ ହାଣ୍ଡି ହୋଇ ମଲା। ରଜା ହୁକୁମ ଦେଲେ ଚନ୍ଦନ କାଠ, ତୁଳସୀ କାଠ, ଦିଅରେ ସେ ଯୋଗୀକି ପୋଡ଼ିଦେଇ ଦବାକୁ। ସେ ଯୋଗୀକି ମଶାଣି ସ୍ଥଳୀକୁ ନେଇ ଗଲେ। ନୂଆ ରାଣୀ ରଜାଙ୍କ ପାଖେ ଲାଗିଲେ ଯୋଗୀ ତାହା ପୋଡ଼ା ବେଳେ ଦେଖି ଯିବେ ବୋଲି। ରଜା ରାଣୀ ବିଦାକଲେ। ମଶାଣିରେ ଯୋଗୀକି ଯୁଇ ଖୋଳା ହେଲା, ମାଡ଼ିଏ ଶୁନ୍ଦାଡ଼ି ପଡ଼ିଲା, ଯୋଗୀକି ନେଇ [illegible] ପିଣ୍ଡରେ ମୁଣ୍ଡମାଡ଼ି ଅଗ୍ନି ପକେଇଲେ, ସଂଘାଡ଼ିଏ କାଠ ମୁହିଁ ଦେଲେ, ମୁଖାଗ୍ନି ଦେଲେ, ଦିଅ ଜାଳିନରୁ ଧାଁଇ ଧୁ ଧୁ ହୋଇ ଜଳିଲା। ରାଣୀ କାଣ ଦଲେ, କାହିଁ ଗୃହପାଶ ଧାଇ ଯେଉ ବୁଲି ଆଇଲେ, ସେ ଜଳୁଁ

... ଦେଲୁ ... ପଡ଼ିଲେ । ରାଜା କହିଲେ
ଯୋଗୀଙ୍କ ... ମୁଁ ... ଅଣାଇ, ... ,
ମୁଁ କାହିଁ ... କୋଉଁ ଜାଣେ ? ଯୋଗୀ କହି ରାଜା
ଯୁଗଳ ... ଚେଇଁ ପଡ଼ିଲେ । ସମସ୍ତ ମହାରାଣୀଙ୍କୁ
... ପରି ... ଅନେକ ...
... ଘଣ୍ଟା ... ରାଜା ଯୋଗଲେ
... ।
ରାଣୀଙ୍କ ... କହିଲେ:—

ଯୋଗୀ ... ଯୋଗିଆଣୀ ପାଠ
ରାଜା ପଢ଼ିଲେ ନା ।ପାଇଁ
ଅନେକ ... ରାଣୀ ...
ଏବା ଯୋଗିଆଣୀ ପାଠ ।
କାନ୍ଦିଲେ, ବୋବାଇଲେ, ...
କାନ୍ଦିଲେ, ମୁଁ ... କଥା କହିଲେ ନାହିଁ ।

ଗୋପାଳଚନ୍ଦ୍ର ପ୍ରହରାଜ ।

ବର୍ଷାଚିତ୍ର ।

କାର୍ଯ୍ୟଭାର ପର ଅସି ବରଷା ସମସ୍ତ
ଦେଖାଇଲା ଲୋକେ ନବୀନବ ଅଭିନୟ ।
କେତେବେଳେ ଏକ ଦଣ୍ଡ ଦିଠି ନବଘନ
ଦେଖୁଁ ଦେଖୁଁ ଯାନ୍ତି ଦଏ ଶମ୍ଭୁ ଗଗନ ॥
ଅନ୍ତରିତ ହୋଇଯାଏ ସ୍ନିଗ୍ଧ ... ଜଗ,
ଶ୍ୟାମସ୍ନିଗ୍ଧ ... ହୋଇଯାଏ ସବୁ ॥
ବସୁମତୀ ଅଙ୍ଗୁ ପୀତାମ୍ବର କାଢ଼ି ।
ପିନ୍ଧାଇ ଦଏ କି ନବଘନ ଶ୍ୟାମ ଶାଢ଼ୀ ॥
କେବେ ହ୍ରାଗୀ ନୀଳ ନଭେ ସବିତାମଣ୍ଡଳ;
ପ୍ରତୀଚୀ ମୂଳରେ ନୀଳ ନୀରଦପଟଳ;
ସେ ଜଳଦେ ଇନ୍ଦ୍ରଧନୁ ମନୋହର ଦିଶେ;
ଦଶାଙ୍ଗନାଯୁଗ କେଶ ଚାରୁ ଭୂଷା କି ସେ ।
ମୟୂର ମୟୂରୀ ଏକ ଶିଖରୀ-ଶିଖରେ,
ନାଚୁଥାନ୍ତି ଊର୍ଦ୍ଧ୍ୱପୁଚ୍ଛ ପ୍ରେମାନନ୍ଦଭରେ;
ଝଡ଼ଲଢ଼ଲଥ ପାଠ ବୃଷ୍ଟିନା ଅପାର
ହେଉଥାଏ ଲଘୁ ଗୁରୁ ବାରିଧାର ।
ଚାତକ-ପକ୍ଷୀହିଁ ଥରେ ଥରେ ଶୁଣ ସ୍ୱନ
ହିତ କରୁଥାଏ କିଛି ତୃଷ୍ଣିବା ଭକ୍ଷଣ;
ବଲ୍ଲୀମେ ପଶି ଦେମନ୍ତ ରଦିବର
...ଉଥାଏ ଗାନ୍ଧ ଗୁରୁ ଉଳେବର ।
କଦମ୍ବ ଲୁଟିଲ ପଦ୍ମ ଆଦ ନାନା ଫୁଲ
ଜଳ ସୌରଭରେ ... ଅତୁଳ ।
ଇନ୍ଦ୍ରନୀଳମଣିଚୂତ ମଞ୍ଜୁ ଜମ୍ବୁଫଳ,
ତରୁଣ ଅରୁଣବର୍ଣ୍ଣ-ମାଳତ ଫୁଲ୍ଲ...;
ଶୁକଗଣ ମୁଦେଁ ... ସେ ଜମ୍ବୁ ଆହାର
ଡାଳେ ଡାଳେ କରୁଥାନ୍ତି ଅନନ୍ଦେ ବିହାର ।
ମରକତ-ପତ୍ର-...-ଫଳାନ୍ୱିତ
ଅଶ୍ୱତ୍ଥ ପାଦପ ରବିକିରଣେ ମାର୍ଜିତ;
ତହିଁ ବସି କାକ କରୁଥାଏ କାଆ କାଆ,
ବୋଲୁଥାଏ ପଶୁ ... 'ବାବା ବାଅ' ।
ଦେବାଳୟଚୂଡ଼ ସ୍ନିଗ୍ଧ କଳସ ରୁଚିର,
କୁଷ୍ମାଣ୍ଡ ଲୁମ୍ବିତ ... ଶୋଭଇ କୁଟୀର ।
ଦଶମ ... ନୀଳ ... ଦେଖା,
ଶୀର୍ଷରେ ଶୋଭଇ ଧାରି ଶୁଭ୍ର ଅଭ୍ର-ରେଖା;
ଦନ୍ତୀ ପୃଷ୍ଠରେ ରମ୍ୟ ... ଅମାରୀ
ଭ୍ରମ ଉପୁଜାଏ ସେହି ଦୃଶ୍ୟ ମନୋହାରୀ ।
ବଳାକା ଚଳେ ନଭେ ବକମାଳ ଦିଶେ
ଦିଶେ ଯେସନେ ପଡ଼ଗଳେ ରଜତ ... ।
କେତେବେଳେ ପ୍ରଭଞ୍ଜନ-ତାଡ଼ିତ ଆସାର,
ଅବନୀରେ ପଡ଼େ ହୋଇ ଘନ ...;
ହେତଳ ...;
ଜଳଧରମୟ ବ୍ୟୋମ ଜଳମୟ ମହୀ;
କୂଳେ ... ଜଳ ...;
ପଙ୍କେଁ ... ନିନାଦ;
...,
... ପଡ଼େ ଘରେ ଘରେ;
ସ୍ରୋତସ୍ୱିନୀ ... ପ୍ଲାବି ... କୂଳ,
ଉତ୍ପାଟନ କରି ... ମୂଳ;

ନାଗରି [illegible]
କରିଛନ୍ତି ଗ୍ରାମ ନଗରେ ଅନେକ ସ୍ଥାନ;
କେତେବେଳେ ଦାଃ ବିନ୍ଦୁ ଟପଟ ଟପର
ଘଡି ନିନାଦିତ ନିନାଦ ଧାରା ପଡ଼େ,
ଦାସୀଙ୍କର ଜାଉନ୍ତି ମୀନାଙ୍କ ନୀଳ କଳେ,
ଗାଭିକି ବୀଥିର ମୃଦଙ୍ଗ ଶ୍ୟାମ ଗଗନ;
ମୃଗ ଯୂଥ ସର୍ବମତ୍ତ ବନାନ୍ତ ଗଣେ
ନୀଡନ୍ତି ଗଭୀର ନାଦ କମ୍ପାଇ କାନନ;
କେତେବେଳେ ଖେଳୁଥାଏ ବିରଳ ଶୀକର;
କେତେବେଳେ ବୃଷ୍ଟିଧାରା ବାଦଲ ମାଝର ।
କେତେବେଳେ ପଡ଼େ ରଶ୍ମି ଶ୍ରୋଂଶୁ କିରଣ,
ଭୂପୃଷ୍ଠେ ଭୂଧର ଅଙ୍ଗେ କରେ ସଞ୍ଚରଣ ।
ଫୁଲଡା-ଭଷଣ ହୁକ୍କା ଦାର ଦଳ ଦଳ
ଛଡନ୍ତି ମୟୂର ରବେ ପୂର୍ଣ୍ଣ ବନସ୍ଥଳ ।
ଦାବାନଳ-ତାପମୁକ୍ତ ମୃଗଯୂଥ କାହିଁ
ଆନନ୍ଦେ ବୁଲନ୍ତି ନବ ତୃଣାଙ୍କୁର ଖାଇ ।
ମାତୀ ନୟନଙ୍କୁ ନ କାହିଁ ଉଦ୍‌ବେଗ ଯତେଣ
ବାଳିଆ ଭୂମିରେ କରୁଥାନ୍ତି ସଞ୍ଚରଣ ।
¹ ଉଦ୍ରମ୍ବରେ ଦେଖନ୍ତୁ ଗଗନତୋରଣ,
ଉଚ୍ଚ ତରୁ ଶିରେ ଇନ୍ଦ୍ରନୀଳକ କରଣ;
ଲାଗେ ମୃଦୁ ଘଟଣେ ତେଉ ଦୋଉ ମନୋହର,
କେବେ ଅବା ହସି ହସି କୁଡନ୍ତି ଉମ୍ବର ।
ନାଳ ମାଳ ପଦ୍ମ ଡାଳ ବୃକ୍ଷରେ ସୁନ୍ଦର,
ମନ୍ତ୍ରେ ପଡ଼ିବ ବୋଲି ମାନବଙ୍କୁ ଡର ।
ଅଚ୍ଛୁ ସ୍ପର୍ଶ ନ କର ରୂପ ଗର୍ବ ବହ
କାନନରଞ୍ଜନ କାହିଁ ଫୁଲ ବଜାରଇ;
କେବେ ଦୂର ଦିଗୁ ଉଠେ ନୀରଦପଟଳ
ଗ୍ରାସଇ ତାରକାପୂର୍ଣ୍ଣ ଗଗନମଣ୍ଡଳ;
ଝଞ୍ଜନମଣ୍ଡିତ ଘୁର ପ୍ରାସାଦର ବାଟ
ରୁଦ୍ଧ ହୁଏ ବ ଭା ପଡ଼ି ଯାଉଁଲ କବାଟ;
ଗବାକ୍ଷପଥରେ କାଳୀବାସ-ଅବରଣେ
ପୁରବାଳା ମୁଖ ଭ୍ରମ କରମାଇ ମନେ

[illegible]
[illegible] ।
କେତେବେଳେ ନିଳ ନିଶା ପୂର୍ଣ୍ଣ [illegible]
କୌମୁଦୀରେ [illegible] ।
ଚିତ୍ର [illegible] ସ୍ପୁକି କିଲା [illegible]
[illegible];
[illegible],
ଦୋଳିଯାଏ ପ୍ରକୃତିର ଜିଗୁଡ଼ ସମ୍ପଦ;
ପ୍ରଦୀପ୍ତ ଔଜ୍ଜ୍ୱଲ୍ୟ ଯେନ ହସଇ ଭୂଧର;
ଯେନି [illegible] ନାଚଇ ସାଗର;
ଦ୍ରୁମଶ୍ରେଣୀ [illegible] ଯେନି ହସଇ [illegible];
କାନନ ହସଇ ଯେନି ବନ ଫୁଲମାନ;
ଗଗନ [illegible];
ବହୁ ସ୍ଥାନେ ସ୍ଥାନେ କରୁଥାଏ ବିଚରଣ;
ଅମୋଦିତ ବନ ନଗ ପକ୍ଷୀଙ୍କ ନଗର,
ଭ୍ରମୁଥାନ୍ତି ଫୁଲେ ଫୁଲେ ପ୍ରମତ୍ତ ଭ୍ରମର;
କେତେବେଳେ ଘନଘଟା କୌମୁଦୀ ହରଇ;
କରନ୍ତି ଯେମନ୍ତ କ୍ଷୀର ପାନ କରି ଅହି;
ଜ୍ୟୋତ୍ସ୍ନାମୟୀ ନିଶା ହୁଏ ତମସା ପରି ମ୍ଳାନ;
ଜୀବର ଶରୀର ଯଥା ହେଲେ ଗତପ୍ରାଣ ।
କେବେ ଘୋର ଅନ୍ଧକାରେ ଧରଣୀ ମଗନ,
ନାହିଁ ଚନ୍ଦ୍ର ନାହିଁ ତାରା ନ ଦିଶେ ଗଗନ,
ପଡୁଥାଏ ବୃଷ୍ଟିଧାର ମେଘ-କବାଟ,
ଭୀମ-ନିର୍ଘୋଷେ ଲୀନ ପ୍ରକୃତି ବିରାଟ;
କେବଳ ଖଦ୍ୟୋତ ତମ-ସାଗର-ରତନ
ଜ୍ୟୋତିରେ ପିଟାଉଥାଏ ମାନବ ନୟନ,
ସୌଦାମିନୀ ଜ୍ୟୋତିର୍ମୟୀ ରେଖା ଥରେ ଥରେ
ତମକି ଅଚିରେ ଲୁଚିଯାଏ ଘରଘରେ;
ନିଦ୍ରାଗତ ଜୀବଗଣ କଳରବ ନାହିଁ,
ରଜନୀ ଗର୍ଜନ ହୋଇ ଗଲେ ଝାଁଇ ଝାଁଇ,
କର୍କଶ ଦର୍ଦ୍ଦୁର ଅବ ଛାଡୁଥାନ୍ତି ରଡ଼ି,
ଘନେ ଘନେ ହେଉଥାଏ ଘନ ଘଡ଼ଘଡ଼ି,

¹ ଉଦ୍ରମ୍ବର—ପୂର୍ବ ଦିଗ ।

ଦୁଃଖ-ବିନା ସୁଖ ପାଇ ସୁଖ-ଭୋଗ ନାହିଁ ଲେ
ଛାଡ଼ନ୍ତି ନାହିଁ ଯୁବ କି ଲୁଚି ବାଜି ଲେ,
ପୁଣି କର ନିଦ୍ରା ତାର ନାଶ କରେ ନ ଯାଏ,
ନାହିଁ ସ୍ୱପନେ ଭୋଗ ତାହା ପାଇଁ ଥାଏ ।

ଶ୍ରୀ ଗଙ୍ଗାଧର ମେହେର ।

ପ୍ରତ୍ୟୁତ୍ତର ।

ଶ୍ରୀଯୁକ୍ତ ଉତ୍କଳସାହିତ୍ୟ-ସମ୍ପାଦକ ମହାଶୟ

ସମୀପେଷୁ ।

ମହାଶୟ,

ବ୍ରାହ୍ମଣଠାରେ କନୌଜ ଉତ୍କଳୀୟ କୁଳବଧୂ ଯୁବକଙ୍କ ବିବାହପ୍ରସଙ୍ଗକୁ ଲକ୍ଷ କରି 'ପ୍ରଜାବନ୍ଧୁ' ପତ୍ରରେ "ସଂସ୍କାରପ୍ରାର୍ଥୀ" ସମାଜସଂସ୍କାର ସମ୍ବନ୍ଧରେ କେତେଗୁଡ଼ିଏ ଅସଙ୍ଗତ ମତ ବ୍ୟକ୍ତ କରିଥିବାରୁ ଅମ୍ଭେମାନେ ତହିଁର ପ୍ରତିବାଦ ଉକ୍ତ ପତ୍ରରେ କରିଥିଲୁଁ । ମାତ୍ର "ସଂସ୍କାରପ୍ରାର୍ଥୀ" ମହାଶୟ ସେଥିରେ ପରିତୃପ୍ତ ନ ହୋଇ ପୁଣି କେତେଗୁଡ଼ିଏ ଅବାନ୍ତର କଥା ଲେଖିଅଛନ୍ତି । ସେଗୁଡ଼ିକର ସମାଲୋଚନା କରି ଉତ୍ତରସ୍ୱରୂପ ଏହି ପ୍ରବନ୍ଧଟି ପ୍ରଜାବନ୍ଧୁରେ ପ୍ରକାଶିତ ହେବା ପାଇଁ ଲିଖିତ ହୋଇଥିଲା । କିନ୍ତୁ ପ୍ରବନ୍ଧଟି ଉକ୍ତ ପତ୍ର ପକ୍ଷରେ ଅତ୍ୟନ୍ତ ଦୀର୍ଘ ହେବାରୁ ଏବଂ "ସ୍ଥାନାଭାବ ଘଟି ନ ଥିଲେ ଏହି ଯୁକ୍ତିପୂର୍ଣ୍ଣ ପ୍ରବନ୍ଧଟି ପ୍ରକାଶିତ ହୋଇଥାନ୍ତା", ଏହି ମନ୍ତବ୍ୟ ଦେଇ ସମ୍ପାଦକ ମହାଶୟ ଏହା ଫେରାଇ ଦେଇ ଥିବାରୁ ବର୍ତ୍ତମାନ ବାଧ୍ୟ ହୋଇ ଆପଣଙ୍କ ଶରଣାପନ୍ନ ହେବାକୁ ପଡ଼ିଲା । ଅଧୀନକୁ ବିମୁଖ କରିବେ ନାହିଁ । ଇତି ।

ଶ୍ରୀ—

ଭାଇ ସଂସ୍କାରପ୍ରାର୍ଥୀ, ତୁମ୍ଭେ ବେଶ୍ ଚତୁର ଲୋକ । ଅମ୍ଭେମାନେ ଦୁଇଟିଯାକ ବିଷୟ କହିଥିଲୁଁ— 'ଏହିପରି ବିବାହକୁ ନେବ' 'ଏପରି ନ କଲେ ଚଳିବ ନାହିଁ' 'ଏହା ଛଡ଼ା ଅନ୍ୟ ଉପାୟ ନାହିଁ'— ତହିଁରୁ କୌଣସିଟାର ଉତ୍ତର ଦେଇ ନାହିଁ, କେବଳ ଦୁଇ ଗଣ୍ଡା ବାଜେ କଥା ଲେଖି ମନେ କଲ ଯେ ପ୍ରତିବାଦର ଗୋଟିଏ ଉତ୍ତର ଦେଇ ପକାଇଲି । ତୁମ୍ଭେ ଭାଇ ବେଶ୍ ବାକ୍‌ପଟୁ ଲୋକ, ବେଶ୍ କାର୍ଯ୍ୟର କଥାଟା କହିଅଛ— ଭାରତୀୟ ସମାଜର ଏହି ଜଟିଳ ଅବସ୍ଥାରେ ଯୁଗ-ବ୍ୟାପୀ କଳ୍ପନା ଜଳ୍ପନାରେ ମଧ୍ୟ କିଛି ମୀମାଂସା ହେବ ନାହିଁ । ପୁଣି ନୂତନ ଯୁଗ ଆସିବ, ନୂତନ ସମସ୍ୟା ଆସିବ—ସୁତରାଂ ପୁଣି ଯୁଗବ୍ୟାପୀ କଳ୍ପନା ଜଳ୍ପନାର ପ୍ରୟୋଜନ ହେବ । ବେଶ୍ ଉପାୟ ଉଦ୍ଭାବନ କରିଅଛ—କାର୍ଯ୍ୟର ଭାରରୁ ଏକାବେଳକେ ନିସ୍ତାର ! ବିଶେଷତଃ ତୁମ୍ଭର ଏକ ହାତରେ କଲମ ଏକ ହାତରେ କାଗଜ, ଦୁଇ ହାତ ବନ୍ଦ, କାର୍ଯ୍ୟ କରିବ କିପରି ? ଅମ୍ଭେମାନେ କହିଥିଲୁଁ କର୍ମବର୍ଜିତ କଳ୍ପନା ଜଳ୍ପନାରେ କୌଣସି ଲାଭ ନାହିଁ, ମହାପ୍ରଳୟ ପର୍ଯ୍ୟନ୍ତ ଅପେକ୍ଷା କଲେ ମଧ୍ୟ କୌଣସି ମୀମାଂସା ମିଳିବ ନାହିଁ । ମୀମାଂସା କର୍ମକ୍ଷେତ୍ରରେ ମିଳେ, ଦପ୍ତରଖାନାରେ ନୁହେ । ଯେଉଁ ଦେଶର ସମସ୍ତେ ସଂସ୍କାରପ୍ରାର୍ଥୀ—କେହି କାର୍ଯ୍ୟ କରିବେ ନାହିଁ, ସେ ଦେଶରେ କି ମୀମାଂସା ସମ୍ଭବ ? ଯେଉଁ ବଜାରରେ ସମସ୍ତେ ବିକେତା, କେହି ଅଦୌ କିଣନ୍ତି ନାହିଁ, ସେ ବଜାରରେ କି ଦର ଦାମ ଅଦୌ ନିର୍ଣ୍ଣୀତ ହୋଇ ପାରେ ?

ଅମ୍ଭେମାନେ କହିଥିଲୁଁ ଯେଉଁ ଦେଶର ବ୍ୟବସ୍ଥାପକ ଦଳ କାର୍ଯ୍ୟନିର୍ବାହକ ଦଳରୁ ସ୍ୱତନ୍ତ୍ର, ସେ ଦେଶରେ ବ୍ୟବସ୍ଥାପକ ଦଳ ପଙ୍ଗୁ, ଅକ୍ଷମ, କାର୍ଯ୍ୟର ଭାର ବ୍ୟକ୍ତି ଉପରେ । ତୁମ୍ଭେ ସେ

କାହାର କୌଣସି ଉତ୍ତର ଦେଇ ନାହିଁ, କାରଣ ତାହାର କୌଣସି ଉତ୍ତର ନାହିଁ । ମନୁ ପରାଶର-ଙ୍କ ଯେ ବନ୍ଧୁ ନିନ୍ଦା ମତ ଭୁଲ ହୋଇ ଗଲେଣି, ତୁମ୍ଭେ କଣ ସେ କଥା ଭୁଲିଗଲ ? ଆମ୍ଭେମାନେ ଯେଉଁ ଉତ୍ତର ଦେଉଥିଲୁ, ତାହାର ବଦଳରେ ନା ହକ ପୁଣି ସେହି କଥା କହିଲ । ଧନ୍ୟ ତୁମ୍ଭର ଧର୍ମାନୁଶୀଳନ ! ଚିରଜୀବୀ ହେଉ ତୁମ୍ଭର କାଗଜ କଲମ ଦୃଢ଼ ହେଉ ! ଆମ୍ଭେମାନେ କହିଥିଲୁ ଦଶ ଜଣଙ୍କୁ ନେଇ ଅଗ୍ରସର ହେବା ପ୍ରଶଂସନୀୟ, ସେ କଥା ସତ୍ୟ, କିନ୍ତୁ ସେ ପଥରେ ଯେ ବ୍ୟକ୍ତିଗତ କାର୍ଯ୍ୟହିଁ ଏକମାତ୍ର ଉପାୟ ସେ କଥାଟା ବିଶ୍ଳେଷଣ କରି ତୁମ୍ଭେ ବେଶ୍ ବୁଦ୍ଧିମତ୍ତାର ପରିଚୟ ଦେଇ ଅଛ । ଏପରି ବୁଦ୍ଧିର ପରିଚୟ ଆଉ କିଛି ଦିନ ଦେଲେ ତୁମ୍ଭଙ୍କୁ D. D. L. L. D. ଉପାଧି ଦିଆ ଯିବ । ତୁମ୍ଭେ କି ଭାଇ ମନେ କରୁଅଛ, ସମାଜଟା ବଡ଼ ହୋଇଥିବା ବସ୍ତୁ, ତାକୁ ପିଠିରେ ପକାଇ ଅଗ୍ରସର ହେବ ? ବ୍ୟକ୍ତିର ସମଷ୍ଟି ହେଲା ସମାଜ, ବ୍ୟକ୍ତିଗଣ ପ୍ରତ୍ୟେକେ ଯଦି କାର୍ଯ୍ୟକ୍ଷେତ୍ରରେ ଅଗ୍ରସର ହୁଅନ୍ତି ତେବେ ସମାଜ ସମ୍ମତ ହେବ । ଆଉ ଦଶଜଣଙ୍କ ଶିକ୍ଷା ପାଇଁ କେବଳ ଉପଦେଶ ଦେବା ଅପେକ୍ଷା ଉପଦେଶ ଓ ଦୃଷ୍ଟାନ୍ତ କି ବଳବତ୍ତର ଉପାୟ ନୁହେଁ ? ତେବେ ଯେ କାର୍ଯ୍ୟକ୍ଷେତ୍ରରେ ଅବତୀର୍ଣ୍ଣ ହେଲା, ତାହା ଅପେକ୍ଷା ତୁମ୍ଭର ଉପାୟଟି ଅଧିକତର ପ୍ରଶଂସନୀୟ ହେଲା କପରି ? ଓଲଟା ବୁଝିବାଟା କଣ ବୁଦ୍ଧିବିପର୍ଯ୍ୟୟର ଫଳ ନୁହେଁ ? ମନେ ରଖିଥିବ ଭାଇ, One example is better than hundred precepts. ଉପଦେଶ ଦେବାର ଅଧିକାର ତୁମ୍ଭର ଅଛି ଆଉର ମଧ୍ୟ ଅଛି, କିନ୍ତୁ ସେ ଦୃଷ୍ଟାନ୍ତ ଦେଖାଇ ଅଛନ୍ତି । "ମା ହିଂସ୍ୟାତ୍ ସର୍ବାଣି ଭୂତାନି" ବେଦରେ ମଧ୍ୟ ଥିଲା, ତଥାପି ବୈଦିକ କର୍ମକାଣ୍ଡରେ ପଶୁ-ରକ୍ତଦ୍ୱାରା ମେଦିନୀ କଳଙ୍କିତ ହୋଇଥିଲା । କିନ୍ତୁ ବୁଦ୍ଧଦେବଙ୍କ ଦୃଷ୍ଟାନ୍ତଦ୍ୱାରା ଅଗ୍ନିର ପଶୁରକ୍ତ-ତୃଷା ନିବୃତ୍ତ ହେଲା । ତୁମ୍ଭେ ଭାଇ ଯାହା କହ, ତୁମ୍ଭର ଏହି ସମାଜରେ ରହି ସମାଜ ସଂସ୍କାର କରିବା କଥାଟା ମଧ୍ୟରେ ମୁଁ ସମାଜଚ୍ୟୁତି ଭୀତିର ସ୍ୱାର୍ଥପରତାଯୁକ୍ତ ମର୍ଯ୍ୟାଦା ସମ୍ଭ୍ରମର ଅମୂଳକ-ସମର୍ଥନ ଛଡ଼ା ତାହାର ନିଜ ନିଜ ସ୍ୱାର୍ଥ ଆଉ କିଛି ଯୁକ୍ତି ପାଉ ନାହିଁ ।

କିନ୍ତୁ ତୁମ୍ଭେ ଭଲ ଗୋଟିଏ ନୂତନ କଥା କହିଅଛ । ଯେଉଁମାନେ କାର୍ଯ୍ୟକ୍ଷେତ୍ରରେ ଅବତୀର୍ଣ୍ଣ ସେମାନେ "ଦୁଃଖରେ ନିମଗ୍ନ ହେବେ", ଆଉ "କାର୍ଯ୍ୟ କରିବ ନାହିଁ କେବଳ କଥା କହିବ" ଏହାହିଁ ଯେଉଁମାନଙ୍କର ଆଦର୍ଶ, ସେମାନେ ଆଦର୍ଶ କର୍ମବୀର, ଏହା ବଡ଼ ବିଚିତ୍ର କଥା । ତୁମ୍ଭେ କେଉଁଠାରେ ଦେଖିଲ ଯେ ଅଗ୍ରବର୍ତ୍ତୀ ଦଳ ଦେଶର କଥା ଭାବନ୍ତି ନାହିଁ ? ଯେଉଁମାନେ ଏଥିପାଇଁ ସବୁ ପରିତ୍ୟାଗ କଲେ ସେମାନେ ଭାବନ୍ତି ନାହିଁ, ଭାବିବା ଲୋକ କେବଳ ତୁମ୍ଭେ ଓ ତୁମ୍ଭପରି ସଂସ୍କାରକଗଣ ! ଭାଇ ! ଦେଶରେ ଏପରି ଅନେକ ସଂସ୍କାରର ପ୍ରୟୋଜନ, ଯାହାପାଇଁ ସମାଜଚ୍ୟୁତ ହେବାକୁ ହୁଏ ନାହିଁ. କାହିଁ ସେ ଗୁଡ଼ିକପାଇଁ କି ତୁମ୍ଭେ ପ୍ରାଣ ମନ ସମର୍ପଣ କରିଅଛ ? ତେବେ ତୁମ୍ଭର ଏ ଆପତ୍ତି କର୍ମହୀନତା ଓ କାପୁରୁଷତାର ଓଜର ମାତ୍ର ନୁହେଁ କି ? ଏହି ଯେଉଁ ବଙ୍ଗଦେଶୀୟ ନ୍ୟାୟଶୀଳ ସଂସ୍କାରକ-ଗଣଙ୍କ କଥା କହିଲ, ସେମାନେ କଣ କରୁଅଛନ୍ତି ? ଯେଉଁ କନ୍ୟା-ପଣଗ୍ରହଣ-ପ୍ରଥାଟା ନରଶୋଣିତଲୋଲୁପ ଶାର୍ଦ୍ଦୂଳପରି ମନୁଷ୍ୟର ହୃତ୍ପିଣ୍ଡ ବିଦାରଣ କରୁଅଛି, ତାହା ନିବାରଣ କରିବାଟା ଅବଶ୍ୟ ବିପ୍ଳବ ନୁହେଁ ? ବନ୍ଧୁବାନ୍ଧବ ନ କଲେ କଣ ସମାଜଚ୍ୟୁତ ହେବାକୁ ପଡ଼େ ? ତେବେ ଏହି ପାପ ସମାଜରେ ଏତେ ଅମଙ୍ଗଳ, ପରିବାରରେ ଏତେ ଅଶାନ୍ତିର ବୀଜ ବୁଣୁଅଛି ତାହିଁ କି ? ଏ ସବୁ ତ ସାମାନ୍ୟ ସଂସ୍କାର ମାତ୍ର; ତଥାପି ଏଗୁଡ଼ିକ ହେଉ ନାହିଁ କାହିଁକି ? ସାମାଜିକ ମନୁପରାଶରଗଣ ସର୍ବ୍ବଦା କରୁଅଛନ୍ତି, ଉପଦେଶ ଦେଉଅଛନ୍ତି. "ପଣଗ୍ରହଣ କରିବୁ

ନାହିଁ ଦେଶର ପ୍ରତ୍ୟେକ ସ୍ଥଳ କରୁଅଛନ୍ତି, ସେମାନେ କାର୍ଯ୍ୟ ବେଳକୁ ଏମ୍. ଏ. ପାସ୍ କଲା ପ୍ରଜ-ପାଠ ପାଉଡ଼ଗାର ଟଙ୍କା ଦାବି କରୁ ନାହାନ୍ତି କାହିଁକି ? ଓଃ ! ମୋର ଭୁଲ ହେଲା । ସେମାନେ ସଂସ୍କାର ଚାହେଁ, ଏହା ଯେ ଜାଣ, ସେଥିରେ ସେ ସ୍ୱାର୍ଥତ୍ୟାଗର ପବିତ୍ର ପ୍ରମାଣ ଦେଖାଇ ଦେଇ ଅଛନ୍ତି, ସର୍ବଦା ଅପୋଷିତ ହଇଥାଇ ମହାବ୍ରତ । ଏପରି କାହିଁକି ହେଉଅଛି, ଶୁଣିବ ? ଯେଉଁମାନେ କର୍ମ କରନ୍ତି ଏକ ପ୍ରକାର, କିନ୍ତୁ କାର୍ଯ୍ୟ କରନ୍ତି ଅନ୍ୟ ପ୍ରକାର, ସେମାନେ କାର୍ଯ୍ୟଶକ୍ତି ମୂଳରେ କୁଠାରାଘାତ କରନ୍ତି । ଏହି ସବୁ ଅପଦାର୍ଥ ଲୋକଙ୍କଦ୍ୱାରା ସମାଜର କୌଣସି ମଙ୍ଗଳର ଆଶା ନାହିଁ । ତୁମ୍ଭେ ଭାଇ ଥରେ ଚିନ୍ତା କରି ଦେଖିଅଛ କି ତୁମ୍ଭେ ସମାଜର ହିତକଳ୍ପେ କେତେ ସମୟ ଓ ଶକ୍ତି ବ୍ୟୟ କରୁଅଛ ଏବଂ ଯେଉଁମାନଙ୍କୁ ଅଗ୍ରବର୍ତ୍ତୀ ଦଳ ବୋଲି ଅର୍ଦ୍ଧଚନ୍ଦ୍ର ପ୍ରଦାନ କରୁଅଛ ସେମାନେ କେତେ ସମୟ ଓ ଶକ୍ତି ପ୍ରଦାନ କରୁଅଛନ୍ତି ? କହିଲ ଭଲା ଭାଇ, ଯେଉଁ “ସେନାପତି” ଅଗ୍ରବର୍ତ୍ତୀ ହୋଇ ପଶ୍ଚାଦ୍ଭାଗର ସୈନ୍ୟଗଣଙ୍କୁ କହନ୍ତି “ଆସ ମୋର ଅନୁସରଣ କର”, ସେ ବ୍ୟକ୍ତି ପଶ୍ଚାଦ୍ବର୍ତ୍ତୀ ଲୋକମାନଙ୍କ (Lower ninty) କଥା ଭାବନ୍ତି, ନା ଯେଉଁ ଧନୁର୍ଦ୍ଧାରୀ ପଶ୍ଚାଦ୍ଦେଶରୁ କହନ୍ତି ‘ଅଗ୍ରସର ହୁଅ’ କିନ୍ତୁ ବିପଦ ଆସିଲେ ଏକାବେଳେକେ “ଶରଣଂ ଦେହି” ବୋଲି ଗୃହଣୀର ଅଞ୍ଚଳରେ ମୁଖ ଲୁଚାଇବାକୁ ପଥ ପରିଷ୍କାର କରି ରଖନ୍ତି, ସେ ବେଶି ଭାବନ୍ତି ? କିଏ ‘ଘରେ ବସି ନିଦ୍ରା ଯାଉଅଛନ୍ତି’ ଥରେ ଭାବିବ କି ? ଏଥିପାଇଁ କ୍ରୋ-ଧପର୍ଯ୍ୟନ୍ତ କହିଥିଲି, ସତ କି ନାହିଁ ! ତୁମ୍ଭେ ଅଗ୍ରବର୍ତ୍ତୀ ଦଳପ୍ରତି libel କରୁଅଛ, କଥାଟା ମନେ ରଖିଥିବ ।

ଶେଷରେ ଗୋଟିଏ କଥା । ଯେଉଁ ଯୁବକଙ୍କ ସେବା କଥା ଉଠିଅଛି, ତାଙ୍କୁ ତୁମ୍ଭେ ସ୍ୱାର୍ଥ-ତ୍ୟାଗ କରିବାକୁ କହୁଅଛ । ଆମ୍ଭେମାନେ ଜାଣୁ, ସଂସାର ଅନୁ ଯୁବକ ଯେଉଁ ସ୍ୱାର୍ଥତ୍ୟାଗ କରି-ଅଛନ୍ତି, ତାହା ସେମାନେ ଉଦାହରଣରେ ପଥ ଦେଖି ପାରୁ ନାହାନ୍ତି, ସେମାନଙ୍କର ଅନୁ-କରଣୀୟ । କେବେ ତାଙ୍କର ଆଉ କଣ କରି-ବାକି ଥିଲା ? ତୁମ୍ଭେ କଣ ଦେଖିଅଛ ଯେ ତାଙ୍କର ଏହି ଧର୍ମବୁଦ୍ଧିନୀତି (Principle) ଦେଖା କରିବା ଉଚିତ ଥିଲା? ଆମ୍ଭେମାନେ ହଳପ କରି କହି ପାରୁଁ, ତୁମ୍ଭର ଏହି ଉପଦେଶରେ ସେ ମାଉଡୋଙ୍ଗାର ନ ଥିଏ, କେବଳ ଆମର ଉପାଦାନକୁ ପିତା ହେତୁ । ଆଉ ଗୋଟିଏ କଥା । ତୁମ୍ଭେ ପଚାରିଅଛ, ଯୁବକର କାର୍ଯ୍ୟ ଯେ ତୁମ୍ଭେ ଅନୁମୋଦନ କର ନାହିଁ ତାହା ଆମ୍ଭେମାନେ କିପରି ଜାଣିଲୁ । ଭାଇ, ପୂର୍ବପତ୍ରରେ ଯାହା ଆକାର ଇଙ୍ଗିତରେ ଥିଲା, ଏ ପତ୍ରରେ ତାହା ପୂର୍ଣ୍ଣଭାବରେ ପ୍ରକାଶିତ ହୋଇଅଛି । ଅସ୍ୱୀକାର କରି ପାରିବ କି ?

ଭାଇ, ତୁମ୍ଭେ କେବଳ libel କର ନାହିଁ, ଅନଧି-କାରଚର୍ଚ୍ଚା କରୁଅଛ । ତୁମ୍ଭେ ଯେ ଅତି ସମ୍ମାନପ୍ରାର୍ଥୀ —କେଉଁ ଭୂମି ଉପରେ ଦଣ୍ଡାୟମାନ ହୋଇ ? ସେମାନେ ବହୁ ବର୍ଷ ଧରି ଦାନ କରି ଏହି ଭୂମି ପ୍ରସ୍ତୁତ କରିଅଛନ୍ତି । ତୁମ୍ଭେ ସେ ଆଜି ସମାଜର ଦୋଷ ଉଦ୍ଘାଟନ କରି କରି ସଂସ୍କାରର ପ୍ରସ୍ତାବ କରିବାକୁ ସାହସ କଲ, ଏ ଅଧିକାର ତୁମ୍ଭଙ୍କୁ କିଏ ଦେଲା ? ତୁମ୍ଭେ ଆଜି ମନେ କରୁଅଛ ସମାଜ ବିରୁଦ୍ଧରେ ଲେଖିଲେ ସମାଜଚ୍ୟୁତ ହେବାକୁ ପଡ଼ିବ ନାହିଁ, ସୁତରାଂ ଲେଖୁଅଛ, କାର୍ଯ୍ୟ କଲେ ସମାଜଚ୍ୟୁତ ହେବାକୁ ହେବ, ସୁତରାଂ ତୁମ୍ଭେ ପରି ବସ୍ତ୍ରପଦ ସଙ୍କୋଚ କରି ବସିଅଛ । କିନ୍ତୁ ଭାବ ଦେଖ, ତାରଦିନ ଏପ୍ରକାର ନ ଥିଲା । ପୌତ୍ତଳିକତା ବିରୁଦ୍ଧରେ ଲେଖି ରାମମୋହନ ବହିଷ୍କୃତ ହୋଇଥିଲେ । ମଦନମୋହନ ତର୍କା-ଲଙ୍କାର ନିଜର ୬ ବର୍ଷର କନ୍ୟାକୁ ସ୍କୁଲକୁ ପଠାଇ ଜାତିଚ୍ୟୁତ ହୋଇଥିଲେ । ତୁମ୍ଭେ କି ଭାଇ ଜାଣି ନାହିଁ, ଏହି ଉତ୍କଳଭୂମିରେ ସ୍କୁଲରେ ଝିଅ

[illegible] ନୀତିବିଶାରଦ ଲୋକ ଲେଖିବାକୁ ଉଠେଇଥିଲେ ସାଧାରଣ ହୋଇଥିଲେ । ଏହି ମନରୁ ଥିଲା, ସେତେବେଳେ କେବଳ ବ୍ରାହ୍ମ-ସମାଜର ଲୋକମାନେ ଯୋଗ ଦେଉଥିଲେ ସମାଜ-ସଂସ୍କାର କରିବାକୁ ପଡୁଥିଲା । ଆଜି ଯେଉଁ ପରିବର୍ତ୍ତନ ଦେଖୁଅଛ ଏହା କେଉଁମାନଙ୍କ ଶାସନ ଫଳ ଅଟନ୍ତି ? ଏହା ପରିବର୍ତ୍ତନ [illegible] ଗଲା ନାହିଁ କି ? ତୁମ୍ଭର ଏହି ବାକ୍ୟର ଅତ୍ୟା-[illegible] କରୁଅଛି ନାହିଁକି ? ଏହି ଦଳରେ ଯୋଗ ଦେବ ବୋଲି । ଏହି ଦଳ ନ ଥିଲେ ଏମାନଙ୍କ ସାମାଜିକ ବର୍ଣ୍ଣ ତୁମ୍ଭର ମୁଣ୍ଡ ବଳ କାହିଁ ଦେଖନ୍ତୁ । ତୁମ୍ଭେ ତୁମ୍ଭର ବିଶେଷ ଅର୍ଥରେ ସମାଜତ୍ୟାଗ କରିବାକୁ ଜାଣିଛ, ଏହା ଜାଣି ପାର ସେମାନେ କହନ୍ତି ଯେ କେବଳ ସମାଜ ବିରୁଦ୍ଧରେ କାର୍ଯ୍ୟ କଲେ ନୁହେ, କିନ୍ତୁ ଯେଉଁ ପରର ଭିତ୍ତି ଭୂମିର ଦୋଷ ସମାଜ ବିରୁଦ୍ଧରେ କଥା କହିବ, ତାହାକୁ ସମାଜଚ୍ୟୁତ ହେବାକୁ ପଡ଼ିବ, ସେତେବେଳେ କଣ ତୁମ୍ଭର ସଂସ୍କାରସ୍ପୃହା ଏକାବେଳକେ ଭାଙ୍ଗି ଯିବ ନାହିଁ ? ଆଉ, ତୁମ୍ଭେ ଯେ ଦେଶର ଏହି ଜାଗରଣ ଭାବକୁ ବହୁ ମଙ୍ଗଳଜନକ ମନେ କରୁଅଛ, ସେ ଜାଗରଣର ନିଦାନ କଣ ଅନୁସନ୍ଧାନ କରିଅଛ ? ତୁମ୍ଭ କଥାରେ ସେହି ଆଇରିଶ୍ (Irish) ରମଣୀ କଥା ମନେ ପଡୁଅଛି । ସେ କହିଥିଲେ ଯେ ଆଲୋକଦାତା ବୋଲି ସୂର୍ଯ୍ୟଙ୍କୁ ପ୍ରଶଂସା କରିବା ଅନ୍ୟାଯ୍ୟ, କାରଣ ସୂର୍ଯ୍ୟ ଦିନବେଳେ ଆଲୋକ ଦିଏ, ଯେତେବେଳେ ଯଥେଷ୍ଟ ଆଲୋକ ଥାଏ । ଏ ବିଷୟରେ ଚନ୍ଦ୍ରଙ୍କୁ ପ୍ରଶଂସା କରିବା ଉଚିତ, କାରଣ ସେ ରଜନୀର ଅନ୍ଧକାର ଦୂରୀଭୂତ କରନ୍ତି । ତୁମ୍ଭେ ଆଉ ଥରେ ମିଳାଇ ଦେଖିଲ, ତୁମ୍ଭ ବୁଦ୍ଧି ଓ ଏହି ଆଇରିଶ୍ (Irish) ରମଣୀର ବୁଦ୍ଧି ଏକା କି ନା । ତୁମ୍ଭେ ଯେଉଁ ଅଙ୍କୁରରେ ଫଳ ଦେଖୁଅଛ, ସେହି ଅଙ୍କୁରକୁ [illegible] କରିବାକୁ ବସିଅଛ । ଏଥିରେ ଯଦି କେହି [illegible] ଜାଣିଛ । [illegible] ପ୍ରଣାଳୀ ଅବଲମ୍ବନ କରିଲେ [illegible] ହେବ ନାହିଁ ? ତୁମ୍ଭେ [illegible] ହୋଇ ପଡ଼ନ୍ତି କି ?

ତୁମ୍ଭେ କହୁଅଛ, "ଜାତୀୟ ଭାବରେ ସଂସ୍କାର ପ୍ରସ୍ତାବ କରି, ଜାତିଟି ସମାଜ ତାହା ଅନାଦର ସହିତ ଗ୍ରହଣ କରିବ ।" କଥାଟା ଇତିହାସ ସଙ୍ଗେ ମିଳାଇ ଦେଖିଅଛ, ନା ଶୁଣା କଥା କହି ପକାଇଲ ? ଯଦି ତାହା ସତ୍ୟ ହେବେ ବିଦ୍ୟାସାଗରଙ୍କ ବିଧବାବିବାହ-ପ୍ରଚଳନ ଓ ରସବିହାରୀ ମୁଖୋ-ପାଧ୍ୟାୟଙ୍କ ବହୁବିବାହ-ନିବାରଣ ଆନ୍ଦୋଳନର ଏପରି ଶୋଚନୀୟ ପରିଣାମ ହେଲା କାହିଁକି ? ସେମାନେ ଜାତୀୟଭାବ (!)ରୁ ଶାସ୍ତ୍ର ପ୍ରମାଣ ଦେବାକୁ ବାକି ନ ଥିଲେ । ରାମମୋହନ ସକଳ ସଂସ୍କାର ପ୍ରସ୍ତାବ ଜାତୀୟଭାବରେ ଉପସ୍ଥିତ କରିଥିଲେ । ଆଉ ତୁମ୍ଭ ଦଳର ନେତାମାନେ ତାହା ଗ୍ରହଣ କରିଅଛନ୍ତି କି ? ଜଗତର କୌଣସି ସ୍ଥାନରେ ତୁମ୍ଭର ପ୍ରଣାଳୀରେ ସଂସ୍କାର ହୋଇ ନାହିଁ । ଏହି ପ୍ରଣାଳୀର ମୂଳରେ ଦୋଷ । ଶୂଦ୍ର ହେଉ ଅଥବା ବ୍ରାହ୍ମଣ ହେଉ—ସଂସ୍କାର ସମ୍ବନ୍ଧ, Expediency ନୁହେ । ଯେ ବୁଝିଅଛି ଜାତିଭେଦ ଅନ୍ୟାଯ୍ୟ, ସେ ବ୍ରାହ୍ମଣ ଶୂଦ୍ର ଭେଦ ମାନିବ ନାହିଁ. ଯେ ବୁଝି ନାହିଁ ତାହା ନିକଟରେ ଏହି ଏକ ଜାତି ମଧ୍ୟରେ ଯେଉଁ ଶତ ଶତ ଶ୍ରେଣୀ ରହିଅଛି ତାହାର ଭେଦ ଅନତିକ୍ରମଣୀୟ । ତୁମ୍ଭର ଉନ୍ନତିଶୀଳ ସମ୍ପ୍ରଦାୟଙ୍କ କଥା ଯଦି ଠିକ ହୋଇଥାନ୍ତା ତେବେ ଉତ୍ତରରାଢ଼ୀ ଓ ବଙ୍ଗଜ କାୟସ୍ଥ ମଧ୍ୟରେ ଯେଉଁ ଭେଦ ରହିଅଛି ତାହା ଦୂର କରିବାକୁ ଆଉ [illegible] ଚନ୍ଦ୍ରନାଥ ଘୋଷ ଓ ସାରଦାଚରଣ ମିତ୍ରଙ୍କ

ଏପରି ଯନ୍ତ୍ରଣା ଦେବାକୁ ପଡ଼ିଥାନ୍ତା କି ? ଉଚ୍ଚ ଆଦର୍ଶ ଓ ତାହା ଅପେକ୍ଷା ଉଚ୍ଚତର କର୍ତ୍ତବ୍ୟବୁଦ୍ଧି ସଂସ୍କାରର ନିୟାମକ, Expediency ନୁହେ । ହେଗେଲ(Hegel)ଙ୍କ ପରି ନୈୟାୟିକ ସଂସ୍କାରକ କେବେ କେଉଁ ଜଣ ଅଛନ୍ତି ? ଜର୍ମାନରେ ହେଗେଲ ଓ ଲୁଥର (Luther)ଙ୍କ କାର୍ଯ୍ୟର ତୁଳନା କଲେ କଣ ଦେଖିବ ? ବିଦ୍ୟା ବୁଦ୍ଧିରେ ରଘୁନନ୍ଦନଙ୍କ ସଙ୍ଗରେ ଚୈତନ୍ୟଙ୍କ ତୁଳନା ହୋଇ ପାରେ ନାହିଁ, ଅଥଚ ଚୈତନ୍ୟ ଦେଶ ବିଦେଶ ବିଜେତା ହେଲେ, କିନ୍ତୁ ରଘୁନନ୍ଦନ ବାକ୍ୟବାଦ ନିବାରଣ ଏବଂ ବ୍ୟବସ୍ଥାବାଦ ପ୍ରଚଳନ ସମ୍ବନ୍ଧରେ ପଣ୍ଡିତଙ୍କ ସଙ୍ଗରେ ବସି କେବଳ "କ୍ଷୁଦ୍ର କ୍ଷୁଦ୍ର ସଂସ୍କାରର ପ୍ରସ୍ତାବ"ରେ ସମଗ୍ର ଶକ୍ତି ବ୍ୟୟ କଲେ; ଫଳ ହେଲା ଅଣ୍ଡା । ଯାହା ସତ୍ୟ ବୁଝିଅଛୁ ତାହା କରିବ, ଏହାହିଁ ସଂସ୍କାରର ମୂଳମନ୍ତ୍ର ।

ହଉ ! ତୁମ୍ଭେ କହିଲ, ଭାରତୀୟ ସମାଜ ବିପ୍ଳବକୁ ଅନ୍ତରରେ ଘୃଣା କରେ । କଥାଟା ଇତିହାସ ଆଲୋଚନା କରି କହିଲ, ନା ଶୁକପକ୍ଷୀ ପରି ଶୁଣା କଥା ଆବୃତ୍ତି କଲ ? ଇତିହାସ ଯଦି ଆଲୋଚନା କରି ଦେଖିବ, ଯେଉଁ ସମସ୍ତ ବିପ୍ଳବ-ଦ୍ୱାରା ହିନ୍ଦୁସମାଜର ରକ୍ତ ମାଂସ ଗଠିତ, ତାହା ତୁଳନାରେ ଫରାସୀ ବିପ୍ଳବ ଅତି ସାମାନ୍ୟ ମାତ୍ର । କାର୍ଯ୍ୟ କରି ଯାଅ, ଆଜି ଯାହା ବିପ୍ଳବ, ଭବିଷ୍ୟତ ବଂଶ ତାହାକୁହିଁ ପ୍ରାଚୀନ ପ୍ରଥା ବୋଲି ଶିରୋ-ଧାର୍ଯ୍ୟ କରିବେ । ଉପନିଷଦ୍ ଆଜି ଆମ୍ଭମାନଙ୍କର କେତେ ଆଦରର, କେତେ ଗୌରବର ବସ୍ତୁ, କିନ୍ତୁ ଏହା ବୈଦିକ ଯୁଗର ପ୍ରତିବାଦ, ଗୋଟିଏ ମହାବିପ୍ଳବର ସୂଚନାରେ ଏହା ଅର୍ବାଚୀନପ୍ରାପ୍ତ ଅଗ୍ରବର୍ତ୍ତୀ ଦଳର ଉକ୍ତି । ଏହାର ଶେଷ ଫଳ ସମସ୍ତ ଅସିଦ୍ଧ ବେଦାନ୍ତବାଦୀ ସେହି ବୌଦ୍ଧ-ବିପ୍ଳବରେ, ପରେ ଶଙ୍କର ଅଭ୍ୟୁତ୍ଥାନରେ ଏବଂ ପୂର୍ଣ୍ଣ ବିକାଶ ଏହି ରାମମୋହନ-ଯୁଗରେ । ନିଜ ନିଜ ସମୟରେ ଯେଉଁମାନେ ବିପ୍ଳବବାଦୀ ବୋଲି ହେୟ, ପରବର୍ତ୍ତୀ କାଳରେ ସେମାନେ ଆଦର୍ଶ । ଭାରତୀୟ ଇତିହାସରୁ ଏହି [illegible] ପକାଇଦେଲେ ରକ୍ଷା କର କି ? ସେଗୁଡ଼ିକ ବାଦ ଦେଲେ ଭାରତ ଇତିହାସରେ ଆଉ କଣ ବାକି ରହିବ କି ? ଆଉ ସେ ବିପ୍ଳବଗୁଡ଼ିକ ସାଧାରଣ ନୁହେ । ବାହ୍ୟ ଜଗତରେ ଜଡ଼ରୁ ଜୀବକୁ ପ୍ରବେଶ କରିବା ଯେପରି ବିପ୍ଳବ, ଅଧ୍ୟାତ୍ମ ଜଗତରେ ବୈଦିକ ଯୁଗରୁ ଉପନିଷଦ୍ ଯୁଗକୁ ପ୍ରବେଶ କରିବା ସେହିପରି ବିପ୍ଳବ । ଭାଇ ! ଯେତେବେଳେ କଥା କହିବ ବିଚାର କରି କହିବ, ଅପଣାକୁ ଶୁକପକ୍ଷୀର ପର୍ଯ୍ୟାୟଭୁକ୍ତ କରିବା କଣ ଭଲ ?

ଭଲ ତୁମ୍ଭେ ସ୍ୱାର୍ଥତ୍ୟାଗ ଭୟରେ ଯେତେ ଜଳ୍ପନା କର ଯେତେ ଚିତ୍କାର କର, ସମୟର ଗତି ପ୍ରତିରୋଧ କରିବାର ଶକ୍ତି ତୁମ୍ଭର ନାହିଁ । ବ୍ରାହ୍ମ-ସମାଜର ଦ୍ରୁତଗତି ଅନୁସରଣ କରିବା ସମ୍ଭବ ନୁହେ, ଏହି କି ଆର୍ଯ୍ୟସମାଜର ଉତ୍ପତ୍ତିର କାରଣ ନୁହେ ? କିନ୍ତୁ ଆଜି ସେହି ଆର୍ଯ୍ୟସମାଜ ମୁସଲ-ମାନ ପରିବାରରେ ଜାତ ମିଃ ଅବଦୁଲ ଗଫୁର ବି. ଏ. ଙ୍କୁ ଆର୍ଯ୍ୟସମାଜଭୁକ୍ତ କରି ନେଲେ । ଭାଇ, ଦେଖିଲତ, ଯେଉଁମାନେ ଉଚ୍ଚ ଆଦର୍ଶକୁ ଛାଡ଼ି Lines of least resistance ଖୋଜି ନେଉଥିଲେ, ସେମାନେ ସମୟସ୍ରୋତରେ ଭାସି ଆସି କେଉଁଠାରେ ପଡ଼ିଲେ । ଆଦର୍ଶ କ୍ଷୁଦ୍ର ହେଉ ବା ବୃହତ୍ ହେଉ, କିନ୍ତୁ ଗୋଟିଏ ଯେନ କାର୍ଯ୍ୟକ୍ଷେତ୍ରରେ ଅବତୀର୍ଣ୍ଣ ହୁଅ । ସମୟର ଗତି ତୁମ୍ଭର ସମସ୍ତ ଭ୍ରାନ୍ତି ଦୂର କରି ଦେବ । ନତୁବା କେବଳ ବାକ୍ୟର ଧୂମ ଉଦ୍ଗୀରଣଦ୍ୱାରା ନେତ୍ର-ମଣ୍ଡଳୀଙ୍କ ଚକ୍ଷୁକୁ ଅନ୍ଧକାର କରିବାର ଫଳ କଣ ?

ଭାଇ, ତୁମ୍ଭେ କଣ ସଂସ୍କାର ଓ ବିପ୍ଳବ ଏ ଦୁହିଙ୍କ ମଧ୍ୟରେ ରେଖା ଟାଣି କହିପାର, ଏହି ଠିକ ସଂସ୍କାର, ତାହା ପରେ ବିପ୍ଳବ ? ତାହା ଯଦି ନ ପାର, ତେବେ ବିପ୍ଳବ ଚାହୁଁ ନା, ସଂସ୍କାର ଚାହୁଁ, ଏ କଥାଟି କି ନିତାନ୍ତ ଭିତ୍ତିହୀନ ନୁହେ ? ମୁଁ ଯାହାକୁ ସଂସ୍କାର କହେ, ତୁମ୍ଭେ ତାହାକୁ ବିପ୍ଳବ

ଜନ୍ମ । ମନେ ରଖିଥିବ, ତୁମ୍ଭ ଅପେକ୍ଷା ପ୍ରବଳ ଏହି ପୃଥିବୀରେ ଅଛନ୍ତି—ତୁମ୍ଭ କଥାରେ ଯେଉଁ ଲୋକ କହୁଅଛ—ସେମାନେ ତୁମ୍ଭର କାର୍ଯ୍ୟକୁ ବିପ୍ଳବ କହିବେ । ସୁତରାଂ ସମସ୍ତ କାର୍ଯ୍ୟ ପରିତ୍ୟାଗ କରି ଭାରତମାତାଙ୍କୁ ନ ଶିଳାବଦ୍ଧ ନିଶ୍ଚେଷ୍ଟ ହେବାକୁ ପଡ଼ିବ ନାହିଁ ? ଲୋକେ କଥାରେ କହନ୍ତି "ଏକ ଦେଶରେ ଗାଳି ଅନ୍ୟ ଦେଶରେ ବୋଲି ।" ଇଂଲଣ୍ଡର Radical ଫ୍ରାନ୍ସର Conservative, ଫ୍ରାନ୍ସର conservative ଇଂଲଣ୍ଡର Nihilist. ତୁମ୍ଭେ ବିପ୍ଳବକୁ ଘୃଣା କର, କିନ୍ତୁ ଥରେ ଚିନ୍ତା କରି ଦେଖିଅଛ କି, କି ଭୀଷଣ ବିପ୍ଳବ ଇତି ପୂର୍ବରେ ଦେଶରେ ସଂଘଟିତ ହୋଇ ଯାଇଅଛି ? ଚେୟାରରେ ବସି ଟେବଲସ୍ଥିତ ଉଇନ୍‌ସର କୋମ୍ପାନିର blotting paper pad ଉପରସ୍ଥ ବିଲାତି କାଗଜ, ବର୍ମିଂହାମର ନିବ୍ ଓ ଷ୍ଟିଫେନର କାଳି ସାହାଯ୍ୟରେ ଇଂରାଜୀ ବୋଲି-ମିଶ୍ରିତ ଓଡ଼ିଆ ପ୍ରବନ୍ଧ ଛାପାଖାନାରେ ମୁଦ୍ରିତ ସମ୍ବାଦପତ୍ର ପାଇଁ ଲେଖି ଲେଖି କହିପାର, ବିପ୍ଳବ ହୋଇ ନାହିଁ, କିନ୍ତୁ ଅବସ୍ଥାର ବିପର୍ଯ୍ୟୟ ଘଟାଇ ପାରିବ ନାହିଁ ! ତୁମ୍ଭ ଏତେଟା ବଡ଼ ବଡ଼ କାର୍ଯ୍ୟ କି ବିପ୍ଳବ, ଆଉ ମର୍ମସ୍ଥଳର ଏତ ନୀଚ ଅନ୍ତର ବ୍ୟବହାର ଭାବ ଓ କ୍ରିୟାର ଯେଉଁ ପରିବର୍ତ୍ତନ ଘଟିଅଛି, ସେ ଗୁଡ଼ିକ ବିପ୍ଳବ ନୁହେଁ ? ହୋଇ ଯାଇଅଛି ବୋଲି ସେଗୁଡ଼ିକ ବିପ୍ଳବ ନୁହେଁ, କିନ୍ତୁ ଯାହା ଘଟିବାକୁ ହେବ ତାହାହିଁ ବିପ୍ଳବ, ଏ ଯୁକ୍ତିର କି କୌଣସି ଅର୍ଥ ଅଛି ? ଆମ୍ଭମାନଙ୍କ କଥାର ପ୍ରମାଣ ସ୍ୱରୂପ ଋଗ୍ବେଦ ସମୟରୁ ଅଷ୍ଟାଦଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ଅନ୍ତତଃ ନ ସହସ୍ର ବର୍ଷ ମଧ୍ୟରେ ଯେଉଁ ପରିବର୍ତ୍ତନ ଘଟିଅଛି ତାହା ସଙ୍ଗରେ ଊନବିଂଶ ଶତାବ୍ଦୀରେ ଯେଉଁ ପରିବର୍ତ୍ତନ ଘଟିଅଛି ତାହା ତୁଳନା ଦ୍ୱାରା ସମାଲୋଚନା କରି ଦେଖ, ବ ଏହି ମହାବିପ୍ଳବର ଅନ୍ଧ ଜଳରେ ତୁମ୍ଭର ଦେହ ମନ ଅସ୍ଥିର ଅସ୍ଥିମଜ୍ଜା ନିର୍ମିତ । ମୁହଁରେ ଅସ୍ୱୀକାର କରି ପାର, କିନ୍ତୁ ଇତିହାସ ଅଗ୍ରାହ୍ୟ କଲେ ଚଳିବ ନାହିଁ ।

ଯଦି କେହି କହେ ଚାହିଁ ଦେଖ ତ ଥାଉ ଦିଅ, ତୁମ୍ଭେ କହିବ କି ଦେଖିଥିବ ! କିନ୍ତୁ ଥରେ ଚିନ୍ତା କର ବର୍ତ୍ତମାନ ଅବସ୍ଥା ଦେଖ । ଜାତିଭେଦର ଗୋଟିଏ ଅଙ୍ଗ—ବ୍ୟବସାୟ, ଆହାର ଓ ବିବାହ । ବ୍ୟବସାୟର ଭେଦ ପ୍ରାୟ ଉଠି ଯାଉଅଛି । ବ୍ରାହ୍ମଣ ନିର୍ବିବାଦରେ ଜୋତା ବିକ୍ରୟ କରୁଅଛନ୍ତି । ଚଣ୍ଡାଳ ବେଦ ପ୍ରଚାର କରୁଅଛନ୍ତି । ଆହାରର ଭେଦ ଭୋଜନରେ ଉଠି ଯାଉଅଛି । ପ୍ରକାଶ୍ୟରେ ମଧ୍ୟ ଅନେକ ପରିମାଣରେ ଉଠି ଯାଉଅଛି । କେବଳ ବାକି ବିବାହ । ସେଥିରେ ଶେଷ ନୁହେଁ । ଜାତିଭେଦର ଦୁଇଟି ଭାଗ—ଧର୍ମ ଓ ସମାଜ । ଧର୍ମ ଅଂଶଟି ବାକି ଅଛି କି ? ବ୍ରାହ୍ମଣ ସଙ୍ଗରେ ଏକତ୍ର ବସି ଆହାର କରୁ କରୁ ନଉକର ଉପରେ ଯେଉଁ ଶୂଦ୍ରର ଗଳାରେ କୁକ୍କୁଟ ମାଂସ ଅଟକେ ସେ ଯାଏ ? ଅଛି କେବଳ ସମାଜ ଅଂଶଟି । ତାହାର ମଧ୍ୟ ଅର୍ଦ୍ଧ ଭାଗ ଗଲାଣି । ଗୋଟିଏ ପଦାର୍ଥର $\frac{୩}{୪}$ ଅଂଶ ଯାଇଅଛି, ବାକି $\frac{୧}{୪}$ ଅଂଶ ରହିଅଛି ଦେବା ଯଦି ବିପ୍ଳବ ନୁହେଁ, ତେବେ ତାହାର କେଉଁ ଗୁଣ ବିପ୍ଳବ ସଂଘଟିଅଛି । ତୁମ୍ଭେ ଅଷ୍ଟମୀ ଦିନ ଗୋଟିଏ ନାରିକେଳର $\frac{୩}{୪}$ ଅଂଶ ଖାଇ ପକାଇଲ, ବାକି $\frac{୧}{୪}$ ଅଂଶ ଥାଉଁ "ଅଷ୍ଟମୀରେ ନାରିକେଳ ଭକ୍ଷଣ ନିଷେଧ" ଏହି କଥା ଉପରେ ତୁମ୍ଭର କେତେ ଅନୁରାଗ ହେଲା । ଏ ବିପ୍ଳବ ଆଉ ତୁମ୍ଭର ସହ୍ୟ ହେଲା ନାହିଁ । ସେଥି ପାଇଁ ଧଙ୍ଗା ସଢ଼େଇ ଯୋଡ଼ ନାରିକେଳଟି ପୂର୍ଣ୍ଣ କରିବାକୁ ଯାଉଅଛ, କିନ୍ତୁ ତାହା କଣ ହେବ ? ଯେଉଁ ନାରିକେଳଟିକ ଅଛି, ତାହା ମଧ୍ୟ ପଚି ଯିବ । ଯେଉଁ ସମସ୍ତ ସଂସ୍କାରର ପ୍ରସ୍ତାବ ହୋଇଅଛି, ସବୁଗୁଡ଼ିକ ପକ୍ଷରେ ଏହି କଥା ପ୍ରଯୋଜ୍ୟ । ଯାଉ, ଭାରତରେ ପରିବର୍ତ୍ତନର ଇତିହାସ

ମନେ କରିଥିବ । ତାହା କ୍ଷେତ୍ରରେ ଆରମ୍ଭ ହୁଏ, ଶେଷରେ କାର୍ଯ୍ୟରେ ନଦୀ ମିଳିଲାପରି ହେଉଛି ଜଳ ଶୀଘ୍ର ଯାଏ । ପ୍ରକୃତରେ ପଞ୍ଚମସ୍ତ୍ରୀଳ ସଂଗ୍ରାମରେ ଆରମ୍ଭ ହୁଏ, କାର୍ଯ୍ୟରେ ଶେଷ ହୁଏ। ଯେଉଁ ଦେଶରେ ବାର ବର୍ଷ ପୂର୍ବେ ଖ୍ରୀଷ୍ଟିୟାନ ଟେଷ୍ଟାମେଣ୍ଟ ପଠନ କଲେ—ବାର ବର୍ଷ ପରେ ଧର୍ମସ୍ୱଭାବ ରଖି ପାରିବ ନାହିଁ, ଆଉ ସମସ୍ତ ଦେଶ ମାତି ଉଠିଲା, ଅନେକଙ୍କରେ ଘରବାହାରି ଚଞ୍ଚଳ ହେଲା, ଏହି ଆଠଶ ବର୍ଷର ପରେ କ୍ରମଶଃ ହେଲେ, ସେହି ଦେଶରେ ହିନ୍ଦୁରାଜାମାନଙ୍କ ଅଗ୍ରଣୀ ବରଦାରାଜ ଗୁରୁଙ୍କୁଆଉ ଅଠର ବର୍ଷ ଅଛନ୍ତି ଯେ ୧୪ ବର୍ଷ ପୂର୍ବରୁ କୌଣସି କନ୍ୟାର ବିବାହ ହୋଇ ପାରିବେ ନାହିଁ—ସମସ୍ତ ଦେଶ ନୀରବ । କହିଲ ଭଲ ଭଲ ! ସେହି ଦେଶରେ କେଉଁଟା resistance, କେଉଁଟା least resistance ଏବଂ କେଉଁଟା non-resistance ତାହା କହିପାର ବୁଝିକି? ଆଗେ ବ୍ରାହ୍ମସମାଜରେ ଉପସ୍ଥିତ ହେଲେ ଜାତି ଯାଉଥିଲା, ବର୍ତ୍ତମାନ ପଇତା ପକାଇଦେଲେ ମଧ୍ୟ ଜାତି ଯାଉ ନାହିଁ; ଆଗେ ୬ ବର୍ଷର କନ୍ୟାକୁ ସ୍କୁଲକୁ ପଠାଇଲେ ଜାତି ଯାଉଥିଲା, ବର୍ତ୍ତମାନ ୧୫ ବର୍ଷର କନ୍ୟାକୁ ପଠାଇଲେ ମଧ୍ୟ ଜାତି ଯାଉ ନାହିଁ; ଆଗେ ପୌତ୍ତଳିକତା ବିରୁଦ୍ଧରେ ଲେଖିଲେ ଜାତି ଯାଉଥିଲା, ବର୍ତ୍ତମାନ ଅନେକ ଗୃହସ୍ଥଙ୍କର ଚଣ୍ଡୀମଣ୍ଡପରେ ବ୍ରହ୍ମୋପାସନା ହେଉଅଛି; ଆଗେ କଳାପାଣି ନାମରେ ଚନ୍ଦ୍ରପୁରୁଷ ଥରଥରୁ ଯାଉଥିଲେ, ବର୍ତ୍ତମାନ [illegible]ଦାନନ୍ଦ ଯଜ୍ଞ ନମୋହନଙ୍କ ପୁତ୍ର ବିଲାତରୁ ଫେରି ଆସି ସମାଜର ନେତୃତ୍ୱ କରୁଅଛନ୍ତି । ଯଦି resistance ଥାଏ, ତେବେ ତାହା ବିରୁଦ୍ଧରେ କାର୍ଯ୍ୟ କର ତାହାକୁ least resistance ଓ non-resistanceରେ ପରିଣତ କରିବାକୁ ହେବ । ଏହାହିଁ ଏକମାତ୍ର ଉପାୟ, ନାନ୍ୟଃ ପନ୍ଥା ବିଦ୍ୟତେଽୟନାୟ । ଏହା କାର୍ଯ୍ୟକ୍ଷେତ୍ରରେ ପରୀକ୍ଷିତ ସତ୍ୟ, ଯୋଗ୍ୟମାନେ ବିଦ୍ୟା ବୁଝନ୍ତି । ତୁମ୍ଭେ ପାଣ ଭାରତବର୍ଷ ସମ୍ବନ୍ଧ-ସମସ୍ୟାର ଥାଉ ଥାଉ ନାହିଁ । ସେହି ସମସ୍ୟାର ମୀମାଂସା କେଉଁ ପୂର ହୋଇଅଛି ଏବଂ ତାହା କି ପ୍ରଣାଳୀରେ କରିବାକୁ ହେବ ସେ ବିଷୟର ଖବର ତୁମ୍ଭେ ଜାଣ ନାହିଁ । ତାକ କଲମ କାଗଜ ଶସ୍ତା, ସେଥିପାଇଁ "ସଂସ୍କାରପ୍ରାର୍ଥୀ।" ଲାଗିଅଛ କିନ୍ତୁ କାମ କରିବାକୁ ହେବ ନାହିଁ, ଅତଏବ ଭାଗ୍ୟବ୍ୟପ୍ତରେ ପଡ଼ିବ ନାହିଁକି ହେବ ? ତୁମ୍ଭେ କଣ କାର୍ଯ୍ୟପ୍ରଣାଳୀ ଗ୍ରହଁ? ତେବେ ଏହି କଥ —"ଯୋଜ୍ୟମେତୁ ସର୍ବଧର୍ମାଣି ବିଦ୍ୱାନ୍ ଯୁକ୍ତଃ ସମାଚରନ୍ ।" ଯେଉଁ କର୍ମ ଅନ୍ୟଙ୍କୁ କରାଇବାକୁ ଚାହଁ, ସେ କର୍ମ ତୁମ୍ଭେ ନିଜେ ଆଗେ ଆଚରଣ କର । ତୁମ୍ଭେ କହି ପାର, ଶାସ୍ତ୍ରକାର ସେ କାଳକା ଲୋକ, ବର୍ତ୍ତମାନ ଯୁଗରେ ତାଙ୍କ କଥା ଗ୍ରାହ୍ୟ ନୁହେଁ। ତେବେ ଏ କାଳର ପନ୍ଥା ନିର୍ଦ୍ଦେଶ କରୁଅଛି—ଆମ୍ଭେମାନେ କରୁ ନାହୁଁ, ଯେ କରୁଅଛନ୍ତି ତାଙ୍କର ଚରଣଧୂଳି ସ୍ପର୍ଶ କରିବାକୁ ମଧ୍ୟ ଆମ୍ଭେମାନେ ଯୋଗ୍ୟ ନୋହୁଁ--It is of little moment that one or two or twenty errors of our social system be corrected, but of much that the man be in his senses. The criticism and attack on institutions which you have witnessed has made one thing plain that society gains nothing whilst a man, not himself *renovated*, attempts to *renovate* those around him. He has become tediously good in some particular but negligent or narrow in the rest and hypocrisy and vanity are often the disgusting result. ବାଃ ! କିବା Emersonଙ୍କ ଏହି କଥାଗୁଡ଼ିକ ଭଲ କରି ମନେ ରଖିବ । ଆମ୍ଭମାନଙ୍କ ଶେଷ କଥା ଏହି—ନେପୋଲିଅନ କହିଥିଲେ "Don't fight with an enemy too often or you will make him acquainted with your art of warfare.

ସୁତରାଂ ଇତି । ଶୁଭସଂସ୍କାରପ୍ରାର୍ଥୀ ।

ମୟୂରଭଞ୍ଜ ଅଧିପତି
ଶ୍ରୀମାନ ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ।

ଗୋଲାପ ବୋଇଲେ ଯେପରି ସମସ୍ତ ରୂପ-ଗୁଣବିଶିଷ୍ଟ, ଜନଚିତ୍ତବିମୋହନ ଗୋଟିଏ ପୁଷ୍ପକୁ ବୁଝାଏ, ପଦ୍ମଲୋଚନ ବୋଇଲେ ସକଳ ସମୟରେ ଠିକ ସେହିପରି ଲାବଣ୍ୟରେ ଢଳ ଢଳ ଆକର୍ଣ୍ଣବିଶ୍ରାନ୍ତନୟନବିଶିଷ୍ଟ ଗୋଟିଏ ମନୁଷ୍ୟକୁ ବୁଝାଏ ନାହିଁ । ସଂସାରରେ ଅନେକ ଅନ୍ଧ ବାଳକଙ୍କ ନାମ ପଦ୍ମଲୋଚନ ଅଛି । ସୁତରାଂ ରୂପଗୁଣ ସଙ୍ଗରେ ସାମଞ୍ଜସ୍ୟ ରକ୍ଷା କରି ନାମ ପ୍ରଦାନ କରିବାକୁ ଅନେକ ପିତା ମାତା ସ୍ନେହାତି-ଶଯ୍ୟବଶତଃ ନାମକରଣ ଦିନ ବିସ୍ମୃତ ହୋଇ ଯାଆନ୍ତି । ଅନେକ ବକଧାର୍ମିକଙ୍କ ନାମ ଯୁଧିଷ୍ଠିର, ଅନେକ ଭାଲପତ୍ର-ସିପାହୀଙ୍କର ନାମ ଭୀମ ଶ୍ରୁତି-ଗୋଚର ହୋଇଥାଏ । ଶୌର୍ଯ୍ୟବୀର୍ଯ୍ୟ ଓ ଦୟା-ଦାକ୍ଷିଣ୍ୟର ଆଧାର ଅସ୍ମାନଙ୍କର ପରମାଦରଣୀୟ ଯୌବରାଜ୍ୟ ନାମାନ୍ଦୋଳନ ପ୍ରାପ୍ତ ଏହିପରି କଠୋର ବଜ୍ରପର ବହିର୍ଭୂତ ହୋଇ ପଡ଼ିଅଛି । ସୁଖର ବିଷୟ ଆଜି ଉତ୍କଳସାହିତ୍ୟର ପାଠକପାଠିକା-ଗଣଙ୍କୁ ଯାହାଙ୍କ ପ୍ରିୟଦର୍ଶନ ସୌମ୍ୟମୂର୍ତ୍ତି ଅଙ୍କିତ ଉପହାର ଦିଆ ଯାଉଅଛି ସେ ସର୍ବପ୍ରକାରରେ ନିଜ ନାମର ସାର୍ଥକତା ରକ୍ଷା କରି ମହିମାନ୍ୱିତ ହୋଇଅଛନ୍ତି ।

ପ୍ରକୃତ କଥା ଅନେକ ସମୟରେ ଅପ୍ରିୟ ହୋଇଥାଏ, ତେବେ ସତ୍ୟର ଅନୁରୋଧରେ ଅନେକ ସମୟରେ ଅପ୍ରିୟ ସତ୍ୟ କହିବା ପ୍ରୟୋଜନୀୟ ହୋଇଉଠେ । ବର୍ତ୍ତମାନ ସମୟରେ ପୃଥିବୀର ଅନେକ ଜାତି ସଭ୍ୟତାର ଉତ୍କର୍ଷ ସାଧନ କରି ଅଗ୍ରସର ହୋଇଅଛନ୍ତି । ସେମାନେ ବିଜ୍ଞାନର ଉନ୍ନତିଦ୍ୱାରା ମନୁଷ୍ୟର ନାନାପ୍ରକାର ସୁଖ ସୁବିଧା ଓ ଆରାମର ଉପାୟ ଉଦ୍ଭାବନ କରି ଅଛନ୍ତି, ପରିବାର ଓ ସମାଜରେ ନାନାପ୍ରକାର ମଙ୍ଗଳକର ଶୃଙ୍ଖଳା ସ୍ଥାପନ କରୁଅଛନ୍ତି, ସନ୍ଦେହ ନାହିଁ । କିନ୍ତୁ ଯେତେବେଳେ ରାଜା-ପ୍ରଜାର ସମ୍ବନ୍ଧ ନାନାପ୍ରକାରେ ବିଚ୍ଛିନ୍ନ ହେଉ ଉପସ୍ଥିତ ହୁଏ, ଯେତେବେଳେ ପ୍ରଜା ପକ୍ଷରେ "ରାମରାଜ୍ୟରେ ବାସ" କେବଳ କଥାର କଥା, ବର୍ତ୍ତମାନ ଶାସନଶକ୍ତି ବିପକ୍ଷ ପୃଷ୍ଠ ଓ ନୃପତି ପ୍ରବାଦବାକ୍ୟ ମଧ୍ୟରେ ପରିଗଣିତ ହୋଇଅଛି ଏ କଥା କେହି କହି ପାରୁ ନାହିଁ । ରାମରାଜ୍ୟ ବୋଇଲେ ଆମେ ବୁଝୁ, ଦୁଃଖଦାରିଦ୍ର୍ୟର ଛାୟା ନାହିଁ । ରୋଗ ଶୋକର ଅସ୍ୱାଭାବିକ ଆକ୍ରମଣ ନାହିଁ, ଅନାବୃଷ୍ଟି ଅତିବୃଷ୍ଟିର ବିଭୀଷିକା ନାହିଁ, ଦୁର୍ଭିକ୍ଷ ମହାମାରିର ପ୍ରକୋପ ନାହିଁ—କଥାରେ କହିବାକୁ ଗଲେ ପ୍ରଜାମାନେ ସୁଖରେ ଅଛନ୍ତି । ଅନ୍ୟ ଦେଶର କଥା ଭାବିବାକୁ ଅସ୍ମାନଙ୍କର ଅବସର ନାହିଁ, କିନ୍ତୁ ଅସ୍ମାନଙ୍କର ଚକ୍ଷୁଆଗରେ କି ଦୃଶ୍ୟ ଦେଖୁଅଛୁଁ? ରାମରାଜ୍ୟ କି କୌଣସି-ଠାରେ ଅଛି? ନିରନ୍ନ ଲୁଣ୍ଠିତ ଯେ ଶୁଷ୍କ ଦେହଖଣ୍ଡିକ ଯେମନ ପ୍ରଖର ରବିକିରଣ ଓ ଅବିଶ୍ରାନ୍ତ ବୃଷ୍ଟିପାତରେ ଆପଣାର କ୍ଷୀଣ ହସ୍ତଦ୍ୱାରା କ୍ଷେତ୍ରରେ କର୍ମ କରୁଅଛି, ଅନ୍ୟ ତାହାର ପିତୃ-ସ୍ୱରୂପ ଭୂସ୍ୱାମୀ ତାହାର ସେହି ଶୁଷ୍କଦେହର ଶୋଣିତ ବିନ୍ଦୁଟିକ ପର୍ଯ୍ୟନ୍ତ ଶୋଷି ନେଇ ଲୁପ୍ତାଂପିଣ୍ଡର ଆୟୋଜନ କରୁଅଛନ୍ତି ! ସର୍ବପ୍ରକାର ବିଳାସବାସନାର ଜ୍ୱଳନ୍ତ କୁଣ୍ଡରେ ପ୍ରଜାର ଶୋଣିତ ଆହୁତି ଦେଉଅଛନ୍ତି ! ତେବେ ଆନନ୍ଦର ବିଷୟ ବିରଦାର ଆଦର୍ଶ ନରପତି ଗାଇକୋଆରଙ୍କ ପରି ନେକ ଏଦେଶରେ ଅଛନ୍ତି । ସେହି ସ୍ମୃତ ରାଜା ସଙ୍ଗରେ ଏହି କ୍ଷୁଦ୍ର ରାଜ୍ୟର ତୁଳନାଟି ବିଚାରଣ କଲେହେଁ ଅସ୍ମାନେ ମୟୂରଭଞ୍ଜର ରାଜ୍ୟଶାସନପ୍ରଣାଳୀ ଓ ପ୍ରଜାହିତକାମନାରେ ବଡ଼ ରାଜ୍ୟ ପ୍ରତି-କୂଳ ଦେଖୁଅଛୁଁ ।

ମହାରାଜ ଶ୍ରୀରାମଚନ୍ଦ୍ର ବାଲ୍ୟକାଳରେ ଗଭର୍ଣ୍ଣ-

ସେମାନଙ୍କ ବକ୍ତୃତାସମୂହରେ ଯାହା ସବୁ ପ୍ରଶଂସିତ ହୋଇଅଛନ୍ତି ତାହା ଜନସାଧାରଣଙ୍କୁ ଅବିଦିତ ନାହିଁ । ସେ ଦିନ ଉପାଧି-ଦରବାରରେ ବର୍ତ୍ତମାନ ବଙ୍ଗେଶ୍ୱର ମହୋଦୟ ବୋଲିଥିଲେ ସାହେବଙ୍କର ପ୍ରଶଂସାବାକ୍ୟ ତାହାର ଉଜ୍ଜ୍ୱଳ ପ୍ରମାଣ । ସେ କହିଥିଲେ "ମହାରାଜ ! ଆପଣଙ୍କ ପରି ଷ୍ଟେଟର ଉନ୍ନତିସାଧନର ଭାର ଯେଉଁ ଗଭର୍ଣ୍ଣମେଣ୍ଟ ଅର୍ପିତ ହୋଇଅଛନ୍ତି" । ପ୍ରବଳପ୍ରତାପ ଗଭର୍ଣ୍ଣମେଣ୍ଟ ଜଣେ ସାଧାରଣ ଭୂସ୍ୱାମୀଙ୍କ ଶିକ୍ଷାଭାର ଯେଉଁ ଅଧ୍ୟକ୍ଷଙ୍କତ ହୋଇଅଛନ୍ତି, ଏହା କି ଆଶ୍ଚର୍ଯ୍ୟର କଥା ନୁହେ ? ଗଭର୍ଣ୍ଣମେଣ୍ଟଙ୍କ ଚେଷ୍ଟା ଓ ଆଶା ମହାରାଜଙ୍କଠାରେ ସଫଳତା ଲାଭ କରିଅଛି ବୋଲି ଗଭର୍ଣ୍ଣମେଣ୍ଟ ସାନନ୍ଦରେ ଏହିପରି ଉକ୍ତି କରିବାକୁ ବାଧ୍ୟ ହୋଇଅଛନ୍ତି । ମହାରାଜ ସୁଶିକ୍ଷା ସଙ୍ଗେ ସଙ୍ଗେ ଯେଉଁ ଉନ୍ନତ ଚରିତ୍ର ଲାଭ କରିଅଛନ୍ତି ତାହା ତାହାଙ୍କୁ ଚିରଦିନ ମହିମାମଣ୍ଡିତ କରି ରଖିବ ।

ମହାରାଜ ଯେପରି ସୁପୁରୁଷ ସେହିପରି ସହୃଦୟ । ତାଙ୍କର ସୌମ୍ୟ ସୁନ୍ଦର ମୂର୍ତ୍ତିଖଣ୍ଡିକ ଦୃଷ୍ଟିପଥରେ ପଡ଼ିବା ମାତ୍ରକେ ତାଙ୍କର ଧୀର ପ୍ରଶାନ୍ତ ସ୍ୱଭାବ, ଅନନ୍ୟସାଧାରଣ ସୌଜନ୍ୟ ଓ ସଂଯୋଜିତ ଗାମ୍ଭୀର୍ଯ୍ୟ ଓ ସୁମଧୁର ବାକ୍ୟ ମନମଧ୍ୟରେ ଜାଗ୍ରତ ହୁଏ । ମହାରାଜଙ୍କର ଜ୍ଞାନପିପାସା ଏପରି ବଳବତୀ ଯେ ସର୍ବପ୍ରକାର ରାଜକାର୍ଯ୍ୟ ଭିତରେ ମଧ୍ୟ ସେ ଅଧ୍ୟୟନରୁ ବିରତ ନୁହନ୍ତି । ମାନବଜୀବନର ଉଚ୍ଚ ଉଚ୍ଚ ତତ୍ତ୍ୱର ଆଲୋଚନାରେ ସେ ଏପରି ଅଭିନିବିଷ୍ଟ ହୋଇ ପଡ଼ନ୍ତି ଯେ ଆହାର ନିଦ୍ରା ପର୍ଯ୍ୟନ୍ତ ଭୁଲି ଯାନ୍ତି । ପ୍ରକୃତ ସାଧୁବ୍ୟକ୍ତି ସହିତ ଜ୍ଞାନାଲୋଚନା କରି ସେ କି ଆନନ୍ଦ ମିଳେ, ତାଙ୍କ ସଙ୍ଗରେ କିଛିକ୍ଷଣ କଥୋପକଥନ କଲେ ତାହା ଅନୁଭବ କରାଯାଏ ।

ଆପଣମାନେ ତ କୌଣସି ରାଜା ମହାରାଜଙ୍କୁ ଦେଖିଅଛନ୍ତି ଯେ ଆପଣାର ବିଳାସବ୍ୟସନ ବିସ୍ମୃତ ହୋଇ, ମାନବାତ୍ମା ପରକାଳରେ କି ଅବସ୍ଥା ପ୍ରାପ୍ତ ହୁଏ, ଉପାଖ୍ୟାନରତ ଯୋଗିବରଙ୍କର ତାହାର ଅନୁଧ୍ୟାନରେ ନିରତ ରହନ୍ତି । ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ନିକଟରେ କ୍ଷଣଭଙ୍ଗୁର ମାନବଦେହ ଅପେକ୍ଷା ଅବିନଶ୍ୱର ମାନବାତ୍ମା ବହୁଗୁଣରେ ଅଧିକ ମୂଲ୍ୟବାନ୍ ଅଟେ । ସେଥିପାଇଁ ସେ ମାନବାତ୍ମାର ପ୍ରକୃତ ନିର୍ବାଚନରେ ଏତେ ବ୍ୟସ୍ତ । ଯେଉଁ ବ୍ୟକ୍ତି ଅନୁପମରୂପଲାବଣ୍ୟସମ୍ପନ୍ନ, ଅତୁଳ ଐଶ୍ୱର୍ଯ୍ୟର ଅଧିକାରୀ, ସେ କେଉଁ ଅଭାବରେ ଅଧୀର ହୋଇ ନିତ୍ୟ ଅବନତ ମସ୍ତକରେ, କୃତାଞ୍ଜଳିପୁଟରେ ବଣଦେବତାଙ୍କ ଚରଣପ୍ରାନ୍ତରେ ପଡ଼ି ହୋଇଥାନ୍ତି ? ମୁନିଜନମନୋମୁଗ୍ଧକର ଯେଉଁ ପ୍ରଲୋଭନ ମାନବାତ୍ମାକୁ ତାହାର ଚିରସଖା ପ୍ରେମମୟ ବିଧାତାଙ୍କ ଚରଣପଙ୍କଜ ଆଡ଼କୁ ଆକର୍ଷଣ କରେ ତାହାର ସୁମଧୁର ଆସ୍ୱାଦ ନ ପାଇଲେ ଏପରି ବିଷୟବିରାଗ ଓ ଚିତ୍ତର ଏକାଗ୍ରତା ଜନ୍ମି ପାରେ ନାହିଁ ।

ପ୍ରଜାହିତ ସାଧନପାଇଁ ମହାରାଜ ସ୍ୱରାଜ୍ୟରେ ସୁଶାସନ ପ୍ରଣାଳୀ ପ୍ରତିଷ୍ଠିତ କରି ବିବିଧ ପ୍ରକାରେ ପ୍ରଜାବୃନ୍ଦଙ୍କର ମଙ୍ଗଳସାଧନରେ ନିଯୁକ୍ତ ରହିଅଛନ୍ତି । ଉଚ୍ଚ ବେତନରେ ଗୁଣବାନ୍ ସୁନିପୁଣ କର୍ମଚାରୀସକଳ ନିଯୁକ୍ତ କରି ଏକ ଆଡ଼େ ଯେପରି ରାଜଧାନୀର ସମାଜଦେହକୁ ଶକ୍ତିଶାଳୀ ଓ ସୌନ୍ଦର୍ଯ୍ୟସମ୍ପନ୍ନ କରିଅଛନ୍ତି ଅନ୍ୟ ଆଡ଼େ ସେହିପରି ଉପଯୁକ୍ତ ପ୍ରତିନିଧିବର୍ଗଙ୍କ ହସ୍ତରେ ପ୍ରଜାର ଧନପ୍ରାଣ ସମର୍ପଣ କରି ରାଜ୍ୟର ସୁଖ ଶାନ୍ତି ବିସ୍ତାର କରୁଅଛନ୍ତି । ତାଙ୍କର ସୁଯୋଗ୍ୟ କର୍ମଚାରୀମାନଙ୍କ ମଧ୍ୟରେ ମେଷ୍ଟ୍ରୀଷୀ କରଣ ଦେବାନ ଶ୍ରୀଯୁକ୍ତ ବାବୁ ପ୍ରସନ୍ନକୁମାର ଘୋଷାଲ ଓ ପୂତଚରିତ୍ର, ବୁଦ୍ଧିମାନ୍ ଓ କାର୍ଯ୍ୟକୁଶଳ ଷ୍ଟେଟ୍‌ଜଜ୍ ମୋହିନୀ ବାବୁଙ୍କର ସୁଖ୍ୟାତି ସର୍ବତ୍ର ଶ୍ରୁତ ହୁଏ । ମୟୂରଭଞ୍ଜ ଷ୍ଟେଟର ବର୍ତ୍ତମାନ ଉନ୍ନତି ଏହି କର୍ମଚାରୀବୃନ୍ଦଙ୍କର ଯଶ ଘୋଷଣା କରୁଅଛି । ବ୍ରିଟିଶ ଗଭର୍ଣ୍ଣମେଣ୍ଟଙ୍କର ରାଜ୍ୟଶାସନପ୍ରଣାଳୀ ଅନୁବର୍ତ୍ତନ

ନବ ମହାବିଦ୍ୟାଳୟ ଯୌଜନାର ଆଶ୍ରମ, କଲେଜ୍, ସ୍କୁଲ୍, ହିନ୍ଦୁ ଓ ଛାତ୍ର, ବିଦ୍ୟାଳୟ ଗୁଡ଼ିକ କରି ସ୍ୱୟଂ ମହାରାଜ ସମସ୍ତ ବିଭାଗର ତତ୍ତ୍ୱାବଧାନ କରୁଅଛନ୍ତି । ପ୍ରଜାଗଣଙ୍କ ରୋଗ ଅଧିକ ଜାଣି, ଅଭାବ ଦୁଃଖୀ, ଅଭିଯୋଗର ବିଚାର ଶ୍ରବଣ କରି ମହାରାଜ ସର୍ବଦା ପ୍ରଜାଗଣଙ୍କ ମଙ୍ଗଳସାଧନରେ ନିଯୁକ୍ତ ରହିଅଛନ୍ତି । ସ୍ୱୟଂ ରାଜ୍ୟର ସର୍ବତ୍ର ଗମନ କରି ପ୍ରଜାବର୍ଗଙ୍କ ଅବସ୍ଥା ସ୍ୱଚକ୍ଷୁରେ ଦେଖିବା ବିଷୟରେ ସର୍ବଦା ଯତ୍ନବାନ ରହିଅଛନ୍ତି ।

ମହାରାଜ ଶ୍ରୀରାମଚନ୍ଦ୍ର ଅତ୍ୟନ୍ତ ଦର୍ଶନଶାସ୍ତ୍ରପ୍ରିୟ । ଏତେ ଅଧିକ ରାଜକାର୍ଯ୍ୟ ଭିତରେ ମଧ୍ୟ ସଦ୍‌ଗ୍ରନ୍ଥ ପାଠ, ପଣ୍ଡିତ ଓ ସାଧୁ ବ୍ୟକ୍ତିଗଣଙ୍କ ସହିତ ବିବିଧ ବିଷୟର ଆଲୋଚନା, ପୁରାଣ ଶ୍ରବଣ ପ୍ରଭୃତି କାର୍ଯ୍ୟରେ ପ୍ରତ୍ୟହ ଅନେକ ସମୟ ଅତିବାହିତ କରିଥାନ୍ତି ।

ରାଜ୍ୟର ସ୍ୱାସ୍ଥ୍ୟୋନ୍ନତି ଓ ବ୍ୟାଧିନିବୃତ୍ତି ପାଇଁ ଚିକିତ୍ସାଳୟରେ ଅନେକ ବିଶେଷଜ୍ଞ ନିଯୁକ୍ତ କରିଅଛନ୍ତି । ଯେଉଁଠାରୁ ଦେଖି ମହାରାଜଙ୍କର ପ୍ରତିଷ୍ଠା ଓ ସୁବନ୍ଦୋବସ୍ତ ଚେଷ୍ଟାରେ ବିମୋହିତ ହେବାକୁ ପଡ଼େ । ସମସ୍ତେ ଅବଗତ ଅଛନ୍ତି, ମହାରାଜ ନିଜବ୍ୟୟରେ ବେଙ୍ଗଲ-ନାଗପୁର ରେଲୱେ ଲାଇନରୁ ନିଜର ରାଜଧାନୀପର୍ଯ୍ୟନ୍ତ ରେଲପଥ ପ୍ରସ୍ତୁତ କରାଉଅଛନ୍ତି । ଏହାଦ୍ୱାରା ଏକ ଆଡ଼େ ଯେପରି ଗମନାଗମନର ସୁବିଧା ହେବ, ଅନ୍ୟ ଆଡ଼େ ସେହିପରି ମୟୂରଭଞ୍ଜର ବନବିଭାଗର ଶାଳ୍ମଳି କାଷ୍ଠ ବିଦେଶକୁ ରପ୍ତାନି ହୋଇ ରାଜ୍ୟର ଅପୂର୍ବ ଶ୍ରୀବୃଦ୍ଧିର ନୂତନ ପନ୍ଥା ଉନ୍ମୁକ୍ତ ହେବ । ମହାରାଜଙ୍କର ସହୃଦୟତା ଓ ସୌଜନ୍ୟର କଥା କହିବାକୁ ଗଲେ ଅତିରଞ୍ଜିତ ବୋଲି ସାଧାରଣ ବ୍ୟକ୍ତିଗଣ ଅବିଶ୍ୱାସ କରିପାରନ୍ତି । କିନ୍ତୁ ତାଙ୍କର ଚରିତ୍ର ଆଲୋଚନା କରିବାକୁ ଯାଇଁ ତାହାର କୌଣସି ଅଂଶ ବାଦ ଦେଇ ନ ପାରୁଁ । ମହାରାଜ ତାଙ୍କର ସହପାଠି-ବର୍ଗଙ୍କ ମଧ୍ୟରୁ ଅନେକଙ୍କୁ ଜୀବନପଥରେ ଅଗ୍ରସର ହେବା ବିଷୟରେ ସାହାଯ୍ୟ କରିଅଛନ୍ତି । ପ୍ରତିଦିନ ମହାରାଜ କେତେ ଅଧିକ ଲୋକଙ୍କର ଜୀବିକା କରି ଅପଣା ରାଜ୍ୟ ଖଣ୍ଡରୁ କେତେ ଦରିଦ୍ର ଓ ଅସହାୟ ଲୋକମାନଙ୍କୁ ସାହାଯ୍ୟ କରୁଅଛନ୍ତି, ତାହାର ସୀମା ନାହିଁ । ଅପଣାର ଶିକ୍ଷାପ୍ରାପ୍ତ କୃତବିଦ୍ୟଙ୍କୁ ରାଜ୍ୟର ଉଚ୍ଚ ଉଚ୍ଚ କାର୍ଯ୍ୟରେ ନିଯୁକ୍ତ କରି ପରମ ଉତ୍ସାହର ପ୍ରଦର୍ଶନ କରୁଅଛନ୍ତି । ଆଜିକାଲି କେତେ ଜଣ ଗୁରୁ ପ୍ରତି ଏପରି କୃତଜ୍ଞତା ଦେଖାଉଥାନ୍ତି ? ମହାରାଜ ଅତ୍ୟନ୍ତ ଗୁଣଗ୍ରାହୀ । ହିନ୍ଦୁସ୍ଥାନର ସାହିତ୍ୟସେବକଗଣ ତାଙ୍କର ମୁକ୍ତହସ୍ତର ସାହାଯ୍ୟ ଲାଭ କରି ଉତ୍ସାହାନ୍ୱିତ ହେଉଅଛନ୍ତି ।

ଆମ୍ଭେମାନେ ସାହସ କରି କହିପାରୁଁ, ଯେଉଁ ବ୍ୟକ୍ତି ମହାରାଜଙ୍କ ସହିତ ଏକ ଘଣ୍ଟା କଥୋପକଥନର ସୁବିଧା ଓ ସୁଖ ଲାଭ କରିଅଛନ୍ତି ତାଙ୍କ ହୃଦୟ ମହାରାଜଙ୍କ ପ୍ରତି ପ୍ରୀତି ଓ ଶ୍ରଦ୍ଧାରେ ପୂର୍ଣ୍ଣ ହୋଇଅଛି । ସେ ଆଉ ଏ ଜୀବନରେ ତାହା ଭୁଲି ପାରିବେ ନାହିଁ । ମହାରାଜ ଏପରି ଯତ୍ନର ସହିତ ଅନ୍ୟର ମତାମତ ଓ ମନର ଭାବକୁ ସମ୍ମାନ କରନ୍ତି ଯେ ତାଙ୍କ ସହିତ ଆଳାପ କରୁଁ କରୁଁ ନିଜର କ୍ଷୁଦ୍ରତା ଅନୁଭବ କରି ଲଜ୍ଜିତ ହେବାକୁ ପଡ଼େ । ସେ ଆପଣାର ଚରିତ୍ର-ଶକ୍ତିଦ୍ୱାରା ଅଜ୍ଞାତସାରେ ଅପରକୁ ତାହାର ହୀନତା ଉପଲବ୍ଧି କରାଇ ଦିଅନ୍ତି ତାହାରି ମହତ୍ତ୍ୱ ଅନୁଭବ ନ କରିବାଟା ଅସମ୍ଭବ ହୋଇ ପଡ଼େ ।

ନ ଜାଣି କିଣ ଶ୍ରୀରାମଚନ୍ଦ୍ରଙ୍କୁ ବ୍ରିଟିଶ ଗଭର୍ଣ୍ଣମେଣ୍ଟ ସ୍ୱତନ୍ତ୍ରଭାବରେ ହୋଇ ଉପଯୁକ୍ତ ସମ୍ମାନରେ ଭୂଷିତ କରିନାହାନ୍ତି ? ଅନେକ ସମୟରେ ଗଭର୍ଣ୍ଣମେଣ୍ଟଙ୍କ ଉପାଧି ଅନେକ ଅନୁପଯୁକ୍ତ ପାତ୍ରଙ୍କୁ ମଧ୍ୟ ଅଳଙ୍କୃତ କରିଥାଏ; କିନ୍ତୁ ସର୍ବସାଧାରଣ ବୋଧହୁଏ ଏକବାକ୍ୟରେ ସ୍ୱୀକାର କରିବେ ଯେ ଶ୍ରୀରାମଚନ୍ଦ୍ରଙ୍କ ପକ୍ଷରେ 'ମହାରାଜା'

ବିଭାଗ ସର୍ବପ୍ରକାରରେ ଯୋଗ୍ୟ ପାତ୍ରରେ ଅର୍ପିତ ହୋଇଅଛି ।

୧୧ । ଏ ଶ୍ରେଣୀର ସ୍ତ୍ରୀମାନେ ସୌଭାଗ୍ୟବତୀ ଓ ସ୍ୱାମୀମାନେ ଏମାନଙ୍କର କିଙ୍କର ବୋଲି ଜଗତ୍ ଜାଣନ୍ତି, ଏମାନେ ନିଜେ ମଧ ଜାଣନ୍ତି । କିନ୍ତୁ ସ୍ୱାମୀ କେଉଁ ଗୁଣରେ ମୁଗ୍ଧ ହୋଇଅଛନ୍ତି ତାହା ଅନ୍ୟମାନେ ଯେତେ ଚେଷ୍ଟା କଲେ ସୁଦ୍ଧା ବୁଝିବାକୁ ଏକାନ୍ତ ଅକ୍ଷମ । କିନ୍ତୁ ଏତିକି କୁହାଯାଇଅଛି ଯେ ଏମାନଙ୍କର ଦୁଇ ଗୋଟି ଫଟୋଗ୍ରାଫ୍ ଅଛି । ଗୋଟିଏ ଏମାନେ ଦେଖନ୍ତି, ଗୋଟିଏ ସ୍ୱାମୀମାନେ ଦେଖନ୍ତି ଓ ଅନ୍ୟଟି ସର୍ବସାଧାରଣଙ୍କ ଦୃଷ୍ଟିଗୋଚର ହୁଏ । ବାହାରର ସମସ୍ତେ ନିନ୍ଦା କରୁଥାନ୍ତି, କିନ୍ତୁ ସ୍ୱାମୀଙ୍କଠାରେ ଏମାନେ ଦେବପୂଜା ପାଉଥାନ୍ତି । ସୂର୍ଯ୍ୟ ପଶ୍ଚିମରେ ଉଦୟ ହୋଇପାରନ୍ତି, କିନ୍ତୁ ଏ ସ୍ତ୍ରୀ ଯେ କୌଣସିକାଳେ ଭୁଲରୀ ଏଥିରେ ସ୍ୱାମୀଙ୍କର ସନ୍ଦେହ ଜନ୍ମେ ନାହିଁ କିମ୍ବା ଜନ୍ମିବ ନାହିଁ । ଏ ସ୍ୱାମୀଙ୍କ ଚକ୍ଷୁରେ ଦିନ ଅପେକ୍ଷା ଅନ୍ଧ ଓ ନିନ୍ଦୁକ । ଏପରି ସ୍ତ୍ରୀଙ୍କର ସ୍ୱାମୀଙ୍କ ସଙ୍ଗେ ଦେଖା ହେଲେ ସୁଦ୍ଧା ସହାନୁଭୂତି ପାଇ ନାହିଁ—ଏହିପରି ସ୍ତ୍ରୀମାନେ ଅଳ୍ପସଂଖ୍ୟକ ଗୃହରେ ଦୃଷ୍ଟିଗୋଚର ହୁଅନ୍ତି । ଏମାନଙ୍କ ମଧ ଗୋଟିଏ ସାଧାରଣ ନୀତି ଅଛି—କୌଣସି ବସ୍ତୁ ନ ଦେଖିବା ପର୍ଯ୍ୟନ୍ତ ସନ୍ଦେହ ଯାଇ ନ ଥାଏ । ସେତେବେଳେ ନିନ୍ଦା ଭଙ୍ଗିଯାଏ । ପୂର୍ବେ ଯେ ଶିଷ୍ଟନା ଥିଲା, ସେ ଅନୁତାପରେ ପରିଣତ ହୁଏ । ପୁଣି ପୁଣି ସ୍ୱାମୀଙ୍କ ସେତେ-ବେଳେ ଯିବେ ସେତେବେଳେ ସାଧାରଣଙ୍କ ସମ୍ମୁଖରେ ତାହା ନିନ୍ଦା କରିବେ ମଧ ସ୍ୱାମୀଙ୍କ ସମ୍ମୁଖରେ ସାଧ୍ୱୀ ବୋଲି ପ୍ରତିପନ୍ନ ହୁଏ ଓ ହେବା ବ୍ୟାପୃତ ଥାଆନ୍ତି ।

୧୨—ଶାନ୍ତା—ପ୍ରକୃତ କଥା କହିବାର ଚତୁରତା ଏମାନଙ୍କର ନାହିଁ । ଏମାନେ ସବୁ-ଠାରେ ନିର୍ଯ୍ୟାତନ ଭୋଗ କରନ୍ତି । ଦୁରାତ୍ମା-ମାନଙ୍କ ଅତ୍ୟାଚାର ଏହିମାନଙ୍କ ଉପରେ । ଘରେ ବାହାରେ ଯେ ଯାଏ ସେ ଠେଙ୍ଗାରେ ଗୋଟେ ମାରି ଦିଏ । ଶାନ୍ତିକୁ ଏମାନେ ସର୍ବସ୍ୱ ମଣନ୍ତି । ଆପଣାର ଦୁଃଖ ପର ନିକଟରେ ପ୍ରକାଶ କରିବାର ସମର୍ଥ ମଧ ଏମାନେ ପାଇ ନାହାନ୍ତି । ଏମାନେ ବାଲ୍ୟସଙ୍ଗିନୀଙ୍କଠାରୁ ଆରମ୍ଭ କରି ବୃଦ୍ଧା ହେବା ପର୍ଯ୍ୟନ୍ତ ଏହିପରି କାଳ କାଟି ଦିଅନ୍ତି । ନିଜେ ଦୁଃଖ ପାଉଅଛନ୍ତି, ଏକଥା ମଧ ଏମାନେ ବୁଝି ପାରନ୍ତି ନାହିଁ । ସ୍ୱାମୀଙ୍କୁ ଦେବାଳୟ ଆଦର କରିବା ଏମାନଙ୍କ ଭାଗ୍ୟରେ ଘଟେ ନାହିଁ । ବିଶେଷ ପ୍ରକାର ଅଧିକ ପାଇବା ମଧ ଏମାନଙ୍କ ଭାଗ୍ୟରେ ଲେଖା ନାହିଁ । ବାଚସ୍ପତିଙ୍କ ମତରେ ଏହିମାନେ ପ୍ରକୃତ ସୁଖୀ । ଦୁଃଖୀ ଯାହାକୁ କଷ୍ଟ ଦିଏ, ତାହାର ଦୁଃଖ ଦୁଃଖ ନୁହେଁ । ମଥରେ ସିନ୍ଦୂର ଟୋପାଏ ଓ ହାତରେ ହଳା ଏକ ଖଣ୍ଡିଏ ଦେଲେ ଏମାନେ ଆଉ ଅଧିକ କିଛୁ ଆଶା କରନ୍ତି ନାହିଁ ଓ ଅଧିକ କିଛୁ ପାଆନ୍ତି ନାହିଁ ।

୧୩—ତେଜସ୍ୱିନୀ—ପଦେ ପଦେ ନିଜର ଗର୍ବ,

ପଦାର୍ପଣ କଲେ ତାଙ୍କ ସ୍ୱାମୀ ନିଷ୍ଫଳ ଚେଷ୍ଟା ପାଇବାକୁ ଚେଷ୍ଟା କରିବ ! କିନ୍ତୁ ଏ ଶ୍ରେଣୀର ଘରଣୀମାନେ କେବେହେଁ ଏପରି କାର୍ଯ୍ୟ କରନ୍ତି ଛାଡ଼ା ଛୁଆଙ୍କୁ ଛଣା । ସେମାନଙ୍କ ନୀତି 'କରିବି ସେ, କରିବ ନାହିଁ, କରିବ ସେ କରିବ ନାହିଁ ।'

ଯୋଡ଼ିଏ କଥା ଅଛି—ବୁଢ଼ି ମରିବାକୁ ପାଉଛି, ଅକ୍ଟର ଦେଖା, କାଲେ କଣ ଯାଉଛି । ଉପରେ ବୁଢ଼ି ମରିବାକୁ କଣ ଉଭୟ, ଦଳେ ସ୍ୱାମୀ କେବଳ ମାତ୍ର ଏପରି କହିଲା, ମଉ । ସେହିଠାରେ ଘରଣୀ କବୁଲ କଲେ, ଅନ୍ୟ ଦଳେ ସେପରି କହିବେ ନାହିଁ ।

୧୪ । ଅତି ଲୋମ—ସ୍ନେହ କଲା ବେଳେ ସ୍ନେହର ପରାକାଷ୍ଠା, ଈର୍ଷାରେ ଈର୍ଷାର ପରାକାଷ୍ଠା, କ୍ରୋଧ ବେଳେ କ୍ରୋଧର ପରାକାଷ୍ଠା, ଅଭିମାନ ବେଳେ ଅଭିମାନର ପରାକାଷ୍ଠା । ଅଛି, କ୍ରନ୍ଦନ, ଗର୍ଜନ, ପ୍ରଣୟ ଇତ୍ୟାଦି ସବୁଥିରେ ସୀମା ଶେଷ ପର୍ଯ୍ୟନ୍ତ ଚାଲି ଯାନ୍ତି । ପଛରେ ପସ୍ତାନ୍ତି, ଦୋଷ ସ୍ୱୀକାର କରନ୍ତି ଓ ସୀମା ଲଙ୍ଘନ କରିଥିବାର ମଧ୍ୟ ସ୍ୱୀକାର କରନ୍ତି । ବିବେକଶୂନ୍ୟ ପାପିଷ୍ଠଙ୍କ ହାତରେ ପଡ଼ିଲେ ଏମାନଙ୍କ ଜୀବନ ମରଣରେ ପରିଣତ ହୁଏ । ଏମାନେ ଯାହା ଇଚ୍ଛା ତାହା ଅଡ଼ିଲୁ ବାହାରୁଥିବା ଘର ବାଟର ଗୃହ ବଢ଼ାଇ ଦିଅନ୍ତି । ଏଣେ ତେଣେ କେଉଁ ବେଳକୁ ହାଣ୍ଡିକୁଅରେ ସଙ୍ଗୀନ ପଦବାଳୀ ରଖି ପୁଣି ବସନ୍ତି ।

୧୫—ଆଉ ଏକ ଶ୍ରେଣୀର ଘରଣୀ ଅଛନ୍ତି. ଯେଉଁମାନେ 'ଲକ୍ଷ୍ମୀ ପରଶେ ଘଟ ନଷ୍ଟରେ' ପ୍ରବାଦର ସାର୍ଥକତା କରନ୍ତି । ନିଜର କୌଣସି ରୂପ ଗୁଣ ନାହିଁ. କିନ୍ତୁ ଅମୁକଙ୍କ ଝିଅ ବା ବୋହୂ ଅବା ସ୍ତ୍ରୀ ବୋଲି ଜୀବନଯାକ ପୂଜା ପାଇ ଚାଲି ଯାନ୍ତି ।

ଜିନା ହାତରେ ମିଳିଲା ମୂଲ୍ୟବାନ ଦ୍ରବ୍ୟ ସମସ୍ତ ନଷ୍ଟ କରିନ୍ତି ନା—କାରଣ ରଜାଙ୍କ ହାତରେ ଅଛି ପଣ !

୧୬—ଉପରେ ଯେଉଁ ଶ୍ରେଣୀର ଘରଣୀମାନଙ୍କ ବିଷୟ କୋଲି ଗଲା, ଏମାନେ ସେ ଶ୍ରେଣୀର ବିପରୀତ । ଏମାନେ ବାଡ଼ିର ଗାଈରେ ମଣିଷ । ବାଡ଼ିର ଗାଈରେ ମାଲିକର ଯେଉଁ ଦଶା ହୁଏ ଏମାନଙ୍କର ମଧ୍ୟ ସେହି ଦଶା ହୁଏ । କାରଣ ଏମାନେ ପର ଶରଣାଗତ ! ଆମର ସମାଜରେ ଅନେକ ସ୍ଥାନରେ ଏପରି ସୁଲକ୍ଷଣା ଘରଣୀ ମିଳନ୍ତି । କିନ୍ତୁ ଜଗତ୍ ତାଙ୍କୁ ଗୋରୁ ହାଡ଼ ପେଲ ମାରି ଗୋଡ଼ାଏ । କିନ୍ତୁ ଯାହା ହେବାର ହେଉ, ଯଥୈବାସ୍ତେ ତଥୈବାସ୍ତାଂ ନାରୀଃ ନାରାଃ ମଣିର୍ମଣିଃ ।

ପାଠକମହୋଦୟ ! ଦେଖିଲେ ତ, ବୁଦ୍ଧିର ଦଉଡ଼ କେତେ ? ନାହିଁ ପ୍ରାଣିଙ୍କ ଉପରେ କଟାକ୍ଷ କରି ଆମ ବାଇମାନଙ୍କୁ ଲୁଚି ଅସରନ୍ତି ଉପରେ କାଣି ବସାଡ଼ ଦେଉଅଛନ୍ତି ।

ସମ୍ବାଦ—ଏଥି ମଧ୍ୟରେ ବାଇମାନଙ୍କ ପୁନର୍ବାର ଆସି ଆମ୍ଭମାନଙ୍କ ନିକଟରେ ଉପସ୍ଥିତ । ଜଣେ ବନ୍ଧୁଙ୍କଠାରୁ ଖଣ୍ଡିଏ ପ୍ରତିବାଦପତ୍ର ପେନ ଆମ୍ଭମାନଙ୍କ ନିକଟରେ ପୁନର୍ବାର ଶୁଣର କରିବେ ବୋଲି ଆସିଅଛନ୍ତି । ସେ ବନ୍ଧୁଟି ପ୍ରତିବାଦରେ ଲେଖିଅଛନ୍ତି ଯେ ମାଦନ୍ତୀ ଚେର ବଦଳିଅଛନ୍ତି । ଅତଏବ ବନ୍ଧୁଙ୍କ କଥା ଭାଙ୍ଗି ନ ପାରି ପତ୍ରାଂଶସ୍ୱରୂପ ତାଙ୍କୁ ଆଉ ଥରେ ଦିନ ରଖିଲୁଁ ଓ ଆଶା କରୁଅଛୁଁ ଯେ ତାଙ୍କର ଆମର ବର୍ତ୍ତମାନ କେବେ ଦିନ ଅପଡ଼ ଦେବ ନାହିଁ ।

ଶ୍ରୀ ଦୁର୍ମୁଖ ଶର୍ମା ।

[illegible]

ବୈଦେଶିକ ସଭ୍ୟତା ଆଜି ଜାତି ଆମ୍ଭ- [illegible] ମାନଙ୍କର [illegible] ଜାତୀୟ ଭାବ ନଷ୍ଟ ହୋଇଅଛି । [illegible] ବାଲ୍ୟକାଳରୁ ଆମ୍ଭମାନଙ୍କ ପିଲା [illegible] ଲିପିର ବାଳକମାନେ [illegible] ବିଦେଶୀ ଲୋକଙ୍କର [illegible] ଆପଣାକୁ କୃତକୃତ୍ୟ ମଣୁଅଛନ୍ତି । [illegible] ହେଲେ ହେଁ [illegible] ପ୍ରେମ [illegible] ମଧ୍ୟରେ ଅଳ୍ପ ସ୍ଥାନ ପାଉଥିବାର ଦେଖାଯାଏ ନାହିଁ ।

ଆମ୍ଭମାନଙ୍କର ହୃଦୟ ଏପ୍ରକାର କଳୁଷିତ ହୋଇ ଜଡ଼ବତ୍ ହୋଇଅଛି, ଆମ୍ଭମାନଙ୍କର ଆତ୍ମମର୍ଯ୍ୟାଦାଜ୍ଞାନ ଏପ୍ରକାର ଲୁପ୍ତ ହୋଇଅଛି ଯେ ଦେଶର ଗୌରବ ଆଦୌ ଥରେ ହେଲେ ଆମ୍ଭମାନଙ୍କ ମନକୁ ଆକର୍ଷଣ କରୁନାହିଁ । ଆମ୍ଭମାନଙ୍କ ଦେଶରେ ଅନେକ ମହତ୍, ଉଦାର ବ୍ୟକ୍ତି ଜନ୍ମ ଗ୍ରହଣ କରି ବସୁଧାକୁ ପବିତ୍ର କରି ଯାଇଅଛନ୍ତି, ଏପରି କି ସେମାନଙ୍କର ଅପୂର୍ବ ଆତ୍ମତ୍ୟାଗ, ନିଃସ୍ୱାର୍ଥଭାବ, ପରୋପକାର ଓ ଦାନଶୀଳତା ପର୍ଯ୍ୟାଲୋଚନା କଲେ ହୃଦୟ ଏକାବେଳକେ ସ୍ତମ୍ଭିତ ହୋଇଯାଏ; ସେହି ମହାମହିମାନ୍ୱିତ, ପୁଣ୍ୟଶ୍ଳୋକ, ମହାତ୍ମାମାନଙ୍କ ଚରଣକମଳରେ ପ୍ରୀତି-ପୁଷ୍ପାଞ୍ଜଳି ଦେବାକୁ ହୃଦୟ ଅଗ୍ରସର ହୁଏ ।

ରାଜପୁତ ବୀରମାନଙ୍କର ବୀରତ୍ୱକାହାଣୀ ଶ୍ରବଣ କରି ମନେ ହୁଏ ନାହିଁ ଯେ ଆର୍ଯ୍ୟ-ପ୍ରତିଭା କେବଳ ଯୁଦ୍ଧ ବିଗ୍ରହରେ ପର୍ଯ୍ୟବସିତ ହୋଇଅଛି ! ମନେ ହୁଏ ନାହିଁ ଯେ ହଲଦିଘାଟ, ଦେୱାର, ଥର୍ମପଲି ପ୍ରଭୃତି ବାହାରେ ଆର୍ଯ୍ୟପ୍ରତିଭାର ଆଉ ପୁଣ୍ୟ-କ୍ଷେତ୍ର ନାହିଁ ! ଅଲୌକିକ ଦୈହିକ ଶକ୍ତି ସହିତ ଅପରିମେୟ ଜ୍ଞାନ, କୁଶାଗ୍ରବୁଦ୍ଧି, ଦୃଢ଼ କର୍ତ୍ତବ୍ୟଜ୍ଞାନ, ଜନ୍ମଭୂମି ପ୍ରତି ଐକାନ୍ତିକ ଅନୁରାଗ, ନିଃସ୍ୱାର୍ଥ ଦାନଶୀଳତା ପ୍ରଭୃତି ଦେବ-

[illegible] ବୃତ୍ତି [illegible] ।

ପ୍ରତାପ ସିଂହ, [illegible], [illegible], [illegible] ସିଂହ, [illegible], [illegible] ପ୍ରଭୃତି [illegible] ବୀରପୁରୁଷ, [illegible] ବାଈ, ଲକ୍ଷ୍ମୀବାଈ, [illegible] ପ୍ରଭୃତି ବୀରାଙ୍ଗନା-ମାନଙ୍କର [illegible] ବୀରତ୍ୱକାହାଣୀ [illegible] ଧୂଳିକୁ [illegible] କରି [illegible], ସେହିପରି [illegible] ଭକ୍ତି, [illegible] ଓ [illegible] ଜ୍ଞାନ, ବେଦବ୍ୟାସ ଓ ବାଲ୍ମୀକିଙ୍କର [illegible] ଗାର, ଅଶୋକ, ଶିଳାଦିତ୍ୟ ପ୍ରଭୃତିଙ୍କର ନିଃସ୍ୱାର୍ଥ ଦାନଶୀଳତା ମଧ୍ୟ ସେହିପରି ଭାରତ-ବାସୀଙ୍କର [illegible] ହୃଦୟରେ ଆଶା-[illegible] ହୃଦୟକୁ [illegible] ଉନ୍ନତ [illegible] ଉତ୍ତେଜିତ କରୁଅଛି !

ଆର୍ଯ୍ୟମାନଙ୍କର ପୁଣ୍ୟମୟ ତୀର୍ଥ ଗଙ୍ଗା ଯମୁନାର ସଙ୍ଗମ ସ୍ଥଳ ପ୍ରୟାଗ କ୍ଷେତ୍ରାନ୍ତର୍ଗତ ପ୍ରାୟ ୪।୨ ମାଇଲ ପରିମିତ ଭୂଖଣ୍ଡ "ସନ୍ତୋଷ-କ୍ଷେତ୍ର" ନାମରେ ଅଭିହିତ । ସନ୍ତୋଷ-କ୍ଷେତ୍ରର ଦୃଶ୍ୟ ପ୍ରାଚୀନ ଭାରତରେ ଏକ ରମଣୀୟ ଘଟଣା । ମହା-ପଣ୍ଡିତ "ମହାଚୀନାଧିପତି" [illegible] ହର୍ଷବର୍ଦ୍ଧନଙ୍କ [illegible] ଏହାର ଅନେକ ବର୍ଣ୍ଣନା [illegible] ଶିଳାଦିତ୍ୟ ଖ୍ରୀ: ସପ୍ତମ ଶତାବ୍ଦୀରେ କାନ୍ୟକୁବ୍ଜର ସିଂହାସନରେ ଅଧିଷ୍ଠିତ ହୋଇ ଆର୍ଯ୍ୟାବର୍ତ୍ତର ଅଧିକାଂଶ ଅଧିକାର କରି ସ୍ୱକୀୟ ପ୍ରଭୁତ୍ୱ ଅକ୍ଷୁଣ୍ଣରୂପେ ବିସ୍ତାର କରିଥିଲେ । ସେହି ପ୍ରାତଃସ୍ମରଣୀୟ ବୌଦ୍ଧ [illegible] ଶିଳାଦିତ୍ୟ 'ସନ୍ତୋଷ-କ୍ଷେତ୍ର'ରେ ଯେଉଁ ମହାଦାନର [illegible] ପରାକାଷ୍ଠା ଦେଖାଇ ଯାଇଅଛନ୍ତି ତାହା ଶ୍ରବଣ କଲେ, ସ୍ମରଣ କଲେ [illegible] ଭାବରେ ଯେଉଁ

ମୁକ୍ତାଜାଳଖଚିତ ମୁକୁଟିତ, ଅଳଙ୍କୃତ ସଜ୍ଜିତ ହେବ।

ଏହି କ୍ଷେତ୍ରର ପ୍ରାୟ ଚାରି ହଜାର ବର୍ଗଫୁଟ ସ୍ଥାନ ବଂଶ ବର୍ତ୍ତୁଳ ମୃତ୍ତିକା ଗୋଲାପ ବୃକ୍ଷ ଶ୍ରେଣୀଦ୍ୱାରା ପରିବେଷ୍ଟିତ କରାଯାଇଥାଏ। ସୁରଭି ସୌରଭ ଓ ସୌନ୍ଦର୍ଯ୍ୟରେ ସେହି ସୁରମ୍ୟପୁଷ୍ପବନ ସ୍ଥାନ ନନ୍ଦନ କାନନର ଶ୍ରୀ ଧାରଣ କରି ଜନମନ ହରଣ କରୁଥାଏ। ପ୍ରକାଣ୍ଡ ପ୍ରକାଣ୍ଡ ସୁଶୋଭନ ଗୃହଶ୍ରେଣୀ ମଧ୍ୟବର୍ତ୍ତୀ ସ୍ଥାନକୁ ଅଧିକାର କରି ରହିଥାଏ। ସେହି ଗୃହମାନଙ୍କରେ ସ୍ୱର୍ଣ୍ଣ, ରଜତ, କାର୍ପାସ ଓ ରେଶମରେ ନିର୍ମିତ ସୂକ୍ଷ୍ମ କାରୁକାର୍ଯ୍ୟ-ପରିଶୋଭିତ ବିବିଧ ରଙ୍ଗର ବସ୍ତ୍ର ଓ ପରିଚ୍ଛଦ ସଜ୍ଜିତ ଓ ସୁରକ୍ଷିତ ହୋଇ ରଖାଯାଇଥାଏ। ନିକଟରେ ନାନାବିଧ ଚର୍ବ୍ୟ, ଚୋଷ୍ୟ, ଲେହ୍ୟ, ପେୟ ଭୋଜନସାମଗ୍ରୀମାନ ସୁପରିକଳ୍ପିତ ଭାବରେ ବିପଣୀଶ୍ରେଣୀରେ ସୁସଜ୍ଜିତ ହୋଇ ପରି ରକ୍ଷିତ ହୋଇଥାଏ। ଏକ ଏକ ଗୃହରେ ଏତେ ପ୍ରଚୁର ଖାଦ୍ୟ ରହିଥାଏ ଯେ ଅଗଣିତ ଲୋକ ତାହାକୁ ଆହାର କରି ସନ୍ତୋଷ ଲାଭ କରି ପାରିବେ।

ଶିଳାଦିତ୍ୟଙ୍କର ଏହି ଦାନୋତ୍ସବ ପ୍ରତି ପଞ୍ଚମ ବର୍ଷରେ ଥରେ ଲେଖାଏଁ ଅନୁଷ୍ଠିତ ହେଉଥିଲା। ଉତ୍ସବ ଦିବସର ବହୁକାଳ ପୂର୍ବରୁ ନାନା ଦିଗ୍‌ଦେଶରୁ ବ୍ରାହ୍ମଣ, ଭିକ୍ଷୁ, ବୌଦ୍ଧଶ୍ରମଣ, ଦୁଃଖୀ, ଅନାଥ, ଅନ୍ଧ, ଅଭାବ, କ୍ଲିଷ୍ଟ ବ୍ୟକ୍ତିମାନଙ୍କୁ ଘୋଷଣାଦ୍ୱାରା ଆହ୍ୱାନ କରିଥାନ୍ତି। କେତେ ଦିନ ପୂର୍ବରୁ ଶିଳାଦିତ୍ୟ ନିଜର ସୈନ୍ୟସାମନ୍ତ ଓ ମନ୍ତ୍ରୀଗଣସମଭିବ୍ୟାହାରରେ, କରଦ ରାଜାଗଣ ସହିତ ସେହି ସ୍ଥାନରେ ଉପସ୍ଥିତ ହୋଇ ସବୁ ବିଷୟର ସୁଶୃଙ୍ଖଳ ବନ୍ଦୋବସ୍ତରେ ନିଯୁକ୍ତ ଥାନ୍ତି। କାମରୂପର ରାଜା ଭାସ୍କର ବର୍ମ୍ମା ତାଙ୍କର ନିମନ୍ତ୍ରିତ କରଦ ରାଜାମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ଅଟନ୍ତି। କରଦ ରାଜାମାନେ ସସୈନ୍ୟରେ ଉତ୍ସବକ୍ଷେତ୍ରରେ ଯାବତ୍‌କାଳ ପର୍ଯ୍ୟନ୍ତ ଅବସ୍ଥାନ କରି ଶାନ୍ତିରକ୍ଷାରେ ବ୍ୟାପୃତ ହୋଇ ନିଜ ନିଜ କାର୍ଯ୍ୟତ ସହାନୁଭୂତି। ଜନସାଧାରଣ ଅତ୍ୟନ୍ତ ଶାନ୍ତିରେ କାଳ କରୁଥିଲେ।

ବୌଦ୍ଧଧର୍ମ ଶିଳାଦିତ୍ୟଙ୍କର ନିଜର ଧର୍ମ-ଭାବ ସନ୍ଦର୍ଶନ କରି ତତ୍କାଳୀନ ଦେଶୀ ବ୍ରାହ୍ମଣ୍ୟ ଓ ବୌଦ୍ଧ ମହାପୁରୁଷମାନେ, ବହୁଦେଶୀ ପ୍ରାଚୀନ ପରିବ୍ରାଜକ ହ୍ୱେନସାଂ ନେମନ୍ତ୍ରିତ ହୋଇଥିଲେ। ସେ ବ୍ରାହ୍ମଣ ଓ ବୌଦ୍ଧ ଭିକ୍ଷୁ ଉଭୟଙ୍କୁ ସମାନ ଆଦର କରୁଥିଲେ। ସମଭାବରେ ଉଭୟଙ୍କୁ ଦାନ ସାମଗ୍ରୀ ବିତରଣ ହେଉଥିଲା। ବୁଦ୍ଧଙ୍କର ମୂର୍ତ୍ତି ଓ ହିନ୍ଦୁ ଦେବଦେବୀ ଉଭୟଙ୍କ ସମ୍ମୁଖରେ ସେ ନତମସ୍ତକରେ ଭକ୍ତିପୂର୍ବକ ପ୍ରଣାମ କରୁଥିଲେ। ସଂସ୍କୃତ ଗଦ୍ୟକାବ୍ୟ କାଦମ୍ବରୀର ପ୍ରଣେତା 'ବାଣଭଟ୍ଟ' ତାଙ୍କର ସଭାସଦ ଥିଲେ।

ଉତ୍ସବର ପ୍ରଧାନ ଅନୁଷ୍ଠାନ ଦିନତ୍ରୟ ବ୍ୟାପି ଥିଲା। ପ୍ରଥମ ଦିବସରେ ଏକ ସୁରମ୍ୟ ମନ୍ଦିରରେ ବୁଦ୍ଧଦେବଙ୍କର ମୂର୍ତ୍ତି ପ୍ରତିଷ୍ଠିତ ହୋଇ ପୂଜିତ ହୋଇଥିଲା। ସେହି ପୁଣ୍ୟଦିବସରେ ସର୍ବାପେକ୍ଷା ନିକୃଷ୍ଟ ଖାଦ୍ୟ ଓ ସର୍ବୋତ୍କୃଷ୍ଟ ମୂଲ୍ୟବାନ୍ ପଦାର୍ଥମାନ ବିତରିତ ହୁଏ। ଦ୍ୱିତୀୟ ଓ ତୃତୀୟ ଦିବସରେ ଭିନ୍ନ ଭିନ୍ନ ମନ୍ଦିରରେ ସୂର୍ଯ୍ୟ ଓ ଶିବଙ୍କର ମୂର୍ତ୍ତି ଯଥାବିଧି ସୁପରିକଳ୍ପିତ ଭାବରେ କର୍ମନିଷ୍ଠ ବ୍ରାହ୍ମଣମାନଙ୍କଦ୍ୱାରା ପୂଜିତ ହେଉଥିଲେ। ଏହି ଦିବସମାନଙ୍କରେ ପ୍ରଥମ ଦିବସ ବିତରିତ ଦ୍ରବ୍ୟର ଅର୍ଦ୍ଧାଂଶ ଦାନ କରାଯାଏ। ଚତୁର୍ଥ ଦିବସରୁ ସାଧାରଣ ଦାନ କାର୍ଯ୍ୟ ଆରମ୍ଭ ହୁଏ।

ବିଂଶ ଦିବସ ପର୍ଯ୍ୟନ୍ତ ବ୍ରାହ୍ମଣ ଓ ବୌଦ୍ଧ ଶ୍ରମଣ, ଦଶ ଦିନ ପର୍ଯ୍ୟନ୍ତ ହିନ୍ଦୁ ଦେବପୂଜକମାନେ, ତତ୍ପରବର୍ତ୍ତୀ ଦଶ ଦିବସ ପର୍ଯ୍ୟନ୍ତ ପରିବ୍ରାଜକ ବିରାଗୀ ସନ୍ନ୍ୟାସିଗଣ ବହୁବିଧ ବହୁମୂଲ୍ୟ ଦ୍ରବ୍ୟ ଲାଭ କରି ଓ ନାନାବିଧ ସୁସ୍ୱାଦୁ ସୁଖାଦ୍ୟ ଭକ୍ଷଣ କରି ପରମ ପରିତୋଷ ଲାଭ କରୁଥିଲେ। ଏତଦ୍‌ବ୍ୟତୀତ ଅନ୍ତର ତ୍ରିଂଶ ଦିବସ ପର୍ଯ୍ୟନ୍ତ ନିଃସ୍ୱ, ଅନ୍ଧ, ବିକଳାଙ୍ଗ, କ୍ଲିଷ୍ଟ,

ଧର୍ମ ପ୍ରଚାର ଅଭିପ୍ରାୟ [illegible] ଦାନ କରିଥିଲା ।

ସୁପ୍ରବାଜମାନଙ୍କରେ [illegible] ଶିଳାଦିତ୍ୟ ହର୍ଷର ଧାର୍ମିକ ବକ୍ତୃତା [illegible], ପୁରୁଷୀ-ମୁକ୍ତାମଣି [illegible] ପରିଧାନ କରି ହର୍ଷ ଦେଶ ଭ୍ରମଣ କରି [illegible] ଗମ୍ଭୀର ସ୍ୱରରେ କହନ୍ତି, 'ଆଜି ମୁଁ ମୁକ୍ତ' ପରିଧାନ କରି । ସନ୍ତୋଷ-କ୍ଷେତ୍ରରେ ଆଜି ମୁଁ ସର୍ବସ୍ୱ ଦାନ କରି ନିଃସ୍ୱ ହେଲି । ତତ୍ପରେ ବର୍ଷରେ ପୁନଶ୍ଚ ସେ [illegible] ଲାଭ କ୍ରମଶଃ ଧନଶ୍ରୀ ସଞ୍ଚୟରେ ପ୍ରବୃତ୍ତ ହେବ । ଏହିପରି ସେ ୭୫ ଦାନ ସ୍ରୋତରେ ନୃପତିଙ୍କ ସଂସାର-ଭୋଗାସକ୍ତ-ବୃକ୍ଷ ଉତ୍ପାଟନ କରନ୍ତି ।

ଅତୀତ୍ରେ ଅଭ୍ୟାଗତଗଣ ଏହିପର ସେହି ସ୍ଥାନରେ ପରମ ପରିତୋଷ ଲାଭ କରି କାୟମନୋ-ବାକ୍ୟରେ ଶିଳାଦିତ୍ୟଙ୍କର ମଙ୍ଗଳ କାମନାପୂର୍ବକ ପ୍ରତ୍ୟାବୃତ୍ତ ହେଉଥିବାରୁ ସମ୍ଭବତଃ ସ୍ଥାନର 'ସନ୍ତୋଷକ୍ଷେତ୍ର' ନାମକରଣ ହୋଇଥିଲା ।

ମହାରାଜ ମୁକ୍ତ ହସ୍ତରେ ସର୍ବସ୍ୱ ଦାନ କରି କେବଳ ରାଜ୍ୟରକ୍ଷାନିମନ୍ତେ ଘୋଟକ, ହସ୍ତୀ, ଅସ୍ତ୍ରଶସ୍ତ୍ର ଅକ୍ଷୁଣ୍ଣଭାବରେ ରକ୍ଷା କରିଥାନ୍ତି । ଧନ୍ୟ ଉଦାରତା ! ଧନ୍ୟ ନିଃସ୍ୱାର୍ଥପରତା ! ଧନ୍ୟ ମୈତ୍ରୀ ! ଧନ୍ୟ ଦାନଶୀଳତା !!!

ଚୀନଦେଶୀୟ ପରିବ୍ରାଜକପ୍ରବର ହୁଏନସାଂ ଏହି ମହୋତ୍ସବ ସନ୍ଦର୍ଶନ କରି ଭାରତୀୟ ଆର୍ଯ୍ୟ ନରପତିମାନଙ୍କର ଭୂୟସୀ ପ୍ରଶଂସା କରି ପରିତୃପ୍ତ ହୋଇଅଛନ୍ତି । ସେ ଶିଳାଦିତ୍ୟଙ୍କର ଶାସନ-କାଳରେ ଭାରତରେ ପଦାର୍ପଣ କରି ୧୫ ବର୍ଷ କାଳ ସେଠାରେ ଅବସ୍ଥାନ କରିଥିଲେ ଏବଂ ପ୍ରାଚୀନ ଭାରତର ଅନେକ ବିବରଣ ଲିପିବଦ୍ଧ କରି ଯାଇଅଛନ୍ତି । ତାଙ୍କ ନିକଟରେ ସମଗ୍ର ଭାରତ ଋଣୀ ।

ଆମ୍ଭେମାନେ ଅନୁମାନ କରୁଅଛୁଁ ଯେ କୌଣସି ପ୍ରକାର ଗୂଢ଼ ରହସ୍ୟ ଏହି 'ସନ୍ତୋଷ-[illegible] ଅନ୍ତର୍ହିତ ହେଲା । [illegible] ପ୍ରଜାମାନଙ୍କ [illegible] ପ୍ରଜାମାନେ [illegible] "ମହାରାଜ [illegible]" ମନ୍ତ୍ରୀ କରୁଥିଲେ ।

ଯାହାହେଉ ଭାରତବାସୀମାନଙ୍କର ଦୁର୍ଭାଗ୍ୟ-ବଶତଃ ଜଗତ ଇତିହାସରୁ ଏହି ଅପୂର୍ବ ଦୃଶ୍ୟ ଚିରଦିନ ନିମନ୍ତେ ବିଲୁପ୍ତ ହୋଇଅଛି । ଆଜିକାଲି ମାର୍କିନ ଧନକୁବେରମାନଙ୍କର ଦାନଶୀଳତା ଦେଖି ଭାରତବାସୀମାନେ ଚକିତ ହେଉ ଅଛନ୍ତି, କିନ୍ତୁ ପ୍ରାଚୀନ ଭାରତୀୟ ନରପତି-ମାନଙ୍କର ଏତାଦୃଶ ଦାନ ନିକଟରେ ସେ ସବୁ ପରାହତ ।

ଦାନକଥା ଶୁଣିଲେ ଆମ୍ଭେମାନେ ଅତି ଚକିତ ହେଉଁ । ବାଟରେ ଯିବାବେଳେ ଯେବେ କେହି ଅନାଥ ଦୁଃଖୀ କହେ "ବାବା, ଦୁଇଦିନ ଖାଇ ନାହିଁ, ଗୋଟିଏ ପଇସା ଦିଅ ନା, ବାବା", ଶୁଣିବାମାତ୍ରକେ ଆମ୍ଭମାନଙ୍କର ଆପାଦମସ୍ତକ ଜଳି ଉଠେ । ଅଭୁକ୍ତ ଅନାଥ ଅଳ୍ପ ଭିକ୍ଷା କଲେ ଗ୍ରାସ ଦେବା କଥା ତେଣିକି ଥାଉ, ଉଲ୍ଟା ତାଡ଼ନାରେ ତାହାକୁ ବହିଷ୍କୃତ କରି ଦେଉଁ । କିନ୍ତୁ ଆମ୍ଭ ମହର୍ଷିମାନେ କହିଅଛନ୍ତି, ଶ୍ରଦ୍ଧାର ଦାନ —ଯଥାସାଧ୍ୟ ଦାନ—ପରମ ଧର୍ମ ଅଟେ ।

ପରମାରାଧ୍ୟା ବିଶ୍ୱବନ୍ଦନୀୟା ଦେବୀ ଅନ୍ନପୂର୍ଣ୍ଣାଙ୍କର ଲୀଳା-ଦାନାଣୀର ଏହିଠାରେ ଅବସାନ; ବର୍ତ୍ତମାନ ବେଦମାତା ଭାରତୀର ଅପୂର୍ବ ଲୀଳା ସ୍ଥଳ 'ନାଳନ୍ଦା'ର ଗୌରବ ବର୍ଣ୍ଣନା କରିବି । ଭାରତବାସୀମାନେ ଭାରତର ସର୍ବଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ "ନାଳନ୍ଦା" ପ୍ରତି ଦୃଷ୍ଟିପାତ କରି ଜାତୀୟ ଜୀବନ ଗଠନ କରନ୍ତୁ, ଜାତୀୟତା

ଇଚ୍ଛା କରିବାକୁ ସଙ୍କୁଚିତ ହେବୁ । ଅକ୍ସଫୋର୍ଡ ଓ କେମ୍ବ୍ରିଜର ବିଶ୍ୱବିଦ୍ୟାଳୟ ଯାହା ନିକଟରେ ଅକିଞ୍ଚିତ୍କର ବୋଲି ବୋଧ ହେବ ।

ସତ୍ୟ ଅତୀତର ଗୌରବ ଆଉ ନାହିଁ । ସମ୍ପ୍ରତି ତାହାର ଅନ୍ତ । ଭାରତ ପ୍ରସୂତ, ଗୌରବାନ୍ୱିତ, ଅଧ୍ୟାତ୍ମବାଦର ପୂର୍ଣ୍ଣ ବିକାଶ, ଶିଳାଦିତ୍ୟଙ୍କର ସୁଶାସନ ଗୁଣରେ ଭାରତ ସମୃଦ୍ଧ; ଜ୍ୟୋତିଷ, ଗଣିତ, ଦର୍ଶନ, ଚିକିତ୍ସା ବିଜ୍ଞାନ, ସାହିତ୍ୟ ପ୍ରଭୃତିର ଗୌରବ ବର୍ଦ୍ଧିତ ହୋଇଅଛି । ଅଧୁନାତନ ପାଟନାର ଅତି ନିକଟରେ ନାଳନ୍ଦା ଅବସ୍ଥିତ । ନାଳନ୍ଦା ବୌଦ୍ଧମାନଙ୍କର ଅତି ରମଣୀୟ ପବିତ୍ର ତୀର୍ଥ ସ୍ଥାନ । କଥିତ ଅଛି ୫୦୦ରେ ଗୋଟିଏ ସୁନ୍ଦର ଆମ୍ରକାନନ ଥିଲା; କୌଣସି ସୁପ୍ରସିଦ୍ଧ ବୌଦ୍ଧ ନୃପତି ଏହି ଆମ୍ରକାନନଟି ବୁଦ୍ଧଦେବଙ୍କୁ ଦାନ କରିଥିଲେ । ବୁଦ୍ଧ ସେଠାରେ ଦୀର୍ଘକାଳ ଅବସ୍ଥାନ କରି ଶିଷ୍ୟଗଣ-ପରିବୃତ ହୋଇ ଧର୍ମ ଓ ନୀତି ଶିକ୍ଷା ଦାନ କରୁଥିଲେ । କାଳକ୍ରମେ ସେହିଠାରେ ଗୋଟିଏ ବିଦ୍ୟାଳୟ ପ୍ରତିଷ୍ଠିତ ହେଲା, କୌଣସି ନରପତିମାନେ ଅକାତରରେ ଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କର ସମସ୍ତ ବ୍ୟୟଭାର ବହନ କରି କ୍ରମେ କ୍ରମେ ଏହି ବିଦ୍ୟାଳୟଟିକୁ ପରିପୁଷ୍ଟ କରିଥିଲେ । ସେହି ସ୍ଥାନରେ ସଂସାରର କୋଳାହଳ ନ ଥିଲା, ଶିକ୍ଷାର୍ଥୀମାନେ ସଂସାରଚିନ୍ତାରେ ଅନନ୍ୟକର୍ମା ହୋଇ ପ୍ରଗାଢ଼ ଅଧ୍ୟବସାୟ ସହକାରେ ଶାସ୍ତ୍ରାଲୋଚନା କରୁଥିଲେ । ଏହି ବିଦ୍ୟାମନ୍ଦିରକୁ ଭାରତର ସର୍ବପ୍ରଧାନ ବିଦ୍ୟାମନ୍ଦିର ବୋଲିଲେ ଅତ୍ୟୁକ୍ତି ହେବ ନାହିଁ । ଏକ ରମଣୀୟ ସ୍ଥାନରେ ବହୁ ଛାତ୍ର ଏକତ୍ର ହୋଇ ନାନା ଶାସ୍ତ୍ର ଶିକ୍ଷା କରୁଥିବାର ଦୃଷ୍ଟାନ୍ତ ପ୍ରାଚୀନ ଭାରତରେ ନାଳନ୍ଦା ବ୍ୟତୀତ ଅନ୍ୟତ୍ର ବିରଳ ଅଟେ । ଏହି ସୁପବିତ୍ର ସ୍ଥାନରେ ଦଶ ହଜାର ଶ୍ରମଣ ଅବସ୍ଥାନ କରି ଶାସ୍ତ୍ରାଲୋଚନା କରୁଥିଲେ । ଛଅଗୋଟି ଚତୁସ୍ତଳ ଅଟ୍ଟାଳିକାରେ ବିଦ୍ୟାର୍ଥୀମାନେ ଅଧ୍ୟୟନରେ ବାସ କରୁଥିଲେ । ପ୍ରକାଣ୍ଡ ପ୍ରକାଣ୍ଡ ଏକଶତ ଗୃହରେ ପ୍ରବୀଣ ବୟୋବୃଦ୍ଧ ଶିକ୍ଷକମାନେ ବାସ କରୁଥିଲେ । ମଗଧର ରାଜା ଶିଳାଦିତ୍ୟ ଏମାନଙ୍କର ସମସ୍ତଙ୍କର ବ୍ୟୟ ନିର୍ବାହ କରୁଥିଲେ । ଶିକ୍ଷକମାନଙ୍କର ବକ୍ତୃତାଦେଶ୍ୟରେ ସଭାମାନ ପାଇଁ ବିଦ୍ୟାଳୟର ମଧ୍ୟସ୍ଥଳରେ ଅନେକ ଗୁଡ଼ିଏ ସୁନ୍ଦର ଗୃହ ଥିଲା । ବୃଦ୍ଧ ମହାମହୋପାଧ୍ୟାୟ ଶୀଳଭଦ୍ର ଏହି ବିଦ୍ୟାଳୟର ପ୍ରଧାନ ଅଧ୍ୟାପକ ଥିଲେ । ଶୀଳଭଦ୍ରଙ୍କର ଗୁଣଗରିମାର ପରିଚୟ ଦେବାର ଶକ୍ତି ଏ କ୍ଷୁଦ୍ର ଲେଖକର ନାହିଁ । ସେ ବୟୋବୃଦ୍ଧ, ଜ୍ଞାନବୃଦ୍ଧ, ନାନାଶାସ୍ତ୍ର-ପାରଦର୍ଶୀ, ବିଚକ୍ଷଣ, ମହାପ୍ରତିଭାଶାଳୀ ଥିଲେ । ତାହାଙ୍କର ସୁପରିଚାଳନ ଗୁଣରେ ସମସ୍ତ ବିଦ୍ୟାଳୟରେ ସୁଶାସନ ସମ୍ୟକ୍‌ରୂପେ ପ୍ରତିଷ୍ଠିତ ଥିଲା ।

ପ୍ରସିଦ୍ଧ ପରିବ୍ରାଜକ ହୁଏନସାଂ ଏହି ବିଦ୍ୟାଳୟ ପରିଦର୍ଶନ କରିବାପାଇଁ ଉପସ୍ଥିତ ହୋଇଥିଲେ । ପ୍ରବେଶଦ୍ୱାରରେ ଉପସ୍ଥିତ ହେବାମାତ୍ରେ ଦୁଇ ଶତ ଅଧ୍ୟାପକ ତାହାଙ୍କୁ ମହାସମାରୋହରେ ଅଭ୍ୟର୍ଥନା କରି ନେଇ ଏକ ପ୍ରକାଣ୍ଡ ବେଦିକା ଉପରେ ଉପବିଷ୍ଟ ବୃଦ୍ଧ ଶୀଳଭଦ୍ରଙ୍କ ସମ୍ମୁଖରେ ଉପସ୍ଥିତ ହେଲେ ।

ଶୀଳଭଦ୍ର ତାହାଙ୍କୁ ଯଥେଷ୍ଟ ସମାଦର କରି ସ୍ୱକୀୟ ବିନୟ ଗୁଣର ପରାକାଷ୍ଠା ଦେଖାଇଥିଲେ ।

ଶୀଳଭଦ୍ରଙ୍କର ଅଧ୍ୟାପନାକୁଶଳତାରେ ମୁଗ୍ଧ ହୋଇ ହୁଏନସାଂ ତାଙ୍କର ଶିଷ୍ୟତ୍ୱ ସ୍ୱୀକାର କରିବା ନିମନ୍ତେ ଇଚ୍ଛା ପ୍ରକାଶ କଲେ ଏବଂ ତାଙ୍କର ମନୋରଥ ପୂର୍ଣ୍ଣ କରି ହୋଇଥିଲା ।

ଗୋଟିଏ ଗୃହ ତାହାଙ୍କର ବାସସ୍ଥାନ ନିମନ୍ତେ ତତ୍‌କ୍ଷଣାତ୍ ନିର୍ଦ୍ଦିଷ୍ଟ ହୋଇଥିଲା । କେତେକ ଜଣ ଶ୍ରମଣ ଓ ବିଚକ୍ଷଣ ଭୃତ୍ୟ ସର୍ବଦା ତାଙ୍କ ନିକଟରେ ରହିଲେ । ବୋଲିବା ବାହୁଲ୍ୟ ମହାପୁରୁଷ ଶିଳାଦିତ୍ୟ ତାଙ୍କର ସମସ୍ତ ବ୍ୟୟ ନିର୍ବାହ କରୁଥିଲେ । ଚୀନ ଦେଶରେ ଯେ ସର୍ବଶ୍ରେଷ୍ଠ

ଛତ୍ରିହ ବୋଲି ପରିଚିତ ହୋଇଥିଲେ ତାହା ଗୁଣିପ୍ରବର ସ୍ଥବିର ଏଂସାଂ ଭାରଷରେ ଶୀଳଭଦ୍ରଙ୍କର ପାଦତଳେ ବସି ପାଞ୍ଚ ବର୍ଷକାଳ ପ୍ରଗାଢ଼ ଯତ୍ନ ସହକାରେ ପାଣିନି, ଦର୍ଶନ, ସଙ୍ଗୀତ, ଚିକିତ୍ସାଦି ଶାସ୍ତ୍ରମାନ ଅଧ୍ୟୟନ କରି କୃତାର୍ଥ ହୋଇଥିଲେ ।

ଏହା ସ୍ମରଣୀୟ ନାହିଁକି, ଚୈନିକ ସଂଘର ବୈଦେଶିକ ପ୍ରାଚୀନ ଭାରତର ଅମୂଲ୍ୟ ଶାସ୍ତ୍ରମାନ ଆର୍ଯ୍ୟମାନଙ୍କଠାରୁ କଳ କୌଶଳରେ ଶିକ୍ଷା କରି ଧନ୍ୟ ହୋଇଅଛନ୍ତି ।

ପଣ୍ଡିତପ୍ରବର ଫଇଜୀକୃତ ପାରସ୍ୟ ଭାଷାରେ ଅନୂଦିତ ମହାଭାରତର ଭୂମିକାରେ ଲିଖିତ ଅଛି ଯେ ଦିନେ ଉଦାରହୃଦୟ ମୋଗଲସମ୍ରାଟ ବିଦ୍ୱନ୍ମଣ୍ଡଳୀପରିବୃତ ହୋଇ ସଭା ମଧ୍ୟରେ ତାହାଙ୍କର ସଭାସଦ ଅବୁଲ ଫଜଲଙ୍କୁ ସମ୍ବୋଧନ କରି କହିଲେ "ହିନ୍ଦୁ ଓ ମୁସଲମାନ ଧର୍ମରେ କିଛି ସାମଞ୍ଜସ୍ୟ ଅଛି କି ନାହିଁ, ତୁମ୍ଭଙ୍କୁ ଏହା ନିରୂପଣ କରିବାକୁ ହେବ । ଅତଏବ ତୁମ୍ଭେ ହିନ୍ଦୁମାନଙ୍କର ସମସ୍ତ ଶାସ୍ତ୍ର ପାରସ୍ୟ ଭାଷାରେ ଅନୁବାଦ କର ।" ଅବୁଲ ଫଜଲ କହିଲେ "ମୁଁ ଏଥିରେ ସମ୍ପୂର୍ଣ୍ଣରୂପେ କୃତକାର୍ଯ୍ୟ ହୋଇ ପାରିବ ନାହିଁ, ମୋହର ଭ୍ରାତା ଫଇଜୀ ଜଣେ ବିଦ୍ୱାନ୍ ଲୋକ, ଏଥିରେ ତାଙ୍କର ବିଶେଷ ସ୍ପୃହା ଅଛି । ତାଙ୍କର ସଂସ୍କୃତ ଜ୍ଞାନ ନ ଥିଲେ ଧ୍ରୁବ ସେ ଏହା ସ୍ୱଳ୍ପ ଦିବସରେ ଆୟତ୍ତ କରି ପାରିବେ ।"

ଫଇଜୀ ଅତି ସୁଚତୁର ଥିଲେ । ସେ ସମ୍ରାଟଙ୍କ ଆଜ୍ଞା ଗ୍ରହଣ କରି ସଂସ୍କୃତ ବିଦ୍ୟାଧ୍ୟୟନ ଉଦ୍ଦେଶ୍ୟରେ ଦ୍ରାବିଡ଼ ନଗରକୁ ଗମନ କଲେ । ସେଠାରେ ସେ ଏକ ଚତୁଷ୍ପାଠୀରେ ପ୍ରବେଶ କଲେ । ତାହାଙ୍କର ସୌମ୍ୟମୂର୍ତ୍ତି ଦର୍ଶନ କରି ଅଧ୍ୟାପକ ମହାଶୟ ସାତିଶୟ ପରିତୁଷ୍ଟ ହୋଇ ଥିଲେ । ଫଇଜୀଙ୍କ ପରି ମେଧାବୀ ଛାତ୍ର ଅତି ବିରଳ । ସେ ଅଳ୍ପଦିନରେ ଶାସ୍ତ୍ରସମୂହ ମନ୍ଥନ କରି ଗୁରୁଙ୍କୁ ସନ୍ତୁଷ୍ଟ କରିଥିଲେ ।

ପୂର୍ବକାଳରେ ବିଦ୍ୟା ପାଠ ସମାପନାନ୍ତେ ଗୁରୁଙ୍କୁ ଅଭିଳଷିତ ଦକ୍ଷିଣା ଦାନ କରିବାର ପ୍ରଥା ପ୍ରଚଳିତ ଥିଲା । ଫଇଜୀ କହିଲେ "ଗୁରୁଦେବ ! ମୋହର କର୍ତ୍ତବ୍ୟ ସମାପ୍ତ ହୋଇଅଛି । କି ଦକ୍ଷିଣା ଦାନ କରିବି, ଆଜ୍ଞା କରନ୍ତୁ ।"

ଗୁରୁ ସହାସ୍ୟବଦନରେ କହିଲେ "ତୁମ୍ଭେ ମୋହର ପ୍ରିୟତମ ଶିଷ୍ୟ, ମୁଁ ତୁମ୍ଭଠାରୁ କିଛି ଦକ୍ଷିଣା ଗ୍ରହଣ କରିବି ନାହିଁ, ମୁଁ ତୁମ୍ଭଙ୍କୁ ମୋହର ଏକମାତ୍ର କନ୍ୟା ଦାନ କରିବାକୁ ଇଚ୍ଛୁକ, ତୁମ୍ଭେ ଏଥିରେ ଦ୍ୱିଧା ନ କରି ସମ୍ମତ ହେବ ।"

ପ୍ରସ୍ତାବ ହେବା କଥା ତେଣିକି ଥାଉ, ଫଇଜୀଙ୍କର ମୁଖ ବିବର୍ଣ୍ଣ ହେଲା, ତାଙ୍କର ବାକ୍ୟରୋଧ ହେଲା, ବାଷ୍ପାକୁଳିତନୟନରେ ସେ କହିଲେ "ଗୁରୋ ! ମୁଁ ମହାପାପୀ, ମୁଁ ଆପଣଙ୍କୁ ପ୍ରତାରଣା କରିଅଛି, ମୁଁ ଯବନ, ବ୍ରାହ୍ମଣ ବେଶ ଧାରଣ କରି ଶାସ୍ତ୍ରଜ୍ଞାନ ଲାଭ ନିମନ୍ତେ ଏଠାକୁ ଆସିଥିଲି ।"

ଏହା ଶୁଣି ଗୁରୁ ସାତିଶୟ କ୍ରୁଦ୍ଧ ହୋଇ ତାଙ୍କର ଶିରଶ୍ଛେଦନରେ ପ୍ରବୃତ୍ତ ହୋଇଥିଲେ । କିନ୍ତୁ ପରକ୍ଷଣରେ ଶାନ୍ତ ହୋଇ କହିଲେ, "ପଠନାବସ୍ଥାରେ ମୁଁ ତୁମ୍ଭଙ୍କୁ ଅତ୍ୟନ୍ତ ସ୍ନେହ କରୁଥିଲି, ଯାଅ, ଏ ସ୍ଥାନ ପରିତ୍ୟାଗ କରି ଯାଅ, ତୁମ୍ଭେ ଯବନ ହୋଇ ପ୍ରତାରଣାପୂର୍ବକ ମୋଠାରୁ ବେଦାଧ୍ୟୟନ କଲ, ଏଥିପାଇଁ ମୁଁ ଅତ୍ୟନ୍ତ କ୍ଷୁବ୍ଧ ହେଲି ।"

ଏହି କ୍ଷୁଦ୍ର ବିବରଣ ପାଠ କରି ଭାରତର ବୈଚିତ୍ର୍ୟମୟ ପ୍ରାଚୀନ ଇତିହାସର ଅର୍ଥପ୍ରଭା ପ୍ରତି ଯଦି କୌଣସି ପାଠକର ଦୃଷ୍ଟି ଆକୃଷ୍ଟ ହୁଏ, ତାହା ହେଲେ ମୁଁ ମୋହର ସମସ୍ତ ଶ୍ରମ ସଫଳ ଜ୍ଞାନ କରିବି ।

ଶ୍ରୀ ଚନ୍ଦ୍ରଶେଖର ନନ୍ଦ ।

ଶୂଦ୍ରମୁନି ସାରଳାଦାସ ।

(ମହାଭାରତ-ରଚୟିତା)

ଓଡ଼ିଶାର ପ୍ରାଚୀନ କବିମାନଙ୍କ ମଧ୍ୟରେ ଶୂଦ୍ରମୁନି ସାରଳାଦାସ ସର୍ବପ୍ରଥମ କବି । ଏହାଙ୍କ ପୂର୍ବେ କୌଣସି କୌଣସି କବି ଥାଇ ପାରନ୍ତି, ମାତ୍ର ସେମାନଙ୍କ ମଧ୍ୟରୁ କେହି ମହାଭାରତ ପରି ବିରାଟ ଗ୍ରନ୍ଥ ରଚନା କରିଥିଲା ପରି ବୋଧ ହୁଏ ନାହିଁ । ସାରଳାଦାସ ଝଙ୍କଡ଼ ପରଗଣାସ୍ଥ ସାରଳା ଦେବୀଙ୍କ ପୀଠ ନିକଟ କୌଣସି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସାରଳା ଦେବୀଙ୍କଠାରେ ଏହାଙ୍କର ପ୍ରଗାଢ଼ ଭକ୍ତି ଓ ବିଶ୍ୱାସ ଥିବାରୁ 'ସାରଳାଦାସ' ନାମ ଧାରଣ କରିଥିଲେ । "ସାରଳା ଚଣ୍ଡୀ ନାମ ଅଟଇ ସେହି ଦେବୀ । ତାହାର ଦାସ ମୁଁ ଯେ ସାରଳାଦାସ କବି ।" (ଆଦିପର୍ବ) । କେହି କେହି ଅନୁମାନ କରନ୍ତି କେବଳ 'ମୁନି' କହିଲେ ଆତ୍ମପ୍ରୌଢ଼ି ସୂଚିତ ହେବ, ଏହି ଭୟରେ 'ଶୂଦ୍ର' ଶବ୍ଦ ଆଗରେ ଲଗାଇ କବି ସୌଜନ୍ୟର ପରାକାଷ୍ଠା ଦେଖାଇଅଛନ୍ତି । କବି ମଧ୍ୟ କହିଅଛନ୍ତି :—

"ସ୍ୱରୂପ ବିକାଶଇ ବ୍ରହ୍ମମୁନି ଶୂଦ୍ରରେ,
ସିଦ୍ଧ ଯୋଗୀଙ୍କ ଆଜ୍ଞା ହୋଇଲା ମୋହରେ ।"

× × × ×

ତୋ ଆଜ୍ଞାରେ ଗୋ ମୁଁ ବହିଲି ଶୂଦ୍ର ନାମ,
ଏ କଥା ଅନ୍ତର ଗୋଚର କର ମଭ୍ରେମ ।"

(ଆଦିପର୍ବ)

କିନ୍ତୁ ପ୍ରକୃତ କଥା ଏହି, କବି ବର୍ଣ୍ଣରେ ଶୂଦ୍ର ଓ ଜାତିରେ ମୁନି । (ଏ ପ୍ରଦେଶରେ ମୁନି ବୋଲି ଏକ ଜାତି ଅଛନ୍ତି, ଓଡ଼ିଶାରେ ମଧ୍ୟ ଥିବାର ସମ୍ଭାବନା । ସଢ଼ିଲମାନଙ୍କ ପରି ଠାକୁରାଣୀ ସେବା ଏମାନଙ୍କର ପ୍ରଧାନ ବୃତ୍ତି ।) ସଂସ୍କୃତ ମହାଭାରତରଚୟିତା ବ୍ରହ୍ମମୁନି ଥିଲେ ବୋଲି ପ୍ରାକୃତ ମହାଭାରତରଚୟିତା ଆପଣାର ଟେକ ରଖିବା ନିମନ୍ତେ ବର୍ଣ୍ଣର ନାମ ଓ ଜାତିର ନାମ ଏକତ୍ର କରି "ଶୂଦ୍ରମୁନି" ଉପାଧି ଧାରଣ କରିଥିଲେ । କବିଙ୍କର ଆତ୍ମଗୌରବର ସ୍ପୃହା ବଳବତୀ ଥିବାର ତାହାଙ୍କ ଗ୍ରନ୍ଥରେ ସ୍ଥାନେ ସ୍ଥାନେ ଦେଖାଯିବ । କବି ସ୍ୱର୍ଗାରୋହଣ ପର୍ବରେ ଲେଖି ଅଛନ୍ତି :—

"ପ୍ରଥମ ଜନ୍ମରେ ମୁହିଁ ହେଲି କାଳିଦାସ,
ଦ୍ୱିତୀୟ ଜନ୍ମରେ ମୁହିଁ ମହାକାଳଧ୍ୱଂସ ।
ତୃତୀୟ ଜନ୍ମରେ ମୁଁ ସାରଳାଦାସ କବି,
ଆଉ ଜନ୍ମେ ମୁହିଁ ମର୍ତ୍ତ୍ୟମଣ୍ଡଳେ ଜନ୍ମିବି ।
ପ୍ରତି ଜନ୍ମେ ମୁହିଁ ପନର ଲକ୍ଷ କଥା ଭାବି,
ଚାରି ଜନ୍ମେ ଷାଠିଏ ଲକ୍ଷ କଥା ମୁଁ କହିବି ।
ନିଜ କଥା କହି ସାରି ଏ ମର୍ତ୍ତ୍ୟମଣ୍ଡଳ,
ଶେଷେ ଯାଇଁ ହୋଇବି ମୁଁ ଶିବଦ୍ୱାରପାଳ ।"

ଗୁରୁପଣିଆ ପୁସ୍ତକ ଖଣ୍ଡେ ଖଣ୍ଡେ ଲେଖି ଲୋକେ କବି, ମହାକବି ହୋଇଯାଉଥିବାଠାରେ, ଯେ ଅଠର ଖଣ୍ଡ ଭାରତର ପଦ୍ୟାନୁବାଦ କରିଅଛନ୍ତି, ସେ ଆପଣାକୁ 'କାଳିଦାସ' 'ଶୂଦ୍ରମୁନି' କାହିଁକି, 'ବ୍ରହ୍ମମୁନି' କହିଲେ ମଧ୍ୟ କି ଦୋଷ ?

ଓଡ଼ିଶାର ରାଜା କପିଳେନ୍ଦ୍ର ଦେବଙ୍କ ରାଜତ୍ୱ ସମୟରେ ସାରଳାଦାସ ମହାଭାରତ ରଚନା କରିଥିଲେ । ସେ ଆଦିପର୍ବରେ ନୀଳାଚଳ ବର୍ଣ୍ଣନା କରି କହିଅଛନ୍ତି—"ପ୍ରଣପତ୍ୟେ ଖଟଇ କପିଳେଶ୍ୱର ମହାରାଜା । ଛତିଶ କୋଟି ଚରଣେ ଯାର ପ୍ରଜା ।" କପିଳେନ୍ଦ୍ରଦେବ ଖ୍ରୀ ୧୪୫୨ ଠାରୁ ୧୪୭୯ ପର୍ଯ୍ୟନ୍ତ ରାଜତ୍ୱ କରିଥିବାର ହଣ୍ଟର ସାହେବ ଲେଖିଅଛନ୍ତି । ଅର୍ଥାତ୍ ସାରଳାଦାସ ପଞ୍ଚଦଶ ଶତାବ୍ଦୀର କବି ଥିଲେ । ସେ କେଉଁ ସମ୍ବତ୍ସରରେ ଜନ୍ମଗ୍ରହଣ କରିଥିଲେ, ନିର୍ଦ୍ଧାରଣ କରିବା ଦୁଃସାଧ୍ୟ । ମାତ୍ର ଅତ୍ୟଳ୍ପ ବୟସରେ ମହାଭାରତ ରଚନା କରିଥିବାର ସେ

ଜନେକ କହୁଅଛନ୍ତି :—

"ଲୁଗାନେ ବୋଲି ନ ବସିଲ ବିପ୍ରଯୋଗୀ,
ଘଣ୍ଟୁକି ମୋହର ବୟସ ଅଳପହିଁ ।"
[ମଧ୍ୟପର୍ବ]

"ମୁହିଁ ପଣ୍ଡିତ ମୁଁ ଯେ ସଭାରେ ମୂର୍ଖଜନ" (ଆଦିପର୍ବ), "ନ ପଢ଼ିଲି ଅକ୍ଷର ମୁଁ ନୁହେଁ ଶାସ୍ତ୍ର-ଯୋଗା" (ମଧ୍ୟପର୍ବ), ବୋଲି ଯେବେ ଲେଖିଥିଲେ ମଧ୍ୟ ତାହାଙ୍କ ଗ୍ରନ୍ଥ ପଢ଼ିଲେ ସ୍ପଷ୍ଟ ବୋଧ ହୁଏ ଅବଶ୍ୟ ତାହାଙ୍କର ସଂସ୍କୃତ ପଢ଼ା ଥିଲା । ନୋହିଲେ କି 'ଦାସକୃତ ଅପରାଧ'; 'ପର୍ବତ ଦେହ ପର୍ବତ ଦେଖି'; 'ସଭାସ୍ଥିତ ବୃଦ୍ଧଜନ'; 'ତର୍ପଣବାରେ ଯେ କର୍ମମାନ ପୂଜିବା'; 'ଉପାସୀ ବ୍ରାହ୍ମଣ'; 'ଶତ୍ରୁମର୍ଦ୍ଦନ ବାନା'; 'ବଦନ ଅଗ୍ନି'; 'ଦ୍ରୋଣଦେହ'; 'ବସ୍ତ୍ରତନ୍ତ୍ର ଶୋଧନ'; 'ନ ର ସ୍ତ୍ରୀ ନ ର ପୁଂସ'; 'ବରନେ ଦନ୍ଦ୍ର'; 'ମନ୍ମଥଦେ'; 'ଯବନରୁଦ୍ଧିରବସ୍ତ୍ର'; 'ଅସ୍ତ୍ରି' ଇତ୍ୟାଦି ସଂସ୍କୃତାନଭିଜ୍ଞ ଲୋକର ମୁଖରୁ ବାହାର ପାରିବ ? ବେଶି ନୋହୁ, କିଛି ହେଲେ ସଂସ୍କୃତ ଜାଣି ନ ଥିଲେ ଖଣ୍ଡେ ନାହିଁ ଦୁଇ ଖଣ୍ଡ ନାହିଁ, ଅଠର ଖଣ୍ଡ ଭାରତର ପଦ୍ୟାନୁବାଦ କରି ପାରନ୍ତେ ? ନିଜର ଅକିଞ୍ଚନତା ଦେଖାଇବା ସକାଶେ କବିମାନେ 'ମୁଁ ମୂର୍ଖ, ହୀନ, ଗ୍ଲାନି, ଅଜ୍ଞାନ, ଅପଣ୍ଡିତ' ବୋଲି ଲେଖିଥାନ୍ତି ।—

"ବିପ୍ରକୁଳେ ହୋଇ ଅତି ଅସଜ୍ଜନ,
ଛାଡ଼ି ଦେଲି ଦେବବ୍ରାହ୍ମଣଭଜନ ।
ସାଧୁ ସଙ୍ଗେ ଶାସ୍ତ୍ର କିଛି ନ ପଢ଼ିଲି,
ମୂର୍ଖପଣେ ଭାରତ ଗୀତ ଆରମ୍ଭିଲି ।"
(ଜ୍ଞାନସିଂହ)

"ମୁହିଁ ବଳରାମ ଦାସ ଅଟଇ ଅଜ୍ଞାନ,
ଏଥିର ଦୋଷ ମୋର ନ ଧର ସୁଜ୍ଞଜନ ।"
[ବଳରାମ ଦାସ]

"ଜନମରୁ ମୋର ପୁରାଣ ଶୁଣା ନାହିଁ,
ପଢ଼ିବା ଜ୍ଞାନ ମୋର ଦେବ ଅବା କାହିଁ ।
ସାଧୁସଙ୍ଗ କରୁଣ ଭାଲୁ ନ ଜାଣିଲି,
ଅସାଧୁଜନ ସଙ୍ଗେ ନରକେ ରହିଲି ।"
[ସୂର୍ଯ୍ୟମଣି ଚମ୍ପୂବିତ୍ତନାମୃତ]

କାହିଁ ନିଜ ତାଷା ନିର୍ବାଚନ ପ୍ରକୃତି ଶାରଳା-ଦାସଙ୍କର ଥିଲେ ମଧ୍ୟ ସେ ସ୍ଥାନବିଶେଷରେ ଅଳଙ୍କାର ନିୟମାନୁସାରେ ସେ ଶ୍ଳୋକମାନଙ୍କର ପଦ୍ୟାନୁବାଦ ଦେଇଅଛନ୍ତି ।

ଶାରଳାଦାସ ଜ୍ୟୋତିଷ ଶାସ୍ତ୍ର ମଧ୍ୟ ଜାଣିଥିଲେ ଓ ଉଦ୍ଧୃତରେ ତାହାଙ୍କର ଗଭୀର ବିଶ୍ୱାସ ଥିବାର ଅନୁମିତ ହୁଏ । ସେ କୌଣସି ପର୍ବ ଲେଖନ୍ତୁ, ବାର, ତିଥି, ନକ୍ଷତ୍ର, କରଣ, ଲଗ୍ନ ସମାନ ଥିଲେ ତାଙ୍କର କୌଣସି ବିଷୟ ବା ଘଟଣା ଆରମ୍ଭ କରିବାର ବିରଳ ଦେଖାଯାଏ :—

"ମେଷମାସ ଶୁକ୍ଳପକ୍ଷ ନବମୀର ଯୋଗ
ଅନନ୍ତର ଦଶମୀ ହୋଇଲା ପରବେଶ ।
ଶନିବାର ବେଳ ହୋଇଅଛି ନୈଋତ,
ଏଉତ୍ତାରେ ବୃହସ୍ପତିଙ୍କ ବେଳ ପତ୍ତ ।
ବାଳବ ନାମ କରଣ ଅଟେ ଯୋଗନୀନା,
ମୀନଲଗ୍ନେ ପାପଗ୍ରହ କିଛି ନାହିଁ ମେଳା ।
ଶୁଭବେଳ ଅଟଇ ସମସ୍ତେ ଯିବାପାଇଁ,
ଅମୃତବେଳେ ବନେ ଯୁଧିଷ୍ଠି ଜରସାଇଁ ।"
(ଆଦିପର୍ବ)

"ମକରର ଶୁକ୍ଳପକ୍ଷ ଏକାଦଶୀ ତିଥି,
ପଣ୍ଡିତ ଗାଙ୍ଗେଯ ମଘା ନକ୍ଷତ୍ର ଯୁକତି ।
ଦ୍ରୌପଦୀ ଶୁଭ ସମ୍ମାନ କଲେ ସେ ଦିବସ,
ବନ୍ଦାପନା କରୁଥିଲେ ଆଉ ଧର୍ମଶିଷ୍ୟ ।"
(ମଧ୍ୟପର୍ବ)

"ମିଥୁନର ପଞ୍ଚମୀ ସେ ଦିନ ଗୁରୁବାର,
ଶ୍ରବଣା ଯେ ନକ୍ଷତ୍ର ଅଟଇ ସେ ଦିନର ।
ଗର ନାମେ କରଣ ଯେ ଶୁଭ ନାମେ ଯୋଗ,
ସେହି ଦିନ ସ୍ୱାମୀର ସଞ୍ଚିତ ପ୍ରଭୁ ସ୍ୱର୍ଗ ।"
(ମୁଷଳୀପର୍ବ)

ଶାରଳାଦାସ ମହାଭାରତ ମୂଳ ସଂସ୍କୃତାନୁଯାୟୀ ନୁହେ । ଏଥିରେ ଅନେକ ମୂଳ ବିଷୟ ପରିବର୍ଜିତ ଏବଂ ଅନେକ କଳ୍ପିତ ବିଷୟ ସଂଯୋଜିତ ହୋଇଅଛି । କବି ମଧ୍ୟ ଏହା ସ୍ୱୀକାର କରିଅଛନ୍ତି :—

"ଅଗାଧ ସାଗର ଏହି ଶ୍ରୀ ମହାଭାରତ,
ସଦ୍ୟ ମଧ୍ୟେ କହିଲେ ହେବ ଅପ୍ରମିତ ।
ଏସନ ବଚନ ଠିକ ଠିକ ଯେ କହିବ,
ମୋ ହୃଦେ ମାଳା ପରମ ମାଦେବଙ୍କ ଦେଖା ।"

(ଆଦିପର୍ବ)

ଶାରଳାଦାସଙ୍କ ଭାଷା ଅତି ସରଳ ଓ ମଧୁର; ବର୍ଣ୍ଣନା ସ୍ୱାଭାବିକ, ଅଳଙ୍କାରଶୂନ୍ୟ ଅଥଚ ଭାବପୂର୍ଣ୍ଣ । ଲିଖିତ ଅଂଶରେ ଦ୍ରୌପଦୀଙ୍କ ବର୍ଣ୍ଣନା ଦେଖନ୍ତୁ—

"ସଭାରେ ଥାଇ ବୋଇଲା କାଳଦମନ,
କନ୍ୟାର ଶରୀର ତ ଅଳଙ୍କାରହୀନ ।
ଦୁର୍ଯ୍ୟୋଧନ ବୋଇଲା ନୋହିଲ କି ବାପ୍ରୀ,
ଶରୀରକୁ ଭାର ବୋଲି ଅଳଙ୍କାର ନ ବହି ।"

* * * *

"ଗନ୍ଧାନ୍ତ୍ରେ ସବୁର ଶରୀର ଜିବ ଫାଟି,
ସଂସାର ନୟନ୍ତ୍ରେ ତାହାକୁ କଲା ଦୃଷ୍ଟି ।
କେଶ୍ଚିତ କରି ଯେବେ ଚାହିଁବ ସଭାକୁ,
ଅନେକ ହତ୍ୟାଦୋଷ ଲାଗିବ ତାହାଙ୍କୁ ।
ସ୍ତ୍ରୀ ସୁଲକ୍ଷଣୀ ସେ ଅଟଇ ସୁଜ୍ଞାନୀ,
ପାଦକୁ ଉପ୍ର କରି ନ ଚାହିଁଲା ମାନିନୀ ।"

* * * *

"ଏହା ନାସାକୁ ବାହାର ଯେବଣ ପବନ,
ନବ ସାହାସ୍ରାରେ ଲାଗିଲେ ହେବ ଚେତନ ।
ତାମ୍ବୂଳ ଚର୍ବିଲେ ଅଧର ରଙ୍ଗ ଅତ୍ୟନ୍ତ,
ବାଳ ଆଦିତ୍ୟ ଜ୍ୟୋତିକି ଜିଣଇ ସତ୍ତ ।
ବିମ୍ବଫଳ ପଟାନ୍ତର ନୁହେ ବୃକ୍ଷକାଳେ,
ତେଣୁ ଲଜ୍ଜାଭରେ ଝଡ଼ି ପଡ଼ଇ ଭୂତଳେ ।"

※ ※ ※

"ଚାନ୍ଦ ଚାମୁଡ଼ା କିଣଇ ତୋର ନଖରେଖ,
ପଟାନ୍ତର ଯୋଗୁଁ ବିନ୍ଧୁଅଛି ତାର ଶିଶ ।"

* * * *

"ଯେସନେକେ ଜଳରେ ଶୋଭଇ ହଂସପନ୍ତି,
ସ୍ଥଳନ୍ତ୍ରେ ସୁନ୍ଦରୀର ତେସନ ପାଦଗତି ।"

※ ※ ※

ଅର୍ଜ୍ଜୁନଙ୍କର ପ୍ରତିଜ୍ଞା ମଧ୍ୟ ଦେଖନ୍ତୁ—

"ସଭାମଧ୍ୟର ଶାପ ଯେ ନ ପାଇ ଖଣ୍ଡନ,
ଅର୍ଜ୍ଜୁନ ବୋଇଲେ ଦେଖ ହୋ ମୋର ବୋଲ ଶୁଣ ।
ଯେବେ ଦ୍ରୁପଦ ମୋତେ କନ୍ୟକେ ସାନ୍ତା ଏହା,
ଏହା ହନୁମନ୍ତ ଆଗେ ବିଧ୍ୱଂସିଲା ଲଙ୍କା ।
ଏହା ମନ୍ଦରକେ ମହୋଦଧି ହେଲା ମନ୍ଥି,
ନଦୀପ ବଳ ମନ୍ଥିଲେ ନାରାୟଣ ମୂର୍ତ୍ତି ।
ବିନତାନନ୍ଦନ ଗରୁଡ଼ ଅଟଇ ଏହା,
ବିଧ୍ୱଂସିଲେ ନାଗବଳ ଦାରୁଣ ନଖଙ୍କା ।
ଇକ୍ଷ୍ୱାକୁ ବଂଶରେ କୁମାର ଭଗୀରଥ,
ଆକାଶୁ ଗଙ୍ଗାପାଣି ବୁହାଇଲା ପୃଥ୍ୱୀତ ।
ଏହା ନାଗରଜା ସେ ତୋ ଅଟଇ ଅନନ୍ତ,
ଫେଣାରେ ଧରିଛି ନବଦ୍ୱୀପ ସିନ୍ଧୁ ସାତ ।
ଏହା ପର୍ଶୁରାମ ବୀର କଲେ ଖତ୍ରି ବୃତ୍ତି,
ଏକୋଇଶ ବାର ପୃଥ୍ୱୀ କଲେକ ନିଃକ୍ଷତ୍ରି ।
ଆମ୍ଭର ଉପର ବଂଶେ ନୃପତି ଯଯାତି,
କ୍ଷଣକରେ ଡିଆଇଲା ନବଖଣ୍ଡ ପୃଥ୍ୱୀ ।
ଏହା ଅଗସ୍ତି ଋଷି ଯେ ବାଳଲୀଳା ଖେଳେ,
ସପତ ସମୁଦ୍ରକୁ ଚୁଳୁକରେ ଶୋଷିଲେ ।
ତୁହି ମୋତେ ସଂସାରୁଣୀ ନ ବୋଲ ଯେ ଏହା
କ୍ଷୀର ସମୁଦ୍ର କାହିଁ କାଟି ଦେଇ ଯୋଡ଼ା ।"

* * * *

ଏତେକ ନୁହେ; କବି ଯେଉଁ ଯେଉଁ ସ୍ଥଳରେ ଆପଣାର କଳ୍ପନାଶକ୍ତି ସ୍ୱାଧୀନ ଭାବରେ ପରିଚାଳିତ କରିଅଛନ୍ତି, ସେହି ସେହି ସ୍ଥାନରେ ବର୍ଣ୍ଣିତ ବିଷୟ ପ୍ରାୟ ସବୁ ଅତ୍ୟନ୍ତ ସୁଶ୍ରାବ୍ୟ ଓ ମନୋହର ।

ଶାରଳାଦାସ ଭାରତରେ କେତେଗୁଡ଼ାଏ ଅପ୍ରଚଳିତ ଶବ୍ଦ ବ୍ୟବହୃତ ହେବାର ଦେଖାଯାଏ, ଯଥାଃ—ମୂଳୁ (ମଢେ), ତୁଳୁ (ତଢେ), ପୁତ୍ରନ୍ତ (ପୁତ୍ରମାନଙ୍କୁ), ସବୁନ୍ତ (ସମସ୍ତଙ୍କୁ), ତାହାନ୍ତ (ସେମାନଙ୍କୁ), ପୁତ୍ରକର (ପୁତ୍ରଙ୍କୁ), ହୁଅସି (ହୁଅ), ପ୍ରୋହିତ, ବୋଲନ୍ତା, ଅରଜିଲା ଅଛଇ, ଏହା ଛନ୍ତୁଁ (ଏହାଙ୍କୁ), କିଣିନାକୁ (କିଣିବାକୁ), ଏକୁ

(ଏମାନ୍ତ୍ର [illegible] ଦେ, [illegible] [illegible] [illegible] ଅକ୍ଷର [illegible]
(ଲୀଳାବତୀ [illegible]), [illegible], [illegible], [illegible] [illegible]
([illegible]), [illegible] [illegible] ନାହିଁ, ଅମୃତ
[illegible] ନାହିଁ, [illegible]।

ଶାରଳାଦାସଙ୍କ 'ଚଣ୍ଡିକା' [illegible] ରେ କୌଣସି [illegible] ନିୟମ ଲକ୍ଷିତ ହୁଏ ନାହିଁ। କେବଳ ୧୨ ଅକ୍ଷରରୁ ୨୪ ଅକ୍ଷର ପର୍ଯ୍ୟନ୍ତ ରହିଅଛନ୍ତି, ଯଥା:—

ଜମ୍ବୁ ଦେବାନନ ଦେବଗଣ (୧୨)
ଦର୍ଶନେ ସଫଳ ପ୍ରସନ୍ନେ ସିଦ୍ଧ କାର୍ଯ୍ୟ। (୧୩)
ତମ୍ବୁ ତ୍ରୀୟ ଭୁବନେଶ୍ୱରୀ ତ୍ରିଲୋକ୍ୟ ଶ୍ରୀଗାନେ (୨୫)
ଚନ୍ଦ୍ରଭାଗା ନଦୀତଟେ ଦତ୍ୟସ୍ଥାନେ। (୧୨)
ପର୍ଣ୍ଣନ୍ୟ ପାଟଣା ଝଙ୍କାର କଟ୍ର (୨୩)
ଜଳପୁଣ ମଣ୍ଡଳର ବଣେଶ୍ୱର ଶ୍ରେଣୀ। (୧୬)
ସକଳଜନତାରଣୀ ଶାରଳାଚଣ୍ଡୀ ନାମ (୧୫)
ଚୌରାଅଶୀ ସିଦ୍ଧବାସୀ ସୋଳଶ ଅଦ୍ଭୁତ। (୧୪)
ନବଶତ ବର୍ଷ ଭୁଞ୍ଜିଲ ଯେ ଯୁଗ ପାଦ (୧୪)
ଏମାନ ଦେଲ ସେ ଶାନ୍ତ ଦଣ୍ଡତ୍ରିଣୟ
ହୋଇଲେ ପଙ୍କଜ ସନ୍ନାସୁପ। (୨୪)

କୌଣସି କୌଣସିଠାରେ ସମାନାକ୍ଷରବିଶିଷ୍ଟ ପଦ ମଧ୍ୟ ଦେଖାଯାଏ, ଯଥା:—

କୁଞ୍ଚିତ କବରୀ ଗଳ ସୁସଜ୍ଜ ରୁଚିର (୧୪)
କୁମ୍ଭ ବିଶ୍ୱନେ ବଢ଼ିରନ୍ତ ମଧୁକର। (୧୪)
ଗଣ୍ଡାନେ ସକଳ ଶଙ୍କର ଶିବ ଫାଟି (୨୩)
ସଂସାର ଜମନେ ତରିଲୁ ନଳ ଦୃଷ୍ଟି। (୧୩)

କେହି କେହି ପଣ୍ଡିତ ପାରନ୍ତି ଶାରଳାଦାସଙ୍କ କବିତାରେ ଏପରି ବର୍ଣ୍ଣବ୍ୟତିକ୍ରମ କାହିଁକି ଦେଖାଯାଏ ଓ ସେ କେଉଁ ଆଦର୍ଶ ଧରି ଛନ୍ଦ ରଚନା କରିଥିଲେ ? ଏ ବିଷୟରେ କୌଣସି ନିଶ୍ଚିତ ପ୍ରମାଣ ମିଳି ନ ପାରେ। ମାତ୍ର ଅନୁସନ୍ଧାନ କରି ଦେଖିଲେ ଅନୁମାନ ହୁଏ, ଓଡ଼ିଆ ଛନ୍ଦମାନ ତାହାଙ୍କର ପ୍ରଧାନ ବା ଏକମାତ୍ର ଆଦର୍ଶ ଥିଲା। ଅନେକ ଓଡ଼ିଆ ଛନ୍ଦରେ [illegible] ଅକ୍ଷର [illegible] [illegible] [illegible] ନାହିଁ, ଯଥା:—

ଦାଣ୍ଡିଆ ମାଡ଼େ ଯାଏ,
କାଳ [illegible] [illegible]
[illegible]।
ଝିଲିକି ଗଲା,
ଟେକାଟେକି କଲେ ଓଡ଼ିଆକୁ ପାଇ।

[illegible] ଛନ୍ଦ [illegible] [illegible] ଜାତି,
ପାଦର [illegible] [illegible] ମରଣ [illegible]।
[illegible],
[illegible] [illegible] [illegible]
ପାଉଛନ୍ତି।

ଦୂର ମାଳପର ପଡ଼ିବା,
ଚଉଳି ଖାଇବୁ କି ପଖାଳ ଖାଇବୁ ଦିଅ
ଥାଉ ଥାଉ କହୁଥା।

କେତେଗୁଡ଼ିଏ ଛନ୍ଦ ସମାନାକ୍ଷରବିଶିଷ୍ଟ ଥିବାର ମଧ୍ୟ ଦେଖାଯାଏ, ଯଥା:—

ଦୁଗ୍ଧ ଖାଇ ମନେ କଲେ ପରେ ଥିବ ତାଇ,
କଲ୍ପ [illegible] ମନେ କଲେ ସଙ୍ଗେ ଥିବ ଭାଇ।
ପଲାଇ ପଶିଲ ମାଦ୍ରୀ ଘରେ,
ମାଦ୍ରୀ ମାରିଲା ଦୁଇପଦରେ।

ଏଥିରୁ ସବୁ କେହି କୌଣସି ରାଗ ବା ରାଗିଣୀରେ ବୋଲନ୍ତି ନାହିଁ। ଶାରଳାଦାସଙ୍କ ଭାରତ ଓ ବଳରାମ ଦାସଙ୍କ ରାମାୟଣ ମଧ୍ୟ— ପ୍ରାଚୀନ ସମୟରେ ପାଠକମାନେ ଶୁଣିଥିବେ— କୌଣସି ରାଗ ବା ରାଗିଣୀର କେହି ଗାନ୍ତି ନାହିଁ। ଯେଉଁ ଯାଗରେ ଭାରତ ରାମାୟଣ ଗାନ କରଯାଏ ତାହାକୁ "ବୋଲ" ବା "ପଢ଼ା" କହନ୍ତି। [illegible] [illegible] [illegible]। ଅନ୍ୟାନ୍ୟ [illegible] ମାନେ ମଧ୍ୟ [illegible] ଚୌପଦୀ ଲେଖିଥିବାର ଦେଖାଯାଏ। 'ତୀର [illegible] ଯାଏ ବାଟେ, ପାଣି [illegible] ଯାଏ ଘାଟେ, [illegible] [illegible] ଯାନ୍ତି [illegible] ସେ ସୂତା [illegible]

ଯାଏ ସ୍ୱାହେ ।' ଏହି ଭିନ୍ନ ଅନୁନାସ 'ଯମ
କେ' ସମାନ; ଯଥା—ଗାଲିଛିନ ରୋଗ ପ୍ରକାଶି,
ଶିରିରେ ଜମ୍ମନ୍ତି ଯିମି, ବାନବାସୀ କେ ସୀମନ୍ତ
ଅନେକ ଯୌବନ କଳା କ ଅଛି । [ଲାବଣ୍ୟବତୀ]
'ଲୁଟନ୍ତି ଯାନ ଭୂଟନ୍ତି ପାଣି, ବୋଲନ୍ତି ପକାଠ
ମାହାନ୍ତି ଅଣି ।' ଏହି ଭଳି ସ୍ୱର ବୈଚିତ୍ର୍ୟ
ସମାନ, ଯଥା—ଜନନଜନନ, କଳେବନନ, କରିକ-
ବାନୀଙ୍କ ମୃଦୁଚନନ । [ଶ୍ରୀକୃଷ୍ଣଲୀଳା]

ଶାରଳାଦାସ କେତେ ଭଲରେ ଲେଖିଛନ୍ତି ! ଏ ବିଷୟରେ ଶାଣ୍ଡିଲ୍ୟ ହସ୍ତଲିଖିତ ପୁସ୍ତକର ପ୍ରାରମ୍ଭରେ ଲେଖା ଅଛି ।—

କୈଳାସବାସୀ ଯେ (ଶାରଳାଦାସ) ରୂପରେ ଅବତାର,
ମୂର୍ଖ ହୋଇ ଜନ୍ମ ହେଲା ଶୂଦ୍ର ଘର ।
ହରଳାଗ୍ରାମ ଦେଶେ କୃଷି କରୁଥାଇ,
ଏକ ଦିନେ ଖେତେ ସେ ଟେକିଲା ଗୀତ ଗାଇ ।
ପଛରୁ ଶୁଣିଲା ଅମ୍ଭେ (ଶାରଳାଦେବୀ) ବୃଦ୍ଧା ସ୍ତ୍ରୀଙ୍କ ରୂପ,
କେଶୁ ତର ଗୀତ ପଦ ବଳନ୍ତ ସେ ଲୋପ ।
ହରେ ହଳ ବାଡ଼ ଯାଇଣ ଭୂମି ରହି,
ଶୁଣିହି ଛାମୁକ ଗୀତ ଗାଇଲା ପଦେ ହସି ।
ଅତି ବୃଦ୍ଧ ଅବସ୍ଥା ହୋଇଣ ଅମ୍ଭେ ଗଲୁଂ,
ସେ କୃଷିକାର ପାଶେ ପ୍ରବେଶ ହୋଇଲୁଂ ।
ଗୃଲକେ ଲଡ଼ିବଡ଼ି ଯେ ଚୂଡ଼ା ଖୋଲ ହତି,
ସେ ଭୂମିର ହୁଡ଼ା ନ ପାରିଲୁଂ ଉଠି ।
ଥରହର ହୋଇ ଭୂମିରେ ପଡ଼ିବା ବେଳେ,
କୃଷିକାର ଦେଖି ଧାଇଁଲା ହେଳେ ।
କେନ କରେ ମତେ ହୋଲାନ୍ତର କର,
ସ୍କନ୍ଧ ଦରୁ ନେଇ ବସାଇଲା ଘର ।
ଜାହିଁଭ ମାତା ତୁ ଗୋ କେଉଁବଣ ଦେଶ ଯାତ୍ର,
ଘରେ କେହି ନାହିଁ ଏହା ତ ଅଟଇ ବାର୍ତ୍ତ ।
ମୁଁ ବୋଇଲି ଅଛେ ବନ୍ଧୁବର୍ଗ ମୋର ନାହିଁ,
କେଣୁ ଏହା ହୋଇ ଅଛଇ ଏଠେଁ ମୁହିଁ ।
ଜଗତପୁର ଟୋପରେ ଅଟଇ ମୋର ବାପ,
କଣା ହୋଇ ପଡ଼ିଲି ନ ଜାଣି କେଉଁ ପାପ ।
ମୁଁ ଦେବୀ ନଳ ଗଙ୍ଗା ଯାଉ ନାହି ଦୟା,
ଆସୁଛ ଅନ୍ଧ ଲୋକ ଆପଣେ ବହିଁଥାଅ ।
ମୁହିଁ ଦୃଷ୍ଟିହୀନା ଯେ ଦେହରେ ଶକ୍ତି ନାହିଁ,
କଳ ଶବଦରେ ଜାଣିଲି ବାସ ଯେ ବଳଇ ।
ମୋ ନେଇ ଯାଇ ବଡ଼େ ଦୟ ହୋ କୃଷିକାର,
ଭ୍ରମରେ ଯିବି ମୁଁ ମୋର ପଞ୍ଚପୁର ।
ଶୁଣି ମହାକାଳ ମିଳ ସ୍ପୃତ ହୋଇ,
ନେଇ ନେଇ ଯେ କାନ୍ଧରେ ବସାଇଲା ।
ବୃଦ୍ଧ ଗଙ୍ଗାରେ ହୋଇଲା ପ୍ରବେଶ,
ଦେଖିଣ ତାହାର ଯେ ହିତର୍ଣ୍ଣ ସାହସ ।
ମନେ ହସିଲି ପ୍ରକାଶ କରିଲି ।
କେମନ୍ତ କରି ଏଥୁ ପାରିବ ଥାଇ କୂଳ ।
ଅମ୍ଭେ ବୋଇଲୁଁ ବାବୁ ରେ ବହନ ପାର କର,
ଭ୍ରମରେ ଯିବି ମୁଁ ନୋହିବ ଉକ୍ତିର ।
ଶୁଣି କର ଜଳରେ ପଶିଲା ଯାଇ,
ବାମ ହସ୍ତ ଉପରେ ମତେ ଯେ ବସାଇ ।
ଡାହାଣ କରେ ଯେ ଧରଇ ହଳବାଡ଼,
ସ୍ଥିର ସ୍ଥିର କରି ଚରଣ ଯେ ଥିତ ।
ଚରଣ ବୁଡ଼ି ଜାନୁ ବୁଡ଼ିଲା ତୋର ହତି,
କାଖ ଉପରୁ ପୁଣି ଅମ୍ଭଙ୍କୁ ଦେଲା ଟେକି ।
ସ୍କନ୍ଧ ଉପରେ ନେଇ ବସାଇଲା ଭୂରତେ,
ପୁଣି ସ୍କନ୍ଧକୁ ଜଳ ଟେକିଲା ଅପ୍ରମିତ ।

× × ×

ପୁଣି ମସ୍ତକରେ ଜଳ ସ୍କନ୍ଧକୁ ଲାଗିଲା,
ମସ୍ତକ ଉପରେ ବେଗେ ନେଇ ବସାଇଲା ।
ଅମ୍ଭେ ଜାଣିଲୁଁ ଭାର ହୃଦର ବେଦନା,
ବୋଇଲୁଁ ବାବୁ ଗୀତ ପଦେ ଗାଉ ନା ।
ବରଜେ କହିଲା ମା ଗୋ ମୂର୍ଖ ମୋର ମତ,
ବଣ୍ଟିବାର (?) ପଦ କେମନ୍ତେ କରିବ ଉକତ ।
ଅମ୍ଭେ ହସିଲୁଁ ରେ ହୋଇଲା ତୋର ଜ୍ଞାନ,
ଶ୍ରୀ ମହାଭାରତ ଏବେ କର ତୁ ଲେଖନ ।

× × ×

ଏହା ଶାରଳାଦେବୀ ବ୍ରାହ୍ମଣୀମାନଙ୍କୁ ଧରୁନେ

କହୁଥିଲେ କୌଣସି କେଉଁଠି ନାହିଁ । ପାଣ୍ଡୁଲିପି ଦେଖିଲେ ଶାରଳାଦାସଙ୍କ କୌଣସି ଲେଖା ହୁଏ ନାହିଁ । ପ୍ରାୟ ୮୨୦ ବର୍ଷ ତଳେ ଲେଖା ହୋଇଥିବା ପୁସ୍ତକ ଖଣ୍ଡ ମିଳିଯାଉଁ, ତାହଁରେ ମଧ୍ୟ ଏହା ନାହିଁ । ସମ୍ଭବତଃ କୌଣସି ପାଣ୍ଡୁଲିପି-ଖଣ୍ଡ ଏହା ପରେ ମିଶାଯାଇଅଛି । ଶାରଳାଦାସ ଲେଖିଥାନ୍ତୁ ବା ଅନ୍ୟ କେହି ମିଶାଇଥାନ୍ତୁ, ଏହାଦ୍ୱାରା ଶାରଳାଦାସଙ୍କ 'ଛନ୍ଦ' ଜ୍ଞାନ ପ୍ରମାଣିତ ନିର୍ଦ୍ଦିଷ୍ଟ ନିୟମ ପ୍ରମାଣିତ ହେଉଅଛି । 'ବିଲଙ୍କାରାମାୟଣ' ଶାରଳାଦାସଙ୍କର ଅନ୍ୟତମ ଗ୍ରନ୍ଥ । ଏଥିରେ ଦଣ୍ଡୀ ଛନ୍ଦ ନାହିଁ ବୋଲି ଏହାର ପାଠକ ଜାଣନ୍ତି । ଏହା ଆଜିର କଥା । ମୋ ଅନ୍ତ ... ଗୁଡ଼ିଏ ଲେଖିଅଛନ୍ତି ଜାଣିବାର ବାସନା ହେଲା ।

[illegible] ।

ନଦୀପଥେ ।

ନଦୀପଥରେ ଅନେକ ଥର ଯିବା ଆସିବା କରିଛି, କିନ୍ତୁ ଏ ବିଷୟରେ କିଛି ଲେଖିବା ବାଧ କେବେ ମନରେ ଜାଗି ନ ଥିଲା । ଏଥର ନା'ରେ ବସି ବସି 'ବସିବାଠାରୁ ଯାଇବା ଭଲ' ନୀତି ଅବଲମ୍ବନ କରି ଦୂର ଯାତ୍ରା ଲେଖିବାକୁ ମନ ବଳାଇଲି । ମନର ଅବସ୍ଥା ଭଲ ନ ଥିଲା, କାର୍ଯ୍ୟରେ ନିଯୁକ୍ତ ନ ରହିଲେ ମନ ବେଶି ବିଗିଡ଼ିବାର କଥା । ଅଫିସ ଓ ଘରେ ଶିଶୁପୁତ୍ରଟି ମୋ ସହିତ ଆସିବାକୁ ବାରମ୍ବାର ଅନୁରୋଧ କରୁଥିଲା । ଅନେକ ସମୟରେ ବାଧ୍ୟ ହୋଇ ସ୍ନେହ ମମତା ପ୍ରଭୃତି କୋମଳ ପ୍ରବୃତ୍ତିଗୁଡ଼ିକୁ ଜଳାଞ୍ଜଳି ଦେବାକୁ ହୁଏ । ନିଦ୍ରାଭଙ୍ଗରେ ଛାତି ପଥର କରି ଠିକ ଦେଢ ମାଇଲ ଆସିଲି, ମନ ମାନୁ ନ ଥାଏ, ପୁଣି ଥରେ ଆଖି ଫେରାଇ ଦେଖିବାକୁ ଇଚ୍ଛା ହେଉଥାଏ । କିନ୍ତୁ ମନକୁ ପ୍ରବୋଧ ଦେଲି, ଅଳ୍ପ ଆଗ ଦଣ୍ଡେ ଦେଖିଛୁ ଯିବା, କାଲି ତ ଆଉ ଦେଖିବୁ ନାହିଁ, ତେବେ ବୃଥା ଚଞ୍ଚଳ କାହିଁକି ହେଉଛୁ ? ସମସ୍ତ ସମୟରେ ମନ ହୁଏ ଯାଉଁରେ ନେଲେ ଛାଡ଼ କଣ, ପୁଣି ବାଟର ଅସୁବିଧା ଅଭାବ ଆପଦ ବିପଦ ମନେ ପଡ଼ିଲେ ଆଉ ମନ ହୁଏ ନାହିଁ । ଏହିପରି 'ନା ଏ କୂଳ ନା ସେ କୂଳ' ଅବସ୍ଥାରେ କରୁଣାକର ସ୍ନେହ-ବନ୍ଧନ ଛିଣ୍ଡାଇ ଆତ୍ମୀୟ ସ୍ୱଜନ ଛାଡ଼ି ଏପରି କ ଏଥର ବନ୍ଧୁ ବାନ୍ଧବମାନଙ୍କ ସହିତ ଦେଖା ହେବା ନ କରି 'ଯାଉଛି ବଶ' ବାଟରେ ଲୋକମାନେ ଚାହିଁଲେ । "Parting has a pang hardest heart to wring." ନୌକା ଛାଡ଼ିଲା ତା ସଙ୍ଗେ ସଙ୍ଗେ ଶରୀର ଅଗ୍ରସର ହେଲା, କିନ୍ତୁ ମନ ଆତ୍ମୀୟ ସ୍ୱଜନଙ୍କ ପାଖରେ ପଡ଼ି ରହିଲା । ମହାକବି କାଳିଦାସଙ୍କ ଶ୍ଳୋକଟି ମନେ ପଡ଼ିଲା—

"ଗଚ୍ଛତି ପୁରଃ ଶରୀରଂ ଧାବତି ପଶ୍ଚାଦସଂସ୍ତୁତଂ
ଚେତଃ । ଚୀନାଂଶୁକମିବ କେତୋଃ ପ୍ରତିବାତଂ
ନୀୟମାନସ୍ୟ ।"

ମହାନଦୀର ପ୍ରାକୃତିକ ଦୃଶ୍ୟ ଅତି ମନୋହର । ଦୁଇ ପାର୍ଶ୍ୱରେ ଉଚ୍ଚ ନୀଚ ବିବିଧ ବର୍ଣ୍ଣର ବିବିଧ ଆକାରର ପାହାଡ଼ଶ୍ରେଣୀ, ନାନା ବୃକ୍ଷଲତାପୂର୍ଣ୍ଣ ଅରଣ୍ୟାନୀ, ଶ୍ୟାମଳ ଶସ୍ୟକ୍ଷେତ୍ର, ଆମ୍ରକାନନ, ଜନପଦ, ଦେବାଳୟ, ଦିଗନ୍ତବ୍ୟାପୀ ବାଲୁକା ପ୍ରାନ୍ତର, ନାନାପ୍ରକାର ଜଳଚର ସ୍ଥଳଚର ପକ୍ଷୀ ପ୍ରଭୃତି ଦୃଶ୍ୟବୈଚିତ୍ର୍ୟ ଏ ଶୋଭା-ସମ୍ପଦର ମୂଳ କାରଣ । ମହାନଦୀର ସନ୍ନିକଟକୁ କ୍ରମୋନ୍ନତ ପାହାଡ଼ଗୁଡ଼ିକ ଆକାଶ ସ୍ପର୍ଶ କରୁଅଛି । କେଉଁଠାରେ ପାହାଡ଼ ଉପରେ ପାହାଡ଼ ପାହାଡ଼ ପାହାଡ଼ ହୋଇ ଠିଆ ହୋଇ ରହିଛନ୍ତି । ପାହାଡ଼ ଓ ଜଳର ଏକତ୍ର ସମାବେଶ ଅତି ମନୋରମ । ଅଳ୍ପ ଉପରେ ଶସ୍ୟକ୍ଷେତ୍ରକୁ ବନ୍ୟ ପଶୁ

ଘରୀକି ଟ୍ରେନରୁ ଦେଖା ନୈସର୍ଗିକ ଦୃଶ୍ୟ-ମାନଙ୍କ ଭିତର ଦେଇ ଯାଇ ପାରନ୍ତି । ପ୍ରକୃତ ଭାବରେ ସେମାନଙ୍କର ଦୃଷ୍ଟି ସୌନ୍ଦର୍ଯ୍ୟ ନ ଘୁରିଲେ, ଏହାର ସମ୍ଭୋଗ ହୁଏ ନାହିଁ । ସେଥିରୁ ସୌନ୍ଦର୍ଯ୍ୟ ଯଥାର୍ଥ ଉପଲବ୍ଧି କରିବାପାଇଁ ଜଳଯାତ୍ରା ବହୁତ ଅବଶ୍ୟକ. ତେବେ ଏପରି ମନେ କରନ୍ତୁ ନାହିଁ ଯେ ସେମାନେ ଗୋଲମାଳ ଦେଖି ମୁଗ୍ଧ ନ ହେବେ । ଏପରି ସୁନ୍ଦର ସ୍ଥାନ ନାହିଁ, ଯେଉଁଠାରେ ବସି ହେଲେ ପ୍ରକୃତିର ସୌନ୍ଦର୍ଯ୍ୟର ଦର୍ଶନ ନାହିଁ ।

ଝେଲମଠାରୁ ଆରମ୍ଭ କରି କାଠୁଆ ପର୍ଯ୍ୟନ୍ତ ସବୁ ନୌକା; ତାହା ବୋଲି ମୋ ନୌକାକୁ ଚଳାଇ ବା ଷ୍ଟିମାର ମନେ କରିବେ ନାହିଁ । ନୌକାଗୁଡ଼ିକ ଦେଶୀ କମାଣ୍ଡାଡ଼ିଗଡ଼ା, ମୋଟ ମୋଟ କାଠାକୃତିରେ ଓ ଲୁହାଗୁଣା ମୋଟ ପଟାରେ ଥାଏ; ପାଣି ନ ପଶିବାପାଇଁ ଯୋଡ଼ ମୁହଁରେ ଲମ୍ବ ଛେଲି ଅସ୍ତ୍ରା ଦିଆ, କେବେହେଲେ ପାଣି ଲାଗିଥାଏ ନା । ପ୍ରଥମ ପ୍ରଥମ ମୋର ଧାରଣା ଥିଲା, ଜାର ପଚମାପଟାକୁ ଯୋଡ଼ି ହୋଇଛି ଓ ଖୋଖ ସଂଖ୍ୟା ଅନୁସାରେ ନାମକରଣ ହୁଏ; କିନ୍ତୁ ପ୍ରକୃତରେ ତାହା ନୁହେଁ; ଯେଉଁ ନା ଯେଉଁ ପାଦ ଓସାର, ସେ ନା ସେତେ ପୋଡ଼ିଆ, ସେ ପ୍ରାୟ ସେତେ କଣରେ ବଡ଼ । ଆଠ-ପୋଡ଼ିଆ ନା ସବୁଠାରୁ ବଡ଼, ଅଗ୍ରସର, ସୁବିଧା-ଜନକ; କିନ୍ତୁ ମନ୍ଥରଗାମୀ । ଏହା ଭିତରେ ଠିଆ ହେଲେ ମୁଣ୍ଡ ଛାତରେ ଲାଗିବ ନାହିଁ, ଗୋଟାଏ କଣରେ ସାତ ଆଠ ଜଣ ଅକ୍ଳେଶରେ ଶୋଇ ପାରିବେ ।

ପଞ୍ଜାବ ବା ସୁଦୂର ମହାନଦୀ ଭଳି ନେଳର ନେବେ ଘଟି ନାହିଁ, ହେମ ପ୍ରକୃତର କଥା ନାହିଁ, ଖା ଛତ୍ରା ଅନେକ ସ୍ଥାନରେ ବାଲିରେ, ମଟାଳ ମାଟିରେ, ପଥର ଚଟାଣରେ ଘସିହୋଇ ନୌକା ଭାଙ୍ଗିଲା । ଏହିରୂ ଅସୁବିଧାକୁ ଦେଖି ନୌକା ବିଶେଷ ଉପଯୋଗୀ, ବିଶେଷ ପ୍ରକୃତର ଜଳ ପଥରେ ଯାଇ ନୌକା ହୋଇଛି । ପ୍ରଥ-ମୁହଁରେ ଥିବା ସବୁକୁ, ଛୋଟଛୋଟ ଓ କାଶ୍ମୀରର ଓ ବିପରୀତରେ । ବିଶେଷ ଯିବା ସମୟ ଘଟେ ମହାନଦୀରୁ ପାଣି କମିଗଲେ, ସେ ସମୟରେ ଏତେ ସ୍ଥାନରେ ବାଲିଚଡ଼ା ହୋଇ ପେଟ ତଳରେ ତରଣୀ ଖୋଳ ଛୋଟ ନୌକା ଚଳାଇବାକୁ ହୁଏ । ପୁଣି ନଈର 'ଘଟିଆଣି' ହେଲେ ସ୍ଥଳ କୂଳ ରହେ ନାହିଁ, ଚାରିଆଡ଼େ ଝଡ଼ିବାବେଳେ, କାଛରେ ବଣ ଘାଟର ଗାଳ ଆଣ୍ଠୁ କରି ଅତି କଷ୍ଟରେ ଉପରକୁ ନା ଟାଣିବାକୁ ହୁଏ । ଯେତେବେଳେ ନଈରେ ୨୨ ଫୁଟ ପାଣି, ସେତେବେଳେ ଥରେ ମଝି ନୌକାରେ ଗଡ଼ଜାତ ଯିବାକୁ ହୋଇଥିଲା, ସେ ଥର ଯେତେ କଷ୍ଟ ଓ ଅସୁବିଧା ଭୋଗ କରିଅଛି ତାହା ଶୀଘ୍ର ପାସୋରିବାର ନୁହେଁ । ଅନେକ ସମୟରେ ଗଛରେ ଅଣ୍ଡପ ହୋଇଥିବା ଗୋଖ ସାପ ପ୍ରଭୃତି ନୌକାକୁ ଖସିପଡ଼ନ୍ତି । ଅଳ୍ପ ପାଣିବେଳେ ବାଙ୍କ କୂଳକୁ କୂଳ ବଦଳ ଯାଏ । ପ୍ରତ୍ୟେକ ନାଉ ପଛ କଣଟି ମାଝିଙ୍କ କଣ । ସେ କଣଟି ଅପେକ୍ଷାକୃତ ଅପ୍ରଶସ୍ତ, ଯିବା ଆସିବା କରିବାକୁ ସୁବିଧା; ନା ଯେତେବେଳେ ମହାଜନୀ ଜିନିଷ ନେଇ ଯାଏ, ସେତେବେଳେ ପଛ କଣରେ ସ୍ଥାନ ନାହିଁ ରହନ୍ତି, କିନ୍ତୁ ଆରୋହୀ ନେବାର ହେଲେ ସେ କଣକୁ ଆରୋହୀଙ୍କୁ ଛାଡ଼ି ଦିଅନ୍ତି । ଏହି ନିୟମ ଅନୁସାରେ ମୁଁ ପଛ କଣଟି ଆଶ୍ରା କଲି । ଏ କଣଟି ଲମ୍ବରେ ଆଠ ପାଦ, ଓସାରରେ ପାଞ୍ଚ ପାଦ, ଉଚ୍ଚରେ ନେ ପାଦ, ଛେଉରହୋଇ ବସିଲେ ମୁଣ୍ଡରେ ଲାଗିବାର କଥା, ଦ୍ୱାରଟି ଏତେ କ୍ଷୁଦ୍ର ଯେ ପ୍ରାୟ ଶୋଇଶୋଇ ଯିବା ଆସିବା କରିବାକୁ ହୁଏ, ଭିତରେ ଥିଲେ ବାହାରକୁ, ବାହାରେ ଥିଲେ ଭିତରକୁ ଯିବାକୁ ମନ ହୁଏ ନାହିଁ । ମୁଁ ମୋହର ପେଟରା ଓ ଦାସ ବାକ୍ସ ଏହି ନେ ପ୍ରାଣୀ ଏ କଣରେ ରହିଲୁଁ । ପାଠକେ ହସିବେ ନାହିଁ, କାଠ ପଥର ଲୁହା ସବୁ

ମନେହେଉ ମହାପ୍ରଭୁଙ୍କର ପ୍ରାଣ ଅଛି, ଏହା ବିଶ୍ୱାସ-ଯୋଗ୍ୟ । ଯାତ୍ରୀଗଣେ ଯୋଡ଼ିମୁଣ୍ଡିରୁ ପାଣି ଆଣନ୍ତି, ଏ ପୋଖରୀରୁ ନା ଭଲେ ପାଣି ନେବେ । ଗୋଠ ବାନ୍ଧିବା ଓ କାଦୁଅପଙ୍କ ରଖିବାର ସୁବିଧାପାଇଁ ନା ଭଲେ ବଡ଼ ବନ୍ଧ ହୋଇଥାଏ, ତାକୁ ଗୋଠ କହନ୍ତି । ଗୋଠ ଶବ୍ଦର ଅପଭ୍ରଂଶ । ଗୋଠ ଉପରେ ଭଲେଇ ପକେଇ ତା ଉପରେ ଲୁଗା ବିଛାଇ ବସିଲେ କୌଣସି ଅସୁବିଧା ହୁଏ ନାହିଁ ବା ପାଣିରେ ବୁଡ଼ିଯିବାର ଅଶଙ୍କା ହେଉ ନାହିଁ । ନା'ରେ ଯିବାର ହେଲେ ପ୍ରୟୋଜନୀୟ ସମସ୍ତ ସାମଗ୍ରୀ ସଙ୍ଗରେ ନେବା ଉଚିତ; ତାହା ନ କଲେ ସମୟ ସମୟରେ ଯଥେଷ୍ଟ ଅସୁବିଧା ଭୋଗ କରିବାକୁ ହୁଏ ।

ମହାନଦୀର ଗର୍ଭ କ୍ରମଶଃ ଉଚ୍ଚ ହେଉଅଛି, ତାହା ସଙ୍ଗେ ସଙ୍ଗେ ପ୍ରସାର ବଢ଼ୁଅଛି । ଯେଉଁ ପାର୍ଶ୍ୱରେ ପାହାଡ଼ ବା ଉଚ୍ଚ ବନ୍ଧ ଅଛି ସେ ପାର୍ଶ୍ୱ ରକ୍ଷା; ଯେଉଁଠାରେ ଏପରି କିଛି ବାଧା ନାହିଁ ସେ ପାର୍ଶ୍ୱ ଖାଇ ବାଲିବାଡ଼ି ବାଲିରେ ପୂର୍ଣ୍ଣ କରି ଛାରଖାର କରି ଦେଉଛି । ପ୍ରତିବର୍ଷ କେତେ ଲୋକ ଗୃହଶୂନ୍ୟ ଅନ୍ନଶୂନ୍ୟ ହେଉଛନ୍ତି ତାହାର ସୀମା ନାହିଁ । ସାଧାରଣ ବିଶ୍ୱାସ ମହାନଦୀ କାଠଯୋଡ଼ିର 'ଅନକଟ' ଏ ଅନିଷ୍ଟର ମୂଳ । 'ଅନକଟ' ପ୍ରସାଦରୁ ନାଳଦ୍ୱାରା ଏକପକ୍ଷରେ ଯେଉଁଭଳି ଉପକାର ହେଉଅଛି ଅନ୍ୟ ପକ୍ଷରେ ସେହିଭଳି ଅପକାର ହେଉଅଛି । ଓଡ଼ିଶା ନୃପତି-ମୁକୁଟମଣିବର ମୟୂରଭଞ୍ଜେଶ୍ୱରଙ୍କ ବନ୍ଧ ନ ଥିଲେ କେଉଁଦାକୁ କଟକର ଅସ୍ତିତ୍ୱ ଲୋପ ହୁଅନ୍ତାଣି; ଏହି ପାର୍ଶ୍ୱ ବନ୍ଧରେ ମହାନଦୀବକ୍ଷ ଉଚଳେ ଚଳେ ସବୁବେଳେ ଗମ୍ଭୀର ଖାତ୍ରି ରହୁଥିଲା, ବର୍ତ୍ତମାନ ଯେପରି ଦେଖା ଯାଉଅଛି ଆଉ କେତେକ ବର୍ଷରେ କଟକକେଶରୀ ପଠା ହୁଏ ତ କଟକ ସହିତ ସଂଲଗ୍ନ ହୋଇଯିବ ।

ଘାଟରେ ପହୁଞ୍ଚିବାମାତ୍ରେ ଯୋଗନୀର ଦୃଷ୍ଟି ଆକର୍ଷଣ କଲା । କବେ କେବେ ମୁହୂର୍ତ୍ତରେ ମନ୍ଦ ସମାନ ? ଆଜିର ଗଳିତ ଆଜିରେ ମିଶିଯାଏ ମଧ୍ୟ, ଅସ୍ଥାୟୀ ଓ କଣ ହୁଏ, ସେ ବିନ୍ଦୁର ନାନା ମୂର୍ତ୍ତିରେ ନାନା ସ୍ଥଳ । ମୃତ କି ପର-ଲୋକରେ ପ୍ରିୟଜନମାନଙ୍କ ସହିତ ମିଳନ ହୁଏ ? ମୃତର କି ଅନ୍ତରାତ୍ମା ଆଉ ପୁନର୍ମିଳନ ଆଶାରେ ପ୍ରାଣ ଧରିଥାଏ ? ନା ଆଶା ଦୁରାଶା ମାତ୍ର । ମନୁଷ୍ୟଙ୍କର ପାପ ପୁଣ୍ୟର ପରିମାଣ କି ସମାନ ନୁହେଁ ? ଯଦି ପୂର୍ବଜନ୍ମର ପାପପୁଣ୍ୟର ଫଳ ଇହଜନ୍ମରେ, ଇହଜନ୍ମର ପାପପୁଣ୍ୟର ଫଳ ପରଜନ୍ମରେ ଭୋଗ କରିବା ବିଧାନ ପ୍ରକୃତ ହୁଏ, ତେବେ କଏ କେଉଁଠି ଥିବ ତାହାର ଠିକଣା ନାହିଁ, ଦେଖା ହେବ ବା କିପରି ? ଯଦି ପୁନର୍ଜନ୍ମ ଥାଏ, ତେବେ ପୁନର୍ମିଳନ ଅସମ୍ଭବ, ଯଦି ତାହା ନ ହୋଇ, ଏ ସ୍ଥୂଳଶରୀରର ବିନାଶ ପରେ ସୂକ୍ଷ୍ମଶରୀର କୌଣସି ଏକ ନିତ୍ୟାନନ୍ଦ-ମୟ ଧାମରେ ବାସ କରେ, ତାହା ହେଲେ ମିଳନ ଆଶା ଅସମ୍ଭବ ନୁହେଁ । ଏକ ସ୍ଥାନରେ ରହିବା ପ୍ରକୃତ ହେଲେ, ଯେ ଆଗରେ ଯାଉଅଛି ସେ ମହାକାଶରେ ଥାଉ ପଛକେ, ଯେ ପଛରେ ଯିବ ତାହାର ପୁଣ୍ୟବଳ ଯେତେ କମ୍ ହେଉ ପଛକେ, ପୁନର୍ମିଳନ ହୋଇ ପାରେ । ପ୍ରବାସୀର ହୃଦୟ ଆତ୍ମୀୟକୁ କଣ ଅଦୃଷ୍ଟ କରି ହୁଏ ନାହିଁ ? ଅନନ୍ତ ଆତ୍ମାର ଗତି ଯାହା ହେଉ ପଛକେ, ଆତ୍ମଶୂନ୍ୟ ଶରୀରର ଗତି ସମାନ ନୁହେଁ । କାହା ମୃତଶରୀର ପଥ ପାର୍ଶ୍ୱରେ ପଡ଼ି ଶୃଗାଳ କୁକୁରର ଭକ୍ଷ୍ୟ ହେଉଅଛି, କାହାର ବା ସୁଗନ୍ଧି ଘୃତଚନ୍ଦନବିଭୂଷିତ ହୋଇ ଚିତା-ରୋହଣ କରୁଅଛି; କାହା ପ୍ରତି କେହି ଦୃକ୍‌ପାତ କରୁ ନାହିଁ, କାହା ପଛରେ ସହସ୍ର ସହସ୍ର ଲୋକ ଶୋକାର୍ତ୍ତହୃଦୟରେ ଦୌଡ଼ୁଅଛନ୍ତି ।

ଏକ ଈଶ୍ୱରବିଶ୍ୱାସୀ, ଏକଧର୍ମାବଲମ୍ବୀ, ଏକ ସାମ୍ପ୍ରଦାୟରେ ଶିଷ୍ୟ ହେଲେହେଁ, ବର୍ଣ୍ଣଭେଦରେ ଉଚ୍ଚଶ୍ରେଣୀସ୍ଥମାନଙ୍କ ଶବ ଅମଳ ଧବଳ ସୁଦୃଶ୍ୟ ସମାଧିରେ ରହିଅଛି; ସମାଧିଭୂମିର ମଧ୍ୟ

ମୂର୍ଚ୍ଛନା, ନୃତ୍ୟପରିଚାଳନା ଇତ୍ୟାଦି, ଉଚ୍ଚ ପ୍ରାଚୀର-ଗାତ୍ରରେ ସୁରକ୍ଷିତ, ପ୍ରାଚୀରଗାତ୍ରପ୍ରାନ୍ତରେ—ଦେବୀମୂର୍ତ୍ତି ସ୍ଥାନମାନଙ୍କ ସେହି ଦେବାବଶେଷ କୁଡ୍ୟଗାତ୍ରେ ସୂକ୍ଷ୍ମକାରୁକାର୍ଯ୍ୟ, ନାମମାତ୍ର ସୁରକ୍ଷିତ । ଜଗତର କୌଣସି କୌତୂହଳ ନିବାରଣପାଇଁ ପ୍ରତ୍ୟହ କେତେ ଲୋକ ଗୋରକବର ଦେଖିବାକୁ ଯାଉଅଛନ୍ତି, ପାର୍ଶ୍ୱସ୍ଥ କଳା କବର ଆଡ଼କୁ କେତେ ଜଣ ଦୃଷ୍ଟି ପକାଉଅଛନ୍ତି ? ମୁସଲ-ମାନମାନେ ମଧ୍ୟ ଏ ବିଷୟରେ ଅନୁଦାର ହୁଅନ୍ତି । ହିନ୍ଦୁର ଜାତିଭେଦକୁ ସେ ସମସ୍ତେ ମନ ଇଚ୍ଛାରେ ଗାଳି ଦିଅନ୍ତି, କିନ୍ତୁ ହିନ୍ଦୁର ଶ୍ମଶାନରେ ସମସ୍ତେ ସମାନ; ଉଚ୍ଚ, ନୀଚ, ଧନୀ, ଦରିଦ୍ରର ପାର୍ଥକ୍ୟ ନାହିଁ, ସମସ୍ତଙ୍କର ସମଦଶା । ମୁଖରେ ଅନେ-ମାନେ ଯେତେ ସାମ୍ୟ, ମୈତ୍ରୀ ଦେଖାଉ ଥିବେ, ଭେଦବୁଦ୍ଧି କେବେହେଁ ଯିବ ନାହିଁ । ସ୍ୱଭାବ ରାଜ୍ୟରେ କୌଣସି ଦୁଇଟି ବସ୍ତୁ ସମ୍ପୂର୍ଣ୍ଣ ସମାନ ନୁହେଁ, ତେଣୁ ସମଜ୍ଞାନ ସମ୍ପୂର୍ଣ୍ଣ ଅସମ୍ଭବ ।

ଚାହୁଁ ଚାହୁଁ ବଡ଼ାନାସି ହେଲା, କବି ଉକ୍ତି ମନେ ପଡ଼ିଲା, 'କାଳସ୍ରୋତେ ଲୀନ ଏବେ ବଡ଼ାନାସି, ନାମ ସେହି ସ୍ରୋତେ ଅଛିଅଛି ଭାସି,' ଆଉ ସେ ଦିନ ନାହିଁ, ସେ ପୂର୍ବଗୌରବ ନାହିଁ, ଆଉ ସେ ଉଦାରଚେତା, ଧର୍ମପ୍ରାଣ, ପୂର୍ତ୍ତ-କୀର୍ତ୍ତି ନାହାନ୍ତି ବା ନରେନ୍ଦ୍ର; ଧର୍ମଭୀରୁ ଗୌରାଙ୍ଗ ନାହାନ୍ତି, ମାଟିର ଘଡ଼ା ମାଟିରେ ଲୀନ ହୋଇଅଛି । ମହାନଦୀ ଓ କାଠଯୋଡ଼ିର ଆକ୍ରମଣରୁ କଟକକୁ ରକ୍ଷା କରିବା ଲାଗି, ସର୍ବତ୍ର-ରକ୍ଷିତ ହୋଇବା ଏହା ନିକଟରେ ସ୍ଥିତ । ଏହି-ଠାରୁ କିଛି ଦୂରେ 'ଭୂଆସୁଣୀ' ଗଡ଼ ଦେଖାଯାଏ, ସମସ୍ତେ ଏହି ବାଟେ ଯିବା ବେଳେ ଟିକିଏ ଥରେ ନ ଚାହିଁ ରହି ପାରନ୍ତି ନାହିଁ । କେତେ କାଳ ଗଲାଣି, କେତେ ନଦୀ ବଢ଼ି ଗଲାଣି, ଗଡ଼ଟି ସେହିପରି ରହିଅଛି । ଏହି ଅପୂର୍ବତା ତାହାର ଗୌରବ ବଢ଼ାଏ ନାହିଁ କି ? ଗଡ଼ଟି ଅଦ୍ୟା-ପର୍ଯ୍ୟନ୍ତ ଅଟଳ ରହିଛି ।

ଏଠାରୁ ପଥ ଅଗ୍ରସର ହେଲେ ସୁନାମଖ୍ୟାତ ଦେବଦେବ ମହାଦେବ ଧବଳେଶ୍ୱରଙ୍କ ମନ୍ଦିର; ଭକ୍ତବାଞ୍ଛା ପୂରଣପାଇଁ କଳା ବଳଦକୁ ଧଳା କରିଥିବାର ପ୍ରବାଦ ପ୍ରଚଳିତ ଅଛି, ସେହି-ଥିରେ ନାମକରଣ । ଏହା ଗଡ଼ଜାତ ମହାଲ ଆଠଗଡ଼ର ଅନ୍ତର୍ଗତ ମହାନଦୀମଧ୍ୟସ୍ଥ ପଠାରେ କ୍ଷୁଦ୍ର ପାହାଡ଼ ଉପରେ ଅବସ୍ଥିତ । ସ୍ଥାନଟିର ପ୍ରାକୃତିକ ଦୃଶ୍ୟ ଅତି ମନୋହର, ପାହାଡ଼ ତଳ ଦୋଟାଣି ତୀର୍ଥଯାତ୍ରୀ ଓ ଶ୍ରାନ୍ତ କ୍ଳାନ୍ତ ପଥିକ-ମାନଙ୍କର ଅଶେଷ ହିତ ସାଧନ କରେ । ଜଣେ ବୈଷ୍ଣବ ଭିକ୍ଷା ସଂଗ୍ରହ କରି ଗୋଟିଏ ବଗିଚା କରିବା ଚେଷ୍ଟାରେ ଅଛନ୍ତି, ବର୍ତ୍ତମାନ ସେଠା କୁଟି-ଭକ୍ତ; ସେ ହେତୁରୁ ପୃଥକ୍ ମନ୍ଦିରରେ ଏଠାରେ ରାଧାକୃଷ୍ଣ ମୂର୍ତ୍ତି ସ୍ଥାପିତ ହୋଇଅଛନ୍ତି । ରାଜାଙ୍କର ସୁଯୋଗ୍ୟ ଯୁବ ଶଶୀ ବାବୁ ଭଦ୍ରଲୋକଙ୍କର ବାସୋପଯୋଗୀ ଗୋଟିଏ କ୍ଷୁଦ୍ର ମନୋରମ ବଙ୍ଗଳା ପ୍ରସ୍ତୁତ କରାଇ ଅଛନ୍ତି, ସେଠାରେ ଅବସ୍ଥାନ ଶଶୀ ବାବୁଙ୍କ ଅନୁମତି ସାପେକ୍ଷ । ସାଧାରଣ ଲୋକଙ୍କ ପାଇଁ ପାନ୍ଥଶାଳା; ଆବଶ୍ୟକ ସାମଗ୍ରୀର ଖଣ୍ଡେ ଦୋକାନ ମଧ୍ୟ ଅଛି । ପ୍ରତିଦିନ ବିଶେଷତଃ ସୋମବାରରେ ଭକ୍ତମାନେ କଦଳୀ ଉପୁଡ଼ା କଡ଼ଆ ପ୍ରଭୃତି ଭୋଗ ଦେଇ ଥାନ୍ତି । ନାନାପ୍ରକାର ମିଷ୍ଟାନ୍ନର ଦୋକାନ ମଧ୍ୟ ବସେ । କାର୍ତ୍ତିକ ମାସରେ ଯାତ୍ରୀ ସଂଖ୍ୟା ଅଧିକ ହୁଏ । କାର୍ତ୍ତିକ ଶୁକ୍ଳଚତୁର୍ଦ୍ଦଶୀର ବଡ଼ଓଷା ପର୍ବ ପ୍ରଧାନ ପର୍ବ । ବଡ଼ଓଷା ମଣ୍ଡାପିଠା ମହାପ୍ରସାଦ ହେବାରୁ ବସିଲାଣି, ପର୍ବର ମହିମା ବୃଦ୍ଧି ଉପରେ ଅଛି । କଟକ ଦିଗକୁ ନଦୀର ଯେଉଁ ଅଂଶ ତାହା ସୁପ୍ରଶସ୍ତ, ଶୀତଋତୁରେ ପଦା ହୁଏ । ମହାନଦୀର ଉତ୍ତର ତୀରରେ ଧବଳେଶ୍ୱର ପାହାଡ଼ ସମ୍ମୁଖ ଦକ୍ଷିଣର ମଙ୍ଖେଶ୍ୱର ପାହାଡ଼; ସେଥିରେ ମଙ୍ଖେ-ଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠିତ । ଦୁଇ ପାର୍ଶ୍ୱରେ ପାହାଡ଼ ଥିବାରୁ ନଦୀଗର୍ଭ ସଙ୍କୀର୍ଣ୍ଣ ଓ ଗଭୀର, କୁମ୍ଭୀର ଓ ମତ୍ସ୍ୟ ପ୍ରଚୁର, ମତ୍ସ୍ୟ ଅତି

ପଶ୍ଚାତ୍ । କେଦାରୁ ମହିମା-କବି ନାଂଗାଲିକାର ମଠଗୁଳି ଏସ୍ଥାନ ଦର୍ଶନରେ ସୁନ୍ଦର ହୋଇ ଯାଇ । ସୁନ୍ଦର ନବଭାସ୍ମୃତ ଉଠେ ଏକ-ଅଛନ୍ତି । ଅନେକ ଗ୍ରାମ ଓ ନେତ୍ରମାନଙ୍କର ଜାଳା ଯୋଗ-ଯାତ୍ରୀ, ବନ୍ୟପଶୁ ଭୂମିଯୋଗାଯାତ୍ରୀ ଲୋକ ଆସି ପଡନ୍ତି, ଅନେକ ସମୟ ଭଲ ହୁଅନ୍ତି । ଏହି ମଣ୍ଡଳରଠାରୁ ପ୍ରାୟ ଦଶ ମାଇଲ ଦୂର ପର୍ବତ ଅଛନ୍ତି; ଏ ପର୍ବତ ଆଗେ ଅଠଗଡ଼, ଢେଙ୍କା-ନାଳ, ତିଗିରିଆ, ହିନ୍ଦୋଳ, ବଡ଼ମ୍ବା, ନରସିଂହ-ପୁର ରାଜ୍ୟର ସୀମା ।

"ବୌଦ୍ଧକୀର୍ତ୍ତିମଣ୍ଡିତ ନରାଜ" ଅତ୍ୟନ୍ତ ଦର୍ଶନୀୟ ସ୍ଥାନ । ଏଠାରେ ମହାନଦୀରୁ କାଠ-ଯୋଡ଼ୀ ବାହାରି ଅଛି, ଯାହାପାଇଁ ଜଳ ଭଙ୍ଗ କରିବାକୁ କାଠଯୋଡ଼ୀ ମୁହଁରେ ପଥର ବନ୍ଧ ବନ୍ଧା ହୋଇଅଛି । କଟକବଢ଼ି ଅଧିକ ହେଲେ ଏ ପଥର ବନ୍ଧର ଦୁଆର ଖୋଲି ହୁଏ, ବେଶି ବଢ଼ି ହେଲେ ପଥର ବନ୍ଧ ଉପରେ ପାଣି ଯାଏ. କେବଳ ସେହି ସମୟରେ ମହାନଦୀରୁ କାଠ-ଯୋଡ଼ିକୁ ନୌକା ଯାଏ, ଶ୍ରୀ ଜଗନ୍ନାଥ ଦେବଙ୍କ ରଥକାଠ, ମହାଜନମାନଙ୍କ କାଠପଟାଳି ପୁରୀ ଅଞ୍ଚଳକୁ ଯାଏ । ଯେଉଁ ବର୍ଷ ଭଲ ବଢ଼ି ନ ହୁଏ ସେ ବର୍ଷ ପୁରୀ ଅଞ୍ଚଳରେ କାଠର ଦୁର୍ଭିକ୍ଷ ପଡ଼େ । ବର୍ଷା କାଳରେ ନଦୀ ବେଗ ନିର୍ଦ୍ଧାରଣ କରିବାକୁ ଜଣେ ସରକାରୀ କର୍ମଚାରୀ ଏଠାରେ ରହନ୍ତି । ଏହି ବନ୍ଧ ପଡ଼ିବା ପୂର୍ବରୁ କାଠଯୋଡ଼ୀ ସୁନାବ୍ୟ ଥିଲା, ସର୍ବ ପ୍ରକାର ପଣ୍ୟଦ୍ରବ୍ୟର ନୌକାରେ କାଠଯୋଡ଼ୀ ପୂର୍ଣ୍ଣ ହୋଇଥିଲା; ବାରମାସ ଯିବାର ଲାଗିଥିଲା । ପୁରୀ ଘାଟ ନିକଟସ୍ଥ ସ୍ଥାନକୁ ଲୁଣଗୋଲା ଭରନ୍ତି; ଯେତେବେଳେ ଓଡ଼ିଶାରେ ଅର୍ଥପ୍ରଦ ଲୁଣର ଯୋଗାଣ ହେଉଥିଲା, ସେତେବେଳେ ଏଠାରେ ଲୁଣଗୋଲା, ସେଠାରୁ କଲେକ୍ଟରୀ କଚେରୀ ପର୍ଯ୍ୟନ୍ତ କାଠ ବାଉଁଶଗୋଲା, ଏଣିକି ଟୋଳିକଠାରୁ ବରଘାଟ ପର୍ଯ୍ୟନ୍ତ ଗମ୍ଭାରିର ଗୋଲା ଥିଲା । ଗଣିଲେ ହିସାବ ହୁଏ ଯାହା, ପାଞ୍ଚ ବର୍ଷ ପୂର୍ବରେ କଟକ ମଣ୍ଡଳରେ ନୌକାରେ ମୋଟ ଚାଉଳ ୭୫ ସେର, ମରୁ ଜାତିକ ୪୦ ସେର, ଲୁଣ ୭୫ ସେର, ତେଲ ୧୦ ସେର, ଘିଅ ୪ ସେର, ମିଶ୍ରୀ ୮ ସେର, ପଟମାଳୁ ଆଉ ଦୋହଣ, ଶକଟାଦି ପ୍ରାୟ ନେ ପଣ, ଚାଉଳ ପ୍ରାୟ ନେଟୀ ଗାଡ଼ିରେ ବିକା ହେଉଥିଲା । ଭଲ ଏଣ୍ଡ ପ୍ରାୟ ହାତ୍ପୂର ପ୍ରକୃତ କଟକ ଓ ଆଧୁନିକ କଟକ ମଧ୍ୟରେ ଅନେକ ପାର୍ଥକ୍ୟ ପ୍ରଭେଦ । ଅଧୁନା ନିକଟ ଲୋକଙ୍କଠାରୁ କଟକର ପ୍ରାଚୀନ ଇତିବୃତ୍ତ ସଂଗ୍ରହ କଲେ ସାହିତ୍ୟସେବାଙ୍କର ଏକ ଉପା-ଦେୟ ସଂଗ୍ରହ ହୁଅନ୍ତା । ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ବ୍ୟବହାରଜୀବ ହେଲେହେଁ ସାହିତ୍ୟସେବାରେ ମନପ୍ରାଣ ଦେଇଅଛନ୍ତି, ତାଙ୍କର ଚେଷ୍ଟାରେ ଜିଲ୍ଲାନିବାସୀର ଲୁପ୍ତପ୍ରାୟ ହୋଇଅଛି । ଆଶା କରେ ଏଥିରେ ମଧ୍ୟ ସେ ତୃପ୍ତ ହେବେ । ପ୍ରକୃତପାଠ ପିତୃଦେବ ଓଡ଼ିଆ ସାହିତ୍ୟରେ ଯାହା ଜାଣନ୍ତି, ତାହା ସଂଗ୍ରହ କଲେ ଏଠେ ବଡ଼ ଉପକାର ହେବ ।

*କଟକ ବଙ୍ଗଳାଠାରି ପାହାଡ଼ ଉପରେ ସୁନ୍ଦର ନଗର ସ୍ଥାପିତ, ଏ ପାହାଡ଼ରେ ବୌଦ୍ଧ କୃଷ୍ଣାଦି ଅଛି, ଏହା ଦୁର୍ଗଯୋଗ୍ୟ ନୁହେ । କଟକରୁ ଅନେକ ସମୟରେ ଭଦ୍ରଲୋକେ ଆମୋଦ ପ୍ରମୋଦ ଉଦ୍ଦେଶ୍ୟରେ ଯବଲେଶର ଓ ଏଠାକୁ ଆସନ୍ତି । ଯୁଦ୍ଧ ଓ ସଂଗତ ଥିଲେ ବଡ଼ବଡ଼ିବେଳେ ନରାଜ ବଙ୍ଗଳାରେ ବାସ କରିବା ଆମୋଦଜନକ । ନରାଜପର୍ବତରୁ ରେଲପଥପାଇଁ ପଥର ଭଙ୍ଗ ଜମିଦାରମାନେ ଲଗାଇ ହୋଇଅଛନ୍ତି । ସେଥିରୁ ବଡ଼ ଦେଶହିତକର କାର୍ଯ୍ୟରେ ବ୍ୟୟ କରିଥିଲେ ପଥରପର ସ୍ଥାୟୀ ଯଶ ରଖିଥାନ୍ତେ । ସନ୍ନିକଟ ଦୁର୍ଭିକ୍ଷପୀଡ଼ିତ ଲୋକଙ୍କ ଉପରେ ବେଶ ନଅଙ୍କର ଅପଯଶ ବାକ ଉଡ଼ାଉଅଛ । 'ଧନର ଯାହା କରନ୍ତି ଭଲପାଇଁ କରନ୍ତି ।' ରାଜପୁରୁଷ-ମାନଙ୍କର ପ୍ରବୃତ୍ତି ଏହି ନୀତିଠାରୁ ଓଡ଼ିଶାପ୍ରତି

ପରେ ଦେଖାଯାଏ । ଏହାର ଅପର ପାର୍ଶ୍ୱରେ 'ଡାଲ୍‌ଫିନ୍‌ନୋଜ' ପାହାଡ଼, ସେଠାରେ ପାଣିର ସୋଡ଼ ଅଛି, ସାବଧାନତାରେ ନୌକା ନେବାକୁ ହୁଏ । କୂଳରେ ନାନା ଆକାରର ନାନା ବର୍ଣ୍ଣର ବାଲିଗରଗରା ପଥର ମହାନ ମାଟିପେଣ୍ଡୁଳା ସ୍ରୋତରେ ମସୃଣ ହୋଇ ପଡ଼ିଥାଏ, ଦେଖିଲେ ପଥର ବୋଲି ଭ୍ରମ ହୁଏ ।

ଏହାର ଅନତିଦୂରରେ କଣଡ଼ ମାର୍ଟ ଓ ଟେଞ୍ଜ । ଏହିଠାରୁ ବନ୍ଧୁଳ ପର୍ବତମାଳରେ କଟକକୁ ଟାଲଣି କାଠ ଅମଦାନୀ ହୁଏ । କାଶ୍ମୀରୀ ଲୋଟାଏ ପଥିକମାନଙ୍କର ରହିବା ପକ୍ଷରେ ବିଶେଷ ଉପଯୋଗୀ । ପାଖରେ ଦୋକାନ ଅଛି, ପ୍ରାୟ ସମସ୍ତ ପ୍ରୟୋଜନୀୟ ପଦାର୍ଥ ମିଳେ । ନଈ ପ୍ରତି ବର୍ଷ ଏହି ପାଖ ଖାଇ ଯାଉଛି; ସାହେବମାନେ କେତେ ବା ନାଗରିକଙ୍କ ମନ୍ଦିର ନଈ ଅବେଳରୁ ନଷ୍ଟ ହୋଇ ଯାଉଅଛି, ବର୍ତ୍ତମାନ ଦେଉଳର ବେଢ଼ା ପାର୍ଶ୍ୱନ୍ତ ନଈ ଗର୍ଭରେ ଗଲାଣି, ଦେଉଳଟି ଠିକ୍ ଉପରେ । ଏଠାରେ ଗୋଟିଏ ଭଲ ହାଟ ବସେ ।

ଏଠା ଅନେକ କଟଳ ଅଠଗଡ଼ର ପ୍ରସିଦ୍ଧତମ କାଣ୍ଡ ସାମ୍ବୁଆ (ମର୍ଫେଲ୍ଡଶ) ମୁହାଣ; ବର୍ଷାକାଳରେ ନିତାନ୍ତ ଭୀତିପୂର୍ଣ୍ଣ ହୁଏ । ମୁହାଣ ପାଖରେ ସର୍ବେଶ୍ୱର ମହାଦେବଙ୍କ ମନ୍ଦିର ସ୍ୱଭାବସ୍ଥିତ ପାହାଡ଼ ଉପରେ ପ୍ରତିଷ୍ଠିତ; ଏଠାରେ ପ୍ରଚୁର ନାରିକେଳ ବୃକ୍ଷ ଅଛି ।

ହିନ୍ଦୁମାନଙ୍କର ସମସ୍ତ କାର୍ଯ୍ୟ ଧର୍ମମୂଳକ । ଧର୍ମକୁ ସାଂସାରିକ କାର୍ଯ୍ୟକଳାପ ସହିତ ଗୁନ୍ଥି ଦେଇଛନ୍ତି । ସ୍ୱାସ୍ଥ୍ୟବିଜ୍ଞାନସମ୍ମତ କାର୍ଯ୍ୟକଳାପ-ଗୁଡ଼ିକ ଧର୍ମସହିତ ବୃତ୍ତମସୂତ୍ରୀ ଦୂରଦର୍ଶୀ ତ୍ରିକାଳଜ୍ଞ ଆର୍ଯ୍ୟ ଋଷିଗଣ ଜାଣିଥିଲେ, ବେଦକ ମସାନ ଯାଏ ନାହିଁ; ଅଲୋକପରେ ଅନ୍ଧାର ଅବଶ୍ୟମ୍ଭାବୀ; ଜ୍ଞାନବିଜ୍ଞାନାଲୋକିତ ଭାରତ ଦିନେ ଅଜ୍ଞାନ-ଅନ୍ଧକାରଗ୍ରସ୍ତ ହେବ । ସେତେବେଳେ ଆଉ ସ୍ୱାସ୍ଥ୍ୟସମ୍ବନ୍ଧୀୟ ନିୟମମାନ ଅଜ୍ଞତାହେତୁରୁ କେହି ପାଳିବେ ନାହିଁ । ଧର୍ମସହିତ ହୁଏ ତେ ଥିଲେ ଅନ୍ତତଃ ଧର୍ମରକ୍ଷାପାଇଁ ପାପରୁ ଉଦ୍ଧାର ପାଇବା-ପାଇଁ, କିଛି ନ ହେଲେ ଦାଣ୍ଡକୁ ଦେଖାଇବାପାଇଁ ସେଗୁଡ଼ିକ ପାଳନ କରିବେ । ଅଧୁନାତନ ଶିକ୍ଷା-ଭିମାନୀ ଯୁବକଗଣ କେବଳ ଶାସ୍ତ୍ରର ବୈଜ୍ଞାନିକ ବ୍ୟାଖ୍ୟା କରିବାରେ ପଟୁ; କିନ୍ତୁ ପାଳନ କରି-ବେଳକୁ ଅନୁପାଳନସମାବଳୀ । 'ନା ଏ କୂଳ ନା ସେ କୂଳ !' ଦୁଇ ନାଆରେ ଗୋଡ଼ ଦେଇ ମରୁଛନ୍ତି ! ପାପର ପ୍ରାୟଶ୍ଚିତ୍ତ ସ୍ୱରୂପ ଦେଶକୁ ନ ଜାଣି ମାନସିକ ଅବନତି ହେଉଅଛି । କା ପୂର୍ବତନ ଭାରତୀୟ ଆର୍ଯ୍ୟଙ୍କ ପର, କା ଆଧୁନିକ ସଭ୍ୟ ଇଉରୋପୀୟଙ୍କ ପର ବଳ ବୀର୍ଯ୍ୟ ପ୍ରତିଭାର ପରିଚୟ ଦେଉଅଛନ୍ତି ? ବୈଦେଶିକ କାର୍ଯ୍ୟ ଏଥି ଧର୍ମସଂଶ୍ଳିଷ୍ଟ । ଏହି ଦେବମନ୍ଦିର ସ୍ଥାପନ କଣ କେବଳ ବ୍ୟକ୍ତିବିଶେଷର ସ୍ୱାର୍ଥପୂର୍ଣ୍ଣ ପାରଲୌକିକ ମଙ୍ଗଳ ସାଧନପାଇଁ ? ତାହା ନୁହେଁ, ଜନସେବା ଲୋକହିତବ୍ରତ ସାଧନ ଅନ୍ୟତମ ପ୍ରଧାନ ଉଦ୍ଦେଶ୍ୟ । ଯେଉଁ ମହତ୍ ଉଦ୍ଦେଶ୍ୟରେ ମହା-ମନା ପୂର୍ବପୁରୁଷମାନେ ଦେବମନ୍ଦିର ସ୍ଥାପନ ସଦାବ୍ରତ ପ୍ରତିଷ୍ଠା କରି ଯାଇଥିଲେ ତାହା ପଦ-ଦଳିତ ହୋଇ ତାହାର ଯେଉଁ ଶୋଚନୀୟ ପରିଣାମ ହେଲାଣି ତାହା ଦେଖିଲେ ଭାରପ୍ରାପ୍ତ ଅପବ୍ୟୟକାରୀ ନରପଶୁମାନଙ୍କର ଈଶ୍ୱରଦ୍ୱାରରେ ଯେ କି ଦଶା ହେବ କିଏ କହି ପାରେ ? ସମୁଦ୍ରରେ ଜାହାଜମାନ ନିରାପଦରେ ଯାତାୟତ କରିବାପାଇଁ ପ୍ରତ୍ୟେକ ବିପଦସଂକୁଳ ସ୍ଥାନରେ ବତିଘର (light-house) ସ୍ଥାପିତ ହୋଇ-ଅଛି । ସେସବୁ ଦୂରରୁ ଦେଖି ନାବିକମାନେ ସାବଧାନ ହୁଅନ୍ତି । ମହାନଦୀର ଉଭୟ ପାର୍ଶ୍ୱରେ ଯେଉଁଠାରେ ପାହାଡ଼ ପଥରରେ ନୌକାର ଧକ୍କା ଲାଗିବାର ଆଶଙ୍କା ବା ଯେଉଁଠାରେ ପାଣିର ସୋଡ଼ ଅଛି, ସେହି ସେହି ସ୍ଥାନରେ ପାହାଡ଼ ଉପରେ ବା ନିକଟ ସ୍ଥାନରେ ଦେଉଳ ଅଛି । ଏସବୁ ମହାନଦୀର ବତିଘର । ଯେଉଁମାନେ

ଅର୍ଥାତ ମନୁଷ୍ୟ ଦଳ ଏ ମହା ସ୍ଥାନ ଦେଇ ଯାଉଅଛନ୍ତି, ସେମାନେ ଯାତ୍ରୀମାନଙ୍କର ଓ ଦେବମାତାଗଣଙ୍କର ଅଳ୍ପ କଲ୍ୟାଣ ସାଧନ କରି ନାହାନ୍ତି। ଈଶ୍ୱର ଅବଶ୍ୟ ସେମାନଙ୍କର ଆତ୍ମାର ସଦ୍ଗତି କରିବେ।

ଦେବପ୍ରୟାଗ ଟିହରୀରାଜ୍ୟ ଅନ୍ତର୍ଗତ ମହାନଦୀ ତଟସ୍ଥ ସ୍ଥାନ। ପାହାଡ଼ ଉପରେ ରଘୁନାଥ ମନ୍ଦିର, ଦେବଦର୍ଶନରୁ ସ୍ଥାନର ନାମ ଦେବପ୍ରୟାଗ। ଏଠାରେ ମହାନଦୀର ଶାଖା ପ୍ରସ୍ରବଣ ଓ ବନ୍ଧୁର; ଶିଳାଖଣ୍ଡ ମଧ୍ୟରେ ନଦୀ ପ୍ରବାହିତ, ଯାତ୍ରୀମାନେ ଘାଟରେ ଏ ସ୍ରୋତର ପଥକୁ ନମସ୍କାର କରନ୍ତି। ଏଠାରେ ଅନେକ କୁମ୍ଭୀର ଅଛନ୍ତି। ମନ୍ଦିର ପାର୍ଶ୍ୱସ୍ଥ ତାଳଗଛ ଅନେକ ଦୂରରୁ ଦେଖାଯାଏ, ପ୍ରାକୃତିକ ଦୃଶ୍ୟ ଅତି ସୁନ୍ଦର, ପାହାଡ଼, ବନ, ଜଳର ଏକତ୍ର ସମାବେଶ. ସ୍ଥାନ ଶାନ୍ତିପ୍ରଦ। ବାଙ୍କି ସଡ଼କ ଏହିବାଟେ ଯାଇଅଛି, ବର୍ଷାକାଳରେ ସଡ଼କ ବୁଡ଼ିଯାଏ। ମନ୍ଦିରପାଖରେ ପ୍ରତ୍ୟହ ଜଠା ଦୋକାନ ବସେ; ଦହି, ଛେନାଗୁଡ଼ା, ଦୁଧ, ପାନ ଗୁଆ ପ୍ରଭୃତି ବିକା ହୁଏ।

ମନ୍ଦିରର ଉତ୍ତରପାର୍ଶ୍ୱରେ ପାହାଡ଼ ଉପରେ ଗଡ଼ଭିଗପୁର ନାମରେ ଖଣ୍ଡେ କ୍ଷୁଦ୍ର ପାଠକ ବସତି ଅଛି। ଏହିଠାରେ ଉତ୍ତର ନଦୀ ନୌକା ନେବା ନିମନ୍ତେ ଓ ଯାତ୍ରୀମାନେ ପଥର ଉପରେ ଅତି କଷ୍ଟରେ ନୌକା ଟାଣି ନେବାକୁ ହୁଏ, ପାଣିର ସୁଅ ଅଛି, ସ୍ରୋତ ବେଗ ଅତି ଅଧିକ, ଯେତେ ନିଛ ଦେଲେ ହେଁ ସେବେଳେ ଏ ସ୍ଥାନ ଭୟଙ୍କର ହୁଏ। ଆମ୍ଭମାନେ ପୂର୍ବ ବର୍ଷ ବେଳେ ଏହା ପାରି ହେବାକୁ ଦୁଇ ଘଣ୍ଟାରୁ ବେଶି ଲାଗିଥିଲା, ନୌକା ଟାଣୁ ଜଣେ ଦୁଇ ଟଙ୍କା ମଜୁରି ଦାବିକଲା ନୂଆ ଯାତ୍ରୀ ମୁଣ୍ଡାଇଥିବାର ଛାଡ଼ିଗଲା। ଗ୍ରାମବାସୀ ସାହାଯ୍ୟ କରି ନ ଥିଲେ ସେ ଦିନର ଅବସ୍ଥା କଣ ହୋଇଥାନ୍ତା ଭଗବାନ ଜାଣନ୍ତି। ସ୍ଥାନୀୟ ଲୋକେ ଏହି ସବୁ ବିପଦପାଇଁ ପ୍ରସ୍ତୁତ ଥାନ୍ତି, ଶକ୍ତି ଦକ୍ଷତା ପ୍ରଭୃତି ରଖିଥାନ୍ତି। ପ୍ରତ୍ୟେକ ନା ପାର କରିବାକୁ ଟ ୦।/ ନେଉଥିଲେ। ଏହା ଦେଖି ଜାଳେଣି କାଠର ଗୋଟାଏ ପେଣ୍ଡ। ନଦୀ ସମ୍ମୁଖରୁ ଶବ୍ଦ ହେଲେ ପାହାଡ଼ରୁ ସୁନ୍ଦର ପ୍ରତିଧ୍ୱନି ଶୁଣାଯାଏ। ଏଠାରେ ଲେଖକଙ୍କୋଳ ନାମକ ସୁସ୍ୱାଦୁ ଫଳ ମିଳେ।

କ୍ରମଶଃ

ଶ୍ରୀ ଶ୍ୟାମସୁନ୍ଦର ନନ୍ଦ।

ଜହ୍ନମାମୁ।

"ଅରେ ଜହ୍ନମାମୁ ଶରଦଶଶୀ,
କେବେଇ ହାତରେ ପଡ଼ିବୁ ଖସି।"
ଖେଳ କରୁଥିବ କେତେଇ ହସି,
ଘରଘର ଗୀତ ନ ଯିବୁ ରୁଷି। ୧।

ଆଉ ପିଲା ଚଢ଼େ କଟକେ ଥିବ,
କେତେଇ କହୁଛି ସୁନା ଖଟୁଲି,
ତୁମେ ଦହିଁ ବସି ଖେଳବ ଦୋଳ
ଗୀତ ଗାଇବ ମୁଁ ହୁଳହୁଳି। ୨।

କେତେଇ ବାପା ତ ଦୂରଦେଶୀ
ଯୁଗେ ହେଲା ଘରୁ ଗଲେଣି ରୁଷି
ଜହ୍ନମାମୁ ମୋର ଏକାକେ ବସି
ଝୁରୁଛି ବାପାକୁ ଶୋକରେ ଭାସି। ୩।

ଜହ୍ନ ମାଠି ପରେ ଦୁଧ ଫେଣୀ
ସାଠି ଥାଳ କଳସ୍ତୁଡ଼ୀ ଘରଣୀ;
ଯାଉ ଥିଲେ ରେ ତୋ ଡାକ ଶୁଣି
ସାଲି ସେ ମାଇବ ଚାଲୁ କିଙ୍କିଣୀ । ୪ ।

ମାମୁ ମାମୁ ବୋଲି ଡାକୁ ଝଟେଇ !
ତୋର ମାମୁ ସିନା, କୁହେ ମୋ ଭାଇ;
ନିଦରେ ମାମୁ ଡାକିଲ ମୁହିଁ,
ଜାଣିନ ହେଲୁ ତୁ, ହେଲ ମୋ ଭାଇ । ୫ ।

ଆରେ ଜହ୍ନମାମୁ ଆସ ମୋ ଘର,
ଖାଇବାକୁ ଦେବ ଲବଣୀ ସର
ପିଇବାକୁ କାଳୀଗାଈର କ୍ଷୀର
ଶୋଇବାକୁ ଦେବି ଶେଯ ସୁନ୍ଦର । ୬ ।

ବସିବାକୁ ଦେବ ଖଟ ପୁଆଳ
ଧରିବାକୁ ଦେବ ସୁବର୍ଣ୍ଣ ଛଡ଼ି,
ସନ୍ଧ୍ୟବେଳେ ଦେବ ଜନାଗଛି
କେତେବେଳେ ଘୋଡ଼ା ଯୋହିବ ବଢ଼ି । ୭ ।

ମୋର ସଜାପୁଅ ଭାଇ ବଦନ
ହସିଲେ କାନ୍ଦିଲେ ଝଡ଼େ ମାଣିକ,
ପଣକ୍ରେ ଗୋଟିଏ ନିବୁ ଯେତେକ
କହେଇର ନାହିଁ ତାହାଙ୍କ ଦେଖ । ୮ ।

କହେଇ ରଖିଛୁ ରୁପୁଲି ବାଡ଼ି
ଦହେଇଯାକ ଖେଳୁଥିବ ନଡ଼ିଡ଼,
ପୁଅଦାସ ଦଣ୍ଡେ ଗଲେ ତୁ ଛାଡ଼ି
ମାମୁ ମାମୁ ବୋଲି ଗ୍ରଡ଼ବ ରଡ଼ି । ୯ ।

ଜହ୍ନମାମୁ ଘରେ ରହିବୁ ଆସି
ବଡ଼ା ହୋଇଥିବୁ ପୂନଅଁ ବାସି,
ବୋହୂ ଆଣିଦେବ ଝଟେଇ ହସି
ଆରେ ଜହ୍ନମାମୁ ନ ଯିବୁ ରୁଷି । ୧୦ ।

ଗୋପାଳଚନ୍ଦ୍ର ପ୍ରହରାଜ ।

ଶୁଭଯୋଗ ।

—※—


ଶୁଭଦିନେ ଶୁଭଯୋଗେ   ଆଜି ଶୁଭକ୍ଷଣେ
ତବ ଦରଶନ କିବା !
ଏକି ଏ ମୋହନ ଛବି
ଅଙ୍କିଲ ଏ ପ୍ରାଣ-ପଟେ ବସି ସଂଗୋପନେ;—
ଏ ଜୀବନ ଅନ୍ଧକାରେ
ମୋହମାୟା-କାରାଗାରେ—
ଫୁଟି ମହିମାଭାସ୍ୱର   ମହାସୁମଙ୍ଗଳ
ତୁମ୍ଭର ଅରୂପରୂପ !
ବିଶ୍ୱାରାଧ୍ୟ ବିଶ୍ୱରୂପ !
କିବା ଆଜି ଏକ ତବ ଅଦ୍ଭୁତ କୌଶଳ ?
ଆଜି ମମ ହୃଦକେନ୍ଦ୍ରେ,
କିବା ପୁଣ୍ୟ ପ୍ରେମାଲୋକେ,—

ତୁମ୍ଭ ଶ୍ରୀମୁଖ ଆଭା !   ଅସୀମ ସୁନ୍ଦର;
ଏହିରୂପେ ଏହିରୂପେ
ତୁମ୍ଭର ଅରୂପରୂପେ
ବୁଡ଼ିଥାଉ ଜୀବନ ମନ,—   ବ୍ରହ୍ମାଣ୍ଡ ଈଶ୍ୱର ।
ହେ ବନ୍ଦେ ଜୀବନସ୍ୱାମି !
ମୋହର ଦିବସଯାମୀ
ଭୁଲି ଇହ ଭୁଲି ପର   ସବୁ ଭୁଲି ତାର—
ସଦାକାଳେ ସଦାରସେ
ତବ ପୁଣ୍ୟ ସହବାସେ
ତବ ପୁଣ୍ୟ ପ୍ରେମାନନ୍ଦ   ଭଞ୍ଜିବ କି ସାର ?

୨୧।୭।୨୯।୩   ଶ୍ରୀମତୀ ରେବା ରାୟ ।

—※—

ସଂକ୍ଷିପ୍ତ ସମାଲୋଚନା ।



୧ । କାଳିଦାସ-ସୂକ୍ତିଃ । ଶ୍ରୀଯୁକ୍ତ ରାୟ ଗଙ୍ଗାନାଥ ରାୟ ବାହାଦୁରଙ୍କ ଦ୍ୱାରା ସଙ୍କଳିତ ଏବଂ ଶ୍ରୀଯୁକ୍ତ ସୁଶୀଳକୁମାର ଗଙ୍ଗୋପାଧ୍ୟାୟଙ୍କ ଦ୍ୱାରା ପ୍ରକାଶିତ । ଅମର କବି କାଳିଦାସଙ୍କ ଲେଖାବଳୀ ସୌନ୍ଦର୍ଯ୍ୟ ସନ୍ଦେଶରେ ପରିପୂର୍ଣ୍ଣ । ଅସ୍ମାକଙ୍କର ରାୟ ବାହାଦୁର ମହୋଦୟ ପ୍ରାଚ୍ୟ ଓ ପ୍ରତୀଚ୍ୟ ଉଭୟ କାବ୍ୟସିନ୍ଧୁ ମନ୍ଥନ କରି ରତ୍ନ ସଂଗ୍ରହ କରିବାରେ ସର୍ବଦା ନିବିଷ୍ଟମନା, ବିଶେଷତଃ କାଳିଦାସଙ୍କର ସେ ଜଣେ ନିଷ୍ଠାପର ଭକ୍ତ । ମହାକବିଙ୍କର ଯେଉଁ ସବୁ ଉକ୍ତି ସର୍ବଦେଶରେ ଏବଂ ସର୍ବକାଳରେ ଦୃଷ୍ଟାନ୍ତବାକ୍ୟସ୍ୱରୂପ ପ୍ରଯୋଜ୍ୟ ହୋଇ ପାରେ, ସେହିଗୁଡ଼ିକ ସଂଗ୍ରହ କରି ତତ୍ପରେ ତାହାର ଇଂରାଜୀ ଓ ବଙ୍ଗଳା ଉଭୟ ଅନୁବାଦ ଏବଂ ବିଶେଷ ବିଶେଷ ସ୍ଥଳରେ ତାତ୍ପର୍ଯ୍ୟ ପ୍ରଦାନ କରିଅଛନ୍ତି । ସଙ୍ଗୃହୀତ ଉକ୍ତିଗୁଡ଼ିକ ସମ୍ବନ୍ଧରେ ଏତିକି କହିଲେ ଯଥେଷ୍ଟ ହେବ ଯେ ଏଥିରୁ ମାନବଜୀବନର ଉପଯୋଗୀ ବହୁ ପ୍ରୟୋଜନୀୟ ଉପଦେଶ ଲବ୍ଧ ହେବ, ଅଧିକନ୍ତୁ ଗୋଟିଏ ଗୋଟିଏ ଉକ୍ତିର ସୌନ୍ଦର୍ଯ୍ୟ ଏବଂ ଉନ୍ନତ ଭାବରେ ହୃଦୟ ମନ ମୋହିତ ହୋଇଯିବ । ଅନୁବାଦର ଭାଷା ଅତି ସୁନ୍ଦର, ସରଳ ଓ ସୁବୋଧ ହୋଇଅଛି । ଏପରି ସର୍ବାଙ୍ଗସୁନ୍ଦର ଅନୁବାଦ ରାୟ ବାହାଦୁରଙ୍କ ତୁଲ୍ୟ ସିଦ୍ଧହସ୍ତ ବ୍ୟକ୍ତିଙ୍କ ପକ୍ଷରେ କେବଳ ସମ୍ଭବ । ଉତ୍କଳାନୁବାଦ ସହିତ ଏହାର ଗୋଟିଏ ସଂସ୍କରଣ ହେବା ସର୍ବଥା ବାଞ୍ଛନୀୟ ମନେ କରୁଅଛୁଁ । ରାୟ ବାହାଦୁର ମହୋଦୟଙ୍କ ଜ୍ୟେଷ୍ଠ ପୁତ୍ର ଶଶୀ ବାବୁ ଏ ବିଷୟରେ ନିୟୋଗୀ ହେଲେ ଅତ୍ୟନ୍ତ ସୁଖର ବିଷୟ ହେବ । ପୁସ୍ତକର କାଗଜ, ଛପା ଓ ବନ୍ଧା ସବୁ ସୁନ୍ଦର । ମୂଲ୍ୟ ସୁଲଭ—ଆଠ ଅଣା ମାତ୍ର । କଲିକତାସ୍ଥ ୨୦୧ ନଂ କର୍ଣ୍ଣୱାଲିସ ଷ୍ଟ୍ରୀଟରେ ଶ୍ରୀଯୁକ୍ତ ଗୁରୁନାଥ ଚଟ୍ଟୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ମିଳେ ।

୨ । କବିତାମାଳିକା । ଶ୍ରୀ ଜଗନ୍ନାଥ ତ୍ରିପାଠୀଙ୍କ ରଚିତ । ଏଥିରେ ୧୨ ଗୋଟି କ୍ଷୁଦ୍ର କ୍ଷୁଦ୍ର ପଦ୍ୟ ଅଛି । ଲେଖା ଅତି ସାଧାରଣ, କଦାପି ଅପରିପକ୍ୱ । ଏତେ ତର ତର ହୋଇ ପଦାକୁ ବାହାରିବା ଭଲ ନୁହେଁ ।

୩ । ୪ । ୫ । ଶିକ୍ଷାବିନୋଦ (ମୂଲ୍ୟ ଛ ପଇସା), ପ୍ରଭାତପୁଷ୍ପାଞ୍ଜଳି (ମୂଲ୍ୟ ଛ ପଇସା), ସନ୍ଧ୍ୟାସ୍ତବ (ମୂଲ୍ୟ ଦେଢ଼ ପଇସା) । ଶ୍ରୀ ନୀଳମଣି ବିଦ୍ୟାରତ୍ନଙ୍କ ଦ୍ୱାରା ସଙ୍ଗୃହୀତ ଓ ପ୍ରକାଶିତ । ନିମ୍ନଶ୍ରେଣୀର ସାଧାରଣଙ୍କ ଉପଯୋଗୀ । ନୀଳମଣି ବାବୁ ଏ ଶ୍ରେଣୀର କ୍ଷୁଦ୍ର ପୁସ୍ତିକାମାନ ପ୍ରକାଶ କରି ଉତ୍କଳୀୟ ସାଧାରଣଙ୍କୁ ଜ୍ଞାନ ଓ ଆମୋଦ ପ୍ରଦାନ କରିବାରେ ବିଶେଷ ତତ୍ପର । ସେ ଉତ୍କଳବନ୍ଧୁ ନାମକ ସୁଲଭ ମାସିକ ପତ୍ରର ପ୍ରଚାରଦ୍ୱାରା ମଧ୍ୟ ବ୍ୟାବହାରିକ ଜ୍ଞାନ ବିସ୍ତାରର ସହାୟତା କରୁଅଛନ୍ତି । ତାଙ୍କର ଉତ୍ସାହ ଓ ଚେଷ୍ଟା ସର୍ବଥା ପ୍ରଶଂସନୀୟ ।

୬ । ମଙ୍ଗଳସଙ୍ଗୀତ, ପ୍ରଥମ ଖଣ୍ଡ । ନରସିଂହ-ପୁରାଧିପତି ରାଜା ଶ୍ରୀ ଧାମ୍ବୁଚରଣ ହରିଚନ୍ଦନ ମହାପାତ୍ରଙ୍କ ଦ୍ୱାରା ସଙ୍ଗୃହୀତ ଓ ପ୍ରକାଶିତ । ପୁସ୍ତକ ଖଣ୍ଡି ରାଜା ମହୋଦୟ ବିତରଣ ଉଦ୍ଦେଶ୍ୟରେ ପ୍ରକାଶ କରିଅଛନ୍ତି । ଭୂମିକାରୁ ପ୍ରକାଶ ଯେ ଏଥିରେ ସନ୍ନିବିଷ୍ଟ ଗୀତଗୁଡ଼ିକ "ଗଡ଼ଜାତ ରାଜ-ପରିବାରମାନଙ୍କ ଉପନୟନାଦି ଶୁଭକର୍ମ ସମୟରେ ଗାନ ହେଉଥିବା ମଙ୍ଗଳ ଗୀତ ଅଟେ ।" ଗୀତ-ଗୁଡ଼ିକ ପରସ୍ପର ଅସଂଲଗ୍ନ—ଶ୍ରୀରାମ, କାଳିକା, ଜଗନ୍ନାଥ, ରାଧାକୃଷ୍ଣ ପ୍ରଭୃତିଙ୍କ ବିଷୟରେ ରଚିତ । ରାଜା ଏବଂ ରାଜପରିବାରସ୍ଥ କୌଣସି କୌଣସି ରମଣୀଙ୍କ ଦ୍ୱାରା ବିରଚିତ । ରଚନା ସରଳ, ବର୍ଣ୍ଣନା

ସ୍ଥାନେ ସ୍ଥାନେ ସୁନ୍ଦର ଓ ଅଭିନବ ଜିନିଷ । ସେହି ସଂଗ୍ରହରୁ ଉତ୍କଳ ପୁସ୍ତକମାନ ସଂଗ୍ରହ କରି ପ୍ରକାଶ କରିବା ସଙ୍କେତ ମନ ବଳାଇ ବିଶେଷ ଧନ୍ୟବାଦର ଯୋଗ୍ୟ ହୋଇଅଛନ୍ତି । ଏହି ଉଦ୍ଧାର ପ୍ରବର୍ତ୍ତ ରହିଲେ ଉତ୍କଳୀୟ ଶିକ୍ଷିତମଣ୍ଡଳୀ ତାଙ୍କଠାରୁ ଅନେକ ପ୍ରାଚୀନ ଗ୍ରନ୍ଥ ଲାଭ କରିବାର ଆଶା କରିପାରେ । ଅତି ସାଧାରଣ ବା ନିକୃଷ୍ଟ ଶ୍ରେଣୀର ପୁସ୍ତକ ଲେଖି ବା ଲେଖାଇ ପ୍ରକାଶ କରିବା ଅପେକ୍ଷା ଏପ୍ରକାର ସଂଗ୍ରହରେ ଉପକାର ଓ ସୁଖ୍ୟାତି ନିଶ୍ଚୟ ଅଧିକ ।

୭ । ଭୁବନେଶ୍ୱର (ଏକାମ୍ରକାନନ-ବର୍ଣ୍ଣନା) ଶ୍ରୀ ଶ୍ୟାମବନ୍ଧୁ ଦାସ ପ୍ରଣୀତ ଏବଂ ପୁରୀର ମୁକ୍ତାର ଶ୍ରୀ ରାମଚନ୍ଦ୍ର ଦାସଙ୍କ ଅନୁକୂଳରେ ପ୍ରକାଶିତ । ମୂଲ୍ୟ ଚାରି ଅଣା ମାତ୍ର । ଏଥିରେ ଭୁବନେଶ୍ୱର ତୀର୍ଥ ପ୍ରତିଷ୍ଠାର ପୌରାଣିକ କଳ୍ପନା, ଏକାମ୍ର କାନନସ୍ଥ ପ୍ରଧାନ ପ୍ରଧାନ ଦେବମନ୍ଦିର ପ୍ରଭୃତିର ସଂକ୍ଷିପ୍ତ ପରିଚୟ ଏବଂ ମାହାତ୍ମ୍ୟ ପ୍ରଭୃତି ସରଳ ପଦ୍ୟରେ ବର୍ଣ୍ଣିତ ହୋଇଅଛି ।

୮ । ତାରକାରି । ପଣ୍ଡିତ ଶ୍ରୀ ମଧୁସୂଦନ ମିଶ୍ର ଶର୍ମ୍ମାଙ୍କ ପ୍ରଣୀତ । ମୂଲ୍ୟ ଚାରି ଅଣା । ପୁରାଣ-ପ୍ରସିଦ୍ଧ ଦେବ-ତାରକଯୁଦ୍ଧକୁ ମୂଳ କରି ପଣ୍ଡିତ ମହାଶୟ ତାରକର ଅତ୍ୟାଚାର ବର୍ଣ୍ଣନା କରି ସଂସ୍କୃତ ଭାଷାରେ ଗୋଟିଏ 'ଖଣ୍ଡକାବ୍ୟ' ପ୍ରଣୟନ କରିଥିଲେ । ଏ ଗ୍ରନ୍ଥ ତାହାର ଅନୁବାଦ । ... ପୌରାଣିକ ଅସଙ୍ଗତ କଳ୍ପନା, ... ମହାଶୟଙ୍କ ପ୍ରାକୃତିକ-... । ଆଧୁନିକ ଯୁଗରେ ଏପ୍ରକାର ପୁସ୍ତକ ରଚନା କରିବା ବୃଥାଶ୍ରମ ମାତ୍ର ! ଗ୍ରନ୍ଥକାର ... ସ୍ଥଳରେ ... ଜ୍ୟୋତିଃଶାସ୍ତ୍ରୀୟ ତତ୍ତ୍ୱ ବ୍ୟାଖ୍ୟା କରିବାକୁ ଚେଷ୍ଟା କରିଅଛନ୍ତି । ଏହା କେବଳ 'ଅବ୍ୟାପାରେଷୁ ବ୍ୟାପାର' । ସେ ଅନେକ ... ପ୍ରଣାଳୀ ... ସ୍ୱତନ୍ତ୍ର । ଏହା ପୌରାଣିକ ଅସଙ୍ଗତ କଳ୍ପନାକୁ ଅଧିକତର ଅସଙ୍ଗତ କରି ପକାଇଅଛି । ପୁସ୍ତକର ଅସାରତା ଦେଖାଇବାପାଇଁ ଦୃଷ୍ଟାନ୍ତ ଉଦ୍ଧାର କରି ସ୍ଥାନ ଓ ସମୟ ବ୍ୟୟ କରିବାକୁ ଆମ୍ଭେମାନେ କୁଣ୍ଠିତ । ଏ ଦେବଲୋକର କଥା, ଦେବ ଭାଷାରେ ଲେଖି ପଣ୍ଡିତ ମହାଶୟ ସୁବୁଦ୍ଧିର କାର୍ଯ୍ୟ କରିଥିଲେ, ଦେବଲୋକଙ୍କର ତାହାର ଅନୁଶୀଳନ ଦେଇଥାନ୍ତା । କିନ୍ତୁ ମର୍ତ୍ତ୍ୟବାସିଙ୍କ ପ୍ରତି ଏତେ ... କାହିଁକି ? ଏଥି ଉପରେ ପୁଣି ମୁଦ୍ରାକର-ପ୍ରମାଦ ଓ ଯଥେଚ୍ଛାଚାର ... ! ସବୁ ଅଡ଼ୁ ଧରି ବିଚାର କଲେ ପୁସ୍ତକ ଖଣ୍ଡି ନିତାନ୍ତ ଅପାଠ୍ୟ ହୋଇଅଛି । ଏହା କେବଳ ଶକ୍ତି, ସମୟ ଓ ଅର୍ଥର ଅପବ୍ୟୟ ମାତ୍ର ।

ଉତ୍କଳ ସାହିତ୍ୟ ।

ପାଠଶାଳାକୁ ଯାତ୍ରା । (୨)

ପାଠଶାଳାକୁ ଦିନ କ୍ଷଣର ଜଣେ ଗୁରୁ ସେତେବେଳେ ଏଥିରେ ଶିଶୁର କଥା କହୁ ନାହିଁ । ମନୁଷ୍ୟ ଜନ୍ମ ହେବାଠାରୁ ମରିବା ପର୍ଯ୍ୟନ୍ତ ଶିକ୍ଷାବୃତ୍ତିରେ ବିଚରଣ କରେ । ମୃତ୍ୟୁସମୟରେ ମନୁଷ୍ୟ ଯାହା ଶିକ୍ଷା ପାଏ ତାହା ଜୀବନ ପୂର୍ବରୁ ସୁଦ୍ଧା ଶିକ୍ଷା ପାଇଥିଲେ ଅଳ୍ପ ବିଦ୍ୟା ଥାନ୍ତା କଣ ? ଅତଏବ ବୃଦ୍ଧ ବୟସରେ ଶିଷ୍ୟତ୍ୱ ଗ୍ରହଣ କରିବ ଆପଣା ପକ୍ଷରେ ଏକପ୍ରକାର ସ୍ୱାଭାବିକ । ତେବେ ଭୟ ଏତିକି ଯେ “କାଖବାଳୁଅ ଗଡ଼ିଲୁ କାଠ-ପାଳିଅ ପାହାଉ” ନ ହେଲେ ଭଲ । ଏ ଗୁରୁ-ଶିଷ୍ୟଙ୍କ ମଧ୍ୟରେ ଗୋଟିଏ ଚୁକ୍ତି ହୋଇଅଛି । ଯେତେବେଳେ ଶିକ୍ଷା ଦେବେ ସେତେବେଳେ ଗୁରୁ, ଯେତେବେଳେ ଶିକ୍ଷା କରିବେ ସେତେବେଳେ ଶିଷ୍ୟ । ତାହା ଉପରେ କାହାର କିଛି ଦାବି ନାହିଁ । ଦୁହିଙ୍କର କଥାବାର୍ତ୍ତାରୁ ପାଠକେ ବୁଝିବେ :—

ଗୁରୁ—ଅମୁକ କଥାଟା ବୁଝିବାକୁ କହିଥିଲି, ବୁଝିଲ ?

ଶିଷ୍ୟ—ଆଜ୍ଞା ।

ଗୁରୁ—ଯେବେ ପାଇଥିଲ, ତେବେ ଅନ୍ୟ ଅମୁକ କଥାଟା ବୁଝି ଆସିଲ ନାହିଁ କାହିଁକି ?

ଶିଷ୍ୟ—(ଅପ୍ରସ୍ତୁତ ଭାବରେ) ଆଜ୍ଞା, ମତେ ତ ଅନ୍ୟ କଥା ବୁଝି ଆସିବାକୁ ଆଦେଶ ହୋଇ ନ ଥିଲା ।

ଗୁରୁ—ଦେଖୁଛୁ ତୁମେ ତ କହିବାଟା କର୍ତ୍ତବ୍ୟ ।

ଶିଷ୍ୟ—ଆଜ୍ଞା, ତା ନ ହୋଇଥିଲେ କ'ଣ ବୁଢ଼ାବେଳେ ପାଠ ପଢ଼ିବାକୁ ପଡ଼ନ୍ତା ?

ଗୁରୁ—ମୁଁ ଏପରି ଶିଷ୍ୟ ଦେଖି ନାହିଁ ।

ଶିଷ୍ୟ—(ଶିରନତ କରି ହୋଇ) ମତେ ନ କହିଲେ ମୁଁ ଜାଣିବି କାହୁଁ ? ତେବେ ଦେଖନ୍ତୁ, ନ କହିଲେ ଜାଣି ହେଉଥିଲେ ଉତ୍ତରଣୀ ମାରନ୍ତୁ, ଦୁଆରେ ରହିଲେ ମୁଁ ଜାଣିବି ।

ଗୁରୁ—ମୋର ଉତ୍ତରଣୀ ମାରିବାର ଦରକାର ନାହିଁ, କି ଏପରି ଚେଲାଙ୍କର ଦରକାର ନାହିଁ ।

ଶିଷ୍ୟ—(ଟିକିଏ ସେତେକ ଚିନ୍ତିତ ଭାବରେ) ଆଜ୍ଞା, ମୁଁ କିଣି କହି ପାରିବି ନାହିଁ ଯେ ମୋର ଏପରି ଗୋଲକ ଘର ବାପର ଦରକାର ନାହିଁ ?

ଗୁରୁ—ହଠାତ୍ ଏପରି କେତେ ପାଉଛ କାହିଁ ?

ଶିଷ୍ୟ—(ହାସ୍ୟଭାବରେ)—ଆପଣ ରାଗିଲେ ବୋଲି ।

ଗୁରୁ—ମୁଁ ରାଗିବି ନାହିଁ ।

ଶିଷ୍ୟ—ମୁଁ କଣ ଶିକ୍ଷା କରିବ, ତେବେ ବର୍ତ୍ତମାନ ଆଜ୍ଞା ।

ଗୁରୁ—ପରେ ଆସିବ । କେତେକ କଥା କହିବାର ଅଛି ।

ଗୁରୁ ଶିଷ୍ୟଙ୍କ ସମ୍ବାଦରୁ ସମ୍ପର୍କର ଘନିଷ୍ଠତା ଅବଶ୍ୟ ପାଠକମାନେ ବୁଝି ପାରୁଥିବେ । ଦୁଇଜଣ ଉତ୍ସାହରେ ଦଖଲ ଥିଲେ “ଗଙ୍ଗା ବେଢ଼ିଲେ ଥିବ, ଗାଙ୍ଗୀ ବୋଢ଼ିଲେ ଯିବ” ପ୍ରବାଦଟା ମନେ ପଡ଼ିବ । ଏପରି ସ୍ଥଳରେ ଯେତେବେଳ ହେଲା, ସେତିକିବେଳ ସହ । ସମ୍ପର୍କ ହେଉଁ ଦିନ

ଚର୍ଚ୍ଚିକା ବାଙ୍କିର ରକ୍ଷାକର୍ତ୍ତ୍ରୀ, ବାଙ୍କିର ଅଧିଷ୍ଠାତ୍ରୀ ଦେବୀ ଚର୍ଚ୍ଚିକାଙ୍କ ନାମାନୁସାରେ ନାମକରଣ । ଦେବୀ ଅର୍ଦ୍ଧଖୋଦିତ ମୂର୍ତ୍ତି, ଅର୍ଥାତ୍ ସମ୍ମୁଖଭାଗ କେବଳ ଖୋଦିତ । ଏହି ଦେଖିବାରୁ ପୂର୍ଣ୍ଣ ମୂର୍ତ୍ତି ଯୋଗର ଅଳଂକାର ପିନ୍ଧନ୍ତି, ଏ ସୋଗର ନ ପିନ୍ଧି ଚୂଡ଼ ପ୍ରଭୃତିରୁ ଫାଳେ ମାତ୍ର ପିନ୍ଧନ୍ତି । ପାହାଡ଼ ଉପରେ ସ୍ଥିତ ମନ୍ଦିରର ସୋପାନଶ୍ରେଣୀ ସ୍ଥାନେ ସ୍ଥାନେ ଅତି ପ୍ରଶସ୍ତ, ଭୂମିରେ ବିନ୍ଦୁ ହ୍ରାସ କରାଇବା ପାଇଁ ଏହା କରା ହୋଇଅଛି; ମଣ୍ଡପର ସ୍ଥାପତ୍ୟ କାର୍ଯ୍ୟରେ ଶିଳ୍ପନୈପୁଣ୍ୟର ପରାକାଷ୍ଠା ପ୍ରଦର୍ଶିତ ହୋଇଅଛି । ନାନା ଶିଳ୍ପବିମଣ୍ଡିତ ଗୁରୁଭାର ବାଲୁ ଶିଳାଖଣ୍ଡ କେତେକ ମାତ୍ର ସ୍ତମ୍ଭୋପରି ସ୍ଥିତ । ଏ ସ୍ଥାନରେ ଛାତ ଯାହା ପ୍ରସିଦ୍ଧ । ଇଂରେଜ ଗଭର୍ଣ୍ଣମେଣ୍ଟଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ଏହାକୁ ପୋଟିସେଧା ପ୍ରଭୃତି ଛାଡ଼ି ଯାଉଛି, କିନ୍ତୁ ଏପର୍ଯ୍ୟନ୍ତ କେହି ମାନସିକ ଜଣ ଦର୍ଶନ କରୁଛନ୍ତି । ସାଧାରଣ ଲୋକ, ପାଟଣା ଶ୍ରୀନ, ୧୧, ୧୪ ତା ୭ ପାଞ୍ଚ ଦିନ ପର୍ଯ୍ୟନ୍ତ ୭୦ ବର୍ଷ ଦେଶି ହୋଇଥାଏ, ଖାଦ୍ୟ ଦ୍ରବ୍ୟର ବିକ୍ରି ଅନେକାନେକ ଆସନ୍ତି । ଏଠାରେ ଲକ୍ଷ୍ମୀନର୍ସିଂ ସେନ, ପାଇକର ସୁନା, ଯାତ୍ରା, ଯୋଗ୍ୟ ଅଭିଜ୍ଞ, ଡାକଘର ପ୍ରଭୃତି ସମସ୍ତ ଆବଶ୍ୟକ କାର୍ଯ୍ୟାଳୟ ଅଛି । ଚର୍ଚ୍ଚିକାଙ୍କ ମନ୍ଦିର । କଟକଠାରୁ ପ୍ରାୟ ୩ ମାଇଲ ଗୋଟିଏ ମେଳା ବସେ । ଚର୍ଚ୍ଚିକା ପାହାଡ଼ଠାରେ ଚଉଷଠି, ସ୍ଥାନରେ ଜାଗ୍ରତ ଦେବୀ । ଏଠାରେ ଦେବୀ ଚଣ୍ଡୀ ଆସନରୁ ଭୟ କରିଥିଲେ, ମନ୍ଦିର ପାର୍ଶ୍ୱର ଦକ୍ଷିଣ ଶିବମନ୍ଦିରର ଏ ପାର୍ଶ୍ୱଭାଗରେ ସ୍ଥିତ ଯେ ଏକ ମନ୍ଦିରର ଗଣେଶମୂର୍ତ୍ତି ଅପର ମନ୍ଦିରର ଗଣେଶଜନନୀ ପାର୍ବତୀଙ୍କ ସମ୍ମୁଖରେ ପ୍ରତିଷ୍ଠିତ । ପୂର୍ବେ ଚର୍ଚ୍ଚିକା ଛଳେ ମହାନଦୀ ଗର୍ଭ ଥିଲା, ବର୍ତ୍ତମାନ ଦୋଳା ପଡ଼ିଯାଇଛି । ଚର୍ଚ୍ଚିକା ଦେବୀଙ୍କ ଭିନ୍ନ ଭିନ୍ନ ବେଶ ସେବକମାନଙ୍କର ଲୁହର ନିଦର୍ଶନ, ଦଶଦଶ୍ୱନ ଯେଉଁ ଦେବୀଙ୍କୁ ଉପୁଜନୀ ଦଶଭୂଜା, ମୁଣ୍ଡମାଳା ବିଭୂଷିତା, ମହିଷାସୁରମର୍ଦ୍ଦିନୀ ବେଶ କରାଇଥାନ୍ତି, ସେହି ଦେବୀଙ୍କୁ କୁମାରପୂର୍ଣ୍ଣିମା ଦିନ ଏପରି ନୈପୁଣ୍ୟରେ କୁମାରୀବେଶ କରନ୍ତି ଯେ ଦେବୀ ପାଞ୍ଚ ଛ ବର୍ଷର ସରଳା ବାଳିକା ପରି ଦିଶନ୍ତି ।

କାଲି ମାତ୍ର ବାଙ୍କିର ଅନେକ ଅଂଶ ଉଜୁଡ଼ି ହୋଇ ଯାଇଅଛି, ହରଚନ୍ଦନପୁର ପ୍ରଭୃତି ଶାସନର ଅସ୍ତିତ୍ୱ ଲୋପ ହୋଇଛି, ଠକାଆଳି, ରାମଚନ୍ଦ୍ରପୁର ପ୍ରଭୃତିରେ ମଧ୍ୟ ପ୍ରାୟ ସେହି ଦଶା । ବାଙ୍କି ସଡ଼କବାଟେ କଟକରୁ ଚର୍ଚ୍ଚିକାକୁ ଆସିବା ବେଳେ ଯେଉଁ ଅଞ୍ଚଳକୁ ଦୃଷ୍ଟି ଥିଲା ବାଲି ଦେଖାଯାଏ, ପୂର୍ବେ ସେସବୁ ସୁଜଳ, ସୁଫଳ, ଶସ୍ୟଶ୍ୟାମଳ କ୍ଷେତ୍ର ଥିଲା । ଯେଉଁ ଗୃହସ୍ଥମାନେ ଏହି ସବୁ କ୍ଷେତ୍ରର ଶସ୍ୟ ଉପରେ ନିର୍ଭର କରି କୁଟୁମ୍ବ ପ୍ରତିପାଳନ କରୁଥିଲେ, ସେମାନେ ବର୍ତ୍ତମାନ କି ଦୁରବସ୍ଥାରେ ଥିବେ ! ହୁଏତ ଯେ

ପାଣ ଶିଳ ଗୋଟି ଟଙ୍କାକୁ ଅଣ୍ଡାଳିରେ ଦାନ କରୁଥିଲି, ସେ ଆଜି ଅନ୍ନମୁଠାକପାଇଁ ଧଡ଼୍‌ପାଡ଼ ଆଶା କରୁଥିବ ।

ଚଣ୍ଡୀନାର ସମ୍ମୁଖରେ ମହାନଦୀର ଅପର ପାର୍ଶ୍ୱରେ ବଡ଼ମ୍ବାର ସର୍ବସ୍ଥାନ ଲୁମ୍ବକାଣ୍ଡ ପର୍ବତ ତଳେ ନାରସିଂହ ଗ୍ରାମ, ଏ ଗ୍ରାମ ପୂର୍ବେ ସମୃଦ୍ଧ ଥିଲା, ବର୍ତ୍ତମାନ ଭଗ୍ନ ସ୍ତୂପ ଗଳିପଡ଼ି ବୋଧ ହେଉଅଛି । ପାହାଡ଼ରେ ପ୍ରଚୁର କଅଁଳ ଫୁଲ ଫଳ, ଗୁଳ୍ମ ବନ ଅଛି । ଶିକାରର ଉପଯୁକ୍ତ ସ୍ଥାନ ।

ତେଲବଣିଆ ବଡ଼ମ୍ବାର ନଦୀକୂଳସ୍ଥ ଶେଷ ଗ୍ରାମ, ପାହାଡ଼ତଳେ ଅବସ୍ଥିତ । ପାଣିର ସୁଅ ଥିବାରୁ ଏଠାରେ ସାବଧାନରେ ନୌକା ନେବାକୁ ହୁଏ । ଏ ପାହାଡ଼ରେ ଅନେକ ମାଳଫୁଲ, ସୁସ୍ୱାଦୁ ଜଡ଼ାଆ ଶାଗ, ମୂଷାଗେରଡ଼ ବଗଡ଼ୋଲ ମିଳେ । ଗ୍ରାମରେ ଦୁଧ ଦହି ମଧ୍ୟ ମିଳେ ।

ବୈଦ୍ୟେଶ୍ୱର ବାଙ୍କିର ଅନ୍ତର୍ଗତ ସ୍ୱନାମପ୍ରସିଦ୍ଧ ପ୍ରାଚୀନ ଗ୍ରାମ ଗୋଟିଏ ପ୍ରଧାନ ପେଣ୍ଠ, ଅନେକ ମହାଜନ ଅଛନ୍ତି. ଗ୍ରାମଟି ସୁଦୃଶ୍ୟ, ମଧ୍ୟେ ମଧ୍ୟେ ଦେବମନ୍ଦିରଗୁଡ଼ିକ ଆକାଶରେ ମସ୍ତକ ଟେକି ଶୋଭା ବଢ଼ାଉଅଛନ୍ତି, ଗ୍ରାମ ନିକଟସ୍ଥ ପାହାଡ଼ଟି ଦୂରରୁ ହାତୀଟିଏ ଶୋଇଥିବାପରି ଦେଖାଯାଏ । ଏଠାରେ ରାମନାଥ ଓ ବୈଦ୍ୟନାଥଙ୍କ ମନ୍ଦିର ଅଛି । ଏହା ସମ୍ମୁଖରେ ମହାନଦୀ ମଧ୍ୟସ୍ଥ ଏଠାରେ ପାହାଡ଼ତଳେ ଟୋଟାରେ ବଡ଼ମ୍ବାର ପ୍ରସିଦ୍ଧ ସିଦ୍ଧନାଥଙ୍କ ମନ୍ଦିର, ମନ୍ଦିରଟି ସାଦାସିଧା । କିମ୍ବଦନ୍ତୀ ଅଛି, ରାମ, ଲକ୍ଷ୍ମଣ ଓ ସୀତା ରାମନାଥ, ବୈଦ୍ୟନାଥ ଓ ସିଦ୍ଧନାଥଙ୍କୁ ସ୍ଥାପନ କରିଥିଲେ । ଶୁଣିଲି, ରାମନାଥଙ୍କ ମନ୍ଦିରକୁ ବୈଦ୍ୟନାଥଙ୍କ ମନ୍ଦିର ଯେତେ ଦୂର, ବୈଦ୍ୟନାଥଙ୍କ ମନ୍ଦିରଠାରୁ ସିଦ୍ଧନାଥଙ୍କ ମନ୍ଦିର ସେତିକି ଦୂର । ଲୋକେ ଏହି ତିନି ଶିବଙ୍କ ମଧ୍ୟସ୍ଥ ସ୍ଥାନକୁ କାଶୀକ୍ଷେତ୍ରପରି ମଣନ୍ତି ଓ ସଙ୍ଗଦୋଷରୁ ଲୋକେ ପାରତ୍ରିକ ମଙ୍ଗଳ ଚିନ୍ତାରେ [illegible] କରନ୍ତି । ବୈଦ୍ୟେଶ୍ୱର ପାହାଡ଼ତଳେ ଅନେକ ଜମି, ଅନେକ ସୁନ୍ଦର ବାଡ଼ିର ଶୋଭାମୟ । ସିଂହନାଥଙ୍କ ମନ୍ଦିରର ମୂର୍ତ୍ତି । ସିଂହନାଥଙ୍କ ଅପର ପାର୍ଶ୍ୱରେ ଗୋପୀନାଥପୁରଗ୍ରାମ, ତା ପାଖରେ ପୂର୍ବ ଦିଆଳ ଠୋଳ ଥିଲା ।

ତୀର୍ଥସ୍ଥାନର ନାନା ପ୍ରକାର ପ୍ରତାରଣା ସେବକ-ମାନଙ୍କର ଦୁର୍ବ୍ୟବହାର ଅର୍ଥଲୋଭ ଓ ହାନି । ଏହାର ମୂଳକାରଣ । ଯେଉଁ ତୀର୍ଥ ଯେତେ ବଡ଼ ସେଠାର ସେବକମାନଙ୍କର ସୌଭାଗ୍ୟ ସେତେ ଅଧିକ, ଏମାନଙ୍କ ଉତ୍ପାତରେ ଭକ୍ତି ଥିଲେହେଁ ଅନେକ ଲୋକେ ଦେବଦର୍ଶନରେ ସଙ୍କୁଚିତ ହୁଅନ୍ତି । କୌଣସି ନିୟମରେ ମନ୍ଦିର ଭିତରକୁ ଗଲେ ଆଉ ନିସ୍ତାର ନାହିଁ । ଠିକଏ ଶାନ୍ତିରେ ଦେବାର୍ଚ୍ଚନା କରିବ, ନା ଅର୍ଥଲୋଭୀମାନଙ୍କ ହସ୍ତରୁ ଆତ୍ମରକ୍ଷା କରିବାକୁ ବାଧ୍ୟ ହେବ । ତୀର୍ଥସ୍ଥାନ ନିକଟସ୍ଥ ରେଲଷ୍ଟେସନରେ ଯାତ୍ରୀମାନଙ୍କ ଦୁର୍ଦ୍ଦଶା ଓ ପଣ୍ଡାମାନଙ୍କ କାମୁଡ଼ା କାମୁଡ଼ି ଅନେକେ ପ୍ରତ୍ୟକ୍ଷ କରିଥିବେ । ହାୟ ଗୋବିନ୍ଦ ! ସେମାନଙ୍କ କବଳରୁ ମୁକ୍ତ ହେଲେ ରକ୍ଷା । ଗତ ଉତ୍ସବ ସମୟରେ ମୁଁ, ମୋହର ପିତୃଦେବ ଓ ୩ ବର୍ଷ ବୟସ୍କ ଶିଶୁପୁତ୍ର ପୁରୀ ଯାଇଥିଲୁଁ, ମନ୍ଦିରର ବ୍ରାହ୍ମଣମାନଙ୍କ ବିକଟ ଚିତ୍କାର ଓ ଅର୍ଥ-ଯାଚ୍ଞା ଶୁଣି ମୋ ଶିଶୁପୁତ୍ରଟି ପିଲାଙ୍କୁ କହୁଥିଲା, "ବାପା ! ଗୋଟାଏ ପଇସା ଫୋପାଡ଼ି ଦେ, ଖାଇ ଯିବେଟି ।" ଦେଉଳରେ ଅଯଥା ଠେଲମାଡ଼ ଦେଖି କହୁଥିଲା, "ଏଭଳି ଦେଉଳକୁ ମଣିଷ କାହିଁକି ଆସନ୍ତି ? ଲୋକେ ଦର୍ଶନ କରିବାକୁ ଆସିଛନ୍ତି, ନା ମାଡ଼ ଖାଇବାକୁ ଆସିଛନ୍ତି ?" ଘନ ଚର୍ଚ୍ଚିର ପିଲା ବୁଝିଥିଲା, ଏଠାରେ ଏପରି ନାହିଁ ସବୁ, ଅଭ୍ୟାଗତହିଁ ସାର । ସିଂହନାଥଙ୍କ ସେବକ ତାଙ୍କରେ ମାନ, ଠାକୁରଙ୍କୁ ଦର୍ଶନ କରିବାକୁ ଗଲେ ମୁଁ ତାଙ୍କରେ ଅଭିଯୋଗ କରିବ, ଏହା ଜାଣି ପାରି ସେମାନେ ମନେ କଲେ, ଯେବ କହିଲେ

ସତ୍ୟ ହେବ, ତେବେ ଆମ୍ଭମାନଙ୍କ ଭିତ୍ତି ହେବ ନାହିଁ । ସେ ଏକ ଗଳ୍ପ ଅବଲମ୍ବନ କରି କହିଲେ, 'ଏହାତେ ବଳପ୍ରତିଷ୍ଠିତ, ସେବକଙ୍କ ଭିନ୍ନ ଅନ୍ୟ କାହାରି ପୂଜା ଅର୍ଚ୍ଚନା କରିବାର ଅଧିକାର ନାହିଁ ।' ମୁଁ ପଚାରିଲି, ତେବେ ପାଖରେ ତ ବ୍ରାହ୍ମଣଗ୍ରାମ, ସେଠା ବ୍ରାହ୍ମଣ କଣ ଶିବପୂଜା କରନ୍ତି ନାହିଁ ? କହିଲେ 'ଓଡ଼ିଶା (ପୁରୀ) ବ୍ରାହ୍ମଣ ଆସିଲେ ତ ଫେରି ଯାନ୍ତି, ରାଜଦରବାରଙ୍କର ମନା ।' ସେଠି ମନ୍ଦିରରେ ଆସି ପଚାରିଲେ, ପାଳିଆଙ୍କର ପରିଚୟ ହେବ, ଦର୍ଶନକୁ ଯିବେ ପରା ? ମୁଁ କହିଲି ସେ ଜାଗାରେ ସେମାନଙ୍କଠାରୁ ବ୍ରାହ୍ମଣ ଆନ କେବେ, ସେଠାକୁ ବ୍ରାହ୍ମଣ ହୋଇ କପରି ଯିବ ? ଯଦି ରାଜଦରବାରରୁ ଅନୁମତି ପାଏ, ତେବେ ଦର୍ଶନ କରିବ, ଛଡ଼ାଇ ନ ଦେବ । ସେ କହିଲେ, 'ଆମ୍ଭେମାନେ ଥାଉଁ ଥାଉଁ, ଆପଣ କାହିଁକି ଯିବେ ? ଦକ୍ଷିଣା ଦେଲେ ଆମ୍ଭେମାନେ ସବୁ କରିଦେବୁଁ ।' ଯେତେବେଳେ ଦେଖିଲେ ମୁଁ ଦର୍ଶନକୁ ଯିବି ନାହିଁ, କହିଲେ, 'ଯେତେବେଳେ ଏ ସ୍ଥାନକୁ ଆସିଛନ୍ତି, ତେବେ କଣ ଦର୍ଶନ ହୋଇ ନାହିଁ କି ? ମନର ଭକ୍ତିରେ ସବୁ, ଆମ୍ଭମାନଙ୍କୁ ବିଦାୟ କରନ୍ତୁ ।' ଦୁଇ ବ ହୋଇଛି, କମାଇ ବ ହୋଇଛି, ଅନେକକ୍ଷଣ କିଛି ପାଇବାକୁ ଚେଷ୍ଟା କରି ଶେଷରେ ନିରାଶ ହୋଇ ଫେରି ଗଲେ । ମୁଁ ବାହାରୁ ନୈବେଦ୍ୟକୁ ପ୍ରଣାମ କରି ବାହାରି ଆସିଲି । ବଡ଼ମ୍ବାର ଶ୍ରୀଯୁକ୍ତ ରାଜା ସାହେବ ଓ ମ୍ୟାନେଜର ବାବୁଙ୍କୁ ଜଣାଇବାରେ, ଉତ୍ତର ପାଇଲି, ଏପରି କିଛି ନିଷେଧ ନାହିଁ, ଭବିଷ୍ୟତରେ ଯେପରି ସେବକମାନେ ଏପରି ଦୁର୍ବ୍ୟବହାର ନ କରନ୍ତି ତାହାର ବିହିତ ଉପାୟ ଅବଲମ୍ବିତ ହେଉଅଛି ।

ଶଙ୍ଖମେର, ମଙ୍ଗରାଜପୁର ବଡ଼ମ୍ବାର ବନାଂଶ ଗ୍ରାମ । ବଡ଼ମ୍ବା ରାଜବଂଶର ଆଦିପୁରୁଷ ରାଜ୍ୟର ପ୍ରତିଷ୍ଠାତା ହଟ୍ଟକେଶ୍ୱର ରାଉତ ଓ ମଙ୍ଗଳେଶ୍ୱର ବଞ୍ଚିତ ଏହି ଦୁଇ ଗ୍ରାମ ଗଙ୍ଗ ରାଜାଙ୍କଠାରୁ ସନନ ସହିତ ପାଇ ପ୍ରଥମ ଓଡ଼ିଶାଦେଶ ସ୍ଥାପନ କରି ଥିଲେ, ଜନଶ୍ରୁତି ରାଜ୍ୟ ବିସ୍ତାର କରି ସମସ୍ତ ବଡ଼ମ୍ବା ଅଧିକାର କଲେ । ଏହିଠାରୁ କ୍ରମେ କ୍ରମେ ନୂତନ ଗ୍ରାମ ବସି ଥିବାରୁ ନିଜ ଗାଡ଼ଘରେ ନାହିଁ । ତାମ୍ରଶାସନ ଲେଖା ମିଳିବା ଦରକାର ଅଧେଶଦ୍ୱାର ଜଣିବ ।

ଶଙ୍ଖମେରରେ ବଡ଼ମ୍ବାର ଅଧିଷ୍ଠାତ୍ରୀ ଦେବୀ ଭଟ୍ଟାରିକାଙ୍କ ମନ୍ଦିର ସତ୍ୟ ତ୍ରିଲୋଚନ ପ୍ରତିଷ୍ଠିତ, ଏହାଙ୍କ ନାମାନୁସାରେ ରାଜ୍ୟର ନାମକରଣ । ଦେବୀ ରାଜ୍ୟର ରକ୍ଷାକାରିଣୀ ମାତା, ସେଥିରୁ —ବୃଦ୍ଧମ୍ବା, ବଡ଼ମ୍ବା, ବଡ଼ାମ୍ବା । ଦେବୀ ପାଷାଣୋପରି ଖୋଦିତ; ଯେତେବେଳେ ଭାସ୍କର ବିଦ୍ୟାର ଉନ୍ନତି ହୋଇ ନ ଥିଲା, ବୋଧହୁଏ ଏ ଦେବୀ ସେ ସମୟରେ ପ୍ରତିଷ୍ଠିତ ହୋଇଥିଲେ । ଏହି ସିଦ୍ଧାନ୍ତ ଅନୁସାରେ ଚର୍ଚ୍ଚିକାଙ୍କଠାରୁ ଭଟ୍ଟାରିକା ପ୍ରାଚୀନ । ଦଶହରା ପ୍ରଧାନ ପର୍ବ, ଅସଂଖ୍ୟ ବଳି ଦିଆଯାଏ । ସେ ସମୟରେ ସେ ସ୍ଥାନକୁ ରାଜା ବା ରାଜବଂଶୀୟଙ୍କର ଯିବାର ନିଷେଧ । ଏଠାରେ ପାଣିର ସୋଡ଼ା ଅଛି, ନାବିକମାନେ ଦେବୀଙ୍କୁ ଅତ୍ୟନ୍ତ ଭକ୍ତି କରନ୍ତି, ମହାନଦୀ ଉଜାଣି ଯେଉଁ ଆସିବାବେଳେ ଦେବୀ ଚର୍ଚ୍ଚିକା ଓ ଭଟ୍ଟାରିକାଙ୍କୁ ପୂଜା ମାନି ଯାଉଥାନ୍ତି, ଫେରି ଯିବାବେଳେ ଶକ୍ତି ଅନୁସାରେ ସିନ୍ଦୂର, ନଡ଼ିଆ, କେହି କେହି ବଳିପର୍ଯ୍ୟନ୍ତ ଦେଇ ଯାନ୍ତି । ଏ ସ୍ଥାନକୁ ପରଶୁରାମପୀଠ ମଧ୍ୟ କହାଯାଏ । ମନ୍ଦିର ପାଖରେ ଖଣ୍ଡେ ବଡ଼ ପଥର ଅଛି, ପ୍ରବାଦ ଏପରି ଯେ ପରଶୁରାମ ଏହି ପଥର ଉପରେ ତପସ୍ୟା କରିଥିଲେ । ଦେଉଳ ପଛରେ ଆଉ ଖଣ୍ଡେ କ୍ଷୁଦ୍ର ପାହାଡ଼ ଅଛି, ତାକୁ ପାହାଡ଼ ନ କହି ବରଂ ଖଣ୍ଡେ ବଡ଼ ପଥର କହିଲେ ପ୍ରକୃତ ହେବ । ପଥରଟି ଦୁଇ ଖଣ୍ଡ ହୋଇ ଉପର ପାଖରୁ ଫାଟିଛି, ଏହାକୁ ଧୋଳଗମ୍ଭୀର କହନ୍ତି, ଅର୍ଥାତ୍ ଧୋଳଭଞ୍ଜଣୀ ଦେବୀ ଏଠାରେ ବାସ କରନ୍ତି । ପୂର୍ବେ ଏଠାରେ ନରବଳି

ପ୍ରଚଳିତ ଥିଲା; ଲୋକଙ୍କର ବିଶ୍ୱାସ, ନିର୍ଦ୍ଦିଷ୍ଟ ଦିନ ଦେଖିବାକୁ ଦେବୀଙ୍କ ଲୀଳାରେ ସେ ନୌକାଟି ପ୍ରକାରର ମନୁଷ୍ୟ ଅଛି ଯୋଗିନୀମୂର୍ତ୍ତି ଉଠାଉଛି ନେଇଥାନ୍ତି, ଦେବୀଙ୍କ ମହାପ୍ରସାଦ ବାଣ୍ଟନ୍ତି; ସେବକେ ଯୋଗିନୀଙ୍କ ମନ୍ଦିରରେ ବାଜା ବାଜଇ ଥାନ୍ତି ସେଥିରେ ପଡ଼ୁଥିବା ପଦଚିହ୍ନରୁ ଅନୁମାନ କରନ୍ତି,ଯିଏ ବଡ଼ ବଳ ଥାଉଛି। ସେ ଅନୁମାନର ଘଣ୍ଟାଘରଠାରୁ ଖବର ଦିଆ ହୋଇଯାଏ । ଯାହା ମନେହୁଏ ଜାଣନ୍ତି ଯେ ଏହା ସମ୍ପୂର୍ଣ୍ଣ ଅମୂଳକ, କେବଳ ସେବକମାନଙ୍କ ଗଳ୍ପ,ତେବେ ପୁରୀ ପୂର୍ବପ୍ରଥା ଚଳି ଆସୁଅଛି । ମହାସ୍ନାନୀ ଘାଟରେ ଦେବୀ କାଳିସୀଠାରେ ରହି ଥିଆନ୍ତି, କାଳିସୀ ଭବିଷ୍ୟତ କଥାମାନ କହନ୍ତି । "କଣା କାଣକୁ ସତ କହେ, ଯାହା ଦେଖେ ଖାଦ୍ୟ କହେ"; କିନ୍ତୁ ଅବଳୀଳାକ୍ରମେ ମହାଶୟ ଯେଉଁ ପାହାଡ଼ ଉପରକୁ ଚଢ଼ିବାରେ ଭାବାର ବାହାଦୁର ଅଛି । ଏହା ପାର୍ଶ୍ୱରୁ ବହିବାର ଗୋଟାଏ ନାଳ ବାଉଁଶ ଯେଣୁ । ନଦୀର ଏହି ଅଂଶରୁ ପର୍ଯ୍ୟାପ୍ତ ପରିମାଣରେ ମାଛ ଧରହୁଏ; ଜାଲ ପକାଇଲେ ମାଛ ବାର ପଣ ଓ କୁମ୍ଭୀର ତେର ପଣ ଜାଲରେ ପଡ଼ନ୍ତି !

ଖଣ୍ଡପଡ଼ା ଅନ୍ତର୍ଗତ ପଦ୍ମାବତୀ ମହାନଦୀ ତଟ; କଣ୍ଟିଲୋ ମହାନଦୀର ପ୍ରଧାନ ଗ୍ରାମ; ନରସିଂହପୁରର ପ୍ରଧାନ ଗ୍ରାମ କାନପୁର ଓ ଏହି ଯାଇ କଣ୍ଟିଲୋର ପୁଷ୍ଟି ସାଧନ କରୁଛି । ପାହାଡ଼ ଉପରସ୍ଥ ନୀଳମାଧବଙ୍କ ମନ୍ଦିର ପ୍ରଧାନ ଦର୍ଶନୀୟ ସ୍ଥାନ; କଟକରୁ ଏପର୍ଯ୍ୟନ୍ତ ଲୋକେ ଲୁକ୍ରିୟ ଦର୍ଶନୀୟ ସ୍ଥାନ ଅଛି, ଏହା ସର୍ବୋପରେ । ମନ୍ଦିରରୁ କଣ୍ଟି ଘାଟି ପର୍ଯ୍ୟନ୍ତ ପାହାଚ କଟା ହୋଇ ପାହାଚ ହୋଇଅଛି, ପୁରୀ ଶ୍ରୀ ଜଗନ୍ନାଥ ଦେବଙ୍କ ମନ୍ଦିର ଅନୁକରଣରେ ଦେବ ଦେବୀ ପ୍ରତିଷ୍ଠିତ । ଏପରି ସୁଦୃଶ୍ୟ, ସୁସ୍ଥାନସ୍ଥିତ ମନ୍ଦିର ଅଳ୍ପ ଦେଖାଯାଏ, ନଦୀ ମଧ୍ୟରୁ ଅନେକ ଦୂରରୁ ଏହାର ଶୋଭା ଉପଭୋଗ୍ୟ; ଚନ୍ଦ୍ରକର ଯେପରି ଖଣ୍ଡେ ନେଇ ରଖି ହୋଇଅଛି । ପିଣ୍ଡାଗ୍ରାମ ନିକଟରେ ମହାନଦୀ ମେଳେ ସେହିସେହି ସମାନ ଧାର ନାହିଁ, ଏଠାରେ ଅଧ ମାଇଲ ଅଛି ହେବ । ଏଠାରେ ସାଧାରଣଙ୍କ ବ୍ୟବହାର, କାରଖାନା, ଡାକଘର, ବିଦ୍ୟାଳୟ ଆଦି ଅଛି, ବାଜାର ଥିଲା, ସ୍କୁଲ ପ୍ରଭୃତି ପ୍ରତିଷ୍ଠିତ । ମହାନଦୀ ସ୍ରୋତ, ପିଣ୍ଡାର ନିକଟରେ ଏକୋଟି ପ୍ରସ୍ତର ସ୍ତୂପ । ଏଠାରେ ଗୋଟିଏ ଶିବ ମନ୍ଦିର ଓ ଗ୍ରାମ ଦେବତା ଅଛି ।

ଭାଲିଆଗଡ଼, ଶାସନପୁରର ପ୍ରଭୃତି ନରସିଂହପୁରରେ ନାମ ଅନେକ ଗ୍ରାମ, ନଦୀରେ ଯୋଗ ଦେବାକୁ, ପ୍ରବାଦ ଉଠି ଯାଇ ଅନ୍ୟତ୍ର ବସବାସ କରୁଅଛନ୍ତି । ଭାଲିଆଙ୍କ ପ୍ରବାଦ ବଡ଼ାମ୍ବା ଓ ନରସିଂହପୁର ଦୋଷମାନଙ୍କରେ ବସବାସ କରୁଅଛନ୍ତି, ଗ୍ରାମଟିର ନାମ କେବଳ ଭାଲିଆର ରହିଅଛି । ସ୍ଥାନୀୟ ମାନଙ୍କର ମଙ୍ଗଳଶା ପାଣ୍ଡବ ଗ୍ରାମଟିକୁ ସୁଦୃଶ୍ୟ ଓ ସୁରକ୍ଷିତ କରିବାକୁ ବାସଂଖ ଚେଷ୍ଟା କରୁଛନ୍ତି, କିନ୍ତୁ ତାଙ୍କର ସେ ଇଚ୍ଛା ପୂର୍ଣ୍ଣ ହେବ କି ?

ବାଣେଶ୍ୱର—ନରସିଂହପୁର ଅନ୍ତର୍ଗତ, ମହାନଦୀ ମଧ୍ୟସ୍ଥ ପଠାରେ ପାହାଡ଼ କଟିଦେଶରେ ବାଣାସୁରପୂଜିତ ବାଣେଶ୍ୱର ମହାଦେବ ପ୍ରତିଷ୍ଠିତ; ଏହି ମନୋହରମ ପୁଣ୍ୟତୀର୍ଥ ସ୍ଥାନ, ପାହାଡ଼ ଉପରେ ପୂଜାର ଛୋଟାଟିଏ ଅଛି । ଏଠାରେ ମକର ସଂକ୍ରାନ୍ତି ଦିନ ଭଲ ମେଳା ବସେ; ପ୍ରବାଦ ବାଣାସୁରର ଆବାସ ଏଠାରେ ଥିଲା । ନଦୀର ଉତ୍ତରତଟର ଓ ପଠାମଧ୍ୟରେ ଅନେକଗୁଡ଼ାଏ ପ୍ରସ୍ତରସ୍ତୂପ ଅଛି, ସମ୍ଭବତଃ ପାହାଡ଼ ଭୂଭାଗସହିତ ସଂଲଗ୍ନ ଥିଲା, ମଝିରେ ଗୋଟାଏ ନାଳ ହୋଇ ଯାଇ ପାହାଡ଼ ବିଚ୍ଛିନ୍ନ ହୋଇଗଲା, ଶେଷରେ ପରିଣତ ହେଲା । ଏହି ଭଗ୍ନ ସ୍ତୂପକୁ ବାଣାସୁର ପ୍ରୋଥିତ ଭଗ୍ନାବଶେଷ କହନ୍ତି । ଏ ସ୍ଥାନରେ ପୂର୍ବେ ଦେବାଳୟ, ପ୍ରାସାଦ ପ୍ରଭୃତି ଥିବା ନିଃସନ୍ଦେହ । ପାହାଡ଼ର ଚତୁର୍ଦ୍ଦିଗରେ ଖୋଳିଲେ ବଡ ବଡ, ପ୍ରସ୍ତର,ଗନ୍ତ

ନେ ନାହାନ୍ତି, ପରନ୍ତୁ ମନ୍ଦିରରେ ଏହି ପ୍ରକାର ପ୍ରବାଦ ଶୁଣିଲା। ଦେବଦେବୀଙ୍କ ମୂର୍ତ୍ତି ନିର୍ମାଣ ଜଙ୍ଗଲ ଗାଳିଆ ପଥରର ଗୋଟିଏ ସ୍ତ୍ରୀ ମୂର୍ତ୍ତି ଦେଖା ଯାଉଅଛି, ମୂର୍ତ୍ତିଟି ଚଣ୍ଡୀଦେବୀଙ୍କ, ପ୍ରାୟ ପୂର୍ଣ୍ଣଦେହଳ, ଏପରି ପଥର ଏ ଅଞ୍ଚଳରେ ମିଳେ ନାହିଁ. କୌଣସି ଦୂର ସ୍ଥାନରୁ, ସମ୍ଭବତଃ ଗାଙ୍ଗେୟ ଦେଶରୁ. ଆନୀତ ହୋଇଥିବ. ଭାସ୍କର କାର୍ଯ୍ୟ ପ୍ରଥମ ଶ୍ରେଣୀର, ଏହାର ପୂର୍ବ ଗୌରବର ପରିଚାୟକ, ଯଥାଯଥ ଜୀବନ୍ତ ପ୍ରତିମାର ଅନୁକରଣ କରି ହୋଇଅଛି; ଲୋକେ ଦେଖି ବୋଲି ପୂଜା କରନ୍ତି. ମୂର୍ତ୍ତିଟି ସ୍ଥାନେ ସ୍ଥାନେ ଭଙ୍ଗି ଯାଇଅଛି, ବୋଧ କଳାପାହାଡ଼ର! ଭୂମିକମ୍ପରେ ପଡ଼ି ଯାଇ ଭାଙ୍ଗି ଛୁଟି ଯାଇଥିବା ଅନୁମାନ ବେଶି ସଙ୍ଗତ। ଏହିପରି ଆଉ ଗୋଟିଏ ମୂର୍ତ୍ତି ପାହାଡ଼ ଖୋଳି ଖୋଳି ବାହାରିଥିଲା. ସେ ମୂର୍ତ୍ତିକୁ ବହୁ ଯତ୍ନରେ, ଯାଦୁଘରକୁ (Calcutta Museum) ପଠାଇବାପାଇଁ ଗତ ବର୍ଷ ଶ୍ରୀଯୁକ୍ତ ଗୁପ୍ତ ସାହେବ ଏଠାରୁ ନେଇଅଛନ୍ତି; 'ଉତ୍କଳ ସାହିତ୍ୟ'ର କୌଣସି କୌଣସି ପାଠକ ବୋଧ ହୁଏ ସେ ମୂର୍ତ୍ତିକୁ ମାନନୀୟ ସାହେବ ମହୋଦୟଙ୍କ ବେ.ଠି.ରେ ଦେଖିଥିବେ। ଏ ସୋପାନରେ ଜ୍ୟୋତ୍ସ୍ନାମୟୀ ରଜନୀ ଯାପନ ଅତି ସୁଖକର; ସୁଖକର ନାହିଁକି, ସୌଭାଗ୍ୟ ବୋଲିବାକୁ ହେବ; ଏକ ପାର୍ଶ୍ୱରେ ପାହାଡ଼, ଏକ ପାର୍ଶ୍ୱରେ ଗହନ ଅମ୍ର କାନନ, ସମ୍ମୁଖରେ ଜ୍ୟୋତ୍ସ୍ନାବିମଣ୍ଡିତ ଶୁଭ୍ର ସୈକତ, ତା ତଳକୁ କଳନାଦିନୀ କଲ୍ଲୋଳିନୀ, ନାନା ପ୍ରକାର ଜୀବଜନ୍ତୁଙ୍କର ସୁମଧୁର ଶବ୍ଦ; ଋଷି, ମୁନି, ତପସ୍ୱୀମାନଙ୍କର ଉପଯୁକ୍ତ ସ୍ଥାନ। ତପୋବନ ସଦୃଶ ସବୁ ଶାନ୍ତ, ସ୍ଥିର; ଚଉଅଡ଼େ ପାଣି ଥିବାରୁ କୌଣସି ହିଂସ୍ର ଜନ୍ତୁର ଉପଦ୍ରବ ନାହିଁ। ପାହାଡ଼ ଉପରେ ଥଳ ଅଛି, ଥଳରୁ ଚତୁର୍ଦ୍ଦିଗର ପ୍ରାକୃତିକ ଦୃଶ୍ୟ ଅତି ମନୋହର। ଏଠା ନିକଟସ୍ଥ ଗୋଟାଏ ଝରଣାର ବାଲିରୁ ମାଣିକ ନୁନି ପଦ୍ମ ପଥର ମିଳେ, ଅତି ଶୁଭ୍ର ସୁନା ନୀଳରୁ ଏକାଏ କରାଏ ଜଣିନ, ଏ ଶୁକ୍ରଣୀକୁ ଘାଟିକଟାଇ କରନ୍ତି। ପଧାନାଳ ଜା ଜୁଳିସ୍ଥ ଅତ୍ୟନ୍ତ ଗ୍ରାମ, ପ୍ରାଚୀନ ନଗର ମହାଦେବଙ୍କ ମନ୍ଦିର। ଦେଉଳଟ ବହୁ ଅନେକ।

ସିଂହାସନା ପାହାଡ଼, କଣ୍ଡ ଡାଉ ନିକଟରେ, ପାହାଡ଼ଟି ଗୋଟିଏ ସିଂହାସନ ପରି, ଯୋଜନ ଏ ତରୁଗୁଳ୍ମଲତାଚ୍ଛାଦିତ ଗୋଟିଏ ବନ। ଚାରି ଦୂର ପ୍ରାନ୍ତରେ ଦଶଟି ବଙ୍ଗଳା, ପାହାଡ଼ ଜଳ ନଦୀର ଅଂଶ ଗର୍ଭିତ। ଏହି ଗ୍ରାମରେ ଦୁଧ, ଦହି, ଘିଅ, ମାଛ ପ୍ରଭୃତି ମିଳେ। ଏ ସ୍ଥାନ ପୂର୍ବେ ନଦ-ଶିବପୁରର ଓଡ଼ିଆ ଧନ୍ୟାନ୍ୟପୂର୍ଣ୍ଣ, ଐଶ୍ୱର୍ଯ୍ୟଶାଳୀ ଗ୍ରାମ ଥିଲା, ବର୍ତ୍ତମାନ ଦୁର୍ଭିକ୍ଷ ପ୍ରପୀଡ଼ିତ, କମି ଯାଉ ଯାଇ ରହି ଏକାବେଳକେ ଉଜୁଡ଼ି ହେଲଣି, ତ ମର ଅବସ୍ଥା ଦେଖିଲେ ଗୋଟିଏ ଯେପରି ଏହା ବିଶେଷଭାବରେ ଅଭିଶପ୍ତ, ଅନେକ ଗ୍ରାମ ଛାଡ଼ି ଗଲେଣି, କେତେକ ରହିଛନ୍ତି, ପ୍ରାୟ ପ୍ରତିବର୍ଷ ଗ୍ରାମଟି ଯୋଡ଼ିଯାଏ, ବନ୍ୟାଜଳ ମଧ୍ୟେ ମଧ୍ୟେ କଷ୍ଟକର କାମ କରି ପଡ଼ା କରିବାକୁ ଚେଷ୍ଟା କରେ। ପୂର୍ବେ ଏହି ଗ୍ରାମରୁ ପ୍ରାୟ ବାରଶହ ଟଙ୍କା ରାଜସ୍ୱ ଆଦାୟ ହେଉଥିଲା, ବର୍ତ୍ତମାନ ବିଶାଖ ଏବେ ରହିଲଣି, ତାହା ପୁଣି ଅନାଦାୟ। ଏମାନଙ୍କୁ ରକ୍ଷା କରିବାପାଇଁ ସରକାରଙ୍କୁ ଅନେକ ଧାନ ଦିଆ ହୋଇଅଛି, ତାହା ଅଦାୟ ହେବାର ଆଶା ନୁହେଁ। ଯେଉଁଠାରେ ଦୂର ନେ ହାତ ବାଲି ତଳେ ମାଟି ଅଛି, ସେ ସବୁ ସ୍ଥାନରେ କଖାରୁ, ଫୁଟି, କନ୍ଦମୂଳ କରି ଲୋକେ ଜୀବିକା ନିର୍ବାହ କରନ୍ତି, ଭଲ କନ୍ଦମୂଳ ହୁଏ, ସମସ୍ତ ସମୟରେ ଗୋଟିଏ ଗୋଟିଏ କନ୍ଦମୂଳ ସେରେ, ନେ ପା ଓଜନର ହୁଏ। କାଳି-ପୁର ନଦୀ କୂଳରୁ କିଛି ଦୂରରେ, ମହାଜନ-ବସତ, ପୂର୍ବେ ସମୃଦ୍ଧ ଗ୍ରାମ ଥିଲା, ବର୍ତ୍ତମାନ ଭାଙ୍ଗି ଭୁଟି ଯାଇ କଣ୍ଟକର ପୁଷ୍ଟିମାଧନ କରଅଛି, କାଳପୁର ବାସନ ଉତ୍କୃଷ୍ଟ ବାହନ। ଗତବର୍ଷ ଜଣେ କଂସାରି ବାସନ ପ୍ରଦର୍ଶନୀ ପାଇଁ ଦେଇଥିଲା,

ସେ [illegible] ଦେଉଥିଲା । ଅତିନିକଟସ୍ଥ [illegible] ମୂଳ [illegible] ହୋଇଅଛନ୍ତି । ଗ୍ରାମଟି [illegible] ଶିକ୍ଷିତ ଲୋକଙ୍କର [illegible] ଅଛି । [illegible] ଉପଯୋଗୀ [illegible] ମଧ୍ୟ ପ୍ରସ୍ତୁତ ହୁଏ । ସେମାନଙ୍କର [illegible] ମାନଙ୍କଠାରୁ [illegible] ଆଣିଥିଲେ, ସେମାନେ [illegible] ଦେଖାଇଥିଲେ । ଏ [illegible] ଗୋଟିଏ ଅପରପ୍ରାଇମେରୀ ବିଦ୍ୟାଳୟ ଓ ଥାଣା ଅଛି । ଯେତେବେଳେ ଗ୍ରାମଟି ସମୃଦ୍ଧ ଥିଲା, ସେ ସମୟରେ ସମସ୍ତ [illegible] ଅନୁମାନ [illegible] ଥିଲେ, [illegible] ପ୍ରାୟ ୧୮୪ [illegible] ଦେବାକୁ ଅଭ୍ୟାସରେ [illegible] ଥିଲା । ବର୍ତ୍ତମାନ ଅବସ୍ଥା [illegible] ଦେବାକୁ [illegible] ଆସି ଅଛି । [illegible] ଗ୍ରାମ, ଗ୍ରାମ ନିକଟରେ ଭଲ [illegible] ଅଛି । [illegible] ବ୍ରାହ୍ମଣମାନଙ୍କୁ [illegible] ଧାନ୍ୟାଦିରେ ଅନେକ [illegible] ମିଳେ ।

କ୍ରମଶଃ

ଶ୍ରୀ [illegible] ॥

— — ✲ — —

ଚତୁଷ୍ପାଠୀ ।

ମୁଁ ଚତୁଷ୍ପାଠୀରେ ପଢ଼ି ନାହିଁ ବା ଅଧିକ ଦେଖି ନାହିଁ କିମ୍ବା ତାହା ସମ୍ବନ୍ଧରେ ବିଶେଷ କିଛି ଜାଣି ନାହିଁ । ତଥାପି ଶୋଭାମୟ ପଲ୍ଲୀଗ୍ରାମସ୍ଥ ସେହି ସଂସାରର ପବିତ୍ର ଚତୁଷ୍ପାଠୀ—ଭବନର ଦୃଶ୍ୟ ହୃଦୟରେ ଯେଉଁ ନବ ଆବେଗ ଜନ୍ମାଇ ଦେଇଅଛି, ତାହାର ଫଳ ଅଦ୍ୟ ପାଠକମାନଙ୍କ ସମୀପରେ ଉପସ୍ଥାପିତ କରିବି । ବହୁକାଳରୁ ବିଚ୍ଛିନ୍ନ ହୋଇଥିବା ହେତୁରୁ ହେଉ କିମ୍ବା ଇହାର ବନ୍ଧୁର ବ୍ୟବଧାନରେ ରହିବାରୁ ହେଉ ଅଥବା ସ୍ୱଦେଶର ଖାଣ୍ଟି ଜିନିଷ ବୋଲି ହେଉ—ଗୌରବଶାଳୀ, ଚତୁଷ୍ପାଠୀର କଥା ଶୁଣିବାକୁ ଅମ୍ଭମାନଙ୍କର ବଡ଼ କୌତୂହଳ ହୋଇଥାଏ, ତଥାରେ କହନ୍ତି—'ଦୂର ବନ୍ଧୁ ସୁନ୍ଦର, ଦୂର ପର୍ବତ ସୁନ୍ଦର'—ତାହିଁକି କେଜାଣି,—ଶାନ୍ତ୍ୟାମ ପଲ୍ଲୀ ସଙ୍ଗେ ସଙ୍ଗେ ସେହି ଗୌରବଶାଳୀ ଚତୁଷ୍ପାଠୀର ଦୃଶ୍ୟ ଅଧିକ କମନୀୟ ବୋଧ ହୁଏ । ତାହା ବୋଲି ପାଠକମାନେ ମନେ କରିବେ ନାହିଁ ଯେ ଚତୁଷ୍ପାଠୀର ଶିକ୍ଷା ଭଲ ଏବଂ ଆଦର୍ଶ ଜିନିଷ । ଚତୁଷ୍ପାଠୀ ସର୍ବାଙ୍ଗୀଣ ଶିକ୍ଷାର ସ୍ଥାନ ନୁହେଁ, କି ଶିକ୍ଷାଳୟର ଆଦର୍ଶ ନୁହେଁ । ଏହା ଅଟ୍ଟାଳିକା ନୁହେଁ, କି ବହୁପ୍ରକୋଷ୍ଠଯୁକ୍ତ ବୃହତ୍ ଗୃହ ନୁହେଁ—ଗୋଟିଏ କୁଟୀର, ବେଦୀ ବା ଚତ୍ୱର । ଏଥିରେ ଆଧୁନିକ ବିଦ୍ୟାଳୟ ପରି ବହୁପ୍ରକାର ସ୍ନିଗ୍ଧ ସୁନ୍ଦର କାଷ୍ଠାସନ ନାହିଁ, କି ଅନ୍ତରୀକ୍ଷ ନାହିଁ,—କେବଳ ଖଣ୍ଡ ତୃଣାସନ ବା କୁଶାସନ, ସ୍ଥଳେ ସ୍ଥଳେ ବ୍ୟାଘ୍ର ଓ ମୃଗଚର୍ମ ଥାଏ, ପୀଢ଼ା କାଷ୍ଠାସନର ସ୍ଥାନ ପୂରଣ କରେ । ଏହା ଜନତା ବା କୋଳାହଳରେ ମୁଖରିତ ନୁହେଁ,—କତିପୟ ଶିଷ୍ୟ ଏବଂ ଜଣେ ଗୁରୁ ବା ଅଧ୍ୟାପକଙ୍କ ଦ୍ୱାରା ଅଳଙ୍କୃତ ଓ ଶାନ୍ତିମୟ । ଏଠାରେ ସଂସାରବାର୍ତ୍ତାଭାଷୀ ଚତୁର କେହି ନାହାନ୍ତି,—କେବଳ ଉଦାସୀନ ବ୍ରହ୍ମଚାରୀ । ଏଠାର ଲୋକଙ୍କ ନେତ୍ରରେ ଏ ବିଚିତ୍ର ସଂସାର ଅତି ବିଶାଳ ବା ପ୍ରକାଣ୍ଡ ନୁହେଁ, ମନୁଷ୍ୟର କ୍ଷୁଦ୍ର ଆୟତନ କ୍ଷୁଦ୍ର ଏବଂ ଅପଦାର୍ଥ । ସେ ଯାହା ହେଉ ଏପରି

କାହିଁ ବସିଲେ ଚତୁଷ୍ପାଠୀ ସମ୍ପର୍କେ ଟୋଲ ମିଳିବ ନାହିଁ । କିନ୍ତୁ ଉତ୍କଳରେ ଏହିପରି ଚତୁଷ୍ପାଠୀଗୁଡ଼ିକ ପ୍ରାୟଶଃ ସେହିପରି ହୋଇଅଛି ।

ଚତୁଷ୍ପାଠୀ ସମ୍ବନ୍ଧରେ କିଛି କହିବା ପୂର୍ବରୁ ତାହାର ନାମକରଣର ତଥ୍ୟ ବୁଝିବା ସର୍ବାଗ୍ରେ ଆବଶ୍ୟକ । ଅଦ୍ୟାପି କେହି ଚତୁଷ୍ପାଠୀର ନାମକରଣ ସମ୍ବନ୍ଧରେ ସ୍ଥିରସିଦ୍ଧାନ୍ତରେ ଉପସ୍ଥିତ ହୋଇ ନାହାନ୍ତି । କେହି କେହି ପଣ୍ଡିତ କହନ୍ତି, କାବ୍ୟ, ବ୍ୟାକରଣ, ନ୍ୟାୟ, ଦର୍ଶନ ଏହି ଚତୁଃଶାସ୍ତ୍ର ସେଠାରେ ପଠିତ ହୁଏ ବୋଲି ତାହାର ନାମ 'ଚତୁଷ୍ପାଠୀ' ହୋଇଅଛି । କେହି କେହି ନ୍ୟାୟ, ଦର୍ଶନ ସ୍ଥଳରେ ପୁରାଣ, ଦର୍ଶନ ବା ନ୍ୟାୟ, ପୁରାଣ ନିର୍ଦ୍ଦେଶ କରନ୍ତି । କେତେକ ପଣ୍ଡିତଙ୍କ ମତରେ ଏଥିରେ ଚତୁର୍ବେଦର ଅଧ୍ୟୟନ ହୁଏ ବୋଲି ଏହାର ନାମ ଚତୁଷ୍ପାଠୀ ହେଲା । ଏହିପରି ନାନା ମୁନିଙ୍କର ନାନା ମତ । ଯେ ଯାହା ହେଉ ଆମ୍ଭେମାନେ ଚତୁଷ୍ପାଠୀରେ ଉଲ୍ଲିଖିତ ମତଗୁଡ଼ିକରୁ କୌଣସିଟିର ସାର୍ଥକ୍ୟ ଉପଲବ୍ଧି କରି ନାହୁଁ, କି ଶୁଣି ନାହୁଁ । ସାଧାରଣତଃ ଏ ଦେଶର ଚତୁଷ୍ପାଠୀମାନଙ୍କରେ କାବ୍ୟ ଓ ବ୍ୟାକରଣଶାସ୍ତ୍ରର ବିଶେଷ ଆଲୋଚନା ଦେଖାଯାଇଥାଏ ଏବଂ ସ୍ଥଳେ ସ୍ଥଳେ ଆନୁସଙ୍ଗିକ ଭାବରେ ଅଲଙ୍କାର ଶାସ୍ତ୍ରର ଚର୍ଚ୍ଚା ହୋଇଥାଏ । ଏ ଗଲା ଚତୁଷ୍ପାଠୀର ପାଠ୍ୟ ବିଷୟ । ବର୍ତ୍ତମାନ ପଠନାଦିର କାଳ ନିର୍ବାଚନ ସମ୍ବନ୍ଧରେ ଲକ୍ଷିତ ହେବ ।

ପୂର୍ବଦିଗ ଲଲାଟକୁ ରକ୍ତକମଳ କରି ବାଳସୂର୍ଯ୍ୟ ଯେତେବେଳେ ଉଦୟୋନ୍ମୁଖ, ପକ୍ଷିଗଣ କଣ୍ଠସ୍ୱରବହୁଳ ସଙ୍ଗୀତ-ନାଦ କରି ବନଦେବୀ ଧରଣୀର ଚିତ୍ତରଞ୍ଜନରେ ଯେତେବେଳେ ବ୍ୟାପୃତ, କାକସମୂହ 'କା' 'କା' ରବରେ ଘର ଘରେ ଯେତେବେଳେ ଭୋରର କାର୍ଯ୍ୟ କରୁଥାନ୍ତି, ନିଶାର ଭୂଷଣ ବୃକ୍ଷକୁଞ୍ଜରୁ ମୁକ୍ତାବିନ୍ଦୁ ଟପ ଟପ ପଡ଼ୁଥାଏ, ସେତେବେଳେ ଚତୁଷ୍ପାଠୀର ଅଧ୍ୟାପକବର୍ଗ ପୂର୍ବର ନିୟମାନୁସାର ସମାପନପୂର୍ବକ ଯେଥି କଷାୟ କରି ମସ୍ତକ ମଳ କଣ ଗୁଣ ସ୍ମୃତି ଚତୁଷ୍ପାଠୀ-ମଣ୍ଡପରେ ଉପସ୍ଥିତ ହୁଅନ୍ତି । ପଶ୍ଚାତ୍ ଗୁରୁମହାଶୟ କମ୍ବଳାବୃତ ଉଚ୍ଚ କାଷ୍ଠାସନୋପରି (ଚୁକିଡ଼ି) ବା ମୃତ୍ତିକୋପରି ଉପବେଶନ କଲାପରି ଶିଷ୍ୟଗଣ ଶିରେ-ପୂର୍ବକ ଭକ୍ତିପୂର୍ଣ୍ଣ ପ୍ରଣାମ କରନ୍ତି । ସର୍ବପ୍ରଥମେ ଶିଷ୍ୟମାନେ ସନ୍ଧି କଥନ୍ତି ଅର୍ଥାତ୍ ନୂଆ ପଢ଼ା ଦିଆଯାଏ । ସେହିଁ ଉତ୍ତାରେ ପୁରୁଣା ପଢ଼ାର ଆବୃତ୍ତି ଏବଂ ପରୀକ୍ଷା; ଏହା ପୂର୍ବାହ୍ଣର କାର୍ଯ୍ୟ । ଅପରାହ୍ଣର ପ୍ରଥମାଂଶ ତାଳପତ୍ରରେ ଲେଖା ଲେଖି କରି ଶିଷ୍ୟମାନେ ସ୍ୱ ସ୍ୱ ପାଠ୍ୟବିଷୟର ଆମ୍ରେଡ଼ନ କରନ୍ତି ଏବଂ ଶ୍ଲୋକାଦି କଣ୍ଠସ୍ଥ କରନ୍ତି । ସନ୍ଧ୍ୟା ପୂର୍ବରୁ ସେମାନେ ଚତୁଷ୍ପାଠୀରୁ ଯାଇ ଆପଣା ଆପଣା ନିତ୍ୟ ନୈମିତ୍ତିକ କର୍ମ ସାରି କିଛି କ୍ଷଣ ସନ୍ଧ୍ୟା ବା ଧ୍ୟାନପୂର୍ବକ ଗୀତରେ ପୁଣି ସେଠାକୁ ଅଲଙ୍କୃତ କରନ୍ତି । ସେତେବେଳେ ଉକ୍ତ ଅଧ୍ୟାପକବର୍ଗ ଉଚ୍ଚସ୍ୱରରେ କଣ୍ଠସ୍ଥ ଶ୍ଲୋକଗୁଡ଼ିକ ଗାଇ ପାର୍ଶ୍ୱର ପ୍ରାଣୀମାନଙ୍କୁ ମୁଗ୍ଧ ସ୍ତମ୍ଭିତ କରି ପକାନ୍ତି । ସମଗ୍ର ଅଞ୍ଚଳ ମଣ୍ଡଳରେ ପୂତ ହୋଇଗଲା ପରି ବୋଧ ହୁଏ । ଶ୍ଲୋକପାଠ ଉତ୍ତାରେ ପଣ୍ଡିତମହାଶୟ ଛନ୍ଦ ବା ବୃତ୍ତିର ଭେଦ ଲକ୍ଷଣାଦି ଶିକ୍ଷାଇ ରଚନା ଅଭ୍ୟାସ କରାନ୍ତି । ସବୁ ଚତୁଷ୍ପାଠୀରେ ଉକ୍ତ ସମୟରେ ରଚନା ହୁଏ ନାହିଁ । ଅନ୍ଧାର ମଧ୍ୟ ଉପରେ ସମୟ ନିର୍ବାଚନ ସମ୍ବନ୍ଧରେ ଯାହା ଲେଖାଯାଇ ଅଛି, ସେ ନିୟମ ଯେ ସାର୍ବଭୌମ, ତାହା ନୁହେଁ । ସ୍ଥଳେ ସ୍ଥଳେ ଚତୁଷ୍ପାଠୀର ପଣ୍ଡିତମାନେ ନିଜ ଇଚ୍ଛା ଅନୁସାରେ ଅନେକ ପରିବର୍ତ୍ତନ କରିଥାନ୍ତି । ପୂର୍ବେ ଚତୁଷ୍ପାଠୀ ସକଳ ଅବଶ୍ୟ ଆଧୁନିକ ବିଦ୍ୟାଳୟମାନଙ୍କ ପରି ଏକ ସୂତ୍ରରେ ଗ୍ରଥିତ ନ ଥିଲା କି ଏକ ନିୟମର ଅଧୀନ ନ ଥିଲା । ଉଲ୍ଲିଖିତ ସମୟରେ ଅବିରତ ପଠନପାଠନ କାର୍ଯ୍ୟ ଚାଲେ ନାହିଁ । ଆଧୁନିକ ବିଦ୍ୟାଳୟ ପରି ବିଶ୍ରାମ ଦିବସ

ଥାଏ, ସେଥିରେ ପାଠ ନିଷେଧ, (ମୂଳ ଶ୍ଳୋକ ବ୍ୟବହାରରେ ଭଳ ହେଉଅଛି, ସେଥିରେ ଯା ନ ଥିଲା) ଭିନ୍ନ ପଦସଙ୍ଗତିକୁ ଅନୁଯାୟୀ ବର୍ଣ୍ଣନ କୋଲଯାଏ। ଯଥା:—୧—ଚତୁର୍ଦ୍ଦଶୀ, ପ୍ରତିପଦ୍, ଅମାବସ୍ୟା ପ୍ରଭୃତି ତିଥିରେ ପାଠ ନିଷେଧ।

'ଅଷ୍ଟମୀ ଚ ଗୁରୁର୍ହନ୍ତି ଶିଷ୍ୟହନ୍ତି ଚତୁର୍ଦ୍ଦଶୀ।
ଅମାବାସ୍ୟା ଦ୍ୱୟୋର୍ହନ୍ତି ପ୍ରତିପଦ୍ ପାଠନାଶିନୀ।'

ଏହି ଚାରିଗୋଟି ତିଥି ମଧ୍ୟରେ ପ୍ରତିପଦ୍ ଅତ୍ୟନ୍ତ ନିରସ ଦିବସ। ସେଥି ନିମିତ୍ତ ଭିନ୍ନ ତିଥିରେ ଅଭେଦୀ ପୋଥି ଫିଟାଯାଏ ନାହିଁ। ୨—କେତେକ ତିଥିରେ ଏକ ଏକ ବ୍ୟାକରଣର ପାଠ ନିଷେଧ ଥାଏ। ସିଦ୍ଧାନ୍ତଚନ୍ଦ୍ରିକା ଦ୍ୱାଦଶୀରେ ପଢ଼ାଯାଏ ନାହିଁ। ଅନ୍ୟ କୌଣସି ତିଥିରେ ଅପର କୌଣସି ବ୍ୟାକରଣର ଚର୍ଚ୍ଚା ହୁଏ ନାହିଁ। ଏହି ନିଷେଧ ଅବଶ୍ୟ ତିଥି ଦୋଷରୁ ନୁହେଁ କି ନକ୍ଷତ୍ର ଦୋଷରୁ ନୁହେଁ। ସେଥିର ଅଭିପ୍ରାୟ ଏହି ଯେ ଯେଉଁ ତିଥିରେ ଯେଉଁ ବୈୟାକରଣଙ୍କର ମୃତ୍ୟୁ ହୋଇଅଛି, ସେହି ତିଥିରେ ତାଙ୍କର ବ୍ୟାକରଣ ପାଠ ଅବିଧେୟ। ୩—କେହି କେହି କହନ୍ତି ଗୁରୁବାରରେ ବ୍ୟାକରଣ ପଢ଼ାଯାଏ ନାହିଁ। ଏହା ସମ୍ବନ୍ଧରେ ପଣ୍ଡିତସମାଜରେ ଗୋଟିଏ କିମ୍ବଦନ୍ତୀ ଅଛି ଯେ ବ୍ୟାକରଣ ପାଠ ସମ୍ବନ୍ଧରେ ଉକ୍ତ ଦିବସ ନିଷେଧ ଥିବାରୁ ଭଟ୍ଟୀକାବ୍ୟକାର ସ୍ୱପୁତ୍ରର ସେହି ଦିନ ବ୍ୟାକରଣ ପାଠରେ ସୁବିଧାପାଇଁ ସମସ୍ତ ପ୍ରୟୋଜନୀୟ ବ୍ୟାକରଣ ସୂତ୍ର ପ୍ରୟୋଗ କରି ଭଟ୍ଟୀକାବ୍ୟ ରଚନା କରିଥିଲେ। ୪—ଶ୍ରବଣ ଓ ସପ୍ତମ ବ୍ୟତୀତ ଅନ୍ୟାନ୍ୟ ବିଶିଷ୍ଟ ଦିବସମାନଙ୍କରେ ମଧ୍ୟ ଚତୁଷ୍ପାଠୀର ପଠନ ପାଠନ କାର୍ଯ୍ୟ ସ୍ଥଗିତ ରହେ। 'ଅବିଦ୍ୟା ବୁଧସୋମୟୋଃ' ବୁଧବାର ଓ ସୋମବାରରେ ବିଦ୍ୟାରମ୍ଭ ସୁଫଳପ୍ରଦ ନୁହେଁ। ପଣ୍ଡିତମାନେ ଗୁରୁବାରକୁ ବିଦ୍ୟାରମ୍ଭର ଉତ୍କୃଷ୍ଟ ଦିବସ ବୋଲି ନିର୍ଦ୍ଦେଶ କରିଅଛନ୍ତି। 'ବିଦ୍ୟାରମ୍ଭେ ଗୁରୁଃ ଶ୍ରେଷ୍ଠଃ।'

ଏ ଦେଶରେ ଚତୁଷ୍ପାଠୀର [illegible] ନାମ 'ଆପଣେ'। [illegible] ଶିଷ୍ୟମାନଙ୍କ ମୁଖରେ [illegible] ମହାପାତ୍ର [illegible] ଅଧିକାର କରନ୍ତି। [illegible] ବ୍ୟବହାର କରାଯାଉଥାଏ। ଯଥା—[illegible] ଆପଣେ, ଦାସ ଆପଣେ, ମହାପାତ୍ର ଆପଣେ ଇତ୍ୟାଦି। ଚତୁଷ୍ପାଠୀର 'ଆପଣେ' ମାନଙ୍କୁ ଆପଣେ କୁହନ୍ତି; ତାଙ୍କ ପେଟରେ ବେଦ ବିଦ୍ୟା ଥାଏ। ଅନେକ ଶାସ୍ତ୍ର ତାଙ୍କର ଅଭ୍ୟସ୍ତ। ସେ କୌଣସି କଥାରେ ତାଙ୍କ ମୁଖରୁ ଗୋଟାଏ ଗୋଟାଏ ଶ୍ଳୋକ ଭସ ଭସ ବାହାର ପଡ଼େ। ଆପଣେ କେବଳ କାବ୍ୟ ବ୍ୟାକରଣ ଶାସ୍ତ୍ରରେ ପଣ୍ଡିତ ନୁହନ୍ତି, ସ୍ମୃତି ଶାସ୍ତ୍ରକୁ ମଧ୍ୟ ଥରେ ଦ'ଥର ଆଲୋଡ଼ନ କରିଥାନ୍ତି। ନୋହିଲେ ସମାଜକୁ ବ୍ୟବସ୍ଥା ପ୍ରଦାନ କରି କଳ୍ପସମ୍ପନ୍ନ କରନ୍ତେ କିପରି ? ବ୍ୟବସ୍ଥାପ୍ରଦାନ ପଣ୍ଡିତମାନଙ୍କର ଗୋଟିଏ ପ୍ରଧାନ କର୍ତ୍ତବ୍ୟ କର୍ମ। ସେ ଯାହାହେଉ ସେମାନେ କେବଳ ବିଦ୍ୟାନିଷ୍ଠ ହୋଇ [illegible] ଜଗତର କଥା ଭଲ ଜାଣୁ ନ ଥିଲେ। ଆମ ଦେଶରେ ପଣ୍ଡିତମାନଙ୍କ ସମ୍ବନ୍ଧରେ ଯେଉଁ ଜନଶ୍ରୁତିଗୁଡ଼ିକ ପ୍ରଚଳିତ ଅଛି ସେଥିରେ ବିଶ୍ୱାସ ସ୍ଥାପନ କଲେ ଏହା ସ୍ପଷ୍ଟ ଉପଲବ୍ଧ ହେବ ଯେ ପଣ୍ଡିତମାନଙ୍କର ବିଷୟ ବୁଦ୍ଧି ଅତ୍ୟଳ୍ପ ମାତ୍ରାରେ ଥିଲା, ଅଳ୍ପ ବାହିଁକି ପ୍ରାପ୍ତ ନ ଥିଲା କହିଲେ ଚଳେ। ଦୁଇ ତିନୋଟି ଶ୍ଳୋକରେ ପଣ୍ଡିତଙ୍କୁ ଜଡ଼ଭ ଅଭିଜ୍ଞତାର ବୋଧ ହୁଏ ଏବଂ ସୁଧା ଭୂଷା ଲୁଅନ୍ତେ ଦେଖିହୁଏ ହୋଇଯାଏ। ଅନେମାନେ ଅନେକ ଥର କହନ୍ତି ଯେ ପୂର୍ବେ ଏ ଦେଶରେ ବିଶେଷ ଭାବରେ ସ୍ମୃତି ଚର୍ଚ୍ଚା ହେଉଥିଲା, ପ୍ରାଚୀନ ବ୍ରାହ୍ମଣମାନେ ସ୍ମୃତିରେ ବ୍ୟୁତ୍ପତ୍ତି ଦେଖାଇଅଛନ୍ତି। ନିମ୍ନରେ ସ୍ମୃତିଗ୍ରନ୍ଥସମୂହ ତାହାର ପ୍ରମାଣ। ଏହି ପ୍ରଦେଶର ଜଣେ ବ୍ରାହ୍ମଣ

ପଣ୍ଡିତ କବିକଙ୍କଣଙ୍କୁ କାକିଯାଇ ନୌଳଶାଳୀ ନେତୃତ୍ୱ ଶସ୍ତ୍ରକାବ୍ୟର ବିଦ୍ୱାନ୍ ଉପାଧି ଅର୍ପଣର ବ୍ୟାଖ୍ୟା କରୁଅଛନ୍ତି । ଏହି ପ୍ରଦେଶର ପଣ୍ଡିତମାନେ ଅନେକ ସଂସ୍କୃତ କାବ୍ୟ, ନାଟକ, ସ୍ମୃତିଶାସ୍ତ୍ର ରଚନା କରିଅଛନ୍ତି ଏବଂ କାବ୍ୟ ମୋକ୍ଷଶାସ୍ତ୍ରର ଟୀକା ମଧ୍ୟ କରି ଯାଇଅଛନ୍ତି. କିନ୍ତୁ ଏତଦ୍ଦେଶୀୟ ପଣ୍ଡିତମାନଙ୍କ ଘୋର ଦୁରବସ୍ଥା ଦେଖିଲେହିଁ, ସେମାନଙ୍କ ଆର୍ଥିକ ଅବସ୍ଥା ଅନୁଭବ କରି ହୁଏ । ବଙ୍ଗ ଦେଶରେ ଗୁରୁମାନେ ନିଜ ଗୃହରେ ବ୍ୟୟ ସହ ଶିଷ୍ୟମାନଙ୍କୁ ବିଦ୍ୟା ଶିକ୍ଷା ଦେଉଥିଲେ । କିନ୍ତୁ ଏ ଦେଶରେ ତାହା ଘଟି ନାହିଁ । ଦାରିଦ୍ର୍ୟ ତାହାର ପ୍ରଧାନ ପ୍ରତ୍ୟବାୟ । ସେଥି ଲାଗି କହନ୍ତି,—'ଦାରିଦ୍ର୍ୟଦୋଷୋ ଗୁଣ-ରାଶିନାଶୀ'—ସେହି ଦୈନ୍ୟ ଯୋଗୁଁ ପଣ୍ଡିତ ଦୁଃଖସଙ୍ଗିନୀ ଗୃହିଣୀଙ୍କଠାରୁ ନାନା ପ୍ରକାର ଲାଞ୍ଛନା ଓ ତିରସ୍କାର ଲଭିଥାନ୍ତି । କଣ କରିବେ? ସେପରି ଶୋକମୟ ଜୀବନକୁ ଶ୍ଳୋକମୟ କରି କାଳ କ୍ଷେପଣ କରନ୍ତି ।

ବଙ୍ଗଦେଶର ଚତୁଷ୍ପାଠୀମାନଙ୍କରେ ଉତ୍ତମ ଛାତ୍ରମାନଙ୍କୁ ଯୋଗ୍ୟତାନୁରୂପ ଉପାଧି ପ୍ରଦାନ କରିବାର ଯେପରି ରୀତି ଅଛି, ଏଦେଶରେ ସେପରି ନାହିଁ । ଯେଉଁ ପଣ୍ଡିତମାନେ ଉପାଧି-ଭୂଷିତ, ସେମାନେ ତାହା ଗୁରୁ ମହାଶୟଙ୍କଠାରୁ ପାଇ ନାହାନ୍ତି, ରାଜା ବା ଅନ୍ୟ କୌଣସି ଲବ୍ଧ-ପ୍ରତିଷ୍ଠ ଧନାଢ୍ୟଙ୍କଠାରୁ । ଚତୁଷ୍ପାଠୀର ବ୍ୟବହାର ଅତି ପବିତ୍ର ଏବଂ ସରଳ । ଛାତ୍ରମାନେ 'ଆପଣ'ଙ୍କ ପ୍ରତି ଯେପରି ଅଚଳା ଭକ୍ତି କରନ୍ତି, ଆପଣେ ମଧ୍ୟ ସେହିପରି ଛାତ୍ରମାନଙ୍କୁ ପୁତ୍ରନିର୍ବିଶେଷରେ ସ୍ନେହ କରନ୍ତି । ଛାତ୍ରର ଜୟ ଦେଖିଲେ ତାଙ୍କର ମନେ ଈର୍ଷ୍ୟାଦ୍ୱେଷ ବା ବିକାର ହୁଏ ନାହିଁ. ବରଂ ଆନନ୍ଦ ସଂବର୍ଦ୍ଧିତ ହୁଏ । କାରଣ ପଣ୍ଡିତ ଏହା ଭଲ ରୂପେ ଜାଣନ୍ତି ଯେ 'ସର୍ବତୋଜୟ-ମନ୍ୱିଚ୍ଛେତ୍ ପୁତ୍ରାତ୍ ଶିଷ୍ୟାତ୍ ପରାଜୟମ୍ ।' ଛାତ୍ର-ମାନେ ଆପଣଙ୍କ ପାଖରେ ଭକ୍ତିନମ୍ର ହେଲେହେଁ ସେ ସେମାନଙ୍କ ପ୍ରତି ପୁତ୍ରସମାନ ପ୍ରୀତି କରିଥାନ୍ତି । ଆମୋଦ ପ୍ରମୋଦରେ ସମାନ ଆଚରଣ କରନ୍ତି । ଅନେକ ସମୟରେ ମଧ୍ୟ ଛାତ୍ରମାନଙ୍କୁ ନେଇ ଭ୍ରମଣ କରିବାକୁ ଯାନ୍ତି—ସ୍ଥାନେ ସ୍ଥାନେ ଏକସଙ୍ଗରେ ମନ୍ତ୍ରଣା କରନ୍ତି । ଏହିପରି ଅନେକ କଥା ଲେଖିବାକୁ ଅଛି, ମାତ୍ର ସେଗୁଡ଼ିକର ସବିସ୍ତାର ବର୍ଣ୍ଣନା ଏଠାରେ ନିଷ୍ପ୍ରୟୋଜନ, ତଥାପି ଆଉ ଗୋଟିଏ କଥା ଉଲ୍ଲେଖଯୋଗ୍ୟ । ଏଦେଶର ଚତୁଷ୍ପାଠୀ-ମାନଙ୍କରେ ଗୋଟିଏ ବସ୍ତୁର ବଡ଼ ସମାଦର ଦେଖା ଯାଏ । ୧ ନସ୍ୟ, ୨ ତମାଖୁ; ନସ୍ୟ ଗୁରୁଶିଷ୍ୟ ଉଭୟଙ୍କର ଅତି ଆଦରଣୀୟ ବସ୍ତୁ । ନସ୍ୟ ସଂସ୍କୃତାଧ୍ୟାୟୀମାନଙ୍କର ସଙ୍କେତ-ଚିହ୍ନ । ତାକୁ ବ୍ୟବହାର ନ କଲେ ପାଠରେ ଅଭିନିବେଶ ହେବ ନାହିଁ କି ଶରୀର ସୁସ୍ଥ ସତେଜ ହେବ ନାହିଁ । କେବଳ ଏତେ ନସ୍ୟର ଉପକାରିତା ନୁହେଁ, ସେମାନଙ୍କ ନିକଟରେ ତାହା ବହୁଗୁଣଯୁକ୍ତ ଗୋଟିଏ ସାର ବସ୍ତୁ । ସେଥିଲାଗି ଚତୁଷ୍ପାଠୀରେ ତମାଖୁର ଭାରି ପ୍ରଶଂସା । ନିମ୍ନୋଦ୍ଧୃତ ଶ୍ଳୋକରୁ ପାଠକମାନେ ଏହି ଉକ୍ତିର ସତ୍ୟତା ଉପଲବ୍ଧି କରି ପାରିବେ ।

୧—ପୁରା ପୃଥ୍ୱ୍ୟାଂ ପଦ୍ମଯୋନିଂ ଦେବୈଃ
ଜଗତେ ସାରମେକଂ କିମସ୍ତି ?
ଚତୁର୍ଭିର୍ମୁଖୈ ବ୍ରହ୍ମଣା ପ୍ରୋକ୍ତମାନଃ
ତମାଖୁର୍ମାଖୁର୍ମାଖୁର୍ମାଖୁଃ ।

ପୂର୍ବେ ଦେବତାମାନେ ବ୍ରହ୍ମାଙ୍କୁ 'ପୃଥିବୀରେ ସାର ବସ୍ତୁ କଣ ?' ପଚାରିବାରୁ, ସେ ତତ୍‌କ୍ଷଣାତ୍ ଚତୁର୍ମୁଖରେ ଉତ୍ତର ଦେଲେ, 'ତମାଖୁ' । ଦେଖନ୍ତୁ ସେମାନେ ତମାଖୁକୁ କେତେ ବଡ଼ ଉଚ୍ଚସ୍ଥାନ ଦେଇଅଛନ୍ତି । ତମାଖୁପରଗୁଣଜ୍ଞ ସେମାନଙ୍କର ଏପରି ଅଯୁକ୍ତ ଅସାର କଥା କହିବାର କାରଣ ନୁହେଁ କି ?

୨—'ତମାଖୁରେଣୁରମରାରମେ ବହ୍ମାବ୍ୟଭେ' ଅର୍ଥାତ୍ ଜାପଟିପକ ସୁରସୁନ୍ଦରୀ ରମ୍ଭାଙ୍କ ସହି ସମାନ୍ତର ହୁଏ ।

ନ—ନୂତ ଛତ୍ରକା ନୂତନ ଯୋଗ୍ନା ନୂତନ
ଘାଟ୍ଲକଚ୍ଛିନା ।
ମୋପୃଣ୍ଟିବଥା ପ୍ରୋକ୍ତା ଜନନୀ ଭାଗୀରଥୀ
ଯଥା ।

ମହାନଦୀର ଶାଖାନଦୀ ସେପରି କେନ ଭାଗରେ ହେତୁ ହୋଇ କେନ ନାମ ଧାରଣ କରିଅଛି, ମୋପୃର ସେହିପରି କେନ ସ୍ଥଳରେ କେନୋ ନାମ, ଯଥା—କୃଷ୍ଣି, କାସ ଇତ୍ୟାଦି । କତ୍ୟଦେଶୀ ଶିଷ୍ୟବର୍ଗ ଉମାପୁର ଅତି ସୁନ୍ଦର ବ୍ୟୁତ୍ପତ୍ତି କରନ୍ତି —କେ (ନାସିକାରନ୍ଧ୍ରଂ) + ଅଗ୍ରଃ (ଅଗ୍ରଗତ ଛେ) । ଅତ୍ର ଗୁଣ ଏ ସମ୍ବନ୍ଧରେ କହିଲେ ପାଠକମାନଙ୍କ ବିରକ୍ତି ବୋଧ ହେବ । ତେବେ ବର୍ତ୍ତମାନ ଦ୍ୱିତୀୟ ବସ୍ତୁ ବିଜୟାର କଥା ଆଲୋଚନା କରାଯାଉ । ଏହା ବିଶେଷତଃ ପୁରୀ ଅଞ୍ଚଳରେ ଚଳେ, ଏହାର ନାମ ପାଚକପାଣି । ନାମକରଣଟି ଅନର୍ଥକ ଭାବରେ ହୋଇ ନାହିଁ, ବସ୍ତୁର ଗୁଣ ଦେଖି ନାମ ଠିକ ହୋଇଅଛି । ବିଜୟା ବା ଭାଙ୍ଗ ଖାଦ୍ୟଦ୍ରବ୍ୟ ପଚନ ବା ଜୀର୍ଣ୍ଣ କରି ଦଏ ବୋଲି ତାହାର ନାମ ହେଲା ପାଚକପାଣି । ପାଚକପାଣି ମୂଳାଏ ନ ପିଇଲେ ଖାଦ୍ୟ ଜୀର୍ଣ୍ଣ ହେବ ନାହିଁ ଏବଂ କାର୍ଯ୍ୟରେ ମନ ଭଲ ଲାଗିବ ନାହିଁ, ଏହା ବିଜୟାଭକ୍ତମାନଙ୍କର ଦୃଢ଼ ବିଶ୍ୱାସ । ଏହା ସେମାନଙ୍କର ଅତି ପବିତ୍ର ଉପକାରୀ ରସ, ବ୍ରାହ୍ମଣ ପଣ୍ଡିତମାନଙ୍କର ଏହି ପାଚକପାଣି ପ୍ରାଚୀନ ଆର୍ଯ୍ୟ ଋଷିମାନଙ୍କ ପବିତ୍ର ସୋମରସର ସ୍ଥାନ ଅଧିକାର କରିଅଛି । ବ୍ରାହ୍ମଣମାନେ ସେହି ବିଜୟାମୃତ ପାନ କରି ନିଜର ଭୂଦେବ ନାମଟି ସାର୍ଥକ କରନ୍ତି । ସେହି ଭୂଦେବରୂପ ବ୍ରାହ୍ମଣମାନଙ୍କ ମଧ୍ୟରେ ପ୍ରଚଳିତ ଶ୍ଲୋକଟି ଶୁଣିବାକୁ କିପରି ଲାଗୁଅଛି, ପାଠକମାନେ ଦେଖନ୍ତୁ,—

ଲୁଣ୍ଠୀମଣ୍ଡଳ-ପୟୋନିଧିମଧ୍ୟେ
ଦଣ୍ଡ-ମନ୍ଦରଗିରିଭ୍ରମଣେ
ଚଣ କାତ-ବିଜୟାମୃତପାନଂ
ଲେହିରେ ସକଳଭୂଦେବବର୍ଯ୍ୟାଃ ।

ଶ୍ଲୋକଟିର ଅର୍ଥ ଏହି ଯେ ଭୂଦେବମାନେ (ବ୍ରାହ୍ମଣ) ଲୁଣ୍ଠୀରୂପ ସମୁଦ୍ରରେ ଦଣ୍ଡରୂପ ମନ୍ଦର ମନ୍ଥନଦ୍ୱାରା ନିର୍ମିତ ବିଜୟାମୃତ ପାନ କରିଥାନ୍ତି । ପାଚକପାଣି ନ ଥିଲେ ଆମ୍ଭମାନଙ୍କ ପ୍ରାଣ ରକ୍ଷା ହେବ ନାହିଁ ଏବଂ ଡାକ୍ତରମାନଙ୍କ ଦେବ ଥାଇବ ନାହିଁ । ସେ ଯାହାହେଉ ସେ ସାହେବ ଥାଉ । ଅତ୍ର ତାହାର ପୂର୍ଣ୍ଣ ପ୍ରଶଂସା କରି ଅନୁଲୋମ କରିବାକୁ ମନ ବଳୁ ନାହିଁ ।

ପ୍ରଭାତ ମାର୍ତ୍ତଣ୍ଡ ପୂର୍ବାକାଶ ଛାଡ଼ି ଅନ୍ତରୀକ୍ଷ ନିର ଯେତେବେଳେ ପଶ୍ଚିମ ଦିଗ୍‌ବଳୟ ଅଭିମୁଖରେ ଗତି କରେ, ନାନାଦେଶୀୟ ଅବଲମ୍ବନ ବିଚିତ୍ର ବର୍ଣ୍ଣଗତ ହେଲା ପରି ଦିଶେ, ପ୍ରାଣୀମାନେ ନିଜ ନିଜ ଜନ୍ମ ଘର ଯେତେବେଳେ ବାସକୁ ଫେରିବାକୁ ଉଦ୍‌ବେଗ; ଅଗସ୍ତି, ତେନ୍ତୁଳି, ଶିରୀଷ ପ୍ରଭୃତି ବୃକ୍ଷର ପତ୍ରଗୁଚ୍ଛ ମୁଦ୍ରିଣଲୁଣ୍ଠ ଏବଂ ଦୃଶ୍ୟମାନ ପଦାର୍ଥନିଚୟର ଛାଇରୂପ ଛାୟା ଯେତେବେଳେ ସବୁ ଗ୍ରାସ କରିବାକୁ ଆରମ୍ଭ କରେ, ସେତେବେଳେ ଚତୁଷ୍ପାଠୀର ଶିକ୍ଷକ ପାଚକି ଗାମୁଛା କାନ୍ଧରେ ଏବଂ ନାଡ଼ିଦୋଳା ହାତରେ ଶିଷ୍ୟ ପ୍ରକାଶପୂର୍ବକ ବହିର୍ଭୂମି ଅଭିମୁଖରେ ଯାତ୍ରା କରନ୍ତି । ସେମାନଙ୍କର ଆନନ୍ଦଲହରି ଧୂମାଚ୍ଛିତ-ତନ୍ଦ୍ରାଳ ସନ୍ତୋଷଦାତା, ଲଲାଟ ଦେଶସ୍ଥିତ ପୂର୍ଣ୍ଣେନ୍ଦୁର ଧବଳ ଚନ୍ଦନବିନ୍ଦୁ, ତାମ୍ବୂଳରସମଳିନରେ ଶୁଷ୍କଶୋଣିତବତ୍ ଓଷ୍ଠଦ୍ୱୟ ଭକ୍ତି ଓ ଶ୍ରଦ୍ଧାପ୍ରଣତଛଟା ଏବଂ ହୁଁ ହୁଁ ଶବ୍ଦରେ ନସ୍ୟ ସେବନପୂର୍ବକ ବଦନବ୍ୟାଦାନ ଦର୍ଶନ କଲେ ଦର୍ଶକ ମନରେ ବଡ଼ ଅନନ୍ଦ ଲାଭ ହୁଏ ଏବଂ କୌତୂହଳ ଉଦ୍ଦୀପ୍ତ ହୁଏ । ସେତେବେଳେ ସେମାନଙ୍କ ମୁଖରେ ଦରହାସ, ମନ୍ଦହାସ ଓ ଅଟ୍ଟହାସର ଛଟା ଜଗ୍‌ ଜଗ୍‌ ଦିଶୁଥାଏ । କେବଳ ଯେ ହାସ୍ୟ ଆଳାପ କରି ଯାଉଥାନ୍ତି ତାହା ନୁହେଁ, ମଧ୍ୟେ ମଧ୍ୟେ ସମ୍ମିଳିତ ସ୍ୱରରେ ପାଣିବୃତ୍ତର ଗୋଟାଏ ଗୋଟାଏ ଶ୍ଲୋକ ଏବଂ ସଙ୍ଗୀତ ଗାଇ ଦିଅନ୍ତି । ଯଥା;—

ହୀନାନ୍ନବସ୍ତ୍ରବେଷଃ ସ୍ୟାତ୍ ସର୍ବଦା ଗୁରୁ-
ସନ୍ନିଧୌ ।
ପ୍ରୀତିଂ ଶ୍ରୋତ୍ରସୁଖାଂ ସମ୍ପାଦୟେତ
ଗୁରୁଂ ଶାନ୍ତଚେତସଃ ।
ନୋଦାହରେଦସ୍ୟ ନାମ ପରୋକ୍ଷମପି କେବଳ-
ମ୍ ।
ନ ଚୈବାସ୍ୟାନୁକୁର୍ବୀତ ଗତିଭାଷିତ-
ଚେଷ୍ଟିତମ୍ ॥

ସେହି ଦିନ ଦିନ ବଦଳ ଗୁରୁ ସଙ୍ଗ ସାଧାରଣ-ଦ୍ୱାରା ବାହିର ହୋଇ ପାର୍ଶ୍ୱବର୍ତ୍ତୀ ଲୋକମାନଙ୍କୁ ଧ୍ୟାନସ୍ଥ କରାଯାଏ । ସେମାନେ ନାନା ବିଷୟରେ ଆଲୋଚନା ହୋଇଥାଏ । ବେଳେ ବେଳେ 'ଆପଣଙ୍କ' କଥା ମଧ୍ୟ ସେ ଗୋଷ୍ଠୀରେ ପଡ଼ିଥାଏ । କିନ୍ତୁ ସେମାନଙ୍କର ଗୁରୁଭକ୍ତି ଅତୁଳନୀୟ । ସେମାନେ ପରୋକ୍ଷରେ ହେବା ପେଲେହେଁ ଗୁରୁ-ନିନ୍ଦା କରନ୍ତି ନାହିଁ ।

ଗୁରୋର୍ଯତ୍ର ପରୀବାଦୋ ନିନ୍ଦାବାପି ପ୍ରବର୍ତ୍ତତେ ।
କର୍ଣ୍ଣୌ ତତ୍ର ପିଧାତବ୍ୟୌ ଗନ୍ତବ୍ୟଂ ବା
ତତୋଽନ୍ୟତଃ ।

ଏହି ଉପଦେଶ ସେମାନେ ପାଳନ କରୁଥିବାର ଦେଖାଯାଏ । ସେମାନେ ଗୁରୁଙ୍କୁ ମହାପଣ୍ଡିତ ମନେ କରନ୍ତି; ତାଙ୍କର କିଛି ଅଜ୍ଞାତ ନାହିଁ, ଏହା ସେମାନଙ୍କର ବିଶ୍ୱାସ । 'ଆମ 'ଆପଣ'ଙ୍କୁ ଯେଉଁ ଶ୍ଳୋକ ଲାଗି ନାହିଁ, ତାକୁ ପୁଣି କିଏ ବ୍ୟାଖ୍ୟା କରିବ ?' ଏ କଥାରେ ସେମାନେ ଆଧୁନିକ ଛାତ୍ରମାନଙ୍କ ଅପେକ୍ଷା ବହୁ ପୂର୍ବରେ ଥିଲେ । ସେମାନେ ଗୁରୁଙ୍କୁ ଦେବ-ତୁଲ୍ୟ ମଣି ଅବହିତ* ପ୍ରଦର୍ଶନ ପୂର୍ବକ ତାଙ୍କ ସେବା ଏବଂ ସନ୍ତୁଷ୍ଟିସାଧନରେ ସର୍ବଦା ମନ ଦେଇଥାନ୍ତି । ଆଧୁନିକ ଲୋକେ ଛାତ୍ରଙ୍କପରି ଶିକ୍ଷକଙ୍କ ଭୁଲଅଭିପ୍ରାୟ ମଣି ନାନା କଳ କୌଶଳରେ ଯାଙ୍କି ଦେଇ ଲାଳଚା କରାଇବାକୁ ଚାହାନ୍ତି ନାହିଁ, କି ତାଙ୍କୁ ଅସନ୍ତୁଷ୍ଟ କରିବାକୁ ମନ ବଳାନ୍ତି ନାହିଁ । ସେମାନଙ୍କ [illegible] ଉପରେ ପ୍ରବିଷ୍ଟ [illegible] ଭଳି ବ୍ୟୋମସଦୃଶ ଥାଏ । କିନ୍ତୁ ଆଧୁନିକ ଛାତ୍ରମାନଙ୍କ ନିକଟରେ ଶିକ୍ଷକମ୍ପ—ସୋପାନ । ଏଥିରୁ ବିଶେଷତ୍ୱ ଗୁରୁ କେନ୍ଦ୍ରମାନଙ୍କର ବେଶ ଅଧୁନା [illegible] ଦୃଷ୍ଟି ଦେଇ ପାଠକମାନଙ୍କୁ ଆଉ ଅଧିକ ଭାବିବାକୁ ହେବ ନାହିଁ । ଦୁଇଙ୍କ ମଧ୍ୟରେ ବହୁତ ବ୍ୟବଧାନ । ପ୍ରାଚୀନ ଶିକ୍ଷକମାନେ ଶିଷ୍ୟ ଓ ଛାତ୍ରମାନଙ୍କ ଅସାଧାରଣ ସଦ୍‌ବ୍ୟବହାରରେ ସନ୍ତୁଷ୍ଟ ହୋଇ ଆପଣଙ୍କୁ ଧନ୍ୟ ଏବଂ କୃତାର୍ଥ ମଣୁଥିଲେ । ଆଧୁନିକ ଶିକ୍ଷକମାନେ ଦୁର୍ବିନୀତ ଅବାଧ ଛାତ୍ରମାନଙ୍କ ଅଭଦ୍ରୋଚିତ ଅସଦ୍‌ବ୍ୟବହାରରେ ବିରକ୍ତ ଓ ଅସନ୍ତୁଷ୍ଟ ହୋଇ ଘୋର ଅନ୍ତର୍ବେଦନା ଅନୁଭବ କରୁଅଛନ୍ତି ଏବଂ ଶିକ୍ଷକ-ଜୀବନକୁ ଅଶାନ୍ତିମୟ ମନେ କରୁଅଛନ୍ତି । ପ୍ରାଚୀନ ଗୁରୁ-ଶିଷ୍ୟ ସମ୍ବନ୍ଧ କେଉଁ ପବିତ୍ର ଥିଲା ? ଆଜି ତାହା କେମନ୍ତ ଦୁର୍ଗତିର ହୋଇ ପଡ଼ିଅଛି । ଚତୁଷ୍ପାଠୀର ଛାତ୍ରମାନେ ସଦ୍‌ବ୍ୟବହାରଦ୍ୱାରା ଗୁରୁଙ୍କୁ ଯେପରି ସନ୍ତୁଷ୍ଟ କରିଥାନ୍ତି, ଅଧ୍ୟାପକମାନଙ୍କୁ ମଧ୍ୟ ସେହିପରି ତୃପ୍ତ କରିଥାନ୍ତି । ତାହାର ମନରେ କଷ୍ଟ ଦେବାକୁ ସେମାନଙ୍କର ଇଚ୍ଛା ହୁଏ ନାହିଁ । ସେମାନେ ସମୟ ସମୟରେ ପ୍ରତିବାସିମାନଙ୍କୁ ନାନାପ୍ରକାର ଗଳ୍ପ କହି ସେମାନଙ୍କ ଚିତ୍ତ ରଞ୍ଜନ କରନ୍ତି; ପ୍ରତିବାସିମାନେ ସେମାନଙ୍କୁ ଭଲ ପାଆନ୍ତି । ବେଳେ ବେଳେ ଆଦର ଗୌରବ କରି ପାଖକୁ ଡାକି ନିଅନ୍ତି । ଛାତ୍ରମାନେ ସେମାନଙ୍କଠାରୁ ସ୍ନେହର ଉପହାରସ୍ୱରୂପ ବେଳେ ବେଳେ ପଣସ ଫଳଟିଏ, ଛେନା ଟିକିଏ, କଦଳୀ ଖଣ୍ଡି, ପାଚିଲା ଆମ୍ବ ଗୋଟିଏ ଦୁଇଟି, କିମ୍ବା ପିଠାପିଠି ଖଣ୍ଡେ ଦିଖଣ୍ଡ ଇତ୍ୟାଦି ଇତ୍ୟାଦି ପାଇଥାନ୍ତି । ଏ ତ ଗଲା ଛାତ୍ରମାନଙ୍କ କଥା; ଗୁରୁଙ୍କ ସମ୍ବନ୍ଧରେ ଦିକଥା କଥାଏ ନ କହିଲେ ଅସମ୍ପୂର୍ଣ୍ଣ-ଧାନ ହେବ । ପୂର୍ବରୁ ପଣ୍ଡିତଙ୍କ ସ୍ଥାନ ପଢ଼ିଛି

* ଭୂମିଲଗ୍ନସହିତ ଅଙ୍ଗର ଶୋଧନ ।

[illegible] —ଆଜି [illegible] ବୁଝି ପାରିବାକୁ ଦେବ ନାହିଁ । ପଣ୍ଡିତଙ୍କ ବ୍ୟବହାର ମଧ୍ୟ; ଛାତ୍ରମାନେ ତାଙ୍କୁ ଗୁରୁ ସମାନ ଜାଣନ୍ତି । [illegible] ପଣ୍ଡିତଙ୍କ ଧମକ ଖାଇ ଦେବାକୁ ହୁଏ । ସନ୍ତାନଙ୍କ ସବୁ ଦାୟିତ୍ୱ ପଣ୍ଡିତଙ୍କ ନ ରହିଲେ ନ ଚଳେ । ଛାତ୍ର କେତେ ବ୍ୟବସ୍ଥା ଗୁରୁଗୃହରେ ସବୁଦିନ ରାତି ପାଠରେ ଛାତ୍ରମାନେ ମନ ଦିଅନ୍ତି । ଇତ୍ୟାଦି ଇତ୍ୟାଦି । ଆଉ ଏଣିକି ଗୁରୁଶିଷ୍ୟଙ୍କ କଥା ଯେତେ ପ୍ରଚଳିତ ଥିଲା ସେତେବେଳେ ଉଚିତ ବୋଧ ହେଉ ନାହିଁ । ଏଣିକି ଚତୁଷ୍ପାଠୀର ଶିକ୍ଷାପ୍ରଣାଳୀ ସମ୍ବନ୍ଧରେ ଆଲୋଚନା କରାଯିବ ।

ଚତୁଷ୍ପାଠୀର ଶିକ୍ଷାପ୍ରଣାଳୀ ସମ୍ବନ୍ଧରେ କହିବା ପୂର୍ବରୁ ଅମ୍ଭମାନଙ୍କର ଆଗେ ଏହା ଜାଣିଥିବା ଆବଶ୍ୟକ ଯେ ସେଥିରେ ସର୍ବ ପ୍ରଥମେ କିପରି ଛାତ୍ର ପ୍ରବିଷ୍ଟ ହୁଅନ୍ତି ? ପାଠକମାନେ ଜାଣିଥିବେ, ଅବଶ୍ୟ କେଉଁପରି ଶିଶୁଙ୍କୁ ଚତୁଷ୍ପାଠୀ-ଗୃହରେ ବସାଇ ଦିଆଯାଏ ନାହିଁ । ଯାହାର ଅକ୍ଷର ପରିଚୟ ହୋଇ ନାହିଁ, କି ବାକ୍ୟ ଜ୍ଞାନ ଜନ୍ମି ନାହିଁ ସେପରି ବାଳକ ସେଥିରେ ପ୍ରବେଶ-ଯୋଗ୍ୟ ନୁହେଁ । ଚତୁଷ୍ପାଠୀର ଦ୍ୱାର ଦେଇ ଗଲେ ସର୍ବାଗ୍ରେ ପୋଥି ପିଟାଇ 'ସ୍ୱରବ୍ୟୟଂ ସ୍ୱର୍ଗ ନାକ ତ୍ରିଦିବ ତ୍ରିଦଶାଳୟାଃ' ପଢ଼ିବାକୁ ହୁଏ । ଯେଉଁମାନଙ୍କର ଅକ୍ଷର ପରିଚୟ ପରେ ସାମାନ୍ୟ ମାତ୍ର ଜ୍ଞାନ, ସେମାନେ କି ଅମରକୋଷକୁ ପଢ଼ି ଜୀର୍ଣ୍ଣ କରିବେ ? ସେମାନେ ଶବ୍ଦରୁ କିଛି ବୁଝି ପାରନ୍ତି ନାହିଁ, କି ସେତେବେଳେ କିଛି ଉପକାର ଲଭନ୍ତି ନାହିଁ । କେବଳ କଣ୍ଠ ଗ୍ରହଣରୁ ମୂଳମନ୍ତ୍ର ଜାଣି ଘୁଣାଏ ଉଦରପାଠ କରି ପକାନ୍ତି । ଅପଣେ ଯାହାର ଭାବ କିଛି ବୁଝାନ୍ତି ନାହିଁ, ବୁଝାଇଲେ ବା ବୁଝନ୍ତି କିଏ ? ଅତଏବ କେବଳ ଆବୃତ୍ତି କରାଯାଏ—'ଆବୃତ୍ତିଃ ସର୍ବଶାସ୍ତ୍ରାଣାଂ [illegible] ଶବ୍ଦ ବୋଧ ଅନାୟାସରେ, ଯଦିଓ ନ ବୁଝ ପଢ଼ିବା କେଉଁଠି । କେବଳ କଣ୍ଠସ୍ଥ କରିବା ହୁଏ । ଏଥିରେ ବେଳ ବହୁତ ଯାଏ ନାହିଁ, ମାସ ମାସ ବର୍ଷ ବର୍ଷ ଲାଗି ଯାଏ । କେତେ ଯତ୍ନ [illegible] ମଧ୍ୟ ବାଳକମାନଙ୍କର ବୁଦ୍ଧି [illegible] ମନୋବୃତ୍ତିର କେବଳ ସ୍ମୃତି ଶକ୍ତିର, [illegible] ଶିକ୍ଷାପ୍ରଣାଳୀରେ ଯାହା ଏକା ପଣ୍ଡିତମାନଙ୍କ ମୂର୍ଖତା ଦେଖା ଏବଂ ବିକାଶରେ ବାଧା ପଡ଼ିଲା ! ଚତୁଷ୍ପାଠୀର ଏହି ଅଭିଧାନପାଠ୍ୟ ଶିକ୍ଷାପ୍ରଣାଳୀ ଅଧିକ ନୀରସ; ସେତେବେଳେ ଯାହା ପଢ଼ିବାର ଆବଶ୍ୟକତା ନ ଥାଏ । କାବ୍ୟାଦି ପଢ଼ିଲେ ଅମରକୋଷ ପଢ଼ିଲେ ଯାହା ପ୍ରୟୋଜନ ହେବ ଏଥିରେ ସନ୍ଦେହ ନାହିଁ । 'ଅଭିଧାନ ଯୁକ୍ତ୍ୟା [illegible] କେବେ ବ୍ୟବସ୍ଥିତ ହେଉ ଯେ ଜ୍ଞେୟ' ତେବେ ଏ ପଣ୍ଡିତମାନେ ଉପଯୁକ୍ତ ବସ୍ତୁ ସହିତ ଉପଯୁକ୍ତର ସଂଯୋଗ କରନ୍ତି ନାହିଁ କାହିଁକି ? ଆଉ କିଛି ନାହିଁ, କେବଳ ପର୍ଯ୍ୟାୟ ମୁଖସ୍ଥ କରିଯାଅ । ମନେ ହେଲା ତ ଗୋଟାଏ ଉଦାହରଣ ପ୍ରଶ୍ନ ପଚାରିଦେଲେ —'ଚନ୍ଦ୍ରପାତ୍ର ଉଦ୍ଦେଶରେ କାହାକୁ କହି—' 'ପରମଳ ବୋଲିଲେ—'' [illegible] ଇତ୍ୟାଦି । ଅମରକୋଷ ପରେ ବ୍ୟାକରଣ । ଏ ପ୍ରଦେଶରେ ସ୍ଥାନଭେଦରେ ପ୍ରକ୍ରିୟାକୌମୁଦୀ, ସିଦ୍ଧାନ୍ତକୌମୁଦୀ, ମୁଗ୍ଧବୋଧ, କଳାପ ସାରସ୍ୱତ ପ୍ରଭୃତି ବ୍ୟାକରଣ ଚଳେ । ଦୁଇ ଅଞ୍ଚଳରେ ପ୍ରକ୍ରିୟାକୌମୁଦୀର ପ୍ରଚାର ଅଧିକ । ବ୍ୟାକରଣ ଶାସ୍ତ୍ରଜ୍ଞ ପଣ୍ଡିତଙ୍କର ବଡ଼ ଆଦର ଓ ସମ୍ମାନ ଥାଏ । ସାଧାରଣ ଲୋକେ ପୁଣି ବ୍ୟାକରଣାଧ୍ୟାୟୀଙ୍କୁ ବଡ଼ ପଣ୍ଡିତ ମଣି ମନେ ମନେ ଭୟ କରଥାନ୍ତି । 'ସେ ଜଣେ ଭାରି ପଣ୍ଡିତ ! ଅମୁକ ବ୍ୟାକରଣ ସେ ପଢ଼ା କରିଅଛନ୍ତି'—ବ୍ୟାକରଣ ନ ଜାଣି ପଣ୍ଡିତ କିଏ ? ବ୍ୟାକରଣ ସମସ୍ତ ଶାସ୍ତ୍ରର ଶାସ୍ତ୍ର ।

ଆମର ଚତୁଷ୍ପାଠୀରେ କିପରି ଭାବରେ ପଢ଼ା ଯାଏ, ତାହା ଅନେକଙ୍କୁ ଜଣାଇ ଦିଆ ଯାଉ-ଅଛି । କେତେକ ସ୍ଥାନରେ ବସ୍ତୁମାନଙ୍କରେ ବ୍ୟାକରଣ ପାଠାରମ୍ଭ କରାଯାଏ । ଛାତ୍ରମାନେ ପ୍ରଥମେ ସୂତ୍ରଟି ଉତ୍ତମରୂପେ ମନେ ରଖନ୍ତି । ତାହା ମନେ ରହିଲେ ବୃତ୍ତି ବା ଟୀକା ଏବଂ ପଣ୍ଡିତଙ୍କର ଅନୁଯାୟୀ ସଂକ୍ଷିପ୍ତ ଓଡ଼ିଆ ଅନୁବାଦ ମୁଖସ୍ଥ କରିବାକୁ ହୁଏ । ଶେଷରେ ପଣ୍ଡିତ ମହାଶୟ ପ୍ରତି ଦିନ ଛାତ୍ରମାନଙ୍କୁ ଠିକ ଠିକ କରି ସବୁ ବୁଝାଇ ଦିଅନ୍ତି । କିନ୍ତୁ ଏହକୁ ଭଲରେ ଅନୁଧାବନ କରନ୍ତି କେତେ ସରସ ! ଛାତ୍ରମାନେ ସଂସ୍କୃତର 'ସଂ' ମଧ୍ୟ ଜାଣି ନ ଥାନ୍ତି, ଟୀକାର ଓଡ଼ିଆ ଅନୁବାଦ କରାଯାଇଥାଏ ସତ୍ୟ, ମାତ୍ର ସେ ଓଡ଼ିଆ ଅନେକଙ୍କ ମତରେ ସଂସ୍କୃତଠାରୁ ଦୁର୍ବୋଧ । ଗୋଟିଏ ଉଦାହରଣ ଦେଲେ ପାଠକମାନଙ୍କର ସନ୍ଦେହ ମେଣ୍ଟିଯିବ । ସନ୍ଧି ପ୍ରକରଣରୁ ଗୋଟିଏ ସାମାନ୍ୟ ସୂତ୍ର ନିଅନ୍ତୁ—ସୂତ୍ର, 'ଇକୋଯଣଚି'; ବୃତ୍ତି—ଇକଃ ସ୍ଥାନେ ଯଣ୍ ସ୍ୟାତ୍ ଅଚି ପରେ ଇତି ସଂହିତାୟାଂ ବିଷୟେ । ଓଡ଼ିଆ ଅନୁବାଦ—ଇକ ସ୍ଥାନେ ଯଣ ହୋ' ଅଚରେ ପରେ ସଂହିତା ବିଷୟରେ । କିମ୍ବା—ଇକ ସ୍ଥାନରେ ଯଣ୍ ମାନେ ହୁଅନ୍ତି ଅଚରେ ପରେ ସଂହିତା ବିଷୟରେ । ପଢ଼ିଲାବେଳେ ଛାତ୍ରମାନେ ସ୍ୱରସଙ୍ଗୀତାନୁକୂଳ ଅନ୍ତ୍ୟାକ୍ଷରକୁ ଅଧିକ ଦୀର୍ଘ କରି ଅଭ୍ୟାସ କରନ୍ତି । କିନ୍ତୁ ସେଥିରୁ ବୁଝନ୍ତି କଣ ? ଏହା ବୋଲି ଯେ ଚତୁଷ୍ପାଠୀର ଛାତ୍ରମାନେ ବ୍ୟାକରଣ ଭଲ ବୁଝନ୍ତି ନାହିଁ, ତାହା କହିବାର ଉଦ୍ଦେଶ୍ୟ ନୁହେଁ । ସେମାନେ କଠିନ ବ୍ୟାକରଣ ଶାସ୍ତ୍ରରେ କଷ୍ଟବହୁ ପ୍ରବେଶ ଲଭନ୍ତି । କେବଳ ସୂତ୍ର ରଟିବା ଶେ ଶିକ୍ଷାର ଉଦ୍ଦେଶ୍ୟ ଓ ପ୍ରୟୋଜନୀୟତାରେ ସୀମା ନାହିଁ । ତ୍ରିତୀୟ ତ୍ରୁଟି ଏହି—ସେ ସମସ୍ତ ବ୍ୟାକରଣପାଠର ଉପଯୁକ୍ତ ନୁହେଁ । କାରଣ ପ୍ରୟୋଗସ୍ଥଳ ନ ଜାଣିଲେ ବ୍ୟାକରଣଶିକ୍ଷା ଅସମ୍ପୂର୍ଣ୍ଣ ରହିବ । ପ୍ରୟୋଗ ନ ଜାଣି କେବେ ବ୍ୟାକରଣ ସୂତ୍ର ପଢ଼ିଲେ ଲାଭ କଣ ? ସୂତ୍ର ଯଦି କାର୍ଯ୍ୟରେ ପରିଣତ ନ ହେଲା, ତାହାହେଲେ ସେଥିରୁ କି ଫଳ ମିଳିବ ? ସୁତରାଂ ସାହିତ୍ୟ ସଙ୍ଗେ ସଙ୍ଗେ ବ୍ୟାକରଣର ଚର୍ଚ୍ଚା ହେବା ବିଧେୟ । ଅବଶ୍ୟ ଅନେକ ସ୍ଥଳରେ କେତେ-ଗୁଡ଼ିଏ ନିୟମ ଆଗରୁ ଜାଣିବାକୁ (ମୁଖସ୍ଥ କରିବାକୁ) ପଡ଼ିଥାଏ ସତ୍ୟ, କିନ୍ତୁ ତାହା ବୋଲି ଅକାଳରେ ଅନାବଶ୍ୟକ ଭାବରେ ସବୁ ମୁଖସ୍ଥ କରି ଜୀବନର ଅମୂଲ୍ୟ ସମୟ ନଷ୍ଟ କରିବା କଦାପି ବୁଦ୍ଧିମାନ ବ୍ୟକ୍ତିର କାର୍ଯ୍ୟ ନୁହେଁ । ସନ୍ଧି ଶବ୍ଦପ୍ରକରଣ ପଢ଼ି ଆଖ୍ୟାତଃ* (ଧାତୁ ପ୍ରକରଣ) ଆରମ୍ଭ କଲେ, କାବ୍ୟ ଆରମ୍ଭ କରିବାକୁ ହୁଏ । ପ୍ରଥମ ପୁସ୍ତକ ମହାକବି କାଳିଦାସକୃତ ରଘୁବଂଶ ମହାକାବ୍ୟ !! କେହି କେହି ଛାତ୍ରମାନଙ୍କ ବ୍ୟାକରଣଜ୍ଞାନର ଦୃଢ଼ତା ସମ୍ପାଦନନିମିତ୍ତ ଭଟ୍ଟିକାବ୍ୟ ଆରମ୍ଭ କରାଇଥାନ୍ତି । ଆଶ୍ଚର୍ଯ୍ୟର କଥା ଏହି ଉଚ୍ଚସୋପାନସ୍ଥ କାବ୍ୟଦ୍ୱୟ ପଢ଼ିବା ପୂର୍ବରୁ ଛାତ୍ରମାନେ କୌଣସି ଉପଯୁକ୍ତ ପୁସ୍ତକ ପଢ଼ି ନ ଥାନ୍ତି । କେବଳ ବ୍ୟାକରଣ ପଢ଼ିବା ସମୟରେ ଆପଣେ ହିତୋ-ପଦେଶର କେତେଗୁଡ଼ିଏ ଗଳ୍ପ କହିଥାନ୍ତି ଏବଂ ଅନେକ ପୌରାଣିକ କଥା ଶୁଣାଇଥାନ୍ତି । ସଂସ୍କୃତଗ୍ରନ୍ଥର ବିଷୟ ଜାଣିଲାକ୍ଷଣି କଣ ସଂସ୍କୃତ ଭାଷାରେ ଅଧିକାର ଜନ୍ମିବ ? ଗୋଟିଏ ପିଲାକୁ

※ ବିଶେଷତଃ ପ୍ରାଚୀନ ଚତୁଷ୍ପାଠୀ ଅନୁମାନଙ୍କର ଲକ୍ଷ୍ୟ । ଆଧୁନିକ ଚତୁଷ୍ପାଠୀ ସବୁ କେଉଁ ନିୟମରେ ପରିଚାଳିତ ଏବଂ ସେଥିର ଶିକ୍ଷାପ୍ରଣାଳୀ ଅଦ୍ୟ ଅବଧି ମାର୍ଜିତ । କିନ୍ତୁ ସେଗୁଡ଼ିକ ସମ୍ପୂର୍ଣ୍ଣରୂପେ ଏ ଦେଶୀୟ ଢଙ୍ଗରେ ଅନୁମୋଦିତ ନୁହେଁ ଏବଂ ସେଥିରେ ଦେଶର ବିଶେଷତ୍ୱଟି ନାହିଁ କହିଲେ ଚଳେ । ସୁତରାଂ ସେଗୁଡ଼ିକର ବୃଦ୍ଧି ଅନାବଶ୍ୟକ । ଲେଖକ ।

* ଭୀମସେନ ଇଦଧାତୁ ସଙ୍ଘ । ଛନ୍ଦୋବାହୁଲ୍ୟଂ ସେନ ହରଂ ସଦାଚୁଂ ।

ସ୍ତୁତ ନେ ଯାହାର ଉଚ୍ଚାରିତ ହେବାର ସମ୍ଭବ ହେଲାପରି, ସାମାଜିକ ପଣ୍ଡିତମାନେ ସେହି ଅପ୍ରକୃଷ୍ଟ ଛାତ୍ରମାନଙ୍କୁ ଖାଲି 'ରଘୁବଂଶ' ପଢ଼ାଉ ଥାନ୍ତି । ଏଥିରେ ଯେ କୁଫଳ ଫଳୁଛି ତାହା ସାହିତ୍ୟ ପର ପଳ ହେବ, ସେଥିରେ ସନ୍ଦେହ କଣ ? ରଘୁବଂଶ ଏବଂ ଅଭିଜ୍ଞାନଶକୁନ୍ତଳ କେତେ ସମାଦୃତ ହୁଏ, ଯାହା ଅଳ୍ପାକ୍ଷର ପରିମାଣରେ ସମସ୍ତଙ୍କୁ ଜଣା ଅଛି । ସୁତରାଂ ସେ ସମ୍ବନ୍ଧରେ ଆଉ ଅଧିକ କହିବା ଅନାବଶ୍ୟକ । ତେବେ କାବ୍ୟ କିପରି ପଢ଼ାଯାଏ ତାହା ଦେଖାଯାଉ—ପ୍ରଥମେ ଗୋଟିଏ ଶ୍ଳୋକ ଭଲ କରି ପଢ଼ିବାକୁ ହୁଏ, ସେଗୁଡ଼ିକ ଅନୁଶୀଳନ ହେଲେ ସେମାନେ ପ୍ରାଚୀନ ଟୀକାକାରମାନଙ୍କ ସଂକ୍ଷିପ୍ତ ସଂସ୍କୃତ ଟୀକା ଆବୃତ୍ତି କରନ୍ତି । ଟୀକାକୁ ଆବୃତ୍ତି କରି ପାରିଲେ ସବୁ ଦୁଃଖ ଗଲା ! ଟୀକା ଗୁରୂଣାଂ ଗୁରୁଃ । ଶ୍ଳୋକ ଏବଂ ଟୀକା ମୁଖସ୍ଥ ହୋଇଗଲେ ଆପଣେ ଛାତ୍ରମାନଙ୍କୁ ଶ୍ଳୋକଟିର ଭାବ ଦେଶୀୟ ଭାଷାରେ ବୁଝାଇ ଦିଅନ୍ତି । କିନ୍ତୁ 'ରଘୁବଂଶ'କୁ ସେମାନେ ସେପରି ବୁଝାଇବାକୁ ଯାଆନ୍ତି ନାହିଁ । ଉକ୍ତ ପଣ୍ଡିତମାନଙ୍କ ଦୃଷ୍ଟିରେ ରଘୁବଂଶ ଅତି ସରଳ ସୁବୋଧ କାବ୍ୟ, ସେଥିପାଇଁ ସେମାନେ ସଗର୍ବରେ କହନ୍ତି 'ରଘୁରପି କାବ୍ୟଂ ତଦପି ଚ ଟୀକା ସାପି ଚ ଭବ୍ୟା' ଅର୍ଥାତ୍ ରଘୁ ବୋଲି ଖଣ୍ଡେ କାବ୍ୟ ? ତାହାର ପୁଣି ଟୀକା ? ତାକୁ ଆଉ ଭାବିବାକୁ ହେବ ? ବସ୍ତୁ ଦେଶର କେତେ ଯେଉଁ କବିତାର ସ୍ୱାଦ ପାଇ ରେଜାଲ ଶତ ପାଠ ନାହାନ୍ତି, ଯେଉଁ କବିତାକୁ ସ୍ୱର୍ଗସୁଖ ମଣି ଜଣେ ସାଧକ ପ୍ରାର୍ଥନା କରିଥିଲେ

"କାଳିଦାସକବିତା ନବଂ ବୟଃ
ମାହିଷଂଦଧି ସଶର୍କରଂ ପୟଃ
ଏଣମାଂସମବଳା ଚ କୋମଳା
ସମ୍ଭବନ୍ତୁ ମମ ଜନ୍ମଜନ୍ମନି ।

ସେ ଅମୃତ କବିତା ପୁଣି ଟୀକା ଟିକି କିଛି ! ସେପରି ଶିକ୍ଷିତ ନାହାନ୍ତି [illegible] କିଛି ବିଷୟ [illegible] ନାହିଁ । [illegible] ମନ, ଶବ୍ଦ, [illegible] ଯାହାର [illegible] ଜୁଡ଼ିବ, ଅର୍ଥାତ୍ ଯହିଁରେ ଦୁର୍ବୋଧ୍ୟ ଶ୍ଳୋକ ଏ ଶବ୍ଦ ନାହିଁ ସେ କି କବିତା ? ଯାହିଁ ମାନ [illegible] କବିତା ?, [illegible] ସମ୍ପୂର୍ଣ୍ଣ [illegible] କବିତା ବୁଝାଯାଇ ପାରେ । ଏହି ଭ୍ରାନ୍ତ ଧାରଣାବଶତଃ କବିକୁଳଗୁରୁ କାଳିଦାସ ଚତୁଷ୍ପାଠୀରେ ଉଚ୍ଚାସନ ଲଭି ପାରୁ ନାହାନ୍ତି । ତେବେ ତାଙ୍କ ନାମ ତାଳିକାରୁ ଏକାବେଳକେ କାଟି ଦିଆଯାଇ ନାହିଁ । କେବଳ କାବ୍ୟ ସରଳ ବୋଲି ସଂସ୍କୃତ ଶିକ୍ଷାର ପ୍ରଥମ ସୋପାନସ୍ୱରୂପ ସେଗୁଡ଼ିକ ବ୍ୟବହୃତ ହୁଏ । ଆଧୁନିକ ଚତୁଷ୍ପାଠୀରେ ଅବଶ୍ୟ ଏହା ନାହିଁ, ନୂତନ ଦଳରେ ବହୁତ ପରିବର୍ତ୍ତନ ହୋଇଅଛି । କାଳିଦାସଙ୍କ ରଘୁବଂଶ, କୁମାରସମ୍ଭବ, ମେଘଦୂତ (ସ୍ଥାନେ ସ୍ଥାନେ ସଂଗ୍ରହୀତ) ସମାପ୍ତ ହେଲେ, ଅର୍ଥଗୌରବବିଶିଷ୍ଟ *

ଭାରବେରର୍ଥଗୌରବଂ ।
ନୈଷଧେ ପଦଲାଳିତ୍ୟଂ,
ମାଘେ ସନ୍ତି ତ୍ରୟୋଗୁଣାଃ ।

ଭାରବି-କବିତା (କିରାତାର୍ଜ୍ଜୁନୀୟ)ର ପାଠ ଏବଂ ଅଲୋଚନା କରାଯାଏ । ଭାରବି-କବିତା ଗମ୍ଭୀରାର୍ଥବହୁଳ, ଏଥିରେ ନାନା କୂଟ ଶବ୍ଦ ଏବଂ ସନ୍ଦେହଜନକ ଅଛି । ଭାଷା ଦୁର୍ବୋଧ୍ୟ ଏବଂ ଭାବ ଗଭୀର । ଚତୁଷ୍ପାଠୀରେ ଏହାର ବେଶ୍ ଆଦର ଅଛି, ନୈଷଧୀୟଚରିତ ଶେଷରେ ମହାକବି ମାଘକୃତ ଶ୍ରେଷ୍ଠ କାବ୍ୟ 'ଶିଶୁପାଳବଧ' ପାଠ୍ୟ । 'କାବ୍ୟେଷୁ ମାଘଃ କବିକାଳିଦାସଃ',

* ଉପମା କାଳିଦାସସ୍ୟ,

ଏହି କାବ୍ୟ ଛନ୍ଦୀ । ପଣ୍ଡିତମାନେ ମଧ୍ୟରେ ରହି ସମାଜରେ ଲେଖୁଛନ୍ତି । ତେଣୁ ଏକ କାଳି ଗୁଳିକା ଜାଣି କେଉଁଥିରୁ ସାମ-କବିତା କାଳିଦାସଙ୍କ କବିତା ଅପେକ୍ଷା କେଉଁ ଗୁଣରେ ଉତ୍କୃଷ୍ଟ ? ପାଠକର ସେହି ଶ୍ରୀହର୍ଷଙ୍କ କବିତା ଅଳଙ୍କାରର ଦୃଷ୍ଟିରୁ କେବଳ ନୁହେଁ, ଦର୍ଶନର ଦୃଷ୍ଟିରୁ ନୁହେଁ । ଚିତ୍ରକୁ କବିତା ମଧ୍ୟରେ କି ଏ ସମାଜର ଅଧିକ ଉପକାରୀ ଏବଂ ଶିକ୍ଷାପ୍ରଦ, ତାହା ପାଠକ-ମାନେ ଅନୁମାନ କରି ପାରିବେ । ଦେଶ କଂଦେଶରେ ମାଘଙ୍କର ଅଧିକ ନ ହୋଇ କାଳି-ଦାସଙ୍କର କାହିଁକି ଏତେ ଆଦର ହେଲା ? ମାଘ-କାବ୍ୟରେ ସରସ ଉପମା, ଲାଳିତ୍ୟ ଏବଂ ସୁନ୍ଦର ଭାବ ଅଛି ସତ୍ୟ, କିନ୍ତୁ ସେଗୁଡ଼ିକର ପ୍ରକୃତ କେଉଁ ଜାଣିଥ ? ପ୍ରାଚୀନ ପଣ୍ଡିତମାନେ ଏହାକୁ ଅତି ସରସ କହିଲେ, ଆମ୍ଭମାନେ ଅଲ୍ପ-ରସ କହିବୁ ! କାରଣ ସେଥିରୁ ଦଶ ପାଞ୍ଚଟା ଶ୍ଲୋକ ବେଞ୍ଚିଲେ ଠିକଏ ଭାବରସ ବାହାରିବ । ବର୍ଣ୍ଣନା-ଗୁଡ଼ିକ ଅତିରିକ୍ତ ଜଟିଳ । କାବ୍ୟାରମ୍ଭରେ କବି ଶ୍ରୀକୃଷ୍ଣ ଦେବର୍ଷି ନାରଦ ଏବଂ ଶ୍ୟାମଳବର୍ଣ୍ଣ କୃଷ୍ଣଙ୍କର ବର୍ଣ୍ଣ ସଂଯୋଗ ଭାବକୁ ଧରି ବହୁ ଶ୍ଲୋକ ରଚନା କରିଅଛନ୍ତି । ମାଘକବିଙ୍କ କବିତାର ଦୋଷ ଦେଖାଇବା, ଏପରି କହିବାର ଉଦ୍ଦେଶ୍ୟ ନୁହେଁ, ଚତୁଷ୍ପାଠୀ-ପଣ୍ଡିତମାନଙ୍କର ଅଳ୍ପ ବିବେଚନା କଥା ଜଣାଇବା ଉଦ୍ଦେଶ୍ୟ । ଏଥିପାଇଁ ଚତୁଷ୍ପାଠୀର ପଣ୍ଡିତମାନଙ୍କୁ ସମ୍ପୂର୍ଣ୍ଣ ଦୋଷୀ କହାଯାଇ ନ ପାରେ । କାରଣ ଦେଶ କାଳ ଭେଦରେ ଲୋକଙ୍କ ରୁଚି ଭିନ୍ନ । ସେମାନେ ଯୁଗଲକ୍ଷଣର ବଶବର୍ତ୍ତୀ ହୋଇ ତାହା କରୁ-ଥିଲେ, ବର୍ତ୍ତମାନ କାଳକ୍ରମେ ଅନେକ ପରିବର୍ତ୍ତନ ହୋଇ ଆସୁଅଛି ।

ବର୍ତ୍ତମାନ ଚତୁଷ୍ପାଠୀର ପାଠ୍ୟ ଶ୍ରେଣୀ କାବ୍ୟ ରହିଲା । ମହାକବି ଶ୍ରୀହର୍ଷକୃତ ନୈଷଧ । ଏହା ସଂକୀର୍ଣ୍ଣ ସ୍ଥାନ ଅଧିକାର କରିଅଛି । 'ଶିଶୁପାଳ ବଧ' ସମ୍ବନ୍ଧରେ ଉପରେ ଯେପରି ଲେଖା ଯାଇଅଛି, ଏ କାବ୍ୟ ସମ୍ବନ୍ଧରେ ମଧ୍ୟ ଆମ୍ଭମାନଙ୍କର ସେହିପରି ମତ । କେବଳ ନୈଷଧର ରସଗ୍ରାହକମାନେ କର୍ତ୍ତାଙ୍କର ପଣ୍ଡିତମାନେ କପଟ ପ୍ରଶ୍ନ ଚାରା ଉନବିଂଶ ଶ୍ଲୋକଠାରୁ ଜଣା ଯିବ ।

ଭାରତବର୍ଷଂ ବହୁଭାଷା ମାତୋ ଯନ ନ ଦୃଶ୍ୟଂଛ ।
ହୃଦୟେ ନୈଷଧେ କାବ୍ୟେ କ୍ୱ ମାଘଃ କ୍ୱ ଚ
ଭାରବିଃ ?

ନୈଷଧର ଶ୍ଲୋକ ବ୍ୟାଖ୍ୟା କଲାବେଳେ ଅପଣ ଭଣ୍ଡ ଭଣ୍ଡ ଗଦ୍ଗଦ ହୋଇ ପଡ଼ନ୍ତି । ସେମାନେ ମାତ୍ରାପାଠର ସ୍ୱବୋଧୋଚିତ ଶ୍ଲୋକର ଅର୍ଥ କରନ୍ତି । ପାଠକମାନେ ଟିକିଏ ଶୁଣିବେ କି ? ଭଲ ଭଲ ସ୍ଥଳ ଏହିକ୍ଷଣି ମନେ ପଡ଼ୁନାହିଁ । ଗୋଟିଏ ସାମାନ୍ୟ ସ୍ଥଳ ଦେଖନ୍ତୁ—

ପୁରଃ ପୁରଶ୍ଚ ଭଣ ଛେବ ମାନସା
ନ ଯନ୍ନ ତାତ୍ର ତୁ ସା ସୁଶୋଭିକା ।
ଅକାଣ୍ଡନେତ୍ରଃ ଖଞ୍ଜନ-ନାସ୍ତିକାଙ୍ଗକେ
କ୍ଷମାରକୃତାଭରଣେନ ନ ଶ୍ରିପୁଃ ?

ଓଡ଼ିଆ ଅର୍ଥ ।—ନଳଙ୍କ ସମୀପରେ ଦମୟନ୍ତୀ କହୁଅଛନ୍ତି,—ସୁଖୀ ଯେ ଅପ୍ସରାମାନେ, ସେମାନଙ୍କ ଅଗ୍ରରେ ମାନସୀ ଯେ ମନୁଷ୍ୟ ସ୍ତ୍ରୀ, ସେ 'କା' କମ୍ପୃକ୍ତା । 'ଯନ୍ନ' କ ଯେଉଁଠାରେ, 'ଭାଃ' ସେହି ଦେବାଙ୍ଗନାମାନେ, 'ନ ସନ୍ତି' କ ନ ଥାନ୍ତି, 'ତନ୍ନ' କ ସେହିଠାରେ, 'ସା' କ ମନୁଷ୍ୟ ସ୍ତ୍ରୀ, 'ସୁଶୋଭିକା' ଅର୍ଥାତ୍ ଶୋଭାପାଏ । କେଉଁ-ଠାରେ ଦେଖିଲ କ ?—ନା 'ଅକାଣ୍ଡନେ' କ ସ୍ୱବର୍ଣ୍ଣ ଅଳଙ୍କାରଶୂନ୍ୟେ, ଅଙ୍ଗଖଞ୍ଜନ ଯେ ଦରିଦ୍ର, ତାହାର ନାସ୍ତିକା ଯେ ସ୍ତ୍ରୀ, ତାହାର ଅଙ୍ଗ ଯେ ଅବୟବ, ତହିଁରେ 'ଅରକୂଟ' ଯେ ପିତ୍ତଳ, ତଦ୍ଦ୍ୱାରା ନିର୍ମିତ ଅଟେ ଏବଂ ଭୂଷଣ ଯେ ଅଳଙ୍କାର, ତଦ୍ଦ୍ୱାରା 'ଶ୍ରିପୁଃ' ଯେ ଶୋଭାମାନେ ନୁହନ୍ତି କି ?

ପ୍ରତ୍ୟେକ ବାକ୍ୟାଂଶର ଅନ୍ୱୟ ସ୍ୱର ଟିକିଏ ଦୀର୍ଘ କରି ପଢ଼ିବାକୁ ହୁଏ, କେଡ଼େ ସୁନ୍ଦର ବିଚିତ୍ର ବ୍ୟାଖ୍ୟା ?

ନୈଷଧ ପଢ଼ି ସାରିଲେ ଚତୁଷ୍ପାଠୀର ପଢ଼ା

ନେଇ । ଏହାକୁ ନୈଷଧଜନ୍ମ କହନ୍ତି । ନୈଷଧଜନ୍ମ ଜହ୍ନଙ୍କ ନିର୍ମିତ ପୁସ୍ତକ ମଧ୍ୟ ପଢ଼ା ହୋଇଅଛି ଜଣାଯାଏ ।

ଉପରେ କେବଳ କାବ୍ୟଗୁଡ଼ିକର କଥା ଲେଖା ଯାଇଅଛି । ସେଥିରୁ ପାଠକମାନେ ମନେ କରିବେ ନାହିଁ ଯେ ଚତୁଷ୍ପାଠୀରେ ନାଟକାଦି ଚର୍ଚ୍ଚା ହୁଏ ନାହିଁ । ମୁରାରିକବି* କୃତ 'ଅନର୍ଘ-ରାଘବ' ଚତୁଷ୍ପାଠୀର ଏକମାତ୍ର ପାଠ୍ୟ ନାଟକ । କାଳିଦାସ, ଭବଭୂତି ପ୍ରଭୃତିଙ୍କ ନାଟକର ଆଦର ନାହିଁ । ସେ ପଣ୍ଡିତମାନେ କହନ୍ତି, ମୁରାରି କାଳିଦାସଙ୍କ ଅପେକ୍ଷା ପାଣ୍ଡିତ୍ୟ ଏବଂ ଭାବୁକତା ସବୁ ଗୁଣରେ ବଡ଼ । ସେମାନଙ୍କ ମଧ୍ୟରେ କିନ୍ତୁ କବି-ଦ୍ୱୟଙ୍କ ସମ୍ବନ୍ଧରେ ଗୋଟିଏ କିମ୍ବଦନ୍ତୀ ମଧ୍ୟ ଅଛି । ଯେଉଁ ଜଳଦ-ପାଷାଣରେ କଥା ହୋଇ କାଳିଦାସ କଳସ୍ଥ ଏବଂ ମୁରାରି ନିମ୍ନସ୍ଥ, ସେ ସ୍ଥଳଟି ଏହି;—ଦିନେ ମୁରାରିଙ୍କ ସହିତ କାଳିଦାସଙ୍କ ସାକ୍ଷାତ୍ ହୋଇଥିଲା, ମୁରାରି ତାଙ୍କୁ ନିଜ ଗଭୀର ପାଣ୍ଡିତ୍ୟ ଏବଂ କବିତ୍ୱ ଜଣାଇ ଦେବା ପାଇଁ ପଚାରିଲେ, ଆଚ୍ଛା, ତୁମ୍ଭେ ପର ଜଣେ ମହାକବି ? ଏହି ପୁଷ୍କରିଣୀ ଉପରେ ମଣ୍ଡଳାକାରରେ ଉଡ଼ୁଥିବା ଚକ୍ରବାକ ପକ୍ଷିକୁ ଦେଖି ଗୋଟିଏ ରଚନା କର? କାଳିଦାସ ତତ୍କ୍ଷଣାତ୍ କହିଲେ:—

"ଅପ୍ରାପ୍ୟ ଯାତି ଦୂରମେବ ଜଳଂ ପ୍ରୟାତି
ଦେହ କୁଙ୍ଗସୀ ବଚନୋତ ଧୂନୋତି ପକ୍ଷୌ ।
ନିଦ୍ରୋତ୍ରବଦ୍ ଭ୍ରମତି କୂଜତି ମନ୍ଦମନ୍ଦମ୍ ।
କାନ୍ତାବିୟୋଗବଦ୍ୟୁସେ ନଶି ଚକ୍ରବାକଃ ॥"

ମୁରାରି ଶ୍ଲୋକଟି ଶୁଣି ଅଟ୍ଟହାସପୂର୍ବକ ଏହି ଶ୍ଲୋକରେ ପରାସ୍ତ କଲେ;—

ଭିତ୍ତ୍ୱା ଘୋରଂ ନ ପ୍ରତ୍ୟନ୍ତୋ କୁଟିଳବସନଧା-
ଷଣ୍ଡୀମଣ୍ଡଳବର୍ତ୍ତିନୋହି
ତାବନାସତ୍ର ଭୂପାସ୍ତେର୍ଣ ପିବତି ପଦ୍ମସଂ
ସ୍ୱପୁଟାଃ ପଙ୍କଜସ୍ଥାଃ ।
ଅପ୍ସମେଘାତୁ ମଣ୍ଡଳୀକୃଷ୍ଟ ଚିତ୍ରଂ ସ୍ଥାପ୍ୟ
ଶାନ୍ୟ ମୃଣାଳ୍ୟାଂ
କାନ୍ତ ବିପ୍ଳୋପଭୀତଃ ସମ୍ପ୍ରତି ମନ୍ଦୋଚ୍ଛ୍ୱାସ
ଚକ୍ରବାକଃ ।

କିନ୍ତୁ ଏହି ଶ୍ଳୋକ କୌଣସି ସଂଗ୍ରହ ଭିତ୍ତି ଉପରେ ଅବସ୍ଥିତ ନାହିଁ, ତାହା ଆମ୍ଭମାନେ ନିଶ୍ଚିତ କହିବାକୁ ସମର୍ଥ ନୁହେଁ । ମୁରାରି କବି କାଳିଦାସଙ୍କ ସମ-କାଳୀନ କି ନାହିଁ, ଏହା ମଧ୍ୟ ସନ୍ଦେହ । ଏ ସମ୍ବନ୍ଧ କାଳର ଅନନ୍ତ ଗର୍ଭରେ ଲୁପ୍ତ କି ସୁପ୍ତ, ତାହା ଏ ମୁହୂର୍ତ୍ତ ଆଲୋଚନା ଅନାବଶ୍ୟକ । ତେବେ ଲେଖା-ଦିରୁ ଅନୁମାନ ହୁଏ, ମୁରାରି ପରବର୍ତ୍ତୀ ଯୁଗର କବି । ସେ ଯାହାହେଉ, ସମ୍ପ୍ରତି ସାଧନ କରିବାର ପ୍ରୟୋଜନ ସ୍ଥଳ ଏ ନୁହେ । ଯାହା ହେଲେ 'ଧୂର୍ତ୍ତସମାଗମ' । 'ଅନର୍ଘ-ରାଘବ' ବ୍ୟତୀତ ମୁରାରିଙ୍କର ଅନ୍ୟତର ନାଟକ 'ପ୍ରସନ୍ନ-ରାଘବ' ମଧ୍ୟ ଚତୁଷ୍ପାଠୀରେ ପଢ଼ା ହୋଇଥାଏ । ଛାତ୍ରମାନେ ବାହ୍ୟ ପୁସ୍ତକସ୍ୱରୂପ ହନୁମାନ କବି-କୃତ 'ମହାନାଟକ' ପଢ଼ନ୍ତି । ଓଡ଼ିଶାରେ ମହାନାଟକର ପ୍ରଚାର ଅତି ଅଧିକ । କେତେକ ବ୍ରାହ୍ମଣମାନେ ଯେଉଁ ଗୋଟିଏ ଦୁଇଟି ଲୀଳା ଶ୍ଳୋକ ମୁଖସ୍ଥ କରି ସ୍ୱ ସ୍ୱ ମର୍ଯ୍ୟାଦା ରକ୍ଷା କରନ୍ତି ତାହା ମହାନାଟକର ଶ୍ଳୋକ । ଏହି କେତେକ ଖଣ୍ଡ ଗଲା ଚତୁଷ୍ପାଠୀର ନାଟକ, ଅଭିଜ୍ଞାନ ଶକୁନ୍ତଳ, ଉତ୍ତରରାମଚରିତ, ମୃଚ୍ଛକଟିକ ପ୍ରଭୃତିର ସେଥିରେ ନାଁ ପଡ଼ ନାହିଁ ।

ଆଜି କାଲି ପରି ପ୍ରାଚୀନ ଚତୁଷ୍ପାଠୀମାନଙ୍କରେ ଅଳଙ୍କାର ଶାସ୍ତ୍ରର ଭଲ ଚର୍ଚ୍ଚା ହେଉ ନ ଥିଲା । ସ୍ଥଳ ବିଶେଷରେ ଅଳଙ୍କାରଜ୍ଞ ପଣ୍ଡିତମାନେ ଛାତ୍ରମାନଙ୍କୁ 'ସାହିତ୍ୟରତ୍ନାକର' ଅଳଙ୍କାର ଗ୍ରନ୍ଥ ଖଣ୍ଡିକ ଟିକିଏ ଦେଖାଉଥିଲେ । ଛାତ୍ରମାନେ ଯେ ଅଳଙ୍କାର ଶାସ୍ତ୍ରର ମର୍ମ ବୁଝିବାକୁ ଯତ୍ନ କରୁ-ଥିଲେ ଏବଂ ତହିଁରେ ପାରଗ ହେଉଥିଲେ, ଏପରି

* ମୁରାରେଃ ତୃତୀୟଃ ପନ୍ଥାଃ ।

ଅଛି ତ ନିର୍ଭର କରେ । କାରଣ ତାହା ହୋଇ 'ଆକ୍ଷରିକ' ଜ୍ଞାନ ଧରାଯାଏ, ସେଥିରେ ତାହାର କାବ୍ୟ ନାଟକର କେବଳ ଲକ୍ଷଣ ମାତ୍ର ଜଣା ଯାଇପାରେ, ତାହାର ରସ ଏବଂ ଭାବାନୁଭବ ପଡ଼ି ସହ ନୋହେ । ସାହିତ୍ୟ ସର୍ଗେ ପ୍ରତ୍ୟେକ ସ୍ଥଳରେ ଅଳଙ୍କାରର ମର୍ମ ବୁଝାଇ ଦିଆଯାଏ ନାହିଁ । 'କୁମାରସମ୍ଭବ'ର ପ୍ରଥମ ଶ୍ଳୋକରେ ପଡ଼ିଲା ଉପମା । କିନ୍ତୁ ସେତେବେଳେ ପଣ୍ଡିତମାନେ ଛାତ୍ରମାନଙ୍କୁ ଉପମାନ ଓ ଉପମେୟର ସାମ୍ୟ ଭଲ କରି ବୁଝାଇ ଦିଅନ୍ତି ନାହିଁ । ଯେ ଅଳଙ୍କାର ଶାସ୍ତ୍ରରୁ ଉକ୍ତ ପରିଚ୍ଛେଦ ପର୍ଯ୍ୟନ୍ତ ପଢ଼ିବ ତାହାକୁ ସେହିଁର ମର୍ମ ବୁଝିବାକୁ ହେବ । ଯେଉଁ ଛାତ୍ର ଅଳଙ୍କାର ଶାସ୍ତ୍ର ପଢ଼ି ନ ପାରିଲା, ତାହା ଭାଗ୍ୟରେ ଅଳଙ୍କାର ଗ୍ରହଣ କରିବାର ସୌଭାଗ୍ୟ ନାହିଁ ।

ବର୍ତ୍ତମାନ ଚତୁଷ୍ପାଠୀର ପାଠ୍ୟ ବିଷୟଗୁଡ଼ିକ ଦେଖିବା ହୋଇ ଗଲା । ପଠନବିଧିର ଦୋଷ-ଦୋଷ ସମ୍ବନ୍ଧରେ ଦୁଇଟି ପଦ କଥା କହିବା ଆବଶ୍ୟକ ମନେ କରୁଅଛୁ । ପୁସ୍ତକ ପଢ଼ିଲା ବେଳେ ସେହିଁରେ ଗ୍ରନ୍ଥକାରମାନଙ୍କର ଜୀବନ ସମ୍ବନ୍ଧରେ କିଛି ଅଲୋଚନା ହୁଏ ନାହିଁ, ବା ପୁସ୍ତକର ପ୍ରକୃତ ସମାଲୋଚନା ହୁଏ ନାହିଁ । ଛାତ୍ରମାନଙ୍କର ସୌନ୍ଦର୍ଯ୍ୟଜ୍ଞାନ ଅତି ଅଳ୍ପ, ସୁତରାଂ ମନୋବୃତ୍ତି ଅଳ୍ପ ବିକଶିତ । ପୁସ୍ତକର କେଉଁ ଅଂଶ ସରସ ବା ଉଜ୍ଜ୍ୱଳ, କେଉଁଠାରେ କବି କପଟ ଭାବ ପ୍ରକାଶ କରିଅଛନ୍ତି, କବିତାରୁ କବିଙ୍କର ଜୀବନ କେଉଁ ଅନୁମିତ ହେଉଅଛି, ଏସବୁ ଜାଣିବା ସେମାନଙ୍କ ପକ୍ଷରେ କାଠିନ୍ୟର ପାଠ । ଏସବୁ ସମ୍ବନ୍ଧରେ ପଣ୍ଡିତମାନଙ୍କର ମଧ୍ୟ ଆଦୌ ଦୃଷ୍ଟି ନ ଥାଏ, ଦୃଷ୍ଟି ଥାଏ ଶ୍ଳୋକ କଣ୍ଠସ୍ଥ-କରଣ, ବ୍ୟାଖ୍ୟା ଏବଂ ବ୍ୟାକରଣ ଦୋଷ ପ୍ରଦର୍ଶନ ପ୍ରତି । କିଛି ନ ଜାଣି ଶ୍ଳୋକ କେତୋଟା ମୁଖସ୍ଥ କରି ଦେଲେ ତ ଜଣେ ପଣ୍ଡିତ । ଶ୍ଳୋକ କଣ୍ଠର ଭୂଷଣ । 'ଶତଶ୍ଳୋକେନ ପଣ୍ଡିତଃ', 'କଣ୍ଠସ୍ୟ ଭୂଷଣଂ ଶାସ୍ତ୍ରଂ ଭୂଷଣୈଃ କିଂ ପ୍ରୟୋଜନମ୍?'

ହେବେ ସେମାନେ ସମସ୍ତଙ୍କର ଶ୍ଳୋକ ଛନ୍ଦ ଜାଣି ଥାଆନ୍ତି ଏବଂ ବହୁ ସମସ୍ୟାଗୁଡ଼ିକରେ ପାଦପୂରଣ କରି ଥାଆନ୍ତି । ଏଥିରେ ସେମାନଙ୍କର ଅଭ୍ୟାସ ଅଧିକ । ଏଣୁ ଏକ ବିଷୟରେ ସେମାନେ ଆଧୁନିକମାନଙ୍କୁ ଅତିକ୍ରମ କରିଯିବା । ସେମାନଙ୍କ ରଚନା ଏବଂ ପାଦପୂରଣର ଗୋଟିଏ ଗୋଟିଏ ଉଦାହରଣ ନିମ୍ନରେ ପ୍ରଦତ୍ତ ହେଲା—

ପାଦପୂରଣ । ପ୍ରଶ୍ନ—କଃ କୌ କେ କଂ କୌ କାନ୍
ହସନ୍ତି ହସଃ ହସନ୍ତି ହସ୍ତାଭ୍ୟାମ୍ ?

ଅର୍ଥାତ୍ ଏଣୀନୟନାର କିଏ କାହାକୁ, କେଉଁ ଦୁଇଟି କେଉଁ ଦୁଇଙ୍କୁ ଏବଂ କେଉଁମାନେ କେଉଁ-ମାନଙ୍କୁ ଉପହାସ କରୁଅଛନ୍ତି ?

ଉତ୍ତର—ଅଧରଃ କିଶଲୟଂ ଅଂଘ୍ରୀ ସ୍ଥଳପଦ୍ମୌ କୁଚକୋରକାଣ୍ଟଦନ୍ତାନ୍ ।

ଅର୍ଥାତ୍ ଅଧର ପଲ୍ଲବକୁ, ପାଦଦ୍ୱୟ ସ୍ଥଳପଦ୍ମ-ଦ୍ୱୟକୁ ଏବଂ ଦନ୍ତାବଳୀ କୁନ୍ଦକଳିକାକୁ ଉପହାସ କରୁଅଛି । ଶ୍ଳୋକପୂରଣରେ କିପରି ନୈପୁଣ୍ୟ ଅଛି, ତାହା ସହୃଦୟ ମାତ୍ରକେ ବେଶ୍ ବୁଝି ପାରିବେ ।

ଗୋଟିଏ ଛନ୍ଦ ରଚନା ଦେଖନ୍ତୁ—

'ତାମସା ଖଙ୍ଗମହିମା ଧୀରରଶିତତନ୍ତ୍ରଲ୍ୟଃ
ଦଂନେସ୍ତଖବସେଦେବଃ ମହେଶସ୍ତ୍ୱାବତୁଭୁଶଂ ।

ଛତ୍ର ।

ତା	ମ	ସା	ଖ	ଙ୍ଗ	ମ	ହି
	ମା	ଧୀ	ର	ର	ଶି	
		ତ	ତ	ନ୍ତ୍ର		
			ଲ୍ୟ			
			ଦ			
		ନେ	ସ୍ତ	ଖ		
	ବ	ସେ	ଦେ	ବଃ	ମ	
ହେ	ଶ	ସ୍ତ୍ୱା	ବ	ତୁ	ଭୃ	ଶଂ

ଶ୍ଳୋକର ଭାବ,—'ଅମୃତ ଛିନ୍ଦି ବିଷ ଧରନ୍ତୁ' କିନ୍ତୁ ମହିଳେ ଭଦ୍ରିମାନର ଗୃହ ରହିଲ 'ଝଡରେ ବଣ ଦେବ।'

ଆଜିକାଲି ଆଉ ଏପରି ବୈଦଗ୍ଧ୍ୟମୟୀ ଚର୍ଚ୍ଚା କରିବାର ସୁବିଧା ଏବଂ ଅବସର ନାହିଁ. ଏ ଦୁର୍ବୋଧ ଶବ୍ଦ ବ୍ୟବହାରର ଆଦର ନାହିଁ। କାରଣ ପ୍ରାଚୀନ ଲୋକମାନେ ପୂର୍ଣ୍ଣ ସ୍ୱାଚ୍ଛନ୍ଦ୍ୟରେ କାଳଯାପନ କରୁଥିଲେ। ବସି ରହିବାକୁ ସେମାନେ ଶବ୍ଦର ନାନା ବ୍ୟାଖ୍ୟା କରିବାକୁ ଏବଂ ଭାବର ଅବରଣକୁ ଦୃଢ଼ କରିବାକୁ ଅବସର ପାଉଥିଲେ। କିନ୍ତୁ ଆଜିକାଲି ଯେପରି ଜୀବନ-ସଂଗ୍ରାମର ପ୍ରବଳ ସ୍ରୋତ ଚାଲିଅଛି, ସେଥିରେ ତାହା ହେବ ନାହିଁ। ଗୋଟିଏ ସାମାନ୍ୟ କଥାରେ ଅଧିକ ସମୟ ଦେଲେ ଅନେକ ପଛରେ ପଡ଼ି ରହିବାକୁ ହେବ। ସରଳ ଭାଷାରେ ମନୋଭାବ ବ୍ୟକ୍ତ କରିବା ଆଧୁନିକ ଯୁଗର ଲକ୍ଷଣ। ସୁତରାଂ ପ୍ରାଚୀନ ଚଟ୍ଟଶାଳୀର ରୂଢ଼ି ଆଧୁନିକ ରୁଚିର ଅନୁମୋଦକ ନୁହେ।

ସାହିତ୍ୟ ଓ ବ୍ୟାକରଣ ବ୍ୟତୀତ ଚଟ୍ଟଶାଳୀରେ ଅନ୍ୟ କୌଣସି ବିଷୟର ଶିକ୍ଷା ହୁଏ ନାହିଁ। ତେବେ ଚଟଶାଳୀରେ ସାଧାରଣ କାର୍ଯ୍ୟୋପଯୋଗୀ ଅଙ୍କର ଚର୍ଚ୍ଚା ହୋଇଥାଏ। ଚଟ୍ଟଶାଳୀ ଛାତ୍ରଠାରୁ ଗୋଟିଏ ସାମାନ୍ୟ ଅଙ୍କ ପ୍ରଶ୍ନର ଉତ୍ତର ପାଇବାର ଆଶା କରିବା ବୃଥା। ସେମାନେ ଅଙ୍କ କଷି ନ ଜାଣନ୍ତୁ ପଛକେ, ତଥାପି ଅଙ୍କଶିକ୍ଷକ ଚଟଶାଳୀର ଅବଧାନଙ୍କୁ ବଡ଼ ଘୃଣା ଚକ୍ଷୁରେ ଦେଖନ୍ତି। ଅବଧାନଙ୍କ ପ୍ରତି ସେମାନଙ୍କର କିପରି ଆସ୍ଥା, ତାହା ଏହି ଶ୍ଳୋକରୁ ଜଣାଯିବ।

'ଅରେ କପି ଫଳାନ୍ୱେଷୀ
ପରଲୋକଂ ଗତେ ଭୁକ୍ତି।
କା ନା ଦ ଧୀ ଲୁ କୁ ବେ କୈ
ବୋ କୌ ବଂ କଃ ବଗସ୍ୟତ ?'

ଚଟ୍ଟଶାଳୀର ସାଧାରଣ ବିଷୟରେ ଏତିକି ଶିକ୍ଷା ଦିଆଯାଏ ନାହିଁ ବୋଲି କହିଲେ ଅତ୍ୟୁକ୍ତି କଥା ହୋଇଅଛି। କିନ୍ତୁ ଶିକ୍ଷା ଅଭାବରୁ ମାନେ ସାଧାରଣମାନଙ୍କଠାରେ ପ୍ରଚଳିତ ଜାତୀୟ କାର୍ଯ୍ୟ କରିବାକୁ ଶକ୍ତି ରହିଲେ ଶୁଣି ବିଚକ୍ଷଣ ଠାରେ ନ ଦେଖିଲେ ଚଳିବ ନାହିଁ। ତାହା କିନ୍ତୁ ଭାରି ଦୁଃଖରୁ ଯୋଗ୍ୟ ନଥିଲେ ଅଶୋ-ଯୋଗ୍ୟ ଏହି ଯେ ସେମାନେ ଯେଉଁ ଶାସ୍ତ୍ର ଅଧ୍ୟୟନ କରିଥାନ୍ତି ସେଥିରେ ସବୁବେଳେ ମଠ ସାଧାରଣରେ ଅନେକ ସମୟରେ ଅପଦସ୍ଥ ହୋଇଥାନ୍ତି। ଯେଉଁମାନେ ବ୍ୟାକରଣ ପଢ଼ିଥାନ୍ତି ସେମାନେ 'ଅବ୍ୟାକରଣପାଣ୍ଡିତ୍ୟଂ ବ୍ୟାକରଣଂ ଲକ୍ଷଣଂ ବା' ଏହା କହି ବୁଲି ଆପଣାକୁ ଧନ୍ୟ ମନେ କରନ୍ତି ସତ୍ୟ, ମାତ୍ର ସେହି ବ୍ୟାକରଣକୁ ସୋଉ ପିଠ ଅସ୍ଥାନରେ ଲଗାଇ ଅନେକ ସମୟରେ ସାଧାରଣ ଲୋକଙ୍କଦ୍ୱାରା ଘୃଣିତ ଏବଂ ଉପହସିତ ହୋଇଥାନ୍ତି। ଅବଶ୍ୟ ପାଠକମାନେ ଏ ଗଳ୍ପ ଶୁଣିଥିବେ ଯେ ଜଣେ ବୈୟାକରଣ ପାଠକ 'ଶନ୍ନଶ୍ଚ'ର ଅର୍ଥ ବୁଝି ନ ପାରି ଆଶ୍ରି ଭକ୍ତି ପ୍ରତିବାଦ କରିଥିଲେ। ଏହିପରି ଅନେକ କଥା ଅଛି। ଜଣେ ବୈୟାକରଣ 'ମୂଷଳମାନ୍' ଶବ୍ଦ ଶୁଣି ଥଳା ହୋଇ ବସି ଯାଇ ଭାବିଲେ 'ମୂଷଳମାନ୍' କିପରି ହେଲା? ଅକାରାନ୍ତ ଶବ୍ଦରୁ ତ ବତୁପ୍ ହୋଇ 'ମୂଷଳବାନ୍' ହେବ? ଏହି ପଣ୍ଡିତେ ପୁଣି ବଜାରରେ ଆଉ ଜଣକ ମୁଖରୁ ଶୁଣିଲେ 'ଜଲ୍ଦି' (ଶୀଘ୍ରାର୍ଥ ଃ) କହୁଅଛି। ପଣ୍ଡିତେ ହଠାତ୍ କହିଲେ ଓଃ, କି ଅଶୁଦ୍ଧ କଥା! ଜଳ ଶବ୍ଦର ସପ୍ତମୀରେ 'ଜଲୌ' ହେବ। ଏ 'ଜଲ୍ଦି' କିପରି ହେଉଅଛି? ଦେଖିଲେ ବୈୟାକରଣଙ୍କର କିପରି ବୁଦ୍ଧି? ସେ କେବଳ ବ୍ୟାକରଣରେ ଦକ୍ଷ, ଯାହା ପଢ଼ିଥିଲେ ସେଥିବାଟ ବାଟ ଛାଡ଼ି ସେ ଟିକେ ଖୋଳି ଦେଖା ବୁଝନ୍ତି। ତାହାଂ ବିଷୟର ଏକାବେଳକେ ଅନ୍ଧ!

ନୈୟାୟିକମାନଙ୍କ କଥା ଅଧିକ କୌତୁକ-ଜନକ। ଏମାନଙ୍କର ଦମ୍ଭ-ଚାତୁର୍ଯ୍ୟରେ

ଅନେକ କଥା ଅଛି । ତାହା କହିବାକୁ ଗଲେ ପ୍ରବନ୍ଧର ଆକାର ବହୁତ ବଢ଼ିଯିବ, ତେବେ ସଂକ୍ଷେପରେ ଏତିକି କହିହୁଏ ଯେ ଏମାନେ ନିଜର ଯୁକ୍ତିକୁ ଅସ୍ଥାନରେ ପ୍ରୟୋଗ କରି ଅନେକ ସମୟରେ ମହାବିପଦରେ ପଡ଼ି- ଥାନ୍ତି । ତଥାପି ସେମାନଙ୍କର ଗର୍ବ ଅଳ୍ପ ନୁହେଁ । ସେମାନେ କହନ୍ତି, ଯୁକ୍ତିରେ ଆମ୍ଭେମାନେ ସମସ୍ତଙ୍କୁ ପରାସ୍ତ କରିଦେବୁ । ଗୋଟିଏ ସମ୍ବା- ଦୋକ୍ତି ଶୁଣିବେ କି ?—

ଧନଞ୍ଜୟୀ ଶିଙ୍କେଣୀ ଯସ୍ୟ କଣ୍ଠେ ଲୁଠତେ ।
ସ କଥଂ ନିକଷଂ କଣ୍ଠେଶୋଡଂ ପୂଜେନ ।

ଅର୍ଥାତ୍ ଧନଞ୍ଜୟୀ ଏବଂ ଶିଙ୍କେଣୀ ବ୍ୟାସ୍ୟାଦ୍ରିପ୍ର ଯାହାର କଣ୍ଠରେ ସେ ଅନ୍ନେଶରେ ମହାଦେବଙ୍କୁ ପୂଜା କରିପାରେ ।

ତୃତୀୟ ଦଳ କାବ୍ୟାମୃତରସାସ୍ୱାଦୀ, ‘ସଂସାର ବିଷବୃକ୍ଷସ୍ୟ ଦ୍ୱେ ଫଳେ ଅମୃତୋପମେ କାବ୍ୟା- ମୃତରସାସ୍ୱାଦଃ ସଙ୍ଗମଃ ସଜ୍ଜନୈଃ ସହ ।’ ଏମାନେ ଏହି ପ୍ରକାର ସୁଖ ଭୋଗ କରନ୍ତି ଏବଂ ଆମୋଦ ପ୍ରମୋଦରେ କାଳ କ୍ଷେପଣ କରନ୍ତି । ‘କାବ୍ୟ- ଶାସ୍ତ୍ରବିନୋଦେନ କାଲୋ ଗଚ୍ଛତି ଧୀମତାଂ ।’ ଏମାନେ ଅନ୍ୟ ବିଷୟରେ ଉନ୍ନତି କରନ୍ତୁ ନ କରନ୍ତୁ ବୈୟାକରଣ ପ୍ରଭୃତିଙ୍କ ପରି ପ୍ରତି ପଦରେ ଅପଦସ୍ଥ ହୁଅନ୍ତି ନାହିଁ । ବରଂ ସମାଜରେ ଆଦର ଲାଭ କରନ୍ତି । କାବ୍ୟରସ-ଆସ୍ୱାଦନରେ ଏମାନଙ୍କର କ୍ଷୁଧା ତୃଷା ଲୁଅତେ ମରିଯାଏ । ସେଥିପାଇଁ ଏମାନେ ଅନ୍ୟାନ୍ୟମାନଙ୍କ ଅପେକ୍ଷା ଆପଣାକୁ ସୁଖୀ ଏବଂ ବିନୋଦନକାରୀ ମନେ କରି କହନ୍ତି—

ଧଠନ୍ତି କଟେତି ନଠନ୍ତି କ୍ଷପଣ୍ଡଠେତ

ବାରଂ ଶଠାଃ

ବୟଂ ସଂସାରେ ସର୍ବୋତ୍ତମାଃ କୈୟାକରଣିକାଃ ।
ବଦ୍ଧଂ କଣ୍ଠଲଗ୍ନା ଗଳଦଧ୍ୟାନମାଘ୍ରା ଶୂନ୍ୟ- ଧୂଳିଣ ପଦବାଦକେଃ ଭଣଗେ ବର୍ଣ୍ଣନାଦାମଦେ ।

ଅର୍ଥାତ୍ ବେତେନ (କୈୟାକରଣମାନେ) ଘ ଠ ଠ କଥା ଧରି ବସିଥାନ୍ତି, ଆମ୍ଭମାନେ (କୈୟାୟିକାଦ) ଘଟ ପଟ କଥା ତୋଳି ବେଳେ ଉଠୁଥାନ୍ତି, କିନ୍ତୁ ଆମ୍ଭେମାନେ ସାହିତ୍ୟ ରସମଧୁ କରତ ଆସ୍ୱାଦନରେ ବିନୋଦନ କରୁଥିବା । କାବ୍ୟରସିକର ଚିତ୍ତ ପ୍ରଫୁଲ୍ଲ, ମୁଖ ପ୍ରସନ୍ନ ଏବଂ ଚକ୍ଷୁ ସଦା ତାମ୍ବୂଳାକ୍ତ । ତାମ୍ବୂଳ ନ ଥିଲେ ମୁଖରୁ ସରସ କଥା ବାହାରିବ ନାହିଁ । ଦିନେ ଖଣ୍ଡେ ତାମ୍ବୂଳ ବଟିକା ନ ପାଇ ଜଣେ ଯୁବକ ସଖୀକୁ କହିଥିଲେ—

‘ତାମ୍ବୂଳକବଳାଭାବାତ୍ ବାମରା ଦୂରବାସୟା※ ।

କାବ୍ୟାଧ୍ୟାୟୀମାନେ ବଡ଼ ରସିକ । ପାଣ୍ଡିତ୍ୟଟା ରସିକତାଶୂନ୍ୟ । ଯେଉଁ ପାଣ୍ଡିତ୍ୟରେ ବିଦଗ୍ଧତା ନାହିଁ ସେ କି ପାଣ୍ଡିତ୍ୟ ? ସେଥିପାଇଁ ସେମାନେ ଅଧୁନିକ ପାଣ୍ଡିତ୍ୟକୁ ଘୃଣା କରନ୍ତି । କାରଣ ସେଥିରେ ବିଦଗ୍ଧତାର ଅଧିକ୍ୟ ନାହିଁ— ଯେହେତୁ,—

ଦ୍ୱାରେ ଦ୍ୱାରେ ବାଲାନାଦିକବିକୋବିଦ୍ୟସନ୍ନିଧଂ
ଅର୍ଥାତ୍ ବିଦ୍ୟାର୍ଥୀ ପ୍ରଥମପି ଶବ୍ଦାନ୍ତ ଶିକ୍ଷତେ ।
ଚତୋକାତେ କ୍ଷଣେ କବଙ୍କମଟତୋ

କର୍ଯ୍ୟେ ଭଟ୍ଟଃ

କଳୌ ତିରେ ପାଣ୍ଡିତ୍ୟଂ ନ ବିଦଗ୍ଧତ୍ୱଂ
ଦେବିତ ଲୟ ।”

ଯେ ଯାହା କହନ୍ତୁ, ପାଠକ ମୁଠାଏ ନ ଦେଲେ ସମସ୍ତେ ବାହିଲା । ଆଉ ‘ଦଣ୍ଡୁଆଣ୍ଟ କିଛା ଯେନ ସ ମେ ବୃତ୍ତିଂ ବିଧାସ୍ୟତି’ କହି ବସିଲେ ଚଳୁଛି କେତେବେଳେ ? ଜୀବନବୃତ୍ତି ନିର୍ବାହ କରିବାକୁ ପଡ଼ିଲା ଗରୀ ପଣ୍ଡିତଙ୍କର ସବୁ ଗୁଣପଣ ମାଟି ହୋଇଯାଏ । କେତେବେଳେ ପଣ୍ଡିତେ ପ୍ରକୃତିସ୍ଥ ହୋଇ ‘ଜୀବିକା ନିର୍ବାହ କେତେ କଠିନ ବ୍ୟାପାର’ ଭଲ କରି ବୁଝନ୍ତି । ସେତେ- ବେଳେ ମୁଖରୁ ଏ ଶ୍ଳୋକଟି ବାହାରେ—

※ ଏକାଦଶୀ, ଏହିଦିନ ତାମ୍ବୂଳ ଭକ୍ଷଣ ନିଷେଧ ।

ଯାନ୍ତ୍ୟାମୂର୍ଦ୍ଧ୍ୟମରାହିଲଜାନ୍ନରାନଂ ବାୟୂ
ର୍ଦ୍ଦ୍ୟା ବେଶ୍ମା
ବ୍ୟାଳାନାଂ, ପଶବସ୍ତୃଣାଙ୍କୁରଭୁଜଃ ସୃଷ୍ଟାଃ ସ୍ଥଳୀ-
ଶାୟିନଃ ।
ସଂସାରାର୍ଣ୍ଣବଲଙ୍ଘନକ୍ଷମଧିୟାଂ ବୃତ୍ତିଃ କୃତା
ସା ନୃଣାଂ
ଯାମନ୍ୱେଷୟତାଂ ପ୍ରୟାନ୍ତି ସତତଂ ସର୍ବେ
ସମାପ୍ତିଂ ଗୁଣାଃ ।

ଅର୍ଥାତ୍ ବିଧାତା ପ୍ରାଣିମାନଙ୍କର ଏପରି ବୃତ୍ତି ବିଧାନ କରିଅଛନ୍ତି ଯେ ସର୍ପ ବିନାଯତ୍ନରେ ପବନ ଆହାର କରୁଅଛି ଏବଂ ପଶୁଗଣ ତୃଣ ଭକ୍ଷଣ କରୁଅଛନ୍ତି ଓ ପୃଷ୍ଠରେ ଭୂମିରେ ଶୟନ କରୁଅଛନ୍ତି, କିନ୍ତୁ ସଂସାରରେ ସାଗରତୁଲ୍ୟ ବୁଦ୍ଧିମାନ ମାନବଙ୍କୁ ଏପରି ଏକ ବୃତ୍ତି ଦେଇଅଛନ୍ତି ଯେ ତାହା ଖୋଜି ଖୋଜି ତାହାର ସମସ୍ତ ଗୁଣ ଶେଷ ହୋଇଯାଏ ।

ବର୍ତ୍ତମାନ ଉତ୍କଳବାସୀମାନଙ୍କରେ ବକ୍ତବ୍ୟ ଶେଷ ହେଲା । ଅବଶ୍ୟ କହୁଅଛି, ମୁଁ ସମାଜରେ ଆଉ ଜାଣେ ନାହିଁ । ଏଣୁ କ୍ଷମାକୁ ଅତି ମୋର କର କେଉଁଠାରେ ପାଠକମାନଙ୍କ ଚିତ୍ତକୁ କଷ୍ଟ ଦେବ । ଲେଖି ଲେଖି ଅନେକ ଅପ୍ରାସଙ୍ଗିକ କଥା ଲେଖା ହୋଇ ଯାଇଅଛି । ପାଠକମାନେ କ୍ଷମା କରିବେ ।

ଶ୍ରୀ ମୃତ୍ୟୁଞ୍ଜୟ ରଥ ।

ଓଡ଼ିଆ ଭାଷା ଓ ପ୍ରାଚୀନ ଓଡ଼ିଆ ସାହିତ୍ୟ ।

(ଉତ୍କଳସାହିତ୍ୟ-ସମାଜର ଦ୍ୱିତୀୟ ଅଧିବେଶନରେ ପଠିତ ।)

ଭାଷାସହିତ ସାହିତ୍ୟର ଏପରି ଘନିଷ୍ଠ ସମ୍ବନ୍ଧ ଅଛି ଯେ ଶେଷୋକ୍ତ ବିଷୟର ପୁରାତତ୍ତ୍ୱ ଆଲୋଚନା କରିବା ପୂର୍ବରୁ ପ୍ରଥମୋକ୍ତ ବିଷୟର ପୁରାତତ୍ତ୍ୱ ଜାଣିବା ନିତାନ୍ତ ଆବଶ୍ୟକ । ସେହି ହେତୁରୁ ଏଠାରେ ଓଡ଼ିଆ ଭାଷାର ଉତ୍ପତ୍ତିର ସ୍ଥୂଳ ବିବରଣ ଦେବା ନିତାନ୍ତ ଆବଶ୍ୟକ ବୋଲି ବୋଧ ହେଉଅଛି ।

ଓଡ଼ିଆ—ଭାଷା ।

ସକଳ ବିଷୟରେ ସୃଷ୍ଟିର ପ୍ରାକ୍କାଳ ଘୋର ତମସାଚ୍ଛନ୍ନ ଏବଂ ଏହାହିଁ ପ୍ରକୃତିର ନିୟମ ଅଟେ । ପୃଥିବୀର ସମସ୍ତ ଭାଷା ଯେପରି ପରିବର୍ତ୍ତିତ ଏବଂ ପ୍ରତିବାସି-ଭାଷାମାନଙ୍କ ସହିତ ସମ୍ମିଳିତ ହୋଇ ବର୍ତ୍ତମାନ ଆକାର ଧାରଣ କରିଅଛି ଓଡ଼ିଆଭାଷାର ଭାଗ୍ୟରେ ଯେ ତାହାହିଁ ଘଟିଥିବ ଏଥିରେ ସନ୍ଦେହ ନାହିଁ । ବୈଦିକ ଭାଷା ସମସ୍ତ ଆର୍ଯ୍ୟ ଜାତିର ପ୍ରଥମ ଭାଷା । ସଂସ୍କୃତ ଅର୍ଥାତ୍ ଦେବଗଣଙ୍କର ଭାଷା ତତ୍ପରବର୍ତ୍ତୀ । ସଂସ୍କୃତ ଯେ କୌଣସି ସମୟରେ କଥିତ ଭାଷା ଥିଲା, ସେ ବିଷୟରେ ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କର ଘୋର ସନ୍ଦେହ ଅଛି । ସମ୍ଭବତଃ ଶିକ୍ଷିତ ବ୍ୟକ୍ତିମାନେ ଏହି ଭାଷାରେ ଆପଣା ଆପଣା ମଧ୍ୟରେ କଥୋପକଥନ କରୁଥିଲେ । ବର୍ତ୍ତମାନ ମଧ୍ୟ ଏହି ପ୍ରଥା ଦେଖାଯାଏ । ବୈଦିକ ଭାଷା କାଳକ୍ରମେ ପରିବର୍ତ୍ତିତ ହୋଇ ପ୍ରାକୃତ ଭାଷାରେ ପରିଣତ ହୋଇଥିଲା ଏବଂ ସ୍ଥାନଭେଦରେ ଏହି ପ୍ରାକୃତ ଭାଷା ବିଭିନ୍ନ ଆକାର ଧାରଣ କରିଥିଲା । ବିଭିନ୍ନ ସ୍ଥାନରେ ପ୍ରଚଳିତ ପ୍ରାକୃତ ଭାଷାର ନାମ ବିଭିନ୍ନ । ମହାରାଷ୍ଟ୍ରୀ, ଶୌରସେନୀ, ମାଗଧୀ, ପ୍ରାଚ୍ୟ ଏବଂ ଅବନ୍ତୀ ଏହି ପାଞ୍ଚ ଗୋଟି ପ୍ରାକୃତ ଭାଷାମାନଙ୍କ ମଧ୍ୟରେ ପ୍ରଧାନ ଏବଂ ଏହିମାନଙ୍କର ସଂସ୍କୃତ ଭାଷା ସହିତ ଘନିଷ୍ଠ ସମ୍ବନ୍ଧ ଅଛି । ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କ ମତରେ ପ୍ରାକୃତ ଭାଷାର ସୃଷ୍ଟି ପରେ ପାଣିନି ତାହାଙ୍କର ବିଖ୍ୟାତ ବ୍ୟାକରଣ ପ୍ରଣୟନ କରିଥିଲେ । ବ୍ୟାକରଣବିହିତ ଭାଷା ସଂସ୍କୃତ ନାମରେ ଅଭିହିତ ଏବଂ ଉଚ୍ଚାରଣରେ ବୋଧ ହୁଏ ସେହି କାରଣରୁ ପ୍ରାକୃତ ଭାଷାର ସୃଷ୍ଟି ହୋଇଥିବ । ସାଧୁ ଲିଖିତ ଓ କଥିତ ଭାଷା ମଧ୍ୟରେ ଚିରକାଳ ପ୍ରଭେଦ ଲକ୍ଷିତ ହୋଇ ଆସୁଅଛି । ସେହି ନିୟମ

ଯେ ସେ କାଳରେ ପ୍ରାକୃତ ବୋଲି କି ଥିବ ଏହା ବୋଲାଯାଇ ନ ପାରେ । ବ୍ୟାକରଣ ରଚିତ ହେବା ପରେ ସଂସ୍କୃତ ଭାଷାରେ ବିଶେଷ ପରିବର୍ତ୍ତନ ଅସମ୍ଭବ ହୋଇ ପଡ଼ିଲା, ମାତ୍ର କଥୋପକଥନରେ ପ୍ରଯୁକ୍ତ ଜୀବନ୍ତ ପ୍ରାକୃତ ଭାଷାର ପରିବର୍ତ୍ତନ ଅବଶ୍ୟମ୍ଭାବୀ, କାଳକ୍ରମେ ତାହାହିଁ ଘଟିଥିଲା । ଆର୍ଯ୍ୟମାନଙ୍କ ସଂଖ୍ୟାବୃଦ୍ଧି ସଙ୍ଗେ ସଙ୍ଗେ ସେମାନେ ବହୁ ଦୂର ବିସ୍ତୃତ ହୋଇ ପଡ଼ନ୍ତେ, ପ୍ରତ୍ୟେକ ଏକ ପ୍ରାକୃତ ଭାଷା ଭିନ୍ନ ଆକାର ଧାରଣ କରି ଶେଷରେ ଏତେ-ଗୁଡ଼ିଏ ଭାଷା ହୋଇ ପଡ଼ିଥିଲା ଯେ ମାର୍କଣ୍ଡେୟ ପ୍ରଭୃତି ପ୍ରାକୃତ ଭାଷାର ବୈୟାକରଣମାନେ ଷୋଡ଼ଶ ପ୍ରକାର ପ୍ରାକୃତ ଭାଷାର ନାମୋଲ୍ଲେଖ କରିଅଛନ୍ତି; କେହି କେହି ୨୦ ବା ୨୨ ଗୋଟି ପ୍ରାକୃତ ଭାଷାର ନାମ କହନ୍ତି, ମାତ୍ର ସେଗୁଡ଼ିକ ଏଠାରେ ବକ୍ତବ୍ୟ ବିଷୟ ନୁହେ ।

ଉପରୋକ୍ତ ପାଞ୍ଚ ଗୋଟି ପ୍ରଧାନ ପ୍ରାକୃତ ଭାଷା ମଧ୍ୟରୁ ମହାରାଷ୍ଟ୍ରୀ ଏବଂ ମାଗଧୀ ପ୍ରାକୃତ ସହିତ ଓଡ଼ିଆର ବିଶେଷ ସମ୍ବନ୍ଧ ଅଛି । ମାଳବ ପ୍ରଦେଶର ବିଖ୍ୟାତ ଉଜ୍ଜୟିନୀ ଓ ତତ୍ପାର୍ଶ୍ୱବର୍ତ୍ତୀ ସ୍ଥାନମାନଙ୍କର ଲୋକେ ମହାରାଷ୍ଟ୍ରୀ ପ୍ରାକୃତ କହୁ-ଥିଲେ; ବର୍ତ୍ତମାନ ଯାହାକୁ ମହାରାଷ୍ଟ୍ର ପ୍ରଦେଶ ବୋଲି କହନ୍ତି ସେଠାରେ ଏବଂ ରାଜପୁତାନାର ଦକ୍ଷିଣ ଅଂଶରେ ଏହି ପ୍ରାକୃତ ଚଳୁଥିଲା । ମାଗଧୀ ବିହାର ପ୍ରଦେଶର ପ୍ରାକୃତ ଭାଷା । ପ୍ରୋକ୍ତ ଦୁଇ ଭାଷା ମଧ୍ୟରେ ଅଧିକ ପ୍ରଭେଦ ଲକ୍ଷିତ ହୁଏ ନାହିଁ । ଅଧୁନାଲ କଥୋପକଥନରେ ବ୍ୟବହୃତ ଓଡ଼ିଆ ଭାଷାର ଶବ୍ଦଗୁଡ଼ିକ ପର୍ଯ୍ୟାଲୋଚନା କଲେ ଦେଖାଯାଏ ଯେ ତହିଁରେ ମହାରାଷ୍ଟ୍ରୀ ଓ ମାଗଧୀ ପ୍ରାକୃତଭାଷାଦ୍ୱୟରୁ ଉଦ୍ଭୂତ ଶବ୍ଦମାନଙ୍କର ସଂଖ୍ୟା ଅଧିକ, ଯଥା:—

ମହାରାଷ୍ଟ୍ରୀ ପ୍ରାକୃତ		ଓଡ଼ିଆ
ଣଉ	…	ଲଉ
ଅଗ୍ଗ	…	ଆଗ୍
ଉକ୍କେରୋ		ଉକ୍କର
ଖପରଂ		ଖପର
କୋଟ୍ଟୀ		କୋଠୀ
ଚଢ଼ିଦବ		ଚଢ଼ିବ
ଛଣୀ		ଛେଳୀ
ଛତ୍ତଂ		ଛତା
ଛେରବ		ଛେର
ଢେକୋସ		ଢେଣସ
ତେଅଲଷ୍ଠ		ତେଅଲଷ
ଡରେ		ଡର
ଦସ		ଦଶ
ଦଅରେ		ଦଅର
ବାରଦ	…	ବାର
ପଣଗୋ		ପଣସ
ପଲ୍ଲଟ୍ଟ		ପାଲଟ
ପିଉସିଆ		ପିଉସୀ
ଭଇଣୀ		ଭଉଣୀ
ମଉଲଂ	…	ମଉଳା
ମାଉସିଆ	…	ମାଉସୀ
ସିପ୍ପୀ	…	ସିପ
ଖୁମ୍ପୋ	…	ଖୁମ୍ପ
ହଳଦୀ		ହଳଦୀ
ହଣୁମନ୍ତୋ	…	ହନୁମନ୍ତ
ଖୋଳଂ	…	ଖୋଳ
ଶିଆଳା	…	ଶିଆଳ

ମାଗଧୀ ପ୍ରାକୃତ	…	…	ଓଡ଼ିଆ
ଭତ୍ତ	…	…	ଭାତ
ଗମ୍ଭୀର			ଗମ୍ଭୀର
ବଜ୍ଝ	…		ବୋଝ
ଚନ୍ଦ			ଚାନ୍ଦ
ହତ୍ଥ	…	…	ହାଥ(ସ୍ତ୍ରୀ)
ସହ	…	…	ସହି
ଢାଣ୍ଢି	…	…	ଢାଢି

ଜେମ	ଜେମ
ଜେଟ୍ଠ	ଜେଠ
ଏଣ୍ଡୁ	ଏଣ୍ଡୁ
ମଉଡ଼ି	ମଉଡ
ଧଡ଼ି	ଧଡ଼ି
ଠିଆ	ଠିଆ
ଚେଡ଼ଅ	ଚେଟକ
ଦେଉଳ	ଦେଉଳ
ଏଡ଼ଅ	ଏଟକ
ଭୁଂକ୍ତି	ଭୁଞ୍ଜେ
ପେଡ଼ଅ	ପେଟକ
ଅମ୍ହେ	ଅମ୍ହେ
ରୂପ୍ପା	ରୂପା
ପୋତ୍ଥି	ପୋଥି
ମଞ୍ଚ	ମଞ୍ଚ
ପତ୍ଥର	ପଥର
ତେଲ	ତେଲ
ଶେଯ ...	ଶେଯ
ଅଛଇ ...	ଅଛଇ
ଅଚ୍ଛନ୍ତି	ଅଛନ୍ତି

ଅନୁସନ୍ଧିତ୍ସୁମାନେ ଚେଷ୍ଟା କଲେ ପ୍ରାକୃତୋତ୍ପନ୍ନ ଅନ୍ୟର ଅନେକ ଶବ୍ଦ ପାଇ ପାରିବେ।

ଓଡ଼ିଶାର ଇତିହାସ ପାଠରୁ ମଧ୍ୟ ଓଡ଼ିଆ ଭାଷା ଉପରେ ମହାରାଷ୍ଟ୍ରୀ ଏବଂ ମାଗଧୀର ପ୍ରାଦୁର୍ଭାବ ସ୍ପଷ୍ଟ ଲକ୍ଷିତ ହୁଏ। ଭାରତର ଅନ୍ୟାନ୍ୟ ପ୍ରଦେଶର ଅତି ପ୍ରାଚୀନ ଇତିହାସ ଜାଣିବା ଯେପରି ଦୁଷ୍କର ଓଡ଼ିଶାର ଇତିହାସ ଜାଣିବା ମଧ୍ୟ ସେହିପରି। ବୈଦିକ ସାହିତ୍ୟରେ ଉତ୍କଳ ବା ଓଡ୍ରଦେଶର ନାମୋଲ୍ଲେଖ ନାହିଁ। ମହାଭାରତରେ ଓଡ୍ରଦେଶର ନାମୋଲ୍ଲେଖ ଥିଲେହେଁ ତାହା ତତ୍କାଳର ଆର୍ଯ୍ୟଜାତି ଦ୍ୱାରା ଅଧ୍ୟୁଷିତ ହୋଇ ଥିବାର ପ୍ରମାଣ ନାହିଁ। ଜଗନ୍ନାଥ ମନ୍ଦିରରେ ସଂରକ୍ଷିତ ମାଦଳା ପାଞ୍ଜିରେ ଯାହା ଲେଖା ଅଛି ତାହା ସମ୍ପୂର୍ଣ୍ଣ ବିଶ୍ୱାସଯୋଗ୍ୟ ନ ହେଲେହେଁ ଉହିଁରେ ଲେଖା ଥିବା ଏକ ଏକ ରାଜା ରାଜତ୍ୱ କରିଥିବାରୁ ବୋଧ ହେଉଅଛି ଯେ ସେମାନେ ଏକ ଏକ ରାଜବଂଶର ପ୍ରଥମ ବା ପ୍ରଧାନ ରାଜା ହୋଇ ପାରନ୍ତି। ଓଡ଼ିଶାରେ କେବେ ଆର୍ଯ୍ୟମାନେ ଉପନିବେଶ ସଂସ୍ଥାପନ କରିଥିଲେ ତାହାର କୌଣସି ପ୍ରମାଣ ନାହିଁ। ତଥାପି ଖ୍ରୀଷ୍ଟପୂର୍ବ ୧୮୦୭ ଠାରୁ ୮୨୨ ଅବ୍ଦ ମଧ୍ୟରେ ଏହା ସଂଘଟିତ ହୋଇ ଥିବାର ସମ୍ଭାବନା। କାରଣ ମାଦଳା ପାଞ୍ଜି ଅନୁସାରେ ଶଙ୍କରଦେବ ଓଡ଼ିଶାର ସର୍ବପ୍ରଥମ ସ୍ୱାଧୀନ ରାଜା, ଖ୍ରୀଷ୍ଟପୂର୍ବ ୧୦୩୭ ଠାରୁ ୮୨୨ ମଧ୍ୟରେ ରାଜମହେନ୍ଦ୍ରୀ ଓଡ଼ିଶାର ରାଜଧାନୀ ଥିଲା। ଭାରତ ଇତିହାସରୁ ଜଣାଯାଏ ଯେ ଏହି ସମୟରେ ମଧ୍ୟ ପ୍ରସିଦ୍ଧ କଳିଙ୍ଗ ରାଜ୍ୟ ସ୍ଥାପିତ ହୋଇଥିଲା। ଓଡ଼ିଶା କଳିଙ୍ଗର ଉତ୍ତରାଂଶ, ତ୍ରିକଳିଙ୍ଗ ବା ଉତ୍କଳ ଅଟେ। ଖ୍ରୀଷ୍ଟାନୁମାନ ୮୨୨ ଅବ୍ଦଠାରୁ ୫୦୦ ଅବ୍ଦ ପର୍ଯ୍ୟନ୍ତ ଓଡ଼ିଶା କଳିଙ୍ଗ ରାଜ୍ୟର ଅଧୀନ ଥିଲା ଏବଂ ଉହିଁରେ ଯେଉଁ ରାଜାମାନେ ରାଜତ୍ୱ କରୁଥିଲେ ସେମାନେ କଳିଙ୍ଗର ରାଜା ବା କଳିଙ୍ଗାଧୀନ ଓଡ଼ିଶାର ରାଜା ହୋଇଥିବେ। ପୁରାତତ୍ତ୍ୱବିଦ୍‌ମାନଙ୍କ ମତରେ ମାଳବ ପ୍ରଦେଶରୁ ଆର୍ଯ୍ୟମାନେ ଆସି କଳିଙ୍ଗରାଜ୍ୟ ସ୍ଥାପନ କରିଥିଲେ; ଯେବେ ତାହା ସତ୍ୟ ହୁଏ ତେବେ ନିଶ୍ଚୟରେ ସେହି ସମୟରେ ମହାରାଷ୍ଟ୍ରୀ ପ୍ରାକୃତ ପ୍ରବେଶଲାଭ କରିଥିବ।

ଖଣ୍ଡଗିରି ଗୁହାମାନଙ୍କରେ ଖୋଦିତ ଶିଳାଲିପିମାନଙ୍କରୁ ଉତ୍କଳର ଇତିହାସ ସମ୍ବନ୍ଧରେ ଅଳ୍ପ ବିଶେଷ ବିବରଣ ଜଣା ନ ଗଲେହେଁ ତତ୍କାଳରେ ଏ ପ୍ରଦେଶରେ ବୌଦ୍ଧଧର୍ମ ଯେ ପରାକ୍ରମଶାଳୀ ଥିଲା ଏହା କଳ୍ପିତ। ଏସିଆଟିକ ସୋସାଇଟି ଜର୍ଣ୍ଣାଲର ଷଷ୍ଠ ଖଣ୍ଡ ଦ୍ୱିତୀୟ ଭାଗର ୮୬୦ ପୃଷ୍ଠାରେ ପ୍ରକାଶିତ ସିଂହଳ ଦ୍ୱୀପରୁ ପ୍ରାପ୍ତ ବିବରଣରୁ ଜଣାଯାଏ, "ଖ୍ରୀଷ୍ଟ ପୂର୍ବ ୫୪୩

ସିଂହଳ ବୁଦ୍ଧଦେବଙ୍କ ଦନ୍ତଟିକୁ ସାକ୍ଷାତ୍ ଦେବତା ମାନେ ସେମାନଙ୍କର ଗୋଟିଏ ମନ୍ତ୍ରୀ ଉତ୍କଳକୁ ଅଣିଛ ସୌଭାଗ୍ୟ ଏବଂ ଉତ୍କଳବାସୀ ବୁଦ୍ଧଦନ୍ତ ଏହାକୁ ଅତ୍ୟନ୍ତ ଆଦରପୂର୍ବକ ଗ୍ରହଣ କରିଥିଲେ । ଉତ୍କଳ ରାଜାମାନଙ୍କ ମଧ୍ୟରୁ କେହି କେହି ଏହି ଧ୍ୱଂସାବଶେଷ ଦନ୍ତ ଅତ୍ୟନ୍ତ ସମ୍ମାନ ପ୍ରଦର୍ଶନପୂର୍ବକ ପୂଜା କରୁଥିଲେ, କେହି କେହି ଅନାଦର ପ୍ରକାଶ କରୁଥିଲେ । ଦନ୍ତର ଅଲୌକିକ ଗୁଣ ଦର୍ଶନ କରି କୌଣସି କୌଣସି ହିନ୍ଦୁରାଜା ବୌଦ୍ଧଧର୍ମରେ ଦୀକ୍ଷିତ ହୋଇଥିଲେ । କଥିତ ଅଛି ଗୁହସେନନାମକ ଜଣେ ଉତ୍କଳର ବୌଦ୍ଧ-ରାଜା ବ୍ରାହ୍ମଣମାନଙ୍କୁ କଷ୍ଟ ଦେବାରୁ ସେମାନେ ଯାଇ ପାଟଳୀପୁତ୍ରବାସୀ ସମଗ୍ର ଭାରତର ହିନ୍ଦୁ-ସମ୍ରାଟ୍ ପାଣ୍ଡୁଙ୍କ ନିକଟରେ ନିଜ ଦୁଃଖ ଜ୍ଞାପନ କରିଥିଲେ । ଏହି ସମ୍ରାଟ୍ ଉତ୍କଳରାଜାଙ୍କୁ ପରାସ୍ତ କରି ଦନ୍ତଟିକୁ ନେଇଯିବା ନିମନ୍ତେ ଜଣେ ଅଧୀନସ୍ଥ ରାଜାଙ୍କୁ ଉତ୍କଳକୁ ପ୍ରେରଣ କରିଥିଲେ । ଦନ୍ତର ଅଲୌକିକ ଗୁଣ ଦେଖି ଉତ୍କଳାଗତ ରାଜା ମୁଗ୍ଧ ହୋଇ ବୌଦ୍ଧଧର୍ମ ଅବଲମ୍ବନ କରିଥିଲେ, ମାତ୍ର ଗୁହସେନଙ୍କ ସହିତ ଦନ୍ତଟିକୁ ଉତ୍ତର ଭାରତକୁ ନେଇ ଯାଇଥିଲେ । ସମ୍ରାଟ୍ ଦନ୍ତକୁ ଅଗ୍ନିରେ ନିକ୍ଷେପ କରିବା ନିମନ୍ତେ ଆଜ୍ଞା ଦେଲେ, କିନ୍ତୁ ତାହା ଭସ୍ମୀଭୂତ ନ ହୋଇ ପୁଷ୍ପରୂପ ଧାରଣ କଲା । ଏହିପରି ନାନା ଉପାୟ କଲେ ସୁଦ୍ଧା ଦନ୍ତର ଧ୍ୱଂସ ସାଧନ ନ ହେବାରୁ ଦେଖି ରାଜା ଆଶ୍ଚର୍ଯ୍ୟାନ୍ୱିତ ହେଲେ । ଏହି ସମୟରେ ଜଣେ ବ୍ରାହ୍ମଣ କହିଥିଲେ "ରାଜନ୍! ଏହି ପୃଥିବୀରେ ଜନାର୍ଦ୍ଦନ ରାମ, କୃଷ୍ଣ ପ୍ରଭୃତି ନାନା ଅବତାର ଗ୍ରହଣ କରିଅଛନ୍ତି, ସମ୍ଭବତଃ ଏହି ଦନ୍ତ ତାହାଙ୍କର ହେବ, ତାହା ନ ହେଲେ ଏହାର ଏ ମାହାତ୍ମ୍ୟ କାହିଁ ଅଛି ?" ଏହା ଶୁଣି ସମ୍ରାଟ୍ ଧ୍ୱଂସକାର୍ଯ୍ୟରୁ ବିରତ ହେଲେ । କିଛିଦିନ ପରେ ତାହାଙ୍କର ମୃତ୍ୟୁ ଘଟିଲା ଏବଂ ଉତ୍କଳରାଜ ଏହି ଦନ୍ତକୁ ପୁନ ଓଡ଼ିଶାକୁ ଫେରି ଆଣି ଦନ୍ତପୁରରେ ଏହାକୁ ସ୍ଥାପନ କଲେ ।" କୌଣସି କୌଣସି ପ୍ରତ୍ନତତ୍ତ୍ୱବିଦ୍ ପୁରୀକୁ 'ଦନ୍ତପୁର' ବୋଲି କହନ୍ତି । ଖ୍ରୀଷ୍ଟପୂର୍ବ ୩୯୦ ଠାରୁ ୩୭୦ ଅବ୍ଦ ମଧ୍ୟରେ ଏହି ଘଟଣା ଘଟିଥିଲା ।

ଓଡ଼ିଶାରେ ପ୍ରଚଳିତ କିମ୍ବଦନ୍ତୀ ଅନୁସାରେ ମାଳବରାଜ ଇନ୍ଦ୍ରଦ୍ୟୁମ୍ନ ଦେବ ସର୍ବପ୍ରଥମେ ଜଗନ୍ନାଥ ଦେବଙ୍କ ମନ୍ଦିର ସ୍ଥାପନ କରିଅଛନ୍ତି । ତାହାଙ୍କର ନୀଳମାଧବାନ୍ୱେଷଣବୃତ୍ତ ଉପାଖ୍ୟାନରୁ ଜଣାଯାଏ ଯେ ପୂର୍ବଦେଶକୁ ଯେଉଁ ବ୍ରାହ୍ମଣ ଆସିଥିଲେ ସେ ଅରଣ୍ୟାଧିଷ୍ଠିତ ବା ଶବରସେବିତ ନୀଳମାଧବଙ୍କୁ ଦେଖି ରାଜାଙ୍କ ନିକଟରେ ସମ୍ବାଦ ଦେବାରୁ ସେ ସୈନ୍ୟ ସାମନ୍ତ ସମଭିବ୍ୟାହାରରେ ରାସ୍ତା ପ୍ରସ୍ତୁତ କରି ଉତ୍କଳକୁ ଆଗମନ କରିଥିଲେ । ଏହି ଘଟଣା ମାଳବ ପ୍ରଦେଶରୁ ଆଗତ ଆର୍ଯ୍ୟମାନଙ୍କର ଓଡ଼ିଶାରେ ଉପନିବେଶ ସ୍ଥାପନ କରିବାର ଅନ୍ୟତର ଗୋଟିଏ ସମ୍ବୃତ୍ତ । ଅତଏବ ସେହି ସମୟରେ ଆର୍ଯ୍ୟମାନଙ୍କ ସଙ୍ଗେ ସଙ୍ଗେ ମହାରାଷ୍ଟ୍ରୀ ପ୍ରାକୃତ ଯେ ଓଡ଼ିଶାକୁ ଆଗତ ହୋଇଥିବ ଏଥିରେ ସନ୍ଦେହ ନାହିଁ । ମାଦଳାପାଞ୍ଜି ଅନୁସାରେ ୩୨୩ ଖ୍ରୀଷ୍ଟାବ୍ଦରେ ଯବନ ରକ୍ତବାହୁ କର୍ତ୍ତୃକ ଉତ୍କଳ ଆକ୍ରାନ୍ତ ହେବାବେଳେ ତତ୍କାଳୀନ ଉତ୍କଳରାଜ ଶୋଭନ ଦେବ ଜଗନ୍ନାଥ ମୂର୍ତ୍ତିକୁ ନେଇ ଯାଇ ସୋନପୁର ଜଙ୍ଗଲରେ ପୋତି ଥିଲେ । ଅତଏବ ତତ୍ପୂର୍ବରୁ ଜଗନ୍ନାଥଙ୍କ ମୂର୍ତ୍ତି ଓଡ଼ିଶାରେ ସ୍ଥାପିତ ହୋଇ ସାରିଥିଲା । ଖ୍ରୀଷ୍ଟପୂର୍ବ ୧୪୪ ଅବ୍ଦ ପୂର୍ବରେ ଭୋଜରାଜ ଏବଂ ବିକ୍ରମାଦିତ୍ୟ ଉତ୍କଳରେ ରାଜପଣ କରୁଥିବାର ଉକ୍ତ ପଞ୍ଜିକାରେ ଲେଖା ଅଛି । ଏମାନେ ଯେ ଓଡ଼ିଶାର ରାଜା ନୁହନ୍ତି ଏହା ଭାରତ-ଇତିହାସପାଠକ ମାତ୍ରେ ସ୍ୱୀକାର କରିବେ । ସମ୍ଭବତଃ କେତେବେଳେ ଉତ୍କଳ ମାଳବର ଅଧୀନ ଥିଲା ଏବଂ ସେଠାର ପ୍ରଧାନ ରାଜା ଓଡ଼ିଶାର ରାଜା ବୋଲି ଅଭିହିତ ହେଉଥିଲେ । ପୂର୍ବୋକ୍ତ ଇନ୍ଦ୍ରଦ୍ୟୁମ୍ନ ଦେବ ମଧ୍ୟ ମାଳବରାଜ-

କଣ୍ଠାଗ୍ରା ଲିପରେ ଲିଖିତ ସିଂହଳ ବିବରଣର ଏହା ସହିତ ପାଠ କଲେ ଜଣାଯିବ ଯେ ଖ୍ରୀଷ୍ଟପୂର୍ବ ୩୭୦ ଠାରୁ ୧୮୪ ଅବ୍ଦ ମଧ୍ୟବର୍ତ୍ତୀ କୌଣସି ଏକ ସମୟରେ ଉତ୍କଳରେ ଜଗନ୍ନାଥମୂର୍ତ୍ତି ସ୍ଥାପିତ ହୋଇଥିବ ।

ବୁଦ୍ଧଦେବଙ୍କ ମୃତ୍ୟୁଠାରୁ ୪୭୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ପ୍ରାୟ ୯୦୦ ବର୍ଷକାଳ ଉତ୍କଳରେ ବୌଦ୍ଧଧର୍ମ ପ୍ରବଳ ହୋଇଥିଲା । ବୌଦ୍ଧମାନେ ମାଗଧୀ ପ୍ରାକୃତ କହୁଥିଲେ ଏବଂ ସେହି ଭାଷାରେ ଧର୍ମପ୍ରଚାର କରୁଥିଲେ । ଅତଏବ ମାଗଧୀ ପ୍ରାକୃତ ସହିତ ମହାରାଷ୍ଟ୍ରୀ ପ୍ରାକୃତର ସମ୍ମିଶ୍ରଣ ଏହି ସମୟ ମଧ୍ୟରେ ସଂଘଟିତ ହୋଇଥିବ ଏଥିରେ ସନ୍ଦେହ ନାହିଁ । ନିମ୍ନଶ୍ରେଣୀସ୍ଥ ପ୍ରାୟ ସମସ୍ତ ଲୋକ ବୌଦ୍ଧ-ଧର୍ମ ଗ୍ରହଣ କରିଥିଲେ । ଅନେକ ବ୍ରାହ୍ମଣ, ଯଥା ଅଗ୍ନିନାକ ମାନ୍ଧାନ, ପଦ୍ମାକର ପ୍ରଭୃତି, ଏହି ଧର୍ମରେ ଦୀକ୍ଷିତ ହୋଇଥିଲେ । ଧର୍ମବିପ୍ଳବଦ୍ୱାରା ପୃଥିବୀର ସର୍ବତ୍ର ପ୍ରାଚୀନ ଭାବ ଓ ଭାଷାର ସଂସ୍କାର ହୋଇ ନବ ଭାବ ଓ ଭାଷାର ପ୍ରତିଷ୍ଠା ହୁଏ । ଉତ୍କଳରେ ମଧ୍ୟ ସେହି ନିୟମ ଅନୁସାରେ ବୌଦ୍ଧଧର୍ମ ଭାଷା ଓ ଭାବର ସଂସ୍କାର କରିଥିଲା । ବହୁସଂଖ୍ୟକ ଅନାର୍ଯ୍ୟ ଜାତି ସେହି ସମୟରେ ବୌଦ୍ଧଧର୍ମରେ ଦୀକ୍ଷିତ ହୋଇଥିବାରୁ ସେମାନଙ୍କ ଭାଷା ମଧ୍ୟ ଉତ୍କଳରେ ପ୍ରଚଳିତ ଉତ୍କଳର ପ୍ରାକୃତ ଭାଷା ସହିତ ମିଳିତ ହୋଇଥିବ ।

କେଶରୀବଂଶୀୟ ରାଜାମାନଙ୍କ ସମୟର ଉତ୍କଳ ଇତିହାସ ପାଠ କଲେ ଜଣାଯାଏ ଯେ ଏକ ଦିଗରେ ଜଗନ୍ନାଥ ମୂର୍ତ୍ତି ସ୍ଥାପନ କରିବାଦ୍ୱାରା ହିନ୍ଦୁ ଓ ବୌଦ୍ଧ ଧର୍ମର ସାମଞ୍ଜସ୍ୟ ରକ୍ଷା କରି ଗୋଟିଏ ନୂତନ ଧର୍ମ ସ୍ଥାପନ କରିବାକୁ ଯୋଗ୍ୟ ଚେଷ୍ଟା ଲାଗିଅଛି ଅନ୍ୟ ଦିଗରେ ବୌଦ୍ଧ ଧର୍ମକୁ ବିତାଡ଼ିତ କରିବା ଚେଷ୍ଟାର ଅଭାବ ମଧ୍ୟ ମିଳୁ-ଅଛି । ବିହାର ପ୍ରଦେଶରୁ ଆଗତ ଯଯାତି କେଶରୀ ସୋନପୁର ଜଙ୍ଗଲରୁ ଜଗନ୍ନାଥଙ୍କ ବିଗ୍ରହ ଆଣି ପୁରୀରେ ପୁନଃ ସ୍ଥାପନ କରିଅଛନ୍ତି ଏବଂ ଭୁବନେଶ୍ୱରରେ ଶିବ ମନ୍ଦିରର ଭିତ୍ତିସ୍ଥାପନ ମଧ୍ୟ କରିଅଛନ୍ତି । ଜଗନ୍ନାଥ ମୂର୍ତ୍ତି ସ୍ଥାପନଦ୍ୱାରା ହିନ୍ଦୁ ଧର୍ମର ସମ୍ମିଳନରେ ନୂତନ ଧର୍ମ ସ୍ଥାପନର ଚେଷ୍ଟା ଏବଂ ଶୈବ ଧର୍ମ ସ୍ଥାପନଦ୍ୱାରା ବୌଦ୍ଧ ଧର୍ମର ବିତାଡ଼ନଚେଷ୍ଟା ସୂଚିତ ହେଉଅଛି । ଏହି ସମୟର ଉତ୍କଳକୁ ଧର୍ମବିପ୍ଳବ ଯୁଗ ନାମରେ ଅଭିହିତ କରାଯାଇପାରେ । ସୁଧୀ ପ୍ରଭୃତି ଦାର୍ଶନିକଙ୍କଦ୍ୱାରା ହିନ୍ଦୁଧର୍ମ ପରିବର୍ତ୍ତନରେ ଏକ ନବ ଧର୍ମରେ ଦୀକ୍ଷିତ ଲୋକମାନେ ବାସ କରୁଥିଲେ ଏବଂ ଯାଜପୁର ପ୍ରଭୃତି ଦିଗ୍ବିଜୟୀମାନଙ୍କର ଶୈବ ଓ ଶାକ୍ତ ଧର୍ମାବଲମ୍ବୀ ଲୋକମାନେ ଅଧିବାସୀ ଥିଲେ । ଭୁବନେଶ୍ୱର ଏହି ଧର୍ମମାନଙ୍କର ସମ୍ମିଶ୍ରଣର ସ୍ଥଳ ହୋଇଥିଲା । ଶିବପୁରାଣର ଉତ୍ତରାଂଶ ପାଠ କଲେ ଜଣାଯାଏ ଯେ କୀର୍ତ୍ତି ଓ ବାସ ନାମରେ ଦୁଇ ରାକ୍ଷସ ଏକାମ୍ରକ୍ଷେତ୍ରର ଗୋପାଳୁଣୀ ଗୌରୀଙ୍କୁ ଆକ୍ରମଣ କରିବା ନିମନ୍ତେ ନିଯୁକ୍ତ ହୋଇଥିଲେ । ସମ୍ଭବତଃ ଏ ସମୟରୁ ବୌଦ୍ଧମାନେ ଧର୍ମଭ୍ରଷ୍ଟ ଓ ପାପକର୍ମୀରୂପେ ବିବେଚିତ ହୋଇ ଥିଲେ ଏବଂ ଏହି କୀର୍ତ୍ତି ଓ ବାସ ବୌଦ୍ଧ ମତା-ବଲମ୍ବୀ ଦୁଇ ଜଣ ପୁରୁଷ । ଏକାମ୍ରପ୍ରବାସିନୀ ଗୌରୀ କରଗଲୁ ଯାହିଁ ମନୁଷ୍ୟମାନଙ୍କ ନିକଟେ ଦେଖା ଦେଲେ ସେହି ଗୋପାଳୁଣୀ । ଶିବପୁରାଣର ବର୍ଣ୍ଣନାରୁ ଜଣାଯାଏ, ଲିଙ୍ଗରାଜ ଭୁବନେଶ୍ୱର ଲୁଣ୍ଠକଙ୍କ ଧର ସହଜ ନ କରିଥିଲେ । ଏହି ସବୁରୁ ଏବଂ ବର୍ତ୍ତମାନ ମନ୍ଦିରରେ ପ୍ରଚଳିତ ସେବା ପୂଜା ଓ ମନ୍ଦିର ମଧ୍ୟରେ ତାହାର ସ୍ଥାପନ ସମୟରୁ ସର୍ବ ଜାତିର ଏକତ୍ର ଶିବପ୍ରସାଦ ସେବା କରିବାର ପ୍ରଥା ଥିବାରୁ ବୋଧ ହୁଏ ଯେ ଉତ୍କଳର ଭୁବନେଶ୍ୱରରେ ପ୍ରତିଷ୍ଠିତ ଶିବମନ୍ଦିର ଉତ୍ତର-ନଗରବାସୀ ଶାକ୍ତ ଓ ଶୈବ ମତାବଲମ୍ବୀ ଏବଂ ଦକ୍ଷିଣନଗରବାସୀ ହିନ୍ଦୁ ଓ ବୌଦ୍ଧ ମତାବଲମ୍ବୀ-ମାନଙ୍କର ସାଧାରଣ ପୂଜାମନ୍ଦିର ହୋଇଥିଲା । ଶୈବ ଏବଂ ଶାକ୍ତମାନଙ୍କର ପୂଜାସ୍ଥଳୀ ଯାଜପୁର ରାଜଧାନୀରୁ ଯଯାତି ଭୁବନେଶ୍ୱରକୁ ଆଗମନ

ନବ ହେଲିଁ ମଣ୍ଡଳସ୍ଥାନର ନିର୍ଦ୍ଦେଶ କରଥିଲେ ତଦ୍ଦ୍ୱାରା ସେ କାଳୀନ ଉତ୍କଳର ଚଟା ଭାରତର ମାନଚିତ୍ରାକାର ସ୍ଥାନ ହୋଇଥିବ ତାହା ସହଜରେ ପ୍ରତୀତ ହେଉଅଛି । ଉତ୍କଳର ମାନଚିତ୍ରରେ ଭୁବନେଶ୍ୱର କ୍ଷେତ୍ରର ଅବସ୍ଥାନ ଦେଖିଲେ ବୋଧ ହେଉଅଛି ଯେ ତେଣେବେଳେ ଏହାର ପଶ୍ଚିମାଂଶରେ ଅନାର୍ଯ୍ୟଶବ୍ଦ-ବହୁଳଭାଷା-ଭାଷୀ ବୌଦ୍ଧଧର୍ମଦୀକ୍ଷିତ ଅନାର୍ଯ୍ୟବହୁଳ ଜାତିମାନେ, ପୂର୍ବ ଓ ଦକ୍ଷିଣରେ ମହାତାନ୍ତ୍ରୀକମାର୍ଗୀମିଶ୍ରପ୍ରାକୃତଭାଷୀ ସମ୍ମିଳିତ ବୌଦ୍ଧ ଓ ହିନ୍ଦୁଧର୍ମରେ ଦୀକ୍ଷିତ ଆର୍ଯ୍ୟବହୁଳ ଜାତିମାନେ ଏବଂ ଉତ୍ତରାଞ୍ଚଳରେ ଶୈବ ଓ ଶାକ୍ତ ମତାବଲମ୍ବୀ ଦୂରାନ୍ତରର ମାଗଧୀ-ପ୍ରାକୃତଭାଷୀ ଆର୍ଯ୍ୟମାନେ ବାସ କରୁଥିଲେ । ସୁତରାଂ ପଞ୍ଚମ ଶତାବ୍ଦୀଠାରୁ ଦ୍ୱାଦଶ ଶତାବ୍ଦୀପର୍ଯ୍ୟନ୍ତ ଭୁବନେଶ୍ୱର କ୍ଷେତ୍ର ଭାଷା ଓ ଧର୍ମର ଗୋଟିଏ ପ୍ରଧାନ ସମ୍ମିଳନ-ସ୍ଥଳୀ ଥିଲା । ବୌଦ୍ଧଧର୍ମ ବହୋତ୍ତର କାଳ ପ୍ରସ୍ତରମୟ ଲିଙ୍ଗପୂଜାଦ୍ୱାରା ଅନାର୍ଯ୍ୟ ଜାତିର ହୃଦୟାକର୍ଷଣ କରିବା ଏବଂ ସମ୍ମିଳିତ ନବ ଧର୍ମର ପ୍ରଚାର କରିବା ସହଜ ବୋଧ ହୁଏ ଭାରତନାଭିମଣ୍ଡଳ ସଦୃଶ ଉତ୍କଳ ଦେଶରେ ଅନ୍ୟତ୍ର ଆଉ ଗୋଟିଏ ଉପଯୁକ୍ତ କ୍ଷେତ୍ର କଦାଚ ପ୍ରାପ୍ତ ହୋଇ ନ ଥାନ୍ତା । ଏହି କ୍ଷେତ୍ର ଯେ ଆଧୁନିକ ଉତ୍କଳ ଭାଷାର ସୂତିକାଳରେ 'ଉଦ୍ଭବର ପ୍ରଭୃତି ଆଧିପତ୍ୟ ବିସ୍ତାର କରିଥିବ ଏଥିରେ ସନ୍ଦେହ ନାହିଁ ।

ହକାନ୍ ନାରାୟଣ ଶର୍ମା ଏହି ସମୟର ଲୋକ ଏବଂ ସେ ଏହି ସମୟରେ "ଏକାମ୍ର-ମାହାତ୍ମ୍ୟ" ଓ "ଶୀତଳା-ମାହାତ୍ମ୍ୟ" ଲେଖି ଯାଇଅଛନ୍ତି । ଏହି ମହାତ୍ମା ଲଲାଟେନ୍ଦୁ କେଶରୀଙ୍କ ସମକାଳୀନ ଏବଂ ବାରାଣସୀରୁ ଆଗତ ଯାଜପୁରର ବ୍ରାହ୍ମଣ ବଂଶସମ୍ଭୂତ ଏକାମ୍ରବାସୀ ଅଟନ୍ତି । ତାହାଙ୍କ ସମୟ ଅର୍ଥାତ୍ ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀର ଶେଷ ଭାଗରୁ ଉତ୍କଳଭାଷା ଲିଖିତ ଭାଷାରେ ପରିଣତ ହୋଇ ନ ଥିଲା । ସୁତରାଂ ଏହି ସମୟରେ କୌଣସି ଉତ୍କଳ ଲେଖକର ନାମୋଲ୍ଲେଖ ନାହିଁ । କେଶରୀବଂଶୀୟ ରାଜାମାନଙ୍କ ସମୟରେ ଉତ୍କଳରେ ଶୈବଧର୍ମ ପ୍ରବଳ ଥିଲା ଏବଂ ଶିବୋପାସନା ସଙ୍ଗେ ସଙ୍ଗେ ଶଙ୍କରାଚାର୍ଯ୍ୟ ଓ ତାହାଙ୍କ ଶିଷ୍ୟମାନଙ୍କଦ୍ୱାରା ପ୍ରଚାରିତ ବୈଦାନ୍ତିକ ଅଦ୍ୱୈତ ବୈଦିକମତ ପ୍ରବଳତା ଲାଭ କରିଥିଲା । ପୁରୀରେ ଶଙ୍କର ବା ତଚ୍ଛିଷ୍ୟଙ୍କ ସ୍ଥାପିତ ସ୍ୱାମୀମଠ ଅଦ୍ୟାବଧି ବର୍ତ୍ତମାନ । ଅଧୁନା ଭୁବନେଶ୍ୱରରେ ଯେଉଁ ସ୍ୱାମୀମଠ ଦେଖାଯାଏ ତାହା ଶଙ୍କରଙ୍କ କୌଣସି ଶିଷ୍ୟଦ୍ୱାରା ସ୍ଥାପିତ । ଶଙ୍କର ସ୍ୱୟଂ ଶିବୋପାସକ ଥିଲେ ଅଥଚ ବୈଦାନ୍ତିକ ଅଦ୍ୱୈତ ବୈଦିକ ମତ ପ୍ରଚାର କରୁଥିଲେ । ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରେ ଐଶ୍ୱର୍ଯ୍ୟ ସମୃଦ୍ଧିଶାଳୀ କାଞ୍ଚୀନଗର ଦକ୍ଷିଣସ୍ଥ ଚାଳୁକ୍ୟ ରାଜ୍ୟର ରାଜଧାନୀ ଥିଲା ଏବଂ ସେହି ରାଜ୍ୟ କୃଷ୍ଣାନଦୀଠାରୁ ଗୋଦାବରୀ ନଦୀପର୍ଯ୍ୟନ୍ତ ବିସ୍ତୃତି ଲାଭ କରିଥିଲା । ଉତ୍କଳର ସୀମା ପୁରାକାଳରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିବାର ଐତିହାସିକ ପ୍ରମାଣ ମିଳୁଅଛି ଏବଂ ଉତ୍ତରାଞ୍ଚଳ ଅପେକ୍ଷା ଦାକ୍ଷିଣାତ୍ୟ ସଙ୍ଗରେ ଉତ୍କଳର ଅଧିକ ସମ୍ବନ୍ଧ ଥିବାର ପ୍ରମାଣ ମଧ୍ୟ ମିଳେ । ଅତଏବ ଚାଳୁକ୍ୟରାଜ୍ୟବାସୀ ବୌଦ୍ଧମତର ପ୍ରତିଦ୍ୱନ୍ଦ୍ୱୀ ଶଙ୍କର ଯେ ବୌଦ୍ଧପ୍ରଧାନ ତତ୍କାଳୀନ ଉତ୍କଳ ପରିଦର୍ଶନ କରି ତହିଁରେ କିଛି କାଳ ବାସ କରି ନ ଥିବେ ଏହା ସମ୍ପୂର୍ଣ୍ଣ ଅସମ୍ଭବ । ଯାହା ହେଉ ଶଙ୍କରାଚାର୍ଯ୍ୟ କିମ୍ବା ତାହାଙ୍କ ଶିଷ୍ୟମାନଙ୍କଦ୍ୱାରା ଉତ୍କଳରୁ ବୌଦ୍ଧଧର୍ମପ୍ରାବଲ୍ୟ ଅନେକ ପରିମାଣରେ କମି ଯାଇ ଥିଲା । ଉତ୍କଳର କେଶରୀବଂଶୀୟ ରାଜାମାନଙ୍କ ସମୟ ଭାରତରେ ଶଙ୍କରମତପ୍ରାବଲ୍ୟର କାଳ ଏବଂ ସେତେବେଳେ ସଂସ୍କୃତଭାଷା ପ୍ରତି ବିଶେଷ ଆଦର ଓ ପ୍ରାକୃତ ଭାଷାମାନଙ୍କର ସଂସ୍କୃତାଦର୍ଶରେ ସଂଶୋଧିତ ହୋଇ ଆଧୁନିକ ଭାଷାରେ ପରିଣତ ହେବାର ସମୟ, ଅତଏବ ଏହି ସମୟହିଁ ଆଧୁନିକ ଉତ୍କଳ ଭାଷାର ସୂତିକାଳ ।

ତାହାରେ ଯାହା ଲେଖାଅଛି ତାହିଁରୁ ବର୍ତ୍ତିତ ସମୟ ଓଡ଼ିଆ ଭାଷାର କ୍ରମବିକାଶ ପ୍ରଦର୍ଶନାର୍ଥେ ଯଥେଷ୍ଟ ନୁହେଁ । ଏହାର ମୂଲ୍ୟ କେବଳ ଏତିକି ଯେ ସେ ଗଠିତ ହୋଇଥିଲା ଯାହା କଳ୍ପନା କରିବା ସହଜ ନୁହେ । ବସ୍ତୁତଃ କ୍ରମବିକାଶାନନ୍ତର ଓଡ଼ିଆ ଭାଷାର ବର୍ତ୍ତମାନ ରୂପ ଗଠିତ ହୋଇଛି । ପ୍ରଫେସର୍ ମିତ୍ତିଲ୍ ସାହେବଙ୍କ ମତରେ ଅଷ୍ଟମ ଶତାବ୍ଦୀର ପ୍ରାରମ୍ଭରୁ ଦ୍ୱାଦଶ ଶତାବ୍ଦୀର ପ୍ରାରମ୍ଭ ପର୍ଯ୍ୟନ୍ତ ଏହି ସମୟକାଳମଧ୍ୟରୁ କୌଣସି ଏକସମୟରେ ପ୍ରାକୃତ ଲୋପ ପାଇ ଆଧୁନିକ ଭାରତୀୟ ଭାଷାମାନଙ୍କର ସୃଷ୍ଟି ହୋଇଅଛି । ବୌଦ୍ଧଧର୍ମର ବିଲୋପ, ହିନ୍ଦୁଧର୍ମର ପୁନଃସଂସ୍ଥାପନ, ପ୍ରାକୃତର ଅଧୋଗତି ଏବଂ ସଂସ୍କୃତର ଅଭ୍ୟୁତ୍ଥାନ ଏହିସବୁ କାରଣମାନ ଏକତ୍ରିତ ହୋଇ ଆଧୁନିକ ଓଡ଼ିଆ, ବଙ୍ଗଳା ପ୍ରଭୃତି ଭାଷାମାନଙ୍କୁ ଲିଖିତ ଭାଷାର ସ୍ଥାନ ପ୍ରଦାନ କରିଅଛି । ଓଡ଼ିଶାରେ ଜଗନ୍ନାଥଦେବଙ୍କ ବର୍ତ୍ତମାନ ମନ୍ଦିର ୧୧୯୮ ଖ୍ରୀଷ୍ଟାବ୍ଦରେ ପ୍ରତିଷ୍ଠିତ ହେଲା ଏବଂ ଏହି ସମୟହିଁ ପ୍ରକୃତପକ୍ଷରେ ଆଧୁନିକ ଓଡ଼ିଆ ଭାଷା ଲିଖିତ ଭାଷାରେ ଗଣ୍ୟ ହେବାର ସମୟ । ଏହି ସମୟରୁ ମାଦଳାପାଞ୍ଜି ସଂରକ୍ଷିତ ହୋଇ ଆସୁଅଛି ଏବଂ ତାହା ଓଡ଼ିଆ ଭାଷାରେ ଲିଖିତ ।

ଶବ୍ଦସଂଖ୍ୟା ଦେଖି ଆଧୁନିକ କୌଣସି ଭାଷାକୁ ସଂସ୍କୃତରୁ ସାକ୍ଷାତ୍‌ଭାବରେ ଉତ୍ପନ୍ନ ବୋଲି କହିବା ଉଚିତ ନୁହେ । ପୂର୍ବେ କୁହାଯାଇଅଛି ଯେ ଓଡ଼ିଶାର ଅଧିକାଂଶ ଲୋକ ବୌଦ୍ଧଧର୍ମରେ ଦୀକ୍ଷିତ ହୋଇଥିଲେ । ପ୍ରାକୃତ ଭାଷାରେ ଧର୍ମୋପଦେଶ ପ୍ରଦାନ ଏବଂ ତହିଁରେ ଯୁକ୍ତି ପ୍ରଭୃତି ହେଉଥିବାରୁ ସଂସ୍କୃତଚର୍ଚ୍ଚା ପ୍ରାୟ ଏକାବେଳକେ ଉପେକ୍ଷିତ ହୋଇଥିଲା, ସମାଜବନ୍ଧନ ଶିଥିଳ ହୋଇଥିଲା; ଏହି ଅବସ୍ଥାରେ ବୌଦ୍ଧଧର୍ମର ପ୍ରକ୍ରିୟା ଏବଂ ଉଭୟ ଧର୍ମର ସମ୍ମିଶ୍ରଣର ଚେଷ୍ଟା ଆରମ୍ଭ ହେଲା । ଶେଷରେ ଯେତେବେଳେ ଉଭୟ ଧର୍ମର ସମ୍ମିଶ୍ରଣ ହେଲା ସେତେବେଳକୁ ଭାଷା ନିତାନ୍ତ ଅମାର୍ଜ୍ଜିତ ଏବଂ ଲିଖିତ ସମ୍ପଦଠାରୁ ବହୁ ଦୂରରେ ଅବସ୍ଥାନ କରୁଥିଲା । କିନ୍ତୁ ଜଳ, ଘୀଅ, ଘଣ୍ଟା ପ୍ରଭୃତି ଶବ୍ଦ ପ୍ରାକୃତରେ ଦନ୍ତୁ, ଜଳ, ଅଗ୍ନି, ଅରଣି ପ୍ରଭୃତି ଶବ୍ଦର ସଂସ୍କାର ହୋଇଥିଲା । ଅଦ୍ୟାବଧି ଏହା ନିମ୍ନ ଶ୍ରେଣୀର ଲୋକମାନଙ୍କଠାରୁ ସେପରି ଉଚ୍ଚାରଣ ଶୁଣାଯାଏ । ଏହି ସମୟରେ ମହାତ୍ମା ଶଙ୍କରାଚାର୍ଯ୍ୟ ପ୍ରଭୃତିଙ୍କର ଆବିର୍ଭାବ ହେବାରୁ ସେମାନେ ଯେ କେବଳ ସନାତନ ଧର୍ମ ପୁନଃ ସ୍ଥାପିତ କରିଥିଲେ ତାହା ନୁହେ, ଭାଷାର ମଧ୍ୟ ପୁନଃସଂସ୍କାର ଆରମ୍ଭ କରିଥିଲେ, ହିନ୍ଦୁ ଶାସ୍ତ୍ର ଆଲୋଚନା ପୁନଃପ୍ରବର୍ତ୍ତିତ ହେଲା ଏବଂ ସଂସ୍କୃତ ଆଦର୍ଶରେ ଦେଶୀୟ ଭାଷାର ସଂଶୋଧନ ହେଲା । ସେହି କାରଣରୁ ଓଡ଼ିଆ ପ୍ରଭୃତି ଆଧୁନିକ ଭାଷା ସଂସ୍କୃତପଦବହୁଳ ହୋଇଅଛି । ଏହି ସମୟରୁ ପ୍ରାକୃତ ପ୍ରତି ଏତେ ଘୃଣା ଜନ୍ମିଅଛି ଯେ ଅଦ୍ୟାପି ବୃଦ୍ଧ ବ୍ରାହ୍ମଣମାନେ ପ୍ରାକୃତ ପ୍ରତି ଅବଜ୍ଞା ପ୍ରଦର୍ଶନ କରନ୍ତି ଏବଂ ବଡ଼ ବଡ଼ ଲେଖକମାନେ ସଂସ୍କୃତ ଭିନ୍ନ ଓଡ଼ିଆ ଭାଷାରେ ଲେଖନ୍ତି ନାହିଁ ।

ମଧ୍ୟପ୍ରଦେଶ ଛୋଟନାଗପୁର ପ୍ରଭୃତି ହିନ୍ଦୀ ଭାଷାପ୍ରଚଳିତ ପ୍ରଦେଶମାନ ନିକଟବର୍ତ୍ତୀ ହେତୁ, ସୁତରାଂ ହିନ୍ଦୀର ପ୍ରଭାବ ଓଡ଼ିଆ ଭାଷା ଉପରେ ଅଧିକ ଲକ୍ଷିତ ହୁଏ । ପୂର୍ବ କାଳରେ ବାଲେଶ୍ୱରର ଉତ୍ତରାଂଶ ଅରଣ୍ୟମୟ ଥିବା ହେତୁ ବଙ୍ଗଦେଶାପେକ୍ଷା ମଧ୍ୟପ୍ରଦେଶ ଓ ବିହାର ପ୍ରଭୃତି ଅଞ୍ଚଳ ସହିତ ଓଡ଼ିଶାର ଘନିଷ୍ଠ ସମ୍ବନ୍ଧ ଥିଲା । ବିଶେଷତଃ ଯଯାତିକେଶରୀ ବିହାର ପ୍ରଦେଶରୁ ଓଡ଼ିଶାକୁ ଆଗମନ କରିଥିଲେ । ସେତେବେଳେ ଓଡ଼ିଶା ମଗଧର ଅଧୀନ ଥିଲା ବୋଲି ଖଣ୍ଡେ ଦୁଇ ଖଣ୍ଡ ତମ୍ବାପଟାରୁ ଜଣାଯାଏ । କେଶରୀବଂଶୀୟ ରାଜାମାନଙ୍କ ସମୟ ଓଡ଼ିଆ ଭାଷାର ଗଠନ ସମୟ । ସୁତରାଂ ବିହାର ଅଞ୍ଚଳରେ ତତ୍କାଳରେ ପ୍ରଚଳିତ ହିନ୍ଦୀ ସଦୃଶ ପ୍ରାକୃତ ଯେ କେଶରୀବଂଶୀୟମାନଙ୍କ ଶାସନ ସମୟରେ ଓଡ଼ିଆ ଭାଷା ଉପରେ ବିଶେଷ ଆଧିପତ୍ୟ ସ୍ଥାପନ କରିଥିବ ଏଥିରେ ସନ୍ଦେହ ନାହିଁ । ହିନ୍ଦୀ ଶବ୍ଦମାନଙ୍କ

ଉଚ୍ଚାରଣ ସମ୍ବନ୍ଧ ଓଡ଼ିଆ ଶବ୍ଦମାନଙ୍କ ଉଚ୍ଚାରଣର ସହିତ ସାଦୃଶ୍ୟ ଦେଖାଯାଏ ବଙ୍ଗଳା ଶବ୍ଦମାନଙ୍କ ଉଚ୍ଚାରଣ ସମ୍ବନ୍ଧ ସେହିଭଳି ସାଦୃଶ୍ୟ ଦେଖାଯାଏ ନାହିଁ ।

ଗଙ୍ଗାବଂଶୀୟ ରାଜାମାନଙ୍କ ରାଜତ୍ୱର ଶେଷଭାଗରେ ଶ୍ରୀଚୈତନ୍ୟ ଓଡ଼ିଶାକୁ ଆସି ବୈଷ୍ଣବ ଧର୍ମ ପ୍ରଚାର କରିଥିଲେ । ସେତେବେଳକୁ ଓଡ଼ିଆ ନିଶ୍ଚିତ ଭାଷା ହୋଇ ସାରିଥିଲା, ସୁତରାଂ ବଙ୍ଗ ଭାଷା ଓଡ଼ିଆ ଭାଷା ଉପରେ ଅଧିକ ପ୍ରଭାବ ପ୍ରକାଶ କରି ପାରି ନ ଥିଲା । ତଥାପି ଅନେକ ବଙ୍ଗଳା ବୈଷ୍ଣବ ଗ୍ରନ୍ଥ ଓଡ଼ିଆ ଅକ୍ଷରରେ ଲିଖିତ ହୋଇଥିଲା । ବଙ୍ଗଳା ବୈଷ୍ଣବ କୀର୍ତ୍ତନ ଆଜି ପର୍ଯ୍ୟନ୍ତ ମଧ୍ୟ ଓଡ଼ିଶାରେ ଗାନ କରା ଯାଉଅଛି । ସେହି ହେତୁରୁ ବୋଧହୁଏ କେତେକ ବଙ୍ଗଳା ଶବ୍ଦ ଓଡ଼ିଆ ଭାଷାରେ ପ୍ରବେଶ ଲାଭ କରିଅଛି । ଯେତେବେଳେ ଓଡ଼ିଶାର ସ୍ୱାଧୀନତା ବିଲୁପ୍ତ ହେଲା ସେତେବେଳେ ମୁସଲମାନ ରାଜତ୍ୱ ପ୍ରଭାବରୁ କେତେଗୁଡ଼ିଏ ପାର୍ସୀ ଓ ଆରବୀ ଶବ୍ଦ ଦରବାର କାଗଜପତ୍ର ଲେଖାପଢ଼ାରେ ବ୍ୟବହୃତ ହୋଇଥିଲା, ସେଗୁଡ଼ିକ ଆଜି ସୁଦ୍ଧା ଓଡ଼ିଆ ଭାଷାରେ ବିକୃତ ଭାବରେ ବର୍ତ୍ତମାନ । ମୋଗଲମାନଙ୍କ ରାଜତ୍ୱ କାଳରେ ମରହଟ୍ଟାମାନେ ଓଡ଼ିଶାରେ ପ୍ରାଧାନ୍ୟ ଲାଭ କରିଥିଲେ ଏବଂ ସେଥିଯୋଗୁଁ କେତେକ ମରହଟ୍ଟୀ ଶବ୍ଦ ମଧ୍ୟ ଓଡ଼ିଆ ସଙ୍ଗେ ମିଶିଅଛି ।

ହିନ୍ଦୀ	ଓଡ଼ିଆ
କାମ୍	କାମ
ଅରୁଆ	ଅରୁଆ
ଘୋଡ଼	ଘୋଡ଼ା
ଲେଉଟ	ଲେଉଟ
ପତ୍ଥର	ପଥର
ମହଙ୍ଗା	ମହଙ୍ଗା
ଛତ୍ରା	ଛତା
ପଟ୍ଟା	ପଟା

ଇତ୍ୟାଦି ।

ମରହଟ୍ଟୀ	ଓଡ଼ିଆ
କମଜ	ବେଥଜ
ଚାକ୍ରି	ଚାକ୍ରି
ଝୋକଲା	ମୁକୁଳା
ପଗଲ	ପଗଲ
ଅଣା	ଗଣା

ଇତ୍ୟାଦି ।

ଓଡ଼ିଆ ଅକ୍ଷର

ଭାରତବର୍ଷର ବର୍ଣ୍ଣମାଳାଗୁଡ଼ିକର ଉତ୍ପତ୍ତି ସମ୍ବନ୍ଧରେ ପାଶ୍ଚାତ୍ୟ ପଣ୍ଡିତମାନଙ୍କ ମଧ୍ୟରେ ମତଭେଦ ଅଛି । କେହି କେହି କହନ୍ତି, ଭାରତ ଅନ୍ୟ କୌଣସି ଦେଶର ବର୍ଣ୍ଣମାଳାରୁ ନିଜର ବର୍ଣ୍ଣମାଳା ଗଠନ କରିଅଛି । ଡସନ୍ ଓ ଟମାସ୍ ପ୍ରଭୃତି ଅଧ୍ୟାପକମାନେ ଏହି ମତର ବିରୁଦ୍ଧବାଦୀ । ଡସନ୍ ସାହେବଙ୍କ ମତରେ "ଭାରତୀୟ ଆର୍ଯ୍ୟମାନେ ଭାଷାତତ୍ତ୍ୱରେ ପୃଥିବୀ ମଧ୍ୟରେ ଶ୍ରେଷ୍ଠ ପଣ୍ଡିତ ଥିଲେ । ସେମାନେ ବ୍ୟାକରଣର ଯେପରି ଉତ୍କର୍ଷ ସାଧନ କରିଥିଲେ ଏବଂ କଣ୍ଠସ୍ୱରର ଯେପରି ସୂକ୍ଷ୍ମ ବିଭିନ୍ନତା ଉପଲବ୍ଧି କରିଥିଲେ, ସେଥିରୁ ବୋଧହୁଏ ଅକ୍ଷରଗଠନର ଆବଶ୍ୟକତା ସେମାନେ ନିଜେ ବୁଝି ପାରିଥିଲେ । ଅଙ୍କଶାସ୍ତ୍ରରେ ସେମାନେ ଗୋଟିଏ ବିଜ୍ଞାନ ପ୍ରଣାଳୀର ଉଦ୍ଭାବକ । ସଂଖ୍ୟାବୋଧକ ଚିହ୍ନ ଗଢ଼ିବାରେ ସେମାନେ ଯେପରି ପ୍ରତିଭା ଦେଖାଇଅଛନ୍ତି ସେଥିରୁ ବୋଧ ହେଉଅଛି ଯେ ସେମାନେ ନିଜ ଅକ୍ଷର ନିଜେ ଗଢ଼ିଥିବେ ।"

ଅଦ୍ୟାପି ଆର୍ଯ୍ୟଲିପିର ପ୍ରକୃତ ଭାରତରେ ନାନା ପ୍ରଦେଶରେ ପ୍ରସ୍ତରଖୋଦିତ ଅଶୋକାନୁଶାସନ ବ୍ୟତୀତ ଆଉ କିଛି ଦେଖିବାକୁ ମିଳେ ନାହିଁ । ପଞ୍ଜାବର ଉତ୍ତର ପଶ୍ଚିମ ସ୍ଥାନର ସ୍ତମ୍ଭରେ ଖରୋଷ୍ଠୀ ଲିପି ଏବଂ ଅଫଗାନପ୍ରାନ୍ତର ପର୍ବତଗାତ୍ରରେ ଖୋଦିତ ଅକ୍ଷର ଏକ ପ୍ରକାର ଲିପି ଅଶୋକଲିପିଠାରୁ ଅଧିକ ପ୍ରାଚୀନ ବୋଲି ବୋଧହୁଏ, କିନ୍ତୁ ଏହି ଲିପିମାନଙ୍କର ପାଠୋଦ୍ଧାର ଆଜିପର୍ଯ୍ୟନ୍ତ ହୋଇ ନାହିଁ । ପାଣିନିଙ୍କ ବ୍ୟାକରଣରୁ 'ଲିପି', 'ଗ୍ରନ୍ଥ', 'ପୁସ୍ତକ' ପ୍ରଭୃତି ଶବ୍ଦ ମିଳେ ଏବଂ ସେଥିରେ 'ଯବନାନୀ' ଶବ୍ଦର ମଧ୍ୟ ଉଲ୍ଲେଖ ଅଛି । ଏଥିରୁ ଯବନଲିପି ସ୍ୱଳ୍ପ ବୋଲି ବୋଧ ହେଉଅଛି । ମିଗାସ୍ଥିନିସ ଲେଖି ଯାଇ

ଅଞ୍ଚଳ ଯେ ସ୍ଥାନରେ (ଖ୍ରୀଷ୍ଟ ପୂର୍ବ ଷଷ୍ଠ ଶତାବ୍ଦୀର ପ୍ରାରମ୍ଭରେ) ପୂର୍ବ ଭାରତରେ ଉତ୍କ-ପତ୍ରିକା ଲେଖିବାର ପ୍ରଥା ପ୍ରଚଳିତ ଥିଲା; ଏବଂ ବୃହତ୍ତର କୋଣାର୍କସ୍ତୁ ପ୍ରସ୍ତରଖଣ୍ଡ ଅନ୍ତ-ତାଳପତ୍ର ସାଧାରଣ ପଥ ପାର୍ଶ୍ୱର ବ୍ୟବହୃତ ଥିଲା । ଏହି ସବୁ କାରଣମାନଙ୍କରୁ ଭାରତୀୟ ଲିପିମାନଙ୍କ ମୌଳିକତା ସମ୍ବନ୍ଧରେ କୌଣସି ସନ୍ଦେହ ହୁଏ ନାହିଁ ।

ବ୍ରାହ୍ମୀ ଲିପି ଭାରତୀୟ ଲିପିମାନଙ୍କ ମଧ୍ୟରେ ଅତି ପୁରାତନ । ମାତ୍ର ଏହାର ବିବର୍ତ୍ତନ ଅତିକାଳ ଭଳି ହେଲା । ଯିଶୁଖ୍ରୀଷ୍ଟ ଜନ୍ମିବାର ବହୁକାଳ ପୂର୍ବରୁ ଅଶୋକାନୁଶାସନର ଅକ୍ଷର ସୃଷ୍ଟ ହୋଇ ଥିଲା । ଅଶୋକଲିପି ପରିବର୍ତ୍ତିତ ହୋଇ "ଗୁପ୍ତ-ଲିପି" ଆଖ୍ୟା ଧାରଣ କରିଥିଲା । ଗୁପ୍ତ ରାଜବଂଶର ଅବନତି ଘଟିବା ପରେ "ସାରଦା", "ଶୀର୍ଷ", "କୁଟିଲ" ପ୍ରଭୃତି ପ୍ରାଚ୍ୟ ଅକ୍ଷର ଗୁପ୍ତଲିପିରୁ ଜାତ ହେଲା । ଶୀର୍ଷ ଅକ୍ଷର ବହୁକାଳ ପ୍ରଚଳିତ ନ ଥିଲେହେଁ ତହିଁରୁ ଅତି ଶୀଘ୍ର ଦେବନାଗର ଉତ୍ପନ୍ନ ହୋଇଥିଲା । ସାରଦା କଶ୍ମୀର, ସିନ୍ଧୁ ପ୍ରଭୃତି ଦେଶରେ ପ୍ରଚଳିତ ହୋଇଥିଲା । କୁଟିଲ କଳିଙ୍ଗ, ବଙ୍ଗ ଏବଂ ଆସାମ ପ୍ରଭୃତି ଅଞ୍ଚଳରେ ବ୍ୟବହୃତ ହୋଇଥିଲା । ଏହି କୁଟିଲ ଲିପିମାନ ଓଡ଼ିଆ ଲିପିମାନଙ୍କର ମାତା । ଶୀର୍ଷଲିପିରୁ ଜନ୍ମିତ ଦେବନାଗର କାଳକ୍ରମେ ସମସ୍ତ ଭାରତରେ ପରିବ୍ୟାପ୍ତ ହୋଇଥିଲା । ସଂସ୍କୃତ ପଣ୍ଡିତମାନେ ଏହି ଲିପିରେ ଲେଖୁଥିଲେ । ସୁତରାଂ ଦେବନାଗର ଲିପିର ମଧ୍ୟ କୁଟିଲ ଲିପି ଉପରେ ସୂତ୍ରପାତ ହୋଇଥିଲା । ଏହି ଦ୍ୱିରୂପ ଲିପିମାନଙ୍କର ସମ୍ମିଶ୍ରଣରେ ଓଡ଼ିଆ ଲିପି ଜନ୍ମିତ । ଦ୍ୱିରୂପ ଲିପିମାନଙ୍କୁ ପରୀକ୍ଷା କଲେ ଏହାର ସତ୍ୟାସତ୍ୟ ସହଜରେ ପ୍ରତୀୟମାନ ହେବ । ଗଙ୍ଗାବଂଶୀୟ ରାଜାମାନଙ୍କ ରାଜତ୍ୱ ହେବା ପୂର୍ବରୁ ଓଡ଼ିଆ ଲିପି ପ୍ରସ୍ତୁତ ହୋଇଥିଲା । କିନ୍ତୁ ତାହା ସେ ବର୍ତ୍ତମାନର ଅବୟବ ପ୍ରାପ୍ତ ହୋଇ ନ ଥିଲା ଏଥିରେ ସନ୍ଦେହ ନାହିଁ । ଖୋର୍ଦ୍ଧା ନଗରର ନିକଟବର୍ତ୍ତୀ ଖଣ୍ଡଗିରି ପର୍ବତର ଗୋଟିଏ ଗୁମ୍ଫାରେ ପାଞ୍ଚ ପ୍ରକାର ଶିଳାଲିପି ଦେଖାଯାଏ । ତନ୍ମଧ୍ୟରୁ ଏକ ପ୍ରକାରର ଗୋଲ ଓଡ଼ିଆ ଅକ୍ଷରରେ ଖୋଦିତ ଏବଂ ତାହା ୭୮୦ ସମ୍ବତ୍ସରରେ ଖୋଦିତ ହୋଇଥିବାର ତହିଁରେ ଲେଖାଅଛି । ଏହି ଲିପିଗୁଡ଼ିକୁ ଉତ୍ତମ ରୂପେ ପର୍ଯ୍ୟାଲୋଚନା କଲେ ସେମାନେ କୁଟିଲଲିପିରୁ ଉତ୍ପନ୍ନ ବୋଲି ଜଣାଯାଏ । ଏହାର ଚ, ଛ, ଟ, ଠ, ଡ, ଢ ଏବଂ ଣ ଏହି ଅକ୍ଷରମାନଙ୍କର କୁଟିଳାକ୍ଷର ସହିତ ବିଶେଷରେ ସାମ୍ୟ ଅଛି । ଅତଏବ ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀର ପ୍ରାରମ୍ଭରୁ ଗୋଲାକାର ଓଡ଼ିଆ ଅକ୍ଷର ଯେ ସୃଷ୍ଟ ହୋଇଥିଲା ଏଥିରେ ସନ୍ଦେହ ନାହିଁ । ତାଳପତ୍ରରେ ଲୌହ ଲେଖନୀଦ୍ୱାରା ଲେଖିବାର ପ୍ରଥା ଥିବାରୁ ଓଡ଼ିଆ ଅକ୍ଷର ଗୋଲାକାର । ଗଙ୍ଗାବଂଶୀୟ ରାଜାମାନଙ୍କ ସମୟରେ ଦାକ୍ଷିଣାତ୍ୟର ତେଲଙ୍ଗାକ୍ଷର ଆଦର୍ଶରେ ଓଡ଼ିଆ ଅକ୍ଷର ନିର୍ମିତ ହୋଇଥିବାର ଧାରଣା ପୂର୍ବୋକ୍ତ କାରଣରୁ ଭ୍ରମାତ୍ମକ । ଗଙ୍ଗାବଂଶୀୟ ପ୍ରଥମ ରାଜା ଚୋଡ଼ଗଙ୍ଗ ଦେବଙ୍କ ରାଜତ୍ୱ ୧୧୩୨ ଖ୍ରୀଷ୍ଟାବ୍ଦରେ ଆରମ୍ଭ ହେଲା । ତାହାର ଅନ୍ତତଃ ୩୦୦ ବର୍ଷ ପୂର୍ବରୁ ଓଡ଼ିଆ ଅକ୍ଷର ଗୋଲାକାର ଧାରଣ କରିଥିଲା । ମାଦଳାପାଞ୍ଜି କଳାପାହାଡ଼ ଦ୍ୱାରା ବିନଷ୍ଟ ହୋଇଥିବାରୁ ଅଧୁନା ବିଦ୍ୟମାନ ମାଦଳାପାଞ୍ଜିର ଅକ୍ଷର ପୁରାତନ ଓଡ଼ିଆ ଅକ୍ଷର ନୁହେଁ । ପ୍ରତ୍ନତତ୍ତ୍ୱବିଦ୍ କନିଙ୍ଗହାମ ସାହେବଙ୍କ ୧୮୭୫—୧୮୭୭ ଖ୍ରୀଷ୍ଟାବ୍ଦ ରିପୋର୍ଟରୁ ଜଣାଯାଏ ଯେ ତତ୍ପ୍ରେରିତ ଜଣେ ସାହେବ ମଧ୍ୟପ୍ରଦେଶ-ଭୁକ୍ତ ପାଟଣା ନଗରରେ ଗୋଟିଏ ଶିଳାଲିପି ଆବିଷ୍କାର କରିଥିଲେ । ତହିଁରେ ଖୋଦିତ ଓଡ଼ିଆ ଅକ୍ଷର ଏବଂ ଅଧୁନାତନ ଓଡ଼ିଆର ମଧ୍ୟବର୍ତ୍ତୀ ଏକାଦଶ ଶତାବ୍ଦୀରେ ଏହା ଖୋଦିତ ହୋଇଥିବ ବୋଲି ସେ ଅନୁମାନ କରନ୍ତି ।

ପୁରୁଷୋତ୍ତମ ଦେବଙ୍କ ସମୟରେ ପ୍ରଦତ୍ତ ବାଲେଶ୍ୱରର ଭୂମି ବଣ୍ଟନଦ୍ୱାରା ସଂଗୃହୀତ ଗୋଟିଏ ତାମ୍ରପଟ୍ଟ ସନନ୍ଦର ନିଦର୍ଶନ ସ୍ୱରୂପରେ ଦିଆଗଲା । ୧୪୮୩ ଖ୍ରୀଷ୍ଟାବ୍ଦରେ ଓଡ଼ିଆ ଅକ୍ଷର

ଦେଖି ଶୁଣି ପାରୁ । ପାଠକମାନେ ଚିତ୍ରରୁ ବୁଝି ପାରିବେ । ※

ଏତଦ୍ଭିନ୍ନ ଆ, ଇ, ଉ, ଚ, ଥ, ସ, ଡ, ଢ, ଟ, ଛ, ବ, ଭ, କ, ଲ ଏମାନଙ୍କ ସହିତ ଆଧୁନିକ ଓଡ଼ିଆ ଅକ୍ଷରମାନଙ୍କର ତୁଳନା କଲେ ବିଶେଷ ପ୍ରଭେଦ ଲକ୍ଷିତ ହେବ । ମାତ୍ର ଏଗୁଡ଼ିକର ପ୍ରାଚୀନ କୁଟିଳ ଲିପି ଏବଂ ଦେବନାଗର ଲିପି ସହିତ ଅନେକ ସାଦୃଶ୍ୟ ଅଛି । ଓଡ଼ିଆ ଭାଷା କେତେ ସମୟରେ ଉନ୍ନତି ଲାଭ କରିଅଛି ତାହା ଏହି ଲେଖାରୁ ସ୍ପଷ୍ଟ ଉପଲବ୍ଧି ହେବ । ଏତଦ୍ଭିନ୍ନ ସଂସ୍କୃତ ଆଦର୍ଶରେ ଓଡ଼ିଆର ସମ୍ଭାର ଏତେ ପରିମାଣରେ ସାନ୍ଦ ହୋଇ ସାରିଥିଲା ଯେ ଏହାର ଅଭାବ ନ ଦେଖିଲେ ଭଲ । କେବଳ ଓଡ଼ିଆ ବୋଲି ଆଉ କିଛି ନାହିଁ । ଶିଳାଲିପିରେ କେବଳ "ଣ୍ଡ" "ଣ୍ଟ" ଯୁକ୍ତାକ୍ଷର ଦେଖିବାକୁ ମିଳୁଅଛି । ଆଜିକାଲି ଓଡ଼ିଆରେ ୧୫ ଦନ ବା ୧୦ ଦାନ୍ତ ଉପୋଦ ଲେଖିଲେ ୧୫ ବା ୧୦ ପୂର୍ବରେ 'ପ' ଲେଖା ବା ଉପୋଦ ଦେଇ ପରେ 'ଣ' ଓ 'ଟ' ପ୍ରଭୃତି ଲେଖାଯାଏ । ୪୦୦ ବର୍ଷ ପୂର୍ବରେ ମଧ୍ୟ ଲେଖିବାରେ ସେହି ପ୍ରଥା ପ୍ରଚଳିତ ଥିଲା । ଏହା ଜାଣି ରଖିବ ।

କ୍ରମଶଃ

ଶ୍ରୀ ମଧୁସୂଦନ ଦାସ

ଜୀବଜନ୍ତୁଙ୍କର ବର୍ଣ୍ଣସନ୍ଧାନ ।

ଏହି ପୃଥିବୀରେ ଯେତେ ପ୍ରାଣୀ ବାସ କରନ୍ତି ସମସ୍ତେ ବର୍ଣ୍ଣବିଶିଷ୍ଟ ଅଟନ୍ତି । ସୂକ୍ଷ୍ମ କୀଟଠାରୁ ପ୍ରକାଣ୍ଡ ବିଶାଳକାୟ ଜନ୍ତୁପର୍ଯ୍ୟନ୍ତ ପ୍ରତ୍ୟେକର କୌଣସି ଏକ ବର୍ଣ୍ଣ ଥାଏ । ପ୍ରାଣି-ଜଗତରେ ବର୍ଣ୍ଣର ବହୁବିଧତା, ବୈଚିତ୍ର୍ୟ ଓ ମନୋହାରିତା ଦେଖିବାକୁ ଗଲେ ଏକା-ବେଳକେ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ପଡ଼େ । ଏହି ସମସ୍ତ ବର୍ଣ୍ଣ ଜୀବଜନ୍ତୁଙ୍କ ଚର୍ମର ଗୋଟିଏ ସ୍ତରରେ ଥିବା ରଙ୍ଗପଦାର୍ଥବିଶେଷରୁ ଉତ୍ପନ୍ନ । ବର୍ଣ୍ଣ ନାନାପ୍ରକାର । ରକ୍ତ, ନୀଳ ଓ ହରିଦ୍ରା ଏହି ତିନୋଟି ମୂଳବର୍ଣ୍ଣ ଏବଂ ଏମାନଙ୍କ ମିଶ୍ରଣଦ୍ୱାରା ନାନାପ୍ରକାର ବର୍ଣ୍ଣ ଜାତ ହୁଏ । ଶ୍ୱେତ ଓ କୃଷ୍ଣ ପୂର୍ବୋକ୍ତ ମୂଳ ବର୍ଣ୍ଣମାନଙ୍କଠାରୁ ପୃଥକ୍ ବର୍ଣ୍ଣ ନୁହନ୍ତି । ଶ୍ୱେତବର୍ଣ୍ଣ ବିଭିନ୍ନ ପ୍ରକାର ବର୍ଣ୍ଣ-ଯୋଗର ଫଳ ଅଟେ ଏବଂ କୃଷ୍ଣବର୍ଣ୍ଣ କୌଣସି ରୂପ ବର୍ଣ୍ଣର ଅଭାବଦ୍ୱାରା ଜନ୍ମେ । ଏହି ସ୍ଥଳରେ ବର୍ଣ୍ଣର ତତ୍ତ୍ୱ ବିଷୟରେ ଅଧିକ କହିବା ଅନାବଶ୍ୟକ । କାରଣ ପ୍ରବନ୍ଧର ଉଦ୍ଦେଶ୍ୟ ଭିନ୍ନ । ଗୋଟିଏ ଜୀବର ସମ୍ପୂର୍ଣ୍ଣ ଅବୟବ ନାନାବିଧ ବର୍ଣ୍ଣମଧ୍ୟରୁ କୌଣସି ଏକ ବର୍ଣ୍ଣବିଶିଷ୍ଟ ହୋଇ ଥାଏ ବା ଭିନ୍ନ ଭିନ୍ନ ଅବୟବ ବିଭିନ୍ନ ବର୍ଣ୍ଣବିଶିଷ୍ଟ ହୋଇଥାଏ । କେଉଁ କେଉଁଠାରେ ବିବିଧ ବର୍ଣ୍ଣର ଏପରି ସୁଗାଢ଼ ମିଶ୍ରଣ ଦେଖାଯାଏ ଯେ ପ୍ରକୃତରେ ଅତ୍ୟନ୍ତ ଉଚ୍ଚ ଦର୍ଶନରେ ମନ ବିମୋହିତ ହୋଇଯାଏ । ପ୍ରାଣୀମାନଙ୍କ ବର୍ଣ୍ଣର ଏହି ବହୁବିଧତା, ବୈଚିତ୍ର୍ୟ ଓ ମନୋହାରିତା ନିରର୍ଥକ, ନା ଏହାର କିଛି ଲକ୍ଷ୍ୟ ଅଛି ? ବୈଜ୍ଞାନିକଗଣ ପରୀକ୍ଷା ଓ ବିବେଚନାଦ୍ୱାରା ସ୍ଥିର କରିଅଛନ୍ତି ଯେ ଏ ସମସ୍ତ ନିରର୍ଥକ ନୁହେଁ; ମାତ୍ର ପ୍ରତ୍ୟେକର ବା ଅଧିକାଂଶର ଲକ୍ଷ୍ୟ ଓ ପ୍ରୟୋଜନ ଅଛି । ଏ ତତ୍ତ୍ୱମାନ ବୁଝି ବସିଲେ ପ୍ରକୃତିର ମାହାତ୍ମ୍ୟ ଓ ସୃଷ୍ଟିର କୌଶଳର ପରିଚୟ ପାଇ ଅତ୍ୟନ୍ତ ଆଶ୍ଚର୍ଯ୍ୟାନ୍ୱିତ ଓ ବିମୋହିତ ହେବାକୁ ପଡ଼େ ।

ପ୍ରୟୋଜନ ଅନୁସାରେ ପ୍ରାଣୀମାନଙ୍କର ବର୍ଣ୍ଣ ପାଞ୍ଚ ପ୍ରକାର । ତାହା ଉଦାହରଣସହିତ ନିମ୍ନରେ ବ୍ୟକ୍ତ ହେଲା । ପ୍ରଥମରେ ରକ୍ଷଣ-ବର୍ଣ୍ଣ । ପୃଥିବୀର ସମସ୍ତ ପ୍ରାଣୀମଧ୍ୟରେ ଜୀବନସଂଗ୍ରାମ ଚାଲନ୍ତି ଅହରହ ଘୋର ସଂଗ୍ରାମ (struggle for existence) ଅନବରତ ଲାଗିଅଛି । ଆହାର, ଆଶ୍ରୟ ଏବଂ ଆତ୍ମ-ରକ୍ଷା ଏହାର ମୂଳ କାରଣ । ଗୋଟିଏ ଜୀବ ତାହାର ଆହାର ଉଦରକୁ ପୃଥକ୍ ହେବା ସ୍ଥଳଠାରୁ କରେ ରକ୍ଷା ନିମନ୍ତେ

※ ଅକ୍ଷରଗୁଡ଼ିକର ପ୍ରତିଲିପି ଯଥାସମୟରେ ଖୋଳା ହୋଇ ନ ପାରିବାରୁ ଏଥି ସଙ୍ଗେ ଦିଆଯାଇ ପାରିଲା ନାହିଁ । ଆଗାମୀ ସଂଖ୍ୟାରେ ପ୍ରବନ୍ଧର ଅପରାର୍ଦ୍ଧସହିତ ଦିଆଯିବ । ଉ: ସା: ସ:

ମେଲା ନାହିଁ ଓ ଆତ୍ମରକ୍ଷାରେ ଅକ୍ଷମ । ଏହି ସଂଗ୍ରାମରେ ସମସ୍ତ ଜୀବ (ଅନେକ ସ୍ଥଳେ କେବଳ ପ୍ରଥମାବସ୍ଥାରେ) ନାଶ ହୁଅନ୍ତି । କି ଏକଜାତୀୟ କି ବିଭିନ୍ନଜାତୀୟ, ସମସ୍ତଙ୍କ ମଧ୍ୟରେ ଏହି ସଂଗ୍ରାମ ପ୍ରତ୍ୟକ୍ଷ ଦିଶିଥାଏ । ଏଥିରେ ଯେଉଁମାନେ ଅଧିକ ବଳବାନ ସେମାନେ ଜୀବନ ରକ୍ଷା କରି ପାରିଥାନ୍ତି । ମାତ୍ର ସେହି କେତେକ ଅବସ୍ଥା ଦେଖିଲେ କୋମଳକାୟବିଶିଷ୍ଟ, ଦୁର୍ବଳ କ୍ଷୁଦ୍ର କ୍ଷୁଦ୍ର ନିମ୍ନଶ୍ରେଣୀର ପ୍ରାଣୀମାନେ ଏକାନ୍ତ ଅକ୍ଷମ । ତେଣୁ ଏମାନଙ୍କ ରକ୍ଷାନିମନ୍ତେ କରୁଣାମୟ ଜଗଦୀଶ୍ୱରଙ୍କ ଦ୍ୱାରା ଅନ୍ୟ ଉପାୟ ଅବଲମ୍ବନ କରା ଯାଇଅଛି । ତନ୍ମଧ୍ୟରୁ ବର୍ଣ୍ଣ ଗୋଟିଏ ପ୍ରଧାନ । ପ୍ରାଣୀମାନଙ୍କର ସେମାନଙ୍କ ଚତୁର୍ଦ୍ଦିଗସ୍ଥ ପ୍ରାକୃତିକ ବର୍ଣ୍ଣ ସହିତ ସାମଞ୍ଜସ୍ୟ ଥିବା ଯୋଗୁଁ ସେମାନଙ୍କ ଶତ୍ରୁ କିମ୍ବା ଖାଦ୍ୟୋପଯୋଗୀ ଇତର ଜୀବମାନଙ୍କଦ୍ୱାରା ସହଜରେ ପରିଚିତ ହୋଇ ପାରନ୍ତି ନାହିଁ । ଏହିପରି ବର୍ଣ୍ଣସାହାଯ୍ୟରେ ଶତ୍ରୁର କବଳରୁ ନିସ୍ତାର ଲଭନ୍ତି ଏବଂ ଅକ୍ଳେଶରେ ନିଜର ଭରଣପୋଷଣ ନିମନ୍ତେ ମୃଗୟା କରନ୍ତି । ଏହାର ଦୃଷ୍ଟାନ୍ତ ଅନେକ ଦିଆ ଯାଇ ପାରେ । ବୃକ୍ଷଲତାଦିରେ ବାସ କରୁଥିବା କୀଟମାନଙ୍କର ବର୍ଣ୍ଣ ତଦନୁସାରେ ହୋଇଥାଏ । ପତ୍ରକୀଟ (leaf-insect) ଓ ଡାଳକୀଟ (twig-insect) ହିଁ ଏଥିର ଉଜ୍ଜ୍ୱଳ ପ୍ରମାଣରୂପେ ଗଣ୍ୟ ହୋଇ ପାରିବେ । ଏମାନଙ୍କର ବର୍ଣ୍ଣ ଛଡ଼ା ଆକୃତି ଓ ଗଠନରେ ମଧ୍ୟ ସାଦୃଶ୍ୟ ଦେଖାଯାଏ । ପ୍ରଥମଟିର ଶରୀର ପତ୍ରମଧ୍ୟସ୍ଥିତ ଶିରା ଏବଂ ପତ୍ରମାନ ଦୁଇ ପାର୍ଶ୍ୱରେ ଠିକ୍ ପତ୍ରର ଅନ୍ୟ ସମସ୍ତ ଭାଗପରି ହୋଇଥାଏ । ପକ୍ଷ ଉପରେ ପତ୍ରପରି କ୍ଷୁଦ୍ର କ୍ଷୁଦ୍ର ଅସଂଖ୍ୟ ଶିରାମାନ ମଧ୍ୟ ଦେଖାଯାଏ । ଅପକ୍ୱ ପତ୍ରମଧ୍ୟରେ ଥିବା କୀଟମାନଙ୍କର ବର୍ଣ୍ଣ ହରିତ୍ ଓ ପକ୍ୱ ବା ଶୁଷ୍କ ପତ୍ରମଧ୍ୟରେ ଥିବା କୀଟମାନଙ୍କର ଶୁଷ୍କ ପତ୍ରପରି ଈଷତ୍ ହଳଦିଆ ବା ମାଟିଆ ବର୍ଣ୍ଣ ହୋଇଥାଏ । ଡାଳକୀଟର ଶରୀର ଖଣ୍ଡେ ଡାଳପରି ଲମ୍ବା ଓ କୃଶ ଅଟେ । ଏହାର ପକ୍ଷ ନ ଥାଏ; ମାତ୍ର ଅବୟବମାନ ସୂକ୍ଷ୍ମ ଓ ଲମ୍ବା ହୋଇ ଠିକ୍ ଗୋଟିଏ ଡାଳରୁ ଅନ୍ୟ କ୍ଷୁଦ୍ର ଡାଳ ବାହାରିଲା ପରି ଦେଖାଯାଏ । ଏମାନେ ଲୋମଶୂନ୍ୟ ବା କୋମଳ ତ୍ୱକ୍‌ଯୁକ୍ତ ହୋଇଥାନ୍ତି । ପତ୍ର ଓ ଡାଳକୀଟର ସମସ୍ତ ଜାତିରେ ଏ ନିୟମ ଦୃଷ୍ଟ ଏବଂ ... ଯେ ସାମାନ୍ୟ ଦୃଷ୍ଟିରେ ସେମାନେ କୀଟ ବୋଲି ବୋଧ ହୁଅନ୍ତି ନାହିଁ । ମରୁଭୂମିରେ ... 'କାଙ୍ଗାରୁ' ନାମକ ଏକଜାତୀୟ ଚତୁଷ୍ପଦବିଶିଷ୍ଟ ବାଲୁକାରେ ସର୍ପ ବାସ କରନ୍ତି, ସେମାନଙ୍କ ବର୍ଣ୍ଣ ବାଲିର ଠିକ୍ ଅନୁରୂପ । ବାଲୁକାମୟ ସ୍ଥାନ ଓ ମରୁଭୂମିରେ ବାସ କରୁଥିବା କେତେକ ଜନ୍ତୁ ସେହି ସ୍ଥାନର ଉପରିଭାଗର ବର୍ଣ୍ଣ ଧାରଣ କରିଥାନ୍ତି; ଯଥା, ବାଲୁକାସର୍ପ (Sand-snakes) ପ୍ରଭୃତି । ଏହିପରି ସମୁଦ୍ର ଉପକୂଳସ୍ଥ ଜୀବମାନଙ୍କର ବର୍ଣ୍ଣ ତଦନୁସାରେ ଈଷତ୍ ନୀଳବର୍ଣ୍ଣବିଶିଷ୍ଟ ଓ ସ୍ୱଚ୍ଛ ହୋଇଥାଏ । ଭୂମିରେ ବାସ କରୁଥିବା ପତଙ୍ଗାଦିର ବର୍ଣ୍ଣ ମାଟିଆ ହୋଇଥାଏ । ଘାସ ମଧ୍ୟରେ ଥିବା ପତଙ୍ଗଗୁଡ଼ିକର ବର୍ଣ୍ଣ ତଦନୁରୂପ ଅଟେ । ଏମାନଙ୍କର ପକ୍ଷଗୁଡ଼ିକ ଠିକ୍ ଘାସପତ୍ରପରି । ଅନେକ ପ୍ରଜାପତିଙ୍କର ବର୍ଣ୍ଣ ପୁଷ୍ପାଦିର ପାଖୁଡ଼ାପରି ଦେଖାଯାଏ । ଭାରତର ନାନା ବହୁବର୍ଣ୍ଣ ପୁଷ୍ପର ପାଖରେ ଏକପ୍ରକାର ବୁଢ଼ିଆଣୀ ବାସ କରେ । ଏହାର ସମସ୍ତ ଅବୟବ ଠିକ୍ ପୁଷ୍ପପରି ବର୍ଣ୍ଣ ଧାରଣ କରିଥାଏ । ଏ ବୁଢ଼ିଆଣୀଟି ସର୍ବଦା ସେହିଠାରେ ଥାଇ ପୁଷ୍ପ ଉପରେ ସ୍ୱଚ୍ଛନ୍ଦେ ଯେତେବେଳେ କ୍ଷୁଦ୍ର କ୍ଷୁଦ୍ର ମକ୍ଷିକାଦି ଉପବେଶନ କରନ୍ତି ସେ ସମସ୍ତଙ୍କୁ ସ୍ୱବର୍ଣ୍ଣସାହାଯ୍ୟରୁ ଅନାୟାସରେ ଗ୍ରାସ କରି ନିଶ୍ଚିନ୍ତଭାବରେ ବଞ୍ଚିଥାଏ । ଟାର୍‌ମିଗାନ୍ (Tarmigan) ନାମକ ହିମାଞ୍ଚଳର ଗୋଟିଏ ପକ୍ଷୀ ଚତୁର୍ଦ୍ଦିଗସ୍ଥ ବୃକ୍ଷପତ୍ରାଦିପରି ଗ୍ରୀଷ୍ମ ଋତୁରେ ଧୂସର ବର୍ଣ୍ଣବିଶିଷ୍ଟ ଏବଂ ହେମନ୍ତ କାଳରେ ବରଫ ପରି ଧଳା ହୋଇଥାଏ । ଶେଷରେ ବହୁରୂପୀ ପ୍ରଭୃତି ଏଣ୍ଡୁଅମାନଙ୍କ କଥା କହି ଏହାର ଉଦାହରଣରୁ ଜାଣି ହେବ । ଏମାନଙ୍କର ବର୍ଣ୍ଣ ଚତୁର୍ଦ୍ଦିଗସ୍ଥ ପ୍ରକୃତି ପଦାର୍ଥର ବର୍ଣ୍ଣ ସହିତ ପୁନଃ ପୁନଃ ବଦଳି ଥାଏ ।

ଦ୍ୱିତୀୟରେ ସାବଧାନତାସୂଚକ ବର୍ଣ୍ଣ । ପୃଥିବୀରେ ଏପରି ଅନେକ ଜୀବ ଅଛନ୍ତି ଯେଉଁମାନେ ଅବ୍ୟାହତ ଜନ୍ତୁଙ୍କଦ୍ୱାରା ଖାଦ୍ୟରୂପରେ ବ୍ୟବହୃତ ହୁଅନ୍ତି ଏବଂ ଏମାନଙ୍କ ମଧ୍ୟରେ ସେହିପରି ଅନ୍ୟ କେତେ ସମୂହ ଥାଇଥାଏ । ଏହି ଦୃଷ୍ଟିରେ ସମସ୍ତ ସମୟରେ ଖାଇବାର ଅଯୋଗ୍ୟ ବା ଅନିଷ୍ଟକାରୀ ଜୀବ ଖାଦକଶ୍ରେଣୀର ବସ୍ତୁ ଅନିଷ୍ଟ ସାଧନ କରିଥାନ୍ତି । ଏପରି ଅବସ୍ଥାରେ ଏମାନେ ଜୀବମାନଙ୍କ ସ୍ୱାର୍ଥରେ ସର୍ବଦା ସାବଧାନ ଥିବା ବାଞ୍ଛନୀୟ । ବସ୍ତୁତଃ ଅନିଷ୍ଟକାରୀ ଜୀବମାନଙ୍କଠାରେ ଦେଖାଯାଏ ଯେ ସେମାନଙ୍କ ସମସ୍ତ ଶରୀର ଏପରି ବର୍ଣ୍ଣଯୁକ୍ତ ହୋଇଥାଏ, ଯାହା ଅବଲୋକନମାତ୍ରେ ଅପର ଜନ୍ତୁମାନେ ଅନୁଭବ ବା ସ୍ୱାଭାବିକ ଜ୍ଞାନଦ୍ୱାରା ସତର୍କ ହୁଅନ୍ତି । ବିଶେଷ ପକ୍ଷରେ ଏପ୍ରକାର ବର୍ଣ୍ଣ ଅତ୍ୟନ୍ତ ଉଜ୍ଜ୍ୱଳ ହୋଇଥାଏ ଏବଂ ତାହାର ବସ୍ତୁତ ଦୀପ୍ତି ଥାଏ । ଏଣୁ ଏମାନେ ଅପର ପ୍ରାଣୀମାନଙ୍କ ଦୃଷ୍ଟି ଓ ସ୍ପର୍ଶ ପଥରୁ କଦାପି ଅନ୍ତରିତ ହୁଅନ୍ତି ନାହିଁ. ସେହି ବର୍ଣ୍ଣ ସେମାନଙ୍କୁ ସାବଧାନ କରିଦିଏ । ଅନେକଗୁଡ଼ିଏ ପ୍ରଜାପତି ଏହିପରି ବର୍ଣ୍ଣବିଶିଷ୍ଟ ଅଟନ୍ତି । କେତେକ ଅସ୍ୱାଦୁ ଥିବା ଯୋଗୁଁ ଓ ଅନ୍ୟ କେତେକ ଦୁର୍ଗନ୍ଧଯୁକ୍ତ ହୋଇଥିବାରୁ ଅଖାଦ୍ୟ ଅଟନ୍ତି । ଏ ସମସ୍ତ ନିଜ ନିଜ ବର୍ଣ୍ଣଦ୍ୱାରା ଜନ୍ତୁମାନଙ୍କୁ ସତର୍କ କରନ୍ତି । କେତେକ ଭେକ ଓ ସେହି ଶ୍ରେଣୀସ୍ଥ ସାଲମାଣ୍ଡର ("Salamander) ନାମକ ଜୀବ ସେମାନଙ୍କ ଚର୍ମସ୍ଥିତ କ୍ଷୁଦ୍ର ଛିଦ୍ରମାନଙ୍କରୁ ନିର୍ଗତ ହେଉଥିବା . ଦୂଷଣୀୟ ଦ୍ରବ ପଦାର୍ଥର ଗୁଣରୁ ଅଖାଦ୍ୟ ଅଟନ୍ତି ଏବଂ ଉକ୍ତ ଜୀବ । ତାହା ପକ୍ଷୀ ଓ ଅପର ଜନ୍ତୁମାନେ ସେମାନଙ୍କ ବର୍ଣ୍ଣର ସ୍ୱଭାବ ଅବଗତ ହୋଇ ସାର ପରିତ୍ୟାଗ କରିଦିଅନ୍ତି । ଆମେରିକା ମହାଦେଶସ୍ଥ ନିକାରଗୁଆ (Nicaragua) ଖଣ୍ଡରେ ଦୁଇ ଜାତିର ଭେକ ଅଛନ୍ତି—ଗୋଟିକର ବର୍ଣ୍ଣ ରକ୍ତ ଓ ଅନ୍ୟଟିର ନୀଳ । ସାଧାରଣ ଭେକଗୁଡ଼ିକ ସର୍ବଦା ଲୁପ୍ତ ଥିବା ସ୍ଥଳରେ ଏମାନେ ଗର୍ବରେ ଶତ୍ରୁଙ୍କ ସମ୍ମୁଖରେ ଦିବା ଦ୍ୱିପ୍ରହରରେ ଭ୍ରମଣ କରନ୍ତି । ଉତ୍ତର ଆମେରିକାରେ ସ୍କଙ୍କ୍ (Skunk) ନାମକ ଏକ ପ୍ରକାର ପଶୁ ଅଛନ୍ତି । ଏମାନଙ୍କର ଏପରି ସ୍ୱଭାବ ଯେ ଯଦି କୌଣସି ଜନ୍ତୁ ସେମାନଙ୍କର ନିକଟବର୍ତ୍ତୀ ହୁଏ, ତେବେ ନିଜ ଶରୀରରୁ ଏକପ୍ରକାର ଦୁର୍ଗନ୍ଧମୟ କୁତ୍ସିତ ଓ ଅନିଷ୍ଟକର ତରଳ ଦ୍ରବ୍ୟ ବହିର୍ଗତ କରି ଚତୁର୍ଦ୍ଦିଗ ପୂର୍ଣ୍ଣ କରନ୍ତି, ଏଥିଯୋଗୁଁ ଏମାନେ ସମସ୍ତଙ୍କଠାରେ ସୁପରିଚିତ । ଏମାନଙ୍କର ଲାଙ୍ଗୁଳ ଅତ୍ୟନ୍ତ ବଡ଼ ଓ ଶୁକ୍ଳବର୍ଣ୍ଣ ଲୋମରେ ପୂର୍ଣ୍ଣ ଏବଂ ସର୍ବଦା ଊର୍ଦ୍ଧ୍ୱକୁ ଉଠି ରହିଥାଏ । ଲାଙ୍ଗୁଳର ଉପରିଭାଗ ତାହାର ଦେହ ଶ୍ୱେତବର୍ଣ୍ଣ ଲୋମବିଶିଷ୍ଟ ହୋଇଥିବା ଯୋଗୁଁ ଅନ୍ୟ ଜନ୍ତୁମାନେ ଶୀଘ୍ର ଜାଣି ପାରୁଥାନ୍ତି ।

ତୃତୀୟରେ ଅନୁକରଣ ବର୍ଣ୍ଣ । ଏପରି କେତେକ ଜୀବ ଅଛନ୍ତି, ଯେଉଁମାନେ ଉପରୋକ୍ତ ସାବଧାନକାରୀ ବର୍ଣ୍ଣବିଶିଷ୍ଟ ଜୀବମାନଙ୍କର କେବଳ ବାହ୍ୟ ଦୃଶ୍ୟ ଧାରଣ କରି ଥାନ୍ତି; ମାତ୍ର ସେମାନଙ୍କ ପରି କୌଣସି ଅନିଷ୍ଟକର ସ୍ୱଭାବ ନ ଥାଏ । ଏହି ବାହ୍ୟ ଅନୁକରଣ ଯୋଗୁଁ ପ୍ରାଣୀମାନେ ପ୍ରତାରିତ ହୁଅନ୍ତି, କାରଣ ଭ୍ରମରେ ଏମାନଙ୍କଠାରୁ ମଧ୍ୟ ସେହିପରି ଭୟ କରି ଦୂର ହୁଅନ୍ତି; ବିଶେଷରେ ପ୍ରଜାପତି ପ୍ରଭୃତି କୀଟ ପତଙ୍ଗମାନଙ୍କ ମଧ୍ୟରେ ଏଥିର ଦୃଷ୍ଟାନ୍ତ ଦେଖାଯାଏ । ସେମାନେ ଏହିପରି ଛଦ୍ମବେଶ ଧାରଣ କରି ତଦ୍ୱାରା ଉପକୃତ ହୁଅନ୍ତି । ଏକପ୍ରକାର ପତଙ୍ଗ ଅଛନ୍ତି, ସେମାନେ ପୁଷ୍ପାଦିରୁ ରସ ଓ ଗବ ଗ୍ରହଣ କରନ୍ତି । ଏମାନେ ସମ୍ପୂର୍ଣ୍ଣରୂପେ ନିର୍ଦ୍ଦୋଷ । ମାତ୍ର ଏମାନଙ୍କର ଅନିଷ୍ଟକର ମଧୁମକ୍ଷିକାମାନଙ୍କ ସହିତ ସାମଞ୍ଜସ୍ୟ ଥିବା ଯୋଗୁଁ ଅନ୍ୟ ପ୍ରାଣୀଙ୍କ ମନରେ ଭ୍ରାନ୍ତ ଜନ୍ମାନ୍ତି । ସାମଞ୍ଜସ୍ୟ କେବଳ ବର୍ଣ୍ଣରେ ନୁହେଁ, ମଧୁମକ୍ଷିକାମାନଙ୍କପରି ଏମାନଙ୍କର ମଧ୍ୟ କ୍ଷୁଦ୍ର ଶୃଙ୍ଗ ଥାଏ; ମାତ୍ର ତାହା ବିଷରହିତ । ଏମାନେ ମଧ୍ୟ ସେହିପରି ଗୁଞ୍ଜନ କରନ୍ତି ।

ଚତୁର୍ଥରେ ଜାତୀୟ (ପୁଂସ୍ତ୍ରୀ) ବର୍ଣ୍ଣ । ପୂର୍ବୋଲ୍ଲିଖିତ ବର୍ଣ୍ଣମାନଙ୍କପରି ଏହା ସମ୍ପୂର୍ଣ୍ଣରୂପେ ଧାରୁଚିତ ନୁହେଁ । କେତେକ ଶ୍ରେଣୀର ଜୀବମାନଙ୍କ ମଧ୍ୟରେ ଦେଖାଯାଏ ଯେ ପୁରୁଷଜାତିର ବର୍ଣ୍ଣ (ଅନ୍ୟାନ୍ୟ ପ୍ରଭେଦସତ୍ତ୍ୱ) ସ୍ତ୍ରୀଜାତିର ବର୍ଣ୍ଣଠାରୁ ଅତ୍ୟନ୍ତ ପ୍ରଗାଢ଼, ବିଚିତ୍ର ଓ ମନୋହର ହୋଇଥାଏ । କୀଟ ପତଙ୍ଗାଦି ଓ ପକ୍ଷୀ, ଏ ଦୁଇ

ଶ୍ରେଣୀରେ ବର୍ଣ୍ଣ ପ୍ରାଧାନ୍ୟ (ଦେଖା) ଦେଇ ଥାଏ । ପୁରୁଷ ପକ୍ଷୀମାନଙ୍କର ବର୍ଣ୍ଣ ଅଧିକ ଉଜ୍ଜ୍ୱଳ ଏବଂ ସେମାନଙ୍କ ଗୁଣ, କିନ୍ତୁ ସ୍ତ୍ରୀ ଜାତିମାନଙ୍କର ଉକ୍ତି ହୋଇଥାଏ । ସେମାନେ ସ୍ୱଭାବରେ ଦୁର୍ବଳ ବା ପକ୍ଷମାନଙ୍କ ମଧ୍ୟରେ ଦେଖାଯାଏ ନାହିଁ, ଅଥବା ଅଳ୍ପ ପରିମାଣରେ ଥାଏ । ଏମାନଙ୍କ ବର୍ଣ୍ଣର ଅସ୍ପଷ୍ଟତା ଯୋଗୁଁ ନିଜ ବାସ ସ୍ଥାନରେ ଉପସ୍ଥିତ ଥିବା ସମୟରେ ଶତ୍ରୁମାନଙ୍କଠାରୁ ରକ୍ଷା ପାନ୍ତି ଏବଂ ଯଦି ଏମାନଙ୍କର ବର୍ଣ୍ଣର ଉଜ୍ଜ୍ୱଳତା ଥିଲେ ନ ଥାଏ ତେବେ ବାସସ୍ଥାନ ଚତୁଃପାର୍ଶ୍ୱରେ ଅବୃତ ହୋଇଥାଏ ବା ଭୂମିସ୍ଥ କୌଣସି ଗର୍ତ୍ତଭିତରେ ହୋଇଥାଏ । ପୁରୁଷ ପକ୍ଷୀମାନେ ନିଜବର୍ଣ୍ଣର ମନୋହାରିତା ସାହାଯ୍ୟରେ ଅନ୍ୟ ଜାତିକୁ ବିମୋହିତ କରି ସେମାନଙ୍କର ସଙ୍ଗ ଲାଭ କରିଥାନ୍ତି ବୋଲି କହାଯାଏ । ଏମାନଙ୍କ ମଧ୍ୟରେ ଏହିପରି ପୁରୁଷ ଜାତିର ବର୍ଣ୍ଣର ପ୍ରଖରତା, ଉଜ୍ଜ୍ୱଳତା ଓ ମନୋହାରିତା ଜାତୀୟ (ପୁଂସ୍ତ୍ରୀ) ନିର୍ବାଚନର (Sexual selection) ଫଳ ବୋଲି କେତେକଙ୍କ ଧାରଣା । ଏହି ମତ ଅନୁସାରେ ସ୍ତ୍ରୀଜାତି ନିଜର ସଙ୍ଗୀକୁ ଅନ୍ୟ ଜାତି ମଧ୍ୟରୁ ଆପେ ବାଛି ନିଅନ୍ତି । ମାତ୍ର ଏହାର ସମର୍ଥନ ନିମନ୍ତେ ଯଥେଷ୍ଟ ପ୍ରମାଣ ନାହିଁ ।

ଅଷ୍ଟ୍ରେଲିଆ ଦ୍ୱୀପରେ ମୟୂର ଜାତୀୟ ଉପାଦେୟ ପ୍ରାକୃତିକ ଶୋଭାର ଚାଳକ । ଏହି ଜାତୀୟ ପକ୍ଷୀମାନଙ୍କ ମଧ୍ୟରେ ଯେ ସମସ୍ତ ଜାତି କେବଳ ସୁନ୍ଦରତାର ଅଧିକ ସଜାନ୍ତି ।

ପକ୍ଷୀଙ୍କ ଓ ଘୋଡ଼ାର ପଙ୍ଖର-ବିସ୍ତାର । ଏହି ବର୍ଣ୍ଣ ମାନଙ୍କରେ ପ୍ରତିଯୋଗିତା ନିଜ ନିଜ ଶ୍ରେଣୀ ଜୀବମାନଙ୍କୁ ସହଜରେ ଚିହ୍ନି ପାରନ୍ତି ଏବଂ ସେମାନଙ୍କର ପଛରେ ପାଠ ପାଉଛନ୍ତି । ବର୍ଣ୍ଣର ବିଶେଷ ପ୍ରଖରତା ଏବଂ ନାନାବିଧ ସ୍ପଷ୍ଟ ଦାଗ ଓ ରେଖା ଏହାର କାରଣ । ପ୍ରାଣୀରେ ପକ୍ଷୀମାନଙ୍କ ମଧ୍ୟରେ ଏପ୍ରକାର ଉଦାହରଣ ମିଳେ । କେତେକ ପକ୍ଷୀମାନଙ୍କର ଦେହରେ ଯେ ପକ୍ଷର ଉପରିଭାଗର ବର୍ଣ୍ଣ ଘୋଡ଼ାଇ ଥାଏ, ମାତ୍ର ପକ୍ଷ ବିସ୍ତାରପୂର୍ବକ ଉଡ଼ିବା ସମୟରେ ତଳର ଉଜ୍ଜ୍ୱଳ ଅନ୍ୟବର୍ଣ୍ଣବିଶିଷ୍ଟ ଶୁଭ୍ର ପରମାନଙ୍କର ପ୍ରସାରଣଦ୍ୱାରା ସେହି ଅନ୍ୟ ବର୍ଣ୍ଣ ସ୍ପଷ୍ଟ ପ୍ରତୀୟମାନ ହୁଏ । ଏଣୁ ଏହା ଦେଖି ଜାତି ପାଇଁ ପକ୍ଷୀମାନେ ଅନ୍ଧାରରେ ଉଡ଼ୁ ଉଡ଼ୁ ପଥ ଭୁଲି ଯାଉଥିଲେ ସହଜରେ ସ୍ୱଶ୍ରେଣୀର ଦଳକୁ ଫେରି ଆସି ପାରନ୍ତି । ଏହାର ପ୍ରମାଣ ଅନ୍ୟାନ୍ୟ ସ୍ଥଳରେ ମଧ୍ୟ ନ୍ୟୂନାଧିକରେ ଦେଖ ଯାଇ ପାରିବ ।

ଶ୍ରୀ ତାରିଣୀଚରଣ ରଥ ।

ବାପ୍ପାମା ।

ବାପ୍ପାମାର ଘରୁ ଦାଟେଣୀ
ପୁଅଙ୍କୁ ପିନ୍ଧାଏ ଧାଡ଼ିପଟନୀ
ଆପେ ପିନ୍ଧଇ ଚେନ୍ଥ,
ଝିଅଙ୍କୁ ପିନ୍ଧାଏ ଫଳାବୋଟର,
ଉତ୍ତେଇ ନେଉଛି ଭୂଷ । ୧ ।
ବାପ୍ପାମାର ହାଲରେ କଣା,
ଯେତେବେଳେ ହୁଏ ଝିଙ୍କି ବରଷା
ଆପେ ଖେଳଇ ଦୋଳ,
ଝିଅ ପୁଅ ଦରେଁ ଡଯାରେ ଝୁଲ
ଦଉଥାନ୍ତି ହୁଲହୁଳ । ୨ ।
ବାପ୍ପାମାର ପୁଅ ପଡ଼ୁଆ,
ନାହାକ ପାଖରେ ଯାଏ ମଡ଼ୁଆ
ନାଳବାଲ ଧରଥାଏ,
ବେଳ ବୁଡ଼ିଗଲେ ଘରକୁ ଯାଏ
ଲାଉ ରୁଟି ଗୁଡ଼ ଖାଏ । ୩ ।
ବାପ୍ପାମାର ଭାର ସାହାସ
କେବେ ନ ଡରଇ ଝଡ଼ି ବତାସ
ଆପେ ଝୁଲଇ ଡାଳେ
ଶଣ୍ଢ଼ିଆଭୂତଙ୍କୁ ନ ଡରେ ଠେଲ
ପିଲା ଦେଇଥାଏ କୋଳେ । ୪ ।
ବାପ୍ପାମାର ପୁଅ କଳହା
ନିତି ଦ୍ରୁଦ୍ରେଦିନ ଘରଶିଆ
ନଛ ଲଗାଏ ଗଳ,
ମା ରଖିଥାଏ ସବୁ ରତନ
ନ ଖାଇ ହାଗଇ ଥାଳ । ୫ ।
ବାପ୍ପାମା ଯେ ବଡ଼ ଘରଣୀ,
ପୁଅଙ୍କୁ ଯୁଆଏ ଘର ଲବଣୀ
ଆପେ ପିଅଇ ପାଣି,
ଝିଅଙ୍କୁ ପିଆଏ ଖୀର ବୋଡାଣୀ
ଭାଙ୍ଗ ଗୋଟି ଗୋଟି ଖଣି । ୬ ।
ବାପ୍ପାମାର ସାଉରେ ଶଙ୍ଖା,
ଶେରସ୍ତ ଅରକେ ଢାହାଣେ ଟଙ୍କା
ଦେଲେ ନ ଥାଏ ଘରେ,
ପିଲାଙ୍କ ଝଡ଼ଇ ମାଆ ପାଖରେ
ପଡ଼ିଥାଏ ବନସ୍ତରେ । ୭ ।

ଗୋପାଳଚନ୍ଦ୍ର ପ୍ରହରାଜ ।

କଟକର ସ୍ୱାଗତାର୍ଥୀ ପ୍ରତି ।

ଯେବେ ଆସ ଉତ୍କଳକୁ ଉତ୍କଳଉନ୍ନୋମା !
ଚାରି ଦିଗ୍ ଶୋଭାମୟ ଜଗନ୍ନାଥ ପଥ
ଚେତେ କୀର୍ତ୍ତି-ସ୍ତମ୍ଭ ଯାଜ୍ଞ ମନୋଲୋଭମା
କହେ ଉତ୍କଳ-ଭୁବନେ କାବ୍ୟାମୃତ କଥା ।
ତବ ବାଟେ ପୁଣ୍ୟଭୂମି ତୀର୍ଥମଣି !
ଉତ୍କଳଭାରତୀ ଆଜି ସକଳସମ୍ପଦା,
ମଳୟଚନ୍ଦନା ଯଥା ସ୍ନିଗ୍ଧ ଯେମନେ
ପ୍ରୋତ୍ଫୁଲ୍ଲ-କମଳ-ସ୍ନେହମୟୀ କୁଳାଙ୍ଗନା ।

ଉତ୍କଳ-ନିସର୍ଗ-ଶୋଭ-ପ୍ରଶୋଭାପ୍ରଦାନ,
କେ ମୁଗ୍ଧ ଭକ୍ତକୁଳ-ପ୍ରେମରେ ନ ହେଲେ ?
ଶୀଘ୍ର ବନ ଠାବେ କବ ତୋରବ ଗାଇଣ
ଶ୍ରୀକାନ୍ତକୁ ପ୍ରେମମୟ କାହିଙ୍କ ମଧ୍ୟନ ?
'ଜାଗାପାଳି-ଉକଳାର ପ୍ରେମାସ୍ପଦ ଧନ'
ଅଟଇ ବଙ୍ଗୀୟବର ପ୍ରିୟ ଏ ବଚନ ।

ଶ୍ରୀ ରାଧାଚରଣ ଦାସ ।

ବିବିଧ ପ୍ରସଙ୍ଗ ।

୧ । ଉତ୍କଳସାହିତ୍ୟ-ସମାଜ—ବିଗତ ଅଗଷ୍ଟ ମାସ ମଧ୍ୟରେ ଉତ୍କଳସାହିତ୍ୟ-ସମାଜର ଦୁଇ ଗୋଟି ଅଧିବେଶନ ହୋଇ ଯାଇଅଛି । ପ୍ରଥମ ଅଧିବେଶନରେ ସମାଜର ନିୟମାବଳୀ ନିର୍ଦ୍ଧାରିତ ହୋଇଥିଲା ଏବଂ ପ୍ରାୟ ୧୦୦ ଜଣ ସଭ୍ୟ ଓ ବିଶିଷ୍ଟ ସଭ୍ୟରୂପେ ନିର୍ବାଚିତ ହୋଇଥିଲେ । ଦ୍ୱିତୀୟ ଅଧିବେଶନରେ ଅଧିକ ପ୍ରାୟ ୮୦ ଜଣ ନୂତନ ସଭ୍ୟ ନିର୍ବାଚିତ ହେଲେ ଏବଂ 'ଓଡ଼ିଆ ଭାଷା ଓ ପ୍ରାଚୀନ ଓଡ଼ିଆ ସାହିତ୍ୟ' ବିଷୟକ ପ୍ରବନ୍ଧ ପଠିତ ଓ ଆଲୋଚିତ ହେଲା । ପ୍ରବନ୍ଧଟିର ପ୍ରଥମାର୍ଦ୍ଧ ଏହି ସଂଖ୍ୟାରେ ପ୍ରକାଶିତ ହେଲା । ଆଗାମୀ ସଂଖ୍ୟାରେ ଅପରାର୍ଦ୍ଧ ସହିତ ଆଲୋଚନାର ସାରାଂଶ ପ୍ରକାଶିତ ହେବ । ନିର୍ବାଚିତ ସଭ୍ୟମାନଙ୍କ ନିକଟକୁ ନିୟମାବଳୀ ସହିତ ସଭ୍ୟପଦ ଗ୍ରହଣ କରିବା ନିମିତ୍ତ ଅନୁରୋଧ ପତ୍ର ପ୍ରେରିତ ହୋଇଅଛି ।

୨ । ଦେଶମିଶଣ-ଆବେଦନ—ଉତ୍କଳଭାଷୀ ପ୍ରଦେଶର ସମ୍ମିଳନ ନିମିତ୍ତ ଉତ୍କଳ ସଭା ପକ୍ଷରୁ ଯେଉଁ ଆବେଦନପତ୍ର ବଡ଼ଲାଟ ମହୋଦୟଙ୍କ ନିକଟକୁ ପ୍ରେରିତ ହେବାର ପ୍ରସ୍ତାବ ଧାର୍ଯ୍ୟ ହୋଇଥିଲା, ତାହା ଏ ମଧ୍ୟରେ ଓଡ଼ିଶାବିଭାଗର ମାନନୀୟ କମିଶନର ମହୋଦୟଙ୍କ ହସ୍ତରେ ଅର୍ପିତ ହୋଇଅଛି । ଏହି ଦେଶମିଶଣ ବ୍ୟାପାରରେ ଉତ୍କଳସନ୍ତାନମାନଙ୍କ ପ୍ରାଣ ବହୁ ଉଦ୍‌ବିଗ୍ନ ହୋଇ ପଡ଼ିଅଛି । ପୁଣି ସମୟ ସମୟରେ ନାନା ଜନରବ ଉଠି ଉଦ୍‌ବେଗର ମାତ୍ରାକୁ ବଢ଼ାଇ ଦେଉଅଛି । ଫଳାଫଳ ଭବିଷ୍ୟତର ଗର୍ଭରେ ନିହିତ । ମନୁଷ୍ୟର ଚେଷ୍ଟା ମାତ୍ର ସାର । ସେ ଚେଷ୍ଟାରେ ତ୍ରୁଟି ନ ହେଲେ କ୍ଷୋଭର କାରଣ ବେଶି ନ ଥାଏ । ତେବେ ଏତିକି ନିଶ୍ଚିତ ଯେ ଏହା ଉତ୍କଳ ଭୂମିପକ୍ଷରେ ଗୋଟିଏ ଭୀଷଣ ସଙ୍କଟସ୍ଥଳ । ବିଧାତା ଏହାର ଭବିଷ୍ୟତ କିପରି ଭାବରେ ନିୟମିତ କରିବେ, ତାହା କେବଳ ତାହାଙ୍କୁ ଜଣା ।

୩ । ଛାତ୍ରମାନଙ୍କର ସାଧୁ ଚେଷ୍ଟା—ଅଳ୍ପକାଳ ମଧ୍ୟରେ ସ୍ଥାନୀୟ କଲେଜର ଛାତ୍ରମଣ୍ଡଳୀଙ୍କ ଉଦ୍‌ଯୋଗରେ ଦୁଇଟି ସଦନୁଷ୍ଠାନର ଆୟୋଜନ ହୋଇଥିବାର ଅବଗତ ହୋଇ ଆମ୍ଭେମାନେ ସୁଖୀ ହୋଇଅଛୁଁ । ପ୍ରଥମଟି ବଙ୍ଗୀୟ ଯୁବକ ହେମଚନ୍ଦ୍ରଙ୍କ ବିଧବା ପତ୍ନୀଙ୍କୁ ସାହାଯ୍ୟଦାନର ଆୟୋଜନ; ଦ୍ୱିତୀୟଟି ଉତ୍କଳଗୌରବ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କର ଗୋଟିଏ ପ୍ରତିମୂର୍ତ୍ତି ସ୍ଥାନୀୟ କଲେଜ ଗୃହରେ ସ୍ଥାପନ ଚେଷ୍ଟା । ଅନୁଷ୍ଠାନ ଦୁଇଟି ସମ୍ପୂର୍ଣ୍ଣରୂପେ ଛାତ୍ରମାନଙ୍କଦ୍ୱାରା ସମ୍ପନ୍ନ ହେବାର ସ୍ଥିର ହୋଇଅଛି । ଉଭୟରେ ଆମ୍ଭମାନଙ୍କର ସମ୍ପୂର୍ଣ୍ଣ ସହାନୁଭୂତି ଅଛି । ମହତ୍ତ୍ୱର ସମାଦର ମହତ୍ତ୍ୱଲାଭର ସୋପାନ, ଜାତିବର୍ଣ୍ଣନିର୍ବିଶେଷରେ ଛାତ୍ରମାନଙ୍କ ମଧ୍ୟରେ ମହତ୍ତ୍ୱର ଯଥାର୍ଥ ଆଦର ବୃଦ୍ଧି ଲାଭ କରୁ, ଏହାହିଁ ଆନ୍ତରିକ କାମନା ।

୭ମ ଭାଗ   କାର୍ତ୍ତିକ, ୧୩୧୧ ।   ୭ମ, ସଂଖ୍ୟା ।

ଉତ୍କଳ-ସାହିତ୍ୟ ।

ମାସିକପତ୍ର ଓ ସମାଲୋଚନ ।

—:o:—

ଶ୍ରୀ ବିଶ୍ୱନାଥ କର କର୍ତ୍ତୃକ ସମ୍ପାଦିତ ।

—:o:—

THE UTKAL SAHITYA PRESS.

CUTTACK.

1903.

ବାର୍ଷିକ ମୂଲ୍ୟ ଡାକମାସୁଲ ସମେତ ଟ ୨ ୧   ଏହି ସଂଖ୍ୟାର ମୂଲ୍ୟ ଟ ୦ ୵

ସୂଚୀ ।



ଡାକ୍ତର ମେଜର ସାହେବଙ୍କର ବିଶ୍ୱବିଖ୍ୟାତ ସେହି

ଇଲେକ୍ଟ୍ରୋ-ସାଲସା ।

ଭୈଷଜ୍ୟଜଗତରେ ସର୍ବୋଚ୍ଚ ସ୍ଥାନ ଅଧିକାର କରଅଛି ।

ରକ୍ତ ମାନବ ଦେହର ଜୀବନୀଶକ୍ତି । ତାଡ଼ିତଶକ୍ତି ଜୀବନୀଶକ୍ତିର ମୂଳ । ପ୍ରତିଦିନ ନାନାପ୍ରକାରରେ ବିଶେଷତଃ ଆହାର ବିହାରରେ, ଅଭ୍ୟାଗତ ଅନ୍ୟାଗତରେ, ନିଶ୍ୱାସ ପ୍ରଶ୍ୱାସରେ ମାନବଦେହରେ ବିଷ ପ୍ରବେଶ କରୁଅଛି । ଏହି ବିଷ କ୍ରମେ କ୍ରମେ ରକ୍ତ ସହିତ ମିଶ୍ରିତ ହୋଇ ଦେହାଭ୍ୟନ୍ତରସ୍ଥ ତାଡ଼ିତଶକ୍ତି ହ୍ରାସ କରେ ଏବଂ ପରିଣାମରେ ସାଧାରଣତଃ ଶୁକ୍ର ଓ ଶୋଣିତ ସମ୍ବନ୍ଧୀୟ ପୀଡ଼ା ଉତ୍ପନ୍ନ ହୁଏ । ଯେଉଁ ଔଷଧ ଏହି ରକ୍ତଦୁଷ୍ଟିର ବିଷ ଦୂରୀଭୂତ କରି ହ୍ରାସପ୍ରାପ୍ତ ବୈଦ୍ୟୁତିକ ଶକ୍ତିର ସାମଞ୍ଜସ୍ୟ ସମ୍ପୂର୍ଣ୍ଣରୂପେ ରକ୍ଷା କରିପାରେ, ସେହି ପ୍ରକୃତ ଔଷଧ; ଏହି—

"ଇଲେକ୍ଟ୍ରୋ-ସାଲସା" ତାହାର ଏକମାତ୍ର ଆଦର୍ଶ ।

__ଏହା କଣ ?__ ତେଜସ୍ୱୀ-ବିଜ୍ଞାନ-ସମ୍ମତ ଶୁକ୍ର ଓ ଶୋଣିତର ଦୋଷ-ସଂଶୋଧକ ଏବଂ ତାଡ଼ିତଶକ୍ତିପ୍ରବର୍ଦ୍ଧକ କେତେଗୋଟି ଦୁଷ୍ପ୍ରାପ୍ୟ ଗାର୍ଯ୍ୟବାନ୍ ଉଦ୍ଭିଜ୍ଜରୁ— ନବ୍ୟ ୟର୍କ ନଗରବାସୀ ଲବ୍ଧପ୍ରତିଷ୍ଠ ଡାକ୍ତର :—

__ଜେମସ ମେଜର ଏମ. ଏ. ଏମ. ଡି__

ମହୋଦୟଙ୍କର ଅନୁଷ୍ଠିତ,—ନୂତନ ରସାୟନିକ ପ୍ରକ୍ରିୟାରେ ବିନିଃସୃତ ନିର୍ଯ୍ୟାସ ।

ମାନବଦେହରେ ଏହାର କ୍ଷମତା ଅସୀମ, ଗୁଣ ଅନନ୍ତ, କ୍ରିୟା ସ୍ଥାୟୀ ।

ଏଥିରେ ଯେ କେତେଗୋଟି ଗାର୍ଯ୍ୟବାନ୍ ଭେଷଜ ପଦାର୍ଥ ଅଛି, ତାହା ଅନ୍ୟ କୌଣସି ଔଷଧରେ ନାହିଁ ଏବଂ ଏହି ଗବେଷଣାଲବ୍ଧ ମହାଗୁଣଶାଳୀ ଦୁଷ୍ପ୍ରାପ୍ୟ ଭେଷଜ ଏହାର ଏକମାତ୍ର ଅସାଧାରଣ ଗୁଣାବଳୀର ମୂଳକାରଣ ।

__ଏଥିରେ କେଉଁ କେଉଁ ରୋଗ ଆରୋଗ୍ୟ ହୁଏ ?__ ସର୍ବପ୍ରକାର କାରଣଜାତ ଶୁକ୍ର ଓ ଶୋଣିତର ବିକୃତ, ସ୍ନାୟୁଦୌର୍ବଲ୍ୟ, ଦେହର ବନ୍ଧନ ଯେକୌଣସି କ୍ରିୟା-ଘଟିତ କ୍ଷୀଣତା, ଶୁକ୍ରମେହ, ଶୁକ୍ରତାରଲ୍ୟ, ଦଗ୍ଧ ପୁରାତନ ମେହ, ପ୍ରମେହ, ସପ୍ରତ ଧାତୁ ନିର୍ଗମ, ଅନଭ୍ୟାସରେ ବା ଅଳ୍ପ ଉତ୍ତେଜନାରେ ଶୁକ୍ରସ୍ଖଳନ, ସମ୍ପୂର୍ଣ୍ଣ ବା ଆଂଶିକ ପୁରୁଷତ୍ୱହୀନ, ପ୍ରସ୍ରାବରେ ଯନ୍ତ୍ରଣା, ଲୁଗାରେ ଦାଗଲଗା,

ସ୍ୱପ୍ନଦୋଷ, ଶୁକ୍ରରେ ସନ୍ତାନୋତ୍ପାଦିକା ଶକ୍ତିର ଅଭାବ, ମଳ ବା ମୂତ୍ରତ୍ୟାଗ ସମୟରେ ପ୍ରକାଶ୍ୟରେ ବା ଅଲକ୍ଷରେ ଶୁକ୍ରକ୍ଷରଣ, ମୂତ୍ରକୃଚ୍ଛ୍ରତା, ମୁହୁର୍ମୁହୁଃ ପ୍ରସ୍ରାବ, ଜନନେନ୍ଦ୍ରିୟର ଦୁର୍ବଳତା, ସ୍ମରଣଶକ୍ତିର ଲୋପ, ମସ୍ତିଷ୍କ କ୍ଲାନ୍ତ, ଦୃଷ୍ଟିଶକ୍ତିର କ୍ଷୀଣତା, ଶିରୋଘୂର୍ଣ୍ଣନ, କୋଷ୍ଠକାଠିନ୍ୟ, ଶରୀର ଓ ମନର ଅବସାଦ, ଖିଟଖିଟା ସ୍ୱଭାବ, ଯୌବନୋଚିତ ସାମର୍ଥ୍ୟର ଅଭାବ, କର୍ତ୍ତବ୍ୟପ୍ରିୟତା, ହୃତ୍ପିଣ୍ଡର କମ୍ପନାଦି ଯୁକ୍ତ ପତନ, ଅଧ୍ୟୟନରେ ବା ସାଂସାରିକ କାର୍ଯ୍ୟରେ ଅନାସ୍ଥା ଓ ସାମର୍ଥ୍ୟହୀନତା, ଅକାରଣରେ ଉଦ୍ବେଗ, ଶୋଣିତର ଦୁଷ୍ଟତା, ପାରଦ ଓ ଉପଦଂଶାଦିଜନିତ ଶୋଣିତ-ବିକୃତ, ବାତରକ୍ତ, ଆମବାତ, ଗଣ୍ଡମାଳା, ବାଗି, ଉପଦଂଶର ଘା, ନାକ ଓ ମୁଖର ଭିତରେ ଘା, ଚାଲି ଘା, ଫୋଟକା ଦେବା, ଆଣ୍ଠୁ କୁଣ୍ଡିଆ, ଭଗନ୍ଦର, କୁଷ୍ଠ ପ୍ରଭୃତି ନାନାପ୍ରକାରର ଚର୍ମରୋଗ, ଶୁକ୍ର ବା ଶୋଣିତ ବିକାରଜ ଘଟିତ ସର୍ବପ୍ରକାର ଦୁର୍ଦ୍ଦମନୀୟ ବାତ, କଟି, ପିଠି, ଗଣ୍ଠି, ହସ୍ତ, ପଦ ଓ ସନ୍ଧିସ୍ଥଳର ଗୁରୁତ୍ୱ; ବେଦନା, ଧକ୍ ଧକ୍ କରିବା, ମୋଡ଼ିଦେବା, ଶରୀରର ନାନା ସ୍ଥାନରେ ବିବର୍ଣ୍ଣଚକ୍ର ବା ଉପଦଂଶାଦିର ଚିହ୍ନ, ହସ୍ତ ଓ ପଦ ତଳର ଚମଡ଼ା ଛିଡ଼ିବା, ଝାଳ ବା ଛୁଇଁଲେ ଫାଟି ଉଠିବା, ଧବଳ କୁଷ୍ଠାଦିର ପୂର୍ବଲକ୍ଷଣ, କୁଣ୍ଡାଇ ବଡ଼ ବଡ଼ ଫୁଲି ଉଠିବା, ଚକ୍ଷୁରୁ ଜଳ ପଡ଼ିବା, ଅକାଳବାର୍ଦ୍ଧକ୍ୟ, ମୁଣ୍ଡରୁ ବାଳ ଝଡ଼ିପଡ଼ିବା, କେଶର ଅକାଳପକ୍ୱତା, ଶରୀରର ସାଧାରଣ ଦୌର୍ବଲ୍ୟ ଇତ୍ୟାଦି ଶୁକ୍ର ଓ ଶୋଣିତ ସଂକ୍ରାନ୍ତ ସର୍ବପ୍ରକାର ବ୍ୟାଧି ଓ ତାହାର ସହସ୍ରାଧିକ ଜଟିଳ ଉପସର୍ଗ ସମୂଳରେ ବିନଷ୍ଟ କରି ସ୍ୱାସ୍ଥ୍ୟ ବୃଦ୍ଧି କରିବାକୁ, କୋଷ୍ଠ ପରିଷ୍କାର ରଖିବାକୁ ଏବଂ ଦୁର୍ବଳ ଓ ଜରାଜୀର୍ଣ୍ଣ ଦେହ ସବଳ ଓ କାର୍ଯ୍ୟକ୍ଷମ କରିବାକୁ ଏହା ଅତୁଳନୀୟ; ସେଥିପାଇଁ—

ଡାକ୍ତର କେନେଡ଼ିଙ୍କର ଇଲେକ୍‌ଟ୍ରୋ-ସାଲସା

ଅଜି ଭାରତର ସର୍ବତ୍ର ସମାଦୃତ ଓ ପରିବ୍ୟାପ୍ତ । ପ୍ରକୃତ ଗୁଣ ଅଛି ବୋଲି ଏହାର ନକଲ ଏତେ ଅଧିକ—ବିଜ୍ଞାପନବାହୁଲ୍ୟ ଦେଖିକରି ଅଜି ବହୁ ନକଲର ସୃଷ୍ଟି ! କ୍ରେତାଗଣ ସାବଧାନ !!

"ଇଲେକ୍‌ଟ୍ରୋ-ସାଲସା"—ସକଳ ଦେଶର ସକଳ ଋତୁରେ ଉଲ୍ଲିଖିତ ରୋଗସମୂହର ସକଳ ଅବସ୍ଥାରେ ଅବାଳ-ବୃଦ୍ଧବନିତା, ରୋଗୀ, ଅରୋଗୀ ସମସ୍ତେ ନିର୍ବିଘ୍ନରେ ସେବନ କରି ପାରନ୍ତି ।

ଇଲେକ୍‌ଟ୍ରୋ-ସାଲସାର ମୂଲ୍ୟାଦି,—ସର୍ବପ୍ରକାର ଭାଷାରେ ବ୍ୟବସ୍ଥାପତ୍ରସମ୍ବଳିତ ୮ ଦିନ ସେବନୋପଯୋଗୀ ପ୍ରତ୍ୟେକ ଶିଶିର ମୂଲ୍ୟ ଟ ୨୲, ୩ ଶିଶି ମୂଲ୍ୟ ଟ ୬, ୬ ଶିଶି ଟ ୧୦, ଡଜନ ଟ ୨୦, ପ୍ୟାକିଂ ଓ ଡାକମାସୁଲ ଇତ୍ୟାଦି ଯଥାକ୍ରମେ ଟ ୦ ୵, ଟ ୦ ୵୰, ଟ ୧, ଟ ୧୵ ।

ଅସଂଖ୍ୟ, ଅଯାଚିତ ପ୍ରଶଂସାପତ୍ର ଏହାର ଅବ୍ୟର୍ଥତା, ଅଲୌକିକତା ଓ ଅକୃତ୍ରିମତାର ଜ୍ୱଳନ୍ତ ପ୍ରମାଣ, ଜ୍ୱଳନ୍ତ ସାକ୍ଷ ଦେଉଅଛି ।

୧ । ପାଟଣାର ମହାରାଜା ଦଳଗଞ୍ଜନ ସିଂହ ମହୋଦୟ ଲେଖିଅଛନ୍ତି:—

"ମହାଶୟଗଣ ! ମୋହର ପରିବାରସ୍ଥ ଏକ ବ୍ୟକ୍ତିର ଅତି କଠିନ ପୀଡ଼ାରେ ଡାକ୍ତର କେନେଡ଼ିଙ୍କର ଇଲେକ୍‌ଟ୍ରୋ ସାଲସାର ଆଶ୍ଚର୍ଯ୍ୟଜନକ ଶୁଭଫଳ ଦର୍ଶନ କରି ମୁଁ ଡାକ୍ତର ସାହେବଙ୍କର ଔଷଧର ଗୁଣପ୍ରତି ଏତେ ପକ୍ଷପାତ ହୋଇଅଛି ଯେ, ଆପଣମାନଙ୍କର ପ୍ରସିଦ୍ଧ ମହୌଷଧି ରୋଗକ୍ଳିଷ୍ଟ ମାନବମଣ୍ଡଳୀର ମହୋପକାରୀ ଏ କଥା କହିବାକୁ ମୁଁ ଅଣୁମାତ୍ର ଦ୍ୱିଧା ବୋଧ କରୁ ନାହିଁ । ଆପଣମାନଙ୍କର ମହୌଷଧର ଗୁଣର ନିଦର୍ଶନସ୍ୱରୂପ ମୁଁ ଆପଣମାନଙ୍କୁ ଗୋଟିଏ ସ୍ୱର୍ଣ୍ଣପଦକ ଉପହାର ପ୍ରଦାନ କଲି । ଏହି ସାମାନ୍ୟ ଉପହାର ଆପଣମାନଙ୍କର ଅତୁଳନୀୟ ଓ ଅମୂଲ୍ୟ ଇଲେକ୍‌ଟ୍ରୋ-ସାଲସାର ଗୁଣର ତୁଳନାରେ ଯେତେ ଅକିଞ୍ଚିତ୍କର ହେଲେହେଁ ଏହା ମୋହର ହୃଦୟର କୃତଜ୍ଞତାର ନିଦର୍ଶନ ବୋଲି ଗ୍ରହଣ କଲେ କୃତାର୍ଥ ହେବି । ତା ୧୬।୧୦।୧୯୦୭"

୨ । ମହାମାନ୍ୟ ମହାରାଜା ସାର ସୁଢ଼ଳ ଦେଓ ବାମଣ୍ଡାରୁ ଲେଖିଅଛନ୍ତି :—
“* * * ମୁଁ ନିଃସନ୍ଦେହରୂପେ କହିପାରେଁ ଯେ “ଇଲେକ୍‌ଟ୍ରୋ-ସାଲସା” ଦୂଷିତରକ୍ତ ପରିଷ୍କାର କରିବା ଓ ରକ୍ତଦୁଷ୍ଟିହେତୁ ବିବିଧ ରୋଗ ଆରୋଗ୍ୟ କରିବାପକ୍ଷରେ ସର୍ବୋତ୍କୃଷ୍ଟ ।”

୩ । ମହାମାନ୍ୟ ମହାରାଜା ଗଉରଚନ୍ଦ୍ର ଦେଓ ରେଢ଼ାଖୋଲରୁ ଲେଖିଅଛନ୍ତି—
“* * * ବିଜ୍ଞାପନର ମୋହରେ ପଡ଼ି “ଭ୍ୟାକକ୍ରିନ” ଔଷଧ ମଗାଇଲି; ଉପକାର କେବା ଦୂରେ ଥାଉ ଅପକାର କଲା, ସେଥିରେ ପାରା ଅଛି ବୋଲି ଜଣା ପଡ଼ିଲା । କିନ୍ତୁ ଆପଣମାନଙ୍କର ଇଲେକ୍‌ଟ୍ରୋ-ସାଲସାର ଗୁଣ ମୁଁ ବୁଝି ପାରିବି ନାହିଁ । ମୋତେ ଆହୁରି ୩ ଡଜନ ପଠାଇଦେବେ ।”

୪ । ମହାମାନ୍ୟ ମହାରାଜା ହରିହର ମର୍ଦ୍ଦରାଜ ଦେଓ ଖଲ୍ଲିକୋଟରୁ ଲେଖିଅଛନ୍ତି—
“ରକ୍ତ ପରିଷ୍କାର କରି ବଳବୀର୍ଯ୍ୟ ବୃଦ୍ଧି କରିବାକୁ ଇଲେକ୍‌ଟ୍ରୋ-ସାଲସାର କ୍ଷମତା ଅସୀମ ଅଟେ ।”

୫ । ଗୋୟାଲିୟର ପ୍ରଦେଶାଧିପତି ମହାରାଜାଧିରାଜ ଇଦୁନାଥ ରାଓ ଦନକର ମୁସିର—ଅଲ-ଖାସ ବାହାଦୁର ଲେଖିଅଛନ୍ତି :—ଅନତିବିଳମ୍ବେ ଆହୁରି ୩ ଶିଶି ଔଷଧ ଆମ୍ଭ ନିକଟକୁ ପଠାଇ ଦିଅନ୍ତୁ । ୨୫ ତାରିଖ ଜୁଲାଇ, ୧୯୦୩ ।

୬ । ଡାକ୍ତର ଜ. ଓୟାହାର (କର୍ଣ୍ଣେଲ) ଆଇ. ଏମ୍. ଏସ୍. ପ୍ରୋଫେସର ମେଡିକଲ କଲେଜ, ମାନ୍ଦ୍ରାଜଠାରୁ ଲେଖିଅଛନ୍ତି :—“ପାରା ଓ ଉପଦଂଶାଦିଜନିତ ରକ୍ତଦୁଷ୍ଟି ରୋଗରେ ଆପଣମାନଙ୍କର ଇଲେକ୍‌ଟ୍ରୋ-ସାଲସାର କ୍ରିୟା ଦେଖି ଅସୀମ ଆନନ୍ଦ ଭୋଗ କରୁଅଛି । ୧୩ ଜାନୁୟାରି, ୧୯୦୨ ।”

୭ । କଲିକତା ମେଡିକାଲ ବୋର୍ଡର ପ୍ରେସିଡେଣ୍ଟ ରାୟବାହାଦୁର ସୂର୍ଯ୍ୟକୁମାର ସର୍ବାଧିକାରୀ ଜ. ଏମ୍. ଡି. ବି. ମହୋଦୟ ଲେଖିଅଛନ୍ତି :—“ରକ୍ତଦୁଷ୍ଟିଜାତ ଅନେକ ରୋଗୀଙ୍କୁ ଆପଣମାନଙ୍କର ଇଲେକ୍‌ଟ୍ରୋ-ସାଲସା ବ୍ୟବହାର କରାଇ ସନ୍ତୋଷଜନକ ଫଳ ପ୍ରାପ୍ତ ହୋଇଅଛି ।”

ଡାକ୍ତର ମେଜର ସାହେବଙ୍କର

ହେୟାର ଲାଇନ

କେଶର ପରିପୋଷଣ, ପରିବର୍ଦ୍ଧନ ଓ ଶୋଭାସମ୍ପାଦନକାରୀ ସୁଗନ୍ଧୀ କେଶତୈଳ ।



କେତୋଟି ଭୈଷଜଗୁଣାନ୍ୱିତ ମଧ୍ୟ ପ୍ରସ୍ଫୁଟିତ, ସୁଗନ୍ଧଯୁକ୍ତ, ଅନାଘ୍ରାତ, ପୁଷ୍ପର ସାର, ବୈଜ୍ଞାନିକ ପ୍ରଣାଳୀରେ ଏକତ୍ରିତ କରି ବିଶୁଦ୍ଧ କେଶପୋଷକ ତୈଳର ସଂଯୋଗରେ ଏହି କେଶ ତୈଳ ପ୍ରସ୍ତୁତ ହୋଇଅଛି । ଆପଣ ଏହା ଲଗାଇବାକୁ ଆରମ୍ଭ କରନ୍ତୁ, ଅପୂର୍ବ ସୌରଭରେ ଗୃହଆଜି ମହକି ପଡ଼ିବ । ମସ୍ତିଷ୍କ ସୁଶୀତଳ ହେବ । ନିକଟସ୍ଥ ଲୋକେ ମନୋହର ସୁଗନ୍ଧରେ ମୁଗ୍ଧ ହେବେ । ଆପଣଙ୍କର ମନେ ହେବ ଯେପରି ପ୍ରସ୍ଫୁଟିତ ଫୁଲ-ବଗିଚାକୁ ଆସିଅଛୁ ।

"ହେୟାର-ଲାଇନ" ଲଗାଇ କେଶ ବିନ୍ୟାସ କଲେ ୨୪ ଘଣ୍ଟା ପର୍ଯ୍ୟନ୍ତ ଗନ୍ଧ ସମ ଭାବରେ ଥାଏ । ସ୍ନାନ ପରେ ଦେହରେ ଯେତେ ପବନ ଲାଗେ, ହେୟାର-ଲାଇନର ଗନ୍ଧ ସେତେ ତାହାକୁ ଥାଏ, ଯେପରି ସୌରଭର ଭଣ୍ଡାର ଖୋଲିଦଏ । ଅତି ମୂଲ୍ୟବାନ୍ ଅତର ଓ ବିଦେଶୀୟ ମ୍ୟାକେସାର ତୈଳ ପ୍ରଭୃତି ଏହାର ସୌରଭ ଓ ଗୁଣ ନିକଟରେ ପରାସ୍ତ ।

"ହେୟାର-ଲାଇନର" ରଙ୍ଗ ଅତି ମନୋହର, ସ୍ୱଭାବତଃ ଉଜ୍ଜ୍ୱଳ ଓ ସ୍ୱଚ୍ଛ । ଏଥି ନିମନ୍ତେ କେଶରେ ଅଠା ଧରେ ନାହିଁ ।


"ହେୟାର-ଲାଇନ" କେବଳ ସୌଖୀନ ଜିନିଷ ନୁହେ, ମୁଣ୍ଡବିଥା, ମୁଣ୍ଡବୁଲା, ହିଷ୍ଟିରିଆ ପ୍ରଭୃତି ଶିରରୋଗର ମହୌଷଧ । ହସ୍ତ ପଦର ଜ୍ୱାଳା, ଗାତ୍ରଦାହ, ଛାତି ଧଡ଼ପଡ଼ହେବା, ପ୍ରାଣର ଅସ୍ଥିରଭାବ, ସ୍ନାୟବୀୟ ଦୌର୍ବଲ୍ୟ, ଦୂରପଡ଼ିବା ପ୍ରାୟ ବୋଧହେବା, ଅନିଦ୍ରା, ଚିତ୍ତ-ଚାଞ୍ଚଲ୍ୟ ପ୍ରଭୃତି ଉପସର୍ଗ ନିବାରଣରେ ଏହା ତୁଲ୍ୟ ଫଳଦାୟକ ଔଷଧ ଆଉ ନାହିଁ ।

"ହେୟାର-ଲାଇନ" ବ୍ୟବହାରଦ୍ୱାରା କେଶ ଉପୁଡ଼ିବା ବନ୍ଦ ହୁଏ, କେଶର ମୂଳ ଶକ୍ତ ହୁଏ, କେଶ ପ୍ରଚୁର ପରିମାଣରେ ବଢ଼େ ଏବଂ କଳା ଓ ଚିକ୍କଣ ହୁଏ, ମସ୍ତିଷ୍କ ଥଣ୍ଡା ରହେ । ଅନେକ ଦିନ ବ୍ୟବହାର କଲେ ଟାଙ୍କର ରୋଗ ନଷ୍ଟ ହୁଏ, ମୁଣ୍ଡର ରୂପୀ ପ୍ରଭୃତି ନଷ୍ଟ ହୁଏ; କେଶ ଘନ, କୋମଳ ଓ ସୁଦୃଶ୍ୟ ହୁଏ, ଦେହର ଦୁର୍ଗନ୍ଧ ଦୂର ହୁଏ, ଚର୍ମ କୋମଳ ଓ କାନ୍ତିଯୁକ୍ତ ହୁଏ, ମନର ସ୍ଥୈର୍ଯ୍ୟ ଧୈର୍ଯ୍ୟ ବଢ଼େ, ସ୍ମରଣଶକ୍ତି ବୃଦ୍ଧି ହୁଏ ।

ମୂଲ୍ୟ ପ୍ରତି ବଡ଼ ଶିଶି ଟ ୧୲; ୩, ୬, ୧୨ ଶିଶି କ୍ରମାନ୍ୱୟରେ ଟ ୨୲, ଟ ୫୲, ଟ ୧୦୲; ପ୍ୟାକିଂ ଓ ଡାକମାସୁଲ ସ୍ୱତନ୍ତ୍ର ।

ପ୍ରାପ୍ତିସ୍ଥାନ—ଡବ୍ଲିଉ, ମେଜର ଏଣ୍ଡ କୋଂ
ହେଡ ଅଫିସ,—୧୨ ନମ୍ବର ଓ୍ୱେଲିଂଟନ ଷ୍ଟ୍ରିଟ, କଲିକତା ।

ଉତ୍କଳ ସାହିତ୍ୟ ।



ଓଡ଼ିଆ ଭାଷା ଓ ପ୍ରାଚୀନ ଓଡ଼ିଆ ସାହିତ୍ୟ ।

(ଓଡ଼ିଆ ସାହିତ୍ୟ ।)

ବିଶେଷ ଲକ୍ଷଣ—ପାଶ୍ଚାତ୍ୟ ସାହିତ୍ୟ ପାଠ [redacted]ଲେ ଦେଖାଯାଏ ଯେ ଜଣେ କବି ଯେଉଁ [redacted]ା ଅବଲମ୍ବନ କରିଅଛନ୍ତି, ଅନ୍ୟ ଜଣେ [redacted]ହାର ଅନୁସରଣ କରି ନାହାନ୍ତି । ଚସରଙ୍କ ପଦ୍ୟର ଭାବ ସ୍ପେନ୍‌ସରରେ ନାହିଁ, କିମ୍ବା ସେକ୍ସପିୟର ମିଲ୍‌ଟନର ସୌନ୍ଦର୍ଯ୍ୟ ପାରାଡାଇସ ଲଷ୍ଟରେ ଲକ୍ଷିତ ହେବ ନାହିଁ । ମାତ୍ର ଓଡ଼ିଆ କବିମାନଙ୍କର ବିଶେଷ ଲକ୍ଷଣ ଏହି ଯେ ସେମାନେ ପୂର୍ବ-ପ୍ରଦର୍ଶିତ କୌଣସି ପଥ ନ ପାଇ ଅଗ୍ରସର ହୋଇ ନାହାନ୍ତି । କେବଳ ଓଡ଼ିଆ କବିମାନଙ୍କ ସମ୍ବନ୍ଧରେ ନୁହେଁ, ଅଧୁନାତନ ଭାରତୀୟ ସମସ୍ତ ଭାଷାର ପୁରୁଣା କବିମାନଙ୍କ ସମ୍ବନ୍ଧରେ ଏହି ମନ୍ତବ୍ୟ ପ୍ରଯୋଜ୍ୟ । ଦ୍ୱିତୀୟ ବିଶେଷ ଲକ୍ଷଣ ଏହି ଯେ ସମସ୍ତ ପୁରାତନ କବିତା ପ୍ରାୟ ଧର୍ମଭାବରେ ଅନୁପ୍ରାଣିତ । ଧର୍ମଭାବ ବ୍ୟତୀତ ଅନ୍ୟ ଭାବଯୁକ୍ତ ରଚନା ଅତ୍ୟଳ୍ପ ଦୃଷ୍ଟି-ଗୋଚର ହୁଏ । ତୃତୀୟତଃ ସମସ୍ତ ପୁରାତନ କବିତା ସଂସ୍କୃତାଦର୍ଶରେ ଲିଖିତ । ସଂସ୍କୃତ ଅଳଙ୍କାରଗ୍ରନ୍ଥର ନିୟମ ଲଙ୍ଘନ କରି କେହି ଅନ୍ୟ ପଥରେ ଗମନ କରି ନାହାନ୍ତି । ଚତୁର୍ଥତଃ ଯେଉଁ ସମୟରେ ଯେଉଁ କବି ଜନ୍ମଗ୍ରହଣ କରିଅଛନ୍ତି, ସେ ସେହି ସମୟର ଲୋକମାନଙ୍କର ଗୂଢ଼ ଗୂଢ଼ ଭାବ ନିଜ କବିତାରେ ସମ୍ୟକ୍‌ରୂପେ ଅଭିବ୍ୟକ୍ତ କରି ନାହାନ୍ତି; ଅତଏବ ସାହିତ୍ୟ ପାଠଦ୍ୱାରା ଦେଶର ତଦାନୀନ୍ତନ ଅବସ୍ଥା ଜାଣିବା ବିଷୟରେ ଅତ୍ୟଳ୍ପ ସାହାଯ୍ୟ ମିଳୁଅଛି । ସ୍ଥୂଳରେ କହିବାକୁ ଗଲେ ଅନୁକରଣପ୍ରିୟତା ଓଡ଼ିଆ କବିମାନଙ୍କର ଗୋଟିଏ ପ୍ରଧାନ ଧର୍ମ । ଏହାର କାରଣ ଏହି ଯେ ଅଧୁନାତନ ଭାରତୀୟ ଭାଷାଗୁଡ଼ିକ ସଂସ୍କୃତରେ ଯାହା ଥିଲା ତାହାକୁ ଅନୁକରଣ କରିବା ଲାଗି ଚେଷ୍ଟା କରିଅଛନ୍ତି ଏବଂ ସେହି ଚେଷ୍ଟାରେ ବହୁକାଳ ଅତିବାହିତ ହୋଇ ଯାଇଅଛି । କେତେଗୁଡ଼ିଏ ବ୍ରତକଥା ଏବଂ ଭକ୍ତ ଦୀନକୃଷ୍ଣ ଦାସଙ୍କର "ଉଜ୍ଜ୍ୱଳ ନୀଳମଣି ଟୀକା" ଛାଡ଼ି ଦେଲେ ଓଡ଼ିଆରେ ପ୍ରାଚୀନ ଗଦ୍ୟ ଗ୍ରନ୍ଥ ନାହିଁ ।

ଓଡ଼ିଆ ସାହିତ୍ୟର ବିଭାଗ—ପ୍ରାଚୀନ ଓଡ଼ିଆ ସାହିତ୍ୟକୁ ସ୍ଥୂଳତଃ ତିନି ଶ୍ରେଣୀରେ ବିଭକ୍ତ କରାଯାଇପାରେ ।—୧ ପୁରାଣ, ୨ କାବ୍ୟ ଓ ୩ ବିବିଧ । ସମୟାନୁସାରେ ବିଭାଗ କଲେ ଏହାକୁ ଜଗନ୍ନାଥ ଦାସଙ୍କ ପୂର୍ବବର୍ତ୍ତୀ ଏବଂ ସମକାଳୀନଯୁଗର ସାହିତ୍ୟ ଏବଂ ଜଗନ୍ନାଥ ଦାସଙ୍କ ପରବର୍ତ୍ତୀଯୁଗର ସାହିତ୍ୟ, ଏହିପରି ଦୁଇ ଭାଗରେ ବିଭକ୍ତ କରିବା ସୁବିଧା-ଜନକ । ଅତି ଅଳ୍ପ ସଂଖ୍ୟକ ପୁସ୍ତକ ଛାଡ଼ି ସମସ୍ତ ପ୍ରାଚୀନ ଓଡ଼ିଆ ସାହିତ୍ୟକୁ "ବୈଷ୍ଣବସାହିତ୍ୟ" ବୋଲଯାଇ ପାରେ । ଭାରତର ସମସ୍ତ ପ୍ରଦେଶରେ ବୈଷ୍ଣବ ଧର୍ମ ଅଧୁନାତନ ଭାରତୀୟ ଭାଷାମାନଙ୍କୁ ପରିପୁଷ୍ଟ କରିଅଛି । ବୈଷ୍ଣବ ଧର୍ମର ଆବିର୍ଭାବପୂର୍ବେ ନୀଚ ଜାତୀୟ ଲୋକମାନଙ୍କର ଧର୍ମରେ ଅଧିକାର ନ ଥିଲା, ସେହି କାରଣରୁ ବୌଦ୍ଧଧର୍ମ ଏକସମୟରେ ଭାରତବର୍ଷରେ ପୂର୍ଣ୍ଣାଧିକାର ସ୍ଥାପନ କରିଥିଲା । ବୈଷ୍ଣବ ଧର୍ମର ଆବିର୍ଭାବ ସଙ୍ଗେ ସଙ୍ଗେ ବୌଦ୍ଧ ଧର୍ମ ବିଲୁପ୍ତ ହେଲା, ମାତ୍ର ନିମ୍ନଶ୍ରେଣୀସ୍ଥ ଲୋକମାନେ ଯେ ଧର୍ମର ଅଧିକାରଭାଗୀ ନୁହନ୍ତି ଏହି ଭାବ ବହୁପରିମାଣରେ ଉପେକ୍ଷିତ ହୋଇଥିଲା । ଏମାନେ ସଂସ୍କୃତାନଭିଜ୍ଞ, ସୁତରାଂ ଏମାନଙ୍କୁ ସଂସ୍କୃତ

ଶିକ୍ଷା ଦେଇ କ୍ଷମା କରନ୍ତିବା ଏବଂ ଅସମ୍ଭବ ଜାଣି ବୈଷ୍ଣବ ଧର୍ମପ୍ରଚାରକମାନେ ପ୍ରାକୃତ ଭାଷାରେ ଶିକ୍ଷା ଦେବାଲାଗି ପ୍ରଥମରୁ ଯତ୍ନ କରି-ଥିଲେ । ଶଙ୍କରାଚାର୍ଯ୍ୟଙ୍କ ସମୟଠାରୁ ଅଦ୍ୱୈତ ବୈଷ୍ଣବ ମତ କ୍ରମଶଃ ପ୍ରବର୍ତ୍ତିତ ହୋଇଥିଲେହେଁ ରାମାନୁଜଙ୍କ ସମୟ ପର୍ଯ୍ୟନ୍ତ ତାହା ବିକଶିତ ହୋଇ ନ ଥିଲା । ରାମାନୁଜ ୧୧୧୭ ଠାରୁ ୧୧୩୭ ଖ୍ରୀଷ୍ଟାବ୍ଦ ମଧ୍ୟରେ ଧର୍ମ ପ୍ରଚାର କରିଥିଲେ; ସେହି ଦିନ-ଠାରୁ ଶ୍ରୀ ଚୈତନ୍ୟଙ୍କ ପର୍ଯ୍ୟନ୍ତ ଅନେକଗୁଡ଼ିଏ ବୈଷ୍ଣବ ଧର୍ମପ୍ରଚାରକ ଜନ୍ମଗ୍ରହଣ କରିଥିଲେ । ଏହି ସମୟର ସାହିତ୍ୟକୁ ଭକ୍ତି-ଯୁଗର ସାହିତ୍ୟ ବୋଲାଯାଇ ପାରେ । ଚୈତନ୍ୟ ଦେବଙ୍କ ପ୍ରେମ-ଦ୍ୱାରା ବୈଷ୍ଣବ ଧର୍ମରେ ପ୍ରେମର ସଞ୍ଚାର ହେଲା । ସେ ଏବଂ ତାହାଙ୍କର ଶିଷ୍ୟାନୁଶିଷ୍ୟମାନଙ୍କଦ୍ୱାରା ଭାରତ ପ୍ରେମରେ ଅନୁପ୍ରାଣିତ ହୋଇଥିଲା । ସେହି ସମୟର ସାହିତ୍ୟ ପ୍ରେମ ଉପରେ ଅଧିଷ୍ଠିତ, ସୁତରାଂ ତାହାକୁ ପ୍ରେମ-ଯୁଗର ସାହିତ୍ୟ ବୋଲି-ଯାଇପାରେ । ଏଥିରୁ ପ୍ରତିପନ୍ନ ହେବ ଯେ ଜଗନ୍ନାଥ ଦାସଙ୍କ ସମକାଳୀନ ଏବଂ ପୂର୍ବବର୍ତ୍ତୀ ସାହିତ୍ୟ ଭକ୍ତି-ଯୁଗ ସାହିତ୍ୟର ଅନ୍ତର୍ଗତ ଏବଂ ତତ୍ପରବର୍ତ୍ତୀ ସାହିତ୍ୟ ପ୍ରେମ-ଯୁଗ ସାହିତ୍ୟର ଅନ୍ତର୍ଭୁକ୍ତ ଅଟେ ।

ଓଡ଼ିଆରେ ଅଦ୍ୟପର୍ଯ୍ୟନ୍ତ ପୁରାତତ୍ତ୍ୱ-ଅନୁସନ୍ଧିତ୍ସୁ ଲୋକ ଅତି ବିରଳ ଲକ୍ଷିତ ହୁଅନ୍ତି, ସୁତରାଂ ଅତି ପୁରାତନ ଓଡ଼ିଆ ଗ୍ରନ୍ଥମାନଙ୍କର ଉଦ୍ଧାର ଅଦ୍ୟାପି ହୋଇ ନାହିଁ । ଯେ କେତେଗୁଡ଼ିକର ନାମ ଜଣା ଅଛି ସେଗୁଡ଼ିକ ମଧ୍ୟରୁ ଅନେକ ମୁଦ୍ରାଙ୍କିତ ହୋଇ ନାହିଁ । ସୁତରାଂ ଉତ୍କଳର ଅତି ପୁରାତନ କବି କେ, ତାହା ନିର୍ଦ୍ଧାରଣ କରିବା କଠିନ । ପାଶ୍ଚାତ୍ୟ ପୁରାତତ୍ତ୍ୱବିଦ୍ ହଣ୍ଟର ଓ ବୀମସ୍ ପ୍ରଭୃତି ମହାତ୍ମାମାନେ ଯେଉଁ ଗ୍ରନ୍ଥମାନଙ୍କର ନାମୋଲ୍ଲେଖ କରିଅଛନ୍ତି ଏବଂ ଚେଷ୍ଟା କରିବାଦ୍ୱାରା ଯେଉଁ ଗ୍ରନ୍ଥଗୁଡ଼ିକର ନାମ ଜଣା ଯାଉଅଛି କ୍ରମରେ ସେଗୁଡ଼ିକର ନାମୋଲ୍ଲେଖ କରାଗଲା । କବିମାନଙ୍କ ସମ୍ବନ୍ଧରେ ଅଦ୍ୟାବଧି ବିଶେଷ ବିବରଣ କିଛି ଜଣାଯାଇ ନାହିଁ । ଯାହା କିଛି ଜଣା ଯାଉଅଛି ତନ୍ମଧ୍ୟରୁ ଅତି ସ୍ଥୂଳ ବିବରଣମାତ୍ର ଏଥିରେ ସନ୍ନିବେଶିତ ହେବ ।

ଭକ୍ତି-ଯୁଗର ସାହିତ୍ୟ ।

ମାର୍କଣ୍ଡ ଦାସ ଓଡ଼ିଶାର ପ୍ରଥମ କବି ବୋଲି ଅନେକେ ଅନୁମାନ କରନ୍ତି, ମାତ୍ର ତାହାଙ୍କ କବିତା ପାଠ କଲେ ସେ ଅତି ପୁରାତନ ବୋଲି ବୋଧ ହୁଏ ନାହିଁ । ତାହାଙ୍କ ଭାଷା ଅଧୁନାତନ ଓଡ଼ିଆ ଭାଷା ସଦୃଶ, କବିତ୍ୱ ଯତ୍ସାମାନ୍ୟ । ପ୍ରାୟ ୬୫୦ ବର୍ଷ ପୂର୍ବେ ଏହି ମହାତ୍ମା ଜନ୍ମ ଗ୍ରହଣ କରିଥିଲେ । ତାହାଙ୍କ ଲିଖିତ "କେଶବ କୋଇଲି" ଓ "କ୍ଷୀରୋଦପୁ କୋଇଲି" ବର୍ତ୍ତମାନ ପର୍ଯ୍ୟନ୍ତ ବିଦ୍ୟମାନ ଅଛି । "କେଶବ କୋଇଲି" ଅତି ସରଳ ଏବଂ ତାହାକୁ ଓଡ଼ିଆ ପିଲାମାନେ ଅକ୍ଷର-ପରିଚୟ ହେବା ମାତ୍ରକେ ପାଠ କରନ୍ତି । ତାହାର ଯେଉଁ ଅଂଶଗୁଡ଼ିକର ଭାଷା ଅଧୁନାତନ କବିମାନଙ୍କ ମୁଖରୁ ଶୁଣା ଯାଏ ନାହିଁ, ଅତି ପୁରାତନ ବୋଲି ବୋଧ ହେଉଅଛି, ସେଗୁଡ଼ିକ ନିମ୍ନରେ ଉଦ୍ଧୃତ କରା ଗଲା । ଯେଉଁ ଶବ୍ଦମାନଙ୍କ ବ୍ୟବହାର ଅଧୁନାତନ ଓଡ଼ିଆ ଭାଷାରେ ଅପ୍ରଚଳିତ ଅଥବା ଯେଉଁ ଶବ୍ଦଗୁଡ଼ିକ ପୂର୍ବେ ଯେ ରୀତିରେ ଯେ ଅର୍ଥରେ ବ୍ୟବହୃତ ହେଉଥିଲା ଅଧୁନା ସେ ରୀତିରେ ଏବଂ ସେ ଅର୍ଥରେ ବ୍ୟବହୃତ ହେଉ ନାହିଁ ସେଗୁଡ଼ିକ ରେଖାରୂଢ଼ କରା ଗଲା ।

"ନନ୍ଦର ଟେକିଅ ତୋକୁ ରହୁଥାନ୍ତୁ ନନ୍ଦ" ।

"ଠଣ ଯେ ସୁନ୍ଦର କେନ୍ଦ ଚୋଏ" ।

"ଠାକ ଭଣ୍ଡି ଗଲେ କୃଷ୍ଣ ନଇଲେ ବେଢ଼ାଏ" ।

"ଝଗଡ଼ା ସାରଣି କୃଷ୍ଣ ମଥୁରା ରହିଲା" ।

"ଡାଲରେହି ଶୁଆ ପ୍ରାଏ ଭାସୁଥାନ୍ତି ହରି" ।

"ଅନେକ ହିଂସିଲା ରାଏ ଚଂପ" ।

"ଧର୍ମଥିଲା ପୁତ୍ରଶୋଷ ହୋଇଲା ତାହାର" ।

"ଫଳବାରି ଫଳ ଗଲା ବାସୁଦେବପୁର" ।

ବତ୍ସର ଶାସ୍ତ୍ରୀଙ୍କ ମତରେ ନାରାୟଣ ପୁରୋହିତ ନାମକ ଜଣେ କବି ମାର୍କଣ୍ଡ ଦାସଙ୍କ ପ୍ରାୟ ଏକଶତ ବର୍ଷ ପୂର୍ବରେ ଜନ୍ମିଥିଲେ ଏବଂ "ବୃତ୍ତରତ୍ନାକର" ନାମକ ଖଣ୍ଡିଏ ଗ୍ରନ୍ଥ ଲେଖିଥିଲେ । ସେ ଓଡ଼ିଆ ଛନ୍ଦମାନଙ୍କର ସ୍ରଷ୍ଟା ବୋଲି ଅନୁମାନ କରାଯାଏ । "ବୃତ୍ତରତ୍ନାକର" ଓଡ଼ିଆ ଛନ୍ଦବନ୍ଧରେ ଲିଖିତ, ମାତ୍ର ଦୁଃଖର ବିଷୟ ଏହି ଯେ ଏହି ଗ୍ରନ୍ଥ ଅଦ୍ୟପର୍ଯ୍ୟନ୍ତ ମିଳି ନାହିଁ । ଏହି ଗ୍ରନ୍ଥ ଖଣ୍ଡିକ ମିଳିଲେ ପ୍ରାଚୀନ ଓଡ଼ିଆ ଛନ୍ଦର ଗତି ସମ୍ବନ୍ଧରେ ଅନେକ ବିଷୟ ଜଣା ପଡ଼ନ୍ତା ।

୧ ପୁରାଣ

ଓଡ଼ିଆ ଭାଷାରେ 'ଅଧ୍ୟାତ୍ମରାମାୟଣ' ଅତି ପୁରାତନ । ହଳଧର ଦାସ ନାମକ ଜଣେ କବି ଏହି ଗ୍ରନ୍ଥର ପ୍ରଣେତା । ପ୍ରାୟ ପାଞ୍ଚଶହ ବର୍ଷ ପୂର୍ବେ ଏହି ମହାତ୍ମା ଜନ୍ମଗ୍ରହଣ କରିଥିଲେ । ଏହାଙ୍କ ଗୃହ ଯାଜପୁରରେ ଥିଲା । "ହଳଧର ଭାରତୀ" ନାମକ ଖଣ୍ଡେ ସଂସ୍କୃତ ଗ୍ରନ୍ଥ ଏହାଙ୍କ ପ୍ରଣୀତ ।

ନୀଳାମ୍ବର ଦାସ ନାମକ ଅନ୍ୟ ଜଣେ କବି "ଜୈମିନି ଭାରତ" ଓ "ପଦ୍ମପୁରାଣ" ଏହି ଦୁଇ ଗ୍ରନ୍ଥକୁ ଓଡ଼ିଆରେ ଅନୁବାଦ କରିଅଛନ୍ତି । ପ୍ରାୟ ୪୫୦ ବର୍ଷ ପୂର୍ବେ ଏହି ମହାତ୍ମା ଜନ୍ମଗ୍ରହଣ କରିଥିଲେ । ଜୈମିନି ଭାରତର କେତେକ ଅଂଶ ମୁଁ ଖଣ୍ଡେ ଛିଣ୍ଡା ପୋଥିରୁ ପାଠ କରିଥିଲି; ତହିଁରୁ ବୋଧହୁଏ ଲେଖକ ଜଣେ ଶିବଭକ୍ତ ଥିଲେ । ଭାଷା ଅତି ସରଳ ଏବଂ ପାଠ କଲେ ଆଧୁନିକ ଭାଷା ପରି ଜଣାଯାଏ । ତହିଁରେ ଓଡ଼ିଶା ରାଜା କପିଳେଶ୍ୱର ଦେବଙ୍କ ପ୍ରଶଂସା ବାକ୍ୟ ଥିବାରୁ ବୋଧ ହୁଏ କବି କପିଳେନ୍ଦ୍ର ଦେବଙ୍କ ସମୟରେ ଜନ୍ମଗ୍ରହଣ କରିଥିଲେ ।

ଶୂଦ୍ର ମୁନି ସାରଳାଦାସ ନୀଳାମ୍ବର ଦାସଙ୍କ ସମକାଳୀନ ବା ପରବର୍ତ୍ତୀ ଥିଲା ପରି ବୋଧ ହୁଏ । ତାହାଙ୍କ ନୀଳାଚଳ ବର୍ଣ୍ଣନାରେ [illegible] ମହାରାଜାଙ୍କ ନାମୋଲ୍ଲେଖ ଥିବାରୁ ବୋଧ ହେଉଅଛି ଯେ ସେ ଉକ୍ତ ମହାରାଜାଙ୍କ ସମକାଳୀନ ହେବେ । ମାତ୍ର ଏଥିର ଅନ୍ୟ କୌଣସି ବିଶେଷ ପ୍ରମାଣ ନାହିଁ । କଟକ ଜିଲ୍ଲା ଅନ୍ତର୍ଗତ ଝଙ୍କଡ଼ ପରଗଣାର କେନ୍ଦୁପଦା ନାମକ ଗ୍ରାମରେ ସାରଳାଦାସ ଜନ୍ମଗ୍ରହଣ କରିଥିଲେ । ତାହାଙ୍କ ବଂଶଧରମାନେ ଅଦ୍ୟାବଧି ଚାଷୀ ବୋଲି ପରିଚୟ ଦିଅନ୍ତି । ମାତ୍ର ସେମାନେ ପ୍ରକୃତରେ ଖଣ୍ଡାୟତ । ସେମାନଙ୍କ ସଂଜ୍ଞା 'ପରିଜା' ଅଟେ । ସେ ସମ୍ପୂର୍ଣ୍ଣ ମହାଭାରତର ବିବରଣ ଓଡ଼ିଆ ଭାଷାରେ ବର୍ଣ୍ଣନା କରି ଯାଇଅଛନ୍ତି, ମାତ୍ର ଏହାଙ୍କ ମହାଭାରତକୁ ଅନୁବାଦ ବୋଲି କହିବା ଉଚିତ ନୁହେ । କାରଣ ମୂଳ ସଂସ୍କୃତ ଗ୍ରନ୍ଥ ସବୁଠାରେ ଅନୁସୃତ ହୋଇ ନାହିଁ । କବି ସମ୍ଭବତଃ ଜ୍ୟୋତିଷ ଜାଣିଥିଲେ, ଏହା ତାହାଙ୍କ କବିତା ପାଠ କଲେ ଜଣା ପଡ଼େ । ଭାଷା ଅତି ସରଳ ଓ ସ୍ଥାନେ ସ୍ଥାନେ ଅତ୍ୟନ୍ତ ଓଜସ୍ୱିନୀ, ଛନ୍ଦରେ ଶେଷାକ୍ଷର ମିଳନ ଛଡ଼ା ଅନ୍ୟ କୌଣସି ଶୃଙ୍ଖଳା ଦେଖାଯାଏ ନାହିଁ । ଶେଷାକ୍ଷର ମିଳାଇବାକୁ ଯାଇଁ କବି "ମୁକୁ" "ତୁକୁ", "ସବୁନ୍ତୁ", "ବୈକ୍ଷଣୀ" ପ୍ରଭୃତି କେତେଗୁଡ଼ିଏ ଅପ୍ରଚଳିତ ଶବ୍ଦ ବ୍ୟବହାର କରିଅଛନ୍ତି । 'ଚଣ୍ଡୀପୁରାଣ' ନାମକ ଅନ୍ୟ ଖଣ୍ଡିଏ ଗ୍ରନ୍ଥ ଏହାଙ୍କର ରଚିତ ଏବଂ ଏହାର ଭାଷା ମଧ୍ୟ ମହାଭାରତର ଭାଷା ପରି ଅତ୍ୟନ୍ତ ତେଜସ୍ୱିନୀ । ଯେଉଁଠାରେ ବୀରରସର ବିଷୟ ଅଛି ସେଠାରେ କବିଙ୍କ ଲେଖନୀର ତେଜସ୍ୱିତା ଦେଖିଲେ ହୃଦୟ ନାଚି ଉଠେ । ଯେତେବେଳେ ଓଡ଼ିଶାରେ ପୂର୍ଣ୍ଣ ସ୍ୱାଧୀନତା ବିରାଜମାନ ଥିଲା, ସେତେବେଳେ ଏ ମହାତ୍ମା ଜନ୍ମିଥିଲେ ।

ଉତ୍କଳର ବୈଷ୍ଣବଧର୍ମସ୍ଥାପୟିତା ଭକ୍ତ କବି ଜଗନ୍ନାଥ ଦାସ ପୁରାଣଲେଖକମାନଙ୍କ ମଧ୍ୟରେ ସର୍ବପ୍ରଧାନ । ସେ ସମସ୍ତ ଭାଗବତ ପୁରାଣକୁ ଓଡ଼ିଆରେ ଅନୁବାଦ କରିଅଛନ୍ତି । ସେ ପୁରୀ ଜିଲ୍ଲା ଅନ୍ତର୍ଗତ କପିଳେଶ୍ୱରପୁରବାସୀ ଭଗବାନ ପୁରାଣ-

ପଣ୍ଡିତଙ୍କ ଔରସରେ ପଦ୍ମାବତୀଙ୍କ ଗର୍ଭରେ ଜନ୍ମିଥିଲେ । ପ୍ରବାଦ ଅଛି ଯେ ସେ ବାର ବର୍ଷ ବୟସ ମଧ୍ୟରେ ସମସ୍ତ ବିଦ୍ୟା ଅଧ୍ୟୟନ କରି ସାରିଥିଲେ । ବିବାହିତ ହେବାକୁ ମନା କରି ପୁରୁଷୋତ୍ତମ କ୍ଷେତ୍ରକୁ ଯାଇ ସେଠାରେ ବଟଗଣେଶଙ୍କ ନିକଟରେ ସର୍ବଦା ଭାଗବତ ଅଧ୍ୟୟନ କରୁଥାନ୍ତି । କଥିତ ଅଛି ଯେ ସେ ସ୍ୱପ୍ନରେ ଶ୍ରୀ ଜଗନ୍ନାଥଙ୍କଦ୍ୱାରା ଆଦିଷ୍ଟ ହୋଇ ଶ୍ରୀମଦ୍ଭାଗବତକୁ ଓଡ଼ିଆ ପଦ୍ୟରେ ଅନୁବାଦ କରିଥିଲେ । ତହୁଁ ପ୍ରତାପରୁଦ୍ର ଦେବ ତାହାଙ୍କ ଭାବ ତାଙ୍କଠାରୁ ଓଡ଼ିଆ ଭାଗବତ ଶୁଣି ପ୍ରୀତ ହୋଇ କହିଲେ "ତୁମ୍ଭେ ବେଦଶ୍ରୁତ ଏ କବିତା ରଚନା କରି ଆମ୍ଭ ନାମରେ ଭଣିତ କର ।" ସେ ଅସ୍ୱୀକୃତ ହେବାରୁ ରାଜା ତାହାଙ୍କୁ ନିର୍ବାସନଦଣ୍ଡ ଦେଲେ । ପ୍ରବାଦ ଅଛି, ଜଗନ୍ନାଥ ଦେବ ସ୍ୱପ୍ନରେ ରାଜାଙ୍କୁ ଆଦେଶ ଦେବାରୁ ରାଜା ତାହାଙ୍କୁ ନିର୍ବାସନମୁକ୍ତ କରିଥିଲେ । ଚୈତନ୍ୟ ଗୋସାଇଁ ଯେତେବେଳେ ପୁରୀକୁ ଆଗମନ କରିଥିଲେ ସେତେବେଳେ ସେ ଜଗନ୍ନାଥ ଦାସଙ୍କ ଭକ୍ତି, ପ୍ରେମ ଏବଂ ବିଦ୍ୟାବତ୍ତା ଦେଖି ତାହାଙ୍କଠାରେ ଅତ୍ୟନ୍ତ ପ୍ରୀତ ହୋଇଥିଲେ । ଚୈତନ୍ୟଙ୍କ ଆଗମନ ପୂର୍ବରୁ ଜଗନ୍ନାଥ ଦାସ ପୁରୀରେ ବୈଷ୍ଣବ ମତ ପ୍ରଚାର କରୁଥିଲେ ଏବଂ ସେ ଏକ ବୈଷ୍ଣବ ସମ୍ପ୍ରଦାୟ ସ୍ଥାପନ କରିଥିଲେ । ତହୁଁ ଚୈତନ୍ୟ ଦାସଙ୍କୁ କଥାପ୍ରସଙ୍ଗରେ କହିଥିଲେ ତୁମ୍ଭେ ମୋଠାରୁ "ଅତିବଡ଼" । ସେହି ଦିନଠାରୁ ଦାସଙ୍କଦ୍ୱାରା ସ୍ଥାପିତ ବୈଷ୍ଣବ ସମ୍ପ୍ରଦାୟ 'ଅତିବଡ଼' ସମ୍ପ୍ରଦାୟ ନାମରେ ଅଭିହିତ ହୋଇଅଛି । ଦାସେ ୭୦ ବର୍ଷ ବୟସରେ ମାନବଲୀଳା ସମ୍ବରଣ କରିଥିଲେ । ଅଧୁନା ଯାହାକୁ 'ଓଡ଼ିଆ ମଠ' କହନ୍ତି ତାହା ପୂର୍ବେ 'ସ୍ୱାମୀ ମଠ' ନାମରେ ଅଭିହିତ ଥିଲା ଏବଂ ଜଗନ୍ନାଥ ଦାସ ଏହି ମଠର ଅଧିକାରୀ ଥିଲେ । ସଂସ୍କୃତ ଭାଗବତ ଗ୍ରନ୍ଥ ଅତି କଠିନ, ବଡ଼ ବଡ଼ ପଣ୍ଡିତମାନେ ତାହାର ଭାବ ଗ୍ରହଣ କରି ପାରନ୍ତି ନାହିଁ, ମାତ୍ର ଦାସେ ତାହାକୁ ଏଡ଼େ ସରଳ ଭାଷାରେ ଲେଖି ଯାଇଅଛନ୍ତି ଯେ ଅଦ୍ୟାପି ତାହା ଉତ୍କଳର ଆବାଳବୃଦ୍ଧବନିତା ସମସ୍ତଙ୍କର ସମ୍ପତ୍ତି ହୋଇଅଛି । ଦାସଙ୍କ ଭାଗବତ ସମ୍ବନ୍ଧରେ କବି କୃଷ୍ଣ ଦାସ ଯାହା କହି ଯାଇଅଛନ୍ତି ତାହା ଏ ସ୍ଥଳେ ଉଦ୍ଧୃତ ହେଲା:—

"ପ୍ରଭୁ ଦୟାବନ୍ତ   ଜନମାନେ ଯେତେ
ଲଭିଲେ ସେ ଟୀକା (ସ୍ୱାମୀଟୀକା) ପଢ଼ି
ଅପଣ୍ଡିତ ଜନେ ଗୋଚର ନୋହିଲା
ନ ଫୁଟିଲା ଜ୍ଞାନକଢ଼ି ।
ଭାଗବତ ।
ପଦକୁଞ୍ଜ ପରପାଟୀ
ତାହା ନବଅକ୍ଷରରେ ବାନ୍ଧି
ଜଗନ୍ନାଥଦାସ ମୁକ୍ତେ ରଚି ।
ଏକତ୍ରିଶ ସପ୍ତ ଶତ ଏକନ୍ତ୍ରିଶ ପଦେ ପୂର୍ଣ୍ଣି
ଗ୍ରନ୍ଥ ଗୋଟି ।"

ଜଗନ୍ନାଥ ଦାସ 'ଢଢ଼ଦାସ ପୁରାଣ' ନାମକ ଅନ୍ୟ ଖଣ୍ଡେ ଗ୍ରନ୍ଥ ଲେଖି ଯାଇଅଛନ୍ତି । ତାହାଙ୍କ ଅନ୍ୟାନ୍ୟ ଗ୍ରନ୍ଥମାନଙ୍କ ନାମ ଯଥାସ୍ଥାନରେ ଦିଆଯିବ ।

୨ କାବ୍ୟ ।

କବି ରାମଚନ୍ଦ୍ର ପଟ୍ଟନାୟକ ଓଡ଼ିଆକାବ୍ୟ-ଲେଖକମାନଙ୍କ ମଧ୍ୟରେ ସର୍ବପ୍ରଥମ । ତାହାଙ୍କ ରଚିତ 'ହାରାବତୀ' ଓଡ଼ିଆ ଭାଷାର ପ୍ରଥମ କାବ୍ୟ ଗ୍ରନ୍ଥ । ଏ ମହାତ୍ମା ପ୍ରାୟ ୫୦୦ ବର୍ଷ ପୂର୍ବେ ଜନ୍ମ ଗ୍ରହଣ କରିଥିଲେ । "ହାରାବତୀ" ଅଦ୍ୟାବଧି ମୁଦ୍ରିତ ହୋଇ ନାହିଁ ।

ପଦ୍ମନାଭ ଦେବଙ୍କ କୃତ "ପ୍ରଭାବତୀ" ଏବଂ ବଳଭଦ୍ର ଭଞ୍ଜଙ୍କ କୃତ "ଭାବବତୀ" ଏହି ଦୁଇ ଖଣ୍ଡି ଓଡ଼ିଆ କାବ୍ୟ ପ୍ରାୟ ୪୦୦ ବର୍ଷ ପୂର୍ବେ ରଚିତ ହୋଇଥିଲା । ଏହି କବିଦ୍ୱୟଙ୍କ ବାସସ୍ଥାନ କେଉଁଠାରେ ଥିଲା ତାହା ଜଣା ନାହିଁ । କେହି କେହି କହନ୍ତି, ବଳଭଦ୍ର ଭଞ୍ଜ ଉପେନ୍ଦ୍ର ଭଞ୍ଜଙ୍କ ଜନୈକ ପୂର୍ବପୁରୁଷ । ଉପେନ୍ଦ୍ର ଦୁଇ

ଖଣ୍ଡି କାବ୍ୟ ପାଠ କଲେ ବୋଧହୁଏ କବିଦ୍ୱୟ ପରମବୈଷ୍ଣବ ଥିଲେ ।

୩ ବିବିଧ ।

ମାର୍କଣ୍ଡ ଦାସଙ୍କ "କେଶବ କୋଇଲି" ଓ "ଜ୍ଞାନୋଦୟ କୋଇଲି" ଏବଂ ନାରସିଂହ ପୁରୋହିତଙ୍କ "ବୃତ୍ତରତ୍ନାକର" ଏହି ଗ୍ରନ୍ଥମାନଙ୍କ ନାମ ପୂର୍ବେ ଉଲ୍ଲେଖ କରାଯାଇଅଛି । ନୀଳାମ୍ବର ଦାସଙ୍କ 'ରୁଦ୍ରସ୍ତୁତି' ଏବଂ ଜଗନ୍ନାଥ ଦାସଙ୍କ 'ପାଷଣ୍ଡଦଳନ', 'ମନଶିକ୍ଷା' 'ଧ୍ରୁବସ୍ତୁତି' 'ଗଜସ୍ତୁତି' 'ହରଣସ୍ତୁତି' ଦେବେଇ ଦାସଙ୍କ 'ଗୋପୀଭାଷା' ଏତଦ୍ଶ୍ରେଣୀୟ କବିତାମାନଙ୍କର ଅନ୍ତର୍ଗତ । ଏତଦ୍‌ବ୍ୟତୀତ ଆଉ କେତେ ପୁସ୍ତକ କବିତା ଥାଇ ପାରେ, କିନ୍ତୁ ସେମାନଙ୍କ ନାମ ଅଦ୍ୟାବଧି ଜଣା ନାହିଁ ।

ପ୍ରେମଯୁଗର ସାହିତ୍ୟ ।

ଶ୍ରୀ ଚୈତନ୍ୟ ଏବଂ ଶ୍ରୀ ଜଗନ୍ନାଥ ଦାସ ଉତ୍କଳବାସିମାନଙ୍କ ହୃଦୟରେ ଯେଉଁ ପ୍ରେମରସର ସଞ୍ଚାର କରିଥିଲେ ତଦ୍ୱାରା ଉତ୍କଳଭୂମି ଅମୃତମୟ ହୋଇଥିଲା । ଉତ୍କଳର ପ୍ରତ୍ୟେକ ଗ୍ରାମରେ ପ୍ରେମିକ ଭକ୍ତଦଳ ଦୃଷ୍ଟିଗୋଚର ହୋଇଥିଲେ, ବସ୍ତୁତଃ ବୈଷ୍ଣବପ୍ରେମର ବନ୍ୟାଦ୍ୱାରା ଉତ୍କଳଭୂମି ପ୍ଳାବିତ ହୋଇଥିଲା । ଏଠାରେ ଶ୍ରୀକୃଷ୍ଣ ଚୈତନ୍ୟଙ୍କର ସଂକ୍ଷିପ୍ତ ବିବରଣ ଦେବା ନିତାନ୍ତ ଆବଶ୍ୟକ ବୋଧ ହେଉଅଛି ।

ଶ୍ରୀ ଚୈତନ୍ୟ ଉତ୍କଳୀୟ ବ୍ରାହ୍ମଣବଂଶସମ୍ଭୂତ । ଏହାଙ୍କ ପିତା ଜଗନ୍ନାଥମିଶ୍ରଙ୍କ ପୂର୍ବପୁରୁଷମାନେ ଯାଜପୁର ନଗରରେ ବାସ କରୁଥିଲେ । କପିଳେନ୍ଦ୍ର ଦେବଙ୍କ ଅତ୍ୟାଚାରରେ ସେମାନେ ଯାଜପୁରରୁ ପଳାଇଯାଇ ଶ୍ରୀହଟ୍ଟରେ ଉପନିବେଶ ସଂସ୍ଥାପନ କରିଥିଲେ । ବଙ୍ଗୀୟ ଜୟାନନ୍ଦ କବିଙ୍କ 'ଚୈତନ୍ୟମଙ୍ଗଳ'ରୁ ଏହାର ପ୍ରମାଣ ମିଳୁଅଛି । ଚୈତନ୍ୟଙ୍କ ପିତାମହ ଶ୍ରୀହଟ୍ଟରୁ ନବଦ୍ୱୀପକୁ ଆଗମନ କରିଥିଲେ, ସେହିଠାରେ ଜଗନ୍ନାଥ ମିଶ୍ର ଜନ୍ମଗ୍ରହଣ କଲେ । ମିଶ୍ରେ ନୀଳାମ୍ବର ଚକ୍ରବର୍ତ୍ତୀଙ୍କ କନ୍ୟା ଶଚୀଦେବୀଙ୍କୁ ବିବାହ କରିଥିଲେ ଏବଂ ତାଙ୍କଠାରୁ ଆଠଗୋଟି କନ୍ୟା ଏବଂ ଦୁଇ ଗୋଟି ପୁତ୍ର ଜାତ ହୋଇଥିଲେ । ଶ୍ରୀଚୈତନ୍ୟ ତାହାଙ୍କ ଦ୍ୱିତୀୟ ପୁତ୍ର ଏବଂ ସେ ୧୪୦୭ ଶକାବ୍ଦରେ (୧୪୮୫ ଖ୍ରୀଷ୍ଟାବ୍ଦରେ) ଜନ୍ମଗ୍ରହଣ କରିଥିଲେ । ପିଲାଦିନରେ ତାଙ୍କ ନାମ 'ନିମାଇ' ଥିଲା ଏବଂ ସେ ଭାରି ଦୁଷ୍ଟ ଥିଲେ ବୋଲି ପ୍ରବାଦ ଅଛି । ଶୈଶବାବସ୍ଥାରୁ ବିଦ୍ୟାଧ୍ୟୟନ କରି ଅଳ୍ପ ବୟସରେ ଜଣେ ବଡ଼ ବୈୟାକରଣ ଓ ନୈୟାୟିକ ବୋଲି ପ୍ରତିଷ୍ଠା ଲାଭ କରିଥିଲେ । ଶୈଶବକାଳସୁଲଭ ଗର୍ବଗର୍ବିତ ନିମାଇ ପଣ୍ଡିତ ତତ୍କାଳୀନ ବିଖ୍ୟାତ ପଣ୍ଡିତମାନଙ୍କ ତର୍କ ଓ ଯୁକ୍ତିରେ ପରାସ୍ତ କରୁଥିଲେ ବୋଲି ପ୍ରବାଦ ଅଛି । ନିମାଇଙ୍କ ପ୍ରଥମ ସ୍ତ୍ରୀ ସର୍ପଦଂଶନରେ ବିନଷ୍ଟ ହୋଇ ଯିବାରୁ ସେ ମାତାଙ୍କ ଅନୁରୋଧରେ ବିଷ୍ଣୁପ୍ରିୟାନାମ୍ନୀ ଅନ୍ୟ ଗୋଟିଏ କନ୍ୟା ବିବାହ କରିଥିଲେ । ଜଗନ୍ନାଥ ମିଶ୍ରଙ୍କ ଇହଲୀଳା ସାଙ୍ଗ ହୁଅନ୍ତେ ନିମାଇ ଗୟାରେ ତାହାଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିବାକୁ ଗଲେ । ତାଙ୍କଠାରେ ଏହି କ୍ଷେତ୍ରରେ ବିଷ୍ଣୁପ୍ରେମର ଆବେଶ ଦେଖାଗଲା । ପିଣ୍ଡଦାନାନ୍ତର ନିମାଇ ମଥୁରାକୁ ଗଲେ, ସେଠାରୁ ଫେରି ଆସିବା ଉତ୍ତାରୁ ଆଉ ଗୃହକାର୍ଯ୍ୟରେ ମନ ଲାଗିଲା ନାହିଁ । ମାତା ତାଙ୍କର ଉଦ୍ବିଗ୍ନ ଚିତ୍ତକୁ ଶାନ୍ତ କରିବା ନିମନ୍ତେ ବହୁଚେଷ୍ଟା କରି ସୁଦ୍ଧା ବିଫଳମନୋରଥା ହୋଇଥିଲେ । ସେ ୨୪ ବର୍ଷ ବୟସରେ ସନ୍ନ୍ୟାସ ଧର୍ମାବଲମ୍ବନ କଲେ । କେତେଦିନ ପରେ ଜଗନ୍ନାଥ ଦର୍ଶନ ନିମନ୍ତେ ପୁରୀନଗରକୁ ଆଗମନ କଲେ । ରାଜା ପ୍ରତାପରୁଦ୍ର ସୁଦ୍ଧା ତାଙ୍କ ଗୁଣରେ ମୋହିତ ହୋଇ ତାଙ୍କପ୍ରତି ବିଶେଷ ସମ୍ମାନ ପ୍ରଦର୍ଶନ କରିଥିଲେ । ପ୍ରଥମ ଥର ପୁରୀରେ ୩ ମାସ ମାତ୍ର ରହି ଦାକ୍ଷିଣାତ୍ୟ ଭ୍ରମଣୋଦ୍ଦେଶ୍ୟରେ ବହିର୍ଗତ ହେଲେ । ଅଳ୍ପକାଳ ମଧ୍ୟରେ ଦାକ୍ଷିଣାତ୍ୟର ସମସ୍ତ ପ୍ରଦେଶ

ପର୍ଯ୍ୟଟନ କରି ପୁଣି ନୀଳାଚଳକୁ ଫେରି ଆସିଲେ ଏବଂ ସେଠାରେ ୪୮ ବର୍ଷ ବୟସରେ ତାଙ୍କର ଇହଲୀଳା ସାଙ୍ଗ ହେଲା । (୧୫୩୩ ଖ୍ରୀ:)

ଚୈତନ୍ୟ ଦେବ ପ୍ରେମର ଅପୂର୍ବ ପରାକାଷ୍ଠା ପ୍ରଦର୍ଶନ କରିଥିଲେ । "ଚଣ୍ଡାଳୋଽପି ଦ୍ୱିଜଶ୍ରେଷ୍ଠଃ ହରିଭକ୍ତିପରାୟଣଃ" ଏହି ମତ ସେ ସର୍ବଦା ପ୍ରଚାର କରୁଥିଲେ । ଯେତେବେଳେ ଶିଷ୍ୟମାନଙ୍କ ସହିତ ସଙ୍କୀର୍ତ୍ତନରେ ରତ ହୋଇ ପ୍ରେମୋନ୍ମତ୍ତ ହେଉଥିଲେ ସେତେବେଳେ ସେ ବାହ୍ୟଜ୍ଞାନଶୂନ୍ୟ ହୋଇ ପଡୁଥିଲେ । ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ତାହାଙ୍କୁ ସଂକ୍ଷେପରେ "ଦୟାକାମ ମୂର୍ତ୍ତି" ଆଖ୍ୟା ପ୍ରଦାନ କରି ଯାଇଅଛନ୍ତି ।

ଏହି ମହାତ୍ମାଙ୍କ ଜୀବନକାଳ ଏବଂ ତତ୍ପରବର୍ତ୍ତୀ ସମୟରେ ଓଡ଼ିଶାରେ ଅନେକଗୁଡ଼ିଏ ପ୍ରେମିକ କବି ଜନ୍ମଗ୍ରହଣ କରିଅଛନ୍ତି । ବଳରାମ ଦାସ ସେମାନଙ୍କ ମଧ୍ୟରେ ସର୍ବପ୍ରଥମ ଏବଂ ପ୍ରଧାନ । "ବଙ୍ଗ ଭାଷା ଓ ସାହିତ୍ୟ" ପାଠ କଲେ ଜଣାଯାଏ ଯେ ବଳରାମ ଦାସ ଜଣେ ପ୍ରଧାନ ପଦାବଳୀ ପ୍ରଣେତା ଥିଲେ । ତାହାଙ୍କ ପଦସଂଖ୍ୟା ୧୩୧ ବୋଲି ତହିଁରେ ଲେଖା ଅଛି । ଆମ୍ଭମାନଙ୍କ କବି ବଳରାମ ଦାସ ଏହି ପଦାବଳୀପ୍ରଣେତା ହୋଇ ପାରନ୍ତି ।

୧ ପୁରାଣ ।

କବି ବଳରାମ ଦାସଙ୍କ* ପ୍ରାୟ ୩୫୦ ବର୍ଷ ପୂର୍ବେ ଜନ୍ମଗ୍ରହଣ କରିଥିଲେ । ଏ ଜଣେ କରଣ ବୈଷ୍ଣବ । ପୁରୀରେ ଏହାଙ୍କର ମଠ ଥିଲା । ଓଡ଼ିଆ ସାହିତ୍ୟର କାବ୍ୟ-ଜଗତରେ ଯେପରି କବିବର ଉପେନ୍ଦ୍ର ଭଞ୍ଜ ପ୍ରସିଦ୍ଧ, ବୈଷ୍ଣବ ସାହିତ୍ୟ-ଜଗତରେ ଏ ମହାତ୍ମା ସେହିପରି ପ୍ରସିଦ୍ଧି ଲାଭ କରିଅଛନ୍ତି । ଏହାଙ୍କ ଭାଷା ଏଡ଼େ ସରଳ ଯେ ନିତାନ୍ତ ଅଶିକ୍ଷିତ ଲୋକ ସୁଦ୍ଧା ଏହାଙ୍କ ଗ୍ରନ୍ଥଗୁଡ଼ିକ ଉତ୍ତମରୂପେ ବୁଝି ପାରନ୍ତି । ଏହାଙ୍କ ଉପମାଗୁଡ଼ିକ ସର୍ବପରିଚିତ ବସ୍ତୁମାନଙ୍କରୁ ଗୃହୀତ । ବଙ୍ଗୁଆମାନେ ସୁଦ୍ଧା ଏହାଙ୍କ ଗୀତ ଗାନ କରନ୍ତି । ପ୍ରକୃତପକ୍ଷରେ ଜନସାଧାରଣଙ୍କ ମଧ୍ୟରେ ବୈଷ୍ଣବ ଧର୍ମ ଶିକ୍ଷା ଦେବା ଏହାଙ୍କ ଦ୍ୱାରାହିଁ ସାଧିତ ହୋଇଥିଲା । ଏହି ମହାତ୍ମା ଓଡ଼ିଆ ଭାଷାରେ 'ରାମାୟଣ', 'ଲକ୍ଷ୍ମୀପୁରାଣ', 'ଚଣ୍ଡୀପୁରାଣ', 'ଭାରତ ହରିବଂଶ' ଏହି ଚାରି ଖଣ୍ଡି ବୃହତ୍ ପୁରାଣ ଲେଖି ଯାଇଅଛନ୍ତି । ଏତଦ୍ବ୍ୟତୀତ ଅନ୍ୟୂନ ୨୫ ଖଣ୍ଡି ବୈଷ୍ଣବଗ୍ରନ୍ଥ ଏହାଙ୍କ ପ୍ରଣୀତ ବୋଲି ଜଣାଯାଇ ଅଛି । "ସଭାକୋଷ" ନାମକ ପୁସ୍ତକରେ ଏହାଙ୍କ ପୁସ୍ତକମାନଙ୍କର ନାମୋଲ୍ଲେଖ ଅଛି, ସେଗୁଡ଼ିକର ନାମ ଏହି ପ୍ରବନ୍ଧର ଯଥାସ୍ଥାନରେ ସନ୍ନିବେଶିତ ହେବ ।

କବି ଦୀନକୃଷ୍ଣ ଦାସ* ବଳରାମ ଦାସଙ୍କ ପରବର୍ତ୍ତୀ ଏବଂ ଜଣେ ପ୍ରଧାନ ପ୍ରେମିକ ବୋଲି ଓଡ଼ିଆ ମାତ୍ରକେ ଜାଣନ୍ତି । କଥିତ ଅଛି ଯେ ସେ ବେଶ୍ୟାପୁତ୍ର ଥିଲେ, ମାତ୍ର ନିଜ ଜୀବନକୁ ଏପରି ପବିତ୍ର ଭାବରେ କଟାଇଥିଲେ ଯେ ତାହାଙ୍କ ଦୃଷ୍ଟାନ୍ତକୁ ଅନେକ ସତ୍କୁଳପ୍ରସୂତ ସନ୍ତାନ ଅନୁକରଣ କରିଥିଲେ । ମହାରାଜ ପୁରୁଷୋତ୍ତମ ଦେବଙ୍କ ପ୍ରଶଂସାବୋଧକ ତାହାଙ୍କର କତିପୟ ପଂକ୍ତି ପଦ୍ୟ ମିଳିଅଛି । ତହିଁରୁ ବୋଧ ହୁଏ ସେ ଉକ୍ତ ମହାରାଜାଙ୍କ ସମକାଳୀନ, ପ୍ରାୟ ୧୪୭୮ ଠାରୁ ୧୫୦୩ ଖ୍ରୀଷ୍ଟାବ୍ଦ ମଧ୍ୟରେ ଜୀବିତ ଥିଲେ । ଏହି ମହାତ୍ମା ବିଖ୍ୟାତ ବଙ୍ଗକବି ବିଦ୍ୟାପତିଙ୍କ ସମସାମୟିକ । ଏହାଙ୍କ ରଚିତ "ଜଗନ୍ନାଥ ଭାଗବତ" ପୁରାଣ ନ ହେଲେହେଁ ପୁରାଣମାନଙ୍କରୁ ସଂଗୃହୀତ, ସୁତରାଂ ତାହାକୁ ପୁରାଣାନ୍ତର୍ଗତ କରାଯାଇ ପାରେ । ମାତ୍ର କବି "ରସକଲ୍ଲୋଳ" ପ୍ରଭୃତିର ରଚୟିତା ବୋଲି ଓଡ଼ିଆମାନଙ୍କ ନିକଟରେ ଯେତେଦୂର ପରିଚିତ, ପୁରାଣରଚୟିତା ବୋଲି ସେତେଦୂର ପରିଚିତ ନୁହନ୍ତି ।

କବି କୃଷ୍ଣଦାସଙ୍କ ନାମ ଏଠାରେ ଉଲ୍ଲେଖ-ଯୋଗ୍ୟ । ଏହାଙ୍କ ପିତାଙ୍କ ନାମ ଅନନ୍ତ ଦାସ ଥିଲା, ଏହାଙ୍କ ବାସସ୍ଥାନ ଓ ଜନ୍ମକାଳ ସମ୍ବନ୍ଧରେ କିଛି ଜଣା ନାହିଁ, ମାତ୍ର ଏ ମହାତ୍ମା ଦୁଇ ଖଣ୍ଡି

* ଏହି ନାମଧାରୀ ଦୁଇ ତିନିଜଣ କବି ଥିବାର ପ୍ରମାଣ ମିଳୁଅଛି । ପ୍ରତ୍ୟେକଙ୍କ ବିଷୟ ଯାହା ଜଣାଯାଇଅଛି ତାହା ପରେ ପ୍ରକାଶିତ ହେବ ।

ପୁରାଣ ଓଡ଼ିଆ ଭାଷାରେ ଲେଖି ଯାଇଅଛନ୍ତି । ଯଥା:—ମହାଭାରତ ଓ ମାଘମାହାତ୍ମ୍ୟ । "ଗୀତଗୋବିନ୍ଦ"ର ଓଡ଼ିଆ ଅନୁବାଦକ ବୋଲି ଏ ମହାତ୍ମା ପ୍ରସିଦ୍ଧ ।

ନିମ୍ନରେ ଅବଶିଷ୍ଟ ପୁରାଣଲେଖକମାନଙ୍କ ନାମ, ଅନୁମାନିକ ଜନ୍ମସମୟ ଏବଂ ସେମାନଙ୍କ ରଚିତ ଗ୍ରନ୍ଥଗୁଡ଼ିକର ନାମ ଦିଆଗଲା ।

ବିଶ୍ୱନାଥ ଖୁଣ୍ଟିଆ—୩୦୦ ବର୍ଷ ପୂର୍ବେ—ବିଚିତ୍ର ରାମାୟଣ
ହରିହର ଦକ୍ଷ „ ସୁଚିତ୍ର ରାମାୟଣ
ବିଶ୍ୱମ୍ଭର ମିଶ୍ର ୨୭୫ „ ବଚ୍ଛେ ଭାରତ (ଅରଣ୍ୟ ଓ ବିରାଟ ପର୍ବ)
ଦିବାକର ମିଶ୍ର ୨୭୫ ବର୍ଷ ପୂର୍ବେ—ଜଗନ୍ନାଥ ଚରିତାମୃତ ।
କେଶବ ଦାସ ୨୦୦ „ ସୁଚିତ୍ର ଭାରତ
ପୁରୁଷୋତ୍ତମ ଦାସ „ „ ଗଙ୍ଗାମାହାତ୍ମ୍ୟ
ମହାଦେବ ଦାସ „ „ ରାମପୁରାଣ, ପଦ୍ମପୁରାଣ, ମାର୍କଣ୍ଡ ପୁରାଣ, ମାଘମାହାତ୍ମ୍ୟ, ବୈଶାଖ ମାହାତ୍ମ୍ୟ, କାର୍ତ୍ତିକ ମାହାତ୍ମ୍ୟ ।
ଭୀମଧୀବର ୧୫୦ ବର୍ଷ ପୂର୍ବେ—ଭାରତ ସାବିତ୍ରୀ (ମହାଭାରତ)
ରାଜା କୃଷ୍ଣସିଂହ ୧୨୦ „ ମହାଭାରତ, ରାମପୁରାଣ, ଭାଗବତ, ହରିବଂଶ
ନାରାୟଣ ଦକ୍ଷ (ଅଜ୍ଞାତ ସମୟ) ହରିବଂଶ
ଶିବଦାସ „ କାର୍ତ୍ତିକମାହାତ୍ମ୍ୟ
ଚିନ୍ତାମଣି ଦାସ „ ମହାଭାରତ
ଗୁଣ୍ଡିଚାଦେବୀ „ ଭଗବଦ୍ଗୀତା
ଅଚ୍ୟୁତାନନ୍ଦ ଦାସ „ ସାତଖଣ୍ଡିଆ ମହାଭାରତ, ବୈଶାଖ ମାହାତ୍ମ୍ୟ ।
ଦିବାକର ଦାସ „ ଏକାଦଶୀମାହାତ୍ମ୍ୟ, ଗଙ୍ଗାମାହାତ୍ମ୍ୟ ।

୨ କାବ୍ୟ ।

ଘୁମସରର ରାଜା ବୀରବର ଉପେନ୍ଦ୍ର ଭଞ୍ଜ ପ୍ରାଚୀନ ଓଡ଼ିଆ କାବ୍ୟ-ଜଗତରେ ଶୀର୍ଷସ୍ଥାନ ଅଧିକାର କରିଅଛନ୍ତି । ଏ ମହାତ୍ମା ପ୍ରାୟ ୩୦୦ ବର୍ଷ ପୂର୍ବେ ଜନ୍ମଗ୍ରହଣ କରିଥିଲେ । କବି ଦୀନକୃଷ୍ଣ ଦାସଙ୍କ ସମସାମୟିକ ବୋଲି କେହି କେହି କହନ୍ତି । 'ବୈଦେହୀଶବିଳାସ', 'ରଖବତୀ', 'ଚନ୍ଦ୍ରକଳା', 'ଚନ୍ଦ୍ରରେଖା', 'ଇନ୍ଦୁରେଖା', 'ଜେନାବ୍ୟବଳୋଦୟ', 'ହେମମଞ୍ଜରୀ', 'ଇଚ୍ଛାବତୀ', 'କଳାବତୀ', 'କଳାକୌତୁକ', 'ରସକଳା', 'କୋଟିବ୍ରହ୍ମାଣ୍ଡସୁନ୍ଦରୀ', 'ଲାବଣ୍ୟବତୀ', 'ମୁକ୍ତାବତୀ', 'ମନୋରମା', 'ଲତା', 'ପ୍ରେମସୁଧାନିଧି', 'ଶଶୀରେଖା', 'ଶୋଭାବତୀ', 'ସୁବର୍ଣ୍ଣରେଖା', 'ସୁଭଦ୍ରାପରିଣୟ', ଏବଂ 'ତ୍ରୈଲୋକ୍ୟମୋହିନୀ' ଏହି କାବ୍ୟଗୁଡ଼ିକ ଏହାଙ୍କ ରଚିତ, ଏତଦ୍ବ୍ୟତୀତ ଅନ୍ୟାନ୍ୟ ଯେ କେତେକ ଖଣ୍ଡି ଗ୍ରନ୍ଥ ଅଛି ତାହା ଯଥାସ୍ଥାନରେ ଉଲ୍ଲେଖ କରାଯିବ । ଏହାଙ୍କ ଗ୍ରନ୍ଥଗୁଡ଼ିକ ସର୍ବସାଧାରଣରେ ସୁପରିଚିତ । ଓଡ଼ିଆରେ ଅଦ୍ୟାବଧିର କବିତା-ଲେଖକମାନଙ୍କ ମଧ୍ୟରେ ଏ ମହାତ୍ମା ସର୍ବପ୍ରଧାନ । ଓଡ଼ିଆ ଲେଖକମାନଙ୍କ ମଧ୍ୟରେ ଏହାଙ୍କ ଭଳି ସଂସ୍କୃତଜ୍ଞ ଏବଂ ଅଳଙ୍କାରଜ୍ଞ ଅନ୍ୟ କେହି ଥିଲେ କି ନା ସନ୍ଦେହ । ସଂସ୍କୃତଜ୍ଞ ପଣ୍ଡିତମାନଙ୍କ ବ୍ୟତୀତ ଏହାଙ୍କର ଭାଷା ଅନ୍ୟ ପକ୍ଷରେ ବୁଝିବା ନିତାନ୍ତ କଷ୍ଟକର ।

ଭକ୍ତ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ନାମ ଏଠାରେ ଉଲ୍ଲେଖଯୋଗ୍ୟ । ଏ ମହାତ୍ମା କଟକ ଜିଲ୍ଲା ଅନ୍ତର୍ଗତ ନଳଢିଗିର ନିକଟବର୍ତ୍ତୀ ବାଲିଆ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ଓ ପ୍ରାୟ ୧୨୫ ବର୍ଷ ହେବ ଇହଧାମ ତ୍ୟାଗ କଲେଣି । ଏହାଙ୍କ ରଚିତ "ବିଦଗ୍ଧଚିନ୍ତାମଣି" ଓ "ପ୍ରୀତିଚିନ୍ତାମଣି" ନାମକ ଦୁଇଖଣ୍ଡି ଗ୍ରନ୍ଥ ବୈଷ୍ଣବପ୍ରେମିକଭକ୍ତମାନଙ୍କର ସମ୍ବଳ । ଏହି ଗ୍ରନ୍ଥମାନଙ୍କର ଭାଷା ଏଡ଼େ ସୁଲଳିତ ଓ ସରଳ ଯେ ସାହିତ୍ୟରସିକ ମାତ୍ରେ ଥରେ ପାଠ କରି ତୃପ୍ତ ହୋଇ ପାରନ୍ତି ନାହିଁ ।

ନିମ୍ନରେ ଅନ୍ୟାନ୍ୟ କାବ୍ୟରଚୟିତାମାନଙ୍କ ନାମ, ଅନୁମାନିକ ଜନ୍ମ ସମୟ ଓ ରଚିତ ଗ୍ରନ୍ଥମାନଙ୍କ ନାମ ଦିଆଗଲା ।

ବଳରାମ ଦାସ ... ୩୦୦ ବର୍ଷ ପୂର୍ବେ ... କୃଷ୍ଣଲୀଳା, ବଷଡେଳ ।
ଦୀନକୃଷ୍ଣ ଦାସ ... ,, ରସକଲ୍ଲୋଳ, ଗନ୍ଧବ-ହଜାର, ମଧୁସୂଦନ-ବିଳାସ, ଅନଙ୍ଗରେଖା ।
ହରିଚନ୍ଦନ ଦେବ ,, ଲୀଳାବତୀ ।
କାଶପୁର ଅଚାର୍ଯ୍ୟ ,, ସୁଲକ୍ଷଣା ।
ଶିଶୁଶଙ୍କର ଦାସ ୨୫୦ ,, ଉଷାପରିଣୟ
ଯଦୁମଣି ମହାପାତ୍ର ୨୦୦ ,, ରୁକ୍ମିଣୀବିଳାସ, ପ୍ରବୋଧପୂର୍ଣ୍ଣଚନ୍ଦ୍ର
ଗୋପୀନାଥ କବିଭୂଷଣ ,, କବଚେନ୍ଦ୍ରମଣି, ରାମଚନ୍ଦ୍ରବିହାର ।
ଲୋକନାଥ ବିଦ୍ୟାଧର ,, ଚନ୍ଦ୍ରକଳା, ସର୍ବାଙ୍ଗସୁନ୍ଦରୀ, ଚିତ୍ରୋତ୍ପଳା, ପଦ୍ମମଳା, ରସକଳା ।
ପୀତାମ୍ବର ରାଜେନ୍ଦ୍ର ,, ରାସଲୀଳା ।
ଗଦାଧର ପଟ୍ଟନାୟକ ୧୭୦ ,, ରସକଳ୍ପଲତା ।
ଚନ୍ଦ୍ରମଣି ମହାନ୍ତି ୧୫୦ ,, ସୁଦର୍ଶନବିଳାସ
ଭକ୍ତଚରଣ ଦାସ ୧୭୫ ,, ମଥୁରାମଙ୍ଗଳ ।
ସଦାନନ୍ଦ କବିସୂର୍ଯ୍ୟବ୍ରହ୍ମା ୧୭୦ ,, ପ୍ରେମପଞ୍ଚାମୃତ, ଯୁଗଳରସାମୃତଲହରୀ, ପ୍ରେମତରଙ୍ଗିଣୀ, ପ୍ରେମଲହରୀ, ପ୍ରେମରଞ୍ଜିନୀ, ଯୁଗଳରସାମୃତଭଞ୍ଜି ।
କୃଷ୍ଣବିହାରୀ ପଟ୍ଟନାୟକ ,, କୃଷ୍ଣବିହାର ।
ମାଗୁଣି ପଟ୍ଟନାୟକ ,, ରାମଚନ୍ଦ୍ରବିହାର ।
ନୀଳାମ୍ବର ଭଞ୍ଜ (ଡଳଦଥ ରଜା) ,, କୃଷ୍ଣଲୀଳାମୃତ, ପାର୍ଥସାଯୁକ
ଲକ୍ଷ୍ମଣ ମିଶ୍ର ୬୨୫ ,, ଶ୍ରୀକୃଷ୍ଣଲୀଳାମୃତ ।
ଶ୍ରୀଧର ଦେବ (ଅଜ୍ଞାତ) କାଞ୍ଚନଲତା ।
ଲୋକନାଥ ଦେବ (ଅଜ୍ଞାତ) ଚନ୍ଦ୍ରକଳା ।
ଦୀନବନ୍ଧୁ ଦାସ (ଅଜ୍ଞାତ) ଛନ୍ଦବୃତ୍ତି ।
ଧନଞ୍ଜୟ ଭଞ୍ଜ (ଅଜ୍ଞାତ) ରଘୁନାଥ ବିଳାସ, ଶାକଢୋଷ ।
ଘନ ଭଞ୍ଜ ,, କଳାକଉତୁକ ।
ବ୍ରଜନାଥ ଦାସ ,, ଅମ୍ବିକାବିଳାସ, ସମରତରଙ୍ଗ ।
ହରିକୃଷ୍ଣ ମହାପାତ୍ର ,, ରୁକ୍ମିଣୀବିଳାସ ।

୩ ବିବିଧ ।

ଏହି ଯୁଗର ବିବିଧ ଗ୍ରନ୍ଥମାନଙ୍କ ମଧ୍ୟରେ ବିଖ୍ୟାତ ବୈଷ୍ଣବ କବି ବଳରାମ ଦାସଙ୍କ ଅର୍ଜୁନଗୀତା, ଭଗବଦ୍ଗୀତା, ବିରାଟଗୀତା, ଗଣେଶଗୀତା, ଗହନସ୍ତାରଣଗୀତା, ଗରୁଡ଼ଗୀତା, ଗୁପ୍ତଗୀତା,* ଦାମରହୁଗୀତା ଗୀତାସାର, ଶଙ୍କର ଭୂଗୋଳ, ଭୁଲାଭଣା, ଦୃଢ଼ଭକ୍ତି, ବେଢ଼ାପରିକ୍ରମା, ଭାବସମୁଦ୍ର, ଭକ୍ତିରସାମୃତ, ହରିବିନୋଦ, ଡୋଲାଦଳଚଉତିଶା; ଦୀନକୃଷ୍ଣ ଦାସଙ୍କ ଉତ୍କଳ ନୀଳମଣିକାରିକା, ପ୍ରତାପସିଦ୍ଧି, ଅଳଙ୍କାରବୋଲି ଗୁଣ୍ଡିଚାବିଜେ, ହିତବଚଉତିଶା, କମଳାକାନ୍ତ ଚଉତିଶା, ଦ୍ୱାଦଶ କୁଣ୍ଡଲୀଚା, କୃଷ୍ଣଦାସାବଳୀ, ପ୍ରଭୃତି ପ୍ରଧାନ । ଏ ଦୁଇ ବିଖ୍ୟାତ କବିଙ୍କ ବ୍ୟତୀତ ଅନ୍ୟର ଯେତେଗୁଡ଼ଏ କବିଙ୍କ ନାମ ମଧ୍ୟ ଉଲ୍ଲେଖଯୋଗ୍ୟ । ଭିଖାରୀ ପଟ୍ଟନାୟକ ନାମକ ଜଣେ ଲେଖକ "ଲଙ୍କାଦହନ ନାଟକ" ନାମରେ ଖଣ୍ଡିଏ ଉତ୍ତମ ନାଟକ ଲେଖି ଯାଇଅଛନ୍ତି । ଏ କେଉଁ ସମୟରେ ଜନ୍ମଗ୍ରହଣ କରିଥିଲେ ତାହା ଜଣା ନାହିଁ । ବିଖ୍ୟାତ କବି ଉପେନ୍ଦ୍ର ଭଞ୍ଜଙ୍କର "ଅବନା ରସତରଙ୍ଗ" "କା ଚଉତିଶା", "ବ୍ରଜଲୀଳା" "ଚିତ୍ରପଦ-ଭୂଷଣ" "ଚିତ୍ରପଦଚନ୍ଦ୍ର" "ଛନ୍ଦଭୂଷଣ" "ଯମକରାଜ ଚଉତିଶା" "କୁଞ୍ଜବିହାର" "ପୁରୁଷୋତ୍ତମମାହାତ୍ମ୍ୟ" "ରସପଞ୍ଚକ" 'ରସଲୀଳା' 'ସଙ୍ଗୀତକୌମୁଦୀ' ଏହି ଗ୍ରନ୍ଥଗୁଡ଼ିକ ବିବିଧ ଶାଖାର ଅନ୍ତର୍ଗତ ।

* 'ଗୁପ୍ତଗୀତା' ନାମରେ ଅନ୍ୟର ଖଣ୍ଡିଏ ପୁସ୍ତକ ଅଛି, ତାହା ଅନ୍ୟ ଏକ ଜଣ ବଳରାମ ଦାସଙ୍କ ରଚିତ ।

ନିମ୍ନରେ ଅନ୍ୟାନ୍ୟ କବିମାନଙ୍କର ନାମ ଦିଆ ଗଲା ଏବଂ ସେମାନଙ୍କ ରଚିତ ଗ୍ରନ୍ଥଗୁଡ଼ିକର ନାମୋଲ୍ଲେଖ ହେଲା ।

କୃପାସିନ୍ଧୁ ପଟ୍ଟନାୟକ (୩୦୦ ବର୍ଷ ପୂର୍ବେ) କମଳାକାନ୍ତ ଚଉତିଶା, ସଜଣ ଚଉତିଶା, ବ୍ରହ୍ମବିହାର ।
ପୁରୁଷୋତ୍ତମ ପଥୀ ,, ସମସ୍ତ କବିମାନଙ୍କର ଟୀକା ।
ନାଥ ରଥ ,, ରଘୁବଂଶର ଅନୁବାଦ
ବିପ୍ରବର୍ଣ୍ଣ ଦାସ (୨୫୦ ବର୍ଷ ପୂର୍ବେ) ନ ପଣ୍ଡ, ଛ ପଣ୍ଡ ।
ଧରଣୀଧର ଦେବ ,, ଗୀତଗୋବିନ୍ଦର ଅନୁବାଦ ।
ଗୋବିନ୍ଦ ଦାସ ୨୬୦ ,, ଚରଣସୁଧାନିଧି ।
ଭୀମଦାସ ୨୦୦ ,, ଭକ୍ତିରତ୍ନମାଳା ।
ଗୋପେନ୍ଦ୍ର ଦେବ ,, ମଧୁପଚଉତିଶା ।
କୃପାସିନ୍ଧୁ ଦାସ ,, ଜଗନ୍ନାଥସ୍ତୁତି ।
ଲକ୍ଷ୍ମୀଧର ଦାସ ,, ଅର୍ଗଧପଦ ।
ରାମଚନ୍ଦ୍ର ଦାସ ,, ବଳଭଦ୍ରାବଳୀ, ଚତୁଃପଦୀମାଳା ।
ବିଷ୍ଣୁବର ଦାସ ,, ରାମକୃଷ୍ଣକେଳି-କଲ୍ଲୋଳ, ରାଧାକୃଷ୍ଣ କେଳିକଲ୍ଲୋଳ, ବଟପାଲ୍ଲି ଓ [ବେଦକଗୀତା — (ଜ୍ୟୋତିଷ)
ପୀତାମ୍ବର ରାଜେନ୍ଦ୍ର ,, ରାମଲୀଳା ।
ଲୋକନାଥ ନାୟକ ,, ଷଡ଼ଲୀଳାବତୀ ।
ପଦ୍ମନାଭ ପରିଛା ,, ଗୀତାଚିତ୍ରବନ ।
ସଦାନନ୍ଦ କବିସୂର୍ଯ୍ୟ-ବ୍ରହ୍ମା ୧୭୭ ,, ନାମରତ୍ନମଣି, ନାମଚିନ୍ତାମଣି ।
ଭୀମ ଧୀବର ୨୫୦ ,, କପଟପାଶା ।
ଗଜପାଣି ପଟ୍ଟନାୟକ ୧୫୦ ବର୍ଷ ଟୁବେଟଣ୍ଡିନ୍ ଚମ୍ପୂ ।
ଚନ୍ଦ୍ରମଣି ମହାନ୍ତି ,, ସଂସ୍କୃତ (ଓଡ଼ିଆ) ଶବ୍ଦକଳ୍ପଲତା (ସଂସ୍କୃତଅଭିଧାନ) ।
କବିସୂର୍ଯ୍ୟ ରାଜଗୁରୁ ,, କିଶୋରଚନ୍ଦ୍ରାନନ ଚମ୍ପୂ, ଆନନ୍ଦଦାମୋଦର ଚମ୍ପୂ, ଚଉପଦୀ ହାସ୍ୟାର୍ଣ୍ଣବ ।
ଅଚ୍ୟୁତାନନ୍ଦ ଦାସ ୧୦୦ ,, ଅନନ୍ତପଣ୍ଡ, ଅଚ୍ୟୁତାନନ୍ଦମାଳିକା ।
ହରି ଦାସ ୧୦୦ ,, ହରିମାଳିକା ।
ଚର୍ଣ୍ଣୀମଗିର ,, ଭକ୍ତିରସାମୃତ ।
ନରସିଂହ ପଟ୍ଟନାୟକ ,, ଶବ୍ଦମାଳା (ଅଭିଧାନ)
ଦ୍ୱିଜରାମଦାସ (ବୀରକିଶୋର ଦେବଙ୍କ ୪୧ ଅଙ୍କ) ଦାର୍ଢ୍ୟ(ତା)ଭକ୍ତି ।
ନିତ୍ୟାନନ୍ଦ ଦାସ (ଅଜ୍ଞାତସମୟ) ଅର୍ତ୍ତ୍ରାଂଶନ ।
ନାରାୟଣ ଭଞ୍ଜ ,, ଅମରକୋଷ ଟୀକା ।
ଗୋବର୍ଦ୍ଧନ ଦାସ ,, ଶୋଭାବତୀ ।
ରାମ ନାୟକ ,, ସାରଳାସ୍ତୁତି ।
ଭୂପତି ପଣ୍ଡିତ ,, ପ୍ରେମପଞ୍ଚାମୃତ ।
ଅର୍ତ୍ତତ୍ରାଣ ଦାସ ,, ଜଗନ୍ନାଥଜଣାଣ
ବ୍ରଜନାଥ ଦାସ ,, ଗୁଣ୍ଡିଚାବିଜେ ।
ସଦାଜୟ ,, ସାରଳାସ୍ତୁତି, ମଙ୍ଗଳାସ୍ତୁତି, ବିମଳାସ୍ତୁତି ।

ଉପରୋକ୍ତ କବିମାନଙ୍କ ବ୍ୟତୀତ ଗୋପାଳକୃଷ୍ଣ, ଭସାନନ୍ଦ, ରଘୁ ଅରକ୍ଷିତ, କାହ୍ନୁଅ ଦେବ, ଶ୍ରୀଧର, କରୁଣାକର, ବନମାଳି, ବନ୍ଧୁ ଦାସ, ଭକ୍ତ ଦାସ, କୃପାସିନ୍ଧୁ ପ୍ରଭୃତି ଏହିପରି କେତେଗୁଡ଼ିଏ କବି ଅଛନ୍ତି ଯେ ସେମାନେ ଭଜନ, ସ୍ତୁତି, ସଙ୍ଗୀତ ଇତ୍ୟାଦି ଛୋଟ ଛୋଟ କବିତା ଲେଖିଅଛନ୍ତି ।

ଶ୍ରୀ ମଧୁସୂଦନ ଦାସ ।

ବଳରାମ ଦାସ ।

(ରାମାୟଣ-ରଚୟିତା)

ବଙ୍ଗରେ କୃତ୍ତିବାସ ଯେପରି, ଉତ୍ତର-ଦେଶରେ ତୁଳସୀ ଦାସ ଯେପରି, ଦକ୍ଷିଣରେ କମ୍ବର ଯେପରି, ଉତ୍କଳରେ ବଳରାମ ଦାସ ସେହିପରି । ବାସ୍ତବରେ ଏହାଙ୍କୁ ଉତ୍କଳ ବାଲ୍ମୀକି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏ ଓଡ଼ିଶା ରାଜା ପ୍ରତାପରୁଦ୍ରଙ୍କ ସମୟରେ ଅର୍ଥାତ୍ ଷୋଡ଼ଶ ଶତାବ୍ଦୀର ଆରମ୍ଭରେ ଜୀବିତ ଥିଲେ । ଏ ଜାତିରେ କରଣ, ବୈଷ୍ଣବମତାବଲମ୍ବୀ; ଏହାଙ୍କ ବସତି ପୁରୁଷୋତ୍ତମକ୍ଷେତ୍ର । ଏହାଙ୍କ ପିତା ମହାପାତ୍ର ସୋମନାଥ; ଭାର୍ଯ୍ୟାର ନାମ ଜମ୍ବୁ । ଏହି 'ଗୁପ୍ତଗୀତା'ର ଶେଷ ଭାଗରେ ନିମ୍ନୋକ୍ତ ଆତ୍ମବିବରଣଟି ଦେଇଅଛନ୍ତି :—

ଶୁଣି ଅର୍ଜ୍ଜୁନ ହରଷ ହୋଇଲେ ।
ପୁଣି ଚରଣେ ପଡ଼ି ପଚାରିଲେ ॥
ଏ ଗୁପତ ଜ୍ଞାନ କର ଗୁପତ ।
କଳିରେ କେମନ୍ତେ ହେବ ଉଦିତ ॥
ତାହାର ମୁଖେ ଏହା କହିବ ।
ଏ କଥା ଦେବ ମତେ ଆଜ୍ଞା ଦେବ ॥
ଶ୍ରୀହରି ବୋଇଲେ ଶୁଣ ଅର୍ଜ୍ଜୁନ ।
ପଦ୍ୟୁନ ଅଟଇ ମୋର ନନ୍ଦନ ॥
ତାର ନନ୍ଦନ ଅନିରୁଦ୍ଧ ଦେବ ।
ସେ ପୁଣି କଳିରେ ଜାତ ହୋଇବ ॥
ମୁହିଁ ଯେ ଜଗନ୍ନାଥ ଅବତାରେ ।
କଳିଯୁଗେ ଦାରୁବ୍ରହ୍ମ ରୂପରେ ॥
ପ୍ରତାପରୁଦ୍ର ନାମ ଦେବରାଏ ।
ତାହାର ରାଜେ ସେ କାଳ ସମୟେ ॥
ସୋମନାଥ ନାମେ ପାତ୍ର ତାହାର ।
ଅନିରୁଦ୍ଧ ଜନ୍ମ ତାହାର ଘର ॥
ଜମ୍ବୁନାମରେ ତାହାର ଭାରିଯା ।
ଅନିରୁଦ୍ଧ ହେବେ ଅତ୍ୟନ୍ତ ତନୟା ॥
ତାହାର ନାମ ବଳରାମ ଦାସ ।
ଗୁପତ ଜ୍ଞାନ ଅଧ୍ୟାତ୍ମ ପ୍ରକାଶ ॥
ସେ ବଳରାମ ଦାସ ଗୋପ୍ୟ କରି ।
ଅଧ୍ୟାତ୍ମେ କରଣ ଜୀବନ ଧାରି ॥
ସେ ପୁଣି ମୁକୁନ୍ଦ ଦେବ ସଥକେ ।
ବଳରାମ ଦାସ ଜନମ ଲୋକେ ॥
ବଳରାମ ଦାସ ଶୂଦ୍ର କୁଳେଣ ।
ବୈଷ୍ଣବପଣରେ ଅତି ନିପୁଣ ॥
ତହିଁ ବଳରାମ ଦାସ ନନ୍ଦନ ।
ଗୀତାରସ ସେ ସମସ୍ତ କହିବ ॥
ତା ମୁଖେ ଶୁଣାଇବ ଗୀତାରସ ।
ଗୀତେ ଭଣିଲେ ବଳରାମ ଦାସ ॥

ରାମାୟଣ ଲଙ୍କାକାଣ୍ଡରେ ମଧ୍ୟ କବି ଲେଖି-ଅଛନ୍ତି :—

ସୋମନାଥ ମହାପାତ୍ର ବୋଲେ ହୋଇଲି ସମ୍ଭୂତ,
ଯହିଁ ପିତା ମୋର ବୃଦ୍ଧରେ ରହତ ।
ଦେଖି ସେ ଜଗନ୍ନାଥ ଦୟା ମୋତେ କଲେ,
ରାମାୟଣ ଗ୍ରନ୍ଥ ମୋ ମୁଖରେ ବଖାଣିଲେ ।

'ଦାର୍ଢ୍ୟଭକ୍ତିରସାମୃତ' ପ୍ରଥମ ଖଣ୍ଡରେ ଲେଖା ଅଛି :—

"ଉତ୍କଳ ଜନ ମଧ୍ୟେ ସାର,
ମହିମା ଅପାରୁ ଅପାର ।
ନାମ ତା ବଳରାମ ଦାସ,
ମହାନ୍ତି ସୋମନାଥ ଶିଷ୍ୟ ।
ପୁରୁଷୋତ୍ତମ ତାର ଘର,
କୁଟୁମ୍ବ ସେନ ନିରନ୍ତର ।

* * *

ନିରନ୍ତେ ହରିପାଦ ଧ୍ୟାଇ,
ଅନନ୍ତେ ମନ୍ତ୍ର ଦେଉଥାଇ ।
କୋଟିଏ ନାମ ଯହିଁ ଶୁଣେ,
କୋଟିଏ ନିତ୍ୟ ପ୍ରାପ୍ତ ମଣେ ।

ସର୍ବଦା ହରିରସେ ରସେ,
ଶ୍ରବଣେ ଶୁଣି ମୁଖେ ଘୋଷେ ।
ବସଇ ସାଧୁଙ୍କ ସଙ୍ଗର,
ସକଳ ଜୀବେ ଦୟା ଭାର ।"

'ଦାର୍ଢ୍ୟଭକ୍ତିରସାମୃତ'ରେ ମଧ୍ୟ ବଳରାମ ଦାସ ପ୍ରତାପରୁଦ୍ରଙ୍କ ସମୟର ଲୋକ ବୋଲି କଥିତ ଅଛି :—

"କେତେଣେ ପ୍ରତାପରୁଦ୍ର ରାଜା,
କରଇ ନାନାମତେ ପୂଜା ।
ହଟି ବସନ ଅଙ୍ଗେ ଭିଡ଼,
ଆପଣେ ଧଇଲେ ଦଉଡ଼ ।"

ବଳରାମ ଦାସ କବି ଜଗନ୍ନାଥ ଦାସଙ୍କର ଶିଷ୍ୟ ଥିଲାପରି ଅନୁମିତ ହୁଏ । "ଶ୍ରୀ ଜଗନ୍ନାଥଙ୍କର ଦାସର ଅଟଇ ମୁହିଁ ଭୃତ୍ୟ" ବୋଲି କବି ଉତ୍ତରକାଣ୍ଡରେ କହିଅଛନ୍ତି । ଏହାଙ୍କ 'ବ୍ରହ୍ମାଣ୍ଡ-ଭୂଗୋଳ'ରେ ଜଗନ୍ନାଥ ଦାସ ଭାଗବତର କେତେଗୁଡ଼ାଏ ପଦ ଅନ୍ତର୍ନିହିତ ତତ୍ତ୍ୱାର୍ଥ ସହିତ ପ୍ରକାଶ କରି କବି ପ୍ରଗାଢ଼ ଗୁରୁଭକ୍ତିର ପରିଚୟ ଦେଇଅଛନ୍ତି । 'ବ୍ରହ୍ମାଣ୍ଡଭୂଗୋଳ'ର ଛନ୍ଦ ମଧ୍ୟ ଗୁରୁଭକ୍ତିବ୍ୟଞ୍ଜକ ଅଟେ । ବଳରାମ ଦାସ ଜଣେ ପ୍ରଧାନ ଭଗବଦ୍ଭକ୍ତ ଥିଲେ ମଧ୍ୟ ତାହାଙ୍କ ଚରିତ୍ର ନିତାନ୍ତ ମନ୍ଦ ଥିଲା । 'ଦାର୍ଢ୍ୟଭକ୍ତି-ରସାମୃତ'ରେ ଲେଖା ଅଛି :—

"ଶ୍ରୀଦାରୁବ୍ରହ୍ମ ସେବା ବିନେ ।
ଅନ୍ୟ ନ ଜାଣେ ଭାବି ମନେ ॥
କେବଳ ପ୍ରକୃତିବଶରେ ।
ନିରତେ ରମେ ବେଶ୍ୟାଘରେ ॥
ଚନ୍ଦ୍ରରେ କଳଙ୍କ ଯେସନ ।
ଅର୍ଜିଲା କଥା ନୋହେ ଆନ ॥
ପୂର୍ବ ଅର୍ଜିତ କର୍ମ ଫଳେ ।
ନିରତେ ବେଶ୍ୟାଘରେ ଚଳେ ॥"

ଉପରୋକ୍ତ କବିଙ୍କ ଆତ୍ମବର୍ଣ୍ଣନରେ ପ୍ରଦ୍ୟୁମ୍ନର ପୁତ୍ର ବୋଲି କହି କବି ଆପଣାର ଚରିତ୍ର କଳୁଷିତ ଥିବାର ସଙ୍କେତ ଦେଇଅଛନ୍ତି । "ସେ ବଳରାମ ଦାସ ଗୋପ୍ୟ କରୁ । ଅଧୋଦ୍ଧେ କରଣ ଜୀବନ ହାର । ସେ ପୁଣି ମତ୍କୁନ ଦେହ ଦହନେ । ବଳରାମ ଦାସ ଜନମ ନୋହେ" ବୋଲି କବି ଯାହା ଲେଖିଅଛନ୍ତି, ବୋଧହୁଏ ତାହା କେବଳ ନିଜ ଚରିତ୍ର ସମ୍ବରଣ ଉପଲକ୍ଷରେ । ରାମାୟଣରେ କବିଙ୍କ ସ୍ତ୍ରୀବର୍ଣ୍ଣନା ଦେଖିଲେ କବିଙ୍କ ଚରିତ୍ର ମନ୍ଦ ଥିବାର ସ୍ପଷ୍ଟ ଜଣା ଯାଏ ।

ବଳରାମ ଦାସ ଅଳ୍ପବୟସରେ ରାମାୟଣ ଲେଖିଥିଲେ । ସେ ଉତ୍ତରକାଣ୍ଡରେ କହିଅଛନ୍ତି:—

"ଜନ୍ମରୁ ମୂର୍ଖ ମୁଁ ଅଳପ ବୟସ ।
ଗ୍ରନ୍ଥ କଲି ବେଳକୁ ବୟସ ଦେଖ ।";

ବଳରାମ ଦାସଙ୍କ ରାମାୟଣର ଅପର ନାମ 'ଜଗମୋହନ ରାମାୟଣ':—"ଏ ଆଦିକାଣ୍ଡ ଯେ ସଦାନନ୍ଦେ ସମାପ୍ତି । ଜଗମୋହନ ରାମାୟଣ ଅଟଇ ଏହାର ନାମ" । କବି ଲଙ୍କାକାଣ୍ଡରେ ଏହାକୁ "ମହାନାଟକ" ଆଖ୍ୟା ମଧ୍ୟ ଦେଇ ଅଛନ୍ତି:—"କେଣୁ ସେ ମହାନାଟକ ହୋଇଲା ଏହାର ନାମ । ଶ୍ରୀରାମଚରିତ ଏ କଥା ଅନୁପମ ।" ଏଥିରେ ଲକ୍ଷେ ପଦ ଥିବାର କବି ଉତ୍ତରକାଣ୍ଡରେ କହିଅଛନ୍ତି:—"ଶ୍ରୀଜଗନ୍ନାଥଙ୍କ ଚରିତ ମୁହିଁ କହି । ରାମାୟଣ ସାତକାଣ୍ଡ ଲକ୍ଷେ ପଦ ହୋଇ ॥"

ସାରଳା ଦାସଙ୍କ ଭାଷା ଅପେକ୍ଷା ବଳରାମ ଦାସଙ୍କ ଭାଷା ମାର୍ଜିତ ହେଲେ ମଧ୍ୟ, ଅଚ୍ୟୁତଙ୍କର ସରଳତା ଓ ଅନାଡ଼ମ୍ବର ସୌନ୍ଦର୍ଯ୍ୟ ବଳରାମଦାସଙ୍କ ରାମାୟଣରେ ପ୍ରାୟ ସର୍ବତ୍ର ପ୍ରକ୍ଷିପ୍ତ ହୋଇଥିବାର ଦେଖାଯାଏ । ଜନକରାଜାଙ୍କ ସ୍ୱୟଂବର ସଭାରେ ରାମ ଲକ୍ଷ୍ମଣଙ୍କ ବର୍ଣ୍ଣନା ଦେଖନ୍ତୁ:—

"କେ ବୋଲଇ ତାହାର ତନୟ ଏ କେନ ।
ହରିହର ଅଟନ୍ତି କି ମନୁଷ୍ୟଦେହ ଘେନ ॥
ନୃପତିଗଣେ ଦେଖି ମନେ ଅନୁକୂଳା (?) ।
ମନ୍ତ୍ରିଗଣ ମେଳରେ କି ପ୍ରବେଶ ପିଞ୍ଜର କୁଅ ॥
କନ୍ଦର୍ପଙ୍କର ପାଶେ ଅଛନ୍ତି ଗୁଣ କେନ ।
ଚନ୍ଦ୍ର ଉଇଁଛି କି ଗୁରୁ ଶୁକ୍ର ଘେନ ।

କଶ୍ୟପର ସଙ୍ଗେ କି ବାସବ ଶୋଭଇ ।
ରାମ ଲକ୍ଷ୍ମଣ ବେନି କେସନ ଦିଶନ୍ତି ॥
ଗରୁଡ଼ର ପାଇ ଯେ ବସିଲେ ହଂସ ମଧ୍ୟେ ।
କାର୍ତ୍ତିକେଶ୍ୱର ଗଣପତି ଈଶ୍ୱର ସନ୍ନିଧେ ॥
ବ୍ରହ୍ମାର କରେ କି ବସିଷ୍ଟ ରୁଦ୍ର ଅଛି ।
ବିଶ୍ୱାମିତ୍ର ସଙ୍ଗତେ କେସନ ଉଦ୍ଭବନ୍ତି ॥
ଲଙ୍କାରେ ହନୁମାନଙ୍କ ଫଳାହାର ମଧ୍ୟ ଦେଖନ୍ତୁ:—
"ପାଟସୂତା ସଙ୍ଗେ କେଉ ମିଶାଇଲି ପଟ ।
ଦେବତା ବ୍ରାହ୍ମଣ ମୁଁ ସମ କଲି କଷ୍ଟ ।
ଲବଙ୍ଗ କର୍ପୂର କଲି ଏକ ସମ ।
ବ୍ରହ୍ମଜାତ ସ୍ୱରକୁ କଲି ଶୂଦ୍ର ସଙ୍ଗେ ସମ ॥
କାଚ ହେମରତ୍ନ ଜଳଇ ଏକସ୍ଥ ।
ଚଉଗଡ଼ ପାଶରେ ମୁକୁତା ସମ କଲି ॥
ପାନ ଧାନତାଳ ଅଳ୍ପଫଳ ଅଣଇ ।
ଗୋରୁଙ୍କ ସଙ୍ଗତେ କେଉ ଦୁର୍ବଳ ଗଣଇ ।
ଜାଠି ଅଶ୍ୱ ଭୁଲେ ଗଜକୁ ହଳଇ ଭୁଲ ।
କେବଡ଼ା ପୁଷ୍ପ ଭୁଲେ ଗୁନ୍ଥିଲି ଜାଉ ଫଳ ॥
କଥଫଳ ଖାଇ ପଣସ ପାସୋରିଲି ।
କୁଳସ୍ତ୍ରୀର ସଙ୍ଗେ ବେଶ୍ୟାଙ୍କୁ ଲେଖିଲି ॥
କୂପପାଣିରେ ମିଶାଇଲି ଗଙ୍ଗାଜଳ ।
ଅମ୍ବ ଲେଖି ଖାଇଲି ମହାକାଳ ଫଳ ॥
କାଞ୍ଚିପୁର ଭେଜ ମଗଧପୁର ଗଲି ।
ସୀତାଙ୍କୁ ମନ୍ଦୋଦରୀ ସଙ୍ଗେ ସମ କଲି ।"

ଏଥିରେ ଭାଷାର ସରଳତା ଓ ବର୍ଣ୍ଣନାର ଅନାଡ଼ମ୍ବର ସୌନ୍ଦର୍ଯ୍ୟ ମାତ୍ର ନୁହେଁ, ଉକ୍ତ ଉପଖ୍ୟାନେଲ-ପ୍ରଧାନ ଯୁଗର ଛାପ ମଧ୍ୟ ଲକ୍ଷିତ ହୁଏ ।

ବଳରାମ ଦାସଙ୍କ ରାମାୟଣରେ ଦ୍ୱିତୀୟା ଓ ଚତୁର୍ଥୀ ଏକବଚନରେ 'କଇ' (ଲଙ୍କାକଇ, ଅମ୍ଭକଇ, ମନ୍ଦକଇ); ଦ୍ୱିତୀୟା ବହୁବଚନରେ 'ନ୍ତ' (କାହାନ୍ତ, ପୁହନ୍ତ); ପ୍ରଥମା ବହୁବଚନରେ 'ଏ' (ଦେବତାଏ, ପ୍ରଜାଏ, ଗନ୍ଧର୍ବେ); ଓ କ୍ରିୟାରେ ନିମିତ୍ତାର୍ଥରେ 'ତ' (କେଉତ, କରିତ, କହିତ) ଇତ୍ୟାଦି ପ୍ରୟୋଗ ବହୁଳ ପଦମାନଙ୍କରେ ଦେଖାଯାଏ ।

ଶାରଳାଦାସଙ୍କ ଛନ୍ଦପରି ବଳରାମ ଦାସଙ୍କ ଛନ୍ଦ ମଧ୍ୟ ସମାନାକ୍ଷରବିଶିଷ୍ଟ ନୁହେଁ । କୌଣସି କୌଣସି ଚରଣରେ ୧୨, କୌଣସି କୌଣସି ଚରଣରେ ୧୩ ବା ୧୪, କୌଣସି କୌଣସି ଚରଣରେ ୧୬ ବା ୧୭ ଅକ୍ଷର ଥିବାର ଦୃଷ୍ଟ ହୁଏ । କେତେଗୋଟି ନମୁନା ଦେଖନ୍ତୁ:—
ନୋହିଲେ ଏ ଗ୍ରନ୍ଥ ନୁହଇ ସମ୍ପୂର୍ଣ୍ଣ (୧୨) ।
କେଣୁ ସେ ମୋର ବ୍ୟାକୁଳ ହୁଅଇ ମନ(୧୩) ॥
ଚଉଦ ଭୁବନେ ଭୁଗେ ଠକ୍କା ସୁଖେ ଥାଉ(୧୪) ।
ଯହିଁ କି ତୋ ମନ ତହିଁକି ତୁ ଯାଉ (୧୨) ॥
ଏ ଅଯୋଧ୍ୟାଖଣ୍ଡ ଯେ ସଦାନନ୍ଦେ ସମ୍ପୂର୍ଣ୍ଣ (୧୩) ।
ଜଗନ୍ମୋହନରାମାୟଣ ଅଟଇ ଏହାର ନାମ ୧୭ ॥

ଏବେ ଶାରଳା ଦାସଙ୍କ ଛନ୍ଦ ଅନୁକରଣ କରିଥିବାର ଏଥିରୁ ସ୍ପଷ୍ଟ ପ୍ରତୀତ ହୁଏ । ଶାରଳାଦାସଙ୍କର ଛନ୍ଦ ମାତ୍ର ନୁହେଁ, ତାହାଙ୍କର ଅନ୍ୟ କେତେକଗୁଡ଼ାଏ କଥା ମଧ୍ୟ ଏବେ ଅନୁକରଣ କରିଅଛନ୍ତି । ସେ ଲଙ୍କାକାଣ୍ଡର ଶେଷଭାଗରେ ଆପଣା ବିଷୟରେ କଣ କହିଅଛନ୍ତି ଥରେ ଦେଖନ୍ତୁ:—
"ମୁହିଁ ବଳରାମଦାସ ରାମାୟଣ ଅବତାରେ ଥିଲି ।
ଦଣ୍ଡିତ ଘଟଣ ମୁଁ ସମସ୍ତ ଦେଖିଲି ॥
ମତେ ଆଜ୍ଞା ଦେଲେ ମର୍ତ୍ତ୍ୟପୁରକୁ ଯିବୁ ।
କଳିଯୁଗେ ଶୂଦ୍ରମୁନି ହୋଇଣ ଜନମିବୁ ॥
ଜନ୍ମକୁ ବର୍ଣ୍ଣିକଥା ସୁମରିବୁ ତୁହି ।
ଶ୍ରୀ ଜଗନ୍ନାଥ ପ୍ରଭୁ ଯେ ମୋହର ଗୋସାଇଁ ।"
ଉତ୍ତରକାଣ୍ଡରେ ମଧ୍ୟ ଲେଖା ଅଛି:—
"କଳ୍ପକଳ୍ପାନ୍ତରେ ଶ୍ରୀରାମ ପୁନରପି ।
ସମଯୋଗ ଜନ୍ମିଲି ଏ ମର୍ତ୍ତ୍ୟ ଭୂଇଁ ।
ମନ ମାୟା ହୋଇଣ ଜନନୀର ଗର୍ଭୁ ।
ଜନ୍ମ ହୋଇଣ ମୁଁ ଜାଣିଲି ମହାପ୍ରଭୁ ॥
ଏହାର ପ୍ରସାଦେ ଯେ ଶାରଦା ଦୟା କଲା ।
ରାମାୟଣ ଗ୍ରନ୍ଥ ମୋ ମୁଖରୁ ନିଉପଜିଲା ।"

ବଳରାମ ଦାସଙ୍କ ସମ୍ବନ୍ଧରେ ଗୋଟିଏ ଅଲୌକିକ ପ୍ରବାଦ ଅଛି । ଏହା 'ଦାଣ୍ଡୀତା-

ରସାମୃତ' ପ୍ରଥମ ଖଣ୍ଡରେ ଲିପିବଦ୍ଧ ହୋଇଅଛି, ସୁତରାଂ ଏସ୍ଥଳରେ ଦଆଗଲା ନାହିଁ । ଏହା ପାଶ୍ଚାତ୍ୟ ସଭ୍ୟତାଲୋକପ୍ରାପ୍ତ ଶିକ୍ଷିତ ବ୍ୟକ୍ତିମାନେ ବିଶ୍ୱାସ କରି ନ ପାରନ୍ତି ସତ୍ୟ, ମାତ୍ର ଏହି ପ୍ରବାଦ-ଦ୍ୱାରା କବିଙ୍କର ଖ୍ୟାତି ଯେ ଅନେକ ଦୂର ବ୍ୟାପି-ଥିବାର ଜଣାଯାଏ । ଏହି ପ୍ରବାଦକୁ ଲକ୍ଷ କରି ଜଣେ ବଙ୍ଗୀୟ ବୈଷ୍ଣବ କବି ଲେଖିଅଛନ୍ତି:—

"ବନ୍ଦେ ଉତ୍କଳ ବଳରାମ ଦାସ ମହାଶୟ ।
ଜଗନ୍ନାଥ ବଳରାମ ବଶ ଯାର ହୟ ।"

ବଳରାମ ଦାସ ରାମାୟଣ ଭିନ୍ନ ଆଉ ଅନେକ ଗୁଡ଼ିଏ ଉପାଦେୟ ଗ୍ରନ୍ଥ ରଚନା କରିଅଛନ୍ତି, ଯଥା:—ଭଗବଦ୍‌ଗୀତା, ଅମରକୋଷଗୀତା, ଗୁପ୍ତଗୀତା, ବ୍ରହ୍ମାଣ୍ଡଭୂଗୋଳ, ବେଢ଼ାପରିକ୍ରମା, ବାରମାସୀ, ବଗଟଗୀତା, ରାମବଳୀ, ଦୁର୍ଗାସ୍ତୁତି ଇତ୍ୟାଦି ।

ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ ।

ଦ୍ୱାରକା ଦାସ ।

(ପ୍ରେମରସଚନ୍ଦ୍ରିକା-ରଚୟିତା)

ଦ୍ୱାରକା ଦାସ ଜଣେ ନିମ୍ନ ସ୍ତରର କବି । ଏ କୌଣସି ସୁବିସ୍ତୀର୍ଣ୍ଣ ଗ୍ରନ୍ଥ ଲେଖିଥିବାର ଜଣା-ଯାଏ ନାହିଁ । ଯାହାହେଉ ଉତ୍କଳ ଭାଷାର ଇତିହାସ ଧାରାବାହିକରୂପେ ଲେଖିବାକୁ ହେଲେ ଦ୍ୱାରକା ଦାସଙ୍କ ବିଷୟ ଜାଣିବା ନିତାନ୍ତ ଆବଶ୍ୟକ । ଦ୍ୱାରକା ଦାସ, ବୋଧହୁଏ, ସନ୍ନ୍ୟାସୀ ଥିଲେ । ତାହାଙ୍କ 'ସପ୍ତପୋଇ'ରେ ଲେଖା ଅଛି:—"ଝଣ୍ଡି ଭୁଞ୍ଜଅ କନ୍ଥା ବସ୍ତ୍ର ମୋର"; "ଫଳ ମୂଳ ଖାଇ ଦିନ ମୁଁ ବଞ୍ଚଇ କଷ୍ଟ ମୁଁ ସହିବ କେତେ" । ଏ କୌଣସି ରାମଦାସଙ୍କର ଶିଷ୍ୟ:—"ଏହି ପଦକୁ କରିଅଛି ଆଶ । ପାପୀ ପାମର ରାମଦାସଶିଷ୍ୟ" (ପ୍ରେମରସଚନ୍ଦ୍ରିକା) । ଦ୍ୱାରକା ଦାସ ଉତ୍କଳରାଜା ତେଲଙ୍ଗା ମୁକୁନ୍ଦ ଦେବଙ୍କ ରାଜତ୍ୱ ସମୟରେ ଜୀବିତ ଥିଲେ ଓ ବଳରାମ ଦାସଙ୍କର ସମକାଳୀନ ଲୋକ । ବଳରାମ ଦାସଙ୍କ 'ଗୁପ୍ତଗୀତା'ରେ, ଲେଖା ଅଛି:—

ଶ୍ରୀଧର କହିଲେ ଶୁଣ ଅର୍ଜ୍ଜୁନ ।
ମୁକୁନ୍ଦ ଦେବ ବୋଲି ଏକ ରାଜନ ।
ତାହାଙ୍କ ଯାଉ ସତାଇଶ ଅଙ୍କେ ।
ନାମ ତା ପଦନ ପଟ୍ଟନାୟକେ ।
ତାହାକୁ ଦିନେ ଯେ ଭେଟିଲେ ଦାସେ ।
କଲ୍ୟାଣ କରଣ ବସିଲେ ପାଶେ ।
ଗୁପତଗୀତା ଅଧ୍ୟା ଥିଲା ବାସେ ।
ତାଙ୍କୁ ପଚାରିଲେ ପଟ୍ଟନାୟକେ ॥
କି ପୁସ୍ତକ ଅଛି ଦାସେ ହାତରେ ।
ସେତେକର ତାହା କହ ନେହରେ ॥
ଅମ୍ଭେ ଶୁଣିବୁ କି ନା ଏଥି ରସ ।
ଦାସେ କହିଲେ ଜ୍ଞାନ ଉପଦେଶ ॥
ଗୁପତଗୀତା ଏ ଅଧ୍ୟା ଅଟଇ ।
ଶ୍ରୋତା ଯେବେ ଶୁଣେ ତାହା କହଇ ॥

*   *   *   *

ଏ ଗୁପତ ଯେ ମହା ରସଗୀତା ।
ଆପଣେ କହ ହୋଇଣ ବକ୍ତା ॥
ତାହାଙ୍କ ବଚନ ଶୁଣିଣ ଦାସେ ।
ପ୍ରସଙ୍ଗ କଲେ ତାଙ୍କ ଆଶା ଅଂଶେ ॥
ପୂର୍ବ ଜନ୍ମରେ ଅମୃ ଗୀତା କଲି ।
ପ୍ରଥମ ଅଧ୍ୟା ସିନା ହୋଇଥିଲି ।
ଏବେ ତାହା ଅମ୍ଭେ କହିବା ରହି ।
ତୁମ୍ଭେ ତାହା ଶୁଣିବ ଶ୍ରବଣ ଦେଇ ॥
ଯେଣୁ ସେ କଥା ପଚାରିଲ ଆମ୍ଭ ।
ଭକ୍ତିକୁ ବଟୋଳ କଲେ ବହୁତ ॥
ସେ ପୁଣି ମୋ ଶ୍ରମୁରେ ଜଣାଇଲ ।
ଅନେକ ସ୍ତୁତିରେ ବଚନ କଲ ॥

ମୁଁ ତାଙ୍କ ହୃଦରେ ପଶିଲି ଯାଇଁ ।
ଗୀତା ତାହାଙ୍କୁ ଦେଉଥାଇ କହି ॥
ତେଣୁ କହିଲେ ତା ଦ୍ଵାରିକା ଦାସ ।
ପଞ୍ଚଦଶ ଅଧ୍ୟା ହେଲା ଶେଷ ॥
ସର୍ବ ଅଧ୍ୟା ଯେତେ ଛତିଶ ହୋଇ ।
ପଞ୍ଚାମୃତ ତା ବିସ୍ତାର କହି ॥
ଶୁଣିଣ ପଢ଼ନ୍ତ ପଣ୍ଡାଯୁକ୍ତ ।
ଯେ ପୁତ୍ର ଅଟି ହେଲେ ସେବକ ॥
ଏମନ୍ତେ ଗୀତା ହୋଇଲା ସମ୍ପୂର୍ଣ୍ଣ ।
ଶୁଣିଲେ ସଂସାର ସକଳ ଜନ ॥

* * *

କେହି କେହି ପଚାରି ପାରନ୍ତି ଯେ, ମୁକୁନ୍ଦ ଦେବ ତ ସତର ବର୍ଷ ମାତ୍ର ରାଜତ୍ୱ କରିଥିଲେ, ତାହାଙ୍କର ସତାଇଶ ଅଙ୍କ ଆସିଲା କେଉଁଠୁ ? ଓଡ଼ିଶା ଇତିହାସରେ ଲେଖା ଅଛି, ମୁକୁନ୍ଦ ଦେବଙ୍କ ଉତ୍ତାରୁ ଅନେକ ବର୍ଷ ପର୍ଯ୍ୟନ୍ତ ଓଡ଼ିଶା ଅରାଜକ ଥିଲା । ଏହି ଅରାଜକତା ସମୟରେ, ବୋଧହୁଏ, ଲୋକେ ସ୍ୱର୍ଗୀୟ ମୁକୁନ୍ଦ ଦେବଙ୍କ ନାମରେ ଅଙ୍କ ଗଣନା କରୁଥିଲେ । ଅତଏବ ମୁକୁନ୍ଦ ଦେବଙ୍କ ସତାଇଶ ଅଙ୍କ ବୋଲି ବଳରାମ ଦାସ ଯାହା କହିଅଛନ୍ତି, ତାହା ଅସଙ୍ଗତ ନୁହେ । ଅଥବା 'ସପ୍ତଦଶ' ବଦଳରେ 'ସତାଇଶ' ପଡ଼ି ଯାଇଥିବ ।

'ଗୁପ୍ତଗୀତା' ସହିତ 'ପ୍ରେମରସଚନ୍ଦ୍ରିକା' ତୁଳନା କରି ଦେଖିଲେ, ବଳରାମ ଦାସ ଓ ଦ୍ଵାରିକା ଦାସ ଏକ ଶ୍ରେଣୀର ଲୋକ ଥିଲାପରି ପ୍ରତୀୟମାନ ହୁଏ । ଦୁହେଁ ବ୍ରହ୍ମଜ୍ଞାନୀ, ଦୁହେଁ ତତ୍ତ୍ୱଜ୍ଞାନୋପଦେଷ୍ଟା, ଦୁହେଁ ବୈଷ୍ଣବମତାବଲମ୍ବୀ । ବଳରାମଦାସ ଗୁପ୍ତଗୀତାରେ କେତେଗୋଟି ସମାନାକ୍ଷରବିଶିଷ୍ଟ ଛନ୍ଦ ବ୍ୟବହାର କରିଅଛନ୍ତି, ଯଥାଃ—ରାଗଭବୋଲି (ଅଧୁନାତ ବଙ୍ଗଳାଶ୍ରୀ); ଜଳକ୍ରୀଡ଼ାବାଣୀ (ଅଧୁନାତ ରସକେଲି); ଭାଗବତ ବାଣୀ (ଗୁଜ୍ଜରୀ); ଖଣ୍ଡୈତବୋଲି; କଲସାବାଣୀ । ଦ୍ଵାରିକା ଦାସ ମଧ୍ୟ ଏଥିରୁ ଅନେକ ଛନ୍ଦ ତାହାଙ୍କ ପ୍ରେମରସଚନ୍ଦ୍ରିକାରେ ବ୍ୟବହାର କରିଅଛନ୍ତି ।

ଉଭୟଙ୍କ ଗ୍ରନ୍ଥରେ (ଗୁପ୍ତଗୀତା ଓ ପ୍ରେମରସଚନ୍ଦ୍ରିକା) ସମାନଭାବାତ୍ମକ କେତେଗୁଡ଼ିଏ ପଦ ଦୃଷ୍ଟ ହୁଏ । ଗୁପ୍ତଗୀତାରେ ଲେଖା ଅଛିଃ—

ସେ ବଳରାମ ଦାସ ଗୋପ୍ୟ କରି
ଅଧ୍ୟାୟ କରଣ ଜୀବନ ହାରି ।

———

ମୁଁ (ଜଗନ୍ନାଥ) ତାର ହୃଦରେ ପଶିଲି ଯାଇ ।
ଗୀତା ତାହାଙ୍କୁ ଦେଉଥାଇ କହି ।

———

ପ୍ରଥମେ ଯେତେ ପୋଥିକି ରଖିଲେ ।
ଓଁ କାର ଥାପି ବସ୍ତୁ ମାରି ଦେଲେ ॥

ପ୍ରେମରସଚନ୍ଦ୍ରିକାରେ କଣ ଲେଖା ଅଛି, ଦେଖନ୍ତୁଃ—

ଯାହା ତୁ ପଚାରିଲୁ ମତେ ।
ଗୁପତେ କହୁଅଛି ତତେ ॥

———

ନାରଦ ବନ୍ଧୁ ସମ୍ବାଦ ଏ ଉତ୍ତମ ପୁଜକ ଜନଙ୍କୁ ହିତ ।
ପାମର ଦ୍ଵାରିକା ଦାସ ଭଣିଲେ ଆଜ୍ଞା ଦେଲେ ଜଗନ୍ନାଥ ॥

———

ନୂତନ ନୂଆ ବଡ଼ ଏଥି ନାହିଁ ଅଭେଦ ଏକଇ ଅଙ୍ଗ ।
ଯାହା ବାଟ ମାର ମୋତେ କହି ଦେଲ ପ୍ରଭୁନ ଏହି ଶ୍ରୀଅଙ୍ଗ ॥

ବଳରାମ ଦାସଙ୍କ ସହିତ ଦ୍ଵାରିକା ଦାସଙ୍କର କେତେଦୂର ସାମଞ୍ଜସ୍ୟ ଅଛି ଉପରେଲିଖିତ ଅଂଶଗୁଡ଼ିକରୁ ପାଠକେ ସହଜରେ ହୃଦୟଙ୍ଗମ କରି ପାରିବେ । ବୋଧ ହୁଏ ବଳରାମଦାସ ଦ୍ଵାରିକାଦାସଙ୍କର ଅନୁକରଣ କରିଥିଲେ । 'ଗୁପ୍ତଗୀତାରେ ଲେଖା ଅଛିଃ—"ତେଣୁ କହିଲି ତା ଦ୍ଵାରିକା ଦାସ, ପଞ୍ଚଦଶ ଅଧ୍ୟା ହେଲା ଶେଷ" । ଅର୍ଥାତ୍

ଦ୍ୱାରକା ଦାସ 'ପ୍ରେମରସଚନ୍ଦ୍ରିକା' ଲେଖିଲା ବାଦ ବଳରାମ ଦାସ 'ଗୁପ୍ତଗୀତା' ରଚନା କରିଥିଲେ ।

ପ୍ରେମରସଚନ୍ଦ୍ରିକାର ଭାଷା ସରଳ, ସଫା; ଗୁପ୍ତଗୀତାର ଭାଷା ଯତ୍କିଞ୍ଚିତ୍ କଠିନ । ଆମ୍ଭେ ଦ୍ୱାରକା ଦାସଙ୍କର ହସ୍ତଲିଖିତ କୌଣସି ପୁସ୍ତକ ଦେଖି ନାହୁଁ । ଯେଉଁ ମୁଦ୍ରିତ ପୁସ୍ତକ ଆମ୍ଭ ହସ୍ତଗତ ହୋଇଅଛି, ସେଥିର ଭାଷା ପ୍ରକାଶକଙ୍କ ଦ୍ୱାରା ପରିମାର୍ଜିତ ହୋଇଥିବାର ସମ୍ଭାବନା । କଭୁବା ସମାନାକ୍ଷରବିଶିଷ୍ଟ ଛନ୍ଦରେ ଲେଖି ବଳରାମଦାସ ରାମାୟଣର ସାରଲ୍ୟ ଗୁପ୍ତଗୀତାରେ ରକ୍ଷା କରି ପାରି ନାହାନ୍ତି ।

'ସପ୍ତଯୋଗ' ଦ୍ୱାରକା ଦାସଙ୍କର ଅନ୍ୟତମ ପୁସ୍ତକ । ଏଥିର ଭାଷା ପ୍ରେମରସଚନ୍ଦ୍ରିକାର ଭାଷା ଅପେକ୍ଷା ସରଳ । ନମୁନା ଦେଖନ୍ତୁ :—

ଧରଣୀ ମଧ୍ୟରେ ଏ ଦୁଃଖସାଗରେ
ଭାସି ଯାଉଛୁ ପଡ଼ି ମୁହିଁ ।
ଧରି ଶଙ୍ଖଚକ୍ର କପାଳି ବସିଛ
ଧରିବାର ଶୋଭା ପାଉ ନାହିଁ ।
ନୀରସ ଜନରେ ଦୟା ଯେବେ ନାହିଁ
ଥାଉ କି ହୋଇବ ବଳେ କରି ।
ନୀଳଚକ୍ରେ ନେତ ଉଡ଼ିବାର କଥା,
କହେ ଦ୍ୱାରକା କରଇ ସ୍ତୁତି ।

* * *

ଭଜ ବା ନ ଭଜ ମୁଁ ତୋ ଚରଣ କେବଳ
ଆଉ ମୋର ସଖା ନାହିଁ ।
ଦୁଃଖ ପାଇ ରାଗ ଗାଇ ମୁଁ ଡାକୁଛି
ମୋ ଦୋଷ ଦେଖିବ ନାହିଁ ।
ଜାତେ ସେ ମାତଙ୍ଗ ଶ୍ରୀବତ୍ସ ବ୍ରାହ୍ମଣ
ମାଳାଧର ଅଛ ଯେତେ ।
ଲବଣୀ ଚୋରରେ ଦେଖା କର ସାଥ
ତ ବୋଲନ୍ତି ଗୋପାଳୁଣୀ ।
ବୋଇଲେ ବୋଇଲି ଦୋଷ କ୍ଷମା କର
କ୍ଷମାଶୀଳ ନାମ ତୋର ।
ବିପତ୍ତି କାଳେ ତୁମ୍ଭେ ସେହା ବୋହିଲେ
କହେ ତ ଦ୍ୱାରକା ଛାର ।

* * *

ଛାଡ଼େ କରୁଣୀ ଚନ୍ଦ୍ରା କରୁ ଖାଇଲ
ଚନ୍ଦ୍ର ଗରବ ଗଞ୍ଜିଲ ହରି ।
ଛାଡ଼ିପାଣି କଂସଫଳ ଖାଇ ଯୋଗୀ
ସାଧି ସାଧି ଗଲେ ଦେହଧାର ।
ନିକଟକୁ ଦୂର ଦୂରକୁ ନିକଟ
ପ୍ରସନ୍ନ ହେଲେ ଏମନ୍ତ ହୁଅ ।
କହଇ ଦ୍ୱାରକା ଶ୍ରମରେ ଜଣାଏ
ମୋହଠାରେ କିପାଁ ଏଡ଼େ ହୋଇ ।

* * *

ଦ୍ୱାରକା ଦାସ ଆଉ କି କି ଗ୍ରନ୍ଥ ଲେଖିଅଛନ୍ତି ଜାଣିବାର ଇଚ୍ଛା ରହିଲା ।

ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ ।

ଭକ୍ତ ଅରକ୍ଷିତଙ୍କ ପଦାବଳୀ ।

ଏ ଅଞ୍ଚଳରେ ଜଣେ ଅତି ବୃଦ୍ଧ ବ୍ୟକ୍ତି ଭକ୍ତ ଅରକ୍ଷିତ ଦାସଙ୍କ ପଦାବଳୀ ଗାନ କରି ଭିକ୍ଷା କରୁଥିଲେ । ତାଙ୍କର ଏ ସଂସାରରେ କେହି ନ ଥିଲେ, କିନ୍ତୁ ଗାନହିଁ ଭିକ୍ଷାର୍ଜନର ଏକମାତ୍ର ଉପାୟ ଥିଲା; ସେଗୁଡ଼ିକ ସୁଲଳିତ ଓ ଉପଦେଶପୂର୍ଣ୍ଣ ଥିବାରୁ, ଅନେକ ଥର ସଂଗ୍ରହ କରିବାକୁ ଚେଷ୍ଟା କରିଥିଲି, କିନ୍ତୁ କାଳେ ଏପରି ଲେଖିଦେବା ଦ୍ୱାରା ଭିକ୍ଷାର୍ଜନର ପଥ ବନ୍ଦ ହୋଇ ଯିବ, ଏହି ଭୟରେ ସେ ବୃଦ୍ଧ ସେଗୁଡ଼ିକୁ ତାହାକୁ ଲେଖି ଦେବାକୁ ଅସ୍ୱୀକୃତ ଥିଲେ । ବହୁ ଚେଷ୍ଟାରେ ମୁମୂର୍ଷୁ ଅବସ୍ଥାରେ ତାଙ୍କଠାରୁ ଯେତେଦୂର ସଂଗ୍ରହ କରା ହୋଇଥିଲା, ତାହା

ଇଂଲଣ୍ଡ ଓ ଫ୍ରେଞ୍ଚ ସ୍କୁଲରେ ତାହା ଅବୋଧ ହେଲେହେଁ, ଉପଦେଶମୂଳକ ସଂଯୋଗୀ ପକ୍ଷରେ ପ୍ରୟୋଜନୀୟ । ଅନୁସନ୍ଧାନରେ ବୁଝିଲୁ ଛୋଟ-ପଦାର ସ୍ୱନାମଖ୍ୟାତ ମହନ୍ତ ଶ୍ରୀଯୁକ୍ତ ରଘୁନାଥ ପୁରୀ ଗୋସାଇଁଙ୍କ ଗୁମାସ୍ତା ଶ୍ରୀ ଶ୍ୟାମଚରଣ ମହାନ୍ତିଙ୍କ ପାଖରେ ସ୍ୱର୍ଗୀୟ ଅରକ୍ଷିତ ଦାସଙ୍କ ଲିଖିତ 'ଶବ୍ଦଭେଦ' ନାମରେ ଖଣ୍ଡେ ବଡ଼ ତାଳପତ୍ର ପୋଥି ଅଛି, ଏ ପଦାବଳୀ ଉକ୍ତ ଗ୍ରନ୍ଥର ଅନ୍ତର୍ଗତ । ପୁରୀ ମହାଶୟ ଉତ୍କଳସାହିତ୍ୟ-ସମ୍ପାଦକ ଭର ମହାଶୟଙ୍କର ପରମବନ୍ଧୁ; ଉକ୍ତ ମହାଶୟ ଚେଷ୍ଟା କଲେ ଅକ୍ଳେଶରେ ସମସ୍ତ ଗ୍ରନ୍ଥ ସଂଗ୍ରହ କରି ପାରନ୍ତି । ଅରକ୍ଷିତ ଦାସ ଅଯୋଗ-ଆଶ୍ରମବାସୀ ବୈଷ୍ଣବ ଥିଲେ, ତାଙ୍କର ଗାଦି ଅଳତି ପାହାଡ଼ରେ ଅଛି ବୋଲି ଶୁଣିଲୁ, ସେଠାରୁ ତାଙ୍କର ଅନ୍ୟାନ୍ୟ ଗ୍ରନ୍ଥ ସଂଗ୍ରହ ହୋଇ ପାରେ । ପାଠକମାନଙ୍କ କୌତୂହଳ ନିବାରଣ କରିବାପାଇଁ ଅନ୍ତତଃ ସଂଗୃହୀତ ଅଂଶ ପଠାଗଲା । ବୃଦ୍ଧଟିର ମୃତ୍ୟୁ ହୋଇଥିବାରୁ ଅନ୍ୟାନ୍ୟ ଅଂଶ ସଂଗ୍ରହ କରିବାର ବା ଅସଂଲଗ୍ନ ଅଂଶ ସଂଶୋଧନ କରିବାର ସୁବିଧା ନାହିଁ ।

ହରିରସ ଝର ବନ୍ୟାରେ ବୁଡ଼ି
  ନ ଜାଣି ହେବ ମୁଁ ଜଣା ।
ଅନ୍ଧପଟଳରୁ ମୁକତ ହୋଇବ
  ପଦ୍ମପାଦେ ହେଲେ ଜଣା । ୧ ।
ବସିବା ଠାବରେ ଅମୃତ ବନ୍ଧୁଛି
  ଦୂରଦେଶ କିପାଁ ଯାଉ ।
ଖଡ଼ବୈର ମୂଳେ ଗନ୍ତାଣୀ ଲଗାଇ,
  କୁହିନାମ ଜପୁଥାଉ । ୨ ।
ପ୍ରବୃଦ୍ଧ ଜଡ଼ତ ହେଉଅଛି ଏହା
  ନ ଜାଣୁରେ ହୋଇ ବାଇ ।
ଜୀବ ଥାଉ ଥାଉ ଜନମକି ପାରଲେ
  ତାହାକୁ ତ ଭୟ ନାହିଁ । ୩ ।
ମାତା ପିତା ହାଡ଼ ଅବର ଗୁରୁଙ୍କୁ
  ଜାଣୁ ନା ସେ ତ ବଡ଼ର ।
ଯିବାବେଳେ ସଣେମାନଙ୍କ ନାହିଁ ହେ
  ନୁହନ୍ତି କେହି କାହାର । ୪ ।
ମନ ଅନ୍ଧ କରି ବଇକୁଣ୍ଠ ଧାମ
  ନ ଯଉଲୁ ମତ୍ରିବୋଲେ ।
ଯିବାବେଳେ ଜୀବ କାହିଁ ଥିଉ ଯିବ
  କି କରିବୁ ଛେଳେବେଳେ । ୫ ।
ବସ୍ତ୍ରୀ ଘୋଡ଼ାଙ୍କୁ ଯେ ପରତେ ନ ଯିବ
  ବନ୍ଧଣା କରହା ଭାବ ।
ଧନ ହେଉ ମନ୍ତ ବଦାଇ ଦେଖିଲ
  ବିଶାସ ତାକୁ ନ ଯିବ । ୬ ।
ଶୁଣିବା ଖାଇବା ପନ୍ତ ନ ରଖିବ
  ଥିଲେ ଚଉ ଫିଙ୍ଗି ଦେବ ।
ଭାଇଙ୍କ ସଙ୍ଗେ ତ କଳି ନ କରିବ
  ଭାଗ ଯେତେ ଦେଉ ଯିବ । ୭ ।
ଗର୍ଭିଣୀ ସ୍ତ୍ରୀ ଯେ ଅଷ୍ଟମାସ ହେଲେ
  ତା ସଙ୍ଗେ ସଙ୍ଗ ନ କର
କାମ ଆରତରେ ଅଙ୍ଗସଙ୍ଗ କଲେ
  ବ୍ରହ୍ମହତ୍ୟା ପାପ ସର । ୮ ।
ଦୁଃଖୀକୁ ଦେଖିଲେ ଦୂର ନ କରିବ
  ଦୁଃଖ ଜାଣି କଥା କହୁ ।
ଦେଇ ନ ପାରିଲେ ବଅଇଲେ ତାକୁ
  ହେବା ସତ ଧର୍ମ ହୋଇ । ୯ ।
ଅଗ୍ନି ଲଗାଇ ଯେ ବନ ନ ପୋଡ଼ିବ
  ପୋଡ଼ିଲେ ବହୁତ ଦୋଷ ।
ଅତିଥି ଲୋକଙ୍କୁ ଦ୍ୱାରରେ ବସାଇ
  ଅନ୍ନ ନ କରିବ ଗ୍ରାସ । ୧୦ ।
ସଗ୍ରାମଭୂମିରୁ ପଛ ଦାଖା ନୋହି
  ଆଗଭରେ ଯୁଝୁଥିବ ।
ଆପଣା ସାଙ୍ଗକୁ ପତ୍ନି ଲେଖି ଦେଇ
  ପିତୃଋଣ ଶୁଝୁଥିବ । ୧୧ ।
ଜନକ ଚରଣ ସେବା ତୁ କରିବୁ
  ପୁତ୍ରକୁ ପାଠ ପଢାଇ ।
ହୁଦ ଭାଗ୍ୟଙ୍କୁ ଏକାନ୍ତେ ପାଳିବ
  ନ କରି ହେଳି ଅନାଇ । ୧୨ ।

ନ ଜାଣିବା ପଥେ ବାଟ ନ ଚାଲିବ
   ଚାଲିବ ବୁଝି ପଚାରି ।
ବୃକ୍ଷର ଭିତରେ ସର୍ପ ନ ରଖିବ
   ଗୋପ୍ୟ ହେଲେ ତାକୁ ମାରି । ୧୩ ।
ସ୍ୱାଥନ୍ତ୍ରଙ୍କୁ ସତ ଉତ୍ତର ନ ଦେବ
   ଦୋଷରେ ଦଣ୍ଡିଲେ ସହ ।
ଖଳ ଦ୍ୱନ୍ଦେ ଅପେକ୍ଷା ନ ରହିବ
   ସହାଗେ ଖଳ ନ କହ । ୧୪ ।
ଜଳଘାଟେ ଜନ୍ତୁ ଘାତ ନ କରିବ
   ନ ମାରି ଜନ୍ତୁ ବିଶ୍ୱାସି ।
ବନ୍ଧୁଙ୍କୁ ଦେଖିଲେ ନମସ୍କାର କରି
   ଆଙ୍ଗୋଳି ବନ୍ଧ ହରଷି । ୧୫ ।
ନଦୀ ପୋଖରୀରେ ସ୍ନାନ କଲା ବେଳେ
   ତୋଠେ ନ ରଖିବ ଧନ ।
ଦୁଇ ଜଣେ ଗୃପ ଫନ୍ଦା ନ କରିବ
   ଦରିଦ୍ରଙ୍କୁ ଦେବ ଦାନ । ୧୬ ।
ପରଭୂମିକଲେ ପଶୁର ପଶିବ
   ଛେଉଁ ନ ପଶିବ ଥାଉଁ ।
ପରସ୍ତ୍ରୀରୀ ସଙ୍ଗେ ପୀରତି ନ କର
   ତହୁଁ ବଡ ଦୋଷ ପାଉ । ୧୭ ।
ମନ୍ତ୍ରୌଷଧି ମୂଳମୂଳିକା ଜାଣିଲେ
   ପ୍ରକାଶ କରି ବଖାଣି ।
ଭଗ୍ନୀର ପୁତ୍ରଙ୍କୁ ଉଚ୍ଛିଷ୍ଟ ନ ଦେବ
   ଦେବପ୍ରାୟେ ଥିବ ମଣି । ୧୮ ।
ଆପଣା ଧନରେ ଦାନ ଧର୍ମ କଲେ
   ଫେଡ଼ ନ କହ ତାହାଙ୍କୁ ।
କୁଳସ୍ତ୍ରୀରୀ ଚୋଉ ଦାଣ୍ଡେ ନ ବସିବ
   ଲଜ୍ଜା ଥିବ ପରଘରକୁ । ୧୯ ।
ପର ପୁରୁଷଙ୍କୁ ଆଶା ନ କରିବ
   ପର ସଙ୍ଗେ ପଥ ନ ଚାଲି ।
ପର ଯାଚନା ଯେ ପଦାର୍ଥ ନ ଖାଏ
   ଯୁବତୀରହି ସେ ବୋଲି । ୨୦ ।
ଅଳପ ଅଗ୍ନିକୁ ପରତେ ନ ଯିବ
   ଅଦ୍ଭୁତ କରି ବୁଝି ।

ଅଳପ ଧନରେ ସନ୍ତୁଷ୍ଟ ନ ହୋଇବ
   ଋଣର ଶେଷକୁ ଶୁଝି । ୨୧ ।
ଉଣ୍ଟାପ ଲୋକର ସଙ୍ଗେ ନ ବସିବ
   ଆଗପଛ ନାହିଁ ମେଳା ।
ଅଳପ ବ୍ୟାଧିକି ହେଳା ନ କରିବ
   ମନ୍ତ୍ରୁକୁ ନ କର ହେଳା । ୨୨ ।
ଆପଣା କାର୍ଯ୍ୟରେ ହେଳା ନ କରିବ
   ଦଟଘୀ ସ୍ତ୍ରୀଙ୍କି ନ ବର ।
ବିକଣା ବଳଦ ଘରେ ନ ରଖିବ
   ନଦୀପାରି ଗୃହ ନ କର । ୨୩ ।
କୁଳସ୍ତ୍ରୀଙ୍କୁ ଯେ ଅଦୋଷେ ନ ଦଣ୍ଡି
   ଦଣ୍ଡିଲେ ଭଏ ରଖିବ ।
ବୈଦ୍ୟ ଯେଉଁ ଦେଶେ ନ ଥିବ ସେ ଦେଶ
   ସେହୁ ଦଣ୍ଡେ ଉପେକ୍ଷିବ । ୨୪ ।
ଜଳଘାଟରେ ଉଚ୍ଛିଷ୍ଟ ନ ପକାଉ
   ଉଭା ହୋଇ ଦାନ୍ତ ନ ଘଷି ।
ନବଯୁବା ସ୍ତ୍ରୀଙ୍କି ଗୃହରେ ରଖିଣ
   ନୋହିବ ସଦା ପ୍ରବାସୀ । ୨୫ ।
ଖାଇବାକୁ ଯେଉଁ ପଦାର୍ଥ ମିଳିବ
   ଗୋବିନ୍ଦଙ୍କୁ ଦେଖାଇବ ।
ବୋଇତ ଚଢ଼ି ବଣିଜେ ନ ଯାଇ
   କୂଳେ ଯେବେ ଡଙ୍ଗା ମିଳିବ । ୨୬ ।
ଶାସ୍ତ୍ର ଶୁଣିଲେ ଯେ ନିନ୍ଦା ନ କରିବ
   ନିନ୍ଦା କଲେ ପାପ ଲାଗିବ ।
ଗୋରୁ ସେ ପ୍ରଥମ ଗ୍ରାସ ଖାଉଥିଲେ
   ତାକୁ ଡେରେ ନ ଉଠିବ । ୨୭ ।
ଦାଗବଇରର ମୁଖ ନ ଚାହିଁବ
   ଚାହିଁଲେ ତାକୁ ପଚାରି ।
ଆପଣାକୁ ଅପଘାତରୁ ରଖିବ
   ଗୋ ବ୍ରାହ୍ମଣ ହେଲେ ମାରି । ୨୮ ।
ଧନବନ୍ତ ହେଲେ ସେବା ଛାଡି ପାରୁ
   ପ୍ରଭୁ ଆଗରେ ଜଣାଉ ।
ତଳଙ୍କ ଦାଣ୍ଡିରେ ଜଳ ନ ପକାଉ
   ଲୁଗା ରୌଦ୍ରେ ନ ଶୁଖାଉ । ୨୯ ।

ବଣିକଙ୍କୁ ଯାଇ ସତ ନ କହିବ
  ତେଲ ହାଣ୍ଡି ହାଟ କର ।
ପରଦେଶେ ଜଣି ଉହାରର ହୋଇ
  ପ୍ରଥମ କୋପ ସହାସ । ୩୦ ।
ପ୍ରଥମ ସନ୍ଧ୍ୟାରେ ଭୋଜନ ନ କର
  ଗ୍ରାମ କୂଟେ ମନ ନ ଦେଇ ।
ଲଘୁ ସଙ୍ଗେ କଳକଥା ନ କର
  ପଦ ଯୋଡି ଲଙ୍ଘା ଦେଇ । ୩୧ ।
ପୋଥିର ଅକ୍ଷର ହରଣୀ ନ ଲେଖି
  ଲେଖିବ ବଗେଲଭଙ୍ଗେ ।
ସାଧୁକ ହୋଇଲେ ଫୁଲଣା ନୋହିବ
  ଦୃଷ୍ଟି ଉଗ୍ର ପଦ ଭାବେ । ୩୨ ।
ବଇଦ୍ୟ ହୋଇଲେ ବ୍ୟାଧିକି ଚିହ୍ନିବ
  ଔଷଧ ଦେଇ ନିବାରି ।
କଳସ୍ଥ ସ୍ତ୍ରୀଙ୍କୁ ଘରେ ନ ରଖିବ
  ଯେବେ ହେବ ଉପବାସ । ୩୩ ।
ପରଗେରସ୍ତଙ୍କୁ ତୁକାର ନ କହି
  କହିବ ମଧୁର ଭାଷା ।
ଛିଅ ବନ୍ଧୁ କର ଧନ ନ ଘେନିବ
  ଧର୍ମରେ ଥିଲେଟି ଅଶା । ୩୪ ।
ଯେଉଁ ଧନୁ ହରଚରଣ ଅର୍ପିବ
  ସେ ଧନୁ ଦୁରଭ ଶସ୍ତ ।
ଚମରୁପ୍ରଭୁଙ୍କର ପାଞ୍ଜିକୁ ସତତ
  ଜନୁପଢଙ୍କର ଭସ୍ମ । ୩୫ ।
ଘଟେ ପଟେ ମୂର୍ତ୍ତି ଶ୍ରୀନନ୍ଦନନ୍ଦନ
  ବାସୁଦେବ ନିରଞ୍ଜନ ।
ଏହାକୁ ଅନେକ ପ୍ରକାଶ ହେଉଛି
  ଦର୍ପଣେ ଛାୟା ଯେସନ । ୩୬ ।

ଦକ୍ଷିପୋକହୁଦ ନେଉଛ ମାତର
  ଉହିଁ ଶଙ୍ଖଚକ୍ରଚିହ୍ନ ।
ସେ ଦେଗେ ଗ୍ରହିବ ଟେଣେ ବହ୍ନିମୟ
  କାହାକୁ ହଗବ ଭିନ୍ନ । ୩୭ ।
ନେପୁର ମଧ୍ୟେ ଯେତେ ଜୀବଜନ୍ତୁ
  ସର୍ବତ୍ର ନନ୍ଦନନ୍ଦନ ।
ଅଭକ୍ତିର କହେ ଜମନ୍ତି ପାରଲେ
  ହର ବିନା ଅନ୍ୟ ନାହିଁ । ୩୮ ।
ଭକ୍ତବନ୍ଧୁ ଯେ ଭାରତେ ନଷ୍ଟସ୍ଥେ
  ବୃଥାରେ ଅନ୍ୟ ନ ଭଜ ।
ସଂସାରଭାବ ଛୋ ଅଗରେ କହିଲ
  ପାରଲେ ଭୁ ପ୍ରତିପାଳ । ୩୯ ।

ଉପରୋକ୍ତ ପଦାବଳୀରେ ଆଧ୍ୟାତ୍ମିକ, ସାଂସାରିକ ଓ ସ୍ୱାସ୍ଥ୍ୟସମ୍ବନ୍ଧୀୟ ବିବିଧ ଉପଦେଶ ନିହିତ ଅଛି । ସେଗୁଡ଼ିଏ ଉପଦେଶ ବର୍ତ୍ତମାନ ସମୟଦୃଷ୍ଟିରେ ଅନୁଦାର, ଏଥିରେ ସନ୍ଦେହ ନାହିଁ । ମାତ୍ର ମୂଳରେ ଉପଦେଶଗୁଡ଼ିକ ଶିକ୍ଷାପ୍ରଦ । କବିଙ୍କର ଭାଷା ସରଳ ଓ ସେ ସଂସ୍କୃତଜ୍ଞ ଥିଲା ପରି ବୋଧ ହେଉଅଛି, ଯେହେତୁ ପୁଣ୍ୟଶ୍ଳୋକ ବିଷ୍ଣୁଶର୍ମା ଓ କୂଟନୀତିଜ୍ଞ ଚାଣକ୍ୟଙ୍କ ଉପଦେଶାବଳୀର ସାରାଂଶ ସେନ୍ ଏହା ଲିଖିତ ହୋଇଅଛି । ସମ୍ପୂର୍ଣ୍ଣ ଗ୍ରନ୍ଥ ସଂଗ୍ରହ ହୋଇ ନ ପାରିଲେ କବିଙ୍କର ଉତ୍କଳ ସାହିତ୍ୟକ୍ଷେତ୍ରରେ ପ୍ରକୃତ ସ୍ଥାନ ନିର୍ଣ୍ଣୟ କରିବା ଦୁରୂହ ଓ ଅସଙ୍ଗତ । ଆଉ ମଧ୍ୟ ଶବ୍ଦବିନ୍ୟାସରୁ ଅନୁମିତ ହେଉଅଛି, ହୁଏତ ଅନ୍ୟର ରଚନା ଭ୍ରମପ୍ରମାଦରେ ଏଥିରେ ସ୍ଥାନ ପାଇଅଛି ।

ଶ୍ରୀ ଶ୍ୟାମସୁନ୍ଦର ନନ୍ଦ ।

ବାଉମାହାନ୍ତି ପାଞ୍ଜି । (୧୩)

ଦେଶର ଢଗଢମାଳଗୁଡ଼ିକୁ ଯେଉଁମାନେ ଘୃଣାଚକ୍ଷୁରେ ଦେଖନ୍ତି, ସେମାନଙ୍କୁ ଭଲ ପଣ୍ଡିତଙ୍କ ଢରେ ନେଇ ମୂର୍ତ୍ତିରୁ ଶୁଣିଲେ ବୋଲି ଜଣ ଗୁଣଜ୍ଞଙ୍କୁ ବସିବାର ସାଯୋଗ ପଡ଼ାଇଲେ । ଢଗଢମାଳ ବହୁଶତ ବର୍ଷର ବହୁପୁରୁଷାନୁକ୍ରମେ ସଞ୍ଚିତ ମାନବପ୍ରକୃତି ଉପରେ ଟୀକା ; ଗୋଟିଏ ଗୋଟିଏ ଢଗ ଭିତରେ ଖଣ୍ଡିଏ ଖଣ୍ଡିଏ ପୁସ୍ତକ ଲୁଚି ରହିଥାଏ, କେତେ ଗଭୀର ଉପଦେଶ

ଗମ୍ଭୀର ମଧ୍ୟରେ ଛପି ଥାଏ; ସେଗୁଡ଼ାକ ନ ଦେଖି ଢଗଗୁଡ଼ିକ ହାଉମଳକ ମାତ୍ର ମୁଖନିଃସୃତ ବୋଲି ଘୋଷାଡ଼ି ଦେବା କେଡ଼େ ଅନ୍ୟାୟ ! ପାଠକମାନଙ୍କୁ ଏ ଧର୍ମ୍ମର ଉପଦେଶ ଦେବାକୁ ପଡ଼ିଲା, କେବଳ କାର୍ଯ୍ୟାନୁରୋଧରେ—ଦାୟରେ ପଡ଼ି । ମାଇପେ କହନ୍ତି ‘ଘୋଡ଼ା ଗଲା ଶେଷରେ ଅଡ଼ୁ କି ସଅଦ ?’ ଏହି ଢଗଟି ଅମ୍ଭେମାନେ ପିଲାଦିନୁଁ ଶୁଣି ଆସୁଥିଲୁଁ, କିନ୍ତୁ ତହିଁର ଗୂଢ଼ ଅର୍ଥ ଅଦ୍ୟଯାକେ ବୁଝି ପାରି ନ ଥିଲୁ; ଅଜ ତନ୍ତୁ ଅନୁଭବ ଅମ୍ଭମାନଙ୍କୁ ଏଥର ତାତ୍ପର୍ଯ୍ୟ ହୃଦୟଙ୍ଗମ କରାଇ ଦେଲା । ତୁଳସୀଦାସଙ୍କର ଗୋଟିଏ ହିନ୍ଦି ଦୁଅ ପିଲାଦିନେ କାଶୀ ଅବସ୍ଥାନ କଣ୍ଠସ୍ଥ କରାଇଥିଲେ;—“ସୁଜନ ପୀରତି ହେମ ଘଟ ଭର, ଦାଟେ ସ ଜୋଡ଼ ବଡ଼ାଇ; କୁଜନ ପୀରତି କାଚ ଘଟ ଘର, ଭୁଟେ ନ ଯୋଡ଼ା ନ ଯାଇ ।” ଏ ହିନ୍ଦିରେ ସୁଜନ ସଂଖ୍ୟା ଭଗ୍ନାଂଶ ନ କହିଲେ ଥଗ ପଡ଼ିବ ନାହିଁ । ସୁଜନ ଗୋଟିଏ ବାଛିବାକୁ ହେଲେ ବରଷପାଇଁ ଚଉଡ଼ାଗୃଡ଼ିଲ ଜାଗରେ ବାନ୍ଧିବାକୁ ହେବ, କିନ୍ତୁ ‘କୁଜନ’ ଦରକାର ହେଲେ ଘର ଦରୁଣ୍ଡି ବାହାର ଯିବାକୁ ହେବ ନାହିଁ । ଏହି ହିସାବରେ ଅମ୍ଭେମାନେ ସାଧାରଣତଃ ଦ୍ୱିତୀୟ ଶ୍ରେଣୀର । ଏହି ଶ୍ରେଣୀର ଲୋକଙ୍କ ମଧ୍ୟରେ ଢଗଢମାଳିର ପ୍ରଚଳନ । ଅମ୍ଭେମାନେ ଉଚ୍ଚସୋପାନ ଆଡ଼କୁ ନ ଯାଇ ଏହି ଶ୍ରେଣୀକୁ ଲକ୍ଷ କରି କହୁଅଛୁଁ । ମନମଧ୍ୟରେ ଥରେ ଅନେଇ ଦେଲେ ଯାହା, କଲେଜର ବାଗଳ ହାତରୁ ଖସି ପଡ଼ିଲେ ତାହା; ଆଉ ଯୋଡ଼ ହେବା କଥା କାଠିକର ପାଠ, ଫେର ଥରେ ପୁନର୍ଜନ୍ମ ନ ହେବା ପର୍ଯ୍ୟନ୍ତ ଭଙ୍ଗା ହୋଇ ପଡ଼ିଥିବ । ଅମ୍ଭମାନଙ୍କର ପ୍ରଭୁଭକ୍ତ୍ୟ ସଂବାଦରୁ କଥାଟା ଧରା ପଡ଼ିବ । ବାଇମହାନ୍ତିଙ୍କ ସଙ୍ଗେ ଅମ୍ଭମାନଙ୍କର ଅପଡ଼ି ଥିବା କଥା ଅମ୍ଭମାନଙ୍କୁ ବା ଆପଣଙ୍କୁ ନୂଆ କଥା ନୁହେଁ । ଯେପରି କ୍ଷେତ୍ରତତ୍ତ୍ୱରେ କେତେଗୁଡ଼ାଏ ସ୍ୱୀକାର୍ଯ୍ୟ ଓ ସ୍ୱତଃସିଦ୍ଧ ଅଛି, ସେହିପରି ବ୍ୟାକରଣ, ସାହିତ୍ୟ, ଛନ୍ଦଃ,ମ, ବିଜ୍ଞାନ ସମୂହରେ ଗୁଡ଼ାଏ ଗୁଡ଼ାଏ ସ୍ୱୀକାର୍ଯ୍ୟ ଓ ସ୍ୱତଃସିଦ୍ଧ ଅଛି । ସେଗୁଡ଼ାକ ମୂଳଦୁଆ, ସେଗୁଡ଼ାକ ଉପରେ ଠିଆ ନ ହେଲେ ଉପାୟ ନାହିଁ । ସାହିତ୍ୟର ଗୋଟିଏ ସ୍ୱତଃସିଦ୍ଧ କଥା ଅଛି କହୁ-ଅଛୁଁ:—“ଯେଉଁ ପାଠକ ଅମ୍ଭମାନଙ୍କ ଲେଖାର କୌଣସି ଅଂଶ ପଢ଼ିଅଛନ୍ତି ବା ପଢ଼ିବେ, ସେମାନେ ଅମ୍ଭମାନଙ୍କ ଲେଖନୀପ୍ରସୂତ ସମସ୍ତ ଧାତୁ କଣ୍ଠସ୍ଥ କରି ରଖିଅଛନ୍ତି” ଏପରି ଗୋଟିଏ ସ୍ୱତଃସିଦ୍ଧ ସାହିତ୍ୟକ୍ଷେତ୍ରରେ ନ ଥିଲେ ଗ୍ରନ୍ଥକାରମାନେ ‘ପୂର୍ବରେ କୁହାଯାଇଅଛି’, ‘ପୂର୍ବ ପତ୍ରମାନଙ୍କରେ ଅମ୍ଭେମାନେ ଦେଖାଇଅଛୁଁ’ ଇତ୍ୟାଦି ବାକ୍ୟମାନ କାହିଁକି ବ୍ୟବହାର କରନ୍ତେ ? ଏହା ନ ହେଲେ ପୁନରୁକ୍ତି ଦୋଷ ଅନିବାର୍ଯ୍ୟ ହୁଅନ୍ତା ଓ ଢେର ପରିଶ୍ରମ କରିବାକୁ ପଡ଼ନ୍ତା । ଏହି ପରିଶ୍ରମ ଲାଘବ କରିବା ମାନସରେ ପାଠକମାନଙ୍କୁ ଗ୍ରନ୍ଥକାରମାନେ ‘ସୁବିଜ୍ଞ, ସୁଚତୁର, ସୁକୁମାରମତି, ପ୍ରିୟ’ ଇତ୍ୟାଦି ସମ୍ବୋଧନଦ୍ୱାରା ସାଉଁଳାନ୍ତି । ଏତିକି ମୂଲ ନ ପାଉଥିଲେ ପାଠକମାନେ ବୃଥାରେ ଏତେ ଦଣ୍ଡଗସ୍ତ ହୁଅନ୍ତେ କାହିଁ ? ଗୋଟିଏ ପୃଷ୍ଠାର ଅର୍ଥ ହୃଦୟଙ୍ଗମ କରିବାକୁ ଯାଇ ଭାଗବତ ଗୀତଟୀକାଦି ଘାଣ୍ଟନ୍ତେ କାହିଁ ? ଗ୍ରନ୍ଥକାର ଲେଖିଲେ ତାଙ୍କ ସ୍ୱାର୍ଥ ଲାଗି, ପାଠକେ କାହିଁକି ଏତେ ପରିଶ୍ରମ କରି-ବାକୁ ଯିବେ ? ପାଠକଙ୍କ ପରିଶ୍ରମ କେବଳ ଗ୍ରନ୍ଥକାରମାନଙ୍କୁ ଚିରବାଧିତ କରିବା ଲାଗି ଥିଲା । ଏଥିର ବିନିମୟରେ ଯେବେ ପାଠକଙ୍କୁ ଘୋଳା ସମ୍ବୋଧନଟାରେ ବୋଧ କରି ଦେଇ କୃତଜ୍ଞତାର ନିଦର୍ଶନ ଦେଖାଇ ଦେଲ, ତାହା ହେଲେ ଏଥିଁ କିଳ ଅନର୍ଥର ବିଷୟ କଣ ହୋଇ ପାରେ ? ସେହି ସ୍ୱତଃସିଦ୍ଧର ଅନୁସରଣ କରି ଅମ୍ଭେମାନେ ସ୍ଥିର କରି ନେଲୁଁ ଯେ ଅମ୍ଭମାନଙ୍କର ପ୍ରତ୍ୟେକ ପାଠକ ସୁବିଜ୍ଞ, ସୁଚତୁର, ସୁବୋଧ ଓ ପ୍ରିୟ; ଅତଏବ ଯେ ଅଜ ଏ ସନ୍ଧ୍ୟା

ପତ୍ରିକା ପଢ଼ିବେ, ସେମାନେ ପୂର୍ବରୁ ପତ୍ରିକାର ପୂର୍ବ ସଂଖ୍ୟାମାନ ବିଶେଷ ଭାବରେ ପଢ଼ି ହୃଦୟଙ୍ଗମ କରିଅଛନ୍ତି । ସତେ ତ ପାଠକମାନେ ଆମ ସୁଖ ଦୁଃଖର ସାଥୀ! କେହି କେହି କହିବେ, ପାଠକମାନେ ଆମ୍ଭ ପଢ଼ନ୍ତି ନାହିଁ । ସେ ହେତୁର ପ୍ରବାଦ ଅନୁସାରେ ଆମ୍ଭେମାନେ ପ୍ରମାଣିତ କରୁଁ ଯେ ଯେବେ ସେମାନେ ନ ପଢ଼ୁଥାନ୍ତେ ତାହାହେଲେ ଗ୍ରାହକମାନେ 'ସୁବିଜ୍ଞ, ସୁଚତୁର' ଇତ୍ୟାଦି ସମ୍ବୋଧନ କରନ୍ତେ କିଆଁ ? ଗ୍ରାହକମାନେ ଏପରି ସମ୍ବୋଧନ କରନ୍ତି, ଅତଏବ ପାଠକମାନେ ପ୍ରତ୍ୟେକ ପୃଷ୍ଠାକୁ ମନ ଦେଇ ପଢ଼ନ୍ତି ଓ ମନେ ରଖନ୍ତି । ଯାହାହେଉ, ପତ୍ରିକାର 'ପ୍ରିୟ' ପାଠକମାନେ ପୂର୍ବରୁ ଜାଣିଅଛନ୍ତି ଯେ ବାଇମାହାନ୍ତି ଓ ତାଙ୍କର ଖାମିନ୍ଦମାନଙ୍କ ମଧ୍ୟରେ ଘନିଷ୍ଠତାର ଅବସ୍ଥା ବିଶେଷ ଆଶାପ୍ରଦ ନୁହେଁ । ଏଥି ମଧ୍ୟରେ ମାହାନ୍ତେ ଜଣେ ନୂଆ ଗୁରୁଙ୍କଠାରେ ହାବୁଡ଼ିଥିବା ସମ୍ବାଦ ପୂର୍ବ ସଂଖ୍ୟାରେ ଲେଖା ଅଛି । ପରିଶେଷରେ ଶୁଣିଲୁଁ ଯେ କଥାପ୍ରସଙ୍ଗରେ ବାଇମାହାନ୍ତି ତାଙ୍କ ଗୁରୁଙ୍କ ନିକଟରେ ଆମ୍ଭମାନଙ୍କର ମାହାନ୍ତଙ୍କ ପ୍ରତି ଅବଜ୍ଞା ଥିବାର ପ୍ରକାଶ କରିଅଛନ୍ତି ଓ ଗୁରୁଙ୍କ ସୁପାରିସ ବଳରେ ସହରର ଜଣେ ଓକିଲଙ୍କ ନିକଟରେ 'ମୋହରିର' ହୋଇ ରହିବାର ଉଦ୍ୟମ ଭିତରେ ଭିତରେ ଲଗାଇଅଛନ୍ତି । ସହର ପ୍ରତି ଯାହାଙ୍କର ପୂର୍ବରୁ ଘୃଣା, ଓକିଲମାନଙ୍କ ସମ୍ବନ୍ଧରେ ଯାହାଙ୍କ ମତ ଅତି ଉଚ୍ଚ ନୁହେଁ, ସେ ଯେ କେବଳ ଆମ୍ଭମାନଙ୍କ ଉପରେ ଦାଉ ସାଧିବାକୁ ସହରରେ ରହି ଓକିଲଙ୍କ ଅଧୀନତା ସ୍ୱୀକାର କରିବେ, ଏକଥା ପ୍ରଥମେ ଆମ୍ଭମାନଙ୍କୁ କେମିତି କେମିତି ଅଡୁଆ ଲାଗିଲା । ଆମ୍ଭମାନଙ୍କ ଦଳରୁ ଜଣେ ବନ୍ଧୁଙ୍କୁ ସହରକୁ ପଠାଇ ସହରର ହାଲଚାଲ ବୁଝିଲୁଁ, ଆଉ ସନ୍ଦେହ କରିବାର କୌଣସି କାରଣ ରହିଲା ନାହିଁ । ଆମ୍ଭମାନଙ୍କ ଦଳର ବନ୍ଧୁ ଦିନାକେତେ ସହରରେ ରହି ସବୁ ଓର ତଣ୍ଡି ଆସିଅଛନ୍ତି ଓ ଦିନା ଚାରି ପାଖ ବଙ୍ଗଳାମାନଙ୍କରେ ବୁଲି ବାଇମାହାନ୍ତଙ୍କ ଭବିଷ୍ୟତ୍ ପ୍ରଭୁଙ୍କ ସାର୍ଟିଫିକେଟ ଓ କଚେରୀର ହାଲଚାଲ ସବୁ ବୁଝି ଆସିଅଛନ୍ତି । ପାଠକମାନେ ମଧ୍ୟ ସେ ହାଲଚାଲରୁ କିଛି କିଛି ସମୁଝିବେ ।

ବାଇମାହାନ୍ତି ଯେଉଁ ଅର୍ଥରେ ମୋହରିର ହେବାକୁ ବସିଅଛନ୍ତି ସେ ଅର୍ଥ ଆମ୍ଭେମାନେ ବୁଝି ପାରି ନ ଥିବାରୁ ମନେ ମନେ ବାଇମାହାନ୍ତଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି କହୁଥିଲୁଁ ଯେ "ବୁଢ଼ା ଦିନେ ବଇଗଣକୁ କାଗଜ କଲମ ଧରି ଶିଖିବାକୁ ପଡ଼ିଲା; ବୟସ ହେଲେ କଷ୍ଟ ପାଇବଟି ।" କିନ୍ତୁ କଥାଟା ବନ୍ଧୁଙ୍କ ପ୍ରସାଦରୁ ଖୋଲାସା ହୋଇ ଗଲା ଓ ଆମ୍ଭେମାନେ ବାଇ ମାହାନ୍ତଙ୍କ ବୁଦ୍ଧିକୁ ପ୍ରଶଂସା ନ କରି ରହି ପାରିଲୁଁ ନାହିଁ । ବୁଝିଲୁଁ ଯେ ମାହାନ୍ତଙ୍କୁ କାଗଜ କଲମରେ କିଛି ଲେଖା ପଢ଼ି କରିବାକୁ ପଡ଼ିବ ନାହିଁ, କିନ୍ତୁ ଖାମିନ୍ଦଙ୍କ ନିକଟରେ ଆଣି ମାମଲା ମକଦ୍ଦମା ଜୁଟାଇବେ ଓ ତାଙ୍କ ପଣି (ଏ ପଣି କେଉଁ ଅଂଶର ତାହା ବର୍ତ୍ତମାନ ଆମ୍ଭେମାନେ ସ୍ଥିର କରିବାକୁ ଏକାନ୍ତ ଅକ୍ଷମ ଓ ଅନଭିଜ୍ଞ) ଟେକ୍ ଟୋକ୍ କଡ଼ା ଗଣ୍ଡା କରି ସନ୍ଧ୍ୟା ପୁଞ୍ଜା ଗଣି ନେବେ । ପାଠ ମଧ୍ୟ ଡାକୁଛି, 'ପାଣି ଖାଇବ ଛାଣି, କରିବ ନବ ଜାଣି' । ବାଇ ମାହାନ୍ତି ଏ କଥା ଠିକ୍ ଠାକ୍ କରି ସହରରୁ ଫେରି ଆସି ଆମ ଗ୍ରାମରେ ପହଞ୍ଚିଲେ, କିନ୍ତୁ ଏ ସମ୍ବନ୍ଧରେ ଆମ୍ଭମାନଙ୍କୁ ଗମ୍ ବି ବସ୍ତୁ କିଛି ପାଟି ଫିଟେଇଲେ ନାହିଁ । ଆମ୍ଭମାନଙ୍କୁ ପାଞ୍ଚି ବଡ଼ାଏ ଦେଇ ସାରିବାରୁ ଦିନେ ଓଳଟି ଆମ୍ଭେମାନେ ତାଙ୍କୁ ପାଖକୁ ଡାକି ସାକୁଲେଇ କରି ପିଠି ଆଉଁସି ଦେଲୁଁ ଓ କହିଲୁଁ 'ଯେ ହେଉ ଆମକୁ ଲୁଚାଉଛ କିଆଁ ? ତୁମେ ବର୍ତ୍ତମାନ ଯେଉଁ ଚାକିରି କରିବାକୁ ଯାଉଛ, ତୁମେ ସେପରି ଗାଦିରେ ରହିଲେ ଭଲ ହେବ ବୋଲି ଆମ୍ଭେମାନେ ପୂର୍ବରୁ କଥାବାର୍ତ୍ତା ହୋଇଥିଲୁଁ, କାରଣ ତୁମ ଭଳି ଆମ ଭରସାର ଜଣେ ଲୋକ ସହରରେ ରହିଲେ ଅସମୟରେ ଆମ୍ଭମାନଙ୍କର ବହୁତ

ଉପକାର ହେବ, କିନ୍ତୁ ଏକଥା ଭରସି କରି ତୁମକୁ କେହି କହି ପାରୁ ନ ଥିଲୁଁ. କାଲେ ତୁମେ ବିଗିଡ଼ିବ ଯେ ଏମାନେ ମନ୍ଦ କରିବାକୁ ବସି-ଅଛନ୍ତି । କିନ୍ତୁ ଯେତେବେଳେ ତୁମେ ନିଜେ ଯୋଗାଡ଼ କରି ଓକିଲ ମୋହରିର ହେବାକୁ ଠିକଣା କରିଛ, ତୁମର ସାଧୁଚେଷ୍ଟାରେ ଆମର ପୂର୍ଣ୍ଣ ସହାନୁଭୂତି ଅଛି, କିନ୍ତୁ ଏତେକ କଥା ସେ ଆମକୁ ପାସୋରିବ ନାହିଁ ।" କପତକୁ 'ଅସ୍ପୃଶ୍ୟ' ବୋଲି ଡାକ ପିଠି ଅହିଂସି ଦେଲେ କପତ ନକ୍ଷ୍ଯାକ ଯେପରି ଅନ୍ତର୍ଦ୍ଧାନ ହୋଇଯାଏ ଓ ନକ୍ଷରେ ସମ୍ମୁଖବାର ଭୟ ନ ଥାଏ, ସେହିପରି ବାଳମୋହାନ୍ତ ଏତକ ଅହିଂସା ପାଇଲାରୁ ପାଣି ହୋଇଗଲେ ଓ ଉତ୍ତର କଲେ:—'ଆଜ୍ଞା, ହଜେ ହେଲେ ତ ଏ ପେଟରେ ଦାନା ପଡ଼ୁଛି, ନିନ୍ଦା କଲେ ପ୍ରତ୍ୟୁଦ୍ରୋହୀ ହେବି, ମନେ ଭେକ-ଢାଳେ ପାଇ ଯିବ ନାହିଁ । ମୁଁ କଚେରିରେ ଥିବାଯାକେ ଆପଣମାନଙ୍କର ଅଗଗୋଡ଼ରେ କଣ୍ଟା ବାଜିବ ନାହିଁ, ମାମଲା ମକଦମାରେ ହଜିତ ପଡ଼ିବ ନାହିଁ ।" ଅମ୍ଭେମାନେ ହସି ହସି କହିଲୁଁ, 'ମାମଲା ମକଦମା ହେଲାବେଳେ ଭଲ ଯାହା ଉପକାର କରିବ କରିବ, କିନ୍ତୁ ଆମର ଏତିକି ମାଗୁଣି ରହିଲା ଯେ ଆମେ ମଫସଲ, ସହରର ଓ କଚେରିର ହାଲଚାଲ ଆମକୁ ବିଶେଷ କିଛି ଜଣା ନାହିଁ, ତୁମେ ଏଣିକି ବାର୍ ସହରରେ ରହିଲ, ସୁବିଧା ହେଲେ ଆମ୍ଭମାନଙ୍କୁ କଚେରିର ସଂବାଦଟିକ ଦେବ ।' ମୋହାନ୍ତ ସସ୍ନେହଭାବରେ ଉତ୍ତର କଲେ, "ମୁଁ ଯିନା ଅଦାଲତରେ ରହିବି, ମୋ ଲେଖନପତ୍ର ମୋ ସାଙ୍ଗ ଛାଡ଼ିବ ନାହିଁ । ଯେତେବେଳେ ଯାହା ଛପିବ, ଆଣି ଦେବି ଯେ ।" ଅମ୍ଭେମାନେ ଏତିକି ଅଙ୍ଗୀକାର ପାଇ ଆପଣାକୁ କୃତାର୍ଥ ମନେ କଲୁଁ । ଝ ଜୀବନ୍ମୁକ୍ତତତ୍ତ୍ୱରେ ୨ୟ ସଂଖ୍ୟା ପାଞ୍ଜିକ ପାଠ କଲୁଁ ।

ଗୁରୁଶିଷ୍ୟ-ସମ୍ବାଦ

ଦ୍ୱିତୀୟାର୍ଦ୍ଧ ।

୧ । ସମ୍ମିଳନର ଚେଷ୍ଟା ଓ ସଭ୍ୟସମିତିର ଉପକାରିତା ନିମ୍ନଲିଖିତ ଉଦାହରଣରୁ ବୁଝାଯିବ । ଜ୍ୟୋତ୍ସ୍ନାଯୁକ୍ତ ରାତିରେ ସମୁଦ୍ରବକ୍ଷ ସ୍ଥିର ଥିଲା ହେଲେ ସେଥିରେ ଗୋଟିଏ ଚନ୍ଦ୍ରର ପ୍ରତିବିମ୍ବ ପଡ଼ିଥାଏ, କିନ୍ତୁ ସମୁଦ୍ରରେ ଲହରୀ ଆରମ୍ଭ ହେଲେ ଦେଖିବ ଯେ ସମୁଦ୍ରର ବକ୍ଷ ସହସ୍ର ସହସ୍ର ଚନ୍ଦ୍ରବିମ୍ବରେ ପୂର୍ଣ୍ଣ ହୋଇଯାଏ; ପ୍ରତ୍ୟେକ ଲହରୀରେ ଗୋଟିଏ ଗୋଟିଏ ଚନ୍ଦ୍ର ପ୍ରତିଫଳିତ ହୁଏ । ଉଦାହରଣଦ୍ୱାରା ଏତେ ବୁଝା ଯାଉଅଛି ଯେ ଅନେକଗୁଡ଼ିଏ ଲୋକଙ୍କର ପରସ୍ପର ସମ୍ମିଳନ ହେଲେ ଭାବର ଆଦାନ ପ୍ରଦାନ ଓ ବିକାଶ କ୍ରମଶଃ ସୁବିଧା ହୁଏ; ଯାହା ପୂର୍ବେ ଏକ ଚନ୍ଦ୍ର ରୂପ ଧାରଣ କରିଥିଲା, ତାହା ବର୍ତ୍ତମାନ ସହସ୍ର ଚନ୍ଦ୍ର ଆକାରରେ ଜଗତକୁ ମତାଇ ଦିଏ । ଏ ସମ୍ବନ୍ଧରେ ଗୁରୁଙ୍କଠାରୁ ଆଉ ଗୋଟିଏ ଉଦାହରଣ ମିଳିଅଛି:—ପର୍ବତର ଭିନ୍ନ ଭିନ୍ନ ସ୍ଥାନରେ ପ୍ରସ୍ତର ଖଣ୍ଡମାନ ପଡ଼ି ରହିଅଛି, ଅସରାଏ ଘୋର ବର୍ଷା ହେଲା, ପର୍ବତରୁ ପାଣି ଗଡ଼ି ସୋହିଗ ନାଳରେ ସୁଅ ଚାଲିଲା, କେତେ ପ୍ରସ୍ତର ଖଣ୍ଡ ମଧ୍ୟ ସେ ସ୍ରୋତରେ ଭାସି ହୋଇ ଗଡ଼ି ଆସିଲା, କ୍ରମେ କ୍ରମେ ସ୍ରୋତଗୁଡ଼ିକ ନଦୀରେ ପରିଣତ ହେଲା, ନଦୀର ସ୍ରୋତ ସଙ୍ଗେ ସଙ୍ଗେ ପଥରଗୁଡ଼ିକ ମଧ୍ୟ ଗଡ଼ି ଗଡ଼ି ଗଲା, ପ୍ରଥମେ ଯେଉଁ ପ୍ରସ୍ତର ଖଣ୍ଡମାନ ବହୁ କୋଣବିଶିଷ୍ଟ ହୋଇ ପର୍ବତ ଉପରେ ଥିଲା, ଅନେକ ଦିନ ପରେ ସେହି ପ୍ରସ୍ତର ଖଣ୍ଡମାନ ନଦୀ ବାଲି ମଧ୍ୟରେ ଦେଖିଲା ବେଳକୁ ତାହାର କୋଣ ଓ ବକ୍ରତା ଲୋପ ପାଇ ପ୍ରସ୍ତର ଖଣ୍ଡମାନ ଗୋଲ ଓ ମସୃଣ 'ବାଲିଗରଡ଼ା'ରେ ପରିଣତ ହୋଇ-ଅଛି, ଏହା ଘୋଷରାଟେ ବଡ଼ ସାନ ସମସ୍ତଙ୍କର 'ଦମାକ୍' ଭାଙ୍ଗିଗଲା ଓ ସମସ୍ତେ ଏକା ଆକାର ଧାରଣ କଲେ । ସମ୍ମିଳନଦ୍ୱାରା ବଡ଼ ସାନ

ସମ୍ପ୍ରତିକର ଅତ୍ୟାଧିକ ବହୁଭକ୍ତା ନିଷ୍ଠ ହୋଇ ନିସ୍ପଣତା ହୁଏ; ଯେଉଁ ପଥର ପୂର୍ବରେ ଦେହର କୌଣସି ସ୍ଥାନରେ କାଟିଗଲେ ଟୋପେ ରକ୍ତ ବହୁଥିଲା, ଅତି ସେହି ବାଳିଗରଡ଼ା ଆକାର ଧାରଣ କରି ନିପୃଜସୁଖ ଓ ସ୍ୱର୍ଗସୁଖ ଉତ୍ପାଦନ କରୁଅଛି ।

୨ । ମନୁଷ୍ୟ, ସମାଜ ବା ଜାତିର ଇତିହାସ ପର୍ଯ୍ୟାଲୋଚନା କଲେ ଦେଖାଯିବ ଯେ ଏମାନଙ୍କ ଜୀବନର ଗତି ଘଣ୍ଟାର ପେଣ୍ଡୁଲମ୍‌ର ଗତି ସଙ୍ଗେ ସମାନ । ଥରେ ଏକପ୍ରାନ୍ତକୁ ଯାଇ ସୀମାରେ ପହଞ୍ଚିଲେ ପୁନର୍ବାର ସେଠାରୁ ଅନ୍ୟ ଅଡ଼େ ଗତି କରି ବିପରୀତ ଦିଗର ସୀମାପର୍ଯ୍ୟନ୍ତ ଆସେ । ପ୍ରତ୍ୟେକ ଆଘାତର ପ୍ରତିଘାତ ଅଛି । ପ୍ରତ୍ୟେକ ଚଳଣଶୀଳ ଆନ୍ଦୋଳନର ପରିବର୍ତ୍ତନଶୀଳ ପ୍ରତି-ଆନ୍ଦୋଳନ ଅବଶ୍ୟମ୍ଭାବୀ । ହସି ହସି ମନୁଷ୍ୟ କ୍ଳେଶର ଡାକର ହୋଇଗଲେ ପଛକୁ କାନ୍ଦି ପକାଏ । ଗୋଟିଏ ବସ୍ତୁର ଏକ ଦିଗରେ ଗତି ହେଉଥିବାର ଦେଖିଲେ ସ୍ଥିର କରିବ ଯେ ଯଦି ଏହି ଗତି କଳ୍ପିତ କାଳପର୍ଯ୍ୟନ୍ତ ଲାଗି ରହେ ତାହା ହେଲେ ସୀମାରେ ପହଞ୍ଚିଲେ ପୁନର୍ବାର ପ୍ରତିଗତି ହେବ । ଧର୍ମର ଇତିହାସରେ ଦେଖ ମହାପାପିମାନେ ପରମ ଧାର୍ମିକ ହୋଇ-ଅଛନ୍ତି, ରତ୍ନାକର ଦସ୍ୟୁ ସୀମାପର୍ଯ୍ୟନ୍ତ ଯାଇ ସେଠାରୁ ଫେରି ବାଲ୍ମୀକି ମହାମୁନି ହେଲେ । ଶେଷ ସୀମାକୁ ନ ଯାଇ ଯେ ଅଧ ବାଟରୁ ଫେରନ୍ତି ସେ ପରିବର୍ତ୍ତନରେ ଅଧିକ ଆସ୍ଥା ହୁଏ ନାହିଁ । ମନ ବୋଧ ନ ହେବା ପୂର୍ବରୁ ଯେଉଁ ପରିବର୍ତ୍ତନ ହୁଏ ତାହାର ଫଳ ସନ୍ତୋଷଜନକ ନୁହେ । କୌଣସି କାର୍ଯ୍ୟରେ ସୀମା ନ ପହଞ୍ଚିଲେ ସେଥିର ଉପକାର ସମ୍ୟକ୍‌ରୂପେ ହୃଦୟଙ୍ଗମ ହୋଇ ନ ପାରେ । ସମ୍ୟକ୍ ହୃଦୟଙ୍ଗମ ନ ହେଲେ ଦୃଢ଼ତମ ବିଶ୍ୱାସ ମନରେ ବଦ୍ଧମୂଳ ହୋଇ ନ ପାରେ ।

୩ । ଅଧିକାଂଶ ଲୋକେ ଲୋକାପବାଦକୁ ଭୟ କରନ୍ତି, କାଳେ ଲୋକେ କଣ କହିବେ ପରା ! କିନ୍ତୁ 'ଲୋକାପବାଦ' ଜିନିଷଟା କି ଆକାର ବସ୍ତୁ, ଭଲ ବେଳେଲୋକ ଉଦାହରଣ କରନ୍ତି ? ଏହି ଜାନୁଆରକୁ ଭୟ କେତେଭାବରେ ଚଳି ଯାଉଅଛନ୍ତି । ରାମଚନ୍ଦ୍ର ସୀତାଙ୍କୁ ବନବାସ ଦଣ୍ଡ-ବିଧାନ କରିଥିଲେ କେବଳ ଏହି ଜନ୍ତୁକୁ ଭୟ କରି । ଲୋକାପବାଦର ପରାକ୍ରମ ଏତେ ବେଶି, କିନ୍ତୁ ଟିକିଏ ଥଇଁ କରି ଦେଖିଲେ ଜାଣି ପାରିବ ଯେ ଏ ଗୋଟିଏ 'ହୋ' । ଗୋଟିଏ ତାରକୁ ଦୁଇ ଅଡ଼େ ଟାଣି ବାନ୍ଧି ଦିଅ, ଗୋଟିଏ ଅଂଶରେ ଟିକିଏ ଟଂ କରି ଆଘାତ କରି ଦିଅ, ଦେଖିବ ଯେ ଶବ୍ଦଟି ତାରତମାମ ବ୍ୟାପି ଯିବ ଓ ତାରଟି ଶବ୍ଦମୟ ହୋଇଯିବ । ପୂର୍ବରୁ ଏଥିର ଗୋଟିଏ ଉଦାହରଣ ଅଛି, ତାହା ଅବଶ୍ୟ ଅଧିକାଂଶ ପାଠକ ଜାଣନ୍ତି, ଯେଉଁମାନେ ଜାଣନ୍ତି ନାହିଁ, ସେମାନଙ୍କ ଉପକାର ନିମନ୍ତେ ପୁନରୁକ୍ତି ଦୋଷ ମାର୍ଜନୀୟ । ଏକ ରାଜାଙ୍କର ଗୋଟିଏ ଧୋବା ଥିଲା । ସେ ଧୋବାର ଲୁଗାବୁହା ଗଧଟିର ନାମ ବୁଧିଆ । ଦିନେ ସେ ଗଧଟି ମରିଗଲା, ଧୋବାର କାର୍ଯ୍ୟ ଅଚଳ ହେଲା, ସେ ଗଧକୁ ବାହୁନେଇ କାନ୍ଦୁଥାଏ । ରାଜାଙ୍କର ଜଣେ ଭୃତ୍ୟ ଧୋବାକୁ କାନ୍ଦିବାର କାରଣ ପଚାରିବାରୁ ଧୋବା କାନ୍ଦି କାନ୍ଦି ଉତ୍ତର କଲା 'ବୁଧିଆଟି ମରିଗଲା', ଭୃତ୍ୟ ଏହା ଶୁଣି କାନ୍ଦି କାନ୍ଦି ନଅରକୁ ଆସି ସମସ୍ତ ଭୃତ୍ୟଙ୍କୁ କହିଲା 'ବୁଧିଆଟି ମରିଗଲା'; ଭୃତ୍ୟଯାକ ସମସ୍ତେ ବୁଧିଆକୁ ବାହୁନେଇ କାନ୍ଦିଲେ; ରାଣୀମହଲରେ ଏ ଖବର ପହଞ୍ଚିଲାରୁ ରାଣୀଯାକ ମଧ୍ୟ ବୁଧିଆ ନାଁ ଧରି କାନ୍ଦିଲେ; ରାଜା ଶୁଣିଲେ, ସେ ମଧ୍ୟ ବୁଧିଆଯୋଗୁ କେତେ କାନ୍ଦିଲେ, ନଅରବ୍ୟାପୀ କୋଲାହଳ ବୁଧିଆ ଯୋଗୁଁ ପଡ଼ିଗଲା । ଯେଉଁଠାରେ ଶୁଣ, ବୁଧିଆର ବିୟୋଗହେତୁ ଶୋକ । ଏହି ଶୋକସମ୍ବାଦ ମନ୍ତ୍ରିଙ୍କ କାନରେ ପଡ଼ିବାରୁ ମନ୍ତ୍ରୀ ନଅରକୁ ଆସି ଦେଖିଲେ ଏପରି ସମାଚାର ! ରାଜାଙ୍କୁ ପଚାରିଲେ,

ଯେଉଁ ବୁଝିଆପାଇଁ କାନ୍ଦୁଅଛନ୍ତି ସେ ବୁଝିଆ କିଏ ? ରଜା ଇତସ୍ତତଃ ହୋଇ ରାଣୀମାନଙ୍କଠାରୁ ଖବର ନେଲେ ବୁଝିଆ କିଏ ? ରାଣୀମାନେ ଭୃତ୍ୟମହଲକୁ ସମ୍ବାଦ ନେଲେ, ଭୃତ୍ୟମାନେ ପ୍ରଥମ ଭୃତ୍ୟଙ୍କୁ ପଚାରିଲେ, ପ୍ରଥମ ଭୃତ୍ୟ ଉପାୟାନ୍ତର ନ ଦେଖି ଧୋବାଣୀଙ୍କୁ ଯାଇ ଶେଷରେ ସ୍ଥିର କରି ଆସିଲା ଯେ ଧୋବାର ମୃତ ଗଧଟିର ନାମ ବୁଝିଆ ! ସେ ସମ୍ବାଦ ରଜାଙ୍କୁ ଏତଲା ହେବାରୁ ଅବଶେଷରେ ଶୋକର ବେଗ କମିଗଲା । ଅଧିକାଂଶ ଲୋକାପବାଦ, ଜନରବ ଏହିପରି ଉପାଦାନରେ ଗଠିତ । ଏ ଜନଶ୍ରୁତିକୁ ବିଶ୍ୱାସ ନ କରି ଯୁବା ସାଧାରଣଙ୍କ ଗୋଟାଏ ପରୀକ୍ଷା କରିଦେଲେ ସନ୍ଦେହ ତୁଟିଯିବ; ତୁମ୍ଭେ ଦାଣ୍ଡରେ ଯାଇ କରି ଦଉଡ଼ "ଅରେ ଚୋର ଗଲାରେ ; ଅରେ ଚୋରରେ", ଦେଖିବ ଦଣ୍ଡକମଧ୍ୟରେ ଶତାଧିକ ଲୋକ ତୁମ୍ଭର ସହଯାତ୍ରୀ ହେବେ ଓ ଚିତ୍କାର କରିବେ । କିନ୍ତୁ ଶତକରା ଜଣେ ଯୁବା ତୁମ୍ଭଙ୍କୁ ପ୍ରଥମେ ଚୋରର ବୃତ୍ତାନ୍ତ ବା ତଥ୍ୟ ପଚାରିବାକୁ ଯିବେ ନାହିଁ । ଅଧିକାଂଶ ଲୋକାପବାଦ, ଜନରବ କେବଳ ଅନ୍ଧ ବିଶ୍ୱାସ, ତତ୍ତ୍ୱଶୂନ୍ୟ ଅନୁମାନ, ବିଚାରହୀନ ଅନୁସରଣର ଫଳ ।

୪ । ସଂସାରରେ ଯାହା ଉଲ୍ଲେଖଯୋଗ୍ୟ ହୋଇଅଛି ବା ହେବ, ତାହା 'ଗୃହଦାହ-କର୍ତ୍ତା'ଙ୍କଦ୍ୱାରା । 'ଗୃହଦାହକର୍ତ୍ତା' ନ ହେଲେ ପଦେପଦେକେ ସ୍ୱାର୍ଥନାଶର ଭୟ । ଯେଉଁ ସ୍ଥାନରେ ସ୍ୱାର୍ଥନାଶର ଭୟ ଅଛି, ସେଠାରେ ନିସ୍ୱାର୍ଥ ଓ ନିର୍ଭୀକ କାର୍ଯ୍ୟର ମାତ୍ରା ଢେର କମି ଯାଏ । ସେହି ସ୍ଥାନରେ ପଡ଼ିଲେ ଲୋକର ଅନୁଭବ ଢେର ବଢ଼େ । ଯେ ଦୁଃଖରେ ପଡ଼ି ନାହିଁ ସେ ଦୁଃଖର ମାତ୍ରା ଓ କାର୍ଯ୍ୟ କଳ୍ପନା ସାହାଯ୍ୟରେ ଅନୁଭବ କରି ପାରିବ ନାହିଁ । ପୃଥିବୀର ଅଧିକାଂଶ ମହାପୁରୁଷ ଦୁଃଖୀ ରଙ୍କଘରର ଫଳ, ସେଥିରୁ ଗୋଟାଏ ତାଲିକା ପ୍ରସ୍ତୁତ କଲେ ୧୦୮୦ ପୃଷ୍ଠା ଯିବ । ଦାରିଦ୍ର୍ୟ ଭୋଗରୁ ଅନେକ ଉଚ୍ଚ ଶିକ୍ଷା ଲାଭ କରିଯାଏ । ବେଶି ବଡ଼ଲୋକେ ଦାରିଦ୍ର୍ୟ ଉପାଦାନରେ ଗଢ଼ା । ଅନୁଭବରେ ଦେଖିବ ଯାହାର ସ୍ୱାର୍ଥହାନି ହେବାର ଭୟ ଅଛି, ସେ ନାନା ଭାବରେ ଖଟାଣ୍ଟ କରିବ । ଗୃହଦାହକର୍ତ୍ତାଙ୍କର ସ୍ୱାର୍ଥନାଶର ଭୟ ନାହିଁ, ଅତଏବ ସବୁ କାର୍ଯ୍ୟରେ ନିର୍ଭୟ । ଯେ ମରିବାକୁ ପ୍ରସ୍ତୁତ, ତାକୁ ଦୁର୍ଭିକ୍ଷ କଣ ଡରାଇବ ? ଯୁବାର ଯେ ଜ୍ୟୋତି ଦେଖୁଛ ତାହା ଭୂତାକୁ ଭୂତା ପୋଡ଼ି ହେବାର ଫଳ ସ୍ୱରୂପ ।

୫ । ଅଧିକାଂଶ ନବ୍ୟଶିକ୍ଷିତ ଯୁବକଙ୍କୁ ଦେଖିଲେ 'ଶଫରୀ ଫରଫରାୟତେ' ଶ୍ଳୋକାଂଶଟି ମନେ ପଡ଼େ । ଆଧୁନିକ ଶିକ୍ଷାର ଗୋଟିଏ ପ୍ରଧାନ ଦୋଷ, ଗମ୍ଭୀରତାର ଅଭାବ । ଏ ଶିକ୍ଷାରେ ଆମ୍ଭେ-ମାନେ ଯେତେଗୁଡ଼ିଏ ଜ୍ଞାନ ଉପାର୍ଜନ କରୁଁ ତାହା ଅଧିକାଂଶ ସ୍ଥଳରେ ଆଦୌ ଗଭୀର ନୁହେ । ଆଧୁନିକ ଶିକ୍ଷାରେ 'ଯୋଗ୍ୟ ବାଲକଗଣ' 'ବାଜେ ବାଲକଗଣ'ର ପ୍ରଭେଦଟି ବରାବର ଥାଏ । ଶିକ୍ଷା ସଙ୍ଗେ ସଙ୍ଗେ ହୃଦୟର ବିଶ୍ୱାସ ଦୃଢ଼ୀଭୂତ ନ ହେଲେ ସେ ଶିକ୍ଷାର କୁଫଳ ଛଡ଼ା ସୁଫଳ ଫଳେ ନାହିଁ । ଶିକ୍ଷା ଦୋଷରୁ ଆମ୍ଭେମାନେ ଯାହା ଶିକ୍ଷା କରୁଁ ତାହା ଜୀବନର କାର୍ଯ୍ୟରେ ପରିଣତ କରିପାରୁଁ ନାହିଁ ଓ ଜୀବନଟା କେବଳ ଲକ୍ଷ୍ୟବିହୀନଭାବରେ କଟାଉଁ । ମନରେ ଦୃଢ଼ ବିଶ୍ୱାସ ନ ଥାଇ କାର୍ଯ୍ୟକ୍ଷେତ୍ରରେ ଅବତୀର୍ଣ୍ଣ ହେଲେ ଫଳ ବିଶୃଙ୍ଖଳାମୟ ହୋଇ ଉଠେ । ଶିକ୍ଷକମାନେ ମଧ୍ୟ ଯାହା ଶିକ୍ଷା ଦିଅନ୍ତି ତହିଁରେ ସେମାନଙ୍କର ପୂର୍ଣ୍ଣ ବିଶ୍ୱାସ ନ ଥାଏ । ଶିକ୍ଷା ଦେଲାବେଳେ ଓ କାର୍ଯ୍ୟକ୍ଷେତ୍ରରେ ଶିକ୍ଷକ ଓ ଛାତ୍ରମାନେ ଭିନ୍ନ ଭିନ୍ନ ପୋଷାକ ପିନ୍ଧନ୍ତି । ଶିକ୍ଷା ଗ୍ରହଣ ସଙ୍ଗେ ସଙ୍ଗେ ହୃଦୟରେ ବଦ୍ଧମୂଳ ହେବା ଆବଶ୍ୟକ । ଶିକ୍ଷା ଛଳରେ ଆମ୍ଭେମାନେ ଯେଉଁ ଉପଦେଶ ପାଉଁ ତାହା କେତେ ଜଣ

ପୂର୍ଣ୍ଣ ହୃଦୟରେ କାର୍ଯ୍ୟରେ ପରିଣତ କରିବାକୁ ବସନ୍ତି ? ଆଧୁନିକ ଶିକ୍ଷିତମାନଙ୍କ ଜୀବନର ଉଚ୍ଛୃଙ୍ଖଳତାର ପ୍ରଧାନ କାରଣ ଏହି । ଉଚ୍ଚଶିକ୍ଷା ପାଇଲେ ସତ, କିନ୍ତୁ ଦୃଢ଼ବିଶ୍ୱାସ ନ ହେବାରୁ କାର୍ଯ୍ୟକ୍ଷେତ୍ରରେ ଅଶିକ୍ଷିତମାନଙ୍କ ଅପେକ୍ଷା ନୀଚ ହେଲେ । ବିଶେଷତଃ ସଂସାରରେ ପ୍ରବେଶ କରିବାର କାଳ ଅତ୍ୟନ୍ତ ଗୋଳମାଳିଆ, ଅତି ସାବଧାନ ହେବାର ସମୟ । ସେ ସମୟକୁ ଆଧୁନିକ ଶିକ୍ଷା ଗୁଣରୁ ଅଧିକାଂଶ ଯୁବକଙ୍କର ମନକୁ ଗମ୍ଭୀରତା ଅଦୌ ଛୁଇଁ ନ ଥାଏ । କାମ କରିବାକୁ ବସି ହାତହତିଆର ପ୍ରସ୍ତୁତ କରି ନ ରଖିଲେ ଫଳ ବଦନାମ । ଶିକ୍ଷକ ପଢ଼ାଇବାକୁ ବସିଲେଣି, କିନ୍ତୁ 'ରୁଟିନ୍' ପ୍ରସ୍ତୁତ ହୋଇ ନାହିଁ ।

୬ । କେତେକ ଲୋକ କହନ୍ତି, ଅମୁକଙ୍କର ଅମୁକ ହାକିମଙ୍କ ସଙ୍ଗେ ବିଶେଷ ଘନିଷ୍ଠତା ଅଛି । ସେ ଆମ ନିମନ୍ତେ ଉକ୍ତ ହାକିମଙ୍କ ପାଖରେ ପଦେ ନିର୍ଜନରେ ସୁପାରିସ କରି ଦେଲେ ଆମ କାମଟା ହାସଲ ହୋଇଯିବ । ସତେ କି ଯେପରି ସାଧାରଣ ନିୟମର ନିପାତନ; କିନ୍ତୁ ଟିକିଏ ଥୟ କରି ଭାବିଲେ ଜଣାଯିବ ଯେ ତାହାଦ୍ୱାରା ଉକ୍ତ ପରିଚିତ ହାକିମଙ୍କୁ ଗୋଟିଏ ଲମ୍ବା ଚଉଡ଼ା ସାର୍ଟିଫିକେଟ ଦିଆ ଯାଏ । ମନେ କରନ୍ତୁ, ହାକିମ ଜଣେ ବିଚାରପତି, ବିଚାରାସନରେ ବସି କେତେ ଲୋକଙ୍କ କପାଳରେ ଗାରମାନ କଲମ କାଳିରେ ଟାଣି ଦେଉଅଛନ୍ତି । ସେ ହାକିମଙ୍କ ନିକଟରେ ମୋର ଗୋଟିଏ ମକଦ୍ଦମା ଅଛି । ମୋର ମଧ୍ୟ ତାଙ୍କ ସଙ୍ଗେ ବିଶେଷ ଘନିଷ୍ଠତା ଅଛି । ମୁଁ ଯେବେ ସେହି ଘନିଷ୍ଠତାର ଅପବ୍ୟବହାର କରି ହାକିମଙ୍କ ଘରଠାରେ ବା ଖାସ୍ କାମରାରେ ହାକିମଙ୍କୁ ମୋ ସପକ୍ଷରେ ପଦେ ଅଧେ ସୁପାରିସ କରେଁ, ସେ ହାକିମଙ୍କର ଯେବେ ଟିକିଏ ବୁଦ୍ଧି ବିବେକ ଥାଏ ଓ ଯେବେ ସେ ପ୍ରକୃତ ବିଚାରପତି ପଦର ଯୋଗ୍ୟ ହୋଇଥାନ୍ତି, ତାହାହେଲେ ମିସିଲରେ ମକଦ୍ଦମାର ବିଚାର ନ କରୁଣୁ ସ୍ଥିର କରିନେବେ ଯେ ମକଦ୍ଦମାରେ ମୋର ନିଶ୍ଚୟ ହାରପଟ । ହାରପଟ ନ ହୋଇଥିଲେ, ମୋର ଜିତପଟ ହୋଇଥିଲେ ମୁଁ ହାକିମଙ୍କ ଘରେ ତାଙ୍କ କାନ ଫୁଙ୍କନ୍ତି କିଆଁ ? ଆମର ଗୁରୁଗୋସେଇଁ କହିଅଛନ୍ତି, ଯେଉଁଠାରେ ଦେଖିବ ଜଣେ ତୁମ ଆଗରେ ଅପର ପକ୍ଷର ଅନୁପସ୍ଥିତରେ କାନ ଫୁଙ୍କିବାକୁ ଆସେ ଜାଣିବ ଯେ ତାହାର ମକଦ୍ଦମା ଡିସ୍‌ମିସ୍ ହେବାର ଯୋଗ୍ୟ । ଯାହାର ଜିତପଟ ସେ କେବେଁ କାନରେ ଫୁଙ୍କିବାକୁ ଯିବ ନାହିଁ, କିମ୍ବା ଏକତରଫା କରି ମକଦ୍ଦମା ଡିଗ୍ରୀ ନେବାକୁ ବସିବ ନାହିଁ । ଯେଉଁମାନଙ୍କର ନିର୍ବଳ ପକ୍ଷ ସେହିମାନେ ଏହା ଅନ୍ୟାୟ ଉପାୟରେ ମାମଲା ଜିଣିବାକୁ ବସନ୍ତି, ଯାହାର ସବଳ ପକ୍ଷ ସେ ଅନ୍ଧାରୁଆ ମାରିବାକୁ ବସେ ନାହିଁ, ସେ ଚାହେଁ ଖୋଲା ଅଦାଲତରେ, ଆଲୋକରେ, ସାଧାରଣଙ୍କ ସମକ୍ଷରେ ନ୍ୟାୟ ବିଚାର । ଚୋରମାନେ ଅନ୍ଧାର ରାତି ଖୋଜି ବୁଲନ୍ତି, ମୂଲିଆମାନେ ଫଇଚା ଦିନ ଆଲୁଅ ଖୋଜନ୍ତି । ଇତ୍ୟାଦି ।

ଶ୍ରୀ ଦୁର୍ମୁଖ ଶର୍ମା ।

ସିହଳଙ୍କା ।

ପ୍ରାଚୀନ ଭାରତର ରାଜ୍ୟସଂସ୍ଥାନର ଗୋଟିଏ ନକ୍ସା ନ ଦେଇ ପାରିଲେ, ବକ୍ତବ୍ୟ କଥାଗୁଡ଼ିକ ପରିଷ୍କାର ହେବ ନାହିଁ । ଅନ୍ତତଃ ଯେବେ ପାଠକଗଣ ଖଣ୍ଡିଏ ଏ କାଳର ମ୍ୟାପ୍ ଅବଲମ୍ବନ କରି ବର୍ଣ୍ଣିତ ପ୍ରଦେଶଗୁଡ଼ିକ ପ୍ରତି ଲକ୍ଷ୍ୟ କରନ୍ତି, ତାହା ହେଲେ କଥଞ୍ଚିତପରିମାଣରେ ସୁବିଧା ହୋଇ ପାରେ ।

ମଧ୍ୟପ୍ରଦେଶର ଯେଉଁ ବିଭାଗ ବର୍ତ୍ତମାନ

ଛତିଶଗଡ଼ ନାମରେ ଅଭିହିତ ହୋଇଅଛି, ତାହାର ବିଲାସପୁର ଜିଲ୍ଲାର ଅଧିକାଂଶ, ରାୟପୁରର ପୂର୍ବସୀମାର କିୟଦଂଶ ଏବଂ ସମ୍ବଲପୁରର ଉତ୍ତରପଶ୍ଚିମ ସୀମାର ଅତ୍ୟଳ୍ପ ଅଂଶ ଦକ୍ଷିଣ କୋଶଳ ବା ମହାକୋଶଳ ନାମରେ ପରିଚିତ ଥିଲା । କୋଶଳଦେଶ ଯେ ଆର୍ଯ୍ୟାବର୍ତ୍ତର ଦକ୍ଷିଣ ସୀମାରେ ବନ୍ୟ ପ୍ରଦେଶରେ ଅବସ୍ଥିତ ଥିଲା, ଏକଥା ଖ୍ରୀ: ପୂ: ୬ଷ୍ଠ ଶତାବ୍ଦିର ପାଣିନିରେ ମଧ୍ୟ ଅଛି (ପାଣିନି ୪-୧-୧୭୧) । କୋଶଳ ରାଜ୍ୟର ବିନ୍ଧ୍ୟପୃଷ୍ଠରେ ଅବସ୍ଥିତିର କଥା ମାର୍କଣ୍ଡେୟ ଏବଂ ମତ୍ସ୍ୟ ପୁରାଣରେ ମିଳେ । ହୈହୟ ରାଜାମାନଙ୍କର ଗୋଟିଏ ବଂଶ ଯେ ପୌରାଣିକ ଯୁଗରେ କୋଶଳରେ ରାଜତ୍ୱ କରୁଥିଲେ, ତାହା ଅନେକ ପ୍ରାଚୀନ ଗ୍ରନ୍ଥରେ ଉଲ୍ଲିଖିତ ଅଛି । ଏ କାଳରେ ବିଲାସପୁର ଜିଲ୍ଲାର ରତନପୁରରେ ଏବଂ ତାହାର ଅନ୍ୟାନ୍ୟ ନିକଟବର୍ତ୍ତୀ ସ୍ଥାନରେ ଏହି ପ୍ରଦେଶର ରାଜାମାନଙ୍କର ଯେଉଁ ସବୁ ତାମ୍ରଲିପି ମିଳୁଅଛି ସେଥିରେ ଏହି ରାଜାମାନେ ହୈହୟବଂଶୋଦ୍ଭବ ବୋଲି ବର୍ଣ୍ଣିତ ହୋଇଥିବାର ଦେଖାଯାଏ ।

ପଣ୍ଡିତ ଦୁର୍ଗାପ୍ରସାଦଙ୍କ କୃପାରେ ହରଚନ୍ଦ୍ର ବିରଚିତ ଧର୍ମଶର୍ମାଭ୍ୟୁଦୟ ନାମକ ଖଣ୍ଡିଏ କାବ୍ୟ ମୁଦ୍ରିତ ହୋଇଅଛି । ଏହି କାବ୍ୟରେ କୋଶଳପତି ଧର୍ମଶର୍ମାଙ୍କ ଅଭ୍ୟୁଦୟ ବର୍ଣ୍ଣିତ । ରତ୍ନପୁରରେ ଯେ ଏମାନଙ୍କର ରାଜଧାନୀ ଥିଲା, ତାହା ସ୍ପଷ୍ଟରୂପେ ଲିଖିତ ହୋଇଅଛି; କେବଳ କାବ୍ୟର ଭାଷାର ଗୌରବପାଇଁ କେଉଁଠି ବା ଏହି ନଗରଟିକୁ "ମୁକ୍ତାମୟୂଖରତ୍ନପୁର" ବୋଲା ହୋଇଅଛି । ଏହି କାବ୍ୟରେ କୋଶଳ ଦେଶର ଯେଉଁ ବର୍ଣ୍ଣନା ଅଛି ଏବଂ ରତ୍ନପୁରଠାରୁ ବଦର୍ଭ ପର୍ଯ୍ୟନ୍ତ ଗମନର ଯେଉଁ ପଥର ବର୍ଣ୍ଣନା ହୋଇଅଛି, ସେଥିରୁ ନିଃସନ୍ଦେହରେ ଏହି କୋଶଳଟି ବିଲାସପୁର ବୋଲି ପ୍ରତୀତ ହୁଏ । ୨୧ ସର୍ଗର ୧୮୪ ଶ୍ଳୋକରେ ଅଛି—

ତସ୍ୟାସାଦ୍ୟ ସିତାଂଶୁଶେଖରପୁରୀଂ ଚୈତ୍ରେ
ଚତୁର୍ଥୀଂ ତିଥିଂ
ଯାମିନ୍ୟାଂ ସ ନବୋତ୍ତରୈର୍ନବଶତାଂ ସାଙ୍କଂ
ଶତୈରଷ୍ଟଭିଃ । ଇତ୍ୟାଦି ।

ଏହି ଚୈତ୍ର ଶୁକ୍ଳ ଚତୁର୍ଥୀ ୮୦୯ ଶକ ସମ୍ବତ୍ସରରୁ, ଗ୍ରହଗଣିତ ଯେ ୮୮୭ ଖ୍ରୀଷ୍ଟାବ୍ଦରେ ଘଟେ, ତାହା ଜଣା ଯାଉଅଛି । ନାଟକକାର ରାଜଶେଖରଙ୍କ ଅଭ୍ୟୁଦୟ ଦଶମ ଶତାବ୍ଦିର ପ୍ରାରମ୍ଭରେ ବୋଲି ନିର୍ଣ୍ଣୀତ । ସେ ତାଙ୍କ କର୍ପୂରମଞ୍ଜରୀ ନାଟକରେ ଏହି ହରିଚନ୍ଦ୍ରଙ୍କର ଉଲ୍ଲେଖ କରିଥିବାର ଦେଖି ହରିଚନ୍ଦ୍ରଙ୍କର ଏହି ସମୟ ସମ୍ବନ୍ଧରେ ସନ୍ଦେହ ରହେ ନାହିଁ । ନବମ ଶତାବ୍ଦିରେ ଯେଉଁ ରାଜ୍ୟ କୋଶଳ ବୋଲି କଥିତ, ତାହା ଯେ ପ୍ରାଚୀନ କୋଶଳଦେଶ ତାହା ପୂର୍ବକାଳର ବର୍ଣ୍ଣନା ସହିତ ମିଳାଇଲେ ସ୍ପଷ୍ଟ ହୁଏ ।

ଶିବଗୁପ୍ତ ଓ ଭବଗୁପ୍ତ ପ୍ରଭୃତି କେତେ ଜଣ ରାଜା ଏହି ଦେଶରେ ଏକ ସମୟରେ ରାଜତ୍ୱ କରିଥିଲେ । ସେମାନେ ମେକଲ (କୋଶଳର ଦକ୍ଷିଣପଶ୍ଚିମ ଭୂଭାଗ), କୋଶଳ ଏବଂ ଉତ୍କଳର ରାଜା ବୋଲି ନିଜର ପରିଚୟ ଦେଇଅଛନ୍ତି ଏବଂ ଏହି ତିନୋଟି ପ୍ରଦେଶକୁ ସମବେତଭାବରେ ତ୍ରିକଳିଙ୍ଗ ବୋଲି ଉଲ୍ଲେଖ କରିଅଛନ୍ତି । ଏମାନେ ହରିଚନ୍ଦ୍ରଙ୍କ ପୂର୍ବବର୍ତ୍ତୀ କି ପରବର୍ତ୍ତୀ, ତାହା ସହଜରେ ନିର୍ଣ୍ଣୀତ ହୋଇ ନ ପାରେ । ହରିଚନ୍ଦ୍ରଙ୍କ ସମୟରେ ଯେ କୋଶଳର ରାଜଗଣ ହିନ୍ଦୁଭାବମିଶ୍ରିତ ଗୋଟିଏ ଅଦ୍ଭୁତ ରକମର ବୌଦ୍ଧଧର୍ମାବଲମ୍ବୀ ଥିଲେ, ଧର୍ମଶର୍ମାଭ୍ୟୁଦୟ ତାହାର ନିଃସଂଶୟ ସାକ୍ଷୀ । ଶିବଗୁପ୍ତ, ଭବଗୁପ୍ତ ପ୍ରଭୃତି ଯେ ଶୈବ ଥିଲେ, ତାହା ମଧ୍ୟ ସେମାନଙ୍କ ପ୍ଲେଟରେ ସ୍ପଷ୍ଟ ଲିଖିତ ଅଛି । ଶିବଗୁପ୍ତ ପ୍ରଭୃତି ନିଜକୁ ସୋମକୁଳତିଳକ ବୋଲିଅଛନ୍ତି, କିନ୍ତୁ ହରିଚନ୍ଦ୍ର କୋଶଳରାଜାମାନଙ୍କୁ ଇକ୍ଷ୍ୱାକୁବଂଶୀୟ କହିଅଛନ୍ତି । ଏମାନେ ଯେ ହୈହୟବଂଶୀୟ

ଏବଂ ବୌଦ୍ଧଧର୍ମାବଲମ୍ବୀ, ତାହା ଜଣା ଯାଉଅଛି । ସପ୍ତମ ଶତାବ୍ଦୀର ପ୍ରାୟ ମଧ୍ୟଭାଗରେ ଯେତେବେଳେ ଜାଜଲ୍ଲଦେବ ରତ୍ନପୁରର ରାଜା, ସେତେବେଳେ ଏ ଦେଶର ରାଜାମାନେ ଆଉ ବୌଦ୍ଧ ନ ଥିଲେ । ଏହି ଜାଜଲ୍ଲଦେବ ଆପଣାକୁ ଚେଦୀଶ୍ୱର, ଦକ୍ଷିଣକୋଶଳପତି ଏବଂ ଦାର୍ଢ୍ୟସାର୍ଯ୍ୟ ବୈଦେଶ୍ୟ ବୋଲି ବର୍ଣ୍ଣନା କରିଅଛନ୍ତି ।

ଦକ୍ଷିଣକୋଶଳର ଯେ ଅନେକ ଭାଗ୍ୟ-ବିପର୍ଯ୍ୟୟ ଘଟିଥିଲା, ତାହା ନିଶ୍ଚୟ; କିନ୍ତୁ ଶିବଗୁପ୍ତ ପ୍ରଭୃତି ଠିକ ଏ ସ୍ଥାନର ରାଜା ଥିଲେ କି ନାହିଁ, ତାହା ଦେଖିବାକୁ ହେବ । ଚନ୍ଦ୍ରବଲ, ନନ୍ନଦେବ ଏବଂ ତୀବରଦେବ ଯେ ଅଷ୍ଟମ ଶତାବ୍ଦୀର ଶେଷଭାଗରୁ ନବମ ଶତାବ୍ଦୀର ଆରମ୍ଭ ପର୍ଯ୍ୟନ୍ତ ମେକଲର ଅଧୀଶ୍ୱର ହୋଇ ରାଜତ୍ୱରେ ରାଜତ୍ୱ କରିଥିଲେ ତାହା ଜଣାଯାଏ । ଏହି ତୀବରଦେବ ଯେତେବେଳେ ହୂନ୍ ବୋଲି ଚନ୍ଦ୍ରଗୁପ୍ତ ନାମ ଗ୍ରହଣ କରି ରାଜତ୍ୱ କରୁଥିଲେ ସେତେବେଳେ କୋଶଳରେ ସ୍ୱତନ୍ତ୍ର ରାଜା ଥିଲେ । ସମ୍ଭବତଃ ଏ ପ୍ରବଳପ୍ରତାପାନ୍ୱିତ ଥିଲେ ବୋଲି ନାମ ମାତ୍ର ସକଳ ଦେଶର ରାଜାଧିରାଜ ହୋଇଥିଲେ ।

କାନିଂହାମ୍ କହନ୍ତି ଯେ ଶିବଗୁପ୍ତ, ଭବଗୁପ୍ତ ଏବଂ ଦ୍ୱିତୀୟ ଶିବଗୁପ୍ତ ଏହି ତୀବରଦେବଙ୍କ ବଂଶଧର । ଏମାନେ ପରବର୍ତ୍ତୀ ବୋଲି ଯେ ତୀବରଙ୍କ ବଂଶଧର, ଏହା ବୋଲାଯାଇ ନ ପାରେ । ଶିବଗୁପ୍ତ ଆଦିଙ୍କ ପ୍ଲେଟରେ କୌଣସି ସ୍ଥାନରେ ତୀବରଙ୍କ ନାମ ନାହିଁ; କିନ୍ତୁ 'ଗୁପ୍ତ' ପଦଟା ଦେଖି ତୀବରଙ୍କ ଦ୍ୱିତୀୟ ନାମ (ଚନ୍ଦ୍ରଗୁପ୍ତ) ସହିତ ମିଶାଇ ଏହି ବଂଶାବଳୀକୁ ଗ୍ରଥିତ କରିଅଛନ୍ତି । ତୀବରଙ୍କ ବଂଶାବଳୀରୁ କଥାଟା ପରିଷ୍କାର ହେବ । ତୀବରଦେବ ବା ଚନ୍ଦ୍ରଗୁପ୍ତ ନନ୍ନଦେବଙ୍କ ଜ୍ୟେଷ୍ଠପୁତ୍ର ଏବଂ ନନ୍ନଦେବଙ୍କ ପିତାଙ୍କ ନାମ ଚନ୍ଦ୍ରବଲ । ତୀବର ଆପଣାକୁ ପାଣ୍ଡୁବଂଶୀୟ ବୋଲି ଶିରପୁର ପ୍ଲେଟରେ ବର୍ଣ୍ଣନ କରିଅଛନ୍ତି । ବେଗ୍ଲର ସାହେବଙ୍କ ଶିରପୁର ପ୍ଲେଟରେ ପୁଣି ଦେଖାଯାଏ ଯେ ଚନ୍ଦ୍ରବଲଙ୍କ ପିତାଙ୍କ ନାମ ଉଦୟନ; ଏବଂ ଏହି ଉଦୟନ ଶବରବଂଶୀୟ । ଶବରଗଣ ଯେ ମେକଲରୁ ଉତ୍କଳ ପର୍ଯ୍ୟନ୍ତ ସମସ୍ତ ରାଜ୍ୟର ରାଜା ଥିଲେ, ତାହା ପୁରାଣରେ ମଧ୍ୟ ମିଳେ । ଶିବଗୁପ୍ତାଦି ଯେତେବେଳେ ସୋମକୁଳତିଳକ, ସେତେବେଳେ ଏମାନଙ୍କୁ ତୀବରଙ୍କ ବଂଶୋଦ୍ଭବ ବୋଲାଯାଇ ନ ପାରେ । ଅନ୍ୟଥା ପୁଣି ପଲ୍ଲବମଲ୍ଲ ନନ୍ଦୀବର୍ମା ଯେ ପ୍ରାୟ ୮୦୦ ଖ୍ରୀଷ୍ଟାବ୍ଦରେ ଉଦୟନଙ୍କୁ ଯୁଦ୍ଧରେ ପରାଜୟ କରିଥିଲେ ତାହା ମଧ୍ୟ ଜଣାଯାଏ । (Ind. Ant. Vol. VIII)

ଶିବଗୁପ୍ତାଦି ସମସ୍ତଙ୍କ ପ୍ଲେଟରେ ଜଣେ ଜନମେଜୟଙ୍କ ବିଜୟରାଜ୍ୟର ସମ୍ବତ୍ସର ପ୍ରଦତ୍ତ ହୋଇଅଛି । ଉତ୍କଳର ଯଯାତି ମଧ୍ୟ ଏହି ଜନମେଜୟଙ୍କ ନାମ ଉଲ୍ଲେଖ କରିଅଛନ୍ତି ଏବଂ ଆପଣାକୁ ଶିବଗୁପ୍ତଙ୍କ ସମସାମୟିକ ବୋଲି କହିଅଛନ୍ତି ।

ଏହି ଜନମେଜୟ କିଏ ଏବଂ କେଉଁ ସ୍ଥାନର ରାଜା ଥିଲେ ତାହା ଅନୁସନ୍ଧାନ କରାଯାଉଅଛି । ଶିବଗୁପ୍ତାଦି ଯେତେବେଳେ ଏହାଙ୍କ ନାମର ପ୍ରାଧାନ୍ୟ ସ୍ୱୀକାର କରୁଅଛନ୍ତି ସେତେବେଳେ ଏ ବୋଧ ହୁଏ ଉତ୍କଳ, ମେକଲ ବା କୋଶଳ ବା ସନ୍ନିକଟବର୍ତ୍ତୀ ସ୍ଥାନର ରାଜା ଥିଲେ । ଇଣ୍ଡିଆନ୍ ଏଣ୍ଟିକ୍ୱେରିର ୪ର୍ଥ ଭାଗରେ, ଜଣେ ଜନମେଜୟଙ୍କର ଖଣ୍ଡିଏ ପ୍ଲେଟ ମୁଦ୍ରିତ ଅଛି । ଏ ଯେ କୌଣସି ରାଜବଂଶର ଲୋକ ନୁହନ୍ତି ଏବଂ ଆପଣାର ଭୁଜବଳରେ ରାଜା ହୋଇଥିଲେ, ତାହାର ପ୍ରମାଣ ଏହି ଯେ ସେ ଆପଣାକୁ ଏକାବେଳକେ ଯୁଧିଷ୍ଠିରାଦିଙ୍କର ବଂଶଧର ବୋଲି ଘୋଷଣା କରିଅଛନ୍ତି । ପ୍ରାଚୀନ ଖୋଦିତ ଲିପି ସହିତ ଯେଉଁମାନେ ପରିଚିତ, ସେମାନେ ଜାଣନ୍ତି ଯେ ରାଜାମାନଙ୍କ ମଧ୍ୟରେ ପୂର୍ବ ରାଜାମାନଙ୍କ ନାମ କୀର୍ତ୍ତନ କରିବା ଗୋଟିଏ ବିଶେଷ ନିୟମ ଥିଲା । କେବଳ ଯେଉଁମାନେ ନିଜେ ରାଜା ହୋଇ ଉଠିଥିଲେ, ସେମାନେ ଏହି ପ୍ରଥା ଅବଲମ୍ବନ କରୁ ନ ଥିଲେ । ଜନମେଜୟ କହ-

ଅଛନ୍ତି ଯେ ସେ କେରଳୀୟର ରାଜା; ଭଲ କଥା । ଏହି ପ୍ଲେଟଖଣ୍ଡିକ ଯେ କଦାପି ଅଷ୍ଟମ ଶତାବ୍ଦୀର ମଧ୍ୟଭାଗର ପୂର୍ବବର୍ତ୍ତୀ ନୁହେ, ତାହା ଏହି ଲିପିରୁ ସିଦ୍ଧାନ୍ତ କରାଯାଏ । ପ୍ଲେଟରେ ତାରିଖ ଦେଇଅଛନ୍ତି "ଯୁଧିଷ୍ଠିରଶକେ ପ୍ଲବଙ୍ଗାଖ୍ୟେ ପ୍ରବୋଧନନାନ୍ଦ ବତ୍ସରେ (୮୯), ସହସ୍ୟମାସି ଅମାବାସ୍ୟାୟାଂ ସୋମବାସରେ" । ତାରିଖଟି ମଧ୍ୟ ମର୍କଟୋଚିତ । ସହସ୍ୟ ମାସ ଅର୍ଥ ପୌଷ ମାସ, ପ୍ଲବଙ୍ଗ ବୋଇଲେ ବାନର ମଧ୍ୟ ବୁଝାଏ ଏବଂ ବୃହସ୍ପତିଙ୍କ ଷାଠିଏ ବର୍ଷର ଯୁଗର ପନ୍ଦର ବର୍ଷ ବୁଝାଏ । ବର୍ତ୍ତମାନ ଦେଖାଯାଉ ଏହି କଥାଗୁଡ଼ିକ ଧରିଲେ କୌଣସି ତାରିଖ ମିଳିବ କି ନାହିଁ । ଯୁଧିଷ୍ଠିରଙ୍କୁ ପ୍ରପିତାମହ ବୋଲି କହି ଜନମେଜୟ କେରଳୀୟର ଲୋକମାନଙ୍କୁ ଠକାଇଅଛନ୍ତି, କିନ୍ତୁ ପଣ୍ଡିତ ଓ ସଭାସଦବର୍ଗଙ୍କ ନିକଟରେ ଯେ ଚଳିଯିବ ନାହାନ୍ତି, ତାହା ମଧ୍ୟ ନିଶ୍ଚିତ । ଦୂରେଇ ଫେରେଇ, ଯୁଧିଷ୍ଠିରଙ୍କ ନାମ ରଖି ସତ୍ୟ ତାରିଖ ଦେଇଅଛନ୍ତି ବୋଲି ମନେ ହୁଏ । ରାଜତରଙ୍ଗିଣୀର ହିସାବରେ (ଏହି ହିସାବ ପୂର୍ବେ ପ୍ରଚଳିତ ଥିଲା),

ଶତେଷୁ ଷଟ୍‌ସୁ ସାର୍ଦ୍ଧେଷୁ ତ୍ର୍ୟଧିକେଷୁ ଚ ଭୂତଲେ ।
କଲେର୍ଗତେଷୁ ବର୍ଷାଣାମଭୂବନ୍ କୁରୁପାଣ୍ଡବାଃ ।

କଳି ଆରମ୍ଭର ୬୫୩ ବର୍ଷ ପରେ ଯୁଧିଷ୍ଠିର ଶକ ଆରମ୍ଭ । ବର୍ତ୍ତମାନ ଏହି ଶକର ୮୯ ବର୍ଷରେ ଅର୍ଥାତ୍ ୭୪୨ ଯୁଧିଷ୍ଠିର ଶକରେ ଏହାଙ୍କର ରାଜତ୍ୱ । ତାହା ଉପରେ ପୁଣି ପ୍ଲବଙ୍ଗାଖ୍ୟ ଧରିବାକୁ ହେବ । ଏଠାରେ ଯେ ବୃହସ୍ପତି ଯୁଗ ଗଣନା କରିବାକୁ ହେବ ତାହା ନୁହେ; କାରଣ ତାହାହେଲେ ନକ୍ଷତ୍ରାଦିଙ୍କ କଥା ଥାନ୍ତା । ସହଜ କଥାରେ, ଏହି ତାରିଖ ସଙ୍ଗରେ ୧୫ ବର୍ଷ ମିଶାଇ ନେବାର ସଙ୍କେତ ମାତ୍ର ମିଳେ । ଏହି ଗଣନାରେ ୭୫୭ ଶକ ମିଳିଲା । ଏହି ଶକଟା ଦକ୍ଷିଣଦେଶପ୍ରଚଳିତ ଶକ ସମ୍ବନ୍ଧୀୟ; କେବଳ ଯୁଧିଷ୍ଠିରଙ୍କ ନାମାଦର୍ଶ ଏହାର ଗୌରବ ବଢ଼ାଇ ଦେଇ ଯାଇଅଛି । ଯୁଧିଷ୍ଠିରଙ୍କ ନାମ ନେଲେ ଯେତେବେଳେ ଏ ଅନେକ ଚଳାଖି କରିଅଛନ୍ତି, ସେତେବେଳେ ଏଠାରେ ଯେ ଚଳାଖି କରା ହୋଇଅଛି ଏହି ଅନୁମାନ ଭଲ ଯୁକ୍ତିଯୁକ୍ତ ନାହିଁ । ଏହି ହିସାବରେ ଏହି ଜନମେଜୟ ୮୩୫ ଖ୍ରୀଷ୍ଟାବ୍ଦରେ ଆସି ପଡ଼ୁଅଛନ୍ତି । ପ୍ଲେଟ୍ ଖଣ୍ଡିକର ଅକ୍ଷର ଏବଂ ଅବସ୍ଥା ସହିତ ଯେ ଏହି ତାରିଖର ବିରୋଧ ନାହିଁ, ବରଂ ମେଳ ଅଛି, ତାହା କେହି ଅସ୍ୱୀକାର କରିବେ ନାହିଁ । ଏହି ପ୍ଲେଟରେ ଲିଖିତ ଅଛି ଯେ ଜନମେଜୟ ତୁଙ୍ଗଭଦ୍ରାରେ ସ୍ନାନ କରି ଏହି ଦାନଲିପି ପ୍ରସ୍ତୁତ କରିଅଛନ୍ତି । ତୁଙ୍ଗଭଦ୍ରା ଯେ ଅଷ୍ଟମ ଶତାବ୍ଦୀର ଶେଷଭାଗର ପୂର୍ବରେ ତୀର୍ଥ ହୋଇ ନ ଥିଲା, ତାହା ନିଶ୍ଚିତଭାବରେ ଏଠାରେ କହିବାର ସୁବିଧା ନାହିଁ । ଏତେଦୂର ଦକ୍ଷିଣ ପ୍ରଦେଶରେ ଯେ ଏହି ସମୟର ପୂର୍ବରେ ଆର୍ଯ୍ୟମାନେ ସୁପ୍ରତିଷ୍ଠିତ ହୋଇ ବସବାସ କରି ନ ଥିଲେ, ଏତିକି କହିଲେ ଯଥେଷ୍ଟ ହେବ ।

ବର୍ତ୍ତମାନ ଦେଖାଯାଉ ଏହି ଜନମେଜୟଙ୍କ ସହିତ ଶିବଗୁପ୍ତାଦିଙ୍କର ସମ୍ବନ୍ଧ ଥାଇ ପାରେ କି ନାହିଁ । ପ୍ରଥମ କଥା ଏହି ଯେ ଏହାଙ୍କର ରାଜତ୍ୱ-ସ୍ଥଳ କେରଳୀୟା ହୋଇପାରେ ? ହିଳ୍ଳି ଯେ କେରଳୀୟା ନୁହେ, ତାହାର ପ୍ରମାଣ ଏହି ଯେ ରାମାୟଣରେ ଯେତେବେଳେ କେରଳୀୟାବାସୀ ମୃଗଅଙ୍ଗେ ଯିବାର କଥା ହେଲା ସେତେବେଳେ ଉତ୍କଳର ନାମ ମଧ୍ୟ ହୋଇଥିଲା । କେରଳୀୟା ଯେ ବହୁ ଦକ୍ଷିଣବର୍ତ୍ତୀ ଦେଶ ନୁହେ, ବରଂ ଆର୍ଯ୍ୟାବର୍ତ୍ତର ଅନ୍ତର୍ଭୁକ୍ତ ଦକ୍ଷିଣସୀମାପ୍ରଦେଶସ୍ଥ ଦେଶ, ତାହା ପତଞ୍ଜଳିଙ୍କ ମହାଭାଷ୍ୟରୁ ପାଉଅଛୁଁ । ମହାଭାଷ୍ୟର ୨ୟ ଅଧ୍ୟାୟର ୪ର୍ଥ ପଦର ୧ମ ଆହ୍ନିକରେ, ଯେଉଁଠାରେ ପ୍ରଶ୍ନ କରି ହେଲା ଯେ ଆର୍ଯ୍ୟାବର୍ତ୍ତବାସୀ ଦ୍ୱିଜେତର କିଏହିଁ ଶୂଦ୍ର, ସେଠାରେ ଏହି ପ୍ରଶ୍ନ କରି ହୋଇଅଛି ଯେ

ଯଦି ତାହା ହୁଏ, ତାହାହେଲେ 'କଳିଙ୍ଗ' (ଦକ୍ଷିଣଦେଶୀୟ) "ଶକ ଯବନ" (ଆର୍ଯ୍ୟାବର୍ତ୍ତ ମଧ୍ୟସ୍ଥ ପଶ୍ଚିମଦେଶବାସୀ), ପ୍ରଭୃତିଙ୍କ ଶୂଦ୍ର ବୋଲିବାକୁ ହେବ । ତତ୍ପରେ ଅନ୍ୟ ସଂଜ୍ଞାଦ୍ୱାରା ଏମାନଙ୍କୁ ଅନାର୍ଯ୍ୟ କରାହେଲା ଏବଂ ଶୂଦ୍ରତ୍ୱର ଗୌରବ ଦାନ କରାହେଲା ନାହିଁ । ମହାଭାଷ୍ୟର ଏହି ସୂତ୍ରରେ ଯେତେବେଳେ ବିନ୍ଧ୍ୟପ୍ରଦେଶକୁ ଆର୍ଯ୍ୟାବର୍ତ୍ତର ଦକ୍ଷିଣ ବୋଲି କୁହାଯାଇଅଛି, ସେତେବେଳେ ସେଠାରୁ ଆରମ୍ଭ କରି କୋଶଳପର୍ଯ୍ୟନ୍ତ ଯେଉଁ ଭୂଭାଗ ରହିଛି, କିଷ୍କିନ୍ଧ୍ୟା ଅବଶ୍ୟ ତାହାର କୌଣସି ଅଂଶର ଅନ୍ତର୍ବର୍ତ୍ତୀ । ରାମାୟଣରେ ଅଛି ଯେ କିଷ୍କିନ୍ଧ୍ୟା ଦେଶ ଶବରୀପୁର ଓ ପମ୍ପାର ପୂର୍ବଦିଗରେ ଓ ଅନତିଦୂରରେ ଅବସ୍ଥିତ । ଶବରୀପୁରି ଯେ ସଙ୍ଗମ, ଅର୍ଥାତ୍ କୋଶଳର ଦକ୍ଷିଣସ୍ଥ ରାୟପୁର ଜିଲ୍ଲାର ନଗର, ତାହା ଏହା ପ୍ରକାର ନିର୍ଦ୍ଦିଷ୍ଟ ହୋଇ ଯାଇଅଛି । ବର୍ତ୍ତମାନ ଏହାର ପୂର୍ବଭାଗସ୍ଥ ସମ୍ବଲପୁରର ଅରଣ୍ୟପରିବୃତ ପ୍ରଦେଶକୁ କିଷ୍କିନ୍ଧ ବୋଲି ଧରିଲେ ରାମାୟଣର କୌଣସି ବର୍ଣ୍ଣନା ସହିତ ଅମେଳ ହେବ ନାହିଁ ।

ସମ୍ବଲପୁର ଜିଲ୍ଲାର ଦକ୍ଷିଣପଶ୍ଚିମରେ, ପାଟଣାରେ ଏବଂ ସୋନପୁରରେ ଶିବଗୁପ୍ତ ଏବଂ ଭବଗୁପ୍ତଙ୍କର ଅନେକ ପ୍ଲେଟ ମିଳିଅଛି । ସବୁ ପ୍ଲେଟରେ ଏମାନେ "ଜନମେଜୟସ୍ୟ ବିଜୟ-ରାଜ୍ୟେ ସମ୍ବତ୍ସରେ" ଇତ୍ୟାଦି ବୋଲି ଦାନପତ୍ରର ଆରମ୍ଭ ଦେଇଅଛନ୍ତି । ପ୍ରଥମ ଶିବଗୁପ୍ତଙ୍କର ଖଣ୍ଡିଏ ପ୍ଲେଟର ଆରମ୍ଭ "ଜନମେଜୟଦେବ ବିଜୟ-ରାଜ୍ୟେ ସମ୍ବତ୍ସରେ ତୃତୀୟେ" ପାଉଅଛୁଁ । ଏଥିରୁ ଜଣାଯାଏ ଯେ ଏହି ଶିବଗୁପ୍ତ ଜନମେଜୟଙ୍କ ସହିତ ଯେଉଁ ସମ୍ପର୍କରେ ସମ୍ପର୍କିତ ହୋଇଥାନ୍ତୁ ପଛକେ ଜନମେଜୟଙ୍କ ବିଜୟର ଅଳ୍ପଦିନ ପରେ ଏ ରାଜା ହୋଇଥିଲେ । ଦ୍ୱିତୀୟ ଶିବଗୁପ୍ତଙ୍କର ଖଣ୍ଡିଏ ପ୍ଲେଟରେ ଏହି ସମ୍ବତ୍ସର ୩୧ ଏବଂ ତଦୀୟ ପିତା ଭବଗୁପ୍ତଙ୍କର ପ୍ଲେଟରେ '୧୫ ମିଳିଅଛି । ଏହି ରାଜାମାନେ ଯେ ସୁଦୀର୍ଘକାଳ ରାଜତ୍ୱ କରି ନାହାନ୍ତି ତାହା ମଧ୍ୟ ସ୍ପଷ୍ଟ ପଡ଼ୁଅଛି । ଶିବଗୁପ୍ତଙ୍କ ଯେ କେଶରୀ ପୂର୍ବବର୍ତ୍ତୀ ତାହା ନିଶ୍ଚିତ ।

ସମ୍ବଲପୁର ଅଞ୍ଚଳରେ ଯେଉଁମାନେ ରାଜା ହୋଇଥିଲେ, ସେମାନଙ୍କ ପକ୍ଷରେ ମେକଳ, କୋଶଳ ଏବଂ ଉତ୍କଳର ଅଧୀଶ୍ୱର ହେବାର ଗୌରବ ହୋଇ ପାରେ । ଶିବଗୁପ୍ତ ଯେତେବେଳେ କେଶରୀ ନାମ ଉଲ୍ଲେଖ କରି ନାହାନ୍ତି ସେତେବେଳେ ମନେ କରାଯାଇ ପାରେ ଯେ କେଶରୀ ଉତ୍କଳରେ ଶିବଗୁପ୍ତାଦି ସଙ୍ଗମ ଓ ଉତ୍କଳ ଦଖଲ କରିଥିଲେ ଏବଂ ସ୍ୱାଧୀନ ବୋଲି କୋଶଳରାଜଙ୍କୁ ମଧ୍ୟ ଅଧୀନସ୍ଥ ରାଜା କରି ଦେଇଥିଲେ । ଏପରି ହେଲେ ଦ୍ୱିତୀୟ ଶିବଗୁପ୍ତ ୮୫୦-୮୭୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ ବୋଲି ଧରାଯାଇ ପାରେ ।

ଯଯାତି ଯେତେବେଳେ ଶିବଗୁପ୍ତଙ୍କ ସମସାମୟିକ ଏବଂ ଶିବଗୁପ୍ତଙ୍କ ଉତ୍ତରରେ ଜନମେଜୟଙ୍କ ବଂଶଧରରୂପେ ଉତ୍କଳ ଅଧିକାର କରିଥିଲେ, ସେତେବେଳେ ଏହି ଯଯାତି ଏତାବେଳକେ ନବମ ଶତାବ୍ଦୀ ଶେଷଭାଗରେ ପଡ଼ିଅଛନ୍ତି । ପୂର୍ବେ ଅନ୍ୟ ଗୋଟିଏ ପ୍ରବନ୍ଧରେ ଦେଖାଇ ଅଛୁଁ ଯେ ଯଯାତି ୮୧୧ ଖ୍ରୀଷ୍ଟାବ୍ଦର ପୂର୍ବବର୍ତ୍ତୀ ହୋଇ ନ ପାରନ୍ତି । ଫ୍ଲିଟ୍ ସାହେବଙ୍କ ସ୍ୱତନ୍ତ୍ର ଗଣନାରେ କେଶରୀଦେବ ୯ମ ଶତାବ୍ଦିର ପୂର୍ବବର୍ତ୍ତୀ ନୁହନ୍ତି । ଉଦୟଙ୍କ ଶେଷ ସମୟ ୮୦୭ ଖ୍ରୀଷ୍ଟାବ୍ଦ ହେଲେ, ତଦୀୟ ପ୍ରପୌତ୍ର ଉଦର ଦେବଙ୍କ ସମୟ ନବମ ଶତାବ୍ଦିର ପ୍ରାୟ ମଧ୍ୟଭାଗରେ ପଡ଼ୁଅଛି । ସେ ଅନ୍ତର ମଧ୍ୟ ଦେଖାଇଅଛନ୍ତି ଯେ ଏହି ଗଣନାରେ ଶିବଗୁପ୍ତ ଏବଂ ଯଯାତି ନବମ ଶତାବ୍ଦିର ଶେଷଭାଗର ରାଜା । ଯଯାତି ଯଦି ଜନମେଜୟଙ୍କର ଅବ୍ୟବହିତ ପରେ ପ୍ରଥମ ଶିବଗୁପ୍ତଙ୍କ ସମସାମୟିକ ହୁଅନ୍ତି ତାହାହେଲେ ମଧ୍ୟ ୮୪୦ ଖ୍ରୀଷ୍ଟାବ୍ଦର ପୂର୍ବେ

ଏହାଙ୍କ ରାଜତ୍ୱ ଅଧିକ ହୋଇ ନ ପାରେ । ଜନମେଜୟଙ୍କ ସମୟ ମଧ୍ୟ ୮୩୫ ବୋଲି ଅନୁମିତ ହୋଇଅଛି । ଅତଏବ ଏହି ସ୍ପିକ୍ଷ୍ୟାବାହୀ ଜନମେଜୟଙ୍କୁ ଶିବଗୁପ୍ତ ଓ ଯଯାତିଙ୍କ ଜନମେଜୟ ବୋଲି ଅନୁମାନ କରିବାକୁ ପ୍ରବୃତ୍ତି ହୁଏ ।

ଏଥିରୁ ହୋଇ ପାରେ ଯେ ତ୍ରିକଳିଙ୍ଗର ଅଧିପତି ହେବା ପୂର୍ବରୁ ଶିବଗୁପ୍ତ କଟକ ଅଞ୍ଚଳରେ ରାଜଧାନୀ ସ୍ଥାପନ କରିଥିଲେ । କିନ୍ତୁ ଏମାନେ ଯେ ସମ୍ବଲପୁର ଅଞ୍ଚଳରେ ବ୍ରାହ୍ମଣାଦି ପ୍ରତିଷ୍ଠା କରିଥିଲେ ତାହା ଅନେକ ପ୍ଲେଟରୁ ମିଳୁଅଛି । ଏମାନଙ୍କଠାରୁ ଆରମ୍ଭ କରି ଉତ୍କଳର ଶେଷରାଜା ପର୍ଯ୍ୟନ୍ତ, କେହି ସମ୍ବଲପୁର ଅଞ୍ଚଳରେ ଆସି ବାସ କରି ନାହାନ୍ତି; କଳାହାଣ୍ଡିରୁ ସମ୍ବଲପୁର ପର୍ଯ୍ୟନ୍ତ ଭୂଭାଗରେ ଯେଉଁ ସମସ୍ତ ରାଜାମାନେ ରାଜତ୍ୱ କରିଥିଲେ ବା କରୁଅଛନ୍ତି, ସେମାନେ କେହି ଉତ୍କଳରୁ ଆଗତ ନୁହନ୍ତି; ଅଥଚ ଏହି ପ୍ରଦେଶର ଭାଷା ଓଡ଼ିଆ । ଶିବଗୁପ୍ତଙ୍କ ପ୍ଲେଟର ଅକ୍ଷର ଏବଂ ଯଯାତିଙ୍କ ପ୍ଲେଟର ଅକ୍ଷରରୁ ଯେ କ୍ରମବିକାଶରେ ଓଡ଼ିଆ ଅକ୍ଷରର ଉତ୍ପତ୍ତି, ତାହା କେହି ପ୍ରଣିଧାନ କଲେ ବୁଝାଯିବ । ଯେଉଁ ପ୍ରାକୃତ ଭାଷା ଶିବଗୁପ୍ତ ଏବଂ ଯଯାତିଙ୍କ ସମୟରେ ପ୍ରଚଳିତ ଥିଲା ତାହା କ୍ରମବିକାଶଦ୍ୱାରା ଯେ ଉତ୍କଳଭାଷା ହୋଇଅଛି ତାହା ମଧ୍ୟ ଏମାନଙ୍କ ପ୍ଲେଟର ଅନେକ ଶବ୍ଦରୁ ଅନୁମିତ ହୁଏ । ସୋନପୁରର ଗୋଟିଏ ପ୍ରସ୍ତର (ସ୍ତମ୍ଭ) ଲିପିରେ ଅଛି "ଯେ ଦାନ କରଇ, ତାହା ମୁଣ୍ଡରେ ବ୍ରହ୍ମଶାଳ ରୁଦ୍ରଶାଳ... ପଡ଼ଇ ।" ଏହି ପ୍ରସ୍ତରଲିପି ଭବଗୁପ୍ତଙ୍କ ସମୟର ଅତ୍ୟଳ୍ପ ପରବର୍ତ୍ତୀ । ପରବର୍ତ୍ତୀ ସମୟରେ ଯେତେବେଳେ ସମ୍ବଲପୁର ଅଞ୍ଚଳ ଉତ୍କଳରେ ଶାସନର ବହିର୍ଭାଗରେ ଥିଲା, ସେତେବେଳେ ଯଯାତି ପ୍ରଭୃତିଙ୍କ ପୂର୍ବବର୍ତ୍ତୀ ସମୟରୁ ଯେ ମୂଳ ଉତ୍କଳ ଭାଷା ସମ୍ବଲପୁର ପ୍ରଦେଶରେ ବିସ୍ତୃତି ଲାଭ କରିଥିଲା ତାହା ସ୍ୱୀକାର ନ କଲେ, ଉକ୍ତ-ପ୍ରଦେଶୀୟ ଅନାର୍ଯ୍ୟମାନଙ୍କ ମଧ୍ୟରେ ଉତ୍କଳ ଭାଷାର ପ୍ରଭାବ ବୁଝାଯାଏ ନାହିଁ ।

ଆର୍ଯ୍ୟପ୍ରଭାବର ପୂର୍ବରୁ ଯେଉଁ ଅନାର୍ଯ୍ୟ ଜାତିର "ଉତ୍-କଲ" (କୋଲାର ଶବ୍ଦ) ରୁ ଦେଶର ନାମକରଣ ହୋଇଅଛି, ସେମାନେ ବର୍ତ୍ତମାନ କି ଅବସ୍ଥାରେ କେଉଁଠାରେ ଅଛନ୍ତି, କିଏ ଜାଣେ ? କିନ୍ତୁ ନୂତନ ଓଡ଼ିଆ ଭାଷାର ମୂଳପତ୍ତନ ଯଯାତି ପ୍ରଭୃତିଙ୍କ ସମୟରୁ, ସେଥିରେ ସନ୍ଦେହ ନାହିଁ । ଯଯାତିଙ୍କର ପ୍ରାୟ ୧୦୦ ବର୍ଷପରେ ସମ୍ବଲପୁର, ସୋନପୁର ଏବଂ ପାଟଣା, ପାଟଣା ରାଜାଙ୍କ ରାଜ୍ୟ ଥିଲା ବୋଲି ମିଳୁଅଛି । ଏହି ପାଟଣାର ରାଜା ଯେ ଉତ୍କଳଦେଶୀୟ ନୁହନ୍ତି, ତାହା ଏହି ରାଜବଂଶର ଇତିହାସରୁ ଜଣାଯାଏ । ଯେଉଁ ଶିବଗୁପ୍ତାଦିବଂଶର ଏବଂ ଯଯାତିବଂଶର ପ୍ରଭାବରେ ଉତ୍କଳଭାଷା ଏବଂ ହିନ୍ଦୁଧର୍ମ ପ୍ରତିଷ୍ଠିତ, ନିଶ୍ଚୟ ସେମାନଙ୍କ ପ୍ରଭାବରେ ସମ୍ବଲପୁର ଅଞ୍ଚଳରେ ଦଶମ ଶତାବ୍ଦୀର ପୂର୍ବରୁ ଏହି ଭାଷା ପ୍ରତିଷ୍ଠିତ ହୋଇଥିଲା । ଏଥିପାଇଁ ଉତ୍କଳ ସହିତ ସମ୍ପର୍କରହିତ ଏବଂ ବିଦେଶାଗତ ହେଲେହେଁ ରାଜାମାନେ ଦେଶପ୍ରତିଷ୍ଠିତ ଭାଷା ଗ୍ରହଣ କରିଥିଲେ ।

ଏହି ହେତୁରୁ ମନେ କରାଯାଇ ପାରେ ଯେ ଶିବଗୁପ୍ତ ହୁଅନ୍ତୁ ଅବା ଯଯାତି ହେଉନ୍ତୁ ସମସ୍ତେ ମେକଳ ଏବଂ କୋଶଳର ପୂର୍ବଭାଗରୁ ଉତ୍କଳ ପ୍ରଦେଶକୁ ଆସିଅଛନ୍ତି । କଟକ ଅଞ୍ଚଳ ଯଦି ଏମାନଙ୍କ ପୂର୍ବନିବାସ ବା ଉତ୍ପତ୍ତିସ୍ଥାନ ହୋଇଥାନ୍ତା ତାହାହେଲେ କେବଳମାତ୍ର ଦେଶଜୟ କରି ବା କର ଆଦାୟ କରି କଳାହାଣ୍ଡିରୁ ସମ୍ବଲପୁର ପର୍ଯ୍ୟନ୍ତ ଓଡ଼ିଆଭାଷା ଚଳାଇ ପାରି ନ ଥାନ୍ତେ । ଶିବଗୁପ୍ତ ଏବଂ ଯଯାତିଙ୍କ ପୂର୍ବରେ ଯେତେବେଳେ ଉତ୍କଳଦେଶ ଯବନପରିବୃତ ବା ଶବରାଧିକୃତ ଥିଲା, ସେତେବେଳେ କେବଳ ମାତ୍ର ବ୍ରାହ୍ମଣ ପ୍ରତିଷ୍ଠା କରିବାଦ୍ୱାରା ଦେଶର ଭାଷା ପରିବର୍ତ୍ତିତ ହୋଇପାରିଥିଲା, ତାହା ମନେ ହେଉ ନାହିଁ । ଶିବଗୁପ୍ତାଦିଙ୍କ ସମୟରୁ ସମ୍ବଲପୁର ଅଞ୍ଚଳରେ ଯେଉଁ ସମସ୍ତ

ବ୍ରାହ୍ମଣ ପ୍ରତିଷ୍ଠିତ ହୋଇଥିଲେ ସେମାନେ ଦେଶଗୁଣରେ କିମ୍ବା କର୍ମ ବଶତଃ ହୋଇଥିଲେ ବୋଲି, ଅଥବା ନୂତନ ରାଜାମାନେ ଉତ୍କଳ ଦେଶକୁ ନୂତନ ବ୍ରାହ୍ମଣ ନେଇ ସ୍ଥାପନ କରିଥିଲେ । ତାହା ଅନୁମାନର କଥା । ଏହି ନୂତନ ଉତ୍କଳୀୟ ବ୍ରାହ୍ମଣଗଣ ପ୍ରାଚୀନ ଅଧିବାସୀ ବ୍ରାହ୍ମଣଗଣଙ୍କୁ ଝାଡ଼ୁଆ ବା ଅରଣ୍ୟକ ନାମ ଦେଇଅଛନ୍ତି । ସଂଖ୍ୟାରେ ଏହି ଝାଡ଼ୁଆଗଣ ସମ୍ବଲପୁର ପ୍ରଦେଶରେ ଉତ୍କଳ ବ୍ରାହ୍ମଣଙ୍କ ଅପେକ୍ଷା ଅଧିକ । ଏହି ଝାଡ଼ୁଆ ବ୍ରାହ୍ମଣଗଣଙ୍କ ସ୍ଥିତି ସମ୍ବଲପୁର ନଗରର ବାହାରେ ଅତିଅଳ୍ପ ପରିମାଣରେ ବୌଦ୍ଧ ଅଠମଲ୍ଲିକ ପ୍ରଭୃତି ଗଡ଼ଜାତରେ ଅଛି; ଆଉ କେଉଁଠି ନାହିଁ । ଏହାର ଅର୍ଥ ଏହି ଯେ ଯେଉଁମାନେ ସାକ୍ଷାତ୍ ସମ୍ବନ୍ଧରେ ଉତ୍କଳର ରାଜାମାନଙ୍କ ଅଧୀନ ଥିଲେ, ସେମାନେ ଝାଡ଼ୁଆ ହୋଇ ଯାଇ ନାହାନ୍ତି; ନଚେତ୍ ସମସ୍ତେ ଏକ ବ୍ରାହ୍ମଣ ।

ଯଯାତିଙ୍କ ଉତ୍ତାରୁ ତ୍ରିକଳିଙ୍ଗ ରାଜ୍ୟ ନାମ ଲୁପ୍ତ ହୋଇଅଛି ଏବଂ ଉତ୍କଳରେ ଜଣେ ରାଜା ବା ସ୍ୱାତନ୍ତ୍ର୍ୟ ସ୍ଥାପିତ ହୋଇଅଛି । ଯେଉଁ ହିସାବରେ ଦେଖ, ଏହି ସମୟଟା ନବମ ଶତାବ୍ଦିର ପ୍ରଥମ-ଭାଗର ପୂର୍ବବର୍ତ୍ତୀ ନୁହେ । ଉତ୍କଳ ଯେତେବେଳେ କଳିଙ୍ଗର ଅଧୀନ ଥିଲା ଅଥବା ପରେ ଯେତେ-ବେଳେ ଯବନମାନଙ୍କର (ବୌଦ୍ଧ ଶବର ଜାତି) ଅଧୀନ ଥିଲା, ସେତେବେଳେ ଏହି ଦେଶର ପ୍ରାନ୍ତଭାଗ ଭିନ୍ନ ଅନ୍ୟ କୌଣସି ସ୍ଥାନରେ ଆର୍ଯ୍ୟ-ନିବାସ ସ୍ଥାପିତ ହୋଇ ନ ଥିଲା । ଏହି ହେତୁରୁ ଆର୍ଯ୍ୟଜାତି କର୍ତ୍ତୃକ ଅଧ୍ୟୁଷିତ ନୂତନ ଉତ୍କଳ-ଦେଶର ଇତିହାସ ନବମ ଶତାବ୍ଦିରୁ ଆରମ୍ଭ ।

ଶ୍ରୀ ବିଜୟଚନ୍ଦ୍ର ମଜୁମଦାର ।

ଧବଳେଶ୍ୱରସ୍ତୋତ୍ରମ୍ ।

ଜୟ ଧବଳେଶ୍ୱର, ଜୟ ଧବଳେଶ୍ୱର,
ଜୟ ଧବଳେଶ୍ୱର ଶମ୍ଭୋ,
ପାଦପ୍ରଣତଜନ-ଭବଭୟଭଞ୍ଜନ,
ପାହି ମାମଶରଣଂ ଭୋ ।
ଶ୍ରାବସ୍ଥଳଦବଦଳ-ଲହରି-ପତ—
ଶୀକର-ମଞ୍ଜୁଳକୁଞ୍ଜେ,
ପ୍ଲବକନମଜ୍ଜନ-ରତ-ବଣ୍ଠୋଚ୍ଚଳ—
ବିବିଧବିହଙ୍ଗମପୁଞ୍ଜେ,
କୋକିଳକୂଜିତ-ମଧୁକରଗୁଞ୍ଜିତ—
ତରୁବିଲସିତ-ମଧୁମାସେ,
ମରକତମେଦୁର-ନୀଳକାନ୍ତନଦ—
ଗିରିଗଣ-ଦନ୍ତୁରଭାଷେ,
ତନୟ-ଷଡାନନ-ପୂଜନବାଞ୍ଛିତ—
ନଗସୁତରଣବଚନେ,
ଇହ ବିହରସି, ବଦ୍ୟେ, ଶଶିଶେଖର,
ଶାନ୍ତରହୈଃ ସୁପବନେ;
ଜଟିଳୀବଲୟିତ-ତରୁକୁଳପୁଲକିତ—
ବାଳମହୀଧରବାସନ୍,
ଜୟ ଜୟ ଶଙ୍କର, ସର୍ବଶୁଭଙ୍କର,
ଭକ୍ତବିପଦ୍‌ବିନାଶିନ୍ ।
ରାଧାନାଥଭଣିତ-ଭବବନ୍ଦନ—
ଗୀତମେତଦନୁବାରମ୍,
ଶୃଣୁ, ମଦମନ୍ଦବହୃତମନସା, ଯଦି
ଜିଗମିଷୁରସି ଭବପାରମ୍ ।

ଶ୍ରୀ ରାଧାନାଥ ରାୟ ।

ଓଡ଼ିଆ ଛନ୍ଦ।

ଓଡ଼ିଆ ଭାଷାର ଛନ୍ଦ ସବୁ ଦୁଇ ଭାଗରେ ବିଭକ୍ତ:— ସମ ଓ ବିଷମ। ସମ ଛନ୍ଦ ଦୁଇ ପ୍ରକାର:— ସଙ୍ଖ୍ୟାବିଶିଷ୍ଟ ଓ ସଙ୍ଖ୍ୟାବିହୀନ, ଯଥା:— "ଦେଖ ରେ ନଳିନ ନଳିନୀ ନଳିନୀରେ ସୁରତ। ଭ୍ରମନ୍ତି ଭ୍ରମରେ ଭ୍ରମରେ ଭ୍ରମରେ ଏ ଶୋଭିତ।" ଏହି ଛନ୍ଦ 'ଗ୍ରନ୍ଥବନ୍ଧ' ନାମରେ ଖ୍ୟାତ। "ଦ, ଦ, କାଳିନ୍ଦୀଜଳରେ। ଖ, ଖ, ଖେଳନ୍ତି ଧୀରେ।" ଏହାର କୌଣସି ନାମ ନାହିଁ। ବିଷମ ଛନ୍ଦ ମଧ୍ୟ ଦୁଇ ପ୍ରକାର:—"ଲମ୍ପଟ ଅର୍ଜୁନ ପରି। ମୃଗମଦ ତହିଁ ଉଳଟ କରି। ଶମ୍ଭୁ କାଦ ପଛି ନଶାନାସୃତ। ଭଅର ଅଣି ଅଟଣୀ ସାପୃଥ ସେ। ରହନ୍ତି ସଯତ୍ନ ହୋଇ ଯେ। ଅଳକା-ନପୃମ-ସୀମାକୁ ଲଂଘିଲେ ହାଣିବ ସନ୍ଦେହ ନାହିଁ ଯେ।" ଏହି ଛନ୍ଦକୁ କବିମାନେ 'ରସକୋଇଲି' ନାମରେ ଅଭିହିତ କରିଅଛନ୍ତି। କିନ୍ତୁ "କବିଜନଥ ଶୃଙ୍ଗ। କବିଭଜନଥ ବାସ। ଜଂବ ଦକାର ଏ ତାହିଁରେ ଅଣ।" ଏହି ଛନ୍ଦର ନାମକରଣ ଅଦ୍ୟାପର୍ଯ୍ୟନ୍ତ ହୋଇ ନାହିଁ।

ଓଡ଼ିଆ ଛନ୍ଦ ସବୁ ସଂସ୍କୃତ ବା ପ୍ରାକୃତରୁ ଆସିଅଛି ଏହା କହିବା ଅନାବଶ୍ୟକ। ମାତ୍ର ସଂସ୍କୃତ ବା ପ୍ରାକୃତ ଛନ୍ଦମାନଙ୍କରେ ଥିବାପରି ଓଡ଼ିଆ ଛନ୍ଦମାନଙ୍କରେ ଗଣ ନିୟମ ଦେଖାଯାଏ ନାହିଁ। ଏଥିର କାରଣ ପରେ ଦିଆଯିବ; ବର୍ତ୍ତମାନ କେଉଁ ଓଡ଼ିଆ ଛନ୍ଦ କେଉଁ ସଂସ୍କୃତ ବା ପ୍ରାକୃତ ଛନ୍ଦର ଅନୁକରଣ ତାହା ଅନ୍ୱେଷଣ କରାଯାଉ। ଓଡ଼ିଆ ଭାଷାରେ ଏକାକ୍ଷର ବା ଦ୍ୱ୍ୟକ୍ଷର ଛନ୍ଦ ଆଦୌ ନାହିଁ। ଓଡ଼ିଆ ସମ ଛନ୍ଦର ଆରମ୍ଭ କେବଳ ତ୍ର୍ୟକ୍ଷରଠାରୁ।

(୧)

ଓଡ଼ିଆ ତ୍ର୍ୟକ୍ଷର ଛନ୍ଦ ପ୍ରାକୃତ 'ତାଳୀ' ଛନ୍ଦର ଅବିକଳ ଅନୁକରଣ, ଯଥା:—

ମୋତେ ପି। ଦନ୍ତେ ଗୀ—ଉଗ।
ଖାଲି ଏ ଜାଣୀଏ।
ଗୋ କଣ୍ଠା। ମେଣ୍ଟୋ।—ପ୍ରାକୃତପିଙ୍ଗଳ।

ପ୍ରାକୃତ ଛନ୍ଦରେ ବର୍ଣ୍ଣସବୁ ଗୁରୁ ଓ ଯତିର ସ୍ଥାନ ଶେଷାକ୍ଷର; ଓଡ଼ିଆ ଛନ୍ଦରେ ମଧ୍ୟ ସବୁ ଗୁରୁବର୍ଣ୍ଣ ଓ ଶେଷାକ୍ଷର ଉପରେ ଯତିପାତ।

(୨)

ଓଡ଼ିଆ ଚତୁରକ୍ଷର ଛନ୍ଦ ମଧ୍ୟ ପ୍ରାକୃତରୁ ଆସିଥିବାପରି ବୋଧ ହୁଏ। ଉଦାହରଣ ଦେଖନ୍ତୁ:—

ପେଟ ପୋଷ। ନାହିଁ ଦୋଷ—ଉଗ
ଦେହି ଦେଉ ସନ୍ଧ୍ୟ ଦେଉ
ତାସୁ ସୀଧ ଭନ ଦୀସ—ପିଙ୍ଗଳ

ଉପରୋକ୍ତ ଦୁଇ ଛନ୍ଦଯାକରେ ଲଘୁ, ଗୁରୁ ଓ ଯତିପାତ ସମାନ।

(୩)

ଓଡ଼ିଆ ପଞ୍ଚାକ୍ଷର ଛନ୍ଦ ପ୍ରାକୃତ 'ହଂସ' ଛନ୍ଦର ସଦୃଶ, ଯଥା :—

ସୋ ମିତ୍ତ ଦିଜ୍ଜା ଦୂର ବଗନ୍ତା।
ପାଉସ ଅବେ ରେକ୍ଷ ଉନ୍ମାବେ—ପିଙ୍ଗଳ।
ବ୍ରାହ୍ମଣଭାବ। କପାଳେ ହାତ—ଉଗ।

ସଂସ୍କୃତ ପଞ୍ଚାକ୍ଷର ଛନ୍ଦ ସହିତ ମଧ୍ୟ ଓଡ଼ିଆ ପଞ୍ଚାକ୍ଷର ଛନ୍ଦର ସାମଞ୍ଜସ୍ୟ ଦେଖାଯାଏ, ଯଥା:—

ଷ୍ଟଉକ ଛଡ଼ା। ପାଣିକ ଯୋଡ଼ା—ଉଗ।
ରୂଚିର ନମେ ରୂଚପ୍ର ସଖେ।
ବଲିତ ଇଭ ଧ୍ୱଜିନ ତଟେ—ମୁକୁନ୍ଦମୁକ୍ତାବଳୀ।

ଓଡ଼ିଆ ଭାଷାରେ ଗୁରୁବର୍ଣ୍ଣର ଲଘୁ ଉଚ୍ଚାରଣ ଓ ଲଘୁବର୍ଣ୍ଣର ଗୁରୁ ଉଚ୍ଚାରଣ ହେବାର ପ୍ରାଚୁର୍ଯ୍ୟ ସର୍ବତ୍ର ଦୃଷ୍ଟ ହୁଏ। ଉପରୋକ୍ତ ଉଗ ଏଥିର ଗୋଟିଏ ଦୃଷ୍ଟାନ୍ତ। 'ଛ' ଓ 'ପା' ଦୀର୍ଘାକ୍ଷର ହେଲେ ମଧ୍ୟ ଉଗ ମେଳକବେଳେ ଏମାନଙ୍କର ଦୀର୍ଘ ଉଚ୍ଚାରଣ ରହେ ନାହିଁ।

(୪)

ଓଡ଼ିଆ ପଞ୍ଚାକ୍ଷର ଛନ୍ଦ ପ୍ରାକୃତ ମାଲତୀ ଛନ୍ଦାନୁଯାୟୀ :—

ବେନି ଚାରଣ ପାପ । ମାରା କାରଣ ଧାପ—ଉଦ୍ଧୃ ।

ଧଅ ସଞ୍ଜୋଅ । ମଣୀଗୁଣଜୁଅ ।

ଦଣ୍ଡ ଲକ୍ଖ ଅନ୍ତ ସ ମାଲଈ ଛନ୍ଦ—ପିଙ୍ଗଳ ।

ପ୍ରାକୃତରେ ଯେଉଁଠାରେ ସଂଯୋଗ, ଓଡ଼ିଆରେ ସେହିଠାରେ ସଂଯୋଗ; ଅନ୍ତ୍ୟ ବର୍ଣ୍ଣର ସମତା ପ୍ରାକୃତରେ ଯେପରି, ଓଡ଼ିଆରେ ସେହିପରି ।

(୫)

ଓଡ଼ିଆ ସପ୍ତାକ୍ଷର ଛନ୍ଦ ସଂସ୍କୃତ 'କୁମାରଲଳିତା' ଛନ୍ଦର ଅନୁରୂପ :—

ଦୁର୍ଜନ ସଙ୍ଗ ମେଳେ । ମୃତ୍ୟୁ ହୁଏ ଅକାଳେ—ଉଦ୍ଧୃ ।

ମୃଗଃ କନ୍ଦବଲ୍ଲୀ କୁମାରଲଳିତା ସା ।

ଦ୍ବିଜଗଣବୃକାଜାଂ ଜଗୌଜ ମୃଦ୍‌ମୂର୍ଚ୍ଛି—ଛନ୍ଦୋମଞ୍ଜରୀ ।

ଉପରୋକ୍ତ ଛନ୍ଦମାନଙ୍କରେ ଶେଷାକ୍ଷରମେଳ ଦେଖିଲେ ଏ ସବୁ କେବଳ ପ୍ରାକୃତରୁ ଆସିଥିବାର ଅନୁମାନ ହୁଏ । ଚତୁରକ୍ଷର ଛନ୍ଦଠାରୁ ଷଡ଼କ୍ଷର ଛନ୍ଦ ପର୍ଯ୍ୟନ୍ତ କୌଣସି କବି କୌଣସି ଗ୍ରନ୍ଥରେ ବ୍ୟବହାର କରି ନାହାନ୍ତି । ସପ୍ତାକ୍ଷର ବୃତ୍ତରେ ମାତ୍ର କରଦାସନାମା କୌଣସି କବି ଗୋଟିଏ ଚଉତିଶା ରଚନା କରିଅଛନ୍ତି । ଏହି ଚଉତିଶା ବାଳକମାନେ ବର୍ଣ୍ଣଶିକ୍ଷା ସମୟରେ ଚାଟଶାଳୀରେ ପଢ଼ନ୍ତି । ଉକ୍ତ ଚଉତିଶାରୁ କିୟଦଂଶ ନିମ୍ନରେ ଉଦ୍ଧୃତ ହେଲା :—

କ, କ, କାଳିନ୍ଦୀ ତୀରେ । ଖ, ଖ, ଖେଳନ୍ତି ଧୀରେ ।

ଗ, ଗ, ଗଉଳ ଗାନ୍ଧୁ । ଘ, ଘ, ଘନ ଜୀବନ ।

ଙ, ଙ, ଙ୍ଗ ମେରୁ । ଚ, ଚ, ଚାନ୍ଦ ଭୁରୁ ।

ଛ, ଛ, ଛାନ୍ଦ ଗୃହିଣୀ । ଜ, ଜ, ଜଙ୍ଗମ ଜାଣି ।

ଝ, ଝ, ଝରିଲ ବନ୍ଧୁ । ଞ, ଞ, ଞବଣ୍ୟସିନ୍ଧୁ ।

ଟ, ଟ, ଟଣିଧାରଥ । ଠ, ଠ, ଠ୍ୟାମଦନଥ ।

ଡ, ଡ, ଡାଲଙ୍କୀପାଣି । ଢ, ଢ, ଢୂନରମଣି ।

ଣ, ଣ, ଣରଦାସିଥା । ତ, ତ, ତମାଚାରିଥ ॥

(୬)

ଅଷ୍ଟାକ୍ଷର ପଦ୍ୟଠାରୁ ଓଡ଼ିଆ ସମ ଛନ୍ଦ ସବୁ ସଙ୍ଖ୍ୟାବରିଷ୍ଠ । ଓଡ଼ିଆ ଅଷ୍ଟାକ୍ଷର ଛନ୍ଦ ସଂସ୍କୃତ ବା ପ୍ରାକୃତରୁ ଆସିଅଛି । ପ୍ରମାଣ ଦେଖନ୍ତୁ:—

ଧନ ଜନ ପରିବାର । କେହି ନୁହେ ଆପଣାର—ଉଦ୍ଧୃ ।

କମଲଭମରଜୀବୋ । ସଅଲଭୁଅଣଦୀବୋ—ପିଙ୍ଗଳ ।

ଉପରୋକ୍ତ ଦୁଇ ଛନ୍ଦମାନଙ୍କରେ ଯତିର ବିଶ୍ରାମ ଶେଷାକ୍ଷର ଉପରେ । କୌଣସି କୌଣସି ଠାରେ ପ୍ରତ୍ୟେକ ଚତୁର୍ଥ ଓ ଶେଷାକ୍ଷର ଉପରେ ଯତି ପଡ଼ିବାର ଦେଖାଯାଏ:—

ଶତ ଶତ ସହୋଦର । ସେନ ସୈନ୍ୟ ସଙ୍ଗେ ଭେଟି ।—ବଣିସ୍ମାୟଣ ।

ଜୋଜବଧୂଶୋକହରଂ । ପଦ୍ମବନୀ ବୋଧକରଂ—ଛନ୍ଦୋମଞ୍ଜରୀ ।

ଏହି ଛନ୍ଦକୁ କେହି କେହି ଦୁଇ ଚରଣ କେହି କେହି ଚାରି ଚରଣରେ ଲେଖିବାର ଲକ୍ଷିତ ହୁଏ:—

ମାଧୁର୍ଯ୍ୟର ମାଧୁ କଲେ । ଯମୁନାକୁ ଚଳାଇଲେ ॥—ଶ୍ରୀକୃଷ୍ଣଲୀଳା ।

ଫିଟିଲେକ ଡୋଖନର । ଗୃଳ ଦେଲା ଅନ୍ତଃପୁର ।

ନାସିକୋହିନେ ବସାଇ । ପୁନଶ୍ଚ ଚତ୍ରେ ଚାଳଇ ।—ଲାବଣ୍ୟବତୀ ।

କେହି କେହି ଏହି ଛନ୍ଦକୁ ଗୁଣ୍ଡିଅଣୀ (ବଙ୍ଗୋଦୟ), କେହି କେହି ମଙ୍ଗଳଧନାଶୀ (ରଘୁନାଥବିଳାସ), କେହି କେହି କଳମଗୌଡ଼ା (ଲାବଣ୍ୟବତୀ), କେହି କେହି ଭୈରବ (ବଶିଷ୍ଠରାମାୟଣ), କେହି କେବଳ ଅଷ୍ଟାକ୍ଷରୀ (ଶ୍ରୀକୃଷ୍ଣଲୀଳା) କହନ୍ତି । ରସକଲ୍ଲୋଳର ଦ୍ୱାବିଂଶ ଛାନ୍ଦ ମୁଖାରୀ ଓ ବଡ଼ଚମ୍ପୂଲକ୍ଷ୍ମୀମଣିଙ୍କ ଶେଷ ଛାନ୍ଦ ଏହି ଅଷ୍ଟାକ୍ଷର ଛନ୍ଦର ଅନ୍ତର୍ଗତ । ଯତିପାତ, ପଦଚ୍ଛେଦ ଓ ଗାନରେ ପାର୍ଥକ୍ୟ ମାତ୍ର ଦେଖାଯାଏ ।

ମୁନିବରବାଣୀ ମଧ୍ୟ ଅଷ୍ଟାକ୍ଷର ଛନ୍ଦର ରୂପାନ୍ତର । ଶେଷ ଚରଣରେ ଛ ଅକ୍ଷର ମାତ୍ର ଥିଲେ ସୁଦ୍ଧା, ଗାନ ସମୟରେ ଅଷ୍ଟାକ୍ଷରବିଶିଷ୍ଟ ପଦର ଯେତେ ଉଚ୍ଚାରଣ, ଏଥିର ମଧ୍ୟ ସେତିକି ଉଚ୍ଚାରଣ ହୁଏ । କେବଳ ୬ ସ୍ଥାନ ବିନା ସର୍ବାଂଶ ପଦାନ୍ତରେ ଗୁରୁବର୍ଣ୍ଣ ବ୍ୟବହାର ହୋଇଅଛି । ପଦାନ୍ତରେ ଗୁରୁ ଉଚ୍ଚାରଣବିଶିଷ୍ଟ ଛନ୍ଦହିଁ ଯଥାର୍ଥ ଛନ୍ଦ ବୋଲି କେହି କେହି କହନ୍ତି ।

(୭)

ଓଡ଼ିଆ ନବାକ୍ଷର ଛନ୍ଦର ନାମ ଗୁଣ୍ଡିଚା । ଜଗନ୍ନାଥଦାସ ଭାଗବତ ଏହି ଛନ୍ଦରେ ଲେଖା ହୋଇଥିବାରୁ ଏହାକୁ କେହି କେହି ଭାଗବତ-ବୃତ୍ତ ବା ଭାଗବତବାଣୀ କହନ୍ତି । ଏହି ଛନ୍ଦରେ ଯତି ସମସ୍ତ ସମୟରେ ପ୍ରତ୍ୟେକ ପଞ୍ଚମ ଓ ଶେଷାକ୍ଷର ଉପରେ, ସମସ୍ତ ସମୟରେ ପଞ୍ଚମ ସପ୍ତମ ଓ ଶେଷାକ୍ଷର ଉପରେ, ପୁଣି କେବେ କେବେ ଶେଷାକ୍ଷର ଉପରେ ପଡ଼ିଥାଏ, ଯଥା:—

ଅରମ୍ୟମାନ କବର୍ଜିତ । ସର୍ବକାଳ ମାଘମାସୀ
ଭାଗବତ ।

ବାଅନ୍ତା ମନା ସିଆ ବାଅ
ଲମ୍ଫନ୍ତା ଗାଅ କନ୍ତା ଗାଅ । ପିଙ୍ଗଳ ।

ଏଥିରେ ଯତିର ସ୍ଥାନ ପଞ୍ଚମ ଓ ଶେଷାକ୍ଷର ବା ପଞ୍ଚମ, ସପ୍ତମ ଓ ଶେଷାକ୍ଷର ।

ପ୍ରଥମେ ଭକ୍ତଗୁଣ ଧର । ବାଲ୍ୟଭାବରୂପେ ଅବତର ।
ଭାଗବତ ।

—ଭାଗବତ ।

ଚଳ କମଳଅଣ୍ଣିଆ । ଖଳର ଥଣବସଣିଆ—
ପିଙ୍ଗଳ ।

ଏଥିରେ କେବଳ ଶେଷାକ୍ଷର ଉପରେ ଯତିର ବିଶ୍ରାମ ।

ଏହି ନବାକ୍ଷର ଛନ୍ଦ ପ୍ରଥମେ ଜଗନ୍ନାଥ ଦାସ ପ୍ରାକୃତରୁ ଆଣିଥିବାର ଅନୁମିତ ହୁଏ । ସେ ଭାଗବତରେ କହିଅଛନ୍ତି :—"ପ୍ରାକୃତବନ୍ଧେ ଭିଆଇଲ । କହଇ ଦାସ ଜଗନ୍ନାଥ" (ଏକାଦଶ-ସ୍କନ୍ଧ); "କହଇ ଶୁଣ ଷଟ୍ପଦ । ଦେଶଭାଷା ପ୍ରାକୃତବନ୍ଧ" (ଦ୍ୱାଦଶସ୍କନ୍ଧ) ।

(୮)

ଓଡ଼ିଆ ଦଶାକ୍ଷର ଛନ୍ଦ ମୁଖାଗ୍ନି ନାମରେ ଖ୍ୟାତ । ଏହା ଦୁଇ ଚରଣରେ ଲେଖା ହୁଏ ଓ ପ୍ରତ୍ୟେକ ପଞ୍ଚମ ଓ ଶେଷାକ୍ଷର ଉପରେ ଯତି ପଡ଼େ ହୁଏ । ଏହି ଛନ୍ଦ ସଂସ୍କୃତ ଚମ୍ପକମାଳା ବା ପ୍ରାକୃତ ଅମୃତଗତିର ଅନୁରୂପ, ଯଥା :—

ଦେଖିଲେ ଜଗ ଖାଇଲେ ମରି ।
ତାହା ସଙ୍ଗେ କ ପୀରତି କରି—ଛଗ ।

ଚେଦ୍ଗୁରୁସ୍ୟାଦାଦ୍ୟଚତୁର୍ଥଂ ପଞ୍ଚମଷଷ୍ଠ
ଚାନ୍ତ୍ୟମୁପାନ୍ତ୍ୟଂ ।
ଇନ୍ଦ୍ରିୟବାଣୈର୍ଯତ୍ରବିରାମଃ ସା କଥନୀୟା
ଚମ୍ପକମାଳା ।—ଶ୍ରୁତବୋଧ

ସରଦସୁଧାଅରବଅଣା ବିଅସିଅସରୋରୁହଣଅଣା ।
ମଅଗଲକୁମ୍ଭଗମଣୀ ପିଅସହି ଦଟ୍ଠିଅ
ତରୁଣୀ—ପିଙ୍ଗଳ ।

କେହି କେହି ଷଷ୍ଠ ଓ ଶେଷାକ୍ଷର ଉପରେ ଯତି ରଖି ଏହି ଛନ୍ଦ ଗାନ କରନ୍ତି; ତାହା-ହେଲେ ଏହା ପ୍ରାକୃତ ସାରବତୀ ଛନ୍ଦର ଅନୁକରଣ ବୋଲିବାକୁ ହେବ, ଯଥା :—

କୋପ କଲେ ଏଣୁ ବଜ୍ରଧର ।
ବଜ୍ର ପ୍ରହାରିଲେ ଏହା ଉର—କଣିସ୍ୱମାନ୍ଦ୍ୱଣ ।

ଦୀହ ଲହୁଜୁଅ ଦୀହଲହୁ
ସାରବଈ ଧୁଅ ଛନ୍ଦ କହୁ ।—ପିଙ୍ଗଳ ।

ଷଷ୍ଠଶେଷାକ୍ଷରଯତିବିଶିଷ୍ଟ ଦଶାକ୍ଷର ଛନ୍ଦକୁ "ଶ୍ରୀକୃଷ୍ଣଲୀଳା" ରଚୟିତା ଗୁହା ନାମ ଦେଇଅଛନ୍ତି । ଏ ପ୍ରଦେଶରେ ବେଲି ବା ଲେଲିଅଣୀ-ମାନେ ଆଶ୍ୱିନ ମାସରେ ଯେଉଁ "ଝଉଲ" ଗୀତ ଗାଇ ଦ୍ୱାର ଦ୍ୱାର ବୁଲି ଭିକ୍ଷା ମାଗନ୍ତି, ତାହା ମଧ୍ୟ ଦଶାକ୍ଷରଛନ୍ଦଭୁକ୍ତ :—

ବାଘ ବଳଦ ବାନ୍ଧିଲି ହଳେ ।
ଧୂଆ ଜଳି ମସ୍ତାନର ମାଲେ ଯେ । ଝଉଲ ।୦।

(୯)

ଓଡ଼ିଆ ଏକାଦଶାକ୍ଷର ଛନ୍ଦ ଚକ୍ରକେଳୀ ନାମରେ ବିଦିତ । ଅନେକ ଓଡ଼ିଆ ଗୀତ ଏହି ଛନ୍ଦରେ ରଚିତ ହୋଇଥିବାର ଦେଖାଯାଏ । ଏହି ଛନ୍ଦକୁ ବଳରାମଦାସ ତାହାଙ୍କ ଗୁପ୍ତଗୀତାରେ ଜଳକ୍ରୀଡ଼ାବାଣୀ ଆଖ୍ୟା ପ୍ରଦାନ କରିଛନ୍ତି ।

କେହି କେହି ଏହାକୁ କେବଳ 'ବୋଲି' କହନ୍ତି । ଗୋପସ୍ଥ ଭାଗରେ ଏହି ଛନ୍ଦ ବହୁଳ ପରିମାଣରେ ବ୍ୟବହୃତ ହୋଇଥିବାରୁ, ବୋଲି ନାମ ଥିଲା; ବଙ୍କୁବା ସ୍ୱାମୀଙ୍କ 'ଚନ୍ଦ୍ରବୋଲି'ର ଅନୁକରଣରେ ଏହି ନାମ ଦିଆ ଯାଇଅଛି । ଏହି ଛନ୍ଦ ସଂସ୍କୃତ 'ଇନ୍ଦ୍ରବଜ୍ରା' ବା ଉପେନ୍ଦ୍ରବଜ୍ରା ଛନ୍ଦର ଅନୁକରଣ ମାତ୍ର; ଯଥା—

କୃଷ୍ଣ କଥା ପାତ୍ର ଗୋପୀ ସକଳ
ଗୁଣ ସୁମରି ହୃଦନ୍ତି ବିକଳ ।—ଗୋପୀଭାଷା
ବା ଗୋପବୋଲି ।

ଯଦିନ୍ଦ୍ରବଜ୍ରା ଚରଣେଷୁ ପୂର୍ବେ
ଭବନ୍ତି ବର୍ଣ୍ଣା ଲଘବଃ ସୁବର୍ଣ୍ଣେ ।
ଅମନ୍ଦମାଦ୍ୟନ୍ତଦକେତହାନା
ମୁପେନ୍ଦ୍ରବଜ୍ରା କଥିତା କବୀନ୍ଦ୍ରୈଃ । —
ଶ୍ରୁତବୋଧ ।

ସଂସ୍କୃତରେ ଯତିପାତ ଯେଉଁଠାରେ, ଓଡ଼ିଆରେ ମଧ ସେହିଠାରେ, ଅର୍ଥାତ୍ ପ୍ରତ୍ୟେକ ପଞ୍ଚମ ଓ ଶେଷାକ୍ଷର ଉପରେ । କୌଣସି କୌଣସିଠାରେ ଷଷ୍ଠ ଓ ଶେଷାକ୍ଷର ଉପରେ ମଧ ଯତି ପଡ଼ିଥାଏ, ଯଥା:—

ଦେଖନ୍ତି ସଙ୍ଗୁଆ ମୁହିଁକି ତେଣୁ ।
ଏହାକୁ ପରଖେ କ ଯିବ ଜାଣ ।—ଭଗ ।
ଦେଖୁଥିବୁ ହିଜା ଲାଠିବୁ କାହିଁ
ମରୁଥିବୁ କୋଡ଼ ବଗଡ଼ ହୋଇ ।—ଭଗ ।
କହନ୍ତି ମାଏ ଗୋ ଶ୍ରୀକୃଷ୍ଣ ଅଗେ ।]
କଥା ଶୁଣ ବାବୁ ଅତି ସଙ୍ଗେ ।

ଏ ସବୁର ଗାନ ଗୋପବୋଲି ବା ଗୋପୀଭାଷାର ଗାନଠାରୁ ସଲିଷ୍ଟ ଭିନ୍ନ । ଏହି ଛନ୍ଦ ସଂସ୍କୃତ ହରଣୀପ୍ଲୁତାର ଅନୁକରଣ ପରି ବୋଧ ହୁଏ, ଯଥା:—

ପ୍ରଥମାକ୍ଷରମାଦ୍ୟମୃତୀୟକେ ।
ଦ୍ୱିଗୁଣଭଲମ୍ବିତଙ୍କସ୍ୟହ ପାଦୟୋଃ ।
ଯଦି କାନ୍ତି ତଦା କମଲେକ୍ଷଣେ ।
କଥଯ ସୁନ୍ଦରି ସା ହରଣୀପ୍ଲୁତା ।—ଶ୍ରୁତବୋଧ

ପ୍ରକୃତ ଓଡ଼ିଆରେ ଯତି ପ୍ରତ୍ୟେକ ଦ୍ୱିତୀୟ, ଷଷ୍ଠମ ଓ ଶେଷାକ୍ଷର ଉପରେ ପଡ଼େ; ଉଦାହରଣ ଦେଲେ ଏହା ଇନ୍ଦ୍ରବଜ୍ରା ଛନ୍ଦର ଅନୁରୂପ ବୋଲିବାକୁ ହେବ:—

କର୍ଣ୍ଣେ କନ୍ଦପୁତ କେବା ଶୁଣିଲେ
ବଳାହରମୁଖୀ ଗୋପୀ ଧାଇଲେ—ରସକଲ୍ଲୋଳ
ଦକ୍ଷେ ଚ ଅସ୍ତକୁଅଲା ପଞ୍ଚମୁ
ଅଷ୍ଟେମଣରେନୋ ଗୁରୁ କୁମ୍ଭ ସେସଂ ।
ଜମ୍ଭୋ ଫଣିକା ଧୂଅ ଛନ୍ଦବନ୍ଧା
ମଗ୍ନା କନ୍ଧା ଅଟ୍ଠ ସମା ସୁସନ୍ଧା ।—ପିଙ୍ଗଳ ।

ଲାବଣ୍ୟବତୀର ଦଶମ ଛାନ୍ଦ ବେଣାସ ଓ ଅଷ୍ଟାଦଶ ଛାନ୍ଦ ମାଳବ; ରସପଞ୍ଚକର ଶେଷ ଛାନ୍ଦ ଦଣ୍ଡିଗରୁଡ଼; ହରିଗମାପୁଣର ଚଳଡଙ୍କାସଗ ଏକାଦଶାକ୍ଷର ଛନ୍ଦର ଅନ୍ତର୍ଗତ । କିନ୍ତୁ କୌଣସି କୌଣସିଠାରେ ପଦଚ୍ଛେଦ ଓ ଗାନରେ ପ୍ରଭେଦ ଦେଖାଯାଏ । ରସକଲ୍ଲୋଳର ପଞ୍ଚମ ଛାନ୍ଦ ଗୁଜ୍ଜରୀ, ରଘୁନାଥବିଳାସର ଦ୍ୱାଦଶ ଛାନ୍ଦ ଅଶାବରୀ ବା ସକଳଭଦ୍ରକେଶାବାଣୀ; ବଦଗ୍ଧଚିନ୍ତାମଣିର ୮୪ ଛାନ୍ଦ କଳ୍ୟାଣ, ୬୮ ଛାନ୍ଦ ରସକେଦାର ଓ ଦ୍ୱାତ୍ରିଂଶ ଛାନ୍ଦ ଅଜନ୍ଦ ବା ଗୁରୁଲବଙ୍ଗଲତାବାଣୀ; ଓ ଅଷ୍ଟାଦଶକୁ ଏହି ଏକାଦଶାକ୍ଷର ଛନ୍ଦର ରୂପାନ୍ତର ପରି ପ୍ରତୀତ ହୁଏ ।

(୧୦)

ଓଡ଼ିଆ ଦ୍ୱାଦଶାକ୍ଷର ଛନ୍ଦକୁ କବିମାନେ ଭିନ୍ନ ଭିନ୍ନ ନାମ ଦେଇଅଛନ୍ତି; ଯଥା :—କଳହଂସକେଦାର, କେଦାରକାମୋଦୀ, ଅହାବାରୀ ବାଲିଭନ୍ଦ୍ରକେଶାବାଣୀ, ବଙ୍ଗାଳଗୁର୍ଜ୍ଜରୀ, ଦକ୍ଷିଣକାମୋଦୀ, ମାଳବଗଉଡ଼ବାଣୀ, ଭୂପାଳ ବା ଚୋଖିବାଣୀ । କଳହଂସକେଦାର ଓ ବଙ୍ଗାଳଗୁର୍ଜ୍ଜରୀ ପ୍ରଥମ ପାଦ ଓ ଅନ୍ୟ ସବୁ ଦୁଇ ଦୁଇ ପାଦରେ ରଚିତ ହୋଇଥାଏ । କଳହଂସକେଦାର ଓ କାମୋଦୀର ଯତି ପ୍ରତ୍ୟେକ ସପ୍ତମ ଓ ଶେଷାକ୍ଷର ଉପରେ ବା ସପ୍ତମ, ଦଶମ, ଓ ଶେଷାକ୍ଷର ଉପରେ ପଡ଼ିଥାଏ; ଅହାରୀ, ବଙ୍ଗାଳଗୁର୍ଜ୍ଜରୀ, ଦକ୍ଷିଣକାମୋଦୀ ଓ ମାଳବଗଉଡ଼ବାଣୀରେ ପ୍ରତ୍ୟେକ ଷଷ୍ଠ ଓ ଶେଷାକ୍ଷର ଉପରେ ଯତିର ବିଶ୍ରାମ; ଭୂପାଳ ବା ଚୋଖିବାଣୀର ଯତି ପ୍ରତ୍ୟେକ ଅଷ୍ଟମ ଓ ଶେଷାକ୍ଷର ଉପରେ ପଡ଼େ ।

କଳହଂସକେଦାର ଓ କେଦାରକାମୋଦୀ ସଂସ୍କୃତ 'ଦ୍ରୁତବିଲମ୍ବିତ' ବା ପ୍ରାକୃତ 'ସୁନ୍ଦରୀ' ଛନ୍ଦର ଅନୁକରଣ :—

ଉଚ୍ଚାରଣ କରବାବେଳେ ମୁଖରେ ।
ଶେଷାନନ ହେବାକୁ ବାଞ୍ଛେ ମୁଁ ଖରେ ।
ପଡ଼ନ୍ତ ଯେତେବେଳେ ଯେ ମାନସରେ ।
ଜ୍ଞାନେନ୍ଦ୍ରପ୍ରମାନଙ୍କ ଗୁମାନ ସରେ ଯେ ।—
ବିଦଗ୍ଧଚିନ୍ତାମଣି ।

ତରଣିଜାପୁଲିନେ ନବବଲ୍ଲବୀ
ପରିଷଦାସହ କେଳିକୁତୂହଳାତ୍ ।
ଦ୍ରୁତବିଲମ୍ବିତଚାରୁବିହାରିଣଂ
ହରିମହଂ ହୃଦୟେନ ସଦା ବହେ ।—
ଛନ୍ଦୋମଞ୍ଜରୀ ।

ଭୂପାଳ ବା ଘୋଷବାଣୀ ପ୍ରାକୃତ ଭୁଜଙ୍ଗ-ପ୍ରୟାତର ସଦୃଶ :—

ବଡ଼ା ମାଣିକ୍ୟଭିତ୍ତିରୁ ମୋତି ଜ୍ୟୋତି ।
ହସେଣ ତଥା ନୃତ୍ୟତ ଦନ୍ତପନ୍ତି ।—
ଲାବଣ୍ୟବତୀ

ଧଓ ସମ୍ମରେ ଗୁଅଓ ସେସ ସାରେ ।
ଠଏ କଣ୍ଠଏ ମୁକ୍କ ଏ ଜଥ୍ଥ ହାରେ ।
ଣ୍ଣିହ୍ଣନ ବନ୍ତେ ତଥା ସୁକ୍କଦେହଂ ।
ଭୁଅଙ୍ଗାପଆଅଂ ପଏ ବୀସରେହଂ ।—ପିଙ୍ଗଳ

ଅହାସ୍ଥି ଓ ବଲ୍ଲଭଗୁଲ୍ଲରୀ ସଂସ୍କୃତ କୁସୁମବିଚିତ୍ରାର ଅନୁରୂପ :—

ଉନଦରେ ହେଲା ପ୍ରଭବଳ ପୀନ ।
ଉତ୍କଷର ଗାତ୍ର କେଶ ଥନଥନ ।—
ବିଦଗ୍ଧଚିନ୍ତାମଣି

ଧୀରେ ଧୀରେ ଯେତେ ନବଘନଶ୍ୟାମ ।
ବାମକାମିନୀଙ୍କୁ ବଢ଼ାଇଲେ ପ୍ରେମ ।
ଦରବରନା ସଙ୍କେତ ମନୋରମ ।
ଭାବ-ଭାବନାରେ ଜୁଟି ଯୁଗଯମ ।—
ବିଦଗ୍ଧଚିନ୍ତାମଣି

ବିପିନବିହାରେ କୁସୁମବିଚିତ୍ରା
କୁଚତଟଗୋପୀ ପିହିତଚରିତ୍ରା ।
ମୁରରିପୁମୂର୍ତ୍ତିର୍ମୁଦ୍ରିତନେତ୍ରା
କିମପବଳାନ୍ତ୍ରରଲବଡଂସା ।—
ଛନ୍ଦୋମଞ୍ଜରୀ

(୧୧)

ଯତିଭେଦରେ ଛନ୍ଦର ଭିନ୍ନ ଭିନ୍ନ ନାମ ହେବାକୁ କେହି କେହି କହନ୍ତି; ତେଣୁ ଓଡ଼ିଆ ତ୍ରୟୋଦଶାକ୍ଷର ଛନ୍ଦ ଯତି ସମାନ ଥାଇ ସୁଦ୍ଧା ଭିନ୍ନ ଭିନ୍ନ ନାମ ଧାରଣ କରିଥିବାର ଦେଖାଯାଏ, ଯଥା :—ଦେଶାକ୍ଷ (ଶ୍ରୀକୃଷ୍ଣଲୀଳା), ସଙ୍ଗମଚଥଛ-ବାଣୀ; ମଙ୍ଗଳଗୁର୍ଜ୍ଜରୀ, ହରିହଦେଶାକ୍ଷ (ହରି-ରାମାୟଣ), ମଙ୍ଗଳ (ବିଦଗ୍ଧଚିନ୍ତାମଣି), ଚିନ୍ତା-ଦେଶାକ୍ଷ (କୋଟିବ୍ରହ୍ମାଣ୍ଡସୁନ୍ଦରୀ) ଇତ୍ୟାଦି । ଏସବୁ ପ୍ରାକୃତ ଚାନ୍ଦିକ ଛନ୍ଦ ବା ସଂସ୍କୃତ ଚଣ୍ଡୀ ଛନ୍ଦର ତୁଲ୍ୟ, ଯଥାଃ—

ବେମଣ୍ଡର ଲିକ୍ଖିଅ ଚୂଅଢ଼ଗାଢେ ।
ପରିଫୁଲ୍ଲିଅ କେସୁଅଅଣ ଅଟ୍ଟେ ।
ଜଇ ଏଥ୍ଥି ଦଗନ୍ତର ଜାଇହି କନ୍ତା ।
ଣଥ ସମ୍ମହ ଣ କ୍ଖି ଦ ଣ କ୍ଖି ବସନ୍ତା ।—
ପିଙ୍ଗଳ ।

ଛସୃତ ଦନ୍ତଜନପୁଣ୍ଡାଣ୍ଡକାଳା ।
ଲୁଣ୍ଠିତକବଳକରବାଳସ୍ଫୋଲୀ ।
ଚରଣକମଲଯୁଗଲୋପଲଚଣ୍ଡୀ ।
ପଦନଶରୁଚିରକନ୍ନୋଗମଣିଃ ।—
ଛନ୍ଦୋମଞ୍ଜରୀ ।

କର ସାଧୁଜନମାନେ ମନକୁ ଏକ ।
କର ଧୀରେ ଧ୍ୟାନ ନୀଳାଚଳନାୟକ ।—
ରସକଲ୍ଲୋଳ ।

ଏହି ଛନ୍ଦ କୌଣସି କୌଣସିଠାରେ ଦ୍ରୁତ ଚରଣ, କୌଣସି କୌଣସିଠାରେ ଏକ-ଚରଣରେ ରଚିତ ହେବାର ଲକ୍ଷିତ ହୁଏ । ଦ୍ରୁତ ଚରଣ ହେଉ ବା ଏକ ଚରଣ ହେଉ କେବଳ ଅଷ୍ଟମ ଓ ତ୍ରୟୋଦଶାକ୍ଷର ଉପରେ ଯତି ପଡ଼ିଥିବ । କୃଷ୍ଣସିଂହଙ୍କ ଭାରତରେ ଯେଉଁ ତ୍ରୟୋଦଶାକ୍ଷର ଛନ୍ଦ ବ୍ୟବହୃତ ହୋଇ-ଅଛି ତହିଁର ଯତିସ୍ଥାନ ସପ୍ତମ ଓ ଶେଷାକ୍ଷର; ଏହା ସଂସ୍କୃତ ଚନ୍ଦ୍ରିକା ଛନ୍ଦର ଅନୁକରଣ ପରି ଜଣାଯାଏ :—

ତଦନ୍ତେ ମହେନ୍ଦ୍ର ପର୍ବତକୁ ଗଲେ ।
ମହା ଘୋର ତପସ୍ୟା କରି ଅରମ୍ଭିଲେ ।—
ଆଦିପର୍ବ

ଶରଦମ୍ବୁଜବୃନ୍ଦଚନ୍ଦ୍ରଜାଳକେ
ଦଳଦଭ୍ରକଳପ୍ଲୁତରଦେଶୋଦ୍ଭବଃ ।
ଝଙ୍କରତ ଭ୍ରମରାଳିବାଦ୍ୟଃ ନମଂ ।
ହ୍ରିଦବଯୁବତ୍ୟଃ କୋଃପିଦେବୋ ଯଥା ।

(୧୨)

ଏତଥ ଚତୁର୍ଦ୍ଦଶାକ୍ଷର ଛନ୍ଦକୁ ଭିନ୍ନ ଭିନ୍ନ କବିମାନେ ଭିନ୍ନ ଭିନ୍ନ ଆଖ୍ୟା ଦେଇଅଛନ୍ତି. ଯଥା:—ମଙ୍ଗଳ, କଳସା, ଭୈରବ, ମଧୁଶଯ୍ୟ-ବଣୀ, ମୁଖାରି, କୁଃକଳାବୃତ୍ତ, ବରିଷଦେଶାକ୍ଷ, ଧନାଶ୍ରୀ, ଦକ୍ଷିଣକାମୋଦୀ, ଯୋଗୀସନ୍ନ୍ୟାସୀବାଣୀ ବା ଗୋବିନ୍ଦଚନ୍ଦ୍ରବାଣୀ ଇତ୍ୟାଦି । ଏଥିରୁ ମଙ୍ଗଳ ଓ କଳସା ମାତ୍ର ସରବରର ପ୍ରଚଳିତ । ମଙ୍ଗଳ ଦୁଇ ଚରଣ ଓ କଳସା ଚାରି ଚରଣରେ ରଚିତ । ଉଭୟ ସ୍ଥଳରେ ଯତି ପ୍ରତ୍ୟେକ ଅଷ୍ଟମ ଓ ଶେଷାକ୍ଷର ଉପରେ ପଡ଼େ । ଏ ଦୁଇ ଛନ୍ଦ ସଂସ୍କୃତ ବସନ୍ତତିଳକ ଛନ୍ଦର ଅନୁରୂପ:—

ଅପ୍ରାକୃତ ପ୍ରେମମୂର୍ତ୍ତି ଜୟ ରାଧାବର ।
ଅବ୍ୟକ୍ତ ଲୀଳାକୁ ବ୍ୟକ୍ତ କର ଅବତର ।—
ବୃତ୍ତଚିନ୍ତାମଣି ।

ଆଦ୍ୟଂ ଦ୍ୱିତୀୟମପିଚେତ୍ ଗୁରୁ ତଚ୍ଚତୁର୍ଥଂ
ଯତ୍ର ତ୍ରୟୋଦଶମନ୍ତ୍ୟମୁପାନ୍ତ୍ୟମନ୍ତ୍ୟଂ ।
ଅଷ୍ଟାଭିରନ୍ଦୁବଦନେ ବରତିଷ୍ଟଦଭୃଃ
କାନ୍ତେ ବସନ୍ତତିଳକଂ କିଳ ତଂ ବଦନ୍ତି ।
—ଶ୍ରୁତବୋଧ ।

ସମସ୍ତ ସମ୍ପ୍ରରେ କଳସା ସ୍ଥଳର ଯତି ଚତୁର୍ଥ ଅଷ୍ଟମ, ଦ୍ୱାଦଶ ଓ ଶେଷାକ୍ଷର ଉପରେ ପଡ଼ିବାର ଦେଖାଯାଏ; କିନ୍ତୁ ଏପରି ସ୍ଥଳ ଅଳ୍ପ ଥାଇବା ସ୍ୱଭବକଳସାପେକ୍ଷ ।

ଏ ପ୍ରଦେଶରେ ବାଳକାମାନେ ଚୈତ୍ର ମାସରେ 'ଝରଖଣ୍ଡୀ' ନାମ୍ନୀ କୌଣସି ଦେବୀଙ୍କ ପୂଜା କରନ୍ତି । ପୂଜା ସମୟରେ ଯେଉଁ ଗୀତସବୁ ଗାଆନ୍ତି ତହିଁରୁ ବେଦେକ ଅଷ୍ଟାକ୍ଷର ଓ କେତେକ ଚତୁର୍ଦ୍ଦଶାକ୍ଷର, ଯଥା:—

ଝରଖଣ୍ଡୀ ସାଜ ପତର ।
ମୋ କାଇ ଦୁଧ ଭାତର ।
ଝରଖଣ୍ଡୀ ମା ଲାଗିଲା ଲୋ ଛଡ଼ାଇ ଦେଇ ଦେ ।
ସବୁ ସଖୀ ଜଳ ଢାଳନ୍ତି ଝରଖଣ୍ଡୀ ଦେ ॥

ବଣୀଦାସଙ୍କ ଚଉତିଶା (ଗଡ଼ମାଳୟୀ ବୃତ୍ତ) ଓ ବୃତ୍ତଚିନ୍ତାମଣିର ୭୬ ଛନ୍ଦ ମଙ୍ଗଳବେଦୀର ଚତୁର୍ଦ୍ଦଶାକ୍ଷର ଛନ୍ଦର ରୂପାନ୍ତର ।

(୧୩)

ଏତଥ ପଞ୍ଚଦଶାକ୍ଷର ଛନ୍ଦର ନାମ ଚାମରଚିତ୍ର (ଶ୍ରୀକୃଷ୍ଣଲୀଳା) ବା ଭୈରବ (ବଣିଗମାଦୃଣ) । ପ୍ରାକୃତ ପାଇଙ୍ଗଳ ଛନ୍ଦ ପର ଏହି ଛନ୍ଦର ଯତି ଅଷ୍ଟମ ଓ ଶେଷାକ୍ଷର ଉପରେ ପଡ଼େ, ଯଥା:—

କଣ୍ଠା ବଣ୍ଠା ସତ୍ତ୍ୱ ଅନ୍ତେ ଏକ୍କା ହାର ମାଣୀଥ ।
ପଣ୍ଡାରଦା ହାର ସାଇଙ୍ଗିକ୍କା ଛନ୍ଦା ଜାଣୀଥ ।
ତାସା ମତ୍ତ୍ୱ ପାଏ ପଣ୍ଡ ଘୋଣ୍ଡରଥ କମ୍ପନ୍ତା ।
ଛନ୍ଦା ଲେକ୍ଖ ବତ୍ତୀ ଲକ୍ଖ ମୁଣୀ ମଥ୍ଥା କମ୍ପନ୍ତା ।
—ପିଙ୍ଗଳ

ହେ ଜନାଏ ପିନ୍ଧାବେଣୁ ବେଣୁ ଧରେ ଲାଳକ ।
ହେ ଖେମଟାରଙ୍ଗେ ନାଚେ ଗୃହେଁ ବନମାଳକ ।
—ଶ୍ରୀକୃଷ୍ଣଲୀଳା

ଶ୍ରୀକୃଷ୍ଣଲୀଳାରେ ବ୍ୟବହୃତ 'ଚଢ଼ାଇର' ଛନ୍ଦ ପଞ୍ଚଦଶାକ୍ଷରବଶିଷ୍ଟ ହେଲେ ସୁଦ୍ଧା, ଚତୁର୍ଦ୍ଦଶାକ୍ଷର ଛନ୍ଦର ଅନ୍ତର୍ଭୁକ୍ତ ଅଟେ, ଯଥା:—

ପାଞ୍ଚ ସାତ ନାହିଁ ମୋର ଯେ ଏକାଇସ୍ ବେଳା ।
ବନ୍ଦେଇଲେ ଦେଇଁ ମୋର ଯେ ବୁଢ଼ୀଦଳୀ ଭେଳା ।
ତନ୍ତ୍ର ବୃତ୍ତଚିନ୍ତାମଣିର ପଞ୍ଚସ୍ତର ଛନ୍ଦ ଲଳିତକାମୋଦୀ ପଞ୍ଚଦଶାକ୍ଷର ଛନ୍ଦର ରୂପାନ୍ତର ।

(୧୪)

ଏତଥ ଷୋଡ଼ଶାକ୍ଷର ଛନ୍ଦ ବ୍ରଜବେଣୀ ଓ ପ୍ରାକୃତ ଷୋଡ଼ଶାକ୍ଷର ଛନ୍ଦ ବ୍ରହ୍ମରୂପକ ପ୍ରାୟ ସମାନ । ଉଭୟ ଛନ୍ଦରେ ଯତି ଯୋଗ ନବମ ଓ ଶେଷାକ୍ଷର ଉପରେ, ଯଥା:—

ଉନ୍ମତ୍ତା ଜୋହା ଉଟ୍ଟେଠୋହା ଉପ୍ପାନପଠୀ
କୁଜନ୍ତା ।
ମେଣକ୍କା ଲମ୍ପା ଣାହେ ଦମ୍ପା ଅପ୍ପାଅପପୀ
ବୁଜନ୍ତା ।
ଧାବନ୍ତା ସଖାତ୍ତିପ୍ପାଣ୍ଣା ମଥ୍ଥାପିଟ୍ଠୀ ସେକ୍କନ୍ତା ।
ସମଗ୍ଗା ହିଗ୍ଗା ଜାଏ ଅଗ୍ଗା ଲୁଦ୍ଧା ଉଦ୍ଧା
ଦେବନ୍ତା ।—ପିଙ୍ଗଳ
ଦେଖରେ କଳନ ନଳମା କଳନାରେ ପୂରତ ।

ଭ୍ରମନ୍ତି ଭ୍ରମରେ ଭ୍ରମରେ ଭ୍ରମରେ ଏ ଶୋଭିତ ।
—ଲାବଣ୍ୟବତୀ

(୧୫)

ଓଡ଼ିଆ ସପ୍ତଦଶାକ୍ଷର ଛନ୍ଦ କାଳୀ ପ୍ରାକୃତ ଅଷ୍ଟାଦଶାକ୍ଷର ଚର୍ଚ୍ଚରୀ-ଛନ୍ଦର ରୂପାନ୍ତର ପରି ପ୍ରତୀତ ହୁଏ । ଉଭୟ ଛନ୍ଦରେ ପ୍ରତ୍ୟେକ ତୃତୀୟ, ଅଷ୍ଟମ, ତ୍ରୟୋଦଶ ଓ ଅନ୍ତ୍ୟବର୍ଣ୍ଣ ଗୁରୁ ଓ ପ୍ରତ୍ୟେକ ପଞ୍ଚମ, ଦଶମ ଓ ଶେଷାକ୍ଷର ଉପରେ ଯତିପାତ ହୁଏ । ଓଡ଼ିଆ କାଳୀ ପଦର ଶେଷରେ ଦୁଇଗୋଟି ଅକ୍ଷର ମାତ୍ର ଥିଲେହେଁ, ପ୍ରାକୃତ ଛନ୍ଦର ଶେଷ ତିନି ଅକ୍ଷରର ଯେତେ ଉଚ୍ଚାରଣ,ଏ ଦୁଇ ଅକ୍ଷରର ସେତେ ଉଚ୍ଚାରଣ, ଯଥା:—

ଅଇ ରଗ୍‌ଗଣ ହଥ୍‌ଥ କାହଲ ତାଳ ଦିଜ୍ଜହୁ ମଜ୍ଝଅ ।
ସଦ୍ଦ ହାର ପଲନ୍ତ ବିଣ୍ଣିବ ସଲ୍ଲଲୋଅବକୁଜ୍ଝିଅ ।
ବେ ଵି କାହଲ ହାର ପୂରହୁ ସଙ୍ଖ କଙ୍କଣ ସୋହଣା ।
ଣାଅରାଅ ଭଣନ୍ତି ସୁନ୍ଦରି ଚଚ୍ଚରି ମଣମୋହଣା ।
—ପିଙ୍ଗଳ

ଅଇ କାନନରେ କନକାନ୍ତରେ ଶଙ୍କା ଚିତ୍ତରେ ଲଭି ।
ଚୋପଅଙ୍କର ମଣ୍ଡି ମଞ୍ଜୁଳ କଳା ଚଞ୍ଚଳଶୋଭି ।
ରତ୍ନ ଅବେଣୀ ଇନ୍ଦ୍ରନୀଳବେଣୀ ଶଙ୍ଖେ ଜଳେଣି ଭର ।
ଚନ୍ଦ୍ରକଳାକରୁ ଖରୁ ନୀର ବେଳକଳ କନ୍ଦନ୍ତର ।
—ଲାବଣ୍ୟବତୀ

ଶ୍ରୀକୃଷ୍ଣଲୀଳାର ୨୩୨ ଛନ୍ଦ ଦେଖିଲେ ଉପରୋକ୍ତ ଅନୁମାନ ହେତୁବାଦର ସତ୍ୟ ସହଜରେ ଜଣାଯିବ । ଏହି ଛନ୍ଦ ଅଷ୍ଟାଦଶାକ୍ଷରବିଶିଷ୍ଟ ହେଲେ ସୁଦ୍ଧା କାଳୀ ପଦର ବୋଲରେ ଗାନ କରାଯାଏ । ଯତି ନିୟମ ମଧ୍ୟ ପ୍ରାୟ କାଳୀ ପଦର ସଦୃଶ, ଯଥା:—

ବାହାର କାଳୀ ଭିତର କାଳୀ ଅଟେ ଓଗାଳିଲେ ପଥ ।
ହେଲେ ମନ ଭରନ୍ତ ମନ କହନ୍ତି ପ୍ରାଣନାଥ ।

(୧୬)

ଓଡ଼ିଆ ଅଷ୍ଟାଦଶାକ୍ଷର ଛନ୍ଦର ନାମ କୁମ୍-ତାମୋଗୀ । ଏହା ପ୍ରାକୃତ ନୀଳାଚକ୍ରର ଅନୁରୂପ, ଯଥା:—

ଜ ଛନ୍ଦାସଣା ଏକହ ଵଣ୍ଣ ସୁ ହୋଇ ତଲ ପାଏଂ ହ ପାଏ ।
ଦହା ଅଟ୍ଠ ବଣ୍ଣ ସୁହାବେଇ ଦଣ୍ଡା ସୁଠାଏ ସୁଠାଏ ।
ଦହା ଣେଣ୍ଣିଗୁଣ୍ଣା କହା ସଲ୍ଲା ହୋଇ ମତ୍ତ ସୁପାଏ ।
ଫଣିନ୍ଦା ଭଣନ୍ତା କଲାଚନ୍ଦ ଛନ୍ଦା ଣିବଦ୍ଧାଇ କାଏ
—ପିଙ୍ଗଳ

ଯେଉଁରୂପେ ହସେ ମୁଖ ସୁଧା ଝସେ ଦଶେ ସେ ଦିଶୁଛି ।
ଯେଉଁରୂପେ ଅସେ ପୁରତେ ନ୍ନୋ ବସେ ମନେ ସେ ପଡ଼ୁଛି ।
ଯେଉଁରୂପେ ଭାସେ ବଚନ କର୍ଣ୍ଣେ ତ ଏକଣ ଦହୁଛି ।
ସେତେବେ ଅତ୍ୟନ୍ତ ଶୀତଳ କରୁଥିଲା ଏବେ ତ ଦହୁଛି ।
—ଲାବଣ୍ୟବତୀ

ଏହି ଛନ୍ଦକୁ କେହି କେହି ଭଗ୍ନମୁକ୍ତାବଳୀ କହନ୍ତି (ବିଦଗ୍ଧଚିନ୍ତାମଣି) ।

ଓଡ଼ିଆଭାଷାରେ ଊନବିଂଶାକ୍ଷର ଛନ୍ଦ ନାହିଁ ।

(୧୭)

ଓଡ଼ିଆ ବିଂଶାକ୍ଷର ଛନ୍ଦ ପ୍ରାକୃତ 'ଗୀତା' ଛନ୍ଦର ଅନୁରୂପ । ଏହି ଛନ୍ଦକୁ କେହି କେହି ବଙ୍ଗଳାଶ୍ରୀ, କେହି କେହି ଭାଉଖୋଲୀ, କେହି କେହି ମଲ୍ଲୁଆଶ୍ରୀ କହନ୍ତି । ଗୁଣସାଗରବାଣୀ ମଧ୍ୟ ବିଂଶତ୍ୟକ୍ଷର ଛନ୍ଦ । ଏଥିରେ ଯତିପାତ ପ୍ରତ୍ୟେକ ଷଷ୍ଠ, ଦ୍ୱାଦଶ ଓ ଶେଷାକ୍ଷର ଉପରେ ହୁଏ, ଯଥା:—

ପରବଚନ୍ଦ୍ରବଦନାକୁ ଗୋବିନ୍ଦ କପାଳ କାନ୍ତି ଅଧର ।
ପରମରମ୍ୟ ଚିବୁକ ଧର ପଟ୍ଟ ଗୁଣ୍ଠ କଲେ ମୁଁ କେବର ।—ବିଦଗ୍ଧଚିନ୍ତାମଣି

କହିଁ ଅଇ ବଥୁ ଣରେନ୍ଦବଟ୍ଟେବ ପାଅ ପଞ୍ଚମ ହୋହଲେ ।
କହିଁ ଠାଇଛଟ୍ଠହଂ କଥ୍ଥ ଘାସଇ ସଦ ଅନ୍ତହି ଣୋଉଲେ ।

ଝଟଝଟ ଗୀଅଭୂ ମୂର୍ଚ୍ଛି ଶୀଅଭୂ ଟଙ୍କିଲାଅହି
କାଣିଓ ।
ଢ଼ଲସିଟ୍ଠିସିଟ୍ଠିଭୂ ଦଟ୍ଠିଦଟ୍ଠିଭୂ ପିଙ୍ଗଳଣ
ବଖାଣିଓ ।—ପିଙ୍ଗଳ

ଏହା ଗୀତଗୋବିନ୍ଦ ପଞ୍ଚମ ସର୍ଗ ଚତୁର୍ଦ୍ଦଶଗୀତର ଅନୁକରଣ ବୋଲି କେହି କେହି ଅନୁମାନ କରନ୍ତି:—

ରତିସୁଖସାରେ ଗତମଭିସାରେ ମଦନମନୋହର-
ବେଶମ୍ ।
ନ କୁରୁ ନିତମ୍ବିନି ଗମନବିଲମ୍ବନମନୁସର ତଂ
ହୃଦୟେଶମ୍ ।
ଧୀରସମୀରେ ଯମୁନାତୀରେ ବସତି ବନେ
ବନମାଳୀ ।
ପୀନପୟୋଧରପରିସରମର୍ଦ୍ଦନ ଚଞ୍ଚଳକର-
ଯୁଗଶାଳୀ ॥

'ବଙ୍ଗଳାଶ୍ରୀ' ଏହି ନାମ ଦେଖି ଏହି ଛନ୍ଦ ବଙ୍ଗଳା ନିପଦାରୁ ଅସିଥିବାର କେହି କେହି ଅନୁମାନ କରନ୍ତି । ଏପରି ଅନୁମାନ କରିବା କେବଳ ଭ୍ରମ । ପ୍ରାଚୀନ ବଙ୍ଗଭାଷା ଉପରେ ପ୍ରାଚୀନ ଓଡ଼ିଆ ଭାଷାର ପ୍ରାଧାନ୍ୟ ଥିବାର ପ୍ରମାଣ ମିଳଇ; କିନ୍ତୁ ପ୍ରାଚୀନ ବଙ୍ଗଭାଷାର କୌଣସି ବିଷୟ ଓଡ଼ିଆମାନେ ଅନୁକରଣ କରିଥିଲାପରି ଜଣା ଯାଏ ନାହିଁ । ଯାହାହେଉ ଏହି ଛନ୍ଦ ଯଦି ବଙ୍ଗଳାରୁ ଅସିଥାନ୍ତା, ତେବେ ଏହାକୁ ବଳରାମଦାସ 'ଭରତକୋଷ' ଓ ଶ୍ରୀକୃଷ୍ଣଲୀଳାପ୍ରଣେତା 'ମଥୁରାନାଥ' ଆଖ୍ୟା କାହିଁକି ଦେଇଥାନ୍ତେ ? ବିଦଗ୍ଧଚିନ୍ତାମଣିର ** ଛନ୍ଦ—ଯାହାର ଗୋଟିଏ ବିଷମ ବୃତ୍ତ—'ବଙ୍ଗଳାଶ୍ରୀ' ନାମରେ କାହିଁକି ଅଭିହିତ ହୋଇଥାନ୍ତା ?

ଓଡ଼ିଆରେ ଏକବିଂଶାକ୍ଷର ଛନ୍ଦ ନାହିଁ ।

(୧୮)

ଓଡ଼ିଆ ଦ୍ୱାବିଂଶାକ୍ଷର ଛନ୍ଦର ନାମ ପୋଇ ବା ସାନ ଭୂପାଳ । ସଂସ୍କୃତ 'ପଦୀ' ଶବ୍ଦ ପ୍ରାକୃତରେ 'ପଈ' ହୋଇ ଓଡ଼ିଆ ଭାଷାରେ 'ପୋଇ' ଆକାର ଧାରଣ କରିଅଛି । ଓଡ଼ିଆରେ, 'ଛପୋଇ', 'ନପୋଇ' ଥିଲାପରି ପ୍ରାକୃତରେ ମଧ୍ୟ 'ଛପ୍ପଅ', 'ଣଭପଅ' ଦେଖାଯାଏ । ଓଡ଼ିଆ 'ପୋଇ' ବୃତ୍ତ ଓଡ଼ିଆ ବିଂଶତ୍ୟକ୍ଷର ଛନ୍ଦ ବଙ୍ଗଳାଶ୍ରୀରୁ ଅସିଥିଲା ପରି ବୋଧ ହୁଏ । ଉଭୟ ଛନ୍ଦର ଯତିପାତ ସମାନ—ପ୍ରତ୍ୟେକ ଷଷ୍ଠ, ଦ୍ୱାଦଶ ଶେଷାକ୍ଷର ଉପରେ । ପ୍ରଭେଦ ଏତେ, ବଙ୍ଗଳାଶ୍ରୀର ଶେଷ ଆଠ ଅକ୍ଷର ବଦଳରେ ପୋଇରେ ଦଶ ଅକ୍ଷର ଦେଖାଯାଏ । ସୁତରାଂ ପୋଇ ବୃତ୍ତକୁ ବଙ୍ଗଳାଶ୍ରୀର ରୂପାନ୍ତର ବଢ଼ାକ୍ଷର ଛନ୍ଦ କହିଲେ ଅସଙ୍ଗତ ହେବ ନାହିଁ । ଦୁଇ ଛନ୍ଦଙ୍କର ତୁଳନା କରି ଦେଖନ୍ତୁ:—

ସୁଧା ସ୍ୱାଦୁ ପାଠ ଶିରଚ୍ଛେଦ ଗନ୍ତୁ କ ଶତଳ
ନଦୀତଟ ।
ପ୍ରୀତ ଏମନ୍ତ ଚନ୍ଦ୍ରମଣିପାଷାଣ ରନ୍ଧ୍ର ଗୃହ
ଦ୍ରବୀଭୂତ ।—ଲାବଣ୍ୟବତୀ

ହର ମନୋରଥ ସତ ପୁରୁଷାର୍ଥଦାତା ଅବ୍ୟକ୍ତ
ମହାଶକ୍ତି ।
ହର ବିଶ୍ୱନାଥ ପରମପଦାର୍ଥ ଅଶେଷଶ୍ରେୟପ୍ରଦ
ଶାମ୍ଭବତ ।—ବିଦଗ୍ଧଚିନ୍ତାମଣି

ଗାନ ସମୟରେ ବଙ୍ଗଳାଶ୍ରୀର ଅଷ୍ଟାଦଶ ଓ ଶେଷ ବର୍ଣ୍ଣର ପ୍ଳୁତ ଉଚ୍ଚାରଣ ହୁଏ; କିନ୍ତୁ ପୋଇ ଗାନରେ ଏହି ଅକ୍ଷରମାନଙ୍କର ସେପରି ଉଚ୍ଚାରଣ ହୁଏ ନାହିଁ । ଏଥିରୁ ବିଶ୍ୱାସ ହୁଏ ବଙ୍ଗଳାଶ୍ରୀର ଦୁଇ ଗୋଟି ପ୍ଳୁତ ଉଚ୍ଚାରିତ ବର୍ଣ୍ଣ ପୋଇରେ ଚାରିଗୋଟି ବର୍ଣ୍ଣ ହୋଇଅଛି । ବ୍ୟାପ୍ୟବ୍ୟାପକଭାବ ଅର୍ଥାତ୍ ଗୁରୁହ୍ରାସ ଓ ଲଘୁବୃଦ୍ଧି ପ୍ରଥା ପ୍ରାକୃତରେ ମଧ୍ୟ ଲକ୍ଷିତ ହୁଏ, ଯଥା:—

ଜୋହଂଗିଣୀ ସଅଲନ୍ଦୁ ଜହଥ ଗୁରୁ ଏକ୍କ
ହୋଇ ସା ହଂସୀ ।
ଜଂଜଂ ବଢ଼ଇ ହାସେ ଣାମଂ ଜୋ ଜଥ
ସୋ ରଥ ।—ପିଙ୍ଗଳ

(୧୯)

ଓଡ଼ିଆ ତ୍ରୟୋବିଂଶତ୍ୟକ୍ଷର ଛନ୍ଦ ପ୍ରାକୃତ ଚତୁର୍ବିଂଶତ୍ୟକ୍ଷର ଛନ୍ଦରୁ ଅସିଥିଲା ପରି ଅନୁମାନ ହୁଏ:—

ଝଟି ଝଟ ଅଟେ ସମଯୋଧଗଣ କରେ
କରବାଳ ପଣ ସମରେ ।
ଦେଖ ଦେଖ ଦରେ ଅସୁର ସବଳ ଉଡ଼ୁଛ
କେବଳ ବାତୁଳହରେ ।—କବିତାବଳୀ

ପନ୍ତବଢିଅ ବଣ୍ଣଅ ସଜ୍ଜିଅ ଟୋପପ୍ପରୁ ଢକଣ
ବାନ୍ତକଣାଟ ସିରେ ।
ପଉ ବଣ୍ଣହ ଭୁଣ୍ଡଲ ଜଂ ରଉମଣ୍ଡଳ ଠାବଅ
ହାର ଲୁରନ୍ତ ହିଏ ॥
ପଉଅଙ୍ଗୁଳ ମୁନ୍ଦର ସାରହ ସୁନ୍ଦର
କଞ୍ଚଣବଳ୍ଳୁସକ୍ଳରଣୁ ।
ଭର ହିଣନ୍ତି ସୁନ୍ଦର ଭାବଅ ଣାଅଅ ଜଂ ଭଣ
ସୁନ୍ଦରସେସଅଣ ॥—ପିଙ୍ଗଳ

ପ୍ରାକୃତ ଛନ୍ଦର ତ୍ରିପାଦ୍ୟ ବା ଷଟ୍‌ପ୍ରବର୍ତ୍ତୀ ଲଘୁ ଅକ୍ଷର ହେବା ଯାଇ ଓଡ଼ିଆରେ ତ୍ରୟୋବିଂଶାକ୍ଷର ଛନ୍ଦ ହୋଇଅଛି । ଏହି ଷଟ୍ ପୂରଣ ଲାଗି ଗାନ ସମୟରେ ଓଡ଼ିଆ ଛନ୍ଦର ଶେଷାକ୍ଷରର ଦୀର୍ଘୋଚ୍ଚାରଣ ଯତିଶ୍ଚ ପାର୍ଶ୍ୱ ହୋଇଥାଏ ।

(୨୦)

ଓଡ଼ିଆ ଚତୁର୍ବିଂଶାକ୍ଷର ପୋଇ ବା ଭୂପାଳ ଛନ୍ଦ ଓ ପ୍ରାକୃତ ଭୁମିଲ୍ଲା ଛନ୍ଦ ପ୍ରାୟ ସମାନ । ଉଭୟ ଛନ୍ଦରେ ପ୍ରତ୍ୟେକ ଅଷ୍ଟମ, ଚତୁର୍ଦ୍ଦଶ ଓ ଶେଷାକ୍ଷର ଉପରେ ଯତି ପତିତ ହୁଏ, ଯଥାଃ--

ଧୀରଚକୋରଅନଙ୍ଗଚରଧନଗନ୍ଧ ଏ ଛନ୍ଦ
ଭବ ସଂସାରସାର ।
ସାରସବାସୀ ଗର୍ଭା ସୁପ୍ରେମାଗର୍ଭା ମନ୍ଦରେ
ହୋଇ ଦାନରତର ।—ବିଦଗ୍ଧଚିନ୍ତାମଣି

ଭୁମିଲ୍ଲାଉ ପଅସଠ୍ଠ ବଣ୍ଣବିସେସଠ୍ଠ
ଦାସ ପଣୀନ୍ଦ ଗୁରୁଗଣା ।
ଭଣୁ ମତ୍ତ ବତୀସହ ଜାଣିଅ ସେସହ
ଅଟ୍ଠହ ଠାମ ଠଏ ସଗଣା ॥
ଗଣ ଅଣ୍ଣ ଣ କିଜଇ ଏଉ ପୁଣିଜ୍ଜଇ
ଲଗଇର ଦୋସ ଅଣେଅ ଜହୀ ।
ଜହି ଣ୍ଣି ବସମହି ପାଅହ ଚାଦହ
ଅଟ୍ଠ ଚରିବନ୍ଦ ମତ୍ତ ସହୀ ॥—ପିଙ୍ଗଳ ।

ଓଡ଼ିଆରେ ପଞ୍ଚବିଂଶାକ୍ଷର ଛନ୍ଦ ନାହିଁ ।

(୨୧)

ଓଡ଼ିଆ ଷଡ୍‌ବିଂଶାକ୍ଷର ଛନ୍ଦର ନାମ ବଙ୍ଗଳାଶ୍ରୀ ବା ବଚନଦେଶାକ୍ଷ (ବିଦଗ୍ଧ-ଚିନ୍ତାମଣି) । ଏହା କେଉଁ ସଂସ୍କୃତ ବା ପ୍ରାକୃତ ଛନ୍ଦର ଅନୁରୂପ, ଜଣାଯାଏ ନାହିଁ । ଯେଉଁ-ଠାରେ ପ୍ରମାଣାଭାବ ସେଠାରେ କୌଣସି ଉପପତ୍ତି ସଂସ୍ଥାପନ କରିବା ନିରାପଦ ନୁହେଁ । ଯାହାହେଉ ନିମ୍ନରୂପେ ପରୀକ୍ଷଣ କରି ଦେଖିଲେ, ଓଡ଼ିଆ ବଙ୍ଗଳାଶ୍ରୀ ଚତୁର୍ବିଂଶାକ୍ଷରର ପୋଇବୃତ୍ତରୁ ଅଭିବ୍ୟକ୍ତପର ଅନୁମାନ ହୁଏ । ପୋଇବୃତ୍ତରେ ପ୍ରତ୍ୟେକ ଅଷ୍ଟମ, ଚତୁର୍ଦ୍ଦଶ ଓ ଶେଷାକ୍ଷର ଉପରେ ଯତି ପଡ଼େ; ବଙ୍ଗଳା-ଶ୍ରୀରେ ପ୍ରତ୍ୟେକ ଅଷ୍ଟମ, ଷୋଡ଼ଶ ଓ ଶେଷାକ୍ଷର ଉପରେ ଯତିପାତ ହୁଏ । ଅର୍ଥାତ୍ ପୋଇର ପ୍ରତ୍ୟେକ ଚରଣର ଦ୍ୱିତୀୟ ଦଳରେ ଦୁଇଗୋଟି ଅକ୍ଷର ମିଶା ହୋଇ ବଙ୍ଗଳାଶ୍ରୀ ସୃଷ୍ଟି ହୋଇଅଛି :—

ପୋଇ

ଧୀର-ଚକୋର ଅନଙ୍ଗ । ଚରଧନ-ଗନ୍ଧ ।
ଏ ଛନ୍ଦ ଭବ ସଂସାରସାର ।
ସାରସବାସୀ ଗର୍ଭା । ସୁପ୍ରେମାଗର୍ଭା ।
ମନ୍ଦରେ ହୋଇ ଦାନରତର ।

ବଙ୍ଗଳାଶ୍ରୀ ।

ପାପ ବିଧୁପାବନରେ । ଦେଇ ଗମିବ ସ୍ୱର୍ଗରେ ।
ଉର୍ଦ୍ଧ୍ୱରୁ କୀର୍ତ୍ତିପଟଳ ଢାଳ ।
ଦୁର୍ଲ୍ଲଭ ମଙ୍ଗଳ । ଭଜ ସନ୍ତୋଷ ଦେବ ।
ଯାସେ ହୋଇ ପୁଣ୍ୟଶଳେଖର ॥

* * *

କେହି କେହି ପଚାରି ପାରନ୍ତି, ସଂସ୍କୃତ ଛନ୍ଦୋ-ମଞ୍ଜରୀ, ବୃତ୍ତରତ୍ନାକର, ଶ୍ରୁତବୋଧ ପ୍ରଭୃତି ଥାଉଁ ଥାଉଁ ପ୍ରାକୃତପିଙ୍ଗଳସୂତ୍ରରୁ ଏତେ ଦୃଷ୍ଟାନ୍ତ କାହିଁକି ଦିଆଗଲା ? ଏଥିର କାରଣ ଏହି: ଅନ୍ତ୍ୟବର୍ଣ୍ଣର ମେଳ, ଗୁରୁ ବର୍ଣ୍ଣର ଲଘୁ ଉଚ୍ଚାରଣ ଓ ଲଘୁ ବର୍ଣ୍ଣର ଗୁରୁ ଉଚ୍ଚାରଣ ହେବା ଓଡ଼ିଆ ଛନ୍ଦମାନଙ୍କର ଗୋଟିଏ ଲକ୍ଷଣ । ଏ ଗୁଣ ଅଧିକ ପ୍ରାକୃତ ଛନ୍ଦମାନଙ୍କରେ ମଧ୍ୟ ଲକ୍ଷିତ ହୁଏ, ଯଥା:—

ଘାହ ଲହୁକୁଅ ଘାହଲହୁ ।
ସାରବଈ ଥୁଅ ଛନ୍ଦ କହୁ ।

ଦୀସା ମଗ୍ଗ ପାଏ ପରୁ ଜୋଣ୍ହସୁଅ କମ୍ପିନ୍ତା ।
ଛନ୍ଦା କଣ୍ଠେ ଜୀର୍ଣ୍ଣୀ ଲଗ୍ଗେ ଦୁଣୀ ମଜ୍ଝା କମ୍ପିନ୍ତା ॥

ପଉଅଙ୍ଗୁଳ ମୂଳର ଘାଉଛି ସୁନ୍ଦର ଭୂଷଣବନ୍ଧ- ସୁଦକ୍ଷଛଣ୍ଟ ।

ଉପରୋକ୍ତ ଛନ୍ଦଗୁଡ଼ିକରେ ଶେଷାକ୍ଷରର ସମତା ଓ ଲକ୍ଷ୍ମ, ଭକ୍ଷ, ଗୋଚରେଥ, ଶାନ୍ତି, ପ୍ରୀତି, ସୁନ୍ଦରୀ, ଛଣ୍ଡ, ବଦଳରେ ଲଡ୍ଡୁ, ହଡ୍ଡୁ, ଶୋଧସ୍ଥା, ଲୌଡ଼ୀ, ଷୁଣୀ, ସୁନ୍ଦର, ତଣ୍ଟ, ବ୍ୟବହାର ହେବାର ଦେଖାଯାଏ । ସଂସ୍କୃତ ସହିତ ଓଡ଼ିଆର ଏପରି ବିଲକ୍ଷଣ ସାମଞ୍ଜସ୍ୟ ନାହିଁ । ଏହି ହେତୁରୁ ଏଥିରେ ସଂସ୍କୃତ ପ୍ରମାଣ ଅପେକ୍ଷା ପ୍ରାକୃତ ପ୍ରମାଣ ବହୁଳ ପରିମାଣରେ ଦିଆଗଲା ।

(କ୍ରମଶଃ)

ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ ।

କ୍ଷୁଦ୍ର କ୍ଷୁଦ୍ର କବିତା ।

ଝୁଲଝୁଲି ।

ଝୁଲଝୁଲଣ୍ଡି ପାଇଁ ପ୍ରାଣ
ପୁଅ ବୋଇଲା କାନ୍ଦୁଛି ଅଣ,
ମା ବୋଇଲା କାନ୍ଦୁଛି ନାହିଁ
ଝୁଲଝୁଲଣ୍ଡି ପାଇବୁ କାହିଁ ? । ୧ ।
ଝୁଲଝୁଲଣ୍ଡିରେ ଶରଧା ଭାରି
ହାଟରେ ନାହିଁଟି ହାଣି କହୁଛ,
ସାଉ ପିଲାଙ୍କର ହାତରେ ହୋଇ
ଦେଖି କରି ପୁଅ କାନ୍ଦଇ ପରା । ୨ ।
ଗୁଡ଼ଅଣୀ ଯେବେ ମୁଢ଼ି ଉଖୁଡ଼ା
କହଇ ଯାହାକୁ ସେତେବେ ମୋଡ଼ା,
ହାଲ ମାଗିଲେ ସେ ଦେଖାଏ ଅଣ୍ଟି
କହୁଛି ନ ଥାଇ ହେଲି ମୁଁ ଦୁଃଖୀ । ୩ ।
ଗୁଡ଼ଅଣୀ ଅପା ! ଦେଉଥା ହାଲ
ବଡ଼େଇ ବାପା ତ ଆସିବେ କାଲ,
ଅଗ କର ମୋର ପାଉଣା ଦେବା
ଲୁଣ ମାଲପା ମୁଁ ପଛେ ବୁଝିବା । ୪ ।
କାହିଁକି ରୁଷୁଛୁ ଅଲୋ ଭଉଣୀ ?
ନବୁ ତ ପଇସା ଦେବି ମୁଁ ଗଣି
ଚେଙ୍ଗେବେଲଯାଏ କାନ୍ଦିବ ପୁଅ
ତଂଯା ବନ୍ଧା କେଉ ଉଖୁଡ଼ା ଦିଅ । ୫ ।
ମୁଢ଼ି ଉଖୁଡ଼ାରେ ହାତ ଭୁ ଭୁଲ
ନେଇଥିଲ ହେଉଛି ରେ ଧନମଣି !
ବାପା ତୋ ଆସିବେ ବିଦେଶୁଁ ଯେବେ
ଝୁଲଝୁଲଣ୍ଡିକୁ ପାଇବୁ ତେବେ । ୬ ।

ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ ।

ସ୍ତବ ।

ସହି ନ ପାରଇ ଆଉ, ମହାବାହୁ ।
ଏତ ଉଦ୍ଦୀପନ କଲ୍ପନାର
ଅନୁଶୋଚନାର ଦାଉ । ଘୋଷା ।
ବ୍ରହ୍ମାଣ୍ଡନାରଣା ମୋ ହୃଦଦେବତା
ଥାଉଁ ଥାଉଁ ଉଦାସ୍ୟ ।
ହୃଦୟ-ଆକାଶ ଜାଳ ପିଶା ଗ୍ରାସ
ଘୋର ଅଘ-ବହ୍ନି ନୃଦ । ୧ ।
ବିବେକ-ତପନ କରି ଆଚ୍ଛାଦନ
ଘୋଟିଲା ଘୋର ଅନ୍ଧାର,
ବଢ଼ିଲା ସଂଶୟ ହେଲା ଅଶେଷ
ଦହି ଦହି ହୃଦଭାର । ୨ ।
ଘୋର ଅନୁଶୟ ବିଷର ଅଜୟ
ଦଗଧେ ପାପେ ପ୍ରାଣ,
ନିଷ୍ଠୁର ହାତର ମାନସ-ଶେଷର
ନଦେ ନାହିଁ ଅବଧାନ । ୩ ।
ବିଗତ ନିରତ—ପ୍ରଭଞ୍ଜନଗତ
କରୁଣାର ଉପାଦ
ଘୁରୁଅଛୁ ମନ ପାପପ୍ରଲୋଭନ
ଶାସନରୁ ଅନୁସର । ୪ ।
ଚିନ୍ତା-ବିଷଧର ହୃଦୟଚୋରର
ଧରି କରିଲାଣି ବସା,
ଦଂଶନ ଜ୍ୱାଳାଟି କରେ ଛଟପଟ
ଉଡ଼ି ଯାଉଅଛୁ ହଂସା । ୫ ।
ଅବିରତ ମନ ହୁଏ ଛନଛନ
ଅପସ୍ମାରକନ ସମ;

ଅନୁରାଗପୂର୍ଣ୍ଣ କରୁଛନ୍ତି ଅସ୍ଥିର
ତେଣେ ନେଇ ନାହିଁ ସଂଯମ । ୬ ।
ଜନ୍ମସଙ୍ଗଜାତ ବିପଦଭଞ୍ଜନ
ବୋଲାଉଛ ଜଗତେ ହରି,
ନୋହିଲେଟି ସାହା ଅଟେ ବଣମାଳା
ବୁଡ଼ିଲା ହୃଦୟ-ତରି । ୭ ।
ଏ ବିପତ୍ତିକାଳେ ଶୋକ ଅସମ୍ଭାଳେ
ଗଲି ଶ୍ରୀପଦେ ଶରଣ,
ଦିଅ ସଦ୍ଗତି ଅତି ମନମତି
ଅଧମେ ଅବଧାରଣ । ୮ ।

ଶ୍ରୀ ରାଧାଚରଣ ଦାସ ।

ଯୌବନ-ସ୍ମୃତି ।

ଯୁବତୀ-ଯୌବନ-ଧନ ଅଳପ ଦିନର,
ମିଳିଗଲେ ରହିଥାଏ ପ୍ରଣୟୀ-ମନର ।
ଶୋଭିତ-ଅଙ୍ଗନ ପଦ୍ମ-ପଳାଶ-ନୟନ
ଲାବଣ୍ୟସରସୀଗର୍ଭ ଗରୁ ଅପଘନ ।
ଯୌବନ-ହିନ୍ଦୋଳରେ ପ୍ରଣୟ-ପିୟୂଷ
ପରଶେ ରସନା କେଉଁ ଅଜ୍ଞ ଅବଶ ।
ପିଇ ପିଇ ପ୍ରଣୟୀର ନ ମାନଇ ମନ
ସୁଧାସିନ୍ଧୁନୀରେ ଥାଏ ହୋଇ ନିମଗନ ।
କିନ୍ତୁ କାଳେ ରୋଗ ଜରା ସେ ଲାବଣ୍ୟଧନ
ଅଲକ୍ଷେ ରମଣୀ-ଅଙ୍ଗୁ କରଇ ହରଣ ।
ଲାବଣ୍ୟ ସଙ୍ଗେ ଯାଏ ମୋହ ଯୌବନର
ଦିବ୍ୟ ସୁଖ ସହି ନ ପାରଇ ହେ ନରର !
ଗଲେ ହେଁ ଲାବଣ୍ୟ, ପ୍ରିୟେ ! ନ ଭୁଲିବି ମୋ
ମାୟା,
ତୋ ଲଗେ ବେଢ଼ିଛି ସେହି ମଧୁ ସ୍ମୃତି ଛାୟା ।

ଶ୍ରୀ ନନ୍ଦକିଶୋର ବଳ ।

ବିବିଧ ପ୍ରସଙ୍ଗ ।

୧ । ଗୁରୁତର ଅସୁସ୍ଥତାବଶତଃ ଏଥର ହେଉଛନ୍ତି ଏ ନବୀନର ପ୍ରବନ୍ଧ, ପୁସ୍ତକ-ସମାଲୋଚନା ଏବଂ ହେରେକ ପ୍ରୟୋଜନୀୟ ପ୍ରସଙ୍ଗ ପ୍ରକାଶ କରି ନ ପାରି ଅମ୍ଭେମାନେ ଦୁଃଖିତ ଅଛୁଁ । ଲେଖକ ଏବଂ ଗ୍ରାହକମାନେ କ୍ଷମା କରିବେ । ସ୍ଥାନାଭାବ ମଧ୍ୟ ଅନ୍ୟତର କାରଣ ।

୨ । ଆଗାମୀ ଡିସେମ୍ବର ମାସର ଶେଷଭାଗରେ କଟକ ନଗରରେ ସମସ୍ତ ଉତ୍କଳବାସୀ ଓ ଉତ୍କଳ-ହିତୈଷିମାନଙ୍କର ଗୋଟିଏ ସମ୍ମିଳନ ହେବାର ଆୟୋଜନ ଲାଗିଅଛି । ମାନନୀୟ ମଧୁସୂଦନ ଦାସ ମହୋଦୟ ଏହାର ପ୍ରଧାନ ଉଦ୍ଯୋଗୀ । ସୁତରାଂ ଏହାର ସଫଳତା ବିଷୟରେ ସନ୍ଦେହ କରିବାର କିଛିମାତ୍ର କାରଣ ନାହିଁ । ଏ ସମ୍ବନ୍ଧରେ ମୁଦ୍ରିତ ନିୟମାବଳୀ ଉତ୍କଳଖଣ୍ଡର ସମସ୍ତ ଅଂଶକୁ ଯଥା-ସମୟରେ ପ୍ରେରିତ ହେବାର ଚେଷ୍ଟା ହେଉଅଛି । ଏପରି ପ୍ରାଦେଶିକ ସମ୍ମିଳନ ଯେ ସର୍ବଥା ବାଞ୍ଛନୀୟ, ଏହା ଅମ୍ଭେମାନେ ଅନେକ ଥର କହିଅଛୁଁ । ଏଥିରେ ଦେଶର ସର୍ବ ଶ୍ରେଣୀର ଲୋକଙ୍କର ସାହାଯ୍ୟ ଓ ସହାନୁଭୂତି ଏକାନ୍ତ ପ୍ରାର୍ଥନୀୟ । ଆଶା କରୁଁ କାର୍ଯ୍ୟନିର୍ବାହକ ସମିତି ସମ୍ମିଳନର କାର୍ଯ୍ୟପ୍ରଣାଳୀ ଓ ଆଲୋଚ୍ୟ ବିଷୟମାନ ଶୀଘ୍ର ସ୍ଥିର କରି ସର୍ବସାଧାରଣଙ୍କୁ ଜଣାଇବେ ।

୩ । ଗତ ମାସ ୧୧ ତାରିଖ ସାନ୍ଧ୍ୟକାଳରେ ଉତ୍କଳ ସାହିତ୍ୟ ସମାଜର ଆଉ ଗୋଟିଏ ଅଧିବେଶନ ହୋଇ ଯାଇଅଛି । ଏ ଅଧିବେଶନରେ ଶ୍ରୀଯୁକ୍ତ ମୃତ୍ୟୁଞ୍ଜୟ ରଥ ମହାଶୟ "ଐତିହାସିକ ମୂଲ" ଏହି ବିଷୟରେ ପ୍ରବନ୍ଧ ପାଠ କରିଥିଲେ । ପ୍ରବନ୍ଧ ଏବଂ ଆଲୋଚନାର ସାରାଂଶ ଯଥା-ସମୟରେ ପ୍ରକାଶ କରିବାର ଇଚ୍ଛା ରହିଲା । ଆଜି ଗୋଟିଏ ବିଷୟପ୍ରତି ଅମ୍ଭେମାନେ ବିଶେଷ-ଭାବରେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରୁଅଛୁଁ । ସମାଜ ସଙ୍ଗରେ ଗୋଟିଏ ପୁସ୍ତକାଳୟ ସ୍ଥାପିତ

ହେବାର ସ୍ଥିର ହୋଇଥିବାର ସମସ୍ତେ ଜାଣନ୍ତି । ମୁଦ୍ରିତ ପୁସ୍ତକମାନ ସଂଗ୍ରହ କରିବା ବିଷୟରେ ଅବଶ୍ୟ ସମାଜ ଅବସ୍ଥାନୁସାରେ ବ୍ୟବସ୍ଥା କରିବେ । ଉତ୍କଳରେ ଅପ୍ରକାଶିତ ବହୁ ପ୍ରାଚୀନ ପୁସ୍ତକ ନାନା ସ୍ଥାନରେ ରହିଅଛି । ସେଗୁଡ଼ିକ ଏକତ୍ର ସଂରକ୍ଷିତ ହେଲେ ସର୍ବସାଧାରଣ ତାହାର ବ୍ୟବହାରର ସୁଯୋଗ ପାଇପାରିବେ ଏବଂ ସମୟକ୍ରମେ ସେଗୁଡ଼ିକ ପ୍ରକାଶ କରିବାର ମଧ୍ୟ ବ୍ୟବସ୍ଥା ହୋଇ ପାରିବ । ସମାଜର ସଭ୍ୟମାନଙ୍କ ମଧ୍ୟରୁ ଯେଉଁମାନଙ୍କ ନିକଟରେ ଏପରି ପୁସ୍ତକ ଅଛି ବା ଯେଉଁମାନଙ୍କର ତାହା ସଂଗ୍ରହ କରିବାର ସୁବିଧା ଅଛି, ସେମାନେ ଟିକିଏ ମନୋଯୋଗ କଲେ ଅଳ୍ପକାଳ ମଧ୍ୟରେ ଗୋଟିଏ ଉପାଦେୟ ପୁସ୍ତକାଳୟ ସଂସ୍ଥାପିତ ହୋଇ ପାରିବ । ଏଥିରେ କିଛି ବ୍ୟୟ କରିବାକୁ ହେଲେ ସମାଜ କଦାପି କୁଣ୍ଠିତ ହେବେ ନାହିଁ, ହେବା ଉଚିତ ମଧ୍ୟ ନୁହେ ।

୪ । ସମ୍ବଲପୁରର ସୁଯୋଗ୍ୟ ସନ୍ତାନ ଶ୍ରୀଯୁକ୍ତ ବୈକୁଣ୍ଠନାଥ ପୂଜାହାରୀ ଏମ୍. ଏ.ଙ୍କ ପରଲୋକ ଗମନ ସମ୍ବାଦରେ ଆମ୍ଭେମାନେ ଅତ୍ୟନ୍ତ ଦୁଃଖିତ ହୋଇଅଛୁଁ । ସେ ଅଞ୍ଚଳର ଓଡ଼ିଆମାନଙ୍କ ମଧ୍ୟରେ ପୂଜାହାରୀ ମହାଶୟ ସର୍ବପ୍ରଥମେ ଉଚ୍ଚଶିକ୍ଷା ଲାଭ କରି ଉଚ୍ଚପଦ ପ୍ରାପ୍ତ ହୋଇଥିଲେ । ସ୍ୱଦେଶାନୁରାଗ ଓ ସ୍ୱଜାତିପ୍ରୀତି ତାଙ୍କର ଯଥେଷ୍ଟ ଥିଲା । ଆମ୍ଭେମାନେ ତାଙ୍କର ସୌଜନ୍ୟ, ସରଳତା ଓ ମାତୃଭାଷାନୁରାଗର ପରିଚୟ ମଧ୍ୟ ଅନେକ ପାଇଥିଲୁଁ । ଏ ଦେଶରେ ଶିକ୍ଷିତଙ୍କ ସଂଖ୍ୟା ବଢ଼ୁଅଛି ସତ୍ୟ, ମାତ୍ର ମନୁଷ୍ୟ ସଂଖ୍ୟା ବଡ଼ ଅଳ୍ପ । ବୈକୁଣ୍ଠ ବାବୁଙ୍କ ଅକାଳ ମୃତ୍ୟୁରେ ସମ୍ବଲପୁରର ଯେଉଁ କ୍ଷତି ହେଲା ତାହା ସହଜରେ ପୂର୍ଣ୍ଣ ହେବ ନାହିଁ । ଈଶ୍ୱର ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରାଣରେ ଶାନ୍ତି ବିଧାନ କରନ୍ତୁ, ଏହି ପ୍ରାର୍ଥନା ।

ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟବିବରଣ ।

ଦ୍ୱିତୀୟ ଅଧିବେଶନ ।

ଅଗଷ୍ଟ ମାସ ୨୯ ତାରିଖ ଶନିବାର ।

କଟକ ଟ୍ରେନିଂ ସ୍କୁଲ ଗୃହ ।

ସଭାପତି—ଶ୍ରୀଯୁକ୍ତ ମଧୁସୂଦନ ରାଓ
" ଫକୀରମୋହନ ସେନାପତି
" ଅଭିରାମ ଭଞ୍ଜ ଏମ୍.ଏ.ବି.ଏଲ୍.
" ରଘୁନାଥ ଘୋଷ
" ମଧୁସୂଦନ ଦାସ ବି. ଏ.
" ଅକ୍ଷୟକୁମାର ଘୋଷ
" ବାଳମୁକୁନ୍ଦ କାନୁନଗୋ ବି.ଏ.
" କଳ୍ପତରୁ ଦାସ
" ବ୍ରଜସୁନ୍ଦର ଦାସ ବି. ଏ.
" ନାରାୟଣପ୍ରସାଦ ମହାନ୍ତି ବି. ଏ.
" ଧୀରେନ୍ଦ୍ରନାଥ ଚୌଧୁରୀ ଏମ୍. ଏ.

ପ୍ରଭୃତି ୬୦ ଜଣ ସଭ୍ୟ ଓ ଦର୍ଶକ ଉପସ୍ଥିତ ଥିଲେ ।

୧ । ସଭାପତିଙ୍କ ଆଦେଶକ୍ରମେ ସହକାରୀ ସମ୍ପାଦକ ଶ୍ରୀ ମୃତ୍ୟୁଞ୍ଜୟ ରଥଙ୍କଦ୍ୱାରା ଗତ ଅଧିବେଶନର କାର୍ଯ୍ୟବିବରଣ ପଠିତ ହୋଇ ସର୍ବସମ୍ମତିକ୍ରମେ ଗୃହୀତ ହେଲା ।

୨ । ଶ୍ରୀଯୁକ୍ତ ବିଶ୍ୱନାଥ କରଙ୍କ ପ୍ରସ୍ତାବ ଓ ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଅନୁମୋଦନକ୍ରମେ ଉତ୍କଳଭାଷୀ ବିଭିନ୍ନ ସ୍ଥାନର ୩୨ ଜଣ ଲୋକ ଏ ସମାଜର ସଭ୍ୟଶ୍ରେଣୀଭୁକ୍ତ ହେଲେ ।

୩ । ଶ୍ରୀଯୁକ୍ତ ମୃତ୍ୟୁଞ୍ଜୟ ରଥଙ୍କ ପ୍ରସ୍ତାବ ଓ ଶ୍ରୀଯୁକ୍ତ କୃଷ୍ଣପ୍ରସାଦ ଚୌଧୁରୀଙ୍କ ଅନୁମୋଦନକ୍ରମେ ଉକ୍ତ ପ୍ରକାରେ ୪୦ ଜଣ ସଭ୍ୟ ନିର୍ବାଚିତ ହେଲେ ।

୪ । ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ପ୍ରହରାଜ ପ୍ରସ୍ତାବ କଲେ ଯେ ଗଞ୍ଜାମ ବ୍ରହ୍ମପୁରର ଉକିଲ ଶ୍ରୀଯୁକ୍ତ ପରଶୁରାମ ଦାସ ପାତ୍ର ବି. ଏଲ୍. ମହୋଦୟ 'ଉତ୍କଳ-ସାହିତ୍ୟର ଇତିହାସ' ଶୀର୍ଷକ ପ୍ରବନ୍ଧର

ସର୍ବୋତ୍କୃଷ୍ଟ ଲେଖକଙ୍କୁ ଟ ୧୦୦୯ ପୁରସ୍କାର ଦେବାର ଘୋଷଣା କରନ୍ତି ଓ ଉକ୍ତ ପ୍ରବନ୍ଧର ତତ୍ତ୍ୱାବଧାନ ଭାର ଉତ୍କଳ ସାହିତ୍ୟ-ସମାଜ ଉପରେ ନ୍ୟସ୍ତ କରିଅଛନ୍ତି । ଅତଏବ ନିମ୍ନଲିଖିତ ବ୍ୟକ୍ତି-ମାନଙ୍କଦ୍ୱାରା ଏ ବିଷୟ ସିଦ୍ଧାନ୍ତ କରିବା ନିମନ୍ତେ ଗୋଟିଏ ଶାଖାସମିତି ଗଠିତ ହେଉ । ଯଥା—

ଶ୍ରୀଯୁକ୍ତ ମଧୁସୂଦନ ରାଓ
,, ମଧୁସୂଦନ ଦାସ ବି. ଏ.
,, ଫକୀରମୋହନ ସେନାପତି
,, ବିଶ୍ୱନାଥ କର
,, ଅଭିରାମ ଭଞ୍ଜ ଏମ୍. ଏ. ବି. ଏଲ

ଶ୍ରୀଯୁକ୍ତ ମଧୁସୂଦନ ରାଓ ମହାଶୟ ପ୍ରସ୍ତାବ କଲେ ଯେ ଏହି ଶାଖାସମିତିରେ ନିମ୍ନଲିଖିତ ବ୍ୟକ୍ତିମାନଙ୍କ ନାମ ମଧ୍ୟ ରହୁ :—

ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ପ୍ରହରାଜ ବି. ଏଲ.
,, ନନ୍ଦକିଶୋର ବଳ ବି. ଏ.
,, କୃଷ୍ଣପ୍ରସାଦ ଚୌଧୁରୀ

ଏହି ପ୍ରସ୍ତାବ ଶ୍ରୀଯୁକ୍ତ ରସବାନନ୍ଦ ଦାସ ବି. ଏ. ଅନୁମୋଦନ କଲେ ।

୫। ସଭାପତିଙ୍କ ଅନୁରୋଧକ୍ରମେ ଶ୍ରୀଯୁକ୍ତ ମଧୁସୂଦନ ଦାସ ବି. ଏ. 'ଓଡ଼ିଆଭାଷା ଓ ପ୍ରାଚୀନ ଓଡ଼ିଆ ସାହିତ୍ୟ' ଶୀର୍ଷକ ପ୍ରବନ୍ଧ ପାଠ କଲେ । ସେଥିରେ ଓଡ଼ିଆଭାଷାର ପୁରାତତ୍ତ୍ୱ, ଓଡ଼ିଶାର ସଂକ୍ଷିପ୍ତ ଇତିହାସ, ଅଧୁନାତନ ଓଡ଼ିଆ ଭାଷାର ସୃଷ୍ଟିକାଳ, ଓଡ଼ିଆଭାଷାର ଗଠନ ଉପରେ ମାଗଧୀ ମହାରାଷ୍ଟ୍ରୀ ପ୍ରାକୃତରେ ପ୍ରକ୍ରମ, ଓଡ଼ିଆଭାଷାର କ୍ରମବିକାଶ, ଉତ୍କଳାକ୍ଷରର ଗଠନ ଓ ଭଙ୍ଗୀ, ଦେବନାଗର ଓ କୁଟିଳ ଲିପିର ସମ୍ମିଶ୍ରଣରେ ଓଡ଼ିଆ ଲିପିର ନିର୍ମାଣ, ୧୪୮୩ ଖ୍ରୀଷ୍ଟାବ୍ଦରେ ଉତ୍କଳାକ୍ଷରର ନିଦର୍ଶନ ସ୍ୱରୂପ ଖଣ୍ଡିଏ ତମ୍ବା-ପାଟିଆ ସନନ୍ଦର ଅବିକଳ ପ୍ରତିଲିପି, ଓଡ଼ିଆ ସାହିତ୍ୟର ବିଶେଷ ଲକ୍ଷଣ; ଓଡ଼ିଆ ସାହିତ୍ୟର ଏକାଗୋଟି ସ୍ଥୂଳବିଭାଗ—ପୁରାଣ, କାବ୍ୟ ଓ କବିତା; ସମୟାନୁସାରେ ବିଭାଗ—ଜଗନ୍ନାଥ ଦାସଙ୍କ ପୂର୍ବବର୍ତ୍ତୀ ସମକାଳୀନ ଓ ପରବର୍ତ୍ତୀ ଯୁଗ; ସାଧାରଣତଃ ପ୍ରାଚୀନ ଓଡ଼ିଆ ସାହିତ୍ୟ 'ବୈଷ୍ଣବ-ସାହିତ୍ୟ' ନାମରେ ଅଭିହିତ; ପ୍ରାଚୀନ ଓଡ଼ିଆ ସାହିତ୍ୟର ପ୍ରଥମ ଯୁଗ ଭକ୍ତିଯୁଗ ଓ ପର-ବର୍ତ୍ତୀ ଯୁଗ ପ୍ରେମଯୁଗ, ଓଡ଼ିଆଭାଷାର ପୁରାଣରେ ସାରଳା ଦାସ, ବଳରାମ ଦାସ, ଜଗନ୍ନାଥ ଦାସ; କାବ୍ୟନିଚୟରେ ରାମଚନ୍ଦ୍ର ପଟ୍ଟନାୟକ ପଦ୍ମନାଭ ଦେବ, ଉପେନ୍ଦ୍ର ଭଞ୍ଜ; କବିତା ରଚନାରେ ମାର୍କଣ୍ଡ ଇତ୍ୟାଦି; ପ୍ରେମଯୁଗରେ ଚୈତନ୍ୟଙ୍କର ପ୍ରଭାବ, ପୁରାଣ ଯୁଗରେ ବଳରାମ, ଦୀନକୃଷ୍ଣ, କୃଷ୍ଣଦାସ, କବି, ହରିହର ଇତ୍ୟାଦି, ଓଡ଼ିଆ ସାହିତ୍ୟର କବିଚନ୍ଦ୍ର, ଉପେନ୍ଦ୍ର ଭଞ୍ଜ, ଅଭିମନ୍ୟୁ ଇତ୍ୟାଦି ଏବଂ ଅନ୍ୟାନ୍ୟମାନଙ୍କର ରଚନା ଓ ନାମ ସଂକ୍ଷିପ୍ତଭାବରେ ବର୍ଣ୍ଣିତ ହୋଇଥିଲା । ରଚନାଟି ସାର୍ଗ ଓ ଭାବମୟ ହୋଇଥିଲା ।

୬। ପ୍ରବନ୍ଧପାଠାନ୍ତେ ଶ୍ରୀଯୁକ୍ତ ଅଭିରାମ ଭଞ୍ଜ କହିଲେ—ଶ୍ରଦ୍ଧେୟ ଲେଖକ ମହାଶୟ ତାଙ୍କ ପ୍ରବନ୍ଧରେ ଶ୍ରମଶୀଳତା ଓ ଗବେଷଣାଶୀଳତାର ଯଥେଷ୍ଟ ପରିଚୟ ଦେଇଅଛନ୍ତି । ସେଥିପାଇଁ ମୁଁ ତାଙ୍କୁ ଆନ୍ତରିକ ଧନ୍ୟବାଦ ଦେଉଅଛି ।

୭—ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ପ୍ରହରାଜ ଲେଖକଙ୍କୁ ଧନ୍ୟବାଦ ପ୍ରଦାନ କରି କହିଲେ, କାଳକ୍ରମ ପୂର୍ବକ ଭିନ୍ନ ଭିନ୍ନ ଯୁଗର ଭାଷାର ଆଦର୍ଶ ଦେଖାଇଥିଲେ ଭଲ ହୋଇଥାନ୍ତା । ଲେଖକଙ୍କର ଏ ବିଷୟ ପ୍ରତି ଦୃଷ୍ଟି ଦେବା ଉଚିତ ।

୮—ଶ୍ରୀଯୁକ୍ତ ବିଶ୍ୱନାଥ କର କହିଲେ, ଆଧୁନିକ ଲେଖକମାନଙ୍କ ମଧ୍ୟରେ ପ୍ରାଚୀନ ସାହିତ୍ୟ ଆଲୋଚନା ବିଷୟରେ ଶୋଚନୀୟ ଅଭାବ ଦେଖାଯାଏ । ପ୍ରାଚୀନ ସାହିତ୍ୟରୁ ବଞ୍ଚିତ ହୋଇଥିବାରୁ ଆଧୁନିକ ରଚନାସବୁ ସାଧାରଣଙ୍କ ନିକଟରେ ଆଦୃତ ହୋଇ ପାରୁ ନାହିଁ । ରସକଲ୍ଲୋଳର କବି ଦୀନକୃଷ୍ଣ ଓ ରସବିନୋଦର କବି ଦୀନକୃଷ୍ଣ ଏକ ନୁହନ୍ତି ବୋଲି ଶ୍ରୀଯୁକ୍ତ ଶ୍ୟାମ-

ସୁନ୍ଦର ରାଜଗୁରୁ ବି. ଏ. ମହାଶୟ ଅନୁସନ୍ଧାନଦ୍ୱାରା ସ୍ଥିର କରିଅଛନ୍ତି ॥ ଭଗବଦ୍ଗୀତାର ଅନୁବାଦକ ଜାନକୀବଲ୍ଲଭ ଦ୍ୱିଜଶର୍ମା—ଗୁଣ୍ଡିଚା ଦେଖା ନୁହନ୍ତି ।

୯—ଶ୍ରୀଯୁକ୍ତ କଳ୍ପତରୁ ଦାସ କହିଲେ, ଲେଖକ ଓଡ଼ିଆ ଭାଷାକୁ ପ୍ରାକୃତରୁ ଉତ୍ପନ୍ନ ବୋଲି ଲେଖିଅଛନ୍ତି । କିନ୍ତୁ ମୋହର ବିଶ୍ୱାସ ଯେ ତାହା ସଂସ୍କୃତରୁ ଉତ୍ପନ୍ନ । ଓଡ଼ିଆ ଭାଷାର ମୂଳ ଦେଖାଇ ଦେଲେ ଭଲ ହେବ । ଓଡ଼ିଆ ଭାଷା ପ୍ରଥମାବସ୍ଥାରେ କିପରି ଥିଲା, ତାହା ପ୍ରବନ୍ଧରୁ ଭଲରୂପେ ବୁଝାଯାଉ ନାହିଁ ।

୧୦—ଶ୍ରୀଯୁକ୍ତ ମୃତ୍ୟୁଞ୍ଜୟ ରଥ କହିଲେ, ଓଡ଼ିଆ ଭାଷାର ଅଧିକାଂଶ ପ୍ରାକୃତରୁ ଏବଂ ଅନେକାଂଶ ସଂସ୍କୃତରୁ ଆଗତ; ହିନ୍ଦୀ, ଗୁଜରାଟୀ, ମହାରାଷ୍ଟ୍ରୀ, ପ୍ରଭୃତି ଭାଷାରୁ ମଧ୍ୟ କେତେକ ମିଶିଅଛି । ଆଦିଯୁଗ, ମଧ୍ୟଯୁଗ ଇତ୍ୟାଦିର ଆଦର୍ଶ ଲେଖିଥିଲେ ଭଲ ହୋଇଥାନ୍ତା । ପୂର୍ବେ ରାଜାମାନେ ସାହିତ୍ୟାନୁରାଗୀ ଥିଲେ । ପ୍ରବନ୍ଧରେ କବି ଓ ଗ୍ରନ୍ଥମାନଙ୍କର ଯେଉଁ ତାଲିକା ଦିଆ ହୋଇଅଛି, ସେଥିରେ କ୍ରମ ପ୍ରମାଦ ଅଛି । କାଳକ୍ରମେ ଅନେକତାରେ ତାହା ସଂଶୋଧିତ ହୋଇ ପାରିବ । ରସକଲ୍ଲୋଳର କବିଙ୍କ ନାମ ଦୀନକୃଷ୍ଣ ଦାସ ନୁହେଁ, କୃଷ୍ଣ ଦାସ ।

୧୧ । ତଦନନ୍ତର ସଭାପତି ମହାଶୟ ଲେଖକଙ୍କୁ ଅନ୍ତରରୁ ଧନ୍ୟବାଦ ଦେଇ କହିଲେ, ପ୍ରବନ୍ଧ-ଲିଖିତ ଐତିହାସିକ ତଥ୍ୟଗୁଡ଼ିକୁ ଏହିକ୍ଷଣି ଅଭ୍ରାନ୍ତ ବୋଲି କହାଯାଇ ନ ପାରେ; କାରଣ ଏଥିରେ ମତଭେଦ ଅଛି, ବର୍ତ୍ତମାନ ଅବସ୍ଥାରେ ସେଗୁଡ଼ିକୁ ଅଭ୍ରାନ୍ତ ବୋଲି ଗ୍ରହଣ କରିବା ନିରାପଦ ନୁହେଁ । ମାଦଳାପାଞ୍ଜିରୁ ଅନେକ ଐତିହାସିକ ତଥ୍ୟ ମିଳେ ସତ୍ୟ, କିନ୍ତୁ ଅନେକ କଥାର ଯଥାର୍ଥ୍ୟରେ ସନ୍ଦେହ ଉପସ୍ଥିତ ହୁଏ । ତାହାର ମଧ୍ୟ କାଳ ନିରୂପଣ ହେବା ସର୍ବାଦୌ ଆବଶ୍ୟକ । ଓଡ଼ିଆ ଭାଷା ମାଗଧୀ ପ୍ରାକୃତରୁ ଉତ୍ପନ୍ନ ଏବଂ ସଂସ୍କୃତ ପ୍ରଭାବପ୍ରାପ୍ତ । କାଳକ୍ରମେ ଅନାର୍ଯ୍ୟ ଭାଷା ଏବଂ ପାର୍ଶ୍ୱ ପ୍ରଚଳିତ ଭାଷାଦ୍ୱାରା ଏହାର ଅଙ୍ଗ ପୁଷ୍ଟ ହୋଇଅଛି । ପଞ୍ଚଦଶ ଶତାବ୍ଦୀର ଶେଷଭାଗରେ ସୁଦ୍ଧା ଓଡ଼ିଆ ଅକ୍ଷର ସମ୍ପୂର୍ଣ୍ଣ ଗଠିତ ହୋଇ ନ ଥିଲା, ଏହା ତତ୍କାଳୀନ ତାମ୍ରଶାସନ—ଲିପିରୁ ଅନୁମିତ ହେଉଅଛି । ଗଙ୍ଗାବଂଶ ରାଜତ୍ୱକାଳରେ ଉତ୍କଳାକ୍ଷରର ସୃଷ୍ଟି । ଏହି ଯୁଗରେ ଓଡ଼ିଶାରେ ବୈଷ୍ଣବଧର୍ମ ପ୍ରଚଳିତ ଥିଲା, ସେହି ବୈଷ୍ଣବଧର୍ମ ପ୍ରଭାବରେ ପ୍ରାକୃତରେ ଗ୍ରନ୍ଥ ଲେଖା ହେବାର ଆରମ୍ଭ ହେଲା । ଶ୍ରୀଯୁକ୍ତ ହଣ୍ଟର୍ ସାହେବ କବିମାନଙ୍କ ସମ୍ବନ୍ଧରେ ଯେଉଁ କାଳ ନିରୂପଣ କରିଅଛନ୍ତି ସେଥିରେ ଆମ୍ଭେମାନେ ସନ୍ଦିହାନ । ଅନ୍ୟାନ୍ୟ କବିମାନଙ୍କ କଥା ଜଣା ନଥିବା ସ୍ଥଳେ ମୋ ମତରେ ସାରଳାଦାସଙ୍କୁ ଆଦିକବିସ୍ୱରୂପ ଗ୍ରହଣ କରାଯାଇ ପାରେ । ଏତତ୍ପୂର୍ବରୁ କେହି କେହି କବି ଥାଇ ପାରନ୍ତି, କିନ୍ତୁ ସେମାନଙ୍କ ମଧ୍ୟରୁ କେହି ଗୋଟିଏ ଭାଷାର ଆଦିକବିରୂପେ ଗଣ୍ୟ ହେବାର ଯୋଗ୍ୟ ବୋଲି ବିବେଚନା କରାଯାଇ ନ ପାରେ ॥

ପରିଶେଷରେ ସଭାପତି ମହୋଦୟଙ୍କୁ ଧନ୍ୟବାଦ ପ୍ରଦତ୍ତ ହୋଇ ସଭା ଭଙ୍ଗ ହେଲା ।

ଏଉଚ, ଦେଙ୍କ ଅଯୁଷ୍ମେଣ୍ଟ ବା ଯାଦୁର ଔଷଧ ।

ଏହି ଔଷଧ ୩/୪ ଥର ବ୍ୟବହାର କଲେ ସର୍ବପ୍ରକାର ଯାଦୁ ବନା ଜ୍ୱାଳା ଯନ୍ତ୍ରଣାରେ ଏହା ଫେଲନେ ଅରାମ ହୋଇଯାଏ । ଏଥିରେ ପାରଦାଦ କୌଣସି ପ୍ରକାର ବଷାକ୍ତ ଦ୍ରବ୍ୟ ନାହିଁ । ମୂଲ୍ୟ ପ୍ରତି ଡବା—ଟ ୦/୵ ମାତ୍ର । ଏଉଚ. ଦେ, ହୋମିଓପାଥିକ ଦାତବ୍ୟ ଔଷଧାଳୟ, ବାଲେଶ୍ୱର ।

ଅଯୁର୍ବେଦୀୟ ଔଷଧାଳୟ ।

ଭିଷଗ୍ଗଣ ଶ୍ରୀ ସାରଦାପ୍ରସାଦ କବିରତ୍ନଙ୍କ—ବାଲୁବଜାର, କଟକ ।

ଏହି ସ୍ଥାନରେ ସୁଲଭ ମୂଲ୍ୟରେ ବିଶୁଦ୍ଧ ମକରଧ୍ୱଜ, ସବୁ ପ୍ରକାର ତୈଳ, ଘୃତ, ମୋଦକ, ଚୂର୍ଣ୍ଣ, ବଟିକା ଓ ଦେଶୀୟ ପାଲସା, ସୁନା, ରୂପା, ଲୌହ, ଅଭ୍ର, ମୁକ୍ତା, ବଙ୍ଗ ଭସ୍ମ ବିକ୍ରୟାର୍ଥ ସର୍ବଦା ପ୍ରସ୍ତୁତ ଥାଏ । ଦୁଃସାଧ୍ୟ ଓ କଠିନ ରୋଗଗ୍ରସ୍ତ ବ୍ୟକ୍ତିମାନଙ୍କର ଅବସ୍ଥାସହ ପତ୍ର ଲେଖିଲେ ଅତି ଯତ୍ନ ପୂର୍ବକ ବ୍ୟବସ୍ଥାସହ ଭି: ପି: ଡାକରେ ଔଷଧ ପଠାଯାଏ । ଦୁଇ ପଇସାର ଡାକ ଟିକଟ ପଠାଇଲେ ବିନା ମୂଲ୍ୟରେ ଔଷଧ ତାଲିକା-ପୁସ୍ତକ ପ୍ରେରିତ ହୁଏ ।

କବିରାଜ

ଶ୍ରୀ ଗଙ୍ଗାଧର କବିରତ୍ନଙ୍କର

ଅଧ୍ୟକ୍ଷତା ।

ଅଯୁର୍ବେଦୀୟ-ଔଷଧାଳୟ, ଚୌଧୁରୀବଜାର

କଟକ ।

ପ୍ରଦରାରି ବଟିକା ।

(ସ୍ତ୍ରୀ ରୋଗର ଅବ୍ୟର୍ଥ ମହୌଷଧ)

ବାଧକ, ଶ୍ୱେତ ଓ ରକ୍ତ ପ୍ରଦର ପ୍ରଭୃତି ଯାବତୀୟ କଷ୍ଟକର ଓ ଦୁଃସାଧ୍ୟ ସ୍ତ୍ରୀରୋଗ ପ୍ରତି ଏହି ପ୍ରଦରାରି ବଟିକା ଅବ୍ୟର୍ଥ ମହୌଷଧ । ଋତୁଦୋଷର ପ୍ରତିକାର, ସ୍ତ୍ରୀମାନଙ୍କର ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ରକ୍ଷାର ଏପରି ସହଜ ଅଥଚ ଅମୋଘ ଔଷଧ ଆଉ ଦେଖାଯାଏ ନାହିଁ । ମୂଲ୍ୟ ପ୍ରତି ଡବା ଟ ୧ ୯ ମାତ୍ର ।

ଚ୍ୟବନପ୍ରାଶ ।

ନବଜୀବନ-ପ୍ରଦାୟକ ପରମ ରସାୟନ ଏହି ମହୌଷଧ ସେବନ କଲେ ସର୍ବପ୍ରକାର କାଶ ଓ ସ୍ୱରଭଙ୍ଗ ନିଶ୍ଚୟ ପ୍ରଶମିତ ହୁଏ । ଦୁର୍ବଳ ଓ କ୍ଷୀଣଧାତୁ ପକ୍ଷରେ ମହର୍ଷି-ପ୍ରବର୍ତ୍ତିତ ଚ୍ୟବନପ୍ରାଶ ପରି ପୁଷ୍ଟିକର ରସାୟନ ଔଷଧ ଏପର୍ଯ୍ୟନ୍ତ ପୃଥିବୀରେ ଆବିଷ୍କୃତ ହୋଇ ନାହିଁ ।

ମୂଲ୍ୟ ଏକ ମାସ ସେବନୋପଯୋଗୀ ଟ ୬ ୯ ଡାକମାଶୁଲାଦି ସ୍ୱତନ୍ତ୍ର ।

ପ୍ରମେହାନ୍ତକ ବଟିକା ।

ଅତ୍ୟୁତ୍କୃଷ୍ଟ ମହୌଷଧ; ଏହା ସେବନ କଲେ ଯୋଡ଼ଏ ପ୍ରକାର ପ୍ରମେହ ଓ ସପୂୟପ୍ରାୟ୍ଗୁନର୍ଗମ, ଶତକଲବତ୍ ସ୍ରାବ, ମୂତ୍ରାଶୟ ଓ ମୂତ୍ରନଳୀର ଜ୍ୱାଳା, ଦୁଃଶୀତବେଧବତ୍ ବେଦନା, ଅଣ୍ଡକୋଷରେ ବିଦାରଣ ପରି ଯନ୍ତ୍ରଣା, ଜ୍ୱର, ତୃଷ୍ଣା, ଅଗ୍ନିମାନ୍ଦ୍ୟ ଅପାକ ଓ ଅରୁଚି, ମଳଭେଦ ବା ଉଦାବର୍ତ୍ତ ହେତୁ ମଳମୂତ୍ର ଓ ବାୟୁର ଅବରୋଧ, ଦୁଃସ୍ୱପ୍ନ ସ୍ୱପ୍ନଦୋଷ, ମୂତ୍ରବେଗ, ଅନିଦ୍ରା, ସର୍ବ ଶରୀରର ଅବସାଦ ଓ ମସ୍ତିଷ୍କର ଦୌର୍ବଲ୍ୟାଦି ପ୍ରମେହ-ଜନିତ ତାବତ୍ ଉପଦ୍ରବ ନିବାରିତ ହୁଏ । ଏହା ଔପସର୍ଗିକ ମେହର ମହୌଷଧ ।

୩୦ ବଟିକାର ମୂଲ୍ୟ ଟ ୧ ୯

ବିଜ୍ଞାପନ ।

ନୂତନ ! ନୂତନ !! ନୂତନ !!!

ସୁଲଭ ମୂଲ୍ୟରେ ଷ୍ଟେସନେରୀ ଦ୍ରବ୍ୟ ଓ କାଗଜପତ୍ର ପୁସ୍ତକାଦି ବିକ୍ରୀ ହେଉଅଛି । ମଫସଲ ଗ୍ରାହକମାନଙ୍କର ଯେ କୌଣସି ଦ୍ରବ୍ୟରେ ଅର୍ଡର ପାଇଲା ମାତ୍ରେ ଯତ୍ନପୂର୍ବକ ଅଳ୍ପ ସମୟରେ ଦ୍ରବ୍ୟାଦି ପ୍ରେରିତ ହୋଇଥାଏ । ପରୀକ୍ଷା ପ୍ରାର୍ଥନୀୟ । ଥରେ ପରୀକ୍ଷା କରି ଦେଖନ୍ତୁ ।

ହୋଡ ଏଣ୍ଡ କୋ:

ବାଲୁବଜାର, କଟକ



ଡଳୀବର ଶୋଭନା

ଡଳୀବର ଶୋଭନା ।

ଦେଶ ଦେଶାନ୍ତର ସୁବାସିତ ସାମଗ୍ରୀ
ପ୍ରଣୟୀଙ୍କର ପ୍ରିୟ ଉପହାର ।
ଯଦ୍ୟପି ଅର୍ଥ ସାର୍ଥକ କରିବାକୁ ଚାହାନ୍ତି,
ତାହାହେଲେ "ଡଳୀବରଶୋଭନା" କିଣିବାକୁ
ଭୁଲିବେ ନାହିଁ ।

ଏହା ଅଳ୍ପମାତ୍ରାରେ ପାନ ସହିତ ବ୍ୟବହାର କଲେ ମୁଖରେ ସୁଗନ୍ଧ ମହକୁଥାଏ । ପାନର ସୁସ୍ୱାଦରେ ପ୍ରାଣ ମୋହିତ ହୋଇଥାଏ, ମନ ଉଲ୍ଲାସରେ ନୃତ୍ୟ କରୁଥାଏ । ମୁଖରୁ ପାନ ଶେଷ ହୋଇଯାଏ, କିନ୍ତୁ ସୌରଭ ଶେଷ ହୁଏ ନାହିଁ । କିନ୍ତୁ ଯେଣ ତେବେ, ପୁଣି ପାନ ଖାଇବାର ଇଚ୍ଛା ପୁନଶ୍ଚ ବଳବତୀ ହୋଇ ଉଠେ । ଏହାର ସୁସ୍ୱାଦ, ସୁଗନ୍ଧ ମନୋହାରିତ୍ୱରେ ଆବାଳବୃଦ୍ଧବନିତା ମୋହିତ । ଏହି ଉପାଦେୟ ସାମଗ୍ରୀ ପୃଥିବୀରେ ନବାବ ଓ ବେଗମମାନଙ୍କର ନିତ୍ୟ ବ୍ୟବହାର୍ଯ୍ୟ ଓ ବିଳାସ ବସ୍ତୁ ଥିଲା । ଆମ୍ଭେମାନେ ବହୁ ବ୍ୟୟ ଓ ବହୁ ପରିଶ୍ରମରେ ଏହାର ଉପାଦାନଗୁଡ଼ିକ ସଂଗ୍ରହ କରି[illegible] ବର୍ତ୍ତମାନ ପ୍ରତି ଘରେ ଏହାର ଆଦର ଦେଖିଲେ ଅବଶ୍ୟ ଶ୍ରମ ସଫଳ ବୋଧ କରିବେ ।

ମୂଲ୍ୟ ପ୍ରତି ଡବା ଚାରିଅଣା । ଡଜନ ୨ ଟଙ୍କା ।

ଡବାକଠାରୁ ୧୮ ଡବା ପର୍ଯ୍ୟନ୍ତ ଚାରିଅଣା ମାସୁଲରେ ପଠାଯାଏ ।

ଭିକ୍ଟୋରିୟା ଦନ୍ତ-ମଞ୍ଜନ ।

ଯାବତୀୟ ଦନ୍ତରୋଗର ଏକମାତ୍ର ଅମୋଘ ମହୌଷଧ ।

ଅଧୁନା ଦେଶୀୟ ଦ୍ରବ୍ୟର ସମାବେଶରେ ଦନ୍ତରୋଗର ଏହି ଅଭିନବ ମହୌଷଧ ଆବିଷ୍କୃତ ହୋଇଅଛି । ଏହି ମଞ୍ଜନଦ୍ୱାରା ପ୍ରତ୍ୟହ ଦନ୍ତ ମାର୍ଜନା କଲେ ଦାନ୍ତମୂଳ ଶକ୍ତ ହୁଏ ଏବଂ ଦନ୍ତଶୂଳ ହେବାର ଆଶଙ୍କା ନ ଥାଏ । ଏତଦ୍ଭିନ୍ନ ଦାନ୍ତମୂଳରୁ ରକ୍ତ ଓ ପୂଜ ପ୍ରଭୃତି ନିର୍ଗମନ ଇତ୍ୟାଦି ରୋଗର ଅବ୍ୟର୍ଥ ମହୌଷଧ । ଏହା ବଳାଇ କହୁଛୁ, ମାର୍ଜନ କରିବା ସଙ୍ଗେସଙ୍ଗେ ଗୋଲାପୀ ବର୍ଣ୍ଣରେ ରଞ୍ଜିତ ଓ ଗୋଲାପୀ ଗନ୍ଧରେ ଆମୋଦିତ ହୁଏ ।

ଏକ ମାସର ଉପଯୋଗୀ ଶିଶି ପ୍ରତି ଡବାର ମୂଲ୍ୟ ଚାରିଅଣା, ଡଜନ ଟ ୨। ମାତ୍ର ।

ଡାକମାସୁଲ ଚାରିଅଣା । ପାର୍ଶ୍ୱେଲରେ ଦୁଇ ଡବାରୁ କମ ପଠାଯାଏ ନାହିଁ ।

ମିଳିବା ଠିକଣା :— ଆର୍ଯ୍ୟାବର୍ତ୍ତ କେମିଷ୍ଟସ, ପାରଫିଉମର୍ସ ଓ ଜେନେରଲ ମର୍ଚ୍ଚାଣ୍ଟସ । ... ୨ ନମ୍ବର ମାଣିକତଲା ଷ୍ଟ୍ରିଟ, କଲିକତା ।

୭ମ ଭାଗ । ମାର୍ଗଶିର, ପୌଷ, ୧୩୧୧ । ୮ମ, ୯ମ, ସଂଖ୍ୟା ।

ଉତ୍କଳ-ସାହିତ୍ୟ ।

ମାସିକପତ୍ର ଓ ସମାଲୋଚନା ।

—:o:—

ଶ୍ରୀ ବିଶ୍ୱନାଥ କର କର୍ତ୍ତୃକ ସମ୍ପାଦିତ ।

—:o:—

THE UTKAL SAHITYA PRESS.

CUTTACK.

1903.

ବାର୍ଷିକ ମୂଲ୍ୟ ଡାକମାସୁଲ ସମେତ ଟ ୨ ।   ଏହି ସଂଖ୍ୟାର ମୂଲ୍ୟ ଟ ୦।୵

ସୂଚୀ।

ଭାଗବତଟୁଙ୍ଗୀରେ ସନ୍ଧ୍ୟା।

ପୁସ୍ତକାକାରରେ ପ୍ରକାଶିତ ହୋଇଅଛି। କାଗଜ ଉତ୍କୃଷ୍ଟ, ଛପା ସୁନ୍ଦର, ୧୪୦ ପୃଷ୍ଠାରେ ସମ୍ପୂର୍ଣ୍ଣ। ମୂଲ୍ୟ ଅଗ୍ରିମଦେୟ ମୂଲ୍ୟ—ଚାରି ଅଣା ମାତ୍ର।

ଉତ୍କଳସାହିତ୍ୟ ଅଫିସରେ ଏବଂ କଟକର ପୁସ୍ତକଦୋକାନମାନଙ୍କରେ ମିଳେ।

ମୂଲ୍ୟପ୍ରାପ୍ତି।

ରାଜସଂସ୍କରଣ। ୧୯୦୩

ଶ୍ରୀଯୁକ୍ତ ଭକ୍ତପ୍ରସାଦ ପଟ୍ଟନାୟକ ସମ୍ବଲପୁର ଟ ୫ ୧

ସାଧାରଣସଂସ୍କରଣ।

୧୮୯୯।

ଶ୍ରୀଯୁକ୍ତ ପୁରୁଷୋତ୍ତମ [illegible] ବ୍ରହ୍ମପୁର ଟ ୨୧

୧୯୦୨।

ଶ୍ରୀଯୁକ୍ତ ବାଳକୃଷ୍ଣ ଓଡ଼େଙ୍ଗୀ ଗଞ୍ଜାମ ଟ ୧୧

ପାରେଶ୍ୱର ମହାନ୍ତି ମୟୂରଭଞ୍ଜ ଟ ୧୧

୧୯୦୩।

ଶ୍ରୀଯୁକ୍ତ ଗୋବିନ୍ଦଚନ୍ଦ୍ର ଶୂର ଦେଓ କଟକ ଟ ୧୧

[illegible] ମହାନ୍ତି ,, ଟ ୦ ୫

[illegible] ସମ୍ବଲପୁର ଟ ୧୧

ଶ୍ରୀଯୁକ୍ତ ନବଦ୍ୱୀପଚନ୍ଦ୍ର ରାୟ ଯାଜପୁର ଟ ୨୧

,, ହରିହର ରଥ କଟକ ଟ ୧୧

,, ପ୍ରାଣଧନ ପଟ୍ଟନାୟକ ,, ଟ ୦ ୯

,, ହେଡ୍‌ପଣ୍ଡିତ ମି. ଇ. ସ୍କୁଲ୍ ନରସିଂହପୁର ଟ ୨୧

,, ଗଙ୍ଗାଧର ମେହେର ବରପାଲି ଟ ୨୧

,, ପାରେଶ୍ୱର ମହାନ୍ତି ମୟୂରଭଞ୍ଜ ଟ ୧୧

,, ଘନେଶ୍ୱର ଦାସ କଟକ ଟ ୦ ୫

,, ଗୋପବନ୍ଧୁ ଦାସ ଟ ୧୧



ଡାକ୍ତର ମେଜର ସାହେବଙ୍କର ବଶବର୍ତ୍ତୀ ସେହି

ଇଲେକ୍ଟ୍ରୋ-ସାଲସା ।

ଚିକିତ୍ସା ଜଗତରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ରକ୍ତ ମାନବ ଦେହର ଜୀବନୀଶକ୍ତି । ତାଡ଼ିତଶକ୍ତି ଜୀବନୀଶକ୍ତିର ମୂଳ । ପ୍ରତିଦିନ ନାନାପ୍ରକାରରେ ବିଶେଷତଃ ଆହାର ବିହାରରେ, ଅଭ୍ୟାଗତ ଅନାଗତରେ, ନିଶ୍ୱାସ ପ୍ରଶ୍ୱାସରେ ମାନବଦେହରେ ବିଷ ପ୍ରବେଶ କରୁଥାଏ । ଏହି ବିଷ କ୍ରମେ କ୍ରମେ ରକ୍ତ ସହିତ ମିଶ୍ରିତ ହୋଇ ଦେହାଭ୍ୟନ୍ତରସ୍ଥ ତାଡ଼ିତଶକ୍ତି ହ୍ରାସ କରେ ଏବଂ ପରିଣାମରେ ସାଧାରଣତଃ ଶୁକ୍ର ଓ ଶୋଣିତ ସମ୍ବନ୍ଧୀୟ ପୀଡ଼ା ଉତ୍ପନ୍ନ ହୁଏ । ଯେଉଁ ଔଷଧ ଏହି ରକ୍ତଦୁଷ୍ଟିର ବିଷ ଦୂରୀଭୂତ କରି ହ୍ରାସପ୍ରାପ୍ତ ବୈଦ୍ୟୁତିକ ଶକ୍ତିର ସାମଞ୍ଜସ୍ୟ ସମ୍ପୂର୍ଣ୍ଣରୂପ ରକ୍ଷା କରିପାରେ, ସେହି ପ୍ରକୃତ ଔଷଧ, ଏହି—

"ଇଲେକ୍ଟ୍ରୋ-ସାଲସା" ତାହାର ଏକମାତ୍ର ଆଦର୍ଶ ।

<u>ଏହା କଣ ?</u> ତେଜୋ-ବିଜ୍ଞାନ-ସମ୍ମତ ଶୁକ୍ର ଓ ଶୋଣିତର ଦୋଷ-ସଂଶୋଧକ ଏବଂ ତାଡ଼ିତଶକ୍ତିପ୍ରବର୍ତ୍ତକ କେତୋଟି ଦୁଷ୍ପ୍ରାପ୍ୟ ସାର୍ଥ୍ୟବାନ୍ ଉଦ୍ଭିଜ୍ଜରୁ—

ନିଉ ୟର୍କ ନଗରବାସୀ ଖ୍ୟାତନାମା ଡାକ୍ତର :—

<u>ଜେମସ ମେଜର ଏମ. ଏ. ଏମ. ଡି</u>

ମହୋଦୟଙ୍କର ଅନୁଷ୍ଠିତ,—ନୂତନ ରସାୟନିକ ପ୍ରକ୍ରିୟାରେ ବିନିଃସୃତ ନିର୍ଯ୍ୟାସ ।

ମାନବଦେହରେ ଏହାର କ୍ଷମତା ଅସୀମ, ଗୁଣ ଅନନ୍ତ, କ୍ରିୟା ସ୍ଥାୟୀ ।

ଏଥିରେ ଯେ କେତୋଟି ସାର୍ଥ୍ୟବାନ୍ ଭେଷଜ ପଦାର୍ଥ ଅଛି, ତାହା ଅନ୍ୟ କୌଣସି ଔଷଧରେ ନାହିଁ ଏବଂ ଏହି ଗବେଷଣାଲବ୍ଧ ମହାଗୁଣଶାଳୀ ଦୁଷ୍ପ୍ରାପ୍ୟ ଭେଷଜ ଏହାର ଏରୂପ ଅସାଧାରଣ ଗୁଣବତ୍ତାର ମୂଳକାରଣ ।

<u>ଏଥିରେ କେଉଁ କେଉଁ ରୋଗ ଆରୋଗ୍ୟ ହୁଏ ?</u> ସର୍ବପ୍ରକାର ବାତଜନିତ ଶୁକ୍ର ଓ ଶୋଣିତର ବିକୃତି, ସ୍ନାୟୁଦୌର୍ବଲ୍ୟ, ଦେହର ବିଭିନ୍ନ ସନ୍ଧିର କ୍ଷିପ୍ର-ସନ୍ଧିଗ୍ଧ ଯାତନା, ଶୁକ୍ର ମେହ, ଶୁକ୍ର ତାରଲ୍ୟ, ନୂତନ ପୁରାତନ ମେହ, ପ୍ରମେହ, ସ୍ୱପ୍ନଧାତୁ ନିର୍ଗମ, ଅନଭ୍ୟାସରେ ବା ଅଳ୍ପ ଉତ୍ତେଜନାରେ ସ୍ଖଳନ, ସମ୍ପୂର୍ଣ୍ଣ ବା ଆଂଶିକ ପୁରୁଷତ୍ୱହୀନ, ପ୍ରସ୍ରାବରେ ଯନ୍ତ୍ରଣା, ଜୁଆଳରେ ଦାଗଲାଗୁ

ସ୍ୱପ୍ନଦୋଷ, ଶୁକ୍ରରେ ସନ୍ତାନ ଉତ୍ପାଦକା ଶକ୍ତିର ଅଭାବ, ମଳ ବା ମୂତ୍ରତ୍ୟାଗ ସମୟରେ ପ୍ରମେହରେ ବା ମଳସହ ଶୁକ୍ରକ୍ଷରଣ, ମୂତ୍ରକୃଚ୍ଛ୍ରତା, ମୂତ୍ରମର୍ମ୍ମ ପ୍ରସ୍ରାବ, ଜନନେନ୍ଦ୍ରିୟର ଦୁର୍ବଳତା, ସ୍ମୃତିଶକ୍ତିର ଲୋପ, ମସ୍ତିଷ୍କ କ୍ଲାନ୍ତି, ଦୃଷ୍ଟିଶକ୍ତିର କ୍ଷୀଣତା, ଶିରଃପୀଡ଼ା, ସ୍ନାୟବିକ ବିକାର, ଶରୀର ଓ ମନର ଅବସାଦ, ଉତ୍ତେଜନା ସ୍ୱଭାବ, ଯୌବନଚାଳୋଚିତ ସାମର୍ଥ୍ୟର ଅଭାବ, ନିର୍ଜନପ୍ରିୟତା, ଦୃଢ଼ପେଶୀର ଶୁଷ୍କତାଯୁକ୍ତ ଯୌବନ, ଅଧ୍ୟୟନରେ ବା ସଂସାରର କାର୍ଯ୍ୟରେ ଅନିଚ୍ଛା ଓ ସାମର୍ଥ୍ୟହୀନତା, ଅକାଳରେ ଜରା, ଶୋଣିତର ଦୁଷ୍ଟତା, ପାରଦ ଓ ଉପଦଂଶାଦଜନିତ ଶୋଣିତ-ବିକାର, ବାତରକ୍ତ, ଅମ୍ଳବାତ, ଗଣ୍ଡମାଳା, ବାଗି, ଉପଦଂଶର ଘା, ନାକ ଓ ମୁହଁର ଭିତରେ ଘା, ନାଲି ଘା, ଫୋଟକା ଦେବା, ବାହୁ କୁଣ୍ଡିଆ, ଭଗନ୍ଦର, କୁଷ୍ଠ ପ୍ରଭୃତି ନାନାପ୍ରକାର ଚର୍ମରୋଗ, ଶୁକ୍ର ବା ଶୋଣିତ ବିକାରଜ ଘଟିତ ସର୍ବପ୍ରକାର ଚର୍ମଜନିତ ବାତ, କଫ, ପିତ୍ତ, କାଶି, ଦଦ୍ରୁ, ପାଦ ଓ ହାତଗଣ୍ଠିର ଗୁରୁତ୍ୱ; ବେଦନା, ଥକ୍ ଥକ୍ କରିବା, ଝୋଲାପଡ଼ିବା, ଶରୀରର ନାନା ସ୍ଥାନରେ ବିବିଧପ୍ରକାରରେ ଦାଗ ବା ଉପଦଂଶାଦିର ଚିହ୍ନସବୁ, ହାତ ଓ ପାଦ ତଳର ଚମଡ଼ା ଫାଟିବା, ଯଥା ବା ଲୁହବିନ୍ଦୁ ପରି ଫୁଟିଉଠିବା, ଯକୃତ ପ୍ଲୀହାର ଦୁର୍ବଳତା, କ୍ଷୁଧାର ହ୍ରାସ ହେବା, ଝୁଲିଉଠିବା, ଚକ୍ଷୁରୁ ଜଳ ପଡ଼ିବା, ଅକାଳବାର୍ଦ୍ଧକ୍ୟ, ମୁଣ୍ଡରୁ ବାଳ ଝଡ଼ିବା, ଦେହର ଅକାଳପକ୍ୱତା, ଶରୀରର ସାଧାରଣ ଦୌର୍ବଲ୍ୟ ଇତ୍ୟାଦି ଶୁକ୍ର ଓ ଶୋଣିତ ସଂକ୍ରାନ୍ତ ସର୍ବପ୍ରକାର ବ୍ୟାଧି ଓ ତାହାର ସହଯୋଗୀ ଉପସର୍ଗ ସମୂଳରେ ବିନଷ୍ଟ କରି ସ୍ୱାସ୍ଥ୍ୟ ବୃଦ୍ଧି କରିବାକୁ, ରୋଗ ପରେ ଦୁର୍ବଳ ଓ ଜରାଗ୍ରସ୍ତ ଦେହ ସବଳ ଓ କାର୍ଯ୍ୟକ୍ଷମ କରିବାକୁ ଏହା ଅତୁଳନୀୟ; ସେଥିପାଇଁ

ଡାକ୍ତର ସେନଙ୍କର ଇଲେକଟ୍ରୋ-ଶାଳସା

ଆଜି ଭାରତର ସର୍ବତ୍ର ସମାଦୃତ ଓ ପରିବ୍ୟାପ୍ତ । ପ୍ରକୃତ ଗୁଣ ଅଛି ବୋଲି ଏହାର ନକଲ ଏତେ ଅଧିକ—ନକଲ ବାହାରିଲା-ଦେଖୁ ଆଜି ବହୁ ନକଲର ସୃଷ୍ଟି ! ନେବାବେଳେ ସାବଧାନ ! !

"ଇଲେକଟ୍ରୋ-ଶାଳସା"—ସକଳ ଦେଶର ସକଳ ଋତୁରେ ଉତ୍କୃଷ୍ଟ ରୋଗଶତ୍ରୁର ସକଳ ଅବସ୍ଥାରେ ଆବାଳ-ବୃଦ୍ଧବନିତା, ରୋଗୀ, ଅରୋଗୀ ସମସ୍ତେ ନିର୍ଭୟରେ ସେବନ କରି ପାରନ୍ତି ।

ଇଲେକଟ୍ରୋ-ଶାଳସାର ମୂଲ୍ୟାଦି,—ସର୍ବପ୍ରକାର ଭାବରେ ବ୍ୟବସ୍ଥାପନସମ୍ବଳିତ ୮ ଦିନ ସେବନୋପଯୋଗୀ ପ୍ରତ୍ୟେକ ଶିଶିର ମୂଲ୍ୟ ଟ ୨ ୯, ୩ ଶିଶି ମୂଲ୍ୟ ଟ ୫୍, ୬ ଶିଶି ଟ ୧୦୍, ଡଜନ ଟ ୨୦ ୯, ପ୍ୟାକିଂ ଓ ଡାକମାସୁଲ ଇତ୍ୟାଦି ଯଥାକ୍ରମେ ଟ ୦ ୍, ଟ ୦ ୍୯, ଟ ୧, ଟ ୧୍ ।

ଅସଂଖ୍ୟ, ଅଯାଚିତ ପ୍ରଶଂସାପତ୍ର ଏହାର ଅବ୍ୟର୍ଥତା, ଅଲୌକିକତା ଓ ଅକୃତ୍ରିମତାର ନିର୍ଭୁଲ ପ୍ରମାଣ, କେତେକ ସାକ୍ଷ ଦେଉଅଛୁ ।

୧ । ପାଟଣାର ମହାରାଜା ଦଳଗଞ୍ଜନ ସିଂହ ମହୋଦୟ ଲେଖିଅଛନ୍ତି:—

"ମହାଶୟଗଣ ! ମୋହର ପରିବାରସ୍ଥ ଏକ ବ୍ୟକ୍ତିର ଅତି କଠିନ ପୀଡ଼ାରେ ଡାକ୍ତର ସେନଙ୍କର ଇଲେକଟ୍ରୋ ଶାଳସାର ବହୁପ୍ରକାରର ଶୁଭଫଳ ଦର୍ଶନ କରି ମୁଁ ଡାକ୍ତର ସାହେବଙ୍କର ନିଜର ଗୁଣପ୍ରତି ଏତେ ପକ୍ଷପାତ ହୋଇଅଛି ଯେ, ଆପଣମାନଙ୍କର ପ୍ରସ୍ତୁତ ମହୌଷଧ ସେ ... ମାନବମଣ୍ଡଳୀର ମହୋପକାରୀ ଏ କଥା କହିବାକୁ ମୁଁ ଅଣୁମାତ୍ର ଦ୍ୱିଧା ବୋଧ କରୁ ନାହିଁ । ଆପଣମାନଙ୍କର ମହୌଷଧର ଗୁଣର ନିଦର୍ଶନ ସ୍ୱରୂପ ମୁଁ ଆପଣମାନଙ୍କୁ ଗୋଟିଏ ସ୍ୱର୍ଣ୍ଣପଦକ ଉପହାର ପ୍ରଦାନ କଲି । ଏହି ସାମାନ୍ୟ ଉପହାର ଆପଣମାନଙ୍କର ଅତୁଳନୀୟ ଓ ଅମୂଲ୍ୟ ଇଲେକଟ୍ରୋ-ଶାଳସାର ଗୁଣର ତୁଳନାରେ ଯେତେ ଅକିଞ୍ଚିତ୍କର ହେଲେ ବି ଏହା ମୋହର ଆନ୍ତରିକ କୃତଜ୍ଞତାର ନିଦର୍ଶନ ବୋଲି ଗ୍ରହଣ କଲେ କୃତାର୍ଥ ହେବି । ତା ୧୬।୧୦।୧୯୦୩"

୨ । ମହାମାନ୍ୟ ମହାରାଜା ସାର ସୁଢ଼ଳ ଦେଓ ବାମଣ୍ଡାରୁ ଲେଖିଅଛନ୍ତି :—
"* * * ମୁଁ ନିଃସନ୍ଦେହରୂପେ କହିପାରେ ଯେ "ଇଲେକଟ୍ରୋ-ସାଲିସା" ଉଚିତରୂପ ପରୀକ୍ଷା କରିବା ଓ ରକ୍ତଦୁଷ୍ଟିହେତୁ ବିବିଧ ରୋଗ ଆରୋଗ୍ୟ କରିବାପକ୍ଷରେ ସର୍ବୋତ୍କୃଷ୍ଟ ।"

୩ । ମହାମାନ୍ୟ ମହାରାଜା ଶୂରଚନ୍ଦ୍ର ଦେଓ ଢେଙ୍କାନାଳରୁ ଲେଖିଅଛନ୍ତି—
"* * * ବିଜ୍ଞାପନର ମୋତାବେକ ମତ "ଡ୍ୟାନଟନ" ଔଷଧ ମଗାଇଲି; ଉପକାର କେତେ ଦୂର ଥାଉ ଅନୁପକାର ହେଲା, ସେଥିରେ ପାପ ଅଛି ବୋଲି ଜଣାପଡ଼ିଲା । କିନ୍ତୁ ଆପଣମାନଙ୍କର ଇଲେକଟ୍ରୋ-ସାଲିସାର ଗୁଣ ମୁଁ କହିପାରିବି ନାହିଁ । ମୋତେ ଆଉରି ୩ ଡଜନ ପଠାଇଦେବେ ।"

୪ । ମହାମାନ୍ୟ ମହାରାଜା ବଳଭଦ୍ର ନର୍ଦ୍ଦଳ ଦେଓ ଖଡ଼ିଆଳରୁ ଲେଖିଅଛନ୍ତି—
"ରକ୍ତ ପରିଷ୍କାର କରି ବଳବୀର୍ଯ୍ୟ ବୃଦ୍ଧି କରିବାକୁ ଇଲେକଟ୍ରୋ-ସାଲିସାର କ୍ଷମତା ଅସୀମ ଅଟେ ।"

୫ । ଗୋପାଳପୁର ପ୍ରଦେଶାଧିପତି ମହାରାଜାଧିରାଜ ରଘୁନାଥ ଶାହ ଦେବଙ୍କର ମନ୍ତ୍ରୀ— ଅଣ-ଖାସ ବାହାଦୁର ଲେଖିଅଛନ୍ତି :—ଅନୁଗ୍ରହପୂର୍ବକ ଆଉରି ୩ ଶିଶି ଔଷଧ ଅମ୍ଭ ନିକଟକୁ ପଠାଇ ଦିଅନ୍ତୁ । ୨୫ ତାରିଖ ଜୁଲାଇ, ୧୯୦୩ ।

୬ । ଡାକ୍ତର କ, ଓୟାକାର (କର୍ଣ୍ଣେଲ) ଆଇ. ଏମ. ଏସ. ପ୍ରୋଫେସର ମେଡିକଲ କଲେଜ, ମାନ୍ଦ୍ରାଜଠାରୁ ଲେଖିଅଛନ୍ତି :—"ପାରା ଓ ଉପଦଂଶାଦିଜନିତ ରକ୍ତଦୁଷ୍ଟି ରୋଗରେ ଆପଣମାନଙ୍କର ଇଲେକଟ୍ରୋ-ସାଲସାର କ୍ରିୟା ଦେଖି ଅସୀମ ଆନନ୍ଦ ଲାଭ କରିଅଛୁ । ୧୩ ଜାନୁୟାରୀ, ୧୯୦୨ ।"

୭ । କଲିକତା ମେଡିକଲ ବୋର୍ଡର ପ୍ରେସିଡେଣ୍ଟ ରାୟବାହାଦୁର ସୂର୍ଯ୍ୟକୁମାର ସର୍ବାଧିକାରୀ ଡି. ଏମ. ସି. ଇ. ମହୋଦୟ ଲେଖିଅଛନ୍ତି :—"ରକ୍ତଦୁଷ୍ଟିଜାତ ହେତୋଃ ରୋଗୀଙ୍କୁ ଆପଣମାନଙ୍କର ଇଲେକଟ୍ରୋ-ସାଲସା ବ୍ୟବହାର କରାଇ ସନ୍ତୋଷଜନକ ଫଳ ପ୍ରାପ୍ତ ହୋଇଅଛୁ ।"

ଡାକ୍ତର ମେକର ସାହେବଙ୍କର

ହାଇଡ୍ରୋସିଲ-ଇଲିକ୍ସାର

ବା କୋଷବୃଦ୍ଧିର ଔଷଧ ।

ପ୍ରତିବର୍ଷ ୫ ହଜାରରୁ ଅଧିକ ରୋଗୀ ଆରୋଗ୍ୟ ଲାଭ କରୁଅଛନ୍ତି । ଅମ୍ଭେମାନେ ପ୍ରତିଜ୍ଞା କରି କହିପାରୁ, ଏହି ପ୍ରଲେପ ନିୟମିତରୂପେ କେବଳ ସପ୍ତାହ ବ୍ୟବହାର କଲେ ଏକଶିରା ବା କୋରଣ୍ଡ ଯେତେ ବଡ଼ ହଉ, ଯେତେ ପୁରାତନ ହେଉ ପଛକେ ନିଶ୍ଚୟ ଆରୋଗ୍ୟ ହେବ । ଯେଉଁମାନେ ଏହି କୁତ୍ସିତ ରୋଗ ଓ ତାହାର ବିବିଧ ଯନ୍ତ୍ରଣାଦାୟକ ଉପସର୍ଗାଦିରୁ ନିର୍ବିଘ୍ନରେ ବିନା ଯନ୍ତ୍ରଣାରେ ଅଥଚ ଗୋପନରେ ଆରୋଗ୍ୟ ଲାଭର ବାସନା କରନ୍ତି, ସେମାନେ ଏହି ମହୌଷଧ ପରୀକ୍ଷା କରି ଦେଖନ୍ତୁ । ପ୍ରଥମ ଦିନ ବ୍ୟବହାରରେ ଏହାର ଆଶ୍ଚର୍ଯ୍ୟ ଉପକାରିତା ବୁଝାଯାଏ । ତତ୍ପରେ କ୍ରମେ କ୍ରମେ ଆକାର ଓ ଗୁରୁତ୍ୱ କମି ଥାଏ । ଯେଉଁମାନେ ଅନେକ ଦେବା ହେତୁରେ ହତାଶ ହୋଇଅଛନ୍ତି, ସେମାନେ ଏହି ଔଷଧ ଦ୍ୱାରା ସମ୍ପୂର୍ଣ୍ଣ ନିର୍ଭର କରନ୍ତୁ । ବ୍ୟବହାରରେ ଜ୍ୱାଳା-ଯନ୍ତ୍ରଣା ବା କଷ୍ଟର ସମ୍ଭ୍ରମ ନାହିଁ । ମୂଲ୍ୟ ପ୍ରତି ଶିଶି ଟ ୧ ୫, ଡାକ ମାଶୁଲ ଏକତ୍ରରେ ଟ ୪ ୯ । ୬ ଶିଶି ଟ ୭ ଡାକରୁ ଟ ୧୪୯ ମାତ୍ର ଦେବେ ।

ଡାକ୍ତର ମେଜର ସାହେବଙ୍କର

ହେୟାର ଲାଇନ

କେଶର ପରିପୋଷଣ, ସଂବର୍ଦ୍ଧନ ଓ ଶିରଃପୀଡ଼ାନିବାରଣୀ ସୁଗନ୍ଧି କେଶତୈଳ ।

Dr. MAJOR'S HAIRLINE
FOR LUXURIANT LUSTROUS HAIR

କେତୋଟି ଭୈଷଜ୍ୟଗୁଣାନ୍ୱିତ ସଦ୍ୟ ପ୍ରସ୍ଫୁଟିତ, ସୁଗନ୍ଧଯୁକ୍ତ, ଅନାଘ୍ରାତ, ପୁଷ୍ପସାର, ବୈଜ୍ଞାନିକ ପ୍ରଣାଳୀରେ ଏକତ୍ରିତ କରି ବିଶୁଦ୍ଧ କେଶପୋଷକ ତୈଳର ସଂଯୋଗରେ ଏହି କେଶ ତୈଳ ପ୍ରସ୍ତୁତ ହୋଇଅଛି । ଆପଣ ଏହା ଲଗାଇବାକୁ ଆରମ୍ଭ କରନ୍ତୁ, ଅପୂର୍ବ ସୌରଭରେ ଗୃହଅଙ୍ଗ ମହକି ପଡ଼ିବ । ମସ୍ତିଷ୍କ ସ୍ନିଗ୍ଧ ଶୀତଳ ହେବ । ନିକଟସ୍ଥ ଲୋକେ ମନୋହର ସୁଗନ୍ଧରେ ମୁଗ୍ଧ ହେବେ । ଆପଣଙ୍କର ମନେ ହେବ ଯେପରି ପ୍ରସ୍ଫୁଟିତ ଫୁଲ-ବଗିଚାକୁ ଆସିଅଛୁ ।

"ହେୟାର-ଲାଇନ" ଲଗାଇ କେଶ ବିନ୍ୟାସ କଲେ ୨୪ ଘଣ୍ଟା ପର୍ଯ୍ୟନ୍ତ ଗନ୍ଧ ସମଭାବରେ ଥାଏ । ସ୍ନାନ ପରେ ଦେହରେ ଯେତେ ପବନ ଲାଗେ, ହେୟାର-ଲାଇନର ଗନ୍ଧ ସେତେ ବାହାରୁଥାଏ, ଯେପରି ସୌରଭର ଭଣ୍ଡାର ଖୋଲିଦିଏ । ଅତି ମୂଲ୍ୟବାନ୍ ଅତର ଓ ବିଦେଶୀୟ ମନୋହାରୀ ତୈଳ ପ୍ରଭୃତି ଏହାର ସୌରଭ ଓ ଗୁଣ ନିକଟରେ ପରାଜିତ ।

"ହେୟାର-ଲାଇନର" ରଙ୍ଗ ଅତି ମନୋହର, ସ୍ୱଭାବତଃ ଉଜ୍ଜ୍ୱଳ ଓ ସ୍ୱଚ୍ଛ । ଏଥି ନିମନ୍ତେ କେଶରେ ଅଠା ଧରେ ନାହିଁ ।

"ହେୟାର-ଲାଇନ" କେବଳ ସୌଖୀନ ଜିନିଷ ନୁହେ, ମୁଣ୍ଡବଥା, ମୁଣ୍ଡବୁଲା, ହିଷ୍ଟିରିଆ ପ୍ରଭୃତି ଶିରରୋଗର ମହୌଷଧ । ହସ୍ତ ପଦର ଜ୍ୱାଳା, ଗାତ୍ରଦାହ, ଛାତି ଧଡ଼ଧଡ଼ହେବା, ପ୍ରାଣର ଅସ୍ଥିରଭାବ, ସ୍ନାୟବିକ ଦୌର୍ବଲ୍ୟ, ଦୂରପଡ଼ିବା ପ୍ରାୟ ବୋଧହେବା, ଅନିଦ୍ରା, ଚିତ୍ତ-ଚାଞ୍ଚଲ୍ୟ ପ୍ରଭୃତି ଉପସର୍ଗ ଦୂରୀକରଣରେ ଏହା ତୁଲ୍ୟ ଆଶୁଫଳପ୍ରଦ ଔଷଧ ଆଉ ନାହିଁ ।

"ହେୟାର-ଲାଇନ" ବ୍ୟବହାରଦ୍ୱାରା କେଶ ଉପୁଡ଼ିବା ବନ୍ଦ ହୁଏ, କେଶର ମୂଳ ଶକ୍ତ ହୁଏ, କେଶ ପ୍ରଚୁର ପରିମାଣରେ ବଢ଼େ ଏବଂ କଳା ଓ ଚିକ୍କଣ ହୁଏ, ମସ୍ତିଷ୍କ ଥଣ୍ଡା ରହେ । ଅନେକ ଦିନ ବ୍ୟବହାର କଲେ ଟାକର ରୋଗ ନଷ୍ଟ ହୁଏ, ମୁଣ୍ଡର ରୂପୀ ପ୍ରଭୃତି ନଷ୍ଟ ହୁଏ; କେଶ ଘନ, କୋମଳ ଓ ସୁଦୀର୍ଘ ହୁଏ, ଦେହର ଦୁର୍ଗନ୍ଧ ଦୂର ହୁଏ, ଚର୍ମ କୋମଳ ଓ କାନ୍ତିଯୁକ୍ତ ହୁଏ, ମନର ସ୍ଥୈର୍ଯ୍ୟ ଧୈର୍ଯ୍ୟ ବଢ଼େ, ସ୍ମୃତିଶକ୍ତି ବୃଦ୍ଧି ହୁଏ ।

ମୂଲ୍ୟ ପ୍ରତି ଗୁଣ୍ଡ ଅର୍ଥାତ୍ ଶିଶି ଟ ୧୮, ୩, ୬, ୧୨ ଶିଶି କ୍ରମାନ୍ୱୟରେ ଟ ୫୫, ଟ ୧୦୫, ଟ ୨୦୮; ପ୍ୟାକିଂ ଓ ଡାକମାସୁଲ ସ୍ୱତନ୍ତ୍ର ।

ପ୍ରାପ୍ତିସ୍ଥାନ—ଡବ୍ଲିଉ, ମେଜର ଏଣ୍ଡ କୋଂ
ହେଡ୍ ଅଫିସ୍,—୧୨ ନମ୍ବର ୱେଲିଂଟନ ଷ୍ଟ୍ରିଟ, କଲିକତା ।

ପ୍ରଜାବନ୍ଧୁ

ବିବିଧ ବିଷୟକ ସାପ୍ତାହିକ ସମ୍ବାଦପତ୍ର । ଅଗ୍ରିମ ବାର୍ଷିକ ମୂଲ୍ୟ ଏକଟଙ୍କା ଆଠଅଣା ।

ସମ୍ପାଦକ—ଶ୍ରୀ ନୀଳମଣି ବିଦ୍ୟାରତ୍ନ । କାର୍ଯ୍ୟାଧ୍ୟକ୍ଷ—ଶ୍ରୀ ଜୟକୃଷ୍ଣ ଦାଶ ପଟ୍ଟନାୟକ ।

କାର୍ଯ୍ୟାଳୟ—ରମ୍ଭା, ରମ୍ଭା ପୋଃ, ଗଞ୍ଜାମ ।

(୧)

ଗଞ୍ଜାମ ଉପେନ୍ଦ୍ର ଏବଂ ବଳଭଦ୍ରର ପ୍ରସୂତି । ଏ ଦୃଷ୍ଟିରେ ଗଞ୍ଜାମ ଓଡ଼ିଶାର କେବଳ ଅଙ୍ଗ ନୁହେ, ଉତ୍ତମାଙ୍ଗ କହିଲେ ଅତ୍ୟୁକ୍ତି ହେବ ନାହିଁ । ଓଡ଼ିଶାର ଭାଗ୍ୟ ଦୋଷରୁ ସେହି ଗଞ୍ଜାମ ଓଡ଼ିଶାରୁ ଏକପ୍ରକାର ବିଚ୍ଛିନ୍ନ ହେବାରୁ ଓଡ଼ିଶା କେବଳ ବିକଳାଙ୍ଗ ନୁହେ ମୃତବତ୍ ହୋଇ ରହିଥିଲା । ଦେହରୁ ଉତ୍ତମାଙ୍ଗ ବିଚ୍ଛିନ୍ନପ୍ରାୟ ହେଲେ ଉତ୍ତମାଙ୍ଗର ଯେ ଦଶା ହୁଏ ଗଞ୍ଜାମ ମଧ୍ୟ ତଦବସ୍ଥ ହୋଇଥିଲା । ଏହି ଦୁର୍ଦ୍ଦଶାକର ମୂର୍ତ୍ତିମାନ ପ୍ରତୀକାର ସ୍ୱରୂପ ପ୍ରଜାବନ୍ଧୁର ଆବିର୍ଭାବ ହୋଇଅଛି । "ପ୍ରଜାବନ୍ଧୁ" ପ୍ରତ୍ୟେକ ଗଞ୍ଜାମବାସୀ, ପ୍ରତ୍ୟେକ ଉତ୍କଳବାସୀର ଆଦରର ସାମଗ୍ରୀ ।

ଶ୍ରୀ ରାଧାନାଥ ରାୟ ।

(୨)

ପ୍ରଜାବନ୍ଧୁ ପତ୍ରିକା ପ୍ରକାଶରେ ଜନ୍ମଭୂଖଣ୍ଡର ପ୍ରସ୍ପୃଶଃ ସୁବିଚାର, ସୁନୀତି ଓ ସୁକଳ୍ପ ସହକାରେ ଚାଳିତ ହେଉଅଛି । ସମ୍ପାଦକ ମହାଶୟ ପ୍ରବୀଣ ଲେଖକ ଏବଂ ଦେଶ-କାଳ-ପାତ୍ର-ମର୍ମଜ୍ଞ ଉଦ୍ଯୋଗୀ ପୁରୁଷ । ପତ୍ରିକା ଅଳ୍ପକାଳ ମଧ୍ୟରେ ଅନେକ ଗୁଣରେ କୃତବିଦ୍ୟ, ଲବ୍ଧପ୍ରତିଷ୍ଠ, ହିତୈଷୀ ସ୍ୱଦେଶୀଙ୍କର ସହାନୁଭୂତି ଲାଭକରି ଉତ୍କଳର ଶ୍ରେୟଃ ସାଧନ ବିଷୟରେ ଦୃଢ଼ନିଷ୍ଠ ହୋଇଥିବାର ଦେଖି ମୁଁ ଅତ୍ୟନ୍ତ ପ୍ରୀତ ହୋଇଅଛି ଏବଂ ତାହାର ମଙ୍ଗଳ କାମନା କରୁଅଛି ।

ଶ୍ରୀ ମଧୁସୂଦନ ରାଓ ।

(୩)

ବିଂଶ ଶତାବ୍ଦୀର ପ୍ରାରମ୍ଭରୁ ଉତ୍କଳର ଚିନ୍ତାଶୀଳ ବ୍ୟକ୍ତିମାନେ ଯେଉଁଭଳି ଖଣ୍ଡିଏ ଉତ୍କଳୀୟ ସମ୍ବାଦପତ୍ରର ଅଭାବ ଅନୁଭବ କରୁଥିଲେ ସେ ଅଭାବ ବହୁପରିମାଣରେ "ପ୍ରଜାବନ୍ଧୁ" ଦ୍ୱାରା ଅପସାରିତ ହୋଇଅଛି । ଏହି ଅଳ୍ପକାଳମଧ୍ୟରେ 'ପ୍ରଜାବନ୍ଧୁ'ର ପରିଚାଳନା ସମଗ୍ର ଉତ୍କଳଭାଷୀ ପ୍ରଦେଶରେ ଜୀବନୀଶକ୍ତି ସଞ୍ଚାର କରୁଥିବାର ଦେଖି ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ । ଆହୁରି ଆନନ୍ଦର ବିଷୟ ଏହି ଯେ ପ୍ରଜାବନ୍ଧୁ ପତ୍ରିକା ପାଇବା ନିମନ୍ତେ ଅନେକ ଗ୍ରାହକଙ୍କୁ ଉଦ୍‌ଗ୍ରୀବ ହେବାର ଦେଖାଯାଉଅଛି, ଏପରି କି ପତ୍ରିକା ପ୍ରାପ୍ତିର ନିର୍ଦ୍ଦିଷ୍ଟ ସମୟରୁ କିଞ୍ଚିତ ବିଳମ୍ବ ହେଲେ ଡାକଘର ପର୍ଯ୍ୟନ୍ତ ଲୋକ ଦଉଡ଼ି ଯିବାର ଦେଖାଯାଏ । ଆମ୍ଭେମାନେ ସାହସର ସହିତ କହିପାରୁଁ, ବର୍ତ୍ତମାନ ପର୍ଯ୍ୟନ୍ତ ଉତ୍କଳର କୌଣସି ସମ୍ବାଦପତ୍ର ସାଧାରଣ ପାଠକଙ୍କର ଏତେଦୂର ମନୋଯୋଗ ଆକର୍ଷଣ କରି ପାରି ନଥିଲା । "ପ୍ରଜାବନ୍ଧୁ" ନିଜନାମ ସାର୍ଥକ କରିଥିବାର ଉଦାହରଣ ଦେବାର ଅନାବଶ୍ୟକ । ଯେଉଁମାନେ ମନୋଯୋଗ ସହିତ ଉକ୍ତ ପତ୍ରିକା ପାଠ କରି ଅଛନ୍ତି ସେମାନଙ୍କୁ ପତ୍ରିକାର ଗୁଣ ଅବିଦିତ ନାହିଁ । ଆମ୍ଭେମାନେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛୁଁ ଯେ ଏହି ପତ୍ରିକା ଦୀର୍ଘଜୀବନ ଲାଭ କରି ପ୍ରାକୃତିକ ଓଡ଼ିଶାର ଘରେ ଘରେ ସମାଦୃତ ହେଉ ।

ବ୍ରାହ୍ମଣସମିତି, ପୁରୀ } ଶ୍ରୀ ସଦାଶିବ ମିଶ୍ର ଶର୍ମା, ସଭାପତି ।

(୪)

"ପ୍ରଜାବନ୍ଧୁ" ପାଇଁ ମୁଁ ପ୍ରତିଗୁରୁବାର ଡାକକୁ ଚାତକପରି ଚାହିଁ ବସିଥାଏ । ବିଚ୍ଛିନ୍ନ, ବିକଳାଙ୍ଗ, ଲାଞ୍ଛିତ, ପଦାହତ ଉତ୍କଳଖଣ୍ଡମାନଙ୍କର ସଂଯୋଗ ଲାଗି, ଗଞ୍ଜାମ ଜାତୀୟ ସମିତିର ଅନୁଷ୍ଠାନ ନିମିତ୍ତ, ଆଧୁନିକ ଉତ୍କଳର ଶ୍ରେଷ୍ଠ ପ୍ରତିଭା ଦରିଦ୍ର ଚନ୍ଦ୍ରଶେଖର ସିଂହ ସାମନ୍ତଙ୍କ ସାହାଯ୍ୟପାଇଁ ଏବଂ ଓଡ଼ିଆ ଜାତି ଓ ଓଡ଼ିଆ ଭାଷାର ଶ୍ରୀବୃଦ୍ଧି ସାଧନାର୍ଥ ଅନ୍ୟାନ୍ୟ କାର୍ଯ୍ୟ ନିମିତ୍ତ ବିବିଧ ଉପାୟମାନ ଅବଲମ୍ବନ ପୂର୍ବକ ତନ୍ନିମିତ୍ତ

ଅଛନ୍ତି । ଏହାଙ୍କ ସ୍ୱରରେ କୃତଜ୍ଞଥିବା ସକାଶ ମୁଁ ହୃଦୟରେ ଏହି ପତ୍ରିକାକୁ ଆଦର ଓ ସମ୍ମାନ କରେଁ ।

ଶ୍ରୀ ନନ୍ଦକିଶୋରବଳ (ବି. ଏ)

(୫)

ପ୍ରଜାବନ୍ଧୁର ବିଷୟ ନିର୍ବାଚନ, ଭାଷା, ଛପା, ଅକ୍ଷର ସୁନ୍ଦର । ଓଡ଼ିଆ ସମ୍ବାଦପତ୍ର ମଧ୍ୟରେ ପ୍ରଶଂସା ଲାଭିକା ଓ ସଜୀବ ପ୍ରଜାବନ୍ଧୁଙ୍କ ସ୍ୱାସ୍ଥ୍ୟ ଓ ମଙ୍ଗଳ-ଚାହେଁ । ପାଠକେ ଏହାଙ୍କ ଆଗମନ ପ୍ରତୀକ୍ଷାରେ ଅପ୍ରମତ୍ତରେ ଥାନ୍ତି, ଲାଭଦୃଷ୍ଟିରେ ଅର୍ଦ୍ଧାଧିକ କଲେବର ବିଜ୍ଞାପନରେ ପୂର୍ଣ୍ଣକରି ବାକିଅଂଶ "ଯେନ ତେନ ପ୍ରକାରେଣ" ପୂର୍ଣ୍ଣକରିବା ଦୋଷ ପ୍ରଜାବନ୍ଧୁର ନାହିଁ । ପ୍ରଜାବନ୍ଧୁ ଅଳ୍ପ ସମୟ ମଧ୍ୟରେ ଆଶାତୀତ ଉନ୍ନତି ଦେଖାଇ ଅଛି । ସମ୍ପାଦକଙ୍କର ଉଦ୍ୟମ, ଅଧ୍ୟବସାୟ ଓ ଦକ୍ଷତା ସର୍ବଥା ପ୍ରଶଂସାର୍ହ । ଯଦି କୌଣସି କାଳରେ ସମସ୍ତ ଓଡ଼ିଆଭାଷୀ ପ୍ରଦେଶ ଏକତ୍ରିତ ହୁଏ ତେବେ ପ୍ରଜାବନ୍ଧୁର ସମ୍ପାଦକଙ୍କ ତାହାର ପ୍ରଧାନ କର୍ତ୍ତା ବୋଲି ନିଃସନ୍ଦେହ ବିବେଚିତ ହେବେ । ଈଶ୍ୱର ସମ୍ପାଦକଙ୍କ ଏପରି ବଳ ଦେବେ ଯେ ତାହାଙ୍କ ସମ୍ପାଦିତ ପତ୍ରିକା ଏହା ବଙ୍ଗୀୟ ସମ୍ବାଦପତ୍ରର ସ୍ଥାନ ଅଧିକାର କରିବ । ଏହା ରାଜା ପ୍ରଜାଙ୍କ ପ୍ରୀତି—ବିଶ୍ୱାସ-ଭାଜନ ହେଉ । ଶ୍ରୀ ଶ୍ୟାମସୁନ୍ଦର ନନ୍ଦ ।

(ନରସିଂହପୁର ରାଜାଙ୍କ ଶିକ୍ଷକ)

(୬)

* ପ୍ରଜାବନ୍ଧୁକୁ ମୁଁ ଅତ୍ୟନ୍ତ ଆଗ୍ରହର ସହିତ ପଢ଼ିଥାଏ, ଆପଣଙ୍କ (ସମ୍ପାଦକଙ୍କ) ଯତ୍ନ ଓ ପ୍ରତିଭା ଏକ ସମୟରେ 'ହିତୈଷିଣୀ'କୁ କଣ କରିନଥିଲା ? 'ପ୍ରଜାବନ୍ଧୁ' ମୋ ବିବେଚନାରେ ତତୋଧିକ ହୋଇଅଛି । * * *

ଶ୍ରୀ ସୁଦାମଚରଣ ନାୟକ ।

(୭)

'ପ୍ରଜାବନ୍ଧୁ' କାଗଜଟି ପ୍ରକୃତରେ ପ୍ରଜାବନ୍ଧୁ ହୋଇଅଛି । ଓଡ଼ିଆଭାଷାରେ ମୁଦ୍ରିତ ସମ୍ବାଦପତ୍ରମାନଙ୍କ ମଧ୍ୟରୁ ଏହି ପତ୍ରିକା ଖଣ୍ଡିକ ପାଠକମାନେ ଅତ୍ୟାଦରପୂର୍ବକ ପାଠ କରିଥାନ୍ତି । ଏହା ଆକୃତିରେ କନିଷ୍ଠ ହେଲେହେଁ ପ୍ରାବନ୍ଧରେ ନିତାନ୍ତ ଗରିଷ୍ଠ ଅଟେ । ଲଳିତ ମୃଦୁ ଓ ସକଳ ଲୋକ ବିଷୟମାନ ଏକାଧାରରେ ସନ୍ନିବିଷ୍ଟ ଥିବାରୁ ପାଠକମାନେ ଆମୂଳ ପାଠ ନକରି ଛାଡ଼ନ୍ତି ନାହିଁ । ଏ ଅଞ୍ଚଳର ଲୋକମାନଙ୍କପାଖେ ପ୍ରଜାବନ୍ଧୁ ସୁପରିଚିତ । ଏ ପ୍ରକାର କଳ୍ପତରୁ ପତ୍ରିକାର ଦୀର୍ଘାୟୁ କାମନା କରିବା ପ୍ରତ୍ୟେକ ବ୍ୟକ୍ତିର ଉଚିତ ଅଟେ । ଶ୍ରୀ ଦାଶରଥି ପାଣିଗ୍ରାହୀ [ବି. ଏ

ହେଡମାଷ୍ଟର ମଡ଼େଲ୍ ହାଇସ୍କୁଲ

ସମ୍ବଲପୁର ।

(୮)

ସମ୍ବାଦପତ୍ରର କର୍ତ୍ତବ୍ୟ ସର୍ବସାଧାରଣର ଶ୍ରେୟ ସାଧନ । ନିରପେକ୍ଷତା ଏହାର ଧର୍ମ । ସଭ୍ୟ ଦେଶରେ ସମ୍ବାଦପତ୍ର ୪ ର୍ଥ ଶକ୍ତି ବୋଲି ପରିଗଣିତ ହୁଏ ଉତ୍କଳରେ ଏକା ଉତ୍କଳଦୀପିକା ଶକ୍ତ୍ୟାନୁସାରେ ଉକ୍ତ ଶକ୍ତି ରକ୍ଷା କରି ଆସୁଅଛି । ଏବେ ପ୍ରଜାବନ୍ଧୁ ପ୍ରଭାତତାରା ରୂପେ ଉତ୍କଳ ସାହିତ୍ୟାକାଶରେ ପ୍ରତିଭାତ ହୋଇ ସୁପ୍ରଭାତର ସୂଚନା କରୁଅଛି । ଏହାର ଉଦୟ ହେତୁ ଶୁଭଦିନର ଆଶାରେ କିଏ ଖୁସୀ ନ ହେବ ? ବଙ୍ଗାଳି ସମ୍ବାଦପତ୍ର ପାଠର ଅଭାବ ପ୍ରଜାବନ୍ଧୁ ଊଣା କରିଅଛି ପ୍ରଶଂସାର ବିଷୟ । ଆମ୍ଭେମାନେ ପ୍ରଜାବନ୍ଧୁର ଦୀର୍ଘଜୀବନ କାମନା କରୁଁ । ଶ୍ରୀ ଭୋଳାନାଥ ସାମନ୍ତରାୟ ।

ଫଲକୋର୍ଟ ଇଷ୍ଟେଟ୍ ପ୍ରେସରେ ନିମ୍ନୋକ୍ତ ପୁସ୍ତକମାନ ବିକ୍ରୟାର୍ଥେ ଜମାଅଛି । ଡାକମାଶୁଲ ପୃଥକ୍ ।

ପଦ୍ମମାଳ	ଟ ୦/
ସନ୍ଧ୍ୟା-ପ୍ରଦୀପ	ଟ ୦/୬
ଯଜ୍ଞୋପବୀତ ମନ୍ତ୍ର	ଟ ୦(୯
ପ୍ରାତଃସ୍ମରଣ	ଟ ୦/
ପ୍ରବାଦ ପୁଷ୍ପାଞ୍ଜଳି	ଟ ୦/୬
ଜାତୀୟ ଗୀତ	ଟ ୦/୬
ଉତ୍କଳ ଜାତୀୟଗୀତ ...	ଟ ୦(୯
ନାରିକେଳ ଗୁପ	ଟ ୦(୬
ସମ୍ରାଟ ଚରିତ	ଟ ୦/
ନୀତିପତାକା ୧ ମ	ଟ ୦/
ନୀତିପତାକା ୨ ୟ ...	ଟ ୦/
ରାମ ସହସ୍ର ନାମ ...	ଟ ୦/
ସୁବର୍ଣ୍ଣରେଖା	ଟ ୦/
ପରମାର୍ଥପ୍ରବନ୍ଧ	ଟ ୦/

ଏତଦ୍ଭିନ୍ନ ଆଉ ଅନେକ ପୁସ୍ତକ ଅଛି ।

ଶ୍ରୀ ନୀଳମଣି ବିଦ୍ୟାରତ୍ନ ।

ମେନେଜର—ଫଲକୋର୍ଟ ଇଷ୍ଟେଟ୍ ପ୍ରେସ ।

ଉତ୍କଳ ସାହିତ୍ୟ ।

ଧନଞ୍ଜୟ ଭଞ୍ଜ ।

(ରଘୁନାଥବିଳାସ-ରଚୟିତା)

ପ୍ରାଚୀନ କାଳରେ ଓଡ଼ିଆ ଭାଷାପ୍ରତି ଓଡ଼ିଆ ରାଜାମାନଙ୍କର ଯେଉଁ ଆଦର ଥିଲା ତାହା ଆଜି-କାଲି ସ୍ମରଣ କଲାମାତ୍ରେ ମନରେ ଘୋର ଦୁଃଖ ଜାତ ହୁଏ । କେହି କେହି ପଣ୍ଡିତମାନଙ୍କୁ ନିଜ ଆଶ୍ରୟରେ ରଖି, ଉତ୍ସାହ ପ୍ରଦାନ କରି, ଓଡ଼ିଆ ଭାଷାରେ ନାନାଦି ଗ୍ରନ୍ଥ ଲେଖାଉଥିଲେ । କେହି କେହି ଏତିକିରେ ତୃପ୍ତ ନ ହୋଇ, ରାଜ୍ୟଶାସନ ପରିତ୍ୟାଗପୂର୍ବକ ନିଜେ ସାହିତ୍ୟକ୍ଷେତ୍ରରେ ଦଣ୍ଡାୟମାନ ହୋଇ ଗ୍ରନ୍ଥ ରଚନା କରି ମାତୃଭାଷାର ପୁଷ୍ଟିସାଧନ କରୁଥିଲେ । ପ୍ରାଚୀନ ଓଡ଼ିଆ ଗ୍ରନ୍ଥ ସବୁ ଉଦ୍ଘାଟନ କରି ଦେଖିଲେ ଏହା କେତେଦୂର ସତ୍ୟ ସହଜରେ ଜଣାଯିବ । ଏହି ରାଜାମାନଙ୍କ ମଧ୍ୟରେ ଧନଞ୍ଜୟ ଭଞ୍ଜ ଜଣେ । ଧନଞ୍ଜୟ ଭଞ୍ଜ ଗଞ୍ଜାମ ଜିଲ୍ଲାନ୍ତର୍ଗତ ଘୁମୁସର ତାଲୁକାର ରାଜା ଥିଲେ । ଏ ଗୋପୀନାଥ ଭଞ୍ଜଙ୍କ ପୁତ୍ର ଓ ସୁବିଖ୍ୟାତ କବି ଉପେନ୍ଦ୍ର ଭଞ୍ଜଙ୍କର ପିତାମହ । ଉପେନ୍ଦ୍ର ଭଞ୍ଜ ଲେଖିଅଛନ୍ତି :—

ବଣିଷ୍ଣୁ ବଣି ସୁପାଳକା ।
ଶ୍ରୀରାମେ ଦତ୍ତ ରାଜଟୀକା ॥
ସେ କୁଳେ ରାଜା ଧନଞ୍ଜୟ ।
ସମସ୍ତ ଗୁଣର ଆଳୟ ॥
ତଦ୍‌ବତ ତାହାଙ୍କ ତନୁଜ ।
ନରେଶ ନୀଳକଣ୍ଠ ଭଞ୍ଜ ॥
ତାହାଙ୍କ ଜ୍ୟେଷ୍ଠ ସୁତ ମୁହିଁ ।
ଉପେନ୍ଦ୍ର ଭଞ୍ଜ ନାମ ବହି ॥

—ଲାବଣ୍ୟବତୀ ।

କୁନେନ୍ଦୁ କାନ୍ତି କୀର୍ତ୍ତି ରଣରଣ ଛାନ୍ତି ।
ରଣେଶ୍ୱର ରଣଭଞ୍ଜ ନୃପତି ॥
କୃଶାନୁତେଜ ତାଙ୍କ ତନୁଜ ।
କୃତରୁ ପ୍ରତାପ ପ୍ରତାପଭଞ୍ଜ ॥
କନିଷ୍ଠ ସୁତ ତାଙ୍କ ଭୂଜୁତ ।
କବି ଗୋପୀନାଥ ନାମ ବହଇ ॥
ତବ ନୃପବର ତାଙ୍କ କୁମର ।
ସେହି ଧନଞ୍ଜୟ ନାମ ତାହାର ।
ଭାଗ୍ୟଧାଚନ୍ଦ୍ର ତାଙ୍କ ସୁତ ।
ନୃପଶ୍ରୀ ନୀଳକଣ୍ଠ ଭଞ୍ଜ ସତ ॥

—ରସପଞ୍ଚକ

କବି ସଂସ୍କୃତ ଭାଷାରେ ଉତ୍ତମ ବ୍ୟୁତ୍ପତ୍ତି ଲାଭ କରିଥିଲେ, ଏହା ତାହାଙ୍କ ଗ୍ରନ୍ଥ 'ରଘୁନାଥବିଳାସ' ଦ୍ୱାରା ସେ ପ୍ରମାଣ କରାଇ ଦେଇଅଛନ୍ତି । ଏତଦ୍‌ଭିନ୍ନ ସଙ୍ଗୀତ ଓ ସାହିତ୍ୟରେ ମଧ୍ୟ ସେ ବିଶେଷ ପାରଗ ଥିଲେ । ଖଣ୍ଡିଏ ହସ୍ତଲିଖିତ ଘୁମୁସର ଭଞ୍ଜବଂଶାନୁଚରିତରେ ଲେଖା ଅଛି:—

ଏହାଙ୍କର ପୁତ୍ର ନାମ ଧନଞ୍ଜୟେ ।
ସମସ୍ତ ଗୁଣରେ ଅଟନ୍ତି ନିପୁଣ ଏ ॥
ସଙ୍ଗୀତ ସାହିତ୍ୟ କବିତା ରଚନ ।
ରଘୁନାଥବିଳାସ ପୁସ୍ତକ ବିଦ୍ୟମାନ ॥
ବକ୍ତା ଦାନୀ ଧର୍ମିଷ୍ଠ ଗୁଣରେ ନିପୁଣ ।
ଧନଞ୍ଜୟପୁର ନାମେ ଶାସନ ଦାନ ॥
ବଳଅରପଣେ ଅଟନ୍ତି ଚତୁର ।
ଛପ୍ପନଶ ବରଷ ହେଲେ ଏ ନୃପବର ॥

ଉପରୋକ୍ତ ଅଂଶରୁ ଜଣାଯାଏ, କବି ୪୬

ବର୍ଷ ରାଜତ୍ୱ କରିଥିଲେ । ସିଂହାସନାରୂଢ଼ ହେଲାବେଳକୁ ତାହାଙ୍କ ବୟସ ୨୫ ରୁ ଊଣା ହୋଇ ନ ଥିବ । ତାହାହେଲେ ପ୍ରାୟ ୭୧ ବର୍ଷ ବୟସରେ ମାନବଲୀଳା ସମ୍ବରଣ କରିଥିବେ । ପୌତ୍ର ଉପେନ୍ଦ୍ରଭଞ୍ଜ ଓଡ଼ିଶାରାଜା ଦିବ୍ୟସିଂହ ଦେବଙ୍କ ସମସାମୟିକ ଲୋକ; ଅତଏବ ତାହାଙ୍କ ୧୦୦ ବର୍ଷ ପୂର୍ବେ ତାଙ୍କ ପିତାମହ ଧନଞ୍ଜୟଭଞ୍ଜଙ୍କ ଜନ୍ମକାଳ ନିରୂପଣ କଲେ ଅନ୍ୟାୟ ହେବ ନାହିଁ । ମୃତ୍ୟୁଞ୍ଜୟର ଭଞ୍ଜବଂଶାନୁଚରିତରେ ଲେଖା ଅଛି :—

ଏଥି ଅନ୍ତରେ ଶ୍ରୀଓଡ଼ିଶା ଦେଶର ।
ଶ୍ରୀରାମଚନ୍ଦ୍ର ଦେବ ମହାରାଜାଙ୍କର ॥
ପାଟମହାଦେଈ ପଳାଇ ଆସିଲେ ।
ଲୁନିବର ଘୁମୁସର ରାଜ୍ୟେ ରହିଲେ ॥
ଏହିଠାରେ ଶ୍ରୀବୀରକେଶର ଜନ୍ମ ।
ନୃସିଂହପୁରଠାରେ ଠାକୁ କର୍ତ୍ତନ (?) ॥
ଧନଭଞ୍ଜ ରାଜାଙ୍କ ସାହାଯ୍ୟରୁ ହିତ ।
ଯେବେ ରାଜା ହେଲେ ଶ୍ରୀବୀରକେଶରୀ ॥
ଖଣ୍ଡିଆଡ଼ର ପୁର ନାମେ ଶାସନ ଦାନ ।
ଘୁମୁସର ରାଜ୍ୟରେ କଲେକ ସ୍ଥାପନ ॥
ଧନଭଞ୍ଜଙ୍କୁ ଦେଲେ ଛନ୍ଦିବର ପଦ ।
ଓଡ଼ିଶାର ରାଜା ହେଲେ ବହିଣ ଅନନ୍ତ ॥

ଧନଞ୍ଜୟ ଭଞ୍ଜ ଘନଭଞ୍ଜଙ୍କର ଚତୁର୍ଥ ପୁରୁଷ (ଧନଞ୍ଜୟଭଞ୍ଜ ୪୭ ବର୍ଷ, ନୀଳକଣ୍ଠ ଭଞ୍ଜ ୨ ବର୍ଷ, ରଣଭଞ୍ଜ ୪ ବର୍ଷ, ଘନଭଞ୍ଜ ୩୮ ବର୍ଷ) । ବୀରକେଶରୀଦେବଙ୍କ କଥା ଯଦି ସତ୍ୟ ହୋଇଥାଏ, ତେବେ ଧନଞ୍ଜୟଭଞ୍ଜ ସପ୍ତଦଶ ଶତାବ୍ଦୀର ପ୍ରାରମ୍ଭରେ (୧୯୦୩—୨୫+୪୭+୨+୪+୩୮) ଜନ୍ମଗ୍ରହଣ କରିଥିବେ ।

ପ୍ରାଚୀନକାଳର ଓଡ଼ିଆ ଭାଷା ଜାତକ ଭାଷା, କୈବର୍ତ୍ତଗୀତାଗ୍ରନ୍ଥି । ପରବର୍ତ୍ତୀ ଭାଷା ସମ୍ଭା-ନିକାରେ ବହୁଚିତ, ଅତଏବ ସାହିତ୍ୟପାଠକ; ସନ୍ଦେହ ନ କରି ବହିଲେ ମଧ୍ୟ ଅଯୁକ୍ତି ହେବ ନାହିଁ । ଧନଞ୍ଜୟଭଞ୍ଜ ଏ ଦୁଇ ଯୁଗର ମଧ୍ୟବର୍ତ୍ତୀ । ଏହାଙ୍କ ରଘୁନାଥବିଳାସରେ ପ୍ରାଚୀନ କବିମାନଙ୍କର ସରଳତା ଓ ଜଟିଳତା ଅଛି ଏବଂ ପରବର୍ତ୍ତୀ କବିମାନଙ୍କର ଶବ୍ଦାଡ଼ମ୍ବର ଓ ପାଣ୍ଡିତ୍ୟ ମଧ୍ୟ ଲକ୍ଷିତ ହୁଏ । ନମୁନାସ୍ୱରୂପ ରଘୁନାଥ-ବିଳାସରୁ କେତେକାଂଶ ନିମ୍ନରେ ଉଦ୍ଧୃତ ହେଲା ।—

(କ)

ବିଭୀଷଣ ରାମ ବୋଲି ବୋଇଲା ବଚନ ।
ଶୀଘ୍ର କର୍ଣ୍ଣରେ ସେ ପ୍ରବେଶ ହେଲା ସ୍ୱନ ଯେ ॥
ଛଟିକର ଚତୁର୍ଦିଗ ଅନାଇ ବୋଇଲା ।
ମନର ପ୍ରାଣୀକ ହେତୁ ଜୀବଦାନ କଲା ଯେ ॥
ଦଶେନ୍ଦ୍ର ବାସ୍ପେନ୍ଦ୍ର ହେତୁ ହେଲ କୋଟିକୀୟ ।
ଦଶରଥନନ୍ଦନରେ କ ଅମାପୁ ଚିହ୍ନ ନ ବାର ଯେ ॥
ଯେ କହିଲା ରାମ ନାମ ଅହି ବୋଲୁ ଯେତୁ ।
ଦେବତା କ ଅଛ ହେତୁ ପ୍ରତ୍ୟକ୍ଷ ଯେ
ହେଉ ହେ ॥

(ଖ)

ଅସ୍ତ୍ର ପ୍ରହାରେ ଲୁଚିଲା ମିହିର ।
ବଇତ୍ରାପ୍ରାପ୍ତେ ପଡ଼େ ଶରଧାର ॥
ଦେଖି କୋପ କଲା ପବନସୁତ ।
ସ୍ତମ୍ଭ ବୃକ୍ଷ ପିଟିଲା ତୁରିତ ॥
ରାକ୍ଷସର ସୈନ୍ୟ । କମ୍ପିଯାଉଥିଲା କଦଳୀ ନ୍ୟାୟନ ॥

* * *

ରଥ ଉପରେ ଭଗ୍ନତା ରଥ ।
ଗଜକୁ ଧରି ଗଜ କଲା ଓଥ ॥
ହସ୍ତ ପରେ ହସ୍ତ କଲା ପ୍ରହାର ।
ସାଗର ଯେସନ ମନ୍ଥନ ମନ୍ଦର ॥
ପଡ଼ନ୍ତ ଭିତରେ । ସକଳ ସୈନ୍ୟ ଯେତେ ଯମପୁରରେ

(ଗ)

ସରଳ ସରଳହୃଦୟା ଦେଖରେ ସୁରଭି ସୁରଭି
ଶୋଭନ ।
ଦେଖରେ ମୟୂର ମୟୂରଙ୍କ ମୂଳେ ଝୁରୁଝରୁ
ବଚନ ଭଙ୍ଗନ ॥
ଅଗୋ ସଜନି । ସଜ ନିଦ୍ୟ ହୁଏ ଏଥେ କାମ ।
ଭ୍ରମର ଭ୍ରମର ଶୋଭା ଦେଖ ଏବେ ସୁନାସି
ସୁନାସି ସମ ॥

* * *

କୁମୁଦ କୁମୁଦ ମୋଦକାରୀ ନାମ ମୂର୍ତ୍ତି ।
ସୁଗ୍ରୀବ ସୁଗ୍ରୀବଠାରେ ବଦତ ଯା କୀର୍ତ୍ତି ଯେ ॥
ସୁଲକ୍ଷଣ ଲକ୍ଷଣ ଯାହାର ଅନୁଚର ।
ଶୁଭବନ୍ତ ଭରତ ଯାହାର ସୋଦର ॥
ଶତ୍ରୁଘନ ଶତ୍ରୁଘନ ଯାର ଅଜ୍ଞାକାରୀ ।
ଅପୂର୍ବ ଅପୂର ନାରୀ ଅଯୋଧ୍ୟା ବିହାରୀ ଯେ ॥

* * *

ତାଷ ଦଶଦିଗ କୀର୍ତ୍ତି ଯାହାର ସେ ରାମ ସବୁଁ ସାର ।
ସାରଙ୍ଗଧର ସମ୍ପୂର୍ଣ୍ଣକଳାରୂପରେ ଅବତାର ॥
ତାର ଉପରେ ପଞ୍ଚାଶ ଛନ୍ଦ ହୋଇଲା ସମାପତ ।
ପଢ଼ନ୍ତକ ଯାବନ୍ତ ପାଦେ ଭଣେ ଭଞ୍ଜ ନୃପତି ॥

(କ) ଚିହ୍ନିତାଂଶ ଯେତେ ସରସ ଓ (ଖ) ଚିହ୍ନିତାଂଶ ଯେତେ ଉତ୍କୃଷ୍ଟ ଭାବବ୍ୟଞ୍ଜକ (ଗ) ଚିହ୍ନିତ ପଦଗୁଡିକ ସେତେ ରସହୀନ ଓ ନିର୍ଜୀବ । ଏଥିଦ୍ୱାରା କବି ଯେ କେବଳ ଆପଣାର ପାଣ୍ଡିତ୍ୟ ଦେଖାଉଅଛନ୍ତି ଏମନ୍ତ ନୁହେ, ଲଘୁ ଭଙ୍ଗୀପ୍ରିୟ-ଯୁଗର ସୂତ୍ରପାତ କରି ଦେଉଅଛନ୍ତି ।

କବି ମୂଳ ରାମାୟଣର ବିଷୟ ଅପେକ୍ଷା ବର୍ଣ୍ଣନା ପ୍ରତି ବିଶେଷ ଲକ୍ଷ ରଖିଥିଲା ପରି ବୋଧହୁଏ । ରଘୁନାଥବିଳାସ ସବୁ ପଞ୍ଚାଶ ଛନ୍ଦ; ଏଥିରୁ ମୋଟରେ ଦଶ ଛନ୍ଦ ଋଷିଆଶ୍ରମ, ସୀତାଙ୍କ ବେଶ ଓ ସୌନ୍ଦର୍ଯ୍ୟ, ଚିତ୍ରକୂଟ ପର୍ବତ, ଲଙ୍କାପୁର, ମଧୁବନ, ସାୟଂକାଳ, ପ୍ରାତଃକାଳ ଇତ୍ୟାଦି ବର୍ଣ୍ଣନାରେ ଯାଇଅଛି । ଏହି ବର୍ଣ୍ଣନାଗୁଡିକ ଅପେକ୍ଷାକୃତ ଦୀର୍ଘ ହେଲେ ସୁଦ୍ଧା କ୍ଲାନ୍ତିକର ନୁହେ; ନାନାବିଧ ସମୁଚିତ ଅଳଙ୍କାରରେ ମଣ୍ଡିତ ହୋଇଥିଲେ ସୁଦ୍ଧା ଭାବର କୌଣସି ହାନି ଲକ୍ଷିତ ହୁଏ ନାହିଁ ।

ସୀତାଙ୍କ ବର୍ଣ୍ଣନା ଦେଖନ୍ତୁ:—

ଧନ୍ୟ ରମଣୀ କୁଟିଳବେଣୀ ନିନ୍ଦେ ଭ୍ରମରଶ୍ରେଣୀ ।
କି ଅବା କାମଦେବର ରମ୍ୟ ନୀଳକେତନ ଜାଣି ॥
କି ଅବା ମୁଖଚନ୍ଦ୍ରରୁ ଗ୍ରାସି ରହିଛି ଘୋର ତମ ।
ରେଖେଣ ପୃଷ୍ଠ ଲମ୍ବିଅଛି ଦଣ୍ଡର ଅନୁପମ ॥
କି ଅବା ନୀଳ ପଦ୍ମ ଅଗ୍ରରେ ଅଛି ରଜନୀ ରହି ।
ତାହା ସହଚରୀର ପାଟଣ ନ ଥିବ କହାଯାଇ ।
କି ଅବା ସୁନାକେଶରଜତ ଅମୃତଧାରା ମେଘ ।
କି ଅବା ସୁଚାରୁଚନ୍ଦ୍ରନ କାମଦେବର ବନ୍ଧୁ ॥
କି ଅବା ଉଡୁନାଥରଥର ନୀଳ ଚାମର ଶୋଭା !
ଦେଖିଲେ ହର ହାରିବ ଧୃତି ଜଗତଜନଲୋଭା ॥
କି ସେ କାଳିନ୍ଦୀବରଙ୍ଗ ଶ୍ରେଣୀ ପ୍ରାତ୍ୟୟିକ
ସଂସାରର ।
ସୀମନ୍ତେ ଶୋଭା ସିନ୍ଦୂର ରଞ୍ଜିତା କି ପାଶେ
ତାର ।
କିବା ଅଞ୍ଜନାଚଳନନ୍ଦନ ଉଦୟ ବାହାର ରବି ।
କି ନୀଳମଣି ଭୂମିରେ ଶୋଭେ ମାଣିକ୍ୟ ରଶ୍ମି ଛବି ॥
ଶିରେ ଶୋଭିତ ନାଗମଣି ବଦନ ମାରନ୍ତି ।
କି ଭାଳପଟରେ ସାଜିଛି ମଦନ ଫୁଲକାଣ୍ଡ ॥
ନୀଳ କୁଟିଳ ଚୂର୍ଣ୍ଣକୁନ୍ତଳ ଭାଳପାରଶେ ଯାକେ ।
କି ଭୃଙ୍ଗଗଣ କାମ ଚୋଦନ୍ତେ ଜଗତଜୟ ସଙ୍ଗେ ।
କିବା ଲଲାଟପଟ ସୁନ୍ଦର ଅଷ୍ଟମୀ ଚନ୍ଦ୍ରନିଧି ।
ଭ୍ରୂଲତା ଅର୍ଦ୍ଧଚନ୍ଦ୍ରକି ଶୋଭେ ରଚି ସୁନ୍ଦର ବିଧି ।
କପୋଳ ପାଳି ଅତି ମଞ୍ଜୁଳ କି କାମଦେବ ଘର ।
କିବା ମୁକୁରଦ୍ୱୟ ମାଜିଣ ହୋଇଲା ଗୋଳକାର ॥

* * * *

ପ୍ରାତଃକାଳ ବର୍ଣ୍ଣନା ମଧ୍ୟ ଦେଖନ୍ତୁ:—

* * *

ଦରମୁକୁଳିତ କୁମୁଦକୁଳ ଚେତି ଭ୍ରମର ।
ନଳିନୀ ନଳିନ ବିକାଶେ ହୋଇ ଅତି ସତ୍ୱର ॥
କମଳିନୀ ଚିତ୍ତ ଅନନ୍ଦେ ହେଲା ଏଣୁ ବନ୍ଧୁର ।
ଯେଣୁ କମଳବ ଲୋଚନ କରେ ଚଳି ଗା ଦୂର ॥
ଦିବା-କାନ୍ତାକୁ ଅଳିଙ୍ଗନ କରେ ସତ୍ତ୍ୱରରେ ।
ଦେଖିଲା ଶଶୀ ପଶିଲା ଅସ୍ତଗିରି ଗହ୍ୱରେ ॥
କୁମୁଦନିର ଶିରେ ପାଦ ଅତି କ୍ରୋଧରେ ଦେଇ ।
ଉଷ୍ଣ ଭ୍ରମର ହୁଙ୍କାର ବାଣୀ ମନେ ଦ ଘେନି ।
ଦୀନୀବର-ଲତା-ବାନେନ ଶୁଣ ମାଳ-କିଦ୍ଧି ।
କରେ କି ଯଶ ଅବରୋଣ ରବି କୁମୁର ଯନ୍ତ ॥
ଏସନ ଦେଖି ଭସ୍ମ ଯାଉ ତମ ଜଳରେ ଯନ୍ତ ।
କି ଅବା ହୁଳାଭିଳ ହୋଇ ନିଜାଙ୍ଗର ରହିଲା ।
କିବା ତମ-ତସ୍କର ହେବାର ଚଲା ବରିରେ ଦ୍ଧି ।

ଉଦୟ ଅଚଳ ଦଶାରୁ ଅତି ଶେଷ ପ୍ରସାର ॥
ଛେଣ୍ଟାର ଅତି ଲୋହିତ ତାର ଶୋଣିତ କଏ ।
ମୃଗ ଭୟେ ମୃଗ-ଲାଞ୍ଛନ ଗଲା ଅତି ସଭୟେ ॥
ଦବ୍ୟମତୀ ଦନସ୍ଥଳୀ କ ପ୍ରାଚୀନାରୀ ଶିରର ।
କେବା ଉଦୟାଚଳ ଶିର ଜବାକୁସୁମ ଧାର ॥
କେବା ସୁରଗଜ ମସ୍ତକରୁ ଏହୁ ହଳଦ ଛନ୍ଦ ।
ଏ କ ଭୁବନ ଫଳକ ଦଶେ ଅତି ବିଚିତ୍ର ॥

* * *

ବଳରାମ ଦାସଙ୍କ ରାମାୟଣରେ ଯେପରି ଦ୍ୱିତୀୟା ବହୁବଚନରେ 'ନ୍ତ' ଓ ଷଷ୍ଠ୍ୟର୍ଥରେ କ୍ରିୟାରେ 'ର' ବ୍ୟବହୃତ ହୋଇଅଛି, ଧନଞ୍ଜୟ ଭଞ୍ଜଙ୍କ ରଘୁନାଥବିଳାସରେ ସ୍ଥାନେ ସ୍ଥାନେ ସେହିପରି ପ୍ରୟୋଗ ଦେଖାଯାଏ, ଯଥା:—

ଶୁଣି ଅନେକ ବଣ୍ଣାମିନ୍ତ ଋଷିଗଣନ୍ତ ବର ।
କରନ୍ତି ଯାଗବଧାନ ତହିଁ ବେଦଧ୍ୱନି ବିସ୍ତାର ॥

ଭ୍ରମର ଲୀଳା ଚିତ୍ତକୁ ହରିଲ ମୋ ମନ ।
ଅଳ୍ପ ଦିଅ ଭ୍ରମେ ମୋତେ ଜାନକୀରମଣ ହେ ॥

ଅନେକଠାରେ ଦ୍ୱିତୀୟା ଏକବଚନରେ 'ରେ' ବ୍ୟବହୃତ ହୋଇଅଛି, ଯଥା:—

ତାରେ କୃଷ୍ଣ କୃପାରେ ତା କୃଷ୍ଣ ଶାପମୋଚଦାତା
ଏବେ ବୋଲି ଧର ତାର ସେ ଉର୍ଦ୍ଧ୍ୱରେଖା ॥

ଯେଣୁ ଭାଙ୍ଗିବ ତାରେ ଦେବ ହୁହୁଡ଼ ଯେ ।

ସେ, ଏହା, ଯିଏ, କିଏ ବଦଳରେ ସେନ୍ତୁ, ଏନ୍ତୁ, ଯେନ୍ତୁ, କେନ୍ତୁ ପ୍ରାୟ ସର୍ବତ୍ର ଦୃଷ୍ଟ ହୁଏ, ଯଥା:—

କଅବା ଯୁବାନେତ୍ରଗ୍ରହକ ଅମୃତଦାୟୀ ସେନ୍ତୁ ।

ଦରିଦ୍ର ବାଞ୍ଛାକେ କେନ୍ତୁ ନେଲା କୋଟି ନିଧି ।

ଯୁବା ଧୈର୍ଯ୍ୟ ତୃଣ ଦହନେ ଏନ୍ତୁ ସେ କାଳାନଳ ।

ରଘୁନାଥବିଳାସ ଛଡ଼ା କବି 'ଚଉପଦୀଭୂଷଣ' ନାମରେ ଆଉ ଖଣ୍ଡିଏ ଗ୍ରନ୍ଥ ରଚନା କରିଅଛନ୍ତି । ଏଥିରେ କ ଠାରୁ କ୍ଷ ପର୍ଯ୍ୟନ୍ତ ଚଉତିଶଗୋଟି ଗୀତ ଅଛି । ଉପେନ୍ଦ୍ରଭଞ୍ଜଙ୍କ 'ଚଉପଦୀଭୂଷଣ' ଧନଞ୍ଜୟ ଭଞ୍ଜଙ୍କ 'ଚଉପଦୀଭୂଷଣ'ର ଅନୁକରଣ ପରି ବୋଧହୁଏ ।

ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ

ନିଶଙ୍କରାୟରାଣୀ ।

(ପଦ୍ମାବତୀଅଭିଳାଷ-ରଚୟିତ୍ରୀ ।)

ଅନେକ ଦିନରୁ ଆମ୍ଭର ଏହି ଧାରଣା ଥିଲା ଯେ ପ୍ରାଚୀନ [illegible] ଓଡ଼ିଶାରେ ସ୍ତ୍ରୀକବି କେହି ନ ଥିଲେ । କିନ୍ତୁ [illegible] ଜାଣି ପାରିଅଛି [illegible] ଓଡ଼ିଆ ପଦ୍ୟସାହିତ୍ୟ [illegible] କୋମଳ [illegible] ଏମାନଙ୍କ [illegible] ପଦ୍ମାବତୀଅଭିଳାଷ [illegible] ନିଶଙ୍କରାୟରାଣୀ [illegible] । ନିଶଙ୍କରାୟରାଣୀ [illegible] ଶ୍ରୀ [illegible] ନିଶଙ୍କରାୟଦେଉଙ୍କ ରାଣୀ ଥିଲେ । କବି 'ପଦ୍ମାବତୀ ଅଭିଳାଷ'ରେ ନିମ୍ନୋକ୍ତ ଆତ୍ମପରିଚୟ ଦେଇଅଛନ୍ତି :—

ନବଗ୍ରାମଦେଶ ଅଧୀଶ ଯେ ବୀର ଧୀର ।
ନବପଦେଶ ହୁଣ୍ଡା ଘରସ୍ୱାମୀକୁମର ॥
ସିଦ୍ଧ ବିଦ୍ୟାବିଶାରଦ ପଣ୍ଡିତ ।
ବାପୁଦେବ ଥାଟ ନଳପଦ୍ମ ଜାତ ॥
ଶାଣ୍ଡିଲ୍ୟଋଷି ସମ୍ଭବ ପୀୟୁଷ [illegible] ।
ଶାସ୍ତ୍ରମଣି ମହାରାଜ୍ୟ [illegible] ॥
ବାସ୍ତବ ଶ୍ରୀ [illegible] ।
ଭୂପତି [illegible] ॥

ତାହାଙ୍କ ଅଂଶୁ ନିସୃତ ଜ୍ୟୋତି ମୋ ପ୍ରିୟ ।
ଶ୍ରୀରାମଚନ୍ଦ୍ରଦେଉଙ୍କର ଯେ ତନୟ ॥
କୁଞ୍ଜଶିଙ୍ଗୀଦେଶ ଦୁର୍ଗ ବିଦଗ୍ଧାଳୟ ।
ଶାନ୍ତ ସ୍ଥନେ ତହିଁ କରନ୍ତି ବିଜୟ ॥
ରୂପେ ତାମ୍ର ଧାରିଲେ ଯେ ଗୀର୍ଣ୍ଣତ ସର ।
ଦଶେ ଦଶେ ଯା'ଙ୍କ ଯଶ ପ୍ରସର ॥
ଦୟାଶୀଳ ଦାତା ବଳୀ ସମରେ ଯେହିଁ ।
ଶ୍ରୀମପଶ୍ଚିମ ପରେନ୍ଦ୍ରସ୍ତ ॥
ସଦା ସର୍ବଜ୍ଞ ଯେ ବିଚକ୍ଷଣ ସଜ୍ଜନେ ।
ଶ୍ରୀବାଳକାଦେବୀଙ୍କର ବରପୁତ୍ର ଯେ ॥
ନାମ ଶ୍ରୀ ଗନ୍ଧର୍ବଚନ୍ଦ୍ର ଜଣଙ୍କସମ୍ପ୍ର ।
ଦେଉ ପଦ ଯାହାଙ୍କ ଯେ ସୁଗୁଣମୟ ॥
ଅଟଇ ମୁଁ ତାଙ୍କର ସୁପ୍ରିୟ ଜାୟା ।
ଶ୍ରୀଦୁର୍ଗାମାଧବ ମତେ କରନ୍ତୁ ଦୟା ॥
ପଦ୍ମାବତୀଅଭିଳାଷ ନାମେ ପ୍ରବନ୍ଧ ।
ପ୍ରକାଶ କଲି ଏ ଅଠରଶ ଛନ୍ଦ ॥

ଏହାଙ୍କ ମାତା, ବୋଧ ହୁଏ, ଦାମୁସର ରାଜା ଶ୍ରୀକର ଭଞ୍ଜଙ୍କ ଦୁହିତା ଥିଲେ । ଏହା ଲେଖି-ଅଛନ୍ତି:—

ମହେଶ ସଙ୍ଗେ ଗଉରୀ ଯୁଗଳ ପାଦ ସୁମରି
ଭଣଇ କୃପତେ ମନୋହାରୀ ।
କରଭାରିଜ୍ୟ ଭୂପତି ସୁତ ଥାଟ ନରପତି
ମୁଁ ତାଙ୍କ ପ୍ରିୟ କୁମାରୀ ହେ ॥
ସାଧୁଜନେ । ସ୍ତ୍ରୀବୁଦ୍ଧି କୃତରେ ସ୍ୱମତ ।
ଦାମୋଦରବଂଶ ଶ୍ରୀକର ଭଞ୍ଜ ନରେନ୍ଦ୍ର କେବଳ
ତାହାଙ୍କ ଅଂଶୁ ଜ୍ୟୋତି ହେ ॥

ଶଙ୍କାନ କୃଷ୍ଣା ମାନ୍ୟଅଳରେ ଲେଖା ଅଛି, ଶ୍ରୀକର ଭଞ୍ଜ ୧୭୮୮ ଖ୍ରୀଷ୍ଟାବ୍ଦରେ ଦାମୁସର ସିଂହାସନାରୂଢ଼ ହୋଇଥିଲେ । ସୁତରାଂ ଜଣଙ୍କ-ସମ୍ବର୍ଦ୍ଧନା ଅଷ୍ଟାଦଶ ଶତାବ୍ଦୀର ଶେଷଭାଗରେ ବା ଊନବିଂଶତି ଶତାବ୍ଦୀର ପ୍ରାରମ୍ଭରେ ଜନ୍ମଗ୍ରହଣ କରିଥିବେ ।

ଅନୁମାନ ହୁଏ ରାଣୀଙ୍କଠାରେ ଗୌରଚନ୍ଦ୍ର ଜଣଙ୍କସମ୍ପ୍ରଙ୍କର ମନ୍ତ୍ରର ପଡ଼ିଥିଲା, କାରଣ ଏହା କୌଣସି ସ୍ୱପଦରେ ପଡ଼ିଥିଲେ । ସେ କରୁଣ ସ୍ୱରରେ କହିଅଛନ୍ତି:—

ସହଜେ ଅବଳା ଦର୍ପେ ଦେଲି ସ୍ଥାନ
ସୁବୁଦ୍ଧି ନୋହେ ନାହିଁ ପାଠ ପଠନ ॥
ବହୁ ଅଣି ବଳା ମତେ ଏବେ ହଟ ।
ସ୍ୱଦେଶରେ ଥିଲେ ହୋଇଥାନ୍ତି ପାଟ ॥
ଏଣୁ ହେଲେ ହବା ଭଜନ ତ ସରଇ ।
କେଣୁ ବାଳ ବୋଧରେ ମନ ଦେଇ ॥
ଏହାର ମଧୁମାଳତୀର ଉସ ।
ସାଧୁଜନେ ନ ଧରିବା ଦୋଷାଦୋଷ ॥

* * *

ଏହା ପଦ୍ମାବତୀଅଭିଳାଷ ରଚନା କଲାବେଳକୁ ପିତାଙ୍କ ଘରଠାରେ ଥିଲେ ଉପରୋକ୍ତ ଅଂଶରୁ ସୂଚିତ ହୁଏ । ଏହା ମଧ୍ୟ ଜନନୀ ସ୍ୱଜ-ବଂଶର ଅଧିଷ୍ଠାତ୍ରୀ ଦେବତା ଦୁର୍ଗାମାଧବଙ୍କ ନାମ ଅନେକ ସ୍ଥଳରେ ଉଲ୍ଲେଖ କରିଅଛନ୍ତି :—

"ଶ୍ରୀଦୁର୍ଗାମାଧବ ମତେ କରନ୍ତୁ ଦୟା । ପଦ୍ମାବତୀ ଅଭିଳାଷ ନାମେ ପ୍ରବନ୍ଧ । ପ୍ରକାଶ କଲି ଏ ଅଠରଶ ଛନ୍ଦ ।" ଯଦି କୁଞ୍ଜଶିଙ୍ଗୀ ଗଡ଼ରେ ଥାନ୍ତେ, ସେ ଏପରି କାହିଁକି ଲେଖନ୍ତେ ?

ପାଠକେ ଜାଣିଥିବେ ରାଜକନ୍ୟାମାନେ ସର୍ବତ୍ର ସାଧାରଣ ଶିକ୍ଷା ପ୍ରାପ୍ତ ହୋଇଥାନ୍ତି । ଯେଉଁଠାରେ ପିତା ନିଜେ ଲବ୍ଧପ୍ରତିଷ୍ଠ, ସେଠାରେ କନ୍ୟା-ମାନେ ସଂସ୍କୃତ ମଧ୍ୟ ପଢ଼ାଯାଇଥାନ୍ତି । ନରଡ଼ାର ବାସୁଦେବ ଥାଟରାଜ ଜଣେ ଖ୍ୟାତନାମା କବି ଥିଲେ; "କବିପଣେ ଦୁଇ ସରସ୍ୱତୀ କୁମର", "ସିଦ୍ଧବିଦ୍ୟା ଉପାସନାରେ ପଣ୍ଡିତ"; ସୁତରାଂ ତାହାଙ୍କ ଦୁହିତା କବି ହେବା ଆଶ୍ଚର୍ଯ୍ୟ ନୁହେ । ପିତାଙ୍କ ପ୍ରସାଦରୁ ପଦ୍ମାବତୀଅଭିଳାଷ ରଚନା କରିଥିବାର ଏହା ନିଜେ କହିଅଛନ୍ତି:—

ବାସୁଦେବଥାଟନୃପ ମୋର ତାତ ।
କବିପଣେ ଦୁଇ ସରସ୍ୱତୀସୁତ ॥
ତାଙ୍କ ପାଦରଜ ପ୍ରସାଦରୁ ମୁହିଁ ।
ମଧୁମାଳତୀ ଛନ୍ଦ ବଖାଣଇ ॥

ପଦ୍ମାବତୀଅଭିଳାଷର ଅପର ନାମ ମଧୁମାଳତୀ-ଚରିତ ।

ବୃତ୍ତାଗିରୀର ସନ୍ତାନେ ଶମ୍ଭରାଚଳୀ । ନୀଳାଚଳ ସେମାନଙ୍କର ଇଷ୍ଟଦେବତା । ଉତ୍କଳମାନେ ଅପଣା ଅପଣା ଅଭୀଷ୍ଟ ଦେବତାଙ୍କ ସ୍ତୁତି ଗ୍ରନ୍ଥାରମ୍ଭରେ ଲେଖିବା ସାଧାରଣ ନିୟମ । କିନ୍ତୁ ପଦ୍ମାବତୀଅଭିଳାଷରେ ଏଥିର ବ୍ୟତିକ୍ରମ ଦେଖାଯାଏ । ଗ୍ରନ୍ଥର ମୁଖବନ୍ଧରେ ସରସ୍ୱତୀଙ୍କ ବନ୍ଦନା; ଛନ୍ଦର ଶେଷରେ ଇଷ୍ଟଦେବତା ସ୍ମରଣା । ଏଥିରୁ ସ୍ପଷ୍ଟ ବୋଧହୁଏ ନିଶଙ୍କରାୟ ବିଦ୍ୟାଶିକ୍ଷା ପ୍ରତି ବିଶେଷ ଲକ୍ଷ୍ୟ ରଖିଥିଲେ । ସୁତରାଂ ଇଷ୍ଟ-ଦେବତାଙ୍କ ଅପେକ୍ଷା ବିଦ୍ୟାଦେବୀଙ୍କଠାରେ ତାହାଙ୍କର ଗାଢ଼ତର ବିଶ୍ୱାସ ଓ ଭକ୍ତି ଥିଲା । ନୋହିଲେ ବା କବି ପଦ୍ମାବତୀଅଭିଳାଷରେ ନାୟକ ମଧୁଙ୍କୁ ମାଳତୀଙ୍କ ଗର୍ଭରୁ ବସନ୍ତପଞ୍ଚମୀ ଦିନ ନୁହେଁ, ଦଶହରା ଦିନ ନୁହେଁ, ମାଘ ଶୁକ୍ଳ ପଞ୍ଚମୀ ଦିନ ଜନ୍ମ କରାଇଥାନ୍ତେ ?—

ତାହା ଦେଖି ସକଳ ପ୍ରିୟସଖୀ କରନ୍ତି ପ୍ରସବ
ବିଧି ।
ବିଶେଷରେ ମାଘ ଶୁକ୍ଳ ପଞ୍ଚମୀ ମଙ୍ଗଳବାର
ଅବଧି ସେ ।
ବେଳ ଘଡ଼ି ରଜନୀ । ସଜ୍ଜନାନନ୍ଦ ଜାତ ଅବନୀ
ସେ ।

ଏବଂ ଶୀତକାଳ ବର୍ଣ୍ଣନା କରି ଅଧିକ ଚେଷ୍ଟା କି ଅନ୍ୟ ବସନ୍ତପଞ୍ଚମୀର କଥାଟା କାହିଁକି ଲେଖିଥାନ୍ତେ ?—

ମାଘ ଶୁକ୍ଳ ପଞ୍ଚମୀ ଦିବସରେ ।
ସରସ୍ୱତୀଙ୍କି ପୂଜିଲେ ଭୂମରେ ॥
ଶାରଦାଙ୍କ ବନ୍ଦନା ଗୀତମାନ ।
ଚଟଶାଳରେ ଗାଉଲେ ନନ୍ଦନ ॥

ରକ୍ତବାଟୀର ସ୍ତ୍ରୀମାନେ ସୁଗଣ, ଛନ୍ଦ, ଅଳଙ୍କାର ବିଶେଷତଃ ଉପେନ୍ଦ୍ରଭଞ୍ଜଙ୍କ ଲାବଣ୍ୟବତୀ ଶିଖିଥାନ୍ତି । ନିଶଙ୍କରାୟ ମଧ୍ୟ ଲାବଣ୍ୟବତୀ ଉତ୍ତମରୂପେ ଜାଣିଥିବାର ତାହାଙ୍କ ଗ୍ରନ୍ଥରୁ ପ୍ରମାଣ ମିଳଇ । ସେ ଗୋଟିଏ ସଂସାରର ସମୟୋଚିତ ସାଜରେ ବର୍ଣ୍ଣନା କରି ଲେଖିଅଛନ୍ତି:—

ସେ ନଗରର ସରୋବର କୂଳ ଦେଖନ୍ତି ଶୋଭା ।
ମଣିକ ପାବଚ୍ଛ ବଳୁନ ମୂଳେ ବୋଲେଲେ ହିତା ॥
ନୀଳ ଶାଢ଼ୀ ରଙ୍ଗ ଧଡ଼ିରେ ହଂସାବଳୀ ଶୋଭନ ।
ମଣ୍ଟି ମହଲା ବସ୍ତ୍ରାଭରଣ ପ୍ରାୟେ ଦିଶେ ଉଜ୍ଜଳ ।
ପଦ୍ମ କୁମୁଦ କୋକନଦଙ୍କ ସୁବାସ ଯୋଗ ।
ଭ୍ରମରେ ଭ୍ରମରେ ଭ୍ରମନ୍ତି କରି ହରଷେ ଧ୍ୱନି ॥
ପାପଦଣ୍ଡୀ ମଣ୍ଡି ପ୍ରୀତର ସାରସ ଚକ୍ରବାକ ।
ହଂସ ମରାଳ ସଙ୍ଗେ କେଳି କରୁଛନ୍ତି ଭାବୁକ ।

ଉପେନ୍ଦ୍ରଭଞ୍ଜଙ୍କର ସଂସାରର ବର୍ଣ୍ଣନା ଦେଖନ୍ତୁ:—

କି ନୀଳ ଶାଢ଼ୀ ହଂସାବଳୀ ରଙ୍ଗ ଧଡ଼ି ଦୋଉଛି ।
ଅବନୀ ବନିତା ବସ୍ତ୍ରରେ କବା ବେଶୀକା ଉଛି ॥
ପାବଚ୍ଛ ସ୍ୱଚ୍ଛ ସ୍ଫଟିକରେ ନାରଙ୍ଗର ପ୍ରଭାତ ।
ପୁଷ୍କରିଣୀ ପରଶ ଭାବକ ଉହୁଁ ତ୍ରିବେଣୀ ଖ୍ୟାତ ॥
ପାପଦଣ୍ଡୀ ଲଭି ମଣ୍ଡନପନ୍ତି ଦିଏ ଉଚ୍ଛିସି ।
ବଡ଼ ବଡ଼ଧିକ ବେଢ଼ି କ ଗୋଷ୍ଠୀ ଚୂର୍ଣ୍ଣିତଉର୍ମି ॥

* * *

ଦେଖରେ ନଳିନ ନଳିନୀ ନକୁଳରେ ପୂରିତ ।
ଭ୍ରମନ୍ତି ଭ୍ରମରେ ଭ୍ରମରେ ଭ୍ରମରେ ଏ ଶୋଭିତ ॥
(ଲାବଣ୍ୟବତୀ)

ଏହି ଏପରି ଅନେକ ସ୍ଥଳରେ ଉପେନ୍ଦ୍ରଭଞ୍ଜଙ୍କର ଅନୁକରଣ କରିଥିବାର ଲକ୍ଷିତ ହୁଏ ।

ସ୍ତ୍ରୀମାନେ ଯେତେ ବଡ଼ କବି ହେଲେ ମଧ୍ୟ ସେମାନଙ୍କର କଳ୍ପନାଶକ୍ତି ସୀମାବଦ୍ଧ ଅଟେ । ସେମାନେ ନିଜେ ଯାହା ଦେଖିଥାନ୍ତି ତାହା ମାତ୍ର ଲିପିବଦ୍ଧ କରନ୍ତି । ତାହାଙ୍କର କାନନ ବର୍ଣ୍ଣନା ଦେଖନ୍ତୁ:—

ଶୁଣହେ ସୁଜନେ ଦେଇ କର୍ଣ୍ଣ ମନ
କହିବା କାନନ ଶୋଭା ।
ଦ୍ୱାଦଶ ଯୋଜନ ସଖି ଗଛ ବନ
କା ଲେଖି ଧାରିଥିବା ॥
ଦିବସେ ଅନ୍ଧାର ମହାଜନ୍ତୁଙ୍କର ।
ମୂର୍ଚ୍ଛା ଦେଇ ନ ଲାଗଇ ।

ତାଙ୍କ ଉପୁ ପାଇ ହେବା ଲମ ଛନ୍ତି
ଲୁଣ୍ଠନ୍ତି ପର ଦଣ୍ଡ ॥

ଏହା ତତ୍କାଳର ଚଳିତ ଜାନକୀ ନୁହେ; ବୃନ୍ଦା-ଶିଙ୍ଗୀର ନିଜର ଅରଣ୍ୟ ମାତ୍ର । ଲୁଣସ୍ଥଳ ନଗରର ରାଜା ମଦନକେତନଙ୍କ ଗଡ଼ ବର୍ଣ୍ଣନା ମଧ୍ୟ ଦେଖନ୍ତୁ:—

ରୂପରେ ନୃପଙ୍କ ପୁର ।
ଗିର ଜଳନ୍ତର ଜଳ ଘୋର ॥

ଏହି ଅଟଣାର ନଅର କି ଅନ୍ୟ କୌଣସି ଚଳିତ ରାଜବାଟୀ ବର୍ଣ୍ଣନା କରିଅଛନ୍ତି, ଯେଉଁମାନେ ବୃନ୍ଦାଶିଙ୍ଗୀ ଥରେ ଯାଇ ଦେଖିଅଛନ୍ତି ସେମାନେ ସହଜରେ ବୁଝି ପାରିବେ ।

ଏହିବି ଅନ୍ୟାନ୍ୟ ବର୍ଣ୍ଣନା ଅପେକ୍ଷା ପଦ୍ମାବତୀଙ୍କ ବିବାହ ବର୍ଣ୍ଣନାଟି ସବୁଠାରୁ ଦୀର୍ଘ । ରାଜବାଟୀରେ ବିବାହୋତ୍ସବ ସମୟରେ ଅଧିବାସ ହୋଇଲାବୁଡ଼ଠାରୁ ଅଷ୍ଟମଙ୍ଗଳା ପର୍ଯ୍ୟନ୍ତ ଯେଉଁ ସବୁ ବିଧି ବିଧାନ, ନାଟଗ୍ରହଣୀ, ଆମୋଦ ପ୍ରମୋଦ ହୁଏ ତାହା ଏଥିରେ ବିଶଦରୂପେ ବର୍ଣ୍ଣିତ ହୋଇ ଅଛି । ସମ୍ଭବତଃ ଭଞ୍ଜଙ୍କ ବିବାହ ସମୟରେ ସେ ନିଜେ ଯାହା ଯାହା ଦେଖିଥିଲେ ଓ ତାହାଙ୍କୁ ଯାହା ଯାହା କରିବାକୁ ହୋଇଥିଲା ସେ ସବୁ ଲିପିବଦ୍ଧ କରି ଦେଇଅଛନ୍ତି । ବାହୁଲ୍ୟ ଭୟରୁ ଉକ୍ତ ବର୍ଣ୍ଣନାଟି ଏଠାରେ ଦିଆଗଲା ନାହିଁ ।

ବୋଉମାନଙ୍କୁ ସଙ୍ଗେ ନେଇ ସାଥିବାଣୀ ପାଣିକି ଯିବାର, ସାଥିବଧୂମାନେ ହୋଇଲି ବଣିକ କରି ଯିବାର, ରାଜପୀର ଅଣ୍ଟୁଷ-ଲୁଗା ଭାଙ୍ଗିବାର ଏ ସବୁ ପଦ୍ମାବତୀଅଭିଳାଷର ଗୋଟିଏ ପ୍ରଧାନ ଅଂଶ । ବୋଧହୁଏ କବି ବାଲ୍ୟକାଳରେ ଯେଉଁ କାହାଣୀ ସବୁ ଶୁଣିଥିଲେ ତାହା ମୂର୍ତ୍ତିମନ୍ତ କରି ତାହାଙ୍କ ଗ୍ରନ୍ଥରେ ଗୁମ୍ଫନ କରି ଦେଇ-ଅଛନ୍ତି । ଅନ୍ୟ କିଏ କରନ୍ତେ ? ସେ ଜଣେ ରାଜମହଲା, ଜନନ୍ତର ଅନ୍ତଃପୁର ମଧ୍ୟରେ ଅବସ୍ଥା । ବାହ୍ୟ ଜଗତ ସହିତ ତାହାଙ୍କର ବିଶେଷ ଘନିଷ୍ଠ ଉତ୍ସବ ନାହିଁ । ଅତଏବ ସେ

ଯାହା ଗଡ଼ରେ ଦେଖିଥିଲେ ଯାହା କର୍ଣ୍ଣରେ ଶୁଣିଥିଲେ ସେ ସବୁ ଲିପିବଦ୍ଧ କଲେ । କିଛି ମଧ୍ୟ କଳ୍ପନାର ଚହଟ ଅଛନ୍ତି:—

ରାମ କୃଷ୍ଣ ହରି ହୃଦରେ ସୁମରି
ଭଜନ ଛୁଅଟଲେ ।
ଜଣି ଶେଷେ ପୁଣି ରାମ ଭଜିଲେ ।
ସେ ରାମଙ୍କୁ ଧ୍ୟାନ ଚରଣ ନଭେଶ-
ତାନ୍ତା ଏ ଉପେ ଭଣିଲେ ।
ହେ ସୁଜନେ ।

କହୁ କରି କାହିଁ ପାଠ ପଠନ ।
ଶ୍ରିଶ୍ରୀ ସ୍ୱଚ୍ଛରେ ଅଟେ ଦର୍ପଣନ ।
ରାଜଶୃଙ୍ଗେ ବନୀସ୍ଥାପ୍ୟ ହୋଇ
ଧନ୍ୟ ଜନ୍ମାନ୍ତ ତାରେ ହେ । ସୁଜନେ । ୨ ।

ପଦ୍ମାବତୀଅଭିଳାଷର ଭାଷା ଶୁଦ୍ଧ ଓ ପ୍ରାଞ୍ଜଳ; ରଚନା ପରିପକ୍ୱ ଓ ଉପାଦେୟ; ବର୍ଣ୍ଣନାଗୁଡ଼ିକ ସୁନ୍ଦର । ଉଦାହରଣ ଦେଖନ୍ତୁ :—

ଲୁମ୍ବମ ମଳୟ ହୋଇଛି ଉଦୟ
ପଞ୍ଚଶର ଛଡ଼ୁ ଲଭା ।
ବୃକ୍ଷଡାଳେ ଡାଳ ଲାଗିଣ ଚହଳ
କରି କି ବର ବନ୍ଧା ।
ସବୃନ୍ତକୁସୁମେ ବରଜାଦିପଣେ
ଭରନ୍ତି ଦରିପମ୍ବାର ।
କରକନ୍ୟାଙ୍କୁ କି ଜାଉଛୁଡ଼ ଦେବେ
କଡ଼ାଇଅଛନ୍ତି ହର ।
ଫଳପୁଷ୍ପଭର ଭରୁ ଲତାମାନେ
ଦଶନ୍ତି ଏ ଅଧାହାର ।
ବନ୍ଧୁଗଣ ଲଭ ଫୁଲବେଣ ହୋଇ
ବେଦରେ ଯେମନ୍ତ ବର ॥
ପଲ୍ଲବ ଲଭା ପଲ୍ଲବ ଦୂର କରି
ଯୁକ୍ତେ ହୋଇଛି ପ୍ରବେଶ ।
ହୋମ ଅନଳ ଜଳବାପରି ଦଶେ
କରକନ୍ୟାଙ୍କର ପାଣି ।
ସୁଷମ୍ୟ ବନ୍ଧୁ ସୁବାଧାର ସେହି
କପୋଳୀ ଯେ ଲାସ୍ୟରଣି ।

ତାମ୍ରବ୍ରାହ୍ମଣ ପୂଜକରେ କେବଣି
ହୋମ କରୁଛନ୍ତି ବସି ॥
କେହିଁ ତରୁଗଣ ଲତା ବେଷ୍ଟିତେଣି
ଦଶେ ଏହି ଶୋଭିବନ ।
ତେପରବାସ କେଳ ନ ପ୍ରଭୃତି
କାନ୍ତା ଅଙ୍ଗେ ଅଳଙ୍କାର ॥
ଦରବଦାଶ ଭୂମି ଦେଖା
ମନଦାସେ ମନ ମୋହୁଅଛି ।
ମୂଷ୍ଟି ମଧୁବନ ଛଳେ ରଶ୍ମି ଦ୍ରବ
ଘର୍ମା ଦ ଅଶ୍ରୁ ଦେଉଛନ୍ତି ॥
ବୃଛ ଡାଳରୁ ଝଡ଼ି ପୁଷ୍ପ ପାଖୁଡ଼ା
କୁସୁମ ବରଷା ପ୍ରାପ୍ତେ ।
ପବନ ବଳେ ବନ୍ଧାପଗଣ ଚଳ
ଅଳଟ ଢାଳନ୍ତି କି ଏ ॥
ବିବିଧ ପକ୍ଷୀ କୋଳାହଳ ନାଦରେ
ହୁଲହୁଲି ଦିଏ ମଣି ।
ନାନା ମୃଗଗଣ ଅଭୟାତ ପୁଣ
ଚରନ୍ତି ଲୋକ ଏ ଛାଣି ॥

* * *

ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ ।

ହଳଧରଦାସ ।
(ଅଧ୍ୟାତ୍ମରାମାୟଣ-ଅନୁବାଦକ)

ଓଡ଼ିଆ ଭାଷାରେ ଅନେକ ମୂଳସଂସ୍କୃତ ଗ୍ରନ୍ଥର ଅବିକଳ ଅନୁବାଦ ଦେଖା ଯାଏ। ଏହି ମୌଳିକ ଅନୁବାଦ ଗ୍ରନ୍ଥମାନଙ୍କ ମଧ୍ୟରେ ହଳଧରଦାସଙ୍କର ଅଧ୍ୟାତ୍ମରାମାୟଣ ସର୍ବାପେକ୍ଷା ପ୍ରାଚୀନ । ହଳଧର ଜାତିରେ କରଣ, ବୈଷ୍ଣବ ମତାବଲମ୍ବୀ; ଏ ପୁରୁଷୋତ୍ତମବାସୀ ଶ୍ରୀଅନନ୍ତ ପଟ୍ଟନାୟକଙ୍କ କନିଷ୍ଠ ପୁତ୍ର । ତାଙ୍କ ଆତ୍ମପରିଚୟ ଏହି:—

"ଶ୍ରୀ ଅନନ୍ତ ପଟ୍ଟନାୟକ ।
ସେ ବଡ଼ ବ୍ରହ୍ମଣ୍ୟ ଧାର୍ମିକ ॥
ବିବେକୀ ଦାତା ଦାନ୍ତ ଶାନ୍ତ ।
ବଇଷ୍ଣବ ଅଂଶବନ୍ତ ॥
କନିଷ୍ଠ ପୁତ୍ର ମୁଁ ତାଙ୍କର ।
ମୋହର ନାମ ହଳଧର ॥"

୨୪୯ ବର୍ଷ ତଳେ ଅଧ୍ୟାତ୍ମରାମାୟଣର ଅନୁବାଦ ଶେଷ ହୋଇଥିବାର ତାଙ୍କ ଗ୍ରନ୍ଥରୁ ଜଣାଯାଏ । ସେ ଉତ୍ତରକାଣ୍ଡରେ କହିଅଛନ୍ତି :—

ଶ୍ରୀଲ ସହସ୍ର ଷାଠି ଶକ ।
ଦେଯାଗୃଷୀ ବରଷେ ସଂଯୁକ୍ତ ॥
ଅଷ୍ଟାବିଂଶତି ଅଙ୍କଯୁକ୍ତ ।
ଏତେକ ହୋଇଥିଲା ଭୋଗ ।
ଆଶ୍ଵିନ୍ୟ ମାସରେ ଏ ଗୀତ ।
ସର୍ବଶୁଭେ ହେଲା ରଚିତ ॥

ମୂଳ ସଂସ୍କୃତର ସଙ୍ଗତ, ସନ୍ଦର୍ଭ ରକ୍ଷା କରି ଓଡ଼ିଆ ଭାଷାରେ ପଦ୍ୟାନୁବାଦ କରିବା ସହଜ ବ୍ୟାପାର ନୁହେଁ । ଏଥିପାଇଁ ପରିପକ୍ୱ ଶକ୍ତି ଓ ସାଧନା ଆବଶ୍ୟକ । ସୁତରାଂ ଅଧ୍ୟାତ୍ମରାମାୟଣ ରଚନା କଲାବେଳକୁ ତାଙ୍କ ବୟସ ୫୦ ରୁ ଅଧିକ ବିନା ଊଣା ନ ଥିବ । ଅଧ୍ୟାତ୍ମରାମାୟଣର ଅନୁବାଦ ତାଙ୍କର ପ୍ରଥମୋଦ୍ୟମ ନୁହେଁ । ସେ 'ହଳଧରଦାଶରଥୀ' ନାମରେ ଗୋଟିଏ ସ୍ଵତନ୍ତ୍ର ଗ୍ରନ୍ଥ ରଚନା କଲା ବାଦ ଅଧ୍ୟାତ୍ମରାମାୟଣ ପଦ୍ୟାନୁବାଦ କରିବାରେ ପ୍ରବୃତ୍ତ ହୋଇ ଥିଲେ (ବିମ୍ସର ସାହେବଙ୍କ ଓଡ଼ିଆ ଇତିହାସ ଦେଖନ୍ତୁ) । ଏହା ଯଦି ସତ୍ୟ ହୋଇଥାଏ, ତେବେ ହଳଧରଦାସ ଖ୍ରୀଷ୍ଟ ୧୬୦୪ ସାଲରେ ବା ତନ୍ନିକଟ କୌଣସି ସମୟରେ ଜନ୍ମଗ୍ରହଣ କରିଥିବେ । କିନ୍ତୁ 'ଉଡ଼ିକୁଳ ଯେତେ କରଣ' ସେ ସବୁ ସମସ୍ତ କରି ସେ କହିଅଛନ୍ତି :—

ଗଜପତି ମୁକୁନ୍ଦ ଦେବ ।
ବିବେକୀ ବ୍ରହ୍ମଣ୍ୟ ବୈଷ୍ଣବ ॥

ପ୍ରଜାପାଳନ୍ତେ ଧର୍ମସମ ।
ଦଣ୍ଡ୍ୟ ଲୋକଠାରେ ସେ ଯମ ॥
ଶତ୍ରୁମାନେ ମନେ ହେନ୍ତି ସମାନ ।
ରୂପରେ ଯେସନ ମଦନ ॥
ଯାଚକଠାରେ କଳ୍ପଦ୍ରୁମ ।
ତେଜରେ ଚଣ୍ଡକରସମ ॥
ତାହାର ଯଶଃ ପୁଣ୍ୟକୀର୍ତ୍ତି ।
ସମ୍ପୂର୍ଣ୍ଣ ଜଗତ୍ରେ ଏ ଖ୍ୟାତି ॥
ତାଙ୍କର ଯେତେକ ଗୁଣମାନ ।
ତାହା କହିବ କେଉଁ ଜନ ॥
ସବୁ ଉତ୍ତମ ଗୁଣଯୁତ ।
ସମସ୍ତ ଦୁର୍ଗୁଣରହିତ ॥
ଏମନ୍ତ ପରକାରେ ଯେହି ।
ତାଙ୍କର ଅନନ୍ତ ଯେ ଭାଇ ॥
ଶ୍ରୀଅନନ୍ତ ପଟ୍ଟନାୟକ ।
ସେ ବଡ଼ ବ୍ରହ୍ମଣ୍ୟ ଧାର୍ମ୍ମିକ ॥
ବିବେକୀ ଦାତା ଦାନ୍ତ ଶାନ୍ତ ।
ଭଗବତ ଅନୁରକ୍ତ ॥
କନିଷ୍ଠ ପୁତ୍ର ମୁଁ ତାଙ୍କର ।
ମୋହର ନାମ ହଳଧର ॥

ଏହା ପଢ଼ିଲାମାତ୍ରେ କବି ମୁକୁନ୍ଦ ଦେବଙ୍କ ସମୟରେ ଜୀବିତ ଥିବାର ବିଶ୍ୱାସ ହୁଏ । କିନ୍ତୁ ଅନନ୍ତ ପଟ୍ଟନାୟକ ମୁକୁନ୍ଦ ଦେବଙ୍କ ଭାଇ ବୋଲି କବି ଲେଖିଥିବାରୁ ଏ ବିଷୟରେ ଗମ୍ଭୀର ସନ୍ଦେହ ଜାତ ହୁଏ । ସମ୍ଭବତଃ ମଧ୍ୟରେ କେତେ-ଗୁଡ଼ିଏ ପଦ ଛାଡ଼ି ଯାଇଅଛି; ନୋହିଲେ ତେଲଙ୍ଗା ମୁକୁନ୍ଦ ଦେବ ତ ଦକ୍ଷିଣରୁ ଯାଇଥିଲେ, ସେ ଜାଜରେ କରଣ ହୋଇଥିବେ । ତାହାହେଲେ ଅଧ୍ୟାତ୍ମରାମାୟଣ ଆରମ୍ଭ କଲାବେଳକୁ ହଳଧରଙ୍କ ବୟସ—ସମସ୍ତ ଗ୍ରନ୍ଥ ଲେଖିବା ସକାଶେ ୬ ବର୍ଷ କାଟି ଦେଲେ—୮୦ ହୋଇଥିବ । ଏପରି ଅନୁମାନ କରିବା ନିରାପଦ ନ ହେଲେ ମଧ୍ୟ, କବି ବୃଦ୍ଧକାଳରେ ଅଧ୍ୟାତ୍ମରାମାୟଣର ଅନୁବାଦ ଆରମ୍ଭ କରିବାର ଆଭାସ ତାହାଙ୍କ ଗ୍ରନ୍ଥରୁ ମିଳୁ-ଅଛି :—

ଅହେ ପତିତପାବନ କରୁଣାନିଧାନ ।
ବଡ଼ ବେଗେ ମୋର ମନୋରଥ କର ପୂର୍ଣ୍ଣ ॥
ଏବେ ଅଧ୍ୟାତ୍ମ ସୁନ୍ଦରକାଣ୍ଡ ରଘୁନାଥ ।
ଜଗତ ଗୀତ ଗାନରେ ହୋଇବେ କୃତାର୍ଥ ॥
ଅବସ୍ଥା ହୋଇ ଏ ଅତି ବେଗେ ନର୍ଭ ପାରୁ ।
ଏରୂପେ ଭୋ ସ୍ୱାମି ମୋହଠାରେ କୃପା ହେଉ ॥
—ସୁନ୍ଦରକାଣ୍ଡ ।

ଅହେ ରଘୁନନ୍ଦ ସୀତାକାନ୍ତ ।
ତୁମ୍ଭର ଉତ୍ତର ଚରିତ ॥
ସ୍ଫୁରୁ ମୋ ମନରେ ବହନ ।
ଏରୂପେ ସୁଖ ପରସନ ॥
* * *
ବହନ ଏ ଉତ୍ତମ ହୋଇ ।
ମୋ ମନେ ସ୍ଫୁରୁ ଉମାସାଇଁ ॥
—ଉତ୍ତରକାଣ୍ଡ ।

କବି ଜଣେ ପ୍ରଧାନ ସଂସ୍କୃତଜ୍ଞ ପଣ୍ଡିତ ଥିଲେ, ଏହା କହିବା ବାହୁଲ୍ୟ ମାତ୍ର । ଯେଉଁ ବ୍ୟକ୍ତି ସଂସ୍କୃତରେ ଗ୍ରନ୍ଥ ରଚନା କରିଅଛନ୍ତି ଓ ଯାହାଙ୍କର ଅନୁବାଦ ମୂଳ ସଂସ୍କୃତାନୁଯାୟୀ, ତାହାଙ୍କର ଯେ ସଂସ୍କୃତ ଭାଷାରେ ବିଶେଷ ଦଖଲ ଥିଲା ଏହା କିଏ ଅସ୍ୱୀକାର କରିପାରିବ ? ବେଦ, ଶାସ୍ତ୍ର, ପୁରାଣରେ ମଧ୍ୟ ହଳଧର ବିଶେଷ ପାରଗ ଥିଲେ । ସେ କହିଅଛନ୍ତି:—

ଶୁଣିଲି ଏ ଚିନ୍ତା କରନ୍ତେ ।
ବେଦ ପୁରାଣେ ସବୁ ଶାସ୍ତ୍ରେ ॥
କେବଳ ଶ୍ରୀରଘୁନନ୍ଦନ ।
ପରମ ପତିତପାବନ ॥
ଦୀନଲୋକର ହିତବନ୍ଧୁ ।
ଅପ୍ରମିତ କରୁଣାସିନ୍ଧୁ ॥
ଏହା ଜାଣି କଣ୍ଠିନ୍ତ ହେଲି ।”

ଯେତେ ବଡ଼ ପଣ୍ଡିତ ହେଲେ ମଧ୍ୟ ଅନ୍ୟର ସାହାଯ୍ୟ ବିନା କୌଣସି ଗ୍ରନ୍ଥ ରଚନା କରିବା ଦୁଷ୍କରସାଧ୍ୟ । ଅତଏବ ରାମସ୍ୱାମୀର ଶାସନବାସୀ ମହେଶ୍ୱରାଚାର୍ଯ୍ୟଙ୍କଠାରୁ ଅଧ୍ୟାତ୍ମରାମାୟଣର ଅର୍ଥ

ପ୍ରଥମେ ଶୁଣି ପରେ ବଙ୍ଗ ଦେଶୀ ଭାଷାରେ ଅନୁବାଦ କରିଥିଲେ । କବି କୃତ୍ତିବାସ ସହିତ ଲେଖିଅଛନ୍ତି :—

"ରାମପୁର ନାମେ ଶାସନ ।
ତହିଁରେ ଅଟେ ମହାଜନ ॥
ବତ୍ସ ଗୋତ୍ରରେ ଜନମ ।
ମହେଶ୍ୱରର ଅଗ୍ରଜ୍ୟ ନାମ ॥
ବ୍ରହ୍ମ କର୍ମରେ ସେ ନିରତ ।
ପଣ୍ଡିତ ବଡ଼ଇବ ଶାନ୍ତ ॥
ସେ ମୋତେ ଅନୁଗ୍ରହ କଲେ ।
ରାମାୟଣ ଅର୍ଥ କହିଲେ ॥
ଶୁଣିଣ କୃତାର୍ଥ ହୋଇଲି ।
ତହିଁରୁ ଯେତେ ମୁଁ ବୁଝିଲି ॥
ତାହା ରଚନା କରି ଚିତ୍ତେ ।
ଅଜ୍ଞ ଲୋକମାନଙ୍କ ହିତେ ॥
ସୀତା ରାମ ଉମା ଶଙ୍କର ।
ଏହାଙ୍କୁ କରି ନମସ୍କାର ॥
ଦେଶ ଭାଷାରେ କଲି ଗୀତ ।
ଏ ତ ଅଗାଧ ସିନ୍ଧୁମତ ॥

ଅଧ୍ୟାତ୍ମରାମାୟଣର ଭାଷା ପରିଶୁଦ୍ଧ; ମୂଳ ସଂସ୍କୃତର ଅବିକଳ ଅନୁବାଦ ହେଲେ ମଧ୍ୟ ଏଥିରେ ସଂସ୍କୃତର ପ୍ରଖରତା କେତେ ଦେଖାଯାଏ ନାହିଁ । କବି ବହୁଳ ପରିମାଣରେ ସୁଲଭ ଶବ୍ଦ ବ୍ୟବହାର କରି ରଚନାର ସରଳତା ପ୍ରତିପାଦନ କରିବାରେ କିଛିମାତ୍ର ତ୍ରୁଟି କରି ନାହାନ୍ତି । ନମୁନା ଦେଖନ୍ତୁ :—

ସମସ୍ତଙ୍କ ହୃଦରେ ଅଛନ୍ତି ଯେଉଁ ରାମ ।
ତାହାଙ୍କର ଦୂତ ମୁଁ ଯେ ବାନର ଅଧମ ॥
ତୁ କିମ୍ପା ଆପଣାର ନାଶ ହେବା ପାଇଁ ।
ତ୍ୟାଗ କରୁ ଦମ୍ଭ ଯେତେ କୁକୁର ନଥଇ ॥
ସେହିରୂପେ ତାଙ୍କର ଯହିଁ ହରିଲୁ କାନ୍ତାକୁ ।
ତେଣୁ ସେ ରାମ ଆସି ମାରିଲେ ସବାଳିକୁ ॥
ହୁତାଶନ ସାକ୍ଷୀ କରି ସୁଗ୍ରୀବ ସଙ୍ଗରେ ।
ମିତ୍ର ହୋଇ ବାଳିକି ମାଇଲେ ଏକ ଶରେ ॥
ବାନର ରାଜ୍ୟ ମିତ୍ରଙ୍କୁ ଅଭିଷେକ କଲେ ।
ସେ ସୁଗ୍ରୀବ ଏବେ କଳ କପିଙ୍କର ଭୂଲେ ॥
ଶ୍ରୀରାମ ଲକ୍ଷ୍ମଣ ଦୁହିଁଙ୍କର ସଙ୍ଗତରେ ।
କୁଶଳେ ଅଛନ୍ତି ପ୍ରସ୍ରବଣ ଗିରିବରେ ॥
ଜାନକୀଙ୍କି ଖୋଜିବାର ପାଇଁ କପୀଶ୍ୱର ।
ଦଶ ଦିଗକୁ ପେଷିଣ ଅଛନ୍ତି ବାନର ॥
ମୁଁ ତାଙ୍କ ମଧ୍ୟରେ ଜଣେ ନାମ ହନୁମାନ ।
ପବନ ଦେବତାଙ୍କର ଅଟଇ ନନ୍ଦନ ॥
ସମୁଦ୍ର ଖୋଜନ୍ତେ ମୁଁ ଏଠାରେ ମିଳିଲି ।
ପଦ୍ମପତ୍ରାକ୍ଷୀ ସୀତାଙ୍କୁ ତୋ ପୁରେ ଦେଖିଲି ॥
ମର୍କଟ ସ୍ୱଭାବରୁ ମୁଁ ନାଶ କଲି ବନ ।
ମୋତେ ମାରିବାକୁ ଧନୁ ଶର ଧରି ସୈନ୍ୟ ॥
(ସୁନ୍ଦରକାଣ୍ଡ)

କବିଙ୍କ ବର୍ଣ୍ଣନାଗୁଡ଼ିକ ସଂସ୍କୃତାନୁଯାୟୀ:—

କି ଏ ମର୍ଜିତ ରମ୍ଭା ତରୁ ।
ଉଲଟ ହୋଇଛି ଉରୁ ॥
ମହୀନ୍ଦ୍ର କରିକୁମ୍ଭ ପ୍ରାୟେ ।
ନିତମ୍ବ ଯୁଗ ଶୋଭାପାଏ ॥
କଟିଭାଗ ଡମ୍ବରୁ ମତ ।
ଉଦରେ ତ୍ରିବଳି ଶୋଭିତ ॥
ହୃଦୟ ପୃଥୁଳ ବିସ୍ତାର ।
ଶ୍ରୀବତ୍ସ ଚିହ୍ନ ମନୋହର ॥
ବକ୍ଷ ତମାଳ ବନ ତେଜ ।
ରୋମ ଛଳେ କି ଭୃଙ୍ଗରାଜ ॥
ରମନ୍ତି ମଧୁ ପାନ ଆଶେ ।
ନାଭି ସର ପଦ୍ମକୁ କି ସେ ॥

※ ※ ※

ନିର୍ମଳ ଦର୍ପଣ ଯେସନ ।
ଏମନ୍ତ ପ୍ରଭାବ ବଦନ ॥
ପ୍ରବାଳଶ୍ରେଣୀ କି ଅଧର ।
ଦଶନ ମୁକୁତା ପ୍ରକାର ॥
ଅରୁଣା ରସରେ ସମ୍ପୂର୍ଣ୍ଣ ।
ବିକାଶ ପଙ୍କଜ ଲୋଚନ ॥
ନାସିକା ଅତି ମନୋହର ।
ସଦୃ କେଶର କି ସେ ଘର ॥

ଚନ୍ଦ୍ରକ ପରମ ରୁଚିର ।
ଗଣ୍ଡ କି ମର୍କତ ମୁକୁର ॥
ତନୁ ବସ୍ତ୍ର ମନୋହର ।
ଭ୍ରୂଲତା ଧନୁର ଆକାର ॥
ପାଟଳ ପୁଷ୍ପ କି ଏ କର୍ଣ୍ଣ ।
ଗୃଧିନୀ ମାନେ ଟାଣେ ମନ ॥
କସ୍ତୁରୀ ଲେପିଛି ସ୍କନ୍ଧଶ ।
ରୁଚିର ଦଶେ ଦାଡ଼ି କଣ ॥
ଲଲାଟ ଦେଶେ ମନୋହର ।
କି ଏ ଅଷ୍ଟମୀ ନିଶାକର ॥
କୁଟିଳ ଅଳକାନିକର ।
ପଙ୍କଜରେ କି ଭୃଙ୍ଗବାର ॥
ଚିକ୍କଣ କୁଞ୍ଚିତ କୁନ୍ତଳ ।
ଶ୍ୟାମଳ ଯେସନ ଅଳିକୁଳ ॥

* * *

(ଅଯୋଧ୍ୟାକାଣ୍ଡ)

ବାଳକୃଷ୍ଣଦାସଙ୍କ 'ରାମରତ୍ନଗୀତା'ରେ 'ଦାନେ' ଷୋଡ଼ ପର ହଳଧରଙ୍କ ଅଧ୍ୟାତ୍ମରାମାୟଣରେ 'ପୁଣ', 'ପୁଣି'ର ପ୍ରୟୋଗ ଢେର ଦେଖାଯାଏ । ଉଦାହରଣ ଦେଖିଲେ ଏଥିର ଯଥାର୍ଥ୍ୟ ସ୍ପଷ୍ଟ ଜଣାଯିବ:—

ଲଙ୍କାଯାକ ନିଃଶେଷ କରିଣ ପୋଡ଼ି ଦେଲ ।
ସେ ହସ୍ତରେ ପୁଣି ତୁମ୍ଭ ଛାମୁକୁ ଆଇଲ ॥
ପାର୍ବତୀଙ୍କି ଯେହ୍ନେ ପୁଣି ଶଙ୍କର କହିଲେ ।
ପୁଣି ରାମ ବଡ଼ ହରଷରେ ଆଜ୍ଞା ଦେଲେ ॥

* * *

ତୁମ୍ଭେ ଦୁହେଁ ନ ଥିଲ ବେଳରେ ଯାହା ପୁଣ ।
ତାଙ୍କୁ ପୁଣ ଚୋରଇ ନେଲା ଯାହା ରାବଣ ॥

(ସୁନ୍ଦରକାଣ୍ଡ)

ସେ ନିଃଶ୍ରେଣୀଙ୍କି ପାଇ ପୁଣ ।
ଜ୍ଞାନଯୋଗକୁ ଆରୋହଣ ॥

* * *

ସେ ଉତ୍ତାରୁ ସମୁଦ୍ରପୁଣ । ବହୁତ ବଳକୁ ହୋଇଣ ॥

(ଲଙ୍କାକାଣ୍ଡ)

ଅନ୍ତ୍ୟ ବର୍ଣ୍ଣ 'ଣ' ଥିଲେ ପଦ ମିଳାଇବା ଟିକଏ ସହଜ; *ଅକ୍ଷର ନ ଅଣ୍ଟିଲେ ପଦ ମଧ୍ୟରେ 'ପୁଣି' ବିଶେଷ ସାହାଯ୍ୟ କରେ । ଏହି କାରଣରୁ ପରା ହଳଧର 'ପୁଣ' ଓ 'ପୁଣି'ର ଆଶ୍ରୟ ନେଇଥିଲେ । ବହୁବଚନ 'ମାନ' ପ୍ରତ୍ୟୟ ମଧ୍ୟ କବି ଇଚ୍ଛାନୁସାରେ ବ୍ୟବହାର କରିଅଛନ୍ତି; ଯଥା:—ଗରଜନମାନ; ରତ୍ନଜନମାନ; ମଧୁମାନ, ନୃତ୍ୟମାନ; ଅଶ୍ରୁଧାରମାନ; ମୃଗମାନ; ଚେଷ୍ଟାମାନ, ଇତ୍ୟାଦି । ଏଥିରୁ ମଧ୍ୟ ବୋଧ ହୁଏ ହଳଧରଦାସ ଜଣେ ମହାନ୍ ସଂସ୍କୃତଜ୍ଞ ପଣ୍ଡିତ ଥିଲେ ।

ଅଧ୍ୟାତ୍ମରାମାୟଣରେ ଦୁଇଗୋଟି ଛନ୍ଦ ମାତ୍ର ଦୃଷ୍ଟ ହୁଏ, ଯଥା:—ଚତୁର୍ଦ୍ଦଶାକ୍ଷର (ସୁନ୍ଦରକାଣ୍ଡ ମାତ୍ର) ଓ ନବାକ୍ଷର । ନବାକ୍ଷର ଛନ୍ଦରେ ଅନେକ ସ୍ଥଳରେ, ଓ ଚତୁର୍ଦ୍ଦଶାକ୍ଷର ଛନ୍ଦରେ କୌଣସି କୌଣସିଠାରେ ଯତିଭଙ୍ଗ ଲକ୍ଷିତ ହୁଏ, ଯଥା :—

ଯୋଗମାୟା ଜନକ ଘରେ ।
ଜାତ ହେଲା ସୀତା ନାମରେ ॥
ସୁନା ପଇତା ଶୋଭିବନ ।
କଟିତଟେ ପୀତ ବସନ ॥
ଶଙ୍କର ବୋଲନ୍ତି ଭବାନି ।
ଯହିଁ ପୂର୍ଣ୍ଣ ବ୍ରହ୍ମ ମୁନି ॥
ଏ ହସ୍ତରେ ଶତେ ଯୋଜନ ସମୁଦ୍ର ଛାର ।
କ କଥା ଏ ଅବା ହୋଇ ନ ପାରିବ ପାର ॥

ଅନୁବାଦ ଗ୍ରନ୍ଥମାନଙ୍କରେ ଏପରି ଦୋଷ ଧର୍ତ୍ତବ୍ୟ ନୁହେ । ମୂଳ ସଂସ୍କୃତର ଅର୍ଥ ମନେ ରଖି, କମ୍ପମନଙ୍କ ପଦ୍ୟରେ ସନ୍ନିବିଷ୍ଟ କରି, "ଭଗ୍ନପୃଷ୍ଠ କଟିଗ୍ରୀବ ସ୍ତବ୍ଧଦୃଷ୍ଟିରଧୋମୁଖଃ" ହୋଇ ତାଳପତ୍ରରେ ଲେଖି ଲେଖି କାଳ ଯାଉଥିବ, ଯତି ଆଡ଼େ ଦୃଷ୍ଟି କିପରି ରହି ପାରିବ ?

ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ ।

ପାର୍ବତୀପୁର ।

. ସାମାଜିକ ନାନାବିଧ ବନ୍ଧନ ମଧ୍ୟରେ ମାତୃଭାଷାଗତ ବନ୍ଧନ ସର୍ବାପେକ୍ଷା ବଳୀୟାନ୍,' ଏହା ବ୍ୟକ୍ତିସମୂହକୁ ଏକତ୍ର କରି ରଖେ । ସାଧାରଣତଃ ପ୍ରତ୍ୟେକ ବିଭିନ୍ନଭାଷୀ ଜାତି ସକାଶେ ଭିନ୍ନ ଭିନ୍ନ ପ୍ରଦେଶ ନିର୍ଦ୍ଦିଷ୍ଟ ଅଛି । ଭାଷାଭେଦାନୁସାରେ ଜାତିଭେଦ ଓ ସ୍ଥାନଭେଦ ନିରୂପିତ ହୋଇଥାଏ । ସମୟ ସମୟରେ ସ୍ଥାନେ ସ୍ଥାନେ ନାନା କାରଣରୁ ଏହି ସ୍ୱତଃସିଦ୍ଧ ସାର୍ବଭୌମ ନିୟମର ବୈପରୀତ୍ୟ ଘଟିଥାଏ । ଦୁର୍ଭିକ୍ଷ, ବାଣିଜ୍ୟ, ଉପନିବେଶ ଓ ଦେଶଭ୍ରମଣ ହେତୁ ଏକ ମାତୃଭାଷାପନ୍ନ ଅବଶ୍ୟ ଏକସ୍ଥାନବାସୀ ଲୋକଙ୍କୁ ସ୍ୱସ୍ଥାନ ତ୍ୟାଗପୂର୍ବକ ଅନ୍ୟ ଦେଶରେ ନିବାସ କରିବାକୁ ହୁଏ । କିନ୍ତୁ ମାତୃଭୂମିକୁ ପ୍ରତ୍ୟାଗମନବାସନା ମନରୁ ଦୂର ହୁଏ ନାହିଁ । ଯେତେ ପରିମାଣରେ ଦୂରସ୍ଥ ହେବାକୁ ହୁଏ ସେହି ପରିମାଣରେ ସ୍ୱଦେଶ ଓ ମାତୃଭାଷାରୂପ ଶୃଙ୍ଖଳ ଦୂରସ୍ଥ ବ୍ୟକ୍ତିମାନଙ୍କୁ ଅଧିକ ଆକର୍ଷଣ କରେ । ରବର (Rubbor) ଖଣ୍ଡିକର କୌଣସି ବିସ୍ତାରିତ ଅଂଶ ଯେପରି ପୁନଃ ସଙ୍କୁଚିତ ହେବାକୁ ଚେଷ୍ଟା କରେ, ତଦ୍ରୂପ ବିଦେଶୀର ମନ ସର୍ବଦା ସ୍ୱସ୍ଥାନ ପ୍ରତି ଆକୃଷ୍ଟ ।

ବିଶାଖାପାଟଣା ଜିଲ୍ଲା ତେଲଗୁଭାଷୀ ପ୍ରଦେଶର ଅନ୍ତର୍ଗତ । ଏହି ଜିଲ୍ଲାର ସମଗ୍ର ଏଜେନ୍ସିରେ (ପାର୍ବତୀପୁର ଅଞ୍ଚଳରେ) ଉତ୍କଳଭାଷା ପ୍ରଚଳିତ । ଶ୍ରୀ ଜୟପୁର ମହାରାଜା ମହୋଦୟ ଜଣେ ଉତ୍କଳୀୟ ନରପତି । ଏଜେନ୍ସି ପ୍ରଦେଶର ପ୍ରାୟ ତିନି ଚତୁର୍ଥାଂଶ ଏହାଙ୍କ ଅଧୀନ । ଏହି ପାର୍ବତ୍ୟ ପ୍ରଦେଶର ପ୍ରଧାନନଗର ଜୟପୁର । ଏଜେନ୍ସି ଛଡ଼ା ଏହି ଜିଲ୍ଲାର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଓଡ଼ିଆ ଲୋକେ ଉପନିବେଶ ସ୍ଥାପନ କରିଅଛନ୍ତି । ଏହି ଜିଲ୍ଲାର ପାର୍ବତୀପୁର ତାଲୁକର ପ୍ରଧାନ ନଗର ପାର୍ବତୀପୁର; ଏହି ତାଲୁକାରେ ସାତଗୋଟି ଜମିଦାରୀ ଅଛି—ପାର୍ବତୀପୁର, ବେଲଗାଁ, ମେରଙ୍ଗୀ, କୁରୁପାଂ, ସଂଗଂବଲସା ଓ ସାଲୁରୁ । ଏହି ଅଞ୍ଚଳର ରାଜା ଜମିଦାରମାନଙ୍କର ଉତ୍କଳଦେଶ ରାଜାମାନଙ୍କ ସହିତ ବନ୍ଧୁତା ଥିବା ଯୋଗୁଁ ଏମାନଙ୍କ ନିକଟରେ ଓ କଚେରୀ ମଧ୍ୟରେ ସ୍ଥାନେ ସ୍ଥାନେ ଓଡ଼ିଆ ଭାଷା ବ୍ୟବହୃତ ହୁଏ । ସଂଗଂବଲସା ଜମିଦାରୀ କ୍ଷୁଦ୍ର ହେଲେହେଁ ଶ୍ରୀଯୁକ୍ତ ମୃତ୍ୟୁଞ୍ଜୟ ନିଃଶଙ୍କ ରାଜା ବାହାଦୁରଙ୍କ ସୁଶାସନ, ସଂସ୍କୃତ ପାଣ୍ଡିତ୍ୟ, ବଦାନ୍ୟତା ଓ ଗୁଣଗ୍ରାହିତା ହେତୁ ଉକ୍ତ ଜମିଦାରୀ ଏହି ପ୍ରଦେଶରେ ସୁବିଖ୍ୟାତ । ରାଜା ବାହାଦୁର ପୂର୍ବ ରାଜଧାନୀର ଅସ୍ୱାସ୍ଥ୍ୟକର ଜଳବାୟୁ ଯୋଗୁଁ ତାହା ତ୍ୟାଗ କରି ପାର୍ବତୀପୁରରୁ ପ୍ରାୟ ୪ ମାଇଲ ଦୂରରେ ମୃତ୍ୟୁଞ୍ଜୟ ନଗର ନାମକ ଏକ ବସତି ସ୍ଥାପନ କରି ତହିଁରେ ଆପଣାର ରାଜଧାନୀ ନିର୍ମାଣ କରିଅଛନ୍ତି । ଏହି ନଗରୀର ମଧ୍ୟଭାଗ ମାର୍ଗଦେଶ ଓ ଚତୁର୍ଦ୍ଦିଗ ବୃକ୍ଷ ଲତାଦିରେ ପରିପୂରିତ ହେବାରୁ ଗୋଟିଏ ମନୋହର ଉଦ୍ୟାନ ପରି ବୋଧ ହୋଇଅଛି । ନଗରର ଅନତିଦୂରରେ ରାଜା ବାହାଦୁରଙ୍କର ଗୋଟିଏ ବଗିଚା ଅଛି । ଉକ୍ତ ବଗିଚା ନାନାବିଧ ଫଳପୁଷ୍ପ ବୃକ୍ଷରେ ସୁରମ୍ୟ । ତହିଁରେ ବିହାର କଲା ମାତ୍ରେକେ ପଥଶ୍ରାନ୍ତ ପଥିକର ଶ୍ରମ ନିବାରଣ ହୁଏ ଏବଂ ବିଷୟାସକ୍ତ ଖେଦଯୁକ୍ତ ସନ୍ତାପିତ ହୃଦୟ ସୁଶୀତଳ ହୁଏ । କୌଣସି ବ୍ୟକ୍ତି ମୃତ୍ୟୁଞ୍ଜୟ ନଗରକୁ ଆସି ଯଥୋଚିତ ସତ୍କାର ନ ପାଇ ଫେରିଗଲା କଥା ଶୁଣା ନାହିଁ । ସାହିତ୍ୟରସିକ ରାଜା ବାହାଦୁର 'ଶକୁନ୍ତଳା' 'ବିକ୍ରମୋର୍ବଶୀ' ଏବଂ 'ନୀତିଶାସ୍ତ୍ରସଂଗ୍ରହ'ର ଟୀକା କରି ସର୍ବସାଧାରଣଙ୍କର ଅଶେଷ ଧନ୍ୟବାଦର ପାତ୍ର ହୋଇଅଛନ୍ତି । ଗାଡେବ ମଜନ୍ଦୁର ଉଡେନ୍‌ଫ୍ଲମସ୍ ରାଜା ମହୋଦୟଙ୍କ ସଂସ୍କୃତଚର୍ଚ୍ଚାର ଭୂରି ଭୂରି ପ୍ରଶଂସା କରିଅଛନ୍ତି । ଶ୍ରୀମତୀ ମହାରାଣୀ ଭିକ୍ଟୋରିଆ ଏହାଙ୍କ ସଂସ୍କୃତ

ସାହିତ୍ୟାନୁଶୀଳନ, ସହୃଦୟତା ଓ ରାଜ୍ୟପାଳନ-ନୈପୁଣ୍ୟରେ ପରିତୃପ୍ତ ହୋଇ "ଯାଦବ ମେହେରବାନ୍ ଦୋସ୍ତାନ୍ ମୁଲ୍କମ୍ ନାଶଙ୍କ ବାହାଦୁର" ଉପାଧି ପ୍ରଦାନ କରିଅଛନ୍ତି । ରାଜା ମହୋଦୟ ପାଇଥିବା ପ୍ରଶଂସାପତ୍ରଗୁଡ଼ିକ ଏକତ୍ର କଲେ ଏକ ପ୍ରକାଣ୍ଡ ପୁସ୍ତକ ହେବ । ରାଜା ବାହାଦୁର ବର୍ତ୍ତମାନ ପ୍ରାୟ ସତୁରି ବର୍ଷ ବୟସରେ ସୁଦ୍ଧା ଶାସ୍ତ୍ରପର୍ଯ୍ୟାଲୋଚନାରୁ ବିରତ ହୋଇ ନାହାନ୍ତି । ବୈଦ୍ୟଶାସ୍ତ୍ରରେ ଏହାଙ୍କର ବିଶେଷ ପ୍ରବେଶ ଅଛି । ଏ ମହାଶୟ ବର୍ତ୍ତମାନ "ଶ୍ରୀ ମୃତ୍ୟୁଞ୍ଜୟ ନୀଳକଣ୍ଠଭାଷିତ ବୈଦ୍ୟଶାସ୍ତ୍ରସାରସଂଗ୍ରହ" ନାମକ ଖଣ୍ଡିଏ ପୁସ୍ତକ ସଙ୍କଳନରେ ବ୍ୟସ୍ତ । ଏହା ଛଡ଼ା ରାଜା ବାହାଦୁରଙ୍କର ନାନା ପ୍ରକାର ଶିଳ୍ପ କାର୍ଯ୍ୟରେ ହସ୍ତନୈପୁଣ୍ୟ ଦେଖାଯାଏ । ରାଜାଙ୍କର ତିନିଗୋଟି ପୁତ୍ର ଅଛନ୍ତି ଏବଂ ପରଲୋକପ୍ରାପ୍ତ ଜ୍ୟେଷ୍ଠ ପୁତ୍ରଙ୍କ ପୁତ୍ର ଅଛନ୍ତି । ଏହି ପୌତ୍ରଙ୍କ ଡାକନାମ "ରାଜବାବୁ" । ରାଜବଂଶରେ ଜନ୍ମଗ୍ରହଣ କରି ଏପରି ଜଣେ ସୁଶୀଳ, ନିରଭିମାନ ଓ ସଦାଳାପୀ ବ୍ୟକ୍ତି ଦେଖାଯିବା ବିରଳ । ରାଜା ମହୋଦୟ ତେଲଙ୍ଗୀ ଅଟନ୍ତି, ତେଲଙ୍ଗୀ ପ୍ରଜାବର୍ଗରେ ପରିବେଷ୍ଟିତ ଥିଲେହେଁ ଅପଣାର ଜାତୀୟ ଭାବ ତାଙ୍କ ମନରେ ସର୍ବଦା ଜାଗରୂକ । ସେ ଦିନ ରାଜାଙ୍କ ସହିତ ମୋହର ସାକ୍ଷାତ ହୋଇଥିଲା । ଏ ମହୋଦୟଙ୍କର ଅତିଥିପ୍ରିୟତା ଓ ମିଷ୍ଟାଳାପରେ ମୁଁ ଅତ୍ୟନ୍ତ ଆପ୍ୟାୟିତ ହୋଇଥିଲି । ସେ ସମୟରେ ରାଜା ବାହାଦୁର କହିଥିଲେ ଯେ "ଓଡ଼ିଆ ଏବଂ ଓଡ଼ିଆର ମିଳନ ବେଳେ ମର୍ଯ୍ୟାଦା, ବାହ୍ୟାଡ଼ମ୍ବରର ପ୍ରୟୋଜନ ନାହିଁ, କେବଳ ସରଳ ହୃଦୟ ଆବଶ୍ୟକ", "ତୁମ୍ଭେ ଅମ୍ଭ ଘରଲୋକ, ତୁମ୍ଭ ଅମ୍ଭ ମଧ୍ୟରେ ଆତିଥ୍ୟ କର୍ମର ଭେଦାଭେଦର ପ୍ରୟୋଜନ ନାହିଁ ।" ପାଠକେ, ଏହି ହୃଦୟସ୍ପର୍ଶୀ ସମ୍ଭାଷଣରୁ ବୁଝିନିଅନ୍ତୁ ରାଜା ମହୋଦୟଙ୍କ ହୃଦୟରେ ଜାତୀୟତା-କୌସ୍ତୁଭ କିପରି ଦେଦୀପ୍ୟମାନ ।

ପାର୍ବତୀପୁରର ଅନତିଦୂରରେ ପ୍ରାୟ ୨ ମାଇଲ ଦୂରରେ "ଆମ୍ରପୁଷ୍କର" ନାମକ ଏକ କ୍ଷୁଦ୍ର ଗ୍ରାମ ଅଛି । ଏହିର ସମୀପସ୍ଥ ପାହାଡ଼ର ପାଦଦେଶଠାରୁ ପ୍ରାୟ ୨୦ ଗଜ କି ୨୫ ଗଜ ଉଚ୍ଚରେ ଏକ ପ୍ରକାଣ୍ଡ ପ୍ରସ୍ତର ଛତାକାରରେ ବାହାରି ପଡ଼ିଅଛି । ଏହାର ନିମ୍ନ ପ୍ରଦେଶସ୍ଥ କୋଡ଼ି ଏକଗୋଟି କନ୍ଦର ଆକାରରେ ନିର୍ମିତ । ଏହି ଗହ୍ୱରସ୍ଥ ଚାରିଗୋଟି ମନ୍ଦିରରେ ଲକ୍ଷ୍ମୀନାରାୟଣ, କାଶୀବିଶ୍ୱନାଥ, ହନୁମାନ ଓ ସୀତାରାମସ୍ୱାମୀ ସ୍ଥାପିତ ଅଛନ୍ତି । ଗୁହାର ସମ୍ମୁଖରେ ଜଗନ୍ନାଥଙ୍କ ଦେବାଳୟ ପ୍ରତିଷ୍ଠିତ ଅଛି । ଏଠାରେ ଗୋଟିଏ କାହାଣୀ ଅଛି ଯେ ମହାତ୍ମା ଗରିବଦାସ ନାମକ ଏକ ବାବାଜୀ ପ୍ରାୟ ୫୦ ବର୍ଷ ପୂର୍ବେ ଏ ସ୍ଥାନକୁ ଆସି ଏଠାରେ ପ୍ରଚ୍ଛନ୍ନଭାବରେ ତପସ୍ୟା କରୁଥିଲେ । ଏହି ପାହାଡ଼ କନ୍ଦରରେ ଶିବଲିଙ୍ଗ ଅଛି ବୋଲି କଥା ବାବାଜୀଙ୍କୁ ସ୍ୱପ୍ନରେ ସ୍ଫୁରିତ ହେଲା । ପାର୍ବତୀପୁରରୁ ଆସିବା ଖାଉଡ଼ି ବଣିକମାନେ ବାବାଜୀଙ୍କଠାରେ ଗୁରୁଭକ୍ତି ରଖିଥାନ୍ତି । ଖାଉଡ଼ି ବାପ ନାଇଡୁ, ରୁଷା ନାଇଡୁ, ନେଟୁ ନାଇଡୁ ଏହି ଦେବାଳୟ ଓ ଗୁହାମନ୍ଦିର ନିର୍ମାଣ କରି ଦେଲେ, ପୋଖରୀ ଖୋଳାଇ ଦେଲେ, କିଛି ଭୂସମ୍ପତ୍ତି ଦେବତାମାନଙ୍କ ଭୋଗରାଗ ସକାଶେ ଲେଖି ଦେଲେ । ବର୍ତ୍ତମାନ ଉକ୍ତ ଭୂସମ୍ପତ୍ତି ବନ୍ଦକରେ ପଡ଼ିଅଛି । କାଶୀବିଶ୍ୱନାଥଙ୍କ ମନ୍ଦିରରୁ ପର୍ବତାଭ୍ୟନ୍ତର ପ୍ରଦେଶକୁ ଗୋଟିଏ ବିବର ଅଛି । ଏହି ଗର୍ତ୍ତ ମଥୁରା ବୃନ୍ଦାବନ ପର୍ଯ୍ୟନ୍ତ ବ୍ୟାପି ଥିବା ଓ ଉକ୍ତ ବିବରରେ ସ୍ଥାନେ ସ୍ଥାନେ ଗଙ୍ଗାଙ୍କ ପ୍ରବାହ ଥିବାର ପ୍ରବାଦ ଅଛି । ଗରିବ ଦାସ ବାବାଜୀ ପୁଣି ଏହି ଗର୍ତ୍ତାଭ୍ୟନ୍ତରରେ ବର୍ଷେ ପର୍ଯ୍ୟନ୍ତ ବାସ କରୁଥିଲେ । କୌଣସି ସମୟରେ ଏକ ସାଧୁ ଏହି ଗୁହା ଭିତରକୁ ଯାଇ ସର୍ପଦଂଶିତ ହୋଇ ପ୍ରାଣତ୍ୟାଗ କରିବାରୁ ଉକ୍ତ ଗୁହାର ମୁଖ ବନ୍ଦ କରାଗଲା । ଏହି ଅଦ୍ଭୁତ କାହାଣୀଗୁଡ଼ିକର

ସନ୍ନ୍ୟାସୀଏ ପାଠ କରୁଥାନ୍ତି । ସାଧାରଣତଃ ସ୍ଥାନଟି ଅତ୍ୟନ୍ତ ନିର୍ଜନ, ନିର୍ମଳ ବାୟୁସେବି ପରିପୂରିତ ଏବଂ ସୁସ୍ୱାଦୁ ସୁଶୀତଳ ଜଳ ହେତୁ ଅତ୍ୟାକର୍ଷକ ଏବଂ ଚିତ୍ତାକର୍ଷକ । ବର୍ତ୍ତମାନ ଦେବାଳୟର କାର୍ଯ୍ୟାଧ୍ୟକ୍ଷ ଶ୍ରୀ ବଳରାମ ଦାସ ବାବାଜୀ । ଏହି ପୂର୍ବର୍ତ୍ତୀ ମଠାଧାରୀ ବାବାଜୀ ଅତ୍ୟନ୍ତ ଶାନ୍ତସ୍ୱଭାବ, ନିଜର ଉତ୍ପାଦିତ ପଦାର୍ଥରେ ଦେବତାମାନଙ୍କ ଦୈନିକ ବନ୍ଧାନ ଚଳାନ୍ତି । କାଶୀବିଶ୍ୱନାଥଙ୍କଠାରେ ସମୀପବର୍ତ୍ତୀ ଲୋକଙ୍କର ଦୃଢ଼ବିଶ୍ୱାସ ଓ ଭକ୍ତି । ଶିବରାତ୍ରି, ସୋମବାରାଦି ପୁଣ୍ୟ ପର୍ବମାନଙ୍କରେ ଲୋକଙ୍କର ଏଠାରେ ମେଳା ହୋଇଥାଏ ।

ଏଠା ରଜା ଜମିଦାରମାନଙ୍କର ବିଶେଷ ଉତ୍କଳ ସମ୍ପର୍କ ଥିବା ହେତୁ ଏମାନଙ୍କର ଓଡ଼ିଆଙ୍କ ପ୍ରତି ସହାନୁଭୂତି ଅତ୍ୟଧିକ ହେଲା । ଦାନ, ଇନାମ, ବୃତ୍ତି ପାଇ ଉତ୍କଳୀୟ ବ୍ରାହ୍ମଣେ ଆସି ଏ ପ୍ରଦେଶରେ ଉପନିବେଶ ସ୍ଥାପନ କଲେ । ଅନ୍ୟାନ୍ୟ ଜାତୀୟ ଲୋକେ ବିଶେଷତଃ କଂସାରିମାନେ ବାଣିଜ୍ୟାର୍ଥେ ଏ ପ୍ରଦେଶକୁ ଆସି ଜମିବାଡ଼ି ଘରଦ୍ୱାର କରି ରହିବାକୁ ଲାଗିଲେ । ଏହିପରି ନାନାବିଧ କାରଣରୁ ଏହି ତେଲଗୁ-ଭୂମି ଅନ୍ତର୍ଗତ ପାର୍ବତୀପୁର ତାଲୁକାରେ ସ୍ଥାନେ ସ୍ଥାନେ ଓଡ଼ିଆ ଲୋକଙ୍କର ବସତି ଦେଖାଯାଏ, ପ୍ରଧାନତଃ ପାର୍ବତୀପୁରରେ । ପାର୍ବତୀପୁର ବିଶାଖାପାଟଣାଠାରୁ ଶୁଦ୍ଧ ଉତ୍ତରଦିଗରେ ପ୍ରାୟ ୮୮ ମାଇଲ ଦୂରବର୍ତ୍ତୀ । ଏହା ଏକ ଗ୍ରୀଷ୍ମପ୍ରଧାନ ସ୍ଥାନ । ଏଠାରେ ବର୍ଷାଋତୁରେ ଅପର୍ଯ୍ୟାପ୍ତ ପରିମାଣରେ ବର୍ଷା ହୁଏ । ଏଠାରେ ୟୁନିୟନ୍ ସ୍ଥାପିତ ଅଛି । ନିକଟସ୍ଥ ପଲ୍ଲିଗ୍ରାମ ତିନିଗୋଟି—ଜଗନ୍ନାଥପୁର, ଡୋଭିବଲସା ଓ ବେଲଗାଁ ଏହି ୟୁନିୟନ୍ ଭୁକ୍ତ । ଏଠାର ଜନସଂଖ୍ୟା ୧୭୩୦୮ । ପାର୍ବତୀପୁର ଜମିଦାରର ଏହା ରାଜଧାନୀ । ଶ୍ରୀ ରାଜା ଧନଞ୍ଜୟ ଥାଟରାଜ ନିଃସନ୍ତାନ ହୋଇ ପରଲୋକ ପ୍ରାପ୍ତ ହେଲାପରେ ପାର୍ବତୀପୁର ଜମିଦାରୀ ସହୋଦର ଉତ୍ତରାଧିକାରୀମାନଙ୍କ ମଧ୍ୟରେ ଗଣ୍ଡଗୋଳ ଜାତ ହେଲା । ପରିଶେଷରେ ଅଦାଲତଦ୍ୱାରା ବିବାଦ ନିଷ୍ପତ୍ତି ହୋଇ ପରଲୋକଗତ ରାଜାଙ୍କ ପିତୃବ୍ୟପୁତ୍ର ଭ୍ରାତ ଶ୍ରୀ ସୂର୍ଯ୍ୟନାରାୟଣ ଥାଟରାଜ ଓ ଶ୍ରୀ ସୁନ୍ଦରନାରାୟଣ ଥାଟରାଜ ଉଭୟଙ୍କ ମଧ୍ୟରେ ଉକ୍ତ ଜମିଦାରୀ ବଣ୍ଟନ କରାଗଲା । ଶ୍ରୀ ସୂର୍ଯ୍ୟନାରାୟଣ ଥାଟରାଜ ପାର୍ବତୀପୁର ବିଭାଗର ଅଧିପତି ହେଲେ, ଶ୍ରୀ ସୁନ୍ଦରନାରାୟଣ ଥାଟରାଜ ବେଲଗାଁ ବିଭାଗର ରାଜତ୍ୱ ଗ୍ରହଣ କଲେ । ଦୁଇଭାଇ ପରସ୍ପର ପ୍ରତି ସୌହାର୍ଦ୍ଦଭାବ ପ୍ରଦର୍ଶନପୂର୍ବକ ପ୍ରାୟ ୩ବର୍ଷ ମାତ୍ର ସୁଖ ଶାନ୍ତିରେ ସହିତ ରାଜ୍ୟଶାସନ କରି ପ୍ରାୟ ୩୫ ଓ ୩୬ ବର୍ଷ ବୟସରେ ଇହ ସଂସାର ତ୍ୟାଗ କଲେ । ବର୍ତ୍ତମାନ ପ୍ରାୟ ୪ ବର୍ଷ ହେବ ଉକ୍ତ ପାର୍ବତୀପୁର ଓ ବେଲଗାଁ ଜମିଦାରୀ କୋର୍ଟ୍ ଅଫ୍ ୱାର୍ଡସ୍‌ଙ୍କ ଅଧୀନ । ପାର୍ବତୀପୁର ରାଜା ପ୍ରକୃତ ଉତ୍କଳୀୟ ଅଟନ୍ତି । ରାଜା ଦୁଇ ଭାଇ ଚିକିଟି ରାଜ୍ୟାଧିପଙ୍କ ଭ୍ରାତୃପୁତ୍ରୀ ଦୁଇ ଭଗିନୀଙ୍କ ପାଣି ଗ୍ରହଣ କରିଥିଲେ । ରାଣୀମାନେ ଆପଣାର ଉତ୍କଳଦେଶରୁ ଅନେକ ଦାସୀ ପରିବାରୀ ଆଣି ରାଜସଦନରେ ଓଡ଼ିଆଆଚାର ବନ୍ଧନ ପ୍ରଚାର କରିଅଛନ୍ତି ଏବଂ ଦେବାଳୟମାନଙ୍କରେ ଉତ୍କଳ ବ୍ରାହ୍ମଣମାନଙ୍କୁ ନିଯୁକ୍ତ କରି ଦାନ, ଇନାମ, ବୃତ୍ତି ଦେଇ ସେମାନଙ୍କୁ ପୋଷିଅଛନ୍ତି । ଏହି ସହରରେ ପ୍ରାୟ ୨୦୦ ଘର ଓଡ଼ିଆ ଲୋକେ ନିବାସ କରନ୍ତି, ତନ୍ମଧ୍ୟରୁ ପ୍ରାୟ ଦେଢ଼ଶ ଘର ବ୍ରାହ୍ମଣ, ଅବଶିଷ୍ଟ ଓଡ଼ିଆରଙ୍କ କଂସାରି । ଗତ ଗଣନାନୁସାରେ ୩୬୪୩ ଘରରୁ କେବଳ ୨୦୦ ଘର ଛଡ଼ା ବାକି ସବୁ ତେଲୁଗୁ । ଏଠାର ସ୍ଥାନୀୟ ବୈଚିତ୍ର୍ୟ ଏହି ଯେ ଏଠା ସମସ୍ତ ଗବର୍ଣ୍ଣମେଣ୍ଟ କର୍ମଚାରୀଙ୍କ ଅଫିସ୍ ଗୁଡ଼ିକ ପାର୍ବତୀପୁର ଓ ବେଲଗାଁ ମଧ୍ୟବର୍ତ୍ତୀ ଏକ ସ୍ଥାନରେ ରୁଣ୍ଡ ଅଛି । ଏଠାରେ ପ୍ରଧାନ ସହକାରୀ (Hdea assistant) କଲେକ୍ଟର, ପୋଲିସ୍ ସୁପରିଣ୍ଟେଣ୍ଡେଣ୍ଟ, ଡେପୁଟି ତହସିଲଦାର, ସବ୍-ମେଜିଷ୍ଟ୍ରେଟ ଓ

ସବ୍-ରେଜେଷ୍ଟ୍ରାରଙ୍କ ଅଫିସ ଅଛି । ଡାକଘର ଡିପାର୍ଟମେଣ୍ଟ ସ୍କୁଲ ପୁଣି ଡାକ୍ତରଖାନା ମଧ୍ୟ ଅଛି । ଅଦାଲତ ବେଞ୍ଚୀୟ ମୁନସଫ କୋର୍ଟ ଅଛି ଏବଂ ରାଜଚକ୍ରବର୍ତ୍ତୀ ସପ୍ତମ ଏଡ଼ୱାର୍ଡଙ୍କ ଅଭିଷେକୋତ୍ସବ ସ୍ମାରକ ଗୋଟିଏ ଦରିଦ୍ରାବାସ ପ୍ରତିଷ୍ଠିତ ଅଛି । ସ୍ଥାନୀୟ ଭଦ୍ର ବ୍ୟକ୍ତିଙ୍କଠାରୁ ମାସିକ ଚାନ୍ଦା ସଂଗୃହୀତ ହୋଇ ଉକ୍ତ ଦରିଦ୍ରା-ବାସରେ ଗରିବ କଙ୍ଗାଳମାନଙ୍କୁ ପ୍ରତ୍ୟହ ଗୋଟିଏ ଥର ଅନ୍ନ ଭୋଜନ ଦିଆଯାଏ । ଏଠାର ସକଳ ସର୍କାର କର୍ମଚାରୀ ତେଲୁଗୁ ଲୋକ । କେବଳ ସବ୍‌ରେଜେଷ୍ଟ୍ରାର ଜଣେ ଓଡ଼ିଆ । ଏହି ଗ୍ରାମନିବାସୀ ଶ୍ରୀଯୁକ୍ତ ନାରାୟଣ ପାଣିଗ୍ରାହୀ ଜଣେ ମାତ୍ର ସ୍ଥାନୀୟ ପ୍ରାଇଭେଟ ଓକିଲ । ଏ ମହାଶୟ ଜଣେ ଚତୁର ବ୍ୟକ୍ତି, ପ୍ରାଇଭେଟ ଓକାଲତିରେ ଦକ୍ଷତା ଲାଭ କରିଅଛନ୍ତି । ସ୍ଥାନୀୟ ଭଦ୍ର ବ୍ୟକ୍ତି ପ୍ରଧାନତଃ ସର୍କାର କର୍ମଚାରୀଙ୍କ ସମ୍ମିଳନ ସୁବିଧା ସକାଶେ ଏଠାରେ ଜୁବିଲୀ କ୍ଲବ ନାମକ ଗୋଟିଏ କ୍ଲବ ଅଛି । ବ୍ୟାୟାମ ସକାଶେ ତହିଁରେ "ଲନ୍ ଟେନିସ୍" ଖେଳର ଆୟୋଜନ ଅଛି । "ମାନ୍ଦ୍ରାଜ ମେଲ୍" ଓ "ହିନ୍ଦୁ" ଖବର କାଗଜ ଏହି ସମିତିରେ ପଠିତ ହୁଏ । "ସର୍କାର ଚାକରି" ଓ "କ୍ଲବ ସଭ୍ୟତା" ବିଷୟରେ ଲେଖି ଲେଖି ତେଲଙ୍ଗୀ ଲୋକଙ୍କର "ଉଦ୍ୟୋଗସ୍ଥୁଲୁ" କଥା ମନେ ପଡ଼ିଗଲା । "ଉଦ୍ୟୋଗ" ଶବ୍ଦର ଅର୍ଥ ଉଦ୍ୟମ, ଯତ୍ନ, ଚେଷ୍ଟା । ଯେ କୌଣସି କାର୍ଯ୍ୟରେ ଚେଷ୍ଟା କଲେ ଉକ୍ତ ଚେଷ୍ଟାକୁ ଉଦ୍ୟୋଗ କହା କିନ୍ତୁ ତେଲଙ୍ଗୀ ଲୋକେ "ଉଦ୍ୟୋଗ" ଶବ୍ଦର ଗବର୍ଣ୍ଣମେଣ୍ଟ ନୌକରୀ ଅର୍ଥ କରିଥାନ୍ତି । ଏମାନଙ୍କ ବିଚାରରେ ଅନ୍ୟ 'ଉଦ୍ୟୋଗ' ଉଦ୍ୟୋଗ ନୁହେ, କେବଳ ଗବର୍ଣ୍ଣମେଣ୍ଟ ଚାକରି ସର୍ବୋତ୍କୃଷ୍ଟ ମହତ୍ତମ ଉଦ୍ୟୋଗ । ଏମାନେ ପରସ୍ପର କାର୍ଯ୍ୟ ଜିଜ୍ଞାସା କଲେ "କି ଉଦ୍ୟୋଗ କରୁଅଛନ୍ତି" ବୋଲି ପଚାରିବେ । ଏହାର ଅର୍ଥ "କି କାମରେ ଅଛନ୍ତି" ବା "କି କାର୍ଯ୍ୟ କରୁଅଛନ୍ତି"(ଏଠାରେ 'କାମ' 'କାର୍ଯ୍ୟ' ବୋଲନ୍ତେ ଗବର୍ଣ୍ଣମେଣ୍ଟ କାର୍ଯ୍ୟ) ପବ୍ଲିକ କାର୍ଯ୍ୟ ଅର୍ଥାତ୍ ସର୍ବସାଧାରଣ ସକାଶେ କାର୍ଯ୍ୟ ପ୍ରାଇଭେଟ ଅର୍ଥାତ୍ ବ୍ୟକ୍ତିଗତ କାର୍ଯ୍ୟ ଅପେକ୍ଷା ମହତ୍ତର । ଯଦି ଏହି ଭାବରେ ଗବର୍ଣ୍ଣମେଣ୍ଟ ଚାକରୀକୁ ପ୍ରକୃତ ଉଦ୍ୟୋଗ ବୋଲି କହନ୍ତି, ତାହାହେଲେ ସେମାନଙ୍କର ଭାବ ଓ ଉକ୍ତ ଭାବପ୍ରକାଶକ ବାକ୍ୟପ୍ରଣାଳୀ ଅବଶ୍ୟ ପ୍ରଶଂସନୀୟ । ଯେତେବେଳେ ଆମ୍ଭେମାନେ କହୁଁ "ମାଜିଷ୍ଟ୍ରେଟଗିରି, ଦେୱାନଗିରି, ଗୁମାସ୍ତାଗିରି" ସେତେବେଳେ ତେଲଙ୍ଗୁ ଲୋକେ କହନ୍ତି, "ମାଜିଷ୍ଟ୍ରେଟ ଉଦ୍ୟୋଗ, ଦେୱାନ ଉଦ୍ୟୋଗ, ଗୁମାସ୍ତା ଉଦ୍ୟୋଗ । ଦେୱାନଗିରି 'ଉଦ୍ୟୋଗ'ରେ ପରିଗଣିତ ହେବା ସନ୍ଦେହ, ଯେହେତୁ ଦେୱାନଗିରି ଗବର୍ଣ୍ଣମେଣ୍ଟ ଚାକରି ନୁହେ ।

ଏହି ଗ୍ରାମନିବାସୀ ଶ୍ରୀଯୁକ୍ତ ରଘୁନାଥ ସପ୍ପୁଗୁରୁ ଆଦି ନେ ଭାଇଙ୍କ କଥା ଏଠାରେ ବକ୍ତବ୍ୟ । ଏମାନଙ୍କର ପିତା ବାଲାଜି କଣାପ ସପ୍ପୁଗୁରୁ ଜୟପୁର ମହାରାଜାଙ୍କ ଦେୱାନଗିରି କରି ସୁଖ୍ୟାତି ଅର୍ଜନ କରିଥିଲେ ଏବଂ "କଣାପ ସପ୍ପୁଗୁରୁ" ପଦବୀ ପାଇଥିଲେ । ପୁଣି ପ୍ରାୟ ପାଞ୍ଚଲକ୍ଷ ଟଙ୍କାର ସମ୍ପତ୍ତି ସଂଗ୍ରହ କରି ଦେଇ ଯାଇଅଛନ୍ତି । ଏହାଙ୍କର ପୁତ୍ରମାନେ ପିତୃଦତ୍ତ ସମ୍ପତ୍ତିକୁ ବହୁ ଯତ୍ନସହକାରେ ରକ୍ଷା କରିଅଛନ୍ତି, କିନ୍ତୁ ଏମାନଙ୍କର ବହୁ ସଦ୍‌ବ୍ୟୟ ଦେଖାଯାଏ ନାହିଁ । କେବଳ ପିତୃସମ୍ମାନକ "ରାଜ ଶ୍ରୀ—କଣାପ ସପ୍ପୁଗୁରୁ" ପଦବୀରୁ କିୟଦଂଶ "ରାଜ ଶ୍ରୀ—ସପ୍ପୁଗୁରୁ" ବାହାର କରି ଅପଣା ନାମର ପୂର୍ବେ ଓ ପରେ ବ୍ୟବହାର କରିଥାନ୍ତି । ମନେ କରନ୍ତୁ ପନଭାଇଙ୍କ ମଧ୍ୟରୁ କେହି ଜଣଙ୍କର ନାମ "ଲକ୍ଷ୍ମୀନାରାୟଣ" । ସେହି ବ୍ୟକ୍ତି ସ୍ୱାକ୍ଷର କରିବେ ଯେ "ରାଜ ଶ୍ରୀ ଲକ୍ଷ୍ମୀନାରାୟଣ ସପ୍ପୁଗୁରୁ ଗାରୁ । "ଗାରୁ" ଗୋଟିଏ ତେଲଙ୍ଗୀ ସମ୍ମାନ-ସୂଚକ ଶବ୍ଦ, ଅର୍ଥାତ୍ ଓଡ଼ିଆରେ "ମହାଶୟ" । ସ୍ୱାକ୍ଷରଟି ପୂର୍ଣ୍ଣାବୟବ ଓଡ଼ିଆରେ ଲେଖିବାକୁ ହେଲେ, "ରାଜ ଶ୍ରୀ ଲକ୍ଷ୍ମୀନାରାୟଣ ସପ୍ପୁଗୁରୁ

ମହାତ୍ମା'' ବୋଲି ଲେଖାଯିବ । ଏହି କେତେଗୁଡ଼ିକ ଶବ୍ଦ ମୋହର ଉତ୍ତମ ସଙ୍ଗତ । ଏମାନେ ସୁଶୀଳ ଓ ମିଷ୍ଟଭାଷୀ । ସେଦିନ ଏମାନଙ୍କ କଥାଟିରେ ପ୍ରସଙ୍ଗ ଛଳରେ "ବଧୂବା ବଚାଡ଼'' ପ୍ରସ୍ତାବ କରିଥିଲି । କିନ୍ତୁ ମୋହର ଦେୟ (?) ପ୍ରସ୍ତାବଟି ସେମାନଙ୍କ ହୃଦୟରେ ସ୍ଥାନ ନ ପାଇ, ଏ କାନ ବାଟେ ପଶି ସେ କାନବାଟେ ବାହାରି ଗଲା । ଏଥି ସକାଶେ ସମାଜ ଦୋଷୀ, ଏ ମହାଶୟମାନଙ୍କ କଥା ଛଡ଼; ଅବାଳ ସମସ୍ତେ ତାହାର ଅଧୀନ । ଏହି ଅଞ୍ଚଳରେ ଏକେଣ୍ଟି ଉପାହାରେ ସଉଗଡ଼ ନାମରେ ଗୋଟିଏ ଗ୍ରାମ ଅଛି । ଉକ୍ତ ଗ୍ରାମରେ ଜଣେ ସାର୍ଥନାମା ଉତ୍କଳ ବ୍ରାହ୍ମଣ ନିବାସ କରନ୍ତି, ଏହାଙ୍କ ନାମ ଶ୍ରୀନିବାସ ବକ୍ସି । ଏ ମହାତ୍ମା ଅନେକ କଷ୍ଟକ୍ଲେଶ ସ୍ୱୀକାରପୂର୍ବକ, ନ ଖାଇ, ନ ପିଇ, ନ ଦେଇ ପ୍ରାୟ ୧୦ ଲକ୍ଷ ଟଙ୍କାର ସମ୍ପତ୍ତି ଜଡ଼ ଯତ୍ନସହକାରେ ନିରାପଦରେ ରକ୍ଷା କରି-ଅଛନ୍ତି । ଏପରି ସ୍ୱାର୍ଥଶୂନ୍ୟ ବ୍ୟକ୍ତି ଦେଖାଯିବା ବିରଳ । ଲୋକେ ନିଜେ ନିଜର ସମ୍ପତ୍ତି ଭୋଗ କରନ୍ତି, ସତ୍ ବା ଅସତ୍‌ପାତ୍ରରେ ଦାନ କରନ୍ତି, କିମ୍ବା ସତ୍କାର୍ଯ୍ୟ ହେଉ ବା ଅସତ୍କାର୍ଯ୍ୟ ହେଉ ନିଜେ ଅପଣାର ଧନ ଖର୍ଚ୍ଚ କରନ୍ତି । କିନ୍ତୁ ଏ ମହାତ୍ମା ନିଜେ କିଛି ଭୋଗ ନ କରି ସବୁ ପରପାଇଁ ରଖି ଦେଇ ଯାଉଅଛନ୍ତି । ଏ ମହାଶୟଙ୍କ ସାର୍ଥନାମ ସହଜରେ ବୁଝାଯିବ—ଶ୍ରୀ ଅର୍ଥାତ୍ ଲକ୍ଷ୍ମୀ, ନିବାସ ଅର୍ଥାତ୍ ସ୍ଥାନ । ଲକ୍ଷ୍ମୀଦେବୀ ଆସି ଏହାଙ୍କ ଘରେ ସାକ୍ଷାତ୍ ବିଦ୍ୟମାନ ଅଛନ୍ତି । ଏଠା ଲୋକଙ୍କ ପୋଷାକ ଓ ଅଙ୍ଗର ବ୍ୟବହାରରେ କିଛି ବିଶେଷତ୍ୱ ଅଛି । ବ୍ୟବସାୟୋପଜୀବୀ ଶୂଦ୍ରଲୋକେ ସାଧାରଣତଃ କୌପୀନ ବ୍ୟବହାର କରିଥାନ୍ତି ଏବଂ ବ୍ରାହ୍ମଣମାନେ ଓ ଅନ୍ୟାନ୍ୟ ଉଚ୍ଚଜାତୀୟ ଲୋକେ ମଧ୍ୟ ସ୍ନାନବେଳେ, ଭୋଜନବେଳେ ଅନେକ ସମୟରେ କୌପୀନ ପିନ୍ଧି ଥାନ୍ତି । ଏମାନେ ସ୍ତ୍ରୀ ଗହଳରେ ନିଃଶଙ୍କ ଚିତ୍ତରେ ଏପରି ଅନାବୃତଶରୀର ହୋଇ ଯାତାୟାତ କରିଥାନ୍ତି ।

ଆମ୍ଭ ଦେଶରେ ସକଳ ଭୋଗବାସନା ତ୍ୟାଗର ଚିହ୍ନ ସ୍ୱରୂପ ବୈରାଗୀମାନେ କୌପୀନ ଧାରଣ କରିଥାନ୍ତି; କିନ୍ତୁ ଏ ଦେଶରେ କୌପୀନ ଘରେଇ ପୋଷାକ । ଉତ୍କଳ ଦେଶରେ ବିଶେଷତଃ ଗଞ୍ଜାମରେ ସ୍ତ୍ରୀମାନଙ୍କର ନତ ପିନ୍ଧିବା ପ୍ରଥା ପ୍ରଚଳିତ । ନତ ସଧବାର ଚିହ୍ନ । ନତବିହୀନତା ବୈଧବ୍ୟର ଲକ୍ଷଣ, କିନ୍ତୁ ଏ ଦେଶରେ ଶୁଣିଲି ଯେ ନତ କେବଳ ଶୋଭା ନିମନ୍ତେ ବ୍ୟବହୃତ । ଅନେକ ବ୍ରାହ୍ମଣସ୍ତ୍ରୀଙ୍କ ନାକରେ ନତ ନ ଥାଏ । ରଜୋଦର୍ଶନ ବେଳେ ବ୍ୟବହୃତ ନତ ଅଶୁଦ୍ଧ ହୋଇଯାଏ, ଅତଏବ ନୈଷ୍ଠିକା ସ୍ତ୍ରୀମାନେ ନତ ପିନ୍ଧନ୍ତି ନାହିଁ । ଗଞ୍ଜାମ ସଧବାର ନତସମ୍ବଳ ସୌନ୍ଦର୍ଯ୍ୟୋପକରଣ ସ୍ୱରୂପ ବିବେଚିତ ହେଲେ ବହୁତ ସୁବିଧା ହୁଅନ୍ତା । ଏହି ସହରରେ ତମାଖୁର ବ୍ୟବହାର ଓ ଖଲିର ବାଣିଜ୍ୟ ପ୍ରଚୁର ପରିମାଣରେ ଚଳେ । ପିକା ସ୍ୱରୂପରେ ଧୂଆଁପତ୍ର ବ୍ୟବହୃତ ହୁଏ । ଏଠାର ଜନସଂଖ୍ୟା ୧୭୩୦୮ । ହାରାହାରି ପ୍ରତ୍ୟେକ ବ୍ୟକ୍ତିର ଦୈନିକ ଉପଭୋଗ ଦୁଇଗୋଟି ହିସାବରେ ପିକା ବ୍ୟବହୃତ ହେଲେ ପ୍ରତି ଦିନ ଏଠାରେ ୩୪୬୧୬ ଗୋଟି ପିକା ଦରକାର ହୁଏ । ଅର୍ଥାତ୍ ପଇସାକୁ ୬ ଗୋଟି ହିସାବରେ ପ୍ରାୟ ୧୦୦ ଟଙ୍କାର ଧୂଆଁପତ୍ର ବିକ୍ରୟ ହୁଏ । ଧୂମପାନରେ ଅନାସକ୍ତ ବ୍ୟକ୍ତି ଅତ୍ୟନ୍ତ ବିରଳ । ବ୍ରାହ୍ମଣସ୍ତ୍ରୀ ବ୍ୟତୀତ ଅନ୍ୟ ସକଳ ଜାତିର ଆବାଳ-ବୃଦ୍ଧବନିତା ସମସ୍ତେ ଧୂମପାୟୀ । କୃଷୀ ଓ ଅନ୍ୟାନ୍ୟ ବ୍ୟବସାୟଜୀବୀ ସମସ୍ତ ସ୍ତ୍ରୀ ପୁରୁଷ ପିକା ଅଭାବରେ ଦଣ୍ଡେ ସୁଦ୍ଧା ଚଳି ପାରନ୍ତି ନାହିଁ । ନିମ୍ନଜାତୀୟ ଲୋକେ ସାଧାରଣତଃ ୧୨ ଅଙ୍ଗୁଳି ଦୀର୍ଘ ବୃଦ୍ଧାଙ୍ଗୁଳିବତ୍ ମୋଟା ଗୋଟିଏ ଗୋଟିଏ ପିକା ତୁଣ୍ଡରେ ଗୁଞ୍ଜିଥାନ୍ତି । ଏମାନଙ୍କର ମୁଖା-ଭ୍ୟନ୍ତର—ଦନ୍ତମୂଳ, ଜିହ୍ୱା, ଓଷ୍ଠ ଚିରଅଭ୍ୟାସ-ବଶତଃ ଏତେଦୂର ଅଗ୍ନିପରୀକ୍ଷିତ ହୋଇଥାଏ ଯେ ପିକାବହିର୍ଗତ ଧୂମର ଉତ୍ତାପରେ ଏମାନେ

ଲୁପ୍ତ ହୁଅନ୍ତି ନାହିଁ । ପିକାର ନିଆଁ ଲଗିଥିବା ଭାଗଟା ବାରମ୍ବାର ତୁଣ୍ଡ ଭିତରେ ଭର୍ତ୍ତି କରି ରଖନ୍ତି । ଧୂଆଁ ପୁଳା ପୁଳା ଛାଡ଼ି ପଦବ୍ରଜରେ ଭ୍ରମଣ କରୁଥିବା କୌଣସି ବ୍ୟକ୍ତିର ଦୃଶ୍ୟ ଦେଖି ମନରେ ଏହି ଭାବର ଉଦ୍ରେକ ହୁଏ, ଯେପରି ପିକାବହ୍ନିର୍ଗତ-ଧୂମପୁଞ୍ଜ ମୁଖ-ଚିମ୍ନି-ନିର୍ଗତ ପରିଚାଳିତ ଶକଟ-ଯାନ ପ୍ରଧାବିତ ହେଉଅଛି । ଅନ୍ଧକାର ରାତ୍ରରେ ଗମନାଗମନ ବେଳେ ନମସ୍ତ ସମୟରେ ପିକାସେବକମାନଙ୍କର ଲଣ୍ଠନ ବା ଅନ୍ୟ ଆଲୁଅର ପ୍ରୟୋଜନ ହୁଏ ନାହିଁ । ଯେହେତୁ ଏମାନେ ମୁଖସ୍ଥ ପିକାର ଅଗ୍ରପରିଣତାଂଶ ଛାଡ଼ି ଦେଇ ତାହାକୁ ଖୁବ୍ ଶୋଷି ଦେଲେ ପିକାର ପ୍ରଜ୍ୱଳିତ ଅଗ୍ନିକଣା ହାଲୁ ହାଲୁ ହେଉଥିବା ଡାକାଣୀ ନିଆଁକୁ ପରାଜିତ କରି ଧୂମସେବକ ଅଗ୍ରଗାମୀର ପଥପ୍ରଦର୍ଶକ ହୋଇଥାଏ । ଦେଶକେ ପାଙ୍କ । ଓଡ଼ିଶା ଅଞ୍ଚଳରେ ଯେପରି ଚୂଣ୍ଡିଯୁକ୍ତ ପାନ ବ୍ୟବହୃତ ହୁଏ ତଦ୍ରୂପ ଏ ପ୍ରଦେଶରେ ପିକା ବ୍ୟବହାରର ପ୍ରାବଲ୍ୟ ଦେଖାଯାଏ । ଏଠାରେ ସାଧାରଣତଃ ମୁଖଶୁଦ୍ଧି ସକାଶେ ଭୋଜନାନ୍ତେ ପ୍ରଥମେ ପିକା ବ୍ୟବହୃତ ହୁଏ; ତାପରେ ଧୂପାୟିତ ମୁଖରେ ଅରଂଶଗୁଆଯୁକ୍ତ ତାମ୍ବୁଲ ଦିଆଯାଏ । ପାନ ଖାଇବା ଏକପ୍ରକାର ଉପଭୋଗରେ ପରିଗଣିତ, କିନ୍ତୁ ପିକା ଲଗାଇବା ଜୀବନରକ୍ଷାର ଗୋଟିଏ ଅବଶ୍ୟକ ସାମଗ୍ରୀ ।

ପାଲଘାଟପୁରଠାରୁ ପ୍ରାୟ ୧୬ ମାଇଲ ଦୂରବର୍ତ୍ତୀ କାରଞ୍ଚୁଂ ନାମକ ଏକ ଗ୍ରାମ ଖଳି ନିମନ୍ତେ ପ୍ରସିଦ୍ଧ ହେଲେହେଁ ପାଲଘାଟପୁରରେ ସୁଲଭ ଖଳି ପ୍ରସ୍ତୁତ ହୁଏ । ଏଠାରେ ଖଳିର ବ୍ୟାପାର ବଡ଼ । ପଞ୍ଚମ ବର୍ଷୀୟ ବାଳକଠାରୁ ୬୦ ବର୍ଷୀୟ ବୃଦ୍ଧା ପର୍ଯ୍ୟନ୍ତ ସମସ୍ତେ ଖଳିସୀଅନ କାର୍ଯ୍ୟରେ ନୈପୁଣ୍ୟ ଦେଖାଇଥାନ୍ତି । କି ଧନୀ କି ଦରିଦ୍ର ଅନେକଙ୍କ ଘରେ ସ୍ତ୍ରୀମାନେ ଏହି ଖଳି ପ୍ରସ୍ତୁତ କରନ୍ତି ଏବଂ ସମୟ ସ୍ୱଳ୍ପରେ ବସ୍ତା ବସ୍ତା ସୁଲଭ ଖଳି ବିକ୍ରୟ କରୁଥାନ୍ତି । ସ୍ତ୍ରୀମାନେ ଘରେ ଶୋଇ ବସି, ଖେଳ କୌତୁକରେ ଦିନ ଯାପନ କରିବା ଅପେକ୍ଷା ଏପରି ପ୍ରୟୋଜନୀୟ କାର୍ଯ୍ୟରେ ବ୍ୟାପୃତ ରହିବା ଶ୍ରେୟସ୍କର । ତେଲୁଗୁ ବ୍ରାହ୍ମଣମାନଙ୍କର ଥାଳୀରେ ଅନ୍ନ ଭୋଜନ କରିବା ବିରଳ, ସାଧାରଣତଃ ଏହି ପିଂଗା ଚତୁଅ ଅର୍ଥାତ୍ ଖଳି ବ୍ୟବହାର କରିଥାନ୍ତି ।

ଦାକ୍ଷିଣାତ୍ୟ ବ୍ରାହ୍ମଣମାନଙ୍କର ଗୋଟିଏ ଧର୍ମଗତ ବୈଲକ୍ଷଣ୍ୟ ପରିଲକ୍ଷିତ ହୁଏ । ପ୍ରତ୍ୟେକ ବ୍ରାହ୍ମଣ ସାହିରେ କୌଣସି ଗୃହର ଦାଣ୍ଡ ପିଣ୍ଡାରେ ଜୋଡ଼ାଏ ବା ପୁଞ୍ଜାଏ ଲେଖାଏ ବ୍ରାହ୍ମଣ ଓ ବୈଶ୍ୟ (ଗରିବ କୁମଟି) ସ୍ତ୍ରୀମାନଙ୍କର ମେଳା ଦେବାର ପ୍ରାୟ ପ୍ରତ୍ୟହ ଦେଖାଯାଏ । ଏମାନେ ବଗଡ଼ି ଲୁଙ୍ଗୁର ପର ସାହିର ପ୍ରାନ୍ତ ଭାଗରେ ନଜୁବା ପୁଷ୍କରିଣୀ ଘାଟରେ ଦିନର ଅଧିକାଂଶ ଅତିବାହିତ କରନ୍ତି । କୌଣସି ବ୍ରାହ୍ମଣ ସ୍ନାନ ସାରି ଜଳ ଧରି ଆସିବା ବେଳେ ପ୍ରାୟ ୨୦ ବା ୩୦ ଗଜ ଦୂରରେ ଦଣ୍ଡାୟମାନ ରହି ବଗଡ଼ି ଲୁଙ୍ଗୁର ଅପେକ୍ଷା ନୀଚତର ଏହି ରଜସ୍ୱଳା ରମଣୀମାନଙ୍କୁ ସୂଚନାବର୍ତ୍ତା ଦେବା ସକାଶେ ଡାକ ପକାନ୍ତି । କାରଣ, କାଳେ ଏହି ସ୍ତ୍ରୀମାନଙ୍କ ଛାୟା ପଡ଼ି ବା ଗନ୍ଧ ପ୍ରସର ଉକ୍ତ ଶୁଦ୍ଧ ଜାତ ବ୍ରାହ୍ମଣ ଚଣ୍ଡାଳ ପାଲଟି ଯିବେ ଏହି ଅସ୍ପୃଶ୍ୟା ସ୍ତ୍ରୀମାନଙ୍କୁ ମାସକେ ଚାରି ଦିନ—ରଜୋଦର୍ଶନ କାଳରେ ଦାଣ୍ଡଦ୍ୱାରରେ ରହିବାକୁ ହୁଏ । ଋତୁମତୀ ନାରୀମାନଙ୍କ ନିମନ୍ତେ ପ୍ରତ୍ୟେକ ଦାକ୍ଷିଣାତ୍ୟ ବ୍ରାହ୍ମଣ ଗୃହର ଦାଣ୍ଡପିଣ୍ଡାର ଏକପାର୍ଶ୍ୱରେ ଗୋଟିଏ ପୃଥକ୍ କ୍ଷୁଦ୍ର କକ୍ଷ ନିର୍ମିତ ହୋଇଥାଏ, ତହିଁରେ ନିର୍ବାସିତା ଋତୁମତୀ ରମଣୀକୁ କାରାବାସ କରିବାକୁ ହୁଏ । କଷ୍ଟ କାଳଦାସଙ୍କ ନାଟ "ମୁଁ ଛାଡ଼, ମୁଁ ଛାଡ଼" ବୋଲି ଅନ୍ଧକାର ଠାରୁ ବଡ଼ଦ ବୋଲି ପରିଚୟ ଦେଲାପରି ଏହି ଋତୁମତୀ ସ୍ତ୍ରୀମାନେ "ଅମ୍ଭେମାନେ ସଂଭୋଗ୍ୟା ନୋହୁଁ," ବୋଲି ନିଜେ ଘୋଷଣା ଦେଉଥାନ୍ତି । ଏହା ଅତ୍ୟନ୍ତ ସୌଭାଗ୍ୟର ବିଷୟ ଯେ ଉତ୍କଳ ବ୍ରାହ୍ମଣସ୍ତ୍ରୀମାନଙ୍କୁ

ଏହି କ୍ରୂର ସାମାଜିକ ନିଷ୍ପେଷଣ ଓ ଲଜ୍ଜାପ୍ରଦ ଲାଞ୍ଛନା ଭୋଗ କରିବାକୁ ପଡ଼େ ନାହିଁ ।

ପାର୍ବତୀପୁରସ୍ଥ ଓଡ଼ିଆ ଭାଇମାନଙ୍କ କଥା— ତେଲଗୁ ପ୍ରଦେଶରେ ଓଡ଼ିଆ ଭାଇମାନଙ୍କୁ ତେଲଙ୍ଗୀମାନଙ୍କ ସହିତ ମିଳିମିଶି ରହିବାକୁ ହୁଏ, ପୁଣି ସେମାନଙ୍କର ବେଶଭୂଷା ପୂଜ୍ୟପର୍ବ ବିଧିବିଧାନ ପର୍ଯ୍ୟନ୍ତ ପାଳିବାକୁ ହୁଏ । ଏଠାରେ ଓଡ଼ିଆ ଲୋକେ ପ୍ରାୟ ସମସ୍ତେ ବୈଷ୍ଣବମତାବଲମ୍ବୀ । ବାହ୍ୟ ବେଶ ଦେଖି ଦୂର ପରିବର୍ତ୍ତିତ ହେଲେହେଁ ନାକର ଫୁଲ ଓ ବେକର ମାଳା ଏମାନଙ୍କର ଓଡ଼ିଆ ଜାତିତ୍ୱର ସମ୍ପୂର୍ଣ୍ଣ ପରିଚୟ ଦିଏ । ଏମାନଙ୍କ ସହିତ ଆଳାପଦ୍ୱାରା ଏମାନଙ୍କୁ ଓଡ଼ିଆ ବୋଲି କଠାରୁ ଚିହ୍ନିବା କଷ୍ଟ, କିନ୍ତୁ ତଗା ମାଳ ଉପରେ ଦୃଷ୍ଟି ନିପତିତ ହେବା ମାତ୍ରକେ ସକଳ ସନ୍ଦେହ ଦୂରୀଭୂତ ହୋଇଯାଏ । ମତେ ଦେଖି ଏଠାର ଜଣେ ବ୍ରାହ୍ମଣ କହିଥିଲେ "ଏ ତ ବ୍ରାହ୍ମଣ, ଏହାଙ୍କ ବେକରେ ମାଳା କାହିଁ ଦେଖୁ ?" ଓଡ଼ିଆମାନଙ୍କର ତେଲଙ୍ଗୀମାନଙ୍କ ପରି "ଘରନାମ" ନାହିଁ । ଅନେକେ ତେଲଙ୍ଗାମାନଙ୍କର ଅନୁକରଣ କରି ଆପଣା ଜାତିନାମ, ବୃତ୍ତିନାମ, ପିତା ବା ପିତାମହ ନାମ ବା କୌଣସି ପୂର୍ବ ପୁରୁଷଙ୍କ ସମ୍ମାନସୂଚକ ପଦବୀ ଆପଣାର ନାମ ପୂର୍ବରେ ଯୋଗ କରି ଉକ୍ତ ନାମକୁ ଆପଣାର ଗୃହନାମ ସ୍ୱରୂପେ ବ୍ୟବହାର କରନ୍ତି । କ୍ରମାନ୍ୱୟରେ ଯଥା:—ଓଡ଼ି ବଂଶୀର ବଳରାମ ଦାସ ("ଓଡ଼ିଆ ବଂଶାବଳୀ"ର ରଚୟିତା ଓଡ଼ି ବଂଶୀୟ), ଦଳାଇ କେଶବ ଦାସ, ମଧୁସୂଦନ ଜଗନ୍ନାଥ ଦାସ, ଚଉଧୁରୀ ରାଧାମୋହନ ଦାସ ଓ ଦଣ୍ଡଶଙ୍କ ଜଗନ୍ନାଥ ଦାସ । ତେଲୁଗୁ ଭାଷା ସହିତ ସଂସ୍ରବ ଯୋଗୁଁ ଏଠା ଓଡ଼ିଆ ଭାଷାର ପରିଶୁଦ୍ଧତା ନଷ୍ଟ ହୋଇ ଯାଉଅଛି । ଏମାନଙ୍କ ଓଡ଼ିଆ ଭାଷା ଅନେକ ସମୟରେ ସହଜରେ ବୁଝିହୁଏ ନାହିଁ । କୌଣସି ସମ୍ମାନାର୍ହ ବ୍ୟକ୍ତିଙ୍କ ପ୍ରତି "ଆଜ୍ଞା" ପ୍ରୟୋଗ କରାଯାଏ ନାହିଁ । "ଆଜ୍ଞା" ପରିବର୍ତ୍ତେ "ହୁଁ" ଶବ୍ଦ ବ୍ୟବହୃତ । ଅବଧାନ, ନାହାକ, ଗୃଟଶାଳୀ, ପଣକଥ, ଶୋଧ—ଏହି ଶବ୍ଦଗୁଡ଼ିକର ଅର୍ଥ ଅନେକେ ଜାଣନ୍ତି ନାହିଁ ଏବଂ ଓଡ଼ିଆରେ ଶହେ ପର୍ଯ୍ୟନ୍ତ ଅଙ୍କ ଗଣନା କରି ପାରନ୍ତି ନାହିଁ । ଏହି ଅଞ୍ଚଳର ବ୍ୟବହୃତ ଓଡ଼ିଆ ଭାଷାର କେତେକ ଉଦାହରଣ ନିମ୍ନରେ ପ୍ରଦତ୍ତ ହେଲା ।

ତାଙ୍କୁ ସେ ସ୍ତ୍ରୀ ଲାଗିବା ଭାର୍ଯ୍ୟା ନୁହଁ = ତାଙ୍କୁ ସେ ଯୋଗ୍ୟ ଭାର୍ଯ୍ୟା ନୁହେ ।

ସାକ୍ଷୀ ପାଳିବନା ତାଉଁ = ସାକ୍ଷୀ କହିଲା ନାହିଁ, ବା ରାଜି ହେଲା ନାହିଁ ।

ମୁଣ୍ଡା = ଢାଲ, କୋଟା ।

ହୋଗଡ଼ା = ଉଚ୍ଚା ।

ଦୃଢ଼ାଟା ବେଦର ଗନ୍ଧ = ଦାମୃତ ଗମନ୍ଧ ବା ହରୁବନ୍ଧ (ହରୁତନ୍ଧ) ।

ମୁଇଁ = ମୁଁ ।

କଦଳୀ ପାଚାଳ = ପାଚିଲା କଦଳୀ ।

ଅପି ପେଜବା = ମଙ୍ଗିବା, ସ୍ୱୀକାର କରିବା ।

ପଣକଥ = ଅଧଲା ।

ପାରଙ୍କା = ଦୁଇପଇସା, ଦପାୟୁ

କାନ = ପଇସା ।

ଗାଟୁ = ହୁଡ଼ା, ବନ୍ଧ ।

ଆପସା = ପାଣିବାଟିଆ ।

ଥଳୀ = ଥାଳୀ ।

ଗୁଲ = ଟୋକେଇ ।

କରଥ = ଗାମୁଛା ।

ତବାଜ = ମାମୁଲି, ପଟ୍ଟେଶ ।

ଲେଖା ଭୁହିଗଲା ନାଉଁ ବା ତେଲଲା ନାଉଁ = ଲେଖା ଛୁଟିଲା ନାହିଁ ।

ମାଡ଼ିବା ଭୁଟି = ଉଙ୍ଗା ଭୁଟି ।

ମେକା = ଛେଳି ।

କାଙ୍କାଲୁ = ଛୁରି, କାତି ।

ଗାଳିଡ଼ା = ଦଉଡ଼ିଣ, ଗହଳୀ ।

ଗୁଡ଼ଥ = ପଦର ।

ନାଙ୍ଗୁ = ଲଙ୍ଗଳ ଲୁହା ।

ଛେଦ=ଶେଷ, ଅନ୍ତ ।
ଘରେ ହୋଇବା=ଘରେ ରହିବା ବା ଋତୁହବା ।
ଉପରୁ ଖସି ପଡ଼ିବା=ଉପରୁ ଓହ୍ଲାଇବା ।
ତା ନର୍ଦ=ଡାହା ନୁହେ ।
ଅଛଡ଼ବା=ଯୋଡ଼ିବା ।
ମାଂଗାଲ=ଭଣ୍ଡାର ।
ବ୍ରାହ୍ମଣସଂତର୍ପଣ=ବ୍ରାହ୍ମଣଭୋଜନ ।
ପାଲୁଅ କାଢ଼ିଦେଲା=ମଡ଼କ ହେଉ ଗଲା ବା ଉଁସାର ଦେଲା ।
ଲୁପା=ଗଦା ।

ଏହିପରି ଅନେକ ତେଲଙ୍ଗୀ ଶବ୍ଦ ଓଡ଼ିଆ ଭାଷାରେ ମିଶିତ ଥାଏ, ସମଗ୍ର ଉତ୍କଳଭାଷୀ ପ୍ରଦେଶର ଭିନ୍ନ ଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ଦେଶଜ ଶବ୍ଦ ଓ ଭିନ୍ନ ଭିନ୍ନ ବାକ୍ୟଯୋଜନ ପ୍ରଣାଳୀର ବ୍ୟବହାର ଥିଲେହେଁ ଭାଷାଗତ ମୌଳିକ ଐକ୍ୟ ଅକ୍ଷୁଣ୍ଣ ରହିବା ଅତ୍ୟନ୍ତ ଆବଶ୍ୟକ ଏବଂ କୌଣସି ବସ୍ତୁ ବା ଭାବ ନାମତ୍ରେ ସୁବୋଧ୍ୟ, ସର୍ବତ୍ର ପ୍ରଚଳିତ ଶବ୍ଦ ବା ବାକ୍ୟ ଥିବା ସ୍ଥଳେ ତାହା ଛାଡ଼ି ଅନ୍ୟ ଭାଷାର ଗୋଟିଏ ଶବ୍ଦ ବ୍ୟବହାର କରିବା ଅବଶ୍ୟ ଅସଙ୍ଗତ ପୁଣି ଅସୁନ୍ଦର ।

ଏଠାର ଓଡ଼ିଆ ଲୋକେ ତେଲଙ୍ଗୀମାନଙ୍କ ମୁଣ୍ଡ ବାଳରଖା ପଦ୍ଧତି ଅନୁକରଣ କରିଥାନ୍ତି । ମସ୍ତକଟି ତିନିଭାଗରେ ବିଭକ୍ତ । ପ୍ରଥମ ଭାଗଟିରେ କ୍ଷୌର କର୍ମ କରାଯାଏ । ତଦୁପରି ଭାଗଟି ଚର୍ତ୍ତୁସର କ୍ରୀଡ଼ାସ୍ଥାନ ଏବଂ ଶିଖରରେ ଶିଖା ବିଦ୍ୟମାନ । ଶିଖାଟି ଉତ୍କଳଦେଶର "ଚୈତନ୍ୟଚୁଟି" ନୁହେ, ଶିଖରସ୍ଥ କେଶଗୁଚ୍ଛ ବହୁତ ବେଶି ପରିମାଣରେ ଥାଏ । ଲୁଗାପିନ୍ଧାରେ ମଧ୍ୟ ତେଲଙ୍ଗୀ ଅନୁକରଣ । ସାଧାରଣତଃ ପାଟ୍ଟୁଆଳ, ନଡ଼ୁବା ଅତିବଡ଼ ହେଲେ ଛଅହାତ ଲମ୍ବ ଲୁଗା ଏମାନଙ୍କୁ ପିନ୍ଧିବାକୁ ଯଥେଷ୍ଟ, ଯେହେତୁ ପଶ୍ଚାଦ୍‌ଭାଗରେ କାଛ ବା ଦେଢ଼ ହାତ ଦୀର୍ଘ ଗୋଟିଏ ଲାଙ୍ଗୁଳ ଦୋଳାୟିତ । ଦାକ୍ଷିଣାତ୍ୟ ଲୋକେ ଭାରି ଅଳଙ୍କାରପ୍ରିୟ । ଏମାନଙ୍କର ଅସ୍ଥାବର ସମ୍ପତ୍ତି ଗହଣାରୂପେ ରକ୍ଷିତ । କେବଳ ସ୍ତ୍ରୀ ଅବା ବାଳକ ନୁହନ୍ତି, ବୟୋବୃଦ୍ଧ ପୁରୁଷମାନେ ସୁଦ୍ଧା କଡ଼ୁ, କୋଳ, ମାଳଆଦି ଅଳଙ୍କାର ଲଗି ହୋଇଥାନ୍ତି । ପିତା ମାତା ଜୀବିତ ଥିଲେ ୫୦ ବର୍ଷୀୟ ବୁଢ଼ା ମଧ୍ୟ ପିଲାରେ ଗଣାଯାଏ ଏବଂ କଡ଼ୁ କୋଳ ଆଦି ଅଳଙ୍କାର ଧାରଣ କରିବା ତାହା ପକ୍ଷରେ ଅସୁନ୍ଦର ବା ଲଜ୍ଜାକର ବିବେଚିତ ହୁଏ ନାହିଁ । ଏଠା ଓଡ଼ିଆ ଭାଇମାନଙ୍କ ପକ୍ଷରେ ଏହି ଅଳଙ୍କାର ଧାରଣ ପ୍ରଣାଳୀର ଅନୁକରଣ ସାମାନ୍ୟ କଥା ନୁହେ । ଧନର ପ୍ରୟୋଜନ । ଏ ଯୋଗୁଁ ଏହି ପ୍ରଥାର ଯଥାସାଧ୍ୟ ଅନୁକରଣ କରାଯାଉଥାଏ ।

ଏହି ସବୁ ବାହ୍ୟ ବେଶଭୂଷାନୁକରଣ ଜନାନାମଣ୍ଡଳୀରେ ପ୍ରବେଶ କରି ପାରି ନାହିଁ । ତେଲଙ୍ଗୀ ସ୍ତ୍ରୀମାନଙ୍କର ବସ୍ତ୍ରପରିଧାନପ୍ରଣାଳୀ ଅବଶ୍ୟ ଉତ୍କୃଷ୍ଟ । ସେମାନେ ସର୍ବଦା କଞ୍ଚୁଳିକା ଧାରଣ କରିଥାନ୍ତି । ଉତ୍କଳ ମହିଳାମାନଙ୍କର ବସ୍ତ୍ର ପରିଧାନରେ ନିତାନ୍ତ ଅନାଗରିକତା ଦେଖାଯାଏ । ଅବୟବ ବିଶେଷ ଅନାବୃତ ଥାଏ । କାଞ୍ଚୁଳି ଧାରଣ ଏମାନଙ୍କ ପକ୍ଷରେ ନିଷିଦ୍ଧ । ମଳୟାଳ ଦେଶରେ ପୁଣି ଗଞ୍ଜାମ ଅନ୍ତର୍ଗତ ମାଳ ପ୍ରଦେଶରେ ସ୍ତ୍ରୀମାନେ ଅନାବୃତକୁଚ ହୋଇ ପ୍ରକାଶ୍ୟଭାବରେ ବିଚରଣ କରନ୍ତି । ତହିଁରେ କୌଣସି ଆପତ୍ତି ବା ଅଶ୍ଳୀଳତାର ଆଶଙ୍କା ନ ଥାଏ । ଅଜହାଲି ଏ ଦେଶମାନଙ୍କରେ ମଧ୍ୟ ସଭ୍ୟତାସ୍ରୋତ ଅବାରିତ ଭାବରେ ପ୍ରବାହିତ । ଏମାନେ ଅନ୍ୟ ଜାତିମାନଙ୍କର ଅନୁକରଣପୂର୍ବକ କକ୍ଷସ୍ଥଳ ଆବୃତ ରଖିବାକୁ ଶିଖିଲେଣି । ଉତ୍କଳୀୟମାନଙ୍କର ବସ୍ତ୍ର ସୁସଭ୍ୟ ଶିକ୍ଷାର ଚେଷ୍ଟା ନାହିଁ । ଏ ବିଷୟରେ ବିଶେଷ ଲେଖିବାକୁ ଗଲେ ପାଠକେ କହିବେ ଯେ ଲେଖାଟା ଭାରି ଅଶ୍ଳୀଳ ହୋଇଗଲା । ଲେଖାଟା ଯେବେ ଏତେଦୂର ଅଶ୍ଳୀଳ, ତେବେ ଦୃଶ୍ୟଟା କଣ ହୋଇଯାଇ ନ ପାରେ । କେହି

ଦେଇ ଦେବନ୍ତି, ଯଦି ଆମ୍ଭ ସ୍ତ୍ରୀମାନେ ବେଶ୍ୟାଙ୍କ ପରି ହାବ ଭାବ ଲଗାଇବେ ତେବେ ଅବଗୁଣର ପରିତ୍ୟାଗ କରି ବଜାରରେ ବୁଲନ୍ତୁ । କିନ୍ତୁ ସେମାନଙ୍କ ରକ୍ଷିବାକୁ ହେବ ଯେ ହଂସ ଯେପରି ଜଳମିଶ୍ରିତ ଦୁଗ୍ଧରୁ ଦୁଗ୍ଧାଂଶ ପାନ କରି ଜଳଭାଗ ଛାଡ଼ି ଯାଏ ସେହିପରି ଭଲ ଗ୍ରହଣ କରି ମନ୍ଦ ତ୍ୟାଗ କରିବାକୁ ହେବ ।

ଶ୍ରୀ ଶ୍ରୀବତ୍ସ ପଣ୍ଡା ।

ବାଇମାହାନ୍ତି ପାଞ୍ଜି । (୧୪)

ଏଥିମଧ୍ୟରେ ବାଇମାହାନ୍ତି ଆମ୍ଭମାନଙ୍କ ନିକଟରୁ ଯାଇ ସହରର ସୁନାମଖ୍ୟାତ ଗର୍ମଲଲ ଦାସ୍ ଓକିଲଙ୍କ ନିକଟରେ ମୋହରର ମୁହୁରିର୍ ହୋଇ ରହି ସାରଲେଣି । କିନ୍ତୁ ଆମ୍ଭମାନଙ୍କର କେବେହେଁ ଉଚ୍ଚ ଆଶା ଚୂନା କରି ଦେଲେ । ଓକିଲ ସିରସ୍ତାର ସମସ୍ତ ହାଲଚାଲ ଆମ୍ଭମାନଙ୍କୁ ଯୋଗାଇବେ ବୋଲି ପ୍ରତିଶ୍ରୁତ ହୋଇଥିଲେ, କିନ୍ତୁ ସିରସ୍ତାରେ ରହିବାର କେତେଦିନ ମଧ୍ୟରେ ଜମିନ୍ ଆସ୍ମାନ୍ ବଦଳି ଗଲେ । କାର୍ଯ୍ୟବଶତଃ ଆମ୍ଭମାନଙ୍କ ମଧ୍ୟରୁ ଜଣେ ବନ୍ଧୁ ସହରକୁ ଯାଇଥିଲେ, ବାଇମାହାନ୍ତିଙ୍କୁ ଦେଖି ତାଙ୍କୁ ପ୍ରତିଶ୍ରୁତ ସମ୍ବାଦ ମାଗିବାରୁ ମାହାନ୍ତି ତାଙ୍କ ହାତକୁ ସମନ୍ ଫାରମ, ଜାମିନ୍ ଇତ୍ତିଲାତ, ହୋରକ୍ଷିତିଆରଣ୍ଡ ଇତ୍ୟାଦି ଗୋଛାଏ ବଢ଼ାଇ ଦେଲେ । ଆମ୍ଭମାନଙ୍କ ବନ୍ଧୁ ଏଗୁଡ଼ାକ ଦେଖି ଅବାକ୍ ! ବନ୍ଧୁ କହିଲେ, 'ଆମେ ଏଗୁଡ଼ାକ ପୂର୍ବରୁ ଦେଖିଥିଲୁ, ଏଠାରେ ଓକିଲ ସିରସ୍ତାର ସବିଶେଷ ସମ୍ବାଦ ଯୋଗାଇବାପାଇଁ ଆମ୍ଭେ ତୁମ୍ଭଙ୍କୁ କହିଥିଲୁଁ ।' ବାଇମାହାନ୍ତି ବନ୍ଧୁଙ୍କ ହାତ ଧରି ଓକିଲଙ୍କ ସିରସ୍ତାକୁ ନେଇ ଯାଇ [illegible] କେତେଗୁଡ଼ିଏ ସହ- [illegible] ପ୍ରଭୃତି ଶୁଣାଇ ଦେଲେ । ବନ୍ଧୁ [illegible] ବୋଲି ସେଠାରୁ ଉଠି ଆସିଲେ । ବାଇମାହାନ୍ତିଙ୍କ [illegible] ବୁଝି ପାରି [illegible] ସଙ୍ଗେ [illegible] ଦେବାକୁ ଆସିଲେ ଓ କହିଲେ 'ସବୁ [illegible] ଗୁଡ଼ିଏ [illegible] ରହସ୍ୟ ଥାଏ, [illegible] ଆପଣମାନଙ୍କ [illegible] ଆପଣମାନଙ୍କର [illegible] ଥିବାର ନାହିଁ । ତାହାରେ ପ୍ରଗଟ ହେଲେ ବ୍ୟବସାୟୀଙ୍କ ଜର୍ମ କ୍ରମେ ମାଟି ହୋଇଯିବ । ଏ ଏକ କଥା, ଆଉ ଗୋଟିଏ କାରଣ ମଧ୍ୟ ଅଛି । ବେଗେରର ଆଳଗୃହ ସବୁଠିଁ ଏ 'ଓକିଲ ବାବୁଙ୍କ ବସ୍ତାନି' ବୋଲି ଖଣ୍ଡିଏ ବହି ଛପାଇବାର ଉଦ୍ୟୋଗରେ ଅଛି । ସେଗୁଡ଼ାକ ତୁମ୍ଭମାନଙ୍କୁ ଦେଲେ ଦି' ପଇସା ରୋଜଗାରରେ ବାଧା ପଡ଼ିବ ।' ଏକଥା ପୂର୍ବର ମଫସଲିଆ ବାଇମାହାନ୍ତିଙ୍କୁ ବର୍ତ୍ତମାନର ସହର ମାମଲତକାର ବାଇମାହାନ୍ତିଙ୍କ ସଙ୍ଗେ ବନ୍ଧୁ ମନେ ମନେ ତୁଳନା କରୁଥାନ୍ତି । ଏହି ସମୟରେ ଜଣେ ମଫସଲ ଲୋକ ହାତରେ ଜବା ହୋଇ-ହୋଇଥିବା ଥାଳୁଆ ମଧ୍ୟରୁ ଖଣ୍ଡିଏ ସମନ୍ କାଗଜ ବାହାର କରି କେତେକ କଥା ମଧ୍ୟସ୍ଥ କରାଇ ମୂଳେ ବୁଲୁଥିଲା । ଯେପରି ତା ଉପରେ ବାଇମାହାନ୍ତିଙ୍କ ନଜର ପଡ଼ିଛି, ବାଇମାହାନ୍ତି ବନ୍ଧୁଙ୍କଠାରୁ ଖସି ଯାଇ ଉକ୍ତ ଲୋକ ନିକଟରେ ପହଞ୍ଚିଲେ, ପହଞ୍ଚିବା ସଙ୍ଗେ ସଙ୍ଗେ ସେ ଲୋକଟି ଭକ୍ତିସହକାରେ ମାହାନ୍ତିଙ୍କୁ ପ୍ରଣାମ କଲା ଓ ସେ ଦୁହିଙ୍କର କଥାବାର୍ତ୍ତାରୁ ବୋଧ ହେଲା ଯେପରିକି ସେ ଦୁହେଁ ଅନେକ ଦିନର ପରିଚିତ ବନ୍ଧୁ । ଆମ୍ଭମାନଙ୍କ ବନ୍ଧୁ ବାଇମାହାନ୍ତିଙ୍କ ପଛରେ ଯାଉଥାନ୍ତି । ପ୍ରଥମେ ବାଇମାହାନ୍ତି ଉକ୍ତ 'ମକ୍କେଲ'ଙ୍କୁ କେତେଗୁଡ଼ିଏ ନୀତିପୂର୍ଣ୍ଣ ଉପଦେଶ ଦେଇ ସଂସାରର ଅସାରତା, ନିଃସ୍ୱାର୍ଥ ପରୋପକାରର ମୂଲ୍ୟ, କଳିକାଳର ପ୍ରବଞ୍ଚନା, ସାଧାରଣ ଓକିଲମାନଙ୍କର ଅଧାରଣତା, ଟାଉଟମାନଙ୍କ ଲୁଣ୍ଠନ ଇତ୍ୟାଦି ବିଷୟ ଉପରେ ବ୍ୟାଖ୍ୟା କରି-

ପରାମର୍ଶପତ୍ରରେ ନିଜର ଖାମଖିଆଲ ବାବୁଙ୍କର ସଜ୍ଞାନତା, ନିଃସ୍ୱାର୍ଥ ପରୋପକାର, କାର୍ଯ୍ୟକୁଶଳତା ଓ ହାକିମମାନଙ୍କ ସଙ୍ଗେ ଘନିଷ୍ଠତା, ପୂର୍ବର ସମସ୍ତ ମକଦମାରେ ବାବୁଙ୍କର ଜୟଲାଭ ଇତ୍ୟାଦି ସମ୍ବନ୍ଧରେ ବକ୍ତୃତା କଲେ ।

ପାଠକ ଅବଧାନ ! କ୍ଷମା କରିବେ, ଏଗୁଡ଼ାକ ପଢ଼ି ଯେବେ ଆପଣ ନିଜର ମନରେ ଏପରି ଜଣେ ଲୋକଙ୍କୁ ଦେଖିବାମାତ୍ରକେ ବଳୁଆ କରି ବସନ୍ତି, ତାହାହେଲେ ସର୍ବନାଶ । ଆପଣ ଅବଶ୍ୟ ବନସିରେ ମାଛ ଧରିବା ହେବେ ଦେଖିଥିବେ, ଯେବେ ପୂର୍ବରୁ ନ ଦେଖିଥିବେ ତେବେ ବର୍ତ୍ତମାନ ପଠନ ବନ୍ଦ କରି ଥରେ ଦେଖି ଆସିଲେ ଏ ଉପମାଟା ବୁଝିବାକୁ ବିଶେଷ କଷ୍ଟ ହେବ ନାହିଁ । ସବୁ ମାଛ ଥୋପ ଗିଳନ୍ତି ନାହିଁ, କେତେ ମାଛଙ୍କ ନିମନ୍ତେ ଯୋକ, କେତେ ମାଛଙ୍କ ନିମନ୍ତେ ଚିଅ, କେତେକଙ୍କ ନିମନ୍ତେ ଅଟାଗୁଳା, କେତେକଙ୍କ ନିମନ୍ତେ ବେଙ୍ଗ, ଏସବୁ ଏପରି ବନସିରେ ଗୁନ୍ଥିବାକୁ ହୁଏ । ପ୍ରଥମରେ ଚାର ଠିକ ନ କରି ବନସିରେ ମାଛ ମାରିବାର ଆଶା ଦୁରାଶା । ତା ପରେ କେତେକ ମାଛ 'ସାହରଚଟା ଯୋଲକବଧା, ଖଉଡ଼ଭୁପଣ, ଗାଲୁସିକଣ୍ଟା' ଅଛନ୍ତି, ସେ କୌଣସି ପ୍ରକାରେ ବନସିର ପାଖ ମାଡ଼ିବେ ନାହିଁ, ଅଥଚ ଅନ୍ୟ ମାଛଗୁଡ଼ିକୁ ହୁସିଆର କରିବେ । ଏଚାର ସ୍ଥିର କରିବା ସହଜ ନୁହେ । ଏଚାର ସ୍ଥିର କଲେ ପୁଣି ବନସିସଂଲଗ୍ନ ଯେଉଁ ମୟୂରପକ୍ଷର କାଠି ଜଳ ଉପରେ ଠିଆ ହୋଇ ଭାସୁଥାଏ ତାହାପ୍ରତି ପୁନଃପୁନ ଦୃଷ୍ଟି ରଖିବା ଆବଶ୍ୟକ । ମାଛ ଥୋପ ଖୋଳିବା ସମୟ ସେହି କାଠିରୁ ସ୍ଥିର କରିବାକୁ ହେବ । ସେହି ସମୟଟି ଠିକ୍ ଝିଙ୍କାଟାଏ ନ ହେଲେ ମାଛ ଶୀଘ୍ର ଗର୍ଭସାର କରି ଉମ୍ପିଟ୍ । ମଙ୍କେଲମାନେ ହେଲେ ଓକିଲମାନଙ୍କର ପରମ ଉପାଦେୟ ସାମଗ୍ରୀ । ସେଗୁଡ଼ିକ ସଂଗ୍ରହ କରିବା ନିମନ୍ତେ ଟଉଣୀ ବା ଚଳିତ କଥାରେ 'ମୋହରିର୍' ଆବଶ୍ୟକ । ଯେପରି ସବୁ ମୁଗଙ୍କପାଖରେ ବସୁନ୍ଥି ନ ଥାଏ, ସେହିପରି ସବୁ ମୋହରିରମାନେ ଯେ 'ଟଉଣୀ' ହୋଇ ପାରିବେ ଏହା ଅସମ୍ଭବ । ମାଛଟିଏ ପାଣିରେ ଦେଖିବା ମାତ୍ରକେ ପ୍ରଥମେ ସେ କି ଜାତୀୟ, କିରୂପରେ ଉପାଦେୟ ହେବ ନା, କିରୂପରେ ବନସିରେ ଧରା ପଡ଼ିବାର ସମ୍ଭବ ହେବ ନା, ତା ପରେ କି ପ୍ରକାର ଚାର ଦେଲେ ସେ ଧରା ପଡ଼ିବ, ଚାର ଖୋଳିଲାଣି କି ନାହିଁ, ବନସି ଝିଙ୍କିବାର ସମୟ ହେଲାଣି କି ନାହିଁ, ବଡ଼ ମାଛ ହୋଇଥିଲେ କେତେ ବନସିଖଡ଼ାକୁ ନ ଝିଙ୍କି ତାକୁ କେତେ ସମୟ ଖେଳାଇଲେ ସେ ଅଧୀନ ହେବ, ଇତ୍ୟାଦି ଇତ୍ୟାଦି ଅନେକ ବିଷୟରେ ବହୁଦର୍ଶିତା ଲାଭ କରିବାକୁ ହେବ । ସେହିପରି ଟଉଣୀମାନଙ୍କୁ ଯେଉଁମାନେ ଘୃଣା ଚକ୍ଷୁରେ ଦେଖନ୍ତି ସେମାନଙ୍କ ସମ୍ବନ୍ଧରେ ଆମ୍ଭମାନଙ୍କର ଉଚ୍ଚମତ ନୁହେ । ମଙ୍କେଲମାନେ ମନୁଷ୍ୟଜାତୀୟ, ସେମାନଙ୍କ ହୃଦୟକୁ ଆଣିବାକୁ ଉସ୍ତାଦ ହାତ ଥିବା ଆବଶ୍ୟକ । ଏସବୁ ପର୍ଯ୍ୟାଲୋଚନା ନ କରି କଟେଇ ବରଗଛ ମୂଳେ ଯାହା ହାତରେ ଲାଗିବ ଏ ଦେଖିବେ ତାକୁ ଝିଙ୍କିବେ, ତାହାହେଲେ ଅପ୍ରସ୍ତୁତ ହେବେ । ସରକାର ବାହାଦୁର ଆଇନ କରିଅଛନ୍ତି ଯେ ଯେଉଁମାନେ ଓକିଲମାନଙ୍କ ନିକଟରେ ମାମଲା ହାଜର କରାଇ ଜୀବିକା ନିର୍ବାହ କରନ୍ତି ସେମାନେ ଦଣ୍ଡନୀୟ ହେବେ । ଏ ହିସାବରେ ଧରିବାକୁ ଗଲେ ନିଜର ଅନ୍ୟ କୌଣସି ସମ୍ପର୍କ ନ ଥାଇ ଯେ ଅନ୍ୟର ମାମଲା ମକଦମା ଓକିଲଙ୍କ ଠାରେ ପହଞ୍ଚାଇ ପୁରସ୍କାର ପାଇବେ ସେହିମାନେ ଟଉଣୀ ହେବେ । ଟଉଣୀମାନଙ୍କ କେତେକ କଥା ମାଡ଼ିବାକୁ ମନା; କିନ୍ତୁ ଆଇନର ସେ ବାଧ୍ୟଟି ଏଡ଼ିବାର ଅନେକ ବାଟ ଅଛି । ୧ମ—ଦରଖାସ୍ତ ଲେଖାଇ କବଜିନା ହୁଅ, ତହିରେ ଭଲରେ ଟଉଣୀପଣିଆ କରୁଥାଅ । ୨ୟ—ଓକିଲଙ୍କ ମୋହରିର ଲିଷ୍ଟରେ ନାମ ଲେଖାଅ, କାଗଜ

କଲମ ଓ ଧର ପଛକେ ଆଉ ଭାବନା ନାହିଁ । ଶସ୍ତ୍ର—ଯୋଗାଡ଼ କରି ଆପଣା ନାମରେ ଖଣ୍ଡିଏ ଦୁଇ ଖଣ୍ଡ ସମଢାପଣ ବାସନା କରି; କେତେ କଥା ହେଲେ ଅମୁକଙ୍କ ଅମମୂଲ୍ୟାର ବୋଲି ଗ୍ରାହ୍ୟ ପାଠକ ଏ କେଉଁ କଥାରୁ କୌଣସି କଥା କଲେ ବନ ବପଦରେ ହାକିମଙ୍କ ଆଖିରେ, ଅଧିକ ଆଖିରେ, ସରକାରଙ୍କ ଆଖିରେ ଧୂଳି ପକାଇ ଚେଣ୍ଡ୍ର ଦେଇ ଖେଳ କରୁଥାଅ, ଭାବନା ନାହିଁ । ସେଥିପାଇଁ କହୁଁ, ପୂର୍ବରୁ ଏ କଥାଗୁଡ଼ିକ ଯୋଗାଡ଼ ନ କଲ, ମକ୍କେଲ—ପ୍ରକୃତ ପର୍ଯ୍ୟାଲୋଚନା ନ କରି ହଠାତ୍ କାରଗରଭାବରେ ବକ୍ତୃତା କରି ବସିଲେ ସର୍ବନାଶ । କେହି ପାଠକ ପଚାରି ପାରନ୍ତି ଏତେଗୁଡ଼ିଏ ଦାୟିତ୍ୱ ମୁଣ୍ଡରେ ନେଇ କି ଲାଭ ? ଲାଭଟା ଅବଶ୍ୟ ବୁଝି ପାରିଲେ କେହି କେହି ଯୋଗ୍ୟ ପାଠକ ବାଇମାହାନ୍ତଙ୍କ ପନ୍ଥା ଅନୁସରଣ କରିବେ ଏହି ଆଶାରେ ଲାଭର ମାତ୍ରାଟା ଟିକିଏ ଖୋଲସା କରି ଲେଖିବାକୁ ହେଲା :—ମନେ କରନ୍ତୁ, ଆପଣଙ୍କ ସଙ୍ଗେ ଜଣେ ମକ୍କେଲର ସାକ୍ଷାତ ହେଲା, ସେ କଟକ ମଫସଲିଆ, କେବେ କଟକ ମାଡ଼ି ନାହିଁ, ଆପଣ ବେଲ ଢାଲ ଉଣ୍ଡି ତାହାର ହସ୍ତାଙ୍କଶୀ ବା ମହାପ୍ରସାଦବନ୍ଧୁ ହୋଇ ବସିଲେ, ତାକୁ ଅନେକ ଉପଦେଶ ଦେଲେ, ମାମଲା କରିବାର ପ୍ରଣାଳୀ ଓ ଜୟ ଲାଭ କରିବାର ବାଟ ଦେଖାଇ ଦେଲେ ଓ ଶେଷରେ ନେଇ ସମାନନ୍ଦ ବାବୁଙ୍କ ନିକଟରେ ହାଜର କରାଇଲେ । ଉକିଲ ବାବୁ ଦସ୍ତଖତଟାଏ ମାରି ଦେଇ ଟଙ୍କାଟିଏ ପାଇଲେ । କିନ୍ତୁ ଥରେ ଭଲ ଅଙ୍କ କଷି ଦେଖନ୍ତୁ ଦସ୍ତଖତର ଅନୁପାତ ଧରିବାକୁ ହେଲେ ଉକିଲ ବାବୁଙ୍କର ଉକ୍ତ ଟଙ୍କାଟିରେ କେତେ ପଡ଼ିଲା; ତୁମେ ମକ୍କେଲକୁ ଭୁଲାଇବାରୁ ଖୁଆଇ ହାତ କଲ । ହାତ କରି ପୁଣି ଅନ୍ୟ ଉକିଲଙ୍କ ନିକଟକୁ ନେଇଥିଲେ ସମାନନ୍ଦ ବାବୁ ଆକାଶକୁ ଚାହିଁ ବସିଥାନ୍ତେ । ଅତଏବ ତୁମ ଅନୁଗ୍ରହରୁ ସେ ଆଜି ଟଙ୍କାଟିଏ ପାଇଲେ । ଏତ ଅର୍ଥରେ ତୁମେ ସମାନନ୍ଦ ବାବୁଙ୍କର ଅନ୍ନଦାତା ହେଲ । ପାଠ ଡାକୁଛ 'ଅନ୍ନଦାତା, ଜନ୍ମଦାତା, ବିଦ୍ୟାଦାତା, ଇତ୍ୟାଦି ଗୁରୁ ।' ସେହି ପାଠ ମଧ୍ୟ ଡାକୁଛ 'ଯାହା ପାଇବ ତା ଦ୍ୱିଭାଗ କରି, ଯତନେ ଦେବ ଗୁରୁଙ୍କ ଛାମୁରେ ।' ସେ ଉପାୟ ଧରିବାକୁ ଗଲେ ଆଜି ତୁମ ପ୍ରସାଦରୁ ସମାନନ୍ଦ ବାବୁ ଯେଉଁ ଟଙ୍କାଟି ପାଇଲେ ସେ ଟଙ୍କାରେ ତୁମର ଅଠଅଣା ନ୍ୟାଯ୍ୟ ପ୍ରାପ୍ୟ । ଏ ପ୍ରାପ୍ୟରେ କାହାର ହାତ ଦେବାର ଅଧିକାର ନାହିଁ । ଏ ପ୍ରାପ୍ୟ ହେଲା ସାଧାରଣ ପ୍ରାପ୍ୟ । ଟଙ୍କାରେ ଅଧୁଲିଟିଏ ସମାନନ୍ଦ ବାବୁ ଦେଲେ, ଅନ୍ୟ ଉକିଲଙ୍କଠାରୁ ଯାଇଥିଲେ ସେ ମଧ୍ୟ ଦଅନ୍ତେ । କିନ୍ତୁ ଅନ୍ୟ ଉକିଲଙ୍କ ନିକଟକୁ ନ ଯାଇ ସମାନନ୍ଦ ବାବୁଙ୍କ ନିକଟକୁ ଆସିଲେ ଏଥିପାଇଁ ଅନ୍ତତଃ ଦୋଅଣିଟିଏ ଦରକାର । ଏପରି ଗାଏ ଦଶପଣି ଛପଣି । କେତେ ବର୍ଷ ହାଡ଼ଭଙ୍ଗା ପରିଶ୍ରମ କରି, ଜୀବନଟା ମାଟି କରି, ମୁଣ୍ଡଖାଲ ଭୂଇଁରେ ମାରି, ଗଦା ଗଦା ଟଙ୍କା ଖରଚ କରି, କେତେ ପରୀକ୍ଷା ଟପି ଶେଷରେ ଉକିଲାତି ଖଣ୍ଡ ପାଶ୍ କରି ତୁମର ଛପଣି; କିନ୍ତୁ ଏବେ ପରିଶ୍ରମ ନ କରି ଗୃହଶାଳୀ ପାଠ ପଢ଼ି ଜଣ ନ କଅଁଳୁ କାଅଁଳୁ ଦାନରେ କଲମଟିଏ ଖୋସି 'ପଦ୍ମଡୋଲା ବୋଲି' ଶିଖି ଆସି କଚେରୀରେ ଠିଆ ହୋଇଯାଅ, ତୁମର ଦଶ ପଣି । ଏ ସୁଯୋଗ ଛାଡ଼ିବାର ନୁହେଁ । ଏ ଦଶପଣି ତାଳ ବାଟି ପଇଦା ନୁହେ, ରେଜ୍‌ଟୋକ୍ ହାତେ ହାତେ । ଏତିକରେ ମଧ୍ୟ ଶେଷ ନୁହେ । ଏହା ଛଡ଼ା ହୋଲ ଦଶହରାକୁ ଯୋଡ଼ା, ବକ୍ସିସ୍, ମିଠେଇ ହାଣ୍ଡି, ବଡ଼ ଜମିଦାରଙ୍କୁ କଗଦ ଟଙ୍କା, ମକ୍କେଲମାନଙ୍କଠାରୁ କେତେ ଛଲନାରେ ରେଶମ, ଆମଲେଗାନ୍ ଇତ୍ୟାଦି ଅଛି । ସେଗୁଡ଼ିକ ସମସ୍ତ ଗଣି ଧରି କଷିଲେ ତୁମେ ସମାନନ୍ଦ ବାବୁଙ୍କ ଗୋସାଇଁ ବାପାଙ୍କ ସ୍ଥାନ ଅଧିକାର କରିବ । ଏହି ସବୁ କାରଣ ଅନୁସନ୍ଧାନ କରି ଆମ୍ଭେମାନେ ସ୍ଥିର

କରୁଅଛନ୍ତି ଯେ ଚାକିରୀ ବ୍ୟବସାୟ ଓକିଲ ପେଶା ଅପେକ୍ଷା ଢେର ସ୍ୱାଧୀନ ଓ ଅର୍ଥକର । ଅଳ୍ପ ବିଦ୍ୟା ବୁଦ୍ଧି ଥାଇ ଯେବେ ପୁଞ୍ଜା ପୁଞ୍ଜା ବିଦ୍ୱାନ୍ ଓ ବୁଦ୍ଧିମାନଙ୍କୁ ଗୋଡ଼ତଳେ ରଖିଲ, ଏହାଠାରୁ ବଳି ସୁଖର ବିଷୟ କଣ ହୋଇପାରେ ? ଯେଉଁ ବ୍ୟବସାୟରେ ଏତେ ଲାଭ, ଏତେ ଅଧିକାର ଓ ଏତେ ସୁଖ, ସେ ବ୍ୟବସାୟଜୀବିଙ୍କୁ ପ୍ରାତଃ ପ୍ରଣାମ । ବାଇମାହାନ୍ତି ଏ ସମ୍ବନ୍ଧରେ ଖଣ୍ଡିଏ ପୁସ୍ତକ ଛାପିବାକୁ ଦେଉଥିବା ସ୍ଥଳରେ ଆମ୍ଭ-ମାନେ ସେଗୁଡ଼ିକ ପ୍ରକାଶ କରି ଏ ପ୍ରସଙ୍ଗର ମାହାତ୍ମ୍ୟ ନଷ୍ଟ କରିବା ଯୁକ୍ତିଯୁକ୍ତ ମନେ କରୁ ନାହୁଁ ।

ଯାହାହେଉ ସେ ମଫସଲ ଲୋକଙ୍କୁ ଅଣାସକା କାର୍ଯ୍ୟ କହି ମକଦ୍ଦମାରେ ବେଶି କିଛି ପଇସା ଖରଚ ନ ହେବାର ସ୍ଥିର ଜବାବ ଦେଇ ବାଇମାହାନ୍ତି ହକ୍ ଲୋକଠାରୁ ଏମନ କାଗଜଖଣ୍ଡିକ ହାତ କରି ସିଧାଏ ସିଧାଏ ଖାସିଦଙ୍କ ସିରସ୍ତାକୁ ଚାଲିଲେ । ସିରସ୍ତାରେ ପହଞ୍ଚି ସଙ୍ଗେ ସଙ୍ଗେ ଆଠଅଣିଆ କୋର୍ଟଫିସ ମାରି ଖଣ୍ଡିଏ ଓକାଲତ-ନାମା ଲେଖା ଗଲା । ରାମଲାଲ ବାବୁଙ୍କୁ ଟଙ୍କାଟିଏ ସଲାମି ଦେଇ ଓକାଲତନାମାରେ ଦସ୍ତଖତ କରାଇ ଆଣିଲେ । ସେଥିରୁ ମକ୍କେଲଙ୍କୁ ଅବଶ୍ୟକ ଖରଚର ତାଲିକା ଦେଇ ବସିଲେଃ—ଅମଲା ରେଶମ ଟ ୦ ।, ଲେଖାଇ ଟ ୦ ।, ବେଗ ନକଲ ଟ ୦ ୵, ତହୋଟ ଟ ୦ ।, ମୁଲତବି ଖରଚ ଟ ୧ ୯ । ସେ ବଗ୍ରଗ ତାଲିକା ଶୁଣି ଅବାକାକା ହେଲା । ସେ ବଗୃଗ ତ ଥୋଇ ଗିଳି ପାରନ୍ତି, ଅନ୍ୟ ଉପାୟ ନାହିଁ—ତାଲିକାମୁତାବକ ଖରଚ ଦାଖଲ ନ କଲେ ଓକାଲତନାମାର କୋର୍ଟଫିସ ଓ ଓକିଲଙ୍କ ସଲାମି ଏକଦମ ପାଣିରେ ପଡ଼ିବ, ଏହି ଭୟରେ ସେ ପ୍ରଥମେ ଅଧୁଲିଟିଏ ତା ପରେ ସିକିଅଣା, ତା ପରେ ଦୁଇଅଣା ଏହିପରି କାଢ଼ି-ଥାଏ, ପ୍ରକୃତର ଗଣ୍ଠିଅରୁ କିଛି ବାହାର କରିବା ପୂର୍ବରୁ ବାଇମାହାନ୍ତିଙ୍କଠାରୁ ଅଳ୍ପ ବହୁତ ଗର୍ଜନ ତର୍ଜନ ଶୁଣିବାକୁ ହୁଏ । ଶେଷରେ ଧୋତି-ଖୁଣ୍ଟ ଦେଢ଼ଟଙ୍କା ବାହାର କଲା ଓ ବାଇମାହାନ୍ତି ସେ ଓକାଲତନାମା ଖଣ୍ଡ ହାକିମଙ୍କ ମିସଲରେ ଦାଖଲ କରି ବନ୍ଧ ବସ୍ତାରେ ୧୫ ଦିନର ମହଲତ ଆଣିଲେ । ସେଠାରୁ ସେ ଯାହା କାର୍ଯ୍ୟରେ ଗଲେ । ସେ ଲୋକଟି ୧୫ ଦିନ ପରେ ଆସିବ ବୋଲି ବାଇମାହାନ୍ତିଙ୍କୁ ଦଣ୍ଡବତ ହୋଇ ଘରକୁ ଗଲା । ବାଇମାହାନ୍ତିଙ୍କ ଆମନ୍ତ୍ରଣକ୍ରମେ ଆମ୍ଭମାନଙ୍କ ବନ୍ଧୁ ସହରରେ ବାଇମାହାନ୍ତିଙ୍କ ବସାରେ ରହିଲେ । ସେଠେଇ ବାସ ହେଲା, ଖାଇ ପିଇ ଶୋଇବା ସମୟରେ ଦୁହିଁଙ୍କ ମଧ୍ୟରେ ଯେଉଁ 'ଦୁଃଖ ସୁଖ' ହୋଇ ଥିଲା ବନ୍ଧୁ ସେଗୁଡ଼ିକ ସକାଳୁ ଟିପି ରଖିଥିଲେ ଓ ଆମ୍ଭମାନଙ୍କ ନିକଟରେ ପହଞ୍ଚି ସବିଶେଷ ହାଲ କହି ସେ ଟିପ୍ପଣୀଟିକ ଦେଲେ । ବନ୍ଧୁଙ୍କ ନିକଟରୁ ଯାହା ଶୁଣିଲୁ ଓ ଟିପ୍ପଣୀରୁ ଯାହା ଦେଖିଲୁଁ ସେଥିରୁ ବାଇମାହାନ୍ତି ଅଳ୍ପଦିନେ ଢେର ବଦଳି ଯାଇଅଛନ୍ତି ଓ ଭାରି ଅଭିଜ୍ଞତା ଲାଭ କରିଅଛନ୍ତି ବୋଲି ଆମ୍ଭମାନଙ୍କର ପ୍ରତୀତ ହେଲା ।

୧ମ । ଆଜି କାଲି ଓକିଲଙ୍କ ସଂଖ୍ୟା ଢେର ବଢ଼ିଅଛି । ମାମଲା ମକଦ୍ଦମା ସଂଖ୍ୟା ଅବଶ୍ୟ ବଢ଼ିଅଛି, କିନ୍ତୁ ସେ ଅନୁପାତରେ ଓକିଲଙ୍କ ସଂଖ୍ୟା ଅଧିକ ବଢ଼ିଅଛି । ସଂଖ୍ୟାବୃଦ୍ଧି ସଙ୍ଗେ ସଙ୍ଗେ ଆୟ କମିଅଛି, ଏପରି କି ଅନେକ ବଡ଼ ବଡ଼ ଓକିଲମାନେ ମୁଣ୍ଡରେ ହାତ ଦେଇ ବସି ଅଛନ୍ତି । ପୁରୁଣା ଓକିଲମାନଙ୍କର ଏ ଅବସ୍ଥା, ଅତଏବ ନୂତନ ଓକିଲମାନଙ୍କର ଅବସ୍ଥା ଏଥିରୁ ଅନୁମାନ ହେବ । ଅନେକ ନୂଆ ଓକିଲଙ୍କ ବସା ଖରଚ ଚଳିବା କଥା କଷ୍ଟକର ହୋଇଅଛି— ଅବଶ୍ୟ ଏମାନଙ୍କ ମଧ୍ୟରେ ବୁଦ୍ଧିମାନ୍ ଲୋକ ଅଛନ୍ତି । ବୁଦ୍ଧି ଖରଚ କରି ପାରିଲେ ପୁରୁଣାଙ୍କୁ ତଗା କାଟି ଦେବ । ତଗା କାଟିବାର ପ୍ରଥମ ଉପାୟ ଚାକିରୀ-ନିଯୋଗ । ଉପଯୁକ୍ତ ଚାକିରୀ କିମ୍ବା ଉପଯୁକ୍ତ 'ପଣ' ଦେଇ ପାରିଲେ ବସା

ଶପଥର ଭାବନା ପଡ଼ିବ ନାହିଁ । ମନେ କର ଜଣେ ପ୍ରବୀଣ ଓକିଲ ଟଉଣୀଙ୍କୁ ଟୋମୁଣ୍ଡେ ଛାଣା ଦେବାକୁ ନଚାହିଁ ଭଲ ମକଦ୍ଦମା ମାମଲା ପାଉଅଛନ୍ତି, ନୂଆ ଓକିଲ ନବସମଳଙ୍କୁ ଅଧ ଦୁଇଅଣା ଅଢ଼ାଇ ଦେଇ ଟଉଣୀ ପ୍ରବୀଣ ପ୍ରଭୁଙ୍କୁ ଛାଡ଼ି ନୂଆଙ୍କୁ ଧରିବେ । ଏପରି ଭଲ ନିଶ୍ଚିନ୍ତ ହୋଇ ବସିଲେ ଚଳିବ ନାହିଁ, ଏ ସମସ୍ତ ଉପରେ ହୋଇ ଦରକାର, ଯନ୍ତ୍ରଣାରେ ମିଳିତ ହାଣ୍ଡି, ଚନ୍ଦ୍ରକଣା ବା ଦକ୍ଷିଣ ଯୋଡ଼ା ଏବଂ ନଗଦ ଶହେ ଟଙ୍କା । ଯେତେ ବେଶି ଦେଇ ପାରିବ ତୁମର ଉପାୟ ସେତେ ବେଶି ଦାଉ ଦାଉ ହେବ । କିନ୍ତୁ ଏହା କରି ସ୍ୱତ୍ୱ ଭବଯେହୁ କ୍ଷେତ୍ର କରିବାକୁ ହେବ, ତୁମେ ଏତେ ସ୍ୱାର୍ଥ ତ୍ୟାଗ କରି ଟଉଣୀ ରଖିଲ, କିନ୍ତୁ କାଲି ସକାଳେ ଆଉ ଜଣେ ଅସି ପ୍ରଲୋଭନ ଦେଖାଇ ତୁମ ଟଉଣୀଙ୍କୁ ଛଡ଼ାଇ ନେଲେ ତୁମର ଉପାୟ କଣ ? ସମୟ ଉଣ୍ଡି ଟଉଣୀଙ୍କୁ କିଛି ଟଙ୍କା କରଜ ଦେଇ ସେମାନଙ୍କ-ଠାରୁ ଖଣ୍ଡିଏ ତମସୁକ ରେଜେଷ୍ଟରୀ କରାଇ ନେବ, ତାହା ମୌଖିକ ଏହି ଜବାବ ରହିବ ଯେ ତୁମ ନିକଟରେ ମକଦ୍ଦମା ମାମଲା ଦାଖଲ କରୁ-ଥିବାଯାଏ ଟଉଣୀ ଟଙ୍କାର ଉପରେ ପାଉଣା ପାଉଥିବେ ଓ ଏ ଋଣ ଟଙ୍କା ଶୁଝିବାକୁ ପଡ଼ିବ ନାହିଁ । ଯେବେ ତୁମଠାରେ ନମକହାରାମି କରନ୍ତି ତେବେ ଏ ଋଣ ନିମନ୍ତେ ନାଲିସ କରି ତୁମ ଟଙ୍କା ତୁମେ ଅସୁଲ କରିବ । ଏତେ ଭଲ ଉପରକୁ ଯେଉଁ ଟଉଣୀ ଟପିବେ ତାଙ୍କ ନିମନ୍ତେ ଆଉ କିଛି ଉପାୟ ବାଉମାହାନ୍ତିଙ୍କୁ ମାଲୁମ ନାହିଁ ।

୨—ଟଉଣୀ ବ୍ୟବସାୟ ଅଇନରେ ମନା । ସେଥିଯୋଗୁଁ ସାବଧାନ ହେବାକୁ ହେବ । ଛକ ଛାଇ ପାଣି ପିଇଲେ ବ୍ରହ୍ମାଙ୍କ ବାପା ମଧ୍ୟ ଜାଣି ପାରିବେ ନାହିଁ । 'ଟଉଣୀ' ନାମଟା ରଖିଲେ ସିନା ଅଇନର ଫାନ୍ଦରେ ପଡ଼ିବାକୁ ହେବ, କିନ୍ତୁ ଟଉଣୀ ପରିବର୍ତ୍ତରେ 'ଓକିଲ ସିରସ୍ତା ମୋହରର' ହେଲେ ବେକସୁର ଖଲାସ । ଯେଉଁ ଓକିଲଙ୍କୁ ଅଣି ମକଦ୍ଦମା ଜୁଟାଇବ ତାଙ୍କର ସିରସ୍ତାରେ ନାମ ଲେଖାଇଲେ ସବୁ ଅଡୁଆ ତୁଟିଯିବ । ମଝିରେ ମଝିରେ ପେଟ ନ ପୂରିଲେ ପ୍ରଭୁଙ୍କ ଅଫିସର ଧୂଳି ପକାଇ ଦରପଣି ନେଇ ଅନ୍ୟ ଓକିଲଙ୍କ ନିକଟରେ ଗୋଟିଏ ଖଣ୍ଡେ ମାମଲା ଦାଖଲାଇ ଜାଣିଲେ ହେଲା । ଟଉଣୀମାନଙ୍କର ଅଧ୍ୟପତ୍ୟ ରୋକିବାକୁ ଯାଇ କେତେ ହାକିମ ଅପ୍ରସ୍ତୁତ ହୋଇଅଛନ୍ତି ଓ ଟଉଣୀ ବ୍ୟବସାୟ ବନ୍ଦ କରିବାରେ କୃତକାର୍ଯ୍ୟ ହୋଇ ପାରି ନାହାନ୍ତି । କେତେକ ଓକିଲଙ୍କର ମଧ୍ୟ ଟଉଣୀ-ମାନଙ୍କ ଉପରେ ଘୃଣା ଅଛନ୍ତି, କିନ୍ତୁ 'ମୂଳଅ ଚେଉପୋ ମାନ କଲା, ଆପଣା ସେଇକ ହାନି କଲା ।' ସେମାନେ ପ୍ରଭୁ ବାନ ଶିଖିଲା ମର୍ଦ୍ଦିରେ ଫେରୁଅଛନ୍ତି । ଅଇନ ଲେଖୁଛି, ଚୋରି କଲେ ଦଣ୍ଡ ପାଇବ; କିନ୍ତୁ ଚୋରି କରିବାର ସାକ୍ଷୀ ମିଳିଲେ ତ ହେବ । ଯେ ସାକ୍ଷ ଦେବେ ସେ ହେଲେ ନିଜେ ଚୋର । ଆଉ ଚୋରି ପ୍ରମାଣ ହେବ କାହିଁ ? ଅଇନର ମର୍ଯ୍ୟାଦା ରକ୍ଷା କରିବାକୁ ଯେଉଁମାନଙ୍କର ସୃଷ୍ଟି, ସେହିମାନଙ୍କ ଦ୍ୱାରା ଅଇନର ଅପବ୍ୟବହାର ହେଲେ ସିନା ଚାହାହୁଏ । ନିଜାନ୍ତ ଯଦି କେହି ସହି ନ ପାରି ଟଉଣୀଙ୍କ ନାମରେ ମକଦ୍ଦମା ଦାଏର କଲା, ସେଥି ନିମନ୍ତେ ଓକିଲ ସାକ୍ଷ ଦେବେ ଯେ ସେ ଅମ ସିରସ୍ତାର ମୋହରର । ତାହାହେଲେ ଟଉଣୀ ଓ ଓକିଲଙ୍କର ପୂର୍ବର ମହାପ୍ରସାଦ ସମ୍ବନ୍ଧଟି ଲାଗି ରହିଲା ।

୩ୟ—ନୂଆ ଓକିଲମାନଙ୍କର ଆଉ କେତେ ଗୋଟି ଉପାୟ ଅଛି, ସେଗୁଡ଼ିକ କେତେକେତେ କାର୍ଯ୍ୟରେ ପରିଣତ କରନ୍ତି ତାହାର ଝାଲକା ବାଉମାହାନ୍ତି ଦେବାକୁ ଚାହାନ୍ତି ନାହିଁ । ମକ୍କେଲମାନେ ଯେଉଁ ପ୍ରମାଣ ଠୁଳ କରନ୍ତି ସେ ପ୍ରମାଣରେ ମକଦ୍ଦମା ପ୍ରମାଣିତ ନ ହେଲେ ବା ଯଥେଷ୍ଟ ନ ହେଲେ ମକଦ୍ଦମା ଡିକ୍ରୀ କରିବାର ଗୋଟିଏ ସହଜ ଉପାୟ ଅଛି । ଓକିଲମାନେ

ତେବେ ସ୍ୱାଧୀନ ବ୍ୟବସାୟୀ, ଉଚ୍ଚଶିକ୍ଷିତ । ସେମାନଙ୍କ ସାକ୍ଷ୍ୟ ଅବିଶ୍ୱାସ କରିବାର ବିଶେଷ କାରଣ ନାହିଁ । ଜଣେ ଉକିଲଙ୍କ ସାକ୍ଷ ୧୦ଜଣ ଇତର ଲୋକଙ୍କ ସାକ୍ଷ ଅପେକ୍ଷା ଅଧିକ ମୂଲ୍ୟବାନ୍ । ଗୋଟିଏ ଉଦାହରଣ ଶୁଣନ୍ତୁ :—ରାମ ଉଡ଼ିଆ ଏକ ନାଲିସ ଦାଏର କଲା ଯେ ଶାମ ପଧାନ ତାହାଠାରୁ କରଜ ଦଶ ଟଙ୍କା କଏ କରି ଶୁଝୁ ନାହିଁ । ରାମ ଏ ବିଷୟରେ କେ ଜଣ ସାକ୍ଷୀ ଦେଲା ଓ ଭୂମ୍ୟଙ୍କୁ ଉକିଲ ନିଯୁକ୍ତ କଲା । ସମସ୍ତ ପ୍ରମାଣ ଶେଷ ହେବାରୁ ରାମର ଡିକ୍ରୀ ହୁଅନ୍ତା । କିନ୍ତୁ ଶାମ ବୁଦ୍ଧିମାନ୍ ହେଲେ ରାମଙ୍କୁ ଚିତା ଚାଟି ଦେବ । ଶାମ ଯାଇ ଉକିଲଙ୍କ ନିକଟରେ ଗୁପ୍ତ ପରାମର୍ଶ ଓ ନିରସନ୍ ଦକ୍ଷିଣା ଦେଇ ସଙ୍କାଳୁ ରାମଙ୍କ ଉକିଲଙ୍କୁ ସାକ୍ଷୀ ମାନିଲେ । ଉକିଲଙ୍କ ଉପରେ ତ ଅଗରୁ ବେଲପତ୍ରୀ ଚଢ଼ିଛି । ହାକିମଙ୍କ ଅଗରେ ସତ୍ୟପ୍ରମାଣେ କହି ଗଲେ ଯେ କାଲି ସନ୍ଧ୍ୟାବେଳେ ରାମ ନିଜେ ମୋ ଅଗରେ ସ୍ୱୀକାର କରିଛି ଯେ ଶାମ କଡ଼ାଏ କଉଡ଼ି କରଜ ନେଇ ନାହିଁ ଓ ତମସୁକ ଜାଲ୍ ଅଟେ । ତାହାହେଲେ ରାମର ଉପସ୍ଥିତ ଓ ଶାମ ସକାଶୁ ସତ ଟଙ୍କା ନେଇ ପୁଣି ଚେଣ୍ଡିଟିଏ ମାର ଖାଇଯିବ ! ନଚେତ୍ ଯେବେ ରାମ ଧରଣା ପଣିଆ କରି ଭୂମଠାରେ ବେଲପତ୍ରୀ ଚଢ଼ାନ୍ତା ତାହାହେଲେ ଉକିଲ ବାବୁ ସପଥ କରି ହାକିମଙ୍କ ସମ୍ମୁଖରେ ସାକ୍ଷ ଦେବେ ଯେ ଶାମ କାଲି ସନ୍ଧ୍ୟାବେଳେ ଉକିଲଙ୍କଠାରୁ ଭିକ୍ଷା କରିବାକୁ ଯାଇଥିଲା ଓ ରାମର ପାଉଣା ଦେୟ ଥିବାର ଶାମ ମୁହଁରେ ମାନି ଅଛି । ହାକିମ ଏହା ଉକିଲଙ୍କ ମୁହଁରୁ ଶୁଣିବାମାତ୍ରେ ରାମଙ୍କୁ ଡିକ୍ରୀ ଦେଲେ ଓ ରାମ ଟଙ୍କାଟିଏ ନ ଦେଇଥିଲେ ପୁଣି ଡିକ୍ରୀ ହାସଲ କରି ବସିଲେ । ଉକିଲ ତ ଯାହା ଭିତରେ ଭିତରେ ପାଇଲେ ସେ କଥା ଛଡ଼ା । ସାକ୍ଷ ଦେବା ସଙ୍ଗେ ସଙ୍ଗେ ଚଉଠାଏ ପୋଲଟଙ୍କା ହାକିମଙ୍କ ଅଗରେ ଗଣି ନେଲେ । ଏ ପୋଲଟଙ୍କା ହାକିମଙ୍କ ଅଗରେ ଥାନାର ହୁକୁମ ଅନୁସାରେ ଉକିଲଙ୍କ ସାକ୍ଷ୍ୟସ୍ୱରୂପ ଲେଖା ଦିଆଯାଏ । ଏ ମାହେନ୍ଦ୍ର ଯୋଗ ଯେଉଁ ଉକିଲ ଛାଡ଼ନ୍ତି ସେ ବେକୁବ୍ ।

୪ର୍ଥ—ମକଦମା ଡିକ୍ରୀ ନେବାର ଅଉ ଗୋଟିଏ ବାଟ ଅଛି । ରାମ ମକଦ୍ଦମା ଆସି ଅରଜି ଦାଖଲ କଲେ ଯେ ଶାମ ତାଙ୍କ ଜମିରୁ ଧାନ କାଟି ନେଇଅଛନ୍ତି, ଅତଏବ ଯଥୋଚିତ ଉକ୍ତ ବିଷୟ ତଦାରଖ କରାଯାଇ ରାମଙ୍କୁ ଖେସାରତ ଏତେ ଟଙ୍କା ଡିକ୍ରୀ ଦିଆଯାଉ । ଅରଜି ପେସ ହୋଇ ସମନ ଜାରିର ହୁକୁମ ହେଲା ଓ ତାରିଖ ଧାର୍ଯ୍ୟ ହେଲା । ମକ୍କେଲ ଓ ଉକିଲ ଟିକିଏ ବୁଦ୍ଧିମାନ୍ ହେଲେ କଚେରୀ ହତା ବାହାରେ ସମନ ଜାରି ରସିଦ ସଙ୍ଗେ ସଙ୍ଗେ ଠିକଠାକ ହୋଇଯିବ ଓ ଧର୍ମବୃକ୍ଷ (ଏଫିଡେଭିଟ୍) ଲେଖା ହୋଇ ଠିକ ହୋଇଯିବ । ଉକିଲଙ୍କ ପେଟ ପୂରିବ, ଗରିବ ଗୁରୁବା ମଧ୍ୟ ପେଟ ପୋଷି ହେବେ । ତାରିଖ ଦିନକୁ ମକଦମା ନଥି ପେସ ହେଲା, ଡାକରା ହେଲା 'ଶାମ ପଧାନ ହାଜର ହୋ' 'ଶାମ ପଧାନ ମୁଦାଲା ହାଜର ହୋ ।' ପିଅଦା ଯାଇ ଏତଲା ଦେଲା 'ଶାମ ପଧାନ ହାଜର ନାହିଁ ହୋ ।' ସେଥିରୁ ସମନ ଜାରି ଓ ଚପ୍ରାସୀର ପ୍ରମାଣ ନେଇ ସଙ୍ଗେ ସଙ୍ଗେ ରାମ ଏକତରଫା ଡିକ୍ରୀ କରି ବସିଲେ । ଶାମଙ୍କ କଥା ଦୂରେଥାଉ ଶାମଙ୍କ ପିତୃଲୋକଙ୍କୁ ପୁଣି ଏ ଖବର ବେମାଲୁମ୍ । ଡିକ୍ରୀ ଜାରି ହୋଇ ଘର ଦୁଆର ନିଲାମ ହେଲାବେଳକୁ ଜାଣି ଶେଷ ।

୫—ସବୁଠାରୁ ସୁବିଧା ମୃଦଙ୍ଗ ଦୁପିଠିରେ ହାତ ମାରିବା କଥା । ପାଠକମାନେ ଜାଣିଥିବେ ମୃଦଙ୍ଗ ଦେଖିଥିବେ । ଗୋଟାଏ ପିଠିରେ ହାତ ମାରିଲେ ସ୍ୱର ମଧୁର ହୁଏ ନାହିଁ, ତାଲ ପଡ଼େ ନାହିଁ, ମୃଦଙ୍ଗ ଦୁଇ ପିଠିରେ ଉସ୍ତାଦ ହାତ ବାଜିଯାଉ, ତାଲମାନଙ୍କର ଦର୍ଶକ, ଶ୍ରୋତୃ ସମସ୍ତେ ମୋହିତ ହୋଇଯିବେ । ରାମ ଆସି ଭୂମ୍ୟଙ୍କୁ ଉକାଲତନାମା ଦେଇ ନିଶ୍ଚିନ୍ତ ହୋଇ

ଘରେ ବସିଲେ, ସେ ତ ଯାହା ହେବେ ହେବେ, କିନ୍ତୁ ତୁମେ ସୂକ୍ଷ୍ମ କରି ପାରିଲେ ଶାମଙ୍କଠାରୁ ଦଶ ଟଙ୍କା ହାତ ମାରି ପାରିବ । ଶାମଙ୍କ ନିକଟକୁ ନୋଟିସ ପଠାଇବା ମାତ୍ରକେ ସେ ଆସି ହାଜର ହେବେ ଓ ତୁମକୁ ପ୍ରସନ୍ନ କରି ପାରିଲେ ତୁମେ ମକଦ୍ଦମା ଚାରଣ ଦିନ ରାମଙ୍କ ପକ୍ଷ ଯୁକ୍ତିମାନଙ୍କୁ ସମର୍ଥନ ନ କଲେ ରାମ ପରାଜିତ ହେଲେ ଓ ଶାମ ଖୁସିଟାଏ ହୋଇ ଘରକୁ ଗଲେ ।

୬—ଆଉ ଗୋଟିଏ ଉପାୟ ଅଛି । ରାମ ଶାମଙ୍କ ଜମିରେ ଅନଧିକାର ପ୍ରବେଶ କଲେ । ମାଡ଼ପିଟ ହେଲା, ଶାମ ଆସିଲେ କଚେରୀକୁ, କଚେରୀରେ ଦରଖାସ୍ତ ଦେଲେ, ଉକିଲ ନିଯୁକ୍ତ କଲେ । ରାମ ମଧ ଆସିଲେ । ତାହା ଉତ୍ତରରେ ଯୋଗ୍ୟ ଉକିଲଙ୍କୁ ନିଯୁକ୍ତ କରାଗଲା, ପ୍ରତିବାଦୀ ତରଫରୁ ମଧ ସେହିପରି ଉକିଲ ନିଯୁକ୍ତ ହେଲେ । ବର୍ତ୍ତମାନ ମକଦ୍ଦମାର ପ୍ରମାଣ ସମସ୍ତ ଉପସ୍ଥିତ ହେଲା । ମନେ କର ଯଦି ସମସ୍ତ ପ୍ରମାଣ ସତ୍ୟ ଭାବରେ ଦିଆଯାଏ ତାହାହେଲେ ଶାମଙ୍କର ଡିକ୍ରୀ ହେବ । କିନ୍ତୁ ଶାମଙ୍କର ଡିକ୍ରୀ ହେଲେ ରାମଙ୍କର ଉକିଲଙ୍କୁ ଟଙ୍କା ଗଣିବା ବୃଥା ହେଲା । ଅତଏବ ଲେଖିଲା ଯେ ପର ଜମିରେ ଅନଧିକାର ପ୍ରବେଶ କଲେ ସେ ୨ ବର୍ଷ ଜେଲ-ଖାନା ଯିବ । ରାମ ଶାମଙ୍କ ଘରେ ପଶିଲେ, ଅତଏବ ରାମ ଦୁଇ ବର୍ଷ ଘଣା ପେଲିବେ ବା ଚଟା ବାଡ଼େଇବେ । ରାମଙ୍କର ଘଣା ପେଲିବା କଥା ନିଶ୍ଚୟ ହେଲେ ଉକିଲଙ୍କୁ ଟଙ୍କା ଦେବା ବୃଥା ହେବ; କିନ୍ତୁ ରାମ ଅନଧିକାର ପ୍ରବେଶ କରି ଜେଲରୁ ଖଲାସ ପାଇଲେ ସିନା ବାହାଦୁରୀ । ୧+୨=୩ ଏ କଥା ତୁମେ ମୁଁ କହିବା, ରାମ ଶ୍ୟାମ ମଧ କହି ପାରିବେ, କିନ୍ତୁ ଯେ ୧+୨=୪ କରି ପାରିବେ ତାଙ୍କର ସିନା ବାହାଦୁରୀ । ଅଦାଲତରେ ଏ ବାହାଦୁରୀ ପାଇବାକୁ ହେଲେ କେ କ ପ୍ରମାଣ ଦେଲେ ରାମ ଖଲାସ ପାଇବେ ସେ କେଉଁଭଳି ରାମଙ୍କୁ ବତାଇବାକୁ ହେବ ଓ ରାମଙ୍କ ସାକ୍ଷୀଙ୍କୁ (Rehearsal) ପରୀକ୍ଷା କରି ତାଲିମ କରିବାକୁ ହେବ । ଯେ ସେ ଉକିଲ ଯେ ସାକ୍ଷୀଙ୍କୁ ତାଲିମ କରି ପାରିବେ ଏହା ଅସମ୍ଭବ । ଏପରି ଘଟଣାମାନଙ୍କ ସଂଖ୍ୟା ଖୁବ କମ । ସେ ଘଟଣା ଯବନେଶ୍ୱରମାନଙ୍କ ଛତ୍ରା ଧରା ବନ୍ଧକୁ ଜଳା କରିବା ପରି ସବୁ ଉକିଲଙ୍କ ଭାଗ୍ୟରେ ଘଟେ ନାହିଁ ।

୭—ଭଲ ରୋଜଗାର କରିବାକୁ ଇଚ୍ଛା କଲେ ହାକିମମାନଙ୍କ ସଙ୍ଗେ ବିଶେଷ ଘନିଷ୍ଠତା କରିବାର ଆବଶ୍ୟକ । ସୁବିଧା ହେଲେ ପ୍ରତିଦିନ ଓ ଅସୁବିଧା ହେଲେ ରବିବାର ଦିନ ଥରେ ଲେଖାଏଁ ହାକିମମାନଙ୍କ ଘରେ ସେମାନଙ୍କୁ ସଲାମ ଦେଇ ଆସିବାକୁ ହେବ । ଯେ ଭାଗ୍ୟବାନ୍ ସେ ହାକିମଙ୍କ ସଙ୍ଗେ କୌଣସି ସମ୍ବନ୍ଧ ଲଗାଇବାକୁ ଚେଷ୍ଟା କରିବ । ସେ ସୁବିଧା ଭାଗ୍ୟରେ ଘଟିଲେ ତ ହାତେହାତ ଉପରେ ସୁନା ଛୁଆଁଣି ହେଲା । ତାହା ଯେଉଁଠାରେ ଅସମ୍ଭବ, ସେଠାରେ ମହାପ୍ରସାଦ ବନ୍ଧୁ ବା ଧର୍ମପୁଅ ବା ଘରଆଡ଼ର ଧର୍ମଭାଇ ସମ୍ବନ୍ଧ ବସାଇବାକୁ ହେବ । ହାକିମମାନେ ତ ସ୍ୱର୍ଗରୁ ଗଳି ପଡ଼ି ନାହାନ୍ତି, ସେମାନଙ୍କର ମନୁଷ୍ୟ ପ୍ରକୃତି ଅଛି, ମୋହବନ୍ଧ ଅଛି, ମୁଖଲଜ୍ଜା ଅଛି, ସବୁ ଅଛି । ଆଉ ମଧ ଗୋଟିଏ କଥା ଅଛି—ଯେଉଁ ହାକିମଙ୍କର ଯେଉଁ ବସ୍ତୁ ପ୍ରିୟ ତାହା ସନ୍ଧାନ ଲଗାଇ ବୁଝିବାକୁ ହେବ ଓ ବେଳ ଭାଳ ଦେଖି କାହା ନିକଟରେ ଡାଲି, କାହା ନିକଟରେ ଅଣ୍ଡା, କାହା ନିକଟରେ ଦ୍ରବ୍ୟ ଗୁଅଘିଅ, କାହା ନିକଟରେ ଗହଣା, କାହା ନିକଟରେ ଘୋଡ଼ାଦାନା, କାହା ନିକଟରେ ଖାସି ଏହିପରି ହାଜର କରାଇ ପାରିଲେ ହେଲା । ସେଗୁଡ଼ିକ ଦେଇ ପଦ୍ମତୋଳା ବୋଲି ଜାଣିଲେ ନାଗସାପ ଭଳି ଫେଣ ଟେକି ଠିଆ ହୋଇ ରହିବେ, କିନ୍ତୁ ଉଁ ଚୁଁ ହେବାର ତାକତ ରହିବ ନାହିଁ । ମନେକର ଜଣେ ହାକିମ ଭାରି ସତ୍ୟନିଷ୍ଠ, ସେ ଧର୍ମାସନରେ ବସିଲେ କେବେ କୌଣସି

ପ୍ରକାରେ ତୁମ ମୋହରର ରଖିବେ ନାହିଁ । ତାହାହେଲେ ମଧ୍ୟ ତୁମ୍ଭେ ଯଥାସାଧ୍ୟ ଚେଷ୍ଟା କରି ହାକିମଙ୍କ ଘରଠାରୁ ପ୍ରତି ଦିନ ଥରେ ଲେଖାଏଁ ଫିରା ଆସିବା କରି ପାରିଲେ ମକ୍କେଲ ମହଲରେ ତୁମ୍ଭର ପସାର ବଢ଼ିବ ଓ ଲୋକେ ତୁମ୍ଭଙ୍କୁ ଓକିଲ ନିଯୁକ୍ତ କରିବାକୁ ଉତ୍ସୁକ ହେବେ ।

୮—ରୋଜଗାର କରିବାକୁ ଯାଇ ଅଧିକାର ହାତ ଯଶବାକୁ ହେଲେ ଆଉ ଗୋଟିଏ ସୂକ୍ଷ୍ମ ଉପାୟ ଅଛି । ସେଥି ନିମନ୍ତେ ବିଶେଷ ବୁଦ୍ଧି ଚାଳନାର ପ୍ରୟୋଜନ ନାହିଁ । କୌଣସି ପେଷ୍କାର ତୁମ୍ଭର ବୈବାହିକ ବନ୍ଧୁ ବା ପ୍ରୀତିବନ୍ଧୁ ଥିଲେ ଉତ୍ତମ, ତାହା ନ ହେଲେ ପେସ୍କାରଙ୍କୁ ଫଳ ମୂଳ, ଶାଗ ମାଛ, ବସ୍ତ୍ର ଅଳଙ୍କାରେ ପ୍ରସନ୍ନ କରାଇ ପାରିଲେ ଭାବନା ନାହିଁ । କୌଣସି ମକଦମାରେ ସରଜମିନ ତଦାରଖ ବା ଦଖଲ ଦିହାରଖ ଅଥବା ହିସାବ କିତାବ ନିକାସି କମ୍ପା ବଣ୍ଟୁଆରା କମିସନ ଦରକାର ହେଲେ ପେଷ୍କାର ସଙ୍ଗେ ସଙ୍ଗେ ତୁମ୍ଭ ନାମରେ 'ସିଭିଲକୋର୍ଟ କମିସନର' ପରୁଆନା ବାହାର କରିଦେବେ । ଉକ୍ତ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ଦୈନିକ ସରକାରୀ ଫିସ୍ ଟ ୩୧ ମିଳିବ । ତା ପରେ ତୁମ୍ଭର ବୁଦ୍ଧି ଥିଲେ ସରଜମିନରେ ଧଳା ବଳଦକୁ କଳା କରି ଏ ଢକ ଟଙ୍କା ଯାଙ୍କୁ ଲୁଣ ମାଲିପା ବା ଡାଲି ପଶରାର ଅଯୋଜନ କରି ପାରିବ ।

୯—ଆଜିକାଲି ମକ୍କେଲମାନେ କ୍ରମଶଃ ଯେପରି କୃପଣ ହେଲେଣି, ସେଥିରେ ତାଙ୍କଠାରୁ ପଇସାଟିଏ କାଢ଼ିବା କାଠିକର ପାଠ ହେଲାଣି, ଏଥି ନିମନ୍ତେ କୌଣସି ନୂତନ ଉପାୟ ଆବିଷ୍କାର କରିବାକୁ ହେବ ।

(କ) ଖୁବ ଗୋଟିଏ ଢଙ୍ଗଢାଙ୍ଗ କୋଠା ଦେଖି ବାସ କରିବାକୁ ହେବ ଓ ବସାରେ ଅନ୍ତତଃ ୪।୫ ଜଣ ମୋସାହେବ ରଖିବାକୁ ହେବ । ଉକ୍ତ ମୋସାହେବମାନଙ୍କୁ ପୂର୍ବରୁ ତାଲିମ କରିବାକୁ ହେବ । ତୁମ୍ଭ ନିକଟରେ ଯେତେବେଳେ ଜଣେ ମକ୍କେଲ ଆସି ଉପସ୍ଥିତ ହେବେ, ସେହିକ୍ଷଣି ଏ ଚାରି ପାଞ୍ଚ ଜଣ ଶିକ୍ଷିତ ମୋସାହେବ ଦାଣ୍ଡ ବାଟେ ବୁଲି ଆସି କାଗଜ ତାଡ଼ାଏ ଓ ସଲାମି ମୁଦ୍ରା ତୁମ୍ଭ ସମ୍ମୁଖରେ ଥୋଇ ଦେବେ ଓ କଳ୍ପନା ସାହାଯ୍ୟରେ କେତେକ ମକଦମା ହାଲ ତୁମ୍ଭଙ୍କୁ ଜଣାଇବେ, ତାହାହେଲେ ଆଗନ୍ତୁକ ମକ୍କେଲ ତୁମ୍ଭର ପସାର ଦେଖି ଭାରି ଖୁସି ହେବେ । ତେଲିଆ ମୁଣ୍ଡରେ ତେଲ ଦେବା ସାଧାରଣ ନିୟମ । ଯେଉଁ ଓକିଲ କାର୍ଯ୍ୟରେ ସବୁବେଳେ ବ୍ୟସ୍ତ, ତାଙ୍କର ନିକଟକୁ ବେଶି ମକ୍କେଲ ଆଗ୍ରହ ସହିତ ଆସନ୍ତି ।

(ଖ) ଗାଧୁଆ ତୋଠରେ, ବଜାରରେ, ଛକ ଜାଗାରେ, ପ୍ରଧାନ ପ୍ରଧାନ ଗ୍ରାମ ଓ ମଫସଲର ସ୍ଥାନେ ସ୍ଥାନେ ବୁଲି ତୁମ୍ଭର ଗୁଣଗାନ କରି ମକ୍କେଲ ବୃଦ୍ଧି କରିବା ନିମନ୍ତେ ବେତନଭୁକ୍ତ ଏଜେଣ୍ଟ ନିଯୁକ୍ତ କରିବାକୁ ହେବ । ସେ ଏଜେଣ୍ଟମାନେ କାଳ୍ପନିକ ମକଦମାରେ ତୁମ୍ଭର ଅବାରିତ ଜୟଲାଭ, ତୁମ୍ଭର କାର୍ଯ୍ୟରେ ଅନବସର, ତୁମ୍ଭଠାରେ ହାକିମଙ୍କ ଭୁଲମାବର ଖାତିର, ତୁମ୍ଭର କାଳ୍ପନିକ ଆୟ, ତୁମ୍ଭର ବକ୍ତୃତାଶକ୍ତି ଇତ୍ୟାଦି ବିଶଦଭାବରେ ବ୍ୟାଖ୍ୟା କରି ଅଜ୍ଞାନାନ୍ଧ ଲୋକମାନଙ୍କ ନିକଟରେ ବୁଲିବା କରିବେ ।

(ଗ) ଆଜିକାଲି ମକ୍କେଲମାନେ ଓକିଲଙ୍କୁ ମିସିଲକୁ ନ ନେବା ପର୍ଯ୍ୟନ୍ତ ଫିସ ଟଙ୍କା ଖୋସଣିରୁ କାଢ଼ିବେ ନାହିଁ । ମଫସଲ ଓସ୍ତମାନେ ଶିଖିଛ ଚତୁର ଓକିଲମାନଙ୍କ ତରା କାଟିବେ ଏହା ଅନ୍ତତଃ ଲଜ୍ଜାର କଥା—ପୂର୍ବରୁ ପେସ୍କାରଙ୍କୁ ପ୍ରସନ୍ନ କରାଇଥିବ । ତୁମ୍ଭେ ଯେଉଁ ଯେଉଁ ମକଦମା ନେଇଥିବ ସେ ମକଦମା ହାକିମଙ୍କ ନିକଟରେ ନ ପଡ଼ୁ ପଡ଼ୁ ମଝିରେ ମଝିରେ ପେଷ୍କାର ମଉକୁପ୍ ପିଅଦାଦ୍ୱାରା ପକ୍ଷମାନଙ୍କୁ ଡାକରା କରାଇବେ । ଡାକରା ହେଲା ମାତ୍ରକେ ମକ୍କେଲ ଜାଣିବେ ଯେ ମକଦମା ବର୍ତ୍ତମାନ ପଡ଼ିବ । ଡାକରା ଶୁଣିଲାମାତ୍ରକେ ଶୀଘ୍ର କଣା ଛ ବଳେ ଯାଇ

ତୁମ୍ଭ ନିକଟରେ ପହଞ୍ଚିବେ ଓ ତୁମ୍ଭଙ୍କୁ ମିଛଲିକୁ ଅଣିବେ । ମିଛଲିକୁ ଅସିଲାମାତ୍ରେ ତୁମ୍ଭ ଫିଟିଟି ଚିକଚିକ ଓ ପୋଷାକ ଚାକଚକ୍ୟ ସହିତ ନୟନ ଓ ଓଷ୍ଠାଧରର ଦରହସିତ ମୁଖ ଏକ ହୋଇଯିବ । ତୁମ୍ଭ ତୁମ୍ଭ, ଯେଉଁ ମକଦ୍ଦମା ପଡ଼ିବାଲାଗି ଉକିଲଙ୍କୁ ଫିସ ଦେଇ ସାରିଲଣି ସେ ମକଦ୍ଦମା ଅନ୍ୟ ତାରିଖକୁ ମୁଲତବି ଓ ଖାମ ବିଶାଳ ହାକିମଙ୍କ ଅତିଥି ଘରକୁ ଗଲା । ସୁତରାଂ ପରେ ବଅବାଡ଼ିରେ ପଡ଼ି, ମୂଳ ତ ମାରା ଯିବ ନାହିଁ ।

(ଘ) ମକ୍କେଲମାନେ ତୁମ୍ଭ ନିକଟକୁ ମକଦ୍ଦମା ସମ୍ବନ୍ଧରେ ଅସିଲା ବେଳେ, ତୁମ୍ଭେ ଅନ୍ୟ କାର୍ଯ୍ୟରେ ବିଶେଷ ବ୍ୟସ୍ତ ଅଛ ବୋଲି ଛଳନା କରିବ । ଏ ଉପାୟଟି କଚେରୀରେ ଏବେ ଘରେ ପ୍ରୟୋଗ କରିବାକୁ ହେବ ଓ ହାକିମଙ୍କ କଚେରୀରେ ସାକ୍ଷୀ ଜବାନବନ୍ଦୀ ବା ଜବାବ ସୁଅଲ କଲାବେଳେ ତୁମ୍ଭର ଶିକ୍ଷିତ ମୋହରର ଅସି ସମ୍ବାଦ ଦେବେ ଯେ ତୁମ୍ଭଙ୍କୁ ଅନ୍ୟ ମାମଲାରେ ଡାକରା ପଡ଼ୁଛି । ଏହା ଶୁଣିବାମାତ୍ରେ ତୁମ୍ଭେ ଉପସ୍ଥିତ ମକଦ୍ଦମାଟି ଶୀଘ୍ର ଶେଷ ହୋଇ ଯିବାର ଇଚ୍ଛା ପ୍ରକାଶ କଲାମାତ୍ରେ ମକ୍କେଲଙ୍କ ଖୋସାମତିରୁ ଅଉ ବନ୍ଧ ଯାଇବ ।

ଏହିପରି ନାନାଦି ଉପାୟ ଅଛି । 'ହାତ ଅଳସେ ନଣ ବଡ଼ା' ହେଲେ ପେଟକୁ ବା କପାଳକୁ ଦୋଷ ଦେବାର ନୁହେ । ପଢ଼ି ଶୁଣି ଶିକ୍ଷିତ ହେଲ, ଉକିଲ ବୃତ୍ତି ଖରଚ କର ଜୀବିକା ନିର୍ବାହ କରିବ । ବୃତ୍ତି ଖରଚ ନ କରିବ ଉପବାସ ରହିବ; କେ କଣ କରିବ ?

ଅମ୍ଭମାନଙ୍କର ପୂର୍ବପୁରୁଷ ବନ୍ଧୁ ବାଚସ୍ପତିମହାନ୍ତିଙ୍କଠାରୁ କେତେ କଥା ଶୁଣି ଶିଖି ଅଣିଥିଲେ; ସେଗୁଡ଼ିକରୁ ଢେର ଉପଦେଶ ମିଳିଲା, କିନ୍ତୁ ଦୁର୍ଭାଗ୍ୟର ବିଷୟ ଅମ୍ଭମାନଙ୍କ ଅଞ୍ଚଳରେ ଏପରି ଉକିଲ ହେବା ଯୋଗ୍ୟ ବ୍ୟକ୍ତି କେହି ନ ଥିବାରୁ ଅମ୍ଭମାନଙ୍କୁ ବାଧ ହୋଇ ନିରସ୍ତ ହେବାକୁ ପଡ଼ିଲା । ଅମ୍ଭେମାନେ ଆଶା କରୁଥିଲୁଁ ଯେ ବାଚସ୍ପତିମହାନ୍ତି ଅମ୍ଭମାନଙ୍କୁ ଉପଦେଶ ନ ଶୁଣାଇ ସଦରର ଉପସ୍ଥିତ ଅବସ୍ଥା ଓ ହାଲଚାଲ ଶୁଣାଇବେ, କିନ୍ତୁ ସେ ଅଶାରେ ଅମ୍ଭେମାନେ ନିରାଶ ହେଲୁଁ । କେବେ ଏବେ ମନରେ ସାନ୍ତ୍ୱନା ଦେଉ ଯେ ବାଚସ୍ପତିମହାନ୍ତିଙ୍କର ବୁଦ୍ଧି ଯେଉଁ ପ୍ରକାର ଗଭୀର ବିବେଚନାରେ ତାଙ୍କୁ ଉପଯୁକ୍ତ କର୍ମକ୍ଷେତ୍ର ମିଳି ନ ଥିଲା, ଏଣିକି ବୃତ୍ତି ଚଳାଇବାର ବିଶେଷ ଅବସର ମିଳିଲା ଓ ଆଶା କରୁଁ ଯେ ଅଳ୍ପଦିନେ ବାଚସ୍ପତିମହାନ୍ତିଙ୍କର ଉକିଲ ମହଲରେ ବିଶେଷ ଆଦର ଓ ଲାଭ ହେବ । ଶେଷରେ ଏତିକି ମାତ୍ର କହୁଅଛୁଁ ଯେ ଜୀବନଧାରଣ କରିବାକୁ ହେଲେ ଜୀବିକା ନିର୍ବାହ କରିବାକୁ ହେବ । ଜୀବିକା ନିର୍ବାହ ନିମନ୍ତେ ପନ୍ଥା ସ୍ଥିର ଅବଶ୍ୟକ । ପରୋପକାର ମହାବ୍ରତ ଧାରଣ କରି ଯେବେ ପେଟ ପୋଡ଼ି ପାଳିଲ ଏହାଠାରୁ ବଳି ମୂର୍ଖର ବିଷୟ ଅଉ କଣ ହୋଇ ପାରେ ? ଜଣେ ଲୋକ ଯେବେ ପକ୍ଷ ଅସନ୍ତୋଷମାନଙ୍କ ମଧ୍ୟରୁ ଜଣେ ସବଳ, ଜଣେ ଦୁର୍ବଳ ଏହା ନିଶ୍ଚିତ । ସବଳ ପକ୍ଷର ଉକିଲ ତ ସହଜରେ ଆପଣା ମକ୍କେଲର ପକ୍ଷ ସମର୍ଥନ କରିବେ । ନିର୍ବଳ ପକ୍ଷର ଉକିଲ ଯେବେ ନିର୍ବଳକୁ ସବଳ ବୋଲି ନ କହନ୍ତି ତାହାହେଲେ ନିମକହାରାମ ହେବେ । ଅତଏବ ଜାଣି ଶୁଣି ମୂର୍ଖ ନିର୍ବଳର ପକ୍ଷ ସମର୍ଥନ କରିବାକୁ ହେବ । ନିର୍ବଳର ପକ୍ଷ ସମର୍ଥନ କଲେ ପରୋପକାର ହେଲା । ଏଣେ ସେଣେ ଧର୍ମ ଅର୍ଥ ଦୁଇ ଲାଭ ହେଲା । ନିର୍ବଳକୁ ସବଳ ବୋଲି କହିଲେ ଯେଉଁ ମିଛ, ମିଥ୍ୟା ସାକ୍ଷ ହେଲେ ସେହି ମିଛ । ଗୋଟାଏ ମଦ ପିଇଲେ ଜାତି ଯିବ, ଉଣାଏ ମଦ ପିଇଲେ ମଧ୍ୟ ତାହା । ଉଚିତ କଥା ଅଛି 'ପେଟ ପୋଷ ନାହିଁ ଦୋଷ' । ଅନ୍ୟାନ୍ୟ ଭାଷାରେ ଏପରି ଛାଗ ଅଛି କି ନାହିଁ ସେ କଥା ଅମ୍ଭମାନଙ୍କୁ ଜଣା ନ ଥିବାରୁ ଟିକିଏ ଗୋଳମାଳ ପଡ଼ୁଛି ।

ଅମ୍ଭମାନଙ୍କର ବିଶ୍ୱସ୍ତ ବନ୍ଧୁ ପୂର୍ବରୁ ଶୁଣିଥିଲୁ ଯେ ଉକିଲ ବ୍ୟବସାୟ ସ୍ୱାଧୀନ ବ୍ୟବସାୟ,

ସେଥିରେ ତାହାର ଅନ୍ୟଥା କରିବାକୁ ହେବ ନାହିଁ. ଅତଏବ ତାହାର ନିକଟରେ ବନ୍ଧା ରହିବାକୁ ହେବ ନାହିଁ, କିନ୍ତୁ ବାଚସ୍ପତିଙ୍କ ସଙ୍ଗେ କଥାବାର୍ତ୍ତା ହୋଇ ଆସି ଆମ୍ଭମାନଙ୍କ ବନ୍ଧୁ କହିଲେ ଯେ ଗୃହସ୍ଥ ହେଲେ ଜଣକୁ ଅନୁସରଣ କରି ଜଣକର ମନୋରକ୍ଷା କରିବାକୁ ହେବ, କିନ୍ତୁ ଓକିଲ ବ୍ୟବସାୟରେ ହାକିମଙ୍କ ମନ ଜଗିବାକୁ ହେବ, ପେସ୍କାରଙ୍କୁ ତୋଷ ପୋଷ କରିବାକୁ ହେବ, ସିରସ୍ତାଦାରଙ୍କୁ ସନ୍ତୁଷ୍ଟ କରିବାକୁ ହେବ, ପିଅନଙ୍କ ସଙ୍ଗେ ଘନିଷ୍ଠତା ରଖିବାକୁ ହେବ, ମହୁରୀଙ୍କୁ ଅନୁସରଣ କରିବାକୁ ହେବ ଓ ମକ୍କେଲ ଶ୍ରେଣୀ କଣ୍ଠାଳକୁ ମୋହିତ କରିବାକୁ ହେବ । ଗୃହସ୍ଥ ହେଲେ ଏକ ସ୍ୱାମୀ, ଏଥିରେ ଅନେକ ସ୍ୱାମୀ, ଆମ୍ଭେମାନେ ବନ୍ଧୁଙ୍କର ଏ ମନ୍ତବ୍ୟ ଶୁଣି ତହିଁରେ ଏକମତ ହୋଇ ନ ପାରି କହିଲୁଁ ଯେ ବାଚସ୍ପତି ମହାଶୟ ଯାହା ଉପଦେଶ ଦେଲେ ସେପରି କାଳ୍ପନିକ ଭିତ୍ତି ଉପରେ ଠିଆ ହୋଇ ଏପରି ସିଦ୍ଧାନ୍ତରେ ଉପନୀତ ହେବା ଅନ୍ୟାୟ । ଏ ଶ୍ରେଣୀର ଓକିଲ ଆଦୌ ଅଛନ୍ତି କି ନାହିଁ, ଆମ୍ଭମାନଙ୍କର ଏ ବିଷୟରେ ଗଭୀର ସନ୍ଦେହ । ଓକିଲ ବ୍ୟବସାୟ ଯେବେ ପ୍ରକୃତରେ ଆଜିକାଲି ଏ ଅବସ୍ଥାରେ ପହଞ୍ଚିଥାଏ ତେବେ ମାନିବାକୁ ହେବ ଯେ ଗୃହସ୍ଥର ଜୀବନ ଅପେକ୍ଷା ଏ ଜୀବନ ଉଚ୍ଚତର ନୁହେ । କିନ୍ତୁ ଏଥିର ସନ୍ତୋଷଜନକ ପ୍ରମାଣ ନ ପାଇବା ପର୍ଯ୍ୟନ୍ତ ଯେ ଓକିଲ ବ୍ୟବସାୟକୁ ଏତେ ହୀନ ଭାବ ପ୍ରତି ଆମ୍ଭେମାନେ ଅସମ୍ମତ । ଆମ୍ଭେମାନେ ଅବଶ୍ୟ ବ୍ୟକ୍ତିଗତ ଭାବରେ କେତେକ ଓକିଲଙ୍କୁ ଜାଣୁ । ସେମାନଙ୍କ ମଧ୍ୟରୁ ଜଣେ ହେଁ ବାଚସ୍ପତି ମହାଶୟଙ୍କ ଭାଲବାଗ୍ରସ୍ତ ହେବାର ଆଜିପର୍ଯ୍ୟନ୍ତ ଆଇନ ଅନୁସାରେ (ଅର୍ଥାତ୍ ପ୍ରମାଣ ଆଇନର ଧାରା ଅନୁସାରେ ଓ ଉପଯୁକ୍ତ ଅଦାଲତଙ୍କ ସମୀପରେ) ପ୍ରମାଣିତ ହୋଇଥିବାର ଆମ୍ଭମାନଙ୍କୁ ଜଣା ନାହିଁ । ବାଚସ୍ପତି ମହାଶୟଙ୍କର କାଳ୍ପନିକ ଉପଦେଶକୁ ଆମ୍ଭେମାନେ ନିତ୍ୟପ୍ରତ୍ୟକ୍ଷ ସତ୍ୟ ବୋଲି ମାନିବାକୁ ବାଧ୍ୟ ନୋହୁଁ । ଆଇନ ଡାକୁଛି:—"ଚୋର ହେଲେ ଚୋର ହୋଇଯିବ ନାହିଁ, କିନ୍ତୁ ଉପଯୁକ୍ତ ଅଦାଲତରେ ଆବଶ୍ୟକ ସାକ୍ଷୀ ପ୍ରମାଣ ଇତ୍ୟାଦି ନେଇଯାଇ ଚୋର କରିବାର ପ୍ରମାଣିତ ହେଲେ ଚୋର ହେବ । ନଚେତ୍ ଯେ ଚୋର ବୋଲି କହିବ ତା ନାମରେ ଅପବାଦ ଦଫା ଓ ମାନହାନି ବା ଫୌଜଦାରୀ ଦଫା ଧରା ହେବ ।" ଏଥି ପ୍ରତି ଦୃଷ୍ଟି ରଖି କଥାବାର୍ତ୍ତା କରିବାର ଆବଶ୍ୟକ ।

ଶ୍ରୀ ଦୁର୍ମୁଖ ଶର୍ମା ।

କର୍ଣ୍ଣେଲ ଟଡ଼ ଓ ରାଜସ୍ଥାନ ।

(କଟକ 'ବାଲପରିଷତ୍'ରେ ପଠିତ)

"And this gray spirit yearning in desire
To follow knowledge like a sinking star
Beyond the utmost bound of human thought"

Lord Tennyson.

ଏହି ପରିବର୍ତ୍ତନଶୀଳ ସଂସାରରେ ମହାପୁରୁଷମାନଙ୍କର ଅଭ୍ୟୁଦୟ ଓ ଅବସାନ ଏବଂ ଦେଶମାନଙ୍କର ଅଭ୍ୟୁତ୍ଥାନ ଓ ପତନର କ୍ରମିକ ଗତି ନିବିଷ୍ଟଚିତ୍ତରେ ପର୍ଯ୍ୟାଲୋଚନା କଲେ ମହାଶିକ୍ଷା ଲାଭ ହୁଏ । ଭାରତ, ମିସର, ଗ୍ରୀସ ପ୍ରଭୃତି ଦେଶମାନଙ୍କର ପ୍ରାଚୀନ ସଭ୍ୟତା ସହିତ ଆଧୁନିକ ହୀନାବସ୍ଥା ତୁଳନା କରି ଦେଖିଲେ ବୁଝି ପାରିବୁଁ, ଯେପରି କି କରୁଣାମୟ ପରମେଶ୍ୱର ତାହାର

ଭାଗ୍ୟରେ ଅଖଣ୍ଡ ସମ୍ପଦ ଓ ସୁଖର ରେଖା ଅଙ୍କିତ କରି ନାହାନ୍ତି । କାଳର ସର୍ବସଂହାରିଣୀ ଶକ୍ତି ପ୍ରଭାବରୁ ସମସ୍ତ ଏବେବେଳେ ପରିବର୍ତ୍ତିତ ହୋଇ ଯାଉଅଛି । ଇଂଲଣ୍ଡର ଭୂତପୂର୍ବ ସଭା-କବି ଏପ୍ରକାର ପରିବର୍ତ୍ତନକୁ ଲକ୍ଷ କରି ଯଥାର୍ଥ କହିଅଛନ୍ତି:—

"The old order changeth, yielding
place to new,
And God fulfills himself in many
ways,
Lest one good custom should corrupt
the world"

ସ୍ଥାନେ ସ୍ଥାନେ ଦେଖା ଯାଉଅଛି ଯେ ଦେଶ-ବିଶେଷ ଘୋର ତମିସ୍ରାଗର୍ଭରୁ କ୍ରମେ କ୍ରମେ ଊର୍ଦ୍ଧ୍ୱକୁ ଉଠି ଏବେବେଳେ ସଭ୍ୟତା-ସୋପାନର ଶୀର୍ଷସ୍ଥାନ ଅଧିକାର କରିଅଛି । ଅନ୍ୟତ୍ର ମଧ୍ୟ ଦେଖା ଯାଉଅଛି ଯେ, ସ୍ଥାନ ବିଶେଷରେ ଜ୍ଞାନସୂର୍ଯ୍ୟର ଦିବ୍ୟ-ଜ୍ୟୋତି ଅନେକ କ୍ରମେ ନିସ୍ତେଜ ହୋଇ ଏବେବେଳେ ନିର୍ବାଣ ପ୍ରାପ୍ତ ହୋଇଅଛି । ଅବଶ୍ୟ ଏହି ଦ୍ୱିତୀୟ ପ୍ରକାର ପରିବର୍ତ୍ତନ ଭାରତ ପକ୍ଷରେ ଘଟିଅଛି । ଭାରତର ପ୍ରାଚୀନ ପ୍ରଭା ନାହିଁ, ପ୍ରାଚୀନ ଅମିତ ତେଜ ନାହିଁ, ଜ୍ଞାନଲିପ୍ସା ନାହିଁ, ଅଛି କେବଳ ବାକ୍‌ପଟୁତା, କେବଳ ଆଡ଼ମ୍ବର; ସେ କର୍ମବୀର ନାହାନ୍ତି, ସେ ଜ୍ଞାନବୀର ନାହାନ୍ତି, ବା ସେ ଧର୍ମବୀର ନାହାନ୍ତି; ଭାରତର ଅସ୍ତିତ୍ୱ ନାହିଁ । ଅସ୍ତିତ୍ୱ ନ ଥିଲେ ନାହିଁ, ମାତୃଭୂମିର ଅତୀତ ଗୌରବର ସ୍ମୃତି କଣ ଭାରତବାସିର ହୃଦୟରେ ଜାଗ୍ରତ ଅଛି ? ନା, ନାହିଁ !

ଅତ୍ୟନ୍ତ ଦୁଃଖର ବିଷୟ, ଏହି ଦୁର୍ବଳ ଭାରତବାସୀ ତାହାର ପୂର୍ବପୁରୁଷମାନଙ୍କର ଗୌରବର କାହାଣୀ ଇତିହାସର ପୃଷ୍ଠାରେ ଲିପିବଦ୍ଧ କରି ରଖିପାରି ନାହିଁ । ସାମାନ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ପାଇଁ ଯେପରି ବିଦେଶର ମୁହଁକୁ ଚାହିଁ ବସି ରହିଅଛି, ସେହିପରି ସ୍ୱଦେଶର ଅତୀତ ଗୌରବର କାହାଣୀ ପାଇଁ ସେହି ବୈଦେଶିକ ମହାପୁରୁଷ-ମାନଙ୍କ ଉପରେ ସମ୍ପୂର୍ଣ୍ଣରୂପେ ନିର୍ଭର କରୁଅଛି ।

ସେମାନଙ୍କର ସେ ଅଧ୍ୟବସାୟ ନାହିଁ, ସେ ଅନୁସନ୍ଧିତ୍ସା ନାହିଁ, ସେ ଗବେଷଣାପ୍ରିୟତା ନାହିଁ ଯେ ସେମାନେ ଐକାନ୍ତିକ ଯତ୍ନସହକାରେ କଠୋର ସାଧନରେ ପ୍ରବୃତ୍ତ ହୋଇ ଅତୀତ ଗୌରବର ଚିତ୍ର ସେମାନଙ୍କର ପ୍ରତିବେଶି-ମାନଙ୍କ ସମକ୍ଷରେ ଉନ୍ମୋଚନ କରିବାକୁ ସମର୍ଥ ହେବେ ?

ଦୃଷ୍ଟାନ୍ତ ଦେଖିବାକୁ ବେଶି ଦୂର ଯିବାକୁ ହେବ ନାହିଁ, ଏହି ପୀଠସ୍ଥଳ ଉତ୍କଳରେ ମହା-ପୁରୁଷମାନଙ୍କର ଜୀବନଚରିତ ସଂଗ୍ରହ, ପ୍ରାଚୀନ ଲେଖକ ଓ କବିମାନଙ୍କର କାବ୍ୟର ଆଲୋଚନା ଓ କବିଜୀବନର ବୃତ୍ତାନ୍ତ ସଂଗ୍ରହ ବିଷୟରେ ଏକାଧିକ ଥର ଚେଷ୍ଟା ହେଲାଣି । କିନ୍ତୁ କଣ ହେବ, ସକଳ ପ୍ରକାର ଉଦ୍ୟମ ଔଦାସୀନ୍ୟରେ ପରିଣତ ହୋଇଅଛି । ଉତ୍ସାହୀମାନଙ୍କର ଚେଷ୍ଟା କାଳଗର୍ଭରେ ଲୁପ୍ତ ହେବା ବ୍ୟତୀତ ଆଉ କିଛି ହୋଇ ନାହିଁ ।

କିନ୍ତୁ ଥରେ ମହାତ୍ମା Hunter ସାହେବଙ୍କ ପ୍ରତି ଦୃଷ୍ଟିପାତ କର, କି ଅନୁସନ୍ଧିତ୍ସା ! କେତେ ଦିନ ବା ସେ ଉତ୍କଳରେ ଥିଲେ, ସେ କି ମହତ୍କାର୍ଯ୍ୟ ସାଧନ କରି ଯାଇଅଛନ୍ତି ? ସେ ଯାହା କରି ଯାଇ-ଅଛନ୍ତି, ତାହା ଆମ୍ଭମାନଙ୍କର ବର୍ତ୍ତମାନ ଆଦର୍ଶ ଏବଂ ସର୍ବପ୍ରକାର ଭବିଷ୍ୟତ ଉଦ୍ୟମର ଭିତ୍ତି ଓ ପ୍ରଧାନ ଅବଲମ୍ବନ ହୋଇଅଛି ।

ଭାରତର, ସର୍ବାଙ୍ଗସୁନ୍ଦର ବିରାଟ ଇତିହାସ କୌଣସି ଭାରତବାସୀ ଲେଖିଥିବାର ପରିଚୟ ମିଳୁ ନାହିଁ । ପ୍ରାଚୀନ ଭାରତର ଇତିହାସ ଭାରତୀୟ କୌଣସି ଭାଷାରେ ଲିପିବଦ୍ଧ ହୋଇ ନାହିଁ । କିନ୍ତୁ ଇତିହାସ ସଙ୍କଳନ କରିବାର ଉପକରଣ ଯେ ଭାରତରେ ନାହିଁ, ଏକଥା କେହି କହି ପାରିବେ ନାହିଁ । ମହାତ୍ମା ବେଦ-ବ୍ୟାସଙ୍କର ସମସ୍ତ ପୁରାଣ, ଉପପୁରାଣ, ନାନା କାବ୍ୟ,

ନାଟକ, ସ୍ମୃତି, ଦର୍ଶନ; ଅଗଣ୍ୟ ଶିଳାଲିପି, ଜୟସ୍ତମ୍ଭ, ତାମ୍ରଶାସନ; ବହୁବିଧ ମୁଦ୍ରା ଓ ମେଡାଲ୍ ପ୍ରଭୃତିରୁ ସାବଧାନରେ ଧାରାବାହିକ ଇତିହାସ ସଙ୍କଳନ କରାଯାଇ ପାରେ । ତହିଁରୁ ସାମାଜିକ ସ୍ଥିତିଗତି, ରାଜାମାନଙ୍କର ବଂଶାବଳୀ ଓ ଯୁଦ୍ଧ ବିଗ୍ରହମାନଙ୍କର ସମ୍ବାଦ ଅତି ସମୀଚୀନରୂପେ ସଂଗ୍ରହ କରାଯାଇ ପାରେ ।

କବି କହ୍ଲଣଙ୍କ କୃତ 'ରାଜତରଙ୍ଗିଣୀ' ଓ କବି ଚାନ୍ଦବର୍ଦ୍ଦାଙ୍କ 'ପୃଥ୍ୱୀରାସୋ' (ଐତିହାସିକ କାବ୍ୟ) ଭାରତଇତିହାସ ସଙ୍କଳନରେ ପ୍ରଭୂତ ସାହାଯ୍ୟ କରି ପାରେ । କିନ୍ତୁ ପୁରାଣ ପ୍ରଭୃତିର କଳ୍ପନା-ସମୁଦ୍ର ମନ୍ଥନ କରି ସାରସତ୍ୟ ସଙ୍କଳନ କରିବା ଦୁଃସାଧ୍ୟ ବ୍ୟାପାର ।

କିନ୍ତୁ ଯାହା କେହି ଭାରତବାସୀ କରି ପାରି ନାହିଁ, ତାହା କେତେ ବୈଦେଶିକମାନେ ପୁନଃପୁନଃ-ଭାବରେ ସମ୍ପନ୍ନ କରି ଯାଇଅଛନ୍ତି । ସେମାନଙ୍କଠାରେ ଭାରତବାସୀ ଚିରଋଣୀ; ସେହି ବୈଦେଶିକ ମହାତ୍ମାଗଣ ଆଜ ଅସ୍ମମାନଙ୍କ ସମକ୍ଷରେ ଅସ୍ମମାନଙ୍କର ଅତୀତଗୌରବ-ସ୍ମୃତିର ଦ୍ୱାର ଉଦ୍ଘାଟନ କରି ଚିରସ୍ମରଣୀୟ ହୋଇ ଅଛନ୍ତି ।

ଦୀର୍ଘକାଳପର୍ଯ୍ୟନ୍ତ ଭାରତ ଦାରୁଣ ଅବସାଦରେ ପଡ଼ି ରହିଥିଲା, କିନ୍ତୁ ଅଧୁନା ପାଶ୍ଚାତ୍ୟ ସମ୍ବନ୍ଧ ସେମାନଙ୍କ ହୃଦୟରେ ଏକ ଅଭିନବ ଶକ୍ତି ଜାତ କରିଅଛି । ସେମାନେ ନିଜକୁ ଚିହ୍ନିବାକୁ ଟିକିଏ ଅବସର ହେଲେଣି । ଏକ ବିଶାଳ ସମୃଦ୍ଧ ଜାତିର ବଂଶଧର ବୋଲି ଗର୍ବ କରୁଅଛନ୍ତି ।

ଏପ୍ରକାର ପରିବର୍ତ୍ତନର ନେତା କିଏ ? ସେହି ବୈଦେଶିକ, ନିଃସ୍ୱାର୍ଥପର, ଗବେଷଣାପ୍ରିୟ ମହାପୁରୁଷଗଣ । ସେମାନେ ଏହି ଅବସନ୍ନ ଜାତିର ହୃଦୟରେ ଲୁପ୍ତପ୍ରାୟ ଆତ୍ମମର୍ଯ୍ୟାଦାଜ୍ଞାନ ପୁନରୁଜ୍ଜୀବିତ କରିଅଛନ୍ତି । ସେମାନେ ଗଭୀର ଗବେଷଣା, ଜ୍ୱଳନ୍ତ ଅଧ୍ୟବସାୟ, ସର୍ବୋପରି ନିରପେକ୍ଷ ବିଚାର ନିମନ୍ତେ ସର୍ବଥା ପ୍ରଶଂସାର୍ହ । Abul Fazal, Wheeler, Sir William Jones, Wilson, Colebrooke, James Todd, Benteley, Hunter ପ୍ରମୁଖ ମନୀଷୀଗଣ ସୁସଂବଦ୍ଧଭାବରେ ଭାରତର ପ୍ରାଚୀନ ଇତିହାସ ସଙ୍କଳନ କରି ଆଜ ସମସ୍ତ ଭାରତବାସିଙ୍କର ଅନନ୍ତ କୃତଜ୍ଞତାଭାଜନ ହୋଇଅଛନ୍ତି । ଉପରୋକ୍ତ ମହାତ୍ମାମାନଙ୍କ ମଧ୍ୟରେ ମହାତ୍ମା ଟଡ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଅଛନ୍ତି, ଏହା ସମସ୍ତେ ମୁକ୍ତକଣ୍ଠରେ ସ୍ୱୀକାର କରିବେ ।

ଭାରତହିତବ୍ରତରେ ଦୀକ୍ଷିତ ହୋଇ, ଭିନ୍ନ ଜାତି, ଭିନ୍ନ ଧର୍ମାବଲମ୍ବୀ ହୋଇ, ଅସୀମ ଅଧ୍ୟବସାୟ ଓ ଗବେଷଣାସହକାରେ ଭାରତର ପ୍ରାଚୀନ ଲୁପ୍ତ ଗୌରବର କାହାଣୀମାନ ଜ୍ୱଳନ୍ତ, ମର୍ମସ୍ପର୍ଶୀ ଭାଷାରେ ବର୍ଣ୍ଣନା କରି ସେ ସମସ୍ତ ସଭ୍ୟ ଜାତିକୁ ମୁଗ୍ଧ, ଚକିତ ଓ ସ୍ତମ୍ଭିତ କରିଅଛନ୍ତି ।

ମହାତ୍ମା ଟଡ଼ ୧୭୮୨ ସାଲରେ ଜନ୍ମଗ୍ରହଣ କରି ୧୮୩୫ ସାଲରେ ମାନବଲୀଳା ସମ୍ବରଣ କରିଥିଲେ । ତାହାଙ୍କର ଦୀର୍ଘ ଜୀବନର ଶ୍ରେଷ୍ଠ ଅଂଶ ରାଜପୁତାନାରେ ଅତିବାହିତ ହୋଇଥିଲା । ଆରାବଳୀ ପର୍ବତର ପାଦଦେଶରେ ଅବସ୍ଥିତ ଉଦୟପୁରର ରାଣାଙ୍କ ସହିତ ଉଦାର ନୈତିକ ବ୍ରିଟିଷ ଗଭର୍ଣ୍ଣମେଣ୍ଟଙ୍କର ଏହି ସର୍ତ୍ତରେ ସନ୍ଧିବନ୍ଧନ ହୋଇଥିଲା ଯେ "ଅନ୍ୟ ବନ୍ଦୋବସ୍ତ ପର୍ଯ୍ୟନ୍ତ ଇଂରେଜ ରାଜନୈତିକ ଦୂତ ଉଦୟପୁରରେ ଅବସ୍ଥାନ କରିବେ, କିନ୍ତୁ ସୀମା ମଧ୍ୟରେ ନୁହେଁ, ଅନ୍ତତଃ ନଗରର ୧୨ ମାଇଲ ଦୂରରେ ।"

ଲେଫ୍ଟେନେଣ୍ଟ କର୍ଣ୍ଣେଲ ଟଡ଼—ଯେ କି ପ୍ରଥମେ East India Company ର ସୈନିକ ବିଭାଗରେ ସୁଦକ୍ଷ ଭାବରେ କର୍ତ୍ତବ୍ୟ କାର୍ଯ୍ୟ ସମ୍ପାଦନ କରିଥିଲେ—ସର୍ବପ୍ରଥମରେ ମିବାର ପ୍ରଦେଶର Political Agent ପଦରେ ଅଧିଷ୍ଠିତ ହେଲେ । ଏହି ଘଟଣା ଧରି ଇତିହାସ-

ସେଠାରେ ଯୁବରାଜଙ୍କ ପ୍ରଧାନ ଦଳ । ଭାରତବାସୀ ଗୋରାଙ୍କଠାରୁ ସମାନରୂପେ ଲାଭ କଲେ । ସେ ଉକ୍ତ ପଦରେ ୧୬ ବର୍ଷ ପର୍ଯ୍ୟନ୍ତ ଦକ୍ଷତାସହକାରେ ଓ ସମ୍ମାନରେ ଅତିବାହିତ କରିଥିଲେ ।

ଦେବେନ୍ଦ୍ରର ସାହେବର ଗୁଣଗରିମାରେ ବ୍ରିଟିଶ୍ ଗଭର୍ଣ୍ଣମେଣ୍ଟ ମୁଗ୍ଧ ହୋଇ ତାହାଙ୍କୁ ସମସ୍ତ ରାଜପୁତାନାର Political Agont ପଦରେ ଅଧିଷ୍ଠିତ କଲେ । ଅଦ୍ୟ ପର୍ବତ ତାହାଙ୍କର ବାସସ୍ଥାନରୂପେ ନିର୍ଦ୍ଦିଷ୍ଟ ହୋଇଥିଲା ।

ଏମଧ୍ୟରେ ସେ ଦୁଇ ଖଣ୍ଡ ବୃହତ୍ ଗ୍ରନ୍ଥ ପ୍ରଣୟନ କରିଥିଲେ । ପ୍ରଥମଟି 'Annals and antiquities of Rajpoots' ଏବଂ ଦ୍ୱିତୀୟଟି 'Travels in Western India' ପ୍ରଥମ ଗ୍ରନ୍ଥଟି ଦୁଇ ପ୍ରଧାନ ଭାଗରେ ବିଭକ୍ତ ଏବଂ ସମସ୍ତ ପୁସ୍ତକଟି ସଂକ୍ଷେପତଃ 'ରାଜସ୍ଥାନ' ନାମରେ ଅଭିହିତ । 'ରାଜସ୍ଥାନ'ର ଦୁଇଭାଗ ଯଥାକ୍ରମେ ଇଂଲଣ୍ଡେଶ୍ୱର Jeorge IV ଓ William IV ଙ୍କ ମହନୀୟ ନାମରେ ଉତ୍ସର୍ଗୀକୃତ । ମହାତ୍ମା ଟଡ଼ ସାହେବ ଉତ୍ସର୍ଗପତ୍ରରେ ନିମ୍ନଲିଖିତ ଭାବ ପ୍ରକାଶ କରିବାଦ୍ୱାରା ଆପଣାର ଯଥେଷ୍ଟ ନୈତିକ ସାହସର ପରିଚୟ ପ୍ରଦାନ କରିଅଛନ୍ତି ।

"My prayer is, that it may continuo so, and that neither tho love of conquest, nor falso views of policy may tempt us to subvert the independence of the Statos, somo of which have braved the storms more than ten centuries' ମହାପ୍ରତାପଶାଳୀ ଇଂଲଣ୍ଡେଶ୍ୱର William IVଙ୍କୁ ତାଙ୍କର ଅଧୀନ କର୍ମଚାରୀ ହୋଇ ରାଜପୁତ ସାମ୍ରାଜ୍ୟର ସ୍ୱାଧୀନତା ଅପହରଣ ନ କରିବାକୁ ଉପଦେଶ ବାକ୍ୟଦ୍ୱାରା ନିର୍ଭୀକ ଭାବରେ ଅନୁରୋଧ କରୁଅଛନ୍ତି ।

'ରାଜସ୍ଥାନ'ର ପ୍ରକୃତ ମୂଲ୍ୟ ଅଙ୍କନ କରିବା ତାଙ୍କର ରାଜପୁତାନାରେ ଅବସ୍ଥାନ କାଳର ମହଦ୍‌ବ୍ରତ ବୋଲି ସ୍ଥିର କରିଥିଲେ । ଉତ୍ସର୍ଗପତ୍ରରେ ସେ ଏହା ପ୍ରକାଶ କରିଅଛନ୍ତି, * * * the object of this work, the prosecution of which I have made a paramount duty"

Bengal Supreme Courtର ପ୍ରଧାନ ବିଚାରପତି Sir William Jonesଙ୍କ ସବିଶେଷ ନାମ ଏଠାରେ ଉଲ୍ଲେଖଯୋଗ୍ୟ । ଅତି ଶୁଭମୁହୂର୍ତ୍ତରେ ଏ ମହାତ୍ମା ଭାରତରେ ପଦାର୍ପଣ କରିଥିଲେ । ପ୍ରାଚୀନ ସଂସ୍କୃତ ସାହିତ୍ୟ ମନ୍ଥନ କରି ସାର ସତ୍ୟ ଗ୍ରହଣ କରିବାର ବଳବତୀ ବାସନା ହୃଦୟରେ ପୋଷଣ କରି ସେ ଗୃହ ତ୍ୟାଗ କରିଥିଲା ପରି ବୋଧହୁଏ । ଭାରତରେ କିଛିକାଳ ଅବସ୍ଥାନ କରି ସେ Asiatic Society of Bengal ନାମକ ସମାଜ ୧୭୮୪ ସାଲ ଜାନୁଆରୀ ମାସ ୧୫ ତାରିଖରେ ସ୍ଥାପନ କଲେ । ପ୍ରତ୍ନତତ୍ତ୍ୱ ଓ ପୁରାବୃତ୍ତ ପ୍ରଭୃତିର ଉଦ୍ଧାର ଏହି ସମାଜର ପ୍ରଧାନ ଲକ୍ଷ୍ୟ ଥିଲା । ମହାତ୍ମା ଟଡ଼ ଏହାର ପ୍ରଧାନ ପୃଷ୍ଠପୋଷକ ଓ ହିତୈଷୀ ଥିଲେ । ଏକପ୍ରକାର କହିବାକୁ ଗଲେ ଏହି ସମାଜ ଟଡଙ୍କ ହୃଦୟରେ 'ରାଜସ୍ଥାନ'ର ପୁରାବୃତ୍ତ ସଙ୍କଳନ କରିବାର ଇଚ୍ଛା ଜାଗ୍ରତ କରାଇଥିଲା ।

ରାଜସ୍ଥାନର ପ୍ରତ୍ୟେକ ସ୍ଥାନ ଦୁର୍ଗମ ଅରଣ୍ୟାନୀଠାରୁ ଆରମ୍ଭ କରି ନିବିଡ଼ ଅନ୍ଧକାରମୟ ପର୍ବତଶିଖର ପର୍ଯ୍ୟନ୍ତ ସକଳ ସ୍ଥାନ ତନ୍ନ ତନ୍ନ କରି ପର୍ଯ୍ୟବେକ୍ଷଣ କରି, ଅସଂଖ୍ୟ ତାମ୍ରଶାସନ, ଜୟସ୍ତମ୍ଭ, କୀର୍ତ୍ତିସ୍ତମ୍ଭ, ଶିଳାଲିପି, ମୁଦ୍ରା, ବୈତାଳିକ ଗୀତରୁ ଅଧ୍ୟବସାୟସହକାରେ ବହୁ ତଥ୍ୟ ଉଦ୍ଧାର କରି ସେ 'ରାଜସ୍ଥାନ' ସଙ୍କଳନ କରିଅଛନ୍ତି ।

ତାଙ୍କ ପରି ଅସାଧାରଣ ଧୈର୍ଯ୍ୟଶାଳୀ ପୁରୁଷ ନ ହୋଇଥିଲେ ଏ କାର୍ଯ୍ୟ କେବେହେଁ ଶେଷ ହୋଇ ପାରି ନ ଥାନ୍ତା । ଏଥିପାଇଁ ସେ ବହୁକଷ୍ଟ ସ୍ୱୀକାର କରିଅଛନ୍ତି । ଭାରତୀୟ କୌଣସି ଭାଷାରେ ପ୍ରାଚୀନ ଭାରତର ପୁରାବୃତ୍ତ ଲିପିବଦ୍ଧ

ହୋଇ ନ ଥିବାରୁ ତଥ୍ୟ ସଂଗ୍ରହ ବିଷୟରେ ବହୁ ଅସୁବିଧା ଭୋଗ କରି ତାହାଙ୍କର ବିରାଟ ଗ୍ରନ୍ଥର ଅବତରଣିକାରେ ପ୍ରଥମେ ଅତ୍ୟନ୍ତ ଦୁଃଖିତ ହୋଇ କହିଅଛନ୍ତି :—"Much disappointment has been felt in Europe at the sterility of the Historic Muse of Hindoosthan" ସମଗ୍ର ପୁରାଣ, ମହାଭାରତ, କବି ଚାନ୍ଦବର୍ଦ୍ଦିଙ୍କର ଐତିହାସିକ କାବ୍ୟ, ଯସଲମିର, ମାରବାର, ମିବାର, କୋଟା, ବୁନ୍ଦୀର ରାଜକୁଳର ଯଶୋ-ଗୀତ, ଅସଂଖ୍ୟ ଅସଂଖ୍ୟ ବୈତାଳିକମାନଙ୍କ ଗୀତ, ସବୁ ପୁଙ୍ଖାନୁପୁଙ୍ଖରୂପେ ଅଧ୍ୟୟନ କରି ସେ ତାହାଙ୍କର ଗ୍ରନ୍ଥପ୍ରଣୟନ କାର୍ଯ୍ୟରେ କୃତକାର୍ଯ୍ୟ ହୋଇଥିଲେ ।

ଜୟପୁରର ସ୍ୱଦେଶବତ୍ସଳ ନୃପତି ରାଜା ଜୟସିଂହ ଆପଣାର ଦୈନିକ ବିବରଣୀ 'କଳ୍ପଦ୍ରୁମ' ନାମକ ଗ୍ରନ୍ଥରେ ଲିପିବଦ୍ଧ କରି ରଖୁଥିଲେ, ମହାତ୍ମା ଟଡ଼ ଏଥିରୁ ମଧ୍ୟ ବହୁ ସାହାଯ୍ୟ ପାଇଥିବାର ସ୍ୱୀକାର କରିଅଛନ୍ତି ।

ଯସଲମିର ଓ ପୁତ୍ତନ ନାମକ ନଗରରେ ବହୁସଂଖ୍ୟକ ପ୍ରାଚୀନ ହସ୍ତଲିଖିତ ଗ୍ରନ୍ଥ ସୁରକ୍ଷିତ ହୋଇ ରହିଅଛି । ଏହି ଦୁଇ ମହାନଗରୀ ବହୁ କାଳରୁ ମୁସଲମାନମାନଙ୍କର କରଗତ ଥିଲେ ସୁଦ୍ଧା ସୌଭାଗ୍ୟବଶତଃ ତାହାର ପୁସ୍ତକାଗାର ଧ୍ୱଂସପ୍ରାପ୍ତ ହୋଇ ନାହିଁ । ଉକ୍ତ ନଗରର ଜୈନ ମନ୍ଦିରରେ ରକ୍ଷିତ ହସ୍ତଲିପିମାନଙ୍କରୁ ଅଧିକାଂଶ ମହାତ୍ମା ଟଡ଼ Asiatic Society କୁ ପ୍ରେରଣ କରିଥିଲେ । ଏହା ସବୁ ଆମ୍ଭମାନଙ୍କ ଦେଶର 'ମାଦଳାପାଞ୍ଜି' ପରି । ଯସଲମିର ନଗରର 'ଚିନ୍ତାମଣି' ନାମକ ମନ୍ଦିରରେ ଏକ ବିରାଟ ଗ୍ରନ୍ଥ ସୁପବିତ୍ରଭାବରେ ଶୂନ୍ୟରେ ଝୁଲାଇ ରଖା ହୋଇଅଛି । କଥିତ ଅଛି, ଏହା "ସୋମା-ଦିତ୍ୟ ସୁରଚାର୍ଯ୍ୟ"ଙ୍କଦ୍ୱାରା ଲିଖିତ । କିମ୍ବଦନ୍ତୀ ଅଛି, ଉକ୍ତ ଗ୍ରନ୍ଥଟି ପାଠ କଲେ ସାଧାରଣ ଲୋକେ ଚକ୍ଷୁହୀନ ହେବେ । କେବଳ ମନ୍ଦିରା-ଚାର୍ଯ୍ୟଙ୍କର ଏହା ପାଠ କରିବାରେ ଅଧିକାର ଅଛି । ଏହା ଦୁର୍ବୋଧ ପାଲି ଭାଷାରେ ଲିଖିତ । ଉକ୍ତ ହସ୍ତଲିଖିତ ଗ୍ରନ୍ଥମାନଙ୍କରୁ ଯଥାସମ୍ଭବ ତଥ୍ୟ ସଂଗ୍ରହରେ ମହାତ୍ମା ଟଡ଼ କୁଣ୍ଠିତ ହୋଇ ନାହାନ୍ତି ।

ଜନୈକ ଗୁଣୀ ଜୈନଙ୍କ ସମଭିବ୍ୟାହାରରେ ମହାତ୍ମା ଟଡ଼ ରାଜସ୍ଥାନର ବହୁସ୍ଥାନ ପର୍ଯ୍ୟଟନ କରିଥିଲେ । ତାଙ୍କର ସାହାଯ୍ୟରେ ରାଜସ୍ଥାନର ଜାତି, ନୀତି, ଆଚାର, ବ୍ୟବହାର, ପୁରାବୃତ୍ତ, କିମ୍ବଦନ୍ତୀ ଓ କାହାଣୀରୁ ସ୍ଥିରସତ୍ୟ ଅବଗତ ହୋଇ ପାରିଥିଲେ । ବହୁ ହସ୍ତଲିପି ଅପାଠ୍ୟ ଓ ଦୁର୍ବୋଧ ହେବାରୁ ଟଡ଼ ଇଂଲଣ୍ଡକୁ ଯିବା ବେଳେ ସେ ସବୁ ନେଇ ଯାଇ Royal Asiatic Society ହସ୍ତରେ ଅର୍ପଣ କରିଥିଲେ । ତାଙ୍କର ଅନ୍ତରଙ୍ଗ ବନ୍ଧୁ Major Waughଙ୍କ-ଠାରୁ ସେ ଯଥେଷ୍ଟ ସାହାଯ୍ୟ ପ୍ରାପ୍ତ ହୋଇଥିଲେ । ସେ ମହାତ୍ମା ଏହି ପ୍ରକାଣ୍ଡ ଗ୍ରନ୍ଥର ସମସ୍ତ ମାନଚିତ୍ର ସ୍ୱହସ୍ତରେ ଅଙ୍କନ କରି ତାହାର ପୁଷ୍ଟିସାଧନ କରିଅଛନ୍ତି ।

ଏହି ବିରାଟ ଗ୍ରନ୍ଥକୁ ଦୁଇ ଅଂଶରେ ବିଭକ୍ତ କଲେ ପ୍ରଥମ ଅଂଶରେ ରାଜପୁତାନାର ଭୌଗୋଳିକ ବିବରଣ, ରାଜପୁତ ଜାତିର ଇତିହାସ ଏବଂ ମିବାର ରାଜ୍ୟର ସମଗ୍ର ପୁରା-ବୃତ୍ତ ସଙ୍କଳିତ ହୋଇଅଛି । ଦ୍ୱିତୀୟ ଅଂଶରେ ମାରବାର, ଯସଲମିର, କୋଟା, ବୁନ୍ଦୀ, ହାରାବତୀ ପ୍ରଭୃତି ସମୃଦ୍ଧ ରାଜ୍ୟମାନଙ୍କ ପୁରା-ବୃତ୍ତ ବର୍ଣ୍ଣିତ ଅଛି ।

ସୁତୀକ୍ଷ୍ଣ ଧୀଶକ୍ତି, ଚିନ୍ତାଶୀଳତା, ଅକ୍ଳାନ୍ତ ପରିଶ୍ରମ ଓ ଗଭୀରଗବେଷଣା ଯେପରି ଏକ ପକ୍ଷରେ ଏ ମହାରତ୍ନ ସଂଗ୍ରହର ମୂଳୀଭୂତ ନିଦାନ ଅଟେ ସେହିପରି ଭାରତବର୍ଷର ଏହି ବୀର୍ଯ୍ୟବନ୍ତ ମହାପ୍ରାଣ ଜାତି ପ୍ରତି ତାଙ୍କର ହୃଦୟର ଗଭୀର, ଅକୃତ୍ରିମ ସହାନୁଭୂତି ମଧ୍ୟ

ଏ ଗ୍ରନ୍ଥର ମର୍ଯ୍ୟାଦା ସମ୍ୟକ୍‌ରୂପେ ବର୍ଦ୍ଧିତ କରି ଅଛି ।

ରାଜପୁତ ରାଜାମାନଙ୍କର ଅସାମାନ୍ୟ ସାହସ ଓ ସ୍ୱାର୍ଥତ୍ୟାଗ, ରମଣୀମାନଙ୍କର ଅପୂର୍ବ ସତୀତ୍ୱ ଓ ଅପ୍ରତିମ ଧୈର୍ଯ୍ୟ ଓ ସାହସ ଓ ଉକ୍ତ ପ୍ରଦେଶର ମନୋହାରୀ ନୈସର୍ଗିକ ସୌନ୍ଦର୍ଯ୍ୟ ସନ୍ଦର୍ଶନ କରି ଏକାନ୍ତ ବିମୁଗ୍ଧ ପ୍ରାଣରେ ପ୍ରାଚୀନ ସମୃଦ୍ଧ ଗ୍ରୀସ ଦେଶ ସହିତ ରାଜସ୍ଥାନକୁ ତୁଳନା କରି ରାଜସ୍ଥାନକୁ ସେ ହିନ୍ଦୁସ୍ଥାନର ଆସନ ଦାନ କରିଅଛନ୍ତି । ସେ ସ୍ୱୀୟ ଗ୍ରନ୍ଥର ଅବତରଣିକାରେ ଲେଖିଅଛନ୍ତି । “There is not a petty state in Rajasthan that has not had its Thermopylae and scarcely a city that has not produced its Leonidas.”

ରାଜସ୍ଥାନରେ ‘ଥର୍ମପଲି’ ଓ ‘ମାରଥନ’ ତୁଲ୍ୟ ଅସଂଖ୍ୟ ନିସର୍ଗସୁନ୍ଦର ଗିରିବର୍ତ୍ମ ଓ ସମରସ୍ଥଳ ବିଦ୍ୟମାନ; ‘ଲିଓନିଡାସ’ ଓ ‘ଡୋରିମ’ଙ୍କ ସଦୃଶ ଅଗଣିତ ମହାନୁଭବ ନୃପତି ସ୍ୱଦେଶର ସ୍ୱାଧୀନତା ରକ୍ଷାର୍ଥ ଅକାତରରେ ଧନ ପ୍ରାଣ ବିସର୍ଜ୍ଜନ କରିଅଛନ୍ତି ସତ୍ୟ, କିନ୍ତୁ ମହାତ୍ମା ଟଡ଼ ସରଳ ପ୍ରାଣରେ ଏକ ଯଥାର୍ଥ କଥା କହି ଆକ୍ଷେପ କରିଅଛନ୍ତି ଯେ ରାଜସ୍ଥାନ ସବୁ ସମ୍ପଦର ଅଧିକାରୀ ହେଲେ ସୁଦ୍ଧା, ହିରୋଡୋଟସ ଓ ଜେନୋଫନଙ୍କ ପରି ସୂକ୍ଷ୍ମଦର୍ଶୀ ଐତିହାସିକର ସେଠାରେ ଏକାନ୍ତ ଅଭାବ । ସେ କହିଅଛନ୍ତି “But the Hindus either never had or have unfortunately lost their Herodotus and Xenophon”

ମହାତ୍ମା ଟଡ଼ ଅତି ପ୍ରତ୍ୟୂଷରୁ ଶଯ୍ୟା ତ୍ୟାଗ କରୁଥିଲେ । ସ୍ୱକୀୟ ନିତ୍ୟକର୍ମ ସମାପନାନ୍ତେ ଗୃହପାଳିତ ଏବଂ ଅରଣ୍ୟ ପଶୁ ପକ୍ଷିମାନଙ୍କୁ ସସ୍ନେହରେ ଖାଦ୍ୟ ଦାନ କରୁଥିଲେ । ତତ୍ପରେ ଦୀନ ଦରିଦ୍ର ବିକଳାଙ୍ଗ ନିଃସ୍ୱମାନଙ୍କୁ ୫୦/ ଲେଖାଏ ପଇସା ପ୍ରତ୍ୟହ ବିତରଣ କରୁଥିଲେ । ପ୍ରାତଃକାଳ ଏହିପରି ଅତିବାହିତ କଲା ପରେ ମଧ୍ୟାହ୍ନରେ ଉପାସନା ଓ ଗ୍ରନ୍ଥପାଠ ଏବଂ ଅପରାହ୍ନରେ ଔଷଧ ବିତରଣ କରି ଆନନ୍ଦ ଅନୁଭବ କରୁଥିଲେ । ରାଜକୀୟ ସମସ୍ତ କାର୍ଯ୍ୟ ରଜନୀରେ ସମ୍ପନ୍ନ କରୁଥିଲେ ।

ରାଜପୁତମାନେ ତାଙ୍କର ସଦାଶୟତା ଓ ଔଦାର୍ଯ୍ୟ ଗୁଣରେ ମୋହିତ ହୋଇ ତାହାଙ୍କୁ ‘ବାବା’ ବୋଲି ଡାକୁଥିଲେ । ଉକ୍ତ ପ୍ରଦେଶରେ ପରହିତବ୍ରତ ସାଧୁମାନେ ‘ବାବା’ ନାମରେ ଅଭିହିତ ହୁଅନ୍ତି । ସେ ଯେଉଁ ଗୃହରେ ଅବସ୍ଥାନ କରୁଥିଲେ ତାହା “ବାବା ସାହେବଙ୍କର କୋଠି” ବୋଲି ପରିଚିତ ଥିଲା ।

ରାଜସ୍ଥାନରେ ଦୀର୍ଘକାଳ ଅବସ୍ଥାନ କରି ସେ ସେମାନଙ୍କର ରୀତି, ନୀତି, ଆଚାର, ବ୍ୟବହାର ସମ୍ବନ୍ଧରେ ଏତେଦୂର ଅଭିଜ୍ଞତା ଲାଭ କରିଥିଲେ ଯେ ଉକ୍ତ ପ୍ରଦେଶର ଯେକୌଣସି ଜାତିର ମୁଖ ଦର୍ଶନମାତ୍ରେ ସେ କେଉଁ ଜାତିର ଅନ୍ତର୍ଭୁକ୍ତ ତାହା ନିଃସନ୍ଦେହରୂପେ କହି ପାରୁଥିଲେ । ଥରେ ଜଣେ ଦରିଦ୍ରା ବ୍ରାହ୍ମଣକନ୍ୟା ତାହାଙ୍କଠାରୁ ଔଷଧ ଗ୍ରହଣ କରିବାକୁ ଆସିଥିଲା । ଆତ୍ମପରିଚୟ ଦାନରେ ସଙ୍କୁଚିତ ହୋଇ କହିଲା ‘ମୁଁ ନୀଚ କନ୍ୟା, ମୋହର କେବଳ ଔଷଧ ଆବଶ୍ୟକ ।” ମହାତ୍ମା ଟଡ଼ ତାହାପ୍ରତି ତୀକ୍ଷ୍ଣ ଦୃଷ୍ଟିପାତ କରି କହିଲେ ‘ମୁଁ ବଡ଼ ଲଜ୍ଜିତ ଓ ଦୁଃଖିତ ହେଲି, ତୁମ୍ଭେ ମହାପବିତ୍ର ବ୍ରାହ୍ମଣ ବଂଶରେ ଜାତ ହୋଇ ଆପଣାକୁ ନୀଚବଂଶୋଦ୍ଭବ ବୋଲି ପ୍ରକାଶ କରୁଅଛ ।” ଏହା ଶୁଣି ବ୍ରାହ୍ମଣ କନ୍ୟାଟି ଆପଣାର ଦୋଷ ସ୍ୱୀକାର କରି କ୍ଷମା ପ୍ରାର୍ଥନା କରିଥିଲା ।

ମହାତ୍ମା ଟଡ଼ ଯେ କେବଳ ରାଜନୈତିକ ଓ ଐତିହାସିକ ବୋଲି ଖ୍ୟାତି ଲାଭ କରିଥିଲେ ତାହା ନୁହେଁ, ତାହାଙ୍କ ପରି ଶୁଦ୍ଧାତ୍ମା ଓ ମହଚ୍ଚରିତ୍ର ଲୋକ ବିରଳ ।

ଉତ୍କଟ ପରିଶ୍ରମ ହେତୁରୁ ଶରୀର ଅସୁସ୍ଥ ହେବାରୁ ଜଳବାୟୁ ପରିବର୍ତ୍ତନାର୍ଥ ସେ ଦିଲ୍ଲୀ ଯାତ୍ରା କରିଥିଲେ । କିଛିକାଳ ସେଠାରେ

ଅତିବାହିତ କରି ରାଜସ୍ଥାନକୁ ପ୍ରତ୍ୟାବର୍ତ୍ତନ କଲେ। ଉଦୟପୁରର ମହାରାଣା ତାହାଙ୍କ ସହିତ ସାକ୍ଷାତ କରି ତାହାଙ୍କୁ ଅଭିବାଦନପୂର୍ବକ କହିଲେ "ସିହଳରୁ ମୋହପାଇଁ କଣ ଆଣିଅଛନ୍ତି ?" ଉତ୍ତରରେ ମହାତ୍ମା ଟଡ଼ ସହାସ୍ୟବଦନରେ କହିଲେ "ମୁଁ ଆପଣଙ୍କ ପାଇଁ ଏକ ବହୁମୂଲ୍ୟ ପଦାର୍ଥ ଆଣିଅଛି, ଯାହା ସିହଳର ସମସ୍ତ ଧନଠାରୁ, ମଣି ମୁକ୍ତାଠାରୁ ଉତ୍କୃଷ୍ଟ।" ଏହା କହି ତାହାଙ୍କର ପରିଶ୍ରମକାନ୍ତଫଳରୁ ଖଣ୍ଡିଏ ପାଲିଭାଷାରେ ଲିଖିତ ଜୀର୍ଣ୍ଣ ପୁସ୍ତକ ରାଣାଙ୍କ ହସ୍ତରେ ଅର୍ପଣ କଲେ। ରଘୁକୁଳକମଳ ରାମଚନ୍ଦ୍ର ସିହଳରେ ଅବସ୍ଥାନ କାଳରେ ସିହଳବାସୀଙ୍କୁ ଯେ ଭକ୍ତି, ମୁକ୍ତି, ଜ୍ଞାନର ମାର୍ଗ ସବୁ ବୁଝାଉଥିଲେ ତାହା ଏହି ପୁସ୍ତକରେ ଲିପିବଦ୍ଧ ଅଛି। ରାମାୟଣକୁ କବିକଳ୍ପନା ବୋଲି ଅନେକେ ବିଶ୍ୱାସ କରନ୍ତି। ସେମାନଙ୍କର ଏହି ଭ୍ରାନ୍ତ ମତକୁ ଉକ୍ତ ଘଟନାଟି ସମ୍ପୂର୍ଣ୍ଣରୂପେ ଖଣ୍ଡନ କରୁଅଛି।

୧୭୮୨ ମାର୍ଚ୍ଚ ମାସରେ ମହାତ୍ମା ଟଡ ଜନ୍ମଗ୍ରହଣ କରିଥିଲେ। ମାର୍ଚ୍ଚ ମାସରେ ଭାରତାଭିମୁଖରେ ସ୍ୱଦେଶ ତ୍ୟାଗ କରିଥିଲେ। ମାର୍ଚ୍ଚ ମାସରେ ତାହାଙ୍କର ଏହି ଗ୍ରନ୍ଥ ପ୍ରଣୟନ କାର୍ଯ୍ୟ ସମାପ୍ତ ହୋଇଥିଲା। ମାର୍ଚ୍ଚ ମାସରେ ଏହି ଗ୍ରନ୍ଥ ସର୍ବସାଧାରଣଙ୍କ ସମକ୍ଷରେ ପ୍ରକାଶିତ ହୋଇଥିଲା। ଏପ୍ରକାର ଅଦ୍ଭୁତ ସାମଞ୍ଜସ୍ୟ କଥା ତାହାଙ୍କର ଗ୍ରନ୍ଥର ଉପସଂହାରରେ ପ୍ରକାଶ କରି ବିସ୍ମୟ ପ୍ରକାଶ କରିଅଛନ୍ତି।

ମହାତ୍ମା ଟଡ ଭାରତବାସୀଙ୍କର କେତେଦୂର ଶ୍ରଦ୍ଧାର କୃତଜ୍ଞତାର ପାତ୍ର, ତାହା ପ୍ରତ୍ୟେକ ଗୁଣଗ୍ରାହୀ ଲୋକ ସ୍ୱତଃ ଉପଲବ୍ଧି କରି ପାରିବେ। ଭାରତରେ ସେ ଅଜ୍ଞାତ, ବିସ୍ମୃତ ହେବା ଏକ ଲଜ୍ଜାର ଓ ଖେଦର ବିଷୟ। କିନ୍ତୁ ସୁଖର ବିଷୟ, ବଙ୍ଗଦେଶୀୟମାନେ କଥଞ୍ଚିତ୍ ପ୍ରକାରେ ସେମାନଙ୍କର କର୍ତ୍ତବ୍ୟ ସମ୍ପାଦନ କରିଅଛନ୍ତି। ଭାରତବର୍ଷର ସକଳ ଭାଷାରେ ଅନୁବାଦିତ ହୋଇ 'ରାଜସ୍ଥାନ' ପ୍ରତ୍ୟେକ ହିନ୍ଦୁର ଗୃହଗତ ହେବା ଏକାନ୍ତ ବାଞ୍ଛନୀୟ। ବଙ୍ଗଦେଶୀୟମାନେ ଏହି କର୍ତ୍ତବ୍ୟ ଜ୍ଞାନ ଅନୁଭବ କରି ପାରିଥିଲେ।

ପ୍ରଥମତଃ ଶୋଭାବଜାରର ଖ୍ୟାତନାମା, ବିଦ୍ୟୋତ୍ସାହୀ ଶ୍ରୀଯୁକ୍ତ ବରଦାକାନ୍ତ ମିତ୍ର ମହାଶୟ ଏହାର ଅନୁବାଦ କାର୍ଯ୍ୟରେ ହସ୍ତକ୍ଷେପ କରିଥିଲେ। କିନ୍ତୁ ତାହାଙ୍କର ପ୍ରକାଶିତ ଗ୍ରନ୍ଥର ମୂଲ୍ୟ ଅପେକ୍ଷାକୃତ ଅଧିକ ହେବାରୁ ସର୍ବସାଧାରଣଙ୍କ ପକ୍ଷରେ ସୁବିଧାଜନକ ହେଲା ନାହିଁ। ପରେ 'ଗୃହବାର୍ତ୍ତା'ର ଭୂତପୂର୍ବ ସମ୍ପାଦକ ଶ୍ରୀଯୁକ୍ତ ଯଜ୍ଞେଶ୍ୱର ବନ୍ଦ୍ୟୋପାଧ୍ୟାୟଙ୍କଦ୍ୱାରା ଅନୁବାଦିତ ହୋଇ 'ବସନ୍ତ' ପ୍ରେସରେ ଶ୍ରୀ ଅଘୋରନାଥ ବସାକଙ୍କଦ୍ୱାରା ପ୍ରକାଶିତ ହୋଇଥିଲା। ଅଳ୍ପ କାଳ ହେଲା ବଙ୍ଗୀୟ ସାପ୍ତାହିକ 'ବସୁମତୀ'ର ସମ୍ପାଦକ ମହାଶୟ ଉକ୍ତ ପତ୍ରିକାର ଗ୍ରାହକମାନଙ୍କୁ ରାଜସ୍ଥାନର ସଂକ୍ଷିପ୍ତ ଅନୁବାଦ ଉପହାର ସ୍ୱରୂପ ବିତରଣ କରିଥିଲେ। ଏଥିରୁ ଅନୁମିତ ହେଉଅଛି ଯେ ବଙ୍ଗଦେଶୀୟ ଭ୍ରାତାମାନେ ଟଡ଼ଙ୍କ ପ୍ରତି ସେମାନଙ୍କର କର୍ତ୍ତବ୍ୟ ଏକପ୍ରକାର ସମ୍ପାଦନ କରିଅଛନ୍ତି।

ବର୍ତ୍ତମାନ ଉତ୍କଳର କଥା ପକାଇବାକୁ ଲଜ୍ଜା ବୋଧ ହେଉଅଛି। ଅନୁବାଦର ଭାର ଗ୍ରହଣ ବା କିଏ କରୁଛି ? ଅନୁବାଦିତ ହେଲେ ମଧ ମୁଦ୍ରଣବ୍ୟୟ କିଏ ବା ବହନ କରୁଛି ? ପ୍ରକାଶିତ ହେଲେ କିଣିବେ ବା କେତେ ଜଣ ? ଏଥିରେ ପ୍ରଚୁର ଅର୍ଥ ବ୍ୟୟ ହେବ। ସେପରି ଅର୍ଥ ଦାନ କରିବା ପାଇଁ ଅନେକ ସଙ୍ଗତିସମ୍ପନ୍ନ ବ୍ୟକ୍ତି ଉତ୍କଳରେ ଥିଲେ ମଧ ଔଦାସୀନ୍ୟ ସମସ୍ତଙ୍କର ମୂଳମନ୍ତ୍ର।

ଶ୍ରୀ ଚନ୍ଦ୍ରଶେଖର ନନ୍ଦ।

ଶବ୍ଦମାଳା ।

ହାଣ୍ଡି ହର ଯିବ—ଗଲାବେଳେ ଦେଖାହେଉ ଥିବ ।

ଫଗିବା—କୌଣସି ଜୀବ ଜନ୍ତୁକୁ ଉଗାଳିବା ।

ଢେଉବା—କୌଣସି ପଳାତକ ଜୀବ ପଛରେ ଗୋଡ଼େଇବା ।

ଘାଞ୍ଚୁ—ଭୟ ପ୍ରଦର୍ଶନ କରିବା ।

ମାଞ୍ଚୁ—ଅପବାଦ ରଟନା କରିବା ।

ଫଟିବା—ଠକିବା ।

ମୁଣ୍ଡାଣ୍ଡି—ଗୋରୁ ଗାଈଙ୍କର ବାଡ ଭାଙ୍ଗି ବିଲ ବାଡ଼ିରେ ପଶିବା ।

ମୁଣ୍ଡଫାଡ—ଉପରୋକ୍ତ ଅର୍ଥରେ ମଧ୍ୟ ବ୍ୟବହୃତ ହୁଏ ।

ମେଣ୍ଢେଇବା—ଗୋରୁ ଗାଈଙ୍କୁ ଘରେ ଭର୍ତ୍ତି କରିବା ।

ଖପର ହୋଇଯିବା—ମୃତ୍ୟୁ ହେବା ।

ଛପିବା—ନାଆଁ ଲିଭିଯିବା ଅର୍ଥାତ୍ ନାଆଁ ଛପି-ଗଲାଣି ।

ଜନ—ଭକ୍ତ ।

ଟୋପି—ଶ୍ୱେତ ଟୋକେଇ, ଯାହାକୁ ପାଚିଆ କହନ୍ତି ।

ଫଭୁର କରିବା—ମିଛ ସତ କରି ଗୁଡ଼ାଏ କହିବା, ଯାହା କି ପ୍ରକୃତ ସତ୍ୟ ପରି ବୋଧ ହେବ । ମିଛ କଥା ଗୁଡ଼ାକ ପ୍ରକୃତ କଥା ପରି ବର୍ଣ୍ଣନା କରିବା ।

ଫିଟିଯିବା—ଦୌଡ଼ିଯିବା ।

ମୁନ୍ସିଲି—ଘାଣ୍ଟି ବେପେସ, ରାଜଦରବାରରେ ଯେ ସନ୍ତାନାଦିଙ୍କ ଲାଳନ ପାଳନ କରେ ।

ଗନ୍ଧଷଣ—ଗନ୍ଧସ୍ନାନର ଅପଭ୍ରଂଶ; ହଳଦୀ ସହିତ ନାନାଦି ଦେଶୀୟ ସୁଗନ୍ଧ ଦ୍ରବ୍ୟ ମିଶାଇ ସ୍ନାନ ପୂର୍ବରୁ ଲଗାନ୍ତି; ସେହି ସୁଗନ୍ଧଯୁକ୍ତ ହଳଦୀକୁ ଗନ୍ଧଷଣ କହନ୍ତି ।

ପଇଗା—ଶାଢ଼ୀ, ପ୍ରଚଳିତ ଅଛି ଏହି କି ସନ୍ତାନମାନେ କୌଣସି ଦେବତା ବା ଗୁରୁଜନମାନଙ୍କ ସହିତ ପ୍ରଥମ ସାକ୍ଷାତ୍ କରିବା ସମୟରେ ଶାଢ଼ୀ ପକାଇ (ଦୁଇ ଖଣ୍ଡ ଅଙ୍ଗୁଳି ଓସାର, ହାତେ ଲମ୍ବ ଖଣ୍ଡେ ପାଟ କନା) ଜୁହାର (ପ୍ରଣାମ) କରନ୍ତି ।

ଦଣ୍ଡ୍ୟା—ହାଣ୍ଡୀ ମସିଣା; ଯେଉଁ ମସିଣା ଉପରେ ବର କନ୍ୟା ବିବାହ ବେଦିରେ ଓ ବିବାହ ସମ୍ପର୍କୀୟ ମାଂଗଳିକ କାର୍ଯ୍ୟରେ ବସନ୍ତି ।

ଉଦୁଣା—ବର କନ୍ୟା ବେଦିରୁ ଗୃହକୁ ଗଲା ବେଳେ ବା ଗୃହରୁ ବାହାରିବା ବେଳେ ସେମାନଙ୍କ ମୁଣ୍ଡ ଉପରେ ଓଳ ଭଳି ଚୌକାଠ ଭଳି ଖଣ୍ଡେ ଲୁଗା ଧରା ହୁଏ, ସେହି ଲୁଗାକୁ ଉଦୁଣା କହନ୍ତି ।

ଟସଲ—ପତାକା ।

ହଦୋଲା—କନ୍ୟା ପାଲିଙ୍କି ।

ପାହାଡ଼ା—ସମ୍ଭ୍ରାନ୍ତ ଲୋକମାନଙ୍କ ଶୁଭାଗମନ ସମୟରେ ସେମାନଙ୍କ ଆଗମନ ପଥରେ ଲୁଗା ବିଛା ହୁଏ, ସେହି ଲୁଗାକୁ ପାହାଡ଼ା କହନ୍ତି ।

ଈଶାଣ—ପାକଗୃହର ଐଶାନ୍ୟ କୋଣରେ ବା ଯେଉଁମାନଙ୍କର ସଂଗତି ଅଛି ସେମାନଙ୍କର ପାକଗୃହର ଐଶାନ୍ୟ କୋଣରେ ପୃଥକ୍ ଗୃହରେ ସ୍ୱର୍ଗଗତ ପୂର୍ବ ପୁରୁଷମାନଙ୍କ ପ୍ରତିନିଧି ସ୍ୱରୂପ ଗୋଟିଏ ଲେଖାଏ ଚୂଆ, ଗୋମୟ, ଗଙ୍ଗାଜଳ ପ୍ରଭୃତି ପବିତ୍ର ଦ୍ରବ୍ୟ ସହିତ ମାଟିରେ ପୋତା ହୋଇ ତା ଉପରେ ଗୋଟିଏ ଶ୍ୱେତ ବେଦୀ କର ହୋଇଥାଏ । ପ୍ରତ୍ୟହ ଓ

ମାଙ୍ଗଳକ କାର୍ଯ୍ୟାଦିର ପ୍ରାରମ୍ଭରେ ସେଠାରେ ପୂଜାଦି ହୁଏ ଓ ସେଠାରେ ପ୍ରଣାମ କରି ମଙ୍ଗଳ ଯାତ୍ରା ବା ମଙ୍ଗଳ କାର୍ଯ୍ୟ କରିବାକୁ ହୁଏ ।

ନଉଁଥଳ—ପ୍ରଣାମପୂର୍ବକ ସସମ୍ମାନ ଅଭ୍ୟର୍ଥନା ଓ ପଇନ୍ଥ ଅର୍ପଣ ସହ ଅଭିବାଦନ ।

ଚଉାନ୍—ପୋଷାକ ।

ଜଗଢ—ମଣ୍ଡପ ।

ପରମୁଣ୍ଡା—ଉଷ୍ଣକାଶ ପ୍ରାର୍ଥନା—ସ୍ତ୍ରୀଲୋକେ ମୁଁ ମରିଯାଏ, ମୋ ପାଉଁଶ ବାଲ ଭୋଦର ଦେଉ, ତୋ ରୋଗ ବ୍ୟାଧି ମୁଁ ଖାଉଥିଉ ନାଏ ଇତ୍ୟାଦି ପ୍ରକାର ପ୍ରିୟ ଜନମାନଙ୍କ ମଙ୍ଗଳ କାମନା କରିବା ।

ଲାଟିକାଲି—ନଉଥ ।

ପଟୁଆର—ଦେବତା ବା ରଜାମାନଙ୍କର ହସ୍ତୀ ଅଶ୍ୱ ରଥ ପଦାତି ବାଦ୍ୟ ଛତ୍ର ଚାମର ସହ ସମାରୋହ ଯାତ୍ରା ।

କୁରୁମ—ମର୍ତ୍ତ୍ୟପୁର; କୂର୍ମଅବତାରରେ ବିଷ୍ଣୁ କୂର୍ମ ରୂପ ଧାରଣ କରି ପୃଥିବୀକୁ ପ୍ରଳୟରୁ ରକ୍ଷା କରିଥିଲେ, ଏହି ପ୍ରବାଦୋକ୍ତି ଅନୁସାରେ ଏ ଶବ୍ଦର ପ୍ରଚଳନ ।

ଟୋପର—ମୁକୁଟ ।

ମୁରୁଂ—କଳଙ୍କ; ଧାତୁମୟ ପଦାର୍ଥରେ କଳଙ୍କ ଲାଗିବା ।

ବଉଁଶୁଣ୍ଡ—ବନ୍ଧୁକ ବଦଣଗ ।

ଦୋହାଯୁ—ଜଗିର, କଟୁଆଳ ପ୍ରଭୃତିଙ୍କ ନୃପତସ୍ତୁ ରଜବର୍ଦ୍ଧଣ୍ଡା ।

ଢମ—ଢାହାଳ; ସ୍ତ୍ରୀଲୋକମାନଙ୍କ ଖଡ଼ୁରୁ ମଧ୍ୟ ଢମ ଢହନ୍ତି ।

ଥଲମ୍—କାସ ।

ଜଗଦଲା—ଜଗନ୍ତୁ ଝାଂଝ ବାଜା ।

ହୁଂକରି—ଦୁର୍ବଳ ହେବା । ପଣ୍ଡାଯାଙ୍କ ଶୀତରେ ହୁଂକରି ଗଲେ ।

ଖଣ୍ଡିଆ—ବଣାର ଘାଟି—ଗଡ଼ଜାତରେ ଫାଳ କଣାରେ ଖାଟି କରି ବାଡ଼ରୂପେ ବ୍ୟବହାର କରନ୍ତି, ସେଥିରେ ମାଟି ଲେପି ଦେଲେ ଘରର କାନ୍ଥ ହୁଏ । ସାଧାରଣ ଘରର କାନ୍ଥ 'ଖଣ୍ଡିସା'ରେ ମାଟି ଲିପା ବାଡ଼ ।

କୁଅଁର—ଗଡ଼ରେ ମହୁସିପଲ ଯେଉଁଠାରେ ଶୁଅନ୍ତି ସେ ସ୍ଥାନକୁ କହନ୍ତି ।

ଓଲଗ ଖଣ୍ଡା—Drawn sword.

ଗିଆଁ—ଲୌହ କଣ୍ଟାଗଛ, ଯହିଁରେ ବାଡ଼ ବନ୍ଧା ହୁଏ ବା ଯାହା ରକ୍ଷାରୂପେ ବ୍ୟବହୃତ ହୁଏ ।

ଶ୍ରୀ—

---

୬ ସାର ରଜା ବାସୁଦେବ ସୁଚଳ ଦେବ K. C. I. E.

ଧର୍ମବୀର ବାସୁଦେବ ଇହଜଗତରୁ ଅନ୍ତର୍ହିତ ହୋଇଅଛନ୍ତି । ବାସୁଦେବଙ୍କର ଜୀବନ ଲାଭ୍ୟେରପ୍ତୁ ଜୀବନ । ଏପରି ଶିକ୍ଷାପ୍ରଦ ଜୀବନ କେବଳ ଓଡ଼ିଶାରେ ନାହିଁ ଭାରତବର୍ଷରେ ଦୁର୍ଲଭ । ଏପରି ଜୀବନର ଶ୍ରେୟମନ୍ତ୍ର ଜୀବନୀ ସଙ୍କଳିତ ହେବାର ଉଚିତ ଯଥାସମୟରେ ତାହା ପ୍ରସ୍ତୁତ ହୋଇ ପ୍ରକାଶିତ ହେବାର ସମ୍ପୂର୍ଣ୍ଣ ସମ୍ଭାବନା ଜୀବନରେ କେବଳ ୧୦।୧୫ ଦିନ ମାତ୍ର ତାହାଙ୍କ ସହିତ ସାକ୍ଷାତ୍ ଲାଭର ସୁଯୋଗ ମୋହୋ ଭାଗ୍ୟରେ ଘଟିଥିଲା, ସୁତରାଂ ବ୍ୟକ୍ତିଗତରେ ତାହାଙ୍କର ମହାର୍ଘ ଜୀବନ ଆଲୋଚନା କରିବାର ସୁବିଧା ମୋ ହୋଇ ନାହିଁ, ସାମର୍ଥ୍ୟ ମଧ୍ୟ ନାହିଁ । ମୁଁ କେବଳ ତାହାଙ୍କ ଚରିତ ଏବଂ ଚରିତ୍ର ସମ୍ବନ୍ଧରେ ସ୍ଥୂଳରେ ଦୁଇ ଗୋଟି କଥା କହିବି ।

ବାସୁଦେବ କେବଳ ବାହ୍ୟର ନୃପତି ନ ଥିଲେ, ସେ ନିସର୍ଗର ନୃପତି । ରାଜୋଚିତ ଗୁଣ ଥାଉ ବା ନ ଥାଉ, କେବଳ ମାତ୍ର ଜନ୍ମ ହେବାର କଷ୍ଟ ସ୍ୱୀକାର କରିଥିବା ଦାବିରୁ ଅଧିକାଂଶ ରଜା ରଜା ହୁଅନ୍ତି । ଉନ୍ନତ ଦେଶମାନଙ୍କରେ ପିତାର ପୁତ୍ର ହେବା ସିଂହାସନ ପାଇବା ଯଥେଷ୍ଟ ଗୁଣବତ୍ତା ବୋଲି ସର୍ବତ୍ର ପରିଗୃହୀତ । ବାସୁଦେବ ମଧ୍ୟ ଏହିପରି ସୌଭାଗ୍ୟଧର ହୋଇ ଜନ୍ମଗ୍ରହଣ କରିଥିଲେ ସତ୍ୟ, ମାତ୍ର ସେ ଯେ ପୂର୍ଣ୍ଣମାତ୍ରାରେ ଏହି ସୌଭାଗ୍ୟର ଉପଯୁକ୍ତ ଥିଲେ ତାହାର ଅମ୍ଳାନ ଜୀବନ ସେଥିର ଅକାଟ୍ୟ ସମର୍ଥନ ଅଟେ । ସିଂହାସନ ଲାଭଦ୍ୱାରା ଯେଉଁ ସାଧନସମ୍ପଦ ତାହାଙ୍କର ହସ୍ତଗତ ହୋଇଥିଲା, ତାହାଙ୍କର ସାଧନା ମଧ୍ୟ ସେହିପରି ଥିଲା ଏବଂ ସିଦ୍ଧି ମଧ୍ୟ ସାଧନାର ଅନୁରୂପ ହୋଇଥିଲା । ପୁରାଣରେ ଆମ୍ଭେମାନେ ସହସ୍ରବାହୁ ଅର୍ଜ୍ଜୁନର କଥା ପଢ଼ିଅଛୁ । ବାସୁଦେବଙ୍କର କାର୍ଯ୍ୟ ଦେଖିଲେ କିଏ ନ କହିବ ଯେ ସେ ଦ୍ୱିବାହୁ ହୋଇ ସହସ୍ରବାହୁ ଥିଲେ । ତାହାଙ୍କ ପରି ନବଯୁଗସର୍ଜ୍ଜକ, ନବଯୁଗପ୍ରବର୍ତ୍ତକ ରଜା ଶତାବ୍ଦୀରେ ଜଣେ ଅବତୀର୍ଣ୍ଣ ହୁଅନ୍ତି କି ନାହିଁ ସନ୍ଦେହ । ବାସୁଦେବ ପ୍ରାକୃତ ପୁରୁଷ ନୁହନ୍ତି, ପ୍ରଭୁ ଅବତାର । ତାହାଙ୍କ ବିଶାଳ ବ୍ୟକ୍ତିତ୍ୱ ସାଧାରଣ ରଜପଦକୁ ଗୌରବାନ୍ୱିତ କରିଥିଲା । ସିଂହାସନଦ୍ୱାରା ତାହାଙ୍କର ଗୌରବ ବୃଦ୍ଧି ହୋଇ ନାହିଁ, ବରଂ ତାହାଙ୍କ ଅଧିଷ୍ଠାନଦ୍ୱାରା ସିଂହାସନ ଗୌରବାନ୍ୱିତ ହୋଇଥିଲା । ପୁରୁଷସିଂହବାସୁଦେବସନାଥ ସିଂହାସନ ପ୍ରକୃତ ପ୍ରସ୍ତାବରେ ସିଂହାସନପଦବାଚ୍ୟ ହୋଇଥିଲା । ବାସୁଦେବ ସିଂହାସନରେ ବସିଥିଲେ ବୋଲି ଯେ ସିଂହାସନରେ ବସିବେ ସେ ବାସୁଦେବଙ୍କ ପରି ହେବେ ଏପରି ଆଶା କରିବାର ସଙ୍ଗତ ନୁହେ । ଗୁଣଗ୍ରାହୀ ଗବର୍ଣ୍ଣମେଣ୍ଟ ବାସୁଦେବଙ୍କୁ ଉଚ୍ଚ ଉପାଧିରେ ଭୂଷିତ କରି ତାହାଙ୍କର ଏବଂ ଉପାଧିର ଗୌରବ ଯୁଗପତ୍ ବର୍ଦ୍ଧିତ କରିଥିଲେ ।

ବାସୁଦେବ ନବ୍ୟ ଶିକ୍ଷା ପାଇ ନ ଥିଲେ । ଇଦାନୀନ୍ତନ ନବ୍ୟଶିକ୍ଷିତ ଅଧିକାଂଶ ରଜାମାନଙ୍କର ମତ ଗତି ଏବଂ ରୁଚିପ୍ରତି ଦୃଷ୍ଟି କଲେ କିଏ ନ କହିବ ଯେ ବାସୁଦେବ ନବ୍ୟଶିକ୍ଷାରୁ ବଞ୍ଚିତ ହୋଇ ବରଂ ବଞ୍ଚି ଯାଇଥିଲେ । ନବ୍ୟ ମତରେ ଶିକ୍ଷିତ ନ ହୋଇ ସୁଦ୍ଧା ବାସୁଦେବ ଯେ କେବଳ ସୁଶିକ୍ଷିତ ଥିଲେ ତାହା ନୁହେ, ସୁପଣ୍ଡିତ ଥିଲେ । ସଂସ୍କୃତ ଏବଂ ଓଡ଼ିଆ ଭାଷାରେ ତାହାଙ୍କର ଗଭୀର ପାଣ୍ଡିତ୍ୟ ଥିଲା ଏବଂ ହିନ୍ଦି, ବଙ୍ଗଳା ଏବଂ ସାମାନ୍ୟଭାବେ ଇଂରେଜୀ ମଧ୍ୟ ସେ ଶିକ୍ଷା କରିଥିଲେ । ନବ୍ୟ ଶିକ୍ଷା ଲାଭ ନ କରି ସୁଦ୍ଧା ନବ୍ୟଶିକ୍ଷାର ସମଗ୍ର ସୁଫଳ ତାହାଙ୍କର ଆୟତ୍ତ ହୋଇଥିଲା । ନବ୍ୟ ସଭ୍ୟତାର ବିଡ଼ମ୍ବନାରୁ ସେ ନିଜକୁ ଏବଂ ରାଜ୍ୟକୁ ରକ୍ଷା କରିବା ବିଷୟରେ ସର୍ବଦା ଜାଗରୂକ ଥିଲେ ଏବଂ ସେଥିର ଚାକଚକ୍ୟରେ ମୁଗ୍ଧ କିମ୍ବା ପ୍ରଭାବିତ ନ ହୋଇ କେବଳ ତାହାର ସାରବସ୍ତୁକୁ ନିଜ ରାଜ୍ୟରେ ଏକୀଭୂତ କରି ନେବାରେ ପ୍ରୟାସୀ ହୋଇଥିଲେ । ପାଶ୍ଚାତ୍ୟ ସଭ୍ୟତାରେ ଯାହା କିଛି ଶ୍ରେୟସ୍କର ଜାଣିଲେ ଅର୍ଥ ଏବଂ ସାମର୍ଥ୍ୟ ଅନୁସାରେ ତତ୍ସମୁଦାୟ ସେ ରାଜ୍ୟରେ ପ୍ରବର୍ତ୍ତିତ କରାଇ ସେଥିର ସୁଫଳ ପ୍ରଜାମାନଙ୍କର ସମ୍ୟକ୍ ପ୍ରତ୍ୟକ୍ଷ ଏବଂ ହୃଦୟଙ୍ଗମ କରାଇଥିଲେ । ବାମଣ୍ଡା ରାଜ୍ୟର ବନ୍ଦୋବସ୍ତ ଏବଂ ଶାସନପ୍ରଣାଳୀ ସେ ଯେଉଁ ଢଙ୍ଗରେ ସଜାଡ଼ି ଆଣିଥିଲେ ଏବଂ ରାଜ୍ୟରେ ଧନାଗମର ଅବନ୍ଧ୍ୟ ଉପାୟମାନ ଉଦ୍ଭାବନ କରିଥିଲେ, ଯେଉଁମାନେ ବାମଣ୍ଡା ଯାଇ ତାହା ଅତି ବାହ୍ୟତଃ ଏବଂ ସ୍ଥୂଳଭାବରେ ଥରେ ମାତ୍ର ପ୍ରତ୍ୟକ୍ଷ କରିଅଛନ୍ତି ସେମାନେ ମୋହର ଏହି ଉକ୍ତିକୁ ଅତିରଞ୍ଜିତ କହିବେ ନାହିଁ । ବାମଣ୍ଡା ରାଜ୍ୟର ପ୍ରତ୍ୟେକ ବିଭାଗରେ ଏବଂ ପ୍ରତ୍ୟେକ ଅଂଶରେ ବାସୁଦେବଙ୍କର ବ୍ୟକ୍ତିତ୍ୱର ମୁଦ୍ରା ଦେଦୀପ୍ୟମାନ, ସ୍ୱୟଂ ଶତ୍ରୁଙ୍କୁ ମଧ୍ୟ ଏହା ବାଧ୍ୟ ହୋଇ ସ୍ୱୀକାର କରିବାକୁ ହେବ । ବାସୁଦେବାଧିଷ୍ଠିତ ବାମଣ୍ଡା ପରି ପ୍ରାଚୀନ ରକ୍ଷଣଶୀଳତା ଏବଂ ନବୀନ

ଅଗ୍ରେସରତାର ସୁନ୍ଦର ସାମଞ୍ଜସ୍ୟ ସମ୍ଭବତଃ ଭାରତବର୍ଷରେ ବିରଳ ।

ବାସୁଦେବପାଳିତ ବାମଣ୍ଡାରେ ଶାସନବିଭାଗ, ରାଜସ୍ୱବିଭାଗ, ବିଚାରବିଭାଗ, ପୂର୍ତ୍ତବିଭାଗ, ଶିକ୍ଷାବିଭାଗ, ଚିକିତ୍ସାବିଭାଗ, ବାର୍ତ୍ତାବହବିଭାଗ, କୃଷିବିଭାଗ, ଖଣିଜବିଭାଗ, ବନବିଭାଗ, ଉପବନବିଭାଗ ପ୍ରଭୃତି ଗଣ୍ଠିରେ ପ୍ରତ୍ୟେକ ଅଙ୍ଗ ସେହି ଏକ ଯନ୍ତ୍ରୀର ସୁପଟୁ ଅଥଚ ପ୍ରଚ୍ଛନ୍ନ ପରିଚାଳନାରେ କେମନ୍ତ ସୁଚାରୁରୂପେ ଯନ୍ତ୍ରବତ୍ ପରିଚାଳିତ ହେଉଥିଲା ତାହା ଶିକ୍ଷା ଏବଂ ପ୍ରଣିଧାନର ବିଷୟ । ପୁଣି ଏହି ବିଭାଗମାନଙ୍କ ମଧ୍ୟରେ ଅଧିକାଂଶ ବାସୁଦେବଙ୍କ ସମୟରେ ସର୍ବପ୍ରଥମ ରାଜ୍ୟରେ ସଂସ୍ଥାପିତ ହୋଇଥିଲା । ଯନ୍ତ୍ରୀ ପୁଣି ଭିନ୍ନ ଭିନ୍ନ ବିଭାଗର ଯନ୍ତ୍ର ସକାଶ ରାଜ୍ୟ ମଧ୍ୟରୁ ଉପାଦାନ ସଂଗ୍ରହ କରୁଥିଲେ, ଆପାତମନୋରମ ବିଦେଶୀୟ ଆମଦାନି ପଦାର୍ଥମାନଙ୍କରେ ପରିହାର କରୁଥିଲେ । ସ୍ୱରାଜ୍ୟବାସୀ, ଅଭାବତଃ ଓଡ଼ିଶାବାସିମାନେ ଅପେକ୍ଷାକୃତ ଅଳ୍ପଶିକ୍ଷିତ ହେଲେ ସୁଦ୍ଧା ସେମାନଙ୍କୁ ରାଜକାର୍ଯ୍ୟରେ ଶିକ୍ଷାନବିସରୂପେ ଭର୍ତ୍ତି କ୍ରମଶଃ ଶିକ୍ଷିତ କରାଇ ନେଇ ସେହିମାନଙ୍କ ଦ୍ୱାରା ରାଜକାର୍ଯ୍ୟ ପରିଚାଳନ କରାଇବାର ତାହାଙ୍କର ରାଜନୀତିର ମୂଳମନ୍ତ୍ର ଥିଲା । ସୁଲଭ ମୂଲ୍ୟରେ ଭଲ କାର୍ଯ୍ୟ ନେବାର ଏବଂ ସେଥି ସଙ୍ଗେ ସଙ୍ଗେ ସ୍ୱଦେଶବାସିମାନଙ୍କୁ ଶିକ୍ଷିତ ଏବଂ ଉନ୍ନୀତ କରାଇବାର ଏହାହିଁ ଯେ ପ୍ରକୃଷ୍ଟ ଉପାୟ, ଏଥିରେ ମତଦ୍ୱୈଧର ସମ୍ଭାବନା ନାହିଁ ।

ବାସୁଦେବ ଯେମନ୍ତ ହୃଦୟବାନ୍ ଥିଲେ ତଦପେକ୍ଷା ଅଧିକତର ମସ୍ତିଷ୍କବାନ୍ ଥିଲେ । ତାହାଙ୍କ ପ୍ରକୃତିରେ ଅନୁଭବଶୀଳତା ଏବଂ ଚିନ୍ତାଶୀଳତା, କାବ୍ୟକ ଉପାଦାନ ଏବଂ ଗାଣିତିକ ଉପାଦାନ ଏ ଉଭୟର ସମାବେଶ ଥିଲେହେଁ ଶେଷୋକ୍ତ ବୃତ୍ତି ଏବଂ ଶେଷୋକ୍ତ ଉପାଦାନର ପ୍ରାଧାନ୍ୟ ଲକ୍ଷିତ ହେଉଥିଲା । ନ ସାଧାରଣ ଗୃହସ୍ଥ ନ ରାଜା ସମ୍ପର୍କ ପକ୍ଷରେ ସାଧାରଣ ଉନ୍ନତି ସକାଶ ଏହି ଅନୁପାତରେ ଉଭୟ ବୃତ୍ତି ଏବଂ ଉଭୟ ଉପାଦାନର ସମାବେଶ ଅପରିହାର୍ଯ୍ୟରୂପେ ଆବଶ୍ୟକ । କାବ୍ୟକ ଉପାଦାନର ପ୍ରାଧାନ୍ୟ ମନୁଷ୍ୟଙ୍କୁ ଯଶସ୍ୱୀ କିମ୍ବା କୀର୍ତ୍ତିମାନ୍ କରି ପାରେ ମାତ୍ର ଗଣନାଶୀଳତାହିଁ ସାଧାରଣ ସମୃଦ୍ଧିର ସର୍ବପ୍ରଧାନ ଭିତ୍ତି ।

ବାସୁଦେବଙ୍କ ପ୍ରକୃତ ନିଷ୍ପତ୍ତିଶୀଳ ପ୍ରକୃତି ଥିଲା । ସେ କଳ୍ପନାଦ୍ୱାରା ଆନ୍ଦୋଳିତ ଏବଂ କର୍ତ୍ତବ୍ୟବିମୂଢ଼ ହୋଇ ସମୟ ନଷ୍ଟ କରିବାର ଲୋକ ନ ଥିଲେ । ତାହାଙ୍କ ନିଜ ବିବେଚନାନୁସାରେ ସେ କୌଣସି ସିଦ୍ଧାନ୍ତରେ ଉପସ୍ଥିତ ହେଲେ ଅପରର ସହସ୍ର ଯୁକ୍ତିରେ ସେ ସିଦ୍ଧାନ୍ତ ପରିତ୍ୟାଗ କରୁ ନ ଥିଲେ । ଉପସ୍ଥିତ ବିଷୟରେ କର୍ତ୍ତବ୍ୟ ମୀମାଂସା କରି ସେ ତଦଣ୍ଡ ସେହି ମୀମାଂସା କାର୍ଯ୍ୟରେ ପରିଣତ କରୁଥିଲେ, ଫଳ ଭଲ ହେଉ ଅଥବା ମନ୍ଦ ହେଉ ସେଥିପ୍ରତି ଦୃକ୍‌ପାତ କରୁ ନ ଥିଲେ ।

ଧର୍ମ ସମ୍ବନ୍ଧରେ ବାସୁଦେବଙ୍କର ମତ ପ୍ରଶସ୍ତ ଥିଲା । ସନାତନ ହିନ୍ଦୁଧର୍ମରେ ତାହାଙ୍କର ନିଷ୍ଠା ଥିଲେହେଁ ତାହାଙ୍କର ହିନ୍ଦୁତ୍ୱ "ମାସ୍ତ୍ରଣ"ବାଦିତାରେ ପର୍ଯ୍ୟବସିତ ନ ଥିଲା । ସମୟପରିବର୍ତ୍ତନ ସହିତ ଶନୈଃ ଶନୈଃ ହିନ୍ଦୁଧର୍ମର ସଂସ୍କାରର ଆବଶ୍ୟକତା ସେ ମୁକ୍ତକଣ୍ଠରେ ସ୍ୱୀକାର କରୁଥିଲେ । ଅନ୍ୟ ଧର୍ମ କିମ୍ବା ମତ ପ୍ରତି ସେ ସର୍ବଦା ସମୁଚିତ ସମ୍ମାନ ପ୍ରଦର୍ଶନ କରୁଥିଲେ । ଭିନ୍ନ ଭିନ୍ନ ଧର୍ମର ପ୍ରଚାରକମାନେ ତାହାଙ୍କ ରାଜଧାନୀକୁ ଯାଇ ତାହାଙ୍କ ସହିତ ଆଳାପାଦି କରି ତାହାଙ୍କର ବିଚକ୍ଷଣତା ଏବଂ ସୌଜନ୍ୟରେ ପ୍ରୀତ ହୋଇ ଦେଶବିଦେଶରେ ତାହାଙ୍କର ସୁଖ୍ୟାତି ପ୍ରଚାର କରୁଥିଲେ ।

ବାସୁଦେବଙ୍କ ପରି ନିରାଡ଼ମ୍ବର, ନିରଭିମାନ, ନିରଳସ ଏବଂ କର୍ତ୍ତବ୍ୟନିଷ୍ଠ ରାଜା ଉତ୍କଳୀୟ ସଂସାରରେ ଅତି ଦୁର୍ଲଭ । ଉଡଦାସ କହେ ଯେ ଶାରବନ୍ଦିମାଦଭ୍ୟଙ୍କର ଶୁଦର ସାଜସଜ୍ଜା ଖଣ୍ଡିଏ ମସିଣା ଏବଂ ଗୋଟିଏ ଜଳପୂର୍ଣ୍ଣ ଢାଳ ମାତ୍ର ଥିଲା । ବାସୁଦେବଙ୍କର ନିଜ ବ୍ୟବହାର୍ଯ୍ୟ ଶୁଦର ସାଜ-

ସନ୍ଧ୍ୟା ଅବଧିଲ ସେହିପରି ଥିଲା । ସୁନ୍ଦର ସାଜ-ସଜ୍ଜା ଯେପରି, ଶାସ୍ତ୍ରୀୟ ବେଶଭୂଷା ମଧ୍ୟ ତଦନୁରୂପ । ଆଡ଼ମ୍ବର ତାହାଙ୍କୁ ସ୍ପର୍ଶ କରି ନ ଥିଲା । ରାଜସୁଲଭ ଆଡ଼ମ୍ବର ତ ଦୂରର କଥା, ସାଧାରଣ ଲୋକମାନଙ୍କର ସମସ୍ତ ସମୟରେ ଯେଉଁ ଆଡ଼ମ୍ବର ଦେଖାଯାଏ ତାହା ସୁଦ୍ଧା ତାହାଙ୍କର ନ ଥିଲା । ଶିଖିବା ଏବଂ ଶିଖାଇବା ସକାଶେ ଜୀବନ ଅଭିପ୍ରେତ, ଏଥି ସେ କଦାଚ ବିସ୍ମୃତ ହେଉ ନ ଥିଲେ ଏବଂ ଯେବେ ନିମ୍ନ ଶ୍ରେଣୀର ଲୋକ ହେଉ ପଛକେ ତାହାଠାରୁ କିଛି ଶିଖିବାର ଥିଲେ ଅଗ୍ରହପୂର୍ବକ ଶିକ୍ଷା କରୁଥିଲେ । ସଂସ୍କୃତ ଆଳଙ୍କାରିକମାନେ କହିଅଛନ୍ତି ଯେ କବି ହେବାକୁ ହେଲେ—

"ବ୍ୟୁତ୍ପତ୍ତୌ ସର୍ବଶିଷ୍ୟତା"

ଜ୍ଞାନଲାଭ ପ୍ରକାଶ ସମସ୍ତଙ୍କର ଶିଷ୍ୟତ୍ୱ ସ୍ୱୀକାର କରିବାକୁ ହେବ । ଜ୍ଞାନ ଲାଭ ସକାଶେ ବାସୁଦେବ ଏହି ମାର୍ଗର ଅନୁସରଣ କରୁଥିଲେ । କେବଳ ଯଦୃଚ୍ଛାମିଳିତ ବ୍ୟକ୍ତିଙ୍କଠାରୁ ଜ୍ଞାନ ଲାଭ କରି ସେ ଯେ ତୃପ୍ତ ହେଉଥିଲେ ତାହା ନୁହେଁ, ସମସ୍ତ ସମୟରେ ଅନେକ ବ୍ୟୟ ସ୍ୱୀକାର କରି ବଙ୍ଗ, ଉତ୍କଳ, ବିହାର, ଉତ୍ତରପଶ୍ଚିମ ପ୍ରଦେଶ ଏବଂ ଦ୍ରାବିଡ଼ ପ୍ରଭୃତି ଅଞ୍ଚଳରୁ ଗୁଣୀ ଏବଂ ମନସ୍ୱୀ ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣଦ୍ୱାରା ନିଜ ରାଜଧାନୀକୁ ଆଣାଇ ସେମାନଙ୍କର ଉପଦେଶ ଗ୍ରହଣ କରୁଥିଲେ । ଓଡ଼ିଶାରେ କେତେ ଜଣ ରାଜା ଏପରି କରନ୍ତି ? ଅଭାବର ତୀବ୍ର କଷାଘାତରେ ଜର୍ଜ୍ଜର ହୋଇ, ଆତ୍ମମର୍ଯ୍ୟାଦାକୁ ପୃଷ୍ଠବର୍ତ୍ତୀ କରି କଦାଚିତ୍ କୌଣସି ପଣ୍ଡିତ ସ୍ୱତଃପ୍ରବୃତ୍ତ ହୋଇ ଦ୍ୱାରସ୍ଥ ହେଲେ ଲୌକିକ ପ୍ରଥା କିମ୍ବା ଚକ୍ଷୁଲଜ୍ଜା ଅନୁରୋଧରେ ସେମାନଙ୍କୁ ଯତ୍କିଞ୍ଚିତ୍ ଦେବାର ପ୍ରଥା ଅଧିକାଂଶ ଦେଶୀୟ ରାଜ୍ୟରେ ପ୍ରଚଳିତ ଥିଲା । ନବ୍ୟ ଶିକ୍ଷିତମାନଙ୍କର ଅଭିଧାନରେ ଏହିପରି ଦାନ ଆଳସ୍ୟକୁ ପ୍ରଶ୍ରୟଦାନର ପ୍ରକୃଷ୍ଟରୂପେ ଗୃହୀତ ହୋଇ ଦୁଃସ୍ଥ ଗୁଣବାନର ସହାୟ କରିବାର ସେହି ନିରନ୍ତର ପ୍ରଥା ଏଣିକି କ୍ରମଶଃ ଲୋପୋନ୍ମୁଖ ହେଉଅଛି, ଏକମାତ୍ର ବାମଣ୍ଡାରେ ଏହାର ସତ୍ତା ଅକ୍ଷୁଣ୍ଣ ଥିବାର ଶୁଣାଯାଏ । ବାମଣ୍ଡା ଗଡ଼ଜାତ ଓଡ଼ିଶାର ବହିର୍ଭୂତ ଏବଂ ଅପେକ୍ଷାକୃତ ଦୂରବର୍ତ୍ତୀ ହୋଇ ସୁଦ୍ଧା ଓଡ଼ିଶାର ପଣ୍ଡିତମଣ୍ଡଳୀ ସହିତ ଘନିଷ୍ଠତାସୂତ୍ରରେ ଯେପରି ସମ୍ବଦ୍ଧ, ଖାସ ଓଡ଼ିଶାରେ ସେପରି ରାଜ୍ୟ ପ୍ରାପ୍ତ ନାହିଁ । ବାସୁଦେବଙ୍କର ସର୍ବତୋମୁଖୀ ଉତ୍କର୍ଷର ଏହାହିଁ ପ୍ରଧାନ କାରଣ । ଏକାଧାରରେ ଏତେ ଗୁଣର ସମାବେଶ ଏକମାତ୍ର ତାହାଙ୍କଠାରେ ଦେଖାଯାଉଥିଲା । ବାସୁଦେବ ବୈଷୟିକ ସହିତ ବୈଷୟିକ, ଭାବୁକ ସହିତ ଭାବୁକ, ପୌରାଣିକ ସହିତ ପୌରାଣିକ, କବି ସହିତ କବି, ସମାଲୋଚକ ସହିତ ସମାଲୋଚକ, ଆଳଙ୍କାରିକ ସହିତ ଆଳଙ୍କାରିକ, ବୈୟାକରଣ ସହିତ ବୈୟାକରଣ, ନୈୟାୟିକ ସହିତ ନୈୟାୟିକ, ବୈଦାନ୍ତିକ ସହିତ ବୈଦାନ୍ତିକ, ସ୍ମାର୍ତ୍ତ ସହିତ ସ୍ମାର୍ତ୍ତ, ଶସ୍ତ୍ରବିତ୍ ସହିତ ଶସ୍ତ୍ରବିତ୍, ଅଶ୍ୱାବାର ସହିତ ଅଶ୍ୱାବାର, ଶିକାରୀ ଶିକାରୀ, ବଣିକ ସହିତ ବଣିକ, ବଜାଣି ସହିତ ବଜାଣି, ଚିତ୍ରକର ସହିତ ଚିତ୍ରକର, କୃଷକ ସହିତ କୃଷକ, ମାଳୀ ସହିତ ମାଳୀଭାବରେ ମିଶି ପାରୁଥିଲେ । ରାଜ୍ୟର ପ୍ରତ୍ୟେକ ବିଭାଗରେ ନିଜେ ସେ ନିଜର ଶିକ୍ଷକ ଥିଲେ । ଅନୁଷ୍ଠାନର ଭାର ଅନ୍ୟ ହସ୍ତରେ ନ୍ୟସ୍ତ କରି ଉଦ୍ଭାବନ ଏବଂ ପର୍ଯ୍ୟବେକ୍ଷଣର ଭାର ନିଜ ହସ୍ତରେ ରଖୁଥିଲେ । ବିଶେଷତଃ

"ହୋତେଷଣାସ୍ତସ୍ୟଣୀୟତ୍ୱଂ"

ଏହି ମହାବାକ୍ୟ ସ୍ମରଣ ରଖି ରାଜସ୍ୱଭାଗ ବ୍ୟକ୍ତିଭାବରେ ପୁଙ୍ଖାନୁପୁଙ୍ଖ ପର୍ଯ୍ୟାଲୋଚନା କରୁଥିଲେ ।

ଜୀବନର ପ୍ରତି ମୁହୂର୍ତ୍ତକୁ କାର୍ଯ୍ୟକର ଏବଂ ଲାଭଜନକ କରିବାରେ ବାସୁଦେବ ସର୍ବଦା ତତ୍ପର ଥିଲେ । ଗ୍ରୀକ କବିମାନେ କଳ୍ପନା କରି ଅଛନ୍ତି ଯେ ସମ୍ମୁଖରେ ଦେଖିଲେ ସମସ୍ତ ଗୋଟିଏ ଯଷ୍ଟିଧାରୀ, ମୁଣ୍ଡହୀନ, ଜରାଜୀର୍ଣ୍ଣ, ପଳ୍ପ-

ଦେଶ ବୃଦ୍ଧପ୍ରାପ୍ତ ହେଲେ, ମାତ୍ର ସେ ବାହାର ଗଳା ଉପରୁ ଦେଖାଯାଏ ଯେ ତାହାର ପୃଷ୍ଠ-ଦେଶରେ ଯୋଡ଼ାଏ ଡେଣା ଅଛି । ବାସୁଦେବ ସମ୍ପୂର୍ଣ୍ଣ ଏହି ଡେଣା ଯୋଡ଼ାକ ସର୍ବଦା ତାହାଙ୍କର ମନୋନୀତର ପୁରୋବର୍ତ୍ତୀ ହୋଇ କାର୍ଯ୍ୟରେ ନିରତ ଥିଲେ । ତାହାଙ୍କ ଜୀବନ ପରି ନିରବଚ୍ଛିନ୍ନ ଶ୍ରମଶୀଳ ଜୀବନ ମୁଁ ପ୍ରାୟ ଦେଖି ନାହିଁ । ଅଧିକାଂଶ ରାଜାମାନଙ୍କର ଚରିତ ଏବଂ କାର୍ଯ୍ୟ-କଳାପ ଦେଖିଲେ ବୋଧହୁଏ ଯେ କେବଳ ଉପଭୋଗ ଏବଂ ବିଳାସବାସନା ଚରିତାର୍ଥ କରିବା ସକାଶେ ବିଧାତାଙ୍କର ସୃଷ୍ଟି ହୋଇଅଛି । ସୁଢ଼ଳ ଦେବ ଏ ରାଜଶ୍ରେଣୀର ଅନ୍ତର୍ଭୁକ୍ତ ନ ଥିଲେ । ରାଜ୍ୟରୁ ସେ ଯେ ଆୟ କରୁ-ଥିଲେ ତାହା ଆଳସ୍ୟ କିମ୍ବା ଭୋଗବିଳାସର ମୂଲ୍ୟ ନୁହେ, ପରନ୍ତୁ କର୍ତ୍ତବ୍ୟନିଷ୍ଠ କର୍ମଚାରୀର ପ୍ରଗାଢ଼ ପରିଶ୍ରମାର୍ଜିତ ବେତନ । ବସ୍ତୁତଃ ତାହାଙ୍କୁ ପ୍ରଗାଢ଼ ପରିଶ୍ରମ କରାଇ, ତାହାଙ୍କ ହସ୍ତରେ ନିଜର ରକ୍ଷଣପାଳନାଦି କରାଇ ନେଉଥିଲେ ଏବଂ ନିଜ କାମର ଅନୁରୂପ ଏବଂ ତାହାଙ୍କ ଶ୍ରମର ଅନୁରୂପ ବେତନ ତାହାଙ୍କୁ ଦେଉଥିଲେ—

'ଦଦେଶ ବେତନଂ ତସ୍ମୈ ରକ୍ଷାସଦୃଶମେବ ତୁଃ'

ବାସୁଦେବଙ୍କ ସମ୍ବନ୍ଧରେ କବି ନନ୍ଦକିଶୋରଙ୍କ ନିମ୍ନୋଦ୍ଧୃତ ହୃଦୟସ୍ପର୍ଶି ଉକ୍ତି ସମ୍ପୂର୍ଣ୍ଣ ସତ୍ୟ—

"ଦୁର୍ଲଭ ଅମଳ ଭକ୍ତି, ସପତ୍ନୀ ଭାବ ବର୍ଜି
ବିଶାଳ ବକ୍ଷେ ଲେଟନ୍ତି କମଳା ବାଣୀ,
ବନିତା ଭାରତୀ ସତୀ ଅଟନ୍ତି ଶ୍ରେୟସୀ ଅତି,
ସାମ୍ରାଜ୍ୟଲକ୍ଷ୍ମୀ ଯଦବା ପ୍ରେୟସୀ ରାଣୀ,
ବୁଝିଛି ଏ ମର୍ମ ନରେଶ,
ଘୋଷେ ତବ ଯଶ ତେଣୁ ଉତ୍କଳଦେଶ ।"

ଦଶରଥଙ୍କର କୌଶଲ୍ୟା ଏବଂ କୈକେୟୀପର ବାସୁଦେବଙ୍କର କବିବର୍ଣ୍ଣିତ ଅପ୍ରାକୃତ ମହିଷୀ-ଦ୍ୱୟଙ୍କ ମଧ୍ୟରେ ଯଥାକ୍ରମେ ସରସ୍ୱତୀ 'ଅର୍ଚ୍ଚିତା' ଏବଂ ଲକ୍ଷ୍ମୀ 'ପ୍ରିୟା' ଥିଲେ* । ଲକ୍ଷ୍ମୀ ସ୍ୱଭାବତଃ ତାହାଙ୍କର ପୂର୍ଣ୍ଣ ସ୍ନେହଭାଜନ ଥିଲେ, ମାତ୍ର ସରସ୍ୱତୀ ଉପେକ୍ଷିତ ନ ହୋଇ ସମଧିକ ସମ୍ମାନିତ ହେଉଥିଲେ ।

ସୁଢ଼ଳ ଦେବ ଅବାଲ୍ୟ ଓଡ଼ିଆ ଏବଂ ସଂସ୍କୃତ ସାହିତ୍ୟର ଚର୍ଚ୍ଚା କରିଥିଲେ । ପ୍ରୌଢ଼ ବୟସରେ ସୁଦ୍ଧା ରାଜକାର୍ଯ୍ୟରେ ଏବଂ ଅର୍ଥାଗମର ଉପାୟ ଉଦ୍ଭାବନରେ ଅଜସ୍ର ବ୍ୟାପୃତ ଥାଇ ସାହିତ୍ୟ ଚର୍ଚ୍ଚା ଏବଂ ଶାସ୍ତ୍ରଚର୍ଚ୍ଚା ସକାଶେ ସେ ଅବକାଶ କରି ନେଉଥିଲେ । ଅଳସ ବ୍ୟକ୍ତିମାନେ ସାଧାରଣତଃ ଅବକାଶାଭାବର ଦୋହାଇ ଦେଇଥାନ୍ତି, ମାତ୍ର କାର୍ଯ୍ୟ-ନିରତ ବ୍ୟକ୍ତିମାନଙ୍କୁ ଶ୍ରେୟସ୍କର ବିଷୟର ଆଲୋଚନା ସକାଶେ ଅବକାଶ ଅସୁଲଭ ହୁଏ ନାହିଁ, ଏହି ଚିରପ୍ରସିଦ୍ଧ ବାକ୍ୟର ସୁଢ଼ଳ ଦେବ ଉତ୍କୃଷ୍ଟ ଉଦାହରଣ ।

ନୈସର୍ଗିକ ପ୍ରବଣତାରୁ ହେଉ, ପଣ୍ଡିତ ସଂସର୍ଗରୁ ହେଉ, ଅଥବା ଉଭୟ କାରଣରୁ ହେଉ ସୁଢ଼ଳଦେବ ସାହିତ୍ୟ-ରସିକ ହୋଇ ସୁଦ୍ଧା ଦର୍ଶନପ୍ରତି ଅଧିକତର ପକ୍ଷପାତୀ ଥିଲେ । ତଥାପି ସାହିତ୍ୟ ସକାଶେ ବିଶେଷତଃ ଉତ୍କଳସାହିତ୍ୟ ସକାଶେ ସେ ଯାହା କରି ଯାଇଅଛନ୍ତି କେତେ ଜଣ ରାଜା ସେପରି କରିଅଛନ୍ତି ? ତାହାଙ୍କ ସାହାଯ୍ୟରେ ପରିକଳ୍ପିତ ଏବଂ ଅନୁଭାବରେ ଅନୁପ୍ରାଣିତ ଏବଂ ଶ୍ରୀଯୁକ୍ତ ବାବୁ ନୀଳମଣି ବିଦ୍ୟାରତ୍ନ କର୍ତ୍ତୃକ ସମ୍ପାଦିତ ସମ୍ବଲପୁରହିତୈଷିଣୀଦ୍ୱାରା ଉତ୍କଳସାହିତ୍ୟା-ଲୋଚନାରେ ଯେ ଯୁଗାନ୍ତର ପ୍ରବର୍ତ୍ତିତ ହୋଇଅଛି ଏହା କିଏ ଅସ୍ୱୀକାର କରିବ ?

ସୁଢ଼ଳ ଦେବ ଯେ କେବଳ ଅନ୍ୟାନ୍ୟ ଉତ୍କଳୀୟ ଗ୍ରନ୍ଥକାରଙ୍କ ପ୍ରତି ଆସ୍ଥାବାନ୍ ଏବଂ ସହାନୁଭୂତିସମ୍ପନ୍ନ ଥିଲେ ତାହା ନୁହେ । ସେ ସ୍ୱୟଂ ପ୍ରଥମେ ଆଳଙ୍କାରିକ ଏବଂ ପରେ କବିରୂପେ ଉତ୍କଳସାହିତ୍ୟକ୍ଷେତ୍ରରେ ଅବତୀର୍ଣ୍ଣ

* ଅର୍ଚ୍ଚିତା ତସ୍ୟ କୌଶଲ୍ୟା ପ୍ରିୟା କେକୟବଂଶଜା—ରଘୁବଂଶ ।

ହୋଇଥିଲେ । ତାହାଙ୍କ ସଙ୍କଳିତ 'ଅଳଙ୍କାର ବୋଧୋଦୟ' ଏବଂ ତାହାଙ୍କ ରଚିତ 'ଛନ୍ଦୋ-ମୁକ୍ତା' ଉଡ଼ିଶାରେ ସୁପରିଚିତ । ଛନ୍ଦୋମୁକ୍ତା କାବ୍ୟ କ୍ଷୁଦ୍ରାକୃତିକ ହେଲେ ସୁଦ୍ଧା ଉତ୍କଳ ଭାଷାର ଗୋଟିଏ ସମ୍ପତ୍ତିରୂପେ ପରିଗଣିତ ହେବାର ଯୋଗ୍ୟ । ଏହି କାବ୍ୟ ପ୍ରକାଶିତ ହେଲା ପରେ ବାସୁଦେବଙ୍କ ସହିତ ମୋହୋର ସାକ୍ଷାତ ହେବାରୁ ମୁଁ ସେଥି ସକାଶ ତାହାଙ୍କୁ ଅଭିନନ୍ଦନ କରିଥିଲି । ବାସୁଦେବ ପ୍ରତ୍ୟୁତ୍ତରରେ କହିଥିଲେ "ବାବୁ, କବିତା ରଚନା ବଡ଼ ବିଷମ କଥା, ଯେଉଁ କାବ୍ୟସକାଶ ତୁମ୍ଭେ ମୋତେ ଅଭିନନ୍ଦନ କରୁଅଛ ତାହା ମୋହୋର ବର୍ଷ ମାସ ନିରବଚ୍ଛିନ୍ନ ଶ୍ରମର ଫଳ । ସରସ୍ୱତୀ ଅନନ୍ୟ-ପରା ଦେବତା, ଅନ୍ୟ କାହାର ଉପାସନା ସେ ସହ୍ୟ କରନ୍ତି ନାହିଁ । ତାହାଙ୍କ ଚରଣତଳେ ସମ୍ପୂର୍ଣ୍ଣରୂପେ ଆତ୍ମୋତ୍ସର୍ଗ ନ କଲେ ସିଦ୍ଧିଲାଭର କୌଣସି ଆଶା ନାହିଁ । କବିତାରଚନା ଅନ୍ୟ କାର୍ଯ୍ୟପରି ନୁହେଁ । ଘଣ୍ଟାଘଣ୍ଟା ଧରି ଅନ୍ୟକାର୍ଯ୍ୟରେ ଯୋଗର ପରିଶ୍ରମ କରାଯାଏ, କବିତା ସେ ନିୟମର ଅଧୀନ ନୁହେଁ । ଭାବର ସ୍ଫୂର୍ତ୍ତି ସବୁ ସମୟରେ ହୁଏ ନାହିଁ । ମୋହୋର ଅଧିକ ରଚନା କରିବାର ଇଚ୍ଛା, ମାତ୍ର ଗୃହକାର୍ଯ୍ୟ ମୋତେ ବଳେଇ ପଡ଼ିଅଛି । ମୋତେ ଅବକାଶ ନାହିଁ ?" ଯଦି ଅବକାଶ ପାଇଥିଲେ ସୁଦ୍ଧା ହେବ ଯେ ଉତ୍କଳୀୟ କବିମାନଙ୍କ ମଧ୍ୟରେ ସମ୍ମୁଖ ଉଚ୍ଚ ଆସନ ଲାଭ କରିଥାନ୍ତେ ଏଥିରେ ଲେଶମାତ୍ର ସନ୍ଦେହ ନାହିଁ । ତଥାପି ସେ ଯାହା କରି ଯାଇଅଛନ୍ତି ତାହା ବାହ୍ୟକାୟ ପରିମାଣରୁ ଅଳ୍ପ ହେଲେ ସୁଦ୍ଧା ଗୁଣରେ ଅଳ୍ପ ନୁହେଁ । ଆଧୁନିକ ଉତ୍କଳସାହିତ୍ୟରେ ତାହାଙ୍କ ନାମ ଯେପରି ଭାବରେ ଅନୁସ୍ୟୂତ ହୋଇଅଛି ସେଥିରୁ ଅନୁମାନ ହୁଏ ଯେ ତାହାଙ୍କର ପ୍ରସ୍ତର-ମୂର୍ତ୍ତି ଅପେକ୍ଷା ତାହା ଅଧିକତର ସ୍ଥାୟୀ ହେବ ।

ସଂସ୍କୃତ ଏବଂ ଉତ୍କଳ ସାହିତ୍ୟ ଘେନି ବାସୁ-ଦେବଙ୍କ ସହିତ ମୋହୋର ସମୟ ସମୟରେ ମତଭେଦ ହେଉଥିଲା, ମାତ୍ର ସେଥିପାଇଁ ତାହାଙ୍କ ମୁଖରେ ବିରକ୍ତି ବା ଅଧୈର୍ଯ୍ୟର ଚିହ୍ନ କେବେ ଦେଖି ନାହିଁ । ତାହାଙ୍କର ଅସଂଖ୍ୟ ସଦ୍ଗୁଣ ମଧ୍ୟରେ ଅପର-ମୂଳକ ମତଭେଦ-ସହିଷ୍ଣୁତା ମଧ୍ୟ ଅନ୍ତର୍ଭୁକ୍ତ ଥିଲା ।

ସୁଚଳ ଦେବ ଯେମନ୍ତ ଆଦର୍ଶ ରାଜା ଥିଲେ ସେହିପରି ଆଦର୍ଶ ଗୃହସ୍ଥ ଥିଲେ । ସନ୍ତାନମାନଙ୍କୁ ସୁଶିକ୍ଷିତ, ସ୍ୱଚରିତ୍ର ଏବଂ ଆତ୍ମନିର୍ଭରଶୀଳ କରାଇବା ବିଷୟରେ ସେ ଯେମନ୍ତ ଯତ୍ନପରାୟଣ ଥିଲେ ତାହା ନିଜ ନିଜ ସାମର୍ଥ୍ୟାନୁସାରେ ପ୍ରତ୍ୟେକ ଗୃହସ୍ଥର ଅନୁକରଣୀୟ ।

ଶ୍ରୀ ଗୋପୀନାଥ ନନ୍ଦ ।

ଦାର୍ଜିଲିଂ ।

ନିତାନ୍ତ ଦାୟରେ ନ ପଡ଼ିଲେ ଭାରତବାସୀ ଘର ଛାଡ଼ିବାକୁ ମନ କରନ୍ତି ନାହିଁ; ଓଡ଼ିଆ ତ ସବୁଠାରୁ ଅଧିକ । ପେଟପାଇଁ ଚାକର, ମୂଲିଆ ବିଦେଶ ଯାନ୍ତି । ପୁଣ୍ୟପାଇଁ ତୀର୍ଥସ୍ଥଳକୁ ଯେଉଁମାନେ ଯାନ୍ତି, ସେମାନଙ୍କର ଦେବଦର୍ଶନ ବା ତୀର୍ଥସ୍ନାନ ଏକମାତ୍ର କାର୍ଯ୍ୟ । ଅନ୍ୟ ଉଦ୍ଦେଶ୍ୟରେ କେହି କେବେହେଁ ପଦାକୁ ବାହାରନ୍ତି ନାହିଁ । ଯେଉଁମାନେ ଗୃହତ୍ୟାଗୀ ସନ୍ନ୍ୟାସୀ, ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ସମ୍ପର୍କ ଅଯତ୍ନଲବ୍ଧ ପେଟ, ଭାତ ସହିତ, ଯେଉଁମାନେ ପ୍ରକୃତ ସାଧୁ, ସେମାନଙ୍କର ସଂସାର ସହିତ କିଛି ସମ୍ପର୍କ ନ ଥାଏ । ଏଣୁ ହିଁ ବିଦେଶର ଅଭିଜ୍ଞତା ଭାରତବାସିଙ୍କର ନାହିଁ ବା ତାହାର ଉପାୟ ନାହିଁ, ସେହେତୁରୁ ଭ୍ରମଣବିଷୟକ ପୁସ୍ତକ ଅସ୍ମ-

ମାନଙ୍କ ଦେଶରେ ବଢ଼ିଲା । ଅର୍ଥବଳରେ ସବୁ ହେଲା, ଦରିଦ୍ର ବିଦେଶକୁ କାହିଁ ଯିବ ? ପଢ଼ିବାର ସୁଯୋଗିତା ତ ଦୂରର, ବିଦେଶବାସବ୍ୟୟ କାହିଁ ଚଳାଇବ ? ଯାହାର ଏବେ ପିଲା ମୁଠାଏ ଖାଇବାର ସଂସ୍ଥାନ ଅଛି, ତାହାର ପିଲାଙ୍କୁ ପଢ଼ାଇବା କଠିନ ଘଟେ । ଏତେ ଅମ୍ଭମାନଙ୍କର ସ୍ୱଦେଶର ଅଭିଜ୍ଞତା ନାହିଁ, ତହିଁରେ ପୁଣି ଅମ୍ଭନିର୍ଭରଶୀଳତା, ପରିବାରର ମାୟା ମମତା ଟିକିଏ ବେଶି, ସେଥିପାଇଁ ବିଦେଶ ଯିବାର କଥା ଉଠିଲେ ଉତ୍ସାହ ଓ ଆନନ୍ଦ ପରିବର୍ତ୍ତରେ ଗୋଟାଏ ଭୟର ବଜ୍ରଶିଖା ମନରେ ଜାତ ହୁଏ । ଏହି ସବୁ କାରଣରୁ ଅମ୍ଭମାନଙ୍କର ଦାର୍ଜିଲିଂ ଯିବା କଥାରେ ଅନେକଙ୍କ ପଡ଼ି ଯାଇଥିଲା, କେଉଁଠି କଣ କେହି ଜାଣନ୍ତି ନାହିଁ, କିଏ କହେ ଏକ ଦରିଆ ଭିତରେ ଟାପୁଟାଏ, କିଏ କହେ ଏକ ବରଫ ଉପରେ ପାହାଡ଼ଟାଏ, ଯାହା ମନକୁ ଯାହା ଆସେ କହି ଦେଇ ବାହାଦୁରି ଦେଖାଏ । ଏଣେ ଯେଉଁମାନଙ୍କର ଯିବାର କଥା, ସେମାନଙ୍କର ଆତ୍ମୀୟ ସ୍ୱଜନଙ୍କର ଶିଖ ଦିଅ ବନ୍ଧ, ପୂଜା ମାନସିକ ଦାନ ଧ୍ୟାନର ସୀମା ନାହିଁ । ପ୍ରକୃତ କଥା ବୁଝୁଛି କିଏ ? ମିଥ୍ୟା ଜନରବରେ ବିଶ୍ୱାସ କରିବା ମନୁଷ୍ୟର ସ୍ୱାଭାବିକ ଦୋଷ ।

ଏଣିକି କ୍ରମେ କ୍ରମେ ସବୁଠିକି ବାଟ ଫିଟିଲାଣି, ଏଣିକି କୌଣସି ସ୍ଥାନ ଆଉ ଛପି ରହିବାର ନୁହେଁ । ଆଗେ ଆମ ଦେଶରୁ ଗଙ୍ଗାସ୍ନାନ କରିବାକୁ ଗଲେ ଲୋକେ ଘର ଦ୍ୱାର ପିଲାଛୁଆଙ୍କ ମାୟା ଛାଡ଼ି ଯାଉଥିଲେ; ଆଉ ଫେରିବେ ଏ ଭରସା କାହାରି ନ ଥିଲା, ବାଟରେ ମାରଣା ମାରି ନେଉଥିଲେ, ଦିନ ରାତି ବାଟ ଚାଲି ଚାଲି ମାସକରେ ଗଙ୍ଗାକୂଳରେ ପହଞ୍ଚୁଥିଲେ, ଜୀବନଯାକ ଲାଗିପଡ଼ି ସେଥିପାଇଁ ସଞ୍ଚୟ କରିବାକୁ ହେଉଥିଲା । ଆଜି ଟଙ୍କା ପାଞ୍ଚଟା ଅଣ୍ଟାରେ ମାରି ସନ୍ଧ୍ୟାବେଳେ ରେଳ ଗାଡ଼ିରେ ବସିଲେ ରାତି ପାହିବା ବେଳକୁ ଗଙ୍ଗାସ୍ନାନ କରି ଘଡ଼ିକ ପୁଣି ଘରେ । ଆଗେ କୌଣସିଠାକୁ ଯିବାକୁ ବାଟ ଘାଟ ନ ଥିଲା, ଆଜି ହାତରେ ଦୁଇ ପଇସା ଥିଲେ, ମନ ହେଲେ ଯେଉଁଠିକି ଇଚ୍ଛା ସେଠିକି ଚାଲି ଯାଅ, କିଛି ଅଡ଼ୁଆ ନାହିଁ । ବର୍ତ୍ତମାନ କାଳର ଶିକ୍ଷା, ସଭ୍ୟତା, ବିଜ୍ଞାନର ମହିମାକୁ ଧନ୍ୟ । ରେଳ ଓ ତାରର ଅନୁଗ୍ରହରୁ ଦିନକୁ ଦିନ ଦୂରତା କମି ଯାଉଅଛି ।

ବିଦେଶକୁ ବାହାରିବାକୁ ହେଲେ ସଙ୍ଗରେ ଯେତେ ଅଳ୍ପ ଜିନିଷ ରହେ, ସେତେ ଭଲ, ଆମ୍ଭେମାନେ ଗଣ୍ଠିଲିବନ୍ଧା ଅଭ୍ୟାସ ଶିଥିଳ ଛାଡ଼ି ପାରନ୍ତି ନାହିଁ, ଏ ଦୋଷ ଜାଣିବା ଲୋକଙ୍କୁ ପୂରା ଛାଡ଼ି ପାରି ନାହିଁ । ଆମ ଗାଁରେ କିଛି ମିଳେ ନାହିଁ, ସବୁ ସାଥିରେ ନ ରଖିଲେ, ଖୋଜିଲା ବେଳେ କିଛି ମିଳିବ ନାହିଁ ବୋଲି ସବୁଠିକି ସବୁ ବାନ୍ଧି ନେବାକୁ ହେବ, ଏହା ଗୋଟିଏ ବିଷମ ଭ୍ରମପୂର୍ଣ୍ଣ ଧାରଣା । ସଙ୍ଗରେ ବେଶି ଜିନିଷପତ୍ର ନେବା ଯେଉଁମାନଙ୍କର ଅଭ୍ୟାସ, ସେମାନଙ୍କୁ ରେଳରେ ଅତି ଅଡ଼ୁଆରେ ପଡ଼ିବାକୁ ହୁଏ । ହାତରେ ପଇସା ଥିଲେ ସବୁଠାରେ ସବୁ ମିଳିବ, ଲୁଗାପଟା ଯେତେ କମ ନେଲେ ନ ଚଳେ, ସେତିକି ନେବା ଭଲ; ଯେଉଁସବୁ ବାଟରେ ଥରକୁଥର ଗାଡ଼ି ବଦଳ ହୁଏ, ସେ ସବୁ ବାଟରେ ଯିବାକୁ ହେଲେ, ଅବଶ୍ୟକ ପଡ଼ିଲେ ନିଜେ ନେଇଯିବା ଭଳି ଜିନିଷ ପାଖରେ ରଖି, ବାକି ସବୁ ଭଲରୂପେ ବନ୍ଦ କରି ଓଜନ କରାଇ ମାସୁଲ ଦେଇ ଗାର୍ଡ଼ ଜିମାରେ ବ୍ରେକରେ ଦେବା (book) ଭଲ; କୁଲି ଖୋଜିବା, ଜିନିଷ ଜଗିବା, ଏ ଗାଡ଼ିରୁ ନେଇ ସେ ଗାଡ଼ିରେ ଲଦିବା ଇତ୍ୟାଦି ନାନା ଅସୁବିଧାରୁ ତ୍ରାହି ପାଇବାକୁ ହୁଏ । ରେଳକୁ ବହିଁ ଟିଣ ବା ଲୁହା ପେଟରା (Trunk) ଓ ବ୍ୟାଗର ସୃଷ୍ଟି ହୋଇଅଛି, କଟକୀ ବେତ ପେଟରା ରେଳକୁ ଅଡ଼ୁଆ, ତାହାର ଆକାର ପରିବର୍ତ୍ତନ ଅବଶ୍ୟକ, ଆକାର ଚଉକୋଣିଆ ହେଲେ ହୁଏତ ସ୍ୱଦେଶରେ ଚାଳିତ ହୁଅନ୍ତା ।

ଯାହାହେଉ ଆମ୍ଭେମାନେ ସନ୍ଧ୍ୟା ଛଅଘଣ୍ଟାରେ ହାଓଡ଼ା ଛାଡ଼ି ପରଦିନ ସକାଳେ ଶିଳିଗୁଡ଼ି ପହଞ୍ଚିଲୁ । ରେଲର ସମସ୍ତ ସୁଖ ସୁବିଧା ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଯାତ୍ରୀଙ୍କପାଇଁ; ସେମାନଙ୍କୁ ସ୍ଥାନର ଅସୁବିଧା, ରେଲ କର୍ମଚାରୀଙ୍କ ଅତ୍ୟାଚାର ନିପୀଡ଼ନ ସହିବାକୁ ହୁଏ ନାହିଁ। ଏ ଗରିବ ଦେଶର କେତେ ଜଣ ପ୍ରଥମ ଦ୍ୱିତୀୟ ଶ୍ରେଣୀରେ ଯିବାକୁ ସମର୍ଥ ? ମଧ୍ୟମ ଶ୍ରେଣୀ ତ ଭାଗ୍ୟରେ ନାହିଁ, ପ୍ରଥମ ଦ୍ୱିତୀୟ କଥା ସବୁଛି କିଏ ? ଯେଉଁମାନେ ତୃତୀୟ ଶ୍ରେଣୀରେ ବିଶେଷତଃ ଏହିରେଳରେ ଯାଇ ନାହାନ୍ତି, ସେମାନେ ତାହାର କଷ୍ଟ ବୁଝି ପାରିବେ ନାହିଁ, ମଲମୂତ୍ରତ୍ୟାଗର ତ କଥା ନାହିଁ, ସମୟ ସମୟରେ ଦଶ ଜଣଙ୍କ ସ୍ଥାନରେ ତଳ ଉପର ହୋଇ ପଚିଶ ଜଣଙ୍କୁ ଯିବାକୁ ହୁଏ । ସ୍ୱଚକ୍ଷୁରେ ଦେଖିଛୁ, ଅନେକ ସମୟରେ ଯାତ୍ରିମାନେ ଠିଆ ହୋଇ ରହିବାକୁ ବାଧ୍ୟ ହୁଅନ୍ତି । ଉକ୍ତ ପତ୍ରିକାରେ ବଙ୍ଗ ନାଗପୁର ରେଲର ଷ୍ଟେସନମାନଙ୍କରୁ କଲିକତା ପର୍ଯ୍ୟନ୍ତ ତୃତୀୟ ଶ୍ରେଣୀର ଭଡ଼ା ଲେଖା ଥାଏ, କଟକରୁ କଲିକତାକୁ ପ୍ରଥମ ଶ୍ରେଣୀର ଭଡ଼ା ଟ ୨୩ ॥, ଦ୍ୱିତୀୟ ଶ୍ରେଣୀର ଟ ୧୦ ୵, ମଧ୍ୟମ ଶ୍ରେଣୀର ଟ ୪ ୷, ତୃତୀୟ ଶ୍ରେଣୀର ଟ ୩/; ଭଡ଼ାର ହାର ଦେଖି କେହି କହି ପାରନ୍ତି ଅଧା ହେପାରିବ ନାମାଳ କଥା ନାହିଁତ ? ବନ୍ଧୁ ଦୂର ସ୍ଥାନକୁ ଯିବାକୁ ହେଲେ ପ୍ରଥମେ ଏହି କଥା ମନେ ପଡ଼େ, ପାଖରେ ରେଲ ଗାଇଡ (guide) ନ ଥିଲେ ଅନ୍ୟଲୋକଙ୍କୁ ପଚାରିବାକୁ ହୁଏ; ପ୍ରତ୍ୟେକ ହିନ୍ଦୁ ଯାତ୍ରୀଙ୍କର ଦୁଇ ଅଣା ଦେଇ ରେଲ ଗାଇଡ଼ (guide) ଖଣ୍ଡେ କିଣିବା ଉଚିତ, ଭିନ୍ନ ଭିନ୍ନ ରେଲର ଅଲଗା ଅଲଗା ଭିନ୍ନ ଗାଇଡ଼ ଅଛି; କେବଳ ଏହି ଗାଇଡ଼ (guide) ରେ ଭାରତର ସମସ୍ତ ରେଲର ବିବରଣ ଅଛି । କନ୍ୟା ଗୋ ହିରଣ୍ୟ ଭୂଦାନ ପରି କଲିକତା ଦେଖି ଅବଶ୍ୟକ [illegible] ଦାର୍ଜିଲିଂ ଯାଆନ୍ତୁ ।

ଆଜି କାଲି ଉପରବେଳା ୫ ଘଣ୍ଟା ବେଳେ ଶିଆଲଦା ଷ୍ଟେସନରୁ ଦାର୍ଜିଲିଂ ଡାକଗାଡ଼ି ଛାଡ଼ାଯାଏ । ଶିଆଲଦାରୁ ଦାର୍ଜିଲିଂକୁ ତୃତୀୟଶ୍ରେଣୀ ଭଡ଼ା ଟ ୮।/, ଦ୍ୱିତୀୟ ଶ୍ରେଣୀ ଟ ୨୫, ପ୍ରଥମ ଶ୍ରେଣୀ ଦ୍ୱିତୀୟର ଦ୍ୱିଗୁଣ । ଦାର୍ଜିଲିଂଯାତ୍ରୀଙ୍କର କେତେଗୁଡ଼ାଏ ବସ୍ତୁପ୍ରତି ବିଶେଷ ଦୃଷ୍ଟି ନ ରଖିଲେ ପ୍ରାଣେ ପୀଡ଼ା ପାଇବାକୁ ହୁଏ । ତାହା ମଧ୍ୟରେ ଶୀତବସ୍ତ୍ର ପ୍ରଧାନ କଥା ଓ ତାହା ପାଖେ ପାଖେ ରଖି ପ୍ରୟୋଜନ ଅନୁସାରେ ବ୍ୟବହାର କରିବା ଉଚିତ । ଯେଉଁମାନେ କେବଳ ପ୍ରାକୃତିକ ଦୃଶ୍ୟ ଦେଖିବା ଇଚ୍ଛାରେ ଯିବାକୁ ମନ କରନ୍ତି, ସେମାନଙ୍କ ପକ୍ଷରେ ଏପ୍ରେଲ ଅଧଠାରୁ ମେ ଅଧ ପର୍ଯ୍ୟନ୍ତ, ଅକ୍ଟୋବର ଅଧଠାରୁ ନଭେମ୍ବର ଅଧ ପର୍ଯ୍ୟନ୍ତ ପ୍ରଶସ୍ତ ସମୟ; ଆଉ ମଧ୍ୟ ପଞ୍ଚମୀ ବା ଷଷ୍ଠୀଠାରୁ ଦ୍ୱାଦଶୀ ତ୍ରୟୋଦଶୀ ପର୍ଯ୍ୟନ୍ତ ସର୍ବୋତ୍କୃଷ୍ଟ କାଳ । ମଇ ମାସ ଶେଷରୁ ବର୍ଷା ଆରମ୍ଭ ହୋଇ ସମସ୍ତ ସମୟରେ ଅକ୍ଟୋବର ଅଧ ପର୍ଯ୍ୟନ୍ତ ଥାଏ, ପୂର୍ଣ୍ଣିମା ଓ ଅମାବାସ୍ୟାର ଦୁଇ ତିନି ଦିନ ଆଗରୁ ମେଘୁଆ ପାଗ ଆରମ୍ଭ ହୋଇ ଚତୁର୍ଥୀ ପଞ୍ଚମୀ ପର୍ଯ୍ୟନ୍ତ ଲାଗି ରହେ, ମେଘୁଆ ପାଗରେ ପ୍ରାକୃତିକ ଦୃଶ୍ୟ ଦେଖିବାର ଓ ଦୃଶ୍ୟମୁକୁଟମଣି ହିମାଚ୍ଛନ୍ନ ହିମଶିଖରଙ୍କୁ ଦେଖିବାର ସୁବିଧା ହୁଏ ନାହିଁ । ଏପ୍ରେଲ ଶେଷ ମେ ଆରମ୍ଭ ଓ ଅକ୍ଟୋବର ଶେଷ ନଭେମ୍ବର ଆରମ୍ଭରେ ବେଶି ଶୀତ ବର୍ଷା ନ ଥାଏ, ଆକାଶ ପରିଷ୍କାର ଥିବାରୁ ପ୍ରାକୃତିକ ଦୃଶ୍ୟ ଗୁଡ଼ିକ ରମଣୀୟ ଦେଖାଯାଏ, ସୁଖସମ୍ପଦର କ୍ଷୋଭୀ ମନଙ୍କ ଶାନ୍ତି [illegible] ଲାଭ କରେ । ଚେରାପୁଞ୍ଜି ଛଡ଼ା ଭାରତବର୍ଷ ମଧ୍ୟରେ ଦାର୍ଜିଲିଂରେ ବୋଧହୁଏ ସବୁଠାରୁ ବେଶି ବର୍ଷା ହୁଏ । ବାର୍ଷିକ ବର୍ଷାର ପରିମାଣ ୧୨୦ ଇଞ୍ଚ । ନଭେମ୍ବରରୁ [illegible] ଶୀତର ପ୍ରକୋପ ବଢ଼େ । ମହାରାଜାଧିରାଜ [illegible] ସାହେବଙ୍କ ସଙ୍ଗେ ସଙ୍ଗେ [illegible] ଓ ଦେଶୀୟ ଲୋକେ [illegible]

ଥାଆନ୍ତି, ଶୀତ ନିବାରଣ ପାଇଁ ଦୋକାନ ପ୍ରଭୃତି ବନ୍ଦ ହୋଇଯାଏ, କ୍ରମଶଃ ବରଫ ପଡ଼ିବାର ଆରମ୍ଭ ହୁଏ । ସବୁ ବର୍ଷ ବରଫ ନ ପଡ଼ିଲେହେଁ ବର୍ଷେ ବର୍ଷେ ଦୁଇ ଫୁଟ ପର୍ଯ୍ୟନ୍ତ ବାଟରେ ଜମା ହୋଇ ଯାଏ । ବଡ଼ଲୋକଙ୍କ କଥା ଛାଡ଼, ସାଧାରଣ ଅବସ୍ଥାର ଲୋକଙ୍କର ବେଶି ଶୀତ ସମୟ ଛଡ଼ା, ଅନ୍ୟ ସମୟରେ କଞ୍ଚୁଦକପାଇଁ ଯିବାକୁ ହେଲେ ବିଛଣାପାଇଁ ଖଣ୍ଡିଏ ସାଧାରଣ କମ୍ବଳ, ଖଣ୍ଡିଏ ପାତଳା ରେଜେଇ, ବିଛଣା ଚାଦର, ଘରେ ଘୋଡ଼ା ହେବାପାଇଁ ଖଣ୍ଡେ ରେଜେଇ, ଖଣ୍ଡେ ସାଧାରଣ କମ୍ବଳ ଓ ସାଧାରଣ ବ୍ୟବହାର୍ଯ୍ୟ ଲେପର, ପିନ୍ଧିବାପାଇଁ ସାଧାରଣ ବ୍ୟବହାର୍ଯ୍ୟ ଶୀତଲୁଗା ବ୍ୟତୀରେକେ, ବେଶିମଧ୍ୟରେ ଯୋଡ଼ିଏ ପାଇଜାମା(drawers)ଫ୍ଲାନେଲ କମିଜ, ଗରମ ଲୁଗାର ଗୋଟିଏ ବଡ଼ କୋଟ (over-coat)ଓ ଗୋଟିଏ ଗରମ ଟୋପି ହେଲେ ହେଲା । ପାଇଜାମା ଫ୍ଲାନେଲର ହେଲେ ହେଲା; ନଚେତ୍ ଟଙ୍କାଏ ଅଠରଅଣାର ପୁରା ଲୁଗାରେ ହେଲେ ମଧ୍ୟ ଚଳେ । ଏପରି ପାଇଜାମା କଲିକତାର ଚାନ୍ଦନି ଛକରେ ମିଳେ, ତାକୁ ପିନ୍ଧି, ତା ଉପରେ ମୋଜା ଓ ଲୁଗା ସୁନ୍ଦର ପିନ୍ଧା ହୁଏ । ଏହାହିଁ ନଭେମ୍ବର ପର୍ଯ୍ୟନ୍ତ ଯଥେଷ୍ଟ । ଯେଉଁମାନେ ବର୍ଷାଦିନରେ ଯିବେ, ତାଙ୍କର ବର୍ଷାତି ଅତି ଆବଶ୍ୟକ, କେତେବେଳେ ବର୍ଷା ହେବ ତାହାର ସ୍ଥିରତା ନାହିଁ, ଆକାଶ ନିର୍ମଳ ଥାଏ, କିନ୍ତୁ ଦେଖୁଁ ଦେଖୁଁ ହଠାତ୍ ବର୍ଷା ହୁଏ; ପରିଷ୍କାର ଦିନରେ ବୁଲିବାକୁ ଯାଇ, ହଠାତ୍ ବର୍ଷାରେ ଭିଜିବାକୁ ହୁଏ । ଦାର୍ଜିଲିଂରେ ଧୋବାଙ୍କ ଗାରିମା ଅତି ବେଶି, ଲୁଗା ଖଣ୍ଡିକ ପନ୍ଦର ଦିନରେ ମିଳିବା ଦୁଷ୍କର, ପୁଣି କୋଡ଼ିଏ ଖଣ୍ଡ ଲୁଗା ଧୋବା ଘରେ ଦେଲେ ଟଙ୍କାଟିଏ ଖର୍ଚ୍ଚ କରିବାକୁ ହୁଏ, ସାମାନ୍ୟ ରୁମାଲ ବା ମୋଜା ପଟକ ମଧ୍ୟ ଖଣ୍ଡିକରେ ସୁମାର ।

ପୂର୍ବବଙ୍ଗ ରେଲର ଦାର୍ଜିଲିଂ ଡାକଗାଡ଼ିରେ ଦାମୁକଦିଆ ଘାଟ ପର୍ଯ୍ୟନ୍ତ ଯାଇ ଜାହାଜରେ ପଦ୍ମା ପାର ହୋଇ ପୁଣି ସାରା ଘାଟଠାରୁ ରେଲରେ ଶିଲିଗୁଡ଼ି ପର୍ଯ୍ୟନ୍ତ ଯିବାକୁ ହୁଏ, ସେଠାରୁ ଗାଡ଼ି ପରିବର୍ତ୍ତନ କରି ଦାର୍ଜିଲିଂ-ହିମାଳୟ ରେଲର ଛୋଟ ଗାଡ଼ିରେ ଯିବାର କଥା । ନାନା ସ୍ଥାନରେ ପରିବର୍ତ୍ତନ ହେଉଥିବାରୁ ସାଙ୍ଗରେ ଯଥାସମ୍ଭବ ଅଳ୍ପ ଜିନିଷ ରଖି ସବୁ ବ୍ରେକରେ ରଖିବା ଆବଶ୍ୟକ, ତାହାଦ୍ୱାରା ନାନା ଅସୁବିଧା ଓ ଉଦ୍‌ବେଗରୁ ରକ୍ଷା ମିଳେ । ଶିଆଲଦା ଛାଡ଼ି ରାଣାଘାଟ ଷ୍ଟେସନରେ ପହଞ୍ଚିବା ବେଳକୁ ସନ୍ଧ୍ୟା ହୋଇଯାଏ, ସେଥିପାଇଁ ପ୍ରାକୃତିକ ଦୃଶ୍ୟ ଦେଖିବାର ସୁବିଧା ହୁଏ ନାହିଁ; ଫେରିବା ବେଳେ କେତେକ ପରିମାଣରେ ତାହାର ପୂରଣ କରି ହୁଏ । ଶିଆଲଦା ଛାଡ଼ିବା ବେଳେ ପୋର୍ଟ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଆରୋହୀମାନଙ୍କୁ ଦାମୁକଦିଆରେ ଜାହାଜରେ ରାତ୍ରଭୋଜନ କରିବେ କି ନାହିଁ ପଚାରିଥାନ୍ତି; ଯେଉଁମାନଙ୍କର ଇଚ୍ଛା ସେମାନେ ତାଙ୍କୁ ଜଣାଇଲେ, ତାରଦ୍ୱାରା ସମ୍ବାଦ ପଠାହୋଇ ଖାନା ପ୍ରସ୍ତୁତ ରଖା ହୁଏ । ବଗୁଲା ଷ୍ଟେସନରେ ସନ୍ଧ୍ୟା ସମୟରେ ଚା ଖାଇବାପାଇଁ ରେଲଗାଡ଼ି କିଛି ସମୟ ଅପେକ୍ଷା କରେ । ରାତ୍ର ଆଠଟା ସମୟରେ ଦାମୁକଦିଆ ଘାଟରେ ଗାଡ଼ି ପହଞ୍ଚେ, ସେଠାରେ ପ୍ଲାଟଫର୍ମ (platform) ନାହିଁ, ଓହ୍ଲାଇବାର ଉଠିବାର ଅତି ଅସୁବିଧା, କେବେ ରେଲ କର୍ମଚାରୀଙ୍କୁ ଅନୁରୋଧ କଲେ ସିଡ଼ି ଲଗାଇ ଦିଅନ୍ତି । ସେଠାରୁ ଜାହାଜରେ ଚଢ଼ିବାକୁ ହୁଏ, ଜିନିଷପତ୍ର ଓ ଡାକ ରେଲରୁ ଜାହାଜକୁ ନେବାକୁ କୋଡ଼ିଏ ପଚିଶ ମିନିଟ ଲାଗେ, ପଦ୍ମା ପାର ହେବାକୁ ପ୍ରାୟ ଅଧ ଘଣ୍ଟାଏ ଲାଗେ, ଗଲା ବେଳେ ରାତ୍ର ହେଉଥିବାରୁ ନଦୀ ଗର୍ଭର ଲାଲ ଅଲୁଅ ଭିନ୍ନ ଆଉ କିଛି ଦେଖାଯାଏ ନାହିଁ, ଆସିବା ବେଳେ ଖୁବ ସକାଳରେ ପଦ୍ମା ପାର ହେବାକୁ ହେଉ ଥିବାରୁ ସେ ଅଭାବ ମଧ୍ୟ ପୂରଣ କରିବାର ସୁବିଧା ହୁଏ; ପଦ୍ମାର ନଦୀଶଯ୍ୟା

ଅଛି ରହିଲ, ଅଜ୍ଞ ଯେଉଁଠାରେ ଖେଉର ଜଳ, ଛାଲି ହୁଏ ଓ ସେଠାରେ ବାଳିଚଡ଼ା । ପଦ୍ମାର ହିଲ୍‌ସା ମାଛ ଇଂରେଜମାନଙ୍କର ପ୍ରିୟ ମୁଖରୋଚକ ଖାଦ୍ୟ । ଜାହାଜରୁ ଓହ୍ଲାଇ ସାରା ଘାଟଠାରେ ଟ୍ରେଣି ରେଲରେ ଚଢ଼ିବାକୁ ହୁଏ; ଏ ଗାଡ଼ିଗୁଡ଼ିକ ଅପେକ୍ଷାକୃତ କ୍ଷୁଦ୍ର, ଭଡ଼ା ଅଧିକ, ଦାର୍ଜିଲିଂ, କୁଚବେହାର ଓ ଆସାମର ଯାତ୍ରୀ ସମସ୍ତେ ସେ ଗାଡ଼ିରେ ଯାନ୍ତି, ସମସ୍ତ ରାତି ଗାଡ଼ିରେ ଯାପନ କରିବାକୁ ହେବ, ଶୋଇବାର ଆବଶ୍ୟକ, ସେ ହେତୁରୁ ପୂର୍ବରୁ ସାବଧାନ ହେବା କର୍ତ୍ତବ୍ୟ, ଆଗରୁ ଚିଠି ଲେଖିଲେ ବା ବାହାରିବା ପୂର୍ବରୁ ଟେଲିଗ୍ରାମ କଲେ ସାରାଘାଟର ଷ୍ଟେସନ ମାଷ୍ଟର ପ୍ରତ୍ୟେକ ଯାତ୍ରୀ ପାଇଁ ଗୋଟିଏ ଲେଖାଏଁ ବେଞ୍ଚ ବା ଉପରର ଝୁଲି (upper birth) ଖାସ (reserve) କରି ରଖି ଥାନ୍ତି । ଏ ସବୁ ଗାଡ଼ିରେ ଆଲୁଅ ଅଛି, ବନ୍ଧନ କରିବା ପାଇଁ ଅପଦ ବିପଦ ପଡ଼ିଲେ ବା ଆବଶ୍ୟକ ହେଲେ ଗାର୍ଡ ବା ଡ୍ରାଇଭରଙ୍କୁ ସମ୍ବାଦ ଦେବାପାଇଁ କଳ ଅଛି, ଏ ସବୁ ସୁବିଧା ବଙ୍ଗ-ନାଗପୁର ରେଲରେ ନାହିଁ; କିନ୍ତୁ ଏ ସବୁ ସୁବିଧା ଅବଶ୍ୟ ପ୍ରଥମ ଦ୍ୱିତୀୟ ଶ୍ରେଣୀର ଆରୋହୀଙ୍କ ପାଇଁ, ମଧ୍ୟମଶ୍ରେଣୀରେ ଅତି ଭିଡ଼; 'ଅରେ ମଉସା ଜଡ଼ି ପଇସା,' ପଇସା ଉପରେ ସବୁ ସୁଖ ଦୁଃଖ ନିର୍ଭର କରେ । ପଇସା-ବଳ ନ ଥିଲେ ସବୁ କଷ୍ଟ ଅମ୍ଳାନରେ ସହ୍ୟ କରିବାକୁ ହେବ; ସହି ମଧ୍ୟ ହୋଇଯାଏ, ମନୁଷ୍ୟ ଅବସ୍ଥାର ଦାସ । ପୃଥିବୀଯାକର ପୋକ ଏହିଠାରେ ଆଲୁଅ ଦେଖି ଗାଡ଼ି ଭିତରେ ପଶନ୍ତି, ପୋକ ପିଟାଇବାକୁ ଗଲେ ସେସବୁ କ ପାଟି ନାକରେ ପଶି ଯାନ୍ତି । ସାରାଘାଟଠାରୁ ରାତି ପ୍ରାୟ ଦଶଟା ବେଳେ ଗାଡ଼ି ଛାଡ଼େ, ଗରମ ବୋଧ ହେଲେ ସୁଦ୍ଧା ଶୀତଲୁଗା ବ୍ୟବହାର କରିବା କର୍ତ୍ତବ୍ୟ, ତାହା ନ କଲେ ସର୍ଦ୍ଦି ହେବା ଅନିବାର୍ଯ୍ୟ ।

ସକାଳ ପାହିବା ବେଳକୁ କଳିକତାରୁ ଦେଢ଼ଶ କୋଶ ଦୂରରେ ଜଳପାଇଗୁଡ଼ିରେ ଗାଡ଼ି ପହଞ୍ଚେ, ଏହା ଗୋଟିଏ ପ୍ରଧାନ ଷ୍ଟେସନ ହେଲେହେଁ ସେଠାରେ ଖିଆପିଆରେ ବନ୍ଦୋବସ୍ତ ନାହିଁ । ଗାଡ଼ିରୁ ମୁହଁ ବାହାର କରି ଡାହାଣ ଦିଗକୁ ଚାହିଁଲେ ଦିଗ୍‌ବଳୟରେ ହିମାଳୟର ପ୍ରତ୍ୟନ୍ତ ପର୍ବତମାଳା ଦିଶେ, ଏଗୁଡ଼ିକ ଓଡ଼ିଶାର ମହେନ୍ଦ୍ରର ପ୍ରତ୍ୟନ୍ତ ପର୍ବତରୁ କୌଣସି ପ୍ରକାରେ ଭିନ୍ନ ଦେଖାଯାଏ ନାହିଁ ବା ବେଶି ଉଚ୍ଚ ବୋଲି ବୋଧ ହୁଏ ନାହିଁ । ମନେ କରୁଥିଲି ଓଡ଼ିଶାରୁ ପ୍ରାୟ ଛଅ ଶହ ମାଇଲ ଦୂରରେ ହୁଏତ ସବୁ ଭିନ୍ନ ଦୃଶ୍ୟ ଦେଖିବି, ଦେଖିବା ବେଳକୁ ସେହି ଧାନ କିଆରି, ବାଉଁଶ ବୁଦା, ଗୁଆ, ନଡ଼ିଆ ବାଗ, କଦଳୀ ଗଛ, ଅଶ୍ୱତ୍ଥ, ଝାଉଁଳିଆ ବାଡ଼, ପାନବରଜ; କଇଁଫୁଲ, ନାହାଗୁଳିଆ ଘର, ଲଙ୍ଗଳା ଦେହ; ଲମ୍ବା ଚୁଟି, କାନ ଫୋଡ଼ିହେବା, ସର୍ତ୍ତିକ ଭଳି ବହିର୍ଦେଶ ବସା ପର୍ଯ୍ୟନ୍ତ ସବୁ ଏକ । ଆମ ଦେଶ ପର ପିଢ଼ା ଉପରେ ଧାଡ଼ି ଧାଡ଼ି କରି ପାଣିକଖାରୁ ରଖିଛନ୍ତି, କେବେ ଆମ ଦେଶରେ ଆଶ୍ୱିନ ମାସରୁ କଖାରୁ ଛିଣ୍ଡାଇ ନ ଥାନ୍ତି । ପ୍ରଥମାଷ୍ଟମୀ ପରେ ନୂଆ ବର୍ଷ ବସେ, ପାଣିକଖାରୁକୁ ନୂଆ ଶୁଣାଇବା ପାଇଁ ମଥାନ ଉପରେ ସଜାଡ଼ି ରଖନ୍ତି । ସବାରିଂ-ଯାଙ୍କ ଓଡ଼ିଆ ସବାର ପରି, କିନ୍ତୁ ବେଲର ସୁନ୍ଦର ନୂଡ଼େ, ଗଲାରେ ବେଗ ବୂଣୀ ନ ହୋଇ ବକ୍ଷା ଝଣଣି ହୋଇଥାଏ । ଜଳପାଇଗୁଡ଼ିରୁ ଶିଳିଗୁଡ଼ିକୁ ଯିବାକୁ ପ୍ରାୟ ଘଣ୍ଟାଏ ଲାଗେ; ଏହିଠାରେ ସାହେବମାନଙ୍କର ଚା ଖାଇବାର ବନ୍ଦୋବସ୍ତ ଅଛି, ଫେରିବାବେଳକୁ ସାନ୍ଧ୍ୟ ଭୋଜନ ଏହିଠାରେ କରନ୍ତି, ଏହିଠାରେ ସାଧାରଣ ଗାଡ଼ି ପରିବର୍ତ୍ତନ କରି ଦାର୍ଜିଲିଂ-ହିମାଳୟ ରେଲର ଛୋଟ ପାହାଡ଼ ଗାଡ଼ିରେ ଯିବାକୁ ହୁଏ । ଗାଡ଼ିଗୁଡ଼ିକ ଅତି ଛୋଟ, ନ ଫୁଟ ଲମ୍ବ, ଛ ଫୁଟ ଓସାର ସାତଫୁଟ ଉଚ୍ଚ ମାତ୍ର; ସେଥିରେ ଛ ଜଣ ଲେଖାଏ ବସିବାର କଥା, ସେହେତୁରୁ ଗାଡ଼ିରେ ଜିନିଷ ପତ୍ର ରଖି ଦିଅନ୍ତି ନାହିଁ, ସବୁ ବ୍ରେକରେ ରଖିବାକୁ ହୁଏ,

ଯେତେ ଶୀତ ସେପରି କଷ୍ଟ ଜଣାଯାଏ ନାହିଁ, ଯେତେକ ଉପରକୁ ଉଠିବାକୁ ହୁଏ, ସେତେକ ବାୟୁ ଅଧିକ ଶୀତଳ ବୋଧହୁଏ; ଆବଶ୍ୟକ ଗରମ କୋଟ, ଗଲାବନ୍ଧ, ଓଭରକୋଟ ପ୍ରଭୃତି ପାଖରେ ରଖି ସମୟାନୁସାରେ ବ୍ୟବହାର ନ କଲେ, କୁରସିଙ୍ଗ ନ ପହଞ୍ଚୁଣୁ କାଶ ସର୍ଦ୍ଦି ହୁଏ, ଜ୍ୱର ହେବା ଅସମ୍ଭବ ନୁହେ, ସେ ସର୍ଦ୍ଦି ଶୀଘ୍ର ଛାଡ଼ିବା ଲକ୍ଷଣ ନାହିଁ, ଦାର୍ଜିଲିଂରେ ପହଞ୍ଚି ଯନ୍ତ୍ରଣା ଧରିବାକୁ ହୁଏ, ଅନେକେ ଶତ ପ୍ରାଣେ ପୀଡ଼ାହିଁ ପାଇ । ଅଭିଜ୍ଞ ବ୍ୟକ୍ତିମାନେ ଯିବାବେଳେ କେତେଦିନ, ଫେରିବାବେଳେ କେତେଦିନ କୁରସିଙ୍ଗରେ ରହିବାକୁ ପରାମର୍ଶ ଦିଅନ୍ତି । ତାହା କଲେ ହଠାତ୍ ଗ୍ରୀଷ୍ମପ୍ରଧାନ ସ୍ଥାନରୁ ଶୀତପ୍ରଧାନ ସ୍ଥାନକୁ ବା ଶୀତପ୍ରଧାନ ସ୍ଥାନରୁ ଗ୍ରୀଷ୍ମପ୍ରଧାନ ସ୍ଥାନକୁ ଯିବାରେ ଉତ୍ତାପର ଅନ୍ୟଥା, ଅସ୍ୱାଭାବିକ ପରିବର୍ତ୍ତନଜନିତ ପୀଡ଼ାର ଆଶଙ୍କା ରହେ ନାହିଁ । ଅତ୍ର ମଧ୍ୟ ଅବସ୍ଥା ଅନୁକୂଳ ହେଲେ ପରମରମଣୀୟ ପାର୍ବତ୍ୟ ଦୃଶ୍ୟସକଳ ଦେଖିବା ପାଇଁ ଗୋଟିଏ ଦୂରଦର୍ଶନ ଯନ୍ତ୍ର ସାଙ୍ଗରେ ରଖିବା କର୍ତ୍ତବ୍ୟ ।

ଏହି ସ୍ଥଳରେ ହିମାଳୟ ରେଲ ପଥର ସଂକ୍ଷିପ୍ତ ଇତିହାସ ବୋଧ ହୁଏ ନିତାନ୍ତ ଅପ୍ରାସଙ୍ଗିକ ହେବ ନାହିଁ । ସୀମାନ୍ତ ବିବାଦ ନିଷ୍ପତ୍ତି କରିବାକୁ ପ୍ରେରିତ ଜେନେରଲ ଲଏଡ଼ ଓ ଶ୍ରୀଯୁକ୍ତ ଗ୍ରାଣ୍ଟ ସାହେବଙ୍କର ଦୃଷ୍ଟି ସର୍ବପ୍ରଥମରେ ୧୮୨୭ ଖ୍ରୀଷ୍ଟାବ୍ଦରେ ଦାର୍ଜିଲିଂରେ ପଡ଼େ, ସ୍ଥାନଟି ସିକିମ ଓ ଭୂଟାନର ଅନ୍ତର୍ଗତ ଥିଲେହେଁ, ଚୀନ ଓ ନେପାଳର ଦୃଷ୍ଟି ବରାବର ଏହା ଉପରେ ଥିଲା; କିନ୍ତୁ ଇଂରେଜଙ୍କ ଦୃଷ୍ଟିପାତରେ ସବୁ ପ୍ରତିହତ । ଉପରୋକ୍ତ ସାହେବ ଦ୍ୱୟ ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କୁ ଦାର୍ଜିଲିଂରେ ଏକ ସ୍ୱାସ୍ଥ୍ୟନିବାସ ସ୍ଥାପନ କରିବାକୁ ଅନୁରୋଧ କଲେ, ବଙ୍ଗଳା ଗବର୍ଣ୍ଣମେଣ୍ଟ ଏହି ପ୍ରସ୍ତାବ ଅନୁମୋଦନ କରି ମହାମାନ୍ୟ ବଡ଼ଲାଟ ବେଣ୍ଟିଙ୍କ୍ ସାହେବ ଓ ଇଷ୍ଟଇଣ୍ଡିଆ କମ୍ପାନୀଙ୍କ ସମୀପରେ ଉକ୍ତ ପ୍ରସ୍ତାବ ଉପସ୍ଥିତ କଲେ, ଫଳରେ ୧୮୩୫ ଖ୍ରୀଷ୍ଟାବ୍ଦରେ ଅନ୍ୟ ଏକ ସୀମାନ୍ତ ବିବାଦ ନିଷ୍ପତ୍ତି କାଳରେ, ବାର୍ଷିକ ତିନି ହଜାର ଟଙ୍କା ଜମାରେ ସିକିମରାଜାଙ୍କଠାରୁ ଏହା ଠିକା ନିଆଗଲା, ଏହି ଜମା ପରେ ଛ ହଜାର ଟଙ୍କା ପର୍ଯ୍ୟନ୍ତ ବଢ଼ିଥିଲା । ୧୮୩୯ ଖ୍ରୀଷ୍ଟାବ୍ଦରେ ଶ୍ରୀଯୁକ୍ତ ଲଏଡ଼ ସାହେବ ଏଠାରେ ବସତି ସ୍ଥାପନ, ବାଟଘାଟ ପ୍ରସ୍ତୁତ କଲେ । ୧୮୪୯ ଖ୍ରୀଷ୍ଟାବ୍ଦରେ ପୁଣି ଏକ ସୁଯୋଗ ଉପସ୍ଥିତ ହେଲା; ସିକିମରାଜ ଧର୍ମ କାର୍ଯ୍ୟରେ ମନ ପ୍ରାଣ ଅର୍ପଣ କରି, ରାଜକାର୍ଯ୍ୟ ଦେବାନଙ୍କ ହସ୍ତରେ ନ୍ୟସ୍ତ କରିଥିଲେ । ସରକାର ଗବର୍ଣ୍ଣମେଣ୍ଟ ଓ ସିକିମରାଜାଙ୍କ ଅନୁମତି ଗ୍ରହଣ କରି ଡାକ୍ତର କାମ୍ବେଲ ଓ ହୁକର ସାହେବଦ୍ୱୟ ସିକିମ ଭ୍ରମଣ କରିବାକୁ ଯାଇଥିଲେ, ଦୁଷ୍ଟବୁଦ୍ଧି ଦେବାନ କର ବୃଦ୍ଧି ଆଶାରେ ସେମାନଙ୍କୁ କଏଦ କଲେ, ଫଳରେ ଯୁଦ୍ଧର ଆୟୋଜନ ହେଲା, ଏମାନେ ମୁକ୍ତି ପାଇଲେ, ନେପାଳ ଓ ତିସ୍ତା ମଧ୍ୟସ୍ଥ ସମସ୍ତ ସ୍ଥାନ ଇଂରେଜଙ୍କ କରଗତ ହେଲା, ଦେୟ ଜମା କଟିଗଲା । ପ୍ରଥମରେ ବାଣିଜ୍ୟ ଓ ସୀମାନ୍ତ ରକ୍ଷାର ସୁବିଧା ପାଇଁ ମାଇଲ ପ୍ରତି ପ୍ରାୟ ଦେଢ଼ଲକ୍ଷ ଟଙ୍କା ବ୍ୟୟରେ ପଚିଶ ଫୁଟ ଓସାରରୁ ସଡ଼କବାଟ ଦାର୍ଜିଲିଂକୁ ଯାଇଥିଲା । ଏସଲି ଇଡ଼େନ ସାହେବଙ୍କ ଶାସନ ସମୟରେ ଚଉଦ ଲକ୍ଷ ଟଙ୍କା ମୂଳଧନରେ ଗୋଟିଏ କମ୍ପାନି ସ୍ଥାପିତ ହୋଇ ଏହି ପଥରେ ରେଲ ଚଳାଇବାର ପ୍ରସ୍ତାବ କଲେ, ସରକାରୀ କର୍ମଚାରୀ ସହାନୁଭୂତି ବଳରେ ୧୮୭୯ ଖ୍ରୀଷ୍ଟାବ୍ଦରେ କାର୍ଯ୍ୟ ଆରମ୍ଭ ହୋଇ ୧୮୮୧ ଖ୍ରୀଷ୍ଟାବ୍ଦରେ ଶେଷ ହେଲା । ମହାମାନ୍ୟ ବଡ଼ଲାଟ ଲିଟନ ସାହେବଙ୍କର ଏହାପ୍ରତି ବିଶେଷ ସହାନୁଭୂତି ଥିଲା ଓ ବଡ଼ଲାଟମାନଙ୍କ ମଧ୍ୟରେ ସର୍ବପ୍ରଥମରେ ଏହି ମହୋଦୟ ଦାର୍ଜିଲିଂ ଆସିଥିଲେ ।

ଯେତେବେଳେ ଏ ରେଲବାଟ ଫିଟି ନ ଥିଲା ସେତେବେଳେ ଲୋକେ କଲିକତାରୁ ୨୯୯

ମାଇଲ ଦୂରବର୍ତ୍ତୀ ଗଙ୍ଗାକୂଳସ୍ଥ ସାହେବଗଞ୍ଜ ନାମକ ସ୍ଥାନକୁ ଆସି, ସେଠାରୁ ପାଲିକି, ଘୋଡ଼ା ବା ଟୋଙ୍ଗାରେ ପ୍ରାୟ ୯ ଦିନରେ ଦାର୍ଜିଲିଂରେ ପହଞ୍ଚୁଥିଲେ । ସମୟ ଓ ଅର୍ଥ ବ୍ୟୟର ଏବଂ କଷ୍ଟର ସୀମା ନ ଥିଲା । ବର୍ତ୍ତମାନ ରେଲ ପ୍ରସାଦରୁ ଏ ୯ ଦିନର ବାଟ ଯିବାକୁ ଦିନେ ପୂରା ଲାଗୁ ନାହିଁ । ଏ ପଥ ତିଆରି କରିବା ପାଇଁ ବହୁତ ଅର୍ଥ ବ୍ୟୟ ହୋଇଅଛି, ଶିଳିଗୁଡ଼ିଠାରୁ ଦାର୍ଜିଲିଂ ୫୦ ମାଇଲ, ଭାରତବର୍ଷରେ ସର୍ବତ୍ର ପଚାଶ ମାଇଲର ତୃତୀୟଶ୍ରେଣୀ ଭଡ଼ା ପ୍ରାୟ ନ ଅଣା ବା ଦଶ ଅଣା, କିନ୍ତୁ ଦାର୍ଜିଲିଂ-ହିମାଳୟ ରେଲର ଏହି ପଚାଶ ମାଇଲର ତୃତୀୟଶ୍ରେଣୀ ଭଡ଼ା ନେଟଟା ପନର ଅଣା । ଅନ୍ୟତ୍ର ମହଣେ ଜିନିଷ ପଚାଶ କୋଶ ରେଲରେ ନେଲେ ଆଠଅଣା ଭଡ଼ା ପଡ଼େ, କିନ୍ତୁ ଏ ପଚାଶ ମାଇଲର ଖର୍ଚ୍ଚ ନେଟଟା ତେଅଣା । ଯାହାଙ୍କ ବୁଦ୍ଧି କୌଶଳରେ ଏ ମହାଘୋର ଦୁର୍ଗମ ପଥ ସୁଗମ ହୋଇ ନବ ନବ ସ୍ୱର୍ଗୀୟ ଦୃଶ୍ୟରାଜି ଲୋକଚକ୍ଷୁ ସମ୍ମୁଖରେ ସ୍ଥାପିତ ହୋଇଅଛି, ନଷ୍ଟ ସ୍ୱାସ୍ଥ୍ୟ ଫେରି ପାଇବାର ଉପାୟ ହୋଇଅଛି, ବାଣିଜ୍ୟାଦିର ସୁବିଧା ହୋଇଅଛି ଓ ଯାହାଙ୍କର କାର୍ଯ୍ୟକୁଶଳତା ଓ ବୁଦ୍ଧିର ପ୍ରାଚୁର୍ଯ୍ୟକୁ ଶତ ଶତ ଲୋକ ଶତ ମୁଖରେ ପ୍ରଶଂସା କରୁଅଛନ୍ତି, ସେ ଅବଶ୍ୟ ଈଶ୍ୱରାନୁଗୃହୀତ ସନ୍ଦେହ ନାହିଁ । ଏହି ପଥର ଉଦ୍ଭାବନକର୍ତ୍ତା ପ୍ରେଷ୍ଟିଜ ସାହେବ ସିମଲା ରେଲପଥ ମଧ୍ୟ ପ୍ରସ୍ତୁତ କରି ଅଛନ୍ତି । ଏହି ରେଲପଥ ଇଞ୍ଜିନିଅରିଂ ବିଦ୍ୟା ଓ କୌଶଳର ଅତି ଉତ୍କୃଷ୍ଟ ଆଦର୍ଶ ।

ଦାର୍ଜିଲିଂ ବା ଦାର୍ଜିଲିଂ-ହିମାଳୟ ରେଲ ସମ୍ବନ୍ଧରେ କିଛି ଲେଖିବାକୁ ହେଲେ କେତେଗୁଡ଼ିଏ ତଥ୍ୟ ଅତ୍ୟନ୍ତ ଆବଶ୍ୟକ । ଉତ୍କଳ ସାହିତ୍ୟରେ ତାହା ଦେବାର ସଂଗତି ମୋହର ନାହିଁ ବା ଉତ୍କଳ ସାହିତ୍ୟର ନାହିଁ । ଶିଳିଗୁଡ଼ି ସମୁଦ୍ର ପତ୍ତନଠାରୁ ୩୯୮ ଫୁଟ ଉଚ୍ଚ, ଦାର୍ଜିଲିଂ ୬୮୧୨ ଫୁଟ, ସର୍ବୋଚ୍ଚ ଷ୍ଟେସନ ଘୁମ ୭୪୦୭ ଫୁଟ ଉଚ୍ଚ, ଏହି ସମସ୍ତ ପଥ ଏକାବେଳେ ମାଇଲ ଯାଇ ରେଲଗାଡ଼ି କେବେ ସର୍ପଗତି, କେବେ ବକ୍ରଗତି, କେତେବେଳେ ଉପରକୁ, କେତେବେଳେ ତଳକୁ, କେତେବେଳେ ଆଗକୁ, କେତେବେଳେ ପଛକୁ, କେତେବେଳେ ସରଳପଥରେ, କେତେବେଳେ ବକ୍ର (Zig Zag) ପଥରେ ଯାଏ । ସାଧାରଣ ପଥରେ ଗାଡ଼ି ଘଣ୍ଟାରେ ୩୦।୪୦ ମାଇଲ ପର୍ଯ୍ୟନ୍ତ ଗଲେ, କିନ୍ତୁ ଏ ପଚାଶ ମାଇଲ ଉଠିବାକୁ ୬ ଘଣ୍ଟା ଲାଗେ, ଓହ୍ଲାଇବାବେଳକୁ ଅଧିକ ସାବଧାନତା ଆବଶ୍ୟକ, ସେହେତୁରୁ ପ୍ରାୟ ୭। ଘଣ୍ଟା ଲାଗେ । କୁଣ୍ଡଳୀ ପଥ (loop) ରିଭର୍ସ ପଥ (reverse) ଗୁଡ଼ିକ ଯେପରି ଦେଖିବାକୁ ସୁନ୍ଦର ସେହିପରି ସ୍ଥପତି ବିଦ୍ୟାର ଶ୍ରେଷ୍ଠ ଆଦର୍ଶ । ବାଟର ନୈସର୍ଗିକ ଓ କୃତ୍ରିମ ଦୃଶ୍ୟ ଗୁଡ଼ିକ କମନୀୟ ଓ ବିସ୍ମୟକର । ଶିଳିଗୁଡ଼ିଠାରେ ଯୁବବଙ୍ଗର ଇଂରେଜଙ୍କର ଗୋଟାଏ ଅଡ୍ଡା ଅଛି । ଏ ଅଞ୍ଚଳରେ ମଧ୍ୟ ଏକ ମହାନଦୀ ଅଛି, ତାହା ଉପରେ ସାତ ଫୁକାର, ୭୦୦ ଫୁଟ ଲମ୍ବର ଲୁହା ପୋଲ ପ୍ରସ୍ତୁତ ହୋଇ ଅଛି । ଶିଳିଗୁଡ଼ି ଓ ସୁକନା ଷ୍ଟେସନର ମଧ୍ୟସ୍ଥ ସ୍ଥାନ ତରାଇର ଅନ୍ତର୍ଗତ, ଏ ଅଞ୍ଚଳରେ ଭୟଙ୍କର ଜ୍ୱର ହୁଏ, ଏପରି କି କେତେକ ଘଣ୍ଟା ସେଠାରେ ରହିଲେ ଜ୍ୱର ହେବାର ଆଶଙ୍କା । ହସ୍ତୀ ସମସ୍ତଙ୍କ ପ୍ରାଣ ନିଏ, ବାଘରେ ପୁଣି କାଟ ହୁଅନ୍ତି, ଏ ସ୍ଥାନର ଅଧିବାସୀମାନେ ପୁଣି ଅନ୍ୟ ସ୍ଥାନକୁ ଗଲେ ଅସୁସ୍ଥ ହୁଅନ୍ତି । ଏହିଠାରୁ ଚା ବଗିଚା ପ୍ରଥମେ ଦୃଷ୍ଟିପଥରେ ପଡ଼େ, ଦେଖିବାକୁ ଅତି ସୁନ୍ଦର, ପାହାଡ଼ ଦେହସାରା ଘନ ପଲ୍ଲବିତ ଗଛର ବୁଦାପରି ସଜ୍ଜିତ ହୋଇ ରୋପିତ ହୋଇଥାଏ । ସୁକନା ଷ୍ଟେସନ ପରେ ଦୁର୍ଭେଦ୍ୟ ଗହନବନ, ସୂର୍ଯ୍ୟକିରଣ ପଡ଼ିବାକୁ ନାହିଁ, କେତେକ ସମତଳ ପ୍ରଦେଶର କେତେକ ପାର୍ବତ୍ୟ ଅଞ୍ଚଳର ଦୃଶ୍ୟରେ ପୂର୍ଣ୍ଣ, କେଉଁଠାରେ ସରଳ ସମୁନ୍ନତ

ଶାଳତରୁ, କେଉଁଠାରେ ବହୁବର୍ଣ୍ଣ ତୃଣଗୁଚ୍ଛ, ଅଧିକାଂଶ ଅଜଣାଗଛ, କେଉଁଠି ଗଛଯାକ ଲତା ପତ୍ରରେ ଆଚ୍ଛନ୍ନ ହୋଇ ରହିଛି, କେଉଁଠି ବା ଗଛର ମୂଳରୁ ଅଗପର୍ଯ୍ୟନ୍ତ ଶୈବାଳମୟ, ଯେତେବେ ଉପରକୁ ଉଠିବାକୁ ହୁଏ, ସେତେବେ ତଳର ଶାଳ ଦେବଦାରୁଠାରୁ ଗଗନ ପର୍ଯ୍ୟନ୍ତ ସମାନ ଉଚ୍ଚ ଦେଖାଯାଏ । ଭଗବାନଙ୍କ ଆସନ ଉପରେ, ତାଙ୍କ ବକ୍ଷରେ ତୃଣ ଏହିହେତୁରୁ ବଡ଼ ସାନ ସବୁ ସମାନ । ଏହି ଅରଣ୍ୟରେ ବାଘ ଭାଲୁ, ହାତୀ, ଅରଣା, ବଳଥ, ଗଣ୍ଡାର, ହରିଣ ସବୁ ଅଛନ୍ତି । ଥରେ ବଣହାତୀ ଆକ୍ରମଣ ଏଡ଼ି ନ ପାରି ରେଳଗାଡ଼ିକୁ ସୁକନା ଷ୍ଟେସନକୁ ଫେରାଇ ଅଣିବାକୁ ହୋଇଥିଲା । ଏହି ଅରଣ୍ୟାନୀ ପରେ ଦୃଶ୍ୟବୈଚିତ୍ର୍ୟ ଅପରୂପ ଅଟେ; ରେଳବାଟ ପାହାଡ଼ ଦେହେ ଦେହେ ବୁଲି ବୁଲି ଯାଇଥାଏ, ଏକ ପାଖରେ ଆକାଶ ସ୍ପର୍ଶ କରି ପାହାଡ଼ ଠିଆ ହୋଇଅଛି, ଅନ୍ୟ ପାଖରେ ତଳକୁ ଚାହିଁଲେ ମୁଣ୍ଡ ଘୂରିଯିବ, ଗଡ଼ି ପଡ଼ିଲେ ପାତାଳପୁରେ ଯାଇ ହୁଏତ ପଡ଼ିବାକୁ ହେବ । ହଠାତ୍ ହିମାଳୟ ପର୍ଯ୍ୟନ୍ତ ସମସ୍ତ ଭୂଭାଗ, ବନ, ଉପବନ, ଗ୍ରାମ, ଶସ୍ୟଶ୍ୟାମଳ କ୍ଷେତ୍ର, ନଦୀ ସୈକତ ସବୁ ଦେଖାଯାଏ, ନିମେଷକେ ହୁଏତ ଏକ ଉନ୍ନତ ଗିରି-ଶୃଙ୍ଗ ସମ୍ମୁଖରେ ଠିଆ ହୋଇ ସବୁ ତିରୋହିତ କରେ; ପାହାଡ଼ ଦେହଯାକ ଚା ବଗିଚା; ଶ୍ୟାମଳ ଶସ୍ୟକ୍ଷେତ୍ର ମଧ୍ୟସ୍ଥ ଶୁଭ୍ର ଲୌହାଳୟ ଗୁଡ଼ିକ ଅପୂର୍ବ ସୁନ୍ଦର ଦିଶେ; ପାହାଡ଼ ଉପର ଦେବଦାରୁ ଦ୍ରୁମଗୁଡ଼ିକ, ଉପତ୍ୟକାରକ୍ଷକ ସିପାହିସମୂହ-ପରି ଦିଶନ୍ତି, ସ୍ଥାନେ ସ୍ଥାନେ ଗିରିନଦୀଗୁଡ଼ିକ ପାହାଡ଼ବେଷ୍ଟିତ ଜଳାଶୟ ପରି ଦେଖାଯାନ୍ତି । ରେଳ କ୍ରମଶଃ ଉପରକୁ ଉଠୁଛି, ସ୍ଥାନେ ସ୍ଥାନେ କିଛିଦୂର ପଛକୁ ଘୁଞ୍ଚି ଯାଉଅଛି, ସେହି ଏକ ଘୁଞ୍ଚାରେ ହୁଏତ ଦଶ ପନର ଫୁଟ ଉପରକୁ ଉଠି ଯାଉଅଛି, ଏକ ଏକ ସ୍ଥାନରେ କୁଣ୍ଡଳୀ ପଥରେ ଘୋଲବାଟେ ବୁଲି ଯାଇ କମେଘରେ ଯେଉଁଠି ଥିଲା, ଠିକ ତାହା ଉପରେ ଗଡ଼ି ଉପସ୍ଥିତ ହେଉଅଛି । ଅଧେ ବାଟ ଗଲେ, ଅର୍ଥାତ୍ ଶିଳିଗୁଡ଼ିଠାରୁ ପଚିଶମାଇଲ ଦୂରରେ ପାଗଳାଝୋର (Mad torrent) ନାମକ ପ୍ରସିଦ୍ଧ ପ୍ରପାତ, ସ୍ୱଚ୍ଛ ନିର୍ମଳ ଜଳ ମନପ୍ରାଣତୃପ୍ତିକର, ଏହାର ପ୍ରତାପ ସାମାନ୍ୟ ନୁହେ, ୧୮୯୦ ସାଲରେ ପ୍ରାୟ ୮୦୦ ଫୁଟ ରେଳବାଟ, ୫୦୦ ଫୁଟ ରେଲ ଭସାଇ ନେଇଥିଲା । ଏ ଅଞ୍ଚଳ ଉଚ୍ଚତମ ମହାଲାଦ୍ରି ପର୍ବତ-ଶ୍ରେଣୀର ଅଂଶ, ଏହେତୁରୁ ମେଘମାଳା ଉଚ୍ଚ ଗିରି ଶୃଙ୍ଗରେ ବାଧା ପାଇ ପ୍ରଚୁର ବାରି ପାତ ହୁଏ, ଏହି ହେତୁରୁ ଗ୍ରୀଷ୍ମ ଷ୍ଟେସନରେ କେବେ କୁହୁଡ଼ି ମେଘ ଛାଡ଼ି ନ ଥାଏ । ଏଣିକି ପ୍ରପାତ ଝରଣାର ସଂଖ୍ୟା ବେଶି, ସ୍ଥାନ ସ୍ଥାନରେ ପର୍ବତ ଦେହ ଏପରି ମେଘାବୃତ ହୋଇଥାଏ, ବୋଧ-ହୁଏ ଯେପରି କି କୋଟାଏ ମେଘର ବଡ଼ ପରଦା ଦିଆ ହୋଇଅଛି । ଶିଳିଗୁଡ଼ି ଛାଡ଼ିବାବେଳେ ଆକାଶ ଅତି ନିର୍ମଳ, ରବିକର ଉଜ୍ଜ୍ୱଳ ଥିଲା, ଅଧାବାଟରେ ହଠାତ୍ ସବୁ ଅନ୍ଧାର ହୋଇଗଲା, ମୁହଁକୁ ମୁହଁ ଦିଶିଲା ନାହିଁ, ଘୋରଅନ୍ଧେ କୁହୁଡ଼ି, ମନେ ହେଲା ଆମ୍ଭେମାନେ ସ୍ଥଳପଥରେ ନାହୁଁ, ଜଳମଧ ଦେଇ ଆସୁଅଛୁଁ, ଚାରିପାଖରେ ସମସ୍ତ ସ୍ଥାନ ହିମାଳୟବ୍ୟାପୀ ଜଳରାଶିରେ ପୂର୍ଣ୍ଣ ହୋଇ-ଅଛି; ଆଉ କିଛି ଉପରକୁ ଉଠିଲାରୁ ବର୍ଷା, ପ୍ରବଳ ଶୀତ ଭୋଗିବାକୁ ହେଲା । ମଧ୍ୟରେ ମଧ୍ୟରେ ହଠାତ୍ ସୂର୍ଯ୍ୟ ଦେଖାଦେଇ ସବୁ ପରିଷ୍କାର କରି ଦିଅନ୍ତି, ପରମୁହୂର୍ତ୍ତରେ ଯେଉଁ ଅନ୍ଧାରକୁ ସେହି ଅନ୍ଧାର । ମହାନଦୀ ଷ୍ଟେସନ-ଠାରୁ ଦାର୍ଜିଲିଂ ପର୍ଯ୍ୟନ୍ତ ବାମପାର୍ଶ୍ୱରେ ସମତଳ ଭୂମି, ଦକ୍ଷିଣପାର୍ଶ୍ୱରେ ପାହାଡ଼ ରହେ । ବାଟରେ କୁରସିଙ୍ଗ ପ୍ରଧାନ ଷ୍ଟେସନ, ଏହା ଶିଳିଗୁଡ଼ିଠାରୁ ୩୨ ମାଇଲ ଦୂର, ସମୁଦ୍ରପତ୍ତନରୁ ୪୮୫୬ ଫୁଟ ଉଚ୍ଚ । ଏହିସ୍ଥାନର ଟ୍ରେନିଂ କଲେଜରେ ବଙ୍ଗ ବେହାର ଓଡ଼ିଶାର ଉପାଧ୍ୟାୟମାନେ ଛ ମାସ ପଢ଼ି ଶିକ୍ଷାଦାନ ପ୍ରଣାଳୀରେ ସୁଶିକ୍ଷିତ ହୋଇ ଫେରି

ଯାଉଛନ୍ତି; ଏମାନଙ୍କ ପ୍ରସାଦରେ ବଙ୍ଗ ପ୍ରଦେଶରେ କେଣ୍ଡରଗାର୍ଟେନ ପ୍ରଣାଳୀରେ ଶିକ୍ଷା ଦାନର ପ୍ରସାର ହେବ । ସ୍କୁଲ, ଡାକଘର, ଜେଲ, ହୋଟେଲ, ଗିର୍ଜା, ବଜାର, ଧର୍ମ ଅର୍ଥ କାମ ମୋକ୍ଷ ଯାହାକୁ ଆବଶ୍ୟକ ସବୁ ଏଠାରେ ଅଛି । ପ୍ରାକୃତିକ, ଦୃଶ୍ୟ ଅତି ରମଣୀୟ, ପ୍ରାନ୍ତର, ବନ, ହିମାଚ୍ଛନ୍ନ ହିମାଳୟ ଶୃଙ୍ଗ ପ୍ରଭୃତି ଦୃଶ୍ୟବୈଚିତ୍ର୍ୟ ଏସ୍ଥାନକୁ ମନୋରମ କରୁଅଛି । ମାଟିରେ ଅଭ୍ରର ଭାଗ ବେଶି । ଏଠାରୁ ଦାର୍ଜିଲିଂକୁ ବଣ ଭିତରେ ବାଟ ଅଛି । ସେନଚଲ—ଯେଉଁଠାରୁ ହିମାଳୟର ସର୍ବୋଚ୍ଚ ଶୃଙ୍ଗ ଏଭରେଷ୍ଟ ଦେଖାଯାଏ, ଯେଉଁଠାରୁ ଏଭରେଷ୍ଟ ଉପରେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଶୋଭା ଦର୍ଶନ ଅତି ସୌଭାଗ୍ୟ ବୋଲି ପରିଗଣିତ ହୁଏ, ସେହିସ୍ଥାନକୁ ଯିବାକୁ ମଧ୍ୟ ବାଟ ଅଛି । ଏହିଠାରୁ ନାନାଶ୍ରେଣୀର ପାର୍ବତୀୟ ଜାତି ଦେଖାଯାନ୍ତି, ସେମାନଙ୍କ ଆକାର ପ୍ରକାର ସମତଳବାସିଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଟୁଙ୍ଗ ଷ୍ଟେସନ ପାଖରେ ଫର୍ନ (fern) ଜାତୀୟ କତିଗଛ ଅଛି, ତାକୁ ଟ୍ରି-ଫର୍ନ (Treefern) କହନ୍ତି, ସେଗୁଡିକ ଦେଖିବାକୁ ବେଭେଚାଂଶରେ ଖଜୁରି ଗଛ ପରି, ବଳୁ ଅତି ସୁନ୍ଦର, ଏ ବୃକ୍ଷର ସଂଖ୍ୟା ବିରଳ । ସର୍ବୋଚ୍ଚ ଷ୍ଟେସନ ଘୁମରେ ଜଣେ ଭୁଟିଆ ବୁଢ଼ୀ ଭିକ୍ଷା ମାଗେ, ଗାଡି ପହଞ୍ଚିବା ବେଳକୁ ସେ ନିଶ୍ଚୟ ଉପସ୍ଥିତ ଥାଏ, ତାହାର ବୟସ ଏକଶ ବର୍ଷରୁ ବେଶି, ଲୋଲଚର୍ମ ଛିନ୍ନବସ୍ତ୍ର, ତନୁ ଅତନ ଉଦ୍‌ବେଗଶୂନ୍ୟ, ଅନନ୍ୟପୂର୍ଣ୍ଣ, ଦେହ ସୁସ୍ଥ, ସବଳ । ଇଂରେଜମାନେ ତାହାର ନାମକରଣ ଘୁମ ଡାହାଣୀ (Ghoom witch) କରିଅଛନ୍ତି । ସେ ହୁଏତ ଚଳର ନିକଟ । ତାହାର ଫଟୋଗ୍ରାଫ ଛବି ଇଂରେଜ ପୁସ୍ତକମାନଙ୍କରେ ଅଛି । ଦାର୍ଜିଲିଂ ଓ କଲିକତାର ବଡ଼ ବଡ଼ ଫଟୋ ଗ୍ରାଫ ଦୋକାନରେ ତାହାର ଛବି ଦେଖିଛି । ବଙ୍ଗଳା ସ୍କୁଲ ପାଠ୍ୟ ସାହିତ୍ୟ ପାଠରେ ମଧ୍ୟ ତା ଛବି ବୋଧହୁଏ ବାହାରୁଛି । ଇଂରେଜଙ୍କ ପ୍ରସାଦରେ ଅସଭ୍ୟ, ଦରିଦ୍ର ଭୁଟିଆ ବଣରେ ଜନ୍ମ ହୋଇ ଅମର ହୋଇ ରହିଲା । ଘୁମରୁ ଦାର୍ଜିଲିଂକୁ ଓହ୍ଲାଇ ଯିବାକୁ ହୁଏ, ରେଲରୁ ଦାର୍ଜିଲିଂର ଦୃଶ୍ୟ ମନପ୍ରାଣ ମୁଗ୍ଧ କରେ, ମନରେ ଏକ ପ୍ରକାର ଅଦ୍ଭୁତ ଆନନ୍ଦ ଉତ୍ପାଦ ଜାତ ହୁଏ । ପାହାଡ଼ ଦେହରେ ନାନା ବର୍ଣ୍ଣର ନାନା ଆକାରର ଗୃହଗୁଡିକ ବନ୍ଧୁର ବନଭୂମିରେ ନାନା ଜାତି, ନାନା ବର୍ଣ୍ଣର ଅଗଣିତ ଫୁଲ ଫୁଟିଥିବା ପରି ଦିଶେ । ଗୃହ୍ନ ଗୃହ୍ନ ଭୂସ୍ୱର୍ଗ ଦାର୍ଜିଲିଂରେ ଗାଡି ଉପସ୍ଥିତ ହୁଏ, ଗାଡିରୁ ଓହ୍ଲାଉଣୁ ରିକସଛାଣ୍ଡି ପ୍ରଭୃତି ଅପରିଚିତ ଯାନ, ଅଦ୍ଭୁତ ଅପରିଚିତ ସ୍ୱର, ଅପୂର୍ବ ବେଶ ଆଖି କାନରେ ପଡ଼େ । ପ୍ରଧାନ ପ୍ରଧାନ ହୋଟେଲ ଓ ବିଶ୍ରାମାଗାରର ଦୂତମାନେ ଗନ୍ତୁକଙ୍କ ଅଭ୍ୟର୍ଥନା କରିବାକୁ ଉପସ୍ଥିତ ଥାନ୍ତି । ମାର୍ଜିତ ପଣ୍ଡାଗିରି ଏଠାରେ ମଧ୍ୟ ଛାଡ଼ି ନାହିଁ ।

କ୍ରମଶଃ

ଶ୍ରୀ ଶ୍ୟାମସୁନ୍ଦର ଦାସ ।

ଲକ୍ଷ୍ମୀସରସ୍ୱତୀ-ସମ୍ବାଦ ।

ଦ୍ୱିତୀୟ ଦିନ ।

ସରସ୍ୱତୀ । ତୁମ୍ଭେ ସେ ଦିନ କହିଥିଲ ଅମ୍ଭମାନଙ୍କର ଉଭୟଙ୍କ ପୂଜା ନ ହେଲେ ଜାତୀୟ ଜୀବନର ପ୍ରାପ୍ତି ମଙ୍ଗଳ ହୁଏ ନାହିଁ । ତାହିଁକି, ଉନ୍ନତ ଜାତୀୟ ସାହିତ୍ୟ ତ ଜାତୀୟ ଜୀବନ ରକ୍ଷା କରି ପାରେ ନାହିଁ ? ମୋର ମନେ ହୁଏ କେବଳ ମାତ୍ର ଜାତୀୟ ସାହିତ୍ୟ ଉପରେ ଜାତୀୟ ଜୀବନ ପ୍ରତିଷ୍ଠିତ ହୋଇ ପାରେ ।

ଲକ୍ଷ୍ମୀ । ଜାତୀୟ ସାହିତ୍ୟ ଅର୍ଥରେ ତୁମ୍ଭେ କଣ ବୁଝ ?

ସ । କାହିଁକ, ବଙ୍ଗଳା ସମ୍ବନ୍ଧରେ ଜାତୀୟ ଭାଷାରେ ଯେଉଁ ସମସ୍ତ ଗ୍ରନ୍ଥ ରଚିତ ହୋଇଅଛି, ତାହାହିଁ ଜାତୀୟ ସାହିତ୍ୟର ଅନ୍ତର୍ଭୁକ୍ତ । ଜାତୀୟ ସାହିତ୍ୟ ଜାତୀୟ ମନର ଦର୍ପଣସ୍ୱରୂପ ।

ଲ । ଭାଷା କଣ ? ଭାଷା କାହିଁକି ପ୍ରୟୋଜନୀୟ ?

ସ । ଭାଷା ପରସ୍ପର ମଧ୍ୟରେ ଭାବ ବିନିମୟର ଯନ୍ତ୍ର । ଭାବର ବିନିମୟ ପାଇଁ ଭାଷାର ପ୍ରୟୋଜନ । ଆମ୍ଭେମାନେ ଯଦି ପରସ୍ପରର ଭାବ ଓ ଚିନ୍ତା ପ୍ରତ୍ୟକ୍ଷ କରି ପାରୁଥାନ୍ତୁ ତେବେ ଭାଷାର କୌଣସି ପ୍ରୟୋଜନ ନ ଥାନ୍ତା ।

ଲ । ତେବେ ବାଗ୍‌ଦେବୀଙ୍କୁ ଚିର ବିଦାୟ ନେବାକୁ ହୁଅନ୍ତା ।

ସ । ବାଗ୍‌ଦେବୀ ଚିର ବିଦାୟ ନେଲେ ପୁଣି ବିଦ୍ୟାଦେବୀଙ୍କ ଆସନ ଅଟଳ ।

ଲ । ଅଚ୍ଛା; ମାନବ କି ତାହାର ସମସ୍ତ ଭାବ ଭାଷାରେ ପ୍ରକାଶ କରି ପାରେ ଏବଂ ପୂର୍ଣ୍ଣ ଭାବରେ ପାରେ ?

ସ । ମାନବ ମନର ଚିନ୍ତା ଓ ଭାବର ଅତି ସାମାନ୍ୟ ଅଂଶ ମାତ୍ର ଭାଷାରେ ପ୍ରକାଶିତ ହୁଏ ।

ଲ । ଏହି ଚିନ୍ତା ଓ ଭାବ ଯୋଗ କି ମାନବ ଜୀବନ, ସୁତରାଂ ଜାତୀୟ ଜୀବନ ନୁହେ ? ତେବେ ବର୍ତ୍ତମାନ ବିଚାର କରି ଦେଖ, କେବଳ ମାତ୍ର ଜାତୀୟ ସାହିତ୍ୟ ଉପରେ ଜାତୀୟ ଜୀବନ ପ୍ରତିଷ୍ଠିତ ହୋଇ ପାରେ କି ନାହିଁ । ମାନବ ଜୀବନର ଏକ ଅଂଶ ମାତ୍ର ଭାଷାରେ ପ୍ରକାଶିତ ହୁଏ ଏବଂ ଯାହା କିଛି ଭାଷାରେ ପ୍ରକାଶିତ ହୁଏ ତାହା ସବୁ ଗ୍ରନ୍ଥାକାରରେ ଲିପିବଦ୍ଧ ହୁଏ ନାହିଁ । ବର୍ତ୍ତମାନ ଦେଖ, ଜାତୀୟ ସାହିତ୍ୟ ଜାତୀୟ ଜୀବନର କେତେ ସାମାନ୍ୟ ଅଂଶ ପ୍ରକାଶ କରେ । ଜାତୀୟ ସାହିତ୍ୟ ଜାତୀୟ ମନର ଦର୍ପଣ, ତାହା ଠିକ । ଦର୍ପଣ ଯେପରି ପ୍ରତିଫଳିତ ବସ୍ତୁର ଏକ ଭାଗ—ବହିର ଭାଗଟି ପ୍ରକାଶ କରେ, ସମସ୍ତ ବସ୍ତୁଟି ଯେପରି ଦର୍ପଣରେ ମିଳେ ନାହିଁ, ସମଗ୍ର ଜାତୀୟ ଜୀବନ ମଧ୍ୟ ସେହିପରି ଜାତୀୟ ସାହିତ୍ୟରେ ମିଳେ ନାହିଁ । ସୁତରାଂ ଅଂଶ ଉପରେ ସମଗ୍ରଟି କିପରି ପ୍ରତିଷ୍ଠିତ ହେବ ?

ସ । ସମଗ୍ରଟି ନ ହେଉ ଆଭାସ ତ ଦିଏ ।

ଲ । ଜାତୀୟ ସାହିତ୍ୟ ଜାତୀୟ ଜୀବନର କିୟଦଂଶ ପ୍ରକାଶ କରେ । କିନ୍ତୁ ଅଂଶରୁ ସମଗ୍ରର ଆଭାସ ଗ୍ରହଣ କରିବାକୁ ଗଲେ ଅନେକ ସମୟରେ ଭ୍ରାନ୍ତି ଉପସ୍ଥିତ ହୁଏ । କବିଗୁରୁ ସେକ୍ସପିୟରଙ୍କ ଗ୍ରନ୍ଥାବଳୀ ପାଠ କଲେ ମନେ ହୁଏ, ଇଂରେଜଜାତି କେତେ ରାଜଭକ୍ତ, କିନ୍ତୁ ପରବର୍ତ୍ତୀ ବଂଶ ରାଜାଙ୍କ ମସ୍ତକ ଛେଦନ କରି ଏହି ଭ୍ରାନ୍ତି ଅପନୋଦନ କରିଅଛି । ଭକ୍ତିଶୀଳ ବରପୁତ୍ର ମିଲଟନ୍ ଯେତେବେଳେ କଥା କହନ୍ତି ମନେ ହୁଏ ଇଂରେଜ ଜାତି କେତେ ସାଧାରଣତନ୍ତ୍ର-ଭକ୍ତ । କିନ୍ତୁ ହା ! ତାଙ୍କ ଜୀବଦ୍ଦଶାରେ ରାଜତନ୍ତ୍ର ପ୍ରତିଷ୍ଠିତ ଏବଂ ସାଧାରଣତନ୍ତ୍ରର ପ୍ରତିଷ୍ଠାତା କ୍ରମୱେଲଙ୍କ ମୃତ ଦେହ କବରରୁ ଉତ୍ତୋଳିତ ଓ ଫାଶି କାଠରେ ଲମ୍ବିତ । ସେକ୍ସପିୟର ମିଲଟନଙ୍କର ଯେତେବେଳେ ଏହି ଦଶା ସେତେବେଳେ ରାମ, ଶ୍ୟାମ, ଯଦୁଙ୍କ କଥା କିଏ ପଚାରେ ?

ସ । ତାହା ଠିକ, ତେବେ କଣ ମନୁଷ୍ୟ ଭାଷା ଓ ସାହିତ୍ୟ ପରିହାର କରିବ ?

ଲ । ତାହା ମୁଁ କହିଲି ? ଭାଷା ଜାତୀୟ ଜୀବନର ବିକାଶର ଅନ୍ୟତମ ଉପାୟ ଓ ସାହିତ୍ୟ ଦର୍ପଣ । ଜାତୀୟ ଜୀବନବିକାଶହିଁ ମୂଳ ଉଦ୍ଦେଶ୍ୟ, ଏମାନେ ଯେ ଯେତେବେଳଯାଏ ସହାୟ, ସେତେବେଳଯାଏ ଗ୍ରହଣୀୟ । ଉପାୟର ପଦରେ ଉଦ୍ଦେଶ୍ୟକୁ ବସା ଦେଲେ ଚଳିବ ନାହିଁ । ଭାଷା ଉପାୟମାତ୍ର, ଉଦ୍ଦେଶ୍ୟ ନୁହେ । ଭାଷାକୁ ଉପାସ୍ୟ କଲେ ଚଳିବ ନାହିଁ । ଜାତୀୟଜୀବନର ବିକାଶହିଁ ଲକ୍ଷ୍ୟ । ଏହି ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେବାକୁ

ହେବ, ଏଥିରେ ଯାହା ରହିବ ରହୁ, ଯାହା ଯିବ ଯାଉ ।

ସ । ଭାଷା କ ସେହି ପଥରେ ଗୋଟିଏ ପ୍ରବଳ ସହାୟ ନୁହେ ।

ଲ । ଯେ ପରିମାଣରେ ସହାୟ, ସେହି ପରିମାଣରେ ଅଦରଣୀୟ । ମୂଳ ସହାୟ ଭାବ, ଏହି ଭାବର ବିକାଶ ପକ୍ଷରେ ଭାଷା ଅପରିହାର୍ଯ୍ୟ । ସୁତରାଂ ଯେଉଁ ଭାଷା ଏହି କାର୍ଯ୍ୟରେ ଯେତେ ବେଶି ସହାୟ, ତାହା ସେତେ ବେଶି ଅଦରଣୀୟ, ଜୀବନ ବିକାଶରେ ତାହା ସେତେ ବେଶି ଅନୁକୂଳ ।

ସ । ତୁମ୍ଭେ କହିଲ ଭାବ ମୂଳ ସହାୟ— ଇଂରେଜୀ ମଧ୍ୟ ମାନବ ମନକୁ ଅଧିକାର କରି ବସି ପାରେ ।

ଲ । ତୁମ୍ଭେ ଅତି ଠିକ୍ କଥା କହୁଅଛ । ସେଥି ପାଇଁ ସଦ୍‌ଭାବଦ୍ୱାରା ହୃଦୟ ମନ ପୂର୍ଣ୍ଣ ରଖିବାକୁ ହେବ । ନତୁବା ପରସ୍ପର ପ୍ରତି ହିଂସା ଦ୍ୱେଷ ମଧ୍ୟ ତାହାର ବଶ ନିର୍ଦ୍ଧାରଣ କରି ତ ଜାତୀୟ ସାହିତ୍ୟ ପୂର୍ଣ୍ଣ କରି ଯାଇ ପାରେ, ସେଥିରେ ଜାତୀୟ ଜୀବନ ନିମ୍ନରୁ ନିମ୍ନତର ସୋପାନ ଆଡ଼କୁ ଖସି ଯିବ ନାହିଁ କି ?

ସ । ବାସ୍ତବିକ, ଉଚ୍ଚ ଆଦର୍ଶ ବ୍ୟତୀତ ଜାତୀୟ ଜୀବନ ଗଠିତ ହୁଏ ନାହିଁ ।

ଲ । ଠିକ୍ କଥା, ଉନ୍ନତ ଆଦର୍ଶ ସମ୍ମୁଖରେ ରଖି ପ୍ରୀତି ଓ ସହାନୁଭୂତିରେ ହୃଦୟ ମନ ପୂର୍ଣ୍ଣ କରି ନିଃସ୍ୱାର୍ଥ ଭାବରେ ଲକ୍ଷ୍ୟପଥରେ ଅଗ୍ରସର ହେବାକୁ ହେବ, ନତୁବା ଜୀବନଟାଯାକ ଅମ୍ଭ-ମାନଙ୍କ ଭାଷା, ଅମ୍ଭମାନଙ୍କ ସାହିତ୍ୟ ବୋଲି ଚିତ୍କାର କରି, କମ୍ପା ନାଦରେ ଗେଲ ଦେଇ ଶୁଅ, ବାହିରେ କିଛି ହେବ ନାହିଁ, ତୁମ୍ଭେ ଯେଉଁ ଅନ୍ଧାରରେ ସେହି ଅନ୍ଧାରରେ ରହିବ । ଏହି ଯେ ଆଦର୍ଶ, ତାହା ଚିର ଉନ୍ନତିଶୀଳ, ଚିର ବିକାଶଶୀଳ, ଊର୍ଦ୍ଧ୍ୱପଥରେ ଯାଇ ଅଟକିଲେ ଚଳିବ ନାହିଁ । ଅଟକିଲେ ମୃତ୍ୟୁ, ଜୀବନ ଚିର ଜାଗ୍ରତ, ଚିର କାର୍ଯ୍ୟତତ୍ପର । ସାହିତ୍ୟ ଯଦି ଏହି ଉନ୍ନତିଶୀଳ ଆଦର୍ଶର ଦର୍ପଣ ହୁଏ, ତେବେ ତାହା ଅଦରଣୀୟ, ନତୁବା ତାହାକୁ ବର୍ଜ୍ଜନ କରିବା ଶ୍ରେୟସ୍କର ।

ସ । ଆଚ୍ଛା କହିଲ, ସାହିତ୍ୟ ଯଦି ଯଥେଷ୍ଟପରିମାଣରେ ବିକାଶପ୍ରାପ୍ତ ହୁଏ ତେବେ କି ତାହା ଜାତୀୟ ଜୀବନ ରକ୍ଷା କରିବାକୁ ସମର୍ଥ ହେବ ନାହିଁ ?

ଲ । ଘୁରି ଫେରି ପୁଣି ସେହି ଆବର୍ତ୍ତରେ ଆସି ପଡ଼ିଲ । ସାହିତ୍ୟ ଜୀବନ ନୁହେ, ଜୀବନ ମାନବର ଜ୍ଞାନ ଭାବ ଇଚ୍ଛାଦ୍ୱାରା ଆଦର୍ଶର ଅନୁବର୍ତ୍ତନ । ଯେଉଁଠାରେ ଏହି ଅନୁବର୍ତ୍ତନ ଅଛି, ସେଠାରେ ଜୀବନ ଅଛି । ଯେଉଁଠାରେ ତାହା ନାହିଁ, ସେଠାରେ ଜୀବନ ନାହିଁ । ଗୋଟାଏ ପ୍ରକାଣ୍ଡ ସାହିତ୍ୟ ଥିଲେ କଣ, ନ ଥିଲେ ବା କଣ ? ରୋମର ଦୃଷ୍ଟାନ୍ତ ଗ୍ରହଣ କର, ରୋମର କଣ ସାହିତ୍ୟ ନ ଥିଲା ? ଏତେ ବଡ଼ ସାହିତ୍ୟ କେତେଟା ଜାତିର ବା ଅଛି ? କିନ୍ତୁ ଗ୍ରୀସ୍ ବିଜୟ ପରେ କଣ ହେଲା ? ବିଜିତର ହାତରେ ପ୍ରାଣ ଦେବାକୁ ହେଲା ନାହିଁ କି ? ଗ୍ରୀସର ଆଦର୍ଶ ରୋମର ଆଦର୍ଶ ଅପେକ୍ଷା ଉନ୍ନତ ଥିଲା । ସେଥି-ପାଇଁ ଧର୍ମ, ଦର୍ଶନ, ସାହିତ୍ୟରେ ଗ୍ରୀସର ପ୍ରଭାବ ଫୁଟି ଉଠିଲା, ପରିବର୍ତ୍ତନ ଏତେ ଦୂର ପର୍ଯ୍ୟନ୍ତ ହୋଇଥିଲା ଯେ ଗ୍ରୀକ୍ ଦେବ ଦେବୀଗଣ ଆସି ରୋମର ଦେବ ଦେବୀଙ୍କ ସ୍ଥାନ ଅଧିକାର କଲେ । ପୁଣି ଗ୍ରୀସର କଥା ଭାବି ଦେଖ । ଏତେ ବଡ଼ ସାହିତ୍ୟ ଯାହାର—ଯଥାର୍ଥ ସାହିତ୍ୟ ବାଦ ଦେଲେ ଏତେ ବଡ଼ ଉନ୍ନତ ସାହିତ୍ୟକୁ ପ୍ରାଚୀନ କାଳରେ ଆଉ କାହାର ନ ଥିଲା—ସେହି ଗ୍ରୀକ୍ ଜାତି ଆଜି କେଉଁଠାରେ ? ଯେଉଁ ଗ୍ରୀକ୍ ଜାତିର ଭାଷା ଓ ସାହିତ୍ୟର ତୁଳନା ଜଗତରେ ଅତି ଅଳ୍ପ ଅଛି, ସେହି ଜାତିର ଯେତେବେଳେ ଏପରି ଦଶା, ସେତେବେଳେ ଅନ୍ୟର କଥା କଣ କହିବ ? ମାତା ଧରିତ୍ରୀ ସ୍ୱୀୟ ବକ୍ଷରେ ସନ୍ତାନଙ୍କ ପାଇଁ ରସ ସଞ୍ଚୟ କରି ରଖିଅଛନ୍ତି, ଯେ ଆକର୍ଷଣ

ହୋଇ ନେଇ ପାରେ ସେ ବର୍ଦ୍ଧିତ ହୁଏ, ଅନ୍ୟମାନେ ଶୁଷ୍କ ହୋଇଯାନ୍ତି । ଯେଉଁ ଗ୍ରୀକ୍ ସାହିତ୍ୟ-ସାଗରରୁ ରସ ସଞ୍ଚୟ କରି ଶତଶତ ବର୍ଷ ହେଲା ଇଉରୋପୀୟ ଜାତିସକଳ ପରିପୁଷ୍ଟ ହେଉଅଛନ୍ତି ସେହି ଗ୍ରୀକ ଜାତିକୁ ଆଜି ଇତିହାସପୃଷ୍ଠାରେ ଅନୁସନ୍ଧାନ କରିବାକୁ ପଡୁଅଛି । ସେଥିପାଇଁ କହୁଅଛି, ଜୀବନ ପ୍ରୟୋଜନ, ଉପଯୁକ୍ତ ଜୀବନ ଯେନ ଆଦର୍ଶର ଅନୁଗମନ ପ୍ରୟୋଜନ, ନତୁବା ଜାତୀୟ ସ୍ୱାତନ୍ତ୍ର୍ୟ ରକ୍ଷା ଅସମ୍ଭବ ।

ସ । ଭଗିନି, ତୁମ୍ଭର କଥାରେ ମୋର ଅନେକ ଭ୍ରାନ୍ତି ଦୂର ହେଲା । ତୁମ୍ଭକୁ ସେ ଦିନ ଯେଉଁ ବ୍ୟଙ୍ଗ କରିଥିଲି, ସେଥିପାଇଁ ମୁଁ ଅତ୍ୟନ୍ତ ଦୁଃଖିତ । ସମୟ ମିଳିଲେ ଏ ସମ୍ବନ୍ଧରେ ଆଉ ଦିନେ ଆଲୋଚନା କରିବା ।

ଶ୍ରୀ ଗରୁତ୍ର

ଭୂଆଁ ।

ଭୂଆଁ କଥାଟା ଓଡ଼ିଶାର ସର୍ବାଞ୍ଚଳରେ ପ୍ରଚଳିତ କି ନାହିଁ, ଅମ୍ଭମାନଙ୍କୁ ଜଣା ନାହିଁ । ସୁତରାଂ ହୋଇଲେ କୌଣସି ପାଠକଙ୍କ ବୁଝିବାପକ୍ଷରେ ଅସୁବିଧା ଘଟିବ ଏହି ଆଶଙ୍କାରେ ଅମ୍ଭେମାନେ କଥାଟାର ଅର୍ଥ ସ୍ପଷ୍ଟ କରି ଦେବା ଆବଶ୍ୟକ ମନେ କରୁଅଛୁଁ । ଶବ୍ଦଟି ବୋଧହୁଏ 'ଭ୍ରମିବା' ଶବ୍ଦରୁ ଜାତ ହୋଇଅଛି । ମନୁଷ୍ୟ ଭ୍ରମରେ ପଡ଼ି ପଥ ହରାଇ ବୁଲୁଥାଏ, ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରେ ନାହିଁ, ଅତଏବ ଏହାର ନାମ ଭୂଆଁ । ରାତ୍ରି କାଳରେ ବାଲୁକାମୟ ପ୍ରଦେଶରେ ଅଥବା ସୁବିସ୍ତୀର୍ଣ୍ଣ ପ୍ରାନ୍ତରରେ ସାଧାରଣତଃ ଏପରି ଘଟିଥାଏ । ସାଧାରଣ ଲୋକଙ୍କର ବିଶ୍ୱାସ ଯେ ଏପରି ଗୋଟିଏ ଗୋଟିଏ ସ୍ଥଳ ଅଛି, ସେଠାରେ ପଥିକମାନଙ୍କ ଏହିପରି ଦୁର୍ଦ୍ଦଶା ଭୋଗ କରିବାକୁ ହୁଏ । ସମୟ ସମୟରେ ସମସ୍ତ ରାତ୍ରି ଏହିପରି ବୁଲି ବୁଲି ଅତିବାହିତ ହୋଇଯାଏ । ଏପରି ସ୍ଥାନମାନଙ୍କ ପ୍ରତି ଲୋକଙ୍କର ଭାରି ଭୟ । ଅମ୍ଭେମାନେ ବାଲ୍ୟ କାଳରେ ଭୂଆଁବୁଲା ସମ୍ବନ୍ଧରେ ଅନେକ କୌତୂହଳଜନକ ଗଳ୍ପ ଶୁଣିଅଛୁଁ । ଅତ୍ୟନ୍ତ ସତର୍କତା ଅବଲମ୍ବନ ନ କଲେ ଭୂଆଁ ଅତିକ୍ରମ କରିବା କଠିନ । କେବଳ ଯେ ସମସ୍ତ ରାତ୍ରି ବୁଲି ବୁଲି କ୍ଳାନ୍ତ ହେବାକୁ ପଡ଼େ, ତାହା ନୁହେ, ତାହା ଉପରେ ଅନ୍ୟର ବିପଦ ଅଛି । ସମୟ ସମୟରେ ଡାହାଣୀ ଚିରଗୁଣୀଙ୍କ ଅନୁଗ୍ରହ ପଥିକ ମନରେ ଗୃହାଦିର ଭ୍ରମ ଜନ୍ମାଇ ଦେଇ ଆକର୍ଷଣ କରି ନିଏ ଏବଂ ଏଥିରେ ଅନେକଙ୍କର ମୃତ୍ୟୁ ପର୍ଯ୍ୟନ୍ତ ଘଟିଥାଏ । ସ୍ଥଳରେ ଭୂଆଁ ଡାହାଣୀଙ୍କି ଏହିପରି । କେତେ ଲୋକ ଏହାକୁ ଅପଦେବତାର କାର୍ଯ୍ୟ ବୋଲି ନିର୍ଦ୍ଦେଶ କରିଥାନ୍ତି । ସେ ଯାହାହେଉ ସମୟ ସମୟରେ ଅନ୍ଧକାରରେ ପଥ ଯୁଝି ଯୁଝି ମନୁଷ୍ୟ ନିର୍ଜନ ପ୍ରଦେଶରେ ପଥଭ୍ରଷ୍ଟ ହୋଇ ଇତସ୍ତତଃ ଭ୍ରମଣ କରିବା କିଛି ଅଧିକ ଆଶ୍ଚର୍ଯ୍ୟର ବିଷୟ ନୁହେ । କେବଳ ଯେଉଁମାନେ ସାବଧାନତାସହକାରେ ପୂର୍ବରୁ ଦିଗ ନିରୂପଣ କରି ଲକ୍ଷସ୍ଥଳ ଆଡ଼କୁ ଅଗ୍ରସର ହୁଅନ୍ତି, ସେହିମାନେ ଭୂଆଁ ଅତିକ୍ରମ କରିବାକୁ ସମର୍ଥ ହୁଅନ୍ତି । ଶ୍ରେଷ୍ଠ ଉପାୟ ସାବଧାନତା ଓ ଅନନ୍ୟମନସ୍କତା ଏ କ୍ଷେତ୍ରରେ ଦରକାର ।

ଏହି ତ ବାହାରର ଭୂଆଁର ରହସ୍ୟ । ଏ ସଂସାରରେ ମାନବଜୀବନରେ କେତେ ଅଗଣ୍ୟ ଭୂଆଁସ୍ଥଳ ଅଛି ଏବଂ କେତେ ଅଗଣ୍ୟ ମାନବ ଗୋଟିଏ ଗୋଟିଏ ଭୂଆଁରେ ପଡ଼ି ସୁଦୀର୍ଘ ଜୀବନଟା କେବଳ ବୁଲି ବୁଲି କଟାଇ ଦେଇଅଛନ୍ତି ଓ ଦେଉଅଛନ୍ତି, ପୁଣି କେତେ ଅସତର୍କ ମାନବ ଡାହାଣୀ ଚିରଗୁଣୀଙ୍କ ମାୟାରେ ଭୁଲି ପ୍ରାଣ ହରାଉଅଛନ୍ତି, ତାହା କିଏ ନିରୂପଣ କରି ପାରିବ ? ଭୂଆଁ ବୁଲୁଥିବା ବେଳେ ମନୁଷ୍ୟ ଯେପରି ଆତ୍ମପ୍ରତାରିତ ହୋଇ ଲକ୍ଷ ଆଡ଼କୁ ଅଗ୍ରସର ହେଉଥିବାର କଳ୍ପନା କରି ନିଏ, ଏ ସଂସାରର ଅଗଣ୍ୟ ମନୁଷ୍ୟଙ୍କର ସେହି ଦଶା । ଲକ୍ଷ୍ୟଭ୍ରଷ୍ଟ ପଥଭ୍ରାନ୍ତ ହୋଇ ପୁଣି ସେମାନେ ଲକ୍ଷ୍ୟ

ଅଡ଼ିକୁ ଅଗ୍ରସର ହେଉଥିବାର କଳ୍ପନା କରି ଧାବିତ ହେଉଥାନ୍ତି ! ଈଶ୍ୱରଲାଭ ଉଦ୍ଦେଶ୍ୟରେ ମନୁଷ୍ୟ ଯେଉଁଣସି ନିର୍ଦ୍ଦିଷ୍ଟ ସାଧନା ଅବଲମ୍ବନ କଲା, କେତେଦୂର ଯାଇ ସାଧନାର ମାପ୍ତିରେ ଏପରି ଅନୁଭୂତ ହୋଇପଡ଼ିଲା ଯେ ଆଉ ଲକ୍ଷ ଆଡ଼କୁ ଅଗ୍ରସର ହେବା ତାହା ପକ୍ଷରେ ଅସମ୍ଭବ ହୋଇପଡ଼ିଲା । ଈଶ୍ୱର ତାହାଠାରୁ ଯେଉଁ ଦୂରରେ ସେହି ଦୂରରେ ରହିଲେ । ନୈତିକ ଜୀବନ ଠିକ କରିବା ପାଇଁ କେହି ବା ନୀତିଶାସ୍ତ୍ରର ତତ୍ତ୍ୱ ଆଲୋଚନାରେ ପ୍ରବୃତ୍ତ ହେଲା, ମାତ୍ର ଜୀବନଟା ଯାକ କେବଳ ଆଲୋଚନା, ଯୁକ୍ତି, ତର୍କରେ କଟିଗଲା, ଯଥାର୍ଥ ନୀତିମାନ୍ ହେବା ଆଉ ତାହା ଭାଗ୍ୟରେ ଘଟିଲା ନାହିଁ । କେତେ ଲୋକ ଅଛନ୍ତି ଜୀବନଟା ଯାକ ଶାସ୍ତ୍ରଚର୍ଚ୍ଚାରେ ପ୍ରବୃତ୍ତ ରହି ଅଛନ୍ତି, ମାତ୍ର ଶାସ୍ତ୍ରୋକ୍ତ ସତ୍ୟ ସଙ୍ଗେ ସେମାନଙ୍କ ଜୀବନର କିଛି ମାତ୍ର ସମ୍ପର୍କ ନାହିଁ । କେହି ବା ଧନୋପାର୍ଜ୍ଜନରେ ମତ୍ତ, ମାତ୍ର ଧନର ସଦ୍ବ୍ୟବହାର ତାହାର ଜୀବନରେ ଦିନେ ସୁଦ୍ଧା ଘଟିଲା ନାହିଁ । ଏସବୁର ଭୂଆଁର ଲୀଳା ନୁହେଁ ତ ଆଉ କଣ ? ସୂକ୍ଷ୍ମରୂପେ ଆଲୋଚନା କରି ଦେଖ, ମାନବ ଜୀବନରେ ଏହିପରି ଅଗଣ୍ୟ ଭୂଆଁ ଦେଖି ଅବାକ ହୋଇଯିବ ।

ବ୍ୟକ୍ତିଗତ ଜୀବନରେ ଯେପରି, ସାମାଜିକ ବା ଜାତିଗତ ଜୀବନରେ ସେହିପରି ଭୂଆଁର ପ୍ରଭାବ ସାମାନ୍ୟ ନୁହେଁ । ଅନ୍ୟ ଦେଶ ବା ଅନ୍ୟ ଜାତିର କଥା ବର୍ତ୍ତମାନ ଆମ୍ଭମାନଙ୍କର ଆଲୋଚ୍ୟ ନୁହେଁ । ଆମ୍ଭେମାନେ ଦେଖୁଅଛୁଁ, ଏହି ଭାରତବର୍ଷଟା କେତେ ଶତାବ୍ଦୀ ହେଲା ଗୋଟାଏ ପ୍ରକାଣ୍ଡ ଭୂଆଁ ଭୂମିରେ ପତିତ ହୋଇଅଛି । ଏ ଭୂଆଁର ପ୍ରଭାବ ଅତିକ୍ରମ କରି ଲକ୍ଷ ଆଡ଼କୁ ଅଗ୍ରସର ହେବା ଏ ଦେଶର କୋଟି କୋଟି ନରନାରୀଙ୍କ ପକ୍ଷରେ ଅସମ୍ଭବ ହୋଇ ଉଠିଅଛି । କି ଧର୍ମ, କି ସମାଜ, କି ଶିକ୍ଷା, କି ସାହିତ୍ୟ, କି ବୈଷୟିକ କାର୍ଯ୍ୟ, କି ରାଜନୀତି ସକଳ ବିଷୟରେ ଭାରତବାସୀ ଦୀର୍ଘ କାଳ ଭୂଆଁ ବୁଲି ବୁଲି ଶକ୍ତି, ସାମର୍ଥ୍ୟ, ବୁଦ୍ଧି, ବିବେଚନା ହରାଇ ବସିଅଛନ୍ତି— ସେମାନଙ୍କ ମନରୁ ଏକ ପ୍ରକାର ଆତ୍ମଜ୍ଞାନ ପର୍ଯ୍ୟନ୍ତ ବିଲୁପ୍ତ ହୋଇ ଯାଇଅଛି । ସେ କଣ କରୁଅଛନ୍ତି, କାହିଁକି କରୁଅଛନ୍ତି, ଏ ବିଷୟରେ କିଛି ସନ୍ଧାନ ନାହିଁ । କୋଟି କୋଟି ଲୋକ ପୌତ୍ତଳିକତାର ଗଣ୍ଡି ମଧ୍ୟରେ ଆଜୀବନ ବୁଲୁ ଅଛନ୍ତି, କେତେଜଣ ସେ ଗଣ୍ଡି ପରିତ୍ୟାଗ କରି ଉର୍ଦ୍ଧ୍ୱକୁ ଉଠିଲେ, କେହି କହି ପାରିବେ କି ? ଅଥଚ ଯୁକ୍ତି ତର୍କ ବେଳକୁ ପୌତ୍ତଳିକତା ସୋପାନ ମାତ୍ର ! ଜାତିଭେଦ, ବାଲ୍ୟବିବାହ ପ୍ରଭୃତି ସାମାଜିକ କୁପ୍ରଥାମାନ ଭାରତବାସିଙ୍କୁ ଅନ୍ତଃସାରଶୂନ୍ୟ କରି ସାରିଅଛି ! ତଥାପି ସେଗୁଡ଼ିକର ମାହାତ୍ମ୍ୟରେ ସମସ୍ତେ ମୁଗ୍ଧ । ଗୋଟି ଗୋଟି କରି ବସ୍ତୁତତ୍ତ୍ୱରେ ଲେଖିବାକୁ ଗଲେ ଖଣ୍ଡିଏ ବୃହତ୍ ପୁସ୍ତକ ହେବ । ବର୍ତ୍ତମାନ ପୁଣି ପାଶ୍ଚାତ୍ୟ ଜାତିମାନଙ୍କ ସଂସ୍ପର୍ଶରେ ଟିକିଏ ଚେତନା ଜନ୍ମିବା ବେଳକୁ ନୂତନ ନୂତନ ଭୂଆଁର ଆବିର୍ଭାବ ହେଉଅଛି ଏବଂ ଅଧିକାଂଶ ଶିକ୍ଷିତ ବ୍ୟକ୍ତି ତାହାର ମଧ୍ୟରେ ଘୂର୍ଣ୍ଣିତ ହେଉଅଛନ୍ତି । ଠିକ ପଥରେ ଦିପଦ ଯିବା ବାରମ୍ବାର ପଥଭ୍ରଷ୍ଟ ହେଉଅଛନ୍ତି, ଦୂରରୁ ଜନପ୍ରାଣିଙ୍କ ଶବ୍ଦ ଶୁଣି ଯିବା ଟିକିଏ ଚିନ୍ତା ନ କରି ପୁଣି ଭୂଆଁ ପଥରେ ଧାବିତ ହେଉଅଛନ୍ତି । ଅନ୍ୟ କଥା କଣ ଧରିବ, ଏଡ଼େ ବଡ଼ ଜାତୀୟ ମହାସମିତି ୧୭।୧୮ ବର୍ଷକାଳ ଭୂଆଁର ପ୍ରଭାବ ଅତିକ୍ରମ କରିବାକୁ ସମର୍ଥ ହୋଇ ପାରିଲା ନାହିଁ । ବଙ୍ଗଭଙ୍ଗ ସୂତ୍ରରେ ବର୍ତ୍ତମାନ ଚେତନା ଜନ୍ମିଅଛି—ଧୀରେ ଧୀରେ ପ୍ରକୃତ ପଥ ଆଡ଼କୁ ଆସୁଅଛି । ଏହି ଯେ ବର୍ଷକୁ ବର୍ଷ ସାମାଜିକ ସମିତିରେ ଅଧିବେଶନ ହେଉଅଛି, ଏହା ଗୋଟିଏ ପ୍ରକାଣ୍ଡ ଭୂଆଁ ଛଡ଼ା ଆଉ କଣ ? ସମିତିର ଅନେକ ନିର୍ଦ୍ଧାରଣ ଦେଖିଲେ ହାସ୍ୟ ସମ୍ବରଣ କରି ହୁଏ ନାହିଁ । ସେଥିରେ ମଧ୍ୟ ଆବେଦନ, ନିବେଦନ; ପ୍ରାର୍ଥନା, ବନ୍ଦନା ! ଅନେକ ସଭାସମିତି କେବଳ

ଭୂଆଁର ଲୀଳାସ୍ଥଳ । ଆଧୁନିକ ଯୁଗରେ ନାନା କୁସଂସ୍କାର ଓ ଅସଙ୍ଗତତନ୍ତ୍ର ଆମାନଙ୍କର ଅଧ୍ୟାତ୍ମ ଓ ବୈଜ୍ଞାନିକ ବ୍ୟାଖ୍ୟାମାନ ଶିକ୍ଷିତମାନଙ୍କର 'ଭୂଆଁବୁଲା'ର ଜ୍ୱଳନ୍ତ ସାକ୍ଷୀ । ମଧ୍ୟରେ ମଧ୍ୟରେ କେତେ ଅଣଜଣା ପୁରୁଷ ଭୂଆଁ ଅତିକ୍ରମ କରି ଲକ୍ଷ ଅଡ଼ରୁ ଚାଲି ଯାଉଅଛନ୍ତି, ଜୀବନର କାର୍ଯ୍ୟକ୍ଷେତ୍ରରେ ପ୍ରବେଶ କରି ନିଜ ସାର୍ଥକ କରୁଅଛନ୍ତି, ଆଉ ଅତି ଅଳ୍ପସଂଖ୍ୟକ ଲୋକ ସେମାନଙ୍କ ଆହ୍ୱାନ ଶୁଣି ସେମାନଙ୍କ ଅନୁସରଣ କରି ଭୂଆଁର ପ୍ରଭାବରୁ ରକ୍ଷା ପାଇ ଯାଉଅଛନ୍ତି । ଅବଶିଷ୍ଟ ଯେଉଁ ଭୂଆଁରେ ସେହି ଭୂଆଁରେ । ଧର୍ମ, ସମାଜ, ରାଜନୀତି, ବୈଷୟିକ ବ୍ୟାପାର ସର୍ବତ୍ର ଏହିପରି । ଏ ଯୁଗରେ ରାମମୋହନ, କେଶବ, ଦୟାନନ୍ଦ, ଈଶ୍ୱରଚନ୍ଦ୍ର, ନାଓରଜୀ, ଘାଟା, ଭଣ୍ଡାରକର, ବୀରେଶଲିଙ୍ଗ ପ୍ରଭୃତି ଭୂଆଁଭେଦକାରୀ ବୀରପୁରୁଷ । ଏମାନେ ଯେ ମଧ୍ୟରେ ମଧ୍ୟରେ ଭୂଆଁ ଭିତରେ ପ୍ରବେଶ କରି ସତର୍କ ବାଣୀ ଉଚ୍ଚାରଣ କରିଅଛନ୍ତି ଓ କରୁଅଛନ୍ତି, ତାହା କେତେ ଜଣଙ୍କ କର୍ଣ୍ଣରେ ପ୍ରବେଶ କରୁଅଛି ? ସଭା କର, ନିର୍ବାଚନ କର, ସମ୍ବାଦପତ୍ରରେ ଲେଖ, ବକ୍ତୃତା କର, ଦେଶ ଉଦ୍ଧାର ହେବ, ଜାତିଟା ସପ୍ତମ ସ୍ୱର୍ଗକୁ ଉଠିଯିବ ! ଏ ଏକ ପ୍ରକାର ଭୂଆଁ । ଆଉ ଆମ୍ଭମାନଙ୍କ ପରି କେହି ନାହିଁ, ଆମ୍ଭେମାନେ ଶ୍ରେଷ୍ଠ ଅଟୁଁ, ସଂସ୍କାରର ପ୍ରୟୋଜନୀୟତା ଆମ୍ଭମାନଙ୍କ ମଧ୍ୟରେ ଆଦୌ ନାହିଁ, ବିଧାତା ଆମ୍ଭମାନଙ୍କୁ ପୂର୍ଣ୍ଣତା ପ୍ରଦାନ କରି ଏ ବଂଶରେ ଜନ୍ମ ଦେଇଅଛନ୍ତି, ଏହା ଅନ୍ୟପ୍ରକାର ଭୂଆଁ । ଦେଶଟାଯାକ ବୁଲି ଆସ, ଏଥିରୁ ଉଦ୍ଧାର ପାଇଥିବା ଲୋକ ଅତି ଅଳ୍ପ ମାତ୍ର ପାଇବ । ଏଥିରୁ ବଳି ଅଧିକନ୍ତୁ କିଛି ନାହିଁ ବୋଲି ଆମ୍ଭେମାନେ ଅଧଃପତିତ, ପଦଦଳିତ, ନିଷ୍ପିଷ୍ଟ, ଅବମାନିତ ! ସର୍ବାପେକ୍ଷା କଠିନ ଭୂଆଁ ଭାରତର ଅଦୃଷ୍ଟବାଦ । ଅଦୃଷ୍ଟବାଦ ଭାରତସନ୍ତାନର ପ୍ରାଣକୁ ଏପରି ଅଭିଭୂତ କରି ରଖିଅଛି ଯେ ସବୁ ପ୍ରକାର ବାହ୍ୟ ଚେଷ୍ଟା ଏହା ନିକଟରେ ପଦେ ପଦେ ପରାହତ ହେଉଅଛି । ପ୍ରଭାତରେ କର୍ମର ହୋଇ ଭାରତବାସୀ ଅଦୃଷ୍ଟର ଦୋହାଇ ଦେଇ ନିଶ୍ଚିନ୍ତ । ଅଦୃଷ୍ଟ ବର୍ଷକୁ ବର୍ଷ ଏ ଦୁର୍ଭାଗ୍ୟ ଦେଶରୁ ଲକ୍ଷ ଲକ୍ଷ ନରନାରୀଙ୍କୁ ଦୁର୍ଭିକ୍ଷରେ ଯମସଂସାରକୁ ବିଦାୟ ଦେଉଅଛି—ଅଦୃଷ୍ଟ ପ୍ଲିହାପଟା ରୂପରେ ଅବତୀର୍ଣ୍ଣ ହୋଇ ଗଣ୍ଡାକୁ ଗଣ୍ଡା ସ୍ୱର୍ଗକୁ ନେଇ ଯାଉ ଅଛି ! ହା ବିଧେ ! କେଉଁ ଭୂଆଁର ମହିମା କହିବୁଁ ? ଭାରତ ପ୍ରକାଣ୍ଡ ଭୂଆଁଭୂମି ହୋଇ ପଡ଼ିଅଛି । ଏ ଭୂଆଁ ନ ଭାଙ୍ଗିଲେ ଏହାର ଦୁର୍ଦ୍ଦଶା ଦୂର ହେବ ନାହିଁ । ଅଥଚ ଭାରତସନ୍ତାନ ଭୂଆଁ ଛାଡ଼ିବାକୁ ନିତାନ୍ତ ନାରାଜ । ଭୂଆଁ ମଧ୍ୟରେ ସେ ନିଜର ସାର୍ଥକତା, ଏପରିକି ସ୍ୱର୍ଗବାସ କଳ୍ପନା କରୁଅଛି । ସେହି କାରଣରୁ ଭୂଆଁଭେଦକାରୀମାନଙ୍କ ପ୍ରତି ତାହାର ଅତିଶୟ ଅବଜ୍ଞା ।

ଉତ୍କଳଖଣ୍ଡ କଥା ଅଳ ବିଶେଷଭାବରେ ଆଲୋଚନା କରିବାର ପ୍ରବୃତ୍ତି ବା ସାହସ ଆମ୍ଭମାନଙ୍କର ହେଉ ନାହିଁ । ସ୍ଥୂଳରେ ଏତିକି କହିବୁଁ ଯେ ସକଳ ବିଭାଗରେ ଉତ୍କଳର ଭୂଆଁବୁଲା ଅଂଶଟା ଭାରତର ଅନ୍ୟ କୌଣସି ପ୍ରଦେଶଠାରୁ ନ୍ୟୂନ ନୁହେ, ବରଂ ଆମ୍ଭମାନଙ୍କ ମତରେ ଉତ୍କଳ ସମସ୍ତଙ୍କୁ ଡେଇଁ ଯାଇଅଛି । ଧର୍ମକ୍ଷେତ୍ରର ନାମରେ ଭୂଆଁବୁଲା ଉତ୍କଳରେ ଯେପରି ପ୍ରବଳ, ବୋଧହୁଏ ଅନ୍ୟ କୌଣସିଠାରେ ଏପରି ନାହିଁ । ଜୀବନରେ ସଂସ୍କାର ସଙ୍ଗେ ସାକ୍ଷାତକାର ନାହିଁ, ସଂସ୍କାରର ମୂଳ ମତ ସଙ୍ଗେ ପରିଚୟ ପର୍ଯ୍ୟନ୍ତ ନାହିଁ, କୌଣସି କୌଣସି ଯୁବକ ସମ୍ବାଦପତ୍ରରେ ସଂସ୍କାରର ନାନା ଉଡ଼ାଇ ବସିଲେ । କେହି କେହି ପୁଣି ସମଗ୍ର ସମାଜଟାକୁ ପିଠିରେ ପକାଇ ସିଧା ବାଟରେ ଉନ୍ନତିଶିଖରକୁ ଉଠିବାକୁ ପ୍ରୟାସୀ । କୌଣସି ଦେଶରେ କୌଣସି ଯୁଗରେ ଏପରି ସଂସ୍କାର ହୋଇ ନାହିଁ, ହେବ ନାହିଁ । ପ୍ରତ୍ୟୁତ ଏହା ଗୋଟାଏ ପ୍ରକାଣ୍ଡ ଭୂଆଁ ଛଡ଼ା ଆଉ କଣ ? ସଂସ୍କାର-ଭୂଆଁ ଅସ୍ଥିର ଉତ୍କଟ ! ଦେଶକୁ

ଅବସ୍ଥା ବିଷୟରେ ସମ୍ପୂର୍ଣ୍ଣ ଅକର୍ମଣ୍ୟ ବ୍ୟକ୍ତି ମଧ୍ୟ ସଙ୍କଳ୍ପିତ । ସାମାନ୍ୟ ସ୍କୁଲ ଛାତ୍ର ପର୍ଯ୍ୟନ୍ତ ସାହିତ୍ୟ-ସେବା, ସ୍ୱଦେଶସେବା ପ୍ରଭୃତି ବଡ଼ ବଡ଼ କଥାର ଭୂଆଁ ଭିତରେ ସେପରି ପ୍ରବଳ ବେଗରେ ବିଘୂର୍ଣ୍ଣିତ ହେଉଅଛନ୍ତି, ଅନେକଙ୍କ ଉଦ୍ଧାର ହାସ୍ୟରେ କରଗତ ହେବାକୁ ପଡ଼େ ! ସାହିତ୍ୟ-ସେବା, ସ୍ୱଦେଶସେବାର ଉଜ୍ଜ୍ୱଳ ଆଦର୍ଶ ଏବଂ ଅନୁରୂପ ସ୍ୱାର୍ଥତ୍ୟାଗ ଅନେକଙ୍କର ସ୍ୱପ୍ନର ଅଗୋଚର । ଏଥି ଭିତରେ ଅନ୍ୟର ଗୋଟିଏ ପ୍ରବଳ ଭୂଆଁ ଉତ୍କଳସନ୍ତାନଙ୍କୁ ଗ୍ରାସି ରହିଅଛି । ଏହା ଏକଆଡ଼େ ଅଯଥା ଅଭିମାନ, ଅନ୍ୟଆଡ଼େ ଅସ୍ପୃହା ଓ ଆତ୍ମୋନ୍ନତି ବିଷୟରେ ଅସାମର୍ଥ୍ୟର ଅନୁଚିତ ଧାରଣା । ଏ ଦୁଇଟି ଉତ୍କଳସନ୍ତାନଙ୍କର ଅଗ୍ରଗତିର ପ୍ରବଳ ପ୍ରତିବନ୍ଧକ ହୋଇ ପଡ଼ିଅଛି ଏବଂ ପଦେ ପଦେ ସେମାନଙ୍କ ପ୍ରାଣରେ ନାନା କୁକଳ୍ପନା ଓ ଶଙ୍କା ଜନ୍ମାଉଅଛି; ଏହାର ପ୍ରଭାବରୁ ସେମାନଙ୍କର ସ୍ୱାତନ୍ତ୍ର୍ୟ ରକ୍ଷାର ଆକାଂକ୍ଷା ଓ ପ୍ରବୃତ୍ତି ଅନେକାଂଶ ମାତ୍ରାରେ ପ୍ରବଳ ହୋଇ ପଡ଼ିଅଛି । ଏ ଭୂଆଁ ନ ଭାଙ୍ଗିଲେ ଉତ୍କଳର ଉନ୍ନତି ସୁଦୂର-ପରାହତ ।

ସମ୍ପ୍ରତିରେ ସମସ୍ତ ଉତ୍କଳଖଣ୍ଡବ୍ୟାପୀ ମହା-ଜାତୀୟ ସମ୍ମିଳନ । ଏବେବେଳେ ଚାରିଆଡ଼େ ଉତ୍ସାହ ଓ ଉଦ୍ୟମର ଲକ୍ଷଣ ପ୍ରକାଶ ପାଉଅଛି । ଗୋଟିଏ ଉନ୍ନତ ଓ ପ୍ରଶସ୍ତ ଭୂମିରେ ଉତ୍କଳସନ୍ତାନ ଆଜି ସମ୍ମିଳିତ ହେଉଅଛନ୍ତି । ଏହି ପ୍ରକାର ଭୂମି ଏକା ପ୍ରକୃତ ପଥ ଓ କର୍ମକ୍ଷେତ୍ର ଦର୍ଶନର ଉପଯୁକ୍ତ ସ୍ଥଳ । ଏଠାରେ ଅନେକଙ୍କର ଭୂଆଁ ଭାଙ୍ଗି ଯିବ, ଉନ୍ନତ ଆଦର୍ଶ ପ୍ରାଣରେ ପ୍ରକାଶିତ ହେବ, ଜୀବନର ମାର୍ଗ ଆଲୋକିତ ହେବ, କର୍ମକ୍ଷେତ୍ରର ଅବସ୍ଥାନ ସୁସ୍ପଷ୍ଟ ହେବ, ଏପରି ଆଶା କରିବା ସମ୍ପୂର୍ଣ୍ଣ ସ୍ୱାଭାବିକ ଓ ସୁସଙ୍ଗତ । ସାମୟିକ ଉତ୍ସାହ ଓ ଉତ୍ତେଜନାରେ ଆଉ ଆମ୍ଭମାନଙ୍କ ପ୍ରାଣ ଭୁଲୁ ନାହିଁ—ମନ ମାନୁ ନାହିଁ । ଆମ୍ଭେମାନେ ଆଶାନ୍ୱିତ ହୃଦୟରେ ଭବିଷ୍ୟତ ଆଡ଼କୁ ଚକାଇ ରହିଲୁଁ । ସମ୍ମିଳନୀ ହାହାର ଏ ଭୂଆଁ ଭାଙ୍ଗିବାକୁ ସମର୍ଥ ହେଲା, ଅଚିରେ ପ୍ରକାଶ ପାଇବ ।

କାଉଖମାଳ ।

ଏକ ଗଛରେ ଗହ୍ମୁଡ଼ାଟିଏ ଗହ୍ମୁଡ଼ୁଣୀଟିଏ ଥାଆନ୍ତି । ତାଙ୍କର ଯୋଡ଼ିଏ ପୁଅ ଝିଅ ଜାଆଁଳା । ବଢ଼ିଯାଉ ଦିନ ହେଉଥାନ୍ତି । ଦିନେ ଦାଣ୍ଡକୁ ଉଡ଼ା ଦେଖା ଅସିଥାଏ ଝିଅ ମା ସାଙ୍ଗରେ ଲାଗିଗଲା ଉଡ଼ା ଶିଖିବାକୁ । ଏହିପରି ଯାଉଁ ଅବସ୍ଥା ହେଲା ଏଣେ ମାଟିରେ ଉଡ଼ାଏ ଉଡ଼ିତ ନ ଥାଏ । ପଦକୁ ମା ତାଗ ବ୍ୟସ୍ତ ହେଉ ଦହ ମୋହି-ଥିଲା । ଝିଅ ଦାଉ ସମ୍ଭାଳି ପାରୁ ନାହିଁ । ଶୁଆରେ ଯନାଦର ଝିଅକୁ ବାଉଏ ପଡ଼ୋଉଥିଲା । ଝିଅକୁ ଦାବୁଡ଼ା ଦେଇ ବାଉଳୁଅକୁ ବାହାର କରି ଦେଲା । ଏଣେ ବାପ ଯାଉଥିଲା ଗୋଠକୁ. 'ବାଟରେ ଛକଟି ଧରି ପଦକୁ ଫେରି ଆଇଲା ମନଦୁଃଖ ଦେଖେ ଝିଅ ବାଉଅଡ଼େ ବସି ହେଉଛି । ବାପ ଯେତେ ବୁଝେଇଲା ସୁଝେଇଲା ଝିଅ ଏକା ଅବୁଝାମଣା କଥା ଧରିଥାଏ । ବାପ ପଦକୁ ଭାଗ ବରଜତ ହେଉ ଝିଅକୁ ଛନରେ ପାହାରେ ପକେଇଲା । ଉଡ଼ୁଣୀ ହାନ ଶୁଣି ଭାଇଙ୍କ ବାନ୍ଧ ମାଡ଼ନ୍ତି । ଭାଇ ଉଡ଼ୁଣୀ ହାନ-ହାନକା ପଛୁ ବାହାର ଗଲେ । ଏକମୂର୍ତ୍ତି ହୋଇ ଯାଉଥାନ୍ତି । ଯାଉ ଯାଉ ବାଟରେ ଭାର ବାଧି ଗଲା । ଗୋଟିଏ ଗଛମୂଳେ ଥକାମରା ହୋଇ ବସିଥାନ୍ତି, ହଉଁ ହଉଁ ହେଉ ଭାବୁଥାନ୍ତି । ସେତେବେଳକୁ କଣ ହେଉଚି, ନା, ସେ ସହର ସାଧବପୁଅ ଅସିଚି ବୁଲି । ତା ବେକରେ ଏକ କାଉଖମାଳ ଥାଏ । ଝିଅ ସେ କାଉଖମାଳକୁ ଦେଖି କବ ବୋଲି ବାପ ସାଙ୍ଗରେ ଭାରି ଅଳି କଲା । ବାପ କଣ କରିବ ? ସାଧବପୁଅକୁ ଯାଇ କହିଲା । ସାଧବପୁଅ କହିଲା ସେ କାଉଖମାଳକୁ ଯେ କବ ମୁଁ ତାକୁ ବିଭା ହେବି । ଉଡ଼ୁଣୀ ଏ ଏହା କଥା ଧରିଚି । ସାଧବପୁଅ କାଉଖମାଳକୁ

ଦେଲା । ଭାଇ ଭଉଣୀ ଦୁହିଙ୍କି ମା ଘରକୁ ସାଙ୍ଗରେ ନେଇଗଲା । ଭଉଣୀକି ବିଭା ଦେଲା। ଭଉଣୀ ପତିକୁ ସିଅଣା ହେଲା । ବିଭାହେବା ଗଲାରୁ ଚାରି ମାସ ଗଡ଼ିଲା । ଏଣେ ଫେରି ହେଉଥାଏ କଣ, ସାଧବର ଆଉ ଛଅ ଭାରିଯା ଥାଆନ୍ତି, ମା ଥାଏ । ସେ ସମୟରେ ଏ ଗର୍ଭିଣୀ ଟୋକି ହଇଲା ବୋଲି ତାଙ୍କୁ ଦେଖି ପାରନ୍ତି ନାହିଁ । ସାଧବର ମା ଯାହା ଉପରେ ସବୁ ବେଳେ ଉପେଇ ଖପେଇ ହେଉଥାଏ । ବଳେ ସାଧବ ଘରେ ନାହିଁ, ଯାଇଛି ବୋଇତରେ ବଣିଜ କରିବାକୁ, ଏ ଟୋକିର ଦଶ ମାସ ଦଶ ଦିନ ପୂରିଲା । ଏ ଦୁଃଖ ପାଇଲା । ସାତ ଯା ଯାକ ଆଉ ମା ଏ ସମୟରେ ବିଚାରକଲେ । ସାଧବ ମା କଣ କଲା, ତାକୁ ସୂତା କଣ୍ଟିଏ ଦେଲା, ସୂତା କଣ୍ଟିରେ ସୂତାଗୁଡ଼ିଆ ହେଉଥାଏ, ତାକୁ କହିଲା ତୁ ଏ ସୂତା କଣ୍ଟିକି ଧରି ସୂତା ଫିଟେଇ ଫିଟେଇ ଏକମୁହାଁ ହୋଇ ଯାଉଥା । ଯେଉଁଠି ଏ ସୂତା ଲୁଣ୍ଡି ଛିଡ଼ିବ ସେଇଠେଇଁ ପୋଖରି ଦବୁ । ଟୋକି କଣ କରିବ, ଅପଣା କରମକୁ ଅଦର ଗଲା । ଭାଇ ବିକଟରେ ଏ କଥା ଗଲା ନାହିଁ । ଭାଇ ତା ସାଙ୍ଗେ ସାଙ୍ଗେ ଗଲା । ଯାଉ ଯାଉ ଏକ ଅଗନାଗନ ବନସ୍ତ ପଡ଼ିଲା, ସେଠେଇଁ ସୂତା ଲୁଣ୍ଡିଟି ସଇଲା । ଏ ସେଇଠେଇଁ ପୋଖରି ହେଲା । ହିରାମ ସୁନ୍ଦର ବାଳୁଙ୍ଗଟିଏ ଜନମ ହେଲା । ଭାଇ କଣ କଲା, ବନସ୍ତରୁ କାଠି କୁଟା ଗୋଟେଇ ଆଣି ଅଗ୍ନି ଜାଳିଲା । ପୁଅ ମା ଦୁହିଙ୍କି ବଣରେ ଛାଡ଼ି ଦେଇ ଗଲା ସାଧବ ଘରକୁ ଭଉଣୀପାଇଁ ଭାତ ଆଣିବାକୁ । ଛ ସଉତୁଣୀଯାକ ଆଉ ସାଧବାଣୀ ବୁଢ଼ୀ ଆଗରୁ ବସିଥିଲେ ଭାଇ ଭଉଣୀ ଯବେ ଆଉ ବାଘ ମୁହଁକୁ ବର୍ତ୍ତିବେ ଯେ ଫେରିବେ । ଦେଖିଲା ବେଳକୁ ଭାଇ ଫେରି ଆଇଲା । କହିଲା, ଭଉଣୀ ଘରିଭ ଏକ ଉତ୍ତମ ସୁନ୍ଦର ପୁଅ ଜନମ କରିଚି । ଭଉଣୀପାଇଁ ପଥ୍ୟ କରିବାକୁ ମୁଁ ଆସିଚି । ଛ ସଉତୁଣୀଯାକ କରିଗ ବଡ଼ିଗ ନେଇ ଜାଗାସାପ ମଣ୍ଡଳୀ ନେଇ ନେଇ ଭାତରେ ଗୋଳେଇ ଦେଲେ, ଟୋକାକୁ ଦେଲେ । ଟୋକା ପଚାରିଲା ଏ ଜୁନା ଜୁନା ଭାତ ଉପରେ କଣ ଦିଶୁଛି ? ଛଅ ସଉତୁଣୀଯାକ କହିଲେ ଚାଉଳ ଗୁଣ୍ଡା ପଗ ଆମେ ପଥ୍ୟରେ ଗୋଳେଇ ଦେଇଛୁଁ । ଏ ଟୋକା ତ ଏତେ ଛନ୍ଦ କ ଜାଣେ । ଯାଉ ଯାଉ ମହାପ୍ରଭୁ ଏକ କୂଟ କଲେ । କୁଅଟିଏ ଅଛି ଏ ଭାଇ ବଂଶାରେ ଥିଲା ମାତ୍ର ଦେଖି ଯେ ଭାତଯାକ ଗୋଟିତଠଇଁ ଛଳେ ବୁଣି ଗଲା । ଭାଇ କଣ କରିବ, ବାନ୍ଧ ବାନ୍ଧ ଭଉଣୀ ପାଖକୁ ଗଲା । ଭାତ ବୁଣି ଗଲା ବେଳେ ଗୋଟିଏ ଭାତ ସେମିତ ଛିଡ଼ିକ କରି ଭାଇ ଖଇରେ ଲାଗିଥାଏ । ଭଉଣୀ ପାଖରେ ଭାଇ ଯାଇ ଖାଲି ହାତରେ ପହଞ୍ଚିଲା ବେଳକୁ ଭଉଣୀ ଚାହିଁ ଦେଲା ହାତରେ ଭାତ କଂସାଟିଏ । ଭାଇ ଭଉଣୀ ଦୁହେଁଯାକ କାନ୍ଦ କାନ୍ଦ ରହିଲେ । ଭାଇ ଖଇରେ ଯେଉଁ ଭାତଟି ଲାଗିଥାଏ ସେ ଭାତଟି ଉପରେ ସିମେଇ ଭଉଣୀର ଆଖି ପଡ଼ିଲା, ଭଉଣୀ ସେ ଭାତଟିକି ଟୋପ ଦେଲା । ସିମିତ ଟୋପ ଦେଇଛି ଗୁଣ୍ଡୁ ଗୁଣ୍ଡୁ ଭଉଣୀଟି ସିମିତ ଗୋଟାଏ ପାଞ୍ଚହାତ ଲମ୍ବ ନାଗ ସାପ ହୋଇଗଲା, କଣ ଭିତରକୁ ଗଳି ଗଲା । ଭାଇର ଯାହା ଦେଖି ଦଳକ ଶୁଖିଗଲା । ଏଣେ ଉଚ୍ଛୁଆଣି ପିଲା ଆଗରେ ଶୋଇଚି, ଦଣ୍ଡେ ଦୁଧ କ ପିଇଲେ ଛାଳୁଡ଼ା ଶୁଖି ଗଲାରୁ ଛଟ୍ ଛଟ୍ ହୋଇ ପଡ଼ିବ । ପୁଅକୁ କୋଳ କଲାରୁ ଭାଇ କନ୍ଦର୍ପଣା ହୋଇ କାନ୍ଦିଲା । ଏ ଏବେ ଅଣ୍ଡିର ପୁଅ, କରୁଛୁ କଣ ? ସେଠୁଅରୁ ଆଉ ତ କଷ୍ଟ ବୁଦ୍ଧି ଦଶିଲା ନାହିଁ । ଭଉଣୀକି ବାନ୍ଧିକ କରି କାନ୍ଦିଲା:—

"ମା ମାଇଲା ଖଇ ଦାନ୍ତ, ବାପ ମାଇଲା ଛନ୍ଦବାଡ଼ି
ତାଇଶମାଳ ନେଇ ସାଧବ ବଡ଼ ହୋଇଲେ ଗୋ ।
ପୁଞ୍ଜାକଟି ନେଇ ସାଧବାଣୀ ବନେ ଛାଡ଼ିଲେ ଗୋ ।

ଛଅ ସଉଭୁଣୀ ନାଗମୁଣ୍ଡ ଚୂର ପକେଇଲେ ଗୋ ।
ସର ! ଧାନୁଅଛୁ ଘୋ ବାଳୁତ କୁମର,
ଦେଇ ଯା ଅସି ଖୀର ॥"

ସତକୁ ସତ ବଣରୁ ନାଗ ସାପଟିଏ ଆସି ପୁଅ ପାଖରେ ପେଡ଼ା ପରି ଗୁଡ଼େଇ ହୋଇ ଶୋଇଲା। ପୁଅ ସେ ସାପଠଉଁ ଚିଁ ଚିଁ କରି ପେଟେ ଦୁଧ ପିଇଲା। ପୁଅ ଦୁଧ ପିଇ ସାରିଲାରୁ ସାପଟି ବନସ୍ତ ଭିତରକୁ ଲମ୍ୱେ ଲମ୍ୱେ ଚାଲିଗଲା । ଫେର ପରରେ ଗଲରୁ ପୁଅକୁ ଭୋକ ହେଲାରୁ ପୁଅ କାନ୍ଦେ, ପୁଅ କାନ୍ଦିଲାରୁ ଏ ଜୋଡ଼ା ବଣ ଚଢ଼େଇ ନା, ବାହୁନି କରି ଗୀତ ବୋଲେ:—

ମା ମ'ଲା ଖିଆଡ଼ା,—ବାପ ମାଇଲା ଛନ୍ଦାଡ଼ା
ଧାଇମାନେ ହୋଇ ସାଧବ ଝିଅ ଢୋଇଲେ ଗୋ ।
ସୁଭାଗଟି ହୋଇ ସାଧବାଣୀ ବନେ ଛାଡ଼ିଲେ ଗୋ ।
ଛଅ ସଉଭୁଣୀ ନାଗ ମୁଣ୍ଡ ଚୂର ପକେଇଲେ ଗୋ ।
ସର ! ଧାନୁଅଛୁ ଗୋ ବାଳୁତ କୁମର,
ଦେଇ ଯା ଅସି ଖୀର ।

ଗୀତ ବୋଲିବାରୁ ସାପଟି ଆସି ପିଲାକୁ ଦୁଧ ଦେଇଁ ଫେର ବଣକୁ ଯାଏ ବାହାରି। ପୁଅ ପେଟ ପୂରିଲାରୁ ପୁଅ ଦଣ୍ଡେ ଖେଳେ, ଆପଣା ସୁଖେ ନିଦରେ ଶୋଇ ପଡ଼େ। ପୁଅ ଶୋଇ ପଡ଼ିଲାରୁ ଏ ଜୋଡ଼ା ବଣରୁ ଫଳ ମୂଳ ଗୋଟେଇ ଆଣି ଖାଏ, ଏ ଜିଉଅଣି ପିଲା ପାଖରେ ବନସ୍ତ ଜଗିଥାଏ।

ଏଣେ ହେଉଚି କଣ, ନା, ସାଧବପୁଅ ବଣିଜ କରି ସାରି ବୋଇତ ନେଇ ଘରକୁ ଫେରୁଥାଏ । ବୋଇତକୁ ଦରିଆକୂଳରେ ରଖି ସେହି ବନସ୍ତ ବାଟେ ଫେରିଲା ବେଳକୁ ଏ ଜୋଡ଼ାର ବାହୁନା ସାଧବ କାନରେ ପଡ଼ିଲା। ଶବଦ ବାରିବାରି ଏ ସାଧବ ଅସି ଦେଖିଲା ବେଳକୁ ବନସ୍ତ ମଝିରେ ଛଅଁଲା ପିଲାଟିଏ ଭୁଅଁ ଭୁଅଁ ହୋଇ କାନ୍ଦୁଚି, ମିଣିପଟିଏ ତା ପାଖରେ ବସି ବାହୁନି କରି ଗୀତ ବୋଲୁଚି। ସାଧବ ଦୋଦୋପାଞ୍ଚ କରି ଗଛ ଅଢ଼ୁଆଳରେ ବସି ଚାହିଁଥାଏ । ଦେଖିଲାବେଳକୁ ବନସ୍ତଭିତରୁ ନାଗସାପଟିଏ ଆସି ଛଅଁଲା ପିଲାକୁ ଦୁଧ ଦେଲା, ହୋଇ କରି ଆପଣା ସୁଖେ ଯେଉଁଅଡ଼ୁ ଆସିଥିଲା ସେହି ଅଡ଼କୁ ଗଲା ବାହାରି । ସାଧବ ମନ ଅଥୟ ସମ୍ଭାଳ ହେଲା ନାହିଁ । ଆପଣା ଶାଳାକୁ ଚିହ୍ନିଲା । ସବୁ କଥା ପଚାରିଲାରୁ ଏ ଜୋଡ଼ା ଅଗରୁ ମୂଳଯାଏ ସବୁ କଥା କହି ଗଲା । ସାଧବପୁଅ ହେଉ ଧାମୁଡ଼ି ପକେଇ ଥକ୍କାମାର ହୋଇ ବସିଗଲା । କହିଲା ଆଉ କ ସୁଖ ଅଛି ଯେ ମୁଁ ଘରକୁ ଫେରି ଯିବି । ଉମିଦ ଗଲା। ଏଣେଇ ବନ୍ଦେଇଯାଇ ସେ ପିଲାଟି ପାଖେଇ ବସିଥାନ୍ତି । ନଣାସର ହେଲା, ପୁଅକୁ କୋଳ କଲାରୁ ପୁଅ କାନ୍ଦିଲା । ଏ ଫେର ସିମିତି ଗୀତ ବୋଇଲା । ଏଣେ ହେଉଥାଏ କଣ, ସେତେବେଳେ ଈଶ୍ୱରପାର୍ବତୀ ବାହାରିଥା'ନ୍ତି ବୁଲି । ପାର୍ବତୀଙ୍କ କାନରେ ଏ ବାହୁନା ପଡ଼ିଗଲା । ପାର୍ବତୀ ପଚାରିଲେ ଈଶ୍ୱରଙ୍କୁ 'ହଇହେ ! ଏତ ମଣିଷ ସ୍ୱରପରି ଶୁଭୁଚି । ଏଡେ ଘଡ଼େ ବନସ୍ତରେ କିଏ କାନ୍ଦୁଚି ମ ?' ଈଶ୍ୱର ବାଆଁରେଇ ଦେଲେ 'ମାଇପିଜାତିଙ୍କର ଏଇ ଯେଉଁ କଥା । ଚରଣୀ କ ପିଶାଣୁଣୀ କିଏ କାନ୍ଦୁଚି, ଆମର କଣ ଗଲା ?' ପାର୍ବତୀ ଏକା ଅବୁଝା ହେଲେ, କହିଲେ ଚାଲ ଯିବା, ଦେଖିବା। ଈଶ୍ୱର ଆଉ ଯେତେ ଭୁଲେଇଲେ ବି ପାର୍ବତୀ ଭୁଲନ୍ତି ! ପଛକୁ ଭାରି ଜିଦ କଲାରୁ ଈଶ୍ୱର ପାର୍ବତୀ ଯାଇ ପହଞ୍ଚିଲେ, ଦେଖିଲାବେଳକୁ ଏ ଦଉଟି ମିଣିପେ ବସିଛନ୍ତି, ସାପଟାଏ ପେଡ଼ାପରି ଗୁଡ଼େଇ ହୋଇ ପଡ଼ିଚି, ଜିଉଅଣି ପିଲାଟି ସାପଠଉଁ ଦୁଧ ପିଉଚି । ଈଶ୍ୱର ପାର୍ବତୀ ସବୁ କଥାଯାକ ଶୁଣି ସାରିଲେ, ପାଳୁକପାଣି କରି ଅଞ୍ଜୁଳାଏ ଛିଞ୍ଚି ଦେଲାରୁ ଦବଦ୍ୱୀପର ଶୋଳ-ବରଷୀ ମାଇପିଟିଏ, ଓଢ଼ଣା ପକେଇ ଠିଆ ହୋଇଗଲା । ଭାଇକି କହିଲା 'ଅହା ! ହେଲେ ଗୁଡ଼ାଏ ଶୋଇ ଶୋଇ ଶୋଇ ପଡ଼ିଲି ।' ଭାଇ, ସେଠଉଁ ସବୁ କଥାଯାକ କହିଗଲା । ଭାଇ

ଭଉଣୀ କେବଳ ସମସ୍ତେ ଲୁଣ୍ଠିଅ ଲୁଣ୍ଠେଇ ଦେଇ ଚାଲିଲେ, ପିଲାଟିକୁ ଚାକରେଇ ସାଥିବ ଘରକୁ ଗଲେ । ସାଥିବ ଘରର ପଦସ୍ଥଳୀରୁ ଏକ ଖଣିଗାଡ଼ ଲୋଟେଇଲେ । ତଥ ସହିଭଉଣୀ ଅଲ୍ପ ମାଆଙ୍କୁ ହତ୍ୟା ଦେଖିଲ ଯାଇ ଏ ଖଣିତଳରେ ହେଉଛି ଧାନ ସଂସ୍ମୃତ ? ସାଉ ଜଣଯାଜ

କଣି ପତ୍ର ଖଣି ଚରକୁ ରାହୁଲମେଳକୁ ସାଥିବା ନାଉ ଜଣଙ୍କୁ ଖଣି ଦେଲ ଦେଲି, ଛଳଚଣ୍ଡା ମୃପରକଣ୍ଠା ଢଗ ଖଣିକ ପୋକଗଣି ପଡ଼େଇଲା । ଗୃହସ୍ଥ, ଶୁଳା, ପୁଅ ପ୍ୟାଙ୍କ ଗେଲ ଘଉଳୁଅଁର ତଳ । ମୁଁ ଗଳରୁ କଥା କ କହିଲା । ମୋ କଥାଟି ସରିଲା ।

ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ ।

ବିବିଧ ପ୍ରସଙ୍ଗ ।

୧ । ସାଦର ସମ୍ଭାଷଣ—ଉତ୍କଳୀୟମାନଙ୍କର ମହାଜାତୀୟ ସମ୍ମିଳନୀ ସମ୍ମୁଖରେ—ଉତ୍କଳ ସାହିତ୍ୟ-ସମାଜର ବାର୍ଷିକ ଅଧିବେଶନ ମଧ୍ୟ ସମ୍ମୁଖରେ । ସମ୍ମିଳନୀ ନିମିତ୍ତ ନଗର ଅତ୍ୟନ୍ତ ମହା ଉତ୍ସାହ ଉଦ୍ୟମର ଲକ୍ଷଣ ପ୍ରକାଶ ପାଉଅଛି । ଏହି ମହାଜାତୀୟ ଅନୁଷ୍ଠାନରେ ଯୋଗ ଦେବା ନିମିତ୍ତ ନାନା ସ୍ଥାନରୁ ପ୍ରତିନିଧିମାନେ ସମାଗତ ହେଉଅଛନ୍ତି—ଉତ୍କଳୀୟମାନଙ୍କ ଛଡ଼ା ଅପର ଜାତୀୟ ବନ୍ଧୁମାନେ ମଧ୍ୟ ଉଦ୍ଯୋକ୍ତାମାନଙ୍କ ସାଦର ନିମନ୍ତ୍ରଣ ଗ୍ରହଣ କରି ସମ୍ମିଳନୀରେ ଉପସ୍ଥିତ ହେବାକୁ ଆସୁଅଛନ୍ତି । ସମ୍ମିଳନୀର ଅପୂର୍ବ ଦୃଶ୍ୟ ଆମ୍ଭେମାନେ ଆଜି ମାନସପ୍ରତ୍ୟକ୍ଷ କରି ପୁଲକିତ ହେଉଅଛୁଁ । ଏବେ ଏବେ ଅନ୍ୟ ଚିନ୍ତା ନାହିଁ । କେବଳ ସମ୍ମିଳନୀର ସଫଳ କାର୍ଯ୍ୟ ନିର୍ବିଘ୍ନରେ ସମ୍ପାଦିତ ହେଉ, ସମ୍ମିଳନୀ ଉତ୍କଳୀୟମାନଙ୍କ ପ୍ରାଣରେ ନବ ଜୀବନ ସଞ୍ଚାର କରୁ, ଏହାହିଁ ବିଶ୍ୱନାଥଙ୍କ ଶ୍ରୀଚରଣ ତଳେ ଏକାନ୍ତ ପ୍ରାର୍ଥନା । ଆମ୍ଭେମାନେ ସମ୍ମିଳନୀର ପ୍ରତିନିଧି ଓ ଅତିଥିମାନଙ୍କୁ ଏବଂ ସାହିତ୍ୟ ସମାଜର ହିତୈଷୀ, ସଭ୍ୟମାନଙ୍କୁ ହୃଦୟର ପ୍ରୀତିପୂର୍ଣ୍ଣ ସାଦର ସମ୍ଭାଷଣ ଜଣାଉଅଛୁ ।


୨ । ଶୋକସଂବାଦ—କର୍ମବୀର ବାମଣ୍ଡାଧିପତି ସାର୍ ବାସୁଦେବ ସୁଢ଼ଳ ଦେବ K. C. I. E. ଇହ ଜଗତରୁ ପ୍ରସ୍ଥାନ କରିଅଛନ୍ତି, ଏ ଦୁଃସମ୍ବାଦ ଉତ୍କଳ ଖଣ୍ଡରେ ପ୍ରଚାରିତ ହୋଇଅଛି । ଏ ଶୋକସମ୍ବାଦରେ ସମଗ୍ର ଉତ୍କଳରେ ହାହାକାର ଧ୍ୱନି ଉତ୍ଥିତ ହୋଇଅଛି । ଯଥାର୍ଥରେ ସୁଢ଼ଳ ଦେବଙ୍କ ଅକାଳମୃତ୍ୟୁ ଦୀନ ଉତ୍କଳ ପକ୍ଷରେ ଗୋଟିଏ ଗୁରୁତର ଶୋଚନୀୟ ଘଟଣା । ସର୍ବାଂଶରେ ବଙ୍ଗର ଜଗବାଙ୍କୁ ଟେକିଲେ ସୁଢ଼ଳ ଦେବଙ୍କ ଜୀବନ ଭଳି ସର୍ବାଙ୍ଗୀନ ଉନ୍ନତିପ୍ରବଣ ଜୀବନ ଆମ୍ଭମାନଙ୍କ ଦେଶରେ ସୁଦୁର୍ଲଭ । ସୁଢ଼ଳ ଦେବଙ୍କ ସମ୍ବନ୍ଧରେ ଭକ୍ତିଭାଜନ ଶ୍ରୀଯୁକ୍ତ ରାୟ ବୈଦ୍ୟନାଥ ରାୟବାହାଦୁର ମହୋଦୟଙ୍କ ଲେଖନୀପ୍ରସୂତ ସୁଚିନ୍ତିତ ଓ ସୁଲିଖିତ ଗୋଟିଏ ପ୍ରବନ୍ଧ ଅତ୍ୟନ୍ତ ପ୍ରକାଶିତ ହେଲା । ପ୍ରବନ୍ଧଟି ପାଠ କଲେ ଉତ୍କଳ ପାଠକମାନେ ବୁଝି ପାରିବେ ଯେ ଏପରି ଉଚ୍ଚାଙ୍ଗ ସଂଶ୍ଳେଷଣ ଅତ୍ୟଳ୍ପ ବ୍ୟକ୍ତିଙ୍କଠାରୁ ଆଶା କରାଯାଇ ପାରେ । ସେଥି ଉପରେ ଆମ୍ଭମାନଙ୍କର ଅଧିକ କହିବାର ଅଛି ବୋଲି ବୁଝି ପାରୁ ନାହୁଁ । ଆଜକୁ ପ୍ରାୟ ୮ ବର୍ଷ ପୂର୍ବେ ଆମ୍ଭେମାନେ ବାମଣ୍ଡା ରାଜଧାନୀ ଦେବଗଡ଼ଠାରେ କେତେଦିନ ମାତ୍ର ସୁଢ଼ଳ ଦେବଙ୍କ ସହବାସର ସୁଯୋଗ ପାଇଥିଲୁ । ସେ ଅଳ୍ପ କାଳ ମଧ୍ୟରେ ଆମ୍ଭେମାନେ ତାଙ୍କର ବିଶାଳ ବ୍ୟକ୍ତିତ୍ୱର ଯେଉଁ ନିଦର୍ଶନ ପାଇଥିଲୁ, ତାହା ଆଜି ପର୍ଯ୍ୟନ୍ତ ହୃଦୟରେ ଦୃଢ଼ରୂପେ ମୁଦ୍ରିତ ରହିଅଛି । ସୁଢ଼ଳ ଦେବ ନାନା ବିଷୟରେ ଉତ୍କଳ ଖଣ୍ଡରେ ବହୁ ଉପକାର କରି ଯାଇଅଛନ୍ତି ସତ୍ୟ, ଏବଂ ସେଥିପାଇଁ ସେ ଉତ୍କଳଖଣ୍ଡରେ ଚିରସ୍ମରଣୀୟ ରହିବେ ଏହା ମଧ୍ୟ ଅତି ସତ୍ୟ କଥା; ମାତ୍ର ତାଙ୍କର ନିରବଚ୍ଛିନ୍ନ କର୍ମମୟ ଜୀବନ ନବ ଉତ୍କଳର ଅମୂଲ୍ୟ ସମ୍ପଦରୂପରେ ପରିଗଣିତ ହେବ । ମନୁଷ୍ୟ ଜନ୍ମିଲେ ମରେ, ଏହା ନିତ୍ୟପ୍ରତ୍ୟକ୍ଷ ଘଟଣା, ମାତ୍ର ସେହି ଏକା ଧନ୍ୟ, ତାହାର ଜନ୍ମ ସାର୍ଥକ, ଯେ ମାନବମଣ୍ଡଳୀକୁ ଯେତିକି ପରିମାଣରେ ହେଲେ ଉର୍ଦ୍ଧ୍ୱକୁ ଉଠାଇ ଦେଇ ଯାଇପାରେ । ଏହି ହିସାବରେ ସୁଢ଼ଳ ଦେବ ସାର୍ଥକଜନ୍ମା ପୁରୁଷ । ଉତ୍କଳ ତାଙ୍କପାଇଁ ଶୋକ

କରୁଅଛି, ଏବେ ତାଙ୍କ ଜୀବନ ସେହି ଅନୁଧ୍ୟାନ କରୁ, ସେଥିରୁ ଶିକ୍ଷା ଲାଭ କରି କର୍ମପଥରେ ଅଗ୍ରସର ହେଉ, ବିଧାତା ଏହି ଆଶୀର୍ବାଦ କରନ୍ତୁ ।

୩ । ଅଭିବାଦନ—ସ୍ୱର୍ଗତ ଦେବଙ୍କ ସୁଯୋଗ୍ୟ ପୁତ୍ର ଶ୍ରୀ ସଚ୍ଚିଦାନନ୍ଦ ଦେବ ମହୋଦୟ ସଙ୍କୋ-ପାଖ୍ୟରୁଚିତ ହୋଇ ବାମଣ୍ଡାର ରାଜସିଂହାସନରେ ଉପବିଷ୍ଟ ହୋଇଅଛନ୍ତି । ସେ ପିତାଙ୍କ ଯତ୍ନରେ ସୁଶିକ୍ଷିତ ଏବଂ ପିତାଙ୍କ ଉପଦେଶାନୁସାରେ ରାଜକାର୍ଯ୍ୟ ପରିଚାଳନାରେ ସୁଦକ୍ଷ ହୋଇଅଛନ୍ତି । ଯୌବନର ପ୍ରାରମ୍ଭରୁ ନାନା ହିତକର ଅନୁଷ୍ଠାନରେ ତାଙ୍କର ବିଶେଷ ଅନୁରାଗ, ଉତ୍ସାହ ଓ ସହାନୁଭୂତିର ପରିଚୟ ମିଳିଅଛି । ପିତୃସିଂହାସନରେ ଉପବିଷ୍ଟ ହୋଇ ସେ ସ୍ୱୀୟ ପ୍ରଜାମଣ୍ଡଳୀଙ୍କ ନିକଟରେ ଯେଉଁ ଘୋଷଣା କରିଅଛନ୍ତି, ତାହା ମଧ୍ୟ ଆଶା-ପ୍ରଦ । ଆମ୍ଭେମାନେ ନବୀନ ରାଜାମହୋଦୟଙ୍କ ପାଦରେ ଅଭିବାଦନ କରୁଅଛୁଁ ଏବଂ ସେ ପିତୃ-ପଦାଙ୍କ ଅନୁସରଣ କରି ସ୍ୱରାଜ୍ୟ ଏବଂ ସ୍ୱଦେଶର ଉନ୍ନତି ସାଧନରେ ନିରନ୍ତର ବ୍ରତୀ ରହନ୍ତୁ, ବିଧାତାଙ୍କ ନିକଟରେ ଏହି ପ୍ରାର୍ଥନା କରୁଅଛୁଁ ।

୪ । ଉତ୍କଳଖଣ୍ଡର ରାଜନୈତିକ ସଂଯୋଗ—ଉତ୍କଳସନ୍ତାନମାନଙ୍କର ବହୁକାଳପୋଷିତ ଆକାଂକ୍ଷା ଆଜ ପୂର୍ଣ୍ଣ ହେବାକୁ ବସିଲା—ସେମାନଙ୍କର ଆଶଙ୍କା ଉଦ୍‌ବେଗ ଆଜ ଦୂରୀଭୂତ ହେବାକୁ ବସିଲା—ବିଭିନ୍ନ ପ୍ରଦେଶାନ୍ତର୍ଗତ ଉତ୍କଳଖଣ୍ଡର ଭିନ୍ନ ଭିନ୍ନ ଅଂଶ ଆଜ ଏକ ଶାସନାଧୀନ ହେବାକୁ ବସିଲା । ଉତ୍କଳର ପ୍ରତି ଗୃହରେ ଆନନ୍ଦଧ୍ୱନି ଉତ୍ଥିତ ହେଉ, ଉତ୍କଳ ଗଗନ ଆନନ୍ଦକୋଳାହଳରେ ପୂର୍ଣ୍ଣ ହେଉ । ଯାହାଙ୍କ କରୁଣାବଳରେ ଆଜ ଏହି ସୁଦିନର ସମ୍ଭାବନା ହେଲା ସେହି ବିଶ୍ୱନିୟନ୍ତା ପୁରୁଷଙ୍କ ଶ୍ରୀଚରଣ ତଳେ ଉତ୍କଳବାସୀ ହୃଦୟର ଗଭୀର କୃତଜ୍ଞତା ଅର୍ପଣ କରନ୍ତୁ ଏବଂ ଯାହାଙ୍କ ସୁବିବେଚନା ଓ ଅନୁଗ୍ରହରୁ ଏହି ସମ୍ମିଳନ ସୁସାଧିତ ହେବାକୁ ବସିଲା, ସେହି ରାଜପ୍ରତିନିଧି ଲର୍ଡ କର୍ଜନ ବାହାଦୁରଙ୍କୁ ଆନ୍ତରିକ ଧନ୍ୟବାଦ ପ୍ରଦାନ କରନ୍ତୁ । ରାଜନୈତିକ ବିଚ୍ଛିନ୍ନତା ଆମ୍ଭମାନଙ୍କ ଦୌର୍ଭାଗ୍ୟର ପ୍ରଧାନ କାରଣ ଏବଂ ଉନ୍ନତିର ପ୍ରବଳ ଅନ୍ତରାୟ ଥିଲା । ଏବେ ତାହା ଅପସାରିତ ହେଲା—ଏବେ ସମସ୍ତ ଉତ୍କଳସନ୍ତାନ ମିଳିତ ହୋଇ ଜାତୀୟ ଉନ୍ନତି ସାଧନରେ ତତ୍ପର ହୁଅନ୍ତୁ—ଅନ୍ୟୋନ୍ୟଦ୍ୱାରା ଆତ୍ମସମ୍ମାନ ବର୍ଦ୍ଧିତ କରି ଭାରତୀୟ ଅପରାପର ଉନ୍ନତ ଜାତିମାନଙ୍କ ସହିତ ସମ୍ମିଳିତ ହୁଅନ୍ତୁ—ଏବଂ ଭାରତବ୍ୟାପୀ ମହାଜାତୀୟ ସମସ୍ୟା ସାଧନରେ ମନ ପ୍ରାଣ ଢାଳି ଦେଇ ଧନ୍ୟ ହୁଅନ୍ତୁ । ଆମ୍ଭମାନଙ୍କ ଦୃଷ୍ଟି ପ୍ରସାରିତ ହେଉ, ଆଦର୍ଶ ଉନ୍ନତ ହେଉ । ସମସ୍ତେ ଅନୁଭବ କରନ୍ତୁ, କ୍ଷୁଦ୍ର ପ୍ରାଦେଶିକତା ଆମ୍ଭମାନଙ୍କର ଲକ୍ଷ୍ୟ ନୁହେଁ—ଏହା କେବଳ ଅଭୀପ୍ସିତ ସାଧନର ସୋପାନ ମାତ୍ର । ଲକ୍ଷ୍ୟ ଭାରତବ୍ୟାପୀ ମହାଜାତୀୟତା । କେଉଁ ପ୍ରଦେଶ ସହିତ ମିଳିତ ହେଲେ ଉତ୍କଳର ଅଧିକ ମଙ୍ଗଳ ସାଧିତ ହୁଅନ୍ତା ତାହା ଆଲୋଚନା କରିବାର ଏବଂ ସେକଥା ଘେନ ପରିଷଦ ମଧ୍ୟରେ ତର୍କ ଉତ୍ଥାପନ କରିବାର ଆଉ ପ୍ରୟୋଜନ ନାହିଁ । ଆମ୍ଭେମାନେ ଜାଣୁ, ଏ ବିଷୟରେ ସାମାନ୍ୟରୂପେ ମତଭେଦ ରହିଅଛି; ମାତ୍ର ସମ୍ମିଳନର ଉପକାରିତା ସମ୍ବନ୍ଧରେ ସମସ୍ତେ ଏକମତ । ଆମ୍ଭମାନଙ୍କର ସୁଦୃଢ଼ ଧାରଣା ଏହି ଯେ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ଶାସନାଧୀନ ରହିବା ଉତ୍କଳଖଣ୍ଡ ପକ୍ଷରେ ସର୍ବାପେକ୍ଷା ଶ୍ରେୟସ୍କର ଏବଂ ଏ ସମ୍ବନ୍ଧରେ ଆମ୍ଭମାନଙ୍କର ପ୍ରବଳ ଯୁକ୍ତି ରହିଅଛି । ସେ ସମସ୍ତର ଅବତାରଣା ଆଜ ନିଷ୍ପ୍ରୟୋଜନ । ଗବର୍ଣ୍ଣମେଣ୍ଟ ମଧ୍ୟ ଏ ବିଷୟରେ ସାଧାରଣଙ୍କ ମତ ଜିଜ୍ଞାସା କରି ନାହାନ୍ତି । ଭାଗ୍ୟକୁ ଗବର୍ଣ୍ଣମେଣ୍ଟଙ୍କ ପ୍ରସ୍ତାବ ଆମ୍ଭମାନଙ୍କ ଉଦ୍ଦେଶର ଅନୁକୂଳ ମାର୍ଗ ଅବଲମ୍ବନ କରିଅଛି । ଆମ୍ଭେମାନେ ଏହି କାରଣରୁ ସମଧିକ ଆନନ୍ଦିତ । ସେ ଯାହାହେଉ, ଆମ୍ଭେମାନେ ଯେଉଁ ସମ୍ମିଳନ ବାଞ୍ଛା କରିଥିଲୁଁ, ତାହା ଏବେ ହସ୍ତଗତ ହେବାକୁ ବସିଲା । ଶୁଭଯୋଗକୁ ଜାତୀୟ ସମ୍ମିଳନୀରେ ଉତ୍କଳସନ୍ତାନମାନେ ମିଳିତ ହେଉଅଛନ୍ତି । ସମସ୍ତେ ମିଳି ଉନ୍ନତିର ଉପାୟମାନ ଆଲୋଚନା କରନ୍ତୁ ଏବଂ ନବ ଆଶା ଓ ଉତ୍ସାହରେ କର୍ମକ୍ଷେତ୍ରରେ ପ୍ରବିଷ୍ଟ ହୁଅନ୍ତୁ । ସକଳ ପ୍ରକାର କ୍ଷୁଦ୍ର ଗଣନା ଏକାବେଳେ ଅନ୍ତର୍ହିତ ହେଉ ।

(ଉତ୍କଳ ସାହିତ୍ୟ ୭ମ ଭାଗ, ୬ଷ୍ଠ ସଂଖ୍ୟା, ୯୮୦ ପୃଷ୍ଠା ଦେଖ ।)



୭ମ ଭାଗ | ମାଘ, ୧୩୧୧ । | ୧୦ମ, ସଂଖ୍ୟା

ଉତ୍କଳ-ସାହିତ୍ୟ ।

ମାସିକପତ୍ର ଓ ସମାଲୋଚନା ।

—:o:—

ଶ୍ରୀ ବିଶ୍ୱନାଥ କର କର୍ତ୍ତୃକ ସମ୍ପାଦିତ ।

—:o:—

THE UTKAL SAHITYA PRESS.

CUTTACK.

1904.





ବାର୍ଷିକ ମୂଲ୍ୟ ଡାକମାସୁଲ ସମେତ ଟ ୨ ୧   ଏହି ସଂଖ୍ୟାର ମୂଲ୍ୟ ଟ ୦ ୷

ସୂଚୀ ।

ପ୍ରବନ୍ଧର ମତାମତ ନିମନ୍ତେ ଲେଖକମାନେ ଦାୟୀ ।

ମୂଲ୍ୟପ୍ରାପ୍ତି ।

ରାଜସଂସ୍କରଣ । ୧୯୦୩

ଶ୍ରୀଯୁକ୍ତ ଯୁବରାଜ ଶ୍ରୀନିବାସ ଦେଓ	ମଞ୍ଜୁଷା	ଟ ୫ ୧
" ରାଜକୁମାର ଏମ୍. ପି. ଦେଓ	କନିଗଡ଼	ଟ ୫ ୧

ସାଧାରଣସଂସ୍କରଣ ।

୧୯୦୧

ଶ୍ରୀଯୁକ୍ତ ଅଜନଚନ୍ଦ୍ର ମହାନ୍ତି କଟକ ଟ ୨ ୧

୧୯୦୩

ଶ୍ରୀଯୁକ୍ତ ଗୋବର୍ଦ୍ଧନ ଦାସ ବାବାଜି ପାରଳା
ଖେମୁଣ୍ଡି ଟ ୨ ୧
" ଭଗୀରଥି ସାହୁ ବ୍ରହ୍ମପୁର ଟ ୧ ୧
" ହିତା ଦୟାନାଥ ପାତ୍ର ବୁଗୁଡା ଟ ୧ ୧
" ଗୋପୀନାଥ ନନ୍ଦ ପାରଳାଖେମୁଣ୍ଡି ଟ ୨ ୧
" ଦାମୋଦର ତ୍ରିପାଠୀ ରମ୍ଭଭୁଣ୍ଡା ଟ ୧ ୧
" ନୀଳମଣି ସତ୍ପଥୀ ଅଠମଲ୍ଲିକ ଟ ୨ ୧
" ଭଗବାନ ଦାସ ବାବାଜି ପାରଳା
ଖେମୁଣ୍ଡି ଟ ୨ ୧
" ରାମକୃଷ୍ଣ ମିଶ୍ର ପାରଳାଖେମୁଣ୍ଡି ଟ ୧ ୧
" ପ୍ୟାରୀମୋହନ ପାଣିଗ୍ରାହୀ ପାରଳା
ଖେମୁଣ୍ଡି ଟ ୧ ୧
" ବଂଶୀଧର କର କାଶୀପୁର ଟ ୨ ୧
" ମାଳତୀ ନାୟକ " ଟ ୨ ୧
" ଅର୍ଜ୍ଜୁନ ପଣ୍ଡା ଜୁନାଗଡ଼ ଟ ୧ ୧
" ପଦ୍ମନାଭ ମହାନ୍ତି କଟକ ଟ ୦ ୪
" ଚନ୍ଦ୍ରଶେଖର ପାଣି ଢେଙ୍କାନାଳ ଟ ୧ ୧
" ରାମକୃଷ୍ଣ ରାଉ କଟକ ଟ ୧ ୧
" ଭିକ୍ଟର ପୂର୍ଣ୍ଣଦାସ କଲିକତା ଟ ୦ ୪
" ଚୈତନ୍ୟପ୍ରସାଦ ଦେ ଗୋପାଳପୁର ଟ ୧ ୧
" ପ୍ରସନ୍ନକୁମାର ବହ୍ନିବାର ଟ ୧ ୧
" ଭାରତୀନ୍ଦ୍ର ଦାସ " ଟ ୧ ୧
" ନରସିଂହଚରଣ ଦାସ ମୟୂରଭଞ୍ଜ ଟ ୧ ୧
" ପଦ୍ମଚରଣ ନାୟକ ଦୋଳସାହି ଟ ୧ ୧
" ଅଦ୍ୱୈତଚରଣ ପଟ୍ଟନାୟକ କଟକ ଟ ୦ ୪
" ଜିତେନ୍ଦ୍ରନାରାୟଣ ଦତ୍ତଗୁପ୍ତ " ଟ ୨ ୧
" ଗୋବିନ୍ଦଚନ୍ଦ୍ର ପୁଷ୍ଟି ଢେଙ୍କାନାଳ ଟ ୧ ୧
" କୈଳାସଚନ୍ଦ୍ର ପ୍ରଧାନ ମୟୂରଭଞ୍ଜ ଟ ୨ ୧
" ମାଧବଚନ୍ଦ୍ର ପଣ୍ଡାଦାସ ସମ୍ବଲପୁର ଟ ୧ ୧
" ବିଶ୍ୱନାଥ ବ୍ରହ୍ମା ଜଟିଗୋଡ ଟ ୨ ୧



ଡାକ୍ତର ମେଜର ସାହେବଙ୍କର ବିଶ୍ୱବିଖ୍ୟାତ ସେହି

ଇଲେକ୍ଟ୍ରୋ-ସାଲସା ।

ଚିକିତ୍ସାଜଗତରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ରକ୍ତ ମାନବ ଦେହର ଜୀବନୀଶକ୍ତି । ତାଡ଼ିତଶକ୍ତି ଜୀବନୀଶକ୍ତିର ମୂଳ । ପ୍ରତିଦିନ ନାନାପ୍ରକାରରେ ବିଶେଷତଃ ଆହାର ବିହାରରେ, ଅଭ୍ୟାଗତର ଅନାଗ୍ରହରେ, ନିଶ୍ୱାସ ପ୍ରଶ୍ୱାସରେ ମାନବଦେହରେ ବିଷ ପ୍ରବେଶ କରୁଥାଏ । ଏହି ବିଷ କ୍ରମେ କ୍ରମେ ରକ୍ତ ସହିତ ମିଶ୍ରିତ ହୋଇ ଦେହାଭ୍ୟନ୍ତରସ୍ଥ ତାଡ଼ିତଶକ୍ତି ହ୍ରାସ କରେ ଏବଂ ପରିଣାମରେ ସାଧାରଣତଃ ଶୁକ୍ର ଓ ଶୋଣିତ ସମ୍ବନ୍ଧୀୟ ପୀଡ଼ା ଉତ୍ପନ୍ନ ହୁଏ । ଯେଉଁ ଔଷଧ ଏହି ରକ୍ତଦୁଷ୍ଟିର ବିଷ ଦୂରୀଭୂତ କରି ହ୍ରାସପ୍ରାପ୍ତ ବୈଦ୍ୟୁତିକ ଶକ୍ତିର ସାମଞ୍ଜସ୍ୟ ସମ୍ପୂର୍ଣ୍ଣରୂପ ରକ୍ଷା କରିପାରେ, ସେହି ପ୍ରକୃତ ଔଷଧ; ଏହି—

"ଇଲେକ୍ଟ୍ରୋ-ସାଲସା" ତାହାର ଏକମାତ୍ର ଆଦର୍ଶ ।

ଏହା କଣ ? ତଡ଼ିତ୍-ବିଜ୍ଞାନ-ସମ୍ମତ ଶୁକ୍ର ଓ ଶୋଣିତର ଦୋଷ-ସଂଶୋଧକ ଏବଂ
ତାଡ଼ିତଶକ୍ତିପ୍ରବର୍ତ୍ତକ କେତୋଟି ଦୁଷ୍ପ୍ରାପ୍ୟ ସାର୍ଯ୍ୟବାନ୍ ଉଦ୍ଭିଜ୍ଜରୁ—
ନିଉ ୟର୍କ ନଗରବାସୀ ଖ୍ୟାତନାମା ଡାକ୍ତର :—
ଜେମସ ମେଜର ଏମ୍. ଏ. ଏମ୍. ଡି
ମହୋଦୟଙ୍କର ଅନୁଷ୍ଠିତ,— ନୂତନ ରସାୟନିକ ପ୍ରକ୍ରିୟାରେ ବିନିଃସୃତ ନିର୍ଯ୍ୟାସ ।
ମାନବଦେହରେ ଏହାର କ୍ଷମତା ଅସୀମ, ଗୁଣ ଅନନ୍ତ, କ୍ରିୟା ସ୍ଥାୟୀ ।

ଏଥିରେ ଯେ କେତୋଟି ସାର୍ଯ୍ୟବାନ୍ ଭେଷଜ ପଦାର୍ଥ ଅଛି, ତାହା ଅନ୍ୟ କୌଣସି ଔଷଧରେ ନାହିଁ ଏବଂ ଏହି ଗବେଷଣାଲବ୍ଧ ମହାଗୁଣଶାଳୀ ଦୁଷ୍ପ୍ରାପ୍ୟ ଭେଷଜ ଏହାର ଏରୂପ ଅସାଧାରଣ ଗୁଣବତ୍ତାର ମୂଳକାରଣ ।

ଏଥିରେ କେଉଁ କେଉଁ ରୋଗ ଆରୋଗ୍ୟ ହୁଏ ? ସର୍ବପ୍ରକାର ଚାରିତ୍ରଜାତ ଶୁକ୍ର ଓ ଶୋଣିତର ବିକୃତି, ବାୟୁଦୌର୍ବଲ୍ୟ, ଦେହର ବିବର୍ଣ୍ଣ ଯନ୍ତ୍ରର କ୍ରିୟା-ଘଟିତ ଗୋଳମାଳ, ଶୁକ୍ରମେହ, ଶୁକ୍ର ତାରଲ୍ୟ, ନୂତନ ପୁରାତନ ମେହ, ପ୍ରମେହ, ସ୍ୱପ୍ନଧାତୁ ନିର୍ଗମ, ଅନିଚ୍ଛାରେ ବା ଅଳ୍ପ ଉତ୍ତେଜନାରେ ସ୍ଖଳନ, ସମ୍ପୂର୍ଣ୍ଣ ବା ଆଂଶିକ ପୁରୁଷତ୍ୱହୀନ, ପ୍ରସ୍ରାବରେ ଯନ୍ତ୍ରଣା, ଲୁଗାରେ ଦାଗଲାଗୁ,

ସ୍ୱପ୍ନଦୋଷ, ଶୁକ୍ରରେ ସନ୍ତାନ ଉତ୍ପାଦିକା ଶକ୍ତିର ଅଭାବ, ମଳ ବା ମୂତ୍ରତ୍ୟାଗ ସମୟରେ ପ୍ରାୟସ୍ଥଳେ ବା ମଳଦ୍ୱାରେ ଶୁକ୍ରକ୍ଷରଣ, ମୂତ୍ରକୃଚ୍ଛ୍ରତା, ମୁହୁର୍ମୁହୁଃ ପ୍ରସ୍ରାବ, ଜନନେନ୍ଦ୍ରିୟର ଦୁର୍ବଳତା, ସ୍ମୃତିଶକ୍ତିର ହ୍ରାସ, ମସ୍ତିଷ୍କ କ୍ଲାନ୍ତି, ଦୃଷ୍ଟିଶକ୍ତିର କ୍ଷୀଣତା, ଶିରଘୂର୍ଣ୍ଣନ, ସ୍ନାୟବିକ ବିକାର, ଶରୀର ଓ ମନର ଅବସାଦ, ଦୁର୍ବଳତା ସ୍ୱଭାବ, ଯୌବନଦାରୋଚିତ ସାମର୍ଥ୍ୟର ଅଭାବ, ନିର୍ଜନପ୍ରିୟତା, ବୃଦ୍ଧିଶୁକ୍ର ଦସ୍ତାଦୁଷ୍ଟ ଘନନ, ଅଧ୍ୟୟନରେ ବା ସଂସାରର କାର୍ଯ୍ୟରେ ଅନିଚ୍ଛା ଓ ସାମର୍ଥ୍ୟହୀନତା, ଅକାଳବୃଦ୍ଧ ହେବା, ଶୋଣିତର ଦୂଷ୍ୟତା, ପାରଦ ଓ ଉପଦଂଶାଦିଦୋଷଜନିତ ଶୋଣିତ-ବିକାର, ବାତରକ୍ତ, ଅମ୍ଳବାତ, ଗାତ୍ରକଣ୍ଡୁ, ବାଗି, ଉପଦଂଶର ଘା, ନାକ ଓ ମୁହଁର ଭିତରେ ଘା, ନାଲି ଘା, ଫୋଟ ହେବା, ବାହୁ କୁଣ୍ଡିଆ, ଭଗନ୍ଦର, କୁଷ୍ଠ ପ୍ରଭୃତି ନାନାପ୍ରକାର ଚର୍ମରୋଗ, ଶୁକ୍ର ବା ଶୋଣିତ ବିକାରଜ ଘଟିତ ସର୍ବପ୍ରକାର ଚର୍ମରୋଗ ଖାଜ, ଖସ, ଚିରୁ, ଦାଦ, ଦଦ୍ରୁ, ହାତ ଓ ହାତଗୋଡ଼ର ଗୁରୁତ୍ୱ, ବେଦନା, ଥକ୍ ଥକ୍ କରିବା, ଫୋଡ଼ାଦବା, ଶରୀରର ନାନା ସ୍ଥାନରେ ହାତଗୋଡ଼ରେ ପାରା ବା ଉପଦଂଶାଦିର ଲକ୍ଷଣ, ହସ୍ତ ଓ ପାଦ ତଳର ଚମଡ଼ା ଫାଟିବା, ଯଦି ବା ଭୁହ୍ୟସ୍ଥ ଚିହ୍ନ ଫାଟିଉଠିବା, ଯକୃତ ଭୁଷ୍ଟାଦିର ପୂର୍ବଲକ୍ଷଣ, ଲୁସ୍ତାଭ ଦାଗ ଦାଗ ଫୁଟିଉଠିବା, ଚମ୍ପୁରୁ ଜଳ ପଡ଼ିବା, ଅକାଳବାର୍ଦ୍ଧକ୍ୟ, ମୁଣ୍ଡରୁ ବାଳ ଝଡ଼ିପଡ଼ିବା, ଦେହର ଅକାଳପନତା, ଶରୀରର ଧାତୁଗତ ଦୌର୍ବଲ୍ୟ ଉତ୍ପାଦ ଶୁକ୍ର ଓ ଶୋଣିତ ସଂକ୍ରାନ୍ତ ସର୍ବପ୍ରକାର ବ୍ୟାଧି ଓ ତାହାର ସହଯୋଗୀ ଉପସର୍ଗ ସମୂଳରେ ବିନଷ୍ଟ କରି ସ୍ୱାସ୍ଥ୍ୟ ଦୃଢ଼ କରିବାକୁ, ଦୋଷ୍ଟ ପଦାର୍ଥ ରକ୍ତର ... ଦୁର୍ବଳ ଓ ଜରାଗ୍ରସ୍ତ ଦେହ ସବଳ ଓ କାର୍ଯ୍ୟକ୍ଷମ କରିବାକୁ ଏହା ଅତୁଳନୀୟ; ସେଥିପାଇଁ

ଡାକ୍ତର ସେନଙ୍କର ଇଲେକ୍ଟ୍ରୋ-ସାଲସା

ଆଜି ଭାରତର ସର୍ବତ୍ର ସମାଦୃତ ଓ ପରିବ୍ୟାପ୍ତ । ପ୍ରକୃତ ଗୁଣ ଅଛି ବୋଲି ଏହାର ଛଦ୍ମ ଏବେ ଅଛି—ବିକୃତ ଦ୍ରବ୍ୟ ନକଲ-ବେଚିବାରୁ ଅତି ବଡ଼ ଜନଜନ ହୁଅନ୍ତି ! କ୍ରେତାଗଣ ସାବଧାନ !!

"ଇଲେକ୍ଟ୍ରୋ-ସାଲସା"—ସକଳ ଦେଶର ସକଳ ଋତୁରେ ଉକ୍ତି ନିତ ରୋଗସମୂହର ସକଳ ଅବସ୍ଥାରେ ଆବାଳ-ବୃଦ୍ଧବନିତା, ରୋଗୀ, ଅରୋଗୀ ସମସ୍ତେ ନିର୍ଭୟରେ ସେବନ କରି ପାରନ୍ତି ।

ଇଲେକ୍ଟ୍ରୋ-ସାଲସାର ମୂଲ୍ୟାଦି,—ସର୍ବପ୍ରକାର ଭାବରେ ବ୍ୟବସ୍ଥାପନ ସମ୍ବଳିତ ୮ ଦିନ ସେବନୋପଯୋଗୀ ପ୍ରତ୍ୟେକ ଶିଶିର ମୂଲ୍ୟ ଟ ୨ ୧, ୩ ଶିଶି ମୂଲ୍ୟ ଟ ୫।, ୬ ଶିଶି ଟ ୧୦।, ଡଜନ ଟ ୨୦ ୧, ପ୍ୟାକିଂ ଓ ଡାକମାଶୁଲ ଇତ୍ୟାଦି ଯଥାକ୍ରମେ ଟ ୦ ।, ଟ ୦ ।୯, ଟ ୧।, ଟ ୧। ।

ଅସଂଖ୍ୟ, ଅଯାଚିତ ପ୍ରଶଂସାପତ୍ର ଏହାର ଅବ୍ୟର୍ଥତା, ଅଲୌକିକତା ଓ ଅକୃତ୍ରିମତାର ନିର୍ଭୁଲ ପ୍ରମାଣ, ନିମ୍ନରେ ସାକ୍ଷ୍ୟ ଦେଉଅଛୁ ।

୧ । ପାଟଣାର ମହାରାଜା ଦଲଗଞ୍ଜନ ସିଂହ ମହୋଦୟ ଲେଖିଅଛନ୍ତି:—

"ମହାଶୟଗଣ ! ମୋହର ପରିବାରସ୍ଥ ଏକ ବ୍ୟକ୍ତିର ଅତି କଠିନ ପୀଡ଼ାରେ ଡାକ୍ତର ସେନଙ୍କର ଇଲେକ୍ଟ୍ରୋ ସାଲସାର ବହୁପ୍ରକାର ଶୁଭଫଳ ଦର୍ଶନ କରି ମୁଁ ଡାକ୍ତର ସାହେବଙ୍କର ନିକଟରେ କୃତଜ୍ଞ ଏବଂ ପକ୍ଷପାତ କରୁଅଛି ଯେ, ଆପଣମାନଙ୍କର ପ୍ରସ୍ତୁତ ମହୌଷଧି ରୋଗ ... ମାନବମଣ୍ଡଳୀର ମହୋପକାରୀ ଏ କଥା କହିବାକୁ ମୁଁ ଅଣୁମାତ୍ର ଦ୍ୱିଧା ବୋଧ କରୁ ନାହିଁ । ଆପଣମାନଙ୍କର ମହୌଷଧର ଗୁଣର ନିଦର୍ଶନ ସ୍ୱରୂପ ମୁଁ ଆପଣମାନଙ୍କୁ ଗୋଟିଏ ସ୍ୱର୍ଣ୍ଣପଦକ ପାରିତୋଷିକ ପ୍ରଦାନ କଲି । ଏହି ସାମାନ୍ୟ ଉପହାର ଆପଣମାନଙ୍କର ଅତୁଳନୀୟ ଓ ଅମୂଲ୍ୟ ଇଲେକ୍ଟ୍ରୋ-ସାଲସାର ଗୁଣର ତୁଳନାରେ ଯେତେ ଅକିଞ୍ଚିତ୍କର ହେଲେହେଁ ଏହା ମୋହର ... କୃତଜ୍ଞତାର ନିଦର୍ଶନ ବୋଲି ଗ୍ରହଣ କଲେ କୃତାର୍ଥ ହେବି । ତା ୧୬।୧୦।୧୯୦୩"

୨ । ମହାମାନ୍ୟ ମହାରାଜା ସାର ସୁଢଳ ଦେଓ ବାମଣ୍ଡାରୁ ଲେଖିଅଛନ୍ତି :—

ମୁଁ ନିଃସନ୍ଦେହରୂପେ କହିପାରେଁ ଯେ "ଇଲେକ୍‌ଟ୍ରୋ-ସାଲସା" ଦୂଷିତରକ୍ତ ପରିଷ୍କାର କରିବା ଓ ରକ୍ତଦୁଷ୍ଟିହେତୁ ବିବିଧ ରୋଗ ଆରୋଗ୍ୟ କରିବାପକ୍ଷରେ ସର୍ବୋତ୍କୃଷ୍ଟ ।"

୩ । ମହାମାନ୍ୟ ମହାରାଜା ଗଉରଚନ୍ଦ୍ର ଦେଓ ବେଣ୍ଡାଖୋଲରୁ ଲେଖିଅଛନ୍ତି—

* ବିଜ୍ଞାପନର ମୋହରେ ପଡ଼ି "ଡ୍ୟାନଜନ" ଔଷଧ ମଗାଇଲି, ଉପକାର ହେବା ଦୂରେ ଥାଉ ଅପକାର ହେଲା, ସେଥିରେ ପାରା ଅଛି ବୋଲି ଜଣାପଡ଼ିଲା । କିନ୍ତୁ ଆପଣମାନଙ୍କର ଇଲେକ୍‌ଟ୍ରୋ-ସାଲସାର ଗୁଣ ମୁଁ ବୁଝି ପାରିବି ନାହିଁ । ମୋତେ ଆହୁରି ୩ ଡଜନ ପଠାଇଦେବେ ।"

୪ । ମହାମାନ୍ୟ ମହାରାଜା ନରହର ମର୍ଦ୍ଦରାଜ ଦେଓ ଖଣ୍ଡିକୋର୍ଟରୁ ଲେଖିଅଛନ୍ତି—

"ରକ୍ତ ପରିଷ୍କାର କରି ବଳବୀର୍ଯ୍ୟ ବୃଦ୍ଧି କରିବାକୁ ଇଲେକଟ୍ରୋ-ସାଲସାର କ୍ଷମତା ଅସୀମ ଅଟେ ।"

୫ । ଗୋପ୍ଲଲପୁର ପ୍ରଦେଶାଧିପତି ମହାରାଜାଧିରାଜ ରଘୁନାଥ ରାଓ ବାକର ମିସିର—ଆର-ଶାପ ବାହାଦୁର ଲେଖିଅଛନ୍ତି :—ଅନୁଗ୍ରହକରି ଆହୁରି ୩ ଶିଶି ଔଷଧ ଆମ୍ଭ ନିକଟକୁ ପଠାଇ ଦିଅନ୍ତୁ । ୨୫ ତାରିଖ ଜୁଲାଇ, ୧୯୦୩ ।

୬ । ଡାକ୍ତର ଜି. ଓସ୍ମାଡାର (ବର୍ଲିନ) ଏଲ. ଏମ୍. ଏସ୍. ପ୍ରୋଫେସର ମେଡିକାଲ କଲେଜ, ମାନ୍ଦ୍ରାଜଠାରୁ ଲେଖିଅଛନ୍ତି :—"ପାରା ଓ ଉପଦଂଶାଦିଜନିତ ରକ୍ତଦୁଷ୍ଟି ରୋଗରେ ଆପଣମାନଙ୍କର ଇଲେକଟ୍ରୋ-ସାଲସାର କ୍ରିୟା ଦେଖି ଅସୀମ ଆନନ୍ଦ ଭୋଗ କରିଅଛି । ୧୩ ଜାନୁୟାରି, ୧୯୦୨ ।"

୭ । କଲିକତା ମେଡିକାଲ ବୋର୍ଡର ପ୍ରେସିଡେଣ୍ଟ ରାୟବାହାଦୁର ସୂର୍ଯ୍ୟକୁମାର ସର୍ବାଧିକାରୀ ଡି. ଏମ୍. ସି. ବି. ମହୋଦୟ ଲେଖିଅଛନ୍ତି :—"ରକ୍ତଦୁଷ୍ଟିଜାତ ହେତୋଃ ରୋଗୀଙ୍କୁ ଆପଣମାନଙ୍କର ଇଲେକ୍‌ଟ୍ରୋ-ସାଲସା ବ୍ୟବହାର କରାଇ ସନ୍ତୋଷଜନକ ଫଳ ପ୍ରାପ୍ତ ହୋଇଅଛି ।"

ଡାକ୍ତର ମେଜର ସାହେବଙ୍କର

ହାଇଡ୍ରୋସିଲ-ଇଲିକ୍‌ସାର

ବା କୋଷବୃଦ୍ଧିର ଔଷଧ ।

ପ୍ରବର୍ତ୍ତ ୫ ବର୍ଷକାଳରୁ ଅଧିକ ରୋଗୀ ଆରୋଗ୍ୟ ଲାଭ କରୁଅଛନ୍ତି । ଆମ୍ଭେମାନେ ପ୍ରତିଜ୍ଞା କରି କହିପାରୁଁ, ଏହି ପ୍ରଲେପ ନିୟମିତରୂପେ କେବଳ ସପ୍ତାହ ବ୍ୟବହାର କଲେ ଏକଶିରା ବା କୋଷବୃଦ୍ଧି ଯେତେ ବଡ଼ ହେଉ, ଯେତେ ପୁରାତନ ହେଉ ପଛକେ ନିଶ୍ଚୟ ଆରୋଗ୍ୟ ହେବ । ଯେଉଁମାନେ ଏହି କୁତ୍ସିତ ରୋଗ ଓ ତାହାର ବିବିଧ ଯନ୍ତ୍ରଣାଦାୟକ ଉପସର୍ଗାଦିରୁ ନିର୍ବିଘ୍ନରେ ବିନା ଯନ୍ତ୍ରଣାରେ ଅଥଚ ଗୋପନରେ ଆରୋଗ୍ୟ ଲାଭର ବାସନା କରନ୍ତି, ସେମାନେ ଏହି ମହୌଷଧ ପରୀକ୍ଷା କରି ଦେଖନ୍ତୁ । ପ୍ରଥମ ଦିନ ବ୍ୟବହାରରେ ଏହାର ଆଶ୍ଚର୍ଯ୍ୟ ଉପକାରିତା ବୁଝାଯାଏ । ତତ୍ପରେ କ୍ରମେ କ୍ରମେ ଆକାର ଓ ଗୁରୁତ୍ୱ କମି ଥାଏ । ଯେଉଁମାନେ ଆରୋଗ୍ୟ ହେବା ବିଷୟରେ ହତାଶ ହୋଇଅଛନ୍ତି, ସେମାନେ ଏହି ଔଷଧ ପ୍ରତି ସମ୍ପୂର୍ଣ୍ଣ ନିର୍ଭର କରନ୍ତୁ । ବ୍ୟବହାରରେ ଜ୍ୱାଳା-ଯନ୍ତ୍ରଣା ବା ବିପ୍ଳବର ସମ୍ଭାବନା ନାହିଁ । ମୂଲ୍ୟ ପ୍ରତି ଶିଶି ଟ ୧୫, ତିନି ଶିଶି ଏକତ୍ରରେ ଟ ୪୧ । ୬ ଶିଶି ଟ ୭୨ ଡଜନକୁ ଟ ୧୪୯ ମାସୁଲ ସ୍ୱତନ୍ତ୍ର ।

ଡାକ୍ତର ମେଜର ସାହେବଙ୍କର

ହେୟାର ଲାଇନ

କେଶର ପରିପୋଷଣ, ପରିବର୍ଦ୍ଧନ ଓ ଶ୍ରୀସମ୍ପାଦନକାରୀ ସୁଗନ୍ଧି କେଶତୈଳ ।



କେତୋଟି ଶୈତ୍ୟଗୁଣାନ୍ୱିତ ସଦ୍ୟ ପ୍ରସ୍ଫୁଟିତ, ସୁଗନ୍ଧଯୁକ୍ତ, ଅନାଘ୍ରାତ, ପୁଷ୍ପର ସାର, ବୈଜ୍ଞାନିକ ପ୍ରଣାଳୀରେ ଏକତ୍ରିତ କରି ବିଶୁଦ୍ଧ କେଶପୋଷକ ତୈଳର ସଂଯୋଗରେ ଏହି କେଶ ତୈଳ ପ୍ରସ୍ତୁତ ହୋଇଅଛି । ଆଜି ଏହା ଲଗାଇବାକୁ ଆରମ୍ଭ କରନ୍ତୁ, ଅପୂର୍ବ ସୌରଭରେ ଗୃହଅଙ୍ଗ ମହକି ଉଠିବ । ମସ୍ତିଷ୍କ ସୁଶୀତଳ ହେବ । ନିକଟସ୍ଥ ଲୋକେ ମନୋହର ସୁଗନ୍ଧରେ ମୁଗ୍ଧ ହେବେ । ଆପଣଙ୍କର ମନେ ହେବ ଯେପରି ପ୍ରସ୍ଫୁଟିତ ଫୁଲ-ବଗିଚାକୁ ଆସିଅଛନ୍ତି ।

"ହେୟାର-ଲାଇନ" ଲଗାଇ କେଶ ବିନ୍ୟାସ କଲେ ୨୪ ଘଣ୍ଟା ପର୍ଯ୍ୟନ୍ତ ଗନ୍ଧ ସମ ଭାବରେ ଥାଏ । ସ୍ନାନ ପରେ ଦେହରେ ଯେତେ ପବନ ଲାଗେ, ହେୟାର-ଲାଇନର ଗନ୍ଧ ସେତେ ବାହାରୁଥାଏ, ଯେପରି ସୌରଭର ଭଣ୍ଡାର ଖୋଲିଦିଏ । ଅତି ମୂଲ୍ୟବାନ୍ ଅତର ଓ ବିଦେଶୀୟ ମ୍ୟାଟେଶାର ତୈଳ ପ୍ରଭୃତି ଏହାର ସୌରଭ ଓ ଗୁଣ ନିକଟରେ ପରାହତ ।

"ହେୟାର-ଲାଇନର" ରଙ୍ଗ ଅତି ମନୋହର, ସ୍ୱଭାବତଃ ଉଜ୍ଜ୍ୱଳ ଓ ସ୍ୱଚ୍ଛ । ଏଥି ନିମନ୍ତେ କେଶରେ ଅଟା ଧରେ ନାହିଁ ।

"ହେୟାର-ଲାଇନ" କେବଳ ସୌଖୀନ ଜିନିସ ନୁହେଁ, ମୁଣ୍ଡବଥା, ମୁଣ୍ଡବୁଲା, ହିଷ୍ଟିରିଆ ପ୍ରଭୃତି ଶିରରୋଗର ମହୌଷଧ । ହସ୍ତ ପଦର ଜାଳା, ଗାତ୍ରଦାହ, ଛାତି ଧଡ଼ପଡ଼ହେବା, ପ୍ରାଣର ଅସ୍ୱଚ୍ଛନ୍ଦତା, ସ୍ନାୟବୀୟ ଦୌର୍ବଲ୍ୟ, ଦୂରପଡ଼ିବା ପ୍ରାୟ ବୋଧହେବା, ଅନିଦ୍ରା, ରେତଃକ୍ଷୟ ପ୍ରଭୃତି ଉପସର୍ଗ ଦୂରୀକରଣରେ ଏହା ତୁଲ୍ୟ ଗୁଣସମ୍ପନ୍ନ ଔଷଧ ଆଉ ନାହିଁ ।

"ହେୟାର-ଲାଇନ" ବ୍ୟବହାରଦ୍ୱାରା କେଶ ଉପୁଡ଼ିବା ବନ୍ଦ ହୁଏ, କେଶର ମୂଳ ଶକ୍ତ ହୁଏ, କେଶ ପ୍ରଚୁର ପରିମାଣରେ ବଢ଼େ ଏବଂ କଳା ଓ ଚିକ୍କଣ ହୁଏ, ମସ୍ତିଷ୍କ ଥଣ୍ଡା ରହେ । ଅନେକ ଦିନ ବ୍ୟବହାର କଲେ ଟାକର ରୋଗ ନଷ୍ଟ ହୁଏ, ମୁଣ୍ଡର ରୁପୀ ପ୍ରଭୃତି ନଷ୍ଟ ହୁଏ; କେଶ ଘନ, କୋମଳ ଓ ସୁଦୃଶ୍ୟ ହୁଏ, ଦେହର ଦୁର୍ଗନ୍ଧ ଦୂର ହୁଏ, ଚର୍ମ କୋମଳ ଓ କାନ୍ତିଯୁକ୍ତ ହୁଏ, ମନର ସ୍ଥୈର୍ଯ୍ୟ ଧୈର୍ଯ୍ୟ ବଢ଼େ, ସ୍ମରଣଶକ୍ତି ବୃଦ୍ଧି ହୁଏ ।

ମୂଲ୍ୟ ପ୍ରତି ବଡ଼ ଶିଶି ଟ ୧।୰; ୩, ୬, ୧୨ ଶିଶି କ୍ରମାନ୍ୱୟରେ ଟ ୨।୰, ଟ ୫।୰, ଟ ୧୦।୰; ପ୍ୟାକିଂ ଓ ଡାକମାସୁଲ ସ୍ୱତନ୍ତ୍ର ।

ପ୍ରାପ୍ତିସ୍ଥାନ—ଡବଲିଉ, ମେଜର ଏଣ୍ଡ କୋଂ
ହେଡ଼ ଅଫିସ,—୧୨ ନମ୍ବର ଓ୍ୱେଲିଂଟନ ଷ୍ଟ୍ରିଟ, କଲିକତା ।

ଉତ୍କଳ-ସାହିତ୍ୟ ।

ଓଡ଼ିଆ ଛନ୍ଦ । (୨)

ଓଡ଼ିଆ ଭାଷାରେ ଉପବଂଶସ୍ଥର ଓ ଏକବଂଶସ୍ଥର ଛନ୍ଦ ନାହିଁ ବୋଲି ଆମ୍ଭେ ପୂର୍ବେ ଲେଖିଥିଲୁଁ । କିନ୍ତୁ ଏ ଦୁଇ ଛନ୍ଦ ଓଡ଼ିଆରେ ବ୍ୟବହୃତ ଥିବାର ଅନୁସନ୍ଧାନଦ୍ୱାରା ଅବଧାରିତ ହୋଇଅଛି, ଯଥା:—

ଗୃହ୍ୟଳ ପକ୍ଷରେ ଅଧୂଆ ହେଉ
ସେକ ହେଉ ବଡ଼କଥା ।
ଘଇତା ପକ୍ଷରେ ସନ୍ତୁଆ ହେଉ
ଲୁଗା ହେଉ ଚଉଁରଥ ॥

—ଢଗ ।

ନୀଚରେ ଥୋଇଲେ ଖଣ୍ଡରେ ମୋହିଲେ
ନାମ କି ମଧୁର ହୋଇବ ।
ଯେତେ ପରକାରେ ବୁଝାଇ କହିଲେ
ପର କି ଆପଣା ହୋଇବ ॥

—ଢଗ ।

ଏ ଦୁଇ ଛନ୍ଦ କେଉଁ ସଂସ୍କୃତ ବା ପ୍ରାକୃତ ଛନ୍ଦର ଅନୁକରଣ, ନିର୍ଦ୍ଧାରଣ କରିବା କଷ୍ଟସାଧ୍ୟ ।

ପୂର୍ବୋକ୍ତ ୨୩ ଟି ଛନ୍ଦ ଛଡ଼ା ଓଡ଼ିଆରେ ଆଉ କେତୋଟି ଛନ୍ଦ ପ୍ରଚଳିତ ଥିବାର ଦେଖାଯାଏ, ଯଥା:—

କଉଡ଼ି । ଶଙ୍ଖରୁ ବଳ ଘଉଡ଼ି ।
ଛି ଲୋ ଛତୁ । ପାଣି ବରଷିଲେ କେତେ ମାଛୁ ।
ଭେଲି ଗୁଡ଼ଆ । ବାର ମାସରେ ବାର ଲୁଡ଼ଆ ।
ପାଠକୁ ଭସେ । କପଡ଼ି କଣ୍ଟିଣି ଶୂଳରେ ଖୋସେ
ଘରର ଉପରେ ଘର ।
ପୁଷ୍ପାଶମ୍ବର ଛନ ଦଅର ଯେ
ଚନ୍ଦନଉଦଆ କର ॥

ଏ ସବୁ ସମାନାକ୍ଷରପଦବିଶିଷ୍ଟ ନ ହେଲେ ସୁଦ୍ଧା ସମଛନ୍ଦଶ୍ରେଣୀଭୁକ୍ତ । ଉଦାହରଣ ପରୀକ୍ଷା କରି ଦେଖନ୍ତୁ :—

(୧)

କଉଡ଼ି । ଶଙ୍ଖରୁ ବଳ ଘଉଡ଼ି ॥—ଢଗ

ଏହା ପଞ୍ଚମାକ୍ଷର-ଯତିବିଶିଷ୍ଟ ଅଷ୍ଟାକ୍ଷର ଛନ୍ଦରୁ ଜାତ, ଯଥା:—

କୁରଙ୍ଗଶିଶୁ ହାତ ପଇର । ମୋ ଭାଇ ଦୁଧ ଖାଉର ।

—କୁରଙ୍ଗଗୀତ ।

ଏହି ଛନ୍ଦର ପ୍ରଥମ ଚରଣରୁ ପ୍ରଥମ ପାଞ୍ଚ ଅକ୍ଷର କଟା ଯାଇ, ଅବଶିଷ୍ଟ ତିନି ଅକ୍ଷର ସହିତ ଉପଯୋଗ୍ୟ ଢଗବୃତ୍ତ ସୃଷ୍ଟ ହୋଇଅଛି, ଯଥା:—

......ପଇର । ମୋ ଭାଇ ଦୁଧଖାଉର ।

(୨)

ଛି ଲୋ ଛତୁ । ପାଣି ବରଷିଲେ କେତେ ମାଛୁ ।

—ଢଗ ।

ଏହା ଷଷ୍ଠାକ୍ଷର-ଯତିବିଶିଷ୍ଟ ଦଶାକ୍ଷର ଛନ୍ଦର ରୂପାନ୍ତର, ଯଥା:—

ରାମ ଅଙ୍ଗ ପାଇ ଯାଇ ଗଲେ ।
ଏହା ଶୁଣି ଭ୍ରାତ ଜଣାଇଲେ ॥—ବଳିରାମାୟଣ ।

ଏହି ଛନ୍ଦର ପ୍ରଥମ ଚରଣରୁ ପ୍ରଥମ ଛ ଅକ୍ଷର କଟାଯାଇ, ଶେଷ ଚାରି ଅକ୍ଷର ଭିଳେ ଉପଯୋଗ୍ୟ ଢଗବୃତ୍ତ ହୋଇଅଛି, ଯଥା:—

......ଯାଇ ଗଲେ । ଏହା ଶୁଣି ଭ୍ରାତ ଜଣାଇଲେ ।

(୩)

ଭେଲି ଗୁଡ଼ଆ । ବାର ମାସରେ ବାର ଲୁଡ଼ଆ ।

—ଢଗ ।

ଏହା ପଞ୍ଚମାକ୍ଷର-ଯତିବିଶିଷ୍ଟ ଦଶାକ୍ଷର ଛନ୍ଦରୁ ଆସିଅଛି, ଯଥାଃ—

ଘନ ତରଳ ଅମୃତ ରସ ।
ଶୁଣି ପଶୁହିଁ ହୋଇବେ ବଶ ।

—ଭକ୍ତିରସାମୃତ ।

ପ୍ରଥମ ଚରଣର ଶେଷ ପାଞ୍ଚ ଅକ୍ଷର ସହିତ ଉପରୋକ୍ତ ଛଗବୃତ୍ତ ରଚିତ ହୋଇଅଛି, ଯଥାଃ—

······ମୃତ ରସ । ଶୁଣି ପଶୁହିଁ ହୋଇବେ ବଶ ।

(୪)

ପାଠକୁ ରସେ । ନପଢ଼ି ନଶୁଣି ଗୃହରେ ଶୋଏ ।

—ଛଗ ।

ଏହି ଛଗବୃତ୍ତ ସପ୍ତାକ୍ଷର-ଯତିବିଶିଷ୍ଟ ଏକାଦଶାକ୍ଷର ଛନ୍ଦରୁ ଜାତଃ—

ବନ୍ଦନ୍ତ ମଃ ଏତେ । ଶ୍ରୀକୃଷ୍ଣ ଅଗ୍ରେ ।
କଥା ଶୁଣ ବାବୁ ଅତି ସଙ୍ଗେ ॥

ଏଥିର ପ୍ରଥମ ଚରଣରୁ ପ୍ରଥମ ଛ ଅକ୍ଷର କାଟି ଦେଲେ ଉପରୋକ୍ତ ଛଗ ବୃତ୍ତ କପରି ଜାତ ହୋଇଅଛି, ସ୍ପଷ୍ଟ ଜଣାଯିବ, ଯଥାଃ—

······ଶ୍ରୀକୃଷ୍ଣ ଅଗ୍ରେ । କଥା ଶୁଣ ବାବୁ ଅତି ସଙ୍ଗେ ।

(୫)

୬ + ୬ +

ଲୁହା ଯାଉଥାଏ ଝିନା ।
ଲୁହାର ଲୁହାର ଯୂଟ ଦେଉଥିଲେ
ଲୁହା କି ହୋଇବ ସୁନା । —ଛଗ ।

ଏହା ବଙ୍ଗଳାଶ୍ରୀ ଛନ୍ଦର ରୂପାନ୍ତର ମାତ୍ର ।

(୬)

୬ + ୬ +

କି ରସି ରସିଲୁ ଗରବ
ମଧୁମାଳତୀ ବାହାରେ ପଡ଼ାର
ପଶିଗଲୁ ବଳ ଯାଉ । —ଛଗ ।

ଏହା ଏକବିଂଶତ୍ୟକ୍ଷର ଛନ୍ଦରୁ ଆସିଥିବାର ଅନୁମାନ ହୁଏ ।

(୭)

୬ + ୬ +
୬ + ଖେଉ ।

ଚଉଦ ମାହରେ ଦୁଧ ଗୁଡ଼ ଖାଉ
ଦଣ୍ଡ କୁଣ୍ଡାଇଲେ ଯିଏତ । —ଛଗ ।

ଏହା ମଧ୍ୟ ଏକବିଂଶତ୍ୟକ୍ଷର ଛନ୍ଦରୁ ନିଷ୍ପନ୍ନ ।

(୮)

୬ + ୬ +

ବେଳେ ଯାଉଥିଲି ଯମୁନାକୁ ।
ଘରେ ଛନ ଛନ ବାହାରେ ମନ ଯେ
କେମନ୍ତେ ଦେଖିବି କାହ୍ନୁକୁ । —ଛଗ

ଏହା ଦ୍ୱାବିଂଶତ୍ୟକ୍ଷର ପୋଇ ଛନ୍ଦରୁ ଆସିଥିବାର ବିଶ୍ୱାସ ହୁଏ ।

(୯)

୬ + ୬ +
୬ + ଅମ୍ଭକପି ।

କଥା ଲହସରେ ବାହାର ଗଲି ମୁଁ
ମୋତେ କ ବୋଲିବୁ ବଳପତି ।

—ଛଗ

ଏହା ମଧ୍ୟ ଦ୍ୱାବିଂଶତ୍ୟକ୍ଷର ଛନ୍ଦରୁ ଜାତ ।

(୧୦)

୬ + ୬ +
୬ + ଜାଣିଥିଲିକି ।

ଅଧେ ସୁନା ଅଧେ ପିତଳ ବୋଲି ମୁଁ
କାକଛ ପଡ଼ାର ଭୁଲିଥିଲିକି ।

—ଛଗ

ଏହା ଓଡ଼ିଆ ନବୋବିଂଶତ୍ୟକ୍ଷର ଛନ୍ଦର ରୂପାନ୍ତର । ଉପରୋକ୍ତ ଦଶ ଛଗ ବୃତ୍ତରୁ ଅନେକ ଓଡ଼ିଆ ବିଷମ ଛନ୍ଦ ଓ ଗୀତ ଆସିଥିବାର ପ୍ରତୀତ ହୁଏ ।

କେବଳ ପ୍ରାକୃତ ମାତ୍ରାଛନ୍ଦରେ ସାମାନ୍ୟ ଯତିବିଶିଷ୍ଟ ପଦ ଦେଖାଯାଏ ନାହିଁ, ଯଥାଃ—

ଜମ୍ବୁ ଜନ ସୀସ ପିଞ୍ଜଣତ ଦୀସ ।
ସୋ ସମ୍ଭୁ ଏସ ଭୁବ ସୁକ୍ଖ ଦେଉ ॥

—ପିଙ୍ଗଳ ।

ଛଗଗାନ୍ଧା ପଦ୍ମଦଳେ ସର୍ଗଘାଁ ମର୍ଗାଁ ।
ପଶ୍ଚିମ ଦଳେଣ ତାସା ଉଂ ଅଂ କଂ
ପିଙ୍ଗଳେଣ ଣାଏଣ ॥
—ପିଙ୍ଗଳ

ଓଡ଼ିଆରେ ମଧ୍ୟ ଏହିପରି ଚୌଚଗୁଡ଼ିଏ ଛନ୍ଦ ପ୍ରଚଳିତ ଥିବାର ଲକ୍ଷିତ ହୁଏ, ଯଥା:—

ଶୁଣ ହେ ନାରଦ ଅବଶେଷରେ । (୧୧)
କହିଁ ଟି ମଞ୍ଜୁଘୋଷ ବୋଷଭରେ । [୧୦]
—ଲାବଣ୍ୟବତୀ

ଶ୍ରୀରାମ ଯେନ ବୃକ୍ଷ ପଲ୍ଲବ ମୂଳ । [୧୨]
ଶୁଣନ୍ତୁ ବିବିଧ ପକ୍ଷୀମାନଙ୍କ ଧ୍ୱନି । [୧୩]
—ବଣିଗମାଦୃଣ

ଦୋଳି ଦୋଳାଉଛନ୍ତି ମା ଦେଖ ହର । (୧୨)
ବାରମାସୀ ଧାନ ପାଚିଲା ସବୁ ହଳାକର । (୧୫)
—ବାଳକାମାନଙ୍କ ଦୋଳିଗୀତ

ଶଦ୍ଧକେ ଅଲଗା କୋଷ୍ଠ ଘଣେ ହୃଦରୁ । (୧୩)
ପଳାଉ ବଳକୁ ନାଉ ମୁଁ ନାହିଁ କରୁନରୁ । (୧୫)
—ଗୋପାଳକୃଷ୍ଣଙ୍କ ଦୋଳିଗୀତ

ହୋଇଲି କେଶବ ଯେ ମଥୁରାକୁ ଗଲେ । (୧୩)
ତାହା ବୋଲେ ଗଲେ କୃଷ୍ଣ ବାହୁଡ଼ି
ନଚଲେ ଲୋ । (୧୫)
—କେଶବକୋଇଲି

— — ——

ବିଷମ ଛନ୍ଦ ।

ଓଡ଼ିଆରେ ଅନେକଗୁଡ଼ିଏ ବିଷମ ଛନ୍ଦ ଥିବାର ଜଣାଯାଏ; କିନ୍ତୁ ଏ ସବୁର ଉଦାହରଣ ଲେଖିବା ସହଜ ବ୍ୟାପାର ନୁହେଁ । ସୁତରାଂ ସେଥିରୁ କେତେଗୁଡ଼ିଏ ଛନ୍ଦର ବିବରଣ ମାତ୍ର ଏହିଠାରେ ଦିଆଗଲା:—

(୧)

ଘର ଦେଖ । ବର ଦେଖ ।
ତାନ୍ତ ଲାଗି ଭୁଜ ଦେଖ । —ଢ଼ଗ

ଏହି ଛନ୍ଦର କୌଣସି ନାମ ନାହିଁ । ଏହା ଚତୁର୍ଥାକ୍ଷର-ଯତିବିଶିଷ୍ଟ ଅଷ୍ଟାକ୍ଷର ସମ ଛନ୍ଦରୁ ଜାତ ।

(୨)

ଦେଖିଲେ ମରୁ । ଖାଇଲେ ମରୁ ।
ତାହା ସଙ୍ଗେ କ ପୀରତି ଚରୁ । —ଢ଼ଗ

ଏହା ତୃତୀୟ ଢ଼ଗବୃତ୍ତରୁ ଜାତ । ଏଥିରେ ଢ଼ଗର ପ୍ରଥମ ଚରଣ ଦ୍ୱିରାବୃତ୍ତି ହୋଇଅଛି ।

(୩)

ସୁରୂପ ଖଡ଼ । କୁରୂପ ଲୋଡ଼ ।
ଯାକୁ ବଡ଼ ନାହିଁ ମୂଳ ବଢ଼ିତ ।
—ରସପଞ୍ଚକ

ଏହା ଚତୁର୍ଥ ଢ଼ଗବୃତ୍ତରୁ ଜାତ । ଢ଼ଗର ପ୍ରଥମ ଚରଣ ଦ୍ୱିରାବୃତ୍ତି ହୋଇ ଏହି ବିଷମ ଛନ୍ଦ ହୋଇଅଛି ।

(୪)

ଗୁଣ୍ଡିଆଣୀ ।

ଭ୍ରମର ଚରଣ ମାରୁ । ଅଙ୍ଗେ ଶେଷ ଶିବ ଶିବ ।
ଜାହ୍ନବୀର ଜଳ ଏ ଭ୍ରମ ବଶର କାରଣଟି
ଉଦ୍ଧାରର ହେ ॥
—ବଣିଗମାପୃଣ

ଘଣ୍ଟାରବ ।

ଦଶରଥ ନେନ ହର   ଧନୁ ଭଞ୍ଜି ବର
ମିଥିଳା ନଗର   ଭ୍ରମର ଅଙ୍କୁ
ଅଯୋଧ୍ୟା ନଗର ମୋର ହେ ।
—ବଣିଗମାପୃଣ ।

ତୋଡ଼ି । ଏକତାଳି ।

ମିତ୍ର ଦେଲେ ଯାତ୍ରା ନେଇ ।
ରାମ ଦେଲେ ବାହୁଡ଼ାଇ ।
ବଟଶାଖେରେ ଜଟା ସଜ କଲେ ରାମ
ସେଠାରେ ସେହିନ ରହି ।
—ବଣିଗମାପୃଣ

ଏ କେତେ ଛନ୍ଦ ସମାନ ଓ ପଞ୍ଚମ ଢ଼ଗବୃତ୍ତରୁ ଜାତ । ଢ଼ଗର ଗୋଟିଏ ଅଷ୍ଟାକ୍ଷର ଚରଣ ବଦଳରେ ଏଥିରେ ଦୁଇ ଗୋଟି ଅଷ୍ଟାକ୍ଷର ଚରଣ ଦେଖାଯାଏ । ଅର୍ଥାତ୍ ଢ଼ଗର ପ୍ରଥମ ଚରଣ ଏ କେତେ ଛନ୍ଦମାନଙ୍କରେ ଦ୍ୱିରାବୃତ୍ତି ହୋଇ ଅଛି ।

(୫)

ଗୁଣ୍ଟଅସ ।

ଦେଖିବାକୁ ଜାନ୍କୁ ଚଳି, କ ଅଟେ ଭଉ,
କେହୁହିଁ ଦୋଷ ନ ଜଳି ।
ଜଳା ଦୋଷେ ଜାୟା ଶ୍ରବଣ କାଟିଲି
ଜାନ ଖରକୁ କହିଲି ।
—ବଣିଗ୍ରମାୟଣ

ଏହା "ଘଣ୍ଟାରବ"ରୁ ଜାତ । 'ଘଣ୍ଟାରବ'ର ପ୍ରଥମ ଦୁଇ ଚରଣ ମଧ୍ୟରେ ପାଞ୍ଚୋଟି ଅକ୍ଷର (କ ଅଟେ ଭଉ) ମାତ୍ର ମିଶା ହୋଇଅଛି ।

(୬)

ଚୋଖା । ଏକତାଳୀ ।

ଶିଶୁପାଳୁଙ୍କର ତଳେ । ତନୁ ମନେ ମନେ ଭାବିଲେ ।
ଜଷ୍ଟେମୁ ଜାନକୀ ଜନକନନ୍ଦନୀ ଦେଖିଲଣ୍ଠ
ବେଳ ତୋଳେ । କ ଭାଗ୍ୟବଳେ ।
—ବଣିଗ୍ରମାୟଣ

ଏହା ମଧ୍ୟ 'ଘଣ୍ଟାରବ'ରୁ ଜାତ । ଶେଷରେ ତିନି ଅକ୍ଷରର ପଦ ଗୋଟିଏ (କ ଭାଗ୍ୟବଳେ) ମାତ୍ର ଏଥିରେ ଅଧିକ ଲକ୍ଷିତ ହୁଏ ।

(୭)

ଗଜମାଳଅ ବୃତ୍ତ ।

ଭିକ୍ଷୁ ଚିହ୍ନଧରି ଅଛି । ନାମ ଧରିଅଛ, ତୋହର ଦୀର୍ଘ ସୌ ।
ସମସ୍ତ ଚାରୁରମଣୀ । ଦେଖ ଦେହ ଦେ ।
—ବଣିଗ୍ରମାୟଣ

ଏହା ପଞ୍ଚମ ଛନ୍ଦବୃତ୍ତିର ରୂପାନ୍ତର । ଛନ୍ଦର ଦ୍ୱିତୀୟ ଚରଣ ଯଦ୍ଯାପରେ ଭଙ୍ଗା ହୋଇ ଏଥିରେ ଦ୍ୱିତୀୟ ଓ ଚତୁର୍ଥ ଚରଣ ହୋଇଅଛି, ଶେଷରେ ଗୁରୁପଦ ଗୋଟିଏ ସଂଯୋଜିତ ହୋଇଅଛି ।

(୮)

ହୋଡ଼ୀ ।

ସବୁ ଖାଟରେ ବସୁ ପୂଜାପରେ ।
ଅଙ୍ଗଦ ଜନନୀ ଗାବନ୍ଧାରେ ।
ସ୍ୱପ୍ନେ କାର୍ଯ୍ୟ ନ କରଣ ବ୍ୟର୍ଥେ ସମ୍ଭବା
ଅଟେମ୍ମାନେ । —ବଣିଗ୍ରମାୟଣ ।

ଏହା ଅଷ୍ଟମ ଛନ୍ଦବୃତ୍ତିରୁ ଜାତ । ପ୍ରଭେଦ ଏତିକି:—ଛନ୍ଦରେ ଗୋଟିଏ ମାତ୍ର ଦଶାକ୍ଷର ଚରଣ ଦେଖାଯାଏ; ହୋଡ଼ୀ ସ୍ଥାନରେ ଦୁଇ-ଗୋଟି ଦଶାକ୍ଷର ଚରଣ ବ୍ୟବହୃତ ହୋଇଅଛି ।

(୯)

ଚନ୍ଦ୍ରୋଦେଶୀୟ ବା ଚନ୍ଦ୍ରାଭୈରବ ।

(ଗୋପବ୍ରଜାପରୂପ)

ଅହା ଧନୁର୍ଦ୍ଧର ବୀରବର ।
ଧନୁର୍ଦ୍ଧର ନ ଥିଲ ଏ ହର ।
ଯାହାର ବାଣ ବ୍ରହ୍ମାଣ୍ଡ ଦହିପାରେ ଆଜୁ ମାଉନି
ପ୍ରଶସ୍ତ ଗୁଣ ଦେହ ଦଉଚ ।
—ବଣିଗ୍ରମାୟଣ

ଉପରୋକ୍ତ 'ହୋଡ଼ୀ' ଛନ୍ଦର ଶେଷରେ ଦଶୋଟି ଅକ୍ଷର ମିଶି ଚନ୍ଦ୍ରୋଦେଶୀୟ ବା ଚନ୍ଦ୍ରାଭୈରବ ରଚିତ ହୋଇଥିବାର ସ୍ପଷ୍ଟ ଜଣାଯାଏ ।

(୧୦)

ଶୋଭାବସନ୍ତ ।

ଜନ ଅପବାଦରୁ ଡରିଲୁ ।
ଏହା ଆପଣା ମନେ ପାଞ୍ଚିଲୁ ।
ରାବଣ ସ୍ୱହାତେ ଭୂମିକୁ ଆଣିଲୁ ଯଜ୍ଞ ମଣ୍ଡପେ
ରଖିଲୁ ତୋ ସୀତେ ।
—ବଣିଗ୍ରମାୟଣ

ଏହା 'ଚନ୍ଦ୍ରାଭୈରବ'ର ରୂପାନ୍ତର । 'ଚନ୍ଦ୍ରା-ଭୈରବ'ର ତୃତୀୟ ଚରଣର ୨୨ ଅକ୍ଷର ବଦଳରେ ୨୦ ଅକ୍ଷର ଓ ଚତୁର୍ଥ ଚରଣର ୩ ଅକ୍ଷର ବଦଳରେ ୨ ଅକ୍ଷର ମାତ୍ର ଏଥିରେ ଦେଖାଯାଏ ।

(୧୧)

ଶିଖବଳେ । ଧନାଶ୍ରୀ ।

ସରେଶବର ବଟି ବଳେ ରାମ ।
ବୋଲନ୍ତି ଧନ୍ୟ ଏ ତିନି ଅଟମ ।

ଲକ୍ଷ୍ମଣ ଜଣାନ୍ତି ଋଷ୍ୟମୂକ ଗିରି ସୁଗ୍ରୀବର ଏ
ଅଟଇ । ହେ ଦେବ ।

—ବିଶ୍ୱରାମାୟଣ

ଏହା ଅବଶ୍ୟ 'ଶୋକବାତ ।'

(୧୨)

ଗଡ଼ମାଳଅବୃତ୍ତ ।

କୋକନଦ ବଦନ ଏ ଗୁନ ଗୃହ ।
କୁନ୍ଦକୁସୁମ ଦନ୍ତେ ସୁଦ ।
ଶରଧି ଗୋବିନ୍ଦ କୃଷ୍ଣ ବିନୋଦ,
ସ୍ୱାନୁ ନନ୍ଦଇ ଅମୃତ କନ୍ଦ ଏ ।
ପ୍ରେମପଦ । ଚାତକାଶନକୁ ଅହ୍ଲାଦ ପଦ ଯେ ।

— ବଦଗ୍ରହ କ୍ରାମଣି

ଏହା 'ଚନ୍ଦ୍ରଦେଶାଖ' ବା 'ଚନ୍ଦ୍ରଭୈରବ'ରୁ ଜାତ । ପ୍ରଭେଦ ଏତିକି:—ଚନ୍ଦ୍ରଭୈରବର ଚତୁର୍ଥ ଚରଣରେ ଯେତୋଟି ଅକ୍ଷର ଦେଖାଯାଏ, ଏଥିରେ ସେତେଟି ଅକ୍ଷର ବ୍ୟବହୃତ ହୋଇଅଛି । ଚନ୍ଦ୍ରଭୈରବରେ ପଞ୍ଚମ ଚରଣ ନାହିଁ; ଏଥିରେ ଦ୍ୱାଦଶାକ୍ଷରର ଗୋଟିଏ ଚରଣ ଅଧିକ ସଂଯୋଜିତ ହୋଇଅଛି । ତୃତୀୟ ଚରଣର ଶେଷ ଦଶ ଅକ୍ଷର କଟାଯାଇ ପ୍ରଥମ ଦ୍ୱାଦଶ ଅକ୍ଷରରେ ପଞ୍ଚମ ଚରଣ ରଚିତ ହୋଇଥିଲାପରି ବୋଧ ହୁଏ ।

(୧୩)

ବସନ୍ତଗଡ଼ଦେଶାବାଣୀ ।

ଧୀରେ ଯେନ ଧୀରେ ବୁନ୍ଦେ ଝରଣୀ ।
ଦୃଶ ପଠିଅଇ ରସାଭୂଷି ।
ହିତ କ ବଶୀଭୋମିଳ କର ଧର
ବାଟନ୍ତି ନ କଲେ ବେଣୀସାଙ୍ଗ ଗୋ ।
ପ୍ରାଣସଖି । ଲାଜପକ୍ଷେ ଅଜ ଗଲା ଲାଜି ଗୋ ।

— ବଦଗ୍ରହ କ୍ରାମଣି

ଏହା 'ଗଡ଼ମାଳଅବୃତ୍ତ'ର ଅନୁରୂପ । ଗଡ଼ମାଳଅବୃତ୍ତର ପଞ୍ଚମ ଚରଣରେ ତୃତୀୟ ଚରଣର ପ୍ରଥମ ଦ୍ୱାଦଶାକ୍ଷର ଦେଖାଯାଏ; ଏଥିର ପଞ୍ଚମ ଚରଣରେ ତୃତୀୟ ଚରଣର ଶେଷ ଦଶାକ୍ଷର ବ୍ୟବହୃତ ହୋଇଅଛି ।

(୧୪)

ଶୋକବାମୋଷା ।

ବ୍ୟଥିତ ଉଠିତ ଧନ୍ୟ ଗିର ।
ମିତ ମୋହେ ପ୍ରବୋଧ କର ।
ଲେଖି ନୃପଙ୍କୁ ଅଶାସ୍ୱପଣରୁ
କୃଷ୍ଣ ପ୍ରୀତ କଲା ପରଶର ଗୋ ।
ପ୍ରାଣସହି । ଶ୍ଲେଷବେଣୀ-ଛନ୍ଦା ଅଛି ବହି ଗୋ ।
ପୀତବେଶୀବତ ହ୍ଲାଦକା ମୁହିଁ ଗୋ ॥

—ବଦଗ୍ରହ କ୍ରାମଣି

ଏହା ଉପେନ୍ଦ୍ର ଛନ୍ଦର ରୂପାନ୍ତର । ଏହାର ଶେଷରେ ଦ୍ୱାଦଶାକ୍ଷରର ଗୋଟିଏ ଚରଣ ମାତ୍ର ଅଧିକ ଦେଖାଯାଏ । ଏହାକୁ ଗଡ଼ମାଳଅବୃତ୍ତର ରୂପାନ୍ତର କହିଲେ ମଧ୍ୟ ଦୋଷ ହେବ ନାହିଁ । ଗଡ଼ମାଳଅବୃତ୍ତର ଘୋଷା ଓ ଶେଷଚରଣର ମଧ୍ୟରେ ଦଶ ଅକ୍ଷରର ଅନ୍ତ ଗୋଟିଏ ଚରଣ ସନ୍ନିବିଷ୍ଟ ହୋଇଅଛି ।

(୧୫)

ଅଶାବରୀ ।

ବୋଲେ ଲବଣ ପୁରେ ପଶି ଅସର ରହିଥାଅ
ଭୁମ୍ଭେ ଦଣ୍ଡେ ମାତ୍ର ।
ମୃଗୟାକନ୍ଦେ ଯାଉଥିଲ ସିନା । ଅଟଇ
ମୋହର ଜାଳ ଶସ୍ତ୍ର ହେ ।
ଭୁମର ଭୁଜ ବ ସମରଥ ।
ଏହିକ୍ଷଣି କରେ ଶସ୍ତ୍ର ଅସ୍ତ୍ରରେ
ଦେଖାଇବ ମୁହିଁ ଯମପଥ ହେ ।

—ବା । ର ।

ଏହା ଦ୍ୱାବିଂଶବ୍ୟଞ୍ଜର ଯୋଗ ବୃତ୍ତର ରୂପାନ୍ତର । ଦଶମ ଚରଣ ଯଦୃପାତରେ ଭଙ୍ଗାଯାଇ ତହିଁର ଶେଷ ଦଶ ଅକ୍ଷରରେ ତୃତୀୟ ଚରଣ ରଚିତ ହୋଇଅଛି ।

(୧୬)

ସିନ୍ଧୁକାମୋଦୀ ।

କାନ୍ତର ବଚନ ଜାଣି, ସନ୍ତରନ୍ତ ଠାକୁରାଣୀ,
ବରଷନ୍ତି ଭ ଅନୁଷ ବରଷ ।

ଅନ୍ତ ଦେବ ଅଭିଳାଷେ, କେତେ ଯୂଥନ୍ତି କୈତବ,
ମୁଁ ଅବା କଲି କେବଣ ଦୋଷ । ପ୍ରାଣନାଥ ।
—ବ । ଗ ।

ଷଡ୍‌ବିଂଶତ୍ୟକ୍ଷରର 'ସ୍ୱାଗତ' ରାଗର ଶେଷରେ "ପ୍ରାଣନାଥ" ପଦ ମିଶାଯାଇ 'ସିନ୍ଧୁଡ଼ାମୋଦା' ସୃଷ୍ଟି ହୋଇଅଛି ।

(୧୭)

ଅନଙ୍ଗଭୈରବ ।

ସ୍ୱନଶ୍ରୀ ସୁବେଶ କରି ସହଚରୀମାନେ ।
ଜଗତରୁ ଓଟାଇ ଆଣନ୍ତି ସୁକାନନେ ।
ମନ ହେଉଛି ଅନନ୍ୟ ।
ତବ ଦେଖି ପ୍ରଫୁଲ୍ଲ ତ ନବ ଅରବିନ୍ଦ । ବ । ଗ ।

ଏହା ଅଷ୍ଟମାକ୍ଷର-ଯତିବିଶିଷ୍ଟ ଚତୁର୍ଦ୍ଦଶାକ୍ଷର ଛନ୍ଦରୁ ଜାତ । ସମ୍ପୂର୍ଣ୍ଣ ଚତୁର୍ଦ୍ଦଶାକ୍ଷର ସ୍ଥାନରେ ତୃତୀୟ ଚରଣରେ ଅଷ୍ଟାକ୍ଷର ମାତ୍ର ଦେଖାଯାଏ । ଅର୍ଥାତ୍ ଗୋଟିଏ ସମ୍ପୂର୍ଣ୍ଣ ଚରଣ ଯତିପାତଠାରେ ଭଙ୍ଗା ଯାଇ ତହିଁର ପୂର୍ବାର୍ଦ୍ଧରେ ତୃତୀୟ ଚରଣ ରଚିତ ହୋଇଅଛି ।

(୧୮)

ଶଙ୍ଖଭରଣ ।

ଦୂତୀ ବସି କହିଲା ଶୁଣ ହେ ନାଗର ।
ପଞ୍ଚୁଁ ଗଣାଗଣ ଦୃଢ଼ ଥିଲା ତ ମୋହର ।
ହେଣୁ ଗଲି ନିଃଶଙ୍କରେ ।
ପ୍ରବେଶ ହୋଇଲି ଅଭିମନ୍ୟୁ-ସେଜପୁରେ ।
ବ । ଚ ।

ଏହା ଉପରୋକ୍ତ 'ଅନଙ୍ଗଭୈରବ'ର ଅନୁରୂପ ।

(୧୯)

ଶାରଙ୍ଗ ।

ଦୂତ କର ଧରି ବସି ବୋଇଲେ ଯଶୋଦା ।
ମିତ୍ର ପୁତ ଅଛିଥିଲା ଗଲା ତ ପାସୋର ।
ଦୂତ ଗୋ କହନ୍ତୁ ବନ୍ଧୁକୁ ।
ତ ଦୋଷରେ ପିଙ୍ଗିଦେଲି ମଦନସିନ୍ଧୁକୁ ।
—ବ । ଚ ।

ଏହା ମଧ୍ୟ ଚତୁର୍ଦ୍ଦଶାକ୍ଷର ଛନ୍ଦରୁ ଜାତ । 'ଶାରଙ୍ଗ' ଓ 'ଶଙ୍ଖଭରଣ' ମଧ୍ୟରେ ଥିବା ପ୍ରଭେଦ ତୃତୀୟ ଚରଣର 'ଗୋ' ମାତ୍ର ।

(୨୦)

ଚନ୍ଦ୍ର (କଳାକାଣ୍ଡିର ବାଣୀ) ।

ଧୀରେ ଯେନ କାକଳରେ କୃଷ୍ଣ ବିଳମ୍ବିତ ।
ବାଞ୍ଛାଳୀ ସମତା ଯେନ ଭକ୍ତଜନ୍ତ ମାତ ।
କଳାମାଣିକରେ । ବ । ଚ ।

ଏହା ମଧ୍ୟ ଅଷ୍ଟମାକ୍ଷର-ଯତିବିଶିଷ୍ଟ ଚତୁର୍ଦ୍ଦଶାକ୍ଷର ଛନ୍ଦରୁ ଜାତ । ଗୋଟିଏ ସମ୍ପୂର୍ଣ୍ଣ ଚରଣର ଶେଷ ଛ ଅକ୍ଷର ମାତ୍ର ତୃତୀୟ ଚରଣରେ ଦେଖାଯାଏ ।

(୨୧)

କୁସୁମସଜ୍ଜିକରଣୀ ।

ହେଦାହଣ୍ଡ୍ୟର କାମିନୀବରଙ୍କୁ ହରଇ ।
କାରୁଣ୍ୟ କରୁଛନ୍ତି ବନଗିରଙ୍କି ଗୃହିଁ ଯେ ।
ହା ହା ମୋ ସାଁଙ୍ଗେ ଗୋ ।
ବ । ଗ ।

ଏହା ଉପରୋକ୍ତ ଛନ୍ଦର ଅନୁରୂପ ।

(୨୨)

କାଫି ।

ଲକ୍ଷ୍ମଣ କହେ କପିରାଜଙ୍କ ଶୁଣ ।
ଶ୍ରୀରାମ ଶ୍ରୀଚରଣେ ସକଳ ହେ ଲୋକଙ୍କର
ଶରଣ ।—ବ । ଗି । ।

ଏହା ସପ୍ତମାକ୍ଷର-ଯତିବିଶିଷ୍ଟ ଦ୍ୱାଦଶାକ୍ଷର ସମଛନ୍ଦରୁ ଉତ୍ପନ୍ନ ।

ଅଗୋ ହରିଣୀମାନେ ମୋ ହରିଣାକ୍ଷୀ ।
ହେ କେଣେ କାହିଁ ଗଲା ଅଛ କି ଦେଖି ।

ଗୀତ ସମୟରେ ଏହି ଦ୍ୱାଦଶାକ୍ଷର ଛନ୍ଦ 'କାଫି' ରାଗର ଆକାର ଧାରଣ କରେ, ଯଥାଃ—

ଅଗୋ ହରିଣୀମାନେ ମୋ ହରିଣାକ୍ଷୀ ।
ହେ କେଣେ କାହିଁ ଗଲା ଅଛ କି ଦେଖି,
ଗଲା ଅଛ କି ଦେଖି ।

ପ୍ରଭେଦ ଏତିକି:—କାଫି ରାଗର ଦ୍ୱିତୀୟ

ଚରଣରେ ୧୧ ଅକ୍ଷର ଓ ଦ୍ୱାଦଶାକ୍ଷର ଛନ୍ଦର ଦ୍ୱିତୀୟ ଚରଣରେ ୨୦ ଅକ୍ଷର ଦେଖାଯାଏ । କିନ୍ତୁ ଚାପି ରାଗର ମଧ୍ୟରେ ଯେଉଁ 'ହେ' ବ୍ୟବହୃତ ହୋଇଅଛି ତାହା ଉଚ୍ଚାରଣରେ ଦୁଇଗୋଟି ଅକ୍ଷରର ଅନୁରୂପ ।

(୨୩)

ଘଣ୍ଟାରବ ଦୁଇତାଳ ।

ସମ ହର ଧର ହାମିନୀ । ବୁଲନ୍ତି ବେନି ଗୋ ।
ଚିତ୍ରକୂଟ ଗିରି ମୂର୍ଦ୍ଧନୀ ।— ବ । ଗ ।

ଏହା ପଞ୍ଚମାକ୍ଷର-ଯତିବିଶିଷ୍ଟ ଭାଗବତ ବୃତ୍ତରୁ ଜାତ । ସମ୍ପୂର୍ଣ୍ଣ ଚରଣର ପୂର୍ବାର୍ଦ୍ଧରେ ଏଥିର ଦ୍ୱିତୀୟ ଚରଣ ହୋଇଅଛି ।

(୨୪)

ଅହାଙ୍ଗୀ ।

ଧରି ହାସ୍ତାଦର । ରମା ଗଲେ ଧୀରବର ।
ବୋଲନ୍ତି ଦେଖରେ ସରୋଜବଦନ
ଦିବ୍ୟ ତରୁବର । ବ । ଗ ।

ଏହା ଅଷ୍ଟାକ୍ଷର 'ଝୁମ୍ପାମୋଦୀ'ରୁ ଆସିଅଛି । ଝୁମ୍ପାମୋଦୀର ପ୍ରତ୍ୟେକ ଚରଣ ତିନିଦଳରେ ବିଭକ୍ତ : ୬+୬+୬ । ତହିଁରୁ କୌଣସି ଦୁଇଦଳରେ ଅହାଙ୍ଗର ପ୍ରଥମ ଓ ଦ୍ୱିତୀୟ ଚରଣ ହୋଇଅଛି । ଦ୍ୱିତୀୟ ଚରଣରେ ଅଠ ଅକ୍ଷର ଥିଲେ ସୁଦ୍ଧା, ତହିଁର ପ୍ରଥମ ଦୁଇ ଅକ୍ଷର (ରମା) ଧ୍ରୁବ ପଦ ବୋଲି ଗଣ୍ୟ । ତୃତୀୟ ଚରଣ ଅବିକଳ ଝୁମ୍ପାମୋଦୀ ।

(୨୫)

ଚାପି ।

ଶ୍ରୀରାମଚନ୍ଦ୍ର କରୁଣ କାର୍ଯ୍ୟ ସିଦ୍ଧ । ହରଷର ।
ଅସୁର ମାରିବାକୁ ସେ ହରେ ଯା । ବ । ଗ ।

ଏହା ଦ୍ୱାଦଶାକ୍ଷର ସମଛନ୍ଦରୁ ଜାତ । ତୃତୀୟ ଚରଣ ମଝିରେ "ହରଷର" ଏହି ଦୋଷ ପଦ ବ୍ୟବହାର ହୋଇଯାଇ ଏହି ଛନ୍ଦ ହୋଇଅଛି ।

(୨୬)

ଚାମୋଦୀ ।

ଦେଖି ନବକାଳିକା ବନ୍ଧାଳିକା ମାଳିକା
ଅଳି କାଳିକାକାନ୍ତ ସୁର ।
ରଙ୍ଗା ହେମଚନ୍ଦ୍ର କର ହରିତା ମଞ୍ଜରୀ-
ଗନ୍ଧେ ଏମନ୍ତ ବିଚାର ସେ । ସହଚରୀ ।
ଶୁଭେ ବଞ୍ଚିଲେ ଏ କାଳକୁ ।
କଥା ଥିବ କାଳକାଳକୁ ॥
ଏହେତ କ୍ଷୀଣବାନ ହେଲି ଦୁର୍ବଳ ଦିନ
କାଲଠୁଁ ବଳ୍ଲଭମେଳକୁ ରେ ।—ଲାବଣ୍ୟବତୀ

ଏହା ସଂସ୍କୃତ ବୈଦିକୀ ରାଗର ଅନୁରୂପ, ଯଥା:—

ରଜନୀଜନିତଗୁରୁଜାଗରରାଗକଷାୟିତ-
ମଳସନିମେଷଂ ।
ବହତି ନୟନମନୁରାଗମିବ ସ୍ଫୁଟମୁଦିତ
ରସାଭିନିବେଶଂ,
ହରିହରି ଯାହି ମାଧବ ଯାହି କେଶବ
ମା ବଦ କୈତବବାଦଂ ।
ତାମନୁସର ସରସୀରୁହଲୋଚନ
ଯା ତବ ହରତି ବିଷାଦଂ ।
—ଗୀତଗୋବିନ୍ଦ, ୮ମ ସର୍ଗ ।

କ୍ରମଶଃ ।

ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ ।

ଚତୁର୍ଦ୍ଦଶପଦୀ କବିତା ।

(କଟକ 'ସାହିତ୍ୟସମାଜ'ରେ ପଠିତ)

"Scorn not the sonnet; critic, you have frowned,
Mindless of its just honours; with this key
Shakespeare unlocked his heart; the melody
Of this small lute gave ease to Petrach's wound;
... ... And, when a damp
Fell round the path of Milton, in his hand
The thing became a trumpet, whence he blew
Soul-animating strains—alas ! too few !"

Wordsworth.

ଚତୁର୍ଦ୍ଦଶପଦୀ କବିତାର ମହତ୍ତ୍ୱ, ଗାମ୍ଭୀର୍ଯ୍ୟ ଓ ଉପାଦେୟତା ପାଠକମାନେ ଉପରୋକ୍ତ କେତେକ ଧାଡ଼ିରୁ ସହଜରେ ଉପଲବ୍ଧି କରି ପାରିବେ । କଥିତ ଅଛି, ଇଟାଲି ଦେଶର ଗିଟୋନୀ ନାମକ କବି ସର୍ବପ୍ରଥମରେ ଏପ୍ରକାର କବିତା ରଚନାର ପ୍ରଣାଳୀ ପ୍ରବର୍ତ୍ତିତ କରିଥିଲେ । ତତ୍ପରେ ତାହା ପିଟ୍ରାର୍କଙ୍କ ହସ୍ତରେ ସମ୍ୟକ୍‌ରୂପେ ନବପ୍ରାଣ ଲାଭ କରି ପାଠକମାନଙ୍କୁ ମୋହିତ କରିଥିଲା ।

ବାସ୍ତବିକ ଚତୁର୍ଦ୍ଦଶପଦୀ କବିତାର ଉପଯୁକ୍ତ ଲେଖକର ରଚନାକୌଶଳରେ ସାହିତ୍ୟ-ଜଗତ୍ ମୁଗ୍ଧ ନ ହୋଇ ରହି ପାରିବେ ନାହିଁ । ସାଧାରଣ କବିତା ଅପେକ୍ଷା ଚତୁର୍ଦ୍ଦଶପଦୀ କବିତାର ମୋହିନୀ ଶକ୍ତି ପ୍ରବଳ, ଏହା ଏକ ମୁହୂର୍ତ୍ତରେ ପ୍ରାଣରେ ନାନା ଭାବ ଉଦ୍ଦୀପିତ କରି ଦିଏ, ହୃଦୟକୁ ସରସ କରି ଦିଏ । ଉଭୟ ମିତ୍ରାକ୍ଷର ଓ ଅମିତ୍ରାକ୍ଷରରେ ଏହାର ପୂର୍ଣ୍ଣ ଅଧିକାର ଅଛି । ଗୋଟିଏ ଉଚ୍ଚ ଭାବ ଚତୁର୍ଦ୍ଦଶ ଧାଡ଼ିରେ ଆବଦ୍ଧ ହୋଇ ଯେପରି ଏକ ଝଙ୍କାରରେ ପ୍ରାଣକୁ ମୁଗ୍ଧ କରି ଦିଏ ।

ସକଳ ବିଷୟ ଯେ ଚତୁର୍ଦ୍ଦଶପଦୀ କବିତାର ଉପଯୋଗୀ ତାହା ନୁହେଁ । ଏଥିରେ ଲେଖକର ବିଷୟନିର୍ବାଚନର ନୈପୁଣ୍ୟ ଆବଶ୍ୟକ । ଅନ୍ୟଥା କୌଣସି ଅନୁପଯୁକ୍ତ ବିଷୟକୁ କେବଳ ଚତୁର୍ଦ୍ଦଶ ଧାଡ଼ି ମଧ୍ୟରେ ତାହାକୁ ସନ୍ନିବିଷ୍ଟ କରି ତାହାର ସ୍ୱାଧୀନତା ଅପହରଣ କରିବା ଲେଖକ ପକ୍ଷରେ କେବେହେଁ ନ୍ୟାୟସଙ୍ଗତ କାର୍ଯ୍ୟ ନୁହେଁ।

ହୃଦୟର ସାମୟିକ ଗଭୀର ଉଚ୍ଛ୍ୱାସ ଚତୁର୍ଦ୍ଦଶପଦୀ କବିତାର ଏକାନ୍ତ ଉପଯୋଗୀ; 'ସୁଦୀର୍ଘ ବର୍ଣ୍ଣନାତ୍ମକ ଦୃଶ୍ୟ ଏହାର ପ୍ରଧାନ ଶତ୍ରୁ ।'

ଚତୁର୍ଦ୍ଦଶପଦୀ କବିତା ନିଜେ ଏକ ସମ୍ପୂର୍ଣ୍ଣ କଥା, ତାହା ତାହାର ଅଂଶ ବୋଲି ବିବେଚିତ ହେବା ଅସଙ୍ଗତ ।

ସକଳ ଚତୁର୍ଦ୍ଦଶପଦୀ କବିତା ଯେ କେବଳ ଚତୁର୍ଦ୍ଦଶ ଧାଡ଼ିରେ ସମାପ୍ତ ବୋଲି ଉକ୍ତ ନାମର ଯୋଗ୍ୟ ତାହା ନୁହେଁ । କବି 'ପିଟ୍ରାର୍କଙ୍କ' ପ୍ରଦର୍ଶିତ ପ୍ରଣାଳୀ ଏହାର ରଚନାର ପ୍ରକୃଷ୍ଟ ପଦ୍ଧତି ଓ ସର୍ବଥା ଅନୁକରଣୀୟ । ପ୍ରଧାନତଃ ଏହା ଦୁଇ ଭାଗରେ ବିଭକ୍ତ, ଯଥାଃ—ପ୍ରଥମ ଭାଗରେ ଚାରି ଚାରି ଧାଡ଼ିରେ ଆଠ ଧାଡ଼ି ଓ ଦ୍ୱିତୀୟ ଭାଗରେ ତିନି ତିନି ଧାଡ଼ିରେ ଛ ଧାଡ଼ି । ପ୍ରଥମ ଭାଗର ୧, ୪, ୫, ୮ ଧାଡ଼ି ସହିତ ଉକ୍ତ ଭାଗର ୨, ୩, ୬, ୭ ଧାଡ଼ିର ମିଳନ ରହିବା ଏକାନ୍ତ ଆବଶ୍ୟକ । ତଦ୍ୱାରା ଏହାର ସୌନ୍ଦର୍ଯ୍ୟ ବୃଦ୍ଧି ପ୍ରାପ୍ତ ହେବାର ସମ୍ପୂର୍ଣ୍ଣ ସମ୍ଭାବନା । ଦ୍ୱିତୀୟ ଛ ଧାଡ଼ିରେ ଦୁଇଗୋଟି କିମ୍ବା ତିନିଗୋଟି ମିତ୍ରାକ୍ଷର ରହିବା ସଙ୍ଗତ ଅଟେ ।

ସମସ୍ତେ ଯେ ଏହି ପ୍ରଣାଳୀ ଅବଲମ୍ବନ

ଛାଡ଼ିଥାନ୍ତି ତାହା ନୁହେଁ । କିନ୍ତୁ ତୋ . । ନ କଲେ ସେମାନଙ୍କର କବିତାର ଭିତରୁ ଅନେକ ମଧ୍ୟ ତାହା ପ୍ରକୃତ ଚତୁର୍ଦ୍ଦଶପଦୀ କବିତା ନାମ ଗ୍ରହଣ କରି ପାରିବ ନାହିଁ ।

ଏହା କେବଳ ଚତୁର୍ଦ୍ଦଶପଦୀର ବାହ୍ୟ ଲକ୍ଷଣ ମାତ୍ର । କିନ୍ତୁ ଏହାର ଅଭ୍ୟନ୍ତରର ସୌନ୍ଦର୍ଯ୍ୟ ରକ୍ଷା କରି ଏତାଦୃଶ କବିତା ରଚନା କରିବା ବଡ଼ ବ୍ୟାପାର । ତାହା ପ୍ରକୃତ ସାଧୁ କବି ପକ୍ଷରେ ସମ୍ଭବ । କୃତ୍ରିମ ଓ ଅକୃତ୍ରିମ ଦୁଇପ୍ରକାର ଚତୁର୍ଦ୍ଦଶପଦୀ କବିତା ବର୍ତ୍ତମାନ ସାହିତ୍ୟ-ଜଗତରେ ଦୃଷ୍ଟ ହୁଏ । ଏହାର ଭାଷା ଓ ଭାବ ଉଭୟ ଉପଯୋଗୀ ହେବା ବାଞ୍ଛନୀୟ । ପ୍ରଥମରୁ ଆରମ୍ଭ କରି ଶେଷ ପର୍ଯ୍ୟନ୍ତ ଏକ ମନୋହର ଭାବ ସେପରି କି ଏକ ସୋପାନ ପରେ ଅନ୍ୟ ସୋପାନରେ ଆରୋହଣ କରୁଥାଏ । ତାହାର କ୍ରମିକ ଉର୍ଦ୍ଧ୍ୱଗତି ସେପରି ପ୍ରାଣରେ ପାଠକ ସଙ୍ଗେ ସଙ୍ଗେ ଅନୁଭୂତ ହେଉଥାଏ ।

ସର୍ବାପେକ୍ଷା ଏହାର ଶେଷ ଦୁଇ ପାଦ ରଚନା କରିବାରେ ସମ୍ପୂର୍ଣ୍ଣ କୃତିତ୍ୱର ପରିଚୟ ମିଳେ । ଯେପରି କି ଚତୁର୍ଦ୍ଦଶପଦୀ ପ୍ରାଣର ପ୍ରାଣର ସମସ୍ତ ଶକ୍ତି ଏହି ଶେଷ ଦୁଇ ପାଦରେ ପର୍ଯ୍ୟବସିତ ହୋଇ ମନକୁ ମୁଗ୍ଧ କରି ଦିଏ ।

ପ୍ରକୃତ ଚତୁର୍ଦ୍ଦଶପଦୀ ପାଠରେ ହୃଦୟରେ ଗଭୀର ଆନନ୍ଦ ଅନୁଭୂତ ହୁଏ ଏବଂ ଆହାର ଚିନ୍ତା ସଂଯୋଗ କରି ତାହାର ଅନୁସରଣ କରିବାକୁ ପ୍ରବୃତ୍ତି ହୁଏ । ସ୍ପଷ୍ଟ ସତ୍ୟ ଓ ସ୍ୱାଭାବିକତା ଏହାର ନିଜସ୍ୱ ଚରିତ ।

ଆଜିକାଲି ଚତୁର୍ଦ୍ଦଶପଦୀ କବିତା ଲେଖିବା ଏକପ୍ରକାର ଫେସନ ହୋଇ ପଡ଼ିଲାଣି । ସମସ୍ତେ ଏପ୍ରକାର କବିତା ଲେଖିବାକୁ ଅଗ୍ରସର । କିନ୍ତୁ ସେଥିରୁ ଅଧିକାଂଶ କେବଳ ୧୪ ପାଡ଼ି ଓ ୧୯୬ ଅକ୍ଷରରେ ଆବଦ୍ଧ ଏକପ୍ରକାର କବିତା, କିନ୍ତୁ ପ୍ରକୃତ ଚତୁର୍ଦ୍ଦଶପଦୀ ନୁହେଁ ।

ବଙ୍ଗୀୟ କବି ୬/ ମାଇକେଲ ମଧୁସୂଦନ ଦତ୍ତ ବଙ୍ଗ ଭାଷାରେ ଚତୁର୍ଦ୍ଦଶପଦୀର ଅବତାରକ । ସେ ଉକ୍ତ ଭାଷାରେ କେତେଗୁଡ଼ିଏ ଅମୂଲ୍ୟ ଚତୁର୍ଦ୍ଦଶପଦୀ ରଖି ଯାଇ ଅମରତ୍ୱ ଲାଭ କରିଅଛନ୍ତି ।

ଅନେକ ଦିନରୁ ଓଡ଼ିଆରେ ଉକ୍ତ କବିତାର ଅନୁକରଣ ଆରମ୍ଭ ହେଲାଣି । ଅନେକେ ଅନେକ ବିଷୟ ନେଇ ଚତୁର୍ଦ୍ଦଶପଦୀ ଲେଖିଅଛନ୍ତି । କିନ୍ତୁ ସେଥି ମଧ୍ୟରୁ ଭକ୍ତିସ୍ୱଜନ ଗତ କବି 'ବସନ୍ତଗାଥା'ରେ ସେହିପରି ପ୍ରକୃତ ଅକୃତ୍ରିମ, ଗମ୍ଭୀର ଓ ଓଜସ୍ୱିନୀ ଚତୁର୍ଦ୍ଦଶପଦୀ ଅନେକଗୁଡ଼ିଏ ଲକ୍ଷିତ ହୁଏ । ପାଠ କଲେ ମନ ପ୍ରାଣ ଅପୂର୍ବ ଆନନ୍ଦରସରେ ପ୍ଲାବିତ ହୋଇଯାଏ । ବାରାନ୍ତରେ ଅନ୍ୟ କେତେଗୁଡ଼ିଏ ମଧୁରପୂର୍ଣ୍ଣ ଚତୁର୍ଦ୍ଦଶପଦୀର ଆଲୋଚନା କରିବାର ଇଚ୍ଛା ଅଛି ।

ଶ୍ରୀ ଚନ୍ଦ୍ରଶେଖର ନନ୍ଦ ।

ଦାର୍ଜିଲିଂ । (୨)

ସୁପଣ୍ଡିତମାନେ ଦାର୍ଜିଲିଂ ଶବ୍ଦର ନାନା ବ୍ୟାଖ୍ୟା କରି ଯାଇଅଛନ୍ତି, କାହା ମତରେ ଦାର୍ଜିଲିଂର ଅର୍ଥ ପବିତ୍ର ସ୍ଥାନ (Holy spot), କାହା ମତରେ ସୌରକରୋଜ୍ଜ୍ୱଳ ଭୂମି (Sunny spot), କାହା ମତରେ ଧର୍ମପ୍ରଭାବର କେନ୍ଦ୍ରସ୍ଥଳ (place of ecclesiastical sway), କାହା ମତରେ ଭୂସ୍ୱର୍ଗ (Paradise of the East), କାହା ମତରେ ବା ଶୈଳବାସରାଣୀ (Queen of the hill-stations), ପୁଣି କେହି କେହି କହନ୍ତି ଜଣେ ଧର୍ମନିଷ୍ଠ, ପ୍ରାଜ୍ଞ ବୌଦ୍ଧ ପୁରୋହିତ ଏଠାରେ ବାସ କରୁଥିଲେ, ବୌଦ୍ଧ ପୁରୋହିତମାନଙ୍କୁ ଲାମା କହନ୍ତି ଓ ଏ ସ୍ଥାନ ନେପାଳ, ଭୁଟାନ, ସିକିମ ଓ ତିବ୍ବତର ଦ୍ୱାର ସ୍ୱରୂପ, ସେତେବେଳରୁ ଏ ଲାମାଙ୍କ ଦରବାରାଳୟ

କହନ୍ତି, ଦଶେକାଳମାନ୍ତୁ ଦାର୍ଜିଲିଂ । ନାନା ମୁନିଙ୍କର ନାନା ମତ, ଯେ ଯେପରି ଭାବରେ ଦେଖିଅଛି, ସେ ସେପରି ଅର୍ଥ କରିଅଛି । ଯାହା-ହେଉ ଭାରତବର୍ଷରେ ଯେତେ ଶୈଳାବାସ ଅଛି, ସମସ୍ତଙ୍କଠାରୁ ଏ ସ୍ଥଳର ପ୍ରାକୃତିକ ଦୃଶ୍ୟ ଅତି ରମଣୀୟ । ଅପର ଓ ବିଳାସର କୁଞ୍ଜ କହିବାକୁ ତେଣ୍ଟାର ତ୍ରୁଟି ନାହିଁ, ଭୂସ୍ୱର୍ଗ କହିଲେ ବରଂ ସମୀଚୀନ ବୋଧ ହେଉଅଛି ।

ଷ୍ଟେସନରୁ ବାହାରିବା ମାତ୍ରେ ପୃଥିବୀର ଶ୍ରେଷ୍ଠତମ ଗିରିର ଶ୍ରେଷ୍ଠତମ ଦୃଶ୍ୟ ଆଖିରେ ପଡ଼ିଲା । ଅଭ୍ରଭେଦୀ ମସ୍ତକରେ ହିମାଳୟ, ନାଏଗ୍ରା ପ୍ରପାତ ଓ ପିରାମିଡ଼ ପୃଥିବୀର ସର୍ବଶ୍ରେଷ୍ଠ ଦୃଶ୍ୟ; ଏହା ସେହି ନିର୍ମଳ, ଶୁଭ୍ର, ପବିତ୍ର, ହିମାଚ୍ଛନ୍ନ, ହିମଗିରିଶୃଙ୍ଗ—ମନୋମୋହନ ଧବଳଗିରି; ଶୁଭ୍ର, ବଲ୍କଳଭୂଷିତ ଧ୍ୟାନସ୍ଥ ଯୋଗୀଙ୍କର ଦଣ୍ଡାୟମାନ ହୋଇ ଏକାଗ୍ରଚିତ୍ତରେ ସେହି ପରାତ୍ପର ପରମାତ୍ମାଙ୍କ ଧ୍ୟାନ କରୁଅଛନ୍ତି । ଆଜିକାଲି ବଜାରରେ ହବ ଅତି ଶସ୍ତା, ଟାଣି ଓଟାଇ ଶେଷ ଅଟଳ ମିନାର ଦୂର ଥାଉ ଯୋଉ ପାରିଲେ, ସବାଦପତ୍ର-ବାହକଙ୍କୁ ଚଢ଼ି ପହାଡ଼ ବାହାରିବାକୁ ସମସ୍ତ ସୁଯୋଗ, କିନ୍ତୁ ଯେଉଁମାନେ ପ୍ରକୃତ କବି, ଯେଉଁମାନଙ୍କ ହୃଦୟରେ ପ୍ରକୃତ ସୌନ୍ଦର୍ଯ୍ୟ ଓ କବିତ୍ୱ ଅଛି, ସେମାନେ କିନ୍ତୁ ଅନ୍ତିମକାଳରେ ରହିବାକୁ ଭଲ ପାନ୍ତି, ଟାଣି ନ ଅଣିଲେ ପହାଡ଼କୁ ଯାଉଥିବା ନାହିଁ, ଅଭିବ୍ୟକ୍ତି ଯୋଗ ସେମାନଙ୍କର ସ୍ୱଭାବ । ମୋହର ଜଣେ ଅନ୍ତରଙ୍ଗ ବନ୍ଧୁ ଏହି ପ୍ରକୃତିର କବି; ମୁଁ ମଧ୍ୟ ମୋହର ବନ୍ଧୁବର୍ଗଙ୍କର ନା ପକାଇବାକୁ ଇଚ୍ଛା କରୁ ନାହିଁ । ମନେହୁଏ ତାଙ୍କର କଥାରେ ଗିରିବର କହୁଅଛନ୍ତି 'ଅନୁଷ୍ଠାନ ମୋର ପୁଣ୍ୟ ସ୍ଥିତି ଧାମ, ଅଦ୍ଭୁତ ମାର୍ଗକୁ ରହିଛି ଅନାଇ'' । ଏ ଜୀବନରେ ଏ ସ୍ୱର୍ଗୀୟ ଦୃଶ୍ୟର ଦର୍ଶନ ଲାଭ ହେବ, ଏହା କେବେ ସ୍ୱପ୍ନରେ ଭାବି ନ ଥିଲି, ଭଗବାନ କରୁଣାରୁ ଯାହା କେବେ ଭାବି ନ ଥିଲି, ତାହା ଆଜି ପୂର୍ଣ୍ଣ ହେଲା । ପ୍ରଥମରେ ସନ୍ଦେହ ହୋଇଥିଲା, କିନ୍ତୁ ବନ୍ଧୁଙ୍କ ପତ୍ର ସନ୍ଦେହ ମୋଚନ କଲା । ଦେବବାଞ୍ଛିତ ଶୋଭାର ଆସ୍ପଦ ଦାର୍ଜିଲିଂରେ ପଦାର୍ପଣ କରି ବିସ୍ମୟସାଗରରେ ବୁଡ଼ିଲି, ପର୍ବତ ମଧ୍ୟରେ ଏପରି ମନୋରମ ସ୍ଥାନ ଅଛି, ନ ଦେଖିବା ଲୋକ ବିଶ୍ୱାସ କରିବ ନାହିଁ । ପ୍ରକୃତିଦେବୀଙ୍କ କରୁଣ-ଅପରମେୟ, ଯେଉଁଠାରେ ଠିଆ ହୁଅ ଆଗରେ ପାହାଡ଼, ପଛରେ ପାହାଡ଼, ଗୋଡ଼ତଳେ ପାହାଡ଼; ଅଧ, ଊର୍ଦ୍ଧ୍ୱ, ସମ୍ମୁଖ, ପାର୍ଶ୍ୱ, ପୃଷ୍ଠ ଯେଉଁଆଡ଼େ ଚାହିଁବ ନାନାବର୍ଣ୍ଣର ପୁଷ୍ପ, ନାନାଜାତିର ତରୁ ଗୁଳ୍ମର ଶୋଭା ମନ ପ୍ରାଣ ହରଣ କରିବ; ସୁରୁଚିସମ୍ପନ୍ନ ନାନାବର୍ଣ୍ଣ ନାନା ଗଠନର କୋଠାସବୁ ସ୍ଥାନରେ ସୋପାନାବଳି କୃତ୍ରିମ ଶୋଭାସମ୍ପଦ ବଢ଼ା ଅଛି; ଯେଉଁ ଆଡ଼କୁ ଚାହିଁ ଶୃଙ୍ଗ ଉପରେ ଶୃଙ୍ଗ, ପାହାଡ଼ ପଛରେ ପାହାଡ଼, ଚିତ୍ର ଅପେକ୍ଷା ସୁନ୍ଦର ଦୃଶ୍ୟ । ଏହା ଦେଖି କେବଳ ମୁଗ୍ଧ ହେବାକୁ ହୁଏ, ଏହା ଦେଖି ତୃପ୍ତି ହୁଏ ନାହିଁ, ଆତ୍ମୀୟ ସ୍ୱଜନଙ୍କୁ ଦେଖାଇବାକୁ ମନ ହୁଏ ।

ଦାର୍ଜିଲିଂ ଷ୍ଟେସନର ଠିକ ତଳେ ଲୋଇସ ଜୁବିଲି ସ୍ୱାସ୍ଥ୍ୟନିବାସ (Lowis Jubilee Sanitarium); ପୂର୍ବେ ଦେଶୀୟମାନଙ୍କର ଏଠାରେ ରହିବାର କୌଣସି ସୁବିଧା ନ ଥିଲା, ବନ୍ଧୁବାନ୍ଧବଙ୍କ ଘରେ ଅତିଥି ହେବା ଛଡ଼ା ମଧ୍ୟବିତ୍ତ ଲୋକଙ୍କର ଉପାୟାନ୍ତର ନ ଥିଲା, ସେଥିରେ ପୁଣି ଏଠାରେ ବନ୍ଧୁବାନ୍ଧବ ଅତି ବିରଳ । ବସାର ଅବଶ୍ୟ ଅଭାବ ନାହିଁ; ଭାଡ଼ିକ ୫୦୦ ଟଙ୍କାରୁ ଆରମ୍ଭ କରି ପାଞ୍ଚ ହଜାର ଟଙ୍କା ଭଡ଼ାର ବସା ଅଛି, ବଡ଼ ବଡ଼ ପାଞ୍ଚ ଛଅଟା ହୋଟେଲ ଅଛି; କିନ୍ତୁ ଭଲ ବସା କରି ରହିବା ସଙ୍ଗତି ବା ହୋଟେଲରେ ରହିବା ସଙ୍ଗତି ଓ ଅଭିରୁଚି କେତେ ଜଣଙ୍କର ଅଛି ? କଟକରେ ଯେଉଁ ଘରକୁ ପାଞ୍ଚ ଟଙ୍କାରେ କେହି ଭଡ଼ା ନେବାର ଅସମ୍ଭବ, ସେହିପରି ଘର ଭଡ଼ା ପଚାଶ ଟଙ୍କାରୁ ଊଣା ନୁହେ, ସେ

ହେତୁରୁ ସ୍ୱାସ୍ଥ୍ୟାନନ୍ଦ ବା ପ୍ରାକୃତିକ ଦୃଶ୍ୟ ଦର୍ଶନ ଦେଶୀୟଙ୍କ ଭାଗ୍ୟରେ ନ ଥିଲା । ଯେଉଁମାନଙ୍କର ଜାତିଭେଦ ବାଧା ନାହିଁ, ସେମାନଙ୍କର ଯେ ବେଶି କଷ୍ଟ ଅସୁବିଧା ଥିଲା ତାହା ନୁହେ, ଅନେକ ସାହେବୀ ହୋଟେଲରେ ଦେଶୀୟଙ୍କ ପ୍ରବେଶ ନିଷେଧ । ଏହି ସବୁ ଅସୁବିଧାର ନିରାକରଣପାଇଁ ପୁଣ୍ୟଶ୍ଳୋକା ଶ୍ରୀମତୀ ଭିକ୍ଟୋରିଆଙ୍କ ଜୁବିଲି ଉତ୍ସବର ସ୍ମାରକ ସ୍ୱରୂପ, ରାଜସାହିର ଭୂତପୂର୍ବ କମିଶନର ଶ୍ରୀଯୁକ୍ତ ଲୋଇସ ସାହେବଙ୍କ ଚେଷ୍ଟା ଓ ଶ୍ରୀଯୁକ୍ତ କୁଚବିହାର ମହାରାଜା, ରଙ୍ଗପୁର ମହାରାଜା ଗୋବିନ୍ଦଚନ୍ଦ୍ର ଓ ଡିମଲାର ରାଜା ଜାନକୀବଲ୍ଲଭଙ୍କ ବଦାନ୍ୟତାରେ ଏହି ସ୍ୱାସ୍ଥ୍ୟନିବାସ ସ୍ଥାପିତ ହେଲା । ଏହା ଦୁଇ ଭାଗରେ ବିଭକ୍ତ, ଯେଉଁମାନେ ଜାତିଭେଦ ମାନନ୍ତି ନାହିଁ, ଇଂରେଜୀ ଧରଣରେ ଖିଆପିଆ କରନ୍ତି, ସେମାନଙ୍କ ପାଇଁ ଏକ ବିଭାଗ, ନିଷ୍ଠାପର ହିନ୍ଦୁମାନଙ୍କ ପାଇଁ ଅନ୍ୟ ବିଭାଗ । ସାଧାରଣ ବିଭାଗର ଦୈନିକ ବ୍ୟୟର ଉଚ୍ଚତମ ହାର ଟ ୫୧, ଶାଣ୍ଟି ହିନ୍ଦୁ ବିଭାଗର ଦୈନିକ ଉଚ୍ଚତମ ହାର ଟ ୩୪, ସର୍ବନିମ୍ନ ହାର ଟ ୧।; ରହିବା ଓ ଖାଇବାପାଇଁ ଏହି ଖର୍ଚ୍ଚ ଦେବାକୁ ହୁଏ, କେବଳ ଖାଇବା ପିଇବାପାଇଁ ଅନ୍ୟ ହୋଟେଲ ହାରରୁ ସସ୍ତା । ଏହା ଭିନ୍ନ ପ୍ରବେଶ ଫିସ୍ ଦିନକର ବ୍ୟୟର ସମାନ । ଚାକର ରହିଲେ ମଧ୍ୟ ସାତ ଦିନର ଖର୍ଚ୍ଚ ଦେବାକୁ ହୁଏ, ପ୍ରତ୍ୟେକ ଭୃତ୍ୟର ଦୈନିକ ବ୍ୟୟ ଟ ୦।୵; ଯେଉଁମାନେ ସ୍ୱାସ୍ଥ୍ୟନିବାସର ଖାଦ୍ୟ ନ ଖାଇ ନିଜର ଭିନ୍ନ ପାକ କରିବାକୁ ଇଚ୍ଛା କରନ୍ତି, ଘରର ସୁବିଧା ହେଲେ ତାହା ସେମାନେ କରି ପାରନ୍ତି, କେବଳ ସେମାନଙ୍କୁ ସ୍ୱାସ୍ଥ୍ୟନିବାସରୁ ସିଧା ନେବାକୁ ହୁଏ । ଏହା ସଙ୍ଗରେ ଗୋଟିଏ ପୁସ୍ତକାଳୟ ଓ ମନ୍ତ୍ରସମିତି ବସିବାର ଉପଯୋଗୀ ଘର ଅଛି । ପୁସ୍ତକାଳୟରେ ଅନେକଗୁଡ଼ିଏ ଇଂରାଜୀ, ସଂସ୍କୃତ ଓ ବଙ୍ଗଳା ପୁସ୍ତକ ଅଛି; ଦୁଇ ତିନି ଖଣ୍ଡ ସମ୍ବାଦପତ୍ର ମଧ୍ୟ ଆସେ ।

ସ୍ୱାସ୍ଥ୍ୟନିବାସର କୌଣସି ବାସିନ୍ଦା ପୀଡ଼ିତ ହେଲେ ବିନାବ୍ୟୟରେ ଔଷଧ ପାଆନ୍ତି, ବିନାଫିସରେ ଡାକ୍ତର ଚିକିତ୍ସା କରନ୍ତି । କିନ୍ତୁ ଚାକରମାନେ ଏ ସୌଭାଗ୍ୟରୁ ବଞ୍ଚିତ । ବର୍ତ୍ତମାନ ଡାକ୍ତର ବାବୁ ଶ୍ରୀଯୁକ୍ତ ଶିଶିରକୁମାର ପାଲ ମହାଶୟ ଅତି ସଦାଶୟ, ମିଷ୍ଟଭାଷୀ, ହୃଦୟବାନ୍ ଓ ସଜ୍ଜନ; ସମସ୍ତ ସ୍ୱାସ୍ଥ୍ୟନିବାସ ଏହାଙ୍କ ତତ୍ତ୍ୱାବଧାନରେ ଅଛି, ଏହାଙ୍କ ବ୍ୟବହାରରେ ସମସ୍ତେ ସନ୍ତୁଷ୍ଟ, ରୋଗୀର ଯତ୍ନ କରିବା ବିଷୟରେ ଏହାଙ୍କର ପ୍ରକୃତିଗତ ବିଶେଷ ଶକ୍ତି ଥିଲାପରି ବୋଧହୁଏ । ସେକ୍ରେଟରୀ ବାବୁ ଶ୍ରୀ ହରମୋହନ ଚନ୍ଦ୍ର ସ୍ୱାସ୍ଥ୍ୟନିବାସର ଜନ୍ମଦାତା କହିଲେ ହେଲା, ଏ ପୂର୍ବେ ରାଜସାହି ଅଞ୍ଚଳର କମିଶନରଙ୍କର ପର୍ସନାଲ ଆସିଷ୍ଟାଣ୍ଟ ଥିଲେ, ବର୍ତ୍ତମାନ ପେନସନ୍ ନେଇ ଦାର୍ଜିଲିଂରେ ରହି ନିଜର ଗୃହଗିରି ଓ ସ୍ୱାସ୍ଥ୍ୟନିବାସର ତତ୍ତ୍ୱାବଧାରଣ କରନ୍ତି । ଏହା ଭିନ୍ନ ଅନେକ ଇଉରୋପୀୟ ଓ ଦେଶୀୟ ଭଦ୍ରଲୋକ କମିଟିର ସଭ୍ୟ, ଉଚ୍ଚପଦସ୍ଥ ଇଂରେଜ କର୍ମଚାରୀମାନେ ସମୟ ସମୟରେ ଆସି ପରିଦର୍ଶନ କରନ୍ତି । କର୍ମଚାରୀମାନଙ୍କ ମଧ୍ୟରେ ଜଣେ ହସ୍ପିଟାଲ ଆସିଷ୍ଟାଣ୍ଟ, ଜଣେ କିରାଣୀ ଓ ଜଣେ ଗୋଦାମରକ୍ଷକ ଅଛନ୍ତି, ସମସ୍ତେ ବଙ୍ଗାଳି ଯୁବକ, ସମସ୍ତଙ୍କର ବ୍ୟବହାର ଅତି ଭଦ୍ରଜନୋଚିତ । ଗତବର୍ଷ ଏହାର ଆର୍ଥିକ ଅବସ୍ଥା ଭଲ ଥିଲେହେଁ ଏପର୍ଯ୍ୟନ୍ତ ଆୟରୁ ବ୍ୟୟ ବଳି ପଡ଼ୁଅଛି । ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ରହିବାପାଇଁ ପଲଙ୍କ, ଗଦି; ତୃତୀୟ ଶ୍ରେଣୀପାଇଁ କେବଳ ତକ୍ତପୋଷ; ଚାକରମାନେ ସାଧାରଣ କାର୍ଯ୍ୟ କରନ୍ତି, ନିଜର ବିଶେଷ କାର୍ଯ୍ୟପାଇଁ ନିଜ ବ୍ୟୟରେ ଭୃତ୍ୟ ରଖିବାକୁ ହୁଏ । ସବୁ ବିଭାଗରେ, ସବୁ ଶ୍ରେଣୀରେ ବାସଗୃହ ସଙ୍ଗରେ ସ୍ନାନାଗାର, ପାଇଖାନା ଅଛି । ସକାଳ ସାତଟାବେଳେ ସାମାନ୍ୟ ଜଳଖିଆ ଓ ଚା, ଏଗାରଟାବେଳେ ଭାତ ଡାଲି ତରକାରୀ ପ୍ରଭୃତି, ଚାରିଟାବେଳେ ପୁରି, ମିଠା, ଚା, ସନ୍ଧ୍ୟାରୁ ଭାତ

ବା ଭୂଟ ଭଉକାଦି ପ୍ରଭୃତି ଖାଇବାକୁ ଦିଆ ହୁଏ । ହୋଟେଲରେ ମଧ୍ୟବିତ୍ତ ଲୋକଙ୍କର ଗୋଟାଏ ଗୁରୁତର ଅଭାବ ଏ ମୋଚନ କରୁଅଛି । ନଭେମ୍ବର ପନ୍ଦର ତାରିଖଠାରୁ ମାର୍ଚ୍ଚ ପନ୍ଦର ତାରିଖ ପର୍ଯ୍ୟନ୍ତ ଅତ୍ୟନ୍ତ ଶୀତ ହେତୁରୁ କେହି ଦାର୍ଜିଲିଂକୁ ଆସନ୍ତି ନାହିଁ, ଫଳତଃ ସ୍ୱାସ୍ଥ୍ୟନିବାସର କାର୍ଯ୍ୟ ବନ୍ଦ ହୁଏ । ଯକ୍ଷ୍ମରୋଗୀଙ୍କ ପକ୍ଷରେ ଦାର୍ଜିଲିଂର ଜଳବାୟୁ ଅତି ସ୍ୱାସ୍ଥ୍ୟକର, କିନ୍ତୁ ଏ ରୋଗ ସଂକ୍ରାମକ ବିବେଚିତ ହେବାରୁ, ସ୍ୱାସ୍ଥ୍ୟ-ନିବାସରେ ଯକ୍ଷ୍ମରୋଗୀଙ୍କୁ ରହିବାକୁ ଅନୁମତି ମିଳେ ନାହିଁ; ଏ ଅଭାବ ଦୂର କରିବାପାଇଁ ଏହା ସଙ୍ଗରେ ଅଳ୍ପ ଦୂରରେ ଆଉ ଗୋଟିଏ ଦ୍ୱିତଳ ଗୃହ ନିର୍ମାଣ କରିବାର ସ୍ଥିର ହୋଇ ଏଥିନା ସତ୍ତ୍ୱର ଅପେକ୍ଷାରେ ହୋଇଥିଲା, ବାବୁ ଉପେନ୍ଦ୍ରକିଶୋର ରାୟ ନାମକ ଜଣେ ବଙ୍ଗଦେଶୀୟ ଜମିଦାର ସମସ୍ତ ବ୍ୟୟ ବହନ କରିବାକୁ ସ୍ୱୀକାର ହୋଇଥିଲେ, କେଜାଣି କି କାରଣରୁ କାର୍ଯ୍ୟବେଳେ ପ୍ରତିଶ୍ରୁତି ପ୍ରତ୍ୟାହାର କଲେ । 'ଦାଢ଼େ ଦାନ୍ତ ମଦ୍ଦ୍ୱା ବାହୁ ପିଣ୍ଡେ ଦଣ୍ଡଶା ଦେହ,' ଯେଉଁ ଭାରତବର୍ଷର ବଙ୍ଗଦେଶର ପ୍ରବାଦ, ପ୍ରତିଜ୍ଞା-ପାଳନ ପରାୟଣତା ଯେଉଁ ଭାରତବର୍ଷର ମୂଳମନ୍ତ୍ର ଥିଲା, ତାହାର ଏତେଦୂର ପତନ ହେଲାଣି !

ଏହି ସ୍ୱାସ୍ଥ୍ୟନିବାସରୁ ଅନତି ଦୂରକୁ ଓହ୍ଲାଇଲେ ଉତ୍ତର ଓ ଦକ୍ଷିଣକୁ ଦୁଇଟି ବାଟ ଅଛି । ଦକ୍ଷିଣ ଦିଗର ବାଟରେ ଦେଶୀୟ ଛାତ୍ରଙ୍କପାଇଁ ସ୍ଥାପିତ ସରକାରୀ ଏଣ୍ଟ୍ରାନ୍ସ ସ୍କୁଲ ଓ ଭିକ୍ଟୋରିଆ ପ୍ରପାତ (Victoria fall) । ସ୍କୁଲର ଡାକନାମ ଭୁଟିଆ ସ୍କୁଲ, ସରକାରୀ ବ୍ୟୟରେ ଭୁଟିଆ ଛାତ୍ରମାନେ ଏଠାରେ ରହି ବିଦ୍ୟାଶିକ୍ଷା କରନ୍ତି, ଜଣେ ଶିକ୍ଷକ ଛାତ୍ରମାନଙ୍କ ସହିତ ଦିବାରାତ୍ର ଥାନ୍ତି. ଅନ୍ୟାନ୍ୟ ଶ୍ରେଣୀର ଛାତ୍ରଙ୍କପାଇଁ ସାଧାରଣ ଛାତ୍ରାବାସ ସ୍ଥାପନର ଉଦ୍ଯୋଗ ହେଉଅଛି, ସ୍କୁଲର ଶିକ୍ଷକ ସଂଖ୍ୟା ସତର ଜଣ, ବୋଧହୁଏ ଅନ୍ୟ କୌଣସି ଏଣ୍ଟ୍ରାନ୍ସ ସ୍କୁଲରେ ଏତେ ଶିକ୍ଷକ ନାହାନ୍ତି, ଦ୍ୱିତୀୟ ଭାଷାସ୍ୱରୂପ ସଂସ୍କୃତ, ବଙ୍ଗଳା, ପାରସି, ଉର୍ଦ୍ଦୁ, ଭୁଟିଆ ଓ ଲେପ୍ଚା ଭାଷା ପଢ଼ାହୁଏ । ବର୍ତ୍ତମାନ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବାବୁ ରାଜେନ୍ଦ୍ର-ଲାଲ ଦତ୍ତ ଅତି ସଦାଶୟ ସାଧୁ ପୁରୁଷ, ସମସ୍ତେ ଏହାଙ୍କର ପ୍ରଶଂସା କରନ୍ତି, ଅନ୍ୟର ଉପକାର କରିବା ଏହାଙ୍କର ଜୀବନବ୍ରତ, ଏହାଙ୍କ ଅଯାଚିତ ସାହାଯ୍ୟରେ ପ୍ରଥମରେ ବିସ୍ମିତ ପରେ ମୁଗ୍ଧ ହୋଇଅଛୁଁ, ଏହାଙ୍କ ଅନୁଗ୍ରହରୁ ଅନେକ ଅସୁବିଧାରୁ ରକ୍ଷା ପାଇଅଛୁଁ, ପୂର୍ବରୁ ଆଳାପ ପରିଚୟ ହୋଇ ପାରିଥିଲେ ଅନେକ ଉପକାର ହୋଇଥାନ୍ତା । ଆଉ କିଛିଏ ଆଗକୁ ଗଲେ ଭିକ୍ଟୋରିଆ ପ୍ରପାତ, ପ୍ରପାତ ଯେପରି କିଛି ବଡ଼ ନ ହେଲେହେଁ ଚତୁର୍ଦ୍ଦିଗର ପ୍ରାକୃତିକ ଦୃଶ୍ୟ ତାହାର ରମଣୀୟତାକୁ ଓ ନିର୍ଜ୍ଜନତା ଯେ ସ୍ଥାନର ଶାନ୍ତିକୁ ବଢ଼ାଉଅଛି । ଅନେକ ପଦାର୍ଥର ନିଜର ସେପରି କିଛି ସୌନ୍ଦର୍ଯ୍ୟ ନ ଥାଏ, ବରଂ ଗୋଟି ଗୋଟି କରି ଦେଖିଲେ ରୂକ୍ଷ ଓ ଅସୁନ୍ଦର ଦିଶେ, କିନ୍ତୁ ସେମାନଙ୍କର ଏକତ୍ର ସମାବେଶ ଏକପ୍ରକାର ଅପୂର୍ବ ସୌନ୍ଦର୍ଯ୍ୟ ଉତ୍ପାଦନ କରେ । ସେଠାରୁ ଉପରକୁ ଉଠିଲେ ଶ୍ରୀଯୁକ୍ତ ବର୍ଦ୍ଧମାନ ମହାରାଜାଙ୍କ ପ୍ରାସାଦ, ସ୍ୱନାମଧନ୍ୟ ରାୟ ବାହାଦୁର ଶରତ୍ଚନ୍ଦ୍ର ଦାସଙ୍କ ବସାବାଟେ ଘୁମ ରେଲ ଷ୍ଟେସନରେ ପହଞ୍ଚିବାକୁ ହୁଏ । ଏହି ଶରତ୍ଚନ୍ଦ୍ର ବାବୁ ତିବ୍ବତର ଅଭ୍ୟନ୍ତରର ବିଷୟ ଲୋକ-ସମାଜରେ ପ୍ରକାଶିତ କରିଅଛନ୍ତି, ନାନା ବାଧା ବିଘ୍ନ ଅତିକ୍ରମ କରି, ଜୀବନକୁ ତୁଚ୍ଛ କରି ସ୍ୱବୁଦ୍ଧି କୌଶଳରେ ତିବ୍ବତରେ ପ୍ରବେଶ କରିବାକୁ ଓ ସେ ଦେଶର ନାନା ଗୂଢ଼ତତ୍ତ୍ୱ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲେ । ସେହିପରି ଉତ୍ତରପଥରେ ଜେଲଖାନା, ଲଏଡ଼ ବଗିଚା (Botanical garden), ଲେବଙ୍ଗ ପ୍ରଭୃତି ପ୍ରଧାନ ଦର୍ଶନୀୟ ସ୍ଥାନ । ଲଏଡ଼ ବଗିଚା ଛୋଟ, ସତେଇଶ ବର୍ଷ ହେଲା ସ୍ଥାପିତ ଓ ଅବଶ୍ୟ ଦର୍ଶନୀୟ ସ୍ଥାନ; ସେକାଳରେ ପ୍ରଥମେ ଏ ବଗିଚା ସ୍ଥାପନ କରିବାର

ଚେଷ୍ଟା ହୋଇଥିଲା, କିନ୍ତୁ ସେ ସ୍ଥାନ ନିତାନ୍ତ ଅନୁପଯୋଗୀ ବୋଧ ହେବାରୁ ଏଠାରେ କାର୍ଯ୍ୟ ଆରମ୍ଭ ହେଲା, ବଗିଚାରେ ଓ କାଚଘର ମଧ୍ୟରେ ନାନାପ୍ରକାର ଦେଶୀୟ ଓ ବିଦେଶୀୟ ବୃକ୍ଷ ଗୁଳ୍ମ ରକ୍ଷା ହୋଇଅଛି, ନାନାବର୍ଣ୍ଣର ପୁଷ୍ପରାଗ ସ୍ଥାନଟିର ରମଣୀୟତା ବଢ଼ାଇଛି, ପୁଅରି, ଜଳ, ଜଳରେ ନାନାବର୍ଣ୍ଣର ମାଛ ରକ୍ଷା ହୋଇଅଛି, ବଗିଚାର ଅଧ୍ୟକ୍ଷଙ୍କ ଅନୁମତି ଅନୁସାରେ ବଳକା ଗଛ ବିକ୍ରି ହୁଏ ।

ଯେଉଁ ସଡ଼କବାଟରେ (cart road) ରେଲପଥ ହୋଇଅଛି ସେହି ସଡ଼କ ରେଲ ଷ୍ଟେସନରୁ ଉତ୍ତରରେ ସେଣ୍ଟ ଯୋସେଫ କଲେଜ ପର୍ଯ୍ୟନ୍ତ ଯାଇ, ସେଠାରୁ ପୂର୍ବକୁ କଣ୍ଟବାଟ ଯାଇ ପୁଣି ଦକ୍ଷିଣ ମୁଖରେ ଲିବଙ୍ଗ ପର୍ଯ୍ୟନ୍ତ ବିସ୍ତୃତ ହୋଇଅଛି । ସେଣ୍ଟ ଯୋସେଫ କଲେଜ ଷ୍ଟେସନରୁ ପ୍ରାୟ ୧ ମାଇଲ ହେବ, ଲିବଙ୍ଗ ପାଞ୍ଚ ମାଇଲରୁ କିଛି ବେଶି; ଏହି ସଡ଼କବାଟଟି ପଚାଶ ଫୁଟ ଓସାର, ସମତଳ ଓ ପକ୍କାବାଟ । ସମସ୍ତ ଦାର୍ଜିଲିଂରେ ଥଢୋ ଗାଡ଼ି ନାହିଁ, ରିକସ, ଦାଣ୍ଡି ଏହି ଦୁଇ ପ୍ରକାର ଯାନ ପ୍ରଚଳିତ । ପ୍ରାୟ ସମସ୍ତେ ଘୋଡ଼ା ବ୍ୟବହାର କରନ୍ତି, ଯେଉଁମାନଙ୍କର ସଙ୍ଗତି ନାହିଁ ବା ଘୋଡ଼ାଚଢ଼ାରେ ଯେଉଁମାନେ ଅପଟୁ, ସେମାନେ ପଦବ୍ରଜରେ ଯିବାଆସିବା କରନ୍ତି । ଚାଲିବା ସ୍ୱାସ୍ଥ୍ୟବର୍ଦ୍ଧକ ଓ ଆରାମପ୍ରଦ, ସେଠାରେ ଖାଇ ଚାଲିବୁଲି ନ କଲେ ଦେହ ଭଲ ରହେ ନାହିଁ ବା ଦାର୍ଜିଲିଂରେ ଅବସ୍ଥାନର ସୁଫଳ ମିଳେ ନାହିଁ । ଦଶ ହାତ ଯିବାକୁ ହେଲେ ପ୍ରାୟ ଦଶ ଫୁଟ ଉଠିବାକୁ ହେବ ବା ଓହ୍ଲାଇବାକୁ ହେବ । ଉଠିବା ପରିଶ୍ରମସାଧ୍ୟ, ଘର୍ମନିଃଶ୍ୱାସ ବହେ, କିନ୍ତୁ ବାଟରେ ସ୍ଥାନେ ସ୍ଥାନେ ବେଞ୍ଚ ଥିବାରୁ ବିଶ୍ରାମ ନେବାର ସୁବିଧା ହୁଏ । ଓହ୍ଲାଇ ଆସିବା ସହଜ, କିନ୍ତୁ ଘୋଡ଼ାରେ ଗଲେ ଉଠିବା ଅତି ସହଜ ଓହ୍ଲାଇବା ଟିକିଏ ଟଢୁଆ । ଦାଣ୍ଡି ଜଣେ ବସିବାଭଳି ଖଟୁଲିପରି ଖଣ୍ଡେ ଯାନ, ଉପରକୁ ଉଠିବା ଓ ତଳକୁ ଓହ୍ଲାଇବାର ଉପଯୋଗୀ କରିବାପାଇଁ ବସିବା ସ୍ଥାନ ଉଚ୍ଚ, ସମ୍ମୁଖ ପାର୍ଶ୍ୱ ନିମ୍ନ. ଲୋକେ କାନ୍ଧେଇ ନିଅନ୍ତି. ଦୁଇ ଜଣ ବା ଚାରି ଜଣ ବାହକ ଆବଶ୍ୟକ, ବେଶି ଦୂର ହେଲେ ବାହକସଂଖ୍ୟା ବଢ଼ାଇବାକୁ ହୁଏ; ଏହା ସ୍ତ୍ରୀ-ଜନୋଚିତ ଯାନ ହେଲେ ପୁରୁଷମାନେ ମଧ୍ୟ ବ୍ୟବହାର କରନ୍ତି; ରମଣୀମାନଙ୍କର ଏହା ଏକ-ଚେଟିଆ ଯାନ । ରିକସ ଏ ଦେଶର ଠେଲାଗାଡ଼ି, ଆମ ଦେଶର ବାଟ ସମତଳ ବୋଲି ଗାଡ଼ି ଠେଲି ନେବାରେ ଅଳ୍ପ ପରିଶ୍ରମ ହୁଏ, ସେଠାରେ ବାଟ ଉଚ୍ଚ ନୀଚ ବୋଲି ବେଶି ବଳ ଆବଶ୍ୟକ; ରିକସକୁ ଆଗରେ ଜଣେ ବା ଦୁଇ ଜଣ ଟାଣନ୍ତି, ପଛରୁ ଦୁଇ ଜଣ ଠେଲନ୍ତି; ସ୍ତ୍ରୀ ପୁରୁଷ ଉଭୟ ଏହାକୁ ବ୍ୟବହାର କରନ୍ତି । ରିକସ ଚଢ଼ିବା ଏକପ୍ରକାର ଦଶାରୋଗ, ଦାର୍ଜିଲିଂରେ ଅଣଯାନ ଭିନ୍ନ ଅନ୍ୟ ଯାନ କାହାନ୍ତି ଦୃଷ୍ଟିରେ ନ ପଡ଼ିଲେ ବା ଅତି ଦୁର୍ବଳ ବା ରୋଗୀ ନ ହେଲେ ସେହି ବ୍ୟବହାର କରିବାକୁ ଭଲ ପାନ୍ତି ନାହିଁ, ଏ ହେତୁରୁ ରିକସ ଚଢ଼ିବାର କାହାନ୍ତି ଆବଶ୍ୟକ ହେଲେ ଟିକିଏ ସଙ୍କୋଚ ବୋଧ ହୁଏ ।

ରେଲ ଷ୍ଟେସନରୁ ଅଳ୍ପ ଦୂରରେ ସଡ଼କର ଦୁଇ ପାଖରେ ମିଉନିସିପଲ ହାଟ—ଠାକ ନାମ ମାର୍କେଟ; ହାଟର ଉତ୍ତର, ଦକ୍ଷିଣ ଓ ପୂର୍ବ ଦିଗରେ ଦେଶୀୟଙ୍କ ଦୋକାନ, ପ୍ରତି ରବିବାରରେ ହାଟ ଭଲ ବସେ, ସେ ଦିନ ଏଠାକୁ ଅନେକ ପାହାଡ଼ିମାନେ ଫଳ ମୂଳ ପ୍ରଭୃତି ନେଇ ଆସନ୍ତି ଓ ଜିନିଷ କିଣି ନିଅନ୍ତି । ବଜାରରେ ନାନା ପ୍ରକାର ଶୀତବସ୍ତ୍ର, କମ୍ବଳ, ଚମଡ଼ାର ଜିନିଷ, ପୋଷାକ ମିଳେ; ନେପାଳ, ଭୂଟାନ, ସିକିମ ଓ ତିବ୍ବତରୁ ଆଣିଲା ନାନା ପ୍ରକାର ପଥୁରିଆ ଜିନିଷ ମିଳେ, ଏ ସବୁ ପଦାର୍ଥକୁ ପାର୍ବତୀୟ ଅପୂର୍ବ ପଦାର୍ଥ (Hill curiousitics) କହନ୍ତି, ବିଦେଶୀୟ ଓ ପୂର୍ବପ୍ରଚଳିତ ଦ୍ରବ୍ୟ ବୋଲି କିଣା ହୋଇ ପାରେ, ମାତ୍ର ସେପରି କିଛି ସୁଦୃଶ୍ୟ

ହୁଏ. ମୂଲ୍ୟ ଅଧିକ ବେଶି, ବାଟରେ ସବୁ ପ୍ରକାରର ପ୍ରୟୋଜନୀୟ ପଦାର୍ଥ ମିଳେ, କିନ୍ତୁ ଅଧିକାଂଶ ପଦାର୍ଥ ଦୁର୍ମୂଲ୍ୟ, ଫଳ ତୋରକାରି ଢେର ବେଶି, ଫଳ ମଧ୍ୟରେ କମଳା, ପିଜୁଳି, ଲେମ୍ବୁ ସ୍ୱାଇସ ପରିମାଣ ବେଶି । ସ୍କାସ (Squash) ସେଠାରେ ପ୍ରଧାନ ପରିବା ଓ ଶସ୍ତା, ସେର ଦୁଇ ପଇସା, ସବୁ ଦିନେ ମିଳେ, ଦେଖିବାକୁ ପିଜୁଳି ପରି, ପ୍ରଭେଦ ମଧ୍ୟରେ ପିଜୁଳି ଦେହରେ ଅଂଶୁ ନାହିଁ, ଏଥିରେ ଅଂଶୁ ଅଛି । କମଳା ଓ କଳଡ଼-ଥଳୁର ଅକାର ଅମ୍ଭ ଦେଶର କମଳା ଓ ଅଳୁ-ଠାରୁ ଖୁବ ବଡ଼ । ବାଲେଶ୍ୱର ସେର ପ୍ରଚଳିତ, ଟଙ୍କାରେ ଏଗାର ଆଠ ସେର, ଛାଗ ଉପରେ ମଣ୍ଡର ପ୍ରଧାନ, ସାଧାରଣ ମାଂସର ସେର ଟ୦୬/, ସେହି, ଖାସି ପ୍ରଭୃତି ମାଂସର ଦର ଟ ୧ ୧ କୁ ଦେଡ଼ ଟଙ୍କା ପର୍ଯ୍ୟନ୍ତ, ମାଂସ ଟ୦୫ ରୁ ଟ୦୬/, କାଠଗଣ ଗୃହ ଅଣାରୁ ଛ ଅଣା, ପାରମ୍ପା ବଦଳ ପଇସାରେ ଗୋଟାଏ, ମିଷ୍ଟାନ୍ନ ସେର ଟ ୧ ।, ଘିଅ ମିଳେ ନାହିଁ, ଲହୁଣୀ ସେର ଟ୦୫ ରୁ ଟ୧୫ ପର୍ଯ୍ୟନ୍ତ, ସଦ୍ୟ କୁଣ୍ଡିଆର ଅନେକର ପ୍ରଚୁର ପରିମାଣରେ ମିଳେ, ସେର ଚଉଦ ପଇସା । ନାନା ପ୍ରକାର ପଥର; ପଥରମାଳ, ଟଙ୍କା ଅଧିକ ଘୁଞ୍ଚ ପ୍ରଭୃତିରେ ମାଳ ବନ୍ଧୁଛି, କତି ହୁଏ, ସ୍ତ୍ରୀମାନେ ଲୋକେ ଏ ସବୁର ଅତି ପ୍ରିୟ । ପଥରଖୋଦନୀ, କାଠ ଦୁଇ ପ୍ରଚଳିତ, ଚୋଠନୀ ଶସ୍ତା ଥିବା ହେତୁରୁ ବହୁଳ ପ୍ରଚଳିତ । ଏଠା ମାଟି ହାଣ୍ଡିର ଉପଯୋଗୀ ନୁହେଁ, ସାଧାରଣ ଲୋକେ ପିତ୍ତଳ ହାଣ୍ଡି ବା କେଲେଠକସ୍ ଭେକଟ ବ୍ୟବହାର କରନ୍ତି, ଗରଯାଚ ଉନ୍ନାର, କଟକରେ ଯେଉଁ ହାଣ୍ଡିଟି ଅଧଣାକୁ ମିଳେ ସେହି ହାଣ୍ଡି ଏଠାରେ ଚାରି ଅଣା, ବାଉଁଶ ନଳୀ ଏ ଅଞ୍ଚଳରେ ଦୁଗ୍ଧ-ପାତ୍ର; ମଦ ସ୍ତ୍ରୀମାନଙ୍କ ଲୋକଙ୍କର ପ୍ରଧାନ ଖାଦ୍ୟ, ଗୋରୁ ରଖିବାର ସୁବିଧା ନ ଥିବାରୁ ଅନ୍ୟନ୍ତ ଗୋରୁ ରଖି ଏଠାକୁ ଦୁଧ ଦହି ଘିଅ ଆଣନ୍ତି ।

ମାର୍କେଟର ପଶ୍ଚିମରେ ଇଡ଼େନ ସ୍ୱାସ୍ଥ୍ୟନିବାସ (Eden sanitarium), ଏହା ଅଳଳ୍କୁ ପୂର୍ବ-କଥିତ ଲିଅଡ଼ କରିଛି । ଏହି ସ୍ୱାସ୍ଥ୍ୟନିବାସ ୧୮୮୩ ସାଲରେ ଦୁଇ ଲକ୍ଷ ଟଙ୍କା ବ୍ୟୟରେ ଇଉରୋପୀୟମାନଙ୍କ ସ୍ୱାସ୍ଥ୍ୟୋନ୍ନତି କଳ୍ପରେ, ଗଭର୍ଣ୍ଣମେଣ୍ଟଙ୍କଦ୍ୱାରା ସ୍ଥାପିତ ହୋଇଥିଲା । ଏହାର ମାନ ହରଣ୍ଡାମ ଚଉଁ ପଚେଶ ହଜାର ଟଙ୍କା ଚାନ୍ଦାଦ୍ୱାରା ମଧ୍ୟ ଉଠିଥିଲା । ସଡ଼କ ବାଟେ ଆଗକୁ ଗଲେ ସେମାନ କାଥଲିକ ପାଦ୍ରୀନିବାସ, ହାପିଟାଲ, ହିନ୍ଦମାସ ଚା ବଗିଚା, ଡେପୁଟି କମିଶନରଙ୍କ କଚେରୀ, ଜଙ୍ଗଲବିଭାଗର କଚେରୀ, ଗୋରା ବାରକ, ବଟାନିକାଲ ବଗିଚା ବାଟରେ ପଡ଼େ । ଦାର୍ଜିଲିଂରେ ଯେଉଁଆଡ଼କୁ ଚାହିଁ କେବଳ ଚା ବଗିଚା, ଦାର୍ଜିଲିଂ ଚା ଆସାମ ଚା ଠାରୁ ସ୍ୱତନ୍ତ୍ର, ତେବେ ଆସାମରେ ଏକ ମାଣ ଜମିରୁ ଯେତେ ଚା ଉତ୍ପନ୍ନ ହୁଏ, ଏଠାରେ ତାହାର ଚତୁର୍ଥାଂଶ ଉତ୍ପନ୍ନ ହୁଏ ନାହିଁ । ଦାର୍ଜିଲିଂରେ କୁଲିର ଅଭାବ ନାହିଁ । ସେ ହେତୁରୁ ସେଠାରେ ଆସାମପରି କୁଲି ଆଇନ ପ୍ରଚଳିତ ନାହିଁ । ସେଠାକୁ ଗଲେ ଚା କଳ ଥରେ ଦେଖି ଆସିବା କର୍ତ୍ତବ୍ୟ, ବଗିଚାର ମେନେଜର-ମାନଙ୍କୁ ଲେଖିଲେ ସେହି ସବୁ ଦେଖାନ୍ତି । ଚା ଗଛର ଅତି କୋମଳ ପତ୍ର କୁଲିମାନେ ତୋଳି କାରଖାନାରେ ପକାଇ ଦିଅନ୍ତି, ତାହା ପ୍ରଥମରେ ଗୋଟାଏ କଳରେ (Rolling machine) ଦଳା ହୁଏ, ଉକ୍ତ ପ୍ରକାର ମର୍ଦ୍ଦିତ ପତ୍ର ହୋଇଗଲେ, ଲୁହା ଜାଲିର ବଡ଼ ବଡ଼ ଥାକରେ ସେ ସବୁ ହାତରେ ଲୁଗା ଘୋଡ଼ାଇ ଦିଅନ୍ତି, ଏହି ଅବସ୍ଥାରେ ତିନି ଘଣ୍ଟା ରଖିବାକୁ ହୁଏ, ଏହି ସମୟରେ ତାହାର ବର୍ଣ୍ଣ ପରିବର୍ତ୍ତିତ ହୋଇ ଲାଲ୍ ବା ତମ୍ବା ଲେମ୍ବୁ ବର୍ଣ୍ଣ ହୋଇ-ଥାଏ; ବେଶି ସମୟ ରଖିଲେ ସୁବାସ ଚାଲିଯାଏ । ଏଥିରୁ କାଢ଼ି ପୁଣି ଲୁହା ଜାଲି ଥିବା ଥାକରେ ରଖି ଅଗ୍ନି ଉତ୍ତାପରେ ଶୁଖାଇବାକୁ ହୁଏ, ଉତ୍ତାପରେ ଏହା ବଳ ହୋଇଯାଏ ଓ ସଙ୍ଗେ

ସଙ୍ଗେ ଏହିଚ କୃଷ୍ଣ ବର୍ଣ୍ଣ ହୁଏ । ସେଥିରୁ ଅଣି ଭିନ୍ନ ଭିନ୍ନ ପରିମାଣର ଛିଦ୍ରବିଶିଷ୍ଟ ଚାଲୁଣିରେ ଚାଳିଲେ ଭିନ୍ନ ପ୍ରକାର ଚା ଭିନ୍ନ ଭିନ୍ନ କରି ରଖନ୍ତି, ଅକାର, ବର୍ଣ୍ଣ ଓ ବାସନା ଅନୁସାରେ ଭିନ୍ନ ଭିନ୍ନ ନାମ ପ୍ରଦତ୍ତ ଓ ମୂଲ୍ୟ ନିର୍ଦ୍ଧାରିତ ହୁଏ । ଏ ସମସ୍ତ କାର୍ଯ୍ୟ କଳରେ ହୁଏ, କେବେ ଛୋଟ ଛୋଟ ଚା ବଗିଚାରେ ହାତକଳ ବ୍ୟବହୃତ ହୁଏ । ଏହି ହାତକଳ ସାହାଯ୍ୟରେ ପିଲାମାନେ ଭୁଟିଆମାନ ଚା ବଗିଚାରୁ ଚା ଉତ୍ପନ୍ନ କରନ୍ତି । ଜୁନଠାରୁ ଅକ୍ଟୋବର ଶେଷ ପର୍ଯ୍ୟନ୍ତ ଚା ପ୍ରସ୍ତୁତ କରିବାର ଉତ୍କୃଷ୍ଟ ସମୟ । ନଭେମ୍ବରଠାରୁ ଚା ପ୍ରସ୍ତୁତ କରିବାର ବନ୍ଦ ହୁଏ । ଯେଉଁଠାରେ ଯେତେ ବେଶି ବର୍ଷା ହୁଏ ସେଠାରେ ଚା ସେତେ ଭଲ ହୁଏ । ଚା କେବଳ ଅର୍ଥକର ତାହା କହିବା ବାହୁଲ୍ୟ, ଏହା ପ୍ରସାଦରୁ ଅନେକ ଇଂରେଜ କୋଟିପତି ହୋଇଅଛନ୍ତି, ଦେଶୀୟ ସଉଦାଗରଙ୍କର ଚା ବଗିଚା ଅଛି, କିନ୍ତୁ ତାହା ମୁଷ୍ଟିମେୟ, ମୋଟରେ ଦେଶୀୟଙ୍କ ଭାଗ୍ୟରେ କେବଳ କୁଲିଗିରି ! ଲିବଙ୍ଗ ଚା ବଗିଚାର ମେନେଜର ଅନ୍ୟୂନ ତେର ପନ୍ଦର ଲକ୍ଷ ଟଙ୍କାର ସମ୍ପତ୍ତି ରଖି ମରି ଯାଇଅଛନ୍ତି । ସହରର ଉତ୍ତର ପାର୍ଶ୍ୱସ୍ଥିତ ସେଣ୍ଟଯୋସେଫ କଲେଜ ପ୍ରଧାନ ବିଦ୍ୟାଳୟ, କେବଳ ଇଉରୋପୀୟ ଛାତ୍ରମାନେ ଏଠାରେ ପଢ଼ନ୍ତି. ବିଦ୍ୟାଳୟର ଅଟ୍ଟାଳିକା ଅତି ପ୍ରକାଣ୍ଡ, ଏହା ସଙ୍ଗରେ ଛାତ୍ରାବାସ, କ୍ରୀଡ଼ାଭୂମି ପ୍ରଭୃତି ଯାହା କିଛି ଆବଶ୍ୟକ ସବୁ ଅଛି । ସଡ଼କ ବାଟ ଲିବଙ୍ଗରେ ଛୁଇଁଛି, ଏହା ଗୋରା ପଲଟନ-ମାନଙ୍କ ଅଡ୍ଡା, ପୂର୍ବେ ଏମାନେ ସେନଚଲରେ ରହୁଥିଲେ, ସେଠାରେ ଅତି ଶୀତ ଓ ସ୍ଥାନ ଅତ୍ୟନ୍ତ ନିର୍ଜନ ବୋଧ ହେବାରୁ ଅନେକ ଗୋରା ଆତ୍ମହତ୍ୟା କଲେ, ସେହେତୁରୁ ପଲଟନ ଏଠାକୁ ଫେରି ଆସିଲେ, ସାହେବମାନଙ୍କ ପୋଲୋ ପ୍ରଭୃତି ଖେଳ ଏଠାରେ ହୁଏ ଓ ଏହା ପାଖରେ ବେର୍ଣ୍ଣିମେଷ୍ଟରଶିତ ବନ ।

ହାଟରୁ ପୂର୍ବ ଦିଗରେ ଉପରକୁ ଉଠିଲେ ବାଟରେ ଦାତବ୍ୟ ଚିକିତ୍ସାଳୟ, କାରାଗାର, ତା ଉପରକୁ ନବ ସ୍ଥାପିତ ପାର୍କ, ତାର ଅଫିସ, ଡାକ ଘର ପ୍ରଭୃତି ପଡ଼େ; ଚିକିତ୍ସାଳୟ ଓ କାରାଗାର ମିଉନିସିପାଲିଟିର ସାହାଯ୍ୟ, ସ୍ଥାନୀୟ ଚାନ୍ଦା ଓ ଅଭ୍ୟାଗତମାନଙ୍କ ଦାନରେ ଚଳେ । ବନ୍ଧୁ ବାନ୍ଧବମାନଙ୍କୁ ଅଣିବାକୁ ବା ଛାଡ଼ିବାକୁ ଯେଉଁମାନେ ଷ୍ଟେସନକୁ ଯାନ୍ତି, ସେମାନଙ୍କୁ ଷ୍ଟେସନ ବାରଣ୍ଡାକୁ (Platform) ଯିବାପାଇଁ ଟିକଟ କିଣିବାକୁ ହୁଏ, ପ୍ରତ୍ୟେକ ଟିକଟର ମୂଲ୍ୟ ଚାରି ପଇସା, ଏହି ଟିକଟ ବିକ୍ରୟଦ୍ୱାରା ଯାହା ଆୟ ହୁଏ, ତାହା ମଧ୍ୟ ଏହାର ବ୍ୟୟ ନିର୍ବାହ ପାଇଁ ଦିଆ ହୁଏ । ଟିକଟ ବିକ୍ରୟରୁ ମାସରେ ଶହାଧିକ ଟଙ୍କା ମିଳେ । ଚିକିତ୍ସାଳୟଟି ପରିଷ୍କାର ପରିଚ୍ଛନ୍ନ ତ୍ରିତଳ ଗୃହ, ସହରର ମଧ୍ୟ ସ୍ଥଳରେ ସ୍ଥିତ । କୃମି ଏଠାର ପ୍ରଧାନ ବ୍ୟାଧି, ଭୁଟିଆ ଓ ନେପାଳୀ ଏହି ଦୁଇ ଜାତି ଉପରେ ଏ ରୋଗର ପରାକ୍ରମ ବେଶି, ପୁଣି ଭୁଟିଆଙ୍କ ଉପରେ ଅନୁଗ୍ରହର ମାତ୍ରା ଅଧିକ ବେଶି । ଏମାନେ କଞ୍ଚା ବା ଅର୍ଦ୍ଧସିଦ୍ଧ ଶାଗ, ଫଳ ମୂଳ ଅଧିକ ଖାଇବା ବିଶେଷତଃ ଭୁଟିଆମାନେ ଶୂକର ମାଂସ ପ୍ରଭୃତି ବେଶି ଖାଉଥିବା ଏ ବ୍ୟାଧିର ମୂଳ କାରଣ ବୋଲି ଅନୁମିତ ହୁଏ ।

ପାର୍କରେ କୁଚବେହାର ମହାରାଜାଙ୍କ ବ୍ୟାଣ୍ଡ ସପ୍ତାହରେ ତିନି ଥର ଲେଖାଏଁ ବାଜେ ।

ପୋଷ୍ଟ ଅଫିସ ଉପରକୁ ମାଉଣ୍ଟପ୍ଲେଜାଣ୍ଟ (Mount pleasant Road), ଏଠାରେ ଅନେକ ଦେଶୀୟ ଧନୀ ମହାଜନଙ୍କର ଦୋକାନ ଅଛି, ଏହା ମଧ୍ୟରେ ଜିଟମଲ ଓ ଭୋଜମଲଙ୍କର ସର୍ବ-ପ୍ରଧାନ । ମାରୁଆଡ଼ୀ ସଉଦ, ହାଟର ପୂର୍ବ ଦିଗର ଗଳିରେ ଏମାନଙ୍କର ଦୋକାନ, ସର୍ବଦ ଯେଉଁର ସେହିପରି ଲୁଗାଦୋକାନ, ସେହିପରି ବାଟୋଇଙ୍କୁ ଯୁଗପତ୍ ଡାକ । ମାଉଣ୍ଟପ୍ଲେଜାଣ୍ଟ ରୋଡ଼ ଉପରକୁ ସାହେବମାନଙ୍କର ବିବିଧ ଦ୍ରବ୍ୟର ଦୋକାନ ।

ଷ୍ଟୁଡିଓ (ଫଟୋଗ୍ରାଫ) ବ୍ୟବସାୟୀ ପାର୍ ସାହେବଙ୍କ ଦୋକାନରେ ଦାର୍ଜିଲିଂ ଓ ଚତୁଃପାର୍ଶ୍ୱସ୍ଥ ଦୃଶ୍ୟମାନଙ୍କର ନାନା ବର୍ଣ୍ଣ ନାନା ଆକାରର ଚିତ୍ର ମିଳେ । ଷ୍ୟାପ୍ କମ୍ପାନି ମଧ୍ୟ ଷ୍ଟୁଡିଓ ବ୍ୟବସାୟୀ, କିନ୍ତୁ ପାର୍ ସାହେବଙ୍କ ଦୋକାନ ପରି ତାଙ୍କ ଦୋକାନ ଚଳନ୍ତିଆ ନୁହେ । ଷ୍ଟୁଡିଓର ମର୍ଯ୍ୟାଦା ଏ ଦେଶରେ କ୍ରମେ କ୍ରମେ ବଢ଼ି ଆସୁଅଛି, ପାର୍ ସାହେବଙ୍କ ଦୋକାନର ମାସିକ ବ୍ୟୟ ଏଗାର ଶ ଟଙ୍କା, ଏଥିରୁ ଜଣାଯିବ ବ୍ୟବସାୟଟି କେତେ ବ୍ୟୟସାଧ୍ୟ, ଅର୍ଥ ଓ ଅଧ୍ୟବସାୟ ନ ଥିଲେ କୌଣସି କାର୍ଯ୍ୟକରୀ ବିଦ୍ୟାରେ ଉନ୍ନତି ହୁଏ ନାହିଁ । ଆମ୍ଭମାନଙ୍କର ପ୍ରଧାନ ଦୋଷ କୌଣସି ବିଦ୍ୟାରେ ପାରଗ ହେବା ପୂର୍ବରୁ ତାହାର ଦେଖାଇ ଚେଷ୍ଟା କରୁଁ, ଏହା ମଧ୍ୟ କାର୍ଯ୍ୟକରୀ ବିଦ୍ୟାର ଅନୁନ୍ନତିର ଅନ୍ୟତମ କାରଣ । ନ୍ୟୁମାନ୍ କମ୍ପାନିର (Newman & Co) ବହି ଦୋକାନ, ସ୍ମିଥ ଷ୍ଟାନିଷ୍ଟ୍ରୀଟର Smith Stanistreet ଔଷଧ ଦୋକାନ, ହ୍ୱାଇଟ୍ ଓ ଏ ଲେଡଲ White way Laidlaw ଓ ହାରିସନ ହାଟଓ୍ୱେ ପ୍ରଭୃତିଙ୍କର ଲୁଗା ଦୋକାନ ପ୍ରଧାନ । ସାହେବୀ ଦୋକାନର ଉତ୍ତରମୁଣ୍ଡର ସ୍ଥାନର ନାମ ମଲ (Mall), ଏହା ସହରର କେନ୍ଦ୍ରସ୍ଥଳ, ପ୍ରାତଃ ସନ୍ଧ୍ୟା ଉଚ୍ଚଶ୍ରେଣୀୟ ଓ ଦେଶୀୟ ଭଦ୍ର-ଲୋକମାନଙ୍କର ମିଳନ ସ୍ଥାନ, କର୍ଯ୍ୟତଃ ସ୍ଥାନଟି ଅତି ପରିଷ୍କାର ପରିଚ୍ଛନ୍ନ, ବସିବା ପାଇଁ ଅନେକ ବେଞ୍ଚ ପଡ଼ିଛି, ବର୍ଷା ବେଳେ ବିଶ୍ରାମ ପାଇଁ ଖଣ୍ଡେ ସେଡ୍ ଘର, ଲାଟ ଗଭର୍ଣ୍ଣର ସାହେବଙ୍କ ସ୍ମାରକ ସ୍ତମ୍ଭ, ଅଗ୍ନି ନିର୍ବାପକ ଦମକଳ, ଡାଣ୍ଡିର ଅଡ୍ଡା ସବୁ ଏହିଠାରେ, ଏହା ନିକଟରେ ଚୌରାସ୍ତା, ଏଠାରୁ ଯେଉଁ ଆଡ଼କୁ ଚାହିଁଲେ ଦୃଶ୍ୟଗୁଡ଼ିକ ବିଶେଷତଃ ସାନ୍ଧ୍ୟକାଳ ଦୃଶ୍ୟ ମନୋରମ ଦିଶେ, ସକାଳେ ସନ୍ଧ୍ୟାବେଳେ ତଳେ ପାହାଡ଼ ଖୋଲରେ ଅତି ସୁନ୍ଦର ଶୁକ୍ଳ ମେଘସବୁ (Fleecy clouds) ଅଣ୍ଟା ନେଉଥାନ୍ତି, ପିଞ୍ଜାଭୂତ ଗଦା ହୋଇଥିବା ପରି ଦିଶେ । ଅନେକ ସମୟରେ ମେଘ ଆମ ମୁଣ୍ଡ ଉପରେ ଥିଲା, ଅନ୍ୟ ଖାହାଲ ଗର୍ଭ ଖର୍ବ ହୋଇଅଛି, ଆଜ ଗୋଡ଼ାଗଲେ ଘର ରହିଛି, ଥଣ୍ଡେମାନେ ତା ମୁଣ୍ଡ ଉପରେ ବସିଅଛନ୍ତି । ବେଳ ବେଶି ହେଲେ ମେଘ ପାହାଡ଼ ଅଧରେ ପ୍ରାପ୍ତ ହେବ, ଏ ଦୃଶ୍ୟ ଦେଖିବା ମାତ୍ରକେ ଗୋଲ୍ଡସ୍ମିଥଙ୍କ ସୁନ୍ଦର କବିତା ମନେ ପଡ଼େ—

So some tall cliff that lifts its awful form
Swells from the vale and midway leaves the storm
Though round its breast the rolling clouds are spread
Eternal sunshine settles on its head.

ମଲରେ ଥିବା ଗଛମାନଙ୍କ ମଧ୍ୟରେ ଏକପ୍ରକାର ଅତି ସୁନ୍ଦର ସର୍ବାଙ୍ଗପୁଷ୍ପମଣ୍ଡିତ ଗଛ ଅଛି, ଫୁଲଗୁଡ଼ିକ ଈଷତ୍ ରକ୍ତବର୍ଣ୍ଣ ଓ ମଦନରେ ଢ଼ଥର ହେଲପରି ଦିଶେ । ଚୌରାସ୍ତାରୁ ଲିବଙ୍ଗ, ଟଙ୍ଗ ଫଙ୍ଗ ବସ୍ତି, ଜଲାପାହାଡ଼ ବଜାର, ଅବଜରଭେଟର ହିଲ (Observatory hill), ଲାଟ ସାହେବଙ୍କ ଗ୍ରୀଷ୍ମାବାସ ଷ୍ଟେସନ୍, ଦରବାର ହଲ, ଗିର୍ଜା, ଟାଉନହଲ, କ୍ରିକେଟ ପଡ଼ିଆ, କର୍ଟହିଲ ପ୍ରଭୃତିକୁ ଯିବାକୁ ବାଟ ଅଛି । ସକାଳ ସନ୍ଧ୍ୟାରେ ମଲରୁ ବାହାରି ଅବଜରଭେଟରି ହିଲ ପରିକ୍ରମ କରି ପୁଣି ମଲକୁ ଫେରି ଆସିବା ଅତି ଆରାମପ୍ରଦ, ଦେହ ଓ ମନର ପ୍ରଫୁଲ୍ଲତା-ଉତ୍ପାଦକ । ବାଟ ଦୁଇ ପାର୍ଶ୍ୱର ପ୍ରାକୃତିକ ଦୃଶ୍ୟ ଅତି ମନୋହର, ଯେଉଁଆଡ଼େ ଦୃଷ୍ଟି ଦିଅନ୍ତୁ ପର୍ଯ୍ୟନ୍ତ ଶ୍ୟାମଳ ତରୁଗୁଳ୍ମାଚ୍ଛାଦିତ ହରିଲୋକାଳସ୍ପ-ଶୋଭିତ ପାହାଡ଼ଯାକ ଡେଉ ଖେଳୁଛନ୍ତି, ନାନାବର୍ଣ୍ଣର ଭାଲୁଅ ଫୁଲର ସ୍ନିଗ୍ଧ ଶୋଭା ନୟନାନନ୍ଦକର ।

କ୍ରମଶଃ

ଶ୍ରୀ ଶ୍ୟାମସୁନ୍ଦର ଜନ ।

ବାଇମହାନ୍ତି ପାଞ୍ଜି । (୧୫)

ପାଞ୍ଜିର ଜଣେ ପାଠକ ପୂର୍ଣ୍ଣ ଶର୍ମାଙ୍କ ନିକଟକୁ ଗୋଟିଏ ପତ୍ର ଲେଖିଥିଲେ । ସେ ପତ୍ରରେ ଲେଖାଥିଲା ଯେ ବାଇମହାନ୍ତି ପରର ଦୋଷ ଦେଖିବାରେ ଏବଂ ଦେଖାଇବାରେ ପଟୁ, କିନ୍ତୁ ଆପଣ ନିଜ ସମାଜର ଦୋଷ ଗୁଣ ଆଲୋଚନା କରିବାକୁ ମହାନ୍ତେ ପଶ୍ଚାତ୍ପଦ ନାହିଁତ ? ବାଇ-ମହାନ୍ତିଙ୍କୁ କଥାପ୍ରସଙ୍ଗରେ ଅମ୍ଭେମାନେ ପତ୍ରଟି ଦେଖାଇଥିଲୁଁ, ତହିଁର ଉତ୍ତରରେ ସେ କହିଲେ, “ସଜ୍ଜନ ! ସର୍ଷପମାତ୍ରାଣି ପରଚ୍ଛିଦ୍ରାଣି ପଶ୍ୟସି” କଥାଟା ଗୋଟିଏ ବାଗାଡ଼ ଅମଳର ପାଠ, ଅତଏବ ଏଥିରେ ଆମର ଗୋଟାଏ କିଛି ଗୁରୁତର ଅପଯଶ ହୋଇ ନାହିଁ । କିନ୍ତୁ ଗତ ସଂଖ୍ୟା ପାଞ୍ଜି ପଢି ଅମ୍ଭେମାନେ ବାଇମହାନ୍ତିଙ୍କ ନିପୁଣ ବକ୍ତୃତ୍ୱ କାର୍ଯ୍ୟ ଯୋଗୁଁ ତାଙ୍କୁ କୈଫିୟତ ତଲବ କରିଥିଲୁଁ । ସେ ଉତ୍ତର ଦେଲେ ଯେ ଅଙ୍କ ଦାଗିଲେ ମୋଦକରପତୀଅ ଛତ୍ର ଭାଗବ, ଅତଏବ ତରଣୀ ପତିଅର ଦୋଷ ଗୁଣ ଆଲୋଚନା କଲେ “ଆୟୁ-ର୍ବିତ୍ତଂ ଗୃହଚ୍ଛିଦ୍ରଂ” ଦୋଷରେ ଦୋଷୀ ହୋଇ ପାରିବ ନାହିଁ, କିନ୍ତୁ ଯେଉଁ ସମାଜରେ ମୁଁ ବଢ଼ିଅଛୁ, ଯେଉଁ ସମାଜରେ ମୁଁ ବୁଢ଼ା ହେଲି, ସେ ସମାଜର ଦୋଷ ଗୁଣ ଆଲୋଚନା କଲେ ନିମକ୍-ହାରମ ହେବାକୁ ପଡ଼ିବ ! ଏହା ଶୁଣି ଅମ୍ଭେମାନେ ନିଶ୍ଚିନ୍ତ ହୋଇ ଥିଲୁଁ ଯେ ବାଇମହାନ୍ତି ଉକିଳ ଜାଗାରେ ମଧ୍ୟ ବେଶି ଦିନ ରହିବେ ନାହିଁ । ଏ ମୀମାଂସା ପରେ ବାଇମହାନ୍ତିଙ୍କର ଭବିଷ୍ୟତ୍ ଜୀବନ ସମ୍ବନ୍ଧରେ ଅମ୍ଭମାନଙ୍କ ମଧ୍ୟରେ ଘୋର ତର୍କ ଲାଗିଲା । ଏତନ୍ତ ହୋଇ ନ ପାରି ଖୋଦ୍ ମହାନ୍ତିଙ୍କୁ ମଧ୍ୟସ୍ଥ ମାନିଲୁଁ ଓ ଉପାୟରୁ ବୁଝି ପାରିଲୁଁ ଯେ କୌଣସି ରଜାଙ୍କ ନିକଟରେ ଅନୁସରଣ କରିବାକୁ ତାଙ୍କର ଇଚ୍ଛା ଅଛି । କାରଣ ଏଥର କଥାପ୍ରସଙ୍ଗରେ କହି ପକାଇଲେ ଯେ ବାଳଗଡ଼ ମିଛ କହି, କେତେ ଲୋକଙ୍କ ଘର ଭୁଷାଇ, ଦେବୋତ୍ତରର ଭୂମିକଳଛ ଖାଇ ତରଣୀ-ବ୍ୟବସାୟରେ ଜଳ ପେଟକୁ ଯାଇ ଗୁଡ଼ିକା ତଥା ବାଠିକର ପାଠ, ନିତ୍ୟ ରଜାଙ୍କ ନିକଟରେ ଅନୁସରଣ କରି ପାରିଲେ, ପତ୍ରର ଶିରେ ‘ଶ୍ରୀମ୍ନ ମହିମା ମହାରଜା’ ସମ୍ବୋଧନ ଏବଂ କେବେଳୁ ଅଥବା ‘ବୋଲି’ ଅନୁକୂଳ କରି ପାରିଲେ ବାଟଖରଚ, ପାଟପଥ, ଭାଷିତ, ତାଗିର ଇତ୍ୟାଦିର କିଛି ଅଭାବ ହେବ ନାହିଁ । ବାଇ-ମହାନ୍ତିଙ୍କର ଏ କଥାଟି ‘ଓ୍ୱାଲଡ଼ ଏକ୍ସପିରିଏନ୍ସ’ ବା ‘ଅଏଲ୍ ପେଞ୍ଚିଂ’ ଅମ୍ଭେମାନେ କିଛି ନିଶ୍ଚୟ କରି ପାରିଲୁଁ ନାହିଁ । ଆହୁରି ଯେ ବାଇମହାନ୍ତିଙ୍କ କଳ୍ପିତ ନାମିତ ‘ରଜା’ କେଉଁ ଶ୍ରେଣୀର ? ରଜା-ମାନଙ୍କ ସାଧାରଣତଃ ଚାରି ଭାଗରେ ବିଭକ୍ତ ।—୧. ମିତ୍ର ରଜା, ଯଥାଃ—ବାମଣ୍ଡା, ଢେଙ୍କାନାଳ; ୨. କରଦ ରଜା, ଯଥାଃ—ଓଡ଼ିଶା ଗଡ଼ଜାତ; ୩. ଜମିଦାର ରଜା, ଯଥାଃ—ଦର୍ପଣ, ସୁକିନ୍ଦା ଇତ୍ୟାଦି କେତେ; ୪. ଉପାଧିଭୂଷିତ ରଜା, ଯଥାଃ—ରଜା ବାହାଦୁର ଇତ୍ୟାଦି । ଏଥିରେ ଯେଉଁ ଶ୍ରେଣୀ ବିଭାଗ ଅନୁସାରେ ନିଶ୍ଚିତ ପରିମିତ, ନବ୍ୟ ମହତ୍ତ୍ୱୀ ଏକ୍ସପର ହେଲେ ଖାଲି ପଛନ୍ତି । ତହିଁରେ ପୁଣି ନେତେଦେ ଛଟା ରଜା ଅଛନ୍ତି, ସେମାନଙ୍କ ନିକଟରେ ଶିକ୍ଷା, ଦୀକ୍ଷା, ସଭ୍ୟ ଅବସ୍ଥା, ପ୍ରାଚ୍ୟ, ପାଶ୍ଚାତ୍ୟ ବିଦ୍ୟା ଉପକରଣର ପୂର୍ଣ୍ଣପୂର ସମାଦର ହୋଇଥାଏ । ବାଇମହାନ୍ତିଙ୍କ ଉକ୍ତି କେଉଁ ଭାଗ୍ୟବାନ୍ ପୁରୁଷ ଠାରେ ଲାଗିବ, ତାହା କିଏ କହିପାରେ ? କିନ୍ତୁ ସେଠାକୁ ବାଇ-ମହାନ୍ତି ପାଞ୍ଜି ବନ୍ଦ ହୋଇ ଲେଖନୀଶକ୍ତିର କାଳରେ ନ ପାରି ଯିବେ ଏହା ଅମ୍ଭମାନଙ୍କର ବାଞ୍ଛା ହେଉ ନାହିଁ । ଅତଏବ ଏପରି ଲେଖକକୁ ଛାଡ଼ି ଦେଲେ ଉତ୍କଳ ମଧ୍ୟରେ ଅନ୍ୟ ଛଟା ଲୋକ ନାହିଁ । ଅମ୍ଭେମାନେ ପୂର୍ବରୁ କହି ରଖୁଛୁଁ ଯେ ରଜାମାନେ ଅନୁଗ୍ରହ କରି ସାବଧାନ ହେବେ; ଯେପରି ବାଇ-ମହାନ୍ତି ଆମ୍ଭରେ ପ୍ରବେଶାଧିକାର ନ ପାନ୍ତି । ଏବେର ପାଞ୍ଜିବନ୍ଦ୍ରାର ପ୍ରାସାଦରେ ପଶିଲେ ଲେଖନ

ପତ୍ରରେ ଦାଗ ନ ଲଗି ରହିବ ନାହିଁ । ମନେ କରନ୍ତୁ ଉତ୍କଳର ରାଜା ମହାରାଜାମାନେ କେବଳ ସ୍ୱାର୍ଥପର ପ୍ରଜା ମୂର୍ଖ; ବାହ୍ୟାଡ଼ମ୍ବରର ଉପାସ-ନା ଅଶିଷ୍ଟ ସବୁ ପଦାର୍ଥ ଜାଲଜାଲୁଆ ଦେଶ, ଏ କଥା ପାଠକମାନଙ୍କୁ ବୁଝାଇ ଦେବାକୁ ହେବ ନାହିଁ । ଏପରି ସ୍ଥଳରେ ଯେବେ ଏ ପୂଜା ମୂଢ଼ ମଧ୍ୟରୁ କୋଟିକେତେ ଶିଖନ୍ତି ବୋଲି ବାହ୍ୟାଡ଼ମ୍ବର ପ୍ରଚଳିତ ରୂପରେ ପ୍ରମାଣିତ ହୁଅନ୍ତି ତେବେ ଦେଶର ସର୍ବନାଶ—ସଚ୍ଚା ଉତ୍କ-ଳର ବନାରସି ମାଲ ବୋଲି ଆମ୍ଭେମାନେ ଯାହାକୁ ସେଉଁଲୁଗା କିଣି ଆଣି ରଖିଅଛୁଁ ଓ ପୂର୍ବ ପର୍ବ ଯାନଯାତ୍ରାରେ ପିନ୍ଧି ଯହାକୁ ବାହାରୁଁ ସେଗୁଡ଼ିକ ଜର୍ମାନୀକାରବାର ବୋଲି ପ୍ରମାଣ ହେଲେ ସାତ ପଞ୍ଝା ହସିବେ କିନା ? ଓଢ଼ଣାଟି ପଡ଼ିଥିବାରୁ ସୁନ୍ଦର ଅସୁନ୍ଦର ସବୁ ମୁହଁଯାକରେ ଗୋଟାଏ ମାଧୁରୀ ଲାଗି ରହିଥାଏ, କିନ୍ତୁ ଓଢ଼ଣାଟି ଫିଟାଇ ଦେଲେ ତେବେ କଳ୍ପନା-ସୁନ୍ଦର ଛବି ମାଟି ହୋଇଯାଏ ଓ କେହି ଭଡ଼ାଏ କହିଉଭୁ ପଚାରନ୍ତି ନାହିଁ । ଏଥିପାଇଁ ଆମ୍ଭେମାନେ କହୁଁ ଯେ ଓଢ଼ଣା ଟେକିବାର ଦରକାର ନାହିଁ । କିନ୍ତୁ ସଂସ୍କାରପ୍ରିୟ ଲୋକମାନେ କହିବେ ଯେ ଏବେ ତେବେ ପୁଣି ଓଢ଼ଣା ଟେକିବାର ଦରକାର, କାରଣ ଅପଦାର୍ଥ-ଗୁଡ଼ିକ ଯେବେ ଶୀଘ୍ର ଚିହ୍ନା ପଡ଼ନ୍ତି ତେବେ ଦେଶର ମଙ୍ଗଳ ଓ ଉନ୍ନତି ନାହିଁରେ ସ୍ୱଜାତି ଶ୍ରେଣୀ ପଚାର ଦେଲେ ସୁନାର ରଙ୍ଗ ମଳିନ ହେବ ନାହିଁ । ଆମ୍ଭେମାନେ ପଚାରୁଛୁଁ:—ଅପଦାର୍ଥଗୁଡ଼ିକ ଚିହ୍ନା ପଡ଼ିଲେ "ମହିମା, ଧର୍ମ ! = ବାଟଖରଚ, ମର୍ଯ୍ୟାଦା" ଏ ସମୀକରଣଟି ବ୍ୟାବହାରିକ ଜୀବନଗଣିତରୁ ଉଠାଇ ଦେବାକୁ ହେବ, ଉଚ ଉଚ ଆଶାପ୍ରଦ ଉଚ୍ଛୃଙ୍ଖଳ, ସାମୟିକ ଅର୍ଥକର ପ୍ରବନ୍ଧମାନଙ୍କୁ ସାହିତ୍ୟରାଜ୍ୟରୁ ଛଡ଼ ଦେବାକୁ ହେବ, ଇତ୍ୟାଦି ଇତ୍ୟାଦି । ସଙ୍ଗଦୋଷରୁ ତଳେ ବଳେ କୌଶଳେ ତେବେ ଏକ ପଦାର୍ଥ ରଚନା ରୂପରେ ପରିଣତ ହୋଇ କବି ମହାକବି ନାମ ସୃଷ୍ଟି କରି ପ୍ରବଳ ବେଗରେ ପ୍ରବାହିତ ହୋଇ କରଥାରେ ପଡ଼ୁଅଛି, ଶେଷରେ ଚକ୍ଷୁ ଫାଡ଼ିବାର ଗୋଟାଏ ଉପାୟ ହେଲେ ଘର ଲୋକଙ୍କ ହାତରେ ଥାଉ । ସେ ବଳ ପ୍ରୟୋଗ କରି ସର୍ପକୁ ଅସ୍ପୃଶ୍ୟ କରି ପାରନ୍ତେ, କରନ୍ତୁ, ଆମର ଆପତ୍ତି ନାହିଁ, କିନ୍ତୁ ସେ 'ପଦ୍ମତୋଳା' ବୋଲି ଅସ୍ପୃଶ୍ୟ କରିପାରିଲା ଭଳି ଦୋଷ କଣ ? ଆଉ ଏକ କଥା:- ସଭ୍ୟ ଦେଶରେ ସମାଜର ଉଚ୍ଚସ୍ଥାନରେ ଅଧୀତ ବ୍ୟକ୍ତିମାନଙ୍କୁ ସମ୍ବୋଧନ କଲାବେଳେ 'Your Lordship' 'Your Honour' 'Your Ladyship' 'My Lord' ବୋଲି ସମ୍ବୋଧନ କରିବାର ନିୟମ ଅଛି, ସେଠାରେ 'You' (ଆପଣ) ସମ୍ବୋଧନ କଲେ ଗର୍ହିତ ବୋଲି ବିବେଚିତ ହୁଏ । ଏପରି ସ୍ଥଳରେ ଆମ ଦେଶର ରାଜା ମହାରାଜାମାନଙ୍କୁ ମହିମା, ଧର୍ମ, ମହାରାଜ, ହେ.ନି ସମ୍ବୋଧନ କଲେ ଯେ ଏପରି କି ବିବେକ-ବିରୁଦ୍ଧ କାର୍ଯ୍ୟ କରାଗଲା ତାହା ଆମମାନଙ୍କ କ୍ଷୁଦ୍ର ବୁଦ୍ଧିର ଅଗୋଚର । ବିଶେଷତଃ 'ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହଂ' ଏହିଟି ଗୀତାର ଗୋଟିଏ ମହାବାକ୍ୟ । ଯେ ଅନ୍ଧାରରେ ରହିବାକୁ ଇଚ୍ଛା କରେ ତାକୁ ଅନ୍ଧାର ଘରେ ରଖିଲେ କି ପାଉଟି ଛୁଟିଗଲା । ସଙ୍ଗେ ସଙ୍ଗେ ଦେଶର ଉପକାର ହେଲା, ଆତ୍ମୋପକାର, ପରୋପକାର, ସବୁ ହେଲା । କଥାପ୍ରସଙ୍ଗରେ ଗୋଟିଏ ଘଟଣ ଉଦାହରଣ ମନେ ପଡ଼ିଲା, ପାଠକମାନେ କ୍ଷମା ଦେବେ । ଦିନେ ବାବୁର ଘରର ଗୃହସ୍ଥ ଗୃହିଣୀଙ୍କ ମଧ୍ୟରେ ଦୁଃଖ ସୁଖ ପଡ଼ୁ ପଡ଼ୁ ବାବୁର ବାମ୍ଭଣୀଙ୍କ ପ୍ରଶ୍ନ କଲା 'ରଜାମାନେ କଣ ଖାନ୍ତି ?' ବାମ୍ଭଣୀ ଉତ୍ତର କଲା 'ସବୁ ଅଲୁଅ ଗୁଡ଼ର ଓ ଭାତ ।' ବାମ୍ଭଣୀର ଅନୁମାନ କେତେଦୂର ଠିକ, ତାହା ଆମ୍ଭେମାନେ ବର୍ତ୍ତମାନ ହିସାବ କରିବାକୁ ଯାଉ ନାହୁଁ, କିନ୍ତୁ ଏ ଅନୁମାନଟି ବାମ୍ଭଣୀ ପକ୍ଷରେ ସ୍ୱାଭାବିକ । କାରଣ ତାହା ଭାଗ୍ୟରେ ବରଷା ଗୁଡ଼ର ମୁଠାଏ ଯୁଟିବା କଷ୍ଟ ଓ ଭାଗ୍ୟରେ ଥିଲେ

ବିଶେଷ ପୁଣ୍ୟପର୍ବ ଉପଲକ୍ଷରେ ତାଙ୍କୁ ଟିକିଏ ଗୁଡ଼ ମିଳେ । ଏହି ହିସାବରେ ଧରିବାକୁ ଗଲେ ବାଡ଼ିରଣୀର ଉପାଦେୟ ଖାଦ୍ୟ ଦ୍ରବ୍ୟର କଳ୍ପନା କେବଳ ଅରୁଆ ଚାଉଳ ଓ କଦଳୀରେ ଶେଷ ! ଏ ଗଳ୍ପଟିକୁ ସାରହୀନ ବୋଲି ମନେ କରିବେ ନାହିଁ । ଏଥିରେ ଗୋଟିଏ ସତ୍ୟ ନିହିତ ଅଛି:— ଯେତେ ଉଚ୍ଚକୁ ବା ଯେତେ ନିମ୍ନକୁ ଯାଅ ସବୁଠାରେ କେତେକ ଅଂଶରେ ଅନୁପାତିକ ସମ ଭାବ ଅଛି । ରଜାଙ୍କୁ ରହିଁ ରଜାବିଲ, ବାଡ଼ିରଣୀକୁ ରହିଁ ବାଉରଣୀର । ଅଳ୍ପ କଥାର 'କ୍ଷୋଦସାମଜ' ସମ୍ବନ୍ଧ ରଳ ପାନ୍ତି । ଯୋଗ୍ୟ ଓ ପଦଶ୍ରମୀ ଲୋକ ଅପଣାର ଯୋଗ୍ୟତା ଓ ପରିଶ୍ରମର ମୂଲ୍ୟସ୍ୱରୂପ ହୁଉ ପଦ ପିଠିଅଭିଷା କଥା ଶୁଣିଲେ ଆନନ୍ଦରେ ନାଚ ଉଠେ । ଅଯୋଗ୍ୟ ଲୋକ ମଧ ହୁଉ ପଦ ଗୋଡ଼ଅଭିଷା କଥା ଶୁଣିଲେ ଆନନ୍ଦରେ ନାଚ ଉଠେ । କାରଣ ଅବଶ୍ୟ ଭିନ୍ନ ଭିନ୍ନ, କିନ୍ତୁ ଫଳ ତ ଏକ । ଅପଣା ଯୋଗ୍ୟତାର ଉପଯୁକ୍ତ ପୁରସ୍କାର ମିଳିଲା ବୋଲି ଯୋଗ୍ୟ ଲୋକ ଆପଣାକୁ ଧନ୍ୟ ମନେ କରେ । ଅପଣାର ଅଯୋଗ୍ୟତା ଲୁଚି ରହିଲା ବୋଲି ଅଯୋଗ୍ୟ ଲୋକ ଅପଣାକୁ ଧନ୍ୟ ମନେ କରେ । ସେ ଯାହାହେଉ ଅଭିଷା ଦସା ଭାତା ଦେବକୁ ନ ସହେ, ଏହା ଅମ୍ଭେମାନେ ଅଦ୍ୟପର୍ଯ୍ୟନ୍ତ ବୁଝି ପାରୁ ନାହୁଁ । ଯେ କହନ୍ତି 'ଅମକୁ ଅଭିଷା ଦୟା ବରକ୍ତିକର ହୁଏ' ଅମ୍ଭେମାନେ ପରୀକ୍ଷା କରି ଜାଣିଅଛୁଁ ଯେ ଅଭିଷା ଦସା ପାଇଲା ବେଳେ ସେ ମଧ ଦାନ୍ତେ ଖଣ୍ଡେ ଅଣ୍ଟି ବୁଜି ଦଅନ୍ତି । ଏହି ସତ୍ୟକୁ ଅମ୍ଭେମାନେ ଅନ୍ୟ ବାଟେ ମଧ ପ୍ରମାଣିତ କରିବାକୁ ପ୍ରସ୍ତୁତ । ଇତିହାସ ଦେଖ, ଜାଣି ପାରିବ ଯେ କେତେ କେତେ ଯଥାର୍ଥବାଦୀ ମଧ ଅନେକ ସମୟରେ ଅନେକ ନିର୍ଯାତନ ଭୋଗ କରିଅଛନ୍ତି; କିନ୍ତୁ କେହି କେଉଁ ଅଯଥା ପ୍ରଶଂସା କରି ଦଣ୍ଡ ପାଇବାର ପଢ଼ିଅଛ ? ଅତଏବ ଆପଣମାନେ ଉତ୍ତମରୂପେ ବୁଝି ପାରୁଥିବେ ଯେ ପ୍ରଶଂସା ଓ 'ପଦ୍ମ-ଭାଳା' ଶୁଣିବାର ଏବଂ ଜୁହିବ ଦେଖିବାର ଅକାଂକ୍ଷା ମନୁଷ୍ୟ ପକ୍ଷରେ ସ୍ୱାଭାବିକ । ରଜା ମହାରଜାମାନେ ଏ ସାଧାରଣ ନିୟମର ବହିର୍ଭୂତ ନୁହନ୍ତି, ଏହା ଅଶା କରିବା ଦୁରାଶା ମାତ୍ର । ଶେଷରେ ଅମ୍ଭେମାନେ ସ୍ଥିର କଲୁଁ ଯେ ରଜାମାନଙ୍କୁ 'ପଦ୍ମ-ଭାଳା' ଶୁଣାଇ ପ୍ରସନ୍ନ କରିବା ଅନୁଚିତ ନୁହେ । ବାଉମାଡାନ୍ତ ଯେ ଏ ପନ୍ଥା ଅବଲମ୍ବନ କରିଅଛନ୍ତି ଏଥି ନିମନ୍ତେ ଅମ୍ଭେମାନେ ତାହାଙ୍କୁ ଶତବାର ଅଶୀର୍ବାଦ କରୁଅଛୁଁ । କିନ୍ତୁ ଦୁଃଖର ବିଷୟ ଯେ ବାଉମାଗାଡାଣ୍ଡ ରଜା ରଜୋଡ଼ାରେ ରହିଲେ ଅମ୍ଭମାନଙ୍କ ସଙ୍ଗେ ଘନିଷ୍ଠତା ରହିବ ନାହିଁ, କାରଣ ନିତ୍ୟ ମୂର୍ତ୍ତି ରହିଁ ରହିଁ ଦେବାର ସୁବିଧା ମିଳିବ ନାହିଁ । ଏଥି ଯୋଗୁଁ ଅମ୍ଭେମାନେ ଭାରି କ୍ଷୁବ୍ଧ ଓ ଦୁଃଖିତ । ଏତେ ଦିନ ବାଉମାଡାନ୍ତଙ୍କ ଧିହବାସରେ ଅମ୍ଭମାନଙ୍କ ମଧରେ ଗୋଟାଏ ମାୟାଡୋର ଲାଗି ଯାଇଅଛି । ମଫସଲରୁ ଆସି ସହରରେ ଥିଲେ ମଧ ମଧ୍ୟ ମଧ୍ୟେ ସାକ୍ଷାତ ଓ ସହବାସର ସୁଖ ମିଳୁଥିଲା, କିନ୍ତୁ ଏବେ ଅମ୍ଭଙ୍କୁ ଛାଡ଼ି ଗଡ଼ଜାତରେ ରହିବେ ଓ ସାକ୍ଷାତ ଦେବାର ସମ୍ଭାବନା ମଧ ଲୋପ ପାଇବ, ଏହା ଭାବି ଅମ୍ଭେମାନେ ଦୁଃଖିତ । କେତେ ପାଠକ ଭାବିବେ ଯେ ଏ କେବଳ ମୁହଁର କଥା, ହୃଦୟର କଥା ନୁହେ, କିନ୍ତୁ ସେମାନଙ୍କର ଜାଣି ରଖିବା ଉଚିତ ଯେ ସେମାନେ ବାଉମାଡାନ୍ତ ପାର୍ଟିକୁ ଅନୁକୂଳ ପଡ଼ି ନାହାନ୍ତି, ପଡ଼ି ଥିଲେ ଏ ସିଦ୍ଧାନ୍ତରେ ଉପନୀତ ହୋଇ ନ ଥାନ୍ତେ । ପୂର୍ବରୁ ଅନେକ ଥର ବାଉମାଡାନ୍ତଙ୍କୁ ବିଦାୟ ଦେଇଥିଲୁଁ, ଅନେକ ଥର ତାଙ୍କ ସଙ୍ଗେ ଅମ୍ଭମାନଙ୍କର ଅପଡ଼ ହୋଇଥିଲା ସତ୍ୟ, କିନ୍ତୁ ତାଙ୍କ ସଙ୍ଗେ ଚିରକାଳ ବିରହର ଛିଣ୍ଡିଯିବ ବୋଲି ଅମ୍ଭମାନଙ୍କର ଭୟ ନ ଥିଲା, ବର୍ତ୍ତମାନ ଅମ୍ଭେମାନେ ବୁଝି ପାରୁଅଛୁଁ ଯେ ବାଉମାଡାନ୍ତ ରଜପ୍ରାସାଦକୁ ଫେରି ଆସିବାର ସମ୍ଭାବନା ଅତି ଅଳ୍ପ, ତହିଁ ଉପରେ ଯେବେ ରଜପ୍ରସାଦ ଲାଭ ହୁଏ, ତେବେ ଫେରି ଅସିବାର ସମ୍ଭାବନା ଆଦୌ ନାହିଁ କହିଲେ ଚଳେ । ସୁଖ,

ବିଡ଼ାଳ, କୁକୁର ଏମାନଙ୍କ କୋ ବନ ଚନ ସଦ ପାଳନ୍ତି ସେମାନଙ୍କ ସଙ୍ଗେ ମଧ୍ୟ ଗୋଟାଏ ଘନିଷ୍ଠତା ଜଣାଯାଇଥାଏ । ବାଘବାହାନ୍ତ ଶୁଅ, ବିଡ଼ାଳ ଓ କୁକୁର ଅପେକ୍ଷା ଉଚ୍ଚତର ଏ କଥା ପାଠକମାନେ ଅବଶ୍ୟ ବୁଝି ପାରୁଅଛନ୍ତି । ଏପରି ସ୍ଥଳରେ ବଡ଼ତର ରେଜ୍ଞା ଯେ ଅମ୍ଭମାନଙ୍କୁ ଅସ୍ଥିର କରିବ ଏଥିରେ ଉପହାସ କରିବାର କଥା କିଛି ନାହିଁ ।

ଆଉ ଗୋଟିଏ କଥା;—ଅମ୍ଭମାନଙ୍କର ବିଶ୍ୱାସ ଥିଲା ଯେ ବାଘମାହାନ୍ତଙ୍କ ବନାବେଳେ ରକ୍ଷି ଦେଶର ଅନେକ ସ୍ଥାନକୁ ଗୋଟାଏ ପାଞ୍ଚି ସ୍ୱତନ୍ତ୍ର କରଇ ପାଠକମାନଙ୍କ ଉପକାର ଦେଇଥାନ୍ତି । କିନ୍ତୁ ଦେଖି ପାରୁଅଛୁଁ ଯେ ଭାଗ୍ୟରେ ତାହା ଘଟିବ ନାହିଁ । ଅଳ ପର୍ଯ୍ୟନ୍ତ ମାହାନ୍ତ ଏ ଯେଉଁ ଅଭିଯୋଗ ଯାଉଥିଲେ ଅମ୍ଭମାନେ ଉତ୍ତମରୂପେ ଜାଣୁଥିଲୁଁ ଯେ ସାଧାରଣ ତାଙ୍କୁ ପୁନର୍ବାର ଅନ ଆଡ଼କୁ ଟାଣି ଅଣିବ, କିନ୍ତୁ ସନାତ କାର୍ଯ୍ୟରେ ଥରେ ପଶିଲେ ସେ ଯେ ଆଉ ସେଠାରୁ ବାହାରିବେ ଏହା ଆଶା କରି ଯାଇପାରୁ ନାହିଁ । ମନୁଷ୍ୟ ବେଳେ ବେଳେ ଯାହା କଳ୍ପନାଥାଏ ବା ଭୟ କରିଥାଏ, କାଳକ୍ରମେ ତହିଁର ବିପରୀତ ମଧ୍ୟ ଘଟେ । ଦେବାଣୀ ଅବା ବାଘମାହାନ୍ତ ବନାବେଳେ ପରେ କଥରୁ ପାଞ୍ଚି ବଡ଼ାଏ ହାତରେ ନାକ ବାହାର ପାରନ୍ତି । ପାଞ୍ଚିବଡ଼ାଏ ଯଦି ବାହାରିବା ମଧ୍ୟ ବର୍ତ୍ତମାନ ଅବସ୍ଥାରେ ନିତାନ୍ତ ଅବଶ୍ୟକ ।

ଯାହା ହେଉ, ତେବେ ଏ କଥା ନିଶ୍ଚିତ ଯେ ହେଲେ ବନ ପାଇଁ ଅମ୍ଭମାନଙ୍କ ଦ୍ୱୋଗ ଛାଡ଼ି ବାଘମାହାନ୍ତ ବାହାରିଲେ; ଅମ୍ଭେମାନେ ସନ୍ତର୍ପଣ କ ବର୍ଣ୍ଣନ ଦେଲୁଁ, ତାହା ମଧ୍ୟ ବୁଝି ପାରୁ ନାହୁଁ । ଅତଏବ ଅମ୍ଭମାନଙ୍କୁ ଆଉ ଜଣେ ଅନୁଚର ଖୋଜିବାକୁ ପଡ଼ିଲାଣି । କିମ୍ବା ଅମ୍ଭମାନଙ୍କର ଭ୍ରମରୁ ଅମ୍ଭେମାନେ ମାହାନ୍ତଙ୍କ ଉପରେ ଏତେ ମୂଲ୍ୟ ଧାର୍ଯ୍ୟ କରୁଅଛୁଁ । ଲୋକେ ମଧ୍ୟ ଅଛି "ଥିଲ ହେଲେ ଟଗ କଣା, ହଜ ହେଲେ ମାଠ" । ପାଠକମାନେ ଅମ୍ଭମାନଙ୍କ ସଙ୍ଗେ ଏକମତ ହେବେ କି ନାହିଁ ଜାଣିବାକୁ ବାକି ରହିଲା । ଇତି ।

ଶ୍ରୀ ଦୁର୍ମୁଖ ଶର୍ମା ।

କ୍ଷମା-ନୀତି ।

କ୍ଷମାପ୍ରଦାନ ଓ ଦଣ୍ଡବିଧାନ ଏ ଉଭୟର ପରସ୍ପର ଘନିଷ୍ଠ ସମ୍ବନ୍ଧ । ଏ ଉଭୟର ମୂଳ କାରଣ କୌଣସି ଅପରାଧ—ପ୍ରତିଷ୍ଠିତ ନିୟମର ବ୍ୟତିକ୍ରମ, ଉକ୍ତ ନିୟମ ବ୍ୟକ୍ତିଗତ, ସମ୍ପ୍ରଦାୟଗତ ବା ଜାତିଗତ ହୋଇପାରେ । ପ୍ରତୀକାରପ୍ରବୃତ୍ତି ଦଣ୍ଡବିଧାନେଚ୍ଛା ସକଳ ଜୀବର ସ୍ୱାଭାବିକ ପ୍ରାଥମିକ ପ୍ରବୃତ୍ତି । ସମାଜବଦ୍ଧ ପ୍ରାଣୀ ହୃଦୟରେ ପରେ ପରିବର୍ତ୍ତିତ ହେବାକୁ ଲାଗେ । କିନ୍ତୁ ଧର୍ମଜ ମହାତ୍ମାମାନେ ସମାଜର ପ୍ରବର୍ତ୍ତକ ଓ ପ୍ରଦର୍ଶକ ହୋଇ ପୁଣି ଜନେ ବ୍ୟକ୍ତିଗତ ପ୍ରତୀକାର-ପ୍ରବୃତ୍ତି-କବଳରୁ ସମ୍ପୂର୍ଣ୍ଣ ରକ୍ଷା ପାଇ ପାରି ନାହାନ୍ତି । ପୁରାଣମାନଙ୍କରେ ସ୍ପଷ୍ଟ ପରିଲକ୍ଷିତ ହୁଏ ଯେ ତପଃପରାୟଣ ମୁନିପୁଙ୍ଗବଗଣ, ବ୍ରହ୍ମା ପ୍ରଭୃତି ଅନ୍ୟ ଦେବତାଙ୍କ ରାଗପରବଶ ହୋଇ ଦୋଷିଙ୍କୁ ଦଣ୍ଡ ଦେଇଅଛନ୍ତି ଏବଂ ଶାପ ଦେଇ ତାହାକୁ ସମୂଳେ ନାଶ କରିଅଛନ୍ତି । ଯାହା ସ୍ୱାଭାବିକ, ତାହା ଅବଶ୍ୟ ପାଳନୀୟ । ତାହାର ନିରାକରଣ ଈଶ୍ୱରଭିପ୍ରେତ ନୁହେଁ; କିନ୍ତୁ ମନେ ରଖିବାକୁ ହେବ ଯେ ପ୍ରତ୍ୟେକ ବିଷୟ ସାର୍ବଭୌମ କାର୍ଯ୍ୟକାରଣ-ନିୟମର ବଶୀଭୂତ । ପ୍ରତିହିଂସାପ୍ରାବ ଦଣ୍ଡବିଧାନର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୁଏ କି ନାହିଁ ଦେଖିବାକୁ ହେବ ।

ଏଥିରେ ଦୁର୍ଦ୍ଧର୍ଷଜନକ ଶତ୍ରୁର ଦମନ, ଦୁର୍ଭିକ୍ଷର ଚରିତ୍ରସଂସ୍କରଣ, ଅବମାନିତ ଜାତୀୟର ସ୍ୱାସ୍ଥ୍ୟ-ସଂସ୍ଥାପନ ସାଧିତ ହୁଏ କି ? ଏ ଅହଂକାର-ବାସନାପରିତୃପ୍ତ, କ୍ଷୁଣ୍ଣିତ ସ୍ୱାର୍ଥସଂସ୍ଥାପନ ପଣ୍ଡି-ତ୍ୟାଜନର ଉଦ୍ଦେଶ୍ୟ ନୁହେ । ଯେଉଁ ଉପାୟ ଅବଲମ୍ବନଦ୍ୱାରା, ସମାଜଦ୍ୱାରା ହେଉ ବା ପଣ୍ଡି-ତ୍ୟାଜନଦ୍ୱାରା ହେଉ, ଯୋଗ୍ୟ ଉଦ୍ଦେଶ୍ୟ ସାଧିତ ହୁଏ, ତାହାହିଁ ପାଳନ କରିବା ସର୍ବସାଧାରଣର କର୍ତ୍ତବ୍ୟ ।

ଅନ୍ୟାପେକ୍ଷାରହିତ ଐକାନ୍ତିକ ସହିଷ୍ଣୁତା ମଧ୍ୟ ମାନବଜାତିର ସ୍ୱଭାବବିରୁଦ୍ଧ ନୁହେ । ସହନଶୀଳତା ସୃଷ୍ଟି ସାପେକ୍ଷ, ସମ୍ପ୍ରଦାୟଗତ ଏବଂ ସର୍ବଦା ବ୍ୟକ୍ତିଗତ । ଦେଶୀୟ ଜାତି-ସାଧନ ବା ଜାତୀୟ ଗୌରବରକ୍ଷାବେଳେ ଏହି ସହନଶୀଳତା ଅସମ୍ଭବ । ଅମ୍ଭ ଦେଶରେ ପ୍ରବାଦ ଅଛି "ସହିବା ଲୋକ ବଡ଼", "କର୍ମ ଅବଶ୍ୟ ସହ ଦୁଃଖ କେବେ କେବେ ନୋହିବା ନାଶ ।" ଏହି ପ୍ରବାଦଗୁଡ଼ିକର ବ୍ୟାପକତା କେବଳ ବ୍ୟକ୍ତିଗତ, ସମାଜ, ସମ୍ପ୍ରଦାୟ ଓ ଜାତି ପକ୍ଷରେ ନୁହେ । କିନ୍ତୁ ସ୍ୱାର୍ଥପର ଦଳ ଏହି "ଅହିଂସା ପରମୋଧର୍ମଃ" ମତ ସାଧୁ ମାନି ପର ପିଣ୍ଡାରେ ଫିଙ୍ଗିବା ନ୍ୟାୟ ପାଳନ କରିଥାନ୍ତି । ଯେଉଁବେଳେ ଅପଣା ଦେହରେ ପର ପୀଡ଼ା ଦିଏ, ଯେବେ ପରଦ୍ରୋହୀ ଅପଣାର ସମ୍ପତ୍ତି ଆକ୍ରମଣ କରେ, ଯେବେ କୌଣସି ବ୍ୟକ୍ତି ନିଜ ପୁତ୍ର କନ୍ୟାଙ୍କୁ ଗାଳି ଦିଏ, ସେତେବେଳେ ଏହି "ଅହିଂସା ପରମୋଧର୍ମଃ" ମତ କାହିଁ ଗଳିଯାଏ, ହୃଦୟମନ୍ଦିରରେ ପ୍ରତିହିଂସାନଳ ପ୍ରଜ୍ୱଳିତ ହୋଇ ଉଠେ । ଉପଦେଶ ନ ହେଉ ପଛକେ ଶାସ୍ତ୍ରସଂରକ୍ଷ ସ୍ୱାର୍ଥାନ୍ଧ ମନରେ "ଯେସାକୁ ତେସା, ତାଲମପାଦାକୁ କୁଟକ୍ରିପଣ" ପଦ୍ଧତି ଶାନ୍ତିବାଦ ବର୍ଜନ କରେ । ଏହି ପ୍ରତିହିଂସା-ପିପାସା ଶତ୍ରୁର ପରାଜୟ ଦିଏ ନାହିଁ, ଏହା କେବଳ ସ୍ୱାର୍ଥ-ପରତାର ନାମାନ୍ତର । ବଳବାନ୍ ଦୁର୍ବଳର ସର୍ବସ୍ୱ ନଷ୍ଟ କରୁ, ପ୍ରବୋଧ୍ୟ ଧନ ନେଉ, ସମାଜପ୍ରତି ଅତ୍ୟାଚାର ହେଉ, ଜାତିର ଲଜ୍ଜା ହେଉ, ସେତେବେଳେ ଏମାନେ କହନ୍ତି, "କର୍ମ ଅବଶ୍ୟ ସହିବେ ଦୁଃଖ', ସମାଲୋଚନା କରି ନାହାନ୍ତି କହନ୍ତି । ଏହାର ନାମ ସହନଶୀଳତା ନା କାପୁରୁଷତା ?

ନିଜ ରକ୍ଷା, ନିଜ ସମ୍ମାନସଂରକ୍ଷଣ ସମାଜର ଅବଲମ୍ବିତ ପ୍ରତିକାରଚେଷ୍ଟାରେ ଦେଶ ଜାତିର ସ୍ୱର ସର୍ବଦା ଜାଗ୍ରତ ରହିବା କର୍ତ୍ତବ୍ୟ । ଏହି ନୀରବ ସହନ ପ୍ରତିକାରରୂପ ସ୍ୱାର୍ଥପ୍ରବୃତ୍ତି ପାଶବ ପ୍ରବୃତ୍ତି ମାତ୍ର । ଅପଣା ପ୍ରତି ଅତ୍ୟାଚାର, ଅତ୍ୟାଚାର ନିବାରଣ କରିବା ପ୍ରତ୍ୟେକ ପ୍ରାଣୀ ପକ୍ଷରେ ଶ୍ରେୟସ୍କର, ଯେତେବେଳେ ଅପଣାର ଉପରେ ଜାତି ବା ସମାଜର ଉପଦ୍ରବ ଘଟିଥାଏ; କିନ୍ତୁ ଅତ୍ୟାଚାରିତ ବ୍ୟକ୍ତିଗତ ଆକ୍ରମଣବେଳେ "ଯେସାକୁ ତେସା" ତଥ୍ୟ ଅପେକ୍ଷା କ୍ଷମା ଓ ସହିଷ୍ଣୁତା ପ୍ରଦର୍ଶନଦ୍ୱାରା ନିଜ ଉପରେ ଅଧିକ ପରିମାଣରେ ଦମନ ନୀତି ଅପକାରର ଲାଘବ ତତ୍ପର ସଂଯତ ହେବାକୁ ଲାଗେ । ସୁତରାଂ ଏତେବେଳେ କ୍ଷମା ଓ ସହିଷ୍ଣୁତା ପ୍ରଦର୍ଶନ କର୍ତ୍ତବ୍ୟ; କିନ୍ତୁ ଜାତି ପ୍ରତି ଅନ୍ୟୋନ୍ୟ ପୁଣି ଜାତିର ଅପମାନ ଉଦ୍ଦେଶ୍ୟରେ କୌଣସି ବ୍ୟକ୍ତି ପ୍ରତି ଅତ୍ୟାଚାର ସର୍ବଦା ଦୂଷଣୀୟ । ଏତେବେଳେ ଉପଯୁକ୍ତ ପ୍ରତିକାରଚେଷ୍ଟାରୁ ନିବୃତ୍ତ ହେବା ନୈତିକ ଭୀରୁତା ଓ ଦୈନ୍ୟ କାପୁରୁଷତାର ପରିଚାୟକ । ଜାତୀୟ ଉଦାସୀନତା ଜାତିକୁ ଅବନତ ଅନ୍ତରରୁ ଅନ୍ତଃସାର କରି ଦିଏ, ଏବଂ ଉନ୍ନତ ଅତ୍ୟାଚାରୀଙ୍କୁ ପ୍ରଶ୍ରୟ ଦେଇ ତାହାର ସ୍ପର୍ଦ୍ଧା ବର୍ଦ୍ଧନ କରେ ।

ଜାତି-ବିବେଚନାରେ ବ୍ୟକ୍ତିଗତ ସହିଷ୍ଣୁତା ଯେପରି ଭୀରୁ ଓ ପରାଧୀନ, ତଦ୍ରୂପ ଜାତି-ପର୍ଯ୍ୟାଲୋଚନାରେ ଜାତିଗତ ପାର୍ଥକ୍ୟବନ୍ଧନ ହେୟ । ନିଜ ଜାତିର ଉନ୍ନତିସାଧନ ଉଦ୍ଦେଶ୍ୟରେ ଅନ୍ୟ ଜାତିର ଅବମାନନା କରିବା କୌଣସି ଧର୍ମସମ୍ମତ ନୁହେ । ଭିନ୍ନ ଜାତି ପକ୍ଷରେ

ଜନ୍ମ ତାହାଙ୍କ ସାହାଯ୍ୟ କର୍ତ୍ତବ୍ୟ । ସମସ୍ତ ମାନବ-ଜାତିର କଲ୍ୟାଣ ସଙ୍କାଶେ ତାହାଙ୍କ ପ୍ରୟୋଗିତା ପ୍ରଦର୍ଶିତ । କିନ୍ତୁ ଏକ ଜାତିର ଉନ୍ନତି ସାଧନ-ପୂର୍ବକ ଅନ୍ୟ ଜାତିର ଉତ୍କର୍ଷ ସମ୍ପାଦନ କରିବା ଧର୍ମସଙ୍ଗତ ନୁହେ ।

ଶ୍ରୀ ଶ୍ରୀବତ୍ସ ପଣ୍ଡା ।

ଗୋପାଳ କବି ।

ପ୍ରାଚୀନ କାଳରେ ଯେ କେବଳ ଓଡ଼ିଆମାନେ ଓଡ଼ିଆ ଭାଷାର ଉନ୍ନତି ସାଧନ କରୁଥିଲେ ଏମନ୍ତ ନୁହେ । ଅନ୍ୟାନ୍ୟ ଦେଶର ଭାଷାରେ ଓଡ଼ିଆମାନେ ଯେପରି ଗ୍ରନ୍ଥ ରଚନା କରୁଥିଲେ ଓ କରୁଅଛନ୍ତି, ଅନ୍ୟାନ୍ୟ ଜାତିର ଲୋକେ ମଧ୍ୟ ଓଡ଼ିଆ ଭାଷାରେ ସେପରି ଗ୍ରନ୍ଥ ରଚନା କରୁଥିଲେ । ଏହି ଓଡ଼ିଆ ହିତାକାଂକ୍ଷିମାନଙ୍କ ମଧ୍ୟରେ ଜଣେ ପଶ୍ଚିମା (ପ୍ରେମପଞ୍ଚାମୃତରଚୟିତା କବି ଭୂପତି), ଜଣେ ବଙ୍ଗାଳୀ (ପରମଲୀଳାପ୍ରଣେତା ନରସିଂହ ସେଣ) ଓ ଜଣେ ତେଲଙ୍ଗା (ଅଧ୍ୟାତ୍ମରାମାୟଣ-ଅନୁବାଦକ) । ଶେଷୋକ୍ତ ବ୍ୟକ୍ତିଙ୍କ ପରିଚୟ ମାତ୍ର ଏହିଠାରେ ଦିଆ ଯାଉଅଛି । ତେଲଙ୍ଗା କବିଙ୍କ ନାମ ଗୋପାଳ ବା ଗୋପାଳୟ୍ୟ । "ତେଲଙ୍ଗା କୁଳେ ମୁହିଁ ଜାତ । ମୋ ନାମ ଗୋପାଳ ପଣ୍ଡିତ" । ଏ ଦକ୍ଷିଣରୁ ଯାଇ ସମ୍ବଲପୁରର 'ଅଜିତ ସିଂହ' ମହାରାଜାଙ୍କ ଆଶ୍ରୟରେ ରହିଲେ । ବୋଧ ହୁଏ କବି ଅଜିତ ସିଂହଙ୍କ 'ତେର ଦଣ୍ଡପାଟରୁ' କୌଣସି ଦଣ୍ଡପାଟରେ ସିପାଇ ହୋଇ ତାହାଙ୍କ ଶରୀରରକ୍ଷକ (body-guard) କାର୍ଯ୍ୟ କରୁଥିଲେ । ସେ ଅଧ୍ୟାତ୍ମରାମାୟଣର ଶେଷ ଭାଗରେ ଲେଖି-ଅଛନ୍ତି:—"ତାହାଙ୍କ ଅନ୍ନବସ୍ତ୍ର ଖାଇ । କ୍ଷେତ୍ରି ବୃତ୍ତିର ଅଗ୍ରେ ଥାଇ । ଶ୍ରୀମହାରାଜାଙ୍କ ସେବାରେ । କେବଳ ଥାଇ ନିରନ୍ତରେ" । କବି ଅଜିତ ସିଂହଙ୍କ ପ୍ରତାପ ନିମ୍ନୋକ୍ତରୂପେ ବର୍ଣ୍ଣନା କରି ତାହାଙ୍କ ଅନ୍ତରର କୃତଜ୍ଞତା ଦେଖାଇଅଛନ୍ତି:—

ଅଜିତ ସିଂହ ମହାରାଜ ।
ଶ୍ରୀ ଛତ୍ରସାଏଙ୍କ ଅଙ୍ଗଜ ।
ସମ୍ବଲପୁରର ଈଶ୍ୱର ।
ହମଦେଶର ଲକ୍ଷ୍ମୀ ଯାର ।
ଅଟନ୍ତି ଧର୍ମଙ୍କ ନୃପତି ।
ବ୍ରାହ୍ମଣ ବୈଷ୍ଣବେ ଭକତି ।
ଦକ୍ଷିଣରାଏ ଦଅନ୍ତି ।
ଜମଠିଁ ସକଳ ସଜ୍ୟଙ୍କୁ ।
କରାଏ ଭୋଜନ ଅନୁଦିନ ।
ଭୋଗ କରନ୍ତି ନିଷ୍ଠିକ୍ରେଣ ।
ଯେ ଅବା ତେର ଦଣ୍ଡପାଟ ।
ଉପ୍ତେଣ ସେବନ୍ତି ନିକଟ ।
ଅଟନ୍ତି ପ୍ରତାପୀ ଅଟନ୍ତି ।
ଶୃଙ୍ଗ ମିକଲ୍ ବନହସ୍ତୀ ।
ଦକ୍ଷିଣ ଦେଶ ମରହଟ୍ଟାଏ ।
ଧ୍ୱଂସିଲେ ପୂର୍ବ ଷଣ୍ଡପାଏ ।
ସେ ପୁଣି ସମ୍ବଲପୁରେଣ ।
ଜମ୍ବୁରେ ନ ଛୁଅନ୍ତି ତୃଣ ।
ଅବର ରାଜାଙ୍କ ଦେଖନ୍ତି ।
ଯେ ତାଙ୍କ ସୈନ୍ୟ ହେଳାପଣ ।
ଭୂମ୍ବର ଅବ ଉଦ୍ରରସ୍ତେ ।
ସେବାରେ ଦାଣ୍ଡ୍ର ହସ୍ତୀଏ ।
ଏରୂପେ ପ୍ରତାପ ଘେରେତ ।
ତାହା ମୁଁ କହିବ କେତେକ ।

ଅଜିତ ସିଂହ ୧୬୬୦ ଖ୍ରୀଷ୍ଟାବ୍ଦଠାରୁ ୧୭୩୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିବାର "ସମ୍ବଲପୁର ରାଜବଂଶର ଇତିହାସ"ରେ ଲେଖା ଅଛି । ଏହି ୭୨ ବର୍ଷ ରାଜତ୍ୱର କେଉଁ ଭାଗରେ ଗୋପାଳ କବି ଅଧ୍ୟାତ୍ମରାମାୟଣ ଅନୁବାଦ କରିଥିଲେ, ନିରୂପଣ କରିବା ଦୁଃସାଧ୍ୟ । କିନ୍ତୁ

ଏଥିରେ ଅନୁମାନ କରାଯାଇ ପାରେ, ଅନନ୍ତ ମିଶ୍ରଙ୍କ ଉପରୁ ମରହଟାମାନେ ସମ୍ବଲପୁରର ସୀମା ଲଙ୍ଘନ କରିପାରୁ ନ ଥିଲେ; "ଅଟକ ରଜାଙ୍କୁ ଭେଟନ୍ତି । ଯେ ତାଙ୍କ ସୈନ୍ୟ ଖେଦାଇଥି । ଭୂପର ଅତି ଉଦ୍ଧସ୍ୱେ । ମେନାକେ ଦଅନ୍ତି ବସ୍ତ୍ରୀ ।" ବୋଲି କବି ଯାହା ଲେଖିଅଛନ୍ତି ତାହା ଅନନ୍ତ ମିଶ୍ରଙ୍କ ଯୌବନ ସମୟର କଥା ହୋଇଥିବ । ତାହା ହେଲେ କବି ସପ୍ତଦଶ ଶତାବ୍ଦୀର ଶେଷ-ଭାଗରେ ଅନନ୍ତ ମିଶ୍ରଙ୍କ ସେବାରେ ଥାଇ ଅଧ୍ୟାତ୍ମ-ରାମାୟଣ ଅନୁବାଦ କରିଥିବେ । କବି ଯେପରି ଅଧ୍ୟାତ୍ମରାମାୟଣ ଅନୁବାଦ କରି ପାରିଥିଲେ, ନିମ୍ନୋକ୍ତ ଅଂଶଦ୍ୱାରା ସ୍ପଷ୍ଟ ବୁଝାଇ ଦେଇ ଅଛନ୍ତି:—

ଜମିଦାର ରାଜାଙ୍କ ସେବାରେ ।
କେବଳ ଥାଇ ନଗ୍ରରେ ।
ଶ୍ରୀଜଗନ୍ନାଥ ଦେଉଳର ।
ପଶ୍ଚିମେ ରାଜାଙ୍କ ନଅର ।
ସେ ଜଗନ୍ନାଥ ମଣ୍ଡପେଣ ।
ନରେନ୍ଦ୍ରଦେବ ରାଜାଙ୍କ ପୁରଣ ।
ଶ୍ରୀରାଜଗୁରୁଙ୍କ ଭ୍ରାତ ।
କହ୍ନାଇ ମିଶ୍ର ନାମେ ଖ୍ୟାତ ।
କହନ୍ତେ ସେଠାବରେ ମୁହିଁ ।
ରାଜାଙ୍କ ସେବାରୁ ଶୁଣଇ ।
ରାମଚରିତ ରାମାୟଣ ।
ଈଶ୍ୱର ପାର୍ବତୀ ଆଖ୍ୟାନ ।
ନୈମିଷ ଅରଣ୍ୟରେ ସୂତ ।
କହନ୍ତେ ମୁନିଙ୍କ ଅଗ୍ରତ ।
ଶୁଣି ମୁଁ କରନ୍ତେ ଲେଖନ ।
ଅଳ୍ପେକେ ହୋଇଲା ସମ୍ପୂର୍ଣ୍ଣ ।

ସମଗ୍ର ଅଧ୍ୟାତ୍ମରାମାୟଣ ୭୭୩୨ ପଦରେ ସମ୍ପୂର୍ଣ୍ଣ:—ଆଦି ୬୮୬, ଅଯୋଧ୍ୟା ୧୦୯୫, ଆରଣ୍ୟକ ୮୨୬, କିଷ୍କିନ୍ଧ୍ୟା ୯୪୮, ସୁନ୍ଦର ୬୮୦, ଲଙ୍କା ୧୯୬୮ ଓ ଉତ୍ତର ୧୫୧୯ ପଦ । ପ୍ରକୃତ ରାମଚରିତ ଏତିକି । ପ୍ରସ୍ତାବନାର ୮୦ ପଦ ଭୁକ୍ତ ମୋଟ ୭୮୧୨ ପଦ । ଏମନ୍ତ କବି 'ତିନି ପହର ଦିବାରେ' ରଚନା କରିଥିବାର ଲେଖିଅଛନ୍ତି । 'ତିନି ପହର ଦିବାରେଣ । ପୁସ୍ତକ ହୋଇଲା ସମ୍ପୂର୍ଣ୍ଣ ।' 'ତିନିପହର ଦିବାର'ର ଅର୍ଥ ଯଦି ତିନିଶ ଦିନ ପହର (ଅର୍ଥାତ୍ ୨୪ × ୩ × ୩ = ୨୧୬ ଘଣ୍ଟା) ହୋଇଥାଏ, ତେବେ ସେ ଘଣ୍ଟାରେ କବିବର ୩୬ ପଦ ହିସାବରେ ରଚନା କରିଥିବେ; ନତୁବା 'ତିନି ପହର ଦିବାର'ର ଅର୍ଥ ଯେବେ ତିନୋଟି ତିନିପହର ହେବ, ତାହା ହେଲେ ସେ ଘଣ୍ଟାରେ କବିବର ୭୨ ପଦ ହିସାବରେ ରଚନା କରିଥିବେ । ଯାହାହେଉ, ଅର୍ଥ ଯାହା ଘଣ୍ଟାରେ ୩୬ ବା ୭୨ ପଦ ହିସାବରେ ରଚନା କରିବା ସହଜ ବ୍ୟାପାର ନୁହେଁ । କବିବର ଯେ ଅସାଧାରଣ ସ୍ମରଣଶକ୍ତି ଓ କବିତ୍ୱଶକ୍ତି ଥିଲା ଏଥିଦ୍ୱାରା ସ୍ପଷ୍ଟ ପ୍ରମାଣିତ ହେଉଅଛି । କବି ମଧ୍ୟ ନିଜେ ଆଶ୍ଚର୍ଯ୍ୟାନ୍ୱିତ ହୋଇ କହୁଅଛନ୍ତି:— "ଶୁଣି ମୁଁ କରନ୍ତେ ଲେଖନ । ଅଳ୍ପେକେ ହୋଇଲା ସମ୍ପୂର୍ଣ୍ଣ ।" ଏତେ ଅନୁଭବ ହୋଇ ମଧ୍ୟ ସେ ଯେପରି ସୌଜନ୍ୟର ପରିଚୟ ଦେଇଅଛନ୍ତି, ଦେଖନ୍ତୁ:—

ଏଥିର ପ୍ରାକୃତ ବଚନେଣ ।
ହୋଇଲେ ନବ ଅଗରେଣ ॥
ଏଣୁ ମୋ ହୃଦଇ ଅଦ୍ଭୁତ ।
ଲେଖନ୍ତେ ହୋଇଲା ସ୍ଫୁରିତ ॥
ଭକ୍ତଙ୍କ ଭୃତ୍ୟମାନଙ୍କର ।
ସଙ୍ଗତ ନ ଚଳି ଭାବର ।
କେବେ ଅଧର୍ମ ଆଚରଇ ।
ପଣ୍ଡିତଙ୍କି ମନ ଦେଇ ।
ହୋଇଣ ଜନ୍ମପୁ ଅଦ୍ଭୁତ ।
ଧନେ ବ୍ୟାକୁଳ ମୋର ଚିତ୍ତ ॥
ଅତର ଅବୁଝରେ ଥାଇ ।
ଦୀନା ଜୀବନା ଆଚରଇ ॥
ପରର ହିତ ବୁଦ୍ଧି ନେଇ ।

ଉପକାରରେ ମନ ମଜ୍ଜି ॥
ମିଥ୍ୟା ମୁଁ କହଇ ବତ୍ସଳ ।
ଅନେକ ଲଗଇ ସୁନ୍ଦର ।
ଏଣୁ ତାହାଙ୍କ ମୋହପାଶ ।
ନାହିଁ ଖୋଲିବ ଜଗତେଶ ॥

ଗୋପାଳଙ୍କ ଅଧ୍ୟାତ୍ମରାମାୟଣ ମୂଳ ସଂସ୍କୃତର ସମ୍ପୂର୍ଣ୍ଣ ଅନୁବାଦ ନୁହେ । ଏଥିରୁ ସେ କେତେକ ବିଷୟ ଛାଡ଼ି ଦେଇଅଛନ୍ତି । କିନ୍ତୁ ଯାହା ଲେଖିଅଛନ୍ତି ସେ ସବୁ ପ୍ରାୟ ମୂଳ ସଂସ୍କୃତାନୁଯାୟୀ; ନିଜର ଯୋଜନା ଥିବାପରି ବୋଧ ହୁଏ ନାହିଁ । ବଳଧର ଦାସ ଓ ସୂର୍ଯ୍ୟମଣି ଡାଏଂପଟ୍ଟନାୟକଙ୍କ ଅଧ୍ୟାତ୍ମରାମାୟଣ ସହିତ ତେଲଙ୍ଗା ଦାସଙ୍କ ଅଧ୍ୟାତ୍ମରାମାୟଣ ତୁଳନା କରି ଦେଖନ୍ତୁ :—

ହର ବୋଲନ୍ତି ଗୋ ଭବାନୀ ।
ସୀତା ଲକ୍ଷ୍ମଣ ସଙ୍ଗେ ଘେନି ॥
ଅଗସ୍ତିଙ୍କ ଠାରୁ ରାମ ।
ଚଳନ୍ତେ ଶ୍ରୀରଘୁନନ୍ଦନ ॥
ମହାଗିରିଶୃଙ୍ଗ ଯେସନ ।
ସେହିରୂପେ ଦେଖେ ଅପଘନ ॥
ଜଟାୟୁ ଏମନ୍ତ ପ୍ରକାରେ ।
ବସିଛନ୍ତି ପୁଣେ ମାର୍ଗରେ ॥
ଅଟନ୍ତି ବୃଦ୍ଧ ଅତ୍ୟନ୍ତ ।
ତାହାଙ୍କୁ ଦେଖି ରଘୁନାଥ ।
ଏ ବୋଲି ବିସ୍ମୟ ହେଲେ ।
ଲକ୍ଷ୍ମଣଙ୍କୁ ଚାହିଁ କହିଲେ ।
ଋଷିମାନଙ୍କୁ କରି ନାଶ ।
ମୋ ଆଗେ ପଡ଼ିଲା ରାକ୍ଷସ ॥
କହନ ଆଣ ଧନୁ ଶର ।
ଜୀବନ ହରିବି ତାହାର ॥
ଶୁଣି ଜଟାୟୁ ଭୟ କଲେ ।
ରାମଙ୍କୁ ଏମନ୍ତ କହିଲେ ।
ମାରିବା ନୋହଇ ମତେ ବୀର ।
ସଖା ମୁଁ ଦଶରଥଙ୍କର ॥
ଗୃଧ୍ର ମୁଁ ଜଟାୟୁ ମୋ ନାମ ।
ତୋହିକାର୍ଯ୍ୟ କରିବି ଶ୍ରୀରାମ ॥
ତୁମ୍ଭେ ଲକ୍ଷ୍ମଣ ମୃଗୟାକୁ ।
ଗଲେ ଜଗିଥିବି ସୀତାଙ୍କୁ ॥
ରାମ ଯେବେ ଏହା ଶୁଣିଲେ ।
ସ୍ନେହ କରି ତାଙ୍କୁ କହିଲେ ॥
ହେ ଗୃଧ୍ରରାଜ ମହାଶୟ ।
ତୁମ୍ଭେ ମୋହର ମାନ୍ୟ ପ୍ରିୟ ॥
ଆସ ନିକଟେ ରହିଥିବ ।
ମୋର ପ୍ରୀତି ତଥା କରିବ ॥
ଏମନ୍ତ କହି ରଘୁନାଥ ।
ତାହାଙ୍କୁ ଆଲିଙ୍ଗନ କରି ॥

(ବଳଧର ଦାସ)

କହନ୍ତି ଶଶଧର ଶୁଣ ଧରସୁତା ।
ଏ ଉତ୍ତାରୁ ଶ୍ରୀରାମ ସଉମିତ୍ରି ସୀତା ॥
ଗମନକୁ ନେହେଁ ଚଳନ୍ତି ଭୁବନେ ।
ବୃଦ୍ଧ ଜଟାୟୁଙ୍କ ଦେଖିଲେ ସେ ମାର୍ଗରେ ॥
ଶୈଳଶୃଙ୍ଗ ପରାୟେ ହୋଇଛନ୍ତି ସ୍ଥିତ ।
ଏହା କ ବୋଲି ରାମ ହୋଇଲେ ବିସ୍ମିତ ।
ସୌମିତ୍ରିଙ୍କି ଚାହିଁ ବୋଇଲେ ଅହେ ଭାଇ ।
ଏହି କ ଋଷିଙ୍କର ଭକ୍ଷକ ଅଟଇ ॥
ଆମ୍ଭର ପୁରତରେ ସ୍ଥିତ ହୋଇଅଛି ।
ଦ୍ରୁତ ଆଣ ମାରିବି ଚାପ ମୋ ଦେଉଛି ॥
ଏହିରୂପେ ରାଘବ ବଚନକୁ ଶୁଣି ।
ଭୟେ ପୀଡ଼ା ପାଇ ଜଟାୟୁ ପକ୍ଷୀମଣି ।
ବୋଇଲେ ଅହେ ରାମ ତୁମ୍ଭ ପିତାଙ୍କର ।
ପ୍ରିୟସଖା ମୁହିଁ ଅଟଇ ରଘୁବୀର ॥
ଏଣୁ ତୁମ୍ଭ ବଧକୁ ନୁହଇ ମୁଁ ଯୋଗ୍ୟ ।
ଜଟାୟୁ ଗୃଧ୍ର ନାମ ଅଟେ ମହାଭାଗ ॥
ଏ ପଞ୍ଚବଟୀରେ ମୁଁ କରଇଅଛି ବାସ ।
ତୁମ୍ଭ ପ୍ରିୟ କାମ କରିବି ସର୍ବାଦେଶ ।
ତୁମ୍ଭେ ଯେଉଁ ବେଳ ବା ଯିବ ମୃଗୟାରେ ।
ଲକ୍ଷ୍ମଣ ବୀର ଅବା ଯିବେ ସଙ୍ଗତରେ ॥
ସପକୁ ମୁଁ ହୋଇ ଜନକନନ୍ଦନା ।
ରକ୍ଷା କରିବି ହେ କହୁଛୁ ତୁମ୍ଭଙ୍କୁ ॥
ଏହିରୂପେ ଗୃଧ୍ରର ବଚନକୁ ଶୁଣି ।
ସସ୍ନେହ ହୋଇ ରାମ କହିଲେ ଏ ବାଣୀ ॥

ଅସ୍ଥି ଦେବ ସାଧ୍ୟ ଗୃଧ୍ରମାନଙ୍କରେ ବର ।
ସେହିରୂପେ ପ୍ରିୟଙ୍କୁ କରିବ ମୋହର ॥
ଅମ୍ଭ ସମୀପରେ କରିବ ତୁମ୍ଭେ ବାସ ।
ଅତି ଦୂରରେ ନ ରହିବ ଗୃଧ୍ରବଂଶ ।
ଏରୂପେ କହି ତାଙ୍କୁ ଆଲିଙ୍ଗନ କରି ।
ପଞ୍ଚବଟୀ ଗମନ କଲେ ବଗଧାରୀ ।

(ସୂର୍ଯ୍ୟମଣି ଶ୍ୟାଉପଟ୍ଟନାୟକ)

ମୁନିଙ୍କ ଆଗେ କହେ ସୂତ ।
ଏମନ୍ତ ଯାନ୍ତେ ରଘୁନାଥ ॥
ସୀତା ଲକ୍ଷ୍ମଣ ଘେନି ସଙ୍ଗେ ।
ଯାନ୍ତେଣ ପଞ୍ଚବଟୀ ମାର୍ଗେ ॥
ପଥେ ଦେଖିଲେ ଜଟାୟୁଷ ।
ଦଶଇ ପର୍ବତ ସଦୃଶ ॥
ଦେଖି ଶ୍ରୀରାମ ଲକ୍ଷ୍ମଣଙ୍କୁ ।
ବୋଇଲେ ମାର ଏ ଦୁଷ୍ଟଙ୍କୁ ।
ମୁନିଜନଙ୍କ ମାଂସ ଖାଇ ।
ତେଣୁ ଏ ବନସ୍ତେ ବୁଲଇ ॥
ରାମ ବଚନେ ଜଟାୟୁଷ ।
ଶୁଣି ପାଇଲା ମହାତ୍ରାସ ॥
ବୋଲଇ ଶୁଣ ରଘୁନାଥ ।
ତୁମ୍ଭର ପିତା ଦଶରଥ ॥
ସେ ମୋର ମିତ୍ର ଅଟନ୍ତି ।
ମତେ ନ ମାର ରଘୁପତି ॥
ତୁମ୍ଭ ଆସିବା ଶୁଣି କର୍ଣ୍ଣେ ।
ଅଛି ମୁଁ ପଞ୍ଚବଟୀ ବନେ ॥
ତୁମ୍ଭର ଦୟା ହେଲେ ମତେ ।
ସେବାରେ ଥିବଇ କଷ୍ଟତେ ।
ଯଦ୍ୟପି ତୁମ୍ଭେ ମୃଗୟାକୁ ।
ଘେନିଣ ଗଲେ ଲକ୍ଷ୍ମଣଙ୍କୁ ॥
ସୀତାଙ୍କୁ ଜଗିଥିବ ମୁହିଁ ।
ଶୁଣି ଆନନ୍ଦ ରଘୁସାଇଁ ॥
ଜଟାୟୁଙ୍କୁ କୋଳ କଲେ ।
ହୋଉ ବୋଲିଣ ଆଜ୍ଞା ଦେଲେ ॥

(ତେଲଙ୍ଗୀ ଗୋପାଳ)

ତେଲଙ୍ଗୀ କବିଙ୍କ ଅନୁବାଦ ସ୍ଥାନେ ସ୍ଥାନେ ମୂଳ ସଂସ୍କୃତରୁ ଯତ୍‌କିଞ୍ଚିତ୍ ଛାଡ଼ି ଯାଇଥିଲେ ମଧ୍ୟ ଅବଶ୍ୟକୀୟ ବିଷୟଗୁଡ଼ିକ ସୁନ୍ଦରରୂପେ ଲେଖା ହୋଇଅଛି । ଶୁଦ୍ଧ ପଦ୍ୟାନୁବାଦ କରିବାଠାରେ ଏପରି ସାମାନ୍ୟ ସ୍ଖଳନ ଧାର୍ଯ୍ୟ ନୁହେ ।

ଅଧ୍ୟାତ୍ମ-ବିଭାଗଟା ଠିକ୍ ମୂଳସଂସ୍କୃତ ଅଧ୍ୟାତ୍ମରାମାୟଣର ସଦୃଶ, ଯଥା:—ଆଦିକାଣ୍ଡ ୭, ଅଯୋଧ୍ୟା ୯, ଅରଣ୍ୟକ ୧୦, କିଷ୍କିନ୍ଧ୍ୟା ୯, ସୁନ୍ଦର ୫, ଲଙ୍କା ୧୬ ଓ ଉତ୍ତର ୯ ଅଧ୍ୟାୟ । ତଦ୍ ପ୍ରତ୍ୟେକ କାଣ୍ଡର ଶେଷରେ ମୂଳ ସଂସ୍କୃତ ଶ୍ଳୋକର ସଂଖ୍ୟା ମଧ୍ୟ ଦେଇଅଛନ୍ତି:—ଆଦି ୧୬୦, ଅଯୋଧ୍ୟା ୭୦୦, ଅରଣ୍ୟକ ୫୦୦, କିଷ୍କିନ୍ଧ୍ୟା ୫୫୫, ସୁନ୍ଦର ୩୦୦, ଓ ଲଙ୍କା ୧୧୫୦ ଶ୍ଳୋକ । କିନ୍ତୁ ଉତ୍ତରକାଣ୍ଡର ଶ୍ଳୋକ ସଂଖ୍ୟା ଉଲ୍ଲେଖ କରି ନାହାନ୍ତି । ବୋଧହୁଏ ଗ୍ରନ୍ଥ ସମ୍ପୂର୍ଣ୍ଣ ହେବା ହେତୁରୁ ସନ୍ଦେହସ୍ଥଳରେ ପୌରାଣିକଙ୍କ ଶ୍ଳୋକ ସଂଖ୍ୟା ପଚାରିବାର ଠିକ୍ ପାସୋରି ଯାଇଥିବେ । କବି ଅଳ୍ପ ବୟସରେ ଅଧ୍ୟାତ୍ମରାମାୟଣ ଅନୁବାଦ କରିଥିଲେ । ସେ କହିଅଛନ୍ତି:—“ବାଳୁତ ବୁଦ୍ଧି ମୋର ସେଣୁ । ଏରୂପେ ଲେଖିବଇ ତେଣୁ ।” (ଆଦିକାଣ୍ଡ)

କବି ଜାତିରେ ତେଲଙ୍ଗୀ ହେଲେ ମଧ୍ୟ ତାହାଙ୍କ ଭାଷା ତେଲଙ୍ଗୀ ଲୋକେ କହିବା ଭାଷା ନୁହେ । ନମୁନା ଦେଖନ୍ତୁ:—

ତୋହର ଯଶ ଗୁଣ ନାମ ।
ବର୍ଣ୍ଣି ନ ପାରଇ ନିଗମ ॥
ମାନବେ ହୋଇ ଅବତାର ।
ହରିଲୁ ଅବନୀର ଭାର ॥
ରାବଣଆଦି ଦୁଷ୍ଟ ଯେତେ ।
ନାଶିଲୁ ଧର୍ମରକ୍ଷା ଅର୍ଥେ ।
ତେଣୁ ତୋ ଅବତାରମାନ ।
ଜଗତେ ପୁରୁଷୋତ୍ତମ ॥
ସେ ଆଦି ଅବତାର ତୁହି ।
ତୋ ବିନୁ ଅନ୍ୟ କେହି ନାହିଁ ॥

ତୋର ଶରୀରୁ ମାୟା ଜାତ ।
ସେ ମାୟାବଳେ ସୃଷ୍ଟି ଖ୍ୟାତ ॥
ପାଳକ ହୁଏ ତୋର ବଳେ ।
ପୁଣି ସଂହରୁ ଅନ୍ତକାଳେ ॥
ଏଣୁ ତୋ ମହିମା ଅନନ୍ତ ।
କେହି ନ ଜାଣନ୍ତି ତୋର ଅନ୍ତ ।
ସେ ପୁଣି ଭକ୍ତି ଭାବେ ନିତ୍ୟ ।
ମନବଚନ ସମର୍ପନ୍ତି ॥
ଏମନ୍ତ ଯେ ତୁମ୍ଭ ଭକତ ।
ତାହାଙ୍କୁ ତୁମ୍ଭେ ପରାପତ ॥
ଏଣୁ ଭକତଙ୍କ ପ୍ରୀତେ ଭାବ ।
ବ୍ରହ୍ମାଦି ଦେବଙ୍କୁ ଦୁର୍ଲଭ ॥
ଏମନ୍ତ ମହିମା ଯାହାର ।
ମୁଁ ମୂଢ଼ କରଇ ବିଚାର ॥
ଜୀବନେ ପଣ୍ଡିତ ନୁହଇ ।
ନାମ ଲେଖି କି ବର୍ଣ୍ଣିବଇ ॥
ଭକ୍ତଶ୍ରେଣ୍ୟ ମନୋଜ ।
କିରୂପେ କହିବ ଲେଖକ ॥

ରଚନାକୌଶଳ ଦେଖିଲେ ବୋଧ ହୁଏ ଅଧ୍ୟାତ୍ମରାମାୟଣ କବିଙ୍କର ପ୍ରଥମୋଦ୍ୟମ ନୁହେଁ । ଉକ୍ତ ପଦ୍ୟ ରଚନାରେ ସେ ଅବଶ୍ୟ କୃତହସ୍ତ ଥିଲେ । ନୋହିଲେ କି ସେ ଭଙ୍ଗ ବା ଭାବବ୍ୟତ୍ୟୟ ନ ଥାଇ "ନେପଥର ଦୂଷଣାର" ରେ ସମସ୍ତ ଅଧ୍ୟାତ୍ମରାମାୟଣର ପଦ୍ୟାନୁବାଦ ସମ୍ପୂର୍ଣ୍ଣ କରି ପାରିଥାନ୍ତେ?

ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ ।

କ୍ଷୁଦ୍ର କ୍ଷୁଦ୍ର କବିତା ।

ବିଲୁଆ ଜନା ।

ବିଲୁଆ ଜନା ରେ ବିଲୁଆ ଜନା,
ଘର ପୋଡ଼ିଗଲା ପଛକୁ ଅନା ।
ଘରରେ ତୋହର ନାହିଁ ତ ମାୟା,
ଘର ପୋଡ଼ିଗଲା ହେଲୁ ତ ବାୟା !
ନାଗୀ ବାଡ଼ ଦେଇ ମୁଣ୍ଡରେ ବସି
ଛଡ଼ା ପାଉଁଅଛୁ; ଗଳୁ ତୁ ଖସି ।
ସିନ୍ଦୁର ଫରୁଆ ବଉଳପାଢ଼
ନାଁ ପାଉଁଶରେ ହେଲାଣି ପୋଢ଼ ।
ବିଲୁଆ ଜନା ରେ ବିଲୁଆ ଜନା,
ଅଣ୍ଟା ଭିତ ନାଁ ଲିଭାନ୍ତି ସେନା ।
ମିଶିପ ଲୋକ ତୁ ଗଲୁ ପଳାଇ,
ମାଡ଼ପି ଲୋକ ସେ ହଉଛୁ ଦହି ।
ତୁହି ଲୁଚିଅଛୁ ବଣବୁଦାରେ,
ନାମୀ ଚୋର ପଡ଼ିଥିଲୁ ପଦାରେ ॥
ବିଲୁଆ ନାମର ଖଣ୍ଡିଏ ପାଟ,
ପାଟ ପୋଡ଼ିଗଲା ଲାଗିଛି କାଟ ॥
ଦଦି ଲୁଗା ଖଣ୍ଡେ ଥିଲିରୁ ହାତୁଁ,
ଚସ ଦରବାରେ ନ ଲୁଚେ ଅଣ୍ଟ ॥
ବିଲୁଆ ଜନା ରେ ବିଲୁଆ ଜନା,
ନାନା ଫିମ୍ଭଅଛୁ ତୋ ଚସ ହନା ॥
ଏବେ ଡାକଲେ ତୁ ନ ଶୁଣୁ କଥା,
ଘର ଗୃହପାଖ ବେଢ଼ିଲା କଥା ॥
କଥା ଲାଗିଗଲେ ସାତ ସିନ୍ଧୁରେ,
ଲିଭାଇବାକୁ ତୁ ଦଉଡ଼ୁ ଖରେ ॥
ଲାଗିଗଲେ କଥା ଆପଣା ଘରେ,
ବସୁ ତୁ ମାଇ ରେ ହୁଡ଼ାମଣ୍ଡାରେ ॥
ଲାଙ୍ଗୁଡ଼ି ଫୁଲାଇ ହୁଙ୍କିଡ଼ା ଗାଳେ,
ଲାଙ୍ଗୁଡ଼ି ଉଡ଼ଇ ରେଉଁପୋ ହାତେ ॥
ଭଟ୍ଟକନ ରେ ଦିଏ ନାମୁଡ଼ି,
ହୁକେ ହୁକେ ବୋଲି ପଳାଉ ଉଡ଼ି ॥
ବିଲୁଆ ଜନା ରେ ବିଲୁଆ ଜନା,
ଭୁଲି ଗୃହିବାକୁ ଦେଖ ରେ ମନା ॥

ଗୋପାଳଚନ୍ଦ୍ର ପ୍ରହରାଜ ।

ବ୍ରତଶୀଳା ।

ପ୍ରତିକୂଳ ଅବସ୍ଥାରେ ପଡ଼ି ତୁ ସଂସାରେ,
ଅତୃପ୍ତ ବାସନା ଯେତେ ହୃଦୟେ ତୋହର
ଯାହାର ମିଳନେ ତୁହି ମୂର୍ତ୍ତି ହାହାକାରେ,
ଦେଖିବୁ ବିଚ୍ଛେଦ ତାର ଶକ୍ତି ଅପୂର୍ବର ।
ସେ ଦେଉଛି ତୋ କଣ୍ଠରେ ପ୍ରୀତିପୁଷ୍ପହାର,
ସମର୍ପିଛି ତୋ ଚରଣେ ସର୍ବସ୍ୱ ତାହାର;
ଅବ୍ୟକ୍ତ ମଧୁର ଭେଦେ ହୃଦୟର ଭାଷା
ଏହାଠାରେ ଭଣିବ ତୋତେ ପୋଷିଅଛି ଆଶା ।
ସେହି ଆଶା, ସେ ଆକାଂକ୍ଷା ଲଭିବ କି ସତେ
ଅନନ୍ତ ନୈରାଶ୍ୟ-ଗର୍ଭେ ଉପାଡ଼ିବୁ ତାକୁ ?
ସ୍ୱକର ହୃଦୟ ଯାହା ଦେଖାଉଛି ତୋତେ
ମୂଢ଼ବା ସେ ତରବାର ନ ଦେବ ଅନ୍ୟକୁ ।
ସଂସାରର ସୁଖ ଦୁଃଖ ନୁହେ ବସ୍ତୁ ତର,
ବ୍ରତଶୀଳା ହେବେ କପା ହୋଇବ ଅସ୍ଥିର ।

ଶ୍ରୀ—

ଭିକ୍ଷା ।

ତୁମ୍ଭର ଚରଣତଳେ ଅତି ଦର୍ପମୟ !
ଖର୍ଣ୍ଣତ ଜୀବନ-ରଣ,
ପୁଣି କାମ ହୃଦେ ଧରି
ଭୋଗୁଛି ଯାତନା ଏ ବଡ଼ ବିସ୍ମୟ ।
ପାପର ଜଞ୍ଜାଳେ ପଡ଼ି,
ଯାଉଛି ସରଗ ଛଡ଼ି,
ଜାତର ବଳେଲେ ପ୍ରଭୁ ! ଚେଣୁ ହାହାକାରେ,
ଉଦର ଉଙ୍ଗୁର କ୍ରୀଡ଼ା,
ରୋଷ, ହିଂସା, ଦ୍ୱେଷ, ବ୍ରୀଡ଼ା
ହେତେକାଳ ଭୋଗିବି ଏ ଜଣଭସଂସାରେ ।
ନବ ବୁଦ୍ଧି, ନବ ବଳ,
ନବ ଆଶା, ନବ ଫଳ,
ଦାଣି ବିଘ୍ନ ଅନ୍ଧକାର, ହଥ ହେ ତଞ୍ଚଳ,
ପ୍ରଗଢ଼ ଜୀବନ-ଆଶା,
ମେଘାନ୍ତ ତର ପିପାସା,
କାମନା, କଳ୍ପନା ଅବ କରିବ ସଫଳ ।

ଶ୍ରୀ ପଦ୍ମଚରଣ ନାୟକ

ଅନନ୍ତଧାମ ।

(ଅନୁବାଦ ।)

(୧)

କହ କାହିଁ ସେହି ସଦନ
ଯେହି, ସନ୍ତତ ସାର
ବୋଲୁଥିଲ ମାତା, ନିରନ୍ତ
ସର୍ବ ସୁଖ-ଭଣ୍ଡାର ।
ଗଲେ ଶୋକ ଯିବା ଭେଟେ ହେ
ସେହି ସ୍ୱର୍ଗର ଦେଶ,
ଲଭିଲେ ହେବଟି ସକଳ
ଶୋକ ସନ୍ତାପ ଶେଷ ।
ଯହିଁ କି କମଳ ତୋରଣ
ଚନ୍ଦ୍ରଶାଏ ସୁବାସ,
ଖଦ୍ୟୋତ ମଣ୍ଡିସ୍ଥାନେହିଲେ
କରେ ଜ୍ୟୋତି ପ୍ରକାଶ ।
ସେହିଠାରେ ମାତା ଦେବ କି
ପୁଣ୍ୟ ତୀର୍ଥକି ସ୍ଥିତ ?
ନୁହେ ବାସ୍ତମଣି ନୁହେ ରେ
ତହିଁ ତା ଅବସ୍ଥିତ ।

(୨)

ଦମ୍ଭେ ପିନ୍ଧ ଛାଡି ହେଟେ
ଉଷ୍ଣ ଯେଉଁ ଠାବରେ,
ଖର୍ଜ୍ଜୁର କନକବରଣେ
ଶୋଭେ ସେଜବରେ,
ଖେଳେ ଯହିଁ ମନ୍ଦ ଅନିଲ
ନୀଳ ତରଙ୍ଗ ସଙ୍ଗେ,
ଦ୍ୱୀପ-ମାଳ ପୁଷ୍ପ-ଯଷ୍ଟି
ହୋଇ ଆପଣା ଅଙ୍ଗେ ।
ନାନା ଜାତି ପକ୍ଷୀ ଯହିଁରେ
ଉଚ୍ଚାରନ୍ତି ସଙ୍ଗୀତ,
ଚନ୍ଦ୍ରଦ୍ୟୁତି ବର୍ଣ୍ଣେ ହୋଇଛି
ତରୁ ଲତା ଶୋଭିତ ।
ସେହିଠାରେ ମାତା ଦେବ କି
ପୁଣ୍ୟ ଧାମକି ସ୍ଥିତ ?

କୁହେ ବାୟୁ ଧୀର କୁହେ ରେ
ତହିଁ ତା ଅବସ୍ଥିତ ।

(୩)

ଯେବେ ଭ୍ରମେ ଯହିଁ ଝଟିକା
ନିଜ ଇଚ୍ଛାବିହାର
ସୁବର୍ଣ୍ଣ ସୈକତ ଉପରେ
ଫେନ ଜଳଧି ବାର ।
କୂଳେ ଯହିଁ ପୁଣି ମାଣିକ୍ୟ
ଉଦ୍‌ବେଳ ସମାନ,
ହୀରକ ମେଦିନୀଗର୍ଭରେ
କରେ ଜ୍ୟୋତି ପ୍ରଦାନ ।
ବିଦ୍ରୁମ-କୁଞ୍ଜରେ ମଣ୍ଡିତ
ଯହିଁ ଉଦଧିତଟ,
ମୁକ୍ତା-ଫଳ ପୁଞ୍ଜ ପୁଳକେ
କରେ ହାସ ପ୍ରକଟ ।
ସେହି ଦେଶେ ମାତା ଦେବ ତ
ପୁଣ୍ୟଲୋକର ସ୍ଥିତ ?
କୁହେ ବାୟୁ ଧୀର କୁହେ ରେ
ତହିଁ ତା ଅବସ୍ଥିତ ।

(୪)

ଦେଖି ନାହିଁ କେହି ଧନ ରେ
ସେହି ଦିବ୍ୟ ଭୁବନ,
ପଡ଼ି ନାହିଁ ଶ୍ରୁତିକୁହରେ
ତାର ସଙ୍ଗୀତ ସ୍ୱନ,
ସ୍ୱପ୍ନେ ଭ୍ରମି ଦେବେ ମାନସ
ପଶି ନାହିଁ ସେ ପୁରେ,
ରହିଥାନ୍ତି ଶୋକ ମରଣ
ସଦା ସେଠାରୁଁ ଦୂରେ,
ମଉଳଇ ନାହିଁ କଳିକା
ତାର କାଳପରଶେ,
ସଦା ମଧୁମାସ କୋଳରେ
ଡୋଳୁଥାଏ ହରଷେ,
ଶୂନ୍ୟ ଯହିଁ ଶେଷ ହୋଇଛି
ତାର ସେଠାରେ ସ୍ଥିତ,
ସମାଧି ସେ ପାରେ ଅଟଇ,
ଧନ, ତା ଅବସ୍ଥିତ ।

ଶ୍ରୀ ଅକ୍ରୂରଚନ୍ଦ୍ର ଦାସ ।

ବିବିଧପ୍ରସଙ୍ଗ ।

୧ । ଉତ୍କଳ-ସମ୍ମିଳନୀ—ଉତ୍କଳ-ସମ୍ମିଳନୀର ପ୍ରଥମ ଅଧିବେଶନ ଯଥାସମୟରେ ମହାସମାରୋହରେ ସମ୍ପନ୍ନ ହୋଇ ଯାଇଅଛି । ଅତ ଅଳ୍ପକାଳ ମଧ୍ୟରେ ଏତେଦୂର ଆୟୋଜନ ହୋଇ ପାରିବ ଏବଂ ଉତ୍କଳଖଣ୍ଡର ନାନାସ୍ଥାନରୁ ଏତେଗୁଡ଼ିଏ ଲୋକ ଆସି ସମ୍ମିଳନୀରେ ଯୋଗ ଦେବେ, ଏ ବିଶ୍ୱାସ ପ୍ରାୟ ଅନେକଙ୍କର ନ ଥିଲା । ସମସ୍ତ ଉତ୍କଳଭୂମିର ନାନା ଶ୍ରେଣୀର ଲୋକମାନେ ଏକତ୍ର ଉପସ୍ଥିତ ହୋଇ—ରଜା ପ୍ରଜା, ଧନୀ ଦରିଦ୍ର, ପଣ୍ଡିତ ମୂର୍ଖ ଏକତ୍ର ସମାସୀନ ହୋଇ ନିଜ ନିଜ ଅବସ୍ଥା ପର୍ଯ୍ୟାଲୋଚନା କରିବା ଏବଂ ଅଗ୍ରୋନ୍ନତିର ନାନା ସଦୁପାୟମାନ ନିର୍ଦ୍ଧାରଣ କରିବା ଏ ପ୍ରଦେଶରେ ଏହି ସର୍ବପ୍ରଥମ । ଗଞ୍ଜାମ ଜାତୀୟ ସମିତିରେ ଏହାର ସୂଚନା ହୋଇଥିଲେହେଁ ବ୍ୟାପକତା ଦୃଷ୍ଟିରେ ଏହାହିଁ ଉତ୍କଳର ପ୍ରଥମ ସମ୍ମିଳନୀ । ସମ୍ମିଳନୀର କାର୍ଯ୍ୟରେ ଉତ୍କଳ ସନ୍ତାନଙ୍କର ଯେପରି ଅନୁରାଗ, ଉତ୍ସାହ, ଉଦ୍ୟମ ଦୃଷ୍ଟ ହୋଇଅଛି, ତାହା ଉତ୍କଳର ଭବିଷ୍ୟତ ପକ୍ଷରେ ଆଶାପ୍ରଦ ସନ୍ଦେହ ନାହିଁ । ବିଭିନ୍ନ ସ୍ଥାନର ଅଧିବାସିମାନେ ଏହାର କାର୍ଯ୍ୟକଳାପ ଦେଖି ଅତ୍ୟନ୍ତ ପରିତୁଷ୍ଟ ହୋଇଅଛନ୍ତି—ଏମନ୍ତ କି ଅନେକ ସ୍ଥାନରେ ଉତ୍କଳ-ସମ୍ମିଳନୀର ଜୟଜୟକାର ପଡ଼ି ଯାଇଅଛି । ଅଧିବେଶନର ସବିଶେଷ କାର୍ଯ୍ୟବିବରଣ ପୁସ୍ତକାକାରରେ ପ୍ରକାଶିତ ହୋଇ

ସମାଜ ପ୍ରଶଂସିତ ହେବାର ଚେଷ୍ଟା ହେଉଅଛି । ଆମ୍ଭେମାନେ ସେ ବିଷୟରେ କିଛି କହିବୁଁ ନାହିଁ । ଆମ୍ଭମାନଙ୍କ ମତରେ ସମ୍ମିଳନୀର ସଫଳତା ବା ବିଫଳତା ଏହାର ଭବିଷ୍ୟତ କାର୍ଯ୍ୟପ୍ରଣାଳୀ ଉପରେ ନିର୍ଭର କରୁଅଛି । ବର୍ଷଯାକ ନୀରବ ବା ସ୍ୱକାର୍ଯ୍ୟରେ ରତ ରହି ବର୍ଷାନ୍ତେ ଥରେ ଏକତ୍ର ହୋଇ 'ହୋହା' କରିବାରେ ସମୟ, ଶକ୍ତି ଓ ଅର୍ଥ ବ୍ୟୟ କରିବାର ପ୍ରୟୋଜନୀୟତା ଆଉ ନାହିଁ । ବର୍ଷବ୍ୟାପୀ ଚେଷ୍ଟା ଓ ଯତ୍ନର ଫଳ ସର୍ବସାଧାରଣଙ୍କୁ ଜଣାଇବା ଏବଂ ଭବିଷ୍ୟତ କାର୍ଯ୍ୟନିମିତ୍ତ ସଦୁପାୟମାନ ନିର୍ଦ୍ଧାରଣ କରିବା କେବଳ ବାର୍ଷିକ ଅଧିବେଶନର ଉଦ୍ଦେଶ୍ୟ । କାର୍ଯ୍ୟନିର୍ବାହକ ସମିତିରେ ନାନାସ୍ଥାନର ବହୁ ବିଜ୍ଞ ଓ ବିଚକ୍ଷଣ ବ୍ୟକ୍ତି ରହିଅଛନ୍ତି ଏବଂ ସମ୍ମିଳନୀରେ ପ୍ରସ୍ତାବିତ ବିବିଧ ଉନ୍ନତିକର ବିଭାଗମାନଙ୍କରେ ମଧ୍ୟ ବିଶିଷ୍ଟ ବ୍ୟକ୍ତିମାନେ କମିଟିର ସଭ୍ୟ ନିଯୁକ୍ତ ହୋଇଅଛନ୍ତି । ସେମାନଙ୍କୁ ଉପଦେଶ ଦେବା ଆମ୍ଭମାନଙ୍କ ପକ୍ଷରେ ଧୃଷ୍ଟତା ମାତ୍ର । କେବଳ ଏତିକି କହୁଅଛୁଁ, ଆରମ୍ଭରେ ଯେଉଁ ଅନୁରାଗ ଓ ଉତ୍ସାହ ପରିଲକ୍ଷିତ ହୋଇଅଛି ଦିନ ଦିନରେ ତାହାର ଅବସାନ ଯେପରି ନ ହୁଏ ଏବଂ ପ୍ରଥମ ଉଦ୍ୟୋଲ୍ଲାସ ଯେପରି ପରିଣାମରେ ଉପହାସର କାରଣ ନ ହୁଏ । ସମ୍ମିଳନୀର ଉଦ୍ୟୋଗୀ ଏବଂ କାର୍ଯ୍ୟନିର୍ବାହକଗଣ ଉପଯୁକ୍ତ ଦାୟିତ୍ୱ ମସ୍ତକରେ ସ୍ୱଇଚ୍ଛାରେ ଗ୍ରହଣ କରିଅଛନ୍ତି । ସେମାନଙ୍କ ମଧ୍ୟରୁ କିଏ କି ଭାବରେ ବର୍ତ୍ତମାନ ଆହାର ନିଦ୍ରା ସମ୍ଭୋଗ କରୁଅଛନ୍ତି, ତାହା ସେମାନଙ୍କୁ ଜଣା ଏବଂ ଫଳରେ ଜଣା ପଡ଼ିବ । ଆମ୍ଭମାନଙ୍କର ଏ ସମ୍ବନ୍ଧରେ ଯାହା ଯାହା କହିବାର ଅଛି—ସେସମସ୍ତ କ୍ରମଶଃ ବ୍ୟକ୍ତ କରିବୁଁ । ନାନା କାରଣରୁ ବର୍ତ୍ତମାନ ସେଥିରୁ କ୍ଷାନ୍ତ ହେଲୁଁ ।

୨ । ସାହିତ୍ୟ-ସମାଜ—ଉତ୍କଳ-ସାହିତ୍ୟ-ସମାଜର ବାର୍ଷିକ ଅଧିବେଶନ ଗତ ଡିସେମ୍ବରମାସ ୨୧ ତାରିଖରେ ହୋଇ ଯାଇଅଛି । ସମ୍ମିଳନୀକୁ ସମାଗତ ନାନା ସ୍ଥାନର ବହୁ ବ୍ୟକ୍ତି ଏ ଅଧିବେଶନରେ ଯୋଗ ଦେଇଥିଲେ । ବିବରଣ ପ୍ରଭୃତି ଯଥାବିଧି ପଠିତ ହେବା ପରେ ଆମ୍ଭମାନଙ୍କର ଶ୍ରଦ୍ଧାସ୍ପଦ ବନ୍ଧୁ ଶ୍ରୀଯୁକ୍ତ ଅଭିରାମ ଭଞ୍ଜ ଏମ୍. ଏ. ବି. ଏଲ୍. "ଉତ୍କଳ ସାହିତ୍ୟର ବର୍ତ୍ତମାନ ଓ ଭବିଷ୍ୟତ" ବିଷୟରେ ପ୍ରବନ୍ଧ ପାଠ କରିଥିଲେ ଏବଂ ଅନ୍ୟ କେହି କେହି ସ୍ୱାଭିମତ ବ୍ୟକ୍ତ କରିଥିଲେ । ସଭାପତି ମାନନୀୟ କବିବର ରାୟ ରାଧାନାଥ ରାୟ ବାହାଦୁର ମହୋଦୟଙ୍କ ମନ୍ତବ୍ୟ ସଂକ୍ଷିପ୍ତ ହେଲେହେଁ ସମ୍ପୂର୍ଣ୍ଣରୂପେ ସମୟ ଓ ଅବସ୍ଥାର ଉପଯୋଗୀ ହୋଇଥିଲା । ଆମ୍ଭେମାନେ ଆଗାମୀ ସଂଖ୍ୟାରେ ଅଧିବେଶନର କାର୍ଯ୍ୟ ବିବରଣ ପ୍ରଭୃତି ଯଥାଯଥରୂପେ ପ୍ରକାଶ କରିବାକୁ ଇଚ୍ଛା କରୁଅଛୁଁ । ସାହିତ୍ୟ-ସମାଜ ସମସ୍ତ ଉତ୍କଳବ୍ୟାପୀ ଗୋଟିଏ ଅନୁଷ୍ଠାନ—ନାନା ସ୍ଥାନର ବହୁ ମାନ୍ୟ ଗଣ୍ୟ ବିଶିଷ୍ଟ ବ୍ୟକ୍ତିଙ୍କୁ ନେଇ ସଭ୍ୟ ଏବଂ ବିଶିଷ୍ଟସଭ୍ୟ ପଦରେ ବରଣ କରାଯାଇଅଛି । ମାତ୍ର ଏପର୍ଯ୍ୟନ୍ତ କେତେ ଜଣଙ୍କଠାରୁ ଆଶାନୁରୂପ ଉତ୍ସାହ ମିଳିଲା ? କେତେଜଣ ଏଥିପ୍ରତି ଉପଯୁକ୍ତ ଅନୁରାଗ କାର୍ଯ୍ୟତଃ ଦେଖାଇଲେ ? କେତେଟା ସ୍ଥାନରେ ଏହାର ଶାଖାସମିତି ସ୍ଥାପିତ ହେଲା ? କେତେ ଜଣ ସମାଜ ବିଷୟ ଚିନ୍ତା କଲେ ବା ସେ ଚିନ୍ତାର ଫଳ ସମାଜକୁ ଜଣାଇଲେ ? ଏ ସମସ୍ତ ଦେଖି ଶୁଣି ଯେବେ କେହି ଆମ୍ଭମାନଙ୍କୁ ଉପହାସ କରନ୍ତି, ତେବେ ସେଥିରେ ଆମ୍ଭମାନଙ୍କର କହିବାର କଣ ଅଛି ? ସମାଜର ସଭ୍ୟମଣ୍ଡଳୀ ଥରେ ନିଜ ନିଜ ଦାୟିତ୍ୱ ଗମ୍ଭୀରରୂପେ ଚିନ୍ତା କରି ଦେଖିବେ କି ?

ସାହିତ୍ୟ-ସମାଜର ବାର୍ଷିକ ଅଧିବେଶନରେ ଗୋଟିଏ ଅତି ପ୍ରୀତିକର କାର୍ଯ୍ୟର ଅନୁଷ୍ଠାନ ହୋଇଥିଲା । ଖଲ୍ଲିକୋଟ-ଅଷ୍ଟଦୁର୍ଗାଧୀଶ୍ୱର ମାନନୀୟ ଶ୍ରୀ ଶ୍ରୀ ରାଜା ହରିହର ମର୍ଦ୍ଦରାଜ ଦେବ ମହୋଦୟ ଭକ୍ତିଭାଜନ କବିବର ରାୟ ରାଧାନାଥ ରାୟ

ତାହାଙ୍କ ମହୋଦୟଙ୍କୁ ସମ୍ମାନ ଓ ସମାଦରର ନିଦର୍ଶନସ୍ୱରୂପ ଗୋଟିଏ ସୁବର୍ଣ୍ଣ ଲେଖନୀ ଉପହାର ପ୍ରଦାନ କରିଥିଲେ । ମୟୂରଭଞ୍ଜାଧିପତି, ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜ ଦେବ ମହୋଦୟ ସ୍ୱହସ୍ତରେ ହିବବଙ୍କୁ ଲେଖନୀଟି ପ୍ରଦାନ କଲେ ଏବଂ ସଭାସ୍ଥଳ ଆନନ୍ଦସୂଚକ କରତାଳି ଧ୍ୱନିରେ ପୂର୍ଣ୍ଣ ହେଲା ।

୩ । ମିଳନରେ ବିବାଦ— ସମସ୍ତ ଉତ୍କଳ-ଭାଷୀ ପ୍ରଦେଶକୁ ଏକାଠି କରି ବଙ୍ଗଶାସନାଧୀନ କରିବାର ପ୍ରସ୍ତାବ ଭାରତଗବର୍ଣ୍ଣମେଣ୍ଟ ପ୍ରକାଶ କଲା ଦିନରେ ଉତ୍କଳବାସୀ କୌଣସି କୌଣସି ବ୍ୟକ୍ତିଙ୍କ ମନରେ ଅନ୍ୟ ଏକ ଚିନ୍ତା ଜାଗ୍ରତ ହୋଇଅଛି । ସମ୍ମିଳନୀର ଅଧିବେଶନ ବେଳେ 'ପ୍ରାର୍ଥନା' ନାମରେ ଅସାରଯୁକ୍ତିପୂର୍ଣ୍ଣ ଖଣ୍ଡିଏ କ୍ଷୁଦ୍ର ପୁସ୍ତିକା ଏ ନଗରରେ ବିତରିତ ହୋଇଥିଲା—ଆମ୍ଭେମାନେ ତାହାକୁ ଶିଶୁଖେଳ ମନେ କରି ଉପେକ୍ଷା କରିଥିଲୁଁ । ଖେଳଟା ସେଥିରେ ଶେଷ ନ ହୋଇ ପୁଣି ଭିନ୍ନ ଭିନ୍ନ ଆକାର ଧାରଣ କରିବାକୁ ଲାଗିଲାଣି । ଏଥି ମଧ୍ୟରେ ସମ୍ମିଳିତ ଓଡ଼ିଶାକୁ ସ୍ୱତନ୍ତ୍ର ଶାସନାଧୀନ ଅଥବା ମଧ୍ୟପ୍ରଦେଶର ଅଧୀନ କରିବା ସପକ୍ଷରେ କେତେଗୁଡ଼ିଏ ଯୁକ୍ତି ଇଂରାଜୀରେ ଛପା ହୋଇ ବିତରିତ ହେଉଅଛି । ଆମ୍ଭେମାନେ ଶୁଣିଲୁଁ ଉକ୍ତ ଛପାପତ୍ର ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ପ୍ରେରିତ ହୋଇଅଛି ଏବଂ ଆନୁସଙ୍ଗିକ ଖଣ୍ଡିଏ ଆବେଦନପତ୍ର ମଧ୍ୟ ପ୍ରେରିତ ହେବାର ବ୍ୟବସ୍ଥା ହୋଇଅଛି । ଯୁକ୍ତି-ଗୁଡ଼ିକ "ପ୍ରାର୍ଥନା"ର ଯୁକ୍ତିରୁ ଅଧିକ କିଛି ନୁହେ— ଅଧିକନ୍ତୁ ଏଥିରେ କେତେଗୁଡ଼ିଏ ଅସରଳ ଉକ୍ତି ଏବଂ ପ୍ରକୃତ ଘଟନାର ବିକୃତ ବ୍ୟାଖ୍ୟାର ଅବତାରଣା ହୋଇଅଛି । ଏହା ଅତ୍ୟନ୍ତ ପରିତାପର ବିଷୟ ସନ୍ଦେହ ନାହିଁ । ଏ ସମସ୍ତ କାହାର ମୂଳ କିଏ, ଆମ୍ଭେମାନେ ଠିକ ଜାଣୁ ନାହିଁ । ଏପ୍ରକାର ଅସରଳ ଓ ଅସାର ଯୁକ୍ତିର ସମାଲୋଚନା କରିବାର ପ୍ରବୃତ୍ତି ମଧ୍ୟ ଆମ୍ଭମାନଙ୍କର ନାହିଁ । ଯେଉଁମାନେ କାର୍ଯ୍ୟ-କ୍ଷେତ୍ରର ପ୍ରକୃତ ଅବସ୍ଥା ନ ବୁଝି ଅଥବା ବୁଝିବାକୁ ଚେଷ୍ଟା ନ କରି ଆସମାନରେ ସୁଶୋଭନ ଅଟ୍ଟାଳିକା ନିର୍ମାଣରେ ବ୍ୟସ୍ତ, ସାମାନ୍ୟ ଚାକିରୀ ଯେଉଁମାନଙ୍କ ମତରେ ମାନବ ଜୀବନର ଲକ୍ଷ୍ୟ ବା ମାନପୂଜା ଲାଭର ଚରମ ସାଧନ, ଘର କୋଣରେ ଲୁଚି ଯେଉଁମାନେ କୋଟିସଂଖ୍ୟକ ନରନାରୀଙ୍କର ମଙ୍ଗଳାମଙ୍ଗଳର ବିଚାର କରି ମୁହୂର୍ତ୍ତକ ସିଦ୍ଧାନ୍ତରେ ଉପନୀତ ହୋଇ ଯାଆନ୍ତି ଏବଂ ସର୍ବୋପରି ଯେଉଁମାନେ ସର୍ବସାଧାରଣଙ୍କ ଅଜ୍ଞାତରେ ଶାସନପରିବର୍ତ୍ତନରୂପ ଏତେ ଗୁରୁତର ବ୍ୟାପାରରେ ସ୍ୱମତକୁ ଅଧିକାଂଶ ବ୍ୟକ୍ତିଙ୍କ ମତ ବୋଲି ଗବର୍ଣ୍ଣମେଣ୍ଟଙ୍କ ନିକଟରେ ଉପସ୍ଥାପିତ କରିବାକୁ କିଞ୍ଚିନ୍ମାତ୍ର ସଙ୍କୋଚ ନ କରନ୍ତି, ସେମାନଙ୍କ ସହିତ ଯୁକ୍ତି କରିବା ବିଡ଼ମ୍ବନା ମାତ୍ର—ଯୁକ୍ତିଦ୍ୱାରା ଏ ଶ୍ରେଣୀର ଲୋକଙ୍କର ମତ ପରିବର୍ତ୍ତନ କରିବାର ଆଶା ଦୁରାଶା ମାତ୍ର । ଆମ୍ଭେମାନେ ଶୁଣି ଦୁଃଖିତ ହେଲୁଁ ଯେ ଶ୍ରଦ୍ଧାସ୍ପଦ ପାଦ୍ରୀ ହାବେଲ ସାହେବ ଏହି କ୍ଷୁଦ୍ର ଦଳର ଅନ୍ୟତର ନେତାସ୍ୱରୂପ କାର୍ଯ୍ୟ କରୁଅଛନ୍ତି । ତାଙ୍କପରି ଜଣେ ବିଜ୍ଞ ଓ ସୁବିବେଚକ ବ୍ୟକ୍ତି କାର୍ଯ୍ୟଟିର ଗୁରୁତ୍ୱ ଓ ଫଳାଫଳ ଚିନ୍ତା କରି ପାରିଲେ ନାହିଁ ଏବଂ କାର୍ଯ୍ୟ-ପ୍ରଣାଳୀର ଗୁରୁତର ଦୋଷଟା ଧରି ପାରିଲେ ନାହିଁ, ଏହା ଗଭୀର ପରିତାପର ବିଷୟ । ଇତିମଧ୍ୟରେ 'ପ୍ରାର୍ଥନା'ର ଉତ୍ତରସ୍ୱରୂପ 'ଜ୍ଞାନାଞ୍ଜନ ଶଳାକା' ନାମରେ ଖଣ୍ଡିଏ ପୁସ୍ତିକା ପ୍ରକାଶିତ ହୋଇ ବିତରିତ ହେଉଅଛି । ଚିନ୍ତାଶୀଳ ଅବସ୍ଥାଭିଜ୍ଞ ବ୍ୟକ୍ତିମାନେ 'ପ୍ରାର୍ଥନା'ର ଯୁକ୍ତିର ଅସାରତା ବୁଝି ପାରିଥିଲେ । ମାତ୍ର ସ୍ୱଳ୍ପଜ୍ଞ ବ୍ୟକ୍ତିମାନଙ୍କୁ ଭ୍ରାନ୍ତିରୁ ରକ୍ଷା କରିବାପାଇଁ 'ଶଳାକା' ଭଳି ଖଣ୍ଡିଏ ପୁସ୍ତିକାର ପ୍ରୟୋଜନ ଥିଲା । ଯୁକ୍ତିଗୁଡ଼ିକ ସର୍ବଥା ଉପଯୋଗୀ ହୋଇଅଛି । ମାତ୍ର ଲେଖକ ଯେ ନାନା ସ୍ଥାନରେ ଉପହାସ ବିଦ୍ରୂପର ଅବତାରଣା କରିଅଛନ୍ତି ତାହା ଆମ୍ଭେମାନେ ଆଦୌ ଅନୁ-

ମୋହନ କଦାପି ପାରନ୍ତି ନାହିଁ । ଏପରି ଗୁରୁତର ବିଷୟରେ ତାହା କୌଣସିପ୍ରକାରେ ସଙ୍ଗତ ବିବେଚିତ ହୋଇ ନ ପାରେ—ଉଦ୍ଧାର ଯୁକ୍ତିର ଫଳ ବଢ଼ିବା ଦୂରେ ଥାଉ ବରଂ କମିବାର ସମ୍ଭାବନା ଅଧିକ । ସେ ଯାହାହେଉ ଏପ୍ରକାର ବାଦ ପ୍ରତିବାଦରେ ଅନାସ୍ଥା ଛଡ଼ା ଆସ୍ଥା ବିନ୍ଦୁ ମାତ୍ର ନାହିଁ । କ୍ଷୁଦ୍ର ସ୍ୱାର୍ଥ, ମତ ଅହମିକା ପରିତ୍ୟାଗ କରି ଜାତୀୟ ହିତର ଆଦର୍ଶ ସ୍ଥିର ରଖି କାର୍ଯ୍ୟ କରିବା ପରିବର୍ତ୍ତରେ କାଳ୍ପନିକ ମୃଦୁ ଯୁଦ୍ଧର ଛଳନାରେ ପ୍ରତାରିତ ହେବା ସୁବୁଦ୍ଧିର ପରିଚାୟକ ନୁହେ । ଅସାର କଳ୍ପନା ଜଳ୍ପନାରେ ଶକ୍ତି ଓ ସମୟର ଅପଚୟ ନ କରି ଉପସ୍ଥିତ ସୁଯୋଗରେ ଆତ୍ମୋନ୍ନତି ସାଧନର ଉପାୟ ଅବଲମ୍ବନ କରିବା ସର୍ବଥା ବିଧେୟ ।

୪ । ମତସଂଗ୍ରହ—ଜିଲ୍ଲାଖଣ୍ଡର ଏକୀକରଣ ବିଷୟକ ପ୍ରସ୍ତାବରେ ଗବର୍ଣ୍ଣମେଣ୍ଟ ଜନସାଧାରଣଙ୍କ ମତ ଜାଣିବାକୁ ଇଚ୍ଛା କରିଅଛନ୍ତି ଏବଂ ନାନା ସ୍ଥାନରେ ତାହା ସଂଗୃହୀତ ହେଉଥିବାର ସମ୍ବାଦ ମିଳୁଅଛି । ଆମ୍ଭେମାନେ ଶୁଣି ସୁଖୀ ହେଲୁଁ ଯେ ସମ୍ବଲପୁରର ଭ୍ରାତାମାନେ ଏକବାକ୍ୟରେ ଗବର୍ଣ୍ଣମେଣ୍ଟଙ୍କ ପ୍ରସ୍ତାବ ସପକ୍ଷରେ ମତ ଦେଇଅଛନ୍ତି । ସେଠାରେ କୌଣସି ବିଭ୍ରାଟ ଘଟି ନାହିଁ । ଗଞ୍ଜାମ ଅଞ୍ଚଳରେ ମତ ସଂଗ୍ରହ ବିଷୟରେ ନାନା ପ୍ରରୋଚନା ପ୍ରବଞ୍ଚନା ପ୍ରଭୃତିର ସମ୍ବାଦ ଶୁଣାଯାଉଅଛି । ଓଡ଼ିଶା ପ୍ରଦେଶରେ ଶାସନ-ପରିବର୍ତ୍ତନ ସମ୍ବନ୍ଧରେ କେତେକ ବ୍ୟକ୍ତିଙ୍କର ଭିନ୍ନ ମତ ହୋଇଥିଲେହେଁ ଏକୀକରଣ ବିଷୟରେ କାହାରି କିଛି ଦ୍ୱିଧା ନାହିଁ । ସୁତରାଂ ଦେଖାଯାଉଅଛି, ଗଞ୍ଜାମବାସୀଙ୍କ ପକ୍ଷରେ ବର୍ତ୍ତମାନ ଗୋଟିଏ ବିଷମ ସଙ୍କଟ ଉପସ୍ଥିତ । ଆମ୍ଭେମାନେ ଜାଣୁ ଗଞ୍ଜାମସ୍ଥ ପ୍ରାୟ ସମସ୍ତ ଶିକ୍ଷିତ ସନ୍ତାନ ମିଳନର ପକ୍ଷପାତୀ—ଯେଉଁମାନେ ପୂର୍ବେ ଉଦାସୀନ ଥିଲେ ସେମାନେ ସୁଦ୍ଧା ଜାଗ୍ରତ ହୋଇ ମିଳନର ଆବଶ୍ୟକତା ସ୍ୱୀକାର କରୁଅଛନ୍ତି । ମାତ୍ର ଦଳ ବଳ ନିକଟରେ ଅବିଚଳିତ ରହିବାର ଶକ୍ତି ସାମର୍ଥ୍ୟ ସମସ୍ତଙ୍କର ନାହିଁ । ସୁତରାଂ ବିଦେଶୀ ପକ୍ଷ ବାହାରେ ଜୟ ଘୋଷଣା କରିବାର ସୁଯୋଗଟା ସହଜରେ ପାଇଯାଉଅଛନ୍ତି । ଏ ଅବସ୍ଥାରେ ଗଞ୍ଜାମର ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କର ବିଶେଷ ସତର୍କତା, ସାହସ ଓ କାର୍ଯ୍ୟତତ୍ପରତା ଅତ୍ୟନ୍ତ ଆବଶ୍ୟକ—ସେମାନେ ନିଜ ନିଜ ସ୍ୱାର୍ଥ ବା ଭବିଷ୍ୟତ ଫଳାଫଳ ପ୍ରତି ଦୃକ୍‌ପାତ ନ କରି ନିର୍ଭୀକ ଚିତ୍ତରେ ସମ୍ମୁଖରେ ଦଣ୍ଡାୟମାନ ହେଇ ନିଜର ଦୃଷ୍ଟାନ୍ତଦ୍ୱାରା ଜନସାଧାରଣଙ୍କ ପ୍ରାଣରେ ଶକ୍ତି ଓ ସାହସ ସଞ୍ଚାରିତ କରନ୍ତୁ, ଅନ୍ୟଥା ଜାତିର ଗଭୀର ଅବସାଦ-କୂପରେ ନିମଜ୍ଜନ ଅନିବାର୍ଯ୍ୟ । ଜାତୀୟ ଜୀବନ କୌଣସି କାଳେ ଆକାଶରୁ ଖସି ପଡ଼େ ନାହିଁ । ଏହିପରି ଗୋଟିଏ ଗୋଟିଏ ସମସ୍ୟା ଉପସ୍ଥିତ ହୋଇ ଦୀର୍ଘକାଳ ପର୍ଯ୍ୟନ୍ତ ଜାତିର ଭାଗ୍ୟକୁ ମୀମାଂସା କରିଦେଇଯାଏ । ଉପସ୍ଥିତ ସମସ୍ୟାକୁ ଯେଉଁମାନେ ସାମାନ୍ୟ ଦୃଷ୍ଟିରେ ଦେଖୁଅଛନ୍ତି ବା ଦେଖିବେ, ସେମାନେ ଜାତୀୟତାର ଅର୍ଥ ଏପର୍ଯ୍ୟନ୍ତ ବୁଝି ନାହାନ୍ତି । ଭଗବାନ୍ ଉତ୍କଳ ସନ୍ତାନଙ୍କୁ ସୁବୁଦ୍ଧି ପ୍ରଦାନ କରନ୍ତୁ ।

ସଂକ୍ଷିପ୍ତ ସମାଲୋଚନା

୧ । ପାରିବାରିକ ଜୀବନ (ବଙ୍ଗଳା)—ଶ୍ରୀମତୀ ସୁଖଦାରାସ ଗୁପ୍ତ ପ୍ରଣୀତ; ମୂଲ୍ୟ ଟ ୧୷ ମାତ୍ର । ଆଧୁନିକ ବଙ୍ଗଭୂମିରେ ହେଁ ହେଁ ଗୁଡ଼ିଏ ମହିଳାକବି ଅଛନ୍ତି ଓ ଉଚ୍ଚାଙ୍ଗର କବିତା ଲେଖି ଖ୍ୟାତି ଅର୍ଜନ

କରିଅଛନ୍ତି, କେହି କେହି ଗଳ୍ପ ଉପନ୍ୟାସାଦି ରଚନାରେ ମଧ୍ୟ କୃତିତ୍ୱ ଦେଖାଇ ଅଛନ୍ତି, ଏମାନଙ୍କ ବୈଜ୍ଞାନିକ ଓ ସାହିତ୍ୟିକ ବିଷୟର ଆଲୋଚନା ସହିତ କୌଣସି କୌଣସି ବଙ୍ଗରମଣୀ ଦକ୍ଷତା ସହକାରେ କରିଅଛନ୍ତି ଓ କରୁଅଛନ୍ତି । ଗାର୍ହସ୍ଥ୍ୟ ଜୀବନ ବା ପାରିବାରିକ ସମ୍ବନ୍ଧ ଓ ନାରୀର ଉନ୍ନତ ଆଦର୍ଶର ବିଷୟ ଆଲୋଚନା ଇତିପୂର୍ବେ କୌଣସି ବଙ୍ଗରମଣୀ କରିଥିବାର ଆମ୍ଭମାନଙ୍କୁ ଜଣା ନାହିଁ । ଆମ୍ଭମାନଙ୍କ ମତରେ ଏ କ୍ଷେତ୍ରରେ ପୁରୁଷ ଅପେକ୍ଷା ରମଣୀର ଅଧିକାର ବେଶି । ଶୁଣିଲୁ ଗ୍ରନ୍ଥକର୍ତ୍ତ୍ରୀ ମହୋଦୟା ଜଣେ ସୁଗୃହିଣୀ ବୋଲି ପରିଚିତା । ସମାଲୋଚ୍ୟ ପୁସ୍ତକ ଖଣ୍ଡି ତାଙ୍କର ଦୀର୍ଘକାଳବ୍ୟାପୀ ଅଭିଜ୍ଞତାର ଫଳ । ଆମ୍ଭେମାନେ ଗ୍ରନ୍ଥଖଣ୍ଡି ଆଦ୍ୟୋପାନ୍ତ ମନୋଯୋଗ-ସହକାରେ ପାଠ କରି ଅତ୍ୟନ୍ତ ପ୍ରୀତିଲାଭ କରିଅଛୁଁ । ପ୍ରାଚ୍ୟ ଏବଂ ପାଶ୍ଚାତ୍ୟ ପ୍ରାଚୀନ ଏବଂ ନବୀନର ଯେ ପ୍ରବଳ ସଂଘର୍ଷଣ ଏଦେଶରେ ଉପସ୍ଥିତ ହୋଇଅଛି ଏବଂ ତାହାର ଫଳସ୍ୱରୂପ ସମାଜର ସକଳ ବିଭାଗରେ ଯେ ଘୋର ପରିବର୍ତ୍ତନ ଘଟିଅଛି ଓ ଘଟୁଅଛି, ସେଥିରେ ସୁବିବେଚନାପୂର୍ବକ ଉଭୟରୁ 'କୁ'କୁ ପରିତ୍ୟାଗ କରି 'ସୁ'କୁ ଗ୍ରହଣ କରି ନ ପାରିଲେ ଆମ୍ଭମାନଙ୍କୁ ପଦେ ପଦେ ବିଡ଼ମ୍ବିତ ହେବାକୁ ପଡ଼ିବ । ଏକ ଆଡ଼େ ଅନ୍ଧତା, ଅନ୍ୟ ଆଡ଼େ ଉଚ୍ଛୃଙ୍ଖଳତା; ଉଭୟ ଦୂଷଣୀୟ ଏବଂ ପରିହାର୍ଯ୍ୟ । ମଧ୍ୟବର୍ତ୍ତୀ ପନ୍ଥାହିଁ ଶ୍ରେୟସ୍କର ଓ ଅନୁସରଣୀୟ । ଗ୍ରନ୍ଥକର୍ତ୍ତ୍ରୀ ଉଭୟ ଭାବ ଅତି ସୂକ୍ଷ୍ମରୂପେ ଓ ଦକ୍ଷତାସହକାରେ ଆଲୋଚନା କରି ସମୟ ଓ ଅବସ୍ଥାର ଉପଯୋଗୀ ଗୋଟିଏ ସୁନ୍ଦର ଉନ୍ନତ ଆଦର୍ଶ ସାଧାରଣଙ୍କ ସମକ୍ଷରେ ଉପସ୍ଥାପିତ କରିଅଛନ୍ତି—ରନ୍ଧନଶାଳା ଠାରୁ dinner table ପର୍ଯ୍ୟନ୍ତ, ସୂତିକା ଗୃହଠାରୁ ବିଶ୍ୱବିଦ୍ୟାଳୟର ଶିକ୍ଷାମନ୍ଦିର ପର୍ଯ୍ୟନ୍ତ, ଶୟନ-କକ୍ଷଠାରୁ ମୁକ୍ତବାୟୁସେବନ ପର୍ଯ୍ୟନ୍ତ, ଆହାର ନିଦ୍ରାଠାରୁ ଧର୍ମସାଧନ ପର୍ଯ୍ୟନ୍ତ, ଦାସଦାସୀଠାରୁ ଅତିଥି ଅଭ୍ୟାଗତ ପର୍ଯ୍ୟନ୍ତ ସମସ୍ତ ସକଳ ବିଷୟରେ କିପରି ବ୍ୟବହାର କରିବାକୁ ହେବ, ସେମନ୍ତ କି ଖଣ୍ଡିଏ ସର୍ବାଙ୍ଗସୁନ୍ଦର ରୁଟିନ୍ ପ୍ରସ୍ତୁତ କରି ଦେଇଅଛନ୍ତି । ଏହାହିଁ ଏ ପୁସ୍ତକର ବିଶେଷତ୍ୱ ଏବଂ ଏଥିରେ ଗ୍ରନ୍ଥକର୍ତ୍ତ୍ରୀ ଯଥେଷ୍ଟ ଦକ୍ଷତା ଦେଖାଇଅଛନ୍ତି । ଅବଶ୍ୟ କୌଣସି କୌଣସି ବିଷୟରେ ଗ୍ରନ୍ଥକର୍ତ୍ତ୍ରୀଙ୍କ ମତ ଆମ୍ଭେମାନେ ଅନୁମୋଦନ କରିପାରୁ ନାହୁଁ । ନାରୀଜାତିର ଉଚ୍ଚଶିକ୍ଷା ସମ୍ବନ୍ଧରେ ଏକାଧିକସ୍ଥାନରେ ସେ ଅତି ବିରୁଦ୍ଧ ମତ ବ୍ୟକ୍ତ କରିଅଛନ୍ତି । ଉଚ୍ଚଶିକ୍ଷା-ପ୍ରାପ୍ତା ରମଣୀମାନଙ୍କ ସମ୍ବନ୍ଧରେ ତାଙ୍କର ଉକ୍ତି ଅତିରଞ୍ଜିତ । ମଙ୍ଗଳପୂଜା ପ୍ରଥା ଉପରେ ମଧ୍ୟ କଟୁ ଓ ଅଯଥା କଟାକ୍ଷପାତ କରିଅଛନ୍ତି । ବିବାହର ବୟସ ଓ ଅନ୍ୟାନ୍ୟ କେତେକ ସାମାନ୍ୟ ବିଷୟରେ ତାଙ୍କର ମତ ଟିକିଏ ସଙ୍କୀର୍ଣ୍ଣ ବୋଧ ହେଲା । ସେଗୁଡ଼ିକ କେତେ ଧର୍ତ୍ତବ୍ୟ ନୁହେଁ । ପୁସ୍ତକର ଭାଷା ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ହୋଇ ପାରି ନ ଥିଲେହେଁ ଅତି ସରଳ, ସରସ ଓ ମଧୁର ହୋଇ-ଅଛି । ସର୍ବାଂଶରେ ବିଚାର କରିବାକୁ ଗଲେ ପୁସ୍ତକଖଣ୍ଡି ଅତି ଉପାଦେୟ ହୋଇଅଛି । ଶିକ୍ଷିତ ଗୃହସ୍ଥ ଓ ଗୃହିଣୀ ମାତ୍ରକେ ସମସ୍ତଙ୍କୁ ଏ ପୁସ୍ତକ ଖଣ୍ଡି ପାଠ କରିବାକୁ ଅନୁରୋଧ କରୁଅଛୁଁ ।

୨ । ତ୍ରିଭାଷୀ, ପ୍ରଥମଭାଗ—ଶ୍ରୀ ରଙ୍ଗାଭଟ୍ଟ ଗୁନ୍ନସ୍ୱାମୀ ଶାସ୍ତ୍ରୀଙ୍କ ଦ୍ୱାରା ପ୍ରଣୀତ ଓ ପ୍ରକାଶିତ, ମୂଲ୍ୟ ୯ ୦।୵ ମାତ୍ର । ଇଂରାଜୀ କଥା ଓ ବାକ୍ୟ-ମାନଙ୍କର ଓଡ଼ିଆ ଓ ତେଲୁଗୁ ଉଭୟ ଭାଷାର ପ୍ରତିଶବ୍ଦ ଓ ପ୍ରତିବାକ୍ୟ ପୁସ୍ତକରେ ଦିଆ ଯାଇ-ଅଛି । ଆମ୍ଭେମାନେ ତେଲୁଗୁ ଜାଣୁ ନାହୁଁ, ସୁତରାଂ ତାହା କେତେଦୂର ବିଶୁଦ୍ଧ ହୋଇଅଛି କହି ନ ପାରୁଁ । ମାତ୍ର ଓଡ଼ିଆ ମଧ୍ୟରେ ପ୍ରଚୁର ଭ୍ରାନ୍ତି ଲକ୍ଷିତ ହେଲା । ଇଂରାଜୀର ଓଡ଼ିଆ ଉଚ୍ଚାରଣଗୁଡ଼ିକ କଦର୍ଯ୍ୟ ହୋଇଅଛି । ଶିକ୍ଷାର୍ଥୀଙ୍କ ହସ୍ତରେ ଏପ୍ରକାର ଭ୍ରମପୂର୍ଣ୍ଣ ପୁସ୍ତକ ଦେବା କୌଣସିପ୍ରକାରେ ବାଞ୍ଛନୀୟ ନୁହେଁ । ଆଶା କରୁଁ

ଶାସ୍ତ୍ରୀ ମହାଶୟ ଶୀଘ୍ର ଏ ପୁସ୍ତକର ଗୋଟିଏ ବିଶୁଦ୍ଧ ସଂସ୍କରଣ ବାହାର କରିବେ ଏବଂ ଅପରାପର ଭାଗ ସଙ୍କଳନ କଲାବେଳେ ସମୁଚିତ ସତର୍କତା ଅବଲମ୍ବନ କରିବେ ।

୩ । ନାଟକ-ରଚନା-ପ୍ରଣାଳୀ—ଖଣ୍ଡିଆଳର ଯୁବରାଜ ଶ୍ରୀ ବୀରବିକ୍ରମ ଦେବଙ୍କ ବିରଚିତ । ପୁସ୍ତକ ପାଠରୁ ସ୍ପଷ୍ଟ ଜଣାଗଲା, ଯୁବରାଜ ମହୋଦୟ ଭିନ୍ନ ଭିନ୍ନ ଭାଷାର—ବିଶେଷତଃ ସଂସ୍କୃତ ଭାଷାର ନାଟକସାହିତ୍ୟର ଆଲୋଚନାରେ ବିଶେଷ ଶ୍ରମ କରିଅଛନ୍ତି ଏବଂ ନାଟକ ରଚନା ସମ୍ବନ୍ଧରେ ପ୍ରୟୋଜନୀୟ ଓ ଜ୍ଞାତବ୍ୟ ବିଷୟଗୁଡ଼ିକ ପ୍ରଣାଳୀବଦ୍ଧ ଆକାରରେ ପ୍ରକାଶ କରିବାକୁ ସମର୍ଥ ହୋଇଅଛନ୍ତି । ନାଟକର ରଚନାଠାରୁ ଅଭିନୟ ବେଶଭୂଷାଦି ପର୍ଯ୍ୟନ୍ତ ସକଳ ବିଷୟରେ ଗ୍ରନ୍ଥକାର ଯେଉଁ ଅଭିମତ ବ୍ୟକ୍ତ କରିଅଛନ୍ତି, ସେଥିରୁ ତାଙ୍କର ସୂକ୍ଷ୍ମ ଦୃଷ୍ଟି ଓ ଚିନ୍ତାଶୀଳତାର ସୁସ୍ପଷ୍ଟ ପରିଚୟ ମିଳୁଅଛି । ପୁସ୍ତକଖଣ୍ଡିର ଭାଷା ବିଶୁଦ୍ଧ ଓ ସରଳ ହୋଇଥିଲେ ଅଧିକ ଉପାଦେୟ ହୋଇଥାନ୍ତା ।

୪ । ମୋହମୁଦ୍‌ଗର, ୫ । ଦୁର୍ଗୋତ୍ସବତରଙ୍ଗିଣୀ—ଉଭୟ ପୁସ୍ତିକା ସଂସ୍କୃତ ଭାଷାରେ ବାଲିଆ କେନ୍ଦ୍ରାର ସୁଯୁକ୍ତ ଗୌରହରି କୃଷ୍ଣଚନ୍ଦ୍ର ଦାସ ମହାପାତ୍ରଙ୍କ ବିରଚିତ । ଶେଷୋକ୍ତ ପୁସ୍ତିକାରେ ପ୍ରତ୍ୟେକ ଶ୍ଳୋକ ତଳେ ବଙ୍ଗାନୁବାଦ ପ୍ରଦତ୍ତ ହୋଇଅଛି । ରଚନା ସରଳ, ମଧୁର ଓ ଭାବପୂର୍ଣ୍ଣ । ଲେଖକ ମହୋଦୟ ଜଣେ ପ୍ରବୀଣ ଓ ସୁପଣ୍ଡିତ—ସ୍ୱୀୟ ମାତୃଭାଷା ଉତ୍ତରେ କାହିଁକି ପ୍ରତି ଥରେ ଦୃଷ୍ଟି ପକାଉ ନାହାନ୍ତି ?

୬ । ନାରିକେଳଗ୍ରନ୍ଥ—ଶ୍ରୀ ନୀଳମଣି ବିଦ୍ୟାରତ୍ନ କର୍ତ୍ତୃକ ସଙ୍କଳିତ; ମୂଲ୍ୟ ଦୁଇ ପଇସା । ଏଥିରେ ନାରିକେଳ ବୃକ୍ଷର ରୋପଣ ଓ ପାଳନାଦି ବିଷୟରେ କେତେଗୁଡ଼ିଏ ଉପଦେଶ ଅଛି । ନାରିକେଳ ବଗିଚାରେ ଯେଉଁମାନେ ଲାଭବାନ୍ ହେବାକୁ ଇଚ୍ଛା କରନ୍ତି, ସେମାନେ ଏହା ଥରେ ପାଠ କରି ଦେଖନ୍ତୁ ।

୭ । ଜାତୀୟ ଗୀତ—ଶ୍ରୀ ରାମକୃଷ୍ଣ ମିଶ୍ର ରଚିତ; ମୂଲ୍ୟ ତିନି ପଇସା । ଉତ୍କଳର ଅତୀତ ଗୌରବ ଓ ବର୍ତ୍ତମାନ ଦୁରବସ୍ଥାର ଗୋଟିଏ ଚିତ୍ର । ଲେଖକଙ୍କର ଦେଶାନୁରାଗର ପରିଚୟ ମିଳୁଅଛି । ସ୍ଥାନେ ସ୍ଥାନେ ସ୍ୱର ଟିକିଏ ଚଡ଼ା ହୋଇଅଛି ।

୮ । ଜାତୀୟ ଗୀତ—ଶ୍ରୀ ଶ୍ୟାମସୁନ୍ଦର ନନ୍ଦ କର୍ତ୍ତୃକ ରଚିତ; ମୂଲ୍ୟ ଦୁଇ ପଇସା । ଏହା ମଧ୍ୟ ଉପରୋକ୍ତ ପ୍ରକାର ଖଣ୍ଡିଏ ଚିତ୍ର । ରଚନା ଶୁଦ୍ଧ ଓ ସରଳ । କେତେକ ଅଂଶ ମର୍ମସ୍ପର୍ଶୀ ହୋଇଅଛି ।

୯ । କବିତାକଳିକା, ଦ୍ୱିତୀୟଭାଗ—ଶ୍ରୀ ଅପର୍ଣ୍ଣା ପଣ୍ଡାଙ୍କ କର୍ତ୍ତୃକ ରଚିତ । ଏଥିରେ ଭିନ୍ନ ଭିନ୍ନ ବିଷୟରେ ୨୩ ଗୋଟି ପଦ୍ୟ ଅଛି । ଲେଖକଙ୍କର ସାହିତ୍ୟ ଚର୍ଚ୍ଚାରେ ଖୁବ୍ ଆଗ୍ରହ । ତାଙ୍କର ଭାଷାରେ ଦୋଷ ପ୍ରାୟ ନାହିଁ କହିଲେ ଚଳେ ।

୧୦ । କୁସୁମାଞ୍ଜଳି—ଶ୍ରୀ ମଧୁସୂଦନ ରାଓଙ୍କ କର୍ତ୍ତୃକ ରଚିତ; ମୂଲ୍ୟ ଚାରି ଅଣା । ଭିନ୍ନ ଭିନ୍ନ ସମୟରେ ଲିଖିତ ଓ ନାନା ପତ୍ରିକାରେ ପ୍ରକାଶିତ ୧୧ ଗୋଟି କବିତା ସଂଗୃହୀତ ହୋଇ ପୁସ୍ତକାକାରରେ ପ୍ରକାଶିତ ହୋଇଅଛି । ଏଥି ମଧ୍ୟରୁ 'ଋଷିପ୍ରାଣେ ଦେବାବତରଣ' ଓ 'ନବଯୁଗର ଅଭିଷେକ' ଉଭୟ ଭାଷାରେ ଅମୂଲ୍ୟ ରତ୍ନ—କବିଙ୍କ ପ୍ରାଣର ଦୃଷ୍ଟି ଉଭୟ ସ୍ଥଳରେ ଦେଶ କାଳର ସୀମା ଲଙ୍ଘନ କରିଅଛି—ଦିବ୍ୟ ଜ୍ୟୋତିର୍ମୟ ଦୃଶ୍ୟପଟ ସମ୍ମୁଖରେ ଖୋଲି ଯାଇଅଛି । ସୁତରାଂ ପ୍ରାଣର ଭାଷାରେ ସେ ଚିତ୍ର ଅଙ୍କନ କରିଅଛନ୍ତି ।

୧୧ । ଉତ୍କଳଗାଥା—ଶ୍ରୀ ମଧୁସୂଦନ ରାଓଙ୍କ ପ୍ରଣୀତ; ମୂଲ୍ୟ ଚାରି ପଇସା । ଉତ୍କଳର ଗୌରବ-ଗୀତି ଅନେକ ଶୁଣା ଗଲାଣି—'ଜାଗ ଜାଗ' ଶବ୍ଦରେ କର୍ଣ୍ଣ ବଧିର ହୋଇଗଲାଣି । ଆଉ ଶୁଣିବାକୁ ଅଭିରୁଚି ହେଉ ନାହିଁ । ଶୁଦ୍ଧ ଆଡ଼ମ୍ବରପୂର୍ଣ୍ଣ କ୍ଷୁଦ୍ର ସଙ୍କୀର୍ଣ୍ଣ ଭାବ ଦେଖି ପ୍ରାଣର ଆଶା ଭରସା ହତ ଯାଉଅଛି । ଭକ୍ତିଭାଜନ ରାଓ କବିଙ୍କ 'ଉତ୍କଳଜନନୀ ପ୍ରତି' ଓ 'ନବସମ୍ବାଦ' କବିତା-ଦ୍ୱୟରେ ସୁଉଚ୍ଚ ଆଦର୍ଶର ଆଭାସ ପାଇ ଆମ୍ଭେମାନେ କିଞ୍ଚିତ୍ ଆଶ୍ୱସ୍ତ ହୋଇଥିଲୁଁ । ମାତ୍ର ତାହା ଯଥାର୍ଥରୂପେ ପଢ଼ିବେ କେତେ ଜଣ ? ପୁସ୍ତିକାର ଅନ୍ତର୍ଗତ ଅନ୍ୟ କବିତା କେତୋଟିରେ ରାଓ କବିଙ୍କ ବିଶେଷତ୍ୱ କିଛି ନାହିଁ କହିଲେ ଚଳେ ।

ଶୋକସମ୍ବାଦ ।

ଆଜି କି ନିଦାରୁଣ ସମ୍ବାଦ ଦେବାକୁ ପଡ଼ିଲା ! ଉତ୍କଳର ସମୁଜ୍ଜ୍ୱଳ ରତ୍ନଟିଏ ଦେଖୁଁ ଦେଖୁଁ ଅନ୍ତର୍ହିତ ହୋଇଗଲା ! ଲେଖିବାବେଳକୁ ହୃଦୟ ବିଦୀର୍ଣ୍ଣ ହୋଇ ଯାଉଅଛି, ଲେଖନୀ ସ୍ତମ୍ଭିତ ହେଉଅଛି, ପାରଳାର ରାଜକୁମାର ପଦ୍ମନାଭନାରାୟଣ ଦେବ ଆଉ ଏ ସଂସାରରେ ନାହାନ୍ତି ! ଗତ ୪ ଶ୍ରାବଣ ଗୁରୁବାର ପ୍ରାତଃକାଳରେ ଉତ୍କଳର ମାତୃମମତା ଛାଡ଼ି ପରିବାର ପରିଜନଙ୍କୁ, ନିକଟସ୍ଥ ଓ ଦୂରସ୍ଥ ବନ୍ଧୁ-ସମ୍ପଦ ବନ୍ଧୁବାନ୍ଧବଙ୍କୁ ଶୋକସାଗରରେ ଭସାଇ ଅମରଧାମକୁ ଚାଲିଗଲେ । ପଦ୍ମନାଭ ପାରଳା ରାଜଗୃହରେ ଜନ୍ମିଥିଲେ ସତ୍ୟ, କିନ୍ତୁ ସେ ଯଥାର୍ଥରେ ଉତ୍କଳମାତାର ସନ୍ତାନ ଥିଲେ— ତାଙ୍କର ହୃଦୟ କୋଟିସଂଖ୍ୟକ ଉତ୍କଳସନ୍ତାନଙ୍କ ସଙ୍ଗରେ ନିତ୍ୟ ବାସ କରୁଥିଲା—ମାତୃଭୂମିର ସୁଖ ଦୁଃଖକୁ ସେ ନିଜର ସୁଖ ଦୁଃଖ ଅପେକ୍ଷା ଅଧିକପରିମାଣରେ ଅନୁଭବ କରୁଥିଲେ । ହା, ଦୁର୍ଭାଗ୍ୟ ଉତ୍କଳ ! ତୁ ଆଜି କି ଅମୂଲ୍ୟ ମଣି ହରାଇଲୁ ! ତୋ ପାଇଁ ଏପରି କାତରରେ ଅଶ୍ରୁପାତ ଆଉ କିଏ କରିବ ? ତୋର ଅଗଣ୍ୟ ଦୀନ ଦୁଃଖୀ ସନ୍ତାନଙ୍କୁ ଏପରି ହୃଦୟର ନିଭୃତ ସ୍ଥଳରେ କିଏ ସ୍ଥାନ ଦେବ ? କିଏ ଦିବାନିଶି ସେମାନଙ୍କ ଚିନ୍ତାରେ ମଗ୍ନ ରହିବ ? କର୍ମବୀର ସୁରଳ ଦେବଙ୍କ ଶୋକାଗ୍ନି ନିର୍ବାପିତ ନ ହେଉଣୁ ଆଜି ତୋର ପରମ ଆଦରର ଧନ ପଦ୍ମନାଭ ତୋର କୋଳ ଶୂନ୍ୟ କରି ଚାଲିଗଲେ ! ଯଥାର୍ଥରେ ପଦ୍ମନାଭଙ୍କୁ ଯେଉଁମାନେ ସାକ୍ଷାତ୍-ଭାବରେ ଜାଣି ନାହାନ୍ତି, ସେମାନେ ବୁଝିପାରିବେ ନାହିଁ, ଆଜି ଉତ୍କଳରୁ କି ରତ୍ନ ଅନ୍ତର୍ହିତ ହୋଇଗଲା । ପଦ୍ମନାଭ କିପରି ଦେବୋପମ ଗୁଣ-ରାଶିରେ ବିଭୂଷିତ ଥିଲେ, ତାହା ଦେଖାଇବାର ସାମର୍ଥ୍ୟ ଆଜି ଆମମାନଙ୍କର ନାହିଁ । ତାଙ୍କ କଥା ଯେତେ ଭାବୁଅଛୁଁ, ସେତେ ହୃଦୟ ପୂର୍ଣ୍ଣ ହୋଇ ଯାଉଅଛି, ପ୍ରବଳ ଶୋକାଗ୍ନି ପ୍ରାଣକୁ ଗ୍ରାସ କରି ପକାଉଅଛି । ସେ ପ୍ରଶାନ୍ତ ସୌମ୍ୟ ମୂର୍ତ୍ତି, ସେ ମଧୁର ହାସ୍ୟପୂର୍ଣ୍ଣ ସମ୍ଭାଷଣ, ସେ ସୌଜନ୍ୟ ଓ ଜନପ୍ରିୟ ବ୍ୟବହାର, ସେ ବନ୍ଧୁବତ୍ସଳତା, ସେ ଅମାୟିକତା, ସେ ଗୁଣଗ୍ରାହିତା ଓ ହୃଦୟବତ୍ତା, ସ୍ୱଦେଶର ଓ ସ୍ୱଜାତିର ହିତକାମନାରେ ସେ ଆତ୍ମବିସ୍ମୃତି, ଜ୍ଞାନାନୁଶୀଳନରେ ସେ ତନ୍ମୟତା, ସାହିତ୍ୟସେବାରେ ସେ ଐକାନ୍ତିକ ଅନୁରାଗ ଓ ନିଷ୍ଠା, ଧର୍ମ ବିଷୟରେ ସେ ଉଦାରତା, ରାଜନୈତିକ ବ୍ୟାପାରରେ ସେ ନିର୍ଭୀକତା, ସେ ପରଦୁଃଖ-କାତରତା ଓ ଦୀନଦୁଃଖୀର ଅଶ୍ରୁବିମୋଚନରେ ମୁକ୍ତହସ୍ତତା ଏକାଧାରରେ ଆଉ କେଉଁଠି ଦେଖିବୁଁ ? ପଦ୍ମନାଭଙ୍କ ଅଭାବରେ ପାରଳାର ଦଶା ଆଜି କଣ ହେଲା, ତାହା କଣ ଲେଖିବୁଁ ? ପାରଳାର ଜ୍ଞାନପିପାସୁ ଯୁବକଦଳ ଆଜି କର୍ଣ୍ଣଧାରବିହୀନ ହୋଇ ପଡ଼ିଲେ । ସେପରି କୌଶଳରେ ଆଉ ସେମାନଙ୍କୁ କିଏ ଚଳାଇ ନେବ ? ସ୍ୱଜନ ଅଭିଭାବକଶୂନ୍ୟ ହେଲେ । କିଏ ଆଉ ସେମାନଙ୍କ ଗୁହାରି ଶୁଣିବାକୁ ସେପରି କର୍ଣ୍ଣ ଡେରିବ ? ଉତ୍କଳର ବହୁ ସାହିତ୍ୟସେବକ ଆଜି ଜଣେ ପ୍ରକୃତ ପୃଷ୍ଠପୋଷକ ଓ ଉତ୍ସାହଦାତା ହରାଇଲେ ! ବ୍ୟକ୍ତିଗତଭାବରେ ଆମ୍ଭେମାନେ ପଦ୍ମନାଭଙ୍କ ନିକଟରେ କି ପରିମାଣରେ ଋଣୀ, ତାହା ଆଜି କଣ କହିବୁଁ ? ସେ ସ୍ନେହମମତା ଆଉ କିଏ ଦେଖାଇବ ? ସେ ଉତ୍ସାହବାଣୀ କିଏ ଶୁଣାଇବ ? ଆଜି ଆଉ ଶୋକାକୁଳ ଚିତ୍ତରେ ତାଙ୍କର ଜୀବନକାହାଣୀ କଣ ଶୁଣାଇବୁଁ ? ବିଧାତାଙ୍କ ଇଚ୍ଛା ତାଙ୍କ ଜୀବନରେ ପୂର୍ଣ୍ଣ ହେଲା । ସେହି ବିଧାତାଙ୍କ କରୁଣାରେ ତାଙ୍କ ଜୀବନର ସାଧୁ ଦୃଷ୍ଟାନ୍ତ ଦୀନ ଉତ୍କଳରେ ପ୍ରତିଷ୍ଠିତ ହେଉ, ତାଙ୍କ ଅମର ଆତ୍ମା ଅମରଧାମରେ ସ୍ୱର୍ଗୀୟ ଆନନ୍ଦ ଓ ଶାନ୍ତି ସମ୍ଭୋଗ କରୁ ।

ଶ୍ରୀ ମଧୁସୂଦନ ପ୍ରଣୀତ ଉପଯୁକ୍ତ ପୁସ୍ତକ ।

[illegible]—ମୂଲ୍ୟ ୮ ୦ । ଏହି ପୁସ୍ତକର 'ପିତି ପ୍ରାଣେ' ପ୍ରଭୃତି କେତୋଟି କବିତା ଶ୍ରୀ ଗୋପୀନାଥ ମହାନ୍ତି ପ୍ରଭୃତି ଉପଯୁକ୍ତ ସଙ୍ଗୀତଜ୍ଞ ଦ୍ୱାରା ସ୍ୱର ସଂଯୋଜିତ ହୋଇଛି ।

"ନିକୁଳ ଗାଥା"—ମୂଲ୍ୟ ୮ ୦ / ହେଉ ରଘୁନାଥ ପ୍ରଭୃତି ବର୍ଣ୍ଣିତ ବହୁତ ଗୀତ ପ୍ରଣ

"ବସନ୍ତ ଗାଥା"—ମୂଲ୍ୟ ୮ ୦ / ହେଉ ବସନ୍ତ ପ୍ରତିଭାତ ବର୍ଣ୍ଣିତ ପ୍ରଶଂସିତ ।

"ସଙ୍ଗୀତମାଳା"—ମୂଲ୍ୟ ୮ ୦ । ଏଥିରେ ବହୁପ୍ରଶଂସିତ ଏକଶତ ଭକ୍ତିରସର ସଙ୍ଗୀତ ଅଛି ।

"ଅଙ୍କପ୍ରଶ୍ନ ସମାଧାନ"—ମୂଲ୍ୟ ୮ ୦ । ଅଙ୍କ ପୁସ୍ତକରେ ଥିବା କଠିନ ପ୍ରଶ୍ନମାନ ଏଥିରେ କଷା ଯାଇଅଛି ।

☞ ଏହି ୫ ଖଣ୍ଡ ପୁସ୍ତକର ମୂଲ୍ୟ ମୋଟରେ ୮ ।୫ କିନ୍ତୁ ଏ ପାଞ୍ଚ ଖଣ୍ଡ ଗୋଟାଏ ନେଲେ ୮୦ ୩/ ମୂଲ୍ୟରେ ଦିଆଯିବ । ମଫସଲବାସୀମାନଙ୍କୁ ଡାକମାଶୁଲ ୮ ୦ / ଅଧିକା ଦେବାକୁ

ଶ୍ରୀ ପ୍ରଶାନ୍ତ ଘୋଷ

[illegible] ମୂଳ, କଟକ ।

ଅଯୁର୍ବେଦୀୟ ଔଷଧାଳୟ ।

କେବଳ ଶ୍ରୀ ଶାରଦାପ୍ରସାଦ କବିରତ୍ନ —ବାଲୁବଜାର, କଟକ ।

ଏହି ସ୍ଥାନରେ ସୁଲଭ ମୂଲ୍ୟରେ ବିଶୁଦ୍ଧ ମକରଧ୍ୱଜ, ସବୁ ପ୍ରକାର ତୈଳ, [illegible], ବଟିକା ଓ ଦେଶୀୟ ପାଚନ, ସୁନା, ରୂପା, ଲୌହ, ଅଭ୍ର, [illegible], ବଙ୍ଗ ଭସ୍ମ ବିକ୍ରୟାର୍ଥ [illegible] ଥାଏ । ଦୁଃସାଧ୍ୟ ଓ କଠିନ ରୋଗଗ୍ରସ୍ତ ବ୍ୟକ୍ତିମାନଙ୍କର [illegible] ବ୍ୟବସ୍ଥା ବିନା ପଇସାରେ ଔଷଧ ଦିଆଯାଏ । [illegible] ଡାକ ଟିକଟ ପଠାଇଲେ [illegible] ଔଷଧ ତାଲିକା-ପୁସ୍ତକ ପ୍ରେରିତ ହୁଏ ।

କବିରାଜ

ଶ୍ରୀ ଭରତ ଚନ୍ଦ୍ର କବିରତ୍ନଙ୍କର

ଅଧ୍ୟକ୍ଷତା

ଆୟୁର୍ବେଦୀୟ-ଔଷଧାଳୟ, ଚୌଧୁରୀବଜାର

କଟକ ।

ପ୍ରଦରାନ୍ତ ବଟିକା ।

(ସ୍ତ୍ରୀ ରୋଗର ଅବ୍ୟର୍ଥ ମହୌଷଧ)

ଶ୍ୱେତ, ରକ୍ତ ଓ ରକ୍ତ ପ୍ରଦର ପ୍ରଭୃତି [illegible] ପ୍ରଦରାନ୍ତ ବଟିକା ଅବ୍ୟର୍ଥ ମହୌଷଧ । [illegible] ଅଦ୍ଭୁତ, ସ୍ତ୍ରୀମାନଙ୍କର ସ୍ୱାସ୍ଥ୍ୟ ଓ [illegible] ଏପରି ଉତ୍ତମ ଔଷଧ ଅଛି [illegible] ଅଛି [illegible] ନାହିଁ । ମୂଲ୍ୟ ପ୍ରତି [illegible] ମାନ ।

ଚ୍ୟବନପ୍ରାଶ ।

ସର୍ବଜନ-ବିଦିତ ପରମ ରସାୟନ ଏହି [illegible] । ଏ କେବଳ କାଶ ଶ୍ୱାସପ୍ରଭୃତି ରୋଗ [illegible] ଦୁର୍ବଳ [illegible] ଚ୍ୟବନପ୍ରାଶ ପରି ପୁଷ୍ଟିକର [illegible] ଏପର୍ଯ୍ୟନ୍ତ ପୃଥିବୀରେ ଆବିଷ୍କୃତ ହୋଇ ନାହିଁ । ମୂଲ୍ୟ [illegible] ଭାଗ [illegible] ୮ ୨ ୧ ଡାକମାଶୁଲ ସ୍ୱତନ୍ତ୍ର ।

ପ୍ରମେହାନ୍ତ ବଟିକା ।

[illegible] ମହୌଷଧ; ଏହା ସେବନ କରିବାରୁ ପ୍ରକାର ପ୍ରମେହ ଓ [illegible] ଶୁକ୍ରତାରଲ୍ୟ, [illegible] ପ୍ରସ୍ରାବ [illegible] ଜ୍ୱାଳା, [illegible] ବେଦନା, [illegible] ଯନ୍ତ୍ରଣା, [illegible] [illegible] ଓ ବହୁମୂତ୍ର ଅବ୍ୟର୍ଥ ଔଷଧ । [illegible] [illegible] [illegible] [illegible] ଔଷଧ ସେବନ କରିବା ଉଚିତ ।

୩୦ ବଟିକାର ମୂଲ୍ୟ ୮ ୧ ୧



ଉପ ... ନ ଶୋଭନା ।

ନୀଳ ନଳ... ସୁଗନ୍ଧରେ ...
ପ୍ରଫୁଲ୍ଲ ... ଉପାଦାନ ।
... ଅର୍ଥ ... ...
... ଉପ ... ଶୋଭନା ...
... ।

... ପରିମାଣରେ ... ବ୍ୟବହାର କଲେ ମୁଖରେ ସୁଗନ୍ଧି ... ଥାଏ । ... ସ୍ୱାଦରେ ପ୍ରାଣ ମୋହିତ ... ଥାଏ ... ଉଲ୍ଲାସରେ ... ହୋଇଯାଏ, ... ଇଚ୍ଛା ପୁନରପି ... ହୋଇ ... । ଏହି ଉପାଦେୟ ... ଓ ... ଶୁଦ୍ଧ ... ଏଥର ... ଅବଶ୍ୟ ଶ୍ରମ ସଫଳ ବୋଧ କରିବେ ।

ମୂଲ୍ୟ ... ଅଣା । ଡଜନ ୬ ଟଙ୍କା ।

... ଅଣା ମାସୁଲରେ ପଠାଯାଏ ।

ଭିକ୍ଟୋରିୟା ଦନ୍ତ-ମଞ୍ଜନ ।

ଆବଶ୍ୟକ ଦନ୍ତରୋଗର ଏକମାତ୍ର ଅମୋଘ ମହୌଷଧ ।

କେବଳ ଦେଶୀୟ ... ... ଦନ୍ତରୋଗର ଏକ ଅବ୍ୟର୍ଥ ଔଷଧ ... ହୋଇଅଛି । ଏହି ... ଦନ୍ତ ମାର୍ଜନ କଲେ ଦାନ୍ତମୂଳ ... ହେବାର ଆଶଙ୍କା ନ ଥାଏ । ... ଦାନ୍ତମୂଳରୁ ରକ୍ତ ଓ ପୂଜ ... ରୋଗର ଅବ୍ୟର୍ଥ ମହୌଷଧ ... ... ଗୋଲାପୀ ବର୍ଣ୍ଣରେ ... ... ଗନ୍ଧରେ ଆମୋଦିତ ହୁଏ ।

ଏକ ମାସର ଉପଯୋଗୀ ... ଡିବାର ମୂଲ୍ୟ ... ଅଣା, ଡଜନ ଟ ୬, ମାସୁଲ ... ଡିବାର ଡାକମାସୁଲ ... ଅଣା । ... କେ ଡିବାରୁ କମ୍ ପଠାଯାଏ ନାହିଁ ।

ପ୍ରସ୍ତୁତକର୍ତ୍ତା:— ... କେମିଷ୍ଟ, ... ଓ ... ମେଡ଼ାଲ୍ । ବ୍ରାଞ୍ଚ ଅଫିସ ଓ କାରଖାନା— ... ... ଷ୍ଟ୍ରିଟ୍, କଲିକତା ।

ଉତ୍କଳ-ସାହିତ୍ୟ ।

ଓଡ଼ିଆ ଛନ୍ଦ । (୬)

—※—

(୧୭)

ଖଣ୍ଡକାମୋଦୀ ।

ଘନ ବହଳ ଅଟେ ଗଗନର ଅନୁରାଗେ
ଗାନ୍ଧ କରୁଛି ପଢ଼ ଯେ ।
ବିଚ୍ଛେଦ ହେଲା ବନ୍ଧୁ କ ଦଣ୍ଡ ପ୍ରଳୟନ୍ତୁ
ଦେଲାଣି ଦଳ ଘଡ଼ି ଯେ ।
ପ୍ରାଣବନ୍ଧୁ, କେମନ୍ତେ ବଞ୍ଚିଅଛୁରେ ।
ସ୍ୱପନେ ଦୁଃଖ ଦେଖି ନାହିଁ ଅଜନ୍ମସୁଖୀ
ମୋ ଲାଗି ଦୁଃଖୀ ହେଲୁ ହେ ।
—ଲାବଣ୍ୟବତୀ

ପଦବିନ୍ୟାସ ଓ ଯତିପାତ ଦେଖିଲେ, ଏହା 'କାମୋଦୀ'ର ରୂପାନ୍ତର ପରି ଅନୁମାନ ହୁଏ । କାମୋଦୀର ପ୍ରଥମ ତୃତୀୟ ଚରଣ ଓ ପଞ୍ଚମ ଚରଣର ଶେଷରେ ନ ଭ ଅକ୍ଷର ଦେଖାଯାଏ; ଏଥିରେ ସାତ ସାତ ଅକ୍ଷର ବ୍ୟବହୃତ ହୋଇଅଛି । କାମୋଦୀର ଚତୁର୍ଥ ଓ ପଞ୍ଚମ ଚରଣ ସ୍ଥାନରେ ଏଥିରେ ସପ୍ତାକ୍ଷରର ଗୋଟିଏ ଚରଣ ମାତ୍ର ଦେଖାଯାଏ ।

(୧୮)

ବଙ୍ଗଳାଶ୍ରୀ ।

ଦିନେକ ଦିନେଶ ଦଶଦଣ୍ଡ ଭୋଗ
ମଣ୍ଡପେ ବସିଛୁ କୁମର ।
ସଚିବନନ୍ଦନ ପ୍ରବେଶ ହୋଇଲା
ପଢ଼ନ୍ତା ଶାସ୍ତ୍ରୀ ଅଛୁ ଶିର ।
କହିଲା, ପୁରେ ଯାତ୍ରା ହେବ ଜଣାଇଲା ।
ଶିବ ଉତ୍ସବ ଦେଖିବାକୁ ତୁମ୍ଭଙ୍କୁ
ଡାକ ଏଣମତ ହୋଇଲା ।
—ଲାବଣ୍ୟବତୀ

ଏହା ସଂସ୍କୃତ ଗୁଣ୍ଡକିରୀ ରାଗର ଅନୁକରଣ, ଯଥା
ନିଭୃତନିକୁଞ୍ଜଗୃହଂ ଗତୟା ନିଶି
ରହସି ନିଲୀୟ ବସନ୍ତଂ
ଚକିତବିଲୋକିତସକଳଦିଶା
ରତିରଭସଭରେଣ ହସନ୍ତଂ ।
ସଖି ହେ କେଶିମଥନମୁଦାରଂ ।
ରମୟ ମୟା ସହ ମଦନମନୋରଥ
ଭାବିତୟା ସବିକାରଂ ।
—ଗୀତଗୋବିନ୍ଦ ଦ୍ୱିତୀୟ ସର୍ଗ

ଓଡ଼ିଆ ବସନ୍ତ, କେଦାର, ଗୁଣ୍ଡିକରୀ, ଅହାରୀ, ବସନ୍ତବରାଡ଼ି, ଅଦମ୍ଭକ୍ଷୀରବାଣୀ ମଧ୍ୟ ଏଥିରୁ ଅଭିନ୍ନ ପରି ବୋଧହୁଏ ।

(୧୯)

କୌଶିକ ।

ଚେତ ଗାତ୍ରର ଗାହିଁଲା ନଶିନାଶେ
ପାଶେ ନାହିଁ ଦବ୍ୟ ତରୁଣ ।
ହୃଦେ ହାତ ମାରି ନାଥ ନାଥ ବୋଲି
ଅତି ହୁଏ ଦୀନ କାରୁଣ ।
ଖୋଜେ ଅଧୀରେ ।
ଚେତନା ହତ ସେ ହୃଦରେ ।
ଶେଜ ଲେଉଟାଇ ବିବଶି ଫିଟାଇ
ଚଉ ଭଙ୍ଗ କୁଚସନ୍ଧିରେ ।

ଏହା ସଂସ୍କୃତ ବସନ୍ତ ରାଗରୁ ଜାତ, ଯଥା—
ଲଳିତଲବଙ୍ଗଲତାପରିଶୀଳନକୋମଳ-
ମଳୟସମୀରେ ।
ମଧୁକରନିକରକରମ୍ବିତକୋକିଳ-
କୂଜିତକୁଞ୍ଜକୁଟୀରେ ।

ବିହରତି ହରିରିହ ସରସବସନ୍ତେ ।
ନୃତ୍ୟତି ଯୁବତିଜନେନ ସମଂ ସଖି
ବିରହିଜନସ୍ୟ ଦୁରନ୍ତେ ।
—ଗୀତଗୋବିନ୍ଦ ପ୍ରଥମ ସର୍ଗ ।

(୩୦)

ବସନ୍ତ ।

ଗୁଞ୍ଜେ ଷଟ୍‌ପଦେ ପାରିଜାତ ଅଙ୍ଗରେ
ଚଞ୍ଚୁ ବସାଇ ବସି ପଲ୍ଲବ ପରେ ।
ଥିବେକ ସ୍ତୋକ ପ୍ରବେଶ କରି ଯାଉ ସେ
ଗାନବଶ ଭଗ୍ନ କରେଣି ନେତ୍ରରେ ସେ ॥
ମନୋହର । ଏକେ ବସନ୍ତ ଯାମିନୀ ଜାଣି ।
ସନ୍ଦର୍ଭ ଦର୍ଶି ପ୍ରବାସୀ ଶୋକ ଗୁଣକୁ ପ୍ରଶଂସି
ରଙ୍ଗେ ଭିଁ ବତଳକୁ ଭାଷେ ସେ ॥
—ଲାବଣ୍ୟବତୀ

ଏହା ସଂସ୍କୃତ ଦେଶୀବସନ୍ତର ଅନୁରୂପ, ଯଥା:—
ବଦସି ଯଦି କିଞ୍ଚିଦପି ଦନ୍ତରୁଚିକୌମୁଦୀ
ହରତି ଦରତିମିରମତିଘୋରଂ ।
ସ୍ଫୁରଦଧରସୀଧବେ ତବ ବଦନଚନ୍ଦ୍ରମା
ରୋଚୟତୁ ଲୋଚନଚକୋରଂ ॥
ପ୍ରିୟେ ଚାରୁଶୀଳେ ମୁଞ୍ଚ ମୟି ମାନମନିଦାନଂ ।
ସପଦି ମଦନାନଳୋ ଦହତି ମମ ମାନସଂ
ଦେହି ମୁଖକମଳମଧୁପାନଂ ।
—ଗୀତଗୋବିନ୍ଦ ଦଶମ ସର୍ଗ ।

ସଂସ୍କୃତ ଛନ୍ଦରେ ଗୀତ ଚରଣ ମାତ୍ର ଦେଖାଯାଏ କିନ୍ତୁ ଲୟଯୋଗରେ ଅର୍ଥାତ୍ "ପ୍ରିୟେ ଚାରୁଶୀଳେ" ଠାରେ ଭାଙ୍ଗି ଦେଲେ, ଉକ୍ତ ଚରଣ ସମୂହରେ ଦୁଇଗୋଟି ଚରଣ ହୋଇ ପାରେ । "ପ୍ରିୟେ ଚାରୁଶୀଳେ" ଛ ଅକ୍ଷର ହେଲେ ହେଁ ପ୍ରଥମ ଦୁଇ ଅକ୍ଷର (ପ୍ରିୟେ) ଓଡ଼ିଆ ଛନ୍ଦର ଶେଷରେ ଥିବା "ସେ" ର ସମାନ । ଯାହା ହେଉ ସ୍ୱରବଳ ଥିଲେ, ଦୁଇ ଗୀତ ଅକ୍ଷର ଅଧିକ ବା ଊଣା ହେଲେ ତହିଁ ଗାନରେ କୌଣସି ବାଧା ହୁଏ ନାହିଁ ।

(୩୧)

ମେଘବାଠଲ ।

ଏମନ୍ତେ ଶୁଣ ରସିକମଣି ।
ଦହେ ଚନ୍ଦ୍ର କଲେ ସଦାଶୀତଳ ।
ଅଗ୍ନି ଶଳିଳା ସେ ମଳୟାନିଳ ।
ନାହିଁ ବୋଲିବ କି ଥିବ ସଂସାର ସେ ।
ଦୃଷ୍ଟି ଭ ଶୋଭା ବପୁ ସେ ।
ଅମ୍ଭ ନେତ୍ରଙ୍କୁ ହରି ବଚନ୍ତୁ
ପଦ୍ମିନୀ ଲଭିବା ବେଶେ ସେ ॥
—ଲାବଣ୍ୟବତୀ ।

ଏହା ସଂସ୍କୃତ କର୍ଣ୍ଣାଟ ରାଗର ଅନୁକରଣ, ଯଥା—
ନିନ୍ଦତି ଚନ୍ଦନମିନ୍ଦୁକିରଣମନୁବିନ୍ଦତି
ଖେଦମଧୀରଂ ।
ବ୍ୟାଳନିଳୟମିଳନେନ ଗରଳମିବ କଳୟତି
ମଳୟସମୀରଂ ॥
ସା ବିରହେ ତବ ଦୀନା ।
ମାଧବ ମନସିଜବିଶିଖଭୟାଦିବ ଭାବନୟା
ତ୍ୱୟି ଲୀନା ॥
—ଗୀତଗୋବିନ୍ଦ ଚତୁର୍ଥ ସର୍ଗ ।

ଓଡ଼ିଆର ପ୍ରଥମ ଗୀତ ଚରଣ ଏଗାର ଏଗାର ଅକ୍ଷର ସଂସ୍କୃତର ପ୍ରଥମ ଚରଣରେ ୨୧ ଓ ଦ୍ୱିତୀୟ ଚରଣରେ ୨୪ ଅକ୍ଷର ଦେଖାଯାଏ । ତଥାପି ଓଡ଼ିଆର ପ୍ରଥମ ଗୀତ ଚରଣ ଗୋଟିକ ପରି ସଂସ୍କୃତର ପ୍ରଥମ ଦୁଇ ଚରଣ ଗାଇଲେ ନିର୍ବିଘ୍ନରେ ଚାଲିଯିବ ।

(୩୨)

ପୂରବୀ ବା ବାରାଢ଼ି ।

ତହିଁରୁ ଉଦ୍ଧବ ଦେବେ ମାଧବ
ଉତ୍ତରନ୍ତି ନାହିଁ କାହିଁ ।
ବୋଲେ ଶଙ୍ଖପାଣି ଚକ୍ରନ୍ତି କହିଣ
ଏ ରୂପେ ପୀତବାସ ସେ ।
କହିଁ ଭ୍ରମନ୍ତି କରିବେ ଅନ୍ତ ।
କାହିଁ ପାଇଁ କରୁଛ ମାନ ସେ ।
—ଦମଚକ୍ରୋଳ ।

ଏହା ସଂସ୍କୃତ ଗୀତଗୋବିନ୍ଦ ଗୀତର ଅନୁକରଣ, ଯଥା:—

କୁରୁ ଯଦୁନନ୍ଦନ ଶିଶିରତରେଣ
କରେଣ ପୟୋଧରେ ।
ମୃଗମଦପତ୍ରକମତ୍ର ମନୋଭବମଙ୍ଗଳ-
କଳଶସହୋଦରେ ॥
ନିଜଗାଦ ସା ଯଦୁନନ୍ଦନେ
କ୍ରୀଡ଼ତି ହୃଦୟାନନ୍ଦନେ ॥
—ଗୀତଗୋବିନ୍ଦ ଦ୍ୱାଦଶ ସର୍ଗ ।

(୩୩)

ଭାଟିଅଙ୍ଗ ପଡ଼ତାଳ ।

ଶ୍ରୀହରି ମୁଖରୁ ଶୁଣି ବଂଶପାଣି କୋଟ୍ୟ
ଜଳଦ ବଚନ ।
ତହୁଁ ମୁଁ ବାହାକୁ ଉଣେ ଚିଣି ନାହିଁ ଏ
ସପ୍ତଦଶ ଭୁବନ ।
ଏବେ କର ତୁ ମୋର ନୂବି ।
ଉତ୍ତମ ଯୋଗରୁ ଅବଧି ।
ଶମ ଅଶମ ନଜରେ ଚଳୁଥିବୁ ଦେଖି
ଲୋଭଚନ୍ଦ୍ରେ ବଧି ।
—ବଶିରମାଦୃଣ ।

ଏହା ଉପଗେନ୍ଦ୍ର ପ୍ରକୀଳ୍ପୁ ଜାତ । ଶେଷରେ ବଂଶସ୍ଥବିଲର ଗୋଟିଏ ଚରଣ ମାତ୍ର ଅଧିକ ଦେଖାଯାଏ । ପ୍ରଥମ ଦୁଇ ଚରଣ ଇନ୍ଦ୍ରବଂଶ ହୋଇ, ତୃତୀୟ ଓ ଚତୁର୍ଥ ଚରଣ ଦଶ ଦଶ ଥିଲେ, ୨୦ ଅକ୍ଷରର ଚରଣ ମିଶାଇ ଗାଇବା ନିତାନ୍ତ ସହଜ ।

(୩୪)

କ୍ରୋଡ଼ାମୋଦା ।

ସେନ ହେ ସୁଜନ ମାନସମଞ୍ଜନ
ରସିକରଞ୍ଜନ ଗାନ ।
ସ୍ତବକ ପ୍ରସଙ୍ଗ ମଦେ ହୋଇ ସଙ୍ଗ
ସଙ୍ଗେ ଯୋଗଭଙ୍ଗୀ ମୃଦୁ ।
ମାରମାରଣ ବଶେ ।
ଶିବ ଶିବ ଅବଗଣି ଯୋଗେଶ ।
—କୃଦଶ୍ୱ ଚନ୍ଦ୍ରାମଣି ।

ଏହା ଉପେନ୍ଦ୍ରବଜ୍ରା (୩୩) ପୁରୁଷ ଛନ୍ଦର ରୂପାନ୍ତର । ପ୍ରଭେଦ ଏତେ:—ପୁରୁଷର ତୃତୀୟ ଚରଣ ଦଶ ଅକ୍ଷର; ଏଥିର ତୃତୀୟ ଚରଣ ବାର ଅକ୍ଷର ।

(୩୫)

ସବୁଜା ।

ମଙ୍ଗଳ ଅଟେହି ସକଳ ଦେବତା-
ମାନଙ୍କ ଚେଷ୍ଟ ରେଖି ।
ରାବଣ ସମ୍ମୁଖେ ଛିଡ଼ା ହୋଇ ବୋଲେ
ନେତ୍ର ମେଲିଲେ ନୟନ ହେ ।
ଅଗିଣ ମାଗ ବର ।
ମନବାଞ୍ଛା ଏବେ ପୂର୍ଣ୍ଣ କର ।
ଶିରମାନ ଲଗାନ୍ତୁ ଛୋଡ଼ର ହେ ।
—ବଶିରମାନ୍ତ୍ରଣ ।

ଏହା ଉପେନ୍ଦ୍ର (୩୪) ଚନ୍ଦ୍ରାନନାରୁ ଜାତ । ଗୋଟିଏ ଦଶାକ୍ଷରର ଚରଣ ମାତ୍ର ଏଥିରେ ଅଧିକ ଦେଖାଯାଏ । କୌଣସି କୌଣସିଠାରେ ଦୁଇଗୋଟି ଦଶାକ୍ଷର ଚରଣ ଅଧିକ ଥିବାର ମଧ୍ୟ ଦେଖାଯାଏ, ଯଥା:—

ଯଦି ବ୍ରଜପୁରେ ମଣିଲ୍ଲୁଣ୍ଠାତେ ଦଶେ
ମଧୁବନ ଚଳୁଚଳୁ ।
ସୁବର୍ଣ୍ଣ ଚଉଁର ଯାତ୍ରୀ ଯାତ୍ରୀ ଗୋଟି
ଦଣ୍ଡରୁ ଚଳିତ ଯେ ।
ପାରିଜାତର ଆଦ ।
ସ୍ୱର୍ଗ ଅଣିଛୁ ଅମରବାଣୀ ଯେ ।
ରେଖି ଅଛୁ ନାନା ମହୋତ୍ସବ ଯେ ।
ତୋର ଦଣ୍ଡରୁ ଭଣ୍ଡାରକାରୀ ।
—ବୈ: ଗ:

ଏଥିରେ ଅନ୍ତ ଦୁଇ ଧୂଳି ଚରଣ ଶେଷରେ ମିଶାଇଲେ ମଧ୍ୟ ଗାନରେ କୌଣସି ଅସୁବିଧା ହେବ ନାହିଁ ।

(୩୬)

ପୁରୁଷ (ବଚଉଭିଶୋଭାଣୀ) ।

ଚନ୍ଦ୍ରାଭୁଳାବତି ପଦପୂ ଉତ୍ତଳ କେ[illegible]
ଯସବାଦେ ।

ଅଳି ଭାବ ଜାଣି ପୁନଃଜାଲେ ସିନା ତୁମ୍ଭେ କର
ଅନୁମତି ଦେ,
ତେବେ । ନାଚେଇ ବଳି ଭଳି ନାଏକ ନ ଦେ ।
ସବରର ପାଖ ଅପ୍ରମିତ ହେ ।—ଦ: ଦ:

ଏହା ଓ ୩୨ ସଂଖ୍ୟା ପୁରୋଗର ମଧ୍ୟରେ ଥିବା ପ୍ରଭେଦ କେବଳ ଦୁଇ ଅକ୍ଷରର ଯୋଗ୍ୟ ପଦ ମାନ । ଏହି ଛନ୍ଦର ଯୋଗ ଉତ୍ତାରୁ ବୌଣାଦି କୌଣସିଠାରେ ଦଶାକ୍ଷରବିଶିଷ୍ଟ ଯେ ଗୋଟି ଚରଣ, କୌଣସି କୌଣସିଠାରେ ଏଗାର ଚରଣ ଥିବାର ଦେଖାଯାଏ, ଯଥା;—

ପୁଣପୁରେ ଦୂତୀ ହୋଇ ପଦ୍ମଲୋଚନୀ ସଖୀମାନେ
ଧାଇଁବେ ଯହିଁ ।
ଅକଳ ଉତ୍କଣ୍ଠା ଗଦ୍‌ଗଦ ମିଶାଇ କହନ୍ତି
କାଳସା ଦୂତୀ ଗୋ । ମିତ ।
କାନେ କି ଶୋଭନ୍ତି ଦେଖିନାହିଁ ଗୋ ।
ସେ ତ ମଦନସାମନ୍ତ ସତ ଗୋ ।
ମନ-ଧନ-ଚୋର ପରତିଖ ଗୋ—ବୃ: ଦ:
କୃଷ୍ଣକୀର୍ତ୍ତି ବଖ ଶୁଣିଣ ସ୍ୱଜଣ
ମୂର୍ଚ୍ଛା ଯାଇଣ ପଡ଼ିଲା ।
ହେଲେ ହିଁକ ବେଳେ ଚେତନା ପାଇଣ
କରୁଣ ବିଳାପ କଲା ଦେ । ସାର ।
ଯେଉଁ ହିଡ଼ରେ ଚନ୍ଦ୍ର ଦେଲା ଟୂଭ ଦେ ।
ଅଜ ହୁମ୍ଭ ଦେବ ପୁଜାସାର ଦେ ।
ଘୋର ମାଳବ କାଟିଲା ଶିର ଦେ ।
କ୍ରମାତେ କି ବୋଲିବେ ନୃପବର ଦେ ।
—ଦ: ଦ:

(୩୭)

ମୃଗଜବକେ ।

ପ୍ରବେଶ ସୁରଭି ଘନରସମ୍ବଦ୍ଧ କଡ଼ିବର ସୁରଞ୍ଜନ ।
ଯୁଥପାଳ-ପଦଦ୍ୱାର ପ୍ରକାଶରେ ଦର ଚାପ
ପ୍ରତିଷ୍ଠିତ ଦେ । ସାଧୁ ॥—ଲାବଣ୍ୟବତୀ ।

ଏହା ଉପରୋକ୍ତ 'ଧ୍ରୁବଙ୍କ'ର ରୂପାନ୍ତର । ଧ୍ରୁବଙ୍କର ଶେଷ ଦୁଇ ଚରଣ ଏଥିରେ ଲୁପ୍ତ ହୋଇଅଛି ।

(୩୮)

କଳାଣଆହାରୀ ।

ଯାଇ ସନ୍ଧ୍ୟେ ସକଳ ଅମରେ ।
ପ୍ରବେଶ ହେଲେ ରାବଣ ଘରରେ ।
ଦେଖିଲେ ରାବଣ ଲୁପ୍ତିଦମନ ।
ସ୍ତୁତି କରିଣ କହନ୍ତି ବଚନ ।
ଅଟେ ରାବଣ ଏବେ ଦୁଷ୍ଟ ଦମନ ।
ତାହୁଁ ଶତଗୁଣେ ହେବ ଭୁବନ ।
—ଦ: ଗ:

ଏହା ଆଷାଢ଼ଶୁକ୍ଳର ରୂପାନ୍ତର । ଆଷାଢ଼ଶୁକ୍ଳର ଷଡ଼କ୍ଷରବିଶିଷ୍ଟ ପଞ୍ଚମ ଚରଣ ସ୍ଥଳରେ ଏଥିରେ ପାଞ୍ଚ ଅକ୍ଷରର ଗୋଟିଏ ଚରଣ ଓ ସାତ ଅକ୍ଷରର ଗୋଟିଏ ଚରଣ ଲକ୍ଷିତ ହୁଏ ।

(୩୯)

ସିନ୍ଧୁକାମୋଦୀ (କନାବାଉଚନ୍ଦ୍ରଶୋଭଣୀ) ।

ସଙ୍କଣଙ୍କୁ ଦର୍ଶନ କରଣ ବେନି ଜନ
ରାମଙ୍କ ବୃତ୍ତାନ୍ତ କହିଲେ ।
ବିଭୀଷଣ ଅମ୍ଭଙ୍କୁ ବନ୍ଧି ବନ୍ଧନ କରି
ରାମ ସ୍ଥାନରେ ଉଭା କଲେ ସେ ।
ଅଟେ ଦେବ । ସେ ଅମ୍ଭଙ୍କୁ ବନ୍ଧନୁ ଫେଡ଼ ।
ଛାଡ଼ିଦେଲେ ସକଳ ସୈନ୍ୟନ୍ତ ଦେଖାଇ ।
ଭାଗ୍ୟବଳରେ ଅମ୍ଭେ ଜୀବନରେ ଅଇଲୁଁ
ଦେଖିଲୁଁ ସୂଥପଢ଼ ଛହିଁ ॥—ଦ: ଗ:

ଏହା 'କାମୋଦୀ'ର ରୂପାନ୍ତର । କାମୋଦୀର ଚାରି ଅକ୍ଷରର ଗୋଟିଏ ଯୋଗାପଦ ସ୍ଥଳରେ ଏଥିରେ ଦୁଇଗୋଟି ଯୋଗାପଦ ଦେଖାଯାଏ । ଅର୍ଥାତ୍ କାମୋଦୀର ଚତୁର୍ଥ ଓ ପଞ୍ଚମ ଚରଣ ମଧ୍ୟରେ ଗୋଟିଏ ଚାରି ଅକ୍ଷରର ଯୋଗା ସନ୍ନିବିଷ୍ଟ କରାଯାଇ ସିନ୍ଧୁକାମୋଦୀ ହୋଇଅଛି ।

(୪୦)

ଦେଶାଖ ।

ଏହି କାଳେ ସତ୍ତ୍ୱ ବତ, ଦଶରଥ ଦଣ୍ଡପାଣି
କଲେ ତପଅଭିଳାଷ ଅଗ୍ରାଣେ ।
ବଶିଷ୍ଠ ଜାବାଳୀ ବାମଦେବ ସୁମନ୍ତ୍ର ସହିତେ

ସଭାକ୍ଷୋଭ ଦିଶନ୍ତି ମୋତେ ହେ ।
ଶୋଭିତ । ଏହି ସମୟେ ପ୍ରବେଶ ହେଲେ ।
ଦେଖିଣ ସଜନ ହୃଷ୍ଟ ମାନ୍ୟ କରି ମୁନିଶ୍ରେଷ୍ଠ
ବସିବାକୁ ଦିବ୍ୟାସନ ଦେଲେ ।—ଦ୍ୱ: ଗ:

ଏହା ମଧ୍ୟ କାମୋଦୀର ରୂପାନ୍ତର । କାମୋଦୀର ଛଗୋଟି ଚରଣ ସ୍ଥଳରେ ଏଥିରେ ପାଞ୍ଚଗୋଟି ଚରଣ ବ୍ୟବହୃତ ହୋଇଅଛି ଓ ତୋଷା ଛଡ଼ା ପ୍ରତ୍ୟେକ ଚରଣର ଯତିପାତଠାରେ ଗୋଟିଏ ଗୋଟିଏ ଅକ୍ଷର ଅଧିକ ଦେଖାଯାଏ ।

(୪୧)

କାମୋଦୀ ସମାନ (ଅପ୍ରସିଦ୍ଧ ବାଣୀ) ।

ଦଣ୍ଡକ ଅରଣ୍ୟେ ରାମ ଦେଖନ୍ତି ରହିଥିଲେ
ଲକ୍ଷ୍ମଣ ଜାନକୀ ଘେନ ସଙ୍ଗେ ।
ତାହିଁ ରହନ୍ତି ବରଷେ ତାହିଁ ରହି ଚଉ ମାସେ
ସମସ୍ତ ସ୍ଥାନେ ରହିଲେ ରଙ୍ଗେ ।
ବନବାସ । ହେଲା ତେର ପାଞ୍ଚ ବରଷ ।
ମାରନ୍ତି ହରଣ ମୃଗ ଫଳ ମୂଳ କରି ଭୋଗ
ସୁଖେ ବଞ୍ଚି ରଜନୀ ଦିବସ ।—ଦ୍ୱ: ଗ:

ଏହା ଉପରୋକ୍ତ ଦେଶାକ୍ଷର ରୂପାନ୍ତର । ଦେଶାକ୍ଷର ଚତୁର୍ଥ ଚରଣ ୧୦ ଅକ୍ଷରରେ ରଚିତ, କାମୋଦୀ ସ୍ୱରମାନଙ୍କର ଚତୁର୍ଥ ଚରଣ ୯ ଅକ୍ଷରରେ ରଚିତ ।

(୪୨)

ମୁନିବରବାଣୀ ।

ହେ ଦୋଳେ ମତ୍ତ ହେଉଣ୍ଡ । ପୂର୍ବ ପର୍ବରୁ ପ୍ରସର ।
ତରଙ୍ଗ-ହର ଜାଣ । ଭ୍ରମେ ଆକାଶ ଏ ।
—ବ୍ରଜବିହାର ।

ଏହା ଅଷ୍ଟାକ୍ଷର ସମଷ୍ଟିରୁ ଆସିଅଛି । ଶେଷ ଚରଣରେ ଛଗୋଟି ଅକ୍ଷର ଥିଲେ ମଧ୍ୟ, ଏହି ଛ ଅକ୍ଷରର ଯେଉଁ ଉଚ୍ଚାରଣ ସମ୍ପୂର୍ଣ୍ଣ ଅଷ୍ଟାକ୍ଷର ଚରଣର ବେଢ଼କ ଉଚ୍ଚାରଣ ।

(୪୩)

କ୍ଷିପ୍ରବାଣୀ ।

ହଦେ ହନୁମନ୍ତ ଅରୁଣ, ଘେନ ବାନରଗଣ,
ଶ୍ରୀରାମଚନ୍ଦ୍ର ଲକ୍ଷ୍ମଣ, ଲଙ୍କା ବେଢ଼ିଣ ।
ଠାଣ ହୋଇଲେ ଆସିଣ, ସମ୍ମୁଖରେ ଶତ ରଣ,
ଧ୍ୱାନ୍ତ ଛେଦିଣ ଧାଣ ଅସୁରଗଣ ।
—ଦ୍ୱ: ଘ:

ଏହା ମୁନିବରବାଣୀର ରୂପାନ୍ତର ; ମୁନିବରବାଣୀର ଶେଷ ଚରଣରୁ ଦୁଇଟି ଅକ୍ଷର କଟାଯାଇ ଏଥିର ଶେଷ ଚରଣ ରଚିତ ହୋଇଅଛି । ମୁନିବରବାଣୀରେ ସବୁ ଚରଣରେ ଯତି; ଏଥିରେ ୮ ଚରଣରେ ପଦେ ହୋଇଅଛି ।

(୪୪)

ମୃଗାକ୍ଷୀ ।

ହେ କାମାର ବରଦେବେ । ଜଗତ୍‌ନାଥ ଦେବେ ।
ହେ ଯୋଗଅଙ୍କରେ ବସେ । ମନ ହରଷେ ।
ବିରଚେ ।
—ଭକ୍ତଶ୍ଲୋକ

ଉପରୋକ୍ତ କ୍ଷିପ୍ରବାଣୀର ପ୍ରତ୍ୟେକ ପଦର ଶେଷରେ ତିନି ଅକ୍ଷରର ଗୋଟିଏ ଚରଣ ସଂଯୋଜିତ ହୋଇ ଏହି ଛନ୍ଦ ସୃଷ୍ଟି ହୋଇଅଛି ।

(୪୫)

ପୀନବନ୍ଧୁ ତଥା ଧୀରେ ।
ଦୃଢ଼ମତେ ଘେନ ଧୀରେ ।
ଦୂରରୁ ନ ଥାଉ ଧୀରେ ।
ଦଣ୍ଡ ଦେବାର । ଦଣ୍ଡଧର ।—ଦ୍ୱ: ଚ: ।

ଏହା ମଧ୍ୟ କ୍ଷିପ୍ରବାଣୀରୁ ଉତ୍ପନ୍ନ । ପ୍ରତ୍ୟେକ ପଦର ଶେଷରେ ଦୁଇଗୋଟି ଅକ୍ଷର ସଂଯୋଜିତ ହୋଇ ଏହି ସ୍ୱର ହୋଇଅଛି ।

(୪୬)

ଶ୍ରେଣୀ ।

ସିଂହମୁଖ ଗଜ ଗଣ୍ଡ ପ୍ରାପ୍ତ ଅସୁରସଙ୍ଗ
ପଳାଇଣ ଲଙ୍କାରେ ପ୍ରବେଶ ହୋଇଲା ।
ସମସ୍ତ ଅସୁର ସଙ୍ଗ, ମନେ ମହାଭୟ ପାଇ,
ପୂର୍ବ କଥାମାନ ତାଙ୍କ ଆଗେ କହିଲା ।
ରାବଣଙ୍କରେ ମୋ ବଚନ ।
ତାଙ୍କ ସଭାରେ ଗଲା ଏ ମୋ ଲକ୍ଷ୍ମଣ ।
—ଦ୍ୱ: ଚ:

ଏହା ଭୁଜଙ୍ଗୀରୁ ଅଭିନ୍ନ । ଏଥିର ପ୍ରଥମ ଦ୍ୱିତୀୟ ଚରଣ ଓ ଭୁଜଙ୍ଗୀର ତୃତୀୟ ଚରଣ ସମାନ । ଚତୁର୍ଥ ଚରଣ, ପ୍ରଥମ ବା ଦ୍ୱିତୀୟ ଚରଣର ଶେଷ ଦୁଇ ଅକ୍ଷରମାନ ପରିତ୍ୟାଗ କଲେ ସେଥି ଅଭିନ୍ନ ହୋଇବା ଦେଖାଯାଏ ।

ଏମନ୍ତ ଛନ୍ଦ ସେତେବେଳେ ଶେଳକା, ପ୍ରାକୃତ ଓ ସଂସ୍କୃତ ଛନ୍ଦ ମଧ୍ୟ ଓଡ଼ିଆରେ ବ୍ୟବହୃତ ହେବାର ଦେଖାଯାଏ :—

ସଂସ୍କୃତ :—

(୧)

ଶିଖରିଣୀ ।

ବୃନ୍ଦାବନେ ମୋଦେ ବିହରନ୍ତି ଯେ
ଶ୍ରୀଗୁରୁପଦେ ।
ମୁଦେ ଶ୍ରୀରୂପ ଶ୍ରୀସନାତନ ରଘୁନାଥାଂଘ୍ରିଯୁଗଳେ ।
ହୃଦେ ନଦ୍ୟାନନ୍ଦେ ଅଦ୍ୱୈତ ଶୁଦ୍ଧଯୁତ
ଶଚୀଗୌରଚରଣେ ।
ନତେ ଭକ୍ତ ଶ୍ରୀବାସ ଘଟବତରଣ୍ଡେ ସର୍ବସନ୍ଧରେ ।

—ଗୋପୀନାଥବଲ୍ଲଭଦାସଙ୍କ

(୨)

ମନ୍ଦାକ୍ରାନ୍ତା ।

ପଣ୍ଡା ପିଣ୍ଡା ଟେକିଲେ ବସିଲେ ମଣ୍ଡପେ ଶାସନେ ।
ଗୃଣ୍ଡେ ଗୃଣ୍ଡେ ବସି ହସି ଗଲେ ଚଉଦେ
ପାଡ଼ି ଯାଉ ।
ଗଣ୍ଡା ଗଣ୍ଡା ଲଡୁ ଚେଙ୍ଗସମେ ଖଣ୍ଡପାଟିକ ସଙ୍ଗାଡ଼ି ।
ଭେଣ୍ଡା ଭେଣ୍ଡା ଦ୍ୱିଜ ପଢ଼ିଲେ
ପୂର୍ଣ୍ଣିପୂର୍ଣ୍ଣିଙ୍କ ଅଙ୍କାଡ଼ି ।

—ଗୋ: ନା:

(୩)

ଶାର୍ଦ୍ଦୂଳବିକ୍ରୀଡ଼ିତ ।

ଅଶ୍ରାନ୍ତରତ ମୋଦରେ ବନକରେ
ମୋ ଭାଗ୍ୟକାଦମ୍ବିନୀ ।
ବିଦ୍ୟୁତ୍କାନ୍ତି ବିଶାଳ ଅତି ମାଧବାକୋଦଣ୍ଡ
ସଙ୍ଗେ ଥିଲା ।
ବର୍ଷାରମ୍ଭ ବଳାହକେ ପ୍ରବଳରେ
ଡାକୁଁ ବଳେ ବେଗରେ ।
ନାଶ୍ରି ଦୁଃଶ୍ରି କଳହ ପୂରିଲୁ ରଶ୍ମି
ଦୁର୍ବୋଧ୍ୟାସଜ୍ଜାଳିଲ ।

—ଗୋ: ନା:

(୪)

ପୃଥ୍ୱୀବୃତ୍ତ ।

କି ଶୋଭିମତୀ କାଣରେ କେତକ
ନୋହିବା ଭାରତୀ ।
କି ଶୋଭ ଭବ ଭାବନେ ସଦନ
ପା ଛନ୍ଦ ପ୍ରିୟେ ।
ଅଶୋକ-ପୁଷ୍ପବାଣରେ ଅଭନ୍ତୁ
ମାରିବାରେ ଦୃଢେ଼ ।
ରସୋଦପୂ ମନେ ଜରେ ରମନ୍ତୀ
ଅସ ଭୁଜଙ୍କେ ଯିବା ।

—ଗୋ: ନା:

(୫)

ମାଳିନୀ ।

ଅଥ ନଶିଥିନୀ ଯୋଗେ ଧ୍ୟାନ୍ତାଗ୍ରପ୍ରଭାବେ ।
ଚିନଗଡ଼ଲ କବତ୍ର ସେମଭାବେ ସଭକ୍ଷେ ।
ସକଳସହ ସମାଦେ କେଶବେଶାଦି ସାଜି ।
ଦୁଷି କଥିତ ବଶାଶା ଶ୍ରୀଶୋଭଙ୍କ ବାଣୀ ।

—ଗୋ: ନା:

(୬)

ବସନ୍ତତିଳକ ।

ଭୁଜଙ୍ଗାଳପ୍ରେ କରଜ ଭୂଷଣ ନାଗବଲ୍ଲୀ ।
ବର୍ପୂର ପ୍ରଷ୍ଟଦଳପାବ ବନାନ ସାଜି ।
କାଳ (କୀ) ପ୍ରତାପ ବସି ବର୍ଣ୍ଣନ ଗୃହେଁ ଗୃହେଁ ।
ଲୁଗିସିବାଳସବୁ ଭୁପିତ ଭଷି ଯଥା ।

—ଗୋ: ନା:

(୭)

ରଥୋଦ୍ଧତ ।

ଅମ୍ବରେ ଧରୁତ ଚନ୍ଦ୍ରଭାବେ ।
ଶମ୍ବର ଶରପୀଡ଼ଙ୍କାଥବେ ।
ଅମ୍ବୁଜାକ୍ଷନସୁନା ମନେ ମଦା ।
ଦମ୍ବରେ କଥିତ ଅଳସନ୍ଧ୍ୟେ ।

—ଗୋ: ନା:

(୮)

ସ୍ରଗ୍ଧରା ।

ଦେଖ ଦେଖା ପୂର୍ବେ ଉଷା ଜଳ ଉପରେ
ଶୋଭିଲାରେ ଶିଖାର ।
ଯେବା ସେ ଧାମ ତ୍ରୈ ଲକ୍ଷ୍ମୀ ଅଚ୍ଛ ମନ୍ଦରେ
ଗାବ ମାଗାଦ ଭଙ୍ଗେ ।
ପଙ୍କେ ନଳିନୀ ପୁଷ୍ପ ଶିରୀ ମଣି ସେ
ଧୂମ୍ର ସନ୍ତୁଳିନୀ ।
ଲଳିତାପୂର୍ବ ଘଣ୍ଟେ ବଉଦରୁ ନ ସରେ
ଲଳିତେ ନାଲିନ୍ଦେ ।
—ଗୋ : ନା :

(୯)

ବଂଶସ୍ଥବିଲ ।

ନଣାବସାନେଷ୍ଟ ପ୍ରିୟାବଲୋକନେ ।
ମୃଗାଗ୍ର ପଞ୍ଚାଶୁଗବାଣଭେଦନେ ।
ଭୁଜ୍ଞାନପୂର୍ଣାଙ୍ଗଣ ଦେବ ସଦ୍ମରେ ।
ଶରୀରିଭେ ଭକ୍ତିର ଭକ୍ତି ସମ୍ଭବା ।
—ଗୋ: ନା:

(୧୦)

ଉପେନ୍ଦ୍ରବଜ୍ରା ।

ହେ ପ୍ରାଣନାଥେ ଜଳଦେ ତୁ ଜାଣେ ।
ଏସ୍ଥାପୁ ପ୍ରୀତ ଜଗନ୍ତ୍ର ଦେବା ।
ଯେ ପ୍ରାପ୍ତ ସେ ଭକ୍ତି ନ ଥିଲେ ସଞ୍ଚାର ।
ସେ ତାରୁ ଅଛି ପ୍ରିୟ ଭାବ ଭଙ୍ଗେ ।
—ଗୋ : ନା :

(୧୧)

ଦ୍ରୁତବିଳମ୍ବିତ ।

ମଦନମୋହନ ଗୋକୁଳଚନ୍ଦ୍ରମା ।
ବଦନ-ପଙ୍କଜ ତୁମ୍ଭ ସନ୍ନଗରେ ।
ମଦନଛବି ବଣେ ନ ଥୋଇଲ ।
କଦନ ପାଉଛୁ ଜାଣ କଟାକ୍ଷିରେ ।
—ଗୋ: ନା:

(୧୨)

ଅନୁଷ୍ଟୁପ୍ ।

ଶିବ୍ ଶେ ଶିବ ରେ ଶବୁ ।
ନିଃଶେଷ ଶେ ନିଶେଷ ଶେ ।
ଆନନ୍ଦ (?) ଅଦ୍ଭୁତ (?) ଯାଳା ।
ଭାବ ଭାବ ସ୍ୱଭାବେନ ।
—ଗୋ : ନା :

ପ୍ରାକୃତ ଅର୍ଦ୍ଧମାତ୍ରା—

(୧)

ମୋର ନ ଯିବା ବାନା ।
ସେତେବେଳେ ଜଗତ ମଣ୍ଡି ଦେଖା ॥
କହ ଗୋ ଯାଉ ଗୃହରେ ।
ମାନବତ ମାନଙ୍କୁ ବୋଧ ନ ପାରେ ॥
—ଗୋ : ନା :

(୨)

ଯାରେ ତୁହି ସମ୍ଭାରେ ।
ଯାରେ ଧନର ସମ୍ପ ଦୁଃଖ ମନ୍ଥାରେ ।
ଭାରତୀ-ଗଙ୍ଗ ନିବାର ।
ବାରଣ କରୁ ବଣଶୋଚୁ ମାନଲୁ ।
—ଗୋ ; ନା ;

(୩)

ଅଥ ଭଜଗନ୍ନାଥବନ୍ଦନା ।
ମଧୁ ଅଟେ ଚମ୍ପକେ ପୁଷ୍ପପଦନା ।
ଭୃଙ୍ଗର ଗୁଞ୍ଜନ ସହ ।
ଚମ୍ପକମୂଳେ ବସିଲେ ମଧୁ ଶୃଙ୍ଗାର ।
—ଗୋ : ନା :

ତେଲଙ୍ଗା ବୃତ୍ତ ।

ଶାର୍ଦ୍ଦୂଳ ।

ସଞ୍ଚାର କର ଯାଉ ପଞ୍ଚାଶଦ୍ବୃନ୍ଦବଙ୍କ
ବସ୍ଥାଉ ଦଶ ନା ତୁ ସଞ୍ଚାରଗଣ୍ଡୁ ।
ମନାରଅର୍ଥଗକୁ ଫନା ମୁଁ ତରଥିଲ
ଭୁନାବୃତଦଶନା ତ ଦ୍ୱନ୍ଦ ବନ୍ଧୁଙ୍କ ।
ଚଂଚାଭଜପୂନାଲୁ ବସ୍ତାଉ କର ପଦେ
ଏକାନ୍ତ ଧରୁ ଦେଲ ଭୁକ୍ତପଦଙ୍କ ।

କାନ୍ତାର ପ୍ରାନ୍ତରେ ନିର୍ଝର ଗୁଞ୍ଜନରେ
ମଲ୍ଲୀର ଗନ୍ଧ ଭରା ସମୀରଣରେ ।
ଚାନ୍ଦ୍ରମସୀର ଶୁଭ୍ର ହାସ ରାଶି ମେଳରେ ।
ଆଶା ପଥେ କି ତାର ।
ଆଜି ଚଳନ୍ତି ରଙ୍ଗେ ... ପାଇ ଯାଉଛି ଗୀତେ ।
ପ୍ରାଣ ମୋ କାଏଁ ମରିବ ପଙ୍କଜାକ୍ଷୀ ।
—ଗୋପୀନାଥଚନ୍ଦ୍ର ... ।

ଅଦ୍ୟ ଡାଲି ଠଂଘାଳୀର ନେପେନ୍ଥ ଗୁଡ଼ା ଛଳ ନାଥ ଉପାସନାର ଅନୁଭୂତ ଦେଖାର ଲକ୍ଷିତ ହୁଏ; ତେଣୁ ଏ ସବୁ କୌଣସି ନୂତନବର୍ଣ୍ଣ ନ ଦେଖାକୁ ଏଠାରେ ଦିଆଗଲା ନାହିଁ ।

ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ ।

ଦାର୍ଜିଲିଂ । (୩)

ପୂର୍ବେ ଶ୍ଵେତାଙ୍ଗମାନଙ୍କ ଉପନିବାସାର୍ଥ ଦାର୍ଜିଲିଂରେ କୌଣସି ପକ୍କାଘର ନ ଥିଲା, ଯାହା ଥିଲା, ତାହା ପ୍ରାସାଦ ନାମର ସମ୍ପୂର୍ଣ୍ଣ ଅଯୋଗ୍ୟ, ସାମାନ୍ୟ କୁଟୀର ମାତ୍ର; ଶ୍ଵେତ ଲର୍ଡ ଉଭନ ସାହେବହିଁ ଦାର୍ଜିଲିଂର ଆବିଷ୍କାରକ । ଦାର୍ଜିଲିଂର ଅଧିକାଂଶ ସ୍ଥାନ ଶ୍ରୀଯୁକ୍ତ କୁଚବେହାର ଓ ବର୍ଦ୍ଧମାନ ମହାରାଜାମାନଙ୍କ ସମ୍ପତ୍ତି । ୧୮୮୭ ଖ୍ରୀଷ୍ଟାବ୍ଦରେ ଶ୍ରୀଯୁକ୍ତ ଶ୍ଵେତଲର୍ଡ ଉଭନ ସାହେବ କୁଚବେହାର ମହାରାଜଙ୍କଠାରୁ ବର୍ଚ୍ଚହିଲ ପାହାଡର ଏକ ଅଂଶ କିଣି, ସେଠାରେ ଲାଟ ସାହେବମାନଙ୍କ ଗ୍ରୀଷ୍ମାବାସର ଉପଯୋଗୀ ପ୍ରାସାଦ ନିର୍ମାଣ କରାଇଲେ, ଏ ଅଞ୍ଚଳର ନାମ ଶ୍ରବେରି (Shrubbery), ଏହାର ଶ୍ରୀସମ୍ପଦ ଦିନକୁ ଦିନ ବଢୁଅଛି ।

ବର୍ଚ୍ଚହିଲ ପାର୍କ ବନ୍ୟତରୁ ଗୁଳ୍ମରେ ଶୋଭିତ, ନୟନାଭିରାମ ପତ୍ରପୁଞ୍ଜ ଝିଲ୍ଲିରବରେ ଝଙ୍କାରିତ, ଶାନ୍ତିପ୍ରଦ ସ୍ଥାନ । ସାହେବମାନେ ବଡ଼ ଶ୍ଵାନପ୍ରିୟ, ଏହାର ଶାନ୍ତିମୟ କୋଡ଼ରେ ଜିମ୍ (Jim) ନାମକ ଶ୍ଵାନରାଜର ସମାଧିଟିଏ ଅଛି; କୁକୁରଟିର ଜୀବନ ଧନ୍ୟ, ପ୍ରଭୁଭକ୍ତ୍ୟ ସମ୍ବନ୍ଧରେ ସଂସାରପୂଜ୍ୟ, ପ୍ରତ୍ୟେକ ପ୍ରାଣୀ ପ୍ରଭୁ ଓ ଭୃତ୍ୟ, କେବେ ସବୁଠାରେ ସ୍ୱର୍ଗୀୟ ସ୍ନେହବନ୍ଧନ ସମ୍ଭବରେ ନ ଥାଏ; ଭକ୍ତି, ପ୍ରୀତି ହୃଦୟ ସହୋଦରୀ, ଭକ୍ତି ନ ଥିଲେ ପ୍ରୀତି ନ ଥାଏ ଓ ପ୍ରୀତି ନ ଥିଲେ ଭକ୍ତି ନ ଥାଏ । ଭକ୍ତି ପ୍ରୀତିର ଆଦାନପ୍ରଦାନ ହେଉଥିଲେ ଏବେ ଅଶାନ୍ତି ଭୋଗ କରିବାକୁ ହେଉ ନ ଥାନ୍ତା, ସଂସାରଜନର ଦାସ ସଂସାରସ୍ୱର୍ଗରେ ପରିବର୍ତ୍ତିତ ହୋଇଥାନ୍ତା । ଦୋଷ ଦେଖିବାକୁ ସମସ୍ତେ ତତ୍ପର, ଗୁଣ କେତେଜଣ ଦେଖନ୍ତି ? ଶ୍ଵାନସମାଧିଟି ବନ୍ଧୁଦଳର ହେଲେହେଁ ଏ ପର୍ଯ୍ୟନ୍ତ ପୁଷ୍ପଦାମରେ ଶୋଭିତ ହେଉଅଛି । ଭଦ୍ରଲୋକଟି ଶ୍ଵାନର ଯେପରି ଗୁଣଗ୍ରହଣ କରିଛନ୍ତି କେତେଜଣ ମନୁଷ୍ୟ ସ୍ୱଜାତିର, ସ୍ୱଜାତିରେ ତାହିଁର ଆତ୍ମୀୟ ସ୍ୱଜନଙ୍କର ସେପରି ଗୁଣଗ୍ରହଣ କରିବାକୁ ପ୍ରସ୍ତୁତ ? ଉଦ୍ୟାନବାଯନ ସଙ୍ଗେ ସଙ୍ଗେ ସବୁ ପାସୋରୁଛି, ସେ ଜବେଦ ସେ ମମତା ସେ ସାର୍ଦ୍ଧଶ୍ଵାସ ସବୁ କ୍ରମେ କ୍ରମେ କାଳଜଳଧିରେ ବୁଡ଼ି ଯାଉଅଛି, ପ୍ରିୟ ସ୍ମୃତି ପୁଷ୍ପ ଲୁପ୍ତ ହେଉଅଛି, ଧିକ୍ ମନୁଷ୍ୟର ପାଷାଣହୃଦୟକୁ, ଧିକ୍ ତାହାର ସ୍ୱାର୍ଥ-ପ୍ରିୟତାକୁ ।

ପାହାଡ଼ ଢାଲୁରେ ବସା ଉଠା ଓ ବନଭୋଜନ କରିବାକୁ ଖଣ୍ଡେ ଘର ଅଛି, ରକ୍ଷିତ ବନଟି ସ୍ଥାନେ ସ୍ଥାନେ ନିବିଡ଼ ଅନ୍ଧକାରମୟ ।

ଯେଉଁମାନଙ୍କର ସେନଚଲ ପର୍ଯ୍ୟନ୍ତ ଯାଇ ତୁଷାରମଣ୍ଡିତ ହିମଗିରିଶୃଙ୍ଗ ଦେଖିବାର ସୁବିଧା ନାହିଁ, ସେମାନଙ୍କ ପକ୍ଷରେ ଅବ୍‌ଜର୍‌ଭେଟରୀ ହିଲ ସୁବିଧାଜନକ ସ୍ଥାନ । ଏହା ଉପରେ ଭୁଟିଆମାନଙ୍କ ଉପାସ୍ୟ ଦେବତା ଦୁର୍ଜ୍ଜପୃଲିଙ୍ଗଙ୍କ ଆସ୍ଥାନ ଓ ମଠ (ଲାମାଙ୍କ ସମାଧି) ଅଛି, ଏହି ଦୁର୍ଜ୍ଜପୃଲିଙ୍ଗଙ୍କୁ ହିନ୍ଦୁମାନେ ମଧ୍ୟ ପୂଜା କରନ୍ତି । ବିଶେଷ ଅନୁସନ୍ଧାନ କଲେ ମହାଦେବଙ୍କର କୌଣସି ଅଭିନ୍ନ

ଦେଖିଲା ନାହିଁ । କିନ୍ତୁ ହାୟ—ଏବେ ଦେଖ ପର୍ଯ୍ୟନ୍ତ କୋଣାର୍କ ମନ୍ଦିର ଥିବା । ହିନ୍ଦୁମାନଙ୍କର ମହାଦେବଙ୍କ ଭଗ୍ନ ଅଛି କେବଳ, ଯେଉଁଠାରେ କୌଣସି ତୀର୍ଥୀୟ ଦେବତା ବା ଉପଦେବତାଙ୍କର ବେଦିକା ନାହିଁ ଅଛି, ସେ ସବୁ ସ୍ଥାନ ନାନାବର୍ଣ୍ଣ ନାନା ଆକାରର ପତାକାରେ ଶୋଭିତ କେତେକ ପତାକା ପ୍ରାୟ ପାଞ୍ଚ ଛ ହାତ ଲମ୍ବା, ନାଗବଂଶ ବାଉଁଶରେ ବନ୍ଧା । ପତାକାରେ ବୌଦ୍ଧ ପୁରୋହିତ ଲାମାଙ୍କ ଲିଖିତ ଭଜନ କରଣ-ମନ୍ତ୍ର ଲେଖାଥାଏ, ଏହିପରି ପତାକା ନାନାସ୍ଥାନରେ, ବୃକ୍ଷଶାଖାରେ, ଗୃହଦ୍ୱାରରେ ଝୁଲୁଥାଏ; ଆମ୍ଭମାନଙ୍କ ଦେଶରେ ରୋଗବ୍ୟାଧି ହେଲେ ପୂଜା ମାନସିକ ପରି ଭୁଟିଆମାନେ ପତାକା ମାନନ୍ତି, ନାନାପ୍ରକାର ନାଚ, ବାଦ୍ୟ, ଚାଳବାଗ ଭୂତ ଛଡ଼ାନ୍ତି । ଭୂତ ପ୍ରେତରେ ଏପରି ଭୟ ଯେ ପାହାଡ଼ିମାନେ ପ୍ରାନ୍ତରେ ରାତିରେ ପଦାକୁ ବାହାରନ୍ତି ନାହିଁ । ଏଠାରୁ ଦାର୍ଜିଲିଂର ଚତୁଃପାର୍ଶ୍ୱର ସମସ୍ତ ଦୃଶ୍ୟ ଦସ୍ତୁଳକୁ ପର୍ଯ୍ୟନ୍ତ ଦକ୍ଷିଣ, ପ୍ରଧାନ ଦୃଶ୍ୟ ତୁଷାରମଣ୍ଡିତ ଗିରିଶୃଙ୍ଗରାଜି । ଏଠାରେ ଖଣ୍ଡେ ଅତି ସୁନ୍ଦର ପଟରେ ଗୋଲାକାର ବାକ୍ସରେ ସମସ୍ତ ପର୍ବତର ଛବି ଏପରି ଭାବରେ ରଖା ହୋଇଅଛି ଯେ ଅକ୍ଳେଶରେ ଯେଉଁ ପର୍ବତର ଇଚ୍ଛା ସେ ପର୍ବତର ନାମ, ଉଚ୍ଚତା ପ୍ରଭୃତି ଜାଣି ପାରିବ । ଯାହାର ନାମ ବା ଉଚ୍ଚତା ଜାଣିବାକୁ ଇଚ୍ଛା ହେବ ତାହା ସମ୍ମୁଖରେ ଠିଆ ହେବ, ପର୍ବତ ଓ ଆପଣାର ଠିକ ମଧ୍ୟସ୍ଥ ପର୍ବତର ଛବିଟିରେ ପର୍ବତର ନାମ ଓ ଉଚ୍ଚତା ଲେଖା ଥିବାର ଦେଖିବ । ସବୁବେଳେ ସେଠାରେ ଜଣେ ଚୌକିଦାର ଥାଏ, ତାକୁ କହିବାମାତ୍ରକେ ବାକ୍ସ ଫିଟାଇ ଦିଏ । ଏଠାରେ ବସି କାଞ୍ଚନଜଙ୍ଘା (ଧବଳଗିରି) ଆଡ଼କୁ ଚାହିଁଲେ ଘୋର ଶୋକ ଭୁଲିଯାଏ, କେତେଥର ବନ୍ଧୁଭାଇଙ୍କର ଏହି ଅପୂର୍ବ ମୂର୍ତ୍ତି ଆଡ଼କୁ ଚାହିଁ ଥକା ହୋଇ ରହିଅଛୁ, ସେହି ଧୀର, ପ୍ରଶାନ୍ତ, ଧବଳ ଛବି ସମ୍ମୁଖରେ ସବୁ ଭୁଲା ମନ୍ଦ ମନ୍ଦ ମନୋଯୋଗ, ଜଡ଼ବତ୍ ଏହି ଉନ୍ମତ୍ତ ହୋଇଯାଏ ଯେ ବାହ୍ୟଜ୍ଞାନ ରହେ ନାହିଁ । ଏ ସେହି ହିମାଳୟ ଯେଉଁଠାରେ ଦେବ-ଦେବ ମହାଦେବ, ଜଗନ୍ମାତା ଗୌରୀ ପ୍ରେମର ଭିକାରୀ ଓ ଭିକାରିଣୀ ହୋଇ କୃଚ୍ଛ୍ର ତପଶ୍ଚରଣ କରିଥିଲେ, ଏ ସେହି ହିମାଳୟ ଯେଉଁ ସ୍ଥାନରେ ପାଣ୍ଡବଗଣ ଯୁଧିଷ୍ଠିର ସଙ୍ଗରେ ସ୍ୱର୍ଗ ଗମନ କରିଥିଲେ, ଏ ସେହି ହିମାଳୟ ଯହିଁରୁ ନିର୍ମଳସଲିଳା ଗଙ୍ଗା, ଯମୁନା, ସିନ୍ଧୁ, ବ୍ରହ୍ମପୁତ୍ର ନିର୍ଗତ ହୋଇ ଦେବଭୂମି ଆର୍ଯ୍ୟାବର୍ତ୍ତକୁ ସୁଜଳା, ସୁଫଳା, ଶସ୍ୟଶ୍ୟାମଳା କରିଅଛନ୍ତି ? ଏହି ହିମାଳୟରୁ ହିଁ ବେଦମାତା ସରସ୍ୱତୀ ନିର୍ଗତ ହୋଇ ନିଜ ତଟରେ ମୁନିଋଷିମାନଙ୍କୁ ଆଶ୍ରୟ ଦେଇ ଭାରତର ଗୌରବ ବଢ଼ାଇଥିଲେ ? ହିମାଳୟର ବର୍ଣ୍ଣନା କରିବାର ଚେଷ୍ଟା ବାତୁଳତା ମାତ୍ର, ଐଶୀ ଶକ୍ତି ନ ଥିଲେ ସେ ସ୍ୱର୍ଗୀୟ ଦୃଶ୍ୟ କିଏ ବର୍ଣ୍ଣନା କରିବ ? ପଲକେ ପଲକେ ନବ ନବ ଛବି ମନପ୍ରାଣ ମୁଗ୍ଧ କରେ, ଯେଉଁ ଅବସ୍ଥାରେ ଦେଖ ସେ ଯେଉଁ ସୌନ୍ଦର୍ଯ୍ୟସାଗରକୁ ସେହି ସୌନ୍ଦର୍ଯ୍ୟସାଗର । କେତେବେଳେ ସ୍ୱର୍ଣ୍ଣବର୍ଣ୍ଣ, କେତେବେଳେ ବା ପୀତ, କେତେବେଳେ ଲୋହିତ, କେତେବେଳେ ଶ୍ୱେତ, କେତେ-ବେଳେ ବା ହରପୌଣ୍ଡ ମୂର୍ତ୍ତି, ଅଧେ ଦେଖା ଅଧେ ଅଦେଖା, କେତେବେଳେ ଦେହ ଲୁଚି ଯାଉଛି ତାହାର ଇୟତ୍ତା ନାହିଁ । ହିମଗିରିପଟଳ ବାଳସୂର୍ଯ୍ୟ ଓ ଅସ୍ତୋନ୍ମୁଖ ରବିଙ୍କର ରଶ୍ମିଜାଲର ଶୋଭା ଅତୁଳନୀୟ, ଆମ୍ଭମାନଙ୍କର ସସୀମ ଶକ୍ତି ସସୀମ ଶୋଭାର କଥଞ୍ଚିତ୍ ବର୍ଣ୍ଣନା କରିପାରେ, ଏ ଅସୀମ ସୌନ୍ଦର୍ଯ୍ୟ ବର୍ଣ୍ଣନା ଅସମ୍ଭବ, କରିବାକୁ ଚେଷ୍ଟା କଲେ ଏଣେ ହାସ୍ୟାସ୍ପଦ ହେବାକୁ ପଡ଼ିବ, ତେଣେ ତାହାର ଗୌରବ ହାନି କରିବାରେ ପାପ ଅର୍ଜ୍ଜିବାକୁ ହେବ ! ଏଣେ ଗୋହତ୍ୟା, ତେଣେ ବ୍ରହ୍ମହତ୍ୟା । ପୃଥ୍ୱୀର ସର୍ବଶ୍ରେଷ୍ଠ ଶିଖରର ତୁଳ ଏହାର ଯଥାର୍ଥ ଅଙ୍କନ

ଅନୁଭବ କରି ନାହିଁ, ଆମ ପରି ଲୋକ ସେହି ଶାନ୍ତି କି ପ୍ରକାର ଶାନ୍ତି ପଥରେ ପ୍ରବେଶ କରିବ ନାହିଁ ବହୁଦିନର ଶିଳ୍ପୀ ଗଢିଥିଲା ଏହା ପାଖରେ କଲ୍ପନା. କେଉଁ ବୌଦ୍ଧଭିକ୍ଷୁଙ୍କର ଶାନ୍ତ ମୂର୍ତ୍ତି ସହିତ ତୁଳନା କଲେ ହିମାଳୟ ଅଣୁ ମାତ୍ର, ସେ ବୌଦ୍ଧ ଦେବତା ବଡ଼ ! କେଉଁ କବିଙ୍କର ସବୁବେଳେ ଭକ୍ତି ଏହାକୁ ଦେଖିଛି ! ଏ ସ୍ୱର୍ଗୀୟ ପବିତ୍ର ଶାନ୍ତିମୟ ଦୃଶ୍ୟ ଦର୍ଶନରେ ସ୍ୱର୍ଗ ଶାନ୍ତି ପାଇଲି ନାହିଁ, ମନେ କରିଥିଲି ଏ ଦେବବାଞ୍ଛିତ ଦୃଶ୍ୟ ସମ୍ମୁଖରେ ଚିର କାଳ ବସି ରହିବି, କିନ୍ତୁ ବୌଦ୍ଧଭାବର ଦଶା ଅଦୃଷ୍ଟ ! ସଂସାର ଦୁଃଖର ବୋଝ ବୋହିବାକୁ ଯିବାକୁ ହେବ, ଅଶାନ୍ତ ସଂସାର ଯାହାର ଚିର ସହଚର, ସଂସାର ଯାହାର ପ୍ରତ୍ୟେକ ରକ୍ତ ବିନ୍ଦୁରେ ଚଳନ୍ତ, ଯାହାର ହୃଦୟ ଶୂନ୍ୟ, ସେ କି ଏ ଶାନ୍ତିର ସୌନ୍ଦର୍ଯ୍ୟର ଗୀତ କପରି ଗାଇବ ?

ମନରୁ ଭୁଟିଆ ବସ୍ତି ଭାବେ ଲବଙ୍ଗାକୁ ଯିବାକୁ ଶିଘ୍ରାଚାର ଅଛି, ଏକ ହଜାର ଫୁଟ ଓହ୍ଲାଇ ଯିବାକୁ ହୁଏ । ଓହ୍ଲାଇ ଯିବାର ସୁବିଧା, ଉଠି ଆସିବାକୁ ସାଣାନ୍ତ, ଭୁଟିଆ ବସ୍ତିରେ ମହାକାଳଙ୍କ ମନ୍ଦିର; ଏ ମଧ୍ୟ ହିନ୍ଦୁ, ବୌଦ୍ଧ ଉଭୟଙ୍କଦ୍ୱାରା ପୂଜିତ; ମନ୍ତ୍ରଯୁକ୍ତ ଅଗଣିତ ପତାକାରେ ଶୋଭିତ, ପାଖରେ ଜଣେ ପ୍ରସିଦ୍ଧ ଲାମାଙ୍କ ସମାଧି ମନ୍ଦିର, ଦୀପାବଳୀ ଅମାବସ୍ୟାଠାରୁ ସପ୍ତାହବ୍ୟାପୀ ଭୁଟିଆମାନଙ୍କର ଉତ୍ସବ ଏଠାରେ ହୁଏ, ଲାମାମାନେ ନାନାପ୍ରକାର ମୁଖା ପିନ୍ଧି, ବିଚିତ୍ର ବେଶ ଧାରଣ କରି, ବିକଟ ଢୋଲ ଓ ଶିଙ୍ଗବଜା ବାଦ୍ୟଯନ୍ତ୍ରରେ ଦିଗନ୍ତ ପୂର୍ଣ୍ଣ କରି ନାଚନ୍ତି । ସମାଲୋଚକ-ମାନେ ଏହି ମହାକାଳ ମନ୍ଦିରରେ ଦେଖି, ଭୁଟିଆମାନଙ୍କର ଏ ସର୍ବଶ୍ରେଷ୍ଠ ଉପାସ୍ୟ ଦେବତା; ଦର୍ଶକଙ୍କଠାରୁ ଦୁଇପଇସା ଭଲ ଦର୍ଶନୀ ମଧ୍ୟ ଆଦାୟ ହୁଏ, ଶୈବଧର୍ମ ଓ ବୌଦ୍ଧଧର୍ମର ଏଠେ ମିଳନ କପରି ହେଲା, ଶଙ୍କର ବାବୁଙ୍କ ସହିତ ଦେଖା କରି ରହସ୍ୟ ଜାଣିବାକୁ ଚେଷ୍ଟା କରିଥିଲି, ସେ [illegible] ନ ଥିବାରୁ ହତାଶ ହୋଇଥି ହେବାକୁ ହେଲା । ମନ୍ଦିର ଦ୍ୱାରରେ ଗୋଟାଏ ପ୍ରକାଣ୍ଡ ପ୍ରାର୍ଥନାଯନ୍ତ୍ର ଅଛି, ଛୋଟ ଛୋଟ ମନ୍ଦିର ଦ୍ୱାରରେ ଅପେକ୍ଷାକୃତ ଛୋଟ ଯନ୍ତ୍ର ଥାଏ । ବୌଦ୍ଧମାନଙ୍କର ଧର୍ମ ଅର୍ଜନପନ୍ଥା ହିନ୍ଦୁମାନଙ୍କଠାରୁ ସହଜ, ହିନ୍ଦୁମାନେ ନିଜ ଧର୍ମ କାର୍ଯ୍ୟ ପୁରୋହିତଦ୍ୱାରା କରାଇ ନିଅନ୍ତି, ସେଥିପାଇଁ ତ କିଛି ପରିଶ୍ରମ ଓ ଅର୍ଥବ୍ୟୟ କରିବାକୁ ହୁଏ; କିନ୍ତୁ ବୌଦ୍ଧମାନେ ଏ ବିଷୟରେ ଅଧିକ ସିଆଣା, ଯନ୍ତ୍ର ସାହାଯ୍ୟରେ ସ୍ୱର୍ଗଦ୍ୱାର ସହଜ ଲଭ୍ୟ କରିଅଛନ୍ତି, ଲାମାମାନେ ପିଲା ଖେଳିବା ଝୁମୁକା ଆକାରର ପିତ୍ତଳର ଗୋଟାଏ ଲେଖାଏଁ ଯନ୍ତ୍ର ଧରି ବୁଲୁଥାନ୍ତି, ତା ମଧ୍ୟରେ ଖଣ୍ଡେ କାଗଜରେ 'ଓଁ ମଣିପଦ୍ମେ ହୁଂ' ଏହି ମନ୍ତ୍ର ଲେଖାଥାଏ, ମନ୍ତ୍ରର ଅର୍ଥ ପଦ୍ମାସନାସୀନ ବୁଦ୍ଧ; ହସ୍ତର ଛୋଟ ଗୋଲକାଦ୍ୱାରା ଯନ୍ତ୍ରଟି ଘୂରେ, ଯେତେଥର ଘୂରିଲା, ସେତେ ମନ୍ତ୍ର ଜପ ହେଲା; ଆମ୍ଭ ଦେଶର ପାରମାର୍ଥିକ ମାଳ ଜପ ଏହା ପାଖରେ ସମସ୍ତ ପରାସ୍ତ, ମୁହଁରେ କଥାବାର୍ତ୍ତା, ହସ ଟୋକିଭର କାରବାର ସବୁ ହେଉଅଛି, ଦେଖେ ହାତର ଛୋଟ ଗୋଲକାଦ୍ୱାରା ସ୍ୱର୍ଗଦ୍ୱାର ଉନ୍ମୁକ୍ତ ହୋଇ ଯାଉଅଛି ! ଯନ୍ତ୍ରର ପୁଣି ଆଉ ଗୋଟିଏ ଆଶ୍ଚର୍ଯ୍ୟ କୌଶଳ ଅଛି, ବିପରୀତ ଦିଗରେ ବୁଲାଇଲେ ସେହି ଯନ୍ତ୍ରଦ୍ୱାରା ପୁଣି ଅଭିଶାପ ବର୍ଷଣ କରାହୁଏ । ଏହି ଯନ୍ତ୍ରର ନାମ ମନ, ଏହାର ଓ ସମାଧି ମନ୍ଦିର ଆକାର ପ୍ରାୟ ଏକପ୍ରକାର, ସମାଧିସ୍ତୂପ ଗମ୍ବୁଜ ଆକାରର, ଉପରେ ଗୋଟିଏ ପିତ୍ତଳର ଚୂଡ଼ା, ଚାରିପାଖରେ କୁଟିଳାକ୍ଷରରେ ମନ୍ତ୍ର ଲିଖିତ । ଯେଉଁଠାରେ ପତାକା, ସେଠାରେ ହିଁ ଏକ ଭୁଟିଆ ଉପାସ୍ୟ ଦେବତାଙ୍କର ବା ଭୂତ ପ୍ରେତାଦିଙ୍କର ଅସ୍ଥାନ, ତାହା ନ ହେଲେ କୌଣସି ଭୁଟିଆ ବସ୍ତି ।

ଲେବଙ୍ଗ ଷ୍ଟେସନ ପୂର୍ବରେ ଜଲାପାହାଡ଼, ସମୁଦ୍ର ପତ୍ତନରୁ ପ୍ରାୟ ସାତହଜାର ପାଞ୍ଚଶ ଫୁଟ ଉଚ୍ଚ, ଏହି ପାହାଡ଼ରେ ଷ୍ଟେସନ ପାଖରେ କୁଇନ୍ସ ହିଲ ବାଳିକା ବିଦ୍ୟାଳୟ (Queens Hill' Girls'

school) ହିସ୍ରିନ୍ସ ହୋଟେଲ (Wood land Hotel), ଦେଶୀ ଖ୍ରୀଷ୍ଟାନଙ୍କ ଗିର୍ଜା । ଭିକ୍ଟୋରିଆ ହୋଟେଲ ଅତି ପ୍ରକାଣ୍ଡ ହୋଟେଲ, ଏହାର ଏକଶାଖା ସାହେବମାନଙ୍କ ଦୋକାନ ପାଖରେ ସ୍ଥିତ, ଉଡଲାଣ୍ଡ ହୋଟେଲ ଏହାଠାରୁ ବଡ଼, ଏହି ପାହାଡ଼ରେ କୁଚବିହାର ମହାରାଜାଙ୍କ ମାଲକାଗିରି ଓ ଅନେକ ସାହେବସୁବାଙ୍କର କୋଠି ଅଛି । ପର୍ବତ ଶିଖରରେ ପାଦ୍ରିମାନଙ୍କ ପାଇଁ ବାସସ୍ଥାନ, ଯୁଦ୍ଧ ବିଭାଗର ଭଣ୍ଡାର ପ୍ରଭୃତି ଅଛି, ସେଣ୍ଟପଲ ସ୍କୁଲର ପ୍ରକାଣ୍ଡ ଗୃହ ଏହିଠାରେ, ଏଠାରେ ମଧ୍ୟ ଏକ ଘୋଡ଼-ଦଉଡ଼ ଅଛି । ଏହାର କିଛି ଦୂରରେ ଜଲାପାହାଡ଼, ଏଠାରେ ପାର୍ବତ୍ୟ ଗୋଲନ୍ଦାଜମାନଙ୍କର ଛାଉଣୀ ଅଛି । ବିଚଉଡ଼ (Beech wood office) ଅଫିସ ଜଲାପାହାଡ଼ର ନିମ୍ନ ଅଂଶରେ, ଏଠାରେ ଖୋଜ କଲେ ବସାଘରର ସମ୍ବାଦ ମିଳେ । ଦାର୍ଜିଲିଂର ନାନାଶ୍ରେଣୀର ଲୋକ ବାସ କରନ୍ତି, ସେମାନଙ୍କ ମଧ୍ୟରୁ ଭୁଟିଆ, ନେପାଳୀ ଓ ଲେପଚା ସ୍ଥାନୀୟ ବାସିନ୍ଦା, ଅନ୍ୟ ଯେତେକ ସମସ୍ତେ ବିଦେଶୀ, ପେଟ ପୋଷିବାପାଇଁ ଏଠାରେ ଅଛନ୍ତି; ଲେପଚାଙ୍କ ସଂଖ୍ୟା ଅତି ଅଳ୍ପ, ନେପାଳୀଙ୍କ ଆଉ ନାମ ପାହାଡ଼ୀ, ଏମାନଙ୍କର ସାମାଜିକ ଅବସ୍ଥା ବରଂ ଉନ୍ନତ, ପୋଲିସ, କଚେରୀ, ସ୍କୁଲ ବିଭାଗ ସର୍ବତ୍ର ପାହାଡ଼ୀଙ୍କ ସଂଖ୍ୟା ବେଶି ଦେଖାଯାଏ, ବଙ୍ଗର ଓ ଶାସନ ବିଭାଗର ଉଚ୍ଚ ପଦରେ ମଧ୍ୟ ପାହାଡ଼ୀ ଅଛନ୍ତି ।

ଲେପଚାମାନେ ସିକିମର ଆଦିମ ଅଧିବାସୀ, ବୋଝ ବୋହିବା, ପାହାଡ଼ ଚଢ଼ିବାରେ ଏମାନେ ଅଦ୍ୱିତୀୟ, ମୋଟରେ ଦେଖିବାକୁ ଅସୁନ୍ଦର ନୁହନ୍ତି, ଲୁଗା ପଟା ଅତି ମଇଳା, ଏମାନେ ବୌଦ୍ଧଧର୍ମାବଲମ୍ବୀ । ଭୁଟିଆମାନେ ନାନାପ୍ରକାର ରଞ୍ଜିତ ବସ୍ତ୍ର ଓ ଗହଣାର ପକ୍ଷପାତୀ; ଗଳାରେ ଟଙ୍କା ଅଧୁଲିର ମାଳ, ତାବିଜ, କାନରେ ନାନାପ୍ରକାର ପଥର ଗହଣା, ହାତରେ ଶଙ୍ଖ ଚୁଡ଼ି ପିନ୍ଧନ୍ତି । ସ୍ତ୍ରୀ ମଧ୍ୟରେ ବିଉ ... କ୍ଷେତ୍ରୀୟ ଲୋକ ଛନ୍ତି, ନେପାଳ ନେତ୍ରୀ, ... ଆଦିମ ଅଧିବାସୀ । ଏମାନେ ବୌଦ୍ଧଧର୍ମାବଲମ୍ବୀ ହେଲେହେଁ ଉପଦେବତା ପୂଜା ବିଶେଷରୂପରେ କରନ୍ତି । ଏମାନଙ୍କ ପୋଷାକ ପତ୍ର, ଚଳନ ପ୍ରକୃତି ଚୋହିତା; ଏମାନଙ୍କର ବିବାହବିଧି ଅତ୍ୟନ୍ତ ଶିଥିଳ, ଜାତିଭେଦ ନାହିଁ, ପ୍ରାୟ ସବୁ ଦ୍ରବ୍ୟ ଖାଆନ୍ତି, ପୁରୁଷମାନେ ଟୋପି ବ୍ୟବହାର କରନ୍ତି, ସ୍ତ୍ରୀମାନଙ୍କ ମୁଣ୍ଡ ଖୋଲା ।

ନେପାଳୀମାନେ ଦେଖିବାକୁ ଅପେକ୍ଷାକୃତ ସୁଶ୍ରୀ, ଏମାନେ ମଧ୍ୟ ଅଳଙ୍କାରପ୍ରିୟ, କିନ୍ତୁ ଭୁଟିଆଙ୍କ ପରି ନୁହନ୍ତି, ଏମାନଙ୍କ ସ୍ତ୍ରୀମାନେ ମୁଣ୍ଡରେ ସବୁବେଳେ ଖଣ୍ଡେ କପଡ଼ା ବ୍ୟବହାର କରନ୍ତି, ଏହାହିଁ ଏମାନଙ୍କୁ ଅନ୍ୟଜାତୀୟ ସ୍ତ୍ରୀମାନଙ୍କଠାରୁ ଚିହ୍ନିବାର ଉପାୟ, ଏମାନେ ଜାତିରେ ହିନ୍ଦୁ, ଏମାନଙ୍କ ମଧ୍ୟରେ ଜାତିଭେଦ ଥିଲେହେଁ ବ୍ରାହ୍ମଣମାନେ ମଧ୍ୟ ସମସ୍ତ ଘରର କାର୍ଯ୍ୟ କରନ୍ତି ।

ପାହାଡ଼ୀମାନେ ଘୋର ପରିଶ୍ରମ କରନ୍ତି ସେହିପରି ଉପାର୍ଜନ କରନ୍ତି, ସ୍ତ୍ରୀମାନେ ଦିନକୁ ବାର ଅଣା ଟଙ୍କାଏ ଉପାର୍ଜନ କରନ୍ତି, କିନ୍ତୁ ଏଥିରୁ ଅଧିକାଂଶ ଦେଶି ସରାବ, ସିଗାରେଟରେ ଉଡ଼ିଯାଏ । ଯେଉଁମାନେ ମିତବ୍ୟୟୀ ସେମାନେ ଭଲ ଲୁଗାପଟା ସଞ୍ଚୟ କରନ୍ତି । ଯେଉଁମାନେ ବୋଝ ବୁହନ୍ତି, ବାଟରେ ପଥର ଭାଙ୍ଗନ୍ତି, ସେମାନଙ୍କ ଦେହରେ ମଧ୍ୟ ଶ ଶ ଟଙ୍କାର ଅଳଙ୍କାର ଥାଏ । ଅଳଙ୍କାରପ୍ରିୟତା ପାହାଡ଼ୀ ସ୍ତ୍ରୀମାନଙ୍କ ମଧ୍ୟରେ ଅତ୍ୟଧିକ । ସେଥିପାଇଁ ଯେଉଁମାନେ ସୁନା ରୁପାର ଅଳଙ୍କାର କରି ନ ପାରନ୍ତି ସେମାନେ ଗିଲଟି ଗହଣା ଓ ପଥରମାଳର ଅଙ୍ଗସ୍ଥ କରନ୍ତି । ଏହି ପାର୍ବତ୍ୟ ଜାତିମାନେ ବୋଝ ବୋହିବାପାଇଁ ଯୋଗ୍ୟ ... ହୋଇଅଛନ୍ତି, ବୋଧହୁଏ ଭଗବାନ୍ ସେଥିରେ

[illegible] ଗହ୍ୱରରୁ ଆସୁଅଛି, ଏମାନେ ସବୁଠାରୁ ଉଚ୍ଚସ୍ଥାନୀ । ସେଠାରେ ଓ ଜଣକର [illegible] ଲୁଚିଲୁ ଦେଖିବାକୁ ଦେଲେ, ସେ ଦେଶ ଅଧିବାସୀ ଗ୍ରହଣ କରିବ, ଅଧିବାସୀମାନେ ପ୍ରାଣ ଅପେକ୍ଷା ଏପରି ବଳ ଓ ଜଣକର ନିକଟ [illegible] ଯେ ନିଜେ ହାତରେ ସମାଧିବ, କବୁ ପାପୀଙ୍କୁ ଯଦି କହିବ, ଏତେବଡ଼ ବୋଝ ସ୍ମରଣ କେଉଁ ଠାକୁର ନାହିଁ, ତାହାହେଲେ ସେମାନେ ସେମାନଙ୍କର ଅମୃତସ୍ଥାନ ଉପରେ ଅଧିକ ବୋଝ ବୋଲି ମନେ କରିବେ । ଦୁଇ ମହଣ ଅଢ଼େଇ ମହଣ ବୋଝ ନେଇ ବସି ଶୁଏ ଅବଲୀଳାକ୍ରମରେ ପାହାଡ଼ ଉପରକୁ ଉଠନ୍ତି । ଶୁଣାଯାଏ ପ୍ରାୟ କେମହଣ ଓଜନର ଲୁହାବାକ୍ସ ଜଣେ ଭୁଟିଆ ସ୍ତ୍ରୀ ଉଠାଇବାକୁ ଚେଷ୍ଟା କରୁଥିଲା, ଲୁହାବାକ୍ସ ଯେଉଁ ବାବୁଙ୍କର ସେ କହିଲେ ବାକ୍ସଟା ଅତି ଭାରି, ନେଇ ପାରିବ ନାହିଁ । ସ୍ତ୍ରୀଲୋକଟି ଏହାଙ୍କର ସମ୍ପତ୍ତି ହେବା, ଯଥା ବୋଧ ହେଲା, ବାକ୍ସକୁ ମୁଣ୍ଡାଇ ଦିଆ ହୋଇ ଅଛି ଟିକିଏ ତା ଉପରେ ଲଦିବାକୁ କହିଲା, ନ ହେଲାରୁ ଚେଷ୍ଟାପୂର୍ଣ୍ଣ ଗମ୍ଭୀର ଓ ଦୃଢ଼ ସ୍ୱରରେ କହିଲା, ନ ହେଲେ ଏ ବାକ୍ସକୁ ଛାଡ଼ିବି ନାହିଁ, ଏଠାରୁ ଯିବି ନାହିଁ, ତାହାର ଜୀବ ରକ୍ଷିବା-ପାଇଁ ଅଧ୍ୟୋ ଅଛ ଟିକି ଟିକସ ଦେବାକୁ ହେଲା । ଦୁଇ ବ୍ୟକ୍ତି ସେହିଙ୍କ ବୋଝଟାଏ ନେବାକୁ ହେଲେ ଗାଡ଼ିଭଡ଼ା ମଣିଷ ତ ପ୍ରଥମେ ମରିଯାଏ, ଟିକି ଉଦ୍ଧାର [illegible] ପାଠଲେ [illegible] ବନ୍ଧୁ [illegible] ଅଧିବେଶନ ନେଇଯାଏ । ଆମ୍ଭମାନଙ୍କ ଦେଶପକ୍ଷ ମଣ୍ଡଳେ ବୋଝ ବୋହିବାର ପ୍ରଥା ନାହିଁ, ଦୋକାନ, ପଟଳୀ [illegible] ପିଠିରେ ପଡ଼ାଇ, ଝଣ୍ଡେ ଛୋଟଦ୍ୱାର [illegible] ଲଗାନ୍ତି. ଏମାନଙ୍କର ମୁଣ୍ଡ ଧନ୍ୟ ! ପିଠି ଧନ୍ୟ ! ବେକ ଶିର ଧନ୍ୟ ! ଏଠାରୁ ଦାର୍ଜିଲିଂଭିଜିଟର (Darjiling Visitor) ନାମରେ ଖଣ୍ଡେ [illegible] ସମ୍ବାଦପତ୍ର ବାହାରେ, ମୂଲ୍ୟ ପ୍ରତି ସଂଖ୍ୟା ଦୁଇ ଅଣା । ସମ୍ବାଦପତ୍ର ଦେଖିଲେ ଜଣା ଯାଏ [illegible] ଅନୁମାନ କରୁଥିଲି, ଛଅଟି ତିନି ଏଥିରେ [illegible] ଥାଏ, ଥିବା ସମୟରେ ଦାର୍ଜିଲିଂରେ ବାସ କରୁଥିବା ରାଜା, ବାହିନୀ ଓ ଅନ୍ୟାନ୍ୟ ବଡ଼ଲୋକଙ୍କ ନାମ, ବଜାର ଭାଉ ଓ ବହୁ ଦୋକାନର ମାଲିକମାନଙ୍କ ନାମ, ସାମାନ୍ୟ ସ୍ଥାନୀୟ ସମ୍ବାଦ ଲେଖା ଥାଏ ।

ଦାର୍ଜିଲିଂର ବାର୍ଷିକ ବୃଷ୍ଟିର ପରିମାଣ ୧୨୦ ଇଞ୍ଚ, ସର୍ବୋଚ୍ଚ ତାପ ପ୍ରାୟ ୭୦°, ସର୍ବନିମ୍ନ ତାପ ପ୍ରାୟ ୨୫°, ନଭେମ୍ବର ଶେଷଠାରୁ ଫେବ୍ରୁୟାରି ଶେଷ ପର୍ଯ୍ୟନ୍ତ ବରଫ ପଡ଼ିବାର ସମୟ, କେତେ ବର୍ଷ ହେଲା ବରଫ ପଡ଼ି ନାହିଁ । ଯେଉଁ ବର୍ଷ ବେଶି ପଡ଼ିଥିଲା, ସେ ବର୍ଷ କେତେ ଫୁଟ ବରଫ ବାଟରେ ଜମା ହୋଇଥିଲା । ପୂର୍ବେ ଏଠା ଜଳ ପାଇଖାନାଦ୍ୱାରା ପ୍ରବଳ ଉଦରାମୟ ହେଉଥିଲା, ଜଳକଳ ହେବା ପରଠାରୁ [illegible] ନାହିଁ, ପସ୍ତୁର ଫିଲ୍ଟର ବ୍ୟବହାରଦ୍ୱାରା ସେ ଦୋଷ ପ୍ରାୟ ଦୂରୀଭୂତ ହୋଇଅଛି । ବରଫ ପଡ଼ୁଥିବା ହେତୁରୁ ଘର ଗୁଡ଼ିକ ସବୁ [illegible] ଛାତର [illegible] ପଥର, ମାଟି [illegible] ଓ [illegible] ମିଶା, ସେହେତୁରୁ [illegible] ଉପଯୋଗୀ ନୁହେଁ । ଘରଗୁଡ଼ିକ କାଠ, ଟିଣ ଓ କାଚରେ ନିର୍ମିତ । କାଠ ପଟାର ଚଟାଣ ଓ କାନ୍ଥ, ଟିଣର ଛାତ, କାଚର କବାଟ ଓ ବାଉ; କେବଳ ବାହାର ସ୍ତମ୍ଭ କାନ୍ଥ ପଥରର ବା ଇଟାର, ସବୁ-ବେଳେ ଶୀତଳ ପବନ ବହୁଥିବାରୁ କବାଟ ବନ୍ଦ ନ କଲେ ଘରେ ବସି ହେବ ନାହିଁ, ଅନ୍ଧାରରେ କାର୍ଯ୍ୟ କରି ହେବ ନାହିଁ, ସେହେତୁରୁ କାଚର କବାଟ ଓ ଝରକା ନ କଲେ ନ ଚଳେ । କ୍ରମଶଃ ଜନାକୀର୍ଣ୍ଣ ହେଉଥିବାରୁ [illegible] ବ୍ୟତୀତ ନୂଆ ଘର ତୋଳି ବସିବାକୁ ଅନୁମତି ମିଳୁ ନାହିଁ । ମ୍ୟୁନିସିପାଲିଟିରେ [illegible] ପାର୍ବତ୍ୟ ବାୟୁ [illegible] ଦୂର କରି ଦେହ ଓ ମନକୁ [illegible]

ସୃଷ୍ଟି ହେଉଥାଏ । ଶରୀର ସହିତ ମନର ଘନିଷ୍ଠ ସମ୍ପର୍କ, ମନର ବଳ ବଡ଼ ବଳ, ଅମ୍ଭ ଦେଶରେ ଦୁଇ ଚାରି ମାଇଲ ଚାଲି ବୁଲି ଗଲେ ଶ୍ରାନ୍ତି ବୋଧହୁଏ, ଦେହରେ ବା ମନରେ ପ୍ରଫୁଲ୍ଲତା ରହେ ନାହିଁ, ସେଠାରେ ଦଶ ବାର ମାଇଲ ବୁଲି ଘୋଡ଼ା ପଡ଼ନ୍ତ ହେଲେହେଁ, ପ୍ରବଳ ଶ୍ୱାସ ବହିଲେହେଁ, ମନ ନିସ୍ତେଜ ହୁଏ ନାହିଁ; ମୋହର ନିଜର କଥା କହୁଛି, ଏଠାରେ ପଦାକୁ ବାହାରିବାକୁ ମନ ହୁଏ ନାହିଁ, ବସିଥିଲେ ଠିଆ ହେବାକୁ, ଶୋଇଥିଲେ ବସିବାକୁ ମନ ହୁଏ ନାହିଁ, ଦାର୍ଜିଲିଂରେ ପ୍ରତ୍ୟହ ସାତ ଆଠ ମାଇଲ ନ ବୁଲିଲେ ମନ ଥୟ ହୁଏ ନାହିଁ, କି ଦେହ ଭଲ ରହେ ନାହିଁ; ଦୃଶ୍ୟବୈଚିତ୍ର୍ୟ ଭ୍ରମଣରେ ସହାନୁଭୂତି କରେ । ମୁଁ ଗତ ପାଞ୍ଚ ବର୍ଷ ମଧ୍ୟରେ ଦଣ୍ଡକ ପାଇଁ ଘୋଡ଼ା ଚଢ଼ି ନ ଥିଲି, ପୂର୍ବେ ସାମାନ୍ୟ ଅଭ୍ୟାସ ଥିଲେହେଁ, ସେ ବିଦ୍ୟାରେ ସମ୍ପୂର୍ଣ୍ଣ ଅନଭ୍ୟସ୍ତ, ସେନଚଲ ଯିବାପାଇଁ ବାଧ୍ୟ ହୋଇ ଘୋଡ଼ା ଚଢ଼ିବାକୁ ହେଲା; ରେକାବ ଦୋଷରୁ ଓ ଅନେକ ଦିନ ଅଭ୍ୟାସ ନ ଥିବାରୁ ସର୍ବାଙ୍ଗ ଦରଜ ହୋଇଗଲା, ଅନ୍ୟଠା ହୋଇଥିଲେ ନିଃସନ୍ଦେହ ଏକ ସପ୍ତାହ ବିଛଣା ଧରିଥାନ୍ତି, କିନ୍ତୁ ସେହି ଘୋଟା ଘୋଡ଼ାରେ ସକାଳ ଓଲ ଟା, ବଗିଙ୍କୁ ଯାଇ ପ୍ରାୟ ୧୦ ମାଇଲ ବୁଲି ଅସିଲି, ଟ, ବଗିଙ୍କୁ ଯିବା ପାଇଁ ଏହା ଉପରେ ପ୍ରାୟ ଦୁଇଶ ଅଢ଼େଇଶ ଫୁଟ ଓହ୍ଲାଇବାକୁ ଓ ଉପରକୁ ଉଠିବାକୁ ହୋଇଥିଲା । ଉପରବେଳା ସେହିପରି ୬ ମାଇଲ ଚାଲି ସମରକ ଦେଖି ଆସିଲି, ସମରକକୁ ଯିବାକୁ ପ୍ରାୟ ୩୦୦ ଫୁଟ ଉପରକୁ ଉଠିବାକୁ ଓ ଖସିବାକୁ ହୁଏ, ଏ ସବୁ ଅଭ୍ୟାସରୁ ପର ଦିନ ବେଦନା ବଢ଼ିଥିଲେହେଁ, ଜାଲୁରବାରୁ ନିକଟସ୍ଥ ସହେ ୧ ନ ଘଣ୍ଟା ବୁଲି ଅସିଲି, ଅନ୍ୟତ୍ର କେବେହେଁ ହୋଇ ନ ଥାନ୍ତା ।

ଏ ଅଞ୍ଚଳରେ ମନୁଷ୍ୟମାତ୍ରେ ପୋଷି ମନ୍ଥର ଭାରବାହ କରନ୍ତି, କାଠ ବାକ୍ସ ଭିତରେ ମଣିଷ ସଙ୍କୀର୍ଣ୍ଣ ପଥ ଦେଇ ଯାଇଥାନ୍ତି, ଆମ୍ଭର ମୋଟିଆ ଶକ୍ତିରେ ମୋଟିଆ ହୋଇ ମଣିଷମାନେ ସବୁ ବାଟରେ ଏକାକୀ ଯାଆନ୍ତି, ଦିନ ହେଲେ ସେମାନଙ୍କୁ ଛଡ଼ିଦିଅନ୍ତି, ଗଣୀକତ ଓ ବାହାରିବାର ସମତା ନାହିଁ, ମଣିଷମାନଙ୍କ ଜିନଯାକ ମନ୍ଥ ସନ୍ଧ୍ୟାକାଳ ସନ୍ଧ୍ୟା ବେଳରୁ ସେଠା ଅଗ୍ନି ଚାଲୁରେ ମଧ୍ୟ ସଶସ୍ତ୍ର ରହନ୍ତି, ମନୁଷ୍ୟ ବୁଦ୍ଧିବଳରେ ତାହାକୁ ବଶ କରୁ ନାହିଁ ।

ଏଠାରେ ହିଂସ୍ର ଜନ୍ତୁ ନାହାନ୍ତି, ବଡ଼ାକ୍ତ ସର୍ପ ନାହାନ୍ତି, ମାଛି ମଶା ପିମ୍ପୁଡ଼ି ମଧ୍ୟ ସ୍ୱଳ୍ପ, କୁଥ ହରଇ, ବର୍ଷା ଦିନେ ଜୋକ ଅପେକ୍ଷା ନାହାନ୍ତି; ଶୀତପ୍ରଧାନ ଦେଶରେ କଣ୍ଟାଗଛ ପ୍ରଭୃତି ଭଲ ହୁଏ ନାହିଁ, କିନ୍ତୁ ଏଠାରେ ବିଛୁଆତି ଗଛର ଖୁବ ବେଶି । ଅମ୍ଭମାନଙ୍କ ଦେଶ ବିଛୁଆତି ଅପେକ୍ଷା ଏହାର ଜ୍ୱାଳା ଯନ୍ତ୍ରଣା ଅତି ତୀବ୍ର । ଗୋଟାଏ ଗୁଳ୍ମ ଅଛି, ତାହାର ପତ୍ରରସ ଘଷିଲେ ଜ୍ୱାଳା କମି ଯାଏ, ଏଠା ଲୋକେ ପୁଣି ଏହାକୁ ବିଛୁଆତିରୁ ତାଅଣ ଡର ଖାନ୍ତି । ଶୁଣିଥିଲି ଏଠାରେ ପହଞ୍ଚିବା ମାତ୍ରେ ମୁଖା, ନିଦ୍ରା ବେଶି ହୁଏ, ପ୍ରସ୍ରାବର ପରିମାଣ ମଧ୍ୟ ବଢ଼େ, କିନ୍ତୁ ଅନୁଭବରେ ତ ଅମ୍ଭେମାନେ ସମସ୍ତେ ବିପରୀତ ଦେଖିଲୁଁ । ବୁଲି-ବୁଲି ଭଲକରି ଖାଇବା ଏଠାରେ ସ୍ୱାସ୍ଥ୍ୟରକ୍ଷାର ଏକମାତ୍ର ଉପାୟ, ଘରେ ବସି ରହିଲେ ଶୀତ ମାଡ଼ି ବସିବ, ରୋଗ ଶୀଘ୍ର ଯିବ । ଶୀତ ଏତେ ବେଶି ହେଲେହେଁ ଅଗ୍ନିସେବା ନୁହେଁ, ଦାନ୍ତ ଠକ ଠକ ବାଜେ ନାହିଁ ।

ଫର୍ନ (fern), ଶୈବାଳ, ପ୍ରଜାପତି, ଲେପଚା ଗୁଦଡ଼ି, ଲୋମନିର୍ମିତ ପଦାର୍ଥ, ହରିଣ ଚର୍ମ, ଚମରୀ ପୁଚ୍ଛ, ମଞ୍ଜୁରୀ ପୁଚ୍ଛ, ନେପାଳ ଛୁରୀ, ପରଗଛ (orchid) ପ୍ରଭୃତି କ୍ରୟଯୋଗ୍ୟ ପଦାର୍ଥ । ଭୁଟିଆ ଓ ନେପାଳମାନେ ଏହି ସବୁ ପଦାର୍ଥ ଦ୍ୱାରେ ଦ୍ୱାରେ ବିକି ବୁଲନ୍ତି, ପ୍ରଜାପତି [illegible] ବାକ୍ସ ଅଠର ଅଣା ପାଞ୍ଚ ପ୍ରକାରେ [illegible] ଦେଲେ ଦେଖି ହେଲାଇ [illegible] ଅମୋଦ

ଶିଷ ସ୍ଥାନ । ନାନା ପ୍ରକାର ଘଣ୍ଟାଘରର ଚିତ୍ର ଯୁକ୍ତ ଏବଂ ନେପାଳୀଙ୍କର ହାତ ଛୁରୀ, ନେପାଳ ସମ୍ପ୍ରଦାୟର ଅର୍ଥାତ ତିବ୍ବତୀୟ ଭୋଟ ଅସ୍ତ୍ରଶସ୍ତ୍ର ମିଳେ । ନାନା ପ୍ରକାର ପଥର ମଧ୍ୟ ଏଠାରେ ଦେଖିବାକୁ ଅଛନ୍ତି । ନେପାଳୀମାନଙ୍କର ପ୍ରାର୍ଥନାଯନ୍ତ୍ର ମଧ୍ୟ କିଣିବାକୁ ମିଳେ, କିନ୍ତୁ ସେ ସବୁରେ ଗୁରୁତର ଲୋକଙ୍କୁ ଜାଣି ନ ଥାଏ ।

ଦାର୍ଜିଲିଂ ଓ ନିକଟସ୍ଥ ସମସ୍ତ ଦର୍ଶନୀୟ ଓ ଜ୍ଞାତବ୍ୟ ବିଷୟ ସମ୍ବଳିତ ପୁସ୍ତକ (Darjiling guide) କିଣିବାକୁ ମିଳେ । ପୁସ୍ତକ ଇଂରେଜୀ ଭାଷାରେ ଲିଖିତ, ତାହା କିନ୍ତୁ ଦାର୍ଜିଲିଂର ସମସ୍ତ ଜିନିଷ ପରି ଅତି ମହଙ୍ଗା, ଦେଢ଼ ଟଙ୍କା ଦାମ ଶୁଣି ମନେ କରିଥିଲି ଖଣ୍ଡେ ବଡ ବହି ହୋଇଥିବ, ଦେଖିବାବେଳକୁ ୫୩ ପୃଷ୍ଠାର ଖଣ୍ଡିଏ ବହି, ସେଥିରୁ ୨୫ ପୃଷ୍ଠା ଜ୍ଞାତବ୍ୟ ବିଷୟ ପୂର୍ଣ୍ଣ, ୧୮ ପୃଷ୍ଠା ଛବି ଓ ମାନଚିତ୍ର । ଯାହାହେଉ ଛପା, କାଗଜ, ବନ୍ଧେଇ ସବୁ ଅତି ସୁନ୍ଦର ।

ସେନଚଲ ଦାର୍ଜିଲିଂରୁ ସାତ ମାଇଲ ଦୂର. ରେଲରେ ଘୁମ ଷ୍ଟେସନ ଯାଏ ଯାଇ ସେଠାରୁ ବା ଜଲାପାହାଡ଼ ବାଟେ ସେନଚଲକୁ ଯିବାକୁ ହୁଏ। ଏହା ସମୁଦ୍ର ପତ୍ତନରୁ ୮୧୬୦ ଫୁଟ, ତାହା ପାର୍ଶ୍ବସ୍ଥ ଟାଇଗରହିଲ (Tiger hill) ୮୬୦୦, ଏଠାରୁ ହିମାଳୟର ସର୍ବୋଚ୍ଚ ଶିଖର ଏଭରେଷ୍ଟ ଭଲ ଦେଖାଯାଏ, ଏ ଅଞ୍ଚଳ ସର୍ବଦା ମେଘାଚ୍ଛନ୍ନ, କୁହୁଡ଼ିରେ ବୁଡ଼ି ରହିଥାଏ, ଏ ହେତୁରୁ ଭଲ ପାଗ ଦେଖି ପୂର୍ବ ଦିନରୁ ଯାଇ ନିକଟସ୍ଥ ଡାକ ବଙ୍ଗଳାରେ ରହି ପରଦିନ ପ୍ରଭାତରୁ ଏଭରେଷ୍ଟର ଶୋଭା ଦେଖିବା ସୁବିଧା । ସକାଳେ ସନ୍ଧ୍ୟାବେଳେ ଏଭରେଷ୍ଟ ଶୃଙ୍ଗରେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଶୋଭା ଦର୍ଶନ ପରମ ସୌଭାଗ୍ୟ ବୋଲି ପରିଗଣିତ ହୁଏ, ପୃଥିବୀ ମଧ୍ୟରେ ଏହା ଏକ ପରମ ରମଣୀୟ ପ୍ରାକୃତିକ ଦୃଶ୍ୟ । ରିକ୍ସରେ ଏଡ଼େ ଉଠାଣି ଉଠିବା ଅତି କଷ୍ଟକର, ଦାଣ୍ଡିରେ ଯିବାକୁ ସମସ୍ତେ ପ୍ରସ୍ତୁତ ନୁହନ୍ତି, ଅଶ୍ୱଯାନହିଁ ଶ୍ରେଷ୍ଠ ଯାନ । ଏଠାରେ ପୂର୍ବେ ଗୋଟିଏ ସିଙ୍କୋନା-ବାଗ, ତାହା ଭିନ୍ନ ଦାର୍ଜିଲିଂ ଉଦ୍ୟାନ, (Botanical garden) ଥିଲା, ଅତ୍ୟନ୍ତ ଶୀତ ଓ କର୍ଦ୍ଦମତା ହେତୁରୁ ଅନେକ ଲୋକ ସିପାହୀ ଅସୁସ୍ଥ ହୋଇ ମଲେ, ବିଶେଷ କୁହୁଡ଼ି ଓ ବର୍ଷା ହେତୁରୁ ଗଛ ପତ୍ର ଉଦ୍ଧେଇଲା ନାହିଁ, ଏହେତୁରୁ ସିପାହୀମାନେ ଜଲାପାହାଡ଼ ଓ ଲିବଙ୍ଗକୁ ଉଠି ଗଲେ, ବଗିଚା ଉପେକ୍ଷିତ ହେଲା, ବର୍ତ୍ତମାନ ପୂର୍ବ ବାସ୍ତୁରର ଧ୍ୱଂସାବଶେଷ ରହିଅଛି, ଭଙ୍ଗା କାନ୍ଥ ଓ ଧୂଆଁ ବାହାରିବାର ପକ୍କା ଚିମ୍ନି (Chimny) ଅତୀତର ସାକ୍ଷୀ ହୋଇ ଠିଆ ହୋଇଅଛନ୍ତି ।

ଦାର୍ଜିଲିଂରୁ ଘୁମରକ ସାଢ଼େ ୩ ମାଇଲ, ଏହାର ଡାକ ନାମ ଦୁର୍ବିନ ପଥର, ରେଲରେ ଘୁମ ଷ୍ଟେସନଯାଏ ଯାଇ ସେଠାରୁ ଘୁମରକକୁ ଯିବାକୁ ହୁଏ, ସମୁଦ୍ରପତ୍ତନଠାରୁ ଏହା ପ୍ରାୟ ଅଠ ହଜାର ଫୁଟ ଉଚ୍ଚ, ଏଠାରେ ଅଶି ଫୁଟ ଉଚ୍ଚ ଏକ ଗୋଟା ପଥର ଅଛି, ତାହା ଉପରୁ ନିପଚ୍ୟକାଣ ଦୃଶ୍ୟ ଅତି ମନୋହର, କିନ୍ତୁ ସେନଚଲ ପରି ଏ ସ୍ଥଳ ସର୍ବଦା କୁହୁଡ଼ିରେ ବୁଡ଼ି ରହିଥିବାରୁ ପାଗ ନ ବୁଝି ଗଲେ ପରିଶ୍ରମ ବୃଥା ହୁଏ, ପ୍ରବାଦ ଅଛି, ପୂର୍ବ କାଳରେ ଅପରାଧୀମାନଙ୍କୁ ଏଠାରୁ ତଳକୁ ଗଡ଼ାଇ ଦେଉଥିଲେ, ସେମାନେ ଏତେ ଉଚ୍ଚରୁ ପଡି ମାଂସପିଣ୍ଡୁଟିଏ ହୋଇ ଭବଲୀଳା ସାଙ୍ଗ କରୁଥିଲେ ।

ଦାର୍ଜିଲିଂର ଚାରି ପାଖରେ ଅନେକ ଦର୍ଶନୀୟ ସ୍ଥାନ ଅଛି, ତାହା ମଧ୍ୟରେ ତ୍ରୋଇ ବେଡ-ପୋଲ ସର୍ବପ୍ରଧାନ । ଅଧିକାଂଶ ସ୍ଥଳରେ ଡାକ ବଙ୍ଗଳା ଅଛି, ଡାକ ବଙ୍ଗଳାରେ ରହିବା ଡେପୁଟି କମିଶନର ସାହେବଙ୍କ ଅନୁମତି-ସାପେକ୍ଷ, ଧନବଳ ମନବଳ ଥିଲେ ଏ ସବୁ ଦୃଶ୍ୟର ଦର୍ଶନଲାଳସା ପରିତୃପ୍ତ କରିଯାଇ ପାରେ, ଏ ଦୁଇର ଏକତ୍ର ସମାବେଶ କରିଲ, ଯେଉଁମାନଙ୍କର ଅଛି ସେମାନେ ସେ ସୁଖ ଭୋଗ କରୁଅଛନ୍ତି । ଗ୍ରୀଷ୍ମପ୍ରାବାସୀ ଦାର୍ଜିଲିଂ ଅବସ୍ଥାନ

ତାହାର ଶୀଘ୍ର ଯୋଗୀ ହେବୁ ହେବୁ ସମ୍ପୂର୍ଣ୍ଣ ନିର୍ମଳ, ଶୀତଳ ପ୍ରକାଶ, ଅନ୍ତଃସ୍ଥିତ ଅସ୍ଥିରତା ଓ ନାନାବିଧ ଅନୁଭବ ଆସି ମୋତେ ଆସିବାକୁ ମନ ହେଉ ନ ଥିଲା ।

ଏ ପ୍ରବନ୍ଧ ଲେଖିବା ପରେ ସ୍ମରଣମାନ ମୋ ମନରେ ପଡ଼ିଲା, ଘୁମ ଡାହାଣୀ [Ghoom witch] ଗତ ଡିସେମ୍ବର ମାସ ପତ୍ରିକାରେ ପ୍ରକାଶିତ ହୋଇଅଛି । ପାଠକେ ସ୍ମରଣ କରିବେ ନାହିଁ, ଡାହାଣୀ ଅର୍ଥରେ ଆମ୍ଭେମାନେ ଯାହା ମନେ କରୁଁ, ଏ ସେପରି ଡାହାଣୀ, କେବଳ ପଚାଶ ବର୍ଷ ହେଲା ଏକ ଅବସ୍ଥାରେ ଥିବାରୁ ଆକାରର କୌଣସି ପରିବର୍ତ୍ତନ ହୋଇ ନ ଥିବାରୁ ଲୋକେ ପରିହାସରେ ଡାହାଣୀ କହୁଥିଲେ, ତାହାର ମନଟି ଯେ ଅତି ନିର୍ମଳ, ତାହା ତାହାର ଆକାରରୁ ସ୍ପଷ୍ଟ ଜଣା ଯାଉଥିଲା, ଶହେ ବର୍ଷ ହେଲେହେଁ ମୁଖରେ ଏକ ପ୍ରକାର ଜନମପ୍ରୀତି, ସ୍ନେହ ଦାସ୍ୟ ମଧୁରତାର ଥିଲା । ତାହାର ଯୌବନ ପ୍ରକୃତ ତାହାର ଜଣା ନାହିଁ ବା କହିବ ? ତିବ୍ବତୀୟ ଜାତିର ବୌଦ୍ଧଧର୍ମ ବୁଦ୍ଧଦେବଙ୍କ ଅର୍ଥ ଦାନ-ପରିବର୍ତ୍ତନ ପାନ୍ଥାଶ୍ରମ ପାଇଁ ଦାନ କରି ଯାଇଅଛି, ମୃତ୍ୟୁ ପରେ ଦେଖାଗଲା, ଜନସାଧାରଣ ଦ୍ୱାରା ତାହାର ସଞ୍ଚିତ ଟଙ୍କା ଜମା ଅଛି, ଏହି ଟଙ୍କାରେ ତାହାର ଇଚ୍ଛାନୁସାରେ ପାନ୍ଥାଶ୍ରମ ନିର୍ମିତ ହେବ । ଅସଭ୍ୟ, ନିରକ୍ଷର, ଭିକ୍ଷାବୃତ୍ତିଧାରୀ ବୃଦ୍ଧା ଯେଉଁ ଉଦାହରଣ ଦେଖାଇ ଗଲା, କେତେ ଜଣ ସୁସଭ୍ୟ, ଶିକ୍ଷିତ, ଧନୀ ତାହା କରି ପାରନ୍ତି—ଧନୀମାନଙ୍କର ଅର୍ଥ (ଗରିବଙ୍କ ଶୋଷିତ ଧନ-ସଂଗ୍ରହ) ବିଳାସିତା ଓ ଆମୋଦ ପ୍ରମୋଦ ବସ୍ତୁରୁ ରକ୍ଷା ପାଇଲେ ଯୋଗ୍ୟପାତ୍ର ବସ୍ତୁରେ ଅର୍ପିତ ହୋଇ ପାରର ଧନ ପ୍ରାପ୍ତସ୍ଥିତିରେ ଯାଏ ।

ଶ୍ରୀ ଶ୍ୟାମସୁନ୍ଦର ନନ୍ଦ ।

ଉତ୍କଳ ସାହିତ୍ୟର ଉନ୍ନତି ।

(ଉତ୍କଳ ସାହିତ୍ୟ ସମାଜର ବାର୍ଷିକ ଅଧିବେଶନରେ ପଠିତ ମନ୍ତବ୍ୟ)

ଉପସ୍ଥିତ ସଭ୍ୟମହୋଦୟଗଣ,

ଏ ସଭାର ଅଥବା କୌଣସି ସଭାର ସଭାପତି ପଦ ସ୍ୱୀକାର ମୁଁ ଆପଣାକୁ ସମ୍ପୂର୍ଣ୍ଣ ଅନୁପଯୁକ୍ତ ବିବେଚନା କରେ । ସଭାପତିର ଗୁଣମାନଙ୍କ ମଧ୍ୟରେ ବାକ୍‌ପଟୁତା ଅପରିହାର୍ଯ୍ୟରୂପେ ଆବଶ୍ୟକ ଏହା ନିର୍ବିବାଦସମ୍ମତ କଥା । ଦୀର୍ଘକାଳସ୍ଥାୟୀ ଶାରୀରିକ ପୀଡ଼ା ହେତୁରୁ ଏହି ସଦ୍‌ଗୁଣ ଅର୍ଜନ କରିବା ସକାଶେ ମୁଁ କେବେ ଚେଷ୍ଟା କରି ନାହିଁ । ପୁଣି ବୟୋବୃଦ୍ଧି ସହିତ ସେହି ପୀଡ଼ା ବର୍ଦ୍ଧିତ ହୋଇ ମୋତେ ନିତାନ୍ତ ଅକର୍ମଣ୍ୟ କରିଅଛି । ବିଶେଷତଃ ଏ ସଭାର ଇତିହାସ ଏବଂ ଅନୁଷ୍ଠାନାଦି ସମ୍ବନ୍ଧରେ ମୋହୋର ଜ୍ଞାନ ନିତାନ୍ତ ସୀମାବଦ୍ଧ । ଏହି କାରଣରୁ ସଭାପତିର ଆସନ ଗ୍ରହଣ କରିବା ସକାଶେ ମୁଁ ପୁନଃ ପୁନଃ ଅନିଚ୍ଛା ପ୍ରକାଶ କରିଥିଲି । କେବଳ ସ୍ଥିରଭାବରେ ମୋହୋର ମନ୍ତବ୍ୟ ମୁଁ ଲିପିବଦ୍ଧ କରିବି ଏବଂ ତାହା ଆଉ କେହି ସଭାରେ ପଠିତ ହେବ, ଏହି ଆଶାରେ ପାଇ କେବଳ ବନ୍ଧୁମାନଙ୍କର ଅନୁରୋଧର ସମ୍ମାନ ରକ୍ଷା ନିମନ୍ତେ ମୁଁ ଏ ପଦ ଗ୍ରହଣ କରିଅଛି ।

ଯେଉଁମାନେ ଏହି ସଭାରେ ଯୋଗ [illegible] କରନ୍ତି ସେମାନଙ୍କ ମଧ୍ୟରେ ଅନେକ [illegible] ଏବଂ ସୁଯୋଗ୍ୟ ବ୍ୟକ୍ତି ଅଛନ୍ତି । ଉତ୍କଳ ସାହିତ୍ୟର ...

ପ୍ରକୃତ ସାହିତ୍ୟର ନାମ "ଦେଇ ସେମାନଙ୍କର ସନ୍ତତି ଆଦରର ମୂଲ୍ୟବାନ୍ ହୋଇଥାନ୍ତା ଏପ୍ରକାର ଲେଖକମାନ ସଂଖ୍ୟା ନାହିଁ । ସେମାନେ କଣ୍ଠେ ଏହି ସମ୍ବନ୍ଧ ଅନୁଷ୍ଠାନାଦିରେ ଯୋଗଦାନ କରିଅଛନ୍ତି ଏବଂ ସଭାର ଉଦ୍ଦେଶ୍ୟ କି ଉପାୟରେ ସାଧିତ ହୋଇପାରେ ସେ ବିଷୟରେ ମୋହଠାରୁ ଅପେକ୍ଷା ଅଧିକ ଚିନ୍ତା କରିଅଛନ୍ତି । ସୁତରାଂ ମୋ ଦ୍ୱାରା ଅକର୍ଣ୍ଣୀୟ ଅଳଂକାରକ ସଭାପତି ପଦବୀରେ ସେମାନଙ୍କ ମଧ୍ୟରୁ କେହି ସଭାପତି ହୋଇଥିଲେ ତାହାଙ୍କଠାରୁ ଆପଣମାନେ ଯାହା ଶୁଣିଥାନ୍ତେ ତଦ୍ୱାରା ଆପଣମାନଙ୍କର ମୂଲ୍ୟବାନ୍ ସମୟର ଅପଚୟ ହୋଇ ନ ଥାନ୍ତା ।

ବାବୁ ଅତିଶମ ଭଞ୍ଜ, ବାବୁ ବିଶ୍ୱନାଥ କର ପ୍ରଭୃତିଙ୍କର ସାରଗର୍ଭ ବକ୍ତୃତାପରେ ମୋହୋର ଅଧିକ କିଛି କହିବାର ନାହିଁ । କେବଳ ପ୍ରଚଳିତ ପ୍ରଥାନୁଯାୟୀ ମୁଁ ଅତି ସଂକ୍ଷିପ୍ତଭାବରେ ଦୁଇ ଚାରି କଥା କହିବି ।

ଜାତିକୁ ଉନ୍ନତ କରିବାକୁ ହେଲେ ଉନ୍ନତ ଜାତୀୟ ସାହିତ୍ୟ ନିତାନ୍ତ ପ୍ରୟୋଜନୀୟ । କର୍ମକ୍ଷେତ୍ରମାନଙ୍କ ମଧ୍ୟରେ ସମୟ ସମୟରେ ଏପରି ମତବାଦ ମଧ୍ୟ ଶୁଣାଯାଏ ଯେ ସାହିତ୍ୟଚର୍ଚ୍ଚା କିମ୍ବା ସାହିତ୍ୟୋନ୍ନତିର ତେତେ ଅବଶ୍ୟକତା ନାହିଁ, ବିଜ୍ଞାନ ଆମ୍ଭମାନଙ୍କର ଏକମାତ୍ର ଶିକ୍ଷା ଏବଂ ଆଲୋଚନାର ବିଷୟ ହେବାର ଉଚିତ । ମୁଁ ଛାତ୍ର ଜୀବନରେ ବିଜ୍ଞାନଚର୍ଚ୍ଚାର ସୁବିଧା ପାଇ ନାହିଁ, ସେଥିର ଫଳୋପଧାୟକତା ମୁଁ ଅବଶ୍ୟ ଉପଲବ୍ଧି କରିବାକୁ ଅସମର୍ଥ । ଏହା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ ପାଶ୍ଚାତ୍ୟ ବିଜ୍ଞାନ ବିଶେଷତଃ ପାଶ୍ଚାତ୍ୟ ଜଡ଼ବିଜ୍ଞାନର ଶିକ୍ଷା ଭାରତବର୍ଷୀୟ ଲୋକଙ୍କ ପକ୍ଷରେ କେବଳ ଯେ ବାଞ୍ଛନୀୟ ତାହା ନୁହେ, ପରନ୍ତୁ ଅନ୍ତର୍ଜାତିକ ଜୀବନସଂଗ୍ରାମରେ ଆତ୍ମ-ରକ୍ଷା ସକାଶ ଅପରିହାର୍ଯ୍ୟରୂପେ ପ୍ରୟୋଜନୀୟ । ମାତ୍ର ବିଜ୍ଞାନର ଦୋହାଇ ଦେଇ ମୁଁ ସାହିତ୍ୟକୁ ଏକାବେଳକେ ଲୁପ୍ତ କରିବାକୁ ପ୍ରସ୍ତୁତ ନୁହେ । ଏକଦେଶଦର୍ଶୀ ହୋଇ କେତେମାନେ ସାହିତ୍ୟକୁ ଏହିପରି ଅସ୍ୱୀକାର କରନ୍ତି ସାହିତ୍ୟର ମୂଳ କେଉଁଠାରେ ତାହା ସେମାନେ ସମ୍ପୂର୍ଣ୍ଣରୂପେ ବିସ୍ମୃତ ହୋଇ ଯାନ୍ତି । ମନୁଷ୍ୟ କେବଳ ମସ୍ତିଷ୍କବାନ୍ ନୁହେ, ମନୁଷ୍ୟର ଆତ୍ମା ଏବଂ ହୃଦୟ ମଧ୍ୟ ଅଛି । ସେହି ଆତ୍ମା ଏବଂ ହୃଦୟକୁ ସାହିତ୍ୟର ମୂଳସ୍ୱରୂପ ନିର୍ଦ୍ଦେଶ କରାଯାଇପାରେ । ଆତ୍ମା ଏବଂ ହୃଦୟର ଅସ୍ତିତ୍ୱ ଲୋପ ନ ହେବା ପର୍ଯ୍ୟନ୍ତ ସାହିତ୍ୟର ଲୋପ ହେବ ନାହିଁ ଏହା ବୋଲିବାର ବାହୁଲ୍ୟ । ମସ୍ତିଷ୍କର କର୍ଷଣ ଏବଂ ଆତ୍ମା ଏବଂ ହୃଦୟର କର୍ଷଣ ଏ ଉଭୟର ସମବାୟ ପୂର୍ଣ୍ଣ ମନୁଷ୍ୟତା ଲାଭ ସକାଶ ପ୍ରତ୍ୟେକ ମନୁଷ୍ୟ ପକ୍ଷରେ ପ୍ରୟୋଜନୀୟ ସୂକ୍ଷ୍ମଦର୍ଶୀ ବ୍ୟକ୍ତିମାନେ ଏହା ସ୍ୱୀକାର କରିବେ ।

ଓଡ଼ିଆ ସାହିତ୍ୟର ବର୍ତ୍ତମାନ ଅବସ୍ଥାରେ ତାହାକୁ କୌଣସି ଇଉରୋପୀୟ ସାହିତ୍ୟ କିମ୍ବା ଆମ୍ଭମାନଙ୍କର ପ୍ରାଚୀନ ସଂସ୍କୃତ ସାହିତ୍ୟ ସହିତ ତୁଳନା କରିବାର ବାତୁଳତାମାତ୍ର । ତେବେ ଭାରତବର୍ଷର ଭିନ୍ନ ଭିନ୍ନ ପ୍ରଦେଶର ସାହିତ୍ୟ ସହିତ ଉତ୍କଳୀୟ ସାହିତ୍ୟର ତୁଳନା କିୟତ୍‌ପରିମାଣରେ ସମ୍ଭବପର । ଏ ତୁଳନା ମଧ୍ୟ ଉତ୍କଳସାହିତ୍ୟର ଅନୁକୂଳ ନୁହେ । ବିଶେଷତଃ ଆଧୁନିକ ଉତ୍କଳସାହିତ୍ୟ ଆଧୁନିକ ବଙ୍ଗୀୟ କିମ୍ବା ହିନ୍ଦି ସାହିତ୍ୟର ନାନାବିଷୟରେ ବହୁ ପଶ୍ଚାଦ୍‌ବର୍ତ୍ତୀ ଏହା ନିର୍ବିବାଦରେ ବୋଲାଯାଇ ପାରେ । ବଙ୍ଗୀୟ ସାହିତ୍ୟର ତ କଥା ନାହିଁ, ହିନ୍ଦି ସାହିତ୍ୟ ମଧ୍ୟ ଯେପରି କ୍ଷିପ୍ରଗତିରେ ଅଗ୍ରସର ହେଉଅଛି ତାହାର ତୁଳନାରେ ଓଡ଼ିଆ ସାହିତ୍ୟକୁ ନିତାନ୍ତ ସ୍ଥାଣୁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଆମ୍ଭମାନଙ୍କର ସାହିତ୍ୟାନୁରାଗର ଅଭାବ ଏହାର ଏକମାତ୍ର କାରଣ ଅଟେ । ଓଡ଼ିଆ ସାହିତ୍ୟର ଉନ୍ନତିସକାଶ ଅତଏବ ଆମ୍ଭମାନଙ୍କର ଯାହା କର୍ତ୍ତବ୍ୟ ସେଥି ସମ୍ବନ୍ଧରେ ସ୍ଥୂଳରେ ବର୍ତ୍ତମାନ ମୁଁ ଦୁଇ ଚାରି କଥା କହିବାକୁ ଇଚ୍ଛା କରେ । ନିମ୍ନଲିଖିତ କେତୋଟି ଉପାୟ ଆମ୍ଭମାନଙ୍କର ଅବଲମ୍ବନୀୟ ।

୧ । ସାଧାରଣ ଓଡ଼ିଆ ପୁସ୍ତକାଳୟ ସ୍ଥାପନ ଏବଂ ପ୍ରାଚୀନ ପାଣ୍ଡୁଲିପିର ସଂଗ୍ରହ ।

୨ । ନବ ଲେଖକମାନଙ୍କର ଗ୍ରନ୍ଥ ପ୍ରକାଶ ନିମନ୍ତେ ଗୋଟିଏ ପାଣ୍ଠି ସଂସ୍ଥାପନ ।

୩ । ଉତ୍କଳଭାଷାର ଇତିହାସ ପ୍ରଣୟନ ।

୪ । ପ୍ରାଚୀନ ଉତ୍କଳସାହିତ୍ୟର ଆଲୋଚନା ।

ଏହି ଚାରୋଟି ଉପାୟ ମଧ୍ୟରୁ ପ୍ରଥମ ଏବଂ ଦ୍ୱିତୀୟ ଉପାୟ ସମ୍ପୂର୍ଣ୍ଣ ଅର୍ଥସାପେକ୍ଷ । ସୁତରାଂ କୌଣସି ରାଜା କିମ୍ବା ଜମିଦାରଙ୍କ ବ୍ୟତୀତ ଅନ୍ୟ ଲୋକଦ୍ୱାରା ଏହା ଅନୁଷ୍ଠିତ ହୋଇ ପାରିବ ଏହା ମୋତେ ସମ୍ଭବପର ବୋଧ ହେଉ ନାହିଁ । ଆଜିକାଲି ରାଜା ଏବଂ ଜମିଦାରମାନଙ୍କ ମଧ୍ୟରେ କଦାଚିତ୍ କାହାର କାହାର ସାହିତ୍ୟାନୁରାଗର ଯେପରି ଅଙ୍କୁରୋଦ୍‌ଗମ ଲକ୍ଷିତ ହେଉଅଛି ସେଥିରୁ ଏପରି ଆଶା ହୁଏ ଯେ ଆମ୍ଭମାନଙ୍କ ଜୀବଦ୍ଦଶାରେ ନ ହେଉ ସୁଦୂର ଭବିଷ୍ୟତରେ ଏହା କେବେ ହେଲେ କାର୍ଯ୍ୟରେ ପରିଣତ ହେବାର ସୂତ୍ରପାତ ହେବ ।

ପ୍ରାଚୀନ ଉତ୍କଳସାହିତ୍ୟର ଇତିହାସ ପ୍ରଣୟନ ମଧ୍ୟ ସହଜସାଧ୍ୟ ବ୍ୟାପାର ନୁହେଁ । ବଙ୍ଗୀୟ ସାହିତ୍ୟ-ଇତିହାସ ପ୍ରଣେତା ଶ୍ରୀ ଦୀନେଶଚନ୍ଦ୍ର ସେନଙ୍କ ସୁପ୍ରସିଦ୍ଧ ଗ୍ରନ୍ଥ ତାହାଙ୍କର ଜୀବନବ୍ୟାପୀ ପରିଶ୍ରମର ଫଳ । ଏ ପ୍ରଦେଶରେ ସେପରି ଅଧ୍ୟବସାୟର ନିତାନ୍ତ ଅଭାବ, ଯଦି ବା ମଧ୍ୟ ଅଛି ତାହାକୁ ଉତ୍ସାହ ଦେବାର ଲୋକ ନାହିଁ । ବଙ୍ଗୀୟ ରାଜା ଏବଂ ଜମିଦାରମାନେ ସ୍ୱଦେଶୀୟ ସାହିତ୍ୟୋନ୍ନତି ସାଧନ ବିଷୟରେ ଅମ୍ଳାନ ହୋଇ ଯେବା ଯାହା କରୁଅଛନ୍ତି ଓଡ଼ିଶାରେ ସେଥିର ଶତାଂଶ ଆଶା କରାଯାଇ ନ ପାରେ । ଓଡ଼ିଶାରେ ଅନ୍ୟାନ୍ୟ ବ୍ୟକ୍ତିଙ୍କ ମଧ୍ୟରେ ସୁପଣ୍ଡିତ ଶ୍ରୀଯୁକ୍ତ ବାବୁ ଶ୍ୟାମସୁନ୍ଦର ରାଜଗୁରୁ B. A. ମହାଶୟ ଏ ବିଷୟରେ ପ୍ରଶଂସନୀୟ ଅଧ୍ୟବସାୟ ପ୍ରଦର୍ଶନ କରି ଆମ୍ଭମାନଙ୍କର ଧନ୍ୟବାଦାର୍ହ ହୋଇଅଛନ୍ତି । ମାତ୍ର ଏପରି ଦୁର୍ବହ ଭାର ତାହାଙ୍କ ଉପରେ ଅଥବା ଅପର କୌଣସି ଯୋଗ୍ୟ ବ୍ୟକ୍ତିଙ୍କ ଉପରେ ନ୍ୟସ୍ତ କରି କେବଳ ଧନ୍ୟବାଦ ଦେଇ ନିଶ୍ଚିନ୍ତ ରହିଲେ ଚଳିବ ନାହିଁ । ଖାଲି କଥାରେ ଚିଡ଼ା ତିନ୍ତିବ ନାହିଁ । ଏପରି ବିଷୟରେ କଥା ଅପେକ୍ଷା ଅଧିକତର ସାହାଯ୍ୟ ଉତ୍ସାହର ନିତାନ୍ତ ଲୋଡ଼ା । ସାଧାରଣଙ୍କର ଉଚିତ ଯେ ସମସ୍ତେ ହୋଇ ତାହାଙ୍କୁ ଅଥବା ଅପର କୌଣସି ଯୋଗ୍ୟ ଲେଖକଙ୍କୁ ଏପରି ମହୋପକାରୀ ବିଷୟରେ ପର୍ଯ୍ୟାପ୍ତ ଅର୍ଥ ସାହାଯ୍ୟ କରନ୍ତେ । ଯେଉଁ ବ୍ୟକ୍ତି ଏହି ମହାବ୍ରତଧାରୀ ହେବେ ତାହାଙ୍କୁ କେତେ ପୁସ୍ତକ ସଂଗ୍ରହ, କେତେ ଅଧ୍ୟୟନ, କେତେ ପର୍ଯ୍ୟଟନ, କେତେ ଗବେଷଣା, କେତେ ବ୍ୟୟ, କେତେ ପରିଶ୍ରମ କରିବାକୁ ହେବ, ତାହା ଆପଣମାନଙ୍କ ପରି କ୍ଷମତାଶାଳୀ ବ୍ୟକ୍ତିମାନଙ୍କୁ କହିବାର ବାହୁଲ୍ୟ । କେହି ଏହା କହିବେ ଯେ ଏପରି ବିଷୟରେ ବ୍ୟକ୍ତିବିଶେଷଙ୍କୁ କାହିଁକି ସାହାଯ୍ୟ କରିଯିବ ? ପ୍ରୟୋଜନ ଅପ୍ରୟୋଜନର (Demand and supply) ନିୟମଦ୍ୱାରା ଏହା ମଧ୍ୟ ନିୟମିତ ହେବାର ଉଚିତ । ଯେ ପୁସ୍ତକ ସଙ୍କଳନ କରିବେ ପୁସ୍ତକର କାଟତିଦ୍ୱାରା ସେ ପୁରସ୍କୃତ ହେବେ । ପୁସ୍ତକର ଯେବେ ସାଧାରଣରେ କାଟତି ନ ହେଲା ଏପରି ପୁସ୍ତକ ଲେଖିବାର ଆବଶ୍ୟକତା କଣ ? ଇଉରୋପୀୟ ଆମଦାନି ଅର୍ଥନୀତିର ସୂତ୍ରଗୁଡ଼ିକ ଆମ୍ଭେମାନେ ସମୟ ସମୟରେ ଶୁଣିଥାଉଁ ଏହି କଥାରେ ଅନୁଭବ କରିଥାଉଁ, ମାତ୍ର ପ୍ରକୃତପକ୍ଷରେ ଏ ଭଳି ଉକ୍ତି ଅର୍ଥନୀତିଜ୍ଞତାର ପରିଚାୟକ ନୁହେଁ; ବରଂ ଏହା ଆମ୍ଭମାନଙ୍କର ଅଜ୍ଞତା, କ୍ଷୁଦ୍ରଦୃଷ୍ଟିତା ଏବଂ ସଙ୍କୀର୍ଣ୍ଣମନସ୍କତାର ପରିଚାୟକ । ଯେଉଁ ଇଉରୋପରୁ ଏହି ସୂତ୍ରଗୁଡ଼ିକ ଆମଦାନି ହୋଇଅଛି ସେହି ଇଉରୋପ ପ୍ରୟୋଜନ ଏବଂ ଅପ୍ରୟୋଜନ ସମ୍ବନ୍ଧୀୟ ନିୟମର ଦୋହାଇ ଦେଇ କାହିଁକି ସାହିତ୍ୟୋନ୍ନତି ସାଧନ ବିଷୟରେ ଉଦାସୀନ

ଆଲୋଚନା କରି ନାହିଁ । ସେଥିପାଇଁ ବୋଧହୁଏ କେଳେ ଜାତୀୟ କବିତା ଏ ଜାତୀୟ ସାହିତ୍ୟ ଅର୍ଦ୍ଧ-ଶତାବ୍ଦୀ ଧରିରେ ପୁରୁଷର ଉଣଦ୍ଧ ସାହିତ୍ୟ ଜଗତରେ ଲୀନ ହୋଇ ନ ଥାନ୍ତା ।

ପ୍ରାଚୀନ ଉତ୍କଳସାହିତ୍ୟ ଯେଉଁ ପଥମାନରେ ଅଗ୍ରସରର ଆଲୋଚନା କରିବାର ଉଚିତ ଅମ୍ଭେମାନେ ତାହାର ଇତିହାସ କରି ନାହୁଁ । ଅନ୍ତତଃ ଏ ବିଷୟରେ ମୁଁ କେବଳ କିଛି ସୂଚି ଉତ୍ତମରୂପେ ଉଲ୍ଲେଖ କରୁଅଛି । ଏ ପ୍ରଦେଶରେ ବଙ୍ଗୀୟ ସାହିତ୍ୟ ପ୍ରବଳ ହୋଇ ପ୍ରକୃତ ଶ୍ରେୟଃ ସହିତ ପ୍ରକୃତ ଅବସ୍ଥା ମଧ୍ୟ ଗୋପ୍ୟ ହୋଇଅଛି । ଅବସ୍ଥା ସକାଶେ ଓଡ଼ିଆ ସାହିତ୍ୟ ଦରିଦ୍ର ନୁହେଁ, ଅମ୍ଭେମାନେ ଦାୟୀ । ଭାରତବର୍ଷୀୟ ପ୍ରାଦେଶିକ ସାହିତ୍ୟର ଆଲୋଚନା ଅମ୍ଭମାନଙ୍କ ପକ୍ଷରେ ସୁଫଳୋପଧାୟକ ଏହା ଅବଶ୍ୟ ସ୍ୱୀକାର୍ଯ୍ୟ, ମାତ୍ର ଅମ୍ଭମାନଙ୍କର ଅଜ୍ଞାନତା ଅଧିକାଂଶ ସମୟ ଉତ୍କଳସାହିତ୍ୟାଲୋଚନାର ବ୍ୟାଘାତ ହେବାର ଉଚିତ । ବଙ୍ଗ ସାହିତ୍ୟ ଚର୍ଚ୍ଚାଦ୍ୱାରା ଅମ୍ଭମାନଙ୍କର ଜ୍ଞାନର ପ୍ରସାର ହୋଇଅଛି ସତ୍ୟ, ମାତ୍ର ମୌଳିକତା ସ୍ୱତନ୍ତ୍ରମାନରେ ନଷ୍ଟ ହୋଇଅଛି । ଆଧୁନିକ ଉତ୍କଳସାହିତ୍ୟରେ ବଙ୍ଗୀୟ ସାହିତ୍ୟର କେବଳ ଭାବ ନୁହେଁ, ଭାଷା ମଧ୍ୟ ଅଯଥା ପଥମାନରେ ପ୍ରବେଶ କରି ସେଥିର ବ୍ୟକ୍ତିଗତ ଭାବ କ୍ରମଶଃ ଗ୍ରାସକରି ନାଶ କରି ପକାଉଅଛି ।

ସଭାସମିତିରେ ଲିଖିତ ବକ୍ତବ୍ୟ ଶ୍ରୋତାମାନଙ୍କର ପ୍ରୀତିକର ହୁଏ ନାହିଁ, ଅଧିକନ୍ତୁ ତାହା ସେମାନଙ୍କ ଧୈର୍ଯ୍ୟକୁ ଦାରୁଣ ପରୀକ୍ଷାରେ ନିକ୍ଷେପ କରେ । ଏହା ମୁଁ ଅବଶ୍ୟ ବୁଝି ପାରୁଅଛି ଏବଂ ବୁଝି ପାରି ଏଠାରେ ମୋହୋର ବକ୍ତବ୍ୟର ଉପସଂହାର ଏବଂ ଆପଣମାନଙ୍କୁ ମୋହୋର ଏହି ଅକ୍ଷମତାର ଉକ୍ତି ଶ୍ରବଣରୁ ମୁକ୍ତି ପ୍ରଦାନ କଲି ।

ଶ୍ରୀ ରାଧାନାଥ ରାୟ ।

ଉତ୍କଳ ସାହିତ୍ୟର ବର୍ତ୍ତମାନ ଓ ଭବିଷ୍ୟତ ।

(ଉତ୍କଳ ସାହିତ୍ୟସମାଜର ବାର୍ଷିକ ଅଧିବେଶନରେ ପଠିତ ବକ୍ତୃତା)

ମାନନୀୟ ସଭାପତି, ସଜ୍ଜନବର୍ଗ ଓ ଭଦ୍ରବୃନ୍ଦ,

ଆପଣମାନଙ୍କ ପ୍ରାୟ ବତ୍ସରକାଳବ୍ୟାପି ସଙ୍ଗ-ସ୍ଥଳରେ ଭୂମି ପିଟାଇବାକୁ ପ୍ରକୃତରେ ମୋର ମନରେ ଶଙ୍କା ହେଉଅଛି । ଉଡ଼ିଆ ଭାଷାରେ କୌଣସି ଭାଷାନ୍ତରରେ ଲେଖକଙ୍କ ଅବା ବକ୍ତାଙ୍କ ଅଧିକ ମୁଁ ଉପାର୍ଜନ କରି ନାହିଁ, ତହିଁରେ ପୁଣି ସମ୍ମୁଖରେ ଦେଖୁଅଛି ସାହିତ୍ୟରସିକ ପ୍ରାଜ୍ଞ, ବିଜ୍ଞ ବ୍ୟକ୍ତିଙ୍କର ଶ୍ରେଣୀ । କେତେ ବନ୍ଧୁ ଦଳରେ ମେଳ ପୁରାଗତ, ବିଦେଶବାସୀ ସ୍ୱଜାତୀୟ ବନ୍ଧୁଗଣଙ୍କୁ ଦେଖି ଭୟ, ଶଙ୍କା, ବୈବଶ୍ୟ ପଦ୍ ବିଜ୍ଞ ଗତ ଭାବରାଜି ବିବେଚନାରେ ଉଦିତ ହୋଇ ଆସୁଅଛି ଓ ସମ୍ମୋଦିତ ପରିଭାଗପୂର୍ବକ ପ୍ରସନ୍ନ-ଚିତ୍ତରେ ଶ୍ରୋତାମାନଙ୍କ ସନ୍ତୋଷ ସାଧନ କରିବାକୁ ପ୍ରବର୍ତ୍ତନ ହେଉଅଛି ।

ଉତ୍କଳବାସିମାନେ—ଅମ୍ଭେମାନେ ଯେଉଁ ଭାରତୀୟ ଆର୍ଯ୍ୟ Indo-Aryans ତହିଁର ଶ୍ରେଣୀଭୁକ୍ତ ସନ୍ଦେହ ନାହିଁ । ପ୍ରାଚୀନ ଗ୍ରନ୍ଥ ଓ ପୁରାଣାଦିରେ ଦେଶର ଓ ଦେଶବାସୀଙ୍କର ଉଲ୍ଲେଖ ଓ ବର୍ଣ୍ଣନ, ପାଶ୍ଚାତ୍ୟ ପଣ୍ଡିତମାନଙ୍କ ନିର୍ଦ୍ଧାରଣରୂପ ନାନାଦି ପୋଷକ ପ୍ରମାଣ ଆପଣ-ମାନଙ୍କ ଅବିଦିତ ନାହିଁ । ଭାରତର ଅନ୍ୟାନ୍ୟ ପ୍ରଦେଶମାନଙ୍କରେ ଯେମନ୍ତ ସେହି ପ୍ରକୃତିସମ୍ପନ୍ନ, ପୁଣ୍ୟଶ୍ଳୋକ ଆର୍ଯ୍ୟଲୋକଙ୍କର ନିମିତ୍ତ ଅଧିଗତ ହୋଇଥିଲା ଏ ଦେଶରେ ମଧ୍ୟ ଉଦ୍ଭବ ହୋଇ-ଥିବାର ଚିହ୍ନ ପ୍ରଭୃତି ଅଛି । ପରନ୍ତୁ ଆର୍ଯ୍ୟଭାଷା—ସମ୍ଭୂତ ଭାଷାର ବନ୍ଧନ ପ୍ରାଚୁର୍ଯ୍ୟ ସମସ୍ତଙ୍କୁ ମହିଁ ଭାରତବର୍ଷେ ନାନାବିଧ ଶିକ୍ଷିତ ଅଧିବାସୀମାନଙ୍କର ସ୍ୱଭାବ

ପାଶ୍ଚାତ୍ୟ ଜାତିର ନିକଟ, ସାମାଜିକ ଉଦାର ନୀତି ବୋଧ ନାହିଁ । ତାହାର ଉଚ୍ଚ ଶ୍ରେଣୀର ବ୍ୟାଧି ନାମରେ କୁତ୍ସିତ, ସମାଜର ଶୃଙ୍ଖଳା ଯୋଗ ଭାଷା ଓ ସାହିତ୍ୟର ଅଣ୍ଡା ଆଉ ବୋଧ ନାହିଁ କରିଥିଲେ ଓ ସେଥିପାଇଁ କୌଣସି ଶ୍ରେଷ୍ଠ ନିଦର୍ଶନ ମିଳେ ନାହିଁ । ଆମ୍ଭମାନେ କେଉଁ ସମୟରେ ସମ୍ପୂର୍ଣ୍ଣ ଭାଷା ଓ ସାହିତ୍ୟ ତାହାକୁ ବନ୍ଧନ ବୋଧ ଓଡ଼ିଆ ଭାଷାରେ ଆଦ୍ୟ ଅବସ୍ଥା କହୁଁ ଓ ମାନବସ୍ୱଭାବମୂଳକ ସାହିତ୍ୟ-ରଚନା କାରଣ କହୁଁ ତାହା ଯଥାର୍ଥରୂପେ ବୋଧଗମ୍ୟ ନ ହେବ । ବର୍ତ୍ତମାନ ଇଂରେଜୀ ଶିକ୍ଷିତ ଉତ୍କଳ ଇଂରେଜୀ ସାହିତ୍ୟର ଇତିହାସ ଓ ତହିଁର କ୍ରମିକ ପରିବର୍ତ୍ତନ ଓ ଉନ୍ନତି ବିଷୟ ପାଠ କରି ବିବେଚନା କରନ୍ତି ଯେ ଆମ୍ଭମାନଙ୍କର ସାହିତ୍ୟ ମଧ୍ୟ ତଦନୁରୂପ ହେବାର ଉଚିତ । କିନ୍ତୁ ସେ ବିବେଚନା ଭ୍ରାନ୍ତିମୂଳକ । ଆମ୍ଭେମାନେ ଦେଖୁଁ ଯେ ଇଂରେଜମାନେ ପ୍ରଥମାବସ୍ଥାରେ ସରଳ ଓ ଅନାୟାସବୋଧ୍ୟ ପ୍ରବନ୍ଧାଦିରେ ତୃପ୍ତି-ଲାଭ କରୁଥିଲେ—ଆଦିମ ବୟସରେ ମାନବ ଯେପରି ପ୍ରକୃତିର ସେବକ, ଧର୍ମବିଶ୍ୱାସୀ, ଓ ଯୁଦ୍ଧାଦିରେ ଉନ୍ମତ୍ତ ହେବାର ସ୍ୱାଭାବିକ ତଦନୁରୂପ ସାହିତ୍ୟ ସେମାନଙ୍କର ଚିତ୍ତରଞ୍ଜନ କରୁଥିଲା । କିନ୍ତୁ ଓଡ଼ିଆ ସାହିତ୍ୟରେ ତହିଁର ବିପରୀତ ଲକ୍ଷିତ ହୁଏ । ପ୍ରାଚୀନ ସାହିତ୍ୟରୁ ଅନୁବାଦ ଅଂଶ ବାଦ ଦେଲେ ଅବଶିଷ୍ଟ ଯାହା ରହେ ସେମାନ ମାନବ ଜାତିର ପ୍ରଥମାବସ୍ଥାର ସନ୍ତୋଷ ବା ଉପଯୁକ୍ତ ନୁହେଁ ଓ ଉପଯୁକ୍ତ ବୋଧ ହୋଇପାରେ ନାହିଁ । ଉପଯୁକ୍ତ ନୁହେଁ ବୋଲିବାର ଯଥାର୍ଥ ବିଷୟରେ ମତଦ୍ୱୈଧ ହୋଇ ପାରେ ନାହିଁ; ଯେହେତୁ ପ୍ରାଚୀନ ସାହିତ୍ୟରେ ଆପଣ-ମାନେ ଏମନ୍ତ ଅନେକ ଗ୍ରନ୍ଥ ପାଠ କରିଥିବେ ଯହିଁରେ ବାକ୍ୟାଡ଼ମ୍ବରକୁ ଉପେକ୍ଷା କରି ସରଳ ହୃଦୟର ସରଳ ଭାବ ସରଳ ଭାଷାରେ ପ୍ରକାଶ ହେବାର ପ୍ରମାଣ ପାଉଅଛୁ । ଉପଯୁକ୍ତ ବୋଧ ହୋଇପାରେ ନାହିଁ ବୋଲି ଯେ ମୁଁ ବୋଲିଲି ତହିଁର କାରଣ ଏହି ଲାଗୁଅଛି । ଓଡ଼ିଆ ଭାଷା ଯେଉଁ ଅବସ୍ଥାରେ ଥିଲା, ଯେଉଁ କାଳରେ ସେଥି ଭାଷାର ମାର୍ଜିତରୂପର ଅଗ୍ରଗାମୀ ଗ୍ରନ୍ଥମାନଙ୍କର ପ୍ରକାଶ ହୁଏ ଅଥ ସାମାନ୍ୟ ଦୃଷ୍ଟିରେ ବୋଧଥିଲା ସେ କାଳରେ ତାହା ପୂର୍ବାବସ୍ଥା ଅତିକ୍ରମ କରିସାର ଥିଲା । ସତ୍ୟ ଥିଲା । କିନ୍ତୁ ଭାରତର ଅନ୍ୟ ଅନ୍ୟାନ୍ୟ ଦେଶମାନଙ୍କର ଯେମନ୍ତ ନବୀନ ଭାଷାରେ ଅନାୟାସ ମନୁଷ୍ୟ ନବୀନ ଜାତି ବିବେଚିତ ହୋଇଥିଲେ ଉତ୍କଳବାସୀଙ୍କ ଅବସ୍ଥା ତାଦୃଶ ନ ଥିଲା । ଉତ୍କଳବାସୀଗଣ ଭୂମଣ୍ଡଳରେ ସଭ୍ୟତମ ଓ ଉଚ୍ଚତମ ଜାତି—ଆର୍ଯ୍ୟ ଜାତିର ବଂଶଧର ଥିଲେ—ଉତ୍କଳବାସୀଗଣ ଆର୍ଯ୍ୟଭାଷାକୁ ଅପଭ୍ରଷ୍ଟ ଭାବରେ ବାକ୍ୟାଳାପ କରୁଥିଲେ ହେଁ ଦେବଭାଷାରେ ରଚିତ ଅତି କଠିନ, କ୍ଲିଷ୍ଟାର୍ଥ, ବ୍ୟାକରଣସର୍ବସ୍ୱ କାବ୍ୟ, ନାଟକ, ଅଳଙ୍କାର, ଦର୍ଶନଶାସ୍ତ୍ରମାନଙ୍କରେ ଯଥେଷ୍ଟ ପରିଶ୍ରମ କରୁଥିଲେ—ଉତ୍କଳବାସୀଗଣ ନବୀନ ଭାଷା ବ୍ୟବହାର କରୁଥିଲେ ସତ୍ୟ, କିନ୍ତୁ ନବୀନ ଜାତି ନ ଥିଲେ, ଚିନ୍ତାଶକ୍ତିରେ ହୀନ ନ ଥିଲେ; ପରନ୍ତୁ ପ୍ରାଚୀନ ଜାତି ଓ ଚିନ୍ତାଶକ୍ତିର ଅଧିକାରୀ ଓ ସ୍ୱାମୀ ଥିଲେ । ସେହିହେତୁରୁ ପ୍ରାଚୀନ ଉତ୍କଳ କବିଙ୍କ ହୃଦୟ ଅନ୍ୟାନ୍ୟ ପ୍ରାଚୀନ କବିଙ୍କ ହୃଦୟ ସଦୃଶ ଲଘୁ ଓ ସରଳ ଭାବରେ ବ୍ୟକ୍ତ ନ ହୋଇ ଗୁରୁ ଓ କଠିନ ଭାବରେ ଆକ୍ରାନ୍ତ । ଅନ୍ୟାନ୍ୟ ପ୍ରାଚୀନ ସାହିତ୍ୟଗ୍ରନ୍ଥ ପ୍ରାୟ ସରଳ ସୁବୋଧ ଭାଷାରେ ସର୍ବସାଧାରଣଙ୍କର ମନୋ-ରଞ୍ଜନ ନ କରି କଠିନ ଦୁର୍ବୋଧ ଭାଷାରେ ପଣ୍ଡିତ ଓ ସାହିତ୍ୟରସିକଗଣଙ୍କର ଚିତ୍ତ ମୁଗ୍ଧ କରେ । ମୁଁ ଯାହା କହିଲି ତହିଁରୁ ଏମନ୍ତ ବିବେଚନା ହେବ ନାହିଁ ଯେ ପ୍ରାଚୀନ ଉତ୍କଳ-ସାହିତ୍ୟରେ ସରଳ ଅଥଚ ଉଚ୍ଚଶ୍ରେଣୀର କବିତା ଅଛି ନାହିଁ । ବରଂ ମୁଁ ବୋଲି ... ଗୋପୀଭାଷା ଭଳି କବିତା ଅପଣ ... ଭାଷାରେ ହେବା ଅତି ଅଳ୍ପ ପା ... ।

ପ୍ରାଚୀନ ସାହିତ୍ୟ ମାଧ୍ୟମିକ ବାଙ୍ଗଳା କହିବା ଉଚିତ ନୁହେ—ତାହା ନୂଆ କଥା ନୁହେଁ କାରଣ ଯୋଗ୍ୟ । ପ୍ରଥମରୁ ଇଂରେଜୀ ବାସ୍ତୁ ଯେମନ୍ତ ପ୍ରମାଣିତ ହୋଇଅଛି ତାହାରି ସେ କଥା ଅପ୍ରମାଣିତ ହୋଇପାରେ; ଦ୍ୱିତୀୟରେ ଉତ୍କଳୀୟମାନେ ନୋହିବାର କାରଣ ନେଇ ଭାଷା ଯେ ମାନ କହି ବସିଲେ ଆପଣମାନେ ଏତେ ରେଳ ଗାଡ଼ିର ଭତଟଣାକୁ ବୋଲି ବୋଲିବ ।

ସାହିତ୍ୟର ବର୍ତ୍ତମାନ ଅବସ୍ଥା ଆଲୋଚନା କଲବେଳେ ଅନେକ ଲୋକ କହି କହି କ୍ଲାନ୍ତ ହୋଇ ଯାଉନ୍ତି ଯେ ସେମାନଙ୍କର ଛୁଆପୁଅ ଉପନ୍ୟାସମାନଙ୍କରେ ନିମଗ୍ନ ହେଲେଣି । ସେହି ଭଳି ଲକ୍ଷ୍ୟପ୍ରଦ ମନୋଯୋଗୀ ହେଉ ନାହାନ୍ତି, ଛାତ୍ରୀମାନେ Henry Wood ଓ Marie Couli ପାଠ କରି ସ୍ୱର୍ଗୀୟାନନ୍ଦ ଅନୁଭବ କରୁଅଛନ୍ତି । ଏମନ୍ତ ବିଳାପଧ୍ୱନିରେ ଆପଣମାନଙ୍କ କର୍ଣ୍ଣ ଅବଶ୍ୟ ଉପଦ୍ରୁତ ହୋଇଥିବ । ସମସ୍ତେ ଅବଶ୍ୟ ସ୍ୱୀକାର କରିବେ ଯେ ସାହିତ୍ୟଲେଖକଙ୍କ ସଂଖ୍ୟା ବୃଦ୍ଧି ହେବା ସ୍ପୃହଣୀୟ । କିନ୍ତୁ ଯାଦୃଶ ବିଳାପଧ୍ୱନି ଶୁଣିବାର ହୋଇଅଛି ତାହା ଅଯଥା ଓ ଅମୂଳକ ଅଟେ । ଆପଣମାନଙ୍କ ସମ୍ମୁଖରେ ଅତି ନିକଟରେ ପ୍ରାୟ ସମସ୍ତ ଭଦ୍ରବ୍ୟକ୍ତି ଉପସ୍ଥିତ; କିନ୍ତୁ କହି ପାରିବେ କି ଉଚ୍ଚଶିକ୍ଷାପ୍ରାପ୍ତ—କେବଳ ଉପାଧି ନ ହେଉନ୍ତୁ—ବ୍ୟକ୍ତି ଶତାଧିକ ହେବେ ? ମୁଁ ବୋଲେ ଉଚ୍ଚଶିକ୍ଷାପ୍ରାପ୍ତ ବ୍ୟକ୍ତି କଦାପି ଶତାଧିକ ହେବେ ନାହିଁ । ଯେଉଁ ସମାଜର ଶିକ୍ଷିତଙ୍କ ସଂଖ୍ୟା ଶତ ସଂଖ୍ୟାରୁ ନ୍ୟୂନ, ସେ ସମାଜରେ ଯଦି ଆପଣ ଅତି ଦଶ ଜଣ ବା ତତୋଽଧିକ ପ୍ରକୃତ ଲେଖକ-ପଦଧାରୀ ବ୍ୟକ୍ତି ଥିବାର ଆଶା କରନ୍ତି ତାହାହେଲେ ସେ ଆଶା ନ୍ୟାଯ୍ୟ ନୁହେ । ସେ ଆଶା ମାନବସ୍ୱଭାବର ବିରୁଦ୍ଧ । ବଙ୍ଗଦେଶ ଏ ଦେଶଠାରୁ ସଭ୍ୟତର; ସେ ଦେଶରେ ଉଚ୍ଚଶିକ୍ଷାପ୍ରାପ୍ତ ବ୍ୟକ୍ତିଙ୍କ ସଂଖ୍ୟା ଯଥେଷ୍ଟ, କିନ୍ତୁ ପ୍ରକୃତ ଲେଖକଙ୍କ ସଂଖ୍ୟା କି ତଦନୁପାତରେ ଯଥେଷ୍ଟ ହେବ ? କଦାପି ନୁହେଁ । ସକଳ ଦେଶରେ ଓ ସକଳ କାଳରେ ଦେଖାଯାଏ ଯେ ବହୁ ବ୍ୟକ୍ତି ଧନାଧିପତି ହେଲେହେଁ ତାଙ୍କ ମଧ୍ୟରୁ ଅତି ଅଳ୍ପ ଲୋକେ ଦାନଶୀଳ ହୁଅନ୍ତି ଓ ବହୁସଂଖ୍ୟକ ବ୍ୟକ୍ତି ବିଦ୍ୱାନ୍ ଓ ପଣ୍ଡିତ ହେଲେ ତାଙ୍କ ମଧ୍ୟରୁ ଅତି ଅଳ୍ପ ଲେଖକ ବା କବି ହୁଅନ୍ତି । ସେହିରୂପ ବିଚାର କଲେ ଉତ୍କଳରେ ବିଦ୍ୱାନ୍ ବ୍ୟକ୍ତି ଅତି ଅଳ୍ପ ଓ ସେହି ହେତୁ ଲେଖକ ବ୍ୟକ୍ତି ଅଳ୍ପତର ହେବା ସ୍ୱାଭାବିକ ଓ ଅନ୍ୟଥା ହେବା ଅସ୍ୱାଭାବିକ—ଅସମ୍ଭବ । ପ୍ରକୃତପକ୍ଷେ ବିଦ୍ୱାନ୍ ଓ ବିଦ୍ୟାନୁରାଗୀ ବ୍ୟକ୍ତି—ଯାହାଙ୍କୁ ଇଂଲଣ୍ଡରେ ବର୍ତ୍ତମାନ ସମୟରେ ନୁହେଁ, ପରନ୍ତୁ ଭାରତରେ ଓ ଦେଶାନ୍ତରରେ ଓ ସକଳ ଯୁଗରେ—ବିଦ୍ୱାନ୍ ଓ ବିଦ୍ୟାନୁରାଗୀ ବୋଲାଯିବ—ଏମନ୍ତ ବ୍ୟକ୍ତି କେତେ ଜଣ ହେବେ ? ଜଣେ ମାତ୍ର, ଦ୍ୱିତୀୟ ନାହାନ୍ତି, ଏବଂ ସେ ଜଣକ ଶ୍ଲୋକପଦସଙ୍କୁଳ ଟୀକା ଟିପ୍ପଣୀ ହଂସସ୍ୱଭାବ, ଅସଭ୍ୟ, ବର୍ବର ବାସହୀନ ଘନ ଅରଣ୍ୟ ମଧ୍ୟସ୍ଥ ଜନପଦରେ ଜରାଜୀର୍ଣ୍ଣ ଓ ବହୁ ଦିନ ଦୁର୍ଭିକ୍ଷଜୀର୍ଣ୍ଣ ଅବସ୍ଥାରେ ନିର୍ବାଣଦର୍ପଣ ଉପକ୍ରମେ ବର୍ତ୍ତମାନ ମଧ୍ୟ ଜଣାଥ କାଳରେ ନାଟକୀୟ ଗତି ଅନୁଧାବନ କରୁଅଛନ୍ତି ।

ଆପଣମାନେ ସମସ୍ତେ ଆଧୁନିକ ସାହିତ୍ୟ ପାଠ କରୁଥିବେ ଏବଂ କେତେକ ମଧ୍ୟ ପ୍ରାଚୀନ ସାହିତ୍ୟ ପାଠ କରିଥିବେ । ଯେଉଁମାନେ ଉଭୟ ସାହିତ୍ୟ ପାଠ କରିଅଛନ୍ତି, ସେମାନେ ଅବଶ୍ୟ ଲକ୍ଷ୍ୟ କରିଥିବେ ଯେ ଦୁଇଟି ମଧ୍ୟରେ ପ୍ରଭେଦ ସାମାନ୍ୟ ନୁହେ । ପ୍ରାଚୀନ ସାହିତ୍ୟର ଅନୁବାଦ ଅଂଶ ବାଦ ଦେଲେ ଅବଶିଷ୍ଟ ଅଂଶକୁ ଦୁଇଟି ଭାଗରେ ବିଭକ୍ତ କରାଯାଇ ପାରେ—୧, ଧର୍ମଭାବପ୍ରଧାନ, ୨ୟ, ଆଦିରସପ୍ରଧାନ । ସେହି ଦୁଇ ଏକ ଭାବକୁ ଅବଲମ୍ବନ କରିଅଛନ୍ତି ସେ ଭାବାନ୍ତରକୁ ସମ୍ପୂର୍ଣ୍ଣରୂପେ ଅବହେଳା କରନ୍ତି । କିନ୍ତୁ ସମସ୍ତ କାବ୍ୟମାନଙ୍କର ଛଟା ସଙ୍ଗୀତ ମାଧୁର୍ଯ୍ୟର

ଅନୁଗାମୀ। ବର୍ତ୍ତମାନ ସାହିତ୍ୟର ଛଟା ପ୍ରାଚୀନ ସାହିତ୍ୟର ପ୍ରାୟ ନୁହେ । ଲେଖକମାନେ ଏକ ଗଦ୍ୟରୁ ଅଣସ୍ତୁ କାଳ ପ୍ରବନ୍ଧ ରଚନା କରନ୍ତି ନାହିଁ । ଯେମନ୍ତ ଜଣେ ଲେଖକ ଅବକାଶରେ ସ୍ନିଗ୍ଧ ହୋଇ ପରେ ଧର୍ମଭାବରେ ପ୍ରାଣ ପବିତ୍ର କରୁଅଛନ୍ତି, ତେମନ୍ତ ଅନ୍ୟ ଜଣେ ଧର୍ମଭାବରେ ପବିତ୍ର ହୋଇ ପୁଣି ଆନନ୍ଦର ମୋହନ ମନ୍ତ୍ରର ବଶବର୍ତ୍ତୀ ହେଉଅଛନ୍ତି । ବର୍ତ୍ତମାନ ସାହିତ୍ୟର ଦୃଢ଼ ଇଂରେଜୀ ସାହିତ୍ୟ ଦେଇ ଅନୁସାରଣୀ ହେଉଅଛି ଏଥିରେ ସନ୍ଦେହ ନାହିଁ । ଏମନ୍ତ ପାର୍ଥକ୍ୟ ହେବା ସ୍ୱାଭାବିକ; କାରଣ ପୂର୍ବକାଳର ଲୋକେ ସଂସ୍କୃତ କାବ୍ୟର ଅନୁଶୀଳନ ସତତ କରୁଥିଲେ ଓ ସେହିହେତୁରୁ ତାହାଙ୍କର ଅନୁକରଣ କରିବା ପ୍ରାଚୀନ କବିଗଣଙ୍କ ପକ୍ଷରେ ସ୍ୱାଭାବିକ ଥିଲା ଏବଂ ବର୍ତ୍ତମାନ ଆମ୍ଭେମାନେ ଜୀବନର ଅଧିକାଂଶ ଇଂରେଜୀ ସାହିତ୍ୟ ପାଠରେ ବ୍ୟୟ କରୁଁ ଓ ଅତଏବ ତାହା ଅନୁକରଣ ନ କରିବା ଆମ୍ଭମାନଙ୍କ ପକ୍ଷରେ ଅସ୍ୱାଭାବିକ ବୋଲି ବୋଲିଯାଇ ପାରେ । କିନ୍ତୁ ଆଉ ଗୋଟିଏ କଥା ଅଛି । ସେ ସମ୍ବନ୍ଧରେ ପାର୍ଥକ୍ୟ ଗୁରୁତର । ତାହା ଭାଷାବିଷୟକ । ଉଦାହରଣ ପ୍ରବନ୍ଧାଦି ପାଠ କଲେ ସ୍ପଷ୍ଟ ଅନୁଭବ ହୁଏ ଯେ ତାହାର ଭାଷା କେତେ ମିଶ୍ରିତ, ଅବିଶୁଦ୍ଧ ଭାଷା—ସ୍ୱଚ୍ଛନ୍ଦ ଓଡ଼ିଆ ଭାଷା ଯେମନ୍ତ ଭଞ୍ଜାଦି କବିଗଣଙ୍କ ଗ୍ରନ୍ଥମାନଙ୍କରେ ଚିତ୍ତ ଆକର୍ଷଣ କରେ ତେମନ୍ତ ନୁହେ । ଭାଷାର ଏପ୍ରକାର ଦୁରବସ୍ଥାର ଦୁଇଟି କାରଣ ଦୃଶ୍ୟ ହେଉଅଛି । ପ୍ରଥମତଃ, ଅଧିକତର ଅନ୍ୟ ଭାଷା ସହିତ ସଂସର୍ଗ । ବଙ୍ଗୀୟ ଲେଖକମାନଙ୍କ ଭାଷା ଯେମନ୍ତ ମାର୍ଜିତ ହୋଇଅଛି, ତହିଁରେ ଯେମନ୍ତ ନାନାବିଧ ହୃଦୟଗ୍ରାହୀ ଗ୍ରନ୍ଥମାନ ରଚିତ ହେଉଅଛି ଓ ସେ ଭାଷା ସହିତ ଓଡ଼ିଆ ଭାଷାର ଯେମନ୍ତ ସୌସାଦୃଶ୍ୟ ଅଛି ସେଥିରେ ତାହା ଅନୁକରଣ ନ କରିବା ଆମ୍ଭମାନଙ୍କ ପକ୍ଷରେ ଅତୀବ କଠିନ ବ୍ୟାପାର । ଇଂରେଜୀ ଭାଷା ଶିକ୍ଷା ଓ ସେ ଗାଥାର ବିଚିତ୍ରରୂପେ ବାଙ୍ଗାଳାଠାରୁ ଅମ୍ଭେ-ମାନେ ଜୀବନର ସର୍ବୋତ୍ତମ ଉଦ୍ଦେଶ୍ୟ ହାତେଇ କରୁଁ ଓ ତହିଁର ବନ୍ଧୁମାନେ ଆମ୍ଭମାନଙ୍କୁ ପ୍ରଶଂସା କରନ୍ତି । ସେହିହେତୁ ଇଂରାଜୀ ଶବ୍ଦରେ ଓଡ଼ିଆ ଭାଷାରେ କହିବା ଲେଖି ପାରିଲେ ଛାତ୍ର ପ୍ରସନ୍ନ ହୁଏ ଓ ବନ୍ଧୁଗଣଙ୍କଠାରୁ ସୁଖ୍ୟାତିଲାଭ ହୁଏ । ଏମନ୍ତ ପ୍ରଲୋଭନର ବଶ ନ ହୋଇବା ଅତୀବ କଠିନ ବ୍ୟାପାର ବୋଲାଯିବ । ଭାଷାର ଦୁରବସ୍ଥାର ଏହି ଯେ କାରଣ ମୁଁ ନିର୍ଦ୍ଦେଶ କଲି ତାହା ଦୂର କରାଯାଇ ପାରେ ନାହିଁ, ଜାତୀୟ ଭାଷା ଓ ସାହିତ୍ୟର ଉଦ୍ଭାସ ଏଥିର ସଙ୍ଗୀ। ତାହା କାଳ ଓ ଅବସ୍ଥାର ଅପରିହାର୍ଯ୍ୟ, ଅନିବାର୍ଯ୍ୟ ଫଳ । କାଳ ଓ ଅବସ୍ଥାର ବଳକୁ ଅତିକ୍ରମ କରିବାର ବଳ ମହାପୁରୁଷଙ୍କ ବ୍ୟତୀତ ଇତର ଜନଠାରେ ନ ଥାଏ ।

ଭାଷାର ଅବିଶୁଦ୍ଧତାର ଆଉ ଗୋଟିଏ କାରଣ ଅଛି । ଅବିମିଶ୍ର, ବିଶୁଦ୍ଧ ଉତ୍କଳ ଭାଷାରେ ରଚିତ ପ୍ରାଚୀନ ଗ୍ରନ୍ଥଗୁଡ଼ିକର ଅତ୍ୟଳ୍ପ ପ୍ରଚାର ଓ ପାଠର ଅଭାବ । ଶିକ୍ଷିତ ଯୁବକମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରାଚୀନ ସାହିତ୍ୟ ବିଷୟରେ ଅନଭିଜ୍ଞ; ଏତେକ ମାତ୍ର ଜାଣନ୍ତି ଯେ ଉପେନ୍ଦ୍ର ଭଞ୍ଜ ବା ଅଭିମନ୍ୟୁ ସାମନ୍ତ ସିଂହାର ବୋଲି ଜଣେ କବି ଥିଲେ । ଏମନ୍ତ ଅବସ୍ଥାରେ ଭାଷାର ବିଶୁଦ୍ଧତା କିରୂପେ ରକ୍ଷା ହେବ ? ଆପଣମାନେ ଜିଜ୍ଞାସା କରିବେ ବିଶୁଦ୍ଧ ଇଂରାଜୀ ଲେଖିବା ଓ କହିବା କିରୂପେ ସେ ଉପାୟରେ ଶିକ୍ଷା କରନ୍ତି ? ଏକମାତ୍ର ଉପାୟ, ଯେଉଁ ଉପାୟ ସମସ୍ତେ ଅବଲମ୍ବନ କରନ୍ତି—ତାହା ଉତ୍କୃଷ୍ଟ ଲେଖକଙ୍କର ପ୍ରବନ୍ଧ ପାଠ । ଓଡ଼ିଆ ଭାଷା ଯଦି ବିଶୁଦ୍ଧରୂପେ ଲେଖିବାର ଇଚ୍ଛା ଥାଏ ତାହାହେଲେ ଅବଶ୍ୟ ଆପଣମାନେ ବିଶୁଦ୍ଧ ଭାଷାରେ ରଚିତ ପ୍ରାଚୀନ ଗ୍ରନ୍ଥମାନ ପାଠ କରିବେ, ଭିନ୍ନ ଉପାୟ ନାହିଁ । ଆପଣା ଭାଷାର ଦୁର୍ଦ୍ଦଶା ଦୂର କରନ୍ତୁ—ଉଦ୍‌କଳର [illegible] ଲା, ଅଧିକରେ ଉନ୍ନତ ଓ ମାର୍ଜିତ [illegible]

ଏ ସବୁ ଅବଲମ୍ବନ କରନ୍ତୁ, ଏହିଁରେ ଲାଭ ଅଛି ହାନି ନାହିଁ—ଭାଷାର ଅଙ୍ଗ ବିକଳତା ସହିତ ନାହିଁ, ବରଂ ପୁଷ୍ଟିସାଧନ ହେବାର ସମ୍ଭବ।

ପ୍ରାଚୀନ ସାହିତ୍ୟ ପ୍ରତି ଆଧୁନିକ ଶିକ୍ଷିତ ବ୍ୟକ୍ତିଙ୍କର ଔଦାସୀନ୍ୟ ସମ୍ବନ୍ଧରେ ସେମାନେ ଏକା ସମ୍ପୂର୍ଣ୍ଣରୂପେ ଦୋଷଭାଗୀ ନୁହନ୍ତି। ଭଞ୍ଜାଦି କବିମାନଙ୍କର ରଚନା ଓ ଭାଷା ଏମନ୍ତ କଠିନ ଓ ଦୁର୍ବୋଧ ଯେ ପାଠ କଲାବେଳେ ସଙ୍ଗେ ସଙ୍ଗେ ଅର୍ଥବୋଧ କରିବା ଏକପ୍ରକାର ଅସମ୍ଭବ ବୋଲି ବୋଲିଲେ ଅତ୍ୟୁକ୍ତି ହେବ ନାହିଁ। ଅଭିଧାନ କଣ୍ଠସ୍ଥ କରି, ଅଳଙ୍କାର ଶାସ୍ତ୍ର ଅଧ୍ୟୟନ କରି ଯେଉଁ ପାଠକ ପ୍ରତ୍ୟେକ ପଦ ସାଧନେ ଦକ୍ଷ ନୁହନ୍ତି କେବଳ ତାଙ୍କର ପକ୍ଷରେ ଏକା ଉକ୍ତ ଶ୍ରେଣୀର ରଚନା ବୋଧଗମ୍ୟ। ଓଡ଼ିଆମାନଙ୍କର ଅଭିଧାନ ଗ୍ରନ୍ଥ ନ ଥାଏ କି ଅଳଙ୍କାରଶାସ୍ତ୍ର ସହିତ ବିଶେଷ ପରିଚୟ ନ ଥାଏ। ଅତଏବ ପ୍ରାଚୀନ ସାହିତ୍ୟ ସେମାନଙ୍କର ଚିତ୍ତ ଆକର୍ଷଣ କରିପାରେ ନାହିଁ। ଏ ଅବଶ୍ୟ ଆମ୍ଭମାନଙ୍କର ଦୋଷ, କାରଣ ଶବ୍ଦ-କଳ୍ପ ବା ଅଭିଧାନରେ ଯେଉଁ ପରିଶ୍ରମ କରାଯାଏ ତାହା ସମୟ ଓ ଶକ୍ତିର ଅପବ୍ୟୟ ବୋଲି ବୋଧ ହୋଇ ନ ପାରେ। ଅଳଙ୍କାର ଶାସ୍ତ୍ର ମଧ୍ୟ ଗୋଟିଏ ପ୍ରଧାନ ପାଠ୍ୟ ବିଷୟ। କିନ୍ତୁ ପ୍ରାଚୀନ ଗ୍ରନ୍ଥ ପାଠରେ କି ଲାଭ ହୁଏ? ଲାଭ ଯାହା, ତାହା ପରିଶ୍ରମର ତୁଳନାରେ ଅତି ସାମାନ୍ୟ ବୋଲି ବୋଧ ହୁଏ। ଏହିଁରେ ଯେ କୌଣସି ନୂତନ ତତ୍ତ୍ୱ ନିହିତ ଅଛି ତାହା ନୁହେ। କିମ୍ବା ମାନବ-ଜୀବନର ଦୈନନ୍ଦିନ ବୈଚିତ୍ର୍ୟ ବର୍ଣ୍ଣିତ ଅଛି ତାହା ନୁହେ—କେବଳ ନାୟକ ନାୟିକାର ରୂପ, ମିଳନ, ବିରହ ଓ ଋତୁ ଓ ପ୍ରାକୃତିକ ଚମତ୍କାର ବସ୍ତୁବର ଭାବରେ ଶବ୍ଦାଡ଼ମ୍ବର ସହିତ ବର୍ଣ୍ଣିତ। କେବଳ ଏଥିପାଇଁ ଯେ କେହି କେହି ପରିଶ୍ରମ କରିବା ପାଇଁ ଅସମ୍ମତ ହେବେ ତାହା ଦୂଷଣୀୟ ନୁହେ। କିନ୍ତୁ ଯେଉଁମାନେ ଭାଷାର ବିଶୃଙ୍ଖଳା [illegible]ବାକୁ ବାଞ୍ଛା କରନ୍ତି, ଯେଉଁମାନେ ଏହିଁ ସାହିତ୍ୟର ନିନ୍ଦାଚାର କରନ୍ତି, ଯେଉଁମାନେ ଦେଶରେ ଲେଖକଭାବ ଧାରଣ କରି ସ୍ୱାର୍ଥାଦିରୁ ଲାଭ କରନ୍ତି ଏବଂ ସାଧୁଜନଙ୍କର ଶିକ୍ଷକସ୍ଥାନକୁ ନେବାକୁ ଆକାଂକ୍ଷା କରନ୍ତି ସେମାନେ ଅବଶ୍ୟ ପ୍ରାଚୀନ ଗ୍ରନ୍ଥମାନ ବିଶେଷରୂପେ ଅଧ୍ୟୟନ କରିବାକୁ ବାଧ୍ୟ, ତତ୍ପରେ ସେହି ସକଳ ପରିଶ୍ରମ ତୁଚ୍ଛ ମଣିବାକୁ ବାଧ୍ୟ ଓ ଲେଖକ ବା ଶିକ୍ଷକ ହେବା ପୂର୍ବେ ଅଜ୍ଞତା ସ୍ୱୀକାର କରିବାକୁ ବାଧ୍ୟ—ନୋହିଲେ ସେମାନେ ଦେଶୀ ଭାଷାର ମୂଳଚ୍ଛେଦନକାରୀ ଓ ଦେଶର ଶତ୍ରୁ।

ଉଦାହରଣ ସ୍ୱରୂପ ଉତ୍କଳସାହିତ୍ୟର ପ୍ରାରମ୍ଭ ଏ ଦେଶରେ ଇଂରେଜୀ ଶିକ୍ଷାବିସ୍ତାର ସମୟରୁ ହୋଇଅଛି। ଯେଉଁମାନେ ଉଚ୍ଚ ଶିକ୍ଷା ଲାଭ କରି ସ୍ୱଦେଶର ସାହିତ୍ୟପ୍ରତି ଦୃଷ୍ଟି ନିକ୍ଷେପ କରିଥିଲେ ଓ ତହିଁର ଦୁର୍ଦ୍ଦଶା ମୋଚନାର୍ଥ ଉଦ୍ୟମଶୀଳ ହୋଇଥିଲେ ସେମାନେ ଅବଶ୍ୟ ଧନ୍ୟବାଦାର୍ହ। କେତେକ ସୁଯୋଗ୍ୟ ବ୍ୟକ୍ତି ପ୍ରାଚୀନ କାବ୍ୟମାନ କୀଟଦଷ୍ଟ ତାଳପତ୍ର ପୋଥିରୁ ଉଦ୍ଧାର କରି ମୁଦ୍ରାଯନ୍ତ୍ରରେ ମୁଦ୍ରିତ କରିଅଛନ୍ତି ଓ ତଦ୍ୱାରା ପରୋପକାର ସାଧିତ ହୋଇଅଛି। ସେମାନେ ଆଶା କରିଥିଲେ ଯେ ଆଧୁନିକ ଶିକ୍ଷିତ ବ୍ୟକ୍ତିଗଣ ତାହା ପାଠ କଲେ ସେମାନଙ୍କ ଶ୍ରମ ସଫଳ ହେବ; କିନ୍ତୁ ସେ ଆଶା ବ୍ୟର୍ଥତାକୁ ପାଇଅଛି। ଅନ୍ୟ କେତେକ ଶିକ୍ଷିତ ବ୍ୟକ୍ତି ଉତ୍କଳସାହିତ୍ୟର ଏକ ନୂତନ ପନ୍ଥା ଆବିଷ୍କାର କରି ତହିଁରେ ଅଗ୍ରସର ହେଲେ। ସେହିମାନଙ୍କୁ ଏହା ବର୍ତ୍ତମାନ ସାହିତ୍ୟର ନିର୍ମାତା ବୋଲିବାକୁ ହେବ। ଉତ୍କଳରେ ପ୍ରକୃତିର ଅନନ୍ତ ସୁନ୍ଦରତର ଦୃଶ୍ୟମାନ ସେମାନଙ୍କ ହୃଦୟକୁ—କବି ହୃଦୟକୁ ବିହ୍ୱଳ କରି ଦେଲା ଓ ହ୍ରଦ, ନଦୀ ଉପତ୍ୟକାର ମନୋହାରିଣୀ ଶୋଭାକୁ ଆମ୍ଭେମାନେ କବିଙ୍କ କୃପାରୁ ନିଜ ଗୃହରେ ବସି ଅନୁଭବ କରିବାକୁ କ୍ଷମ ହେଲୁଁ। ବର୍ତ୍ତମାନ ଯେଉଁମାନେ ପ୍ରକୃତ କବିପଦବାଚ୍ୟ ହୋଇଅଛନ୍ତି ସେ ମୂଳ

ଜଣେ ପ୍ରକୃତ ଶ୍ରଦ୍ଧାଶୀଳ ଓ ଭାବୁକ ବ୍ୟକ୍ତି । ରାମାୟଣ ସେମାନେ ଲେଖନ୍ତି ନାହିଁ, ଯାହା ଅନ୍ତସ୍ତଳରେ ସେମାନଙ୍କ ହୃଦୟକୁ ବିଗଳିତ କରି ଯାହା ନୈତିକଶିକ୍ଷା ସେମାନେ ଉଚିତ ବିବେଚନା କରିଅଛନ୍ତି କେବଳ ତାହା ସେମାନେ ଉପଯୁକ୍ତ ଭାବରେ ଓ ସୁଲଳିତ ଶବ୍ଦରେ ଲଳିତ ଭଙ୍ଗୀରେ ବର୍ଣ୍ଣନା କରିଅଛନ୍ତି । ଏ ଦୁଇଜଣଙ୍କର ପ୍ରବନ୍ଧମାନ ଯେ ଆମ୍ଭେମାନେ ଓ ଆମ୍ଭମାନଙ୍କର ଅଧସ୍ତନ ପୁରୁଷମାନେ ବହୁକାଳ ପାଠ କରିବୁଁ ଓ ପାଠ କରି ନିଜ ଭାଷାପ୍ରତି ଅନୁରାଗ ଦେବୁଁ ଏହିରେ କୌଣସି ସନ୍ଦେହ ନାହିଁ । ଉତ୍କଳ ଭାଷାରେ ଅଶ୍ରୁତପୂର୍ବ ଛନ୍ଦ---ଅମିତ୍ରାକ୍ଷର ଛନ୍ଦରେ ଲିଖିତ, ମହାଭାରତର ଶେଷଭାଗକୁ ଆଶ୍ରୟ କରି ବର୍ତ୍ତମାନ ଯୁଗର ଅଲୋଚନା ନିମନ୍ତେ ଅଭିପ୍ରେତ ଓ ଭାବର ଗୁରୁ ଗାମ୍ଭୀର୍ଯ୍ୟ ସମ୍ବଳିତ ମହିମା ଛନ୍ଦ ପ୍ରଦର୍ଶନାର୍ଥ ରଚିତ ମହାଯାତ୍ରା କାବ୍ୟ ଆମ୍ଭେମାନେ ବର୍ତ୍ତମାନ ଅବୃତ୍ତି ଓ ପୁନରାବୃତ୍ତି କରୁଅଛୁଁ ଓ ଭବିଷ୍ୟତରେ ମଧ୍ୟ କରୁଥିବୁଁ । "ଜୀବନ ସନ୍ଧ୍ୟା" ଓ "ବିପ୍ରପ୍ରାଣେ ଦେବାବଛଣ" କବିତାଦ୍ୱୟ ଭାଷାର ଲାଳିତ୍ୟ, ଭାବର ଗୌରବ ଓ ମହିମା ତଥା ହୃଦୟଗ୍ରାହିତାରେ ଅତୁଳନୀୟ ବୋଲି ମନେ ଲାଗେ । ଆପଣମାନେ ବହୁସଂଖ୍ୟକ ଇଂରେଜୀ କବିତା ପାଠ କରିଥିବେ, ଏବେ ଏହାକୁ ପାଠ କଲେ କଦାପି ବୋଧ ହେବ ନାହିଁ ଯେ ଆପଣମାନେ ନିକୃଷ୍ଟଶ୍ରେଣୀର ସାହିତ୍ୟ ପାଠ କରୁଅଛନ୍ତି ।

ଏ ତ ଗଲା କବିତା ସମ୍ବନ୍ଧରେ । ଭାରତର ଅନ୍ୟାନ୍ୟ ଦେଶ ପ୍ରାୟ ଆମ୍ଭମାନଙ୍କ ଦେଶର ପ୍ରାଚୀନ ସାହିତ୍ୟରେ ଗଦ୍ୟ ରଚନା ଅଦୌ ନ ଥିଲା । ବର୍ତ୍ତମାନ ଯୁଗରେ ଇଂରେଜୀ ଆଦର୍ଶର ଉପନ୍ୟାସ ଯେମନ୍ତ ଶିକ୍ଷିତ ବ୍ୟକ୍ତିଙ୍କ ହୃଦୟରେ ଅଧିକାର ସ୍ଥାପନ କରିଅଛି ସେମନ୍ତ ଅନ୍ୟ କୌଣସି ବସ୍ତୁ କରି ନାହିଁ । ସେହି ସମୟରେ ବଙ୍ଗବର୍ତ୍ତୀ ହୋଇ ଜଣେ ଶିକ୍ଷିତ ବ୍ୟକ୍ତି ଉତ୍କଳ ଭାଷାରେ କେତେଗୋଟି ନାଟକ ଓ ଉପନ୍ୟାସ ରଚନା କରିଅଛନ୍ତି । ଦୀନବନ୍ଧୁ ମିତ୍ର ଓ ବଙ୍କିମଚନ୍ଦ୍ର ରଚୟିତାଙ୍କର ସ୍ଥାନ ବଙ୍ଗସାହିତ୍ୟରେ ଯେପରି; ସେହିପରି ଏ ଭାଷାରେ ସେ ପ୍ରଥମ ଉଦ୍ୟୋଗୀ ନୋହିଲେହେଁ ପ୍ରଥମ ଶ୍ରେଣୀ ଉଦ୍ୟୋଗୀ । ଉପନ୍ୟାସ ସାହିତ୍ୟରେ ବାଲ୍ୟାବସ୍ଥାରେ ଘଟି-ଥିଲେ ସେ ସମ୍ମାନଯୋଗ୍ୟ ବସ୍ତୁ କେହି ବଳ୍ପନା ହୋଇ ପାରିବେ ନାହିଁ । ଯଦି ସାହିତ୍ୟ ଗ୍ରନ୍ଥର ପାଠକସଂଖ୍ୟା ଅନୁସାରେ ତାହାର ଉତ୍କର୍ଷ ବିବେଚିତ ହୁଏ ତାହାହେଲେ ସମ୍ମାନଯୋଗ୍ୟ ଅବଶ୍ୟ ଶ୍ରେଷ୍ଠ ଗ୍ରନ୍ଥ ବୋଲିବାକୁ ହେବ । ଏତଦ୍ବ୍ୟତୀତ ଉତ୍କଳ ସାହିତ୍ୟରେ କେତେକ ଗଦ୍ୟ ଗ୍ରନ୍ଥ ଅଛି । ତହିଁ ମଧ୍ୟରୁ କେତେକ ଅନୁବାଦ ଓ ଅବଶିଷ୍ଟ ମୂଳ । ସେ ସମସ୍ତ ପାଠ କଲେ ଆପଣମାନେ ଅନୁଭବ କରି ପାରିବେ ଯେ ତହିଁରେ ସାର ଅତି ଅଳ୍ପ, ବିଶେଷତ୍ୱ କିଛି ନାହିଁ, କେବଳ ଘଟନାକ୍ରମ । ପୂର୍ବରେ ଉକ୍ତ ଗ୍ରନ୍ଥଗୁଡିକ ଛାଡି ଦେଲେ ବର୍ତ୍ତମାନ ସାହିତ୍ୟରେ ଏମନ୍ତ ଗଦ୍ୟ ଗ୍ରନ୍ଥ ନାହିଁ ଯାହା ଶିକ୍ଷିତ ବ୍ୟକ୍ତିଗଣ ପାଠ କରିବେ ଓ ପାଠ କରି ପୁଲକାନୁଭବ କରିବେ ? ଏ ପ୍ରକାର ଅଭାବର କାରଣ ପ୍ରଧାନତଃ ଚିନ୍ତାର ଅଭାବ, ଅଧ୍ୟୟନର ଅଳ୍ପତା, ତଥା ସ୍ୱାଧ୍ୟାୟ ଓ ଅଦର୍ଶର ଦୀନତା । ଅପର ଲେଖକଙ୍କର "ଭାବପୂର୍ଣ୍ଣ ହୃଦୟମାନ ସେମାନ ସେମନ୍ତ ଭାଷାରୂପ ବାହ୍ୟରେ ପ୍ରକାଶ କରି ପାରନ୍ତି ତେବେ ପଣ୍ଡିତାସ୍ପଦ ହେଲେ ଗଦ୍ୟଲେଖକ ହୋଇ ପାରନ୍ତି କି ଏହା ନୁହେଁ । ସେ ବିଷୟରେ ଚିନ୍ତା କରିବାକୁ ହେବ, ତତ୍ସମ୍ବନ୍ଧୀୟ ଜ୍ଞାତବ୍ୟ ବିଷୟଗୁଡିକ ଅନୁସନ୍ଧାନଦ୍ୱାରା ସଂଗ୍ରହ କରିବାକୁ ହେବ, ଦୃଷ୍ଟାନ୍ତ ପ୍ରମାଣଦ୍ୱାରା ପ୍ରତିପାଦିତ କରିବାକୁ ହେବ, ତେବେ ଏହା ଲେଖକଙ୍କ କୃତି ବୋଲାଯିବ । ଥୋକେ [illegible] ବୋଲନ୍ତି ଲେଖିବାର ଅଭ୍ୟାସ [illegible] ହେବାର ଆଶା ବୃଥା, ତାହା [illegible]

ଅଭ୍ୟାସ କରିବାର ଅବସର । କେହି କେହି କରିଣ ନେଇ ଯାନ୍ତି; ଲେଖକ ନାମ କିଣିବା ସମ୍ଭବ ହୁଅନ୍ତା ଏ ଦେଶରେ ଅର୍ଥର ଅଭାବହିଁ ପ୍ରଧାନ ଦୋଷ । ପାଠକଶ୍ରେଣୀ ଅତି ଅଳ୍ପ ଶିକ୍ଷିତ ଓ ସେମାନଙ୍କୁ ଲେଖକନାମା ବ୍ୟକ୍ତିମାନେ ସହଜରେ ମୋହିତ କରିପାରନ୍ତି ଓ ଅନେକ ଲେଖକ ବୋଲି ପରିଚିତ ହୁଅନ୍ତି । ପାଠକଶ୍ରେଣୀ ଏଣୁ ଏ ସମ୍ବନ୍ଧରେ ଦୋଷୀ; ଏ ଦେଶର ଶିକ୍ଷିତ ବ୍ୟକ୍ତିଗଣ ଦୋଷୀ । ସେମାନଙ୍କ ସଂଖ୍ୟା ଅତି ଅଳ୍ପ ହେଲେହେଁ ଯଦି ସେମାନେ ସାହିତ୍ୟ ପାଠ କରୁଥାନ୍ତେ, ସମାଲୋଚନା କରୁଥାନ୍ତେ ତାହା ହେଲେ କଦାପି ନିକୃଷ୍ଟ ଶ୍ରେଣୀର ରଚନା ଦେଶରେ ପ୍ରଶଂସିତ ହୋଇ ପାରନ୍ତା ନାହିଁ । କିନ୍ତୁ ଦୁଇ ଜଣ ଉତ୍କଳୀୟ ବ୍ରାହ୍ମଣ ଗ୍ରାଜୁଏଟ ଯେମନ୍ତ ଅଧ୍ୟବସାୟ ଓ ପରିଶ୍ରମ ସହକାରେ ଭାଷା ଓ ସାହିତ୍ୟର ଇତିହାସ ସମ୍ବନ୍ଧରେ ଗବେଷଣା କରୁଅଛନ୍ତି ତାହା ଅଶେଷ ସୁଖର ବିଷୟ ଓ ଶୁଭ ଲକ୍ଷଣ । ଉଭୟ ବହୁ ପୃଷ୍ଠା ଲେଖି ପାରନ୍ତି; କିନ୍ତୁ ଯାହା ଲେଖିଅଛନ୍ତି ତାହା ପାଠ କରି ଏ ସ୍ୱୀକାର କରିବେ ଯେ ପ୍ରତ୍ୟେକ ବାକ୍ୟରେ ନ ହେଉ ପ୍ରତ୍ୟେକ ପରିଚ୍ଛେଦରେ ଚିନ୍ତା ଓ ପରିଶ୍ରମର ନିଦର୍ଶନ ଅଛି ? ଏଥିରେ ମୁଁ ବୋଲୁ ନାହିଁ ଉଭୟଙ୍କର ଉକ୍ତିଗୁଡ଼ିକ ଅଭ୍ରାନ୍ତ ସତ୍ୟ; କିନ୍ତୁ ମୋହର ଉଦ୍ଦେଶ୍ୟ ଏହି ଯେ ଆପଣମାନେ ଦେଖନ୍ତୁ ଯେ ସେହି ଦୁଇ ଜଣ ଏହା ସାହିତ୍ୟ ସମ୍ବନ୍ଧରେ ପରିଶ୍ରମ କରୁଅଛନ୍ତି ଓ ପରିଶ୍ରମର ଫଳସ୍ୱରୂପ ପ୍ରବନ୍ଧ ଲେଖିଅଛନ୍ତି ।

ସମ୍ବାଦପତ୍ର ଓ ମାସିକ ପତ୍ରିକାମାନ ମଧ୍ୟ ସାହିତ୍ୟର ଅନ୍ତର୍ଭୂତ । ଆମ୍ଭମାନଙ୍କ ଦେଶରେ ଉତ୍କଳଦୀପିକା ସାପ୍ତାହିକ ପତ୍ରିକା ମଧ୍ୟରେ ପ୍ରାଚୀନତମ ଓ ସର୍ବୋତ୍କୃଷ୍ଟ । ତହିଁର ସମ୍ପାଦକ ଆମ୍ଭମାନଙ୍କର ଭକ୍ତି ଓ ସମ୍ମାନର ପାତ୍ର ବୋଲି ଅବଶ୍ୟ ବୋଲିବାକୁ ହେବ । ମାସିକପତ୍ରିକା ଅନେକ ଜନ୍ମଗ୍ରହଣ କରି ଅଳ୍ପକାଳରେ ଲୋପ ପାଇଅଛି । ଲୁପ୍ତ ପତ୍ରିକା ମଧ୍ୟରେ ମୟୂରଭଞ୍ଜର ଶ୍ରୀମନ୍ମହାରାଜ ମହୋଦୟଙ୍କର ଆନୁକୂଲ୍ୟରେ ପ୍ରକାଶିତ ଉତ୍କଳପ୍ରଭା ସର୍ବୋତ୍କୃଷ୍ଟ ଥିଲା ଓ ପ୍ରଭୂତ ଉପକାର ସାଧନ କରିଅଛି । ବର୍ତ୍ତମାନ ଏକମାତ୍ର ଜୀବିତ ପତ୍ରିକା ଉତ୍କଳସାହିତ୍ୟ; ତାହା ଯେ ଜୀବିତାବସ୍ଥାରେ ଅଛି ଏହା କେବଳ ସମ୍ପାଦକଙ୍କର ଉଦ୍ୟମ ଓ ଯତ୍ନର ଫଳ; କିନ୍ତୁ ତହିଁର ପାଠକସଂଖ୍ୟା ଯଥେଷ୍ଟ ନୁହେ ଓ ଅର୍ଥବଳ ଅତି ସାମାନ୍ୟ ।


ଉତ୍କଳ ସାହିତ୍ୟର ବର୍ତ୍ତମାନ ଅବସ୍ଥା ମୁଁ ଯାହା କହିଲି ତହିଁରୁ ଭବିଷ୍ୟତ ଅନୁମାନ କରିବାପାଇଁ ମୁଁ ସମର୍ଥ ନୁହେ । କିନ୍ତୁ ଜ୍ଞାନୀ ପଣ୍ଡିତଗଣଙ୍କର ଉକ୍ତି ଅଛି ଯେ ଜଗତର ଅଧିବାସୀ ପ୍ରାଣୀ ସୃଷ୍ଟିର ପ୍ରାରମ୍ଭରୁ ଉନ୍ନତିଶୀଳ ଓ କ୍ରମାଗତ ଅଗ୍ରସର ହେଉଅଛି । ଅତଏବ ସାହିତ୍ୟ ସମ୍ବନ୍ଧରେ ଅନ୍ୟଥା ହୋଇ ନ ପାରେ । ଆମ୍ଭେମାନେ କ୍ରମଶଃ ଉନ୍ନତ ହେଉଅଛୁଁ, ହୃଦୟରେ ନାନାବିଧ ନୂତନ ଭାବମାନ ପ୍ରବେଶ କରୁଅଛି; ଏମନ୍ତ ସ୍ଥଳେ ସାହିତ୍ୟର ଉନ୍ନତି ହେବାର ଯେ ନିଶ୍ଚିତ ତାହା କିଏ ଅସ୍ୱୀକାର କରିବ ?

ଭଦ୍ରବୃନ୍ଦ, ମୁଁ ଏହିଠାରେ ଶେଷ କରିଥାନ୍ତି । କିନ୍ତୁ ସେଦିନ ଭାରତ ଗବର୍ଣ୍ଣମେଣ୍ଟଙ୍କର ଯେଉଁ ପତ୍ର ପ୍ରକାଶିତ ହୋଇଅଛି ତହିଁ ସମ୍ବନ୍ଧରେ ଉପସଂହାର ସ୍ଥଳରେ କିଛି ନ କହି ରହିପାରୁ ନାହିଁ । ଓଡ଼ିଶା ସହିତ ଗଞ୍ଜାମ ଓ ସମ୍ବଲପୁର ସମ୍ମିଳିତ ହେଲେ ଅନ୍ୟ କୌଣସି ପ୍ରକାର ଉନ୍ନତି ହେଉ ବା ନ ହେଉ ଭାଷା ଓ ସାହିତ୍ୟର ଯେ ପ୍ରଭୂତ ଉପକାର ସାଧିତ ହେବ ତହିଁରେ ଅଣୁମାତ୍ର ସନ୍ଦେହ ନାହିଁ । ପାଠକସଂଖ୍ୟା ବୃଦ୍ଧି ହେବ, ପାଠକଶ୍ରେଣୀର ଆଦର ବଢ଼ିବ, ଲେଖକଗଣଙ୍କର ଯଶୋଲିପ୍ସା ବଳବତୀ ହେବ ଓ ଅର୍ଥଲାଭ ନୋହିଲେହେଁ ମୁଦ୍ରଣ ବ୍ୟୟଭାର ବହନ କରିବାକୁ ହେବ ନାହିଁ । ବର୍ତ୍ତମାନ ଆପଣମାନେ ସକଳ ଜିଲ୍ଲାର ପ୍ରତିନିଧି ଉପସ୍ଥିତ ଅଛନ୍ତି; ଥରେ ଦୃଢ଼ ପ୍ରତିଜ୍ଞା

ହେଉ ଯେ ଦେଶୀୟ ସାମ୍ପ୍ରଦାୟ ସମସ୍ତ ମନୋଯୋଗପୂର୍ବକ କେବଳ ପାଠ କରନ୍ତେ। ତାହାହେଲେ ଅବଶ୍ୟ ବାଞ୍ଛିତ ଫଳ ଲାଭ ହେବ। ଯେଉଁ ଗବର୍ଣ୍ଣମେଣ୍ଟ ଆମ୍ଭମାନଙ୍କର ସକଳ ପ୍ରକାର ମଙ୍ଗଳ କରନ୍ତି, ଯେଉଁ ଗବର୍ଣ୍ଣମେଣ୍ଟ ଆମ୍ଭମାନଙ୍କୁ ବର୍ତ୍ତମାନ ସାହିତ୍ୟ ଉଚ୍ଚ ଶିକ୍ଷା ଦେଉଅଛନ୍ତି ଏବଂ ଯେଉଁ ଗବର୍ଣ୍ଣମେଣ୍ଟ ଉତ୍କଳ ସାହିତ୍ୟର ଉନ୍ନତି ନିମିତ୍ତ ପ୍ରଶସ୍ତ ଉପାୟ ଓ ସୁଯୋଗ ସୃଷ୍ଟିର ପ୍ରସ୍ତାବ କରୁଅଛନ୍ତି; ତାଙ୍କୁ ଭିନ୍ନ ଭିନ୍ନ ଧନ୍ୟବାଦ ଦେବା ଉଚିତ. ଏଠାରେ ଉପଯୁକ୍ତ ସ୍ୱୀକାର କରିବା କର୍ତ୍ତବ୍ୟ ।

ଉପସଂହାର, ମୋହର ସାମାନ୍ୟ ଲେଖାକୁ ଯେ ଆପଣମାନେ ଅନୁଗ୍ରହପୂର୍ବକ ଧ୍ୟାନ କରିଅଛନ୍ତି ସେଥି ନିମିତ୍ତ ମୁଁ ଆପଣମାନଙ୍କୁ ଧନ୍ୟବାଦ ଦେଉଅଛି । ପ୍ରବନ୍ଧଟି ଲେଖ ଲାଗିବାରେ ଅନେକ ତ୍ରୁଟି ହୋଇଅଛି, ବାହ୍ୟ-ମନ୍ତବ୍ୟରେ ବ୍ୟାପୃତ ଥିବା ଯୋଗୁଁ ସେଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ ସୁବିଧା ମୋହର ହୋଇ ପାରି ନାହିଁ । ଆଶା କରେ ଆପଣମାନେ ନିଜ ଗୁଣରେ ମୋହର ଦୋଷ ମାର୍ଜନା କରିବେ ।

ଶ୍ରୀ ... ।



ମିଆଁସାହେବଙ୍କ ବେଙ୍ଗଳାମନ୍ତ୍ର ।

(ମୁଖବନ୍ଧ)

ପ୍ରଥମେ ଶିରୋନାମାଟି ଦେଖି ହଠାତ୍ ଅନୁମାନ କରି ବସି ଯିବେ ନାହିଁ । କଟକରେ ପାଚିଲିଆମ୍ବ ସମ୍ପ୍ରତି ଥରେ ଉପସ୍ଥିତ ଥିଲେ କଥାଟା ସହଜରେ ସମଝି ଯିବେ । ମାନମାନେ ଆମ୍ବ ବଦଳେ ବାହାରେ ଯେ ଯେଉଁ ଛୁରମେଣ୍ଟ ନେଇଲା, ତାକୁ ଯେ ଶୁଣିଛି ସେ ପସ୍ତାଉଛି; ଯେ ନ ଶୁଣିଛି ସେବି ପସ୍ତାଉଛି । ତୁମେ ସେ ତାକ ଶୁଣି ଖୁସି ହୁଅ କ ହେଉଁ ହୁଅ, ବସାକୁ କବାଟଟା ପିଟାଇ ଦେଲ, ଏଣେ ଭିତର କବାଟ ପିଟାଉବା ସଙ୍ଗେ ସଙ୍ଗେ ଦେଖିବ ଯେ ମାନ ମଜଲୁଭ ରୁମ ବସା ଦ୍ୱାର ନିକଟରେ ଆମ୍ବ ଟୋକାଇଟି ମୁଣ୍ଡରୁ ଓହ୍ଲାଇ ଗୋଟିଏ ମାଜାଜାଲ-ଝରିଆ ଆମ୍ବ ଏକ ହାତରେ ଓ ଅନ୍ୟ ହାତରେ ଏକ ବାଟିଡ଼ି ଛୁରି ଧରି 'ଖୁଦାବନ୍ଦ ସର୍ଣ୍ଣୀପୁରେ' ଜିକିର ଦାର୍ଥଜଣ ଦମ୍ପାଦର କରିବାକୁ ବସିଛି । ତୁମେ କେଣ କ କଣ, ସେଥିରେ କିଛି ଯାଏଆସେ ନାହିଁ, ଥରେ କହିଲେ ସେ 'ବେଙ୍ଗା' ଆମ୍ବର ସ୍ୱାଦଟା ବାର ନେଇଥାଅ । ଦେଖିଲ ତ କେଡ଼େ ନିଃସ୍ୱାର୍ଥ-ବୁଦ୍ଧି । ଆମ୍ଭର ମୁଖ ସେହି ତ୍ରିତ ।

ଆପଣ କହିବେ ବେଙ୍ଗଳାମନ୍ତ୍ରରେ 'ତ୍ରିତ' କଣ ? 'ବେଙ୍ଗା' ଲେଖ । କିନ୍ତୁ କଥାଟା କଣ ନା, ବେଙ୍ଗଳାମନ୍ତ୍ରର ଏଇଟା ମୁଖବନ୍ଧ । ମୁଖବନ୍ଧ କଣ ବୁଝିଲେ ତ ? ଆମ ଗ୍ରାମ ନିକଟ ଦାଉଡ଼ା କେମ୍ବା ଅଥଙ୍ଗା ନ ଗଲେ ଏ ଶବ୍ଦଟି ଆପଣଙ୍କୁ କଠିନ ହେବ ପରା ? ଆପଣଙ୍କ ଗାଁ ନିକଟରେ ଅବଶ୍ୟ ଆଉ ମୌଜ ଥିବ, କିନ୍ତୁ ଅଥଙ୍ଗା ଓ ଦାଉଡ଼ା ଛଡ଼ା 'ମୁହଁବନ୍ଧ' ଶବ୍ଦଟା ଯେ ଅନ୍ୟ ଗ୍ରାମବାସିମାନେ ଭଲ କରି ହୃଦୟଙ୍ଗମ କରି-ଅଛନ୍ତି ଏହା ଆମ୍ଭେମାନେ ବିଶ୍ୱାସ କରିବାକୁ ନାରାଜ ନାହିଁ । ଥରେ ସାହେବଶମୀ ପଡ଼ିଲା । ଆପଣ ଉତ୍ତମଥ ମୁଣ୍ଡ, କାଗଜ ପଢ଼ନ୍ତା ଜବାବ ନାହିଁ ? ଆପଣମାନେ ହେଲେ ଧନୀ, ବଡ଼ ବାବୁ ପିଲଟନେଲେ, ବଡ଼ ଘୋଡ଼ାରେ, ... କିନ୍ତୁ ଚାକରଭଳିଆ ... ହୋଇ ଆସିଲେ, ଗୋଡ଼ାମିଙ୍କୁ ସାଉଦ ଦେଲେ, କୌଣସି ପୁଣ୍ୟ ପର୍ବ ପଡ଼ିଲା, ଘୋଡ଼ାମାନଙ୍କୁ କରଣ କପଡ଼ ମୁଖାବରଣ ବନ୍ଧାଗଲା, ପିଠା ପଣା, ... ଖାଇଲାବେଳକୁ ଆପଣଙ୍କ ଘୋଡ଼... ଅଧଣ ରେକାଟା ଏବାଉ ...

ପଡ଼ି ଗଲେ । ଏ ଗ୍ରାମ୍ୟ ଅସର କାହିଁ ? ମାନଙ୍କର ଅବସ୍ଥା ଚିନ୍ତା କରିବା କଥା ଅସଲ କାଳିକର ପାଠ; ଅର୍ଦ୍ଧ ସାର୍ଦ୍ଧଦଶମୀ, ସକାଳୁ ଉଠି ପଞ୍ଚୟବର୍ଷ ମାନ ବିଜୁଚୋରୁଆ କଳଲବ,ଚ ପଦ ଚୌତାଳ ପାଣି ଗଣ୍ଡ ଏ ଅତି ବ୍ୟସ୍ତ ଭାବରେ ବାହାରିଲେ, ଗାଣ୍ଡଲ, ସହ କଳ ଠିକଣି, ଶୀଳକଳା, ଗୁଡ଼ମୋଟି, ମନୋରଞ୍ଜନ ସେଥିସହ ପଥାସମ୍ଭବ ସଂଗ୍ରହ କରି ସାରି ଗୋଟିଏ ଲମ୍ବା ଫର୍ଦ୍ଦ ତାଆର କରି ଦେଇ ଅଭିମାନରେ କହିଗଲେ:—

ଚିଡ଼ଅ ୫ଦୁଣ୍ଡା, ଗୁଡ଼ ୧୦କଣା, ଛେନା ୧୦ପଲ, ଅରୁଆ ଚାଉଳ ଗଡ଼ଣି ଦେଢ଼, ଦୁଧ ୩ ସେର ।

ଆମର ଏକେଣ ଅକଲ ଗୁମ୍ । ସଭେ ମନ୍ଦ ମନ୍ଦ ମଧୁ-ହାସିରେ ଆଶୀର୍ବାଦଟା ଗ୍ରହଣ କରି ଦେଇ ବାହାରିଲୁ । ଅଧାରେ କାଳି ପଇସା ବୋଲି ଦାଁ ସୁଝିଲା । ସକେ ମନ୍ଦ ଲକ୍ଷ ସବୋଣିରକ୍ଷ ଘୋଟି ଆଡ଼ିଗଲେ ନେଲୁଁ । ବାପାଙ୍କ ରସିକ ପାନ ହନ୍ତା ରହିଲ ! ଗୋଟିଏ ବାକ୍ସ ରେଳଥି ଭାଙ୍ଗି ଅରୁଆ ଚାଉଳର ବସ୍ତା କରିଦେଲୁଁ, ସଙ୍ଗେ ସଙ୍ଗେ ବାକ୍ସିଏ ଧରି ବାଡ଼ଖଳ ଚଢ଼ିଥାଉଛନ୍ତି ହମ୍ମାଣଣ କରିବାକୁ ବାହାରିଲୁଁ, ମଫସଲରେ ବାଡ଼ିଆ ଗଲୁ ମ୍ୟୁନିସିପାଲ ଭାଲ୍ଷକଙ୍କ ଆଖି ଛିଦା ଦୂର୍ଗନ୍ଧ । ସେ ଯାହା ହେଉ କେଣେ ବସ୍ତରୁ ଲୋକ ବାହାର ହେଲେ ତୁଟି ପିଠି ଭାଙ୍ଗିବ ଦ କାହିଁ ସନ୍ଦେହ । ବୋଝମା, ପଡ଼ଡ଼, ଅଧିଆଣି, ଭୁଲିଥିଆ ଆଦି ବରି ଦେଇ ଉପସ୍ଥିତ ବାପଙ୍କୁ ଖୋଲାସ ପାଇଗଲୁଁ । ଆଜି ବାଦ ରହିଲା ଜାଉଡ଼ ଘର ଓ ଅଥଙ୍ଗା ମଦନ ବାବୁ । ମଉଡ଼ ଘରର ସୁବିଧା ଏ ବହନା ପରେଇ ଦେଇ ଲଜ୍ଜା ଲୁକୁଚିଥାଉଛି । ଆପଣ ପୁଭ ଭାବି ଚାଲିଥିଲେ ଲେଖା କାମନ୍ତ ପଢ଼ିବେ:—

ଦ୍ୱାରି ଭାଗ ଅଷ୍ଟର୍ଦ୍ଦା, ଅର୍ଦ୍ଧାଂର ପଇସା ବୋଲ ବୃଦ୍ଧ ଅଣା, ଏଥିରେ ପେର ଦଶ ବଡ଼ା ଗୁଡ଼ ...ଙ୍କୁ ଅଣ୍ଡା ଭଜା ! ମଦନ ବାବୁ ଅସ ଗ୍ରାମ ...ରେ ଜଣେ ଧନୀକର । ମହର ମହାଜନଙ୍କ ଭଳି ଭାବର ବେଶ୍ଯ୍ବାଳର ନାହିଁ. ଚିନ୍ତାମ ଦାଗର ନାହିଁ, ଖାତା ଦୋହଳର କାହାନ୍ତି, ମିଠେଇଥିଆ, ଝିଙ୍କାସ୍ୱର୍ଣ୍ଣ ଏ ସବୁ କିଛି ନାହିଁ, ଅଛି କେବଳ ଅଧାରେ ଏଣ୍ଡ ଓ ମାଟି କାନ୍ଥ । ସର୍ବାକଳା ଆସଲ ପୁରୁଣା ମହାଜନ. ଦେଖିଲାଗଣି ଦୁଃଖଚିନ୍ତ ବୁଢ଼ା ବସିଥି କାଢ଼ି 'ନୂଆପତ୍ର' ଛିଡ଼ଏ ଦେଇ ଆମକୁ ସମ୍ବର୍ଦ୍ଧନା କଲେ । ବହୁ ଚେଷ୍ଟାରେ ଗୁଣ ହର ନନ୍ଦନର ଅବର, ଭାଣ୍ଡି 'ଏହାର ଖାର ଖାଉନ୍ତି ନାହିଁ । ଅବେ ମଧ୍ୟ ଯେତେବେଳେ ମହାଶୁଣି । ବାଛି ବାଛି ଚାର ବଡ଼ ପାଖଫଳ ସମୟ ଦିଗ କଦାର ଖୁଣ୍ଟଳଗଟିଏ ଅମାର ପାଖୁ କାଢ଼ି ଦେଲେ ଓ ଅସ କାମଟି କାନ୍ଥଂର ଲେଖି ପାଖରେ ଦୀଂଘଟି ଚାର ପଡ଼ିଗଲ ଦେଲେ । ବଡ଼ ଖଣ୍ଡିଏ ଗୁଡ଼ ପୁଞ୍ଜି । ତରେ ଅପଣ ମୁଣ୍ଡ ଗୁଡ଼ରେ ହାତ ଦାଏ ମାରି ଦେଲେ, କହିଲେ ଏ ଖଣ୍ଡିଏ ମୁଁ ପଞ୍ଚ ଖଟରକୁ ରଖିଥିଲି, ଭୁମେ ତ ଆସି ମୁଣ୍ଡ ହଳେଇଲଣି, ଏ ଗୁଡ଼ କୁଣ୍ଡେ ଯେ ପଥର ଖଣ୍ଡେ । ଆମେ ମଧ୍ୟ ମୁଣ୍ଡ ଗୁଡ଼ରେ ଟିପଟା ବସେଇ ଦେଲୁଁ. ଗୁଡ଼ ଭାଙ୍ଗିବାକୁ ନାହିଁ, ବାଲ ସନ୍ଧ୍ୟା, ସେଥିରେ ପେର ସନ୍ଦେହ ନାହିଁ ! ଭାଗ୍ୟଟା ଖୁବ୍ ଜାଣିଥିଲେ ଏ କଥା ରେ ବାବା ! ଆପଣଙ୍କୁ ଭାରି ସାବାସ ଦେଇ ବାହାରିଲୁଁ, ଅଗେ ଆଉ କରଜର ହାତଥି ବୁଢ଼ା ମୁଣ୍ଡର ଗୁଡ଼ ଖଣ୍ଡିକ, ପଛେ ପଛେ ସ୍ୱୟଂ ଆମେ । ଅସ ଦାଣ୍ଡ ପିଣ୍ଡାର ମୂଳଥି ବାପୁଜା ଗୁଡ଼ ଖଣ୍ଡିକ ଥୋଇ ଦେଇ ଚାଉଳ ମଣେ ଓ ପୁଅଁ ଫଳର ଦାଏଣ୍ଡ ନେଇ ବାଙ୍ଗ ବାଙ୍ଗ ଫେରିଲା । ଅମେ ଗୁଡ଼ ଖଣ୍ଡିକ ନେଇ ଭାଗ୍ୟବତୀଙ୍କ ଆଗରେ ଥୋଇ ଦେଲବେଳକୁ ଗଡ଼ଣି ଆଗରୁ ଦୁଧ ଓ ଛେନା-ରଙ୍କ ପହଞ୍ଚିଲ ଦେଇ ଯାଉଛି । ସକାଳୁ ଏବେବେଳଯାଏ ପଦରେ ବ ଲ ଘଣ୍ଟ ବଢ ଗଲାଣି, ବେଲ ଅସି ଚଢ଼ିଲ ଗାଧୁଆରୁ ବଳନାହିଁ । ଚାଲିକା ମଣ୍ଡାବଙ୍କ ସବୁ ସରଞ୍ଜାମ ଯାଇ ପଡ଼ ଘରଣୀଙ୍କ ଗୋଡ଼ ଥୁଣ୍ଟ ଲଡ଼ବ ଲାଗିବାକୁ ନାହିଁ,

ଅନେ ଥିଲି ଏତେ ନିବନ୍ଧ ଜଗ ଉଠିଲୁଣି, ...ଡ଼ା ଖୋଲିବାକୁ ଛାଡ଼ିଲ ପାଣି ଭର ଦଉ ଦେଇ ଦେଖି ଦେଲେ, କାଖିଲରେ ଟିକିଏ ମଧ୍ୟାହ୍ନ ଭୋଜ ଦେଲି, ମନେ ମନେ ବାଟ୍ଟାଲି ଅଳି ଖାଇବା ବେଳ ହୋଇ ଗଲା ଏବଂ ଅବସର ମିଳିଗଲା । ଜଣେଇ ଘରେ ଲକ୍ଷ୍ମୀ ଅନ୍ନପୂର୍ଣ୍ଣା ତେଜ ଢଳେଣି ଆସି ଯୁଟେଇ ଦେଲା, ଏ ସୁଯୋଗ ଗାଣ୍ଠି ଭାଗ୍ୟରେ ବଡ଼ ହୋଇ ଅନେ ପୁଅର ଏବଂ କାଉଣ୍ଟ ବେଳକୁ. ଅରେ ଛୁଇଁ ବାଳଘୋଡ଼ା ବେଳକୁ । ପଦ୍ମ ପଛରେ, ଅମର ଅନ୍ତ ଦେଖି ଦରକାର ନାହିଁ । ଖେଳଟିକ ପାଞ୍ଚଅଙ୍ଗୁଳିଆ କଡ଼ଦେଇ ଗାମୁଛାଖଣ୍ଡ ଧରି ବାହାରିଲି, ବଗିଚାକୁ ଅଳି ଦଳକ ପାଇଁ ମଣିଷ ଖୋଜିବ ପାଇଲି। ଗାଧୋଇ ଆସି ଦାନ୍ତ ଦାନ୍ତା ଗାଧୋଇ ଦେଇ ରନ୍ଧନ ଟିକିଏ ବୋଲି ଅର୍ଦ୍ଧପୁଣ୍ଡ୍ରଟାଏ କାଟିଲି । ମଝି ଭାଗରେ ଘରଣୀ ହୋଇଣାଟାଏ ମାଡ଼ି ବସି କରୁଥିଲା ପାଳି ପାଳି ଭାଗ ଗଣି ପକାଉଥିଲା। କରୁଥିଲା କି ଗୁରୁ ! ଅନେକ ବେଳେ ବେଳେ ବୋଲ ଭାତ ହୋଇ ଠିକଣା ହୋଇ ସଡ଼ି । କରୁଥିଲା ଜୋର ଟିକିଏ ନେଇ ଦାଣ୍ଡକୁ ଭାଙ୍ଗିଟିଏ ମାରି ଦେଇ ମୋଦକ ପରି ନେଇ ଅଙ୍ଗୁଠିରେ ଦେଇ ଉପରେ ଯୋଡ଼ି ଦେଇ ଅନୁପାନକୁ ଅଧଭାଜେ ଘଣ୍ଟେ ଜୋଡ଼ି ପାଣି ଟାଣି ଦେଲି । ଦାଣ୍ଡ ପିଣ୍ଡାରେ ବସି ଖାଉଛି ଟାଏ ମାରି ପାନରେ ନୂଆ ଲଗେଇ ସାରିଲୁଣି, ଏହି ସମୟରେ ଅନେକ ମହଲରେ ଗୁଡ଼ବଣାର ପାଳି ପଡ଼ିଲା । ଅବ ପାଳଶିଆ, ସରସ ପଣିଆ ସବୁ ହୋଇ ଅନ୍ତେ ଲିଭେଇ ଗଲା ! ! ଗୁଡ଼ ବଣାଟିକ ଉପର ପାଦ ଆସେ ଟିପ ମାଡ଼ିଥିଲି ସେତିକି ବଡ଼ଲ, ତାର ଭିତରଯାକ ନରମ ଅଧୁ ହୋଇଥିଲା । ଗୁଡ଼ବଣାକୁ ଅନାଇଲା ବେଳକୁ ବଣା ମୁହଁ ଫିଟିଲା, ଏଣେ ଘରେ ଏକ ହାଉଁଆ ପାଟି ମଧ୍ୟ ଫିଟିଗଲା, ପାଣିଆ ଗୁଡ଼ ଓ ଗର୍ଜନ ଉଭ ମହିମାରେ ଅନ୍ଧାରେ ହୋଇ ପଡ଼ିଲା, ଆଉ ସେ ଘରେ ପରେ ଉଠିବ ? ଗ୍ରାମର ମହାଜନମାନଙ୍କ ଦୋକାନରେ ମେଳି ଗୁଡ଼ ଥିବାରୁ ଭଲ ଦେ ଦିନ ଦେଇ ଗଲି । ଏତେ ଟାଣ ମୁହଁ ନକଲେ ଟିପ ମାରି ଦେଖି ଥିଲି ଭେଳ ଗୁଡ଼ା ଅନୁପାନରେ ଦେଲି । କିନ୍ତୁ କାଲି ଯେ ମହାଜନମାନଙ୍କ କାହାରୁ ସେ ଦଶଟି ତାକୁ ଜାଣିଛି ଲାଗୁ ଯାଏ ପାଞ୍ଚ ଛଅ । କୁଇଁ କୁଇଁ ଅସ୍ୱ ଘର ମଣି ପାଳନ କରଣରେ ଗୁଣେ ଦଶଗୁଣ ଅଧିକାର, ସେ ସବୁ ମରମ କହିଲା:—ଆମର ଏଠେଇଁ ବଣା କରି, ତା ବଣା ଭିତରେ ପାଣିଆ ପାଣିଆ ଗୁଡ଼ ଭରିଦେଇ ସ୍ୱାଦ ସବୁ ପଛକୁ ପାରେ ଟାଣୁଆ ଗୁଡ଼ ସବୁ ବଣାମାନଙ୍କ ମୁହଁ ବାନ୍ଧି ଦେଇ, ସେ ସବୁକୁ ବଜାର ମୁହଁଆଡ଼େ ପଠାନ୍ତି । ବଣା ଭିତରଯାକ ପାଣିଆ, ମୁହଁ ଦେଖିଲାବେଳକୁ ପଥରଭଳି ଟାଣ । ସେଥିପାଇଁ ବଣା ମୁହଁ ବାଟେ ଖଣ୍ଡେ ଦଉଡ଼ା ମାରି ଉଠେଇଲେ ଭିତର ଗୁଡ଼ ପାଣିଆ କି ଟାଣୁଆ ଜଣା ପଡ଼ିବ । ପାଠକ ଅବଧାନ ! ଆପଣମାନେ ଉତ୍କଳ ଇଂରେଜ ଦେଇ ବଡ଼ଠାକୁରମାନେ ବସିବେ, 'ମୁଖବନ୍ଧ' ବୋଲି ସ୍ୱାଦ ଯୁଗଳ କରି ଦେବାକୁ ଆମମାନଙ୍କ ଦେଶେ ଅଳଥରେ ଯାଞ୍ଚି ଦେବାକୁ ହେଉଅଛି । ଏ କଥା ବୁଝିବ କିଏ ? ମୁଖବନ୍ଧଟା ଦେଖି ଅସଲ ଜିନିଷଟା ଠଉରେଇ ନେବା ଭ୍ରମ । ଉପସ୍ଥିତ ପ୍ରବନ୍ଧଟି ସେଇଜାତୀୟ, ନଚେତ୍, ଏହା ସେଇଜାତୀୟର 'ମୁଖବନ୍ଧ' । ଅତଏବ ଏଥିରେ 'ସେନା' ବା ନେଖି 'ବୃତ' ଲେଖିଲି ଯଥେଷ୍ଟ ହେବ, ଏହି କଥାଟା ଆପଣମାନଙ୍କୁ ବୁଝାଇବା ସକାଶେ ଅମ୍ଭମାନଙ୍କର ଓ ଜନେ କାହାଣୀ କହୁ । ଯାହାଲ ଥାଉ, ସମୟରେ ମାଳକ କଥା କହୁଥିଲି, କଥ କ କଥ ଥରେ ଲଜ୍ଜାଟା ଗଲା । ଯୁଆଡ଼ ଲାଗିଲେ ତଳେ ଅନେ ମୁହଁ ଖୋଲିବୁ ନାହିଁ ଯେ + 'ମିଥ୍ୟା [illegible] ସେଇଜାତୀୟ' କଥାଟା ହେବ, [illegible] ଅନେକ ତଥ୍ୟ ଶିକ୍ଷିତାର ସିଦ୍ଧାନ୍ତ, ତାଙ୍କ [illegible]

ନ ଶୋଭିବାର କାରିଗର ମିଶାଳ ଦେଖାଯାଉନାହିଁ (ସୂତା ଓ ପ୍ରକୃତିର ଅନୁକରଣ । ଥାଉ କଥିତ କଥା ଥାଉ, ଭାବିବା ଦାମ) ଅଛି ।

ପ୍ରାଚୀନ ଶିଳ୍ପୀର କେନ୍ଦ୍ରୀୟ ଗୌରବ ଦେଶୀ ଚିତ୍ର ପୁରୁଣା ଶୈଳୀର ଚିତ୍ରଶୈଳୀ-କୁ ଲିଖା ଦେଖିଲେ ସେମାନେ ଦେବଳ୍ପ ଦ୍ଵାର ଯାହା ଅନୁମାନେ କହି କରି ଦୀମାର କହି ସଂକ୍ଷେପ କହନ୍ତି:—ଛାପାଖଥିତ ଚିତ୍ରର ମର୍ଜି ଯାହାଙ୍କ ତେଣୁ ଏକ ଶୈଳୀର ପର । କିନ୍ତୁ ସେ ମର୍ଜି ଯାହାଙ୍କ ନିଜ ଅନୁକରଣ, ଅତଏବ ନୂଆ ଶୈଳୀ । ପୁରୁଣା ଶୈଳୀ ପରି କହିବାର ଏକ ସ ଛନ୍ଦ ଥାଏ ଅଛି । ଯାହାଙ୍କ ପରେ ବିଦ୍ୟା ଶିକ୍ଷା ଚିତ୍ରାଙ୍କିତ ଅଛି, ସେ ଦେଖିଲେ ନୂଆ ଶୈଳୀ । ଆଜି ଯାହାଙ୍କ ପାଖୁ ଯାଉଛି ନବଦର ଦ୍ଵାର ପ୍ରକୃତି ଓ ଶୋଭାଥିବା ସମ୍ବନ୍ଧ ବାହାରିଛି, ସେ ଦେଖିଲେ ଅସଲ ପୁରୁଣା ଶୈଳୀ । ସେ ସବୁ ପର ଅନୁକରଣ ପର ନୁହେ । ପୁରୁଣା ଛଥ ଚିତ୍ରା ଧରିବ ଶୈଳୀ, ଧୂଳିଆ ପଟ, ଭାଗବତ ପୋଥି, ଦାଣ୍ଡ ଭ ଉପରକୋଠା, ଦେଉଳର ଦେଉଥ ଗୁଆ କୋଣ, ଦାଣ୍ଡବାଟ ଓ ଦାନ୍ତରେ ଲୋଟି ଓ ନଦୀ । କିଏ କହେ ଆମ ଦେଶରେ Freehand drawing ସ୍ଵାଧୀନ ଚିତ୍ର ନ ଥିଲା ନ ଥିଲା ? ଯେତେବେଳେ ସେ ଆମ ଦାଣ୍ଡ ଚିତ୍ରାଙ୍କୁ ଅସନ୍ତି । ନୂଆ ଶିକ୍ଷାଦେବା, ଗୌଡ଼ଦେଶ ଠାରେ ଯାହା ଦବନ୍ଧ ଚିତ୍ରିତ ଚିତ୍ରାଙ୍କିତ ଅଛି । ଏବେ କୋଣାର୍କ ଉତ୍କଳୀୟ ଶିଳ୍ପ ପାରିଧୀ ପାଠ ଅର୍ଥ ଦାମଲ ଦେଉ ନାହାନ୍ତି । ଚୌଧୁରୀଙ୍କ ସ୍କୁଲ-ସେକ୍ରେଟାରୀ ଛଳରେ ଡକା ଗୋଠ ରଖା ହୋଇଅଛି । ଏବେ ପ୍ରକାଶ ହେଲା ଯେ ସେକ୍ରେଟାରୀ ପିଲାଏଥି-ଛିଳ । ଦେଖିଲାର ପ୍ରଭାବ ତଳେ ଜଣେ ସଂସ୍କୃତ ପଢ଼ାଉଥିଲେ ଜଣେ ଛାତ୍ର ପଢ଼ାଇ ଧରକାଯା ଦସ୍ତଖତ ଦେଖି ବାଦ ଅବଶ୍ୟ ବାଦ ଦେଇଥିବା ପୋଷାକ ଦେବାକୁ ହେବ । [illegible] ମଧ୍ୟରେ ଧାରେ ପଢ଼ାବାକୁ ନଥିଲ ଅଛନ୍ତି, କିନ୍ତୁ ଗୌଡ଼ଦେଶର ଏଥାଯୋଗ କରିବା ଭଳି ଯୋଗ୍ୟ ଲୋକ ଜଣେ ଏ ବିଷୟରେ ଆମ୍ଭମାନଙ୍କର ଗଭୀର ସନ୍ଦେହ । ସାତ ଶୋଗର ଯୋଗାଡ଼ି ମାସିକ ଦୂର ଟଙ୍କା ବର୍ତ୍ତି କୋଉ ଦେଶ ଟଙ୍କାରେ କେଉଁ ଜଣେ ମୌଳବି ବା ଅଧ୍ୟାପକ ମିଳିବେ ଏ ବିଷୟ ଆଗଣ କହ ପାରନ୍ତେ କି ?

ଯେହେତୁ ଅନେକ ଲୋକଙ୍କ ପରେ ଏବ ଅସାଧାରଣ ମିଆଁ ସାହେବ ସଙ୍ଗ ଦେଲେ । ମିଆଁ ସାହେବ ଚୌଧୁରୀଙ୍କ ଘରେ ମାସ ଖଣ୍ଡ ରହିଲେ ଦରକାରୀ ଦସ୍ତାବିଜପତ୍ରକ ଓଡ଼ିଆରେ ଲେଖା ହେଲା । ମିଆଁ ସାହେବଙ୍କ ସଙ୍ଗେ ସେହି ସମ୍ବନ୍ଧରେ ଆମ୍ଭମାନଙ୍କର ଆଲାପ । ତାଙ୍କ ସଙ୍ଗେ ଆଳାପ କରି ଦେଖିଲୁ ଯେ ଭ୍ରାନ୍ତ ଧାରଣା ଆମ୍ଭମାନଙ୍କ ମନରୁ ଦୂର ହୋଇଅଛି । ଅନେକ ଦିନ୍ଦି-ଦଳେ ମୁସଲମାନମାନଙ୍କ ପ୍ରତି ଆମ୍ଭମାନଙ୍କର ଯାହା ଭୋଗାଏ ଦ୍ଵନ୍ଦ୍ୱ ଭାବ ଥିଲା ତାହା କ୍ରମଶଃ ନଷ୍ଟଅଛି ଓ ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ଦୁଇ ଜଣ ମୁସଲମାନଙ୍କ ସଙ୍ଗେ ଘନିଷ୍ଠ ଭାବ ରହିବାକୁ ଅନେକ ପତ୍ରାଦି ହୋଇ ନାହିଁ । ସେ ତଥା ନୂଆ ଯାଏ, ଆମ ମିଆଁ ସାହେବ ପ୍ରତି ଦିନ ସନ୍ଧ୍ୟାବେଳେ ଆମ ଘରର ଆଖଡ଼ା ପିଣ୍ଡାରେ ବସନ୍ତି, କେତେ ଦୂରି ଯେ, କେତେ କେତେ କେଉଁ ଖବର କେଉଁ ବିଷୟ, କେବେ କେବେ ସ୍ଵାସ୍ଥ୍ୟ ଲୁଣ୍ଠିତ ଦୈନିକ 'ଘଟନାସତ୍ତ୍ଵ'ରୁ ଚାହିଁ ଅନେକ ଆମ୍ଭମାନଙ୍କୁ ଶୁଣାଇ ଆନନ୍ଦିତ କରନ୍ତି । ଆମ୍ଭମାନଙ୍କ ଅଞ୍ଚଳର ମିଆଁ ସାହେବ କେତେ ଦିନ ପରେ ଆମ୍ଭମାନଙ୍କ 'ମଉଷା' ହୋଇଗଲେ । ତାଙ୍କର ଭେଟକାମନାର ଦେଶର ବିଷୟ ଆମ୍ଭମାନେ ନିଶ୍ଚୟ କରିଥିଲୁଁ, ବର୍ତ୍ତମାନ ସମ୍ପାଦକ ମହୋଦୟଙ୍କ ଅନୁରୋଧରୁ ସେ ସବୁ ମୁଦ୍ରିତ ଦେବାର ପ୍ରସ୍ତାବ କରିଅଛୁ । ଆଶାକରୁ ଏହି ଲେଖାକୁ ଯେ ଭେଟକାମନାରେ ପାଠକମାନେ ମୌଳିକତା ଖୋଜିବେ ନାହିଁ, ଖୋଜିଲେ ମଧ୍ୟ ପାଇବେ

ନାହିଁ । ଯେଉଁ ଜଗନ୍ନାଥଙ୍କ ରଥଯାତ୍ରାର ଜାଙ୍କଲୁ ଭାତ, ବଣକୁ ବାଉଁଶ, କୂଅକୁ ବେତ, ବାଡ଼ି ଉଠୁଥିଲେ ଯାଇଁ, ଏ ଭୂତଳ ଅତି ଗୋଳା, ଉତ୍ତେଜ, ଧନ, ମୂର୍ତ୍ତି ଅନ୍ଧ ଦ୍ୱାରା ପ୍ରସ୍ତୁତ ହୋଇଥାଏ । ଯାହା ଲୋକୁ ଯାହି କେମିତି ଗୋଟିଏ ପୁତ୍ତଳିକା ବାନ୍ଧି ଏ ଉଦ୍ଧାର କରିବା ? ଜିବନ୍ତ 'ବାମନ' । ମୂର୍ତ୍ତି ଧାରୀ ବାଉତଙ୍କ ମୁଖ୍ୟ ମୂଳ କି ଉଦୟ ହୋଇବ ? ବଡ଼ଠାରୁ ସଦ୍‌ଗୁଣ ପ୍ରସ୍ତାବଟି କାର୍ଯ୍ୟରେ ପରିଣତ ! ପାଠକ, ଅଧ୍ୟାପକ, ଉପଯାଚକ, ସମ୍ପାଦକମାନେ ଉନ୍ନତ ପଡ଼ିବେ । ସଂକୀର୍ତ୍ତନର ଶୋଭାବର୍ଦ୍ଧକ ବାଦ୍ୟ ଧ୍ୱନି ଶୁଣି ବାଉଡ଼ାଏ ମଧ୍ୟ ଆଁ କରି ମୁଣ୍ଡ ଟାଣି ବସିବେ । ସେଥିପାଇଁ ଅଗ୍ରରୁ ଉଠାଗା ସାଧ କରି ଗାଇ ବିଜ୍ଞାପନ ଦେଲୁଁ, ଡ ଦରବାର ଖେଳେ କର୍ମରେ ଅଛିବ । ଇତି ।

ପ୍ରଥମ ଦଳ ।

ମୁସଲମାନ ଧର୍ମର ଉପଦେଶ ସାର :—ଈଶ୍ୱର ଏକ ଓ ଏକା ମହମ୍ମଦ ପ୍ରେରିତ ପୁରୁଷ ଅଟନ୍ତି । ମୁସଲମାନମାନଙ୍କ ମତରେ ଧର୍ମପୁସ୍ତକ 'କୋରାନ୍' ଅନାଦି ଓ ଅନନ୍ତ । ସ୍ୱର୍ଗଦୂତ 'ଜବ୍ରାଏଲ୍' ଏହାକୁ ସ୍ୱର୍ଗରୁ ଆଣି ମହମ୍ମଦଙ୍କୁ କ୍ରମଶଃ କହୁଥିଲେ । ଏହା ଇସଲାମ୍ ଧର୍ମର 'ଶ୍ରୁତି' । ମହମ୍ମଦ ଏହା ଶିଷ୍ୟମାନଙ୍କୁ କହିବାରୁ ଶିଷ୍ୟମାନେ ଶୁଣି ତାଳପତ୍ରରେ କୋରାନ୍ ଖଣ୍ଡଶଃ ଲେଖି ରଖି-ଥିଲେ ଓ ମହମ୍ମଦଙ୍କ ସ୍ୱର୍ଗାରୋହଣର ୨ ବର୍ଷ ପରେ ତାଙ୍କର ବନ୍ଧୁ ଅବୁବେକରଙ୍କଦ୍ୱାରା କୋରାନ୍ ପ୍ରଥମେ ପ୍ରକାଶିତ ହେଲା । ଦୂତ 'ଜବ୍ରାଏଲ୍' ସଙ୍ଗେ ମହମ୍ମଦ ଅନେକ ଥର ସଶରୀରରେ ସପ୍ତମ ସ୍ୱର୍ଗକୁ ଯାଇଥିଲେ ।

ମକ୍କା ମହମ୍ମଦଙ୍କ ଜନ୍ମସ୍ଥାନ ଏବଂ ମୁସଲମାନ-ମାନଙ୍କର ପ୍ରଧାନତମ ତୀର୍ଥ । ଏଠାରେ ବର୍ଷେ ବର୍ଷେ ମୁସଲମାନ ଯାତ୍ରୀ ଏକତ୍ରିତ ହୁଅନ୍ତି । ତୀର୍ଥ ଦର୍ଶନ କରିବା କମଳ୍କୁ ହେଉଁ ହେଉଁ ଧନ ପ୍ରଶସ୍ତ ଛାଡ଼ି ଧର୍ମପ୍ରବେତ୍ତାମାନଙ୍କୁ ସ୍ଥିର କରନ୍ତି । ସେ ଦିନ ମୁସଲମାନମାନଙ୍କର 'ମାନ' ବା 'ହାଜୀ' ପଦବୀ ବୋଲି କହିଲେ ଚଳେ । ଯେଉଁ ଯାତ୍ରୀ-ମାନେ ଜଳପଥରେ ମକ୍କା ଦର୍ଶନ କରିବାକୁ ଆସନ୍ତି ସେମାନେ 'ଜେଦ୍ଦା' ବନ୍ଦରଠାରେ ଜାହାଜରୁ ଓହ୍ଲାନ୍ତି । ସେଠାରୁ ମକ୍କା ୬୫ କୋଶ ହେବ । ରେଳ ହେବା ଆଗେ ଯେପରି ପୁରୀ ଯାତ୍ରୀମାନେ ପଥରେ ଚୋରଡକାୟତଙ୍କୁ ଜଗନ୍ନାଥ ସଡ଼କରେ ଦଳ ବାନ୍ଧି ଖତ ଖତ ଏକତ୍ରିତ ହୋଇ ଯାଉଥିଲେ, ଅଦ୍ୟାବଧି ମକ୍କାକୁ ଯେଉଁମାନେ ପଶ୍ଚିମରୁ ସ୍ଥଳପଥରେ ଆସନ୍ତି ସେମାନେ ଠିକ୍ ସେହିପରି [illegible] ଆସନ୍ତି । ଆରବର ନିର୍ଜନ ଓ ନିର୍ଜଳ ମରୁଭୂମିରେ ବଣା ହୋଇ ବାଟ ଭୁଲିଯିବା ଭୟରେ ସେମାନେ ଏପରି କରନ୍ତି । ଚୋରଭୟ ମଧ୍ୟ ସେଥିର ଅନ୍ୟତର କାରଣ । ଏ ମରୁଭୂମିରେ ବଡ଼ ବଡ଼ ଘୋଡ଼ାସବାର ଦସ୍ୟୁଦଳ ଯାତ୍ରୀଦଳଙ୍କୁ ଆକ୍ରମଣ କରି ସେମାନଙ୍କ ଦ୍ରବ୍ୟାଦି ଲୁଣ୍ଠନ କରି ସମୟ ସମୟରେ ବଧ କରନ୍ତି । କେତେକେ ଲେଖକ ପଠନ୍ତି ହୋଇ ଥିଲା ଯାହା କହନ୍ତି । ରେଳ ହେବା ପୂର୍ବରୁ ଜଗନ୍ନାଥ ସଡ଼କରେ କ୍ଲାନ୍ତ, ମୂର୍ଚ୍ଛିତ, ପାଦଘାତ କ୍ଷତ-ବିକ୍ଷତ ଓ [illegible] ଖଣ୍ଡ ବେଷ୍ଟିତ ହିନ୍ଦୁ ଯାତ୍ରୀମାନଙ୍କର ଅନେକ ସମୟରେ ଏହି ଦଶା ହେଉଥିଲା । ମକ୍କାଯାତ୍ରୀ ପକ୍ଷରେ ବାଟରେ ମୃତ୍ୟୁଦ୍ୱାରା ସ୍ୱର୍ଗଲାଭ ହୁଏ ବୋଲି ବିଶ୍ୱାସ । ମକ୍କାକୁ ମୁସଲମାନଙ୍କ ବ୍ୟତୀତ ଅନ୍ୟ ଜାତିର (କାଫର) ପ୍ରବେଶ ନିଷେଧ । ପ୍ରତିବର୍ଷ ଜଳପଥରେ ପ୍ରାୟ ୪୦ ହଜାର ଯାତ୍ରୀ ମକ୍କାକୁ ଆସନ୍ତି । ପ୍ରତିବର୍ଷ ୮୦।୯୦ ହଜାର ଯାତ୍ରୀ ଆସିଥାନ୍ତି । ପଶ୍ଚିମରୁ ଯେଉଁମାନେ ସ୍ଥଳପଥରେ ଆସନ୍ତି ସେମାନେ ଦାମସ୍କସ୍ ନାମକ ସ୍ଥାନରେ ମିଳିତ ହୋଇ ସେଠାରୁ ସମସ୍ତେ ଏକତ୍ର ମକ୍କାକୁ ଯାତ୍ରା କରନ୍ତି । ଦକ୍ଷିଣର (ଆଫ୍ରିକା) ଯାତ୍ରୀମାନେ [illegible] ଠାରେ ଆସି ସମ୍ମିଳିତ ହୋଇ [illegible] ଏକତ୍ର ଯାତ୍ରା କରନ୍ତି । ମିଶରର [illegible]

(ଜେଦ୍ଦା) ରେ ଯାତ୍ରୀ ପ୍ରବେଶ କରିବାବେଳେ ମାନଙ୍କୁ ପିନ୍ଧିବାକୁ ହେଲେ । ଏ ବସ୍ତ୍ରଖଣ୍ଡ ପିନ୍ଧିବା, ହୋଇଥାଏ ହେଉଥାନ୍ତି । ଏ ପିନ୍ଧିବା ପରେ ସମ୍ବେଦନାଦିକାରର ଜିଲ୍ଲାପାଳ ସହକାରୀମାନଙ୍କଦ୍ୱାରା ମକ୍କାର ମସଜିଦକୁ ନୀତ ହୁଏ । ପ୍ରତିବର୍ଷ ମିସର ଦେଶରୁ ପୂର୍ବ ବର୍ଷ ପ୍ରଦତ୍ତ ଶୀକାପତ୍ରା ଖଣ୍ଡି ବସ୍ତ୍ର ଖଣ୍ଡରେ ବଦଳନ୍ତି ହୋଇ 'ପାକ' ବା ସାଧୁମାନଙ୍କ କବର ଆଚ୍ଛାଦନ ନିମନ୍ତେ ନାନାସ୍ଥାନକୁ ପ୍ରେରିତ ହୁଏ ଓ ଜଗନ୍ନାଥଙ୍କ 'ଶୀକାପତ୍ରା' ଭଳି ଯାତ୍ରୀମାନଙ୍କ ମଧ୍ୟରେ ବିତରିତ ହୁଏ । ଅଧିକନ୍ତୁ ଆଗତ ଯାତ୍ରୀମାନେ ଜେଦ୍ଦା ବନ୍ଦରଠାରୁ ଆସିଲାବେଳେ ମିସରର ରାଜା ଅମାତ୍ୟ ଓ ଅଧିବାସୀମାନଙ୍କସହ ବାଦ୍ୟ ଧ୍ୱନି କରି ମହାସମାରୋହରେ ଯାତ୍ରୀମାନଙ୍କୁ କିଛିଦୂର ପର୍ଯ୍ୟନ୍ତ ଗ୍ରାମରେ ଆଗବଢ଼ାଇ ଦେଇ ଯାନ୍ତି । ସେଠାରୁ ଯାତ୍ରୀମାନେ ରେଳରେ ସୁଏଜ ନଗରକୁ ରମାନା ହୁଅନ୍ତି । ଯାତ୍ରୀମାନେ ରେଳ ଶକଟ ପୁଣି ଯାନଦ୍ୱାରା ସୁମଣ୍ଡଳ ହୋଇ 'ଦୂରତ୍ୱ ବଢ଼ଇ ଜାହାଜ ମାନ ।' ସୁଏଜଠାରୁ ଯାତ୍ରୀମାନେ [illegible] ସାଦର ଅଭ୍ୟର୍ଥନା ପ୍ରାପ୍ତ ହୁଅନ୍ତି । ସୁଏଜଠାରୁ ଯାତ୍ରୀମାନେ ଧୂଆଁକଳ ଜାହାଜରେ ଜେଦ୍ଦାଠାକୁ ଯାନ୍ତି । ଏଥିରେ ଭଡ଼ା ଦେବାକୁ ପଡ଼େ ନାହିଁ । ସୁଏଜଠାରୁ ଜେଦ୍ଦା ପହଞ୍ଚିବାର ବ୍ୟୟ ମିସର ସରକାର ନିଜେ ବହନ କରନ୍ତି । ଯେ ହେତୁ ଜେଦ୍ଦା ମକ୍କାଯାତ୍ରୀମାନଙ୍କ 'ଭୁଲସୀଚଉରା' । ଅନ୍ୟଧର୍ମୀବଲମ୍ବୀମାନେ ଜେଦ୍ଦା ବନ୍ଦର ପର୍ଯ୍ୟନ୍ତ ଯାଇ ପାରନ୍ତି, କିନ୍ତୁ ମକ୍କା ସହର ନିକଟକୁ ଯିବା ପାଇଁ ପହଞ୍ଚି ପାରନ୍ତି ନାହିଁ । ଜେଦ୍ଦାଠାରୁ ମକ୍କା ଯିବାର ୨୫ କୋଶ ପଥର ଦୁଇପାର୍ଶ୍ୱ ନିକଟରେ ପର୍ବତ ଓ ମରୁଭୂମି । ଜଳାଭାବ ଓ ଉତ୍ତପ୍ତତାରୁ ଏ ପଥରେ ଯାତ୍ରୀମାନଙ୍କର ବିଶେଷ କଷ୍ଟ ହୁଏ; କିନ୍ତୁ ପୁଣ୍ୟ ଯାତ୍ରୀମାନେ 'ଜୟ ଜଗନ୍ନାଥର ଜୟ' ଉଚ୍ଚାରଣ କରି କ୍ଳାନ୍ତ ଶରୀରରେ ଦର୍ଶନୀୟ ହୋଇ ସିଧାରେ ମକ୍କାଯାତ୍ରୀମାନଙ୍କ ଶବ୍ଦ 'ଅମ୍ବା ହୋ' ଅନୁଭବ ଅନନ୍ତ ଧ୍ୱନି ହରଣ କରୁଥାଏ । ଜେଦ୍ଦାଠାରୁ ମକ୍କାକୁ କେହି ଯାତ୍ରୀମାନେ ପାଲ୍କିରେ ଯାନ୍ତି, କିନ୍ତୁ ସାଧାରଣ ବ୍ୟକ୍ତିମାନେ ଓଟ ବା ଗର୍ଦ୍ଦଭ ପୃଷ୍ଠରେ ସେ ପଥ ଅତିକ୍ରମ କରନ୍ତି । ମକ୍କା ସହର ପର୍ବତବେଷ୍ଟିତ ଗୋଟିଏ ଉପତ୍ୟକା । ଏଠା ମୃତ୍ତିକା କଙ୍କରମୟ ଓ କୃଷିର ଏକାନ୍ତ ଅନୁପଯୁକ୍ତ । ସହର ନିକଟରେ ଗୋଚାରଣ ଭୂମି ନାହିଁ । ଏଠାକୁ କମ୍ଭୋଜ, ଅଙ୍ଗୁର ଖାଦ୍ୟ ଫଳ ୩୦ କୋଶ ଦୂରରୁ ବହନ ନିମନ୍ତେ ଆନୀତ ହୁଏ । ଏଠାର ପ୍ରଧାନ ଅସୁବିଧା ଜଳାଭାବ । ଯେଉଁ ଦିନ ତୀର୍ଥଯୋଗ ପଡ଼େ ସେ ସମୟରେ ସେ ଦିନ ୨ଲକ୍ଷ ବା ତତୋଧିକ ଲୋକ ସେଠାରେ ଉପସ୍ଥିତ ହୁଅନ୍ତି । ପୂର୍ବରେ ବିଶୁଦ୍ଧ ଜଳାଭାବରୁ ଏଠାରେ ମହାମାରୀ ହେବାର ଜାହାଣୀ ଗୁଣ୍ଡିଚା ସମୟରେ ପୁରୀର ଅବସ୍ଥାକୁ ସ୍ମରଣ କରାଇ ଦେଉଅଛି । ବର୍ତ୍ତମାନ ତୁର୍କୀର ସୁଲତାନ (ରାଜା) ଯାତ୍ରୀମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାର ଉପାୟ କରି ସେ ଶୋଚନୀୟ ଅଭାବ ବହୁତ ପରିମାଣରେ ଦୂର କରିଅଛନ୍ତି । ଧନ୍ୟ ମୁସଲମାନ ରାଜାଙ୍କର ଧର୍ମପରାୟଣତା ! ରାଜାନୁଗତୋ ଧର୍ମଃ କଥାଟାର ସାରବତ୍ତା ମକ୍କାଯାତ୍ରୀ ଯେପରି ଅନୁଭବ କରନ୍ତି ଅନ୍ୟ କୌଣସି ଯାତ୍ରୀ ସେପରି ଅନୁଭବ କରିବା ସମ୍ଭବ ନୁହେଁ । ମକ୍କାର ପ୍ରଧାନ ମସଜିଦର ଆରବୀୟ ଅର୍ଥ 'ଈଶ୍ୱରଙ୍କ ଗୃହ' । ଏଥିରେ ଯାତ୍ରୀଙ୍କର ପ୍ରଧାନ ଦ୍ରଷ୍ଟବ୍ୟ ପ୍ରସ୍ତରାଗାର 'କାବା' ସୁରକ୍ଷିତ ହୋଇଅଛି । ଏ ମସଜିଦ ୨୫ ହାତ ଲମ୍ବ, ୨୦ ହାତ ଚଉଡ଼ା ଓ ୨୭ ହାତ ଉଚ୍ଚ । ଏଥିରେ ଗୋଟିଏ ଦ୍ୱାର ଓ ଗୋଟିଏ ଗବାକ୍ଷ । ଏହାର ଛାତ ଗୋଟି [illegible] ସ୍ତମ୍ଭଦ୍ୱାରା ଉତ୍ତୋଳିତ । ଗୋଟିଏ ସ୍ୱର୍ଣ୍ଣମୟ ନଳା ବାଟେ ବର୍ଷାଜଳ ଛାତରୁ ତଳକୁ ପଡ଼େ । ଜଗନ୍ନାଥଙ୍କ ପଣ୍ଡାଙ୍କ ପରି ମକ୍କାରେ ମଧ୍ୟ ଏ ଜାତୀୟ ଲୋକେ ଛଡ଼ା ନାହାନ୍ତି । ଭିକ୍ଷେ ସ୍ୱର୍ଗରେ ରହିଲେ ସୁଦ୍ଧା ଧନଲୁଟାଳି ଭଲ ନାହିଁ । ଅନେକ ଲୋକ

ନିଜ, ଅବଶ୍ୟ ନିଯୁକ୍ତ ହେଲା । ପଣ୍ଡା ପଣ୍ଡାଙ୍କ ମାଲିକ ଭଳି ଦାଢ଼ିଆ ପଣ୍ଡା । ସେଥି ସାଧାରଣ ଯେଉଁ ଯାତ୍ରୀମାନଙ୍କୁ ବେଢ଼ି ବସିଥାନ୍ତି । ଏଠାରେ ମୂଳ ପଣ୍ଡାମାନଙ୍କ ଅବଶ୍ୟ ଶୀରଣୀ କଥା ତ ମୂଳ ଗୁଠମାନେ ମନ୍ଦିର ରକ୍ଷି ଥାନ୍ତି । ଦାଢ଼ିଆ ପଣ୍ଡାଙ୍କୁ 'ମେହ୍ୱାଫ୍' କହାଯାଏ । ସ୍ୱସ୍ୱ ମେହ୍ୱାଫଙ୍କ ମାର୍ଗଦର୍ଶନରେ କାବା ଦର୍ଶନ ପ୍ରଶସ୍ତ ବୋଲି ବିବେଚିତ ହୁଏ । ମସ୍‌ଜିଦର ପୂର୍ବ ଅଗଣାରେ କାବା ରହିଛି । ଏ ପ୍ରାଙ୍ଗଣରେ ଦେଲ ଗୁଡ଼ ଲକ୍ଷ ଲୋକ ଏକତ୍ରିତ ହେଲେ ସ୍ଥାନ ନଅଣ୍ଟ ହେବ ନାହିଁ । ଯାତ୍ରୀମାନଙ୍କ ପରେ ସାହେବ ଏ କାବାକୁ ୭ ଥର ପ୍ରଦକ୍ଷିଣ କରନ୍ତି । ସାତ ଥର ପୁଣି ଓ ମନ୍ଦିରରେ ଏକା ମେଳ । ଏ ପ୍ରସ୍ତରଗୃହଟି କୃଷ୍ଣବର୍ଣ୍ଣ ବସ୍ତ୍ରଦ୍ୱାରା ଆଚ୍ଛାଦିତ । ବାହାରେ ୭ ଥର ବେଢ଼ା ବୁଲି ସାରିଲେ ଭିତରକୁ ପ୍ରବେଶ କରିବାର କଥା । ଭିତରେ ରହିଛି ଏ କୃଷ୍ଣପ୍ରସ୍ତରଖଣ୍ଡ ବା 'କାବା' । ଏହି ଖଣ୍ଡିକ ଏ ମହାତୀର୍ଥର ପ୍ରଧାନ ଦ୍ରଷ୍ଟବ୍ୟ ବସ୍ତୁ । ବସ୍ତୁ କହ, ଦେବତା କହ, ଯାତ୍ରୀଙ୍କର ଦର୍ଶନୀୟ ପଦାର୍ଥ କହ, ଏହା ହିଁ ସେଥି । ଚିତ୍ରବସ୍ତୁଟିଏ ପୂଜା କଥା ଦେଖିଲେ ଦେହ ଲୁଣ୍ଠନ କେତେ ଦେହ ଛାଡ଼ ପାର ପାରାନ୍ତି । ମନୁଷ୍ୟ ସୀମାବଦ୍ଧ ଜୀବ; ଯେତେ ଅସୀମ ଅନନ୍ତ ଆଡ଼କୁ ଦୌଡ଼ିଲେ ପୁଣି ଘୂରି ଘୂରି ଅଜାଣତରେ ଝୁଣ୍ଟି ପଡ଼େ । ବାଇଣୀ ଯୋଗର ମୂଳମନ୍ତ୍ର ଯାହା ସାଂଖ୍ୟବେଦ ତନ୍ତ୍ରର ମୂଳବୀଜ ଯେହି, 'ବଜ୍ରଯାନ'ର ମୂଳଭିତ୍ତି ଯାହା । ମକ୍କାରେ ଯାହା ଟଣା ଓଟର, ମୂର୍ତ୍ତି ଗୁରୁତ୍ୱ, ଏବେ ପ୍ରଭେଦ । ଏ ପ୍ରସ୍ତର ଖଣ୍ଡି ଚୁମ୍ବନ କଲେ ପାପ ହର ହୁଏ ପୁଣ୍ୟ ସଞ୍ଚୟ ହୋଇ ଥାଏ । ଏ ପ୍ରସ୍ତର ଚୁମ୍ବନ ପରେ ପ୍ରାଙ୍ଗଣସ୍ଥିତ ତୀର୍ଥରେ (ଜେମ୍‌ଜେମ୍‌ରେ) ସ୍ନାନ । ପୁରୀର ମାର୍କଣ୍ଡେଶ୍ୱର ପୋଖରୀର ଜଳ ଓ ମକ୍କାର ଜେମ୍‌ଜେମ୍‌ର ଜଳ ଉଭୟ ସମାନ । ଉଭୟେ ପାପିଙ୍କୁ ସ୍ନାନ ମାତ୍ରେ ଉଦ୍ଧାର କରନ୍ତି ଓ ଉଭୟର ଜଳ ଔଷଧ ପାଣିପରି ଦ୍ରବ୍ୟରୂପେ ବ୍ୟବହୃତ ହେବାର ଏଠାନ୍ତୁ ଅଯୋଗ୍ୟ । ସମ୍ପ୍ରଦାୟକେ ... ବିଶ୍ୱାସ ... ତ୍ରି ଓ 'ଟେଟ୍ରୁଷ୍ଟା'ରି (ମକ୍କାର ବସ୍ତି) କୋଳକ ଶୀଘ୍ର ପୂଜା ଭକ୍ତ ମନରେ ଏକା ଭାବ ଜାଗ୍ରତ କରଏ, ଭକ୍ତଙ୍କୁ ଲେଖ ସେହି ଅନନ୍ତ ପାଦପଦ୍ମରେ ଲୀନ କରାଇ ଦିଏ । ଭକ୍ତ ଏହ ସ୍ୱର୍ଗୀୟ ପଦାର୍ଥ, ସ୍ଥାନଭେଦ, କାଳଭେଦ, ପାତ୍ରଭେଦରେ ବହୁରୂପରେ ଦେଖା ଦିଏ, ନିଶ୍ଚିତ ଠିକଣା ଏହା । ମକ୍କାତୀର୍ଥ-ଭ୍ରମଣ ପରେ ମଦିନା ତୀର୍ଥ ପରିବର୍ତ୍ତନରେ ... । ଏ ଯେଉଁ କାଳ ନାହିଁ ହୁଏ, ସେଥିରେ ହିଁ ସେହି କାଳ ନାହିଁ ହୁଏ । ମକ୍କାର ନିକଟରେ ଏକର ବିଷ୍ଣୁ ପ୍ରଧାନ ... ବାସସ୍ଥାନ ଗୋଟିଏ ସ୍ତମ୍ଭଦ୍ୱାରା ଘୋଡ଼ିତ ହୋଇଅଛି । ଏହା ସର୍ବପାପହାରକ ତୀର୍ଥ । ଏ ତ ଗଲା ତୀର୍ଥ ଦର୍ଶନ । ... କଥା ନୂଆ ନୁହେ । 'ମୁନା' ନାମକ ସ୍ଥାନରେ ଜଣେ ଭକ୍ତ ସାପ ପୁରୁଷକୁ ... ବଳି ଦେଉଥିବାରୁ ଯାତ୍ରୀମାନେ ଏଠାରେ ... ଗାଈ ବା ମେଣ୍ଢା ବଳି ପ୍ରଦାନ କରନ୍ତି । 'ପଞ୍ଚତୀର୍ଥ' କଥା ମିଳୁନାହିଁ କି ? ବଳିଦାନ ପରେ ଶୟତାନ ବା ପାପପୁରୁଷର ମୂର୍ତ୍ତି ପ୍ରସ୍ତୁତ କରି ଯାତ୍ରୀମାନେ ଏ ମୂର୍ତ୍ତିକୁ ୭ ଗଣ୍ଡ ଢେଲା ମାରି ପାପ ପୁରୁଷକୁ ଶାସନ କରନ୍ତି ।

ପୁଣି ଯେପରି ଭୁବନେଶ୍ୱର ଦର୍ଶନ ହେବେ ... ଉପରେ ... । ମକ୍କା ଯେପରି ମଦିନା । ହଜରତ ମହମ୍ମଦଙ୍କ ... । ମହମ୍ମଦ ମକ୍କାରୁ ପଳାୟନ ହୋଇ ମଦିନାଠାରେ ଆଶ୍ରୟ ପାଇଥିଲେ ଓ ... ଧର୍ମପ୍ରଚାରର ଅଦ୍ଭୁତ ... କରିଥିଲେ । ମକ୍କାଠାରୁ ମଦିନା ଦୂରରେ ୧୦ ଦିନର ବାଟ । ମହମ୍ମଦ ମକ୍କାରୁ ମଦିନାକୁ ପଳାଇବା ଦିନଠାରୁ ମୁସଲମାନଙ୍କର ହିଜରୀ ବର୍ଷ ଗଣନା ... ଏଠାରେ ମହମ୍ମଦଙ୍କ ସମାଧି ... । ସମାଧି ... ବହୁମୂଲ୍ୟ ... ।

ତ୍ରୁଟିର ପ୍ରାୟଶ୍ଚିତ୍ତ ନିମନ୍ତେ ସପରିବାର ଶ୍ରୀମନ୍ଦି-ରକୁ ଯାଇ ଦେବତା ସମ୍ମୁଖରେ ଓ ମହାପ୍ରଭୁଙ୍କୁ ନିବେଦନ କଲେ । ମନ୍ଦିରକୁ ପୁରୋହିତମାନେ ସମସ୍ତ ଚନ୍ଦନ ନିର୍ମାଲ୍ୟ ପାଦୋଦକ ମନ୍ତ୍ରୀଙ୍କୁ ଦେଇଥିଲେ । ବାଦ୍ୟଧ୍ୱନି ସହକାରେ ସେଠାରୁ ଫେରିଲେ ଚିତ୍ରା ନଗରଠାରେ ଏକତ୍ରିତ ହୋଇ ଦେଖା ଯାଇ ସେ ଥିଲେ । ମୁସଲମାନ ଜାତିକୁ ନ ଦେଇ ଦଶକ ସରେ ଜୀବନର ଅବଶିଷ୍ଟାଂଶ ଯାପନ କରନ୍ତି ।

ପାଠକ ମହୋଦୟ ଓ ଉପନ୍ୟାସ ଯଶୀବଳମ୍ବୀ ଭ୍ରାତାମାନେ କ୍ଷମା ମାଗି କରିବେ । ଅସଲ କଥାଟା 'ଧର୍ମସ୍ୟ ତତ୍ତ୍ୱଂ ନିହିତଂ ଗୁହାୟାଂ' । ମହାଜନୋ ଯେନ ଗତଃ ସ ପନ୍ଥା । ସମସ୍ତେ ଅନ୍ଧାର ଘରକୁ ତେଲ ଯୋଗାଉଣା କଥା, ବାହାରୁ କ ଘ ବାହାରୁ ସେଇଟା ଛୋଟ କରିବା ନାଲିକ ଥନକ ବୃଦ୍ଧରେ । ଉତ୍ସାହ ଲଭି କଲେ, ଛୀଣ ବିଶ୍ୱାସରେ ଆତ୍ମସମର୍ପଣ କରି ପାଇଲେ, ଯେ ନିଶ୍ଚୟ ମହାମହୋପାଧ୍ୟାୟଙ୍କ ପାଦତଳ ସମର୍ପଣ କରି ଅଛି ତାହା ତେବେ ପଣ୍ଡିତଙ୍କ ଜୀବନର ଦ୍ୱିଜ ସାର୍ଥକ, ଅନେକ ମହାତ୍ମା, ଭୂମି ଦାନ । ମନ୍ଦିର, କେନ୍ଦୁଝରମ, ପୁରୁଷୋତ୍ତମ, ଏବଂ ବନ୍ଧୁସ୍ୱଜନ । ତାହାର ମୁସଲମାନୀ ଘାଟ, ତାହାର ନିର୍ଜନତା, ତାହାର ବ୍ୟାଟ୍‌ଲୋଟ୍‌, ଏହିପରି ଭଳରେ ଏହା ଗ୍ରନ୍ଥପୁସ୍ତକ ମୌଳିକ-ଉପାଦାନ-ସଙ୍ଗଠିତ ରକ୍ତ ମାଂସର ଶରୀର । ଜମିଦାରୀ ଗୋଷ୍ଠୀ, କଳା, ମାନବର୍ଣ୍ଣ, ସେ ସବୁ କ ପଦାର୍ଥ ।

ଏ ସବୁ ଦଳିଲରେ ଆମ୍ଭମାନେ ରାଜା ଶାହେବଙ୍କଠାରୁ ଶୁଣିଅଛୁଁ । ଏଠାରେ କହୁ ରଖିବାର ଉଚିତ ଯେ ଆଜ ମଧ୍ୟ ସାହେବ ମନ୍ଦିରର ଧର୍ମକ୍ରିୟା ସମାପନ କରି ଆସିଅଛନ୍ତି ଓ ସାଧାରଣରେ ତାଙ୍କୁ ସମସ୍ତେ ରାଜା ସାହେବ ବୋଲି ଡାକନ୍ତି ।

କ୍ରମଶଃ

ଶ୍ରୀ ଦୁର୍ଗ୍ଗ ଶର୍ମା ।

କୃଷ୍ଣ ସିଂହ ।
(ମହାଭାରତ-ଅନୁବାଦକ)

ଓଡ଼ିଆ ଗ୍ରନ୍ଥକାରମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା-ନ୍ତର୍ଗତ ଧରାକୋଟର ରାଜା କୃଷ୍ଣସିଂହ ଜଣେ ପ୍ରଧାନ କବି । ଏ ୧୭୨୯ ଖ୍ରୀଷ୍ଟାବ୍ଦରେ ଜନ୍ମ ଗ୍ରହଣ କରି ୧୭୮୮ ଖ୍ରୀଷ୍ଟାବ୍ଦରେ ମାନବଲୀଳା ସମ୍ବରଣ କରିଥିଲେ । ଏ ରାଜା ନାରାୟଣ ସିଂହଙ୍କର ମଧ୍ୟମ ପୁତ୍ର ଓ ବର୍ତ୍ତମାନ ରାଜା ଶ୍ରୀ ମଦନମୋହନ ସିଂହଙ୍କର ପଞ୍ଚମ ପୁରୁଷ । କବିଙ୍କର ଆତ୍ମପରିଚୟ ଏହି—

ସଂଗ୍ରାମ ସିଂହ ମୋ ଜନକ ଜନନୀ
ଧରାକୋଟମଣ୍ଡଳ ଅବନୀପତି ।
ଶ୍ରୀରାମଚରଣ ଭାବ ସମ୍ଭାଳ ଏହା ସେହୁ
ହୃଦିରେ ନନ୍ଦକୁଳ ଦେଖାଇ ପଦ୍ମହସ୍ତ ।

* * *

ଏ ମହାଭାରତ ଏହା ସେ ବୈଷ୍ଣବ ଭୋଗଠାରେ
ସମସ୍ତ ଜନକରେ ପ୍ରଶଂସିତ ହେଲେ ।
କଟକ ବରଷରେ ଛତ୍ରପତି ଯାର
ସେଭୁବନ ଆଦ ଦେଖି ସେ ଜଗତର ।
ଭ୍ରାତୃଙ୍କୁ ନିଜ ସଙ୍ଗତରେ ସେ ଗୋଟିଲେ
ପୁତ୍ରଙ୍କ ଆଶ୍ରମ ନେଇଣ ପ୍ରବେଶ ହୋଇଲେ ।
ତହିଁ ବେଦବେଦନ ରହିଲେ ବାସ କରି
କଲେ ଦରଶନ କମଳାବତାର ।

* * *

ସେଠାରୁ ସେ ଗୁରୁଙ୍କ ସଙ୍ଗେ ରାଜାରେ
ଶାନ୍ତିକାର୍ଯ୍ୟ ନେଇ ସ୍ନାନ କରିଲେ ।

ଦେଖୁ ଲୋକ ଦେଖନ୍ତି ସୁନ୍ଦର ଅଦ୍ଭୁତ
ରାଜବଂଶେ ଜାତ ହୁଅନ୍ତି ପ୍ରାପ୍ତ ।
ଶାସ୍ତ୍ରୁ ଗୋବିନ୍ଦଙ୍କ ସମୀପେ ନିଜ ପ୍ରାଣ
ଜାଣି ତ୍ରିଭୁବନେ ଗଲେ ନରଗଣ ।
ଯାଙ୍କ ଜ୍ୟେଷ୍ଠ ସୁତ ଜଗନ୍ନାଥ ସତ୍ତେ
କଲେ କୀର୍ତ୍ତି ଶୋଭା ବାପାଙ୍କ ପରମ୍ପେ ।
ଯେତେ ଦାନ ମନ୍ଦିରେ କରି ମନ୍ଦ୍ରୀ ଯୋଗ
ତ୍ରିପୁ ପରଗଣାକୁ ଦେବଙ୍କୁ କଲେ ଯୋଗ ।
ସୁଜନେନ୍ଦ୍ର ନାମେ ଆହାଙ୍କ ସାନ ଭାଇ
ଛତ୍ରେନ୍ଦ୍ର ହୋଇ କରନ୍ତିର ସାହିଁ ।
ଧର୍ମରେ ସେ ଅବନୀମଣ୍ଡଳ ପାଳିଲେ
ଗୁରୁ ଦେବ ବ୍ରାହ୍ମଣ ପାଦରେ ସେବିଲେ ।
ଯେନ ସଙ୍କଟରେ ଲଭିଯା ପୁନଙ୍କୁ
ବାହାରିଲେ ଗୋବିନ୍ଦଦ୍ୱାଦଶୀ ସ୍ନାନକୁ ।
କ୍ଷେତ୍ରରେ ଦଶ ଦେଖି ଭକ୍ତିରେ ରହିଲେ
ସେଠାରେ ଦାନବଶ ପରଗଣାକୁ କଲେ ।
ନୀଳାଦ୍ରି ସିଂହ ନାମେ କନିଷ୍ଠ ଆହାଙ୍କର
ଅଗ୍ରେ ସେ ପରଲୋକେ ଭଜିଥିଲେ ପର ।
ଆହାଙ୍କ ଆମ୍ଭ ତାଙ୍କ ଜ୍ୟେଷ୍ଠ ସୁତ ହୁଇ
ମର୍ତ୍ତ୍ୟ ଲୋକଙ୍କର ଧର୍ମକୁ ଥିଲେ ପାଇ ।
ସୁ ଆଜ୍ଞାର ହୋଇ ମଧ୍ୟମ କୁମର
ଏଣୁ ଧରାକୋଟେ ହୋଇଲ ନରବର ।

—ଆଦିପର୍ବ ।

ବନ୍ଧୁମାନଙ୍କ ସହିତ ଅପତ୍ର ହେବାରୁ ଭବ ବାଲ୍ୟ ସମୟରେ ପିତାଙ୍କ ସଙ୍ଗେ ଯାଇ କୁଅଗଡ଼ରେ ରହିଥିଲେ । ଭବଙ୍କ ପିତା ନୀଳାଦ୍ରି ସିଂହ ଏହିଠାରେ ପରଲୋକ ପ୍ରାପ୍ତ ହେଲେ । ଯେତେବେଳେ ଏହାଙ୍କ ଜ୍ୟେଷ୍ଠପିତା ଗଜେନ୍ଦ୍ର ସିଂହ ପୁରୁଷୋତ୍ତମ କ୍ଷେତ୍ରରେ କାଳକବଳରେ ପତିତ ହେଲେ, ଧରାକୋଟର ପ୍ରଜାମାନେ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଉତ୍ତରାଧିକାରୀରୂପେ ନିଯୁକ୍ତ କରିବାର ଚେଷ୍ଟା କରୁଥିଲେ । ଏହି ସମାଚାର ଶୁଣି ପାଇ ଭୃଗୁସିଂହ ଏହାଙ୍କୁ କୁଅଗଡ଼ରୁ ଧରାକୋଟ ଆସି ସେଠା ପାତ୍ରମାନଙ୍କୁ ଅଧୀନ କରି ସେମାନଙ୍କ ସାହାଯ୍ୟରେ ୧୭୮୧ ଖ୍ରୀଷ୍ଟାବ୍ଦରେ ସିଂହାସନାରୂଢ଼ ହେଲେ । ୩୬ ବର୍ଷ ବୟସରେ ରାଜପଦେ ବସି ୭ ବର୍ଷ ମାତ୍ର ରାଜତ୍ୱ କରିଥିଲେ । ଭୃଗୁସିଂହ ପୃଥାସ୍ତ୍ରରେ ଥାଇ ବୃଥା କାଳହରଣ କରି ନ ଥିଲେ । ଏ ବିଦ୍ୟାଭ୍ୟାସ ବିଷୟରେ ବିଶେଷ ଶ୍ରଦ୍ଧା ରଖି ସଂସ୍କୃତ ସାହିତ୍ୟରେ ଉତ୍ତମ ବ୍ୟୁତ୍ପତ୍ତି ଲାଭ କରିଥିଲେ । ଏହା ତାହାଙ୍କ ମହାଭାରତଦ୍ୱାରା କବିତ୍ୱ ପ୍ରମାଣ କରାଇ ଦେଉ ଅଛନ୍ତି । କବି ବୈଷ୍ଣବଧର୍ମାବଲମ୍ବୀ ଥିଲେ । ବୈଷ୍ଣବୋଚିତ ବିନୟଗୁଣରେ "ସାଧୁଙ୍କ ଶାସ୍ତ୍ର ହେଲି ନ ପଢ଼ିଲି । ମୂର୍ଖପଣେ ରାଜ୍ୟଭୋଗ ଅରମ୍ଭିଲି ।" ବୋଲି ଅନେକଥରେ କହିଥିଲେ ମଧ୍ୟ, ତାହାଙ୍କ ଭାରତ ଦେଖି ତାହାଙ୍କ ପାଣ୍ଡିତ୍ୟ ବିଷୟରେ କି ଏ ଆଶଙ୍କା କରି ପାରିବ ? ଆଦି ପର୍ବର ଶେଷରେ ଲେଖା ଅଛି:—

ଏକାଳକୁ ଶକାଦି ସତରଶ ଗତ ।
କହିଲି କାଳସଂଖ୍ୟା ଜାଣିବ ବିଖ୍ୟାତ ।
ଫାଲ୍‌ଗୁନ ମାସ କୃଷ୍ଣ ପକ୍ଷ ଚନ୍ଦ୍ରମାରେ ।
ଭୃଗୁବାରେ ଟିକା ନାମ ନକ୍ଷତ୍ରେ ।
ହୋଇବ ଦଣ୍ଡ ଦିନ ଯୋଗର ଅନ୍ତରେ ।
ଆଦିପର୍ବ ପୁସ୍ତକ ସାରିଲି ଗୀତରେ ।

ଏଥିରୁ ସ୍ପଷ୍ଟ ଜଣାଯାଏ ଆଦିପର୍ବର ଅନୁବାଦ ୧୭୮୬ ଖ୍ରୀଷ୍ଟାବ୍ଦରେ ଶେଷ ହୋଇଥିଲା । ସମ୍ଭବତଃ ରାଜା ହେବା ପୂର୍ବରୁ ସମସ୍ତ ମହାଭାରତ ଉତ୍କଳାନୁବାଦ କରିବାର ଅଭିଳାଷ କବିଙ୍କର ଥିଲା । ପୁଣି ଆଉ ପାଠ ବା ଅନ୍ୟ କୌଣସି କାରଣରୁ ତାହାଙ୍କ ଅଭିଳାଷ କାର୍ଯ୍ୟରେ ପରିଣତ ହୋଇ [illegible] ଥିଲା । ସେ ରାଜା ହେବାର ପ୍ରାୟ [illegible] ବର୍ଷ ପରେ ଏହି ଗ୍ରନ୍ଥର କାର୍ଯ୍ୟରେ ହାତ ଦେଲେ । ଏଥିରେ ଅଛି, ସେ [illegible] କାଳ ବଇଦର ସମୃଦ୍ଧିଶାଳୀ ଓ ଦେଶ [illegible] ନୃପବିବର୍ଗଙ୍କ ହସ୍ତରେ ରାଜ୍ୟଭାର [illegible] ଦେଇ ପାଞ୍ଚ ଜଣ ପଣ୍ଡିତ [illegible]

ରାଜାଙ୍କର ପ୍ରାଗ୍ଭାଗରୁ ନାନା ଏଥିରେ ଦନଯୋଗ ନ-ସ୍ଥଳେ କବି ଦ୍ରୋଣପର୍ବର ଶେଷରେ ଲେଖିଅଛନ୍ତି:—

ପୁରୁଷୋତ୍ତମସିଂହ ରାଜାଙ୍କ ପଣନାତି ।
ରାମଚନ୍ଦ୍ରସିଂହ ରାଜାଙ୍କର ମୁଁ ନାତି ।
ନୃସିଂହ ରାଜା ମୋହର ଜ୍ୟେଷ୍ଠତାତ ।
କରିଥିଲେ ପୂର୍ବେ ସେ ଦ୍ରୋଣପର୍ବ ଗୀତ ।
ଏହା ଜାଣି ଆଦିପର୍ବ ହରିବଂଶ ।
ଯାହା ଗୀତ କରି କଲି ମୁହିଁ ଶେଷ ।
ଦ୍ରୋଣପର୍ବ ଗୀତକୁ ନ ବର୍ଣ୍ଣିଲି ଗୀତେ ।
ବୋଲନ୍ତି ଜ୍ୟେଷ୍ଠପିତା ଭାବ ଚିତ୍ତେ ।
ଲକ୍ଷେ ଗ୍ରନ୍ଥ ପୂର୍ଣ୍ଣ ନ ହେଲା ବୋଲନ୍ତି ।
ମୋ ମନେ କରି ପ୍ରିୟଜନଙ୍କ ପନ୍ତ ।
ସବୁରି ସମ୍ମତେ ଭାରତ ଗୀତ ଗ୍ରନ୍ଥେ ।
ଦ୍ରୋଣପର୍ବ ଗୀତ ମୁଁ ବର୍ଣ୍ଣିଲି ଜାଣି ଚିତ୍ତେ ।
ଏମନ୍ତେ ଶତାବ୍ଦ ସହସ୍ର ଦଶ ।
ଭାରତ ହୋଇଛି ଉତ୍ତମ ହୋଇ ଶେଷ ।
ପୂର୍ବ ଶୁକ୍ଳ ଦ୍ୱିତୀୟା ଚନ୍ଦ୍ରଙ୍କ ବାରରେ ।
ସରିଲା ଏ ଗୀତ ବ୍ୟାସଙ୍କ ତୋଷରେ ।

ଆଦିପର୍ବର ଶେଷରେ ଯାହା ଲେଖାଅଛି ସେଥି ସହିତ ଉପରୋକ୍ତ ଅଂଶଟି ତୁଳନା କରି ଦେଖିଲେ କବି ନ୍ୟୂନାଧିକ ୬ ବର୍ଷରେ ସମଗ୍ର ଭାରତର ଅନୁବାଦ ଶେଷ କରିଥିବାର ଅବଧାରିତ ହୁଏ । ପାଠକମାନଙ୍କ ସୁବିଧା ସକାଶେ କବି ମଧ୍ୟ 'କାଳସଂଖ୍ୟା' ସ୍ଥାନେ ସ୍ଥାନେ ସ୍ପଷ୍ଟ ବୁଝାଇ ଦେଇଅଛନ୍ତି । ଅଶ୍ୱମେଧ ପର୍ବରେ ଲେଖାଅଛି:—

ଏକାଳକୁ ଶତାବ୍ଦ ସହସ୍ର-ସାତ
ହୋଇଛି ବୋଲି କହି ଗଣକଙ୍କ ମତ ।
ଆରମ୍ଭରୁ ସମାପତି ଭାରତ ।
୮ନ ହୋଇଅଛି ପ୍ରଜନେ ଜାଣ ଶେଷ ।
କାଳସଂଖ୍ୟା ଜାଣିବାକୁ ଏ ଗୀତେ ।
ବସାଇଲି ଏ ଦୋଷ ନ ଧରିବେ ଚିତ୍ତେ ।

ହରିବଂଶ ଶେଷଭାଗରେ ଲେଖା ଅଛି ।—

ଏକାଳକୁ ଶତାବ୍ଦ ସହସ୍ର ଆଠ ।
ହୋଇଛି କହନ୍ତି ଗଣକ ପାଠ ।
ପୂର୍ବ ଶୁକ୍ଳ ନବମୀ ସୋମବାର ଦିନ ।
ହୋଇଲା ମୋ ଭାରତ କରିବା ସମାପନ ।

ଏ ସବୁ ଆଲୋଚନା କରି ଦେଖିଲେ ଜଣାଯାଏ କବିଙ୍କ ସାତବର୍ଷ ଗଣିଲାରୁ ଊଣା ଅଧିକ ୬ ବର୍ଷ କାଳ ମହାଭାରତ ଅନୁବାଦ କରିବାରେ ଅତିବାହିତ ହୋଇଥିଲା । କେହି କେହି କହନ୍ତି, ଭାଗବତ ଓ ରାମାୟଣ ମଧ୍ୟ ଅନୁବାଦ କରିବା ସକାଶେ କବିଙ୍କର ଇଚ୍ଛା ଥିଲା । କିନ୍ତୁ ଦୈବ ପ୍ରତିକୂଳ ହେବାରୁ ତାଙ୍କ ଇଚ୍ଛା କାର୍ଯ୍ୟରେ ପରିଣତ ନ ହେଉଣୁ କବି ୪୯ ବର୍ଷ ବୟସରେ ଧରାଧାମରୁ ଅନ୍ତର୍ହିତ ହେଲେ ।

କୃଷ୍ଣସିଂହଙ୍କ ଭାଷା ପରିଷ୍କାର; ସ୍ଥାନେ ସ୍ଥାନେ ଅଯଥା ଶବ୍ଦାଡ଼ମ୍ବର ଲକ୍ଷିତ ହେଲେ ସୁଦ୍ଧା, ଦୁର୍ବୋଧ ନୁହେ । ନମୁନା ଦେଖନ୍ତୁ ।—

ଅରବିନ୍ଦନେତ୍ର ହେ କମଳାବିଳାସ ।
ଅକ୍ରୂରଜ୍ଞାନଦାତା ଭକ୍ତବିଶ୍ୱାସ ।
ଅନାକୃତ ଅକୃତ ପ୍ରାଣିଙ୍କ କର୍ତ୍ତା ।
ଅଜ ଅବିନାଶୀ ଦେବଙ୍କ ଦେବତା ।
ଅନଙ୍ଗତାତ ଧର୍ମଦେବଙ୍କ ନନ୍ଦନ ।
ଅନନ୍ତଶାୟୀ କଂସମୁରନାଶନ ।
ଅମେୟସୁଖଦାତା ପ୍ରଳୟକାରକ ।
ଅନ୍ତଚନ୍ଦ୍ରମହିମା ଲକ୍ଷ୍ମୀଙ୍କ ନାୟକ ।
ଅର୍ତ୍ତବନ୍ଧୁ ଜନ ଶରଣ ଭଗବାନ ।
ଅବନୀଉଦ୍ଧାରକ ଦୁଷ୍ଟବିଧ୍ୱଂସନ ॥
ଅସୁରବାରଣ ଶକଟଭଞ୍ଜନ ।
ଅଷ୍ଟାବକ୍ରାଦିଙ୍କର ତପବର୍ଦ୍ଧନ ॥
ଅଞ୍ଜନାଭ ଦୁର୍ଲ୍ଲଭ ଗୁଣର ନିଧାନ ।
ଅଚଳଧର ବ୍ରଜବନଚାରଞ୍ଜନ ॥
ଅଚିରେ ଛାମୁ ପାଦପଦ୍ମଦେଶେ ।
ଶରଣ କୃଷ୍ଣସିଂହ ମାନସ ରଖି ତୋଷେ ॥

(ହରିବଂଶ)

କବିଙ୍କ ବର୍ଣ୍ଣନାଶକ୍ତିର ଅତ୍ୟନ୍ତ ମନୋହର ଦ୍ରୌପଦୀଙ୍କ ବେଶବର୍ଣ୍ଣନ ଦେଖନ୍ତୁ:—

ପୁଷ୍ପକାନନରେ ବୈଦର୍ଭେ ଯାଇଲେ ।
ଛାୟାଅନ୍ତେ ଧୀର ସ୍ୱନ କରିଥିଲେ ॥
ସେକାଳରେ ବେଶ ତମାଳର ଦଳେ ।
ନୀଳଗୋପ ବ୍ୟାଜେ କି ମୋହପନ୍ତି ଫଳେ ॥
ଲବାସ ଚାନ୍ଦର ଅଙ୍ଗ ଦେଖେ କତି ।
ଲେହି ଯେ ଥିଲା ସ୍ୱନ କଳଧାର ପଡ଼ି ॥
ଜାତଭେଦ ମଧ୍ୟରେ ମର୍କତ ଘିରୁଳା ।
ଦଶିଲା ପର କୂପ ସେକାଳେ ଦେଖିଲେ ଭୂଜ ॥

※ ※ ※

ତଙ୍କଜା ଦାଉଡ଼ାନ୍ତ ଟଙ୍କାର ।
ଯାଉଁ ଲଗ ସେକାଳେ କଣେ ବେଶ ଧର ॥
ସଖୀଚର-ଚୋରକନଦରୁ ଭ୍ରମର-
ଶ୍ରେଣୀ ସେ କେଶ ବ୍ୟାଜେ ବେଢ଼ିଲେ କବାଟର
ପୃଷ୍ଠଦେଶେ ଲୋଟି ଯାହା ହୋଏ କେତେ ଅଜା ।
ମର୍କତ ଭଟ ଭେଦ ବହେ କି ଯମୁନା ॥
ଏଥଅନ୍ତେ ରଙ୍ଗ ଭଙ୍ଗି ଦେଇ ଯା ଜୁଡ଼ାକୁ
ବାନ୍ଧିଲେ ଅସିନ ସେ ଏପରି ମଳକୁ ॥
ଗଣ୍ଡ ମୁଖୁଁ ଭଣ୍ଡି କ ଉପର ଯାଉଛି ।
କଥପକ୍ଷୀ ବ୍ୟାଜେ ପରଧ ଘନଛି ॥
କିରଣଗଣ ପର ଦଶନ ମନୋହର ।
ସୁନା ଚମ୍ପାଯାତ ସେ ଜୁଡ଼ା ମୂଳର ॥

※ ※ ※ ※

ଘୋଡ଼ାଇ ଦେଲେ ଯାହା ମୁକୁତାର ଜାଲି ।
ମର୍କତ ଲିଙ୍ଗ ଅବା ଅମୃତ ହେଲି ବୋଲି ॥

※ ※

ଅଳକାପାନ୍ତୀ ବ୍ୟାଜେ କବା ଗଣ୍ଡ ପାଣ୍ଡି ।
ବିସ୍ତାରନ୍ତି ମୁଖଚନ୍ଦ୍ରକୁ ଉହ ଘୋଟି ॥
ସଜାଡ଼ିଲେ ଗନ୍ଧ ଲଗାଇ ଅଳକା ।
ତା ଦେଖି ଭୃଙ୍ଗଶ୍ରେଣୀ ପଳାଇଲେ ଉଡ଼ା ॥
ଜାଣି ଭୋଳା ଖଞ୍ଜନପଟର ଉଡ଼ିଟ ।
ବଳ ବଳେ ଅଞ୍ଜନ ଥପାଲେ ଉଭ ଦଟ ॥

※ ※ ※

କଣ୍ଠେ ବର୍ଣ୍ଣମାଳମାନଙ୍କୁ ଲଗିଲେ ।
ଧୂଳି ପୃଷ୍ଠଦେଶକୁ ଲମ୍ବାଇ ଦେଲେ ।
ସେକାଳେ ସେ ଧୂଳି ଏତନ୍ତ୍ର ଦଶିଲା ।
ଲାବଣ୍ୟଜାଳେ ବୋଳନାଦ ନ ପଡ଼ିଲା ।

※ ※

ଯଉଣେ ବାନ୍ଧୁ ବେନି ଭଲ ଗୋଡ଼ ଥାଉ ।
ମତ୍ସ ଶୋଭାକୁ ସେ ହୁଡ଼ିଲା ଗର୍ବ ବହି ॥
ବଳୟ ପଛେ ଘୀବ ଲୁଞ୍ଚି ଯା ଖଣ୍ଡା ହେଲା ।
ବାହୁ ଇନ୍ଦୀବର ମାନଙ୍କୁ ଜିଣିଲା ॥
ତାହା ଦେଖି ସଖୀମାନେ ମନେ ମଣି ।
ଯମୁନା ଖାଡ଼ିରେ କି ଲାଗିଛି ହଂସଶ୍ରେଣୀ ॥

※

ଗଜଗତିବେଳେ ହୋଇବାକୁ ପାଦ ହୁଡ଼ି ।
ଜଣାଇବ ବୋଲି ଖଞ୍ଜିଲେ ପାହୁଡ଼ି ॥
ପୁଣି ସେ ସଖୀମାନେ ଉପେ ହୋଇ ଭୋଳା ।
ଖଞ୍ଜିଲେ ତହିଁ ଉଳେ ଘାଘୁଡ଼ିଲଗା ବଳା ॥

※

(ଅବପଦ)

ଛାଡ, ଚୁଡ଼, ପାହୁଡ଼, ବଳା, ନାକଚଣା, କଥପକ୍ଷୀ ଇତ୍ୟାଦ ଦେଖିଲେ ବୋଧହୁଏ ଉପରୋକ୍ତ ବର୍ଣ୍ଣନାଟି ମୂଳ ବସ୍ତୁ ଜାତୁଯାତ୍ରୀ ନୁହେଁ, ଏପରି ସ୍ଥାନେ ସ୍ଥାନେ ମୂଳବସ୍ତୁରୁ ଗୁଡ଼ ପାଉ ଥିବାର ଦେଖାଯାଏ ।

ଲୁହପିବଙ୍କ ଛନ୍ଦରେ କୌଣସି ଅଷ୍ଟରନ୍ତମ ନାହିଁ । ସମ୍ଭାଷଣବଶିଷ୍ଟ ପଦ ବହୁଳ ଲକ୍ଷିତ ହୁଏ । ଉଦାହରଣସ୍ୱରୂପ ଦେଉଛୁ ପଦ ଏହିଠାରେ ଦିଆଗଲା:—

ପନ୍ଥବନ ଅସି ହୁଅନ୍ତେ ପ୍ରାପତ (୧)
ହୋଇଲେ ସେ ଶର୍ମିଷ୍ଠା ନାମୀ ଦ୍ୱିତୂମତୀ (୧୩) ।
ଦ୍ୱିତୁ ଦେଖି ମନରେ ଏହ ଭ୍ରମ ହେଲ (୧୭) ।
ପତି ବନା ଦ୍ୱିତୁ ବ୍ୟର୍ଥ ଶୋକ ହେଲ (୮) ॥
ସେ ସନା ମୋତେ ପୁଣ ପ୍ରାପତ ହୋଇବ (୧୪),
ଏହା ହୋଇ କେବେ ପଡ଼ିବ ମୋର
ଯେବେ (୧୩) ॥
ଦଶମାସ ଅସି ହୁଅନ୍ତେ ସମାପତ (୧୩)
ହେଲେ ଅଦ ସ୍ୱନର କୁମାର ଉତ୍ପନ୍ନ (୧୪) ।

ଗ୍ରନ୍ଥକାରଙ୍କଲିଖିତ ପଦ୍ୟର କୌଣସି ଏକ ସ୍ଥାନରେ ଗୋଟିଏ ଛନ୍ଦ, କୌଣସି କୌଣସି-ଠାରେ ଦୁଇଗୋଟି, କୌଣସି କୌଣସିଠାରେ ତିନିଗୋଟି ଓ କୌଣସି କୌଣସିଠାରେ ଛନ୍ଦୋବଦ୍ଧର ସଂପର୍କରେ ରଚିତ, ଯଥା:—

(୧୨)

ପୁନ ଜାତ ହେଲା ଦେବଜ୍ଞମାନଙ୍କ ।
ଦ୍ୱିଧା ସନ୍ଦେହ ହୋଇଲା ନୋହିବ ॥

(୧୩)

ଶୂଦ୍ର କୁଳ ଶୀଳରେ ଅଟଇ ମୁଁ ଶୁଦ୍ର ।
ତୁଷନ୍ତୁ ସ୍ତୁତି ମତେ ବନ୍ଧୁଙ୍କ ପୁତ୍ର ॥

(୧୪)

ଚଳେ ସେ ବାଳରେ ଯଯାତି ମହୀପତି ।
ପ୍ରବେଶ ହେଲେ ଆସି ଅଶୋକ ବନ ଛତି ॥

କୃଷ୍ଣସିଂହ କେଉଁ ଛନ୍ଦର ଆଦର୍ଶ ଧରି ମହାଭାରତ ଲେଖିଥିଲେ ଜାଣିବା କଷ୍ଟସାଧ୍ୟ । କିନ୍ତୁ ଏତିକି ଅନୁମାନ କରାଯାଇ ପାରେ, କୃଷ୍ଣସିଂହ ସଙ୍ଗୀତ ବିଦ୍ୟାରେ ବିଶେଷ ପ୍ରବୀଣ ଥିଲେ । ସେ ଗ୍ରନ୍ଥାନ୍ତରେ କହିଅଛନ୍ତି:—"ତତ୍ତ୍ୱକଥା ଶୁଣେ ନ ବଳି କାର୍ତ୍ତନ । କହୁଥିଲି କର୍ତ୍ତନ ଗୀତ ବାଦ୍ୟ ମନ ।" ଏହିଠାରୁ ବୋଧହୁଏ ସେ ଛନ୍ଦ ଅପେକ୍ଷା ଗାନ ପ୍ରତି ବିଶେଷ ଦୃଷ୍ଟି ରଖି କୌଣସି ଧରାବନ୍ଧା ଅକ୍ଷରନିୟମ ପ୍ରତିପାଳନ କରି ନ ଥିଲେ । ଯାହାହେଉ କୃଷ୍ଣସିଂହଙ୍କ ମହାଭାରତ ଯେଉଁ ବୃତ୍ତରେ ଗାନ କରଯାଏ ତାହା ଓଡ଼ିଆ ଛନ୍ଦମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ଆଜି କାଲି 'କୃଷ୍ଣସିଂହଭାରତବାଣୀ' ନାମରେ ସର୍ବତ୍ର ପରିଚିତ ।

ମହାଭାରତ ଛଡ଼ା କୃଷ୍ଣସିଂହ କେତେଗୁଡ଼ିଏ ଚଉପଦୀ ଓ ନଉଦଶା ରଚନା କରିଥିବାର ଜଣାଯାଏ ।

ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ

ଦାଶରଥି ଦାସ ଓ କୃପାସିନ୍ଧୁ ଦାସ ।

(ବ୍ରଜବିହାର-ରଚୟିତା)

ଓଡ଼ିଆରେ ଦୁଇଗୋଟି "ବ୍ରଜବିହାର" ଥିବାପରି ଜଣାଯାଏ:—ଦାଶରଥି ଦାସକୃତ ବ୍ରଜବିହାର ଓ କୃପାସିନ୍ଧୁ ଦାସକୃତ ବ୍ରଜବିହାର । ଦୁଇଖଣ୍ଡଯାକ କୃଷ୍ଣଚରିତ୍ର ପାରମାର୍ଥିକ ଗ୍ରନ୍ଥ । ଦାଶରଥି ଜାତିରେ ବ୍ରାହ୍ମଣ, କୃପାସିନ୍ଧୁ ଜାତିରେ କରଣ; ଦାଶରଥି ଦାସଙ୍କ ଜନ୍ମସ୍ଥାନ ଈଶପୁର, କୃପାସିନ୍ଧୁଙ୍କ ଜନ୍ମସ୍ଥାନ 'ଡାଳଯୋଡ଼ାଗଡ଼' । ଦାଶରଥି "ଜଗନ୍ନାଥ ଦରଶନେ" ଯାଇ "କ୍ଷେତ୍ରବରଗଜ ପୁରୁଷୋତ୍ତମ"ରେ କିଛି କାଳ ବାସ କରିଥିଲେ । କୃପାସିନ୍ଧୁ "ମହାପ୍ରଭୁ ବାରମାସୀ ଯାତ୍ରା କାର୍ଯ୍ୟରେ" ନିଯୁକ୍ତ ହୋଇ "ଉତ୍ସବ ଯୋଗକରଣ" ରୂପେ ଯାଇ ପୁରୀରେ ବସତି ସ୍ଥାପନ କରିଥିଲେ । ଦାଶରଥିଙ୍କ ଗୁରୁଙ୍କ ନାମ କୃଷ୍ଣଦାସ ଗୋସ୍ୱାମୀ; କୃପାସିନ୍ଧୁଙ୍କ ପିତାଙ୍କ ନାମ ଭାଗୀରଥୀ ଶରପ୍ୟା ପଟ୍ଟନାୟକ । ଦାଶରଥି ଓଡ଼ିଶା ରାଜା ଗୋପୀନାଥ ଦେବଙ୍କ ସମୟର କବି; କୃପାସିନ୍ଧୁ ବୀରକେଶରୀ ଦେବଙ୍କ ସମୟର କବି । ଦାଶରଥିଙ୍କ ଆତ୍ମପରିଚୟ ଏହି:—

ବ୍ରଜବିହାର ଗ୍ରନ୍ଥ ହୋଇଲ ସମ୍ପୂର୍ଣ୍ଣ ।
କୃଷ୍ଣପଦ-ସହସ୍ରଦଳ ଏ ସମ୍ପୂର୍ଣ୍ଣ ।
ଦାଶମାନସ-ଭ୍ରମର ବଳସେ ରସ ।
ଶୁଣି ସୁଜନଜନେ ନ ଘେନିବା ଦୋଷ ।
ଜୀବନକାରଣ ଶ୍ରୀକୃଷ୍ଣଦାସ ଗୋସାଇଁ ।
ମହାରସ ଦେଶଭାଷା ଦେଲେ ବସାଇ ।
ଭାଗବତ ଦଶମ ମୂଳ ହେମନ୍ଦ ।
ଚନ୍ଦ୍ରରୂପକୃତ ଲୀଳାମୃତ ଛନ୍ଦ ।

ମୋର ମନ ଶୁକ କର ସୁନ୍ଦର ବାଞ୍ଛା ।
ଜନ୍ମେ ଜନ୍ମ ଭବବ୍ୟାଧି ନ ବାଧେ କଣ୍ଠ ।
ଗୋପୀନାଥ ଦେବ ଅଙ୍କେ ମାର୍ଗଶିର ।
ଧାମ ଭଗବାନ ପଦ ଭ୍ରମରବର ।
ସାବିତ୍ରୀ ସପ୍ତମେ ବଟିଭବନେ ।
ସୋଗ ପଦ୍ଧତି ବୃଣ୍ଡିନ ମୋଦକ କୀର୍ତ୍ତି ।
ଏହି ସମାପ୍ତ ଏ ବୋଲି ଦେଲା ସମ୍ପୂର୍ଣ୍ଣି ।
ଦାଶରଥି ଦାସ ସେବେ ପଦ୍ମଚରଣ ।

* * *

ଶ୍ରୀବ୍ରଜବିହାର ଦଶମ ବୋଲି ।
ଶ୍ରୀଗୁରୁ କୃପାରୁ ସମ୍ପୂର୍ଣ୍ଣି କଲି ।
ଗ୍ରହ ସପ୍ତ ଅଠ ଶଶ ଶକେ ।
କଳିଯୁଗ ଭୋଗ ଏତେ ବିଶେଷ ।
ଶଳିବାହ ଷୋଳଶ ତେପନ ।
ରାମଚନ୍ଦ୍ର ଦେବ ମହାରାଜ ।
ଆଠ ଅଙ୍କ କୁମାର ପୌର୍ଣ୍ଣିମାରେ ।
ବ୍ରଜବିହାର ଗ୍ରନ୍ଥ ସମ୍ପୂର୍ଣ୍ଣିରେ ।
କ୍ଷେତ୍ରବରଗଡ଼ ପୁରୁଷୋତ୍ତମ ।
ଜଗନ୍ନାଥ ଦରଶନେ ବିଶ୍ରାମ ।
ରଣପୁର ମଣ୍ଡଳରେ ମୋ ବାସ ।
ନାମ ବଦତ ଦାଶରଥି ଦାସ ।

କୃପାସିନ୍ଧୁ ଦାସଙ୍କ ସମାପ୍ତି ପଦ୍ୟ ଏହି:—

ଶ୍ରୀବୀରକେଶରୀ ନାମ ।
ଗଜପତି ନୃପୋତ୍ତମ ।
ତେର ଅଙ୍କ କନ୍ୟା ମାସ ଶୁକ୍ରବାର
ପଞ୍ଚମୀରେ ପୂର୍ଣ୍ଣକାମ ।
ଡାଲଯୋଡ଼ା ରାଜ୍ୟ ଜାତ ।
ପିତା ଭାଗୀରଥୀ ଖ୍ୟାତ ।
ଦେବତା ବ୍ରାହ୍ମଣ ବୈଷ୍ଣବ ସେବାରେ
ଯାହାର ନିମଗ୍ନ ଚିତ୍ତ ।
ଲକ୍ଷେ ନାମଜପ ନିଷ୍ଠା ।
କରିବାରେ ଦେନ୍ତି ହୃଷ୍ଟ ।
ଦପ୍ତ ବହି ମହାପ୍ରଭୁ ସେବେ ରଖି
ଦେଲେ ବଇକୁଣ୍ଠେ ଭେଟ ।
ଧର୍ମାଧର୍ମଜ୍ଞ ଯେହି ।
ଧନମତି ସ୍ୱଭାବ ।
ବାସୁଦେବ ଗୋପୀନାଥଶ୍ରୀଚରଣ
ଶରଣ ଜନ୍ମାନ୍ତର ।
ଦିଅନ୍ତୁ ମୋତେ କରୁଣ ।
ଦେଇ ପ୍ରେମ ଭକ୍ତି ଧନ ।
ଦେଇ ମହାପ୍ରଭୁ ଭାବମାନ ତାନ
କାର୍ଯ୍ୟରେ କଲେ ନିପୁଣ ।
ଏହି ଦ୍ୱାରେ କୃପା ଲେଶ ।
କରି ଦେଲେ ଶେଷବେଶ ।
ବୋଲେ କୃପାସିନ୍ଧୁ ଧାବନ୍ତ ଦାସ
ମୋଠାରେ କଲେ ପ୍ରକାଶ ।

ଦାଶରଥି ଦାସଙ୍କ ବ୍ରଜବିହାର ଦଶ ଛାନ୍ଦରେ ସମ୍ପୂର୍ଣ୍ଣ; ପ୍ରତ୍ୟେକ ଛାନ୍ଦ 'ବୋଲି' ନାମରେ ଅଭିହିତ । କୃପାସିନ୍ଧୁ ଦାସଙ୍କ ବ୍ରଜବିହାର ଏକବିଂଶତି ଛାନ୍ଦରେ ସମାପ୍ତ । ଦାଶରଥିଙ୍କ ବ୍ରଜବିହାରରେ ଦଶ ଛାନ୍ଦ ଥିଲେ ହେଁ ପ୍ରତ୍ୟେକ ଛାନ୍ଦରେ ସହସ୍ରେ ପଦଠାରୁ ଊଣା ଥିବାର ଦେଖାଯାଏ ନାହିଁ । କିନ୍ତୁ କୃପାସିନ୍ଧୁ ଦାସଙ୍କ ସମଗ୍ର ବ୍ରଜବିହାରର ପଦସଂଖ୍ୟା ୯୯୮ :—ଅର୍ଥାତ୍ ଦାଶରଥି ଦାସଙ୍କର ଗୋଟିଏ ଛାନ୍ଦରେ ଥିବା ପଦସଂଖ୍ୟାଠାରୁ ଊଣା । କୃପାସିନ୍ଧୁ ଦାସ ଶ୍ରୀକୃଷ୍ଣଙ୍କ ପ୍ରଣୟକଳହ ଓ ପୁନର୍ମିଳନ ମାତ୍ର ବର୍ଣ୍ଣନା କରିଅଛନ୍ତି । ଦାଶରଥି ଦାସ ଦଶମସ୍କନ୍ଧ ପ୍ରାପ୍ତ ସମସ୍ତ ବୃତ୍ତାନ୍ତ ତାହାଙ୍କ ବ୍ରଜବିହାରରେ ବର୍ଣ୍ଣନା କରିଅଛନ୍ତି । ସେ ମଧ୍ୟ କହିଅଛନ୍ତି:—"ଭାଗବତ ଦଶମ ମୂଳ ଯେମନ୍ତେ । ତହିଁରୁ ଉଦ୍ଧୃତ ଲୀଳାମୃତ ରସେ । ମୋର ମନ ଶୁକ, କର ସୁନ୍ଦର ବାଞ୍ଛା । ଜନ୍ମେ ଜନ୍ମ ଭବବ୍ୟାଧି ନ ବାଧେ କଣ୍ଠେ" । ଏହି ଦେଖିବାରୁ ସେ ଗୋପୀନାଥ ଦେବଙ୍କ ଦ୍ୱିତୀୟ ବା ତୃତୀୟ ଅଙ୍କରେ ଗ୍ରନ୍ଥ ଆରମ୍ଭ କରି ରାମଚନ୍ଦ୍ର ଦେବଙ୍କ ଅଠ ଅଙ୍କରେ ଶେଷ କରିଥିଲେ । କୃପାସିନ୍ଧୁ ଦାସଙ୍କ ବ୍ରଜବିହାରର ୨୧ ଛାନ୍ଦରୁ ୮ ଗୋଟି ମାତ୍ର ସମ ଛାନ୍ଦ, ବାକିସବୁ ବିଷମ ଛାନ୍ଦ ।

ଶ୍ରୀ ଦାସରଥି ଦାସଙ୍କ ବ୍ରଜବିହାରରେ ସମ ଛନ୍ଦ ବିନା କୌଣସି ବେଳେ ବିଷମ ଛନ୍ଦ ଦେଖାଯାଏ ନାହିଁ । ସମ ଛନ୍ଦ ଅପେକ୍ଷା ବିଷମଛନ୍ଦରେ କୌଣସି ପ୍ରକାର ଗ୍ରନ୍ଥ ଲେଖିବା ଅବଶ୍ୟ ଶ୍ରମ-ସାପେକ୍ଷ । ଭାବ ଓ ବର୍ଣ୍ଣନା ପ୍ରତି ସେତେ ଲକ୍ଷ ରଖିବାକୁ ହୁଏ ବର୍ଣ୍ଣବିନ୍ୟାସ ପ୍ରତି ତେତେ ଦୃଷ୍ଟି ରଖିବାକୁ ହୁଏ । ବିଶେଷତଃ ନିୟମ କରି ପ୍ରତ୍ୟେକ ଛନ୍ଦରେ ସମଗ୍ର ପଦ ରଖିବା ଠାରେ କୌଣସି ବିଷମ ଛନ୍ଦ ବ୍ୟବହାର କରିବା ବାଞ୍ଛନୀୟ ନୁହେ । ଏହି କାରଣରୁ, ବୋଧହୁଏ, ଦାସରଥି ଦାସ ବିଷମ ଛନ୍ଦର ବ୍ୟବହାର ଏକାବେଳକେ ପରିତ୍ୟାଗ କରି ଦେଇଥିବେ । କୃପାସିନ୍ଧୁଙ୍କ ବ୍ରଜବିହାରରେ ବିଶେଷ ରଚନା-ନୈପୁଣ୍ୟ ଓ ଶବ୍ଦସୌଷ୍ଠବ ଦେଖାଯାଏ, ଯଥା:—

(ଛପୂର୍ବାନୁପ୍ରାସ)

କୁଞ୍ଜକୁଟି ଛାଡି ଗଲା ଅରୁଣ ପ୍ରାପ୍ତେ ।
କୁନ୍ଦରଦନୀ ଓଷ୍ଠ କି ଶୋଭା ପାଏ ॥
କାନ୍ତ ଅଣି ନେତ୍ରେ ସ୍ମରମାଦକ ।
କି ଲୁଟିଲେ ବିସ୍ତୁଅଛୁ ବିନୋଦ ଯେ ॥
ବେ କହେ କାଦମ୍ବିନୀ ପରାଏ ହୋଇ ।
କନକକାନ୍ତି କିହ୍ୟାକ୍ଷା ଦେଖାଇ ଯେ ॥
ଚେଲଦରସ ବଇଠିକୁ ସଖୀରେ ।
କରକା ପଢାଇବୁ ଦରହାସରେ ଯେ ॥

(ଅବକା ଗୋମୂତ୍ରବନ୍ଧ)

ଜୟ ଦରଦ୍ଧର ପଦ୍ମକଳ୍ପ ।
ଜୟ କରଶର ଛଦ୍ମ ଅଦ୍ଭୁତ ॥
ଭବଜଳ ଉପଚନ୍ଦ୍ର ରଞ୍ଜଣ ।
ଦବଦଳ ଦଣ୍ଡଧର ଲକ୍ଷଣ ॥
ଅଜଦର ହରସଦନ ରଦ ।
ଗଜବରଣ କୃଷ୍ଣ ଦରଦ ॥
ମନ୍ଥ ଯବ ମୃଗ କରି ଚରଣ ।
ଅନ୍ଥ ଅବନତର ସ୍ମରଣ ॥

(ସିଂହାବଲୋକନ)

ଭୃଙ୍ଗୀ ଛନ୍ଦ ଅଟେ ପ୍ରୀତି ବାଣୀ ଶୁଣି
ଶ୍ରୀକୃଷ୍ଣ ବିରସମନ ।
ମନମଥଭଙ୍ଗପ୍ରିୟା ଶ୍ରମକୁ ଲେଖନ୍ତି
ଉଦନ୍ତମାନ ।
ମାନ କରି ଯାହା ମୁଖକୁ ମୋହର
ନ ଚାହିଁଲା ଗୁରୁବେଣୀ ।
ବେଣୀ ଶିକ୍ଷା ମନ୍ତ୍ରର ଦେବାକୁ ମନ୍ତ୍ରର
କଲା ସେ କୋକିଳବାଣୀ ।

(ଅନୁପ୍ରାସ)

ଗୋପନ ନ କଲେ ସ୍ୱପନ ଭାବ ଚତୁର ମୁଦେ
ଲପନ ଟେକିଣ ପ୍ରପନ୍ନଭାବେ ନୃମ୍ରିଳ ମୁଦେ ।
ଅଭୁମି ଦେଖିଣ ଚତୁର୍ଭୁଜ ଏକ ବୋଲଇ ଭଣି ।
ବିଭୁଷା-ବସନ କଭୁଷା-କାମ ରଖାଉ ନାହିଁ ।

ଶବ୍ଦସୌଷ୍ଠବ ପ୍ରତିପାଦନ କରିବା ଓ ନିଜର କବିତାଶକ୍ତି ଦେଖାଇବା ଦାଶରଥି ଦାଶଙ୍କର ଉଦ୍ଦେଶ୍ୟ ନୁହେ । ସୁତରାଂ କୃପାସିନ୍ଧୁଙ୍କ ବ୍ରଜ-ବିହାରରେ ଥିବା ରଚନାଟୋପ ଦାଶରଥିଙ୍କ ଗ୍ରନ୍ଥରେ ଲକ୍ଷିତ ହୁଏ ନାହିଁ । ଯାହା କିଛି ଦେଖାଯାଏ ତାହା ସରଳ ଭାବରେ ଓ ସୁଖବୋଧ ଭାଷାରେ ଲେଖା ହୋଇଅଛି । ନମୁନା ଦେଖନ୍ତୁ :—

ହୁଙ୍କାର କରି କେହୁ ଭୁଟାଭୁଟି ।
କଲ କରଣ କେହୁ ଉଠାଉଠି ॥
କେହୁ ତାହା ସଙ୍ଗେ ହୋଇ ବୋଲାବୋଲି ।
କଥା ନ କହିଣ ମୁହଁ ଫୁଲାଫୁଲି ॥
କେହୁ କଥାଛନ୍ଦ ପାଇ ଝୋଟାଝୋଟି ।
କେହୁ ବଚନେ ବଚନ ଯୋଖାଯୋଖି ॥
ବାଛୁ ପଛରେ ତାହାକୁ କୁହାକୁହି ।
କେହୁ ଉଚିତ କହଇ ମୁହାଁମୁହିଁ ॥
ବାଦ ଲଗାଇଣ ହୋଇ ଜଣାଜଣି ।
ପ୍ରୀତିଧନ ଦେଇ କେହୁ କିଣାକିଣି ।
ଏକ ଅନ୍ୟରୁ ଚାହିଁ ଶିଖାଶିଖି ।
ବେଶ ଛଇଳ ଗୁରୁଷ ଦେଖାଦେଖି ।

କଟାଃ ଅଭାବରେ କେହୁ ଲୁଚାଲୁଚି ।
ଭଲ ଭଲ ଲୋକେ ଧରି ଢୋଲାଢୋଲି ।
କେହୁ କାହା ସଙ୍ଗେ ମିଶି ବସାବସି ।
ଧାଇ ଚଢିଣ ବସନ ଧରାଧରି ।
କେହୁ କହୁଣ ବଚନ ହୁଡ଼ାହୁଡ଼ି ।
ଗୋଲ କରନ୍ତେଣ କେହୁ ଛଡ଼ାଛଡ଼ି ।
କେହୁ ମାଲଯୁଦ୍ଧେ ହୋଇ ଧରାଧରି ।
ଠାଣମାଣେ ରହି ମୁଥ ମରାମରି ॥
ଅସ୍ତ୍ରଶସ୍ତ୍ର ବିଷ୍ଟାଇଣ ପଞ୍ଚାପଞ୍ଚି ।
ଦନ୍ତ ଘୃପି ବାହା ମେଲି ଡିଆଡିଇ ॥
ବାହୁବଳରେ ହୁଅନ୍ତି ତୋଡ଼ାତୋଡ଼ି ।
ଭିଡ଼ାଭିଡ଼ି ହୋଇ ମଲ୍ଲ ଗଡ଼ାଗଡ଼ି ॥
ଗଦା ଖଡ଼ଗ ଶର କେ ଅଥାଅଥି ।
କେହୁ ଉତ୍ତମ ମଧମ ଅଥାଅଥି ॥
ଛଟା ଗୁଳୁଚ ଭରଡ଼ା ପଚାପଚି ।
ଦଣ୍ଡା ଦୋହସ୍ତା ପଞ୍ଜିଆ ଠଙ୍କାଠୁଙ୍କ ॥
ମହା ଅଚଳ ପଥର ଟେଙ୍କାଟେଙ୍କ ।
ଯନ୍ତ୍ର ଯନ୍ତ୍ରବାଣ ଧନୁ ଝିଙ୍କାଝିଙ୍କି ॥

* * *

ମାରି ପଲାନ୍ତେଣ ଧରି ଗୋଡ଼ାଗୋଡ଼ି ।
ଦୂର ହାଟେ ମୁଥ ବାଆ ହୋଡ଼ାହୋଡ଼ି ।
ହିଣାହିଣି ହୋଇ ଧାଇଁ ଅଗ୍ରାଅଗ୍ରି ।
ଯେତେ ବଳି ଚଢି ମଲ୍ଲ ପଡ଼ାପଡ଼ି ।
ଏକା ବାହେ ଅଛ ବାନ୍ଧେ ପେଲାପେଲି ।
ଅସ୍ତ୍ର ଭଙ୍ଗ ହୋଇ ହୋଇ ଠେଲାଠେଲି ।
ଠାଣମାନେ ଚିପ ଟାଣେ ହିଡ଼ାହିଡ଼ି ।
ହାତେ ହାତ ଦେଇ ବାନ୍ଧେ ମଡ଼ାମଡ଼ି ।
ଭିନ ହୋଇ ଚାରିରେ ହୋଇ ହୁଁଆହୁଁଇ ।
ତୁଳ ଅଙ୍ଗ ଯୋଏ ରହି ଠିହାଠିହି ।
ବଳ ପ୍ରାକ୍ରମ ଦେଖାଇ ତବାତକି ।
ସମବଳ ପାଇ ହୋଇ ଥକାଥକି ।
ଭିଂର ବଡ଼ଖାଲି ମାରି ଥୁଁଆଥୁଁଇ ।
ଛଳେ ଗୋଡ଼ାଇଣ ଦାନ୍ତ ଘୁଅଘୁଇ ।
ବାଦ କରିଣ ବୃଥାଳୁ ଉଠାଉଠି ।
ପେଉ ନ ପାରିଣ ହାହା ମୁଠାମୁଠି ।

ଦାଶରଥି ଦାସଙ୍କ ଅନ୍ୟ କୌଣସି ଗ୍ରନ୍ଥ ଥିବାର ଜଣା ଯାଉ ନାହିଁ । କିନ୍ତୁ କୃପାସିନ୍ଧୁ ଦାସ ବ୍ରଜବିହାର ଭିନ୍ନ ବଳଭଦ୍ରଭଜନ, ଜଗନ୍ନାଥ-ଭଜନ, ଶୁଭଦ୍ରାଭଜନ ଓ ସୁଦର୍ଶନଭଜନ ଏପରି ଚାରିଗୋଟି ଭଜନ ଲେଖିଥାନ୍ତି । ଏ ସବୁ ମାନ୍ଦ୍ରାଜ ମ୍ୟୁଜିୟମ୍‌ରେ ସଞ୍ଚିତ କରାଯାଇ ରକ୍ଷା ହୋଇଅଛି ।

ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ ।

ତ୍ରି ତାପ ।

(କଟକ 'ସାରସ୍ୱତ-ସମିତି'ରେ ଆଲୋଚିତ)

ଏହି ସଂସାରରେ ମାନବଗଣ ସର୍ବଦା ସୁଖ-ଭୋଗ କରନ୍ତେ ଲାଳାୟିତ । କିନ୍ତୁ ନିରବଚ୍ଛିନ୍ନ ସୁଖଭୋଗ ମାନବର ଭାଗ୍ୟରେ ନାହିଁ । ଜଗତରେ ଚିରସୁଖୀ ହେବାର କୌଣସି ସମ୍ଭାବନା ନାହିଁ । ସୁଖ ଅନ୍ତେ ଦୁଃଖ ଓ ଦୁଃଖ ଅନ୍ତେ ସୁଖ ମନୁଷ୍ୟକୁ ଭୋଗ କରିବାକୁ ହେଉଅଛି । ପ୍ରମାଣସ୍ୱରୂପ ମହାଭାରତରେ ଉକ୍ତ ଅଛି, ଯଥା:—"ସୁଖ-ଦୁଃଖେ ହି ପୁରୁଷଃ ପର୍ଯ୍ୟାୟେଣୋପସେବତେ।" ମନୁଷ୍ୟ ପର୍ଯ୍ୟାୟକ୍ରମେ ସୁଖ ଦୁଃଖ ଭୋଗ କରି ଥାଏ।

ସୁଖ ଭୋଗ କାଳରେ ଆମ୍ଭେମାନେ ସକଳ ପ୍ରକାର ଚିତ୍ତପ୍ରସନ୍ନତା ଲାଭ କରିଥାଉଁ; କିନ୍ତୁ ଦୁଃଖ ଭୋଗ କାଳରେ ଏକାବେଳକେ ଅବସନ୍ନ ଚିତ୍ତରେ ଜଡ଼ବତ୍ ହୋଇଯାଉଁ । ସଂସାର ବିଷବତ୍ ପ୍ରତୀୟମାନ ହେଉଥାଏ । ଯାହା ହେଉ ସୁଖ ଦୁଃଖର ସ୍ୱରୂପଜ୍ଞାନ ଲାଭ କରି ପାରିଲେ ଆମ୍ଭେମାନେ ଦୁଃଖ କାଳରେ ଟିକିଏ [illegible] ହୋଇ ରହି ପାରନ୍ତୁ ।

ବର୍ତ୍ତମାନ ସୁଖ ଦୁଃଖର ସ୍ୱରୂପ [illegible], ଆଖ୍ୟାରଣ

[illegible] । [illegible] ପ୍ରକାର ଚିତ୍ତର [illegible] ନିଜ ପ୍ରକୃତିର [illegible] ନାହିଁ । ଅତଏବ [illegible] । ଏ [illegible] ତ୍ରିଗୁଣାତୀତ [illegible] ତାଙ୍କୁ [illegible] ହେଲା ।

[illegible]ର ଅଭାବର ନାମ ସୁଖ, ଦୁଃଖ ହେଉ ନ ହେଲେ ସୁଖ ଅନୁଭବ କରିବାର ଉପାୟ ନାହିଁ । ସୁଖ କେବଳ ଜଣଙ୍କ ତୃପ୍ତିସାଧନ ମାତ୍ର । ଆହାର ଉଦ୍ରେକ ହେଲା, ଭଲ ଖାଦ୍ୟ ଖାଇଲି, ତୃପ୍ତିବୋଧ କଲି । ଶୟନର ଇଚ୍ଛା ହେଲା, ଶୟନ କଲି, ତେଣୁ ସୁଖ ବୋଧ କଲି । ଦୀର୍ଘ-କାଳ ପର୍ଯ୍ୟନ୍ତ ଦଣ୍ଡାୟମାନ ହୋଇ ରହିଥିଲି, କଷ୍ଟ ଅନୁଭବ କରୁଥିଲି । ହଠାତ୍ ବସିଗଲି, ତେଣୁ ସୁଖ ଅନୁଭବ କଲି । ବସି ବସି ବିରକ୍ତ ହୋଇଥିଲି, ଠିଆ ହେଲି, ମନ ତୃପ୍ତ ହେଲା । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଅଛି, କେବଳ ଅବସ୍ଥାର ପରିବର୍ତ୍ତନଦ୍ୱାରା ଆମ୍ଭେମାନେ ସୁଖ ଦୁଃଖ ଅନୁଭବ କରୁଁ । ଯେତେବେଳେ ଯାହା ଇଚ୍ଛା ହେଉ ତାହା ପୂର୍ଣ୍ଣ ହେବା ମାତ୍ରକେ ସୁଖ ଅନୁଭବ କରୁଁ । ସୁଖର ସତ୍ତା କୌଣସି ବାହ୍ୟ ବସ୍ତୁରେ ନାହିଁ । କେବଳ ମନରେ ଅଛି । ଯେତେବେଳେ ପର୍ଯ୍ୟନ୍ତ ଆମ୍ଭମାନଙ୍କର ଚିତ୍ତ-ସ୍ଥୈର୍ଯ୍ୟ ଲାଭ ହୋଇ ନାହିଁ, ଯେତେବେଳେ ପର୍ଯ୍ୟନ୍ତ ଆମ୍ଭମାନଙ୍କର ସୁଖ ଦୁଃଖକୁ ସମଭାବରେ ନ ଦେଖିଅଛୁଁ, ଯେତେବେଳେ ପର୍ଯ୍ୟନ୍ତ ଆମ୍ଭେମାନେ ନିଷ୍କାମ ହୋଇ ନାହୁଁ, ସେତେବେଳେ ପର୍ଯ୍ୟନ୍ତ ଏହି ଦୁଃଖମୟ ସଂସାରରେ ତୃପ୍ତ ହୋଇ ବାସ କରିବାର ଉପାୟ ନାହିଁ । ସୁଖ ଦୁଃଖ ତ୍ରିତାପର ଅଧୀନ । ବର୍ତ୍ତମାନ ସେହି 'ତ୍ରିତାପ' କଣ, ବୁଝାଯାଉ ।

ପ୍ରାଚୀନ ଶାସ୍ତ୍ରକାରମାନେ 'ଆଧ୍ୟାତ୍ମିକ' 'ଆଧି-ଭୌତିକ' 'ଆଧିଦୈବିକ' ଏହି ତାପତ୍ରୟକୁ 'ତ୍ରିତାପ' ଆଖ୍ୟା ପ୍ରଦାନ କରିଅଛନ୍ତି ।

'ଆତ୍ମାନଂ' ଅର୍ଥାତ୍ ଶରୀରକୁ ଅଧିକାର କରି ଯେଉଁ 'ତାପ' ଅର୍ଥାତ୍ ଦୁଃଖ ବର୍ତ୍ତମାନ ଥାଏ, ତାହାକୁ 'ଆଧ୍ୟାତ୍ମିକ ତାପ' କୁହାଯାଏ । ଏହି ତାପ ଦ୍ୱିବିଧ, ଯଥା:—'ଶାରୀର' ଓ 'ମାନସ' ।— ବାତ, ପିତ୍ତ, ଶ୍ଳେଷ୍ମା ତ୍ରୟ ଧାତୁତ୍ରୟର ବୈଷମ୍ୟ ହେତୁ ଶରୀରରେ ନାନାପ୍ରକାର କ୍ଲେଶଦାୟକ ରୋଗ ଜାତ ହୁଏ । ଅପରିମିତ ପାନ ଭୋଜନ, ଅତ୍ୟଧିକ ପରିଶ୍ରମ, ରାତ୍ରିଜାଗରଣ, ଋତୁ ପରିବର୍ତ୍ତନ ପ୍ରଭୃତି କାରଣରେ ଅସାବଧାନତା-ବଶତଃ ଆମ୍ଭମାନଙ୍କୁ ଜ୍ୱର, ପ୍ଲୀହା, ଉଦରାମୟ ପ୍ରଭୃତି ବାତିକ, ଶ୍ଳୈଷ୍ମିକ, ଓ ପୈତ୍ତିକ ଭେଦରେ ନାନାପ୍ରକାର ଦୁଃଖ ଭୋଗ କରିବାକୁ ହୁଏ । ଏ ସମସ୍ତ ଶାରୀରିକ ତାପର ଅନ୍ତର୍ଗତ ।

କାମ; କ୍ରୋଧ; ଲୋଭ; ମୋହ; ଈର୍ଷାର ଆଧିକ୍ୟ; ଆତ୍ମୀୟ ବନ୍ଧୁବର୍ଗଙ୍କର ମୃତ୍ୟୁଜନିତ ଶୋକ, ରାଜଦଣ୍ଡ ଓ ଦାରିଦ୍ର୍ୟନିବନ୍ଧନ ବନ୍ଧୁବର୍ଗ ଅପମାନ ଓ ଲଜ୍ଜାବଶତଃ ଆମ୍ଭମାନଙ୍କୁ ସମୟ ସମୟରେ ଦୁଃସହ ମନସ୍ତାପ ଭୋଗ କରିବାକୁ ହୁଏ । ଏ ସମସ୍ତ ମାନସିକ ତାପର ଅନ୍ତର୍ଭୁକ୍ତ ।

ବର୍ତ୍ତମାନ 'ଆଧିଭୌତିକ ତାପ' କାହାକୁ କହାଯାଏ ଦେଖାଯାଉ । 'ଭୂତମଧିକୃତ୍ୟ ଯତ୍ ବର୍ତ୍ତତେ ତତ୍ ଆଧିଭୌତିକଂ' ମନୁଷ୍ୟ; ପଶୁ; ପକ୍ଷୀ; ଆକାଶ; ଜଳ; ବାୟୁ ପ୍ରଭୃତି ଯାବତୀୟ ସ୍ଥାବର ଜଙ୍ଗମ ଭୌତିକ ପଦାର୍ଥ ଅଟନ୍ତି ।

ଦସ୍ୟୁ, ଚୌର୍ଯ୍ୟ, ଅଗ୍ନିଦାହ, ଉଚ୍ଚସ୍ଥାନରୁ ପତନ, ସର୍ପଦଂଶନ ହିଂସ୍ରଜନ୍ତୁ ଭୟ, ବାଷ୍ପଯାନ ପ୍ରଭୃତି ଆକସ୍ମିକ ବିପଦପାତଜନିତ କ୍ଲେଶ ଆଧିଭୌତିକ ତାପର ଅନ୍ତର୍ଗତ ।

ପୁନଶ୍ଚ, 'ଦେବମଧିକୃତ୍ୟ ଯତ୍ ବର୍ତ୍ତତେ ତତ୍ ଆଧିଦୈବିକଂ'—ବଜ୍ରପାତ ପ୍ରବଳଝଞ୍ଜା ଘୂର୍ଣ୍ଣି-ବାୟୁ ପ୍ରଭୃତି ବିପଦ ଓ ଯକ୍ଷ ରକ୍ଷ ଓ ଦୁଷ୍ଟ ଗ୍ରହମାନଙ୍କର କୋପଜନିତ ବିପଦମାନ 'ଆଧି-ଦୈବିକ ତାପ'ର ଅନ୍ତର୍ଭୁକ୍ତ ।

ଏହି 'ତ୍ରିତାପ'କୁ ଛଡ଼ା ପାଇ ସୁଖଶାନ୍ତିରେ କାଳଯାପନ କରିବା ମନୁଷ୍ୟର ସ୍ୱାଭାବିକ [illegible]

ସମସ୍ତ ସୃଷ୍ଟିର ପ୍ରାଣୀବୃନ୍ଦ ଏହି ବିଷାଦର ଅଧୀନ । କେବଳ ମାନବେ 'ବିଷାଦ'ର ଅଧୀନ ହୋଇ ପ୍ରାଣ-ଧାରଣ କରିବାକୁ ସୃଷ୍ଟ । ସତ୍ୟ ପୁରୁଷମାନେ ଏହି ବିଷାଦକୁ ଜୀବନର ଧାରଣା ନିମନ୍ତେ ସଂସାର ପରିତ୍ୟାଗ କରି ବୈରାଗ୍ୟଧର୍ମ ଗ୍ରହଣ କରିଥାନ୍ତି; କିନ୍ତୁ କେତେବେଳେ ମଧ୍ୟ ବିଷାଦ ସେମାନଙ୍କୁ ଛାଡ଼ି ନ ଥାଏ । ସଂସାରୀମାନେ ବିଷାଦ-ଜନିତ କଷ୍ଟଭୋଗ କରି ଅବଶେଷ ଆତ୍ମଚିନ୍ତାରେ କାଳଯାପନ କରୁଅଛନ୍ତି । ସଂସାରୀମାନେ ସୁଖସମୟରେ କେବଳ ପରମେଶ୍ୱରଙ୍କ ଏହି ବିଷାଦ-ଜନିତ କଷ୍ଟଭୋଗରୁ ଅବଶ୍ୟମ୍ଭାବୀ ମନେ କରି ମୁକ୍ତି ଲାଭ ନିମନ୍ତେ ଅଧିକ ଚେଷ୍ଟା କରନ୍ତି । ଯେଉଁମାନେ ଏଥିରୁ ମୁକ୍ତି ଲାଭ କରନ୍ତି, ସେହିମାନେ କେବଳ ଜୀବନ୍ମୁକ୍ତ ।

ଶ୍ରୀ ଚନ୍ଦ୍ରଶେଖର ନନ୍ଦ ।

ଉତ୍କଳରେ ସାହିତ୍ୟର ଦଶା ।

ସାହିତ୍ୟୋନ୍ନତି ସମସ୍ତ ଉନ୍ନତିର ମୂଳ, ଏହି ଅଭ୍ରାନ୍ତ ସତ୍ୟ ବାକ୍ୟ ଉତ୍କଳରେ ଅନେକ ଥର ଉଦ୍ଘୋଷିତ ହୋଇଥିଲେ ହେଁ ସେଥିନିମନ୍ତେ ଯତ୍ନ କରାଯାଉ ନ ଥିବା ଗଭୀର ପରିତାପର ବିଷୟ । ସାହିତ୍ୟୋନ୍ନତି ନ ହେଲେ ସାମାଜିକ ଓ ରାଜନୀତିକ ବିଷୟ ଏବଂ ଶିଳ୍ପ ଓ ବାଣିଜ୍ୟ ପ୍ରଭୃତି ଅନ୍ୟାନ୍ୟ ଉନ୍ନତି ଅସମ୍ଭବ, କେବଳ ଏହା ନୁହେ, ସାହିତ୍ୟବିହୀନ ଦେଶ ବା ଜାତି ସମସ୍ତ ସମ୍ପଦରେ ବଞ୍ଚିତ ହେବା ଅନିବାର୍ଯ୍ୟ ।

ଏ ସ୍ଥଳରେ ଗୋଟିଏ ଉଦାହରଣ ଦେଲେ ଯଥେଷ୍ଟ ହେବ, ମାନବ ଜାତିର ସକଳ ବିଷୟର ଯେଉଁ ସାରାସାର ବିବେକ ଅଛି, ତାହା ସାହିତ୍ୟରୁ ହୋଇଥାଏ । ଯେତେବେଳେ କୌଣସି ରାଜନୀତିକ ବା ସାମାଜିକ ପ୍ରଭୃତି ବିଷୟର ମୀମାଂସା କରିବା ଲାଗି ସମସ୍ତ ଲୋକଙ୍କର ମତ ଜାଣିବାକୁ ହୁଏ, ସେତେବେଳେ ଉପଯୁକ୍ତ ସାରାସାର ବିବେକହୀନ ଜନସମାଜ ସ୍ୱତନ୍ତ୍ରରୂପରେ ମତ ଦେବାଲାଗି ଏକାନ୍ତ ଅକ୍ଷମ ହୋଇ ପରସ୍ପରସ୍ପ-ନେପୁ ବୁଦ୍ଧିରୁ ପ୍ରଥମରେ କୌଣସି ସ୍ୱାର୍ଥପର ବା ଅବିବେକୀଠାରୁ ଯାହା ଶୁଣିଥାନ୍ତି ତାହାକୁହିଁ ଦୃଢ଼ ଭକ୍ତି ପକାଇ ଧରି ମତ ଦେଉଅଛନ୍ତି, ପରେ ସତ୍ୟ ଉପକାର ଦର୍ଶାଇଲେ ହେଁ ତାହା ପରିବର୍ତ୍ତିତ ହୁଏ ନାହିଁ ! ଅତଏବ ସମାଜର ଶିକ୍ଷିତ ଲୋକମାନେ ବିରକ୍ତ ହୋଇ ଉଦାସୀନତା ଦେଖାଉଥାନ୍ତି । ଏଥିଦ୍ୱାରା ସମାଜର କି ଅପକାର ସାଧିତ ହୁଏ ତାହା ସ୍ପଷ୍ଟରୂପେ ପ୍ରମାଣିତ ହେଉଅଛି ।

ଶିକ୍ଷିତ ସମାଜରେ କେତେ ଜଟିଳ ବିଷୟ ଉତ୍ଥାପିତ ହେଲେ ହେଁ ତାହାର ମୀମାଂସା ସହଜରେ ହୋଇଥାଏ, କିନ୍ତୁ ଅଶିକ୍ଷିତ ଦଳରେ ଗୋଟିଏ ସରଳ ବିଷୟ ପଡ଼ିଲେ ହେଁ ତାହାଙ୍କ ଭିତରେ ଘୋର ଗଣ୍ଡଗୋଳ ଉପସ୍ଥିତ ହୋଇଥାଏ । ଏହିପରି ଅନେକ ପ୍ରତ୍ୟକ୍ଷ ପ୍ରମାଣରୁ ସାହିତ୍ୟ-ହୀନତା ସକଳ ଅମଙ୍ଗଳର କାରଣ ବୋଲି ସିଦ୍ଧ ହେଉଅଛି ।

ବର୍ତ୍ତମାନ ଉତ୍କଳରେ ସାହିତ୍ୟର ଦଶା ଭାବିଲେ ମନରେ ଟିକିଏ ଆଶା ହେଉଅଛି । କେହି କହନ୍ତି 'ଉତ୍କଳ ସାହିତ୍ୟ କ୍ରମଶଃ ଉନ୍ନତ ହୋଇ ଆସୁଅଛି'; ଏହି ବାକ୍ୟ ପ୍ରକୃତର ପ୍ରୟୋଜନୀୟତା କଣ ? ଏଥିରୁ ଉତ୍କଳ ଜାତି ଅଣ୍ଣାଶ ଲକ୍ଷରେ ପରମାନନ୍ଦତ ବୋଲି ପ୍ରମାଣିତ ହେଉ ନାହିଁ କି ? ଅଧିକନ୍ତୁ ନବୀନ ଓ ପ୍ରବୀଣମାନେ ପ୍ରଥମରୁ କାର୍ଯ୍ୟକ୍ଷେତ୍ର, [illegible] ଶୁଣିଲେ [illegible] ହେବାର ଶୋଚନୀୟ ସମ୍ଭାବନା ।

ଉତ୍କଳରେ କେତେଜଣ ସାହିତ୍ୟସେବକ ଆର୍ଥିକ ବାଧାରେ ଜର୍ଜ୍ଜରିତ ନ ହୋଇ ଦଶ ଗତ ପଚିଶବର୍ଷ ନିଃସ୍ୱାର୍ଥପରତାରେ ସାହିତ୍ୟୋନ୍ନତିର ବ୍ରତରେ ନିବିଷ୍ଟ ? ଉତ୍କଳଭାଷାରେ କେତେଖଣ୍ଡ ପରମୋପକାରୀ ପ୍ରାଚୀନ ଗ୍ରନ୍ଥମାନଙ୍କର ଅନୁବାଦ ହୋଇଅଛି ଏବଂ କେତେଖଣ୍ଡ ଉପଯୋଗୀ ନୂତନ ଗ୍ରନ୍ଥର ପ୍ରଚାର ହୋଇଅଛି ? ଏହି ପ୍ରଶ୍ନମାନ ଯଥାର୍ଥରେ ଆଲୋଚନା କରି ଦେଖିଲେ ବୁଝାଯିବ ଯେ ଏହି ସୌଭାଗ୍ୟର ସୁସମୟରେ ଓଡ଼ିଆମାନଙ୍କର ଯାହା କରିବାର ଥିଲା ତାହା କରି ପାରି ନାହାନ୍ତି । ଭାରତର ଅନ୍ୟାନ୍ୟ ଜାତି ଅପେକ୍ଷା ଓଡ଼ିଆମାନେ ଶିକ୍ଷାବିମୁଖ, ଅତଏବ ଅନ୍ୟ ଜାତିର ସାହିତ୍ୟୋନ୍ନତିରେ ଦାୟିତ୍ୱ ଅପେକ୍ଷା ଉତ୍କଳର ଦାୟିତ୍ୱ ଅଧିକ ହେବା ଆବଶ୍ୟକ । ଜଣେ ପ୍ରବୀଣ ଶିକ୍ଷକ କହିଅଛନ୍ତି, ଉଚ୍ଚଶ୍ରେଣୀର ଛାତ୍ରମାନଙ୍କୁ ବୁଝାଇବା ଅପେକ୍ଷା ନିମ୍ନଶ୍ରେଣୀର ବାଳକମାନଙ୍କୁ ବୁଝାଇବା ଅଧିକ ବିବେକସାପେକ୍ଷ ।

ଏପରି ସ୍ଥଳରେ ସାହିତ୍ୟୋନ୍ନତି ନିମନ୍ତେ ଉତ୍କଳରେ କୌଣସି ଉଦ୍ୟମ ଚେଷ୍ଟା ହେଉ ନ ଥିବାର ଦେଖିଲେ ସହସା ଏହି କାତରୋକ୍ତି ବାହାରୁଅଛି କି, ହାୟ ! ଓଡ଼ିଆପୁଏ କେବେ ନିଜ ମାତୃଭୂମି ଓ ମାତୃଭାଷାର ଉଦ୍ଧାର ନିମନ୍ତେ ଦୃଢ଼ବ୍ରତ ହେବେ ଏବଂ ନିଜ ସ୍ୱାର୍ଥ ତ୍ୟାଗ କରି ଦେଶର ମଙ୍ଗଳ ନିମନ୍ତେ ଧନ ଓ ଶ୍ରମ ବ୍ୟୟ କରିବାକୁ ଶିଖିବେ ! କଥାକଥାରେ ସାମାନ୍ୟ ବିଳାସ ଓ ବିବାଦ ପ୍ରଭୃତିରେ ସହସ୍ର ଟଙ୍କା ବ୍ୟୟ କରୁଥିବା ଓଡ଼ିଆପୁଅଙ୍କର ଦେଶର ମଙ୍ଗଳକଲ୍ୟାଣ ନିଦାନ ସାହିତ୍ୟର ଅଭ୍ୟୁଦୟ ବିଷୟରେ ଏପରି ନିତାନ୍ତ କୃପଣତା !! ମା ଉତ୍କଳଭାରତି ! ବିଧାତାଙ୍କ କ୍ରୂରଦୃଷ୍ଟି ତୋ ଉପରୁ କେବେ ତିରୋହିତ ହେବ ?

କେବଳ, ପାଠକେ ! ଏବେ କାନ୍ଦି ବସିଲେ ଚଳିବ ନାହିଁ, ଉପାୟ ଚିନ୍ତା କର । ସାହିତ୍ୟୋନ୍ନତିରେ ଅନେକ ଉପାୟ ଅଛି, ତନ୍ମଧ୍ୟରୁ ନିମ୍ନୋକ୍ତ କେତୋଟି ଏ ପ୍ରଧାନ ଉପାୟର ଅବତାରଣା କରାଯାଉ, ଦେଶର ସମସ୍ତ ଲେଖକମାନଙ୍କୁ ସକଳବିଧ ଉତ୍ସାହ ବିଶେଷତଃ ଆର୍ଥିକ ସାହାଯ୍ୟ ଦେବା ଆବଶ୍ୟକ । ଏ ବିଷୟରେ ଉତ୍କଳ ନିତାନ୍ତ ଉଦାସୀନ । ଚନ୍ଦ୍ରଶେଖର, ଗଙ୍ଗାନାଥ, ମଧୁସୂଦନ ଫକୀରମୋହନ, * * ନନ୍ଦକିଶୋର ପ୍ରଭୃତି ଉତ୍କଳର ଗୌରବାସ୍ପଦ ବାଣୀପୁତ୍ରଗଣ ତାହାଠାରୁ କେତେବେଳେ କି ସାହାଯ୍ୟ ପାଉଛନ୍ତି ? ପାଇଥିଲେ ସାମାନ୍ୟ ଋଣପରିଶୋଧ ନିମନ୍ତେ ଦ୍ୱାରେ ଦ୍ୱାରେ ସାଧାରଣ ଗୃହୀ ଭିକ୍ଷା କାହିଁକି ମାଗନ୍ତା ? ମହାଯାତ୍ରା ସଦୃଶ ଉପାଦେୟ ଗ୍ରନ୍ଥ ଅପୂର୍ଣ୍ଣ କାହିଁକି ରହନ୍ତା ? ଖଣ୍ଡିଏ ପୁସ୍ତକ ମୁଦ୍ରିତ ଓ ପ୍ରକାଶିତ କରିବା ଲାଗି ଲେଖକ ଜମି ବାନ୍ଧ କାହିଁକି ବନ୍ଧନ୍ତେ ? * * * * * * * *

ଏହି କଳଙ୍କ କ୍ଷାଳନ କରିବାର ଦାୟିତ୍ୱ ଉତ୍କଳର ମହାରାଜା, ରାଜା, ଜମିଦାର ଓ ଧନିମାନଙ୍କ ଉପରେ ନିହିତ । ଭାରତର ପ୍ରାୟ ସମସ୍ତ ପ୍ରାଚୀନ କବି ଓ ଲେଖକ କେବଳ ବିଶିଷ୍ଟ ବ୍ୟକ୍ତିମାନଙ୍କ ସାହାଯ୍ୟରୁ ନିଜ ନିଜର ଅମୂଲ୍ୟ ସାହିତ୍ୟଭଣ୍ଡାର ଉଦ୍ଘାଟନ କରି ଲୋକୋପକାର କରିବାକୁ ସମର୍ଥ ହୋଇଥିଲେ । କବିକୁଳଗୁରୁ କାଳିଦାସ ପ୍ରଥମେ ବୁଦ୍ଧିପ୍ରଣାଶିନୀ ଦାରିଦ୍ର୍ୟପୀଡ଼ାରେ ପୀଡ଼ିତ ଥିଲେ, ପରେ ଗୁଣଗ୍ରାହୀ ବିକ୍ରମାଦିତ୍ୟ ତାହାଙ୍କୁ ଉପଯୁକ୍ତରୂପେ ଗୌରବାନ୍ୱିତ କରିଥିବାରୁ ଆଜି ଆମ୍ଭେମାନେ ତାହାଙ୍କ ଅପୂର୍ବ ଗ୍ରନ୍ଥାବଳୀ ପାଇ ସ୍ୱଦେଶକୁ ଧନ୍ୟ ମଣୁଅଛୁ । ପ୍ରାଚୀନ କଥା ଛାଡ଼, ଅଳ୍ପ ସମୟ ପୂର୍ବେ ଯୋଧପୁରର ମହାରାଜା କବି ମୁରାରି ଦାନଙ୍କ ରଚିତ ଏକ ଉତ୍କୃଷ୍ଟ ପୁସ୍ତକ ଦର୍ଶନରେ ମୁଗ୍ଧ ହୋଇ ତାହାଙ୍କୁ ଲକ୍ଷାଧିକ ମୁଦ୍ରା ମୂଲ୍ୟର ଗଜାଶ୍ୱାଦି ପୁରସ୍କାର ଦେଇଥିଲେ ।

ଦେଶୋପକାର ନିମନ୍ତେ ଲକ୍ଷ ସହସ୍ର ମୁଦ୍ରା ଦାତା ମନସ୍ୱୀ ମହାତ୍ମାଙ୍କ ନିକଟରେ ତୁଚ୍ଛପ୍ରାୟ । ୟୁରୋପ, ଆମେରିକା ପ୍ରଭୃତିରେ ଶୁଣା ଯାଏ,

ଭାରତରେ ପାରସୀ ଏବଂ ଅନ୍ୟାନ୍ୟ ଧନବାନ ଦେଶସେବା ଲାଗି ଅକୁଣ୍ଠିତଚିତ୍ତରେ ଲକ୍ଷ ଲକ୍ଷ ମୁଦ୍ରା ଦାନ କରୁଅଛନ୍ତି ।

ଗଞ୍ଜାମ ଜିଲ୍ଲାରେ ଋଷିକୁଲ୍ୟା ତୀରବର୍ତ୍ତୀ ଶମ୍ଭୁପୁର ଗ୍ରାମୋପାନ୍ତରେ ଗୋଟିଏ ପର୍ବତ ଅଛି; ତାହାର ଶିରୋଦେଶରେ ତାରା ତାରିଣୀ ଦେବୀ ପ୍ରତିଷ୍ଠିତା, ସେଠାରେ ଚୈତ୍ର ମାସରେ ସହସ୍ର ସହସ୍ର ଯାତ୍ରୀ ସମବେତ ହୋଇ ପର୍ବତାରୋହଣ କରିଥାନ୍ତି । ୩୦ ବର୍ଷ ପୂର୍ବେ ପର୍ବତର ସୋପାନ ନ ଥିବାରୁ ଯାତ୍ରିମାନଙ୍କର ଆରୋହଣ-ଶ୍ରମର ଗୁରୁତା ଦେଖି ବ୍ରହ୍ମପୁରନିବାସୀ ସ୍ୱର୍ଗୀୟ ଥମ୍ବୁଲ୍ଲୀ ଚେଟ୍ଟିସ୍ୱାମୀ ସେହି ମହାଶୟ ସ୍ୱେଚ୍ଛାପ୍ରଣୋଦିତ ହୋଇ ପ୍ରାୟ ୩୦ ସହସ୍ର ଟଙ୍କା ବ୍ୟୟରେ ସୋପାନ ନିର୍ମାଣ କରାଇ ଦେଇଅଛନ୍ତି । ତାହାଙ୍କ ଅପେକ୍ଷା ଗଞ୍ଜାମରେ ଅନେକ ଧନୀ ଥିଲେ ସୁଦ୍ଧା ତାହାଙ୍କର ଏତାଦୃଶ ଏକକାଳୀନ ଧର୍ମାର୍ଥ ବ୍ୟୟ ନିମନ୍ତେ ଲୋକେ ତାଙ୍କୁ ମୁକ୍ତକଣ୍ଠରେ ଧନ୍ୟବାଦ ଦେଉଅଛନ୍ତି । ଯଦ୍ୟପି ଏକଦେଶୀୟ ଧର୍ମକାର୍ଯ୍ୟ ନିମନ୍ତେ ଏପରି ମୁକ୍ତହସ୍ତତା, ତେବେ ସ୍ୱଦେଶର ସାର୍ବଜନିକ ମଙ୍ଗଳଜନକ ସାହିତ୍ୟୋନ୍ନତି ଲାଗି କିପରି ହେବା ଆବଶ୍ୟକ, ସଙ୍ଗତିସମ୍ପନ୍ନ ବ୍ୟକ୍ତିମାନେ ଥରେ ଆଲୋଚନା କରନ୍ତୁ ।

ଏହା କହିବାଦ୍ୱାରା ଏପରି ଅଭିପ୍ରାୟ ନୁହେଁ ଯେ ସାହିତ୍ୟ ସାହିତ୍ୟ ବୋଲି ସମସ୍ତେ ସର୍ବସ୍ୱାନ୍ତ ହୋଇ ବସ, କିନ୍ତୁ ଏତିକି ବୁଝିବାକୁ ହେବ ଯେ ଦେଶର ସଙ୍ଗତିସମ୍ପନ୍ନ ବ୍ୟକ୍ତିଗଣଙ୍କ ପକ୍ଷରେ ସାହିତ୍ୟସେବକମାନଙ୍କର ଦୁରବସ୍ଥା ଦୂରୀକରଣ ଅକିଞ୍ଚିତ୍କର । ସମସ୍ତେ ସ୍ୱୀକାର କରିବେ ଯେ ଅନ୍ୟ ଦେଶର ସାହିତ୍ୟସେବକମାନଙ୍କୁ କଦାପି ଦୁରବସ୍ଥା ଘଟିବାକୁ ନାହିଁ । ଯଦି ଚିରକାଳ ସମୟ ଓ ସମ୍ପତ୍ତିର ବ୍ୟୟ କରି ଲେଖକମାନେ ସର୍ବସାଧାରଣଙ୍କଠାରୁ କୌଣସି ପ୍ରକାର ସାହାଯ୍ୟ ବା ଉତ୍ସାହ ପରିବର୍ତ୍ତେ କେବଳ ଶୁଷ୍କ ଧନ୍ୟବାଦ ପାଉଥିବେ ତେବେ ସେମାନଙ୍କର ଦୁରବସ୍ଥା ଘୁଚିବ କିପରି ?

ଅତଏବ ଉତ୍କଳର ମହାରାଜା, ରାଜା, ଜମିଦାର ଓ ଧନୀ ପ୍ରଭୃତି ସଙ୍ଗତିସମ୍ପନ୍ନ ଭଦ୍ରଗଣ ! ଆପଣମାନଙ୍କ ନିକଟରେ ଏହି ପ୍ରାର୍ଥନା—ଆପଣମାନେ ଉତ୍କଳସାହିତ୍ୟର ବର୍ତ୍ତମାନ ଦଶା ସଂଶୋଧନ ନିମନ୍ତେ ଉପଯୁକ୍ତ ସ୍ୱଦେଶାଭିମାନ, ଔଦାର୍ଯ୍ୟ ଓ ବଦାନ୍ୟତା ପ୍ରଭୃତି ମହତ୍ ଗୁଣମାନ ପ୍ରକାଶ କରନ୍ତୁ । ପରିବାରରେ କୌଣସି ଲୋକ ପୀଡ଼ିତ ହେଲେ ଦୈନିକ ଶତ ଟଙ୍କା ବ୍ୟୟରେ ଡାକ୍ତର ନିଯୁକ୍ତ କରୁଥିଲାଠାରେ ସମାଜର ବିକଳାଙ୍ଗୀ ମାତୃଭାଷାର ପୁଷ୍ଟି ନିମନ୍ତେ କିପରି ବ୍ୟୟ ଆବଶ୍ୟକ ବିଚାର କରନ୍ତୁ ।

ଯଦି ଆପଣମାନେ ସାହିତ୍ୟହିଁ ଧନ, ମାନ, ସୁଖ, କୀର୍ତ୍ତିର କଳ୍ପତରୁ ବୁଝି ନିଜ ଦେଶର ମାନ ଓ ମର୍ଯ୍ୟାଦା ରକ୍ଷା ନିମନ୍ତେ ସୁଲେଖକମାନଙ୍କ ପ୍ରତି ଅବ୍ୟାଜ ଶ୍ରଦ୍ଧା ଓ ଉଚିତ ଆନୁକୂଲ୍ୟ ପ୍ରଦର୍ଶନ କରିବେ ଏବଂ ସାହିତ୍ୟ-କାମଧେନୁ ଦୋହନ ନିମନ୍ତେ କବିରୂପୀ ବତ୍ସଗଣଙ୍କୁ ହୃଷ୍ଟପୁଷ୍ଟ କରାଇବେ ତେବେ ସେମାନେ ପରମାନନ୍ଦରେ ଓ ଚିରକୃତଜ୍ଞ ହୋଇ ମାତୃଭୂମି ଓ ମାତୃଭାଷାର ସେବାରେ ରତ ହେବେ ଏବଂ ଅନ୍ୟାନ୍ୟ ଉଦୀୟମାନ ଲେଖକମାନଙ୍କ ମନରେ କର୍ମୋତ୍ସାହ ଓ ନବପ୍ରତିଭା ଉଦ୍ଭୂତ ହେବ । ସୁତରାଂ ଉତ୍କଳ ସାହିତ୍ୟ ପରିମାର୍ଜ୍ଜିତ ହୋଇ ସ୍ୱଦେଶର ଅଶେଷ କଲ୍ୟାଣ ହେବ ।

ଶ୍ରୀ ସଦାଶିବ ବିଦ୍ୟାଭୂଷଣ

ଓଡ଼ିଆ ଭାଷାର ମୂଳ ।

(ଉତ୍କଳସାହିତ୍ୟ ସମାଜରେ ପଠିତ ।)

ସୃଷ୍ଟି ପରେ ଭାଷାର ସୃଷ୍ଟି । ମାନବ ଦେହ ଜନ୍ମିଲା ମାତ୍ରେ ତାହାରେ ମନ ପ୍ରାଣ ପ୍ରବେଶିବାକୁ ପାଏ । ସୁତରାଂ ସୃଷ୍ଟି ପରେ ମାନବର ପ୍ରକୃତ ମନୁଷ୍ୟ ପ୍ରଥମ ପରିଚୟ ହେଲା । ସେହି ମନୋହାରସୌନ୍ଦର୍ଯ୍ୟ ବସୁନ୍ଧରା ପ୍ରକୃତିର ଦର୍ଶନ ମାନବର ହୃଦୟର ଅନ୍ତର ଭାବ ପ୍ରକାଶାକାରରେ ଅଭିବ୍ୟକ୍ତ ହେଲା । କେବଳ ମାନବର ନାହିଁ, ଇତର ପ୍ରାଣୀମାନଙ୍କର ମଧ୍ୟ ଅପୂର୍ବ ବସ୍ତୁ ଦର୍ଶନରେ ଅନ୍ତଃସ୍ଥଳରୁ ସ୍ୱର ଉତ୍ଥିତ ହୁଏ । ଆଦିପୁରୁଷମାନଙ୍କର ସେହି ସ୍ୱରଗତିକୁ ତତ୍ପର ଅନ୍ତେବାସିମାନେ ସେହି ଭାବ ବା ଅର୍ଥରେ ଗ୍ରହଣ ଓ ବ୍ୟବହାର କଲେ । ଏହିପରି କ୍ରମେ ବହୁଳ ଭାବୋଦ୍ରେକରେ ବହୁଳପ୍ରକାର ଅର୍ଥସଙ୍କେତ ସ୍ୱର ନିବଦ୍ଧ ହୋଇ ଶବ୍ଦ ଆକାର ଧାରଣ କଲା । ପଶ୍ଚାତ ତାହା ପୂର୍ବବର୍ତ୍ତୀ ଅର୍ଥରେ ଗୃହୀତ ହେବାରୁ ସମସ୍ତଙ୍କର ଏହିପ୍ରକାର କଥା ହୋଇଗଲା । ଏହା ସମସ୍ତ ଭାଷାମାନଙ୍କର ମୂଳ ଅର୍ଥାତ୍ ଆଦିଭାଷା । ସମୟକ୍ରମେ ସଭ୍ୟତାନିମିତ୍ତ ଦୂର୍ଯ୍ୟ ଓ ପୃଥିବୀର ଭ୍ରମଣକାଳକୁ ଯୋଗ ମୂଳରୁ ଶାଖାର ଅଂଶରେ ଭିନ୍ନ ହୋଇଗଲା, ସେହିପରି ସ୍ୱଭାବବୈଚିତ୍ର୍ୟ ନିମିତ୍ତ ଉକ୍ତ ସ୍ୱରସବୁ ମୂଳରୁ ଶାଖାରେ ଅଂଶରେ ଭିନ୍ନ ହେଲା । ଏହିପ୍ରକାରେ ଭାଷା-ପ୍ରବାହ ସର୍ବତ୍ର ପ୍ରବାହିତ ହେବାକୁ ଲାଗିଲା ।

ବର୍ତ୍ତମାନ ପୃଥିବୀର ଭିନ୍ନ ଭିନ୍ନ ଖଣ୍ଡରେ ଭିନ୍ନ ଭିନ୍ନ ଭାଷା ପ୍ରଚଳିତ । ସର୍ବପ୍ରଥମେ କେଉଁ ଭାଷାର ଉତ୍ପତ୍ତି ହୋଇଥିଲା, ତାହା ଜାଣିବା ଦୁଃସାଧ୍ୟ । ଆଉ ଏତ ନୂତନ କଥା ଅଟେ ମାତ୍ର ମାନବଜାତିରେ ଯେପରି ଅସମ୍ଭବ, ଭାଷା ସମ୍ବନ୍ଧରେ ମଧ୍ୟ ସେହିପରି, ତେବେ ସେ କଥା ଆମ୍ଭମାନଙ୍କର ଜାଣିବାକୁ ଅନ୍ୟ କୌଣସି ଉପାୟ ନାହିଁ । କେବଳ ଏ ସମ୍ବନ୍ଧରେ ଏତେ ମାତ୍ର କହିବା ଯେ ବୈଦିକ ଭାଷା ପୂର୍ବରୁ ଅନ୍ୟ କୌଣସି ଆର୍ଯ୍ୟ ଭାଷା ନ ଥିଲା । ସୁତରାଂ ଉକ୍ତ ଭାଷା ସମସ୍ତ ଆର୍ଯ୍ୟଜାତିର ଆଦିଭାଷା । ପାଶ୍ଚାତ୍ୟପଣ୍ଡିତମାନେ ବହୁ ଅନୁସନ୍ଧାନ-ଦ୍ୱାରା ସ୍ଥିର କରିଅଛନ୍ତି ଯେ ପୂର୍ବେ ଇରାଣ (ପ୍ରାଚୀନ ପାରସ୍ୟ ?) ଦେଶରୁ ଆର୍ଯ୍ୟମାନେ ଅନ୍ୟାନ୍ୟ ଦେଶକୁ ଯାତ୍ରା କରିଥିଲେ । ସେହି ଦେଶର ଭାଷା ୟୁରୋପକୁ ଯାଇ ଗ୍ରିକ୍ ଲାଟିନ୍ ଜର୍ମାନ୍ ପ୍ରଭୃତି ଭାଷା ଏବଂ ଆସିଆଖଣ୍ଡରେ ସଂସ୍କୃତ, ଜେନ୍ଦ (ପ୍ରାଚୀନ ପାରସିକ) ପ୍ରଭୃତି ଭାଷା ନିଷ୍ପାଦନ କରିଅଛି । ଉକ୍ତ ଭାଷାସବୁ ବର୍ତ୍ତମାନ ଏରିୟାନ୍ (Aryan) ବା ଆର୍ଯ୍ୟଭାଷା ନାମରେ ଅଭିହିତ । ଅଂଶତଃ ଏମାନଙ୍କ ମୂଳରେ ପରସ୍ପର ସାଦୃଶ୍ୟ ଅଛି । ଭୌଗୋଳିକ ଅବସ୍ଥାନ ଜଳବାୟୁର ଅବସ୍ଥା ପ୍ରଭୃତି ପ୍ରାକୃତିକ କାରଣ ଏବଂ ଅନ୍ୟାନ୍ୟ କାରଣରୁ ଭିନ୍ନ ଭିନ୍ନ ଦେଶର ଭାଷା ଭିନ୍ନ ଭିନ୍ନ ପ୍ରକାର । ସେହି ହେତୁରୁ ଉକ୍ତ ସଦୃଶ ଅଂଶର ନିଷ୍କାଶନ ମଧ୍ୟ ଭିନ୍ନ ଦେଶରେ ଭିନ୍ନ ପ୍ରକାର । ସେଗୁଡ଼ିକର ଦୃଷ୍ଟାନ୍ତ ଦେଖାଇବା ଏଠାରେ ନିଷ୍ପ୍ରୟୋଜନ । ବର୍ତ୍ତମାନ ଭାରତୀୟ ଭାଷାର ବିଷୟ ଆଲୋଚ୍ୟ ।

ବୈଦିକ ଭାଷା ଏଦେଶର ଆଦିମ ଭାଷା । ସଂସ୍କୃତ ତାହାର ପରବର୍ତ୍ତୀ ଏବଂ ଏହା ବର୍ତ୍ତମାନ ଭାରତୀୟ ଭାଷାମାନଙ୍କର ମୂଳ । ବହୁ ସାଦୃଶ୍ୟ ଦେଖି ଅନୁମାନ କରାଯାଏ ଦେଶୀୟ ଭାଷାସବୁ ସଂସ୍କୃତରୁ ସାକ୍ଷାଦ୍ଭାବରେ ଉତ୍ପନ୍ନ ନୁହେଁ, ପ୍ରାକୃତରୁ ଉତ୍ପନ୍ନ । ପୂର୍ବେ ସଂସ୍କୃତ ଭାଷା ସଙ୍ଗେ ପ୍ରାକୃତନାମକ ଗୋଟିଏ କଥିତ ଭାଷା ଥିଲା । ଏହି ଦୁହିଙ୍କର ଜାଳନରୂପେ ସମ୍ବନ୍ଧରେ ପଣ୍ଡିତମାନଙ୍କର ମତ ଏକ ନୁହେଁ । ଏକପକ୍ଷର ମତ— ପ୍ରାକୃତ ଆଦିମ ଏବଂ କଥିତ ଭାଷା, ସଂସ୍କୃତ ତହିଁରୁ ମାର୍ଜିତ ଅର୍ଥାତ୍ ପଣ୍ଡିତଭାଷା । ଅଧିକାଂଶଙ୍କର ମତ—ସଂସ୍କୃତରୁ ପ୍ରାକୃତ ଉତ୍ପନ୍ନ । କ୍ରମରେ

ଏହି ମତପୋଷକ ଯୁକ୍ତିର ଅବତାରଣା କରାଗଲା । କୃତପଣ୍ଡିତ କହିଅଛନ୍ତି :—'ପ୍ରକୃତେଃ ସଂସ୍କୃତଂ ଯେ ଭବେତ୍ତୁ ପ୍ରାକୃତଂ ସ୍ମୃତଂ । ତେଭ୍ୟଂ ତତ୍ସମଂ ଦେଶୀ ଚେତ୍ୟନେକଧା କ୍ରିୟା ମତମ୍ ।' ଅର୍ଥାତ୍ ସଂସ୍କୃତ ପ୍ରକୃତି, ତହିଁରୁ ଉତ୍ପନ୍ନ ଭାଷାର ନାମ ପ୍ରାକୃତ । ତାହା ପୁଣି ସଂସ୍କୃତଯୋନି, ସଂସ୍କୃତସମ ଏବଂ ଦେଶୀ ଏହି ତିନ ଭାଗରେ ବିଭକ୍ତ । ଏହି ଯୁକ୍ତି ଅନୁସାରେ ଦେଶୀୟ ପଣ୍ଡିତମାନେ ସଂସ୍କୃତକୁ ପ୍ରାକୃତର ଜନନୀ ବୋଲି ସ୍ଥିର କରନ୍ତି । କିନ୍ତୁ ଜର୍ମାନ୍ ପଣ୍ଡିତମାନେ ଏହାର ବିରୁଦ୍ଧବାଦୀ । ଅଧ୍ୟାପକ ୱେବାର (Webar) କହିଅଛନ୍ତି;—'ସଂସ୍କୃତ ସମସ୍ତ ଆର୍ଯ୍ୟଜାତିର କଥିତଭାଷା ନୁହେ, ତାହା କେବଳ ବିଦ୍ୱାନ୍‌ମାନଙ୍କର ଭାଷା । ବୈଦିକ ଭାଷା ଏକ ଅଙ୍ଗରେ ସୁଗଠିତ ଓ ସୁପ୍ରଣାଳୀବଦ୍ଧ ହୋଇ ସଂସ୍କୃତର ଉତ୍ପତ୍ତି କରିଅଛି, ଅନ୍ୟ ଅଙ୍ଗରେ ମାନବର ପ୍ରକୃତିସିଦ୍ଧ ଓ ଅନାୟାସ ଭାବରେ ପ୍ରାକୃତର ଉତ୍ପତ୍ତି । ପ୍ରାଚୀନ ବୈଦିକ ଭାଷା କ୍ରମଶଃ ଭ୍ରଷ୍ଟ ହୋଇ ସାଧାରଣ ମୁଖରେ ପ୍ରାକୃତ ଏବଂ ବୈୟାକରଣମାନଙ୍କଦ୍ୱାରା ସୁଗଠିତ ଓ ପଣ୍ଡିତମାନଙ୍କଦ୍ୱାରା ମାର୍ଜିତ ହୋଇ ସଂସ୍କୃତରୂପ ଧାରଣ କରିଅଛି । ଅଧ୍ୟାପକ ଅଫ୍ରେଂକ୍ଟ ସାହେବ ଏହି ମତ ଖଣ୍ଡନ କରି କହିଅଛନ୍ତି*—'ସଂସ୍କୃତ ଆର୍ଯ୍ୟଭାଷା । ଆର୍ଯ୍ୟମାନଙ୍କ ଚତୁର୍ଦ୍ଦିଗରେ ଅନାର୍ଯ୍ୟମାନଙ୍କର ବାସ ଥିଲା । ସେମାନେ ବିଦେଶୀୟ ଭାଷା ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ । ଆର୍ଯ୍ୟଭାଷା ସେହିମାନଙ୍କ ମୁଖରେ ବିକୃତ ହୋଇଅଛି । ଅନ୍ୟଥା, ଆର୍ଯ୍ୟମାନେ ଶୂଦ୍ରଗୃହରେ ବିବାହ କରୁଥିଲେ, ସେମାନଙ୍କ ସଂସ୍ରବରେ ଆର୍ଯ୍ୟଗୃହରେ ଅନାର୍ଯ୍ୟଭାଷା ପ୍ରଚଳିତ ହେଉଥିଲା । ଅବଶେଷରେ ରାଜନୈତିକ ବିପ୍ଳବବଶତଃ ଅନାର୍ଯ୍ୟମାନେ ଯେତେବେଳେ ରାଜ୍ୟଶାସନ ଲାଭ କଲେ, ସେତେବେଳେ ସେମାନଙ୍କ ପ୍ରଭାବରୁ ସାଧାରଣମୁଖରେ ବିକୃତ ଭାଷା ପ୍ରଚଳିତ ହେଲା ।' ଶେଷୋକ୍ତ ମତ ମାନିବାରେ ଆମ୍ଭମାନଙ୍କର ଅବିଶ୍ୱାସ କରିବାର କୌଣସି କାରଣ ନାହିଁ । ସଂସ୍କୃତ ଦୃଶ୍ୟକାବ୍ୟାବଳୀ ପାଠ କଲେ ଜଣାଯାଏ, ଯେଉଁ ଗୃହରେ ପୁରୁଷ ସଂସ୍କୃତ ଭାଷାରେ କଥା କହେ, ସେହି ଗୃହରେ ସ୍ତ୍ରୀ ଏବଂ ବାଳକମାନେ ପ୍ରାକୃତ ଭାଷାରେ କଥା କହନ୍ତି । ଅନାର୍ଯ୍ୟ ରମଣୀ ବିବାହ ତାହାର ପ୍ରଧାନ କାରଣ । ଅନ୍ୟଥା, ସଂସ୍କୃତ ଉଚ୍ଚାରଣ ସ୍ତ୍ରୀ ଓ ବାଳକଙ୍କ ପକ୍ଷରେ ସହଜ ନୁହେ । ଆମ୍ଭେମାନେ ଯେପରି କହୁଅଛୁଁ, ଶିଶୁଟିଏ ସେପରି କଥା କହି ପାରିବ ନାହିଁ । ଏଥିରୁ ଅନୁମାନ ହେଉଅଛି; ହୁଏତ ଏକ ସମୟରେ ଘରେ ଘରେ ସଂସ୍କୃତ ଓ ପ୍ରାକୃତ ଏକାଠି ଚଳୁଥିବ । ପ୍ରାଚୀନ ସଂସ୍କୃତ କବିମାନେ ସଂସ୍କୃତ ଦୃଶ୍ୟ କାବ୍ୟସବୁ ସଂସ୍କୃତ ଓ ପ୍ରାକୃତ ଉଭୟ ଭାଷାରେ ରଚନା କରିଅଛନ୍ତି । କାହାର କାହାର ମତରେ ଆର୍ଯ୍ୟମାନଙ୍କର ଭାରତରେ ବସତି ଘଟିବା ପରେ ପ୍ରାକୃତର ଉତ୍ପତ୍ତି, ଅଶୋକଙ୍କ ସମୟରେ ପ୍ରାକୃତ ଲିଖିତ ଭାଷାରୂପେ ବ୍ୟବହୃତ ହେଉଥିଲା, ସ୍ଥାନଭେଦରେ ତାହା ବହୁ ଆକାର ଧାରଣ କଲା । ବୈଦେଶିକ ପଣ୍ଡିତମାନେ କହନ୍ତି, ଖ୍ରୀଷ୍ଟପୂର୍ବ ସପ୍ତମ ଷଷ୍ଠ ଶତାବ୍ଦୀରେ ଯେତେବେଳେ ବୌଦ୍ଧ ଧର୍ମର ଅଭ୍ୟୁଦୟ ହୁଏ, ସେତେବେଳେ ସାଧାରଣ ଲୋକେ ସଂସ୍କୃତ ଭାଷାରେ କଥା କହୁ ନ ଥିଲେ ।

ପ୍ରାକୃତ ବୋଲି ଗୋଟିଏ ସ୍ୱତନ୍ତ୍ର ଭାଷା ନାହିଁ । ମହାରାଷ୍ଟ୍ରୀ, ମାଗଧୀ, ଶୌରସେନୀ, ପ୍ରାଚ୍ୟା, ପୈଶାଚୀ ପ୍ରଭୃତି ଭେଦ ଭାଷା ଏବଂ ମାଳବୀ, ପାଞ୍ଚାଳୀ, କାଞ୍ଚୀ, ଗୁର୍ଜ୍ଜରୀ, ଦ୍ରାବିଡ଼ୀ, ବୈତାଳିକୀ, ଆଭୀରୀ, ଶାବରୀ ପ୍ରଭୃତି ଦେଶୀ ବା ଅପଭ୍ରଂଶ ଭାଷାର ସାଧାରଣ ନାମ ପ୍ରାକୃତ । ପ୍ରାକୃତପ୍ରକାଶ-ପ୍ରଣେତା ବରରୁଚି, ପ୍ରାକୃତଲକ୍ଷଣ-ପ୍ରଣେତା ଚଣ୍ଡ, ପ୍ରାକୃତସର୍ବସ୍ୱ-ପ୍ରଣେତା ମାର୍କଣ୍ଡେୟ,

* ବଣବୋଧ ।

ପ୍ରାକୃତଲଙ୍କେଶ୍ୱର-ପ୍ରଣେତା ମିଶ୍ରଚନ୍ଦ୍ର, ପ୍ରାକୃତ ସଞ୍ଜୀବନୀ-ପ୍ରଣେତା ବସନ୍ତରାଜ ପ୍ରଭୃତି ବୈୟାକରଣମାନେ ଭିନ୍ନ ଭିନ୍ନ ପ୍ରକାର ଭେଦ ଦେଶୀ ଭାଷାର ନାମୋଲ୍ଲେଖ କରି-ଅଛନ୍ତି । ସଂସ୍କୃତ ଦୃଶ୍ୟ କାବ୍ୟରେ କେତେ ପ୍ରକାର ପ୍ରାକୃତର ବ୍ୟବହାର ଅଛି ଦେଖନ୍ତୁ । 'ସାହିତ୍ୟ-ଦର୍ପଣ'-ପ୍ରଣେତା ଷଷ୍ଠ ଅଧ୍ୟାୟରେ ଉକ୍ତ ଭାଷା ସମ୍ବନ୍ଧରେ ଯାହା ଲେଖିଅଛନ୍ତି, ତାହା ଏହି:—

ପୁରୁଷାଣା ମନୀଚାନାଂ ସଂସ୍କୃତଂ ସ୍ୟାତ୍ କୃତାତ୍ମନାଂ ।
ଶୌରସେନୀ ପ୍ରଯୋକ୍ତବ୍ୟା ତାଦୃଶୀନାଞ୍ଚ
ଯୋଷିତାମ୍ । ୨ ।
ଆସାମେବତୁ ଗାଥାସୁ ମହାରାଷ୍ଟ୍ରୀଂ ପ୍ରଯୋଜୟେତ୍ ।
ଅତ୍ରୋକ୍ତା ମାଗଧୀ ଭାଷା ରାଜାନ୍ତଃପୁରଚାରିଣାମ୍ ॥
ଚେଟାନାଂ ରାଜପୁତ୍ରାଣାଂ ଶ୍ରେଷ୍ଠାନାଂ ଚାର୍ଦ୍ଧ-
ମାଗଧୀ ।
ପ୍ରାଚ୍ୟା ବିଦୂଷକାଦୀନାଂ ଧୂର୍ତ୍ତାନାଂ ସ୍ୟାଦବନ୍ତିକା ॥
ଯୋଧ ନାଗରକାଦୀନାଂ ଦାକ୍ଷିଣାତ୍ୟାହି ଦୀବ୍ୟତାଂ ।
ଶବାରାଣାଂ ଶକାଦୀନାଂ ଶାବରୀଂ ସମ୍ପ୍ର-
ଯୋଜୟେତ୍ । ୪ ।
ବାହ୍ଲୀକା ଭାଷା ଦିବ୍ୟାନାଂ ଦ୍ରାବିଡ଼ୀ
ଦ୍ରବିଡ଼ାଦିଷୁ ।
ଆଭୀରେଷୁ ତଥାଭୀରୀ ଚାଣ୍ଡାଳୀ ପୁକ୍କସାଦିଷୁ । ୫ ।
ଆଭୀରୀ ଶାବରୀ ଚାପି କାଷ୍ଠପତ୍ରୋପଜୀବିଷୁ ।

※ ※ ※

ଅର୍ଥାତ୍ ଉଚ୍ଚବଂଶୋଦ୍ଭବ ଓ ଶିକ୍ଷିତ ଲୋକେ ସଂସ୍କୃତ ଭାଷାରେ କହିବେ । ତାଦୃଶ ସ୍ତ୍ରୀମାନଙ୍କୁ ଶୌରସେନୀ ଭାଷାରେ କହିବାକୁ ଦେବି ଏବଂ ସେମାନଙ୍କ ଗାଥା ବା ଶ୍ଳୋକ ମହାରାଷ୍ଟ୍ରୀ ଭାଷାରେ ରଚିତ ହେବ । ରାଜାନ୍ତଃପୁରଚରମାନଙ୍କର ମାଗଧୀ, ରାଜପୁତ୍ର, ଭୃତ୍ୟ ଓ ବଣିକ୍‌ମାନଙ୍କର ଅର୍ଦ୍ଧ-ମାଗଧୀ, ବିଦୂଷକ (ରାଜସଖା) ଓ ଅନ୍ୟାନ୍ୟମାନଙ୍କର ପ୍ରାଚ୍ୟା ବା ଗୌଡ଼ୀୟା, ଧୂର୍ତ୍ତମାନଙ୍କର ଅବନ୍ତୀ, ଉତ୍ତର ଭାରତବାସିମାନଙ୍କର ବାହ୍ଲୀକା, ସୈନ୍ୟ ଓ ନାଗରିକମାନଙ୍କର ଦାକ୍ଷିଣାତ୍ୟା ବା ବୈଦର୍ଭୀ, ରାଜଶ୍ୟାଳ ଓ ଶବରମାନଙ୍କର ଶାବରୀ, ଚଣ୍ଡାଳମାନଙ୍କର ଚାଣ୍ଡାଳୀ, କାଷ୍ଠପତ୍ରାଦି-ବ୍ୟବସାୟୀମାନଙ୍କର ଆଭୀରୀ ଓ ଶାବରୀ ଭାଷା ବ୍ୟବହାର୍ଯ୍ୟ । ଜାତିଭେଦ, ସମାଜବନ୍ଧନର ଦୃଢ଼ତା, ପରସ୍ପର ମଧ୍ୟରେ ଅନୈକ୍ୟ ପ୍ରଭୃତି କାରଣରୁ ନାନା ଗୋଷ୍ଠୀରେ ନାନା ଭାଷାର ସୃଷ୍ଟି ହୋଇଥିଲା । ଉଲ୍ଲିଖିତ ଭାଷାଗୁଡ଼ିକ ମଧ୍ୟରେ ମହାରାଷ୍ଟ୍ରୀ (ମହାରାଷ୍ଟ୍ରାଶ୍ରୟାଂ ଭାଷାଂ ପ୍ରକୃଷ୍ଟଂ ପ୍ରାକୃତଂ ବିଦୁଃ—ଦଣ୍ଡୀ) ଏବଂ ମାଗଧୀ ବହୁପ୍ରଚଳିତ । ଉକ୍ତ ପ୍ରାକୃତ ଭାଷାମାନଙ୍କ ଭାଷାର ମାତୃକୁଳ । ସେଥି ସଙ୍ଗେ ଆଉ ଗୋଟିଏ ଭାଷାର ନାମ ଉଲ୍ଲେଖଯୋଗ୍ୟ । ତାହା 'ପାଲି' । ଏହି ଭାଷାମାନଙ୍କ ସହିତ ଓଡ଼ିଆ ଭାଷାର ସାଦୃଶ୍ୟ ଦେଖାଇବା ପୂର୍ବରୁ ସେମାନଙ୍କର ଉତ୍ପତ୍ତି ଓ ପ୍ରକୃତି ବିଷୟ ଆଲୋଚନା କରିବା ଆବଶ୍ୟକ ।

ବୌଦ୍ଧଯୁଗରେ ମଗଧ ଭାରତର ପ୍ରଧାନ ନଗର ଥିଲା । ମଗଧବାସିମାନେ ଯେଉଁ ଭାଷାରେ କଥୋପକଥନ କରୁଥିଲେ, ତାହା ମାଗଧୀ । ଖ୍ରୀଷ୍ଟପୂର୍ବ ପଞ୍ଚମ ଷଷ୍ଠ ଶତାବ୍ଦିରେ ଯେତେବେଳେ ବୁଦ୍ଧଦେବ ସର୍ବପ୍ରଥମେ ଧର୍ମ ପ୍ରଚାର କଲେ ସେତେବେଳେ ପାଲି ଏବଂ ମାଗଧୀ ମଧ୍ୟରେ ବିଶେଷ କିଛି ପ୍ରଭେଦ ଲକ୍ଷିତ ହୋଇ ନ ଥିଲା । ଅନନ୍ତର ଯେଉଁ ଭାଷାରେ ପବିତ୍ର ବୌଦ୍ଧ ଗ୍ରନ୍ଥାଦି ଲିଖିତ ହେଲା ତାହା ପାଲି ଏବଂ ଯହିଁରେ ଧର୍ମୋପଦେଶମାନ ପ୍ରଦତ୍ତ ହେଲା ତାହା ମାଗଧୀ । ପାଲି ଶାସ୍ତ୍ରୀୟ ଭାଷା, ସେଥିପାଇଁ ତାହା ସଂସ୍କୃତର ଖୁବ ନିକଟବର୍ତ୍ତୀ ଏବଂ ମାଗଧୀ ସାଧାରଣକଥିତ ଭାଷା । କାତ୍ୟାୟନକୃତ ପାଲି ବ୍ୟାକରଣ ପାଠ କଲେ ଦେଖାଯାଏ ସଂସ୍କୃତ ଓ ପାଲି ମଧ୍ୟରେ ଅତ୍ୟଳ୍ପ ବ୍ୟବଧାନ । ସୁତରାଂ, ପାଲି ସଂସ୍କୃତରୁ ସଦ୍ୟଃ ପ୍ରସୂତା । କେହି କେହି କହନ୍ତି, ପାଲି ଦେବତାମାନଙ୍କର ଏବଂ ବୁଦ୍ଧଙ୍କର ମୂଳଭାଷା, ମାଗଧୀ

ମନୁଷ୍ୟମାନଙ୍କର ମୂଳଭାଷା, ବର୍ତ୍ତମାନ ପାଲି ନାମ, ସିଂହଳ ପ୍ରଭୃତି ଦେଶର ବୌଦ୍ଧଗ୍ରନ୍ଥସମୂହରେ ମୂଳଭାଷାରୂପେ ବିଦ୍ୟମାନ । କିନ୍ତୁ ତାହା ଏକ ସମୟରେ କଥିତ ଭାଷା ଥିଲା । ଖ୍ରୀଷ୍ଟ-ପୂର୍ବ ତୃତୀୟ ଶତାବ୍ଦୀରେ ନେପାଳ, ଏଲାହାବାଦ, ଦିଲ୍ଲୀ, ପଞ୍ଜାବ, ଗୁଜରାଟ, ଅଫଗାନିସ୍ଥାନ ଏବଂ ଓଡ଼ିଶାରେ ପାଲି ଭାଷାର ପ୍ରଚଳନ ଥିବାର ପ୍ରମାଣ ମିଳେ । ପ୍ରାୟ ଦୁଇ ସହସ୍ର ବର୍ଷପୂର୍ବେ ପାଲି କଲିକତାଠାରୁ କାବୁଲ ପର୍ଯ୍ୟନ୍ତ ସମଗ୍ର ଭୂଖଣ୍ଡରେ ବ୍ୟବହୃତ ହେଉଥିଲା । ସେ ଯାହାହେଉ, ଅବଶେଷରେ ବୁଦ୍ଧ ଯେତେବେଳେ ମଗଧବାସୀ ହୋଇଥିଲେ, ସେତେବେଳେ ପାଲି ଓ ମାଗଧୀ ସମଭାବରେ ବ୍ୟବହୃତ ହେଉଥିଲା । ସେତେବେଳେ ତାହାର ନାମ ଥିଲା 'ପାଲିମାଗଧୀ' । ମାଗଧୀ ଏବଂ ମହାରାଷ୍ଟ୍ରୀ ମଧ୍ୟରେ ବିଶେଷ ପ୍ରଭେଦ ନ ଥିଲା । ଏକସମୟରେ ଏହି ଭାଷାଦ୍ୱୟ ସମ୍ମିଳିତ ହୋଇ ପ୍ରାୟ ଏକ ଆକାର ଧାରଣ କରିଥିଲା । ବୌଦ୍ଧମାନେ ମାଗଧୀକୁ ମୂଳଭାଷା ବୋଲି କହୁଥିଲେ—'ସା ମାଗଧୀ ମୂଳଭାଷା ନରା ଯା ଯାଦିକପ୍ପିକା ବ୍ରାହ୍ମଣା ଚସ୍ସୁତାଲାପା ସମ୍ବୁଦ୍ଧା ଚାପି ଭାସରେ' ଶ୍ଳୋକଟିର ଅର୍ଥ ଏହି ଯେ ପ୍ରାଚୀନ ଯୁଗରେ ମାଗଧୀ ବ୍ରାହ୍ମଣମାନଙ୍କର ଏବଂ ଅନ୍ୟାନ୍ୟମାନଙ୍କର (ଅର୍ଥାତ୍ ଯେଉଁମାନେ ବୁଦ୍ଧଙ୍କର କୌଣସି କଥା ଶୁଣି ନାହାନ୍ତି) ମୂଳଭାଷା ଥିଲା । ଏହା କେନ୍ଦ୍ରସ୍ଥଳୀୟ ଭାଷା ଥିବାରୁ କାଳକ୍ରମେ ଏ ଦେଶର କଥିତ ଭାଷାରୂପେ ବ୍ୟାପ୍ତ ହେଲା ଏବଂ ଭିନ୍ନ ଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ଆକାର ଧାରଣ କଲା । ସେଥିରୁ ହିନ୍ଦୀ, ମରହଟ୍ଟୀ, ଗୁଜରାଟୀ, ଓଡ଼ିଆ, ବଙ୍ଗଳା ପ୍ରଭୃତି ଦେଶୀୟ ଭାଷାର ଉତ୍ପତ୍ତି ହୋଇଅଛି ।

ଖ୍ରୀଷ୍ଟ ପୂର୍ବ ନବମ ଶତାବ୍ଦୀଠାରୁ ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶା କଳିଙ୍ଗ ରାଜ୍ୟର ଅଧୀନ ଥିବାର ଇତିହାସ ପାଠରୁ ଜଣାଯାଏ । ସେ ସମୟରେ ଏ ଦେଶକୁ ଓଲିକିଙ୍ଗ ବା ଓକ୍କଲ କହୁଥିଲେ । ସେତେବେଳେ ରାଜଭାଷା କଣ ଥିଲା, ଜାଣିବା କଠିନ । ଅନେକ କଳିଙ୍ଗରାଜ ମହାରାଷ୍ଟ୍ର ପ୍ରଦେଶରୁ ଆସିଥିବାର ଅନୁମାନ କରାଯାଏ । ତାହାହେଲେ ଉକ୍ତ ଯୁଗରେ ଓଡ଼ିଶାରେ ମହାରାଷ୍ଟ୍ରୀ ଭାଷା ଚଳୁଥିବ । ଅନେକ ପ୍ରତ୍ନତତ୍ତ୍ୱବିଦ କହନ୍ତି, ମାଳବ ପ୍ରଦେଶରୁ ଆର୍ଯ୍ୟମାନେ ଆସି କଳିଙ୍ଗ ରାଜ୍ୟ ସ୍ଥାପନ କରିଥିଲେ । ଯେଉଁ ଇନ୍ଦ୍ରଦ୍ୟୁମ୍ନ ଦେବ ଓଡ଼ିଶାରେ ସର୍ବପ୍ରଥମେ ଜଗନ୍ନାଥ ମୂର୍ତ୍ତି ସ୍ଥାପନ କରିଅଛନ୍ତି, ସେ ମଧ୍ୟ ମାଳବ ରାଜବଂଶୀୟ । ଏଥିରୁ ଅନୁମାନ ହେଉଅଛି ଓଡ଼ିଶାରେ ମହାରାଷ୍ଟ୍ରୀ ପ୍ରାକୃତ ଭାଷା ପ୍ରବେଶ ଲାଭ କରିଥିଲା । ଖ୍ରୀଷ୍ଟପୂର୍ବ ପଞ୍ଚମ ଶତାବ୍ଦୀଠାରୁ ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରାୟ ୯୦୦ ବର୍ଷ କାଳ ଓଡ଼ିଶାରେ ବୌଦ୍ଧଧର୍ମର ପ୍ରାଧାନ୍ୟ ସ୍ଥାପିତ ହୋଇଥିଲା । ବୌଦ୍ଧ ରାଜାମାନେ ରାଜତ୍ୱ କରୁଥିଲେ । ପ୍ରଚାରକମାନେ ସେମାନଙ୍କ ମାତୃଭାଷା ମାଗଧୀରେ ଧର୍ମ ପ୍ରଚାର କରୁଥିଲେ । ଦେଶର ନିମ୍ନଶ୍ରେଣୀୟ ପ୍ରାୟ ସମସ୍ତ ଲୋକେ ବୌଦ୍ଧଧର୍ମ ଗ୍ରହଣ କରିଥିଲେ । ଉତ୍ତମବର୍ଣ୍ଣର ଯେଉଁମାନେ ଉକ୍ତ ଧର୍ମ ଗ୍ରହଣ କରିଥିଲେ, ସେମାନେ ସମ୍ଭବତଃ ପଛେ ସମାଜବର୍ତ୍ତିତ ଦୂଷିତ ଏବଂ ଲାଞ୍ଛିତ ହୋଇଥିଲେ । ଯଥା ଅଧୁନାତନ ମାସ୍ତାନ, ପଣ୍ଡା, ପତିଆରି ପ୍ରଭୃତି । ମଣ୍ଟିଆ, ଗଡ଼ଜାତର ଭୂମିପାନ୍ଥ ପ୍ରଭୃତିଙ୍କୁ ଅନେକେ ବୌଦ୍ଧ ବୋଲି ନିର୍ଦ୍ଦେଶ କରନ୍ତି । ଉକ୍ତ ଯୁଗରେ ପ୍ରାକୃତିକ କାରଣବଶତଃ ଓଡ଼ିଶାରେ ମାଗଧୀ ଭାଷାର କିଛି ପରିବର୍ତ୍ତନ ଘଟିଥିବ, ଏଥିରେ ସନ୍ଦେହ ନାହିଁ । ଅନାର୍ଯ୍ୟମାନେ ଯେତେବେଳେ ବୌଦ୍ଧଧର୍ମ ଗ୍ରହଣ କରିଥିଲେ, ସେତେବେଳେ ସେମାନଙ୍କ କଥିତ ଭାଷା ସହିତ ଉକ୍ତ ପ୍ରାକୃତର ସମ୍ମିଶ୍ରଣ ହୋଇଥିବ । ମାଗଧୀ ପ୍ରାକୃତ ଓଡ଼ିଶାରେ ବହୁକାଳ ଚଳିଥିଲା ସତ୍ୟ, କିନ୍ତୁ ତାହାର ମଧ୍ୟଭାଗରେ ପାଲି ଭାଷା ମଧ୍ୟ ଏ ଦେଶରେ ସ୍ଥାନ ଲାଭ କରିଥିଲା । ଐତିହାସିକ-

ପୂର୍ବେ ମାଗଧୀ ଭାଷା, କେଶରୀବଂଶୀୟ ରାଜାମାନଙ୍କ ରାଜତ୍ୱକାଳର ଅବସାନରେ ଓଡ଼ିଶାରେ ପାଲି ବ୍ୟବହାର ଥିଲା। ପାଲି ସାହିତ୍ୟ ବା ଲିଖିତ ଭାଷା। ସୌଭାଗ୍ୟବଶତଃ କାଳକ୍ରମେ ପାଲି ଓ ମାଗଧୀର ପାର୍ଥକ୍ୟ କ୍ରମଶଃ ଉଣା ହୋଇ ଆସିଲା। ବରରୁଚିଙ୍କ ପ୍ରାକୃତପ୍ରକାଶ ଏବଂ ଭାରତର ନାନା ସ୍ଥାନରୁ ଆବିଷ୍କୃତ ଅଶୋକଙ୍କ ଶିଳାଲିପି ବିଷୟ ଆଲୋଚନା କଲେ ଜଣାଯାଏ ଅନ୍ତତଃ ଦୁଇ ସହସ୍ର କିମ୍ବା ତତୋଽଧିକ ବର୍ଷ ପୂର୍ବେ ଭାରତୀୟ ଆର୍ଯ୍ୟମାନଙ୍କ ମଧ୍ୟରେ ପ୍ରାୟ ଏକପ୍ରକାର ପ୍ରାକୃତ ବା ମାଗଧ ଭାଷା ଚଳୁଥିଲା।

ଅତି ପ୍ରାଚୀନକାଳରେ ଓଡ୍ର ବା ଉଡ୍ର ନାମରେ ଏକ ଜାତି ଏ ଦେଶରେ ବାସ କରୁଥିଲେ। ଓଡ୍ରଦେଶ ବୋଲି ଏଥିର ବର୍ତ୍ତମାନ ନାମ ଓଡ଼ିଶା ଏବଂ ଅଧିବାସୀମାନଙ୍କର ନାମ ଓଡ଼ିଆ ହୋଇଅଛି। ବର୍ତ୍ତମାନ ଓଡ଼ିଶା ନାମକ ଯେଉଁ ଜାତି ଦେଖାଯାନ୍ତି, ସେମାନେ ଏହି ଓଡ୍ରମାନଙ୍କର ବଂଶଧର, ଅଦ୍ୟାବଧି ଓଡ଼ିଶାର କୌଣସି କୋଣରେ ବିଶେଷତଃ ଖୋର୍ଦ୍ଧା ଅଞ୍ଚଳରେ ଅନେକ ଓଡ଼ ଦେଖାଯାନ୍ତି। ଓଡ଼ମାନଙ୍କର ଉକ୍ତ ବଂଶକୁ ପ୍ରାୟ ସାଧାରଣ ଲୋକେ ଓଡ଼ିଆ ବୋଲି କହୁଥିବାର ଦେଖାଯାଏ। ଓଡ଼ଣୀ ହଳଦୀ, ଓଡ଼ଣୀ ଚୂଆ ଏବଂ ଓଡ଼ଣୀ ଗୀତ ତାହାର ପ୍ରମାଣ। ସେ ସମୟରେ ଓଡ୍ରମାନଙ୍କର ଚଳିତ ଭାଷା କଣ ଥିଲା, ତାହାର କୌଣସି ଐତିହାସିକ ପ୍ରମାଣ ଆମ୍ଭେମାନେ ପାଉ ନାହୁଁ। ବୋଧହୁଏ ସେମାନେ ଆର୍ଯ୍ୟ ଓ ଶାବର ଏହି ଦୁଇଟି ଭାଷାକୁ କୌଣସି ଗୋଟିଏ ଭାଷାରେ କଥୋପକଥନ କରୁଥିଲେ। ଏହି ଆଦିମ ଅଧିବାସୀମାନଙ୍କର ଭାଷା ପ୍ରାକୃତ ପୂର୍ବରୁ ବିଦ୍ୟମାନ ଥିଲା। କେଶରୀବଂଶୀୟ ରାଜତ୍ୱକାଳ ମଧ୍ୟରେ ପାଲି ମାଗଧୀ ଦେଶ ଭାଷା ସହିତ ମିଶି ଭିନ୍ନରୂପ ଧାରଣ କରିଥିଲା। ଏହି ମିଶ୍ରିତ ପିଣ୍ଡରୁ ପ୍ରାଚୀନ ଓଡ଼ିଆ ଭାଷାର ଉତ୍ପତ୍ତି।

ଯେଉଁ ସମୟରେ ଓଡ଼ିଆ ଭାଷାର ପ୍ରଥମ ବିକାଶ ହୋଇଥିଲା, ତାହା ଜାଣିବା କଠିନ। ପ୍ରତ୍ନତତ୍ତ୍ୱବିଦ୍ ହର୍ଣ୍ଣବଲ୍ ସାହେବ କହନ୍ତି, ଅଷ୍ଟମ ଶତାବ୍ଦୀର ପ୍ରାରମ୍ଭରୁ ଦ୍ୱାଦଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ଏହି ପାଞ୍ଚଶତ ବର୍ଷ ମଧ୍ୟରେ କୌଣସି ଏକସମୟରେ ପ୍ରାକୃତର ଲୋପ ଏବଂ ଆଧୁନିକ ଭାରତୀୟ ଭାଷାମାନଙ୍କର ଅଭ୍ୟୁଦୟ ହୋଇଅଛି। ଉକ୍ତ ଦେଶୀୟ ଭାଷାମାନଙ୍କ ମଧ୍ୟରେ ହିନ୍ଦୀ ଭାଷା ଜ୍ୟେଷ୍ଠ। ଶ୍ରୀଯୁକ୍ତ ଦତ୍ତ ସାହେବ କହନ୍ତି, 'ଏକାଦଶ ଶତାବ୍ଦୀରେ ହିନ୍ଦୀ,ଗୁଜରାଟୀ,ମହାରାଷ୍ଟ୍ରୀ ବିଦ୍ୟମାନ ଥିଲା; ଓଡ଼ିଆ ଭାଷା ତତ୍ପରବର୍ତ୍ତିନୀ। ଏହା ଚତୁର୍ଦ୍ଦଶ ଶତାବ୍ଦୀ ମଧ୍ୟରେ ପୂର୍ଣ୍ଣାଙ୍ଗ ହୋଇଥିଲା ଅର୍ଥାତ୍ ଆଧୁନିକ ଆକାର ଧାରଣ କରିଥିଲା।

ଦୁଇଟି ବସ୍ତୁର ସଂଘର୍ଷଣ ଓ ମିଳନରେ ଗୋଟିଏ ନବ ବସ୍ତୁର ସୃଷ୍ଟି ହୋଇଥାଏ କିମ୍ବା ପରିବର୍ତ୍ତନ ଘଟିଥାଏ। ସେହିପରି ରାଜନୈତିକ ବିପ୍ଳବ ଓ ଧର୍ମବିପ୍ଳବରେ ସମାଜ ଓ ଭାଷାର ପରିବର୍ତ୍ତନ ଘଟେ କିମ୍ବା ନବ ସମାଜ ଓ ନବ ଭାଷାର ସୃଷ୍ଟି ହୋଇଥାଏ। ଉକ୍ତ କାରଣବଶତଃ ଓଡ଼ିଆ ଭାଷାର ଉତ୍ପତ୍ତି ହୋଇଅଛି, ଏଥିରେ ସନ୍ଦେହ ନାହିଁ। ଭାରତରେ ଅନେକ ସମୟରେ ଧର୍ମବିପ୍ଳବ ଘଟିଅଛି। ଖ୍ରୀଷ୍ଟୀୟ ଦଶମ ଏକାଦଶ ଶତାବ୍ଦୀ ମଧ୍ୟରେ ବୌଦ୍ଧଧର୍ମର ଲୋପ ଏବଂ ହିନ୍ଦୁଧର୍ମର ପୁନରଭ୍ୟୁଦୟ ହେଲା। କ୍ରମେ ହିନ୍ଦୁଧର୍ମର ପ୍ରଭାବ ବୃଦ୍ଧିପ୍ରାପ୍ତ ହେବାକୁ ଲାଗିଲା। ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀ ମଧ୍ୟଭାଗରେ ଓଡ଼ିଶାରେ କେଶରୀବଂଶୀୟମାନଙ୍କର ରାଜତ୍ୱଲୋପ ଏବଂ ଗଙ୍ଗାବଂଶୀୟମାନଙ୍କର ରାଜତ୍ୱାରମ୍ଭ ହେଲା। କେଶରୀବଂଶୀୟମାନେ ଶିବୋପାସକ ଥିଲେ, କିନ୍ତୁ ଗଙ୍ଗାବଂଶୀୟମାନେ ବୈଷ୍ଣବଧର୍ମାବଲମ୍ବୀ ଥିଲେ। ଶେଷୋକ୍ତ ରାଜାମାନଙ୍କ ରାଜତ୍ୱକାଳରେ ଏ ଦେଶରେ ବୈଷ୍ଣବ ଧର୍ମର ପ୍ରଚାରାରମ୍ଭ ହେଲା। ଏହି ସମୟ ବୋଧହୁଏ ଆଧୁନିକ ଓଡ଼ିଆ ଭାଷାର ସୃଷ୍ଟିକାଳ। ବୈଷ୍ଣବ ଧର୍ମଗ୍ରନ୍ଥ ସବୁ ସଂସ୍କୃତ

ଦେଶୀ ଭାଷାରେ ଲେଖାଗଲା । ସେହିକାଳରୁ ହିନ୍ଦୁ ସମୟରୁ ଓଡ଼ିଆ ଭାଷାରେ ଲିଖିତ ହୋଇ ଆସୁଅଛି ।

ଆଧୁନିକ ଓଡ଼ିଆ ଭାଷାକୁ ସଂସ୍କୃତ-ଶବ୍ଦବହୁଳ ଦେଖି ଅନେକେ ତାହାକୁ ପ୍ରାକୃତରୁ ଉତ୍ପନ୍ନ ବୋଲି ସନ୍ଦେହ କରୁଥାନ୍ତି । ଏପରି ସନ୍ଦେହ ହେବା ଅସ୍ୱାଭାବିକ ନୁହେଁ, କିନ୍ତୁ ପୁରାତତ୍ତ୍ୱ ଆଲୋଚନା କଲେ ଦେଖାଯାଏ, ଓଡ଼ିଆ ଅବଶ୍ୟ ପ୍ରାକୃତରୁ ଉତ୍ପନ୍ନ, ପରନ୍ତୁ ଅନେକ ସଂସ୍କୃତ ଶବ୍ଦ ମିଶିଅଛି ଓ ପ୍ରାକୃତର ଅନେକ ଶବ୍ଦ ଲଭିଅଛି । ବୌଦ୍ଧଯୁଗରେ ପ୍ରାକୃତଭାଷା ଭିନ୍ନ ଭିନ୍ନ ଖଣ୍ଡରେ କ୍ରମେ ନୂତନ ଆକାର ଧାରଣ କରି ସଂସ୍କୃତଠାରୁ ଅତି ଦୂରରେ ରହିଲା । ଖଣ୍ଡିଏ ବହୁକୋଣ କାଷ୍ଠ ବା ପ୍ରସ୍ତର ବହୁକାଳ ନଦୀସ୍ରୋତରେ ଭାସି ଭାସି ଅବଶେଷରେ ବର୍ତ୍ତୁଳକୋଣୀ ହଦର୍ଯ୍ୟ ଆକାର ଧାରଣ କଲେ ତାହା ସହିତ ମୂଳ କାଷ୍ଠ ବା ପ୍ରସ୍ତରର ଯେପରି ବୈଷମ୍ୟ ଦେଖାଯାଏ, ସଂସ୍କୃତ ଓ ପ୍ରାକୃତ ମଧ୍ୟରେ ଯେତେବେଳେ ସେହିପରି ପ୍ରଭେଦ ହେଲା, ସେତେବେଳେ ଅନାର୍ଯ୍ୟ ଭୂମି ଦାକ୍ଷିଣାତ୍ୟର ମହାତ୍ମା ଶଙ୍କର ଧର୍ମ ଏବଂ ଭାଷାର ସଂସ୍କାରକରୂପେ ଅବତୀର୍ଣ୍ଣ ହେଲେ । ସେ ଶିବୋପାସକ ଥିଲେ ସତ୍ୟ, କିନ୍ତୁ ଅଦ୍ୱୈତମତ ପ୍ରଚାର ତାହାଙ୍କର ମହାଲକ୍ଷ୍ୟ ଥିଲା । ମହାତ୍ମା ଶଙ୍କର ନାନାସ୍ଥାନରେ ବକ୍ତୃତା ପ୍ରଦାନ କରି ବୌଦ୍ଧ ଧର୍ମର ଉଚ୍ଛେଦସାଧନ କରୁଥିଲେ । ତାହାଙ୍କର ବକ୍ତୃତା ଏବଂ ଉପଦେଶଗୁଡ଼ିକ ସଂସ୍କୃତ ଭାଷାରେ ନବର୍ଣ୍ଣା ଶଙ୍କର ଯେ ସେତେବେଳେ ବୌଦ୍ଧସ୍ଥଳୀ ଓଡ଼ିଶାକୁ ଆସିଥିଲେ, ସେଥିରେ ସନ୍ଦେହ କରିବାର କୌଣସି କାରଣ ନାହିଁ । ପୁରୀ ଓ ଭୁବନେଶ୍ୱରର ସ୍ୱାମୀମଠ ଶଙ୍କର କିମ୍ବା ଶିଷ୍ୟଙ୍କ ଦ୍ୱାରା ସ୍ଥାପିତ । ବ୍ରାହ୍ମଣମାନେ ଶଙ୍କରପ୍ରବର୍ତ୍ତିତ ଧର୍ମ ଆଗେ ଗ୍ରହଣ କଲେ । ବୌଦ୍ଧଧର୍ମର ଲୋପ ସଙ୍ଗେ ସଙ୍ଗେ ପ୍ରାକୃତର ଲୋପ ହେଲା ଏବଂ ହିନ୍ଦୁ ଧର୍ମର ପୁନରଭ୍ୟୁଦୟ ସଙ୍ଗେ ସଙ୍ଗେ ସଂସ୍କୃତ ଭାଷାର ପୁନଃପ୍ରଚଳନ ହେଲା । ଲୋକେ ବୌଦ୍ଧମାନଙ୍କୁ ଘୋର ଘୃଣା କଲେ, ତେଣୁ ସେମାନଙ୍କ ପ୍ରାକୃତ ଭାଷାକୁ ମଧ୍ୟ ସେହିପରି ଘୃଣା କରିବାକୁ ଲାଗିଲେ । ସେହି ଘୃଣା ଅଦ୍ୟାବଧି ବ୍ରାହ୍ମଣମାନଙ୍କରୁ ଯାଇ ନାହିଁ । କାଶୀ, କାଞ୍ଚୀ ଆଦି ସ୍ଥାନର ବ୍ରାହ୍ମଣମାନେ ସେତେବେଳେ ନିଜ ଦେଶ ଭାଷା ଛାଡ଼ି ସଂସ୍କୃତଚର୍ଚ୍ଚା କରିବାକୁ ଲାଗିଲେ । ସେଥି-ହେତୁ ପ୍ରାଚୀନ ଓଡ଼ିଆରୁ ଅନେକ ପ୍ରାକୃତ ଶବ୍ଦ ଲୋପ ପାଇଗଲା ଏବଂ ସଂସ୍କୃତ ଭାଷା ସେଥିରେ ବହୁଳଭାବରେ ମିଶିଗଲା । ଯାହାହେଉ, ଦ୍ୱାଦଶ ଶତାବ୍ଦୀର ଶେଷଭାଗରେ ଓଡ଼ିଆ ଗୋଟିଏ ଲିଖିତ ଭାଷାର ଆକାର ଧାରଣ କରିଥିଲା ଏବଂ ପରବର୍ତ୍ତୀ କେତେକ ଶତାବ୍ଦୀ ମଧ୍ୟରେ ପୁଷ୍ଟ ହୋଇ ଗୋଟିଏ ସାହିତ୍ୟିକ ଭାଷାରେ ପରିଣତ ହୋଇଥିଲା ।

ଉଲ୍ଲିଖିତ ଐତିହାସିକ ପ୍ରମାଣ ଦେଖି ମଧ୍ୟ କୌଣସି କୌଣସି ପାଠକଙ୍କର ଯଦି ପ୍ରାକୃତରୁ ଓଡ଼ିଆ ଭାଷାର ଉତ୍ପତ୍ତି ସମ୍ବନ୍ଧରେ ସନ୍ଦେହ ଥାଏ, ତାହାହେଲେ ନିମ୍ନଲିଖିତ ଗୋଟିଏ ଲୌକିକ ପ୍ରମାଣଦ୍ୱାରା ଉକ୍ତ ସନ୍ଦେହ କଥଞ୍ଚିତ ନିରାକୃତ ହୋଇ ପାରିବ । ଆମ୍ଭମାନଙ୍କ ଦେଶର ସାଧାରଣ ଲୋକେ ସଂସ୍କୃତ ଭିନ୍ନ ନିଜ ଦେଶ ଭାଷାକୁ ପ୍ରାକୃତ ବୋଲି ଜାଣନ୍ତି । ଖଣ୍ଡିଏ ପୋଥି ହାତରେ ଦେଖିଲେ ଅନେକଙ୍କୁ ଏପରି ପ୍ରଶ୍ନ କରୁଥିବାର ଦେଖାଯାଉଥାଏ ଯେ, ଏ କି ପୋଥି ? ସଂସ୍କୃତ, ନା ପ୍ରାକୃତ ? ଉତ୍କଳର ସୁପରିଚିତ ଭକ୍ତ କବି ଜଗନ୍ନାଥ ଦାସଙ୍କ ଭାଗବତ ଗ୍ରନ୍ଥର ପ୍ରଥମ ଅଧ୍ୟାୟ ଶେଷରେ ଦେଖାଯାଏ, ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପ୍ରାକୃତପରଶଂସେ ବୈୟାସିକ୍ୟାଂ ଇତ୍ୟାଦି—ଏଥିରୁ ସ୍ପଷ୍ଟ ଅନୁମାନ ହେଉଅଛି, ପ୍ରାଚୀନ ଓଡ଼ିଆ ଭାଷା ପ୍ରାକୃତବହୁଳ ଥିବାରୁ ଲୋକେ ଦେଶଭାଷାକୁ ପ୍ରାକୃତ ବୋଲି କହି ଆସୁଅଛନ୍ତି ।

କ୍ରମଶଃ

ଶ୍ରୀ ମୃତ୍ୟୁଞ୍ଜୟ ରଥ ।

'ହୋ' ଏବଂ 'ପଦ୍‌-ଭୋଳା'

ସମ୍ପାଦକ ମହାଶୟ,

ଦିନେ ଖଣ୍ଡେ ସ୍କୁଲର ବାଳକଙ୍କର ବହିଘର ଦେଇ ଦେଖି 'Westward Ho' କଥାଟା ବାବୁଙ୍କର ପଢ଼ାଗଲି । ସେଠାରୁ ମୋର କୌତୂହଳ ଉଦୟ ହେଲା । Analogy ଅନୁସାରେ 'Eastword Ho' ଟା ଭଣ୍ଡାରେ ଜାଣି ହେଲା । ନାହିଁ ନାହିଁ ଓଡ଼ିଶାର ହୋ କଥାଟା ଶିଖିବ କଲି । କେବେ ଅଡ଼ ବୁଲିଲି, କେବେ ବାସ କଲି, ଉଚ୍ଚ ସମାଜରେ ବାବୁମାନେ ମିଳିଲି ବଡ଼ ବଡ଼ ରାଜମନ୍ତ୍ରୀମାନଙ୍କଠାରୁ ପିଅନ ରାଜସିଂହ ପର୍ଯ୍ୟନ୍ତ ସମସ୍ତଙ୍କୁ ଅନୁସରଣ କଲି, ହାକିମଠାରୁ ପୁଲିସ ପାଣ୍ଡି ପର୍ଯ୍ୟନ୍ତ ବୁଲିଲି; ମହାରାଜାଙ୍କଠାରୁ ଶାସ୍ତ୍ର ଭୋଗ ପର୍ଯ୍ୟନ୍ତ ସମସ୍ତଙ୍କୁ ଥରେ ଚିହ୍ନିଲି, ଉତ୍କଳ ସମ୍ମିଳନୀଠାରୁ ଗ୍ରାମର ସଭା ପର୍ଯ୍ୟନ୍ତ ସବୁଥିରେ ଯୋଗ ଦେଲି, ନେତ୍ରୁ ପିଅନଙ୍କଠାରୁ ଝିଅଙ୍କ ବାଈ ପର୍ଯ୍ୟନ୍ତ, ଉଚ୍ଚ ସାହିତ୍ୟରୁ ଅରମ୍ଭ କରି ଛାପଖାନା ପର୍ଯ୍ୟନ୍ତ, ଅଶିପେଇ ବୃଦ୍ଧଠାରୁ କଅଁଳା ପିଲା ପର୍ଯ୍ୟନ୍ତ, ମହାଜନର ଓସ୍ତାଦଠାରୁ ସାପୁଆ କେଳା ପର୍ଯ୍ୟନ୍ତ, ଗାଉନ-ପିନ୍ଧା ଶିକ୍ଷିତା ରମଣୀଙ୍କଠାରୁ ୨୦ ସେଠାଅ ପିନ୍ଧିଲ ଖଡ଼ି-ପଟି ଧାରିଣୀ ବଣ୍ଡରୁଣୀ ପର୍ଯ୍ୟନ୍ତ, ଓଡ଼ିଆ ମାଷ୍ଟରଙ୍କଠାରୁ ଟକଣୀ ପର୍ଯ୍ୟନ୍ତ, ମଣ୍ଡଳୀରୁ ମହାତ୍ମାଠାରୁ ନଡ଼ିଆ ଗୋଟା ପର୍ଯ୍ୟନ୍ତ, ସମ୍ୟବାଦଠାରୁ ସାମାନ୍ୟ କର୍ମ ଗୁଣ୍ଡ ପରି ଗାଢ଼ରେ ବସିଥା ପର୍ଯ୍ୟନ୍ତ, ଅଦାଲତର ଉକିଲଠାରୁ ଭାଗବତର ପିଣ୍ଡା ପର୍ଯ୍ୟନ୍ତ, କଲେଜଠାରୁ ମାଟ୍ରିକ ଅବଧାନଙ୍କ ଚାଟଶାଳୀ ପର୍ଯ୍ୟନ୍ତ, ଧାନଚାଷୀ ଯୋଗୀଠାରୁ ଗୃହପୁଅ ଯୋଗୀ ପର୍ଯ୍ୟନ୍ତ, ଉଚ୍ଚଶିକ୍ଷିତ ବାବୁଙ୍କଠାରୁ ଅଶିକ୍ଷିତ ବାଉରି ପିଲା ପର୍ଯ୍ୟନ୍ତ, ଥିଏଟରଠାରୁ ଗନ୍ଧିଲି । ଅନେକ ପର୍ଯ୍ୟନ୍ତ ସବୁ ଅଡ଼ ବୁଲିଲି, କିନ୍ତୁ କେଉଁଥିରେ ମନ ମାନିଲା ନାହିଁ । କେଉଁ ଯୋଗ୍ୟ ମନ ନ ମାନିଲା, ତାହା ଭଲ ଭଲ ସ୍ଥିର କରି ପାରିଲି ନାହିଁ । ବାହାରେ ବାହାରେ ଦୌଡ଼ିଲି, ଯେଉଁ ଦରବାରରେ ଡାକରେ ପଶିଲି, ଅନୁସନ୍ଧାନ ଚୋରି ଲୁଚି ହେଉଥିବା ସ୍ଥାନ ମନର ଓଟମାନ ଦେଖିଲି ନାହିଁ, ପିପାସା ଗଲା ନାହିଁ । ସେଥିରୁ ଦରବାରରେ ବାଙ୍ଗ କଲମ ଧରି ଖାଲଗଣିତ କରିଲି, ତା ପରେ ଏକ ଗୋଟାକରେ ଲାଭବିଷୟକ ଥିଲି । ଧୀରେ ଧୀରେ କଥାଟା ବାବୁଙ୍କର ପଢ଼ିଲି । ଦେଖିଲି ଯେ ଦୁଇ ଅଟାଯାଳରେ ଯୋଡ଼ାଏ କଥା ମାନ, ପ୍ରଥମ 'ହୋ', ଦ୍ୱିତୀୟ 'ପଦ୍‌-ଭୋଳା' । ଯେଉଁ ଅଡ଼କୁ ଚାହିଁଲି, ଦେଖିଲି ଏ ଯୋଡ଼ାକ ପୂର୍ଣ୍ଣ-ଭାବରେ ରାଜତ୍ୱ କରୁଅଛନ୍ତି; ଯେଉଁଠି ଲୁଚିଲି, ସେଠି ପଳାଇ ବସିଲି, ଏ ଦୁହିଙ୍କି ଏଡ଼ି ପାରିଲି ନାହିଁ, ତାପରେ ଭଦ୍ର ପାର୍ଟିରେ ପଶିଲି, ସେଠାରେ ଦେଖିଲି ଗୋଟିଏ କମିଟି ଏଡ଼େ ଅଧିକ କରିଛୁ । ସବୁଆଡ଼େ ଦେଖିଲି, ସମସ୍ତେ ମାତିଛନ୍ତି 'ହୋ'ରେ । 'ଆରେ ଗଲା ରେ ଆରେ ଗଲା ହୋ' ବୋଲି ସମସ୍ତେ ରଡ଼ି ପକାଉଅଛନ୍ତି, କିନ୍ତୁ 'କଣ ଗଲା ରେ' ଏ କଥା ଥରେ କେହି ଭାବୁ ନାହାନ୍ତି । ଗୋଟାଏ 'ହୋ'ରେ ସମସ୍ତେ ଦଳାଦଳିରେ ମାତିଅଛନ୍ତି, ସେ 'ହୋ' ଥିବାର ଜାଣି ପାରିଲାରୁ ପୁଣି ଦଳାଦଳିରେ ଆଉ ଗୋଟାଏ 'ହୋ' ଯାଉଛନ୍ତି । ଏହି ଗଲା 'ହୋ' କଥା; ଆଉ ଗୋଟିଏ କଥା 'ପଦ୍‌ଭୋଳା' ବା 'ପଦସେବା' । 'ଉପର୍ଯ୍ୟୁପରି ପଶ୍ୟନ୍ତି ସର୍ବେ ଏବ ଦରିଦ୍ରଃ' ବଡ଼ଠାରୁ ସାନ ପର୍ଯ୍ୟନ୍ତ ସବୁ 'ପଦ୍‌-ଭୋଳା' ହେଲା । ପଦ୍‌ଭୋଳାଦ୍ୱାରା ଲୋକର ବଡ଼ ସାପକୁ ମଧ୍ୟ ଘଡ଼ିଏ ଅବଲମ୍ବନ କରାଇ ଦିଏ । ଅଜକାଲି ସବୁଆଡ଼େ ଦେଖ 'ପଦ୍‌ଭୋଳା'ରେ ସମସ୍ତେ ସ୍ଥିର । ସେ କାମୁଡ଼ିବାକୁ ଯୋଡ଼ାଏ, ତା କବଟରେ ହୁଅପଦ ପଦ୍‌ଭୋଳା ବୋଲି ଆ ଯୋଡ଼ାରେ ଶ୍ଳୋକ ତେଲ ଭରମ ଜାଣି ପାଳମ

ପଡ଼ିଥିବ, ତାଙ୍କ ସନ୍ତାନଙ୍କୁ ସେ ଭ୍ରମର ସ୍ମୃତିବଳରୁ ତୋଳାଇବ । ଏହା ଉଚ୍ଚବଂଶ ବା ବଂଶ ଶଭାନରେ ହେଲା ବା କଳିଯୁଗରେ ହେଲା, ଏଥା ତୋଳାଯାଇ ନ ପାରେ । ଆମ ଗୋସାଇଁ ମଧ୍ୟ ଭାଗବତରୁ 'ଯୁଗେ ଯୁଗେ ଏହିମତେ, ପରମ ନନ୍ଦ ଏ ଜଗତେ' ପଦକୁ ବାହାର କରିଅଛନ୍ତି । ହେ ଉତ୍କଳୀୟ ଭାଇମାନେ, ବହୁତ ବହୁତ 'ଦୋ' ଏବଂ 'ପଦ୍ମଚାଳା' ହୋଇଗଲାଣି । ଏଣିକି ଆଉ ଭଲ ଲାଗୁ ନାହିଁ । ଆଉ କେତେ ଦିନଯାଏ ଏହି ବୃଥା 'ଦୋ'ରେ ମାତିଥିବା ? ଆଉ କେତେ କାଳଯାଏ ତେଲ ମାଲିସ କରିବାକୁ ହେଉଥିବ ? ଆମ ଦେଶରେ କେହି ନାହିଁ, ଅମୁକ ଅପଦାର୍ଥ, ଅମୁକ ଅଲସୁଆ, ଏଁଡଥା [illegible] କରି କହିଦେଲେ କି ପାଠ ଛୁଣ୍ଡିଯିବ । ଘର ନିଆଁ ବୋଲି ଅଣ୍ଟାରେ ପୁରାଇଲେ ଚଳିବ ନାହିଁ । ଶିଳପଥା ପୂଜି ପୂଜି ମନ ଥୋକଏ ଖେଦଗଲାଣି । ଭୂଅଁ ବୁଲି ବୁଲି ଗୋଡ଼ ଥକି ଗଲାଣି । ଶୁଦ୍ଧ ପଢ଼ିଲ ପଢ଼ିଲ ବାତପୋଡ଼ା ହୋଇ ସାର ହେଲାଣି । ସବୁ ଆଡ଼େ ଉଲଟାପାଲଟା ଦେଖିଲି ଏ ଯୋଡ଼ିକ କଥା । ଏଥିରେ ଔଡ଼ଶାର ଦୋଷ, କି ଅଧୁନାର ସର୍ବନାଶର ଦୋଷ, କି କଳିଯୁଗର ଦୋଷ, କି ବିଶ୍ୱବ୍ରହ୍ମାଣ୍ଡର ଦୋଷ, କି ମୋର ଦୋଷାଦୃଷ୍ଟି କଳ୍ପନାର ଦୋଷ, କିଛି ଥିର କରି ପାରୁ ନାହିଁ । ମୁଁ ମଧ୍ୟ ଏ ଦୁଇ କଥା ଛାଡ଼ିବାକୁ ବହୁତ ଚେଷ୍ଟା କଲି, ତାହିଁରେ କିଛି ହେଲା ନାହିଁ । ମୁଁ ତାହାଙ୍କଠାରେ ଦୃଷ୍ଟିମାତ୍ର କରି ପାରୁ ନାହିଁ, ତାହାଙ୍କଠାରୁ ଅଭିଳଷିତ ବସ୍ତୁ ନ ପାଇଲି ବୋଲି ସାହସରେ କହୁ ନାହିଁ—ନର୍ମଦେଶୀ ମାନଙ୍କ ମଧ୍ୟ ଛନ୍ଦପଟ ଚୋଠ କହୁଅଛି; ନୂଆଁ ନୂଆଁ ନାମ କେତେ କେତେ ରୂପରେ 'ଦୋ' ହୋଇଗଲା । ନିଖିଳ ସମ୍ମିଳନୀର 'ଦୋ', ହେପାଜତଶୀଳର 'ଦୋ', ସମ୍ମିଳନୀ ସେବକସମାଜର 'ଦୋ', ଅଭିନନ୍ଦନ 'ଦୋ', ଶତ୍ରୁସମ କନ୍ଫରେନ୍ସ 'ଦୋ', ସଂସ୍କୃତପାଠଶାଳା 'ଦୋ', ସାହିତ୍ୟ ସଭା 'ଦୋ' ଏହିପରି କେତେ ବିଭାଗ 'ଦୋ' । ସମାଜସମ୍ସାର 'ଦୋ', ଉଦ୍ୟୋଗବାଦ 'ଦୋ', ଯୁବକ ସଭାର 'ଦୋ' ଇତ୍ୟାଦି ଇତ୍ୟାଦି । ଥରେ ଭାବି ଦେଖିଲ, ଏ 'ଦୋ' ନୂଆଁ ନୂଆଁ ହୋଇଥାଇ ତାଙ୍କର ଅନନ୍ତ ସମୁଦ୍ରରେ ଭାସି ଯାଉଅଛୁ । ଏହିପରି କେତେ ଦିନ କଟିବ ? ମୁଁ ମଧ୍ୟ ଏହି 'ଦୋ'ରେ ମାତିଛି । ସବୁ ବୁଝୁଛି, ତେବେ ବି ସେହି 'ଦୋ'ରେ ମାତୁଛି । ଏଥିର କି ଉପାୟ କରିବା, ଉତ୍କଳର ନେତା ଓ ଶିକ୍ଷିତ ପଣ୍ଡିତମାନେ ଅନୁଗ୍ରହ କରି ଉତ୍ତର ଦେବେ । ଆଉ ମଧ୍ୟ ମୁଁ ଥରେ ହାତ ଯୋଡ଼ି ନମ୍ରଭାବରେ ପ୍ରାର୍ଥନା କରୁଅଛି, କି କାର୍ଯ୍ୟ ହେଲା ? ଖାଲି 'ଦୋ'ରେ ନ ମାତି ସଭଳତାରେ ଥାଉଥିବା ଯେତେ ମନ କ୍ଷେତ୍ରରେ ଯଥାଶକ୍ତି କାର୍ଯ୍ୟ କଲେ ଅବଶ୍ୟ ଦେଶର ଉପକାର ହେବ ଓ ନିଜର କର୍ତ୍ତବ୍ୟ କର୍ମ ସମ୍ପାଦନ ହେବ । 'ମାତୃ ଭୂମି ସର୍ବ ସ୍ୱର୍ଗାଦପି' କଥା ଠିକ, 'ଦୃଢ଼ଂ ମନୋବାଞ୍ଛା ଚ ଦୁର୍ଲଭଂ କରଂ' କଥାଟା ମଧ୍ୟ ଭୁଲି ନାହିଁ ।

ଶ୍ରୀ [illegible]ପାଣି ।

ମତଭେଦ ।

ପୃଥିବୀରେ ପ୍ରାୟ ସବୁଦିନ କୌଣସି ଏକ ବା ଅନେକ ବିଷୟ ନେଇ ଲୋକେ ଭିନ୍ନ ଭିନ୍ନ ମତ ପ୍ରକାଶ କରିଥାନ୍ତି । ଏହି ଭିନ୍ନ ଭିନ୍ନ ମତ କୌଣସି କୌଣସି ସ୍ଥାନରେ ସ୍ପଷ୍ଟ ଭାବରେ ପ୍ରକାଶିତ ହୁଏ, ଅଥବା [illegible] ଅନେକ ସମୟରେ କୌଣସି କୌଣସି [illegible] ଗୋଟିଏ ମାତ୍ର ମତ ପ୍ରକାଶିତ ହୋଇ, [illegible] ମତ ଅପ୍ରକାଶ୍ୟ ହୋଇଥାଏ । [illegible] ଏକ

ସମ୍ବନ୍ଧରେ ... ପ୍ରକାଶର କେବଳ ସୀମା ଅଛି ... କେତେକାଂଶ ମତ ତାହା ସାଧାରଣତଃ କାର୍ଯ୍ୟରେ ପରିଣତ ହେବାର ... । ପଣ୍ଡିତମାନଙ୍କଠାରୁ "କେହି ... ମୁଣ୍ଡେ ମୁଣ୍ଡେ ମତିର୍ଭିନ୍ନା କୁଣ୍ଡେ କୁଣ୍ଡେ ନବଂ ପୟଃ" ଏ ଉକ୍ତି ଅମ୍ଭେମାନେ ସର୍ବଦା ଶୁଣିଥାଉଁ; ଆଉ ମଧ୍ୟ 'ମୁଣ୍ଡ ଗୋଟିଏ ମତ ଗୋଟିଏ' ଏପରି ଗୋଟିଏ ଚଳିଆ ପ୍ରବାଦ ଅଛି । ଏଥିରୁ ଏହା ବୁଝାଯାଏ ଯେ ଯେ କୌଣସି ବିଷୟରେ ଲୋକଭେଦରେ ମତ ନାନାପ୍ରକାର ହୋଇ ପାରେ । ସାଂସାରିକ କାର୍ଯ୍ୟ-କ୍ଷେତ୍ରରେ ସାମାନ୍ୟ ବିଷୟ ଘେନି ଲୋକ-ସଂଘରେ ମତଭେଦ ଅମ୍ଭେମାନେ ଶୁଣୁ ଓ ଜାଣିବାକୁ ଏହା ଘୋର ବିବାଦରେ ମଧ୍ୟ ପରିଣତ ହୋଇଥିବାର ଭୂରି ଭୂରି ପ୍ରମାଣ ମିଳ-ଅଛି । ସେ ଯାହାହେଉ, ଏହି ନାନାପ୍ରକାର ମତକୁ ବିଶ୍ଳେଷଣ କଲେ ଏହା ଜଣାଯିବ ଯେ ସେଗୁଡ଼ିକ କେତେକ ବିଷୟର ଅନୁକୂଳ ଓ ଅବଶିଷ୍ଟ ତାହାର ପ୍ରତିକୂଳ । 'ଅମୁକ ବିଷୟରେ ମତଭେଦ ଉପସ୍ଥିତ ହୋଇଅଛି' ଏଥିରୁ ଅମ୍ଭେ-ମାନେ ଏହା ବୁଝିଥାଉଁ ଯେ ଅମୁକ ବିଷୟରେ ଅମୁକ ଅମୁକ ଲୋକ ଅନୁକୂଳ ଓ ଅମୁକ ଅମୁକ ଲୋକ ପ୍ରତିକୂଳ ମତ ପ୍ରକାଶ କରିଅଛନ୍ତି ।

ସଂସାରରେ କେତେଗୁଡ଼ିଏ ବିଷୟ ଅଛି, ଯେଉଁଥିରେ ମତାନ୍ତର ହୋଇ ନ ପାରେ; ଯଥାଃ—ଏକରେ ଏକ ମିଶାଇଲେ ଦୁଇ ହେବ, ତାପରେ ଲୋହା ଗଳିଯାଏ, ଜଳରେ ଅଗ୍ନି ନିର୍ବାପିତ ହୁଏ, ଇତ୍ୟାଦି । ଏଗୁଡ଼ିକ ସମସ୍ତେ ସ୍ୱୀକାର କରନ୍ତି ଓ କରିବେ । ଆଉ ମଧ୍ୟ କେତେକ ବିଷୟରେ ଲୋକେ ବିଭିନ୍ନ ମତ ପ୍ରକାଶ କରି ପାରିବେ ନାହିଁ ଓ କଲେ ଦଣ୍ଡିତ ହେବେ, ରାଜନ୍ୟବର୍ଗଙ୍କଦ୍ୱାରା ଏପରି ବ୍ୟବସ୍ଥା ହୋଇଥାଏ । ପ୍ରୋକ୍ତ ବିଷୟମାନଙ୍କ ଛଡ଼ା ଅନ୍ୟାନ୍ୟ ବିଷୟରେ ଲୋକେ ନିଜ ନିଜ ଯୁକ୍ତିଯୁକ୍ତ ମତ ପ୍ରକାଶ କରିବାକୁ ସମ୍ପୂର୍ଣ୍ଣ ସ୍ୱାଧୀନ ଓ ସେମାନଙ୍କର ମତ ନାନାରି ଉପଯୋଗୀ ହୁଏ । ସମସ୍ତଙ୍କର ସ୍ୱ ସ୍ୱ ମତ ଦେବାକୁ ଅଧିକାର ଥିଲେହେଁ, ସମସ୍ତେ ତାହା ଗଠନ କରିବାକୁ ସକ୍ଷମ ନୁହନ୍ତି । କାରଣ ସମସ୍ତେ ବିଷୟଟି ବୁଝିବାକୁ ସମର୍ଥ ନୁହନ୍ତି, ବା ବିଷୟଟି ପରିଷ୍କାର ବୁଝିଲେ ମଧ୍ୟ ତାହାର ସମ୍ୟକ୍ ଆଲୋଚନା କରି ପାରନ୍ତି ନାହିଁ । ଯେଉଁମାନଙ୍କର ସବିଶେଷ ଜ୍ଞାନ ଅଛି, ସ୍ୱାଧୀନ ବିବେଚନା କରିବାର ଶକ୍ତି ଅଛି, ଯେଉଁମାନେ ବିଷୟଟିର ଚିନ୍ତା କରିଥାନ୍ତି ସେମାନଙ୍କର ମତ ପ୍ରକାଶିତ ହେବା ସର୍ବଥା ବାଞ୍ଛନୀୟ । କୌଣସି ବିଷୟରେ ମତ ସ୍ଥିର କରାଗଲେ କେବଳ ଏହିମାନଙ୍କର ମତ ଅପେକ୍ଷା କରାଯାଇଥାଏ ।

ମତ ପ୍ରକାଶ କରିବାର ଅଧିକାର ସମସ୍ତଙ୍କର ଅଛି ବୋଲି ଯେ ଅକାରଣ ମତାନ୍ତର ପ୍ରକାଶ କରିବା ଉଚିତ, ତାହା ନୁହେଁ । ଯେଉଁମାନଙ୍କର ଏପରି ବୁଦ୍ଧିବୃତ୍ତି ନାହିଁ, ସେମାନେ ମତ ପ୍ରକାଶ କରିବାର ଉପଯୁକ୍ତ ପାତ୍ର ନୁହନ୍ତି । ଏ ଶ୍ରେଣୀର ଲୋକେ କହନ୍ତି 'ଭଲ ହେଉ, ମନ୍ଦ ହେଉ, ଆମ୍ଭର ଗୋଟିଏ ମତ ଦେବାର କଥା, ଅମ୍ଭେ ଏହି ମତ ଦେଲୁ' । ଏଥିରୁ ସ୍ପଷ୍ଟ ବୁଝାଯାଉଅଛି ଯେ ଏମାନଙ୍କ ମତ ଭଲ କି ମନ୍ଦ, ବିଷୟୋ-ପଯୋଗୀ କି ନା, ଯୁକ୍ତିଯୁକ୍ତ କି ନା, ଏ ସମସ୍ତ କଥା ସେମାନେ ଭାବି ନଥାନ୍ତି । ଏପରି ମତ-ଦାତାଙ୍କ କଥାରେ କାହାର କିଛି ଆସ୍ଥା ନ ଥାଏ ଏବଂ ଏମାନଙ୍କ ବିଷୟ ଆଦୌ ଆଲୋଚ୍ୟ ନୁହେଁ ।

ଅମ୍ଭମାନଙ୍କ ମନରେ ଅନେକ ସମୟରେ ଅନେକ ଭ୍ରାନ୍ତ ଧାରଣା ସ୍ଥାନ ପାଇଥାଏ; ବିଶେଷ ଅନୁସନ୍ଧାନ କରି କଥାଟା ଭଲ କି ମନ୍ଦ ତାହା ବୁଝିବାକୁ ସବିଶେଷ ଚେଷ୍ଟା ନ କରି ଗୋଟିଏ କଥା ଶୁଣିଲେ ଭ୍ରାନ୍ତ ଧାରଣା ମନରେ ପୋଷିଥାଉଁ । ବର୍ତ୍ତମାନ ମତଭେଦର କାରଣ ସମ୍ବନ୍ଧରେ ଅମ୍ଭମାନଙ୍କର ଏହିପରି ଗୋଟିଏ ଭ୍ରାନ୍ତ ଧାରଣା ଅଛି; ତାହା ଏହି—କି, କୌଣସି

ବିଷୟରେ ହେଉ, ମତଭେଦ ହେବା ଅବଶ୍ୟମ୍ଭାବୀ ବା ହେବା ଯେପରି ଆବଶ୍ୟକ; କାରଣ ଅନେକ ବିଷୟ ସେନେ ମତଭେଦ ଉପସ୍ଥିତ ହୋଇଥିବାର ଦେଖାଯାଉଅଛି। ଏହାର ଅର୍ଥ କିଛି ବୁଝାଯାଏ ନାହିଁ; କେତେଗୁଡ଼ାଏ ଦୃଷ୍ଟାନ୍ତ ଦେଖି ଗୋଟିଏ ସାଧାରଣ ନିୟମ ସିଦ୍ଧାନ୍ତ କରିବା ସବୁବେଳେ ନିର୍ଭୁଲ ନୁହେ । ଯେଉଁମାନେ ଏ ଭୁଆଁରଣାର ବଶବର୍ତ୍ତୀ ସେମାନେ ସ୍ୱୀୟ ବିଷୟ ଭଲ ମନ୍ଦ କିଛି ବିବେଚନା ନ କରି 'ଗୋଟାଏ ମତଭେଦ ହେବା ଆବଶ୍ୟକ' କେବଳ ଏହି ଜ୍ଞାନରେ ବିରୁଦ୍ଧ ମତ ପ୍ରକାଶ କରିଥାନ୍ତି । ଏ ଭୁଆଁରଣାଟି ଯେତେ ଶୀଘ୍ର ଅମ୍ଭମାନଙ୍କ ମନରୁ ଅପସାରିତ ହୁଏ ସେତିକି ସମାଜର ମଙ୍ଗଳ । କେହି କେହି ସ୍ୱାର୍ଥବଶତଃ, ଦ୍ୱେଷବଶତଃ କିମ୍ବା ନିଜର ଅବାଧତା ବା ନିର୍ବୋଧତା ଯୋଗୁଁ ମନ୍ତବ୍ୟର ପ୍ରକାଶ କରି ଗୋଟିଏ 'ହୋ' ଉଠାଉ ଦେଉଥାନ୍ତି। ଏ ଶ୍ରେଣୀର କେବେ ନିଜ ମତର ଅସାରତା ଉପଲବ୍ଧି କରି ସୁଦ୍ଧା ବିପକ୍ଷ ମତ ପ୍ରତି ଆକୃଷ୍ଟ ହୋଇ ଉଦ୍ଦେଶ୍ୟସାଧକ ପ୍ରତି ବାଦାନୁବାଦ ବିଘ୍ନ ଘଟାଉଥାନ୍ତି । ଏମାନେ ସମାଜର ଶତ୍ରୁ ଓ ଘୋର ଅନିଷ୍ଟକାରୀ ।

ମତଭେଦ କାରଣ ଭେଦରେ ଦୁଇ ଭାଗରେ ବିଭକ୍ତ କରାଯାଇ ପାରେ, ଯଥା:—ଅକାରଣ ମତଭେଦ ଓ ସକାରଣ ମତଭେଦ । ପୂର୍ବୋକ୍ତ ପ୍ରକାରରେ ମତଭେଦ ଉପସ୍ଥିତ ହେଲେ ତାହାକୁ ଅକାରଣ ମତଭେଦ ବୋଲାଯିବ । ଏହା ଘୃଣ୍ୟ ଓ ଉପେକ୍ଷଣୀୟ । ଏହାଦ୍ୱାରା ସମାଜର ମଙ୍ଗଳ ସାଧିତ ନ ହୋଇ ବରଂ ବିଶେଷ ଅପକାର ସଂଘଟିତ ହୋଇଥାଏ। ଏହା ସର୍ବଥା ପରିହାର୍ଯ୍ୟ।

ବର୍ତ୍ତମାନ ଇଂରାଜ ଶାସନକାଳରେ ଭାରତବାସୀ କେତେକ ନୂତନ ଅଧିକାର ପାଇଅଛନ୍ତି ଓ ପ୍ରତିଦିନରେ କେତେଗୁଡ଼ାଏ ଲାଭ କରୁଅଛନ୍ତି । ଧର୍ମ, ସମାଜନୀତି, ରାଜନୀତି ସମ୍ବନ୍ଧରେ ସମସ୍ତଙ୍କର ନିଜ ନିଜ ମତ ବ୍ୟକ୍ତ କରିବାର ଅଧିକାର ଅଛି । ପୂର୍ବେ ଏପ୍ରକାର ଅଧିକାର ଥିଲା କି ନାହିଁ ତାହା ବର୍ତ୍ତମାନ ଆଲୋଚ୍ୟ ନୁହେ । ତେବେ ବର୍ତ୍ତମାନ ଯେ ଏ ଅଧିକାର ସ୍ୱୀକୃତ ହୋଇଅଛି ଏହା ସୁନିଶ୍ଚିତ । ଯେ କୌଣସି ବିଷୟରେ ମତ ପ୍ରକାଶିତ ହେଉ, ଯେ କେହି ଲୋକ ମତ ପ୍ରକାଶ କରୁ ମତଟି ବାସ୍ତବ ଉପଯୋଗୀ, ଯୁକ୍ତିଯୁକ୍ତ, ସରଳ ଓ [illegible] ହେବା ବାଞ୍ଛନୀୟ ।

ପୂର୍ବେ ଯାହା ଯାହା ବୋଲାଯାଇଅଛି ସେଥିରୁ ଏହା ପ୍ରତିପନ୍ନ ହେବ ଯେ କେତେକ ବିଷୟରେ ଅମ୍ଭେମାନେ ମତ ପ୍ରକାଶ କରି ନ ପାରି ଅନ୍ୟାନ୍ୟ ବିଷୟରେ ମତ ପ୍ରକାଶ କରିପାରିବା, ସମସ୍ତଙ୍କର ମତ ପ୍ରକାଶ କରିବାର ଉଚିତ ନୁହେ, କେବଳ ଯେଉଁମାନେ ଚିନ୍ତାଶୀଳ ସେମାନଙ୍କର ମତ ଜିଜ୍ଞାସ୍ୟ, ଚିନ୍ତାଶୀଳ ବ୍ୟକ୍ତିମାନଙ୍କ ଅକାରଣରେ ମତଭେଦ ଘଟାଇବା ଅନୁଚିତ ଏବଂ କେବଳ ଯୁକ୍ତିସିଦ୍ଧ ମତ ଅପେକ୍ଷଣୀୟ । ସୁତରାଂ ଏବେ କହିଲେ ଚଳେ ଯେ ଅମ୍ଭମାନଙ୍କର ଚିନ୍ତିତ ବିଷୟମାନଙ୍କରେ ଚିନ୍ତାଶୀଳ ବ୍ୟକ୍ତିମାନଙ୍କର ଯୁକ୍ତିସଙ୍ଗତ ଓ ସକାରଣ ମତ ପ୍ରକାଶିତ ହେବା ଓ ତାହା ସମାଜର ଆଦରଣୀୟ ହେବା ବାଞ୍ଛନୀୟ। ବର୍ତ୍ତମାନ ସକାରଣ ମତଭେଦ ସମ୍ବନ୍ଧରେ କିଛି କହିବୁ । ଉପଯୁକ୍ତ କାରଣମାନଙ୍କ ଯୋଗୁଁ ମତଭେଦ ଉପସ୍ଥିତ ହୋଇଥିବାର ଅନେକ ସମୟରେ ଅମ୍ଭେମାନେ ଦେଖୁ। ଏପରି ମତଭେଦ ଅମ୍ଭମାନଙ୍କର ଆଦରର ବସ୍ତୁ, ଉନ୍ନତିର ସୋପାନ ବୋଲି ଅମ୍ଭେମାନେ କହୁଁ । ଏପରି ମତଭେଦ ସର୍ବଦା ଓ ସର୍ବତ୍ର ବାଞ୍ଛନୀୟ; ଏହାର ସ୍ଥାନ, କାଳ, ପାତ୍ର ଅନିର୍ଦ୍ଦିଷ୍ଟ । ଯେଉଁ ସ୍ଥାନରେ ହେଉ, ଯେଉଁ ସମୟରେ ହେଉ, ଯେଉଁ ବିଷୟ ସେନେ ହେଉ, ଯେଉଁମାନଙ୍କ ମଧ୍ୟରେ ହେଉ ଏହା ସର୍ବଥା ଶୋଭନୀୟ । ସ୍ତ୍ରୀ ପୁରୁଷ, ପିତା ପୁତ୍ର, ଭ୍ରାତା ଭଗିନୀ, ପ୍ରଭୁ ଭୃତ୍ୟ, ସ୍ୱଜନ ପରଜନ, ଜାତି ଜାତି ଯେ ତାହାମଧ୍ୟରେ

ସେପରି ସମସ୍ତେ ଏପରି ଅପୂର୍ବ ଜ୍ଞାନ ଲଭି, ତାଙ୍କ ଏହା ସୁଫଳପ୍ରଦ ବୋଲି ଅବଧାରଣୀୟ । ସ୍ୱାଧୀନ ମତ ପ୍ରକାଶ ପ୍ରତି ଯେଉଁମାନେ ବାଧା ଦିଅନ୍ତି କିମ୍ବା ସେପରି ମତ ଉପେକ୍ଷା କରନ୍ତି, ସେମାନେ ସମାଜର ଶତ୍ରୁ ଓ ଦ୍ୱେଷ୍ୟ । ଅଦ୍ୟ ମଧ୍ୟ ଯେଉଁ ଦେଶରେ ଜାତି ମଧ୍ୟରେ ଏପରି ମତ ପ୍ରକାଶର ପୂର୍ଣ୍ଣ ଅଧିକାର ଅଛି ସେ ଦେଶ ଓ ଜାତିର ଉନ୍ନତି ଓ ଗୌରବ ସୁନିଶ୍ଚିତ । ଇଂରେଜ ଜାତିର ଏପରି ଅଭ୍ୟୁଦୟର ମୂଳମନ୍ତ୍ର କଣ ? ଆମ୍ଭମାନଙ୍କ କ୍ଷୁଦ୍ର ମତରେ ଏହି ଜାତିର ମୂଳମନ୍ତ୍ର ସ୍ୱାଧୀନ ଚିନ୍ତା ଓ ନିୟମାଧୀନତା । ପୂର୍ବରେ ଆମ୍ଭମାନଙ୍କ ଦେଶ ମଧ୍ୟ ଏକସମୟରେ ପୃଥିବୀରେ ଉଚ୍ଚତମ ସ୍ଥାନ ଅଧିକାର କରିଥିଲା; ସେତେବେଳେ ଆମ୍ଭ ଜାତିର ମୂଳମନ୍ତ୍ର ଥିଲା କେବଳ ସ୍ୱୀକାର ଓ ଦଳପତିର ଅନ୍ୱେଷାପେକ୍ଷିତା । ବର୍ତ୍ତମାନ ଯାହା ଆମ୍ଭେମାନେ ଦେଖୁ ଅଛୁ; ଅନେକ ଅନେକ କଥା ଶୁଣୁଅଛୁଣି, ଯା ମଧ୍ୟରେ ଏହା ମଧ୍ୟ ଗଲାଣି । ଆମ୍ଭମାନଙ୍କର ଅବସ୍ଥା ବଡ଼ ଶୋଚନୀୟ; ଯାହା ପୂର୍ବେ ଥିଲା ତାହା ଦୂର ହେଉଅଛି, ଲୋପ ପାଉଅଛି, ଅଥଚ ନୂତନ କିଛି ତାହାର ସ୍ଥାନ ଅଧିକାର କରୁ ନାହିଁ । ଦୂର ଭାବରେ ଗୋଡ଼ ଦେଲେ ଯେପରି ଅନିଷ୍ଟର ଶଙ୍କା ହୋଇଥାଏ, ଆମ୍ଭମାନଙ୍କର ବର୍ତ୍ତମାନ ତଦପେକ୍ଷା ଅଧିକତର ଶୋଚନୀୟ । ଇଂରେଜ ସଭ୍ୟତା ଇଂରେଜ ସଭ୍ୟତା ବୋଲି ଚିନ୍ତାର କରିବାରେ ଯୁକ୍ତି ନାହିଁ, କିନ୍ତୁ ଆମ୍ଭେମାନେ ସଭ୍ୟତାର ମୂଳମନ୍ତ୍ର ପାସୋରିଅଛୁଁ । ଯାହାହେଉ ବର୍ତ୍ତମାନ ଏସମସ୍ତ ବିଷୟ ଆମ୍ଭମାନଙ୍କର ଆଲୋଚ୍ୟ ନୁହେ । କେବେ ସ୍ୱାଧୀନଚିନ୍ତା ଓ ନିୟମାଧୀନତା ସମ୍ବନ୍ଧରେ ଦୁଇ ଏକ କଥା କହିବା ବୋଧ ହୁଏ ଅପ୍ରାସଙ୍ଗିକ ହେବ ନାହିଁ । ଆମ୍ଭେମାନେ ବର୍ତ୍ତମାନ ଦେଖା ସ୍ୱୀକାର କରିବାକୁ ସର୍ବଥା ପ୍ରସ୍ତୁତ, ଅଥଚ ସ୍ୱାଧୀନତାର ମର୍ମ କଣ ତାହା ବୁଝି ନାହୁଁ ବା ବୁଝିଲେ ସେପରି ଆଚରଣ କରୁ ନାହୁଁ, ସୁତରାଂ କୌଣସି ଉନ୍ନତି ହେଉ ନାହିଁ । ପୂର୍ବଜଙ୍କ ପାଣ୍ଡିତ୍ୟ ଓ ଧର୍ମଜୀବନ, ପାଶ୍ଚାତ୍ୟ ସଭ୍ୟତାର ଲବଣ ମାତ୍ର ଆୟୁଅଛୁ, କେହି ସେଥିରେ ବାଧା ଦେଇ ପାରିବେ ନାହିଁ । ଯେତେ ଶୀଘ୍ର ଆମ୍ଭେମାନେ ଭାବର ଅନୁସରଣ କରୁଁ ସେତେକ ଆମ୍ଭମାନଙ୍କର ମଙ୍ଗଳ ଏହା ସ୍ୱତଃସିଦ୍ଧ । ଅତଏବ ଯେଉଁମାନେ ଏହାର ପ୍ରତିକୂଳାଚରଣ କରୁଅଛନ୍ତି ସେମାନଙ୍କ ଚେଷ୍ଟା ନିନ୍ଦନୀୟ ଓ ଉନ୍ନତିବାଧୀ ।

'ସ୍ୱାଧୀନଚିନ୍ତା'ର ଅର୍ଥ ଏହି ଯେ ଲୋକେ ସମସ୍ତେ ସ୍ୱାଧୀନ ଭାବରେ ଚିନ୍ତା କରି ନିଜ ନିଜ ମତ ସ୍ଥିର କରି ପାରିବେ ଓ ତଦନୁଯାୟୀ କାର୍ଯ୍ୟ କରି ପାରିବେ । ଅମୁକ ବ୍ୟକ୍ତି ଏପରି କହୁଅଛି, ମୁଁ ତାହାର ଅନ୍ୟଥା କିପରି କହିବି ବା କରିବି, ଏହା ଯେପରି ଅନିଷ୍ଟକର, ସେ ଏପରି କହୁଅଛନ୍ତି, ମୁଁ ତାହାଙ୍କ ମତ ଗ୍ରହଣ କରିବି, ମୁଁ ଅବଶ୍ୟ କିଛି ଗୋଟାଏ ଭିନ୍ନ କଥା କହିବି ଓ ଅନ୍ୟ ପ୍ରକାର କରିବି, ଏଭାବ ସେହିପରି ବା ତତୋଽଧିକ ଅନିଷ୍ଟକର । ଯେଉଁ ସମାଜର ଲୋକେ ସ୍ୱାଧୀନ ଚିନ୍ତାର ପକ୍ଷପାତୀ, ସେମାନେ ସମାଜର ନିୟମ ପ୍ରତି ଅତ୍ୟନ୍ତ ଆସ୍ଥା ଦେଖାଇଥାନ୍ତି । ସ୍ୱାଧୀନଭାବରେ ଚିନ୍ତା କରି ଅଧିକାଂଶ ଲୋକ ଯେଉଁ ନିୟମ ସ୍ଥାପନ କରିବେ ତାହା ସେମାନଙ୍କର ତଥା ସମାଜର ଶିରୋଧାର୍ଯ୍ୟ । ଅତଏବ 'ସ୍ୱାଧୀନଚିନ୍ତା'ର ଅପବ୍ୟବହାର ନିୟମାଧୀନତା ଦ୍ୱାରା ଦୂରୀକୃତ ହୋଇଥାଏ । ପକ୍ଷାନ୍ତରେ ଯେଉଁ ସମାଜରେ ସ୍ୱାଧୀନଚିନ୍ତା ସ୍ଥାନ ପାଇ ନାହିଁ, ସେ ସମାଜର ସମସ୍ତେ ସମାଜର ହିତାହିତ ସମ୍ବନ୍ଧରେ ନ ଭାବି ନ ଚିନ୍ତି କୌଣସି ନେତା ଉପରେ ସେ ଭାର ଅର୍ପଣ କରନ୍ତି, ସେ ଯାହା ଭାବି ଚିନ୍ତି ସ୍ଥିର କରେ ତାହା ସମସ୍ତଙ୍କର ଶିରୋଧାର୍ଯ୍ୟ ହୁଏ । ଏ ଉଭୟ ମଧ୍ୟରେ ପ୍ରଭେଦ ଏତିକି ଯେ ଏକ ସମାଜରେ ସମାଜସ୍ଥ ଅଧିକାଂଶ ଲୋକ ଯାହା ଚିନ୍ତି ସମାଜର ନିୟମାବଳୀ ସ୍ଥିର କରନ୍ତି,

ଅନ୍ୟଟିରେ ଜଣେ ଦୁଇ ଜଣ ସେହି କାର୍ଯ୍ୟ ସମାଧା କରିଥାନ୍ତି । ଆମ୍ଭମାନଙ୍କ ଦେଶରେ, ଏହି ଭାରତରେ ଶେଷୋକ୍ତ ପ୍ରଥା ପ୍ରଚଳିତ ଥିଲା । ଯେଉଁ ଲୋକ ଯାହାର ବର୍ଣ୍ଣ, ସେ ଯାହା କରୁଥିଲା, ତାହା ପରିବାରସ୍ଥ ଅନ୍ୟ ସମସ୍ତଙ୍କର ବେଦ । ଜଣେ ବ୍ରାହ୍ମଣ ଯାହା କରୁଥିଲା ତାହା ବ୍ରାହ୍ମଣ ସମସ୍ତଙ୍କର ପାଳନୀୟ । ଶୂଦ୍ର ଗୃହଠାରୁ ବିସ୍ତୃତ ସାମ୍ରାଜ୍ୟ ପର୍ଯ୍ୟନ୍ତ ସର୍ବତ୍ର ଏହି ଏକ ଭାବର ଖେଳ ଥିଲା । ସେତେବେଳେ ଦଳପତି ଅଳ୍ପ ଆଶଙ୍କନୀୟ । ବର୍ତ୍ତମାନ ସମସ୍ତେ ଦୁର୍ବଳ କଥା ପରିହାର କରି ନୂତନ କଥାରେ ଅଗ୍ରସର, ସମସ୍ତେ ସ୍ୱାଧୀନଚିନ୍ତାପ୍ରିୟ; କିନ୍ତୁ ପରିତାପର ବିଷୟ ଏହି ଯେ ସ୍ୱାଧୀନଚିନ୍ତା-ପ୍ରସୂତ ଅନନ୍ତ ଜଞ୍ଜାଳର ସମୁପାତସ୍ୱରୂପ ନିୟମବାଧ୍ୟତା ତଥାପି ଅନୁକରଣକାରୀମାନେ ଭୁଲି ଯାନ୍ତି । ଅତଏବ ନାମମାତ୍ର ସ୍ୱାଧୀନଚିନ୍ତାର ଅନର୍ଥମାନ ଗୃହେ ଗୃହେ ଗ୍ରାମେ ଗ୍ରାମେ ପ୍ରଦେଶେ ପ୍ରଦେଶେ ପ୍ରବିଷ୍ଟ ହୋଇ ସମାଜର ପତନଦଶାକୁ ବିଶେଷ ସୁନିଶ୍ଚିତ କରି ଦେଉଅଛି ।

ସାଧାରଣ ମତଭେଦ ସମ୍ବନ୍ଧରେ ଏତେ କଥା କହାଗଲା, ମାତ୍ର କେଉଁ ଅବସ୍ଥାରେ ମତଭେଦକୁ ସାଧାରଣ ବୋଲାଯିବ, ତାହାର କିଞ୍ଚିତ ଆଲୋଚନା କରିବା ଆବଶ୍ୟକ । କୌଣସି କାର୍ଯ୍ୟ ବା ବିଷୟରେ ଭିନ୍ନ ଭିନ୍ନ ଲୋକେ ଭିନ୍ନ ଭିନ୍ନ ମତ ପ୍ରକାଶ କରିଥାନ୍ତି । ଯେଉଁ କାର୍ଯ୍ୟ ବା ବିଷୟରେ ଏକରୁ ଅଧିକ ଲୋକ ସଂସୃଷ୍ଟ, ସେହିଠାରେ ମତଭେଦ ହେବାର ସମ୍ଭାବନା । ସେଠାରେ କାର୍ଯ୍ୟ ବା ବିଷୟ ସମ୍ପର୍କରେ ପ୍ରତ୍ୟେକ ବ୍ୟକ୍ତି ମତ ସ୍ଥିର କରି ଅନ୍ୟମାନଙ୍କୁ ତାହା ଜଣାଇ ଦେବା କର୍ତ୍ତବ୍ୟ । ଏ କର୍ତ୍ତବ୍ୟରେ ଯେଉଁମାନେ ତ୍ରୁଟି କରନ୍ତି, ସେମାନଙ୍କଦ୍ୱାରା ସମାଜର କିଛି ଉପକାର ହେବାର ଆଶା କରାଯାଇ ନ ପାରେ । ସମାଜର ନିୟମ ପ୍ରତି ଅକାରଣ ଅବଜ୍ଞା ନ କରି ମୁକ୍ତକଣ୍ଠେ ମତ ପ୍ରକାଶ କରିବା ଓ ତାହା କାର୍ଯ୍ୟରେ ପରିଣତ କରିବାକୁ ଚେଷ୍ଟା କରିବା ସମାଜ ପ୍ରତି ବିଶେଷ ହିତକର । ଏପରି ମତ ବ୍ୟକ୍ତ କଲେ ଯଦି ମତଭେଦ ଉପସ୍ଥିତ ହୁଏ, ତେବେ ତାହାକୁ ଆମ୍ଭେମାନେ 'ସାଧାରଣ' ଆଖ୍ୟା ଦେବାକୁ କେବେହେଁ କୁଣ୍ଠିତ ହେବୁ ନାହିଁ ।

ସାଧାରଣ ମତଭେଦ ସମାଜ ପକ୍ଷରେ ନିତାନ୍ତ ପ୍ରୟୋଜନୀୟ ଏଥିରେ ଦ୍ୱିଧା ମତ ହୋଇ ନ ପାରେ । ସାଧାରଣତଃ ଜନସମଷ୍ଟିର କାର୍ଯ୍ୟଭାର କୌଣସି ଏକ ବ୍ୟକ୍ତିଙ୍କଠାରେ ବା ଅଳ୍ପ କେତେକ ଲୋକଙ୍କ ଉପରେ ନ୍ୟସ୍ତ ହୋଇଥାଏ । ଏହି ଭାରପ୍ରାପ୍ତମାନଙ୍କୁ ବିଶେଷ କ୍ଷମତା ଦିଆଯାଇଥାଏ ଯେ ସେମାନେ ଜନସମଷ୍ଟିର ମତ ପ୍ରତି ଅପେକ୍ଷା ନ କରି ନିଜ ନିଜ ମତ ଅନୁସାରେ କେତେକ କାର୍ଯ୍ୟ କରି ପାରନ୍ତି; ଅନ୍ୟ କେତେକ କାର୍ଯ୍ୟ କରିବା ବେଳେ ଜନସମଷ୍ଟିର ମତ ଅପେକ୍ଷା କରନ୍ତି । ଯେଉଁଠାରେ ମତ-ଦ୍ୱୈଧ ହେବାର ସମ୍ଭାବନା ନାହିଁ ସେଠାରେ ଜନସାଧାରଣଙ୍କ ମତ ଲୋଡ଼ିବାର ଆବଶ୍ୟକ ନାହିଁ, ପରନ୍ତୁ ଯେଉଁଠାରେ ଜନସାଧାରଣର ମତ ବିଭିନ୍ନ ହେବାର ଉପଯୁକ୍ତ କାରଣ ଅଛି ବା ଥିବାର ସମ୍ଭାବନା, ସେଠାରେ ସେମାନଙ୍କର ମତ ଲୋଡ଼ିବା ଏକାନ୍ତ ପ୍ରୟୋଜନୀୟ । ଏହା ସୁନିଶ୍ଚିତ ଯେ ଏକ ସମୟରେ ଦୁଇ ବା ତତୋଽଧିକ ବିଭିନ୍ନ ମତ ରକ୍ଷା କରାଯାଇ ନ ପାରେ, କେବଳ ଗୋଟିକର ଅନୁସରଣ କରିବାକୁ ହେବ । କିନ୍ତୁ ସେହି ଗୋଟିକ ମତ ସ୍ଥିର କରିବା ନିମିତ୍ତ ଜନସାଧାରଣଙ୍କ ମତ ଲୋଡ଼ିବା ଏକାନ୍ତ ଆବଶ୍ୟକ । ସେହି ମତଟି ଅଧିକାଂଶ ଲୋକଙ୍କଦ୍ୱାରା ଅନୁମୋଦିତ ହେଲେ ନିୟମରେ ପରିଣତ ହୋଇଗଲା । ମାତ୍ର ଯଦି ଜନସାଧାରଣ ଭାରପ୍ରାପ୍ତଙ୍କୁ କେତେକ କାର୍ଯ୍ୟରେ ସମ୍ପୂର୍ଣ୍ଣ କ୍ଷମତା ଦେଇଥାନ୍ତି, ସେ ସ୍ଥଳରେ ତଥା ସେଠାରେ ବୁଝିବାକୁ ହେବ ଯେ-ସେ ଲୋକର ଯାହା ମତ

ତାହା ଜନସାଧାରଣଙ୍କ ମନ ହେବାର ଚିହ୍ନଣୀୟ । ସର୍ବଦା ଭାରତବର୍ଷର ଶାସନକର୍ତ୍ତା ପ୍ରଚଳିତ ଥିଲା ଓ ଯେ ସର୍ବଶ୍ରେଷ୍ଠ ଜ୍ଞାନ, ବୁଦ୍ଧିମାନ୍, ସେମାନଙ୍କ ହିନ୍ଦୁ ଭାର ଅର୍ପିତ ହୋଇଥିଲା । ଏ ରୀତିର ଅପବ୍ୟବହାରଦ୍ୱାରା ଅମ୍ଭମାନଙ୍କ ଦେଶରେ ଅନେକ କୁଫଳ ଫଳିଅଛି ।

ସମାଜର ହିତସାଧନ ଉଦ୍ଦେଶ୍ୟରେ ଯେଉଁମାନେ ନିରପେକ୍ଷଭାବରେ ଅଭିସନ୍ଧି ଶୂନ୍ୟ ହୋଇ ସ୍ୱ ସ୍ୱ ମତ ପ୍ରକାଶ କରନ୍ତି, ସେହିମାନେ ସମାଜର ଉପକାରୀ । ଏ ଶ୍ରେଣୀର ଲୋକେ ଯେତେବେଳେ ନିଜ ମତର ଅସାରତା ଉପଲବ୍ଧି କରନ୍ତି ସେତେବେଳେ ଅନ୍ୟର ମତରେ ଯାହା ସାର ଥାଏ ତାହା ଗ୍ରହଣ କରିବାକୁ କୁଣ୍ଠିତ ହୁଅନ୍ତି ନାହିଁ । ଏମାନଙ୍କଠାରୁ କେବେହେଲେ ଅନିଷ୍ଟର ଆଶଙ୍କା ନ ଥାଏ ।

ଅନେକ ସମୟରେ ମତଭେଦଦ୍ୱାରା ସମାଜର ଘୋର ଅପକାର ହୋଇଥିବାର ପ୍ରମାଣ ଅଛି । ସମାଜର ସମସ୍ତ କାର୍ଯ୍ୟରେ ଅମ୍ଭମାନଙ୍କର ବିଶେଷ ସତର୍କ ହେବାର ଉଚିତ । ହୁଏତ କେହି-କେହି ଉପକାରୀ ବ୍ୟକ୍ତି ସାଧାରଣଙ୍କ ଭ୍ରମରେ ଦେଶର ହିତକର ଆନ୍ଦୋଳନର ପ୍ରତିକୂଳାଚରଣ କଲେ ଓ ସେମାନଙ୍କ ମତ ଅଧିକାଂଶଙ୍କଦ୍ୱାରା ଅନୁମୋଦିତ ହେବାରୁ ସଦନୁଷ୍ଠାନ ପ୍ରତି ବ୍ୟାଘାତ କଲେ, ଏପରି ଉଦାହରଣ ମଧ୍ୟ ମିଳେ । ପରନ୍ତୁ ଏପରି ହୋଇପାରେ ଯେ ଜଣେ ନିରପେକ୍ଷ ଭାବରେ ସଦୁଦ୍ଦେଶ୍ୟରେ ତାହାର ମତ ପ୍ରକାଶ କରିଅଛି, କିନ୍ତୁ ପରେ ନାନା କାରଣରୁ ତାହାର ବିରୁଦ୍ଧ ମତବାଦୀଙ୍କ ସଙ୍ଗେ ଘୋର ବିବାଦ ଉପସ୍ଥିତ ହେଲା ଓ ସେହି ବିବାଦ ଯୋଗୁଁ ସମାଜର ଭାବୀ କାର୍ଯ୍ୟ ପ୍ରତି ବାଧା ଜନ୍ମିଲା । ଅମ୍ଭମାନଙ୍କ ମଧ୍ୟରେ ଅବଶ୍ୟମ୍ଭାବୀ ମତଭେଦ ଯେପରି ବିବାଦରେ ପରିଣତ ନ ହୁଏ ଏଥିପ୍ରତି ଅମ୍ଭମାନଙ୍କର ସତର୍କ ହେବା ଉଚିତ । ମତାନ୍ତର ମାନ ପ୍ରକାଶିତ ହେଲା ପରେ ଜନସାଧାରଣଙ୍କଦ୍ୱାରା ଯେଉଁ ମତ ସ୍ୱୀକୃତ ହେଲା, ତାହା ସମସ୍ତଙ୍କର ଶିରୋଧାର୍ଯ୍ୟ, ଆଉ ମତଭେଦ ରହିବାର କାରଣ ରହିଲା ନାହିଁ, ଠିକଣାକ ସେହି ମତଟି ସମସ୍ତଙ୍କ ପକ୍ଷରେ ବେଦର ତୁଲ୍ୟ ସ୍ୱରୂପ ହେବା ଉଚିତ !

ସମୟ ସମୟରେ ଜନସାଧାରଣ ଭ୍ରାନ୍ତ ମତ ଅନୁମୋଦନ କରିଥାନ୍ତି । ନିଜ ମତ ଭ୍ରାନ୍ତ ନୁହେଁ ବୋଲି ଯେଉଁମାନଙ୍କର ଦୃଢ଼ ବିଶ୍ୱାସ ଅଛି, ସେମାନେ କିପରି ଜନସାଧାରଣଙ୍କର ଅନୁସରଣ କରିବେ ? କରିବା ବାଞ୍ଛନୀୟ କି ? ଯଦି କେହି କେହି ଏପରି ପ୍ରଶ୍ନ କରନ୍ତି ସେମାନଙ୍କ ପ୍ରତି ଅମ୍ଭମାନଙ୍କର ବକ୍ତବ୍ୟ ଏହି ଯେ ଅଭ୍ରାନ୍ତ ମତବାଦୀମାନେ ଭ୍ରାନ୍ତ ମତଟିର ଅନୁସରଣ କରିବାକୁ ବାଧ୍ୟ, ସେମାନେ ତାହାର ଅନ୍ୟଥା କରି ପାରନ୍ତି ନାହିଁ । ତେବେ ସେମାନଙ୍କର ଆଉ ଏକ କର୍ତ୍ତବ୍ୟ ତାହା ସଙ୍ଗେ ସଙ୍ଗେ ରହିଅଛି । ସେମାନଙ୍କର ମତଟି ଅଭ୍ରାନ୍ତ ଥିବାରୁ ଜନସାଧାରଣଙ୍କୁ ସଦୁଦ୍ଦେଶ୍ୟରେ ସରଳଭାବରେ ବୁଝାଇବାକୁ ଯତ୍ନବାନ୍ ହେବେ । ଭ୍ରାନ୍ତ ମତଟି ପ୍ରତି ଆସ୍ଥା ଦେଖାଇ ଅଭ୍ରାନ୍ତ ମତ ପ୍ରବର୍ତ୍ତାଇବା ପାଇଁ ସେମାନଙ୍କର ଯଥାସାଧ୍ୟ ଚେଷ୍ଟା କରିବା ସର୍ବଥା ପ୍ରଶଂସାର୍ହ ।

ଇଂଲଣ୍ଡରେ ଅନେକ ପରସ୍ପର-ବିପକ୍ଷମତାବଲମ୍ବୀ ଦଳ ରହିଅଛନ୍ତି । ଅନେକେ ସେମାନଙ୍କର ଦଳାଦଳି ଦେଖି ବିସ୍ମିତ ହୋଇଥାଉଁ ଓ ସମୟ ସମୟରେ ଭାବୁଁ ଯେ ସେମାନଙ୍କ ମଧ୍ୟରେ ଏତେ ଦଳାଦଳି ଥାଉଁ ଥାଉଁ ଏକତା ରହିବା ଅସମ୍ଭବ । କିନ୍ତୁ ଏ ଭାବନା ନିତାନ୍ତ ନିରର୍ଥକ ନୁହେଁ କି ? ସେମାନଙ୍କ ମଧ୍ୟରେ ଯେ ଏକତା ଅଛି ଏଥିରେ ସନ୍ଦେହ ଅଛି କି ? ଏତେ ଦଳାଦଳି ଓ ଏଥିରେ ପୁଣି ଏକତା ! ଏହା ଅମ୍ଭମାନଙ୍କୁ ବଡ଼ ଅଦ୍ଭୁତ ଲାଗେ, କାରଣ ଅମ୍ଭମାନଙ୍କର 'ମତଭେଦ ଅନୈକ୍ୟର କାରଣ' ଏପରି ଧାରଣା

ଅଛି, ଇଂଲଣ୍ଡର ରାଜନୀତି କେବଳ ମତଭେଦ ଉପରେ ପ୍ରତିଷ୍ଠିତ, ଅଥଚ ସମସ୍ତେ ଏକମତାବଲମ୍ବୀ। କିନ୍ତୁ ଆମ୍ଭମାନଙ୍କ ଦେଶରେ କେହି କୌଣସି ମତାନ୍ତର ପ୍ରକାଶ କଲେ ସେ ଘୋର ଶତ୍ରୁ ବୋଲି ପରିଗଣିତ ହେଲା। ଆମ୍ଭେମାନେ ମତାନ୍ତର ପ୍ରକାଶ କରିବାକୁ ଇଂରେଜଙ୍କଠାରୁ ଶିକ୍ଷିଅଛୁଁ, କିନ୍ତୁ ତାହା କେତେ ଆଗ ଥୋଡ ପରିମାଣ କ୍ଷମତା ଲାଭ କରି ନାହୁଁ। ସେମାନଙ୍କ ମଧ୍ୟରେ ବିଷୟଟି ସୁନିର୍ଣ୍ଣିତ ହେବା ପର୍ଯ୍ୟନ୍ତ ତର୍କାତର୍କ ଥାଏ; ମାତ୍ର ଥରେ ନିର୍ଦ୍ଧାରିତ ହୋଇଗଲେ ଆଉ କାର୍ଯ୍ୟ ପ୍ରତି କୌଣସି ବାଧା ଉପସ୍ଥିତ ହୁଏ ନାହିଁ। 'କୁଅର ଯୁଦ୍ଧ' ସମସ୍ତଙ୍କଦ୍ୱାରା ଅନୁମୋଦିତ ହୋଇ ନ ଥିଲେହେଁ ପ୍ରାୟ ସମସ୍ତେ ଯୁଦ୍ଧର ସଫଳତା ନିମିତ୍ତ ଯତ୍ନବାନ୍ ହୋଇଥିଲେ। ସେଠାରେ ଜାତୀୟହିତ ଦେଶର ହିତ ଉଦ୍ଦେଶ୍ୟରେ, ମାତ୍ର ଆମ୍ଭମାନଙ୍କର ସ୍ୱାର୍ଥ ଉଦ୍ଦେଶ୍ୟରେ। ଅତଏବ ତାହାର ମତବିରୁଦ୍ଧ କାର୍ଯ୍ୟ କରିଗଲେ ସେ ସେଥିରେ ଯୋଗ ଦେବାକୁ ପଶ୍ଚାତ୍ପଦ ହୋଇ ବରଂ ସେଥିପ୍ରତି ବାଧା ଦେଉଥାଏ।

ବର୍ତ୍ତମାନ ଓଡ଼ିଶାରେ ଦେଶହିତୈଷୀମାନଙ୍କ ଯେଉଁ ଘୋର ମତଭେଦ ଉପସ୍ଥିତ ହୋଇଅଛି ଈଶ୍ୱରଙ୍କ ନିକଟରେ ବିନୀତ ପ୍ରାର୍ଥନା ଯେ ଏହା ବିବାଦରେ ପରିଣତ ନ ହେଉ।

ଆଉ ବିଶେଷ କିଛି ଲେଖି ପ୍ରବନ୍ଧର ଆକାର ବଢ଼ାଇବା ନିଷ୍ପ୍ରୟୋଜନ। ତେବେ ଉତ୍କଳୀୟ ଶିକ୍ଷିତ ଯୁବକମାନଙ୍କୁ ଦୁଇ ପଦ କଥା କହିବାଟା ଅକର୍ତ୍ତବ୍ୟ ବୋଲି ମନେ କରି ନ ପାରୁଁ। ଅତଏବ ସେମାନଙ୍କୁ କିଛି ମାତ୍ର କହି ପ୍ରବନ୍ଧର ଉପସଂହାର କରୁଁ।

ହେ ଶିକ୍ଷିତ ଯୁବକବୃନ୍ଦ! ଆମ୍ଭମାନଙ୍କ ସମକ୍ଷରେ ଗୁରୁତର କର୍ତ୍ତବ୍ୟ ବିଦ୍ୟମାନ। ଆମ୍ଭମାନଙ୍କ ଉପରେ ଉତ୍କଳର ଭବୀ ଉନ୍ନତି ସମ୍ପୂର୍ଣ୍ଣ ନିର୍ଭର କରେ। ଏ ପର୍ଯ୍ୟନ୍ତ ପଟୁଆରୀ ହେବାକୁ ଶିଖି ନାହୁଁ। ସେତେବେଳେ ଆମ୍ଭମାନଙ୍କର ନିଦ୍ରାଭଙ୍ଗ ହେବ, ତାହାର କିଛି ଆଗାମ ସ୍ଥିର ନାହିଁ। କିନ୍ତୁ ନିଦ୍ରାଭଙ୍ଗ ହେଲା ବେଳକୁ ଆମ୍ଭମାନଙ୍କର ଦଶା ଉପସ୍ଥିତ ହୋଇଥିବ, ତାହା ଥରେ ଅନ୍ୟମାନେ ସ୍ଥିର ... ହୋଇ ଥିବେ। ସେତେବେଳକୁ ଆମ୍ଭମାନଙ୍କର ସର୍ବସ୍ୱ ଅପହୃତ ହୋଇଥିବ। ଆଉ ଆମ୍ଭମାନଙ୍କ ପାଇଁ କିଛି ଅବଶେଷ ନ ଥିବ। ଅତଏବ ଯୁବକବୃନ୍ଦ! ସୁଖଲିପ୍ସା ପରିହାର କର, ଜ୍ଞାନାଲୋକରେ ପରିଶ୍ରମ କରିବାକୁ ଅଭ୍ୟାସ କର। ନିଜର ପ୍ରୟୋଜନୀୟତା ଉପଲବ୍ଧି କର, ପରିବାରଙ୍କ ପ୍ରତି, ସମାଜ ପ୍ରତି, ଦେଶ ପ୍ରତି, ମନୁଷ୍ୟ ପ୍ରତି, କି କି ଦାୟିତ୍ୱ ଅଛି ତାହା ସମ୍ପାଦନ କରିବାକୁ ବ୍ରତୀ ହୁଅ, ନିଜର ସଙ୍କୀର୍ଣ୍ଣତା ଦୂର କର, ନୀଚ ସ୍ୱାର୍ଥ ତ୍ୟାଗ କର, ଜାତୀୟ ଭାବ ମନରେ ପରିପୋଷଣ କର, ନିଜେ ଗୋଟିଏ ଗୋଟିଏ ଅଙ୍ଗ ବୋଲି ମନରେ ଉପଲବ୍ଧି କର, କର୍ତ୍ତବ୍ୟରେ ତ୍ରୁଟି କଲେ, ଜନସାଧାରଣଙ୍କର ଅପକାର କଲ, ଏପରି ଅନୁତାପ ହୃଦୟରେ ଅନୁଭବ କର, ନିଜର ଧନ, ମାନ, ଜୀବନ ଓ ହୃଦୟ ଉପରେ ଦେଶର ମଙ୍ଗଳ ନିର୍ଭର କରେ, ଏପରି ବିଶ୍ୱାସ କର; ସଂସାରକ୍ଷେତ୍ରରେ ପ୍ରବେଶ କରିବା ପୂର୍ବରୁ ଚରିତ୍ରକୁ ଦୃଢ଼ ଓ ସଂଯତ କର, ଆତ୍ମନିର୍ଭରଶୀଳ ହେବାକୁ ଶିକ୍ଷା କର, ତେବେ ଯାଇଁ ଓଡ଼ିଶାର ସୁପୁତ୍ର ବୋଲାଇବ। ନଚେତ୍ ଆମ୍ଭେମାନେ ଯେ ଉତ୍ସନ୍ନ ହେବା, ଏଥିରେ କୌଣସି ସନ୍ଦେହ ନାହିଁ। ଆମ୍ଭମାନଙ୍କର ଚାରିଆଡ଼େ ଅଭାବ ରହିଅଛି, କିନ୍ତୁ ଅଭାବ ମୋଚନର କିଛି ଉପାୟ ଆମ୍ଭେମାନେ ନ କରିବା କାହିଁକି? ଆମ୍ଭମାନଙ୍କର କ୍ଷୁଦ୍ର ଜୀବନରେ ଅନେକ ବାଧାବିଘ୍ନ ଉପସ୍ଥିତ ହୋଇଅଛି, ହେଉଅଛି ଏବଂ ହେଉଥିବ। ମାତ୍ର ସେଥିପାଇଁ ଭୀତ ବା ପଶ୍ଚାତ୍ପଦ ହେବା ମନୁଷ୍ୟର କାର୍ଯ୍ୟ ନୁହେ।

ସମାଜ ଯୁବକମାନଙ୍କଠାରୁ ବିଶେଷ ଉପକାର ଆଶା କରୁଥାଏ; ସତ୍ୟ, କିନ୍ତୁ

ସେମାନେ [illegible] ପ୍ରତି ସମାଜର ବିଶେଷ ଆସ୍ଥା ନ ଥିବା [illegible] ହୁଏ । ପ୍ରବୀଣମାନଙ୍କର ମତ ଗ୍ରହଣ ନ [illegible] କରି ଦେଲେ ସମାଜ ଉନ୍ନତି କରିବେ ବା କିପରି ପାରନ୍ତି । ଏହି ସମସ୍ତ କାରଣରୁ ସମାଜର ନେତା ଓ ବୟସ୍କ ଲୋକଙ୍କ ଦ୍ୱାରା ଯୁବକମାନଙ୍କର ମତ ଉପେକ୍ଷିତ ହୋଇଥାଏ । ପରିତାପର ବିଷୟ ଏହି ଯେ ଆମ୍ଭେମାନେ ସମାଜରେ ଆମ୍ଭମାନଙ୍କର ଦୋଷ ତ୍ରୁଟି ନ ଦେଖି ସମାଜର ନେତା ଓ ବୟସ୍କ ଲୋକମାନଙ୍କ ପ୍ରତି ଅଯଥା ଦୋଷାରୋପ କରି- ଥାଉଁ ଓ ସେମାନଙ୍କର ମତ ଅପେକ୍ଷା ନ କରି ଗୁରୁତର କାର୍ଯ୍ୟମାନଙ୍କରେ ହସ୍ତକ୍ଷେପ କରିଥାଉଁ । ଆମ୍ଭମାନଙ୍କ ମତରେ ଏହା ଅବିବେଚନାର କାର୍ଯ୍ୟ । ନେତା ଓ ବୟସ୍କ- ମାନଙ୍କର ଅଭିଜ୍ଞତା ଓ ଅନୁଭୂତି ପ୍ରତି ସମୁଚିତ ଆସ୍ଥା ପ୍ରଦର୍ଶନ କରି, ସେମାନଙ୍କର ଅନୁମତି ଓ ସହାନୁଭୂତି ନେଇ କାର୍ଯ୍ୟକ୍ଷେତ୍ରରେ ଅଗ୍ରସର ହେବା ସର୍ବଥା ବାଞ୍ଛନୀୟ । ମୂଳରୁ 'ବାମ୍ ବଡ଼ା' ହୋଇ ବସିଲେ ନିଜର ଏବଂ ଦେଶର ଅନିଷ୍ଟ ଛଡ଼ା ଇଷ୍ଟ କଦାପି ହୋଇ ନ ପାରେ । ଏପରି ଅବସ୍ଥା ଯଦି ଅପରିହାର୍ଯ୍ୟ କାରଣବଶତଃ କୌଣସି ସ୍ଥଳରେ ସେମାନଙ୍କ ସହିତ ମତଭେଦ ଘଟେ, ସେଥିରେ ଦୁଃଖିତ ହେବାର କିଛିମାତ୍ର କାରଣ ନାହିଁ ।

ବର୍ତ୍ତମାନ ନେତାମାନଙ୍କ ସମ୍ବନ୍ଧରେ ଦୁଇ ପଦ କଥା ନ କହି ରହିପାରୁ ନାହୁଁ । ଆମ୍ଭେ- ମାନେ ଯାହାଙ୍କୁ ନେତା ବୋଲି ସ୍ୱୀକାର ନ କଲେ କୌଣସି କାର୍ଯ୍ୟ ସୁଶୃଙ୍ଖଳରୂପେ ଚଳି- ପାରିବା ସମ୍ଭବ ନୁହେଁ । ପାଶ୍ଚାତ୍ୟ ସଭ୍ୟତାନୁସାରେ ହେଉ ବା ପ୍ରାଚ୍ୟସଭ୍ୟତାନୁସାରେ ହେଉ ନେତା ବିନା କୌଣସି ଦେଶର କେବେ ଉନ୍ନତି ହୋଇ ନାହିଁ ବା ହେବ ନାହିଁ । କିନ୍ତୁ ଦୁଃଖର ବିଷୟ ଯେ ଆମ୍ଭେମାନେ ଯାହାଙ୍କୁ ସହଜରେ ନେତା ବୋଲି ସ୍ୱୀକାର କରିବାକୁ ପ୍ରସ୍ତୁତ ନୋହୁଁ. ଆମ୍ଭମାନଙ୍କ ମଧ୍ୟରେ ପ୍ରତ୍ୟେକେ ନେତା ହେବାକୁ ଇଚ୍ଛା କରନ୍ତି । ନେତା କିଏ ? କିଏ ବା ନେତା ହେବାର ଉପଯୁକ୍ତ ? ନେତା ହୋଇ କେହି ଜନ୍ମ ହୁଏ ନାହିଁ; ବର୍ତ୍ତମାନ ଆମ୍ଭମାନଙ୍କୁ ଜଣେ ନେତା ନିର୍ବାଚନ କରିବାକୁ ହେବ । ଯେ ଆମ୍ଭମାନଙ୍କ ମଧ୍ୟରେ ସର୍ବାପେକ୍ଷା ଦୂରଦର୍ଶୀ, ଜ୍ଞାନୀ ଓ ଶୁଦ୍ଧଚରିତ୍ର ସେହି ଆମ୍ଭ- ମାନଙ୍କର ନେତା ଓ ଆମ୍ଭେମାନେ ଏପରି ଲୋକଙ୍କୁ 'ନେତା' ଆଖ୍ୟା ଦେବାକୁ ଅଣୁମାତ୍ର କୁଣ୍ଠିତ ହେବୁଁ ନାହିଁ । ନେତା ଅପେକ୍ଷାକୃତ ଦୋଷଶୂନ୍ୟ ହେବା ବାଞ୍ଛନୀୟ ଏବଂ ତାହାଙ୍କର କାର୍ଯ୍ୟକଳାପ ଓ ବ୍ୟବହାର ଆମ୍ଭମାନଙ୍କ ଆଦର୍ଶ- ଯୋଗ୍ୟ ହେବା ଉଚିତ ।

ଏହା ସ୍ୱୀକାର୍ଯ୍ୟ ଯେ ନେତୃତ୍ୱର ଦାୟିତ୍ୱ ଅତୀବ ଗୁରୁତର । ନେତୃତ୍ୱ ଫଳରେ ତାହାର ମସ୍ତକରେ ସମସ୍ତଙ୍କର ବୋଝ ନ୍ୟସ୍ତ ରହିଥାଏ । ସେ ଧୀର, ନିରପେକ୍ଷ, ନିରହଂକାର, ନିର୍ଲୋଭ, କ୍ଷମାଶୀଳ ଓ ସଂଯତଚିତ୍ତ ହେବା ଉଚିତ । ତେବେ ସେ ନ୍ୟାୟପଥରେ ଚାଲୁ ଚାଲୁ କେହି ଯଦି ତାହାଙ୍କ ପ୍ରତି ଅସନ୍ତୁଷ୍ଟ ହୋଇଥାଏ, ସେ ସ୍ୱତନ୍ତ୍ର କଥା । ସମସ୍ତଙ୍କୁ ଯେନ କେନ ପ୍ରକାରେଣ ସନ୍ତୁଷ୍ଟ କରିବା ନେତାଙ୍କର କର୍ତ୍ତବ୍ୟ, ତାହା କହୁ ନାହୁଁ । କେବଳ ବକ୍ତବ୍ୟ ଏହି ଯେ କୌଣସି ବିବେକୀ ଓ ବିଚାରକ୍ଷମ ବ୍ୟକ୍ତି ଯେପରି ତାହାଙ୍କ ପ୍ରତି ଅସନ୍ତୁଷ୍ଟ ହେବାର କିଛି କାରଣ ତାହାଙ୍କଠାରେ ନ ଥାଏ । ନେତା ଯେପରି ଅନ୍ୟାନ୍ୟଙ୍କଠାରୁ ବ୍ୟବହାର ପାଉଥାନ୍ତି, ତାହାଙ୍କର ଅନ୍ୟାନ୍ୟଙ୍କୁ ସେମାନଙ୍କର ସୀମା- ନୁସାରେ ସେହିପରି ବ୍ୟବହାର କରିବା ଉଚିତ । ଯଦି କେହି ଏପରି ବ୍ୟବହାର ନ କରେ ସେ ଅଧୁନାତନ କାଳରେ ନେତା ହେବାର ଉପଯୁକ୍ତ ବୋଲି ଆମ୍ଭେମାନେ କହି ନ ପାରୁଁ । ଯେଉଁ ଯେଉଁ ବିଷୟରେ ନେତାଙ୍କୁ କ୍ଷମତା ଦିଆଯାଇ ଥାଏ, ସେହି ସେହି ବିଷୟରେ ତାହାଙ୍କର ଆଜ୍ଞା ସର୍ବଥା ଆମ୍ଭମାନଙ୍କର ପାଳନୀୟ ।

ନେତା ଓ ପରାମର୍ଶଦାତା ଏ ଉଭୟଙ୍କ ମଧ୍ୟରେ ମତଭେଦ ଉପସ୍ଥିତ ହେଲେ ପରସ୍ପର ମଧ୍ୟରେ କାହାର ମତ ଗ୍ରହଣୀୟ ତାହା ସ୍ଥିର କରିବା ଓ ଉଭୟଙ୍କର ନିର୍ବାଚିତ ମତର ଅନୁଗାମୀ ହେବା ସର୍ବତୋଭାବରେ ବିଧେୟ । କାରଣ ଯେବେ ଏଥି ମଧ୍ୟରୁ କେହି ଆପଣାକୁ ବିଚ୍ଛିନ୍ନ କରି ମତାନ୍ତର ପ୍ରତି ଆସ୍ଥା ନ ଦେଖାଇ ନିଜ ମତ ରକ୍ଷାର୍ଥେ ସଚେଷ୍ଟ ହୁଅନ୍ତି, ତାହାଙ୍କ ସଙ୍ଗ ଅନୁଯାୟୀଙ୍କର ସର୍ବଦା ପରିତ୍ୟାଜ୍ୟ ।

ଆଜିକାଲି ସମ୍ମିଳିତ ଓ ସଂଘବଦ୍ଧ ଚେଷ୍ଟାର ଯୁଗ, ଏପରି ଚେଷ୍ଟା କଲେ ଆମ୍ଭମାନଙ୍କ ଉନ୍ନତିର ଆଶା ସ୍ଫୁରିତ ହେବ । କିନ୍ତୁ ସ୍ୱାଧୀନ ଚିନ୍ତାର ଦ୍ୱାହି ଦେଇ ସ୍ୱମତ ପ୍ରତିଷ୍ଠା କରିବାକୁ ଅଧିକାଂଶ ବ୍ୟକ୍ତିଙ୍କ ଅନୁମୋଦିତ ମତପ୍ରତି ଅବଜ୍ଞା ପ୍ରଦର୍ଶନ କରିବା ଅନର୍ଥର ସୋପାନ ମାତ୍ର । କୌଣସି ସମ୍ମିଳିତ ଉଦ୍ୟମରେ ଅଧିକାଂଶ କର୍ତ୍ତୃକ ପରିପୁଷ୍ଟ ମତ ଅନୁଯାୟୀ କାର୍ଯ୍ୟ କରିବା ଉନ୍ନତିର ପ୍ରଥମ ସୋପାନ । ଆସ ଆମ୍ଭେମାନେ ଉତ୍ତମରୂପେ ଏହି ନିୟମଗୁଡିକ ପର୍ଯ୍ୟାଲୋଚନା କରି ନିଜ ନିଜର କାର୍ଯ୍ୟକ୍ଷେତ୍ରରେ ଉପସ୍ଥିତ ହେବା ଏବଂ ଦେଶସେବାରେ ଆପଣାର ମନ ପ୍ରାଣ ଉତ୍ସର୍ଗ କରିବା ।

ଶ୍ରୀ ଦାମୋଦର କର

ସେତୁବନ୍ଧ ରାମେଶ୍ୱର ।

ଆମ୍ଭେମାନେ ବିଗତ ୬ ତାରିଖ ଫେବୃଆରୀ ବେଳ ସାଢ଼େ ଏଗାରଟା ସମୟରେ ଡାକଗାଡ଼ିରେ ମଦୁରା ପରିତ୍ୟାଗ କରି ମାଣ୍ଡାପାମ୍ ଅଭିମୁଖରେ ଯାତ୍ରା କଲୁଁ । ମାନ୍ଦ୍ରାଜଠାରୁ ଯେଉଁ ସାଉଥ ଇଣ୍ଡିଆନ୍ ରେଲ ରାସ୍ତା ଟିଉଟିକୋରିନକୁ ଯାଇଅଛି, ମଦୁରା-ମାଣ୍ଡାପାମ୍ ରେଲ ମାର୍ଗ ତାହାର ଗୋଟିଏ ଶାଖା ମାତ୍ର । ମଦୁରାଠାରୁ ଟିଉଟିକୋରିନ ୯୮ ମାଇଲ । ଡାକଗାଡ଼ିରେ ବେଳ ୧୧ ଟା ୨୫ ମିନିଟ ସମୟରେ ରୱାନା ହେଲେ ଅପରାହ୍ଣ ୪ ଟା ବେଳେ ଟିଉଟିକୋରିନରେ ପହଞ୍ଚିବାକୁ ହୁଏ । ଏହି ଟିଉଟିକୋରିନ ବାଟେ ସାଧାରଣତଃ ସମସ୍ତେ କଲମ୍ବୋ ଯାଇଥାନ୍ତି । ଅପରାହ୍ଣ ୫ ଟା ସମୟରେ ଅର୍ଣ୍ଣବପୋତରେ ଆରୋହଣ କରି ପର ଦିବସ ପ୍ରାତଃକାଳ ୮ଟା ସମୟରେ କଲମ୍ବୋ ବନ୍ଦରରେ ଉପସ୍ଥିତ ହେବାକୁ ହୁଏ । ମଦୁରାଠାରୁ ମାଣ୍ଡାପାମ୍ ୯୦ ମାଇଲ । ଦ୍ୱିତୀୟ ଶ୍ରେଣୀର ଭଡ଼ା ଦୁଇ ଟଙ୍କା ଛଅ ଅଣା ମାତ୍ର । ତୃତୀୟ ଶ୍ରେଣୀର ଏକ ଟଙ୍କାରୁ କିଛି ଊଣା ।

ଡାକଗାଡ଼ି ଆମ୍ଭମାନଙ୍କୁ ଘେନି ଦ୍ରୁତଗତିରେ ଧାବିତ ହେଲା । କିଛିଦୂର ଅଗ୍ରସର ହେବା ପରେ ମଦୁରା ସହର ମଧ୍ୟସ୍ଥିତ ଭୂତପୂର୍ବ ସ୍ୱାଧୀନ ନରପତି ତ୍ରିମଲ୍ଲ ନାୟକଙ୍କର ପ୍ରସ୍ତରନିର୍ମିତ, ସୁଦୃଶ୍ୟ ରାଜପ୍ରାସାଦ ଆମ୍ଭମାନଙ୍କର ନୟନପଥରେ ପଡ଼ିଲା । ସେହି ପ୍ରାସାଦ ଦେଖୁ ଦେଖୁ ବାଷ୍ପୀୟ ଶକଟାପେକ୍ଷା ସହସ୍ର ଗୁଣ ଦ୍ରୁତବେଗରେ ଆମ୍ଭମାନଙ୍କର ଅତୀତ କାଳର ଗୌରବ-କାହାଣୀ ସ୍ମୃତି ପଥରେ ଭାସି ଚାଲିଲା । ତୃଷାର୍ତ୍ତର ଗମ୍ଭୀର ମନରେ ସେହି ଅପୂର୍ବ ପ୍ରସ୍ତରମନ୍ଦିରର ବିଷାଦମୂର୍ତ୍ତି ଅବଲୋକନ କରିବାକୁ ଲାଗିଲୁଁ । ଦେଖୁ ଦେଖୁ ମିନାକ୍ଷୀ ଦେବୀଙ୍କର ମନୋହର ମନ୍ଦିରଶୀର୍ଷ ଓ ସହର ପ୍ରାନ୍ତସ୍ଥିତ ସୁରମ୍ୟ ସରୋବର 'ତେପାକୋଲମ୍' ଆମ୍ଭମାନଙ୍କ ନୟନଗୋଚର ହେଲା । ସରୋବର ମଧ୍ୟସ୍ଥିତ ସୁଦୃଶ୍ୟ ଦେବମନ୍ଦିର ସମସ୍ତଙ୍କର ଚିତ୍ତ ଆକର୍ଷଣ କରୁଥିଲା । ଧର୍ମପ୍ରାଣ ପ୍ରାଚୀନ ହିନ୍ଦୁର ସୁଦୃଢ଼ ବିଶ୍ୱାସ ଓ ସୁମଧୁର ଭକ୍ତି କେଡ଼େବେଡ଼େ ମନୋହର ଜୀବନ୍ତ

... ଆରଣ୍ୟର ପୁଣ୍ୟଭୂମିକୁ ... ବାହୁଡ଼ି କରି ... ସ୍ଥିରହି ... ସମ୍ବନ୍ଧ ବିସ୍ମୃତ ହୋଇନାହୁଁ। ସେହି ସବୁ ପ୍ରାଚୀନ ... ଅମ୍ଭମାନଙ୍କ ଅତୀତ ଗୌରବର ସ୍ମୃତି ... କେବଳ ... ସ୍ୱାଦାନ୍ତର ଅମ୍ଭମାନଙ୍କ ଚକ୍ଷୁ ସମ୍ମୁଖରେ ... ଉଦ୍ଦି- । ଅମ୍ଭମାନେ ପରାଧୀନ ଜାତି, ଦାରିଦ୍ର୍ୟ ... ଜର୍ଜରିତ ... ଏକାବେଳକେ ... ପ୍ରାଣହୀନ ହୋଇ ପଡ଼ିଅଛୁଁ। ତଥାପି ଏହି ସ୍ମୃତିଗୁଡ଼ିକ ଅମ୍ଭମାନଙ୍କ ଜୀବନପଥ-ବର୍ତ୍ତିକା ପ୍ରସ୍ତରମୂର୍ତ୍ତିମାନଙ୍କର ପ୍ରତ୍ୟେକ ଅଂଶ ଭକ୍ତି ଓ ବିସ୍ମୟରେ ଅମ୍ଭମାନଙ୍କ ପ୍ରାଣ ଓ ମନକୁ ପ୍ଳାବିତ କରି ଦେଉଥିଲା। ଅମ୍ଭେମାନେ ଅମ୍ଭମାନଙ୍କର ପ୍ରାଚୀନ ପୂର୍ବପୁରୁଷମାନଙ୍କ ପବିତ୍ର ଚରଣ-ରେଣୁ ... ମସ୍ତକ ... ନ କରି ରହି ପାରିଲୁ ନାହିଁ।

ଭଦ୍ରକ ... ଅନେକ ଦୂରରେ ଆସି ପଡ଼ିଥିଲୁଁ। ... ଅମ୍ଭେ ଯେ ଦେବମନ୍ଦିର ନାହିଁ, ତଥାପି ... ନବାଗତ ହେଲା ନାହିଁ। ରେଳ ଗାଡ଼ିର ଉଭୟ ପାର୍ଶ୍ୱସ୍ଥିତ ଭୂଭାଗ ସାଦୃଶ୍ୟ-ଦ୍ୱାରା ଅମ୍ଭମାନଙ୍କର ଜନ୍ମଭୂମି ଉତ୍କଳଭୂମିର ଶସ୍ୟ-ଶ୍ୟାମଳ ମୂର୍ତ୍ତି ... ଅମ୍ଭମାନଙ୍କର ... ଫଳକରେ ପ୍ରତିଭାତ କରିଦେଲା। ସହସ୍ର ସହସ୍ର ମାଇଲ ଦୂରରେ ବସି ପୁଣି ଜନ୍ମଭୂମିର ପବିତ୍ର ଆକର୍ଷଣ ଅନୁଭବ କରିବାକୁ ଲାଗିଲୁଁ। ଯେତେ ଗନ୍ତବ୍ୟ ଆଡ଼କୁ ଅଗ୍ରସର ହେବାକୁ ଲାଗିଲୁଁ ସେତେ ମହର୍ଷି ବାଲ୍ମୀକି-ବର୍ଣ୍ଣିତ ନାନା ସ୍ଥାନ ... ମନ ମଧ୍ୟରେ ଉପସ୍ଥିତ ହେବାକୁ ଲାଗିଲା। ... ଗୁହାର ଭଗ୍ନାବଶେଷ ଦେଖି ସଙ୍ଗୀ ବନ୍ଧୁମାନଙ୍କ ମଧ୍ୟରୁ ଜଣେ କହି ଉଠିଲେ "ବୋଧହୁଏ ରାମ ଲକ୍ଷ୍ମଣ ଏହି ଗୁହାରେ ପଥକ୍ଳାନ୍ତ ... କରୁଥିଲେ", ଅପର ଗୁହା ଦେଖି ଅନ୍ୟ ଜଣେ କହିଲେ "ବୋଧହୁଏ ସୀତା ଦେବୀ ଅଶୋକ ... ଏହି ଗୁହାରେ ଶୟନ କରୁଥିଲେ।"

ଏହିପରି ହାସ୍ୟାଳାପ କରୁ କରୁ ଅମ୍ଭେମାନେ ପରସାକୁଣ୍ଡା ... ଷ୍ଟେସନରେ ପହଞ୍ଚିଲୁଁ। ସେହି ଷ୍ଟେସନରେ ... ନାନା ପ୍ରକାର ସୁନ୍ଦର ସୁନ୍ଦର ମାନ୍ଦ୍ରାଜୀ ବସ୍ତ୍ର ବିକ୍ରି ... ଆଣିଥିଲେ। ଅମ୍ଭମାନଙ୍କ ମହାରାଜା (ସମ୍ମାନାସ୍ପଦ ... ଶ୍ରୀମନ୍ମହାରାଜ ... ଭଞ୍ଜ ଦେଓ ବାହାଦୁର) ସମସ୍ତ ବସ୍ତ୍ର କ୍ରୟ କରି ନେଲେ। ସ୍ୱଦେଶଜାତ ଦ୍ରବ୍ୟ ପ୍ରତି ମହାରାଜାଙ୍କର ବିଶେଷ ଆକର୍ଷଣ ଅଛି। ତଦପେକ୍ଷା ଅଧିକ ପ୍ରଶଂସାର ବିଷୟ ଏହି ଯେ, ଯେଉଁଠାରେ କୌଣସି ନୂତନ ଦ୍ରବ୍ୟ ଦୃଷ୍ଟିରେ ପଡ଼େ, ମହାରାଜା ସ୍ୱରାଜ୍ୟର କାରୀଗର ... ତଦ୍ରୂପ ଦ୍ରବ୍ୟ ପ୍ରସ୍ତୁତ କରାଇବାର ... ଅନୁସନ୍ଧାନ କରନ୍ତି। ଏଥି ନିମନ୍ତେ ସେ ଅନେକ ଦେଶର ଅନେକ ଦ୍ରବ୍ୟ, ଏପରି କି, ଗୃହନିର୍ମାଣୋପଯୋଗୀ ସମ୍ଭାର ପ୍ରଭୃତି କ୍ରୟ କରିଅଛନ୍ତି। ... ବାର ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ଧୋତି, ଶାଢ଼ୀ ଏବଂ ଚାଦର ଅନେକଗୁଡ଼ିଏ କ୍ରୟ କରାହେଲା। ୩ ଟା ସମୟରେ ସୁପ୍ରସିଦ୍ଧ ରାମନାଦ ସହର ପାର ହୋଇ ୪ଟା ସମୟରେ ପୁନରାୟ ବଙ୍ଗୋପସାଗରର ବେଳାଭୂମିରେ ଉପସ୍ଥିତ ହେଲୁଁ। ସାଗରର ନୀଳ ଜଳ ଶୁଭ୍ର ଫେନମାଳା ଉତ୍ତୋଳନ କରି ଅମ୍ଭମାନଙ୍କୁ ସ୍ୱାଗତ ସମ୍ଭାଷଣ କଲା। ଅମ୍ଭେମାନେ ପ୍ରଶାନ୍ତ ... ବାରିଧିର ଆନନ୍ଦୋଚ୍ଛ୍ୱାସ ଦେଖୁ ଦେଖୁ ୪ଟା ୧୫ ମିନଟ ସମୟରେ ମାଣ୍ଡାପାମରେ ପହଞ୍ଚିଲୁଁ।

ଟ୍ରେନ ଷ୍ଟେସନରେ ପହଞ୍ଚି ସମୁଦ୍ରୋପ-କୂଳରେ ଷ୍ଟିମର ଘାଟରେ ଅସି ଲାଗିଲା। ଅମ୍ଭେମାନେ ଗାଡ଼ିରୁ ଅବତରଣ କରି ... ଏବଂ ... ସହ ଷ୍ଟିମର ଆରୋହଣ କଲୁଁ। ... ଅମ୍ଭମାନଙ୍କ ... ଷ୍ଟିମର ... ପ୍ରସ୍ତୁତ ହୋଇଗଲା। ଏଠାରେ ଭାରତବର୍ଷଟା ... ବଙ୍କା ହୋଇ ... ପର୍ଯ୍ୟନ୍ତ ବିସ୍ତୃତ ହୋଇଅଛି। ଷ୍ଟେସନ

ମାଷ୍ଟରଙ୍କୁ କହିଲୁଁ 'ଅମ୍ଭେମାନେ ତୁଣ୍ଡି ତୁଠକୁ ପରେ ଫେରିବୁଁ, ଆମ୍ଭମାନଙ୍କର ଫେରିବା ଯାଏ ଷ୍ଟିମର ଖଣ୍ଡିକ ଯେପରି ଅମ୍ଭମାନଙ୍କପାଇଁ ଅପେକ୍ଷା କରି ରହିଥିବ ।' ଷ୍ଟେସନ-ମାଷ୍ଟର ବାବୁ ମଧ୍ୟ ତଥାସ୍ତୁ କହି ଆଶ୍ୱାସ ଦେଲେ । ଅମ୍ଭେମାନେ ଷ୍ଟିମରରେ ଚଢ଼ି ଦେଖିଲୁଁ କେତୋଟି ସାନ ସାନ ବାଳକ ଷ୍ଟିମରପାଖରେ ସନ୍ତରଣ କରୁଅଛନ୍ତି ଏବଂ 'ସାହେବ ପଏସା ଫେକୋ' ବୋଲି ଚିତ୍କାର କରୁଅଛନ୍ତି । ଅମ୍ଭେମାନେ କୌତୂହଳ-ପରବଶ ହୋଇ କେତୋଟି ପଇସା ସେମାନଙ୍କ ଗୃହଅତେ ଫୋପାଡ଼ି ଦେଲୁଁ । ସେମାନେ ଅଭୂତ କୌଶଳରେ ଝାସ ଦେଇ ସମୁଦ୍ରଜଳରେ ବୁଡି ସେହି ପଇସାଗୁଡ଼ିକ ଦନ୍ତରେ କାମୁଡ଼ି ଧରି ଅମ୍ଭମାନଙ୍କୁ ଦେଖାଇବାକୁ ଲାଗିଲେ । ଅପରାହ୍ନ ୫ଟା ସମୟରେ ଷ୍ଟିମର ଖଣ୍ଡିକ ଛାଡ଼ିଲା । ଅମ୍ଭେମାନେ ମାନ୍ନାର ଉପସାଗରର କ୍ଷୁଦ୍ର କ୍ଷୁଦ୍ର ଲହରୀମାଳା ଉପରେ ନୃତ୍ୟ କରୁ କରୁ ଭାସି ଚାଲିଲୁଁ । ଏଠାରେ ଜଳ ଅଧିକ ଗଭୀର ନୁହେଁ ବୋଲି ଷ୍ଟିମର ଖଣ୍ଡିକ ସିଧା ଭିତରେ ନ ଯାଇ ଟିକିଏ ଘୂରି ଫେରି ଯିବାକୁ ଲାଗିଲା । ଷ୍ଟିମରର ବେଗରେ ସଲିଳରାଶି ଆନ୍ଦୋଳିତ ହେଉଥିଲା । ଉଡ୍ଡୀୟମାନ ମତ୍ସ୍ୟ ସବୁ (Flying fish) ଲମ୍ଫ ଦେଇ ଉପରକୁ ଉଠି ଅନେକ ଦୂରରେ ପଡ଼ିବାକୁ ଲାଗିଲେ । ଏହି ଦୃଶ୍ୟଟି ବଡ଼ ନୟନ-ତୃପ୍ତିକର ହୋଇଥିଲା । ଅମ୍ଭମାନଙ୍କର ସୁଦୂର ଦକ୍ଷିଣରେ ଭାରତ ମହାସାଗର ଆପଣାର ପ୍ରଶସ୍ତ ବକ୍ଷରେ ଉତ୍ତାଳ ତରଙ୍ଗମାଳା ଉତ୍ତୋଳନ କରି ମନ ମଧ୍ୟରେ ଭୟ ଓ ବିସ୍ମୟ ସଞ୍ଚାର କରି ଦେବାକୁ ଲାଗିଲା । ଅମ୍ଭେମାନେ ବାଇନକୁଲାର (Binocular) ସାହାଯ୍ୟରେ ଦୂରସ୍ଥିତ, ସବୁଜତୃଣମଣ୍ଡିତ ତରଙ୍ଗପରିବେଷ୍ଟିତ କ୍ଷୁଦ୍ର କ୍ଷୁଦ୍ର ଦ୍ୱୀପପୁଞ୍ଜ ଦେଖିବାକୁ ଲାଗିଲୁଁ । ଅମ୍ଭେମାନେ ପାମ୍ବାନ୍ ପ୍ରଣାଳୀରେ ପ୍ରବିଷ୍ଟ ହେବାମାତ୍ରେ ପ୍ରଥମେ ରାମଚନ୍ଦ୍ରଙ୍କର ସେତୁ ଓ ବର୍ତ୍ତମାନ ଡାମସ୍ ବ୍ରିଜ୍ ଅମ୍ଭମାନଙ୍କର ନୟନ ସମ୍ମୁଖରେ ଉପସ୍ଥିତ ହେଲା । ଶୈଶବକାଳରୁ ଜନନୀ କୋଳରୁ ଆରମ୍ଭ କରି ବର୍ତ୍ତମାନ ସମୟପର୍ଯ୍ୟନ୍ତ ଯେଉଁ ଅପୂର୍ବ ସେତୁର ଅଖ୍ୟାୟିକା ଶୁଣି ଶୁଣି କର୍ଣ୍ଣକୁହର ପବିତ୍ର ହୋଇଅଛି, ଆଜି ତାହାକୁ ସମ୍ମୁଖରେ ସାକ୍ଷାତ ଦେଖି ପ୍ରାଣରେ ବିମଳ ଆନନ୍ଦର ଉଦୟ ହେଲା । ଯାତ୍ରୀ ସମସ୍ତେ ଦେଖି ଦେଖି ଅପୂର୍ବ ପରିତୃପ୍ତି ଲାଭ କଲେ । ଦେଖୁ ଦେଖୁ ଅମ୍ଭେମାନେ ଯେପରି ତ୍ରେତାଯୁଗରେ ଯାଇ ଉପସ୍ଥିତ ହେଲୁଁ । ଶ୍ରୀରାମଚନ୍ଦ୍ରଙ୍କର ଲୀଳା ବିଷୟରେ ଅଦ୍ଭୁତ ଜନକ ଅମ୍ଭମାନଙ୍କ କର୍ଣ୍ଣରେ ଧ୍ୱନିତ ହେବାପରି ବୋଧ ହେଲା । ବୀର ହନୁମାନ୍ କେଉଁସ୍ଥାନରେ ଦଣ୍ଡାୟମାନ ହୋଇ ହସ୍ତ ଅଗ୍ରଭାଗ ଧରଣୀ ସଂଲଗ୍ନ କରି ସାଗର ଡିଙ୍ଗିବା ନିମନ୍ତେ ଲମ୍ଫ ଦେଇଥିଲେ ତାହା ଦେଖିବା ପାଇଁ ମନ-ମଧ୍ୟରେ ପ୍ରବଳ କୌତୂହଳର ଉଦ୍ରେକ ହେଲା ।

ମୋ ଯାହା ହେଉ ସେତୁଟା ରାମଚନ୍ଦ୍ରଙ୍କର କି ହନୁମାନଙ୍କର, ସେ ପ୍ରଶ୍ନଟି ଅଯୋଧ୍ୟାବାସୀ ଓ କିଷ୍କିନ୍ଧ୍ୟାବାସୀ ବାନରଙ୍କ ଭିତରେ ସ୍ଥିର କରିବେ, ଅମ୍ଭେମାନେ କିନ୍ତୁ କମ୍ପାନୀ ଅନୁସାରେ ତାହାକୁ 'ରାମଚନ୍ଦ୍ରଙ୍କ ସେତୁ' ବୋଲି କହିଲୁଁ । କେବେ ସେତୁଟା ବାସ୍ତବିକ କୌଣସି ପାର୍ଥିବ ଜୀବର ଚେଷ୍ଟାରେ ନିର୍ମିତ, କି ସ୍ୱୟଂ ଭଗବାନଙ୍କ ହସ୍ତର ସୃଷ୍ଟି, ସେ ପ୍ରଶ୍ନ ଉତ୍ଥାପନ କରିବାକୁ ଚିତ୍ତରେ ସ୍ପୃହା ସଞ୍ଚାର ହେଉଅଛି । କାରଣ, ଯଦି କେହି 'ଶ୍ରୀରାମଚନ୍ଦ୍ରଙ୍କର ସୀତା ଉଦ୍ଧାରପାଇଁ ହନୁମାନ୍ ଓ ତାହାର ସେନାଗଣ ଭଲ୍ଲୁକମାନେ ହିଁ ଏହାର ନିର୍ମାଣ କରିଥିଲେ' ତେବେ ବର୍ତ୍ତମାନ ବୈଜ୍ଞାନିକମାନଙ୍କ ନିକଟରେ ଅମ୍ଭମାନଙ୍କର ନିସ୍ତାର ନାହିଁ । କାଏଗ୍ରାର ଭାସଣ ଅବର୍ତ୍ତ ଉପରେ ସେତୁନିର୍ମାଣ ଯେଉଁମାନଙ୍କ ନିକଟରେ ସମ୍ଭବ ହୋଇଅଛି, ସେମାନଙ୍କ ନିକଟରେ ମଧ୍ୟ ଏହା ଏକାନ୍ତ ଅସମ୍ଭବ ଏବଂ କବିର ଉର୍ବରମସ୍ତିଷ୍କ କଳ୍ପନାପ୍ରସୂତ ଜନଶ୍ରୁତି ବୋଲି ସ୍ଥିର ହେବ ।

ପଡ଼ି ଏତ ହୋଇ 'ରାମଚନ୍ଦ୍ର କଲ ନାହିଁ. ମେଲିଭଲିଜଳ ଏଧାରଣୁ ଅସାଧ୍ୟ, ଯାହା ହେବ-ନାଳ ତୁଳ୍ୟଦାନ ନୁହେଁ । ତାହାହେଲେ କି ଅଛି ଜଣା ଅଛି ! କହୁଣାରୁ ପୁରାଣ-ପ୍ରିୟ ଭକ୍ତମାନେ କହି ଦେବେ 'ବାଲ୍ମୀକିଙ୍କ ରାମାୟଣ ଭୁଲ ! ହନୁମାନଙ୍କ ଅବଜ୍ଞା ! ଏତେ ଅପବାଦ ! ତାହାଙ୍କୁ ଏକଘରିଆ କର, ତାହାର ନିଆଁ ପାଣି ବନ୍ଦ କର ।' ସୁତରାଂ ନିନ୍ଦାପୁ ଭକ୍ତଙ୍କ ପରିତ୍ରାଣ ପାଇବା ପାଇଁ ଅମ୍ଭେମାନେ ଅପାତତଃ ମୂକ ବନି ଗଲୁଁ । କେବେ ଗୋଟିଏ ବଡ଼ ମଜାର କଥା କହିବାର ପ୍ରଲୋଭନ କୌଣସିପ୍ରକାରେ ସମ୍ବରଣ କରି ପାରିଲୁଁ ନାହିଁ । କଥାଟି ଏହି :—ଅମ୍ଭ-ମାନଙ୍କର ଜଣେ ଲଙ୍କାବାସୀ ଭ୍ରାତାଙ୍କ ସହିତ ସାକ୍ଷାତ୍ ହୋଇଥିଲା । ଭଗବାନ୍ ଶ୍ରୀରାମଚନ୍ଦ୍ର ଯେଉଁ ଯାହାଙ୍କ ଦେଶରେ ପଦାର୍ପଣ କରିଥିଲେ ସେଥି ପାଇଁ ଅନେକ ମନେ ମେ ବଡ଼ ଅହଙ୍କାର କରନ୍ତି । କିନ୍ତୁ ତାହାଙ୍କର ସ୍ୱଦେଶୀୟ ପୂର୍ବକାଳର ଜଣେ ରାଜା ଯେ ପରସ୍ତ୍ରୀ ହରଣ କରିଥିଲେ ସେଥିସକାଶେ ଲଜ୍ଜା ବୋଧ କରନ୍ତି ନାହିଁ । ଯାହାହେଉ ସେ ଅନେକ ପ୍ରକାର ଭୂତତ୍ତ୍ୱର ଆଲୋଚନାଦ୍ୱାରା ସ୍ଥିର କରିଅଛନ୍ତି 'ସେତୁଟା ବଗବର ଅଛି । କେବେ ଶ୍ରୀରାମଚନ୍ଦ୍ରଙ୍କ ଆଗମନ ବେଳେ ତାହା ଭଗ୍ନାବସ୍ଥାରେ ଥିଲା । ସେହି ହେତୁରୁ ସେ ବାନର, ଗୃଧ୍ରରାମୂଷା ପ୍ରଭୃତିଙ୍କ ସାହାଯ୍ୟରେ କେବଳ ଜୀର୍ଣ୍ଣସଂସ୍କାର କରାଇ ଥିଲେ ।' ଆଶା କରୁଁ ଏହି ମୀମାଂସାରେ ସମସ୍ତେ ସନ୍ତୁଷ୍ଟ ହେବେ ।

ଅମ୍ଭେମାନେ ସେତୁ ଦେଖୁ ଦେଖୁ ଗୋଟାଏ ୪୫ ମିନିଟବେଳେ ରାମେଶ୍ୱର ଦ୍ୱୀପରେ ପହଞ୍ଚିଲୁଁ । ଯେଉଁଠାରେ ଷ୍ଟିମର ଲାଗେ ତାହାର ନାମ ପାମ୍ବାନ୍ (Pamban) । ଏହା ମାଣ୍ଡାପାମ-ଠାରୁ ସିଧା ରାସ୍ତାରେ ଦେଢ଼ ମାଇଲ । ଷ୍ଟେସନରେ ପହଞ୍ଚିବା ମାତ୍ରେ ଅମ୍ଭେମାନେ ଦୁଇ ଖଣ୍ଡି ଟିକଟ ଓ କେତେକ ଖଣ୍ଡି ଗୋ-ଶକଟ ଭଡ଼ା କଲୁଁ । ମାନ୍ଦ୍ରାଜ ପ୍ରେସିଡେନ୍ସିରେ ସର୍ବତ୍ର ଟିକଟ ଲଗାଇ ଦେଲେ । ତାହା ଠିକ୍ ଉତଳାର ବାଣ୍ଡି ଗାଡ଼ି ଥିଲା । କେବଳ ଗୋଟିଏ ଘୋଡ଼ାଗାଡ଼ି ଚଳେ । ପ୍ରତ୍ୟେକ ଟିକଟର ଏକ ଟଙ୍କା ଏବଂ ପ୍ରତ୍ୟେକ ବଳଦ ଗାଡ଼ିର ଦଶ ଅଣା ଭଡ଼ା ସ୍ଥିର ହେଲା । ପାମ୍ବାନରେ ବଜାର, ପୁଲିସ ଷ୍ଟେସନ, ଷ୍ଟିମର ଷ୍ଟେସନ, ଟେଲିଗ୍ରାଫ ଅଫିସ ପ୍ରଭୃତିର ସମାବେଶ ଯୋଗୁଁ ଏହା ଏକ ପ୍ରକାର ଗୋଟିଏ କ୍ଷୁଦ୍ର ସହର ପରି ହୋଇଅଛି । ୧୦ରେ ରାମ-ନାଦର ରାଜାଙ୍କର ଗୋଟିଏ ସୁନ୍ଦର ବଙ୍ଗଳା ଓ ଛତ୍ରମ୍ ଅଛି । ସମୁଦ୍ର ତଳେ ତାର ଚଳାଇ ମାଣ୍ଡାପାମ୍ ସହିତ ସ୍ଥଳର ଟେଲିଗ୍ରାଫିକ ଯୋଗ ସଂସ୍ଥାପିତ ହୋଇଅଛି । ଅମ୍ଭେମାନେ ଯେତେବେଳେ ଗାଡ଼ିରେ ଆରୋହଣ କରିବାକୁ ଯାଉଥିଲୁଁ, ସେତେବେଳେ ଭାରତ ସମୁଦ୍ରର ତରଙ୍ଗକ୍ରୋଡ଼ରେ ସୂର୍ଯ୍ୟଦେବ ଅସ୍ତଗାମୀ ହେଉ ଥିଲେ । ଅମ୍ଭେମାନେ ନବୀନ ଜୀବନଭାବରେ ଦଣ୍ଡାୟମାନ ହୋଇ ସେହି ମନୋହର ଦୃଶ୍ୟ ଅବଲୋକନ କରୁଥିଲୁଁ । ଏମନ୍ତ ସମୟରେ ମହାରାଜା ଡାକି କହିଲେ "ସନ୍ଧ୍ୟା ହେଲା, ଆସନ୍ତୁ ଶୀଘ୍ର ଯିବା" । ଅମ୍ଭେମାନେ ମଧ୍ୟ ଧ୍ୟାନ ଭଙ୍ଗ କରି ଗାଡ଼ିରେ ବସିଲୁଁ ।

ଅଦ୍ୟ ପୂର୍ଣ୍ଣିମା ପରେ ପ୍ରତିପଦ୍ ଥିଲା । ସମୁଦ୍ରର ଏକ ପ୍ରାନ୍ତରେ ତପନ ଦେବ ବିଶ୍ରାମ ଲାଭ କରିବା ପାଇଁ ଗମନ କଲେ । ଅପର ପ୍ରାନ୍ତରେ ଅପୂର୍ବ ରୂପୈଶ୍ୱର୍ଯ୍ୟର ଭଣ୍ଡାର ଖୋଲି, ଯୌବନୋନ୍ମଦରେ ଉନ୍ମତ୍ତ ପୂର୍ଣ୍ଣଚନ୍ଦ୍ର ସ୍ୱଚ୍ଛ ମ୍ଲାନ ବେଶରେ ବଙ୍ଗୋପସାଗରର ତରଙ୍ଗମାଳା ଉପରେ ସହସା ଦଣ୍ଡାୟମାନ ହେଲେ । ସମସ୍ତ ବନଭୂମି ଦଶଦିଗବ୍ୟାପୀ ବିଶ୍ୱଚରାଚର ତାହାର ବିମଳ ହାସ୍ୟର ପବିତ୍ର ଛଟାରେ ଉଦ୍ଭାସିତ ହୋଇ ଉଠିଲା । ଅମ୍ଭେମାନେ ଧୀର ଗତିରେ ରାମେଶ୍ୱର ଦ୍ୱୀପର ମଧ୍ୟବର୍ତ୍ତୀ ରାଜପଥ ଅତିକ୍ରମ କରି ପୂର୍ବ ଦିଗକୁ ଅଗ୍ରସର ହେବାକୁ

ଲାଗିଲୁଁ । ଶରତକାଳୀନ ଆକାଶ ମଧ୍ୟେ ମେଘ ଖଣ୍ଡିଳ ଉପରେ ଚନ୍ଦ୍ରମା ପ୍ରଶାନ୍ତ-ଗମ୍ଭୀର ମୂର୍ତ୍ତି ଏକ ତରଣୀ ମୂର୍ତ୍ତି ଧାରଣ କରି ନାଚ କରିବାକୁ ଲାଗିଲା । ଜ୍ୟୋତ୍ସ୍ନା ବକ୍ଷରେ ତାହାର ଛାୟା ଜଳରେ ସଦା ମୃଦୁଳ ଦେଖାଯାଉଥିଲା । ମାଝିର ହୃଦୟର ଅଳ୍ପ ଅଳ୍ପ ମନର ଭାବ ପ୍ରକାଶ କରି ପାରେ । ଅମ୍ଭେମାନେ ତାହା ଜାଣିବାକୁ ଆରମ୍ଭ କରି ଦେଲୁଁ; "ମାଝି ! ତୋମାର ଗାଁ କେଉଁଠି ?" ସେ ଉତ୍ତର କଲା "ଥୋଡ଼ା ଥୋଡ଼ା କ୍ୟାପୁ" । ତାହାର ଏପ୍ରକାର ଅଦ୍ଭୁତ ଉତ୍ତର ଶୁଣି ଅମ୍ଭେମାନେ ସମସ୍ତେ ହସି ହସି ଗଡ଼ିଲୁ ସଙ୍କୀର୍ଣ୍ଣ ସ୍ଥାନ ମଧ୍ୟରେ [illegible] କୋଳାହଳ ଉପସ୍ଥିତ କଲୁଁ । ଅମ୍ଭମାନଙ୍କର ଅଧିକାଂଶ ପ୍ରଶ୍ନରେ ସେ ଏପ୍ରକାର ଉତ୍ତର ଦେଉଥିଲା । ପ୍ରତ୍ୟେକ ଅର୍ଦ୍ଧ-ମାନେ ହସି ହସି ଯାଉଯାନ୍ତାରୁ ୮ ମାଇଲ ରାସ୍ତା ଅତିକ୍ରମ କରି ରାତି ୮।୫ ଘଡ଼ିକା ସମୟରେ ଗମେଶ୍ୱରରେ ପହଞ୍ଚିଲୁଁ । ଅମ୍ଭମାନଙ୍କର ସହା-ଯତା ପୂର୍ବରୁ ଶ୍ରୀରାମଙ୍କୁ ଜଣେ ପଣ୍ଡାକୁ ଭଜା ଭାତ ଠିକ କରିବା ପାଇଁ ଗମେଶ୍ୱର ପଠାଇ ଥିଲେ । ସେହି ପଣ୍ଡା ଗମେଶ୍ୱରରୁ ଫେରି ଅର୍ଦ୍ଧ ପଥରେ ଅମ୍ଭମାନଙ୍କ ସହିତ ସାକ୍ଷାତ୍ କଲା । ତାହାର କହିବାନୁସାରେ ଅମ୍ଭେମାନେ ଅଗ୍ରସର ହେଲୁଁ । ମାଳିକ-ପଣ୍ଡା ନାନାପ୍ରକାରେ ଅମ୍ଭମାନଙ୍କ ସୁଖ ସୁବିଧାର ବନ୍ଦୋବସ୍ତ କରି ଦେଲେ ।

କ୍ରମଶଃ

ଶ୍ରୀ ଚନ୍ଦ୍ରନାରାୟଣ ଦାସ ।

ପଞ୍ଚରମ୍ଭୀ ।

ଏକ ସହରରେ ମାଈ ଛେଳିଟିଏ ମାଈ ମାଙ୍କଡ଼ିଟିଏ ସାଇପଡ଼ିଶା ହୋଇ ଘର କରୁଥାନ୍ତି । ସେ ଦୁହିଙ୍କର ଯୋଡ଼ାଏ ପିଲା ହେଲେ । ସେ ପିଲାଏ ବଡ଼ ହେଲେ । ଦିନେ ଛେଳି ତା ପୁଅକୁ କହିଲା, ହଇରେ ପୁଅ ! ତୋର ତ ଏଣିକି ମୁଣ୍ଡକୁ ହାତ ପାଇଲାଣି, ତୁ ଯା କିଛି ଅରଜି କରି ଆଣ, ଖାଲି ଘରେ ବସିଲେ କଅଣ ହେବ ? ଛେଳିଛୁଅ ଗଲା, ଯାଉ ଯାଉ ବାଟରେ ବାଘ ହାବୁଡ଼ରେ ପଡ଼ିଲା, ବାଘ କହିଲା ମୁଁ ତତେ ଖାଇବି । ଛେଳିଛୁଅ କହିଲା 'ମୁଁ ଯାଉଛି ରଜା ବଗିଚାର ଯେ ଖିରପିଠା ଖାଇ, ମୁଁ ଖାଇ ପିଇ ମୋଟ ହୋଇ ଫେରି ଆସିବି ତୁ ଏଠେଇଁ ବସିଥା । ମତେ ଖାଇଲେ ପେଟ ପୂରିବ ।' ବାଘ କହିଲା ହଉ । ଫେରି ଖଣ୍ଡିଦୂର ଯାଉଛି, ଭାଲୁ ହାବୁଡ଼ରେ ପଡ଼ିଲା । ଭାଲୁ କହିଲା, ମୁଁ ତତେ ଖାଇବି । ଛେଳିଛୁଆ ଭାଲୁକୁ ସେମିତି ଭଣ୍ଡେଇଲା, ଭାଲୁ ବାଟରେ ରହି ବସିଲା, ଏ ଗଲା । ଫେରି [illegible] ରାଅଁଳୁ ସେମିତି କହିଲା. ଗଲା । ଯାଉଁ ଯାଉଁ ଏକ ଦେଉଳ ପଡ଼ିଲା । ସେ ଦେଉଳଟିରେ ପଶି ଗଲା, ଦେଖିଲା ଦେଉଳରୁ ଦେବଙ୍କ ପାଖରେ ପୂଜା ଉପଚାର ଗଦା ହୋଇଛି । ସେଥିରୁ ପେଟେ ଗିଳିଲା, ଦେଉଳ ଭିତରେ କବାଟ କିଳି ପଶିଥାଏ । ଦେଉଳର ପଣ୍ଡା ଆସିଲା ଦେବଙ୍କ ସେବା କରିବାକୁ. ଦେଖିଲା ଭିତରୁ କବାଟ କିଳାଗିଛି । କବାଟରେ ମାଇଲା, କିଏ ଅଛ ଏ ଦେଉଳ ଭିତରେ କବାଟ ଫିଟା । ଛେଳି ଛୁଆ ଭିତରେ ଥାଏ, କହିଲା :—

ସିଂ ସିଂ ବା, ମାଣିକ ରଜା,
ସିଂହ ଦରଣ୍ଟା ଗୋଡ଼ା ଗୋଡ଼ା;
ଏକା ହିଂଡରେ ପର୍ବତ ଛାଡ଼େ,
ଦୁଇ ସିଂହରେ ମଣିଷ ମାରେ;
ଛାଲଗଛକୁ ଫୋପଡ଼ା କରେ,
ନଡ଼ିଆଗଛକୁ ଦାନ୍ତକାଠି କରେ;
ପଣ୍ଡା ଦେଖିଲେ ମଣ୍ଡା କରେ,
ମାଳ ଦେଖିଲେ ଚାଳ କରେ.

ପଣ୍ଡା ଏକଥା ଶୁଣି ଭରସା ହେଲା. ପହିଲେ

ଯାଠ କବାଟ ସମ୍ମୁଖରେ କଣା କଲା । ରଜା ଶୁଣି ଅତାଡ଼ି ଦେଲେ; ଆଜ୍ଞା ନିଜେ ଦେଉଳଦେଲେ କବାଟ ଜଳେ । କବାଟରେ ମାରିଲେ, ଦେଉଳ ଭିତରେ ଗଲେ ? କବାଟ ଫିଟା । ଛେଳି ଆଉ କବାଟ ଫିଟୁନ ଥାଏ । ତାପରୁ ପାଠି ଛଳ :—

ମଁ ମେଁ ନା ପଣିକି ରଡ଼ା,
ହଂସବଂଶୀ ଗୋଜା ଗୋଜା;
ଏକାଧାଂସରେ ପର୍ବତ ଭାଙ୍ଗେ,
ଦାନ୍ତଂସରେ ମଣିଷ ମାରେ;
ଭାଳଗଛକୁ ଫୋପଡ଼ା କରେ,
କଟିଆଗଛକୁ ଦାନ୍ତକାଠି କରେ;
ରଜା ଦେଖିଲେ ଝଟା କରେ,
ରାଣୀ ଦେଖିଲେ କାଣୀ କରେ;

ଯମନ୍ତେ ଯା ଶୁଣି ଭାଟଭା ଦେଲେ, ଖସି କରୁ ସେଠଉଁ ପଳେଇଲେ । ଛେଳି ଦେଉଳ ଭିତରେ ଥାଏ । ଦେଳ ବୁଡ଼ିଲା । ସନ୍ଧ୍ୟା ହେଲାରୁ ଦେଉଳ କବାଟ ଫିଟେଇ କରି ଦେଉଳରୁ ବାହାରିଲା ଘରକୁ ଯିବ ବୋଲି । ମନେ ମନେ ପାଞ୍ଚିଲା, ଆଳିଗେ ଗଲାବେଳକୁ ବାଟରେ ତ ବାଘ, ଭାଲୁ, ବିଲୁଆ ବସିଥିବେ ଜଗିଁ କରି ମତେ ଖାଇବେ ବୋଲି, କଅଣ କରିବ ? ଯା ଭାବି ଭାବି ଯାଉଥାଏ, ବାଟରେ ଏକ ପଙ୍କ ଗଡ଼ିଆ ପଡ଼ିଲା, ସେ ପଙ୍କରେ ଯାଇ ଗଡ଼ିଲା । ପଙ୍କ ଲଟପଟ ହୋଇ ଗଡ଼ିଆରୁ ଉଠି ଆସିଲା । ଗଡ଼ିଆ କୂଳେ ଏକ ତେନ୍ତୁଳିଗଛ । ସେ ତେନ୍ତୁଳିଗଛ ମୂଳରେ ଶୁଖିଲା ତେନ୍ତୁପତ୍ର ବଟେ ଟେଲିଣ ଥିଲା । ସେଠଉଁ ଗଡ଼େଇ ପଡ଼େଇ ହେଲା, ଦଦଯାକ ପଙ୍କରେ ତେନ୍ତୁପତ୍ର ଲାଗି ଗଲା । ଖାଲି ଆଖି ଯୋଡ଼ିକ କୁଳୁକୁଳୁ ହୋଇ ଦିଶୁଥାଏ । ଗଲା । ଯାଉଛି, ବାଟରେ ବିଲୁଆ ଜଗିଁ ବସିଛି, ଛେଳି ଲେଉଟାଣି ଆସିଲେ ତାକୁ ଖାଇବ ବୋଲି । ବିଲୁଆ ଟିମିଟି ଯାକୁ ଦେଖିଲା, ଆଉ ଚିହ୍ନି ପାରିଲା ନାହିଁ, ପଚାରିଲା 'ପଥରମୂର୍ତ୍ତି ଲୋ ପଥରମୂର୍ତ୍ତି ! ମେଁ କି ଦେଖିଛୁ କି ?' ଏ କହିଲା 'ମୁଁ କି ଜାଣେ ମେଁ ପେଁ, ମୁଁ ଯାଉଥିଲି ରଜାଘର ପଥର ସିଠି' । ଯା କହି କ ଜାଣିଲା ଭଳ ହୋଇ ଚାଲିଗଲା । ବିଲୁଆ ଆଉ ଭରସି କରି ଯାକୁ ଛୁଇଁ କହିଲା ନାହିଁ । ଖଣ୍ଡେ ଦୂର ଯାଇଛି ଭାଲୁ ଜଗିଁ ଜଗି ବସିଛି । ଭାଲୁ ପଚାରିଲା 'ପଥର ମୂର୍ତ୍ତି ଲୋ ପଥର ମୂର୍ତ୍ତି ! ମେଁ କି ଦେଖିଛୁ କି ?, ଏ କହିଲା 'ମୁଁ କି ଜାଣେ ମେଁ ପେଁ, ମୁଁ ଯାଉଥିଲି ରଜାଘର ପଥର ସିଠି' । ଭାଲୁ ତୁନି ହୋଇ ରହିଲା । ଛେଳି ସେଠଉଁ କଟି କରି ଗଲା । ଖଣ୍ଡେ ଦୂର ଯାଇଛି, ଆଗରେ ବସିଛି ବାଘ ମାମୁ; ଜଣ ଯଳେଇ ଲାଙ୍ଗୁଡ଼[illegible]ଲେ ବାଡ଼େଉଥାଏ । ଯାକୁ ପଚାରିଲାରୁ [illegible] କହିଲା 'ମୁଁ କି ଜାଣେ ମେଁ ପେଁ, ମୁଁ ଯାଉଥିଲି ରଜାଘର ପଥର ସିଠି' । ବାଘ ସେଠଉଁ ନିରାଶ ହୋଇ ହଟି କରି ଗଲା । ଛେଳି ଆସି ଆସି ଘର ଅଧରେଣ୍ଟରେ ପହଞ୍ଚିଲା । ମାକୁ କହିଲା 'ମା ଲୋ ମା ! ମତେ ବାଡ଼ କାଡ଼ୁଛି' । ମା କହିଲା 'ମଲି ! ବାଡ଼ିଅଡ଼କୁ ଯା ଖଟଖଟାରେ ହଗି ଆସିବୁ ଯା' । ଏ କହିଲା 'ନାହିଁ, ଅଗଣାକୁ ଅଗ୍ରେ ଲିପା ପୋଛା କରି ଦେ, ମୁଁ ପୋଛପାଣି କରିବି' । ମା କଅଣ କରିବ, ମାଟିଗୋବରରେ ଅଗଣା ମଝିକୁ ଅଗ୍ରେ ଲିପା ପୋଛ କରି ଦେଲା । ଏ କହିଲା ତୁ କାନ ପାର, ମୁଁ ହଗିବ । ପିଲା ତ ଆଗରୁ ଗେଲବସର ସେଇଥିରେ କଡ଼ିଛି, ଏବେବେଳେ ମା ଆଉ କଣ କରିବ ? ପଣନ୍ତ ପାରି ଦେଲାରୁ ଛେଳି ଛୁଆ କୁନ୍ଥେଇଲାବେଳକୁ ପଣନ୍ତ କାନିରେ କାନିଏ ସୁନା ରୁପା ଅସ୍ତରପି ଗଳି ପଡ଼ିଲା । ଦେଉଳରେ ଯେତକଯାକ ଗିଳିଥିଲା ସବୁ ବାହାରିଲା । ମାଇ ଯା ଦେଖି ଗୋଡ଼ ତଳେ ଲାଗୁ ନ ଥାଏ । ମାକୁ କହିଲା 'ମା ଲୋ ମା, ବୁଝି ଏ କଥା ଘିମିତ ଦାଣ୍ଡକାଳରୁ ଗଳ କାନ ନୁହେଁ ଟି' । ମା କହ ଭରିଲା । ସକାଳୁ ମାଇ ମାଇଡ଼ ଯା ଘରକୁ ବୁଲି ଆସିଲା [illegible]

ପାଣ ପାତ୍ରିରେ ସୁନା ରୁପା ଆସୁଛି । ମାବଜ ଘରକାନ୍ଥରୁ ବାହାରି ମା କହିଲା ମୋ ପୁଅ ଯାକୁ ମନ୍ଦ ଭାଳ ଅଭକନ ନର ଅଗିଛି । ମାଉ ମାବଜେ ମେଥିରୁ ଛେଳିକୁଆ ଘାଟରେ ଲଗେଇଲା ଭୁ ଏବେ ଟଙ୍କା ସୁନା କମେଉ ଅଗିନୁ, ମତେ ଭାତ, ଭାଳ ମୋ ପୁଅ ଘିଵ ଅଗିବ । ଛେଳିକୁଆ କହିଲା ମୁଁ ମୁଣ୍ଡରେ ଏକ କଟ ପାଉଲି; ଯାଉ ଛଡ଼ ଉଜା ନଅରରେ ଡେଇଁଲି, ଗୀତ ଗାଇଲି, 'ମୁଣ୍ଡରେ କଟ, ଲୁଅ ଦଗ ଦେଏ ଲଟ ପଟ' । ବାଟରେ ମାବଜୁ ଦେଖିଲି ଯୁ ବୋଉଲି । ଘରକୁ ଅଇଲାରୁ ମାଁ ବାଜେଇଲି ଯେ ମୁଁ ଟଙ୍କା ସୁନା ହେଗିଲି । ମାବଜେ ମାବଜେ କୁଅ ମୁଣ୍ଡରେ କଟଟିଏ ପାଇ ଦେଲା, ମାବଜେ କୁଅ ଯାଇ ଉଜାଙ୍କ ନଅରରେ ଗୁଲ ବାଡ଼ରେ ଡେଇଁଲା, ବୋଲୁ- ଥାଏ ମୁଣ୍ଡରେ କଟ, ଲୁଅ ଦଗ ଦେଏ ଲଟ ପଟ । ସମସ୍ତେ ଦେଖି ହୁରି ହୁରି ହେଲେ, ଗୋଟେ ରେଇ ଘରଁ ମାବଜେକୁ ବାଡ଼େଇଲେ । ଏ ପକେଇ ଅଇଲା ବେଳକୁ ବାଟରେ ଟଙ୍କାଟିଏ ପଡ଼ିଥିଲା, ତାକୁ ଗିଳ ଦେଲା । ଅଗି ଘରକୁ ପଡ଼ୋ ପହଞ୍ଚିଲା ବେଳକୁ ମା ଚୁହିଁ ହଉ ବସିଛି । ମାବଜେ ଯିମିତ ଅସି ପହଞ୍ଚିଲା, ମା ଘରୁ ଟେଙ୍ଗା-ଟିଏ କାଢ଼ି ବାଡ଼େଇଲା କପୁଳ ଟାଙ୍କୋ । ଜୀବନ ଖଳରେ ମାବଜେକୁଅ ଅଗରୁ ଯୋଡ଼ି ଟଙ୍କାଟି ଗିଳିଥିଲା ସେ ଖସି ପଡ଼ିଲା । ଫେଡ଼ ଅଉ ଡାଆଁରବ ବୋଲି ବାଡ଼େଉ ବାଡ଼େଉ ମାବଜେ କୁଅଟି ମରି ଗଲା । ତା ମା କାନ୍ଦ କାନ୍ଦ ପଇଲୁ ଭୁଲ ହେବ । ମୁଁ ଗଳାରୁ କଥା ନ କହିଲି ।

ଗୋପାଳଚନ୍ଦ୍ର ପଣ୍ଡିତ

ସଂକ୍ଷିପ୍ତ ସମାଲୋଚନ ।

୧ । ଅଞ୍ଜଳି—ଶ୍ରୀମତୀ ହେବା ଗଦ୍ୟ ପ୍ରଣୀତ । ମୂଲ୍ୟ ଛ ଅଣା । ଏଥିରେ ୪୨ ଟି କ୍ଷୁଦ୍ର କ୍ଷୁଦ୍ର କବିତା ଅଛି—ତନ୍ମଧ୍ୟରୁ ଦଶଟି ଛଡ଼ା ଅବଶିଷ୍ଟ ଗୁଡ଼ିକ ଗ୍ରନ୍ଥକର୍ତ୍ରୀଙ୍କ ୧୩ ବର୍ଷଠାରୁ ୨୦ ବର୍ଷ ବୟସ ମଧ୍ୟରେ ରଚିତ । ଉତ୍କଳସାହିତ୍ୟର ପାଠକ ମାନଙ୍କ ନିକଟରେ ଗ୍ରନ୍ଥକର୍ତ୍ରୀ ଅପରିଚିତା ନୁହନ୍ତି । ସ୍ୱଳ୍ପସଂଖ୍ୟକ ଶିକ୍ଷିତା ଉତ୍କଳକନ୍ୟାଙ୍କ ମଧ୍ୟରେ ସେହି ଏକା ସାହିତ୍ୟକ୍ଷେତ୍ରରେ ପ୍ରବେଶ କରି ନିଜ ଅଧ୍ୟବସାୟ ବଳରେ ଅନେକ ପରିମାଣରେ କୃତିତ୍ୱ ଦେଖାଇଅଛନ୍ତି । ତାଙ୍କର ରଚନା ସରଳ, ଶୁଦ୍ଧ ଓ ସୁଭାବପୂର୍ଣ୍ଣ । କେତେକ କବିତାରେ ବଙ୍ଗୀୟ କୌଣସି କୌଣସି କବିଙ୍କର ଛାୟା ପଡ଼ିଥିଲେହେଁ ଅନେକ ସ୍ଥଳରେ ପାଠକ ନୂତନତ୍ୱ ଦେଖି ତୃପ୍ତି ଲାଭ କରି ପାରିବେ । ସ୍ଥାନା-ଭାବବଶତଃ ଆମ୍ଭେମାନେ କୌଣସି ଅଂଶ ଉଦ୍ଧୃତ କରି ନ ପାରି ଦୁଃଖିତ ହେଲୁଁ । ଉତ୍କଳଖଣ୍ଡରେ ସାହିତ୍ୟର ଯେପରି ଆଦର ସେଥିରେ ସାଧାରଣଙ୍କ ଠାରୁଂ କୌଣସି ପ୍ରକାର ଉତ୍ସାହ [illegible] ହେ ଜାଣି ନାହିଁ- ହବ ବୋଲିଂ ଯଦ ଉପସ୍ଥିତି ସ୍ଥଳରେ କିଛି ବ୍ୟତିକ୍ରମ ହୋଇପାରେ ।

୨ । ଜନ୍ମଭୂମି—ଶ୍ରୀ ନନ୍ଦକିଶୋର ବଳ ବି. ଏ.ଙ୍କ ରଚିତ । ମୂଲ୍ୟ ଚାରି ପଇସା । ଜନ୍ମଭୂମି ସମ୍ମୁଖରେ ନିକଟରେ ଉତ୍କଳମାତାର ଗୁହାରି ଛଳରେ ଉତ୍କଳୀୟମାନଙ୍କର ନାନା ଦୁଃଖ, ଅଭାବ ବର୍ଣ୍ଣିତ ହୋଇଅଛି । ବିଷୟଟି ସୁନ୍ଦର, ସେଥିରେ ତାହା ଭିତରେ କବିତ୍ୱ ଅନ୍ୱେଷଣ କରିବା ବୃଥା । ସ୍ତୁତି ଛନ୍ଦରେ ପଡ଼ାଇ ଭିକ୍ଷାଂ ଦେହି ଭିକ୍ଷାଂ ଦେହି ବୋଲି ଚିତ୍କାର କରିବାରେ କିଛି ଫଳ ନାହିଁ । ଏହା ଜାତୀୟ ଜୀବନ ଗଠନର ଶତ୍ରୁ । ହିଂସା ମୋହରେ ଦେଶଟାର ସର୍ବନାଶ ଘଟିଅଛି— ଏତେବେଳେ ସେ ମୋହ ଭାଙ୍ଗିବାକୁ ଚେଷ୍ଟା ନ କରି ବଢ଼ାଇବା ସୁବିବେଚନାର କାର୍ଯ୍ୟ ନୁହେ ।

୩ । ସଦାଗର—ଶ୍ରୀ ନୀଳମଣି ବିଦ୍ୟାରତ୍ନଙ୍କ କର୍ତ୍ତୃକ ସଙ୍କଳିତ । ମୂଲ୍ୟ ଛ ପଇସା । କେତେ-ଗୁଡ଼ିଏ ପ୍ରୟୋଜନୀୟ ଉପଦେଶ ସଂଗୃହୀତ ହୋଇଅଛି । ଅନୁବାଦ ସରଳ ।

ଗ୍ରାହକମାନଙ୍କ ପ୍ରତି ।

ଉତ୍କଳ ସାହିତ୍ୟର ୭ମ ବର୍ଷ ଶେଷ ହେଲା । ଏହି ବର୍ଷର ଆରମ୍ଭରୁ ଅବାରିତ୍ଙ୍କ ପ୍ରତିଜ ସାମ୍ନା ବ୍ୟସ୍ତ ଅନେକ ପତ୍ରମାନଙ୍କରେ ଛପି ଯାଇଅଛି । ମାତ୍ର ଏ ବର୍ଷ ସଂବାଦପତ୍ର ଅଳ୍ପସଂଖ୍ୟକ ଗ୍ରାହକ ମୂଲ୍ୟ ପ୍ରଦାନ କରିଅଛନ୍ତି । ବର୍ଷାରମ୍ଭରେ ଥରେ ପ୍ରତ୍ୟେକଙ୍କ ନିକଟକୁ ପତ୍ର ପ୍ରେରଣ କରି ମୂଲ୍ୟ ପ୍ରାର୍ଥନା କରିଥିଲୁଁ । ବର୍ଷ ଶେଷରେ ପୁଣି ସବିଶେଷ ଅବସ୍ଥା ଜଣାଇ ମନିଅର୍ଡର ଫରମ ଦେଇଥିବା ଗ୍ରାହକମାନଙ୍କଠାରୁ ପୁଣି ପ୍ରେରଣ କରିଅଛୁ । କେବେ କ ବିଗତ କରୁଅଛନ୍ତି କହି ନ ପାରୁ । କେବଳ ମଫସଲର ଗ୍ରାହକମାନଙ୍କ ନିକଟକୁ ଯାଉଥିବା ପତ୍ରରେ ଭି: ପି: କଥା ଲେଖାଥିଲା । ମାତ୍ର କେତେ ଉପରେ କଳିକତାବଡ଼ା ମୁଣ୍ଡାଇବାକୁ ସହଜରେ ପ୍ରବୃତ୍ତି ହେଉ ନାହିଁ । ଅନେକ ମାନ୍ୟ ଗ୍ରାହକମାନଙ୍କ ସୌଜନ୍ୟ ଓ ସହୃଦୟତା ଉପରେ ନିର୍ଭର କରି ଅଦ୍ୟାବଧି ଗୋଟିଏ ମାସ ଅପେକ୍ଷା କରିବାର ସ୍ଥିର କରଅଛୁଁ । ଏହିଠାରେ ନିୟମ ପ୍ରଥାନୁସାରେ ଯାହାରେ ନିଲାମର ଦେଇ ନାହାନ୍ତି କହିବୁ । କେବଳ ଯେଉଁ ୨୧୪ ଜଣ ଏ ମଧ୍ୟରେ ଅନୁମତି ଦେଇଅଛନ୍ତି, ସେମାନଙ୍କଠାରୁ ଭି: ପି: ରେ ପଇସା ଆଦାୟ କରିବୁ ।

ବୈଶାଖରୁ ଅଷ୍ଟମ ବର୍ଷର ଆରମ୍ଭ । ପ୍ରଥମ ସଂଖ୍ୟା ନତ୍ତୁ ମାସ ପ୍ରାରମ୍ଭରେ ବାହାରିବ । ଅଗ୍ରିମ ମୂଲ୍ୟ ଦେବା ଯେଉଁ ଗ୍ରାହକ କର୍ତ୍ତବ୍ୟ ମନେ କରନ୍ତି, ଅନୁଗ୍ରହ କରି ଶୀଘ୍ର ପ୍ରେରଣ କରିବେ, ଏହି ପ୍ରାର୍ଥନା ।

ମୂଲ୍ୟ ପ୍ରାପ୍ତି ।

ରାଜସଂସ୍କରଣ ।

ଶ୍ରୀଯୁକ୍ତ ମଧୁସୂଦନ ରାଓ କଟକ ଟ ୧୦ ୯

ସମ୍ପାଦକ ବାଳପରିଖରୁ ଟ ୫ ୯

ପଣ୍ଡିତ ପ୍ରଦ୍ୟୁମ୍ନ ଦାସ ପାତ୍ର „ ଟ ୧୦ ୯

ସାଧାରଣ ସଂସ୍କରଣ ।

୧୯୦୨

ଶ୍ରୀଯୁକ୍ତ ଅନିରୁଦ୍ଧ ଜେନ ଯୋଜପୁର ଟ ୭ ୯
ଶ୍ୟାମସୁନ୍ଦର ବୋଷ କଟକ ଟ ୨ ୯

୧୯୦୩

ଶ୍ରୀଯୁକ୍ତ ଗୋପୀନାଥ ମିଶ୍ର ପୁରୀ ଟ ୧ ୯
„ ରାମକୃଷ୍ଣ ପଟ୍ଟନାୟକ ପାରଳାଖେମୁଣ୍ଡି ଟ ୧ ୯
ବ୍ରଜବନ୍ଧୁ ଷଡ଼ଙ୍ଗୀ କଟକ ଟ ୧ ୯
ବ୍ରଜବନ୍ଧୁ ମିଶ୍ର ଟ ୧ ୯
ଜୟକୃଷ୍ଣ ମହାନ୍ତି ପୁରୀ ଟ ୧ ୯
ଅନିରୁଦ୍ଧ ସାହୁ ଗଞ୍ଜାମ ଟ ୧ ୯
„ କୈଳାସଚନ୍ଦ୍ର ସେନ କଟକ ଟ ୧ ୯
„ ଗୋପୀନାଥ ଭାବ୍ୟତୀର୍ଥ „ ଟ ୧ ୯
„ କୃପାସିନ୍ଧୁ ହୋତା „ ଟ ୦ ୫
„ ଜଗନ୍ନାଥ ଷଡ଼ଙ୍ଗୀ ଜଗତସିଂହପୁର ଟ ୦ ୫
ମଦନ ଦାସ କଟକ ଟ ୧ ୯
ମିଶ୍ର ଟ ୨ ୯
ଅଭିରାମ ଭଞ୍ଜ ଟ ୧ ୯
ଗଙ୍ଗେଶ୍ୱର ଦାସ ଟ ୧ ୯
„ ଦାଶରଥି ଜେନା ଟ ୧ ୯
ଶ୍ରୀମତୀ ଏକ୍ଷୟର ପାତ୍ର „ ଟ ୧ ୯
ଶ୍ରୀଯୁକ୍ତ ଫକୀର ମିଶ୍ର ଅଠମଲ୍ଲିକ ଟ ୨ ୯
ଦୁର୍ଗାପ୍ରସାଦ ମିଶ୍ର ସମ୍ବଲପୁର ଟ ୨ ୯
ଅଖିଳଚନ୍ଦ୍ର ପାଲିତ ମେଦିନୀପୁର ଟ ୨ ୯
ଦୟାନନ୍ଦ ଦାସ କଟକ ଟ ୧ ୯

୧୯୦୪ (ଅଗ୍ରିମ)

ଶ୍ରୀଯୁକ୍ତ ଜୟକୃଷ୍ଣ ମହାନ୍ତି ପୁରୀ ଟ ୧ ୯
ହରେକୃଷ୍ଣ ଦାସ ବାଲେଶ୍ୱର ଟ ୧ ୯
ସାରଦାଚରଣ ଦାସ କଟକ ଟ ୧ ୯
ଶ୍ରୀମତୀ ପଟ୍ଟନାୟକ ଭବାନୀପାଟଣା ଟ ୨ ୯
ବନମାଳୀ ଦାସ ବଉଦ ଟ ୧ ୯
ଗଙ୍ଗାଧର ଦାସ କଟକ ଟ ୨ ୫
„ ଅଖିଳଚନ୍ଦ୍ର